# ଓଡ଼ିଶାର ପ୍ରତ୍ନତତ୍ତ୍ୱ
# ଓ
# ଅନ୍ୟାନ୍ୟ ପ୍ରବନ୍ଧ

ପଦ୍ମଶ୍ରୀ ପରମାନନ୍ଦ ଆଚାର୍ଯ୍ୟ

ଓଡ଼ିଶା ସାହିତ୍ୟ ଏକାଡେମୀ

ଭୁବନେଶ୍ୱର

ପ୍ରଥମ ପ୍ରକାଶ-୧୯୭୯—୧୦୦୦

ଶ୍ରୀ ନୀଳକଣ୍ଠ ପ୍ରେସ,
ଚାନ୍ଦନୀଚୌକ କଟକ-୨

# ବିଷୟ ସୂଚୀ


| | | |
|---|---|---|
| ୧ । | ଓଡ଼ିଶାର ପ୍ରତ୍ନତତ୍ତ୍ୱ | ୧ |
| ୨ । | ଚଉଦ୍ୱାରର ପ୍ରତ୍ନତତ୍ତ୍ୱ | ୮୨ |
| ୩ । | ଭୁବନେଶ୍ୱର ମନ୍ଦିରଗୁଡ଼ିକର ପ୍ରତ୍ନତତ୍ତ୍ୱମୂଳକ ଇତିହାସ | ୯୮ |
| ୪ । | ଭୁବନେଶ୍ୱର ଶିଳାଲିପି | ୧୨୯ |
| ୫ । | ଗଜପତି କପିଳେଶ୍ୱରଦେବଙ୍କର ଓଡ଼ିଆଲିପି | ୧୮୧ |
| ୬ । | ଓଡ଼ିଶାର ମନ୍ଦିରସ୍ଥାପତ୍ୟରେ ଦିଗପାଳମୂର୍ତ୍ତି | ୧୯୫ |
| ୭ । | ମାତୃଗଣ | ୨୦୦ |
| ୮ । | ଗ୍ରାମଦେବତା | ୨୧୩ |
| ୯ । | ଉତ୍କଳର ପ୍ରାଚୀନମୁଦ୍ରା | ୨୨୦ |
| ୧୦ । | "ଓଡ଼ିଶା ଗଠନର" ପ୍ରତିବାଦ | ୨୩୧ |
| ୧୧ । | ମାଦଳାପାଞ୍ଜିର ଐତିହାସିକ ବିସ୍ମୃତ | ୨୩୯ |
| ୧୨ । | କେଶରୀବଂଶର କମ୍ବଦନ୍ତୀ କାଳ୍ପନିକ ଓ ଐତିହାସିକ ଭିତ୍ତିଶୂନ୍ୟ | ୨୫୩ |
| ୧୩ । | କମ୍ବଦନ୍ତୀରୁ ଇତିହାସର ପୁନରୁଦ୍ଧାର-ଭଞ୍ଜବଂଶ | ୨୬୨ |
| ୧୪ । | କଟକର 'ମାଣିଖଣ୍ଡି ଶ୍ରୀନଗର' | ୩୦୬ |
| ୧୫ । | ଜଗନ୍ନାଥ ମନ୍ଦିରର ନିର୍ମାତା କିଏ ? | ୩୧୦ |
| ୧୬ । | ଓଡ଼ିଶାର ପ୍ରାଚୀନପଥ | ୩୧୪ |
| ୧୭ । | ଫିରୋଜସାହାଙ୍କର ଜାଜନଗର ଅଭିଯାନ | ୩୩୦ |
| ୧୮ । | ଫିରୋଜସାହ ଓ ଓଡ଼ିଶା | ୩୩୭ |
| ୧୯ । | ଓଡ଼ିଶାରେ ରାଜା ମାନସିଂହ | ୩୫୨ |
| ୨୦ । | ହାଣ୍ଟରଙ୍କ ଲାଗି ଓଡ଼ିଶା ଇତିହାସର ଦୁର୍ଗତି | ୩୬୨ |
| ୨୧ । | ଐତିହାସିକ ମନମୋହନ ଚକ୍ରବର୍ତ୍ତୀ ଓ ଊନବିଂଶ ଶତାବ୍ଦୀ ଓଡ଼ିଶାର ଐତିହାସିକବର୍ଗ | ୩୬୭ |
| ୨୨ । | ଓଡ଼ିଶାରେ ତିନୋଟି 'ସେନାପତି ରାଜବଂଶ' | ୪୦୪ |
| ୨୩ । | ରାଧାକୃଷ୍ଣଙ୍କ ମୂର୍ତ୍ତି ପୂଜାର ଇତିହାସ | ୪୧୧ |
| ୨୪ । | ଓଡ଼ିଆ ସାହିତ୍ୟର ଐତିହ୍ୟ | ୪୨୧ |
| ୨୫ । | ଭୁବନେଶ୍ୱରର ଶିଳାଲିପି | ୪୩୬ |
| ୨୬ । | ଭୁବନେଶ୍ୱରର ଓଡ଼ିଆ ତାମିଲ ଶିଳାଲିପି | ୪୮୩ |

# ଓଡ଼ିଶାର ପ୍ରତ୍ନତତ୍ତ୍ୱ

**ଉପକ୍ରମଣିକା**—ଜନଶ୍ରୁତି ଓ ଲିପି ପ୍ରମାଣରୁ ଜଣାଯାଏ ଯେ ମୋଗଲ ରାଜତ୍ୱ ପୂର୍ବରୁ ଓଡ଼ିଶା ରାଜ୍ୟ ପୂର୍ବ ଉପକୂଳରେ ଉତ୍ତର ଦିଗରୁ ଗଙ୍ଗାଠାରୁ ଦକ୍ଷିଣରେ ଗୋଦାବରୀଯାଏ ବିସ୍ତୃତ ଥିଲା । ମୋଗଲ ରାଜତ୍ୱରେ ଓଡ଼ିଶା ପ୍ରଧାନତଃ ଦୁଇ ଭାଗରେ ବିଭକ୍ତ ହେଲା—ଉତ୍ତର ଓଡ଼ିଶା ଓ ଦକ୍ଷିଣ ଓଡ଼ିଶା । ଖ୍ରୀ: ୧୮୦୩ରେ ବ୍ରିଟିଶମାନେ "ମରହଟ୍ଟା ଓଡ଼ିଶା" ଅଧିକାର କରିବାବେଳକୁ ଦକ୍ଷିଣ ଓଡ଼ିଶା 'ଉତ୍ତର ସରକାର' ଆଖ୍ୟାରେ ମାନ୍ଦ୍ରାଜ ସରକାରଙ୍କ ଶାସନର ଅନ୍ତର୍ଭୁକ୍ତ ହୋଇଥିଲା ଓ ଉତ୍ତର ଓଡ଼ିଶାର ସୁବର୍ଣ୍ଣରେଖାର ଉତ୍ତରବର୍ତ୍ତୀ ଅଞ୍ଚଳ ଚକଲା ମେଦିନୀପୁର ନାମରେ ବଙ୍ଗଦେଶର ଅନ୍ତର୍ଭୁକ୍ତ ହୋଇ ବ୍ରିଟିଶ ଶାସନାଧୀନ ଥିଲା । ପଶ୍ଚିମ ଓଡ଼ିଶାର ସମ୍ବଲପୁର ଓ କଳାହାଣ୍ଡି ଅଞ୍ଚଳ ନାଗପୁରର ମରହଟ୍ଟା ଭୋଁସଲା ରାଜାଙ୍କଦ୍ୱାରା ଶାସିତ ହେଉଥିଲା । ବ୍ରିଟିଶ ଅଧିକାରପରେ ଓଡ଼ିଶା ବଙ୍ଗ ସରକାରଙ୍କ ଶାସନଭୁକ୍ତ ହେଲାବେଳେ 'ଦେଓ୍ୱାନି' ଓଡ଼ିଶା ଅଞ୍ଚଳ ଓଡ଼ିଶା ସହିତ ମିଶ୍ରିତ ହେଲାନାହିଁ । ପରେ ସମ୍ବଲପୁର ଅଞ୍ଚଳ ୧୮୨୦ରେ ମରହଟ୍ଟା ଶାସନରୁ ବିଚ୍ଛିନ୍ନହୋଇ ବଙ୍ଗ ସରକାରଙ୍କ ଅଧୀନସ୍ଥ 'ଦକ୍ଷିଣ-ପଶ୍ଚିମ ସୀମାନ୍ତ ପ୍ରଦେଶ'ଭୁକ୍ତ ହୋଇ ରାଞ୍ଚି-ହଜାରୀବାଗରୁ ଶାସିତ ହେଲା । ୧୮୨୦ରୁ ୧୮୫୩ ପର୍ଯ୍ୟନ୍ତ 'ଦକ୍ଷିଣ-ପଶ୍ଚିମ ସୀମାନ୍ତ ପ୍ରଦେଶ' ବଙ୍ଗରେ ରହି ଛୋଟନାଗପୁର କମିଶନରଙ୍କ ଅଧୀନସ୍ଥ ହେଲା । ପରେ ୧୮୬୦ରେ ସମ୍ବଲପୁର ଅଞ୍ଚଳ ଓଡ଼ିଶା ଅନ୍ତର୍ଭୁକ୍ତ ହୋଇ ୧୮୬୨ରେ ପୁଣି ବିଚ୍ଛିନ୍ନହୋଇ 'ମଧ୍ୟପ୍ରଦେଶର ନାଗପୁର'ରୁ ଶାସିତ ହେଲା ଓ ସିଂହଭୂମ, ମାନଭୂମ ଓ କରଦରାଜ୍ୟ ବଣେଇ ଗାଙ୍ଗପୁର ରାଞ୍ଚିରୁ ଶାସିତହୋଇ ବଙ୍ଗ ସରକାରଙ୍କ ଅଧୀନସ୍ଥ ହେଲା । ୧୯୦୫ରେ

ସମ୍ବଲପୁର ଜିଲ୍ଲା ଓ ଫିଉଡ଼େଟରି କଳାହାଣ୍ଡି, ପାଟନା, ସୋନପୁର, ରେଢ଼ାଖୋଲ ଓ ବାମଣ୍ଡା ମଧ୍ୟପ୍ରଦେଶରୁ ବିଚ୍ଛିନ୍ନହୋଇ ଓଡ଼ିଶା କମିଶନରଙ୍କ ଅଧୀନରେ ବଙ୍ଗ ସରକାରଙ୍କ ଶାସନଭୁକ୍ତ ହେଲ; ଏହି ସମୟରେ ଛୋଟନାଗପୁର କରଦ ରାଜ୍ୟ ମଧ୍ୟରୁ ବଣାଇ ଓ ଗାଙ୍ଗପୁର ଓଡ଼ିଶା କରଦ ରାଜ୍ୟ ମଧ୍ୟରେ ସଂଯୋଜିତ ହେଲ ଓ ସରଗୁଜା ପ୍ରଭୃତି କେତେକ ରାଜ୍ୟ ମଧ୍ୟପ୍ରଦେଶକୁ ଗଲ । ୧୯୦୫ରେ ସମ୍ବଲପୁର ଓଡ଼ିଶାରେ ମିଶିବାବେଳେ ଚନ୍ଦ୍ରାନୂଆଗଡ଼, ଖଡ଼ିଆଳ, ଫୁଲଝର, ଶକ୍ତି, ସାରଙ୍ଗଗଡ଼ ପ୍ରଭୃତି ସମ୍ବଲପୁର ଅଠର ଗଡ଼ଜାତ ଅନ୍ତର୍ଭୁକ୍ତ ରାଜ୍ୟଗୁଡ଼ିକ ଯାହାକି ୧୮୬୦ରେ ଓଡ଼ିଶା ସହିତ ମିଶ୍ରିତ ହୋଇଥିଲ ଓ ୧୮୬୨ରେ ଓଡ଼ିଶାରୁ ବିଚ୍ଛିନ୍ନହୋଇ ମଧ୍ୟପ୍ରଦେଶକୁ ଯାଇଥିଲ, ତାହା ମଧ୍ୟପ୍ରଦେଶରେ ରହିଗଲ । ୧୯୦୫ରେ କଳାହାଣ୍ଡି ରାଜ୍ୟ ମଧ୍ୟପ୍ରଦେଶରୁ ବିଚ୍ଛିନ୍ନହୋଇ ପ୍ରଥମେ ବଙ୍ଗ ଶାସନାଧୀନ ଓଡ଼ିଶାରେ ମିଶିଲ, କିନ୍ତୁ ବସ୍ତର ରାଜ୍ୟ ମଧ୍ୟ-ପ୍ରଦେଶରେ ରହିଗଲ । କଳାହାଣ୍ଡି ଓ ବସ୍ତର ରାଜ୍ୟଦ୍ୱୟ ୧୮୫୩ ଯାଏଁ ନାଗପୁରର ଭୋଁସଲ ରାଜାଙ୍କ ଅଧୀନରେ ଥିଲ । ବଂଶଧର ଅଭାବରୁ ନାଗପୁର ରାଜ୍ୟ ବ୍ରିଟିଶ ସରକାରଭୁକ୍ତ ହେବାରୁ ୧୮୬୨ରେ ଉଭୟ ରାଜ୍ୟ ମଧ୍ୟପ୍ରଦେଶଭୁକ୍ତ ହେଲ । ୧୯୧୨ରେ ବିହାର ଓ ଓଡ଼ିଶା ପ୍ରଦେଶ ଗଠିତ ହେଲାବେଳେ ଓଡ଼ିଶା ସହିତ 'ଦେଓ୍ୱାନ ଓଡ଼ିଶା' ମିଶ୍ରିତ ନ ହୋଇ ପୂର୍ବପରି ବଙ୍ଗ ସରକାରଙ୍କ ଅଧୀନରେ ରହିବାରୁ ତଳମେଦିନୀପୁର ଅର୍ଥାତ୍ ମେଦିନୀପୁର ଜିଲ୍ଲା, ବାଙ୍କୁଡ଼ା ଜିଲ୍ଲା ଓ ମାନଭୂମ ଜିଲ୍ଲା ବଙ୍ଗଦେଶଭୁକ୍ତ ହୋଇ ଚିରକାଳପାଇଁ ରହିଲ । ବିହାର ଓ ଓଡ଼ିଶା ପ୍ରଦେଶର ଦକ୍ଷିଣ ଛୋଟନାଗପୁର ଅଞ୍ଚଳ—ସିଂହଭୂମ ଓ ମାନଭୂମ ଜିଲ୍ଲାର କେତେକାଂଶ ଓଡ଼ିଶା ସହିତ ଭାଷା ସମ୍ପର୍କରେ ଏକଥିଲେ ମଧ୍ୟ ୧୯୩୬ରେ ଓଡ଼ିଶା ପ୍ରଦେଶ ଗଠିତ ହେଲାବେଳେ ତାହା ଚିରକାଳ-ପାଇଁ ଓଡ଼ିଶାରୁ ବିଚ୍ଛିନ୍ନହେଲ ଓ କେବଳ ସଢ଼େଇକଲା ଓ ଖରସୁଆଁ ରାଜ୍ୟଦ୍ୱୟ ଓଡ଼ିଶା ଦେଶୀୟ ରାଜ୍ୟଭୁକ୍ତ ହୋଇ ରହିଥିଲ । ୧୯୩୬ରେ ମାନ୍ଦ୍ରାଜ ସରକାରଙ୍କଦ୍ୱାରା ଶାସିତ ଗଞ୍ଜାମ ଓ ବିଶାଖାପାଟଣା ଜିଲ୍ଲାରୁ କୋରାପୁଟ ଓ ଗଞ୍ଜାମ ଜିଲ୍ଲା କ୍ଷୁଦ୍ରାକାରରେ ସୃଷ୍ଟହୋଇ ଓଡ଼ିଶା ସହିତ ମିଶ୍ରିତହେଲ ଓ ଏହି ସମୟରେ 'ମଧ୍ୟପ୍ରଦେଶ'ରୁ ଖଡ଼ିଆଳ ଅଞ୍ଚଳ ଓଡ଼ିଶାରେ ମିଶ୍ରିତହେଲ । ଓଡ଼ିଶାର କ୍ଷେତ୍ରଫଳ ଉପରେ ବ୍ରିଟିଶ

ସରକାରଙ୍କ ସମୟରେ ଯେପରି ବିଚ୍ଛିନ୍ନତା ଘଟିଲା ତାହା ଅତି ଶୋଚନୀୟ ବ୍ୟାପାର, କେବଳ ବ୍ରିଟିଶ ସରକାର ଅଗତ୍ୟା କ୍ଷୁଦ୍ର ଓଡ଼ିଶା ପ୍ରଦେଶ ୧୯୩୬ ମସିହାରେ ଗଠନ କରି ନ ଥିଲେ ଆଜ ଓଡ଼ିଶାର ସ୍ୱତନ୍ତ୍ର ଅସ୍ତିତ୍ୱ ଭାରତରେ ନ ଥାନ୍ତା । ବ୍ରିଟିଶ ଶାସିତ ଅଞ୍ଚଳ ବ୍ୟତୀତ ଓଡ଼ିଶାରେ ବ୍ରିଟିଶ ରାଜନୈତିକ ବିଭାଗଦ୍ୱାରା ଶାସିତ ୨୬ଟି ଗଡ଼ଜାତ ନାମଧେୟ ଦେଶୀୟ ରାଜ୍ୟର ଅନ୍ତର୍ଭୁକ୍ତ ଥିଲା ଓ ସେଠାରେ ଓଡ଼ିଆ ଭାଷାର ଚର୍ଚ୍ଚା ହେଉଥିଲା । ୧୯୪୮ ଓ ୧୯୪୯ରେ ଭାରତର ସ୍ୱାଧୀନତା ପରେ ଏହିସବୁ ରାଜ୍ୟ ଓଡ଼ିଶା ସହିତ ମିଶ୍ରିତହେବା ଫଳରେ ଓଡ଼ିଶାରେ ୬ଟି ଜିଲ୍ଲା ସ୍ଥଳରେ ୧୪ଟି ଜିଲ୍ଲା ଗଠିତହେଲା । କିନ୍ତୁ ୧୯୪୯ରେ ସରେଇକଳା ଜିଲ୍ଲା ଓଡ଼ିଶାରୁ ବିଚ୍ଛିନ୍ନ ହୋଇ ବିହାର ସହିତ ମିଶ୍ରିତ ହେବାରୁ ଓଡ଼ିଶା ଗୋଟିଏ ଜିଲ୍ଲା ହରାଇଲା । ଓଡ଼ିଶାର ଦୁର୍ଭାଗ୍ୟ ଯେ ରାଜ୍ୟ ଗଠନବେଳେ କଂଗ୍ରେସ ସରକାରଙ୍କଠାରୁ ଓଡ଼ିଶା ବିନ୍ଦୁମାତ୍ର ସହାନୁଭୂତି ପାଇଲା ନାହିଁ ।

ଓଡ଼ିଶାର ଆଧୁନିକ ଭୌଗୋଳିକ ସ୍ଥିତି ବଡ଼ ବିଚିତ୍ର । ଶାରା ଦେଶଟା ବନ ପର୍ବତରେ ପରିପୂର୍ଣ୍ଣ । ଓଡ଼ିଶାର ପୂର୍ବ ସୀମାରେ ବଙ୍ଗୋପସାଗର ବିରାଜମାନ । ପୂର୍ବେ ଏହି ଉପକୂଳରେ ବହୁ ବନ୍ଦର ଥିଲା । ଏବେ ଗୋଟିଏ ହେଲେ ନାହିଁ । ଏହି ଉପକୂଳ ଭୂମିରେ ବାଲେଶ୍ୱର, କଟକ, ପୁରୀ ଓ ଗଞ୍ଜାମ ଜିଲ୍ଲାଗୁଡ଼ିକ ଅବସ୍ଥିତ । ପ୍ରକୃତରେ ଏହି ଚାରୋଟି ଜିଲ୍ଲା ଓଡ଼ିଶାର ସର୍ବୋତ୍କୃଷ୍ଟ ଜିଲ୍ଲା । ଏହାଛଡ଼ା ଆଉ ୯ଟି ଜିଲ୍ଲା କେବଳ ବନ-ପର୍ବତପୂର୍ଣ୍ଣ କହିଲେ ଚଳେ ।

ଓଡ଼ିଶାର ନଦୀଗୁଡ଼ିକ ମଧ୍ୟରେ ମହାନଦୀର ଉତ୍ପତ୍ତିସ୍ଥଳ ମଧ୍ୟପ୍ରଦେଶ ଓ ବ୍ରାହ୍ମଣୀ ଓ ସୁବର୍ଣ୍ଣରେଖାର ଉତ୍ପତ୍ତିସ୍ଥଳ ବିହାର ପ୍ରଦେଶର ଛୋଟନାଗପୁର ମାନଭୂମି । ଆଉସବୁ ନଦୀର ଉତ୍ପତ୍ତିସ୍ଥଳ ଓଡ଼ିଶା । ଓଡ଼ିଶାର ନଦୀଗୁଡ଼ିକ ମଧ୍ୟରୁ କେବଳ ପଶ୍ଚିମ-ବାହିନୀ ଇନ୍ଦ୍ରାବତୀ ବ୍ୟତୀତ ଆଉ ସବୁ ନଦୀ ସମୁଦ୍ରଗାମିନୀ, ଯଥା—ଋଷିକୁଲ୍ୟା, ମହାନଦୀ ଓ ତାହାର ଶାଖା-ପ୍ରଶାଖା, ବ୍ରାହ୍ମଣୀ ଓ ତାହାର ଶାଖା-ପ୍ରଶାଖା, ବୈତରଣୀ ଓ ତାହାର ଶାଖା, ବୁଢ଼ାବଳଙ୍ଗ ଓ ସୁବର୍ଣ୍ଣରେଖା । ମହାନଦୀର ତ୍ରିକୋଣ-ଭୂମି ଉପରେ କଟକ ଓ ପୁରୀଜିଲ୍ଲାର ସମତଳଭୂମି ଅବସ୍ଥିତ ଥିବାରୁ ଏହି ଅଞ୍ଚଳ ଓଡ଼ିଶାର ଶ୍ରେଷ୍ଠ ଅଞ୍ଚଳ ବୋଲି ବିବେଚିତ ହୁଏ ।

ସମୁଦ୍ର, ନଦୀ ଓ ପର୍ବତର ସମାବେଶ ମାନବ ସଭ୍ୟତାର ବିକାଶ-ପାଇଁ ବିଶେଷ ଉପଯୋଗୀ । ଓଡ଼ିଶାର ଭୂଗୋଳରେ ଏହିସବୁର ସମାବେଶ ଥିବାରୁ ପୂର୍ବ ଭାରତରେ ଓଡ଼ିଶା ଆଦିମାନବ ସଭ୍ୟତାର ଏକ ପ୍ରଧାନ ସ୍ଥଳୀ ଥିଲା । ଓଡ଼ିଶାର ପ୍ରତ୍ନତତ୍ତ୍ୱର ପ୍ରାଗୈତିହାସିକ ନିଦର୍ଶନର ଆଲୋଚନାକାଳ ମୋଟେ ୩୦।୩୫ ବର୍ଷର ପୂର୍ବବର୍ତ୍ତୀ ନୁହେଁ । ଏହି ଅଳ୍ପ ସମୟରେ ଏହି ବିଶାଳ ଓଡ଼ିଶାରେ ଯେଉଁ କେତୋଟି ସ୍ଥାନ ଆବିଷ୍କୃତ ହୋଇଛି, ତାହାର ବହୁଗୁଣ ସ୍ଥାନ ଯେ ଲୁକ୍‌କାୟିତ ଅଛି ଏଥିରେ କିଛି ସନ୍ଦେହ ନାହିଁ । ପ୍ରାଗୈତିହାସିକ ଯୁଗ ଓ ଐତିହାସିକ ଯୁଗର ବ୍ୟବଧାନକାରୀ ପ୍ରମାଣ ହେଉଛି ଭାଷା ବ୍ୟକ୍ତ କରୁଥିବା ଲିଖିତ ଅକ୍ଷର ବା ଲିପି । ଯେଉଁ ସମୟରୁ ଲିଖିତ ପ୍ରମାଣ ମିଳେ, ସେହି ସମୟଠାରୁ ଐତିହାସିକ ଯୁଗର ପ୍ରାରମ୍ଭ ବୋଲି ଗଣିତ ହୁଏ । ଓଡ଼ିଶାରେ ସମ୍ବଲପୁର ଜିଲ୍ଲାର 'ବିକ୍ରମଖୋଲ' ପାହାଡ଼ରେ ଏକ ଲିପିର ଆବିଷ୍କାର ହୋଇଛି ମାତ୍ର ତାହା ପଠିତ ହୋଇ ପାରିନାହିଁ । ଏଣୁ ଏହି ଲିପିତତ୍ତ୍ୱ ସଂପର୍କରେ ଅଧିକ କିଛି ଜଣାଯାଇନାହିଁ । ଓଡ଼ିଶାରେ ଆବିଷ୍କୃତ ସର୍ବ-ପ୍ରାଚୀନ ନିଦର୍ଶନ ଧଉଳି ଓ ଜଉଗଡ଼ର ଅଶୋକ ଅନୁଶାସନ ଲିପି । ଏହାର ସମୟ ଖ୍ରୀ: ପୂ: ୩ୟ ଶତାବ୍ଦୀ । ଏହାର ପୂର୍ବବର୍ତ୍ତୀ ଲିପିଯୁକ୍ତ ମାନବ ସଭ୍ୟତାର ନିଦର୍ଶନ ଓଡ଼ିଶାରେ ନ ମିଳିଥିଲେ ମଧ୍ୟ ଦେଶର ଯେ ମାନବ ବସତି ତଥା ତତ୍‌ସମସାମୟିକ ପୁରାତତ୍ତ୍ୱ ନ ଥିଲା ତାହା ନୁହେଁ । ଅଶୋକଙ୍କ ଅନୁଶାସନରୁ ଜଣାଯାଏ ଯେ ତତ୍କାଳୀନ କଳିଙ୍ଗ ସଭ୍ୟତା ବେଶ୍ ସମୃଦ୍ଧ ଥିଲା । ଏଣୁ ଏହି ସଭ୍ୟତାର ମୂଳ ଯେ ବହୁ ଶତାବ୍ଦୀ ପୂର୍ବେ କଳିଙ୍ଗରେ ରୋପିତ ହୋଇଥିଲା ତାହା ନିଃସନ୍ଦେହ । ଏହି ପ୍ରାଗୈତିହାସିକ ଯୁଗର ସଭ୍ୟତା କେତେକାଳ ଯେ ଓଡ଼ିଶାରେ ଚାଲିଥିଲା ତାହା ଗଣନା କରିବାର ଉପାୟ ନାହିଁ । କାରଣ ପ୍ରମାଣର ଅଭାବ । ଆମ୍ଭମାନଙ୍କର ଚେଷ୍ଟାର ଅଭାବପାଇଁ ତାହାର ଆବିଷ୍କାର ଆଜିପର୍ଯ୍ୟନ୍ତ ହୋଇ ପାରିନାହିଁ ।

## ପ୍ରାଗୈତିହାସିକ ଯୁଗ

(କ) **ପ୍ରସ୍ତର ଯୁଗ**—ଭୂତତ୍ତ୍ୱ ଓ ପୁରାତତ୍ତ୍ୱବିତ୍‌ମାନଙ୍କ ମତ ଯେ ପ୍ରାଚୀନ ପ୍ରସ୍ତର ଯୁଗରେ ମାନବ ନଦୀଗର୍ଭରୁ ମିଳୁଥିବା ଉପଳଖଣ୍ଡରୁ

ଏକପ୍ରକାର ଅସ୍ତ୍ର ନିର୍ମାଣ କରିବାରେ ସମର୍ଥ ହୋଇଥିଲା କେବଳ ତାହାର ପ୍ରାକୃତିକ ହସ୍ତକୌଶଳ ବଳରୁ । ଏହି ପ୍ରସ୍ତର-ଅସ୍ତ୍ରଦ୍ୱାରା ତତ୍କାଳୀନ ମାନବର ହସ୍ତଶିଳ୍ପର କୁଶଳତା ଓ ମସ୍ତିଷ୍କର ବିକାଶ ସଂପର୍କରେ ନିର୍ଦ୍ଦିଷ୍ଟ ପ୍ରମାଣ ମିଳେ । ପୃଥିବୀପୃଷ୍ଠରେ ମାନବ ଯେ ସମସ୍ତ ଜୀବଜନ୍ତୁଙ୍କ ଉପରେ ନିଜର ଅଧିକାର ବିସ୍ତାର କରି ସଭ୍ୟତାର ଏତେ ଉପରକୁ ଉଠିଅଛି, ତାହାର ପ୍ରଥମ ଅଭିବ୍ୟକ୍ତି ହୋଇଛି ତାହାର ହସ୍ତକର୍ମ ଓ ମସ୍ତିଷ୍କ ଚାଳନାଶକ୍ତି ଯାହା କାଳକ୍ରମେ ବିକଶିତ ହୋଇ ପୂର୍ଣ୍ଣତା ପ୍ରାପ୍ତି ହୋଇଅଛି । ଚତୁଃପାର୍ଶ୍ୱବର୍ତ୍ତୀ ପଶୁପକ୍ଷୀଙ୍କ ସଂପର୍କରେ ଆସି ମନୁଷ୍ୟ ନାନାକଥା ଶିଖିଲା ଓ ପରୀକ୍ଷାମୂଳକ ପର୍ଯ୍ୟବେକ୍ଷଣଦ୍ୱାରା ନିଜର ଅସ୍ତିତ୍ୱ ବିକାଶର ପନ୍ଥା ଉଦ୍ଭାବନ କଲା । ବିଶେଷଜ୍ଞ ପଣ୍ଡିତମାନେ ପ୍ରଥମ ପ୍ରସ୍ତର ଯୁଗର କାର୍ଯ୍ୟାବଳୀକୁ ଆଦ୍ୟ-ପ୍ରସ୍ତର ବା ପ୍ରତ୍ନ-ପ୍ରସ୍ତର (Palaeolithic) ଯୁଗ ବୋଲି ନାମକରଣ କରିଅଛନ୍ତି । ଏହି ସମୟରେ ସବୁ ପ୍ରକାର ଅସ୍ତ୍ର କାଟିବା ବା ଚେଛିବାପାଇଁ ନିର୍ମିତ ହୋଇଥିଲା । ଏହାପରେ ମନୁଷ୍ୟ ନିଜର ବିକାଶ ଓ ଜୀବିକାର୍ଜ୍ଜନପାଇଁ ନୂତନ ନୂତନ ହତିଆର ତିଆରି କରିବାପାଇଁ ମନୋଯୋଗୀ ହେଲା । ପ୍ରତ୍ନ-ପ୍ରସ୍ତର ଯୁଗର ଅସ୍ତ୍ରାଦିଠାରୁ ନବ୍ୟ-ପ୍ରସ୍ତର (Neoliths) ଯୁଗର ଅସ୍ତ୍ରାଦି ଅଧିକ ପରିମାଣରେ ମାର୍ଜିତ ଥିଲା । ଏତେବେଳକୁ ଲୋକମାନେ ଅଗ୍ନିର ବ୍ୟବହାର ମଧ୍ୟ ଜାଣିଥିଲେ । ଜୀବଜନ୍ତୁର ମାଂସକୁ ନିଆଁରେ ପୋଡ଼ି ଖାଇବା କଥା ସେମାନଙ୍କୁ ଜଣାଥିଲା । ତାହା ବ୍ୟତୀତ ଫଳ ଓ ମୂଳ ମଧ୍ୟ କଞ୍ଚା ପରିବର୍ତ୍ତେ ପୋଡ଼ି ଖାଇବାର ଉପାୟ ଜଣାଥିଲା । ତତ୍ପରେ ସେମାନେ ମାଟିର ପାତ୍ରରେ ରନ୍ଧନ କରିବାର ଜ୍ଞାନ ଅର୍ଜନ କରିଥିଲେ । କେତେକ ଶସ୍ୟ ବୃକ୍ଷ କରିବା ବୀଜ ସଂଗ୍ରହ କରି ତହିଁରୁ ଆହାର୍ଯ୍ୟର ବ୍ୟବସ୍ଥା କରିବାପାଇଁ ସେମାନେ ଦକ୍ଷ ଥିଲେ । ଏହି ଯୁଗର ଲୋକମାନଙ୍କର ବସତି ସଂପର୍କରେ ତଳେ ସଂକ୍ଷିପ୍ତ ଆଲୋଚନା କରାଯାଉଛି ।

ହାଣ୍ଟର ସାହେବ ଓଡ଼ିଶାର ଇତିହାସ ଲେଖିଲା ବେଳକୁ ଅର୍ଥାତ୍ ୧୮୭୦—୭୨ରେ ଭାରତରେ ପ୍ରସ୍ତର ଯୁଗର କଥା କେତେଜଣ ୟୁରୋପୀୟ ଭୂତତ୍ତ୍ୱବିଦ୍ ଜାଣିଥିଲେ । ଆଜିଠାରୁ ପ୍ରାୟ ୮୦ ବର୍ଷ ପୂର୍ବେ ଭୂତତ୍ତ୍ୱବିଦ୍

ବେଲେଣ୍ଟାଇନ୍ ବଲ୍ ସାହେବ ଓଡ଼ିଶାରେ ଭୂତତ୍ତ୍ୱ ଅନୁସନ୍ଧାନ କରିବା ସମୟରେ ଢେଙ୍କାନାଳ, ଅନଗୋଳର କାଳିଆ-କଟାଖାଲ, ତାଳଚେରର ହରିଚନ୍ଦନପୁରର କୁଡ଼େଇବଗାଠାରୁ କେତୋଟି ପ୍ରତ୍ନ-ପ୍ରସ୍ତର ଯୁଗର ଅସ୍ତ୍ର ସଂଗ୍ରହ କରି ଏସିଆଟିକ୍ ସୋସାଇଟି ପତ୍ରିକାରେ ପ୍ରକାଶିତ କରିଥିଲେ । ସେହି ଅସ୍ତ୍ରଗୁଡ଼ିକ ଏବେ କଲିକତା ଯାଦୁଘରେ ସଂରକ୍ଷିତ ଅଛି ।

ନବ୍ୟ-ପ୍ରସ୍ତର ଯୁଗର ଅସ୍ତ୍ର ସଂଗ୍ରହର ସୌଭାଗ୍ୟ ସର୍ବପ୍ରଥମେ ଲେଖକର ହୋଇଥିଲା ୧୯୨୪ରେ ତାହାର ଜନ୍ମସ୍ଥାନ ମୟୂରଭଞ୍ଜର ବଡ଼ସାହି ଥାନାର ବୈଦ୍ୟପୁର ଗ୍ରାମରୁ । ଏଠାରୁ ମଧ୍ୟ ଭଙ୍ଗା ହାଣ୍ଡିର ଖପରା ଅନେକଗୁଡ଼ିଏ ମିଳିଲା । ଏଥିରୁ ମନେହୁଏ ଯେ ଏଠାର ଲୋକମାନେ ରାନ୍ଧି ଖାଇବା ବିଦ୍ୟା ଜାଣିଥିଲେ କି ଖାଦ୍ୟର ରନ୍ଧନ କରୁଥିଲେ ତାହା ଜାଣିବାର ଉପାୟ ନାହିଁ । ପ୍ରାକୃତିକ ଫଳମୂଳ ଓ ପଶୁପକ୍ଷୀର ମାଂସ, ମାଛ ପ୍ରଭୃତି ଖାଦ୍ୟବସ୍ତୁର ମୂଳ ଥିଲା । ୧୯୨୪ଠାରୁ ଆଜଯାଏ ବୈଦ୍ୟପୁରରୁ କେତେ ଅସ୍ତ୍ର ଯେ ସଂଗୃହୀତ ହୋଇଛି ତାହାର ହିସାବ ନାହିଁ । ୧୯୩୦ରେ ରାଖାଲ ଦାସ ବନ୍ଦୋପାଧ୍ୟାୟଙ୍କ ଇତିହାସରେ ଓଡ଼ିଶାର ପ୍ରସ୍ତରଯୁଗର କଥା ସର୍ବପ୍ରଥମ ସ୍ଥାନ ପାଇଥିଲା । ତତ୍ପରେ ଲେଖକଦ୍ୱାରା ମୟୂରଭଞ୍ଜରେ ୧୯୪୦ରେ କୁଳିଅଣାର ପ୍ରତ୍ନ-ପ୍ରସ୍ତର ଯୁଗର ସ୍ଥାନ ଓ କୁଚିଇ ଗ୍ରାମର ନବ୍ୟ-ପ୍ରସ୍ତର ଯୁଗର ସ୍ଥାନ ଆବିଷ୍କୃତ ହେଲା । ବର୍ତ୍ତମାନ ବୈଦ୍ୟପୁର, କୁଚିଇ ଓ କୁଳିଅଣା ପ୍ରସ୍ତର ଯୁଗର ସ୍ଥାନ ହିସାବରେ ପ୍ରସିଦ୍ଧି ଲାଭ କରିଛି ଓ ଏହି ସ୍ଥାନଗୁଡ଼ିକ ଭାରତ ସରକାରଙ୍କ ପ୍ରତ୍ନତତ୍ତ୍ୱ ବିଭାଗଦ୍ୱାରା ସଂରକ୍ଷିତ ଅଛି । ୧୯୬୧ ମେ ମାସରେ ଭାରତ ସରକାରଙ୍କ ପ୍ରତ୍ନତତ୍ତ୍ୱର ଖୋଦନ ବିଭାଗର ସୁପରିଣ୍ଟେଣ୍ଡେଣ୍ଟଙ୍କଦ୍ୱାରା କୁଚିଇ ଓ ବୈଦ୍ୟପୁରରେ ଖନନ କାର୍ଯ୍ୟ ଚାଲିଥିଲା ଓ ଖନନଦ୍ୱାରା ପ୍ରସ୍ତରଯୁଗ ସମ୍ପର୍କରେ ଅନେକ ନୂତନ ତଥ୍ୟ ଆବିଷ୍କୃତ ହୋଇଥିବାର କଥା ଜଣାଯାଇଛି । ବଲ୍ ସାହେବଙ୍କ ଆବିଷ୍କୃତ ଢେଙ୍କାନାଳ, କାଳିଆକଟା, ହରିଚନ୍ଦନପୁର ଓ କୁଡ଼େଇବଗା ମଧ୍ୟରୁ, ଲେଖକ ଢେଙ୍କାନାଳର ସ୍ଥାନ ପାଇନାହିଁ କିନ୍ତୁ ଅନଗୋଳର କାଳିଆକଟା ଓ ତାଳଚେରର ହରିଚନ୍ଦନପୁରରେ ବହୁ ପ୍ରତ୍ନ-ପ୍ରସ୍ତର ଯୁଗର ଅସ୍ତ୍ର ସଂଗ୍ରହ କରିଅଛି । ଏତଦ୍‌ବ୍ୟତୀତ ଲେଖକର ପ୍ରଚେଷ୍ଟାରେ ଓଡ଼ିଶାର

ନାନାସ୍ଥାନରୁ ଯଥା କେନ୍ଦୁଝର, ଅନଗୋଳ, ସୁନ୍ଦରଗଡ଼ ପ୍ରଭୃତି ବହୁସ୍ଥାନରୁ ନବ୍ୟ-ପ୍ରସ୍ତର ଯୁଗର ନିଦର୍ଶନ ମିଳିଥିଲେ ମଧ୍ୟ ଏ ସମ୍ପର୍କରେ ଆହୁରି ବହୁତ ଅନୁସନ୍ଧାନ କରିବାର ଅଛି ।

ସୁନ୍ଦରଗଡ଼ ଜିଲ୍ଲାର ପାହାଡ଼ରେ ପ୍ରାକୃତିକ ଗୁହାରେ ଗେରୁମାଟିର ଚିତ୍ର ମିଳିଅଛି, ଏହି ଲୋକମାନେ ପ୍ରାକୃତିକ ଗୁହାବାସୀ ଥିଲେ—ଘର କରିବା ଜାଣି ନ ଥିଲେ । ସୁନ୍ଦରଗଡ଼ର ଚିତ୍ର ସହିତ ସିଂପୁଗଡ଼ ଓ ଚକ୍ରଧରପୁରର ଚିତ୍ରରେ ସାମଞ୍ଜସ୍ୟ ଅଛି । ଏହି ଚିତ୍ରଗୁଡ଼ିକରୁ ଜଣାଯାଏ ଯେ, ଏ ଯୁଗର ଲୋକମାନେ ଏ ସମସ୍ତ ଅଞ୍ଚଳରେ ବସବାସ କରୁଥିଲେ । 'କୁଡ଼ୁମବଗା'ରେ ପ୍ରତ୍ନ-ପ୍ରସ୍ତରାସ୍ତ୍ର ମିଳିଅଛି । ତାହାର ପୂର୍ବଦିଗରେ 'ବିକ୍ରମଖୋଲ'ରେ ପାହାଡ଼ ଦେହରେ ଅକ୍ଷରାକୃତି ଚିହ୍ନମାନ ଅଛି । ଏଣୁ 'ବିକ୍ରମଖୋଲ'ର ଏହି ଚିହ୍ନ ସଂପର୍କରେ ଆହୁରି ଅନେକ ଗବେଷଣା କରିବାକୁ ହେବ ।

ଓଡ଼ିଶାର ପ୍ରସ୍ତର ଯୁଗ ଉପରେ କାର୍ଯ୍ୟକରି ଡାକ୍ତର ଗୋପାଳଚନ୍ଦ୍ର ମହାପାତ୍ର ଇତିହାସରେ 'ଡକ୍ଟର' ଉପାଧି ଅର୍ଜନ କରିଅଛନ୍ତି ପୁନା ବିଶ୍ୱବିଦ୍ୟାଳୟରୁ । ସେ ବର୍ତ୍ତମାନ ଚଣ୍ଡୀଗଡ଼ରେ କାର୍ଯ୍ୟ କରୁଅଛନ୍ତି । ଲେଖକ ତାଙ୍କର ଲେଖା ଦେଖି ପାରିନାହିଁ ।

(ଖ) **ତାମ୍ରଯୁଗ**—ନବ୍ୟ-ପ୍ରସ୍ତର ଯୁଗର ଶେଷଭାଗରେ ଲୋକମାନେ ସ୍କନ୍ଧଯୁକ୍ତ କୁରାଡ଼ି ପଥରରେ ତିଆରି କରିବାର ଶିଖିଥିଲେ । ଏହି ହତିଆରର ଧାର କୁରାଡ଼ିର ଧାର ସଦୃଶ ଲମ୍ବଭାବରେ ନ ହୋଇ ପାର୍ଶ୍ୱଭାବରେ ଥିବାରୁ କୁରାଡ଼ିର ଧାରଠାରୁ ପୃଥକ୍ ଥିଲା । ଅର୍ଥାତ୍ ଆଜିକାଲି ବାଙ୍ଗିସଦୃଶ କାଟିବାର ଧାରଥିଲା । ଏହି ଅସ୍ତ୍ର ମାନବ ପ୍ରଗତିର ପରିଚାୟକ । ଏହି ସମୟରୁ ମନୁଷ୍ୟମାନେ ତାମ୍ର ଧାତୁର ବ୍ୟବହାର ଜାଣିଥିଲେ । ସମଗ୍ର ପୃଥିବୀରେ ସବୁ ସ୍ଥାନର ଲୋକେ ପ୍ରସ୍ତର ଯୁଗ ପରେ ତାମ୍ରଅସ୍ତ୍ର ବ୍ୟବହାର କରିଥିବାରୁ ଏହାକୁ ତାମ୍ରଯୁଗ ବୋଲି-ଯାଇଛି । ଛୋଟ ନାଗପୁର ଅଞ୍ଚଳରୁ ପୂର୍ବ ଭାରତରେ ଏହି ପ୍ରକାର ବହୁ ଅସ୍ତ୍ର ଆବିଷ୍କୃତ ହୋଇଛି । ବଙ୍ଗରେ କେବଳ ମେଦିନୀପୁର ଜିଲ୍ଲାରେ ମଧ୍ୟ ଏହା ମିଳିଛି । ୧୮୭୧ରେ ବାଲେଶ୍ୱର ଜିଲ୍ଲାର ତତ୍କାଳୀନ କଲେକ୍ଟର ବିମସ ସାହେବ ଗଡ଼ପଦାର ଭୂୟାଁ ବଂଶରୁ ଖଣ୍ଡିଏ ଓଡ଼ିଆ

ଭାଷା ଓ ଅକ୍ଷରରେ ତମ୍ବାପଟା ଇଣ୍ଡିୟାନ ଏଣ୍ଟିକ୍ୱେରି ପତ୍ରିକାରେ ଛପାଇଥିଲେ । ସେହି ତମ୍ବାପଟାଟି ମଧ୍ୟ ବିହାର-ଓଡ଼ିଶା ଅନୁସନ୍ଧାନ ସମିତିର ପତ୍ରିକାରେ ମୁଦ୍ରିତ ହୋଇଥିଲା । ଏହି ତମ୍ବାପଟାଟି ପ୍ରକୃତରେ ଖଣ୍ଡିଏ ତାମ୍ରଯୁଗର ଅସ୍ତ୍ର । ଓଡ଼ିଶାର ସୂର୍ଯ୍ୟବଂଶୀ ପୁରୁଷୋତ୍ତମଦେବ ତମ୍ବାପଟାଟି ଭଟେଶ୍ୱର ନାମକ ଜଣେ ବ୍ରାହ୍ମଣଙ୍କୁ ଦାନ କରିଥିଲେ । ଓଡ଼ିଶାରେ କେବଳ ମୟୂରଭଞ୍ଜ ଜିଲ୍ଲାରେ ଏହି ଅସ୍ତ୍ର ଆବିଷ୍କାରର ସୌଭାଗ୍ୟ କେବଳ ଲେଖକର ଘଟିଥିଲା । ଓଡ଼ିଶାର ଅନ୍ୟ ଅଞ୍ଚଳରୁ ତାମ୍ରଯୁଗର ଅସ୍ତ୍ର ଅଦ୍ୟାପି ଆବିଷ୍କୃତ ହୋଇଥିବାର କଥା ଲେଖକକୁ ଜଣାନାହିଁ । ସିଂହଭୂମି ଜିଲାର ଧଳଭୂମିରେ ତମ୍ବାଖଣି ଅଛି । ଏଣୁ ଏହି ଖଣିରୁ ସୁବର୍ଣ୍ଣରେଖା ଅବବାହିକାରେ ବାସକରୁଥିବା ଲୋକମାନେ ସହଜରେ ତମ୍ବା ସଂଗ୍ରହ କରି ତାହା ଅସ୍ତ୍ରରୂପେ ବ୍ୟବହାର କରିଥିବେ ବୋଲି ମନେହୁଏ ।

ପଶ୍ଚିମ ଭାରତରେ ସିନ୍ଧୁ-ଅବବାହିକା ଓ ସରସ୍ୱତୀ ଅବବାହିକାରେ ଆବିଷ୍କୃତ ସଭ୍ୟତା ବିକାଶପ୍ରାପ୍ତ ହେଲାବେଳକୁ ପୂର୍ବ ଭାରତରେ କିପରି ମାନବ ସଭ୍ୟତା ବିକଶିତ ହୋଇଥିଲା ତାହାର କିଛି ପ୍ରମାଣ-ମୂଳକ ନିଦର୍ଶନ ମିଳେନାହିଁ । ଲେଖକର ମନେହୁଏ ଯେ ଦିନେ ଏହି ବ୍ୟବଧାନ ସଂଯୋଜିତ ହୋଇପାରିବ ।

ଏହାପରେ ପଞ୍ଜାବ ଅଞ୍ଚଳରେ ବୈଦିକ ସଭ୍ୟତା ପ୍ରସାରିତ ହେବାପରେ ସେହି ସଭ୍ୟତା କେବେ ପୂର୍ବ ଭାରତରେ ପ୍ରସାରିତ ହେଲା, ତାହାର ମଧ୍ୟ କିଛି ନିଦର୍ଶନ ମିଳେନାହିଁ । ଏହି ସମୟରେ ଉତ୍ତର ଭାରତର ଲୋକମାନେ କେବେ ଲୌହାସ୍ତ୍ର ବ୍ୟବହାର କଲେ ତାହା ଠିକ୍ ଜଣାଯାଏ ନାହିଁ । ତମ୍ବାଖଣି ସଦୃଶ ଲୁହା ଖଣିର ପ୍ରାଚୁର୍ଯ୍ୟ ଓଡ଼ିଶାରେ ସମଧିକ । ବୈଦିକ ସାହିତ୍ୟରେ 'ଅୟସ' ନାମକ ଏକ ଧାତୁ ବ୍ୟବହୃତ ହେଉଥିବାର ଉଲ୍ଲେଖ ଅଛି । ବିଶେଷଜ୍ଞମାନଙ୍କ ମତରେ ଋକ୍‌ବେଦର 'ଅୟସ' ଅର୍ଥ ତମ୍ବା । କିନ୍ତୁ ଯଜୁର୍ବେଦ ଓ ଅଥର୍ବବେଦରେ ଥିବା 'ଅୟସ'ର ଅର୍ଥ ଲୌହ ପୁନଶ୍ଚ 'ଅୟସ' କେବଳ ଧାତୁ ଅର୍ଥରେ ମଧ୍ୟ ଉଲ୍ଲେଖ ଅଛି ।

ବୈଦିକ ଆର୍ଯ୍ୟ ସଭ୍ୟତାର କିମ୍ବଦନ୍ତୀ ପରକାଳରେ ପୁରାଣ ଆକାରରେ ଲିଖିତ ହେଲା । ଏହି ପୁରାଣର ଗଳ୍ପ ଅନୁସାରେ ପୂର୍ବ ଭାରତରେ ଯେଉଁସବୁ ରାଜ୍ୟ ଗଠିତ ହୋଇଥିଲା, ସେଥିରେ କଳିଙ୍ଗ, ଉଡ୍ର ଓ ଉତ୍କଳ ରାଜ୍ୟର ଉଲ୍ଲେଖ ଅଛି । ଏହି ରାଜ୍ୟଗୁଡ଼ିକ ଏବେ ମଧ୍ୟ ଓଡ଼ିଶାର ଅନ୍ତର୍ଭୁକ୍ତ । ଆର୍ଯ୍ୟ ସଭ୍ୟତା ପ୍ରସାରର ନିଦର୍ଶନ-ସ୍ୱରୂପ ଏହି ତିନୋଟି ଜାତିବାଚକ ଓ ଭୌଗୋଳିକ ଶବ୍ଦ ବ୍ୟତୀତ ଆଉ କିଛି ନିଦର୍ଶନ ଓଡ଼ିଶାରେ ମିଳେନାହିଁ । ଆଜିକାଲି କାହିଁକି ବହୁ ପ୍ରାଚୀନକାଳରୁ ଓଡ଼ିଶାରେ ଚାରି ବେଦର ବ୍ରାହ୍ମଣମାନଙ୍କର ବସତି ଥିଲା ଓ ଏବେ ମଧ୍ୟ ଓଡ଼ିଶାରେ ଋକ୍‌ବେଦ, ସାମବେଦ, ଯଜୁର୍ବେଦ ଓ ଅଥର୍ବବେଦ ସଂହିତାର ତାଳପତ୍ର ପୋଥି ସବୁଠି ମିଳେ । ଖାରବେଳଙ୍କର ଲିପିରୁ ମଧ୍ୟ ପ୍ରମାଣିତ ହୁଏ ଯେ ସେତେବେଳେ ମଧ୍ୟ ବୈଦିକ ବ୍ରାହ୍ମଣମାନେ ଓଡ଼ିଶାରେ ବସତି ସ୍ଥାପନ କରିଥିଲେ ।

କିମ୍ବଦନ୍ତୀମୂଳକ ବୌଦ୍ଧଗ୍ରନ୍ଥାଦିରୁ ଜଣାଯାଏ ଯେ ବୁଦ୍ଧଙ୍କର ମୃତ୍ୟୁ ପରେ ତାଙ୍କର ଗୋଟିଏ ଦାନ୍ତ କଳିଙ୍ଗ ରାଜଧାନୀକୁ ଆନୀତ ହୋଇଥିଲା । ଆଜି ପର୍ଯ୍ୟନ୍ତ ଏହି ଦନ୍ତପୁରର ଭୌଗୋଳିକ ଅବସ୍ଥିତି ନିଶ୍ଚିତ ନ ହୋଇଥିବାରୁ ଏହି କିମ୍ବଦନ୍ତୀର ସମର୍ଥନକାରୀ କୌଣସି ପ୍ରତ୍ନତାତ୍ତ୍ୱିକ ପ୍ରମାଣ ସଂଗୃହୀତ ହେବାର ସମ୍ଭାବନା ନାହିଁ ।

# ଐତିହାସିକ ଯୁଗର ପୁରାତତ୍ତ୍ୱ

(କ) **ମୁଦ୍ରା**—ଭାରତର ନାନାସ୍ଥାନରୁ ମିଳିଥିବା ସର୍ବପ୍ରାଚୀନ ମୁଦ୍ରାର ପ୍ରକୃତ ନାମ ଜଣାନାହିଁ । ଆଜିପର୍ଯ୍ୟନ୍ତ ମିଳିଥିବା ଚିହ୍ନଯୁକ୍ତ ବର୍ତ୍ତୁଳାକାର, ବର୍ଗାକାର ବା ଆୟତାକାର ଚେପ୍‌ଟା ରୌପ୍ୟମୁଦ୍ରାଗୁଡ଼ିକୁ ମୁଦ୍ରାତତ୍ତ୍ୱବିତ୍ ପଣ୍ଡିତମାନେ ଚିହ୍ନଯୁକ୍ତ ( Punch-marked ) ବୋଲି ନାମକରଣ କରିଅଛନ୍ତି । ଓଡ଼ିଶାରୁ ଏହି ମୁଦ୍ରାଗୁଡ଼ିକ ମୟୂରଭଞ୍ଜରୁ, ସୋନପୁର ଖଜଣାଖାନାରୁ ଓ ଖଣ୍ଡଗିରି ନିକଟରୁ ମିଳିଅଛି । ଭାରତର ପ୍ରାଚୀନ ଗ୍ରନ୍ଥାଦିରେ 'ନିଷ୍କ' ଓ 'କାର୍ଷାପଣ' ନାମଧେୟ ମୁଦ୍ରାର ଉଲ୍ଲେଖ ଅଛି, କିନ୍ତୁ ଏହା ଏପର୍ଯ୍ୟନ୍ତ ନିର୍ଣ୍ଣିତ ହୋଇନାହିଁ ଯେ ଏହି ମୁଦ୍ରା

ସହିତ ଚିହ୍ନଯୁକ୍ତ ମୁଦ୍ରାର କ ସଂପର୍କ ଥିଲା । ଏହି ମୁଦ୍ରାଗୁଡ଼ିକରେ ଯେଉଁ ଚିହ୍ନ ଅଙ୍କିତ ଅଛି, ସେଥିରୁ ଭାରତର ପ୍ରାଚୀନତମ ଲିପିର ସନ୍ଧାନ ମିଳି ନ ଥିବାରୁ ପ୍ରକୃତରେ ଏଗୁଡ଼ିକୁ ପ୍ରାଗୈତିହାସିକ ଯୁଗର ମୁଦ୍ରା ବୋଲିଯାଇପାରେ । ଏହାପରେ କାଳକ୍ରମ ଅନୁସାରେ କୁଶାନ ସମ୍ରାଟ-ମାନଙ୍କର କେବଳ ତାମ୍ରମୁଦ୍ରା ଓଡ଼ିଶାରେ ମିଳିଥିବାର ପ୍ରମାଣ ମିଳେ । ଏହି ମୁଦ୍ରାରେ ଲିପି ରହିଅଛି । ଏହି ମୁଦ୍ରା ମୟୂରଭଞ୍ଜର ଭଞ୍ଜକିଆ ଗ୍ରାମରୁ ଓ କଟକ ଜିଲ୍ଲାର କାୟମା ନିକଟରୁ ମିଳିଅଛି । ପୁରାତତ୍ତ୍ୱବିଦ୍ ବେଗଲର ( I. D. M. Beglar ) ସାହେବ କାନିଂହାମ ସାହେବଙ୍କର ସହକାରୀ ଥିଲେ ଓ କାନିଂହାମଙ୍କଦ୍ୱାରା ସଂକଳିତ ଆରକିଓଲଜିକେଲ ସର୍ଭେ ଅଫ୍ ଇଣ୍ଡିଆ ରିପୋର୍ଟର ୧୩ଶ ଭାଗରେ ବେଗଲର ଲେଖି-ଅଛନ୍ତି ଯେ ମୟୂରଭଞ୍ଜର ବ୍ରାହ୍ମଣଘାଟି ଅନ୍ତର୍ଭୁକ୍ତ ରାୟରଙ୍ଗପୁରଠାରେ ସ୍ୱର୍ଣ୍ଣନିର୍ମିତ ରୋମକ ମୁଦ୍ରାଗୁଡ଼ିକ ଦେଖିଥିଲେ । ଏହି ମୁଦ୍ରାଗୁଡ଼ିକ ବ୍ରାହ୍ମଣଘାଟି ଗଡ଼ରୁ ମିଳିଥିଲା । ଏଗୁଡ଼ିକ ମଧ୍ୟରେ ରୋମ ସମ୍ରାଟ କନ୍‌ଷ୍ଟେଣ୍ଟାଇନ ଓ ଗୋଡ଼ିଆନ୍ ସମ୍ରାଟମାନଙ୍କର ଶିର ଅଙ୍କିତ ଅଛି । ରୋମର ସମ୍ରାଟ ଗୋଡ଼ିଆନଙ୍କର ସମୟ ଖ୍ରୀ: ୨୩୫—୨୪୪ ଓ ସମ୍ରାଟ କନଷ୍ଟେଣ୍ଟାଇନ୍‌ଙ୍କର ସମୟ ଖ୍ରୀ: ୩୨୩—୩୫୩ ଥିଲା । ଏମାନଙ୍କର ମୁଦ୍ରା ମୟୂରଭଞ୍ଜକୁ କିପରି ଆସିଲା ? ଏହି ଜାତୀୟ ମୁଦ୍ରା ମାନ୍ଦ୍ରାଜ ଅଞ୍ଚଳରେ ମଧ୍ୟ ମିଳିଅଛି । ଏହି ମୁଦ୍ରାଗୁଡ଼ିକ ବାଣିଜ୍ୟ ବ୍ୟବସାୟ ସୂତ୍ରରେ ଯେ ପୂର୍ବ ଭାରତକୁ ଆସିଥିଲା, ଏଥିରେ ସନ୍ଦେହ ନାହିଁ । ଏହି ସମୟରେ ପୂର୍ବ ଭାରତରେ ତମଲୁକ ବନ୍ଦରର ପ୍ରସିଦ୍ଧି ଥିଲା । ଖୁବ୍ ସମ୍ଭବ ଏହି ମୁଦ୍ରାଗୁଡ଼ିକ ତମଲୁକରୁ ବାଣିଜ୍ୟ ପଥରେ ମୟୂରଭଞ୍ଜକୁ ଆସିଥିଲା ଓ କେହି ସେଗୁଡ଼ିକୁ ମାଟିରେ ପୋତି ପକାଇଥିଲା । ବେଗଲରଙ୍କ ଭ୍ରମଣ ସମୟରେ ବ୍ରାହ୍ମଣଘାଟି ମହକୁମା ଗୁଇଁବସାର ଡେପୁଟି କମିଶନରଙ୍କ ତତ୍ତ୍ୱାବଧାନରେ ଶାସିତ ହେଉଥିଲା । ତେଣୁ ମୁଦ୍ରାଗୁଡ଼ିକ ଡେପୁଟି କମିଶନର ପାଇଥିଲେ ଓ ତାଙ୍କର ସ୍ତ୍ରୀ ସେଗୁଡ଼ିକୁ ଅଳଙ୍କାର ଗଢ଼ି ହାତରେ ପିନ୍ଧିଥିଲେ । ବେଗଲର ସାହେବ ଲେଖି ନ ଥିଲେ ଏ ପ୍ରକାର ଗୋଟିଏ ଐତିହାସିକ ଉପାଦାନ ଲୋପପାଇଥାନ୍ତା ଯାହାକି ସର୍ବଦା ସଚରାଚର ବିଦେଶରେ ଘଟୁଅଛି । ମାଟିତଳୁ ଜିନିଷ ଆବିଷ୍କୃତ ହେଉଅଛି, କିନ୍ତୁ ତନ୍ମଧ୍ୟରୁ ଅଳ୍ପ କେତୋଟିକୁ ଛାଡ଼ିଦେଲେ ଯେଉଁମାନେ ଏ ଜିନିଷସବୁ ପାଉଛନ୍ତି

ସେମାନେ ତାକୁ ତରଳାଇ ନିଜସ୍ୱ କରନେଉଛନ୍ତି । ସୁନା, ରୁପା ମୂଲ୍ୟବାନ ଜିନିଷ, ଲେଖକ ଜାଣେ ଯେ ତମ୍ବାପଇସା ମଧ୍ୟ ତରଳାଇ ନେଉଅଛନ୍ତି ବହୁ ଶିକ୍ଷିତ କଂସାବାସନ ବ୍ୟବସାୟୀ । ପ୍ରାଚୀନମୁଦ୍ରାର ଆଧୁନିକ ଦାମ୍ ଏତେ ଅଧିକ ଯେ ସୁନା ରୂପାର ଓଜନ ଦାମଠାରୁ ବହୁଗୁଣ ଅଧିକ । କିନ୍ତୁ ଲୋକମାନେ ଏହିସବୁ ମୁଦ୍ରାର ଐତିହାସିକ ମୂଲ୍ୟ ଜାଣନ୍ତି ନାହିଁ । ଏହାପରେ ମୟୂରଭଞ୍ଜ ଓ ଅନଗୋଳରୁ ଗୁପ୍ତ ସମ୍ରାଟ କୁମାରଗୁପ୍ତଙ୍କର ସ୍ୱର୍ଣ୍ଣମୁଦ୍ରା ମିଳିଅଛି । ତତ୍ପରେ ବାଲେଶ୍ୱର ଜିଲ୍ଲାର ସୋର ନିକଟବର୍ତ୍ତୀ ଚଣ୍ଡୀବେଢ଼ ଗ୍ରାମରୁ ଏକପ୍ରକାର କ୍ଷୁଦ୍ର ତାମ୍ରମୁଦ୍ରା ମିଳିଅଛି । ଏଗୁଡ଼ିକ ଓଡ଼ିଶାର ପ୍ରଥମ ମୁଦ୍ରା । ଏପରି ମୟୂରଭଞ୍ଜ, ବାଲେଶ୍ୱର, କଟକ, ପୁରୀ, ଗଞ୍ଜାମ ଜିଲାରୁ 'ପୁରୀ-କୁଶାନ' ନାମଧେୟ ତାମ୍ରମୁଦ୍ରା ବହୁ ପରିମାଣରେ ମିଳିଅଛି । ଏସବୁ ମୁଦ୍ରା କୁଶାନ ମୁଦ୍ରାର ଅନୁକରଣରେ ପ୍ରସ୍ତୁତ ହୋଇଥିବାରୁ ଏହାର ପ୍ରକୃତ ନାମ ଜଣା ନ ଥିବାରୁ ଏହାର 'ପୁରୀ-କୁଶାନ' ମୁଦ୍ରାରୂପେ ନାମକରଣ କରାଯାଇଛି, କାରଣ ପୁରୀ ଜିଲ୍ଲାର ଗୁରୁବାଇରୁ ମୁଦ୍ରାଗୁଡ଼ିକ ମିଳିଥିଲା ଓ ଏଗୁଡ଼ିକ କୁଶାନ ମୁଦ୍ରା ସଦୃଶ ଦେଖାଯାଉଥିଲା । ତତ୍ପୂର୍ବରୁ ଗଞ୍ଜାମ ଜିଲ୍ଲାରୁ ଏକପ୍ରକାର ମୁଦ୍ରା ମିଳିଥିଲା, କିନ୍ତୁ ତାହାର କିଛି ନାମକରଣ ହୋଇ ନ ଥିଲା । ପ୍ରଥମେ ମିଳିଥିବା ଏପ୍ରକାର ମୁଦ୍ରାଗୁଡ଼ିକରେ କୌଣସି ଲିପି ନ ଥିଲା, କିନ୍ତୁ ପରେ ମିଳିଥିବା ମୁଦ୍ରାର ଏକପାର୍ଶ୍ୱରେ 'ଟଙ୍କ' ଓ ଅପର ପାର୍ଶ୍ୱରେ ରଥସଦୃଶ ତିନୋଟି ଚିହ୍ନ ଥିବାର ଦେଖାଯାଏ । ଏହି ମୁଦ୍ରାଗୁଡ଼ିକର ସମୟ ଖ୍ରୀଷ୍ଟୀୟ ୫ମ । ୬ଷ୍ଠ ଶତାବ୍ଦୀ ବୋଲି ସ୍ୱୀକୃତ ହୋଇଅଛି ।

ଓଡ଼ିଶାରେ ଖ୍ରୀଷ୍ଟୀୟ ୭ମ ଶତାବ୍ଦୀଠାରୁ ୧୨ଶ ଶତାବ୍ଦୀ ପର୍ଯ୍ୟନ୍ତ ପ୍ରାୟ ୫୦୦ ବର୍ଷ ସମୟ ମଧ୍ୟରେ କୌଣସି ପ୍ରକାର ମୁଦ୍ରା ଆବିଷ୍କୃତ ହୋଇନାହିଁ । ଚୀନ ପରିବ୍ରାଜକ ହୁଏନ୍‌ସାଙ୍କ ବର୍ଣ୍ଣନାରୁ ଓଡ଼ିଶାରେ ନୌବାଣିଜ୍ୟର କଥା ଜଣାଯାଏ ଓ ତାହା ପରବର୍ତ୍ତୀ କାଳରେ ମଧ୍ୟ ଚାଲିଥିଲା;' କିନ୍ତୁ ମୁଦ୍ରାର ଅଭାବରେ ବାଣିଜ୍ୟ କପରି ଚାଲୁଥିଲା ତାହା ଠିକ୍ ଜଣାଯାଏ ନାହିଁ । କିନ୍ତୁ ଆଶା କରାଯାଏ ଯେ ଦିନେ ଏହି ଅନ୍ଧକାରାଚ୍ଛନ୍ନ ଅବସ୍ଥା ନୂତନ ଆବିଷ୍କାରଦ୍ୱାରା ଦୂରୀଭୂତ ହେବ । ଖ୍ରୀଷ୍ଟୀୟ ୧୨ଶ ଶତାବ୍ଦୀରେ ଗଙ୍ଗ ରାଜବଂଶର ରାଜତ୍ୱକାଳ ଓଡ଼ିଶାରେ

ସ୍ଥାପିତ ହେଲା । ଏହି ରାଜବଂଶର ରାଜତ୍ୱକାଳରେ ଅତିକ୍ଷୁଦ୍ର ସ୍ୱର୍ଣ୍ଣମୁଦ୍ରା ପ୍ରଚଳିତ ଥିଲା । ଏହାର ଆବିଷ୍କାର ଓଡ଼ିଶାର ଅନେକ ଅଞ୍ଚଳରେ ହୋଇଅଛି । ସୂର୍ଯ୍ୟବଂଶୀ ରାଜା କପିଳେଶ୍ୱର ଦେବ, ପୁରୁଷୋତ୍ତମ ଦେବ ଓ ପ୍ରତାପରୁଦ୍ର ଦେବଙ୍କ ସାମ୍ରାଜ୍ୟ ବିସ୍ତୀର୍ଣ୍ଣ ଥିଲେ ମଧ୍ୟ ସେମାନଙ୍କର କୌଣସି ମୁଦ୍ରା ମିଳିନାହିଁ । ଏମାନଙ୍କ ପରେ ପ୍ରକୃତରେ ଦେଶରେ ଅରାଜକତା ଆସି ନ ଥିଲେ ମଧ୍ୟ ଦେଶରେ ଘୋର ଗଣ୍ଡଗୋଳ ଉପସ୍ଥିତ ହୋଇଥିଲା । ତେଣୁ ସେ ସମୟରେ ନୂତନ ମୁଦ୍ରା ଚଳିଥିଲା କି ନା ଜଣାଯାଇନାହିଁ । ଗୋବିନ୍ଦ ବିଦ୍ୟାଧର ଓ ମୁକୁନ୍ଦ ଦେବ ବଡ଼ ରାଜାଥିଲେ ମଧ୍ୟ ସେମାନଙ୍କର ମୁଦ୍ରା ଆବିଷ୍କୃତ ହୋଇନାହିଁ ।

ଖ୍ରୀ: ୧୫୬୮ରେ ଓଡ଼ିଶାର ସ୍ୱାଧୀନତା ଲୋପ ପାଇ ପ୍ରଥମେ ବଙ୍ଗଳାର ପଠାଣ ସୁଲତାନଙ୍କଦ୍ୱାରା ଓଡ଼ିଶା ଅଧିକୃତ ହେଲା ଓ ତହିଁର ଅଳ୍ପ କାଳପରେ ଖ୍ରୀ: ୧୫୯୨ରେ ମୋଗଲ ସମ୍ରାଟ ଆକବରଙ୍କ ସେନାପତି ରାଜା ମାନସିଂହଙ୍କଦ୍ୱାରା ଓଡ଼ିଶା ମୋଗଲ ଶାସନାଧୀନ ହେଲା । ସୁନ୍ଦରଗଡ଼ ଜିଲ୍ଲାରୁ ମିଳିଥିବା ମୋଗଲ ମୁଦ୍ରାଗୁଡ଼ିକରେ ଆକବରଠାରୁ ପରବର୍ତ୍ତୀ ମୋଗଲ ସମ୍ରାଟମାନଙ୍କର ମୁଦ୍ରା ରହିଥିଲା । ମୋଗଲ ରାଜତ୍ୱରେ ଓଡ଼ିଶାରେ କଟକରେ ଓ ହରିହରପୁର (ଆଧୁନିକ ଜଗତ୍‌ସିଂହପୁର )ରେ ଦୁଇଟି ମୋଗଲ ଟାଙ୍କଶାଳ ଥିଲା । ମରହଟ୍ଟା ରାଜତ୍ୱ ଖ୍ରୀ: ୧୭୫୧ ଠାରୁ ୫୦ ବର୍ଷରୁ ଅଧିକ କାଳ ଓଡ଼ିଶାରେ ଚଳିଥିଲା, ମାତ୍ର ସେମାନଙ୍କର କୌଣସି ମୁଦ୍ରା ଓଡ଼ିଶାରେ ମିଳିନାହିଁ । ଖ୍ରୀ: ୧୮୦୩ରେ ଓଡ଼ିଶା ବ୍ରିଟିଶ ଅଧିକାରଭୁକ୍ତ ହେଲାବେଳେ ମୋଗଲ ସମ୍ରାଟ ସାହଆଲମଙ୍କ ରୌପ୍ୟମୁଦ୍ରା ଓଡ଼ିଶାରେ ଚଳୁଥିବାର ବହୁ ନିଦର୍ଶନ ମିଳୁଛି । ୧୮୩୫ରେ ପ୍ରଥମେ ବ୍ରିଟିଶ ମୁଦ୍ରା ଓଡ଼ିଶାରେ ଚଳିଲା ଓ ସେ ମୁଦ୍ରା ମଧ୍ୟ ମିଳୁଛି ।

(ଖ) **ଲିପିତତ୍ତ୍ୱ**—ପ୍ରତ୍ନତତ୍ତ୍ୱର ଏକ ପ୍ରଧାନ ଅଙ୍ଗ ହେଉଛି ଲିପିତତ୍ତ୍ୱ କାରଣ ଲିପିତତ୍ତ୍ୱର ଗବେଷଣାଦ୍ୱାରା ପ୍ରତ୍ନତତ୍ତ୍ୱର ସମୟକାଳ ସହଜରେ ନିର୍ଣ୍ଣିତ ହୁଏ । ଓଡ଼ିଶାର ପ୍ରତ୍ନତତ୍ତ୍ୱଉପରେ ଓଡ଼ିଶାର ଲିପିତତ୍ତ୍ୱର ପ୍ରଭାବ ତଳଲିଖିତ ବର୍ଣ୍ଣନାରୁ ସହଜରେ ବୁଝାଯିବ । ପୂର୍ବେ କୁହାଯାଇଛି ଯେ ଓଡ଼ିଶାରେ ବହୁ ପ୍ରାଚୀନକାଳରୁ ଜନବସତି ଥିଲା,

ସେମାନଙ୍କ ବ୍ୟବହୃତ ଦ୍ରବ୍ୟାଦିରେ କୌଣସି ଲିପିର ସନ୍ଧାନ ମିଳେ ନାହିଁ । ଲିପିର କ୍ରମ ବିକାଶରୁ ଲିପିତତ୍ତ୍ୱ ନିରୂପିତ ହୋଇଛି । ଭାରତରେ ୟୁରୋପୀୟ ପ୍ରଭାବ ପଡ଼ିବା ପୂର୍ବରୁ ଲିପିତତ୍ତ୍ୱର ଜ୍ଞାନ ଆମ୍ଭମାନଙ୍କର ନ ଥିଲା । ଲିପିତତ୍ତ୍ୱରୁ ଇତିହାସର ଉପକରଣ ଓ ସମୟ ନିରୂପଣପାଇଁ ୟୁରୋପୀୟ ପଣ୍ଡିତମାନେ ବହୁ ଆୟାସ ସ୍ୱୀକାର କରି କୃତକାର୍ଯ୍ୟ ହୋଇଅଛନ୍ତି । ଏପରିକି ୧୮୨୫ରେ ଯେତେବେଳେ ଷ୍ଟାର୍ଲିଂ ସାହେବ ଉଦୟଗିରି ଲିପିର ଛାପା ତାଙ୍କ ପୁସ୍ତକରେ ମୁଦ୍ରିତ କରିଥିଲେ, ସେତେବେଳେ ଓଡ଼ିଶାରେ କେହି ଲୋକ ସେହି ଲିପି ପଠନ କରିବାପାଇଁ ସମର୍ଥ ହୋଇ ନ ଥିଲେ । ସେହି ଲିପିର ଓ ଅଶୋକ ଅନୁଶାସନ ଲିପିର ପାଠ ସର୍ବପ୍ରଥମ ପ୍ରିନ୍‌ସେପ୍ ସାହେବ ୧୮୩୮ରେ କରିଥିଲେ । ଏହି ସମୟରେ ପ୍ରିନ୍‌ସେପ୍ ସାହେବଙ୍କର ସହକର୍ମୀ କିଟୋ ସାହେବ ହାତିଗୁମ୍ଫା ଲିପି ଓ ତାଙ୍କଦ୍ୱାରା ଆବିଷ୍କୃତ ଧଉଳି ଲିପି ପାଠ କରିବାକୁ ସମର୍ଥ ହୋଇଥିଲେ । କିଟୋ ସାମରିକ ବିଭାଗରେ ମେଜର ଥିଲେ ଓ ଘୁମୁସର ମେଳି ଦମନପାଇଁ କଲିକତାରୁ କଟକ ଓ ମହାନଦୀ କୂଳେ କୂଳେ ବୌଦ ହୋଇ ଘୁମୁସର ଯାଇଥିଲେ । ତାଙ୍କର ଐତିହାସିକ ଉପାଦାନ ସଂଗ୍ରହ କରିବାର ପ୍ରବୃତ୍ତି ଏତେ ଅଧିକ ଥିଲା ଯେ ସେ ଯାଜପୁର, ଭୁବନେଶ୍ୱର, ଧଉଳି, ଖଣ୍ଡଗିରି ଓ ଉଦୟଗିରି ଦେଖିବାପାଇଁ ଯାଇଥିଲେ ଓ ଘୁମୁସରରୁ ଖଣ୍ଡିଏ ଭଞ୍ଜବଂଶୀୟ ତମ୍ବାପଟା ସଂଗ୍ରହ କରିଥିଲେ । ପ୍ରିନ୍‌ସେପ ସାହେବ ସେହି ତମ୍ବାପଟାଟିକୁ ଏସିଆଟିକ୍ ସୋସାଇଟି ପତ୍ରିକାରେ ୧୮୩୮ରେ ମୁଦ୍ରିତ କରିଥିଲେ । ହିନ୍ଦୁ ଷ୍ଟୁଆର୍ଟ ନାମକ ଜଣେ ସୈନ୍ୟବିଭାଗୀୟ କର୍ମଚାରୀ ଭୁବନେଶ୍ୱର, ବ୍ରହ୍ମେଶ୍ୱର, ମେଘେଶ୍ୱର ଓ ଅନନ୍ତ ବାସୁଦେବ ମନ୍ଦିର ତିନୋଟିର ତିନୋଟି ଶିଳାଲେଖ ନେଇ ସେଥିରୁ ମେଘେଶ୍ୱର ଓ ବ୍ରହ୍ମେଶ୍ୱର ଶିଳାଲିପି ଦୁଇଟିକୁ କଲିକତାର ଏସିଆଟିକ୍ ସୋସାଇଟି ମିଉଜିୟମକୁ ଦାନ କରିଥିଲେ ଓ ଆଉ ଗୋଟିକୁ ବିଲାତ ପଠାଇଥିଲେ । ବ୍ରହ୍ମେଶ୍ୱର ଓ ମେଘେଶ୍ୱର ଶିଳାଲିପିଦ୍ୱୟ ପ୍ରିନ୍‌ସେପ ସାହେବ ଏସିଆଟିକ୍ ସୋସାଇଟି ପତ୍ରିକାରେ ଛପାଇଥିଲେ । ଭୁବନେଶ୍ୱର ପଣ୍ଡାମାନେ କିଟୋ ସାହେବଙ୍କଠାରେ ଶିଳାଲିପି ସଂପର୍କରେ ଆପତ୍ତି କରିବାରୁ କିଟୋ ସାହେବ ଲେଖାଲେଖି କରି ଭୁବନେଶ୍ୱରକୁ ତିନୋଟି

ଶିଳାଲିପି ପଠାଇଦେଲେ । ସେଥିରୁ ବର୍ତ୍ତମାନ ବ୍ରହ୍ମେଶ୍ୱର ଲିପି ମିଳୁନାହିଁ । ମେଘେଶ୍ୱର ଲିପି ଓ ପୂର୍ବବଙ୍ଗର ଆବିଷ୍କୃତ ଓ ଢାକାରେ ପଠିତ ଓ ପରେ କଲିକତାକୁ ଆନୀତ ଗୋଟିଏ ଲିପି ଅନନ୍ତ ବାସୁଦେବ ବେଢ଼ା କାନ୍ଥରେ ଲାଗିଅଛି । ଅନନ୍ତ ବାସୁଦେବ ମନ୍ଦିରର ପ୍ରକୃତ ଶିଳାଲିପି ଏବେ ଲଣ୍ଡନରେ ରଏଲ ଏସିଆଟିକ୍ ସୋସାଇଟିରେ ଅଛି । ପୂର୍ବବଙ୍ଗରୁ ଏସିଆଟିକ୍ ସୋସାଇଟି ଜରିଆରେ ଯେଉଁ ଲିପିଟି ଅନନ୍ତ ବାସୁଦେବ ମନ୍ଦିରରେ ଅଛି, ତାହା ପ୍ରକୃତରେ ଅନନ୍ତ ବାସୁଦେବଙ୍କ ମନ୍ଦିରର ଶିଳାଲିପିରୂପେ ପରିଗୃହୀତ ହୋଇଥିଲା । ଲେଖକ ଏହି ଭ୍ରମ ସଂଶୋଧନ କରିବାରେ ସମର୍ଥ ହୋଇଥିଲା । ୧୮୩୮ରେ ମଧ୍ୟ ହାତୀଗୁମ୍ଫା ଲିପି ଓ ଧଉଳି ଲିପି ଏସିଆଟିକ୍ ସୋସାଇଟି ପତ୍ରିକାରେ ମୁଦ୍ରିତ ହୋଇଥିଲା ।

ଲିପିତତ୍ତ୍ୱ ସାହାଯ୍ୟରେ ଓଡ଼ିଶାର ଇତିହାସର ଉପକରଣ ସଂଗ୍ରହ ପ୍ରଥମେ ୧୮୩୮ରେ ସାହେବମାନେ କଲିକତାରେ ଆରମ୍ଭ କରିଥିଲେ । ଏବେ ଲିପିତତ୍ତ୍ୱର ଆଲୋଚନା ବୃହଦାକାର ଧାରଣ କରି ଓଡ଼ିଶା ଇତିହାସର ବହୁ ଉପକରଣ ଯୋଗାଇଅଛି । ଖ୍ରୀ: ପୂ: ୩ୟ ଶତାବ୍ଦୀଠାରୁ ଖ୍ରୀ: ୧୭ଶ ଶତାବ୍ଦୀ ପର୍ଯ୍ୟନ୍ତ ସମୟ ମଧ୍ୟରେ ପ୍ରତ୍ୟେକ ଶତାବ୍ଦୀରେ ଲିପିର ଲିଖନାକାର କିପରି ପରିବର୍ତ୍ତିତ ହୋଇ ତହିଁରେ କ୍ରମବିକାଶ ଘଟିଅଛି ତାହା ବିଶେଷଜ୍ଞମାନେ ଆୟତ୍ତ କରିଅଛନ୍ତି । ଆର୍ଯ୍ୟସମ୍ରାଟ ଅଶୋକ ପ୍ରଥମେ ଓଡ଼ିଶାରେ ଯେଉଁ ଲିପିରେ ଅନୁଶାସନ ଲେଖିଥିଲେ, ସେହି ଲିପିର ନାମ ବ୍ରାହ୍ମୀ ଅକ୍ଷର । ତତ୍ପୂର୍ବରୁ ଏ ଦେଶରେ କିଛି ଲିପି ଥିଲା କି ନାହିଁ ତାହା ଜଣାଯାଇ ନାହିଁ । ସମ୍ବଲପୁର ଜିଲ୍ଲାର 'ବିକ୍ରମଖୋଲ' ପାହାଡ଼ରେ ଏକ ପ୍ରକାର ଖୋଦିତ ଚିହ୍ନମାନ ମିଳିଛି ଯାହାକି ପ୍ରାକୃତିକ ପରିବର୍ତ୍ତେ ମନୁଷ୍ୟାକୃତ ବୋଲି ମନେହୁଏ । କେହି କେହି ବିଶେଷଜ୍ଞ ମତ ଦେଇଅଛନ୍ତି ଯେ ଏହା ଏକ ପ୍ରାଚୀନ ଲିପି । ଏହା ଯଦି ପଠିତ ହୋଇପାରିବ, ତେବେ ଓଡ଼ିଶାରେ ଏହା ସର୍ବପ୍ରାଚୀନ ଲିପି ବୋଲି ପରିଗଣିତ ହେବ । ମହେଞ୍ଜୋଦାରୋ ଓ ହରପ୍ପା ଓ ରାଜସ୍ଥାନ ଅଞ୍ଚଳରୁ ମିଳିଥିବା ମୋହରରେ ଯେଉଁ ଲିପି ବ୍ୟବହୃତ ହୋଇଛି, ତାହା ପଠିତ ହେଲେ ଭାରତର ଐତିହାସିକ ଯୁଗ

ବହୁ ସହସ୍ର ବର୍ଷ ପଛେଇଯିବ । ଓଡ଼ିଶାର ପ୍ରାଚୀନତମ ପଠିତ ଲିପିର ନିଦର୍ଶନ ପୁରୀ ଜିଲ୍ଲାର ଧଉଳି ଓ ଗଞ୍ଜାମ ଜିଲ୍ଲାର ଜଉଗଡ଼ରେ ଥିବା ମୌର୍ଯ୍ୟ ସମ୍ରାଟ ଅଶୋକଙ୍କର ଗିରି-ଅନୁଶାସନ । ଏହି ଅନୁଶାସନ ଦୁଇଟିର ଲିଖିତକାଳ ଖ୍ରୀ: ପୂ: ୨୫୭ । ଅଶୋକଙ୍କର ଯେତେଗୁଡ଼ିଏ ଅନୁଶାସନ ଓ ସ୍ତମ୍ଭଲିପି ଭାରତରେ ଆବିଷ୍କୃତ ହୋଇଛି, ସେଗୁଡ଼ିକର ଲିପି ବ୍ରାହ୍ମୀ, କେତୋଟି ଅନୁଶାସନ ଅଛି ଯାହାର ଲିପି ଖରୋଷ୍ଠୀ ଯାହାକି ଭାରତର ଉତ୍ତର-ପଶ୍ଚିମାଞ୍ଚଳରେ ବ୍ୟବହୃତ ହେଉଥିଲା । ସିନ୍ଧୁନଦର ପୂର୍ବତଟଠାରୁ ବଙ୍ଗୋପସାଗର ପର୍ଯ୍ୟନ୍ତ ସମଗ୍ର ଭାରତରେ ମିଳିଥିବା ଅନୁଶାସନ ଓ ସ୍ତମ୍ଭଲିପିର ଅକ୍ଷର ବ୍ରାହ୍ମୀ ଓ ଭାଷା ପାଲି; କିନ୍ତୁ ଏହିସବୁ ଅଞ୍ଚଳରେ ତତ୍କାଳୀନ ଭାଷା ଓ ଲିପି ଏକ ଥିଲା କି ନା ତାହା କହିବା କଠିନ । ଯାହାହେଉ ପ୍ରାଚୀନ ଭାରତରେ ଆର୍ଯ୍ୟ ସମାଜରେ ସରକାରଙ୍କଦ୍ୱାରା ଏକ ଭାଷା ଓ ଲିପିର ପ୍ରଚଳନ ଏହିସବୁ ଅଶୋକ ଅନୁଶାସନରୁ ପ୍ରତିପାଦିତ ହୁଏ ।

ଓଡ଼ିଶାରେ ବ୍ରାହ୍ମୀ ଲିପିର ୨ୟ ନିଦର୍ଶନ ଉଦୟଗିରି ହାତୀଗୁମ୍ଫାର ଗିରିଲିପି ଓ କେତୋଟି କ୍ଷୁଦ୍ରଲିପି । ଏହି ଲିପିରେ କଳିଙ୍ଗ ସମ୍ରାଟ ଖାରବେଳଙ୍କର ୧୩ ବର୍ଷର ଇତିହାସ ଲିଖିତ ଅଛି । ଏଣୁ ଏହାର ଐତିହାସିକ ମୂଲ୍ୟ ଖୁବ୍ ଅଧିକ । କେବଳ ଏତିକି ନୁହେଁ, ଉଦୟଗିରି ଓ ଖଣ୍ଡଗିରିରେ ଥିବା ଖୋଦିତ ଗୁମ୍ଫାଗୁଡ଼ିକରୁ ତତ୍କାଳୀନ ସଭ୍ୟତାର ଯେଉଁ ପରିଚୟ ମିଳେ ତହିଁରୁ ହାତୀଗୁମ୍ଫା ଲିପିର ସାର୍ଥକତା ମଧ୍ୟ ପ୍ରମାଣିତ ହୁଏ । ଏହି ଲିପିର ଲିଖନକାଳ ଲିପିତତ୍ତ୍ୱ ଓ ଭାରତୀୟ ଅନୁଶୀଳନାରେ ଖ୍ରୀ: ପୂ: ୨ୟ ବା ୧ମ ଶତାବ୍ଦୀ ବୋଲି ନିର୍ଣ୍ଣିତ ହୋଇଛି । ଖାରବେଳଙ୍କ ସମୟରେ ଅନ୍ୟ ଧର୍ମମତ ପ୍ରଚଳିତ ଥିଲେ ମଧ୍ୟ ସେ ଜୈନଧର୍ମ ମତର ପକ୍ଷପାତୀ ଥିଲେ ।

ଖ୍ରୀଷ୍ଟୀୟ ୧ମ ଶତାବ୍ଦୀ ସମୟ ମଧ୍ୟରେ ଇତିହାସପାଇଁ ଲିପିମୂଳକ ପ୍ରମାଣ ନାହିଁ କହିଲେ ଚଳେ । କେବଳମାତ୍ର ଭଦ୍ରଖର ଭଦ୍ରକାଳୀ ହତାରୁ ମିଳିଥିବା ଶିଳାଲିପିର ସମୟ ଖ୍ରୀ: ୩ୟ ଶତାବ୍ଦୀ ବୋଲି ସ୍ୱୀକୃତ ହୋଇଅଛି । ମୁଦ୍ରାଙ୍କିତ ଲିପି ଅନୁସାରେ ଏହି ସମୟରେ

ପୁରୀ-କୁଶାନ ମୁଦ୍ରାର ଲିପି ଓ ଗଣ୍ଡୀବେଡ଼ା ମୁଦ୍ରାର ଲିପି ଉଲ୍ଲେଖ କରାଯାଇପାରେ ।

ଭାରତୀୟ ଗୁପ୍ତ ସାମ୍ରାଜ୍ୟର ପ୍ରଭାବ ଓଡ଼ିଶାରେ ପଡ଼ିଥିବାର ଲିପିଯୁକ୍ତ ପ୍ରମାଣ ୨୦ ବର୍ଷ ପୂର୍ବେ ମିଳି ନ ଥିଲା । ସୌଭାଗ୍ୟର କଥା ତାହା ଖ୍ରୀ: ୬ଷ୍ଠ ଶତାବ୍ଦୀର ମଧ୍ୟଭାଗରୁ ମିଳୁଛି । 'ସୁମଣ୍ଡଳ' ଓ 'କଣାସ'ରୁ ମିଳିଥିବା ବିଗ୍ରହ ବଂଶର ତାମ୍ରଶାସନଗୁଡ଼ିକରୁ ପ୍ରମାଣିତ ହୁଏ ଯେ ଓଡ଼ିଶା ଗୁପ୍ତ ସାମ୍ରାଜ୍ୟର ଅନ୍ତର୍ଭୁକ୍ତ ଥିଲା । ଖ୍ରୀଷ୍ଟୀୟ ୫୮୨ରେ 'ପଟିଆକେଲ୍ଲା'ର ତମ୍ବାପଟାରୁ ଜଣାଯାଏ ଯେ ସେତେବେଳେ ଓଡ଼ିଶାର ସାର୍ବଭୌମ ରାଜା ମାନବଂଶୀୟ ଥିଲେ । ସୋରର ତମ୍ବାପଟାଗୁଡ଼ିକରୁ ଓ ଓଡ଼ିଶାର ରାଜାଙ୍କ ରାଜତ୍ୱକାଳ ସମୟରେ ପ୍ରଦତ୍ତ ମେଦିନୀପୁର ଜିଲ୍ଲାରୁ ପ୍ରାପ୍ତ ତାମ୍ରଶାସନଗୁଡ଼ିକରୁ ଜଣାଯାଏ ଯେ ଓଡ଼ିଶା ଶଶାଙ୍କର ସାମ୍ରାଜ୍ୟଭୁକ୍ତ ଥିଲା । ଗଞ୍ଜାମ ଜିଲ୍ଲାରୁ ପ୍ରାପ୍ତ ଶୈଳୋଦ୍ଭବବଂଶୀ ରାଜା ମାଧବରାଜ ଶଶାଙ୍କର ଅଧୀନସ୍ଥ ରାଜା ଥିବାର ପ୍ରମାଣ ଏକ ତମ୍ବାପଟାରୁ ମିଳେ । ଏହି ତମ୍ବାପଟାଟିର ସମୟ ଗୁପ୍ତାବ୍ଦ ୩୦୦ ବା ଖ୍ରୀଷ୍ଟାବ୍ଦ ୬୧୯-୨୦ । ଶଶାଙ୍କର ଶେଷ ଜୀବନର ଇତିହାସ କୌଣସିଠାରୁ ମିଳେନାହିଁ । ଉତ୍ତର ଭାରତର ରାଜା ହର୍ଷବର୍ଦ୍ଧନଙ୍କ ସହିତ ଶଶାଙ୍କର ବୈରିତା ଥିବାରୁ ଯୁଦ୍ଧ ହେଉଥିଲା । ହର୍ଷବର୍ଦ୍ଧନଙ୍କ ରାଜତ୍ୱକାଳରେ ଚୀନ ପରିବ୍ରାଜକ ହୁଏନ୍‌ସାଂ ଓଡ଼ିଶାକୁ ଭ୍ରମଣ ଉଦ୍ଦେଶ୍ୟରେ ଆସିଥିଲେ ।

ଉତ୍କଳର ପୁଷ୍ପଗିରି ବହୁ ପ୍ରାଚୀନ ସ୍ଥାନ । ନାଗାର୍ଜୁନୀକୁଣ୍ଡଠାରୁ ପ୍ରାପ୍ତ ଖ୍ରୀ: ୩ୟ ଶତାବ୍ଦୀର ଶିଳାଲିପିରେ ପୁଷ୍ପଗିରିର ନାମ ଉଲ୍ଲେଖ ଅଛି । କିନ୍ତୁ ପୁଷ୍ପଗିରି ଓ 'ଚେଲିତାଲୋ' ବନ୍ଦରର ଭୌଗୋଳିକ ଅବସ୍ଥିତି ନିର୍ଣ୍ଣିତ ହୋଇପାରିନାହିଁ । ଏହା ହୋଇପାରିଲେ ଓଡ଼ିଶା ଇତିହାସର ବହୁ ଉପକରଣ ଯେ ମିଳିପାରିବ ଏଥିରେ କିଛି ସନ୍ଦେହ ନାହିଁ । 'ଚେଲିତାଲୋ' ବନ୍ଦର ଆବିଷ୍କୃତ ହେଲେ ଓଡ଼ିଶାର ତତ୍‌କାଳୀନ ନୌବାଣିଜ୍ୟର ଐତିହାସିକ ପ୍ରମାଣ ନିର୍ଦ୍ଦିଷ୍ଟଭାବରେ ମିଳିବ ।

ପ୍ରକୃତରେ ଖ୍ରୀଷ୍ଟୀୟ ୭ମ ଶତାବ୍ଦୀଠାରୁ ଓଡ଼ିଶା ଇତିହାସର ଉପକରଣ ଲିପିତତ୍ତ୍ୱ, ସ୍ଥାପତ୍ୟ ଓ ଭାସ୍କର୍ଯ୍ୟରୁ ବହୁଳଭାବରେ ମିଳେ । ଏହି ସମୟରେ ଭୌମ ରାଜବଂଶ ଓଡ଼ିଶାରେ ରାଜତ୍ୱ କରୁଥିଲେ ।

**ଭୌମବଂଶ:** ଏହି ବଂଶୀୟ ରାଜାମାନେ ପ୍ରାୟ ଖ୍ରୀ ୭୦୦ ଠାରୁ ୯୦୦ ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ । ଏହି କାଳକ୍ରମରେ ୨୦।୨୫ବର୍ଷ ଏପାଖ ସେପାଖ ହେଲେ ହୋଇପାରେ । ଏହି ରାଜାମାନଙ୍କର ବହୁ ତମ୍ବାପଟା ମିଳୁଛି ଓ ଆହୁରି ମିଳିବାର ଆଶା କରାଯାଏ । ଅଧିକାଂଶ ତମ୍ବାପଟା ଡାଲଚେର ଓ ଅନୁଗୋଳ ଅଂଚଳରୁ ମିଳୁଛି । ୪୦ ବର୍ଷ ପୂର୍ବେ ଏହି ବଂଶୀୟ ରାଜାମାନଙ୍କ ନାମ ଜଣା ନଥିଲା । କୃପାସିନ୍ଧୁ ମିଶ୍ରଙ୍କ ଇତିହାସରେ ଏ ବଂଶର ଉଲ୍ଲେଖ ମଧ୍ୟ ନାହିଁ । ଭାରତରେ ଗୁପ୍ତ ଯୁଗର ଇତିହାସ ସହିତ ଓଡ଼ିଶାରେ ଭୌମ ବଂଶର ଇତିହାସ ତୁଳନୀୟ । ଏଲ୍‌ଫିନ୍ ଷ୍ଟୋନ୍ ସାହେବଙ୍କ ଭାରତ ଇତିହାସରେ ଗୁପ୍ତ ବଂଶର କଥା ନାହିଁ । ରାଖାଲ ଦାସ ବନ୍ଦ୍ୟୋପାଧ୍ୟାୟଙ୍କ 'ଓଡ଼ିଶା ଇତିହାସ' ଗ୍ରନ୍ଥର ପ୍ରଥମ ଭାଗରେ ଭୌମବଂଶ 'କରବଂଶ' ନାମରେ ବର୍ଣ୍ଣିତ ଅଛି । ପଣ୍ଡିତ ବିନାୟକ ମିଶ୍ର ଡାଲଚେରରୁ ଅନେକଗୁଡ଼ିଏ ଭୌମ ତମ୍ବାପଟା ସଂଗ୍ରହ କରିଥିଲେ । ତେଣୁ ସେଗୁଡ଼ିକ ପାଠପରେ, ପରେ ୧୯୩୨ ବେଳକୁ ଯେତେ ଗୁଡ଼ିଏ ତମ୍ବାପଟା ଅନ୍ୟତ୍ର ବାହାରିଥିଲା ସେଗୁଡ଼ିକ ଏକତ୍ରିତ କରି ବହୁ ଆୟାସ ସ୍ୱୀକାର କରିବାରେ "ଭୌମ ରାଜାଙ୍କ ରାଜତ୍ୱରେ ଓଡ଼ିଶା"—(**Orissa under the Bhauma kings**) ନାମକ ପୁସ୍ତକ ୧୯୩୪ ରେ ଛପାଇ ଥିଲେ । ସବୁଠାରୁ ବଡ଼ କଥା ଯେ ପଣ୍ଡିତ ମିଶ୍ର ନିଜେ ଏହି ବହିର ମୁଦ୍ରଣ ବ୍ୟୟ ବହନ କରିଥିଲେ । ଆଜି ସେ ବହିର ସମାଦର ବଢ଼ି ଥିଲେ ମଧ୍ୟ ତାଙ୍କର ତହିଁରୁ କିଛିମାତ୍ର ଲାଭ ନାହିଁ । ଏବେ ବହିଟି ଦୁଷ୍ପ୍ରାପ୍ୟ । ଏହାପରେ ଆହୁରି ଅନେକ ତମ୍ବାପଟା ଆବିଷ୍କୃତ ହୋଇଅଛି । ମୋର ବନ୍ଧୁ କଟକ ଜିଲାର ଜଣେ ଜମିଦାର ସ୍ୱର୍ଗୀୟ ଆର୍ତ୍ତତ୍ରାଣ ମିଶ୍ରଙ୍କ ପାଖରୁ କଥା ପ୍ରସଙ୍ଗରେ ବକୁଳ ମହାଦେବୀଙ୍କର ତମ୍ବାପଟା କଥା ଶୁଣିଥିଲି ଓ ସେ ତାହାକୁ ଉତ୍କଳ ସାହିତ୍ୟର ସମ୍ପାଦକ ମୃତ୍ୟୁଞ୍ଜୟ ରଥଙ୍କଠାରେ ଦେଖିଥିବାର କଥା କହୁଥିଲେ । ଆର୍ତ୍ତତ୍ରାଣ ମିଶ୍ରେ ଓଡ଼ିଶା ଇତିହାସର ବଡ଼ ପ୍ରେମୀ ଥିଲେ । ତାଙ୍କର ଚେଷ୍ଟାରେ କୁଶଳପୁର ବୃଦ୍ଧେଶ୍ୱର ମନ୍ଦିର ଶିଳାଲିପି ଓ କେନ୍ଦୁପାଟଣାର ତିନୋଟି ଗଙ୍ଗ-ତାମ୍ରଶାସନ ନଗେନ୍ଦ୍ରନାଥ ବସୁ ପାଇ ଏସିଆଟିକ୍ ସୋସାଇଟି ଓ ବିଶ୍ୱକୋଷରେ ମୁଦ୍ରିତ କରିଥିଲେ । ଲେଖକ ଏକଥା ଜାଣି ତମ୍ବା ପଟାର ଅନୁସନ୍ଧାନ କରିବା ବେଳକୁ

ମୃତ୍ୟୁଞ୍ଜୟ ରଥଙ୍କର କାମ ହୋଇଥିଲା । ତେଣୁ ଅନୁସନ୍ଧାନ ଆବଶ୍ୟକ ହେଲା । କିନ୍ତୁ ଦେଖିବାକୁ 'ଉତ୍କଳ ସାହିତ୍ୟ' ସମାଜର ବାର୍ଷିକ ବିବରଣୀ ସଂଗ୍ରହ କରି ଜାଣି ପାରିଲି ଯେ 'ଉତ୍କଳ ସାହିତ୍ୟ ସମାଜର ଚତୁର୍ଦ୍ଦଶ ବର୍ଷର କାର୍ଯ୍ୟ ବିବରଣରେ ସେ କଥା ଉଲ୍ଲେଖ ଥିଲା । ତଳେ ପାଠକମାନଙ୍କ ଗୋଚରାର୍ଥେ ତାହା ଉଦ୍ଧୃତ ହେଲା । ସେତେବେଳେ ଉତ୍କଳ ସାହିତ୍ୟ ସମାଜର ସମ୍ପାଦକ ଶଶିଭୂଷଣ ରାୟ ଥିଲେ ।

ସାହିତ୍ୟ ସମାଜର ଅନୁସନ୍ଧାନ ସମିତିର କାର୍ଯ୍ୟ ସମ୍ପର୍କରେ ଶଶିଭୂଷଣ ରାୟ ଲେଖିଥିଲେ:—

"ସମିତିର ସଦସ୍ୟଙ୍କ ମଧ୍ୟରୁ ପ୍ରତ୍ନତତ୍ତ୍ୱବିତ୍ ଶ୍ରୀଯୁକ୍ତ ଆର୍ତ୍ତତ୍ରାଣ ମିଶ୍ର ହିଁ ସମ୍ପାଦକଙ୍କୁ ଯଥେଷ୍ଟ ସାହାଯ୍ୟ କରିଅଛନ୍ତି ।"

"କେତେବର୍ଷ ପୂର୍ବରେ ସମ୍ପାଦକ ମୃତ୍ୟୁଞ୍ଜୟ ବାବୁ ଭ୍ରମଣ ସମୟରେ କେନ୍ଦ୍ରାପଡ଼ାର ଜମିଦାର ଶ୍ରୀଯୁକ୍ତ ବଳରାମ ଭ୍ରମରବରଙ୍କଠାରୁ ଖଣ୍ଡିଏ ତାମ୍ରଶାସନ ପ୍ରାପ୍ତ ହୋଇଥିଲେ; ଏବର୍ଷ ତାହାକୁ ଉକ୍ତ ମିଶ୍ର ମହାଶୟଙ୍କ ସାହାଯ୍ୟରେ ସମ୍ପୂର୍ଣ୍ଣ ପାଠକରି ଜାଣିଅଛନ୍ତି ଯେ ତାହା ଦଶମ ଶତାବ୍ଦୀରେ ଉତ୍ତର ତୋଷଲୀ ଖଣ୍ଡର ଅଧିଶ୍ୱରୀ ଶ୍ରୀ ବକୁଳ ମହାଦେବୀଙ୍କର ଖଣ୍ଡିଏ ଦାନପତ୍ର । ଏହାର ସମଗ୍ର ପାଠ, ଐତିହାସିକ ଆଲୋଚନା ଏବଂ ଇଂରେଜୀ ଅନୁବାଦ ସହ ତାମ୍ର ଶାସନ ଖଣ୍ଡି ଯଥାସମୟରେ ପ୍ରତ୍ୟର୍ପଣ କରିବା ଅନୁରୋଧରେ ବିହାର-ଉତ୍କଳ ଅନୁସନ୍ଧାନ ସଭାକୁ ସମ୍ପାଦକ ପ୍ରେରଣ କରିଅଛନ୍ତି । ସମ୍ଭବତଃ ଏହା ଅଚିରେ ଉକ୍ତସଭାର ପତ୍ରିକାରେ ପ୍ରକାଶିତ ହେବ । ସେଥିରୁ ଉତ୍କଳର ଅନାବିଷ୍କୃତ ଯୁଗର କପରି ସୁନ୍ଦର ପରିଚୟ ମିଳୁଅଛି ଜଣାଯିବ ।"

ଲେଖକ ବିହାର ଓଡ଼ିଶା ଅନୁସନ୍ଧାନ ସମିତିରେ ଏହି ତାମ୍ରପଟ୍ଟର ଅନୁସନ୍ଧାନ କରି ସଫଳକାମ ହୋଇ ନଥିଲା । ଏପରିକି ସେଠାର ଅଫିସରେ ଏ ସମ୍ପର୍କରେ କିଛି କାଗଜପତ୍ର ପାଇଲି ନାହିଁ । ବୋଧହୁଏ ସେ ସମୟରେ ବିହାର-ଓଡ଼ିଶା ଅନୁସନ୍ଧାନ ସମିତିର କର୍ମକର୍ତ୍ତାମାନେ ତମ୍ବାପଟାଟି ପାଇ ନିଜ ପାଖରେ ବା ତତ୍‌କାଳୀନ ଇଷ୍ଟ୍ରାହିମ୍ ଲେଫ୍‌ଟେନାଣ୍ଟ

ଗଭର୍ଣ୍ଣର ଗେଟେସାହେବଙ୍କୁ ବା ଅନ୍ୟ କାହାକୁ ଦେଇଥିଲେ ଫଳରେ ତମ୍ବା ପଟ୍ଟାଟି ପ୍ରକାଶିତ ହେବା ଦୂରେ ଥାଉ ତାହା ହଜିଗଲା । ଏହି ତମ୍ବାପଟ୍ଟାଟିର ବିଶେଷତ୍ୱ ଏହି ଯେ ଏଥିରେ 'ଉତ୍ତର ତୋଷଳ' ନାମଥିଲା ଯାହା ଅନ୍ୟ ଭୌମ ତମ୍ବା ପଟାରୁ ମିଳେନାହିଁ । ସେ ଗୁଡ଼ିକରେ ଗିଡ଼ାଷିଙ୍କ ବା ଦକ୍ଷିଣ ତୋଷଳର ନାମୋଲ୍ଲେଖ ଅଛି । ବକୁଳ ମହାଦେବୀଙ୍କ ନାମ ଅନ୍ୟ ତମ୍ବା ପଟାରୁ ମଧ୍ୟ ମିଳେ ।

ଭୌମ ବଂଶୀୟ ତାମ୍ରଶାସନ ଗୁଡ଼ିକ ଦ୍ୱାରା ଏହି ବଂଶର ଇତିହାସ ଏବେ ସୁସ୍ପଷ୍ଟ ହୋଇଅଛି । ଭୌମରାଜା ଶୁଭକର ଚିନ ସମ୍ରାଟଙ୍କ ପାଖକୁ ସ୍ୱହସ୍ତଲିଖିତ ଏକ ବୌଦ୍ଧ ଗ୍ରନ୍ଥ ଅବତଂସକ ପ୍ରାଜ୍ଞନାମକ ଜଣେ ବୌଦ୍ଧ ଭିକ୍ଷୁଙ୍କ ହସ୍ତରେ ପଠାଇଥିଲେ । ଚିନ ଦେଶର ଇତିହାସ ଓ କାଗଜ ପତ୍ରରୁ ଏହି କଥାର ସନ୍ଧାନ ମିଳିଛି । ଭୌମ ରାଜାମାନଙ୍କର ରାଜଧାନୀ ଯାଜପୁରରେ ଥିଲା ଓ ସେମାନଙ୍କ ଅକ୍ଷୟକୀର୍ତ୍ତି କଟକ ଜିଲ୍ଲାର ଲଳିତଗିରି, ଉଦୟଗିରି ଓ ରତ୍ନଗିରିଠାରେ ଏବଂ ବାଲେଶ୍ୱରଜିଲ୍ଲାର ଖଡ଼ିପଦା ଗ୍ରାମରେ ମିଳିଅଛି । ଖଡ଼ିପଦାର ମୂର୍ତ୍ତି ଗୁଡ଼ିକ ଭୁବନେଶ୍ୱର ମିଉଜିଅମକୁ ଅପସାରିତ ହୋଇ ସୁରକ୍ଷିତ ଅଛି । ଏହି ବଂଶୀୟ ରାଜାମାନେ ବୌଦ୍ଧ ଥିଲେ ମଧ୍ୟ ବ୍ରାହ୍ମଣ୍ୟ ଧର୍ମପ୍ରତି ଏମାନଙ୍କର ସହାନୁଭୂତି ଥିଲା । ଭୁବନେଶ୍ୱରର କେତେକ ପ୍ରାଚୀନ ମନ୍ଦିର ଏହି ବଂଶୀୟ ରାଜାମାନଙ୍କର ରାଜତ୍ୱକାଳରେ ଗଠିତ ହୋଇଥିଲା । ଶେଷକୁ ଏହି ବଂଶରେ କେତେଜଣ ରାଣୀ ରାଜତ୍ୱ କରିଥିବାରୁ ବୋଧହୁଏ ବଂଶଟି ଦୁର୍ବଳ ହୋଇ ଲୋପ ପାଇଲା ।

**ଅନ୍ୟାନ୍ୟ ରାଜବଂଶ:** ଭୌମ ରାଜତ୍ୱର ଶେଷ ଭାଗରେ ସାର୍ବଭୌମଶକ୍ତି ଦୁର୍ବଳ ହେବାପରେ ଓଡ଼ିଶାରେ ଭଞ୍ଜ, ସ୍ତମ୍ଭ, ତୁଙ୍ଗ କଦମ୍ବ ପ୍ରଭୃତି ରାଜବଂଶର ଅଭ୍ୟୁଦୟ ହୋଇଥିଲା । ସେମାନେ ନିଜ ନିଜ ନାମରେ ତମ୍ବାପଟା ଦାନ କରିଥିଲେ ଓ ନିଜ ନିଜ ରାଜଧାନୀରେ ମନ୍ଦିର ଓ ମୂର୍ତ୍ତି ଗଠନ କରିଥିଲେ । ମୟୂରଭଞ୍ଜର ଖିଚିଙ୍ଗ (ପ୍ରାଚୀନ ଖିଞ୍ଜିଙ୍ଗ କୋଟ) ଓ ଢେଙ୍କାନାଳର କୋଅାଲି (ପ୍ରାଚୀନ କୋଦାଲକ) ଓ ବୌଦର ବୌଦଗଡ଼ ଓ ଗନ୍ଧରାଡ଼ୀ ମନ୍ଦିରଗୁଡ଼ିକ ଅଦ୍ୟାପି ବିଦ୍ୟମାନ ଅଛି ।'

**ସୋମ ବଂଶ ବା ସୋମକୁଳୀ ବଂଶ:** ଭୌମ ରାଜବଂଶ ପରେ ସୋମକୁଳୀ ରାଜବଂଶ ଓଡ଼ିଶାରେ ରାଜତ୍ୱ କରିଥିଲେ । ଏହି ବଂଶୀୟ ରାଜାମାନଙ୍କର ବହୁ ତାମ୍ର ଶାସନ ଓ ଶିଳାଲିପି ମିଳିଅଛି । ଏହି ବଂଶ ପ୍ରାୟ ଖ୍ରୀ: ୯୪୦-୫୦ ମଧ୍ୟରେ ସ୍ଥାପିତ ହୋଇଥିଲା ଓ ଖ୍ରୀ ୧୧୧୨ ପୂର୍ବରୁ ଲୋପ ପାଇଥିଲା । ଏହି ବଂଶୀୟ ରାଜାମାନଙ୍କ ମଧ୍ୟରେ ନିଜର ନାମ ରଖିନଥିବା ଜଣେ ରାଜା ଲିଙ୍ଗରାଜ ମନ୍ଦିର ଭୁବନେଶ୍ୱରରେ ଗଢ଼ାଇଥିଲେ । ଭୁବନେଶ୍ୱରର ବ୍ରହ୍ମେଶ୍ୱର ମନ୍ଦିର ଏହି ବଂଶର ରାଣୀ କୋଲାବତୀ ଦେବୀଙ୍କ ଦ୍ୱାରା ନିର୍ମିତ ହୋଇଥିବାର କଥା ବ୍ରହ୍ମେଶ୍ୱର ମନ୍ଦିରର ଶିଳା-ଲିପିରୁ ଜଣାଯାଏ । କୋଲାବତୀଙ୍କର ପୁତ୍ର ମହାରାଜାଧିରାଜ ଉଦ୍ୟୋତ କେଶରୀ ଦେବଙ୍କ ରାଜତ୍ୱ ସମୟର ଦୁଇଟି ଶିଳାଲିପି ଖଣ୍ଡଗିରିର ଗୁମ୍ଫାରେ ଅଛି । ତାଙ୍କ ପ୍ରଦତ୍ତ ବାଲିଝରିର (ନରସିଂହପୁରର) ତମ୍ବା ପଟାରୁ ତାଙ୍କର ଅନେକ କଥା ଜଣାଯାଏ । ରତ୍ନଗିରିର କର୍ଣ୍ଣଦେବଙ୍କ ତମ୍ବାପଟାରୁ ଜଣାଯାଏ ଯେ କର୍ଣ୍ଣଦେବ ଉଦ୍ୟୋତ କେଶରୀଙ୍କ ନାତିଥିଲେ । ଏଣୁ ସେ ସୋମକୁଳୀ ରାଜବଂଶର ଶେଷରାଜା ଥିଲେ ବୋଲି ଅନୁମିତ ହୁଏ ।

**ଗଙ୍ଗ ବଂଶ:** ଗଙ୍ଗ ରାଜବଂଶ କଳିଙ୍ଗର ଏକ ବହୁ ପ୍ରାଚୀନ ବଂଶ । ଏହି ବଂଶୀୟ ରାଜାମାନେ ମୁଖଲିଙ୍ଗରେ ଖ୍ରୀଷ୍ଟାବ୍ଦ ପଞ୍ଚମ ଶତାବ୍ଦୀରୁ ରାଜତ୍ୱ କରୁଥିବାର ପ୍ରମାଣ ଅଛି । ଖ୍ରୀଷ୍ଟୀୟ ୧୨ଶ ଶତାବ୍ଦୀର ଆରମ୍ଭରେ ଏହି ବଂଶରେ ଚୋଡ଼ଗଙ୍ଗ ଦେବ ନାମରେ ଜଣେ ରାଜା ଓଡ଼ିଶା ଅଧିକାର କଲେ । ସେ ଯେଉଁ ରାଜାଙ୍କୁ ପରାଜିତ କରି ରାଜା ହୋଇଥିଲେ, ସେ ରାଜାଙ୍କର ନାମ ବା ବଂଶର କଥା କୌଣସି ଠାରେ ଉଲ୍ଲେଖ ନାହିଁ । ଏତିକମାତ୍ର ନିଶ୍ଚିତ ଭାବରେ ଜଣାଯାଇ ଅଛି ଯେ ସେ ଲିଙ୍ଗରାଜ ମନ୍ଦିରରେ ଖ୍ରୀ: ୧୧୧୪ ରେ ଏକ ଲିପି ଲେଖାଇ ଥିଲେ । ତାଙ୍କର କୋର୍ଣ୍ଣୀ ତମ୍ବା ପଟାରେ ଉଲ୍ଲେଖ ଅଛି ଯେ ଖ୍ରୀ ୧୧୧୨ ବେଳକୁ ସେ ଉତ୍କଳ ଅଧିକାର କରିଥିଲେ । ଏଣୁ ଚୋଡ଼ଗଙ୍ଗଙ୍କର ଓଡ଼ିଶା ଅଧିକାର ଖ୍ରୀ: ୧୧୧୦-୧୨ ମଧ୍ୟରେ ହୋଇଥିଲା । କିନ୍ତୁ ପୂର୍ବବର୍ତ୍ତୀ ଐତିହାସିକ ମାନେ ଚୋଡ଼ଗଙ୍ଗଙ୍କର ଓଡ଼ିଶାରେ ରାଜତ୍ୱକାଳ ଖ୍ରୀ ୧୦୭୬ ଠାରୁ ଗଣନା

କରିଥିଲେ । ସେ ୧୦୭୬ ବେଳକୁ ପ୍ରାୟ ୨୩ବର୍ଷ ବୟସରେ କଳିଙ୍ଗରେ ରାଜା ହୋଇଥିଲେ ଓ ସେତେବେଳେ ଓଡ଼ିଶାରେ ସୋମକୁଳୀ ବଂଶ ରାଜତ୍ୱ କରୁଥିଲା । ଚୋଡ଼ଗଙ୍ଗ ପ୍ରଥମେ ଦକ୍ଷିଣକୁ ରାଜ୍ୟ ବିସ୍ତାର କରି ଥିଲେ ଓ ପରେ ଉତ୍କଳ ଅଧିକାର କରି ଉତ୍ତର ଦିଗରେ ଗଙ୍ଗାନଦୀ ପର୍ଯ୍ୟନ୍ତ ରାଜ୍ୟ ବିସ୍ତାର କରିଥିଲେ । ଚୋଡ଼ଗଙ୍ଗ 'ବାରାଣାସୀ' ଠାରୁ ରାଜଧାନୀ ଉତ୍ତର ଦିଗକୁ ଉଠାଇ ଆଣିଥିଲେ । ସେ ଖ୍ରୀ: ୧୧୪୭ ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ । ତାଙ୍କର ଓଡ଼ିଶାରେ ରାଜତ୍ୱ କାଳରେ ସେ ପୁରୀର ଜଗନ୍ନାଥ ମନ୍ଦିର ନିର୍ମାଣ କରିଥିଲେ । ଏଣୁ ଜଗନ୍ନାଥ ମନ୍ଦିରର ନିର୍ମାଣ କାର୍ଯ୍ୟ ଖ୍ରୀ: ୧୧୪୭ ପୂର୍ବରୁ ସମ୍ପାଦିତ ହୋଇଥିଲା । ମନମୋହନ ଚକ୍ରବର୍ତ୍ତୀ ଏସିଆଟିକ ସୋସାଇଟି ପତ୍ରିକାରେ ୧୮୯୮ରେ ଲେଖିଥିଲେ ଯେ ପୁରୀ ଜଗନ୍ନାଥ ମନ୍ଦିର ଖ୍ରୀ୧୦୮୫-୯୦ ମଧ୍ୟରେ ଚୋଡ଼ଗଙ୍ଗଙ୍କଦ୍ୱାରା ନିର୍ମିତ ହୋଇଥିଲା । ତେଣୁ ତାଙ୍କର ଗଣନା ଭ୍ରମାତ୍ମକ । ଚୋଡ଼ଗଙ୍ଗଙ୍କଠାରୁ ଭାନୁଦେବ ୪ର୍ଥଙ୍କ ପର୍ଯ୍ୟନ୍ତ ଅର୍ଥାତ୍ ଖ୍ରୀ୧୧୧୦ଠାରୁ ୧୪୩୫ ପର୍ଯ୍ୟନ୍ତ ପ୍ରାୟ ଦୀର୍ଘ : ୩୨୫ ବର୍ଷ କାଳ ଗଙ୍ଗବଂଶୀୟ ରାଜାମାନେ ରାଜତ୍ୱ କରିଥିଲେ । ଏଗୋଟିଏ ରାଜବଂଶର ଏତେ ଦୀର୍ଘକାଳ ରାଜତ୍ୱ ଇତିହାସରେ ଅନ୍ୟନ୍ୟ ବିରଳ । ଏହି ରାଜାମାନଙ୍କର କଥା ବହୁ ତମ୍ବା ପଟା ଓ ଶିଳା ଲିପିରୁ ମିଳେ । ଗଙ୍ଗ ବଂଶୀୟ ଲିପିମାଳା ଏତେ ଅଧିକ ଯେ ସେଗୁଡ଼ିକ ସଜାଇ ପାରିଲେ ଓଡ଼ିଶା ଇତିହାସର ଦୀର୍ଘ ୩୦୦ ବର୍ଷ ବିବରଣ ବର୍ଷକୁ ବର୍ଷ ଯେ ମିଳିବ ଏଥିରେ ସନ୍ଦେହ ନାହିଁ । ଦୁର୍ଭାଗ୍ୟବଶତଃ ସେଥିରୁ ଅଧିକାଂଶ ତେଲୁଗୁ ଅକ୍ଷରରେ ଓ ତେଲୁଗୁ ଓ ଓଡ଼ିଆମିଶ୍ରିତ ଭାଷାରେ ଲିଖିତ ହୋଇଥିବାରୁ ସେଗୁଡ଼ିକ ତେଲୁଗୁ ଅକ୍ଷରରେ ଦକ୍ଷିଣ ଭାରତୀୟ ଲିପିମାଳା (**South Indian Inscriptions**) ଗ୍ରନ୍ଥାବଳୀରେ ମୁଦ୍ରିତ ଅଛି । ସେହି ଲିପିଗୁଡ଼ିକ ଦେବନାଗରୀ ଅକ୍ଷରରେ ମୁଦ୍ରିତ ହୋଇଥିଲେ ଉତ୍ତର ଭାରତୀୟ ଐତିହାସିକମାନେ ତା ଉପରେ କାର୍ଯ୍ୟ କରିବାକୁ ସମର୍ଥ ହୋଇଥାନ୍ତେ । ଅନଙ୍ଗ ଭୀମ ଦେବଙ୍କର ନଗରୀ ତମ୍ବା ପଟାରୁ ଜଣାଯାଏ ଯେ ସେ ଆଧୁନିକ କଟକରେ ରାଜଧାନୀ ସ୍ଥାପନ କରି ତାହାର ନାମ ଅଭିନବ ବାରଣସୀ କଟକ ରଖିଥିଲେ । ନରସିଂହ ଦେବ ୧ମ ଖ୍ରୀ: ୧୨୩୮ ରୁ ୧୨୬୪ ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ । ସେ ବଙ୍ଗର

ମୁସଲମାନରାଜାଙ୍କୁ ବହୁବାର ଯୁଦ୍ଧରେ ପରାଜିତ କରିଥିଲେ ଓ କୋଣାର୍କର ସୂର୍ଯ୍ୟ ମନ୍ଦିର ଗଢ଼ାଇ ଥିଲେ । ଏହି ମନ୍ଦିରର ଗଠନ କାଳ ଖ୍ରୀ ୧୨୫୦-୭୦ ମଧ୍ୟରେ ନିର୍ଣ୍ଣିତ ହୁଏ ।

ଗଙ୍ଗବଂଶ ପରେ ଓଡ଼ିଶାରେ ତିନୋଟି ରାଜବଂଶ ପ୍ରତିଷ୍ଠିତ ହୋଇଥିଲା । ସେହି ସବୁ ରାଜବଂଶର ସ୍ଥାପୟିତା ସାର୍ବଭୌମ ରାଜାଙ୍କର ସେନାପତି ଥିଲେ । ଏଣୁ ଏହି ରାଜବଂଶଗୁଡ଼ିକୁ ସେନାପତି ରାଜବଂଶ ଆଖ୍ୟା ଦିଆଯାଇଛି । ସେନାପତି ରାଜବଂଶ ପ୍ରଥମ ହେଲା ସୂର୍ଯ୍ୟବଂଶ । ଏହି ବଂଶର ପ୍ରଥମ ରାଜା କପିଳେଶ୍ୱର ଦେବ ଗଙ୍ଗରାଜାଙ୍କୁ ରାଜଗାଦିରୁ ବହିଷ୍କୃତ କରି ଓଡ଼ିଶାରେ ରାଜାହେଲେ । ଏହାଙ୍କର ପୁତ୍ର ପୁରୁଷୋତ୍ତମ ଦେବ ଓ ନାତି ପ୍ରତାପରୁଦ୍ର ଦେବ । ଏହି ବଂଶ ଖ୍ରୀ: ୧୪୩୫ ଠାରୁ ଖ୍ରୀ ୧୫୩୪ ପର୍ଯ୍ୟନ୍ତ ପ୍ରାୟ ୧୦୦ ବର୍ଷ ରାଜତ୍ୱ କରିଥିଲେ । ଏମାନଙ୍କର ଅନେକ ତାମ୍ର ଶାସନ ଓ ଲିପି ମିଳିଛି ।

**ସେନାପତି ରାଜବଂଶ ୨ୟ—ଭୋଇ ବଂଶ:** ସୂର୍ଯ୍ୟବଂଶୀୟ ରାଜା ପ୍ରତାପରୁଦ୍ରଙ୍କ ସେନାପତି ଗୋବିନ୍ଦ ବିଦ୍ୟାଧର କାମ୍ୟଦେହୀ ଅନୁସାରେ ରାଜାଙ୍କର ପୁତ୍ରମାନଙ୍କୁ ହତ୍ୟାକରି ରାଜସିଂହାସନ ଅଧିକାର କରିଥିଲେ ଖ୍ରୀ: ୧୫୩୪ ରେ । ଏହି ବଂଶ ୧୫୫୯ ପର୍ଯ୍ୟନ୍ତ ୨୫ ବର୍ଷ ରାଜତ୍ୱ କରିଥିଲେ । ଏହି ବଂଶର କେତୋଟି ମାତ୍ର ଶିଳାଲେଖ ଅଛି । ଓଡ଼ିଶାରେ ସ୍ୱାଧୀନତା ଲୋପ ପରେ ଏହି ବଂଶ ଖୋର୍ଦ୍ଧାରେ ରାଜତ୍ୱ କଲେ ।

**ସେନାପତି ରାଜବଂଶ ତୃତୀୟ—ଚାଲୁକ୍ୟ ବଂଶ:** ଚାଲୁକ୍ୟ ବଂଶୀୟ ମୁକୁନ୍ଦଦେବ ଶ୍ରୀଚନ୍ଦନ ଭୋଇ ବଂଶର ସେନାପତି ଥିଲେ । ସେ ଭୋଇବଂଶ ଲୋପକରି ଓଡ଼ିଶାର ସିଂହାସନ ଅଧିକାର କରିଥିଲେ । ବଙ୍ଗଳାର ପଠାଣ ସୁଲତାନ ସୁଲେମାନ୍‌ଙ୍କ ସେନାପତି କଳାପାହାଡ଼ ମୁକୁନ୍ଦଦେବଙ୍କୁ ଖ୍ରୀ ୧୫୬୮ ରେ ଯୁଦ୍ଧରେ ହତ୍ୟାକରି ଓଡ଼ିଶା ଅଧିକାର କରିବାରୁ ଓଡ଼ିଶାର ସ୍ୱାଧୀନତା ଲୋପ ହେଲା ।

**ଖୋର୍ଦ୍ଧାର ଭୋଇ ରାଜବଂଶ:** ଦନାଇ ବା ଜନାର୍ଦ୍ଦନ ବିଦ୍ୟାଧର ଗୋବିନ୍ଦ ବିଦ୍ୟାଧରଙ୍କ ସେନାପତି ଥିଲେ । ଖ୍ରୀ ୧୫୬୮ ରେ

ଓଡ଼ିଶାର ସ୍ୱାଧୀନତା ଲୋପ ପାଇଲା ପରେ ଦନାଇ ବିଦ୍ୟାଧରଙ୍କ ପୁଅ ରାମଚନ୍ଦ୍ର ଦେବ ଓଡ଼ିଶାର ଅରାଜକତା ସମୟରେ ଖୋର୍ଦ୍ଧା ରାଜ୍ୟ ସ୍ଥାପନ କରି ମୋଗଲ ସମ୍ରାଟଙ୍କଦ୍ୱାରା ଜମିଦାରରୂପେ ସ୍ୱୀକୃତ ହେଲେ । ରାମଚନ୍ଦ୍ର ଦେବଙ୍କର ପ୍ରଧାନ କାର୍ଯ୍ୟ ଜଗନ୍ନାଥ ମନ୍ଦିରରେ ପୁନର୍ବାର ମୂର୍ତ୍ତି ପ୍ରତିଷ୍ଠା । ଏଥିପାଇଁ ସେ ଦେଶର ମଉଡ଼ମଣି ହେଲେ । ତାଙ୍କର ବଂଶଧର ଏବେବି ମଧ୍ୟ ପୁରୀରେ ରାଜା ଅଛନ୍ତି । ଭୋଇ ବଂଶୀୟ ରାଜାମାନଙ୍କର ଅଙ୍କ ଗଣନା ଓଡ଼ିଆ ସାହିତ୍ୟର ଇତିହାସ ପାଇଁ ବଡ଼ ଉପାଦେୟ । ଶ୍ରୀ କେଦାରନାଥ ମହାପାତ୍ର ଭୋଇବଂଶ ଉପରେ ଅନେକ ଅନୁସନ୍ଧାନ କରିଅଛନ୍ତି । ଯାହାଦ୍ୱାରା ଓଡ଼ିଆ ସାହିତ୍ୟର ଇତିହାସ ଉଜ୍ଜ୍ୱଳ ହେବ । ରାଜାଙ୍କର ଅଙ୍କ ଗଣନା ଦ୍ୱାରା କବିମାନଙ୍କର ସମୟ ସହଜରେ ନିରୂପିତ ହୋଇ ପାରୁଛି ।

**କଳା:** ଧଉଳି ପାହାଡ଼କୁ ଲାଗିଥିବା ଅଶ୍ୱତ୍ଥମା ପାହାଡ଼ର ଶିଖରଦେଶରେ ଓ ଅଶୋକ ଅନୁଶାସନର ଠିକ୍ ଉପରେ ଖୋଦିତ ହାତୀର ଅଗ୍ରଭାଗ ମୂର୍ତ୍ତିଟି ଓଡ଼ିଶାର ପ୍ରାଚୀନତମ ଭାସ୍କର୍ଯ୍ୟର ନିଦର୍ଶନ । ଏହାର ଗଠନ କାଳ ଖ୍ରୀ: ପୂ: ୩ୟ ଶତାବ୍ଦୀ—ଅଶୋକ ଅନୁଶାସନର ସମସାମୟିକ । ମୌର୍ଯ୍ୟ ଯୁଗର ଏହି କଳା ନିଦର୍ଶନର ଠିକ୍ ପରବର୍ତ୍ତୀ କାଳର କୀର୍ତ୍ତି ଉଦୟଗିରି ଓ ଖଣ୍ଡଗିରିର ଗୁମ୍ଫା ସମୂହ ଓ ତହିଁର ଭାସ୍କର୍ଯ୍ୟ । ଭୁବନେଶ୍ୱର ନିକଟବର୍ତ୍ତୀ କପିଳ ପ୍ରସାଦ ଗ୍ରାମରେ ଥିବା ଗୋଟିଏ ନାଗମୂର୍ତ୍ତି ଓ ଦୁଇଟି ନାଗିନୀ ମୂର୍ତ୍ତି ମଧ୍ୟ ଏହି ଯୁଗର କାର୍ଯ୍ୟ । ଏହି ସବୁ କାର୍ଯ୍ୟର ସମୟ ଖ୍ରୀ: ପୂ ୨ୟ ଓ ୧ମ ଶତାବ୍ଦୀ । ଡାକ୍ତର କୃଷ୍ଣଚନ୍ଦ୍ର ପାଣିଗ୍ରାହୀ ଓ ଅନ୍ୟାନ୍ୟ ବିଶେଷଜ୍ଞମାନେ ସ୍ଥିର କରିଅଛନ୍ତି ଯେ ଏ ଯୁଗର କଳାରେ ମନୁଷ୍ୟ ଓ ଜୀବଜନ୍ତୁ ମୂର୍ତ୍ତି ନିର୍ମାଣରେ ଶିଳ୍ପୀ ଖୁବ୍ ପାରଦର୍ଶିତା ଦେଖାଇ ପାରିଛି । ଏହି ସବୁ ମୂର୍ତ୍ତି ବୋଧଗୟା, ସାଞ୍ଚି ଓ ଭାରହୁତର କାର୍ଯ୍ୟ ସହିତ ତୁଳନୀୟ । ଉଦୟଗିରି ଓ ଖଣ୍ଡଗିରିର ଜୟ ବିଜୟ, ପଣସ, ସ୍ୱର୍ଗପୁରୀ, ମଞ୍ଚପୁରୀ, ଗଣେଶ, ରାଣୀ-ନହର, ଅନନ୍ତ ଗୁମ୍ଫାଦି ତତ୍କାଳୀନ କୀର୍ତ୍ତି ସମୂହରେ ସ୍ଥାପତ୍ୟ ଓ ଭାସ୍କର୍ଯ୍ୟର ଉଜ୍ଜ୍ୱଳ ନିଦର୍ଶନ ଦେଖିବାକୁ ମିଳେ । ଶିଳ୍ପୀଗଣ ଗିରିଗାତ୍ର ଖୋଦିତକରି ତହିଁରେ

ବସତି ପାଇଁ ଯେଉଁ ଆଦର୍ଶ ଦେଖାଇଅଛନ୍ତି ତହିଁରେ ଶିଳ୍ପଜ୍ଞାନର ପରାକାଷ୍ଠାର ପରିଚୟ ମିଳେ । ଓଡ଼ିଶାର ଏହି ଯୁଗର କଳା ପ୍ରଭାବ ପରବର୍ତ୍ତୀ ଯୁଗରେ କିପରି ପଡ଼ିଥିଲି ତାହା ଜାଣିବାର ଉପାୟ ନାହିଁ । ଏହି ଯୁଗର ଗୁହା-ସ୍ଥାପତ୍ୟ ପରବର୍ତ୍ତୀ ଯୁଗରେ ପୁନରାବୃତ୍ତ ହୋଇଥିଲାପରି ଜଣାଯାଏ ନାହିଁ । କେବଳ ଖ୍ରୀ:୧୦ମ ଓ ୧୧ଶ ଶତାବ୍ଦୀରେ ଖଣ୍ଡଗିରିର କେତୋଟି ଗୁହା ପରିବର୍ତ୍ତିତ ହୋଇ ତହିଁର କାନ୍ଥରେ ୨୪ଟି ଜୈନ ତୀର୍ଥଙ୍କର ଓ ଶାସନ ଦେବୀଙ୍କ ମୂର୍ତ୍ତି ଖୋଦିତ ହୋଇଥିଲା ମାତ୍ର । ଖ୍ରୀ:୧୦ମ ଓ ୧୧ଶ ଶତାବ୍ଦୀରେ ନୂତନ ଗୁମ୍ଫା ନିର୍ମିତ ହୋଇଥିବାର ସ୍ପଷ୍ଟ ପ୍ରମାଣର ଅଭାବ ଲକ୍ଷିତ ହୁଏ । ଉଦୟଗିରି ଓ ଖଣ୍ଡଗିରିର ପାହାଡ଼ରେ ଖୋଦିତ ପ୍ରାଚୀନ ମୂର୍ତ୍ତିଗୁଡ଼ିକ ମଧ୍ୟରେ ଜୈନଧର୍ମର ଉପାସ୍ୟ ଦେବତାଙ୍କର ମୂର୍ତ୍ତି ନାହିଁ । କିନ୍ତୁ ପରବର୍ତ୍ତୀ ଯୁଗରେ ଖଣ୍ଡଗିରିର କେତୋଟି ଗୁହାରେ ଜୈନ ତୀର୍ଥଙ୍କର ଓ ଶାସନ ଦେବୀମାନଙ୍କର ମୂର୍ତ୍ତି ଖୋଦିତ ହୋଇଅଛି । ଉପାସ୍ୟ ଦେବତା ନ ହେଲେ ମଧ୍ୟ ଉଦୟଗିରି ଓ ଖଣ୍ଡଗିରିର ପ୍ରାଚୀନ ଗୁମ୍ଫାରେ ଥିବା ମୂର୍ତ୍ତି-ଗୁଡ଼ିକର ଶିଳ୍ପୀମାନେ ସୌନ୍ଦର୍ଯ୍ୟ ଫୁଟାଇବାରେ ପାରଦର୍ଶୀ ଥିଲେ । ଉଦୟଗିରି ଓ ଖଣ୍ଡଗିରି ବ୍ୟତୀତ ଏହି ଯୁଗର ପ୍ରାଚୀନ ସ୍ଥାପତ୍ୟ ଓ ଭାସ୍କର୍ଯ୍ୟର ନିଦର୍ଶନ ଓଡ଼ିଶାର ଅନ୍ୟତ୍ର ଦେଖିବାକୁ ମିଳେ ନାହିଁ । କେବଳ ଏତିକି ନୁହେଁ ଖ୍ରୀଷ୍ଟୀୟ ୧ମ ଶତାବ୍ଦୀ ଠାରୁ ୭ମ ଶତାବ୍ଦୀ ପର୍ଯ୍ୟନ୍ତ ୬୦୦ ବର୍ଷ କାଳ ମଧ୍ୟରେ ଓଡ଼ିଶାର ସ୍ଥାପତ୍ୟ ଓ ଭାସ୍କର୍ଯ୍ୟ କିପରି ଥିଲା ତାହା, ଇତିହାସ ସଦୃଶ, ଅଦ୍ୟାପି ଅନ୍ଧକାରାଚ୍ଛନ୍ନ ଓ ଅଜ୍ଞାତ ଅଛି । କେବଳ କେଉଁଝରର ସୀତାବିଞ୍ଜିଠାରେ ଯେଉଁ ଚିତ୍ରିତ ମିଳିଅଛି ତହିଁରେ ଥିବା ଉତ୍କୀର୍ଣ୍ଣ ଲିପିରୁ ଜଣାଯାଏ ଯେ ଏହା ଖ୍ରୀ: ୫ମ ୬ଷ୍ଠ ଶତାବ୍ଦୀର କାର୍ଯ୍ୟ । ସମଗ୍ର ଓଡ଼ିଶାରେ ଏପରି ଉତ୍କୃଷ୍ଟ ଧରଣର ଚିତ୍ରକଳାର ନିଦର୍ଶନ ଅନ୍ୟତ୍ର ମିଳେ ନାହିଁ । ଏହି ଏକମାତ୍ର ନିଦର୍ଶନରୁ ଜଣାଯାଉଅଛି ପ୍ରାଚୀନ ଓଡ଼ିଶାରେ ଚିତ୍ରକଳାର ଉତ୍କର୍ଷତା କିପରି ଉନ୍ନତଥିଲା ! କେହି କେହି ବିଶେଷଜ୍ଞ ଏହି ଚିତ୍ର କଳାକୁ ଅଜନ୍ତାର ଚିତ୍ରକଳା ସହିତ ତୁଳନାରେ ଏକ ଥିବାର କଥା କହିଅଛନ୍ତି ।

ଗୁପ୍ତ ସାମ୍ରାଜ୍ୟର ପ୍ରଭାବ ଓଡ଼ିଶାରେ ପଡ଼ିଥିବାର ପ୍ରମାଣ 'ସୁମଣ୍ଡଳ' ଓ 'କଣାସ'ର ତମ୍ବାପଟାଗୁଡ଼ିକରୁ ମିଳେ । ଏ ଗୁଡ଼ିକର

ଲିଖନକାଳ ଖ୍ରୀ: ୭ମ ଶତାବ୍ଦୀର ଶେଷାର୍ଦ୍ଧ । ଏ ସମୟରେ ଦକ୍ଷିଣ ଓଡ଼ିଶାରେ ବିଗ୍ରହ ବଂଶ ରାଜତ୍ୱ କରୁଥିଲେ । ଏହାପରେ ଶଶାଙ୍କ ଓଡ଼ିଶାର ରାଜ-ଚକ୍ରବର୍ତ୍ତୀ ହୋଇଥିଲେ, ଖ୍ରୀ: ୭ମ ଶତାବ୍ଦୀର ପ୍ରଥମ ପାଦରେ । ତାଙ୍କର ରାଜଧାନୀ ଥିଲା କର୍ଣ୍ଣସୁବର୍ଣ୍ଣ । ଶଶାଙ୍କଙ୍କର ସାମନ୍ତ ରାଜାମାନେ ଓଡ଼ିଶାର ମେଦିନୀପୁରଠାରୁ ଗଞ୍ଜାମପର୍ଯ୍ୟନ୍ତ ଥିଲେ ଓ ତାଙ୍କର ରାଜତ୍ୱର ପ୍ରମାଣମୂଳକ ଲିପି କେବଳ ଓଡ଼ିଶାରୁହିଁ ମିଳିଛି । ହୁଏନସାଁ ବର୍ଣ୍ଣିତ କର୍ଣ୍ଣସୁବର୍ଣ୍ଣ ଆବିଷ୍କୃତ ହେଲେ ଚୀନ ପରିବ୍ରାଜକଙ୍କ ବର୍ଣ୍ଣିତ ସ୍ଥାପତ୍ୟ ଓ ଭାସ୍କର୍ଯ୍ୟର ନିଦର୍ଶନ ମିଳିବ । ଏହା କଳ୍ପିତ ଯେ କର୍ଣ୍ଣ ସୁବର୍ଣ୍ଣର ଭୌଗୋଳିକ ଅବସ୍ଥିତି ପ୍ରାଚୀନ ଓଡ଼ିଶା ଅନ୍ତର୍ଗତ ମାନଭୂମ ଓ ସିଂହଭୂମ ଜିଲ୍ଲାର କୌଣସି ସ୍ଥାନରେ ଥିଲା ।

ଏହାପରେ ଓଡ଼ିଶାରେ ଭୌମ ରାଜବଂଶ ରାଜଚକ୍ରବର୍ତ୍ତୀ ଥିଲେ । ଖ୍ରୀ: ୭ମ ଓ ୮ମ ଶତାବ୍ଦୀରେ ମନ୍ଦିର ଓ ମୂର୍ତ୍ତି ଗଠନର ସୂତ୍ରପାତ ଓଡ଼ିଶାରେ ହୋଇଥିଲା । ତତ୍‌ପୂର୍ବରୁ ମନ୍ଦିର ଓ ମୂର୍ତ୍ତି ଗଠନର ପ୍ରମାଣ ମିଳେ ନାହିଁ । ଏହି ସମୟରେ 'ଶୈବ ଓ ଶାକ୍ତ' ବୌଦ୍ଧ ଓ ଜୈନଧର୍ମର ଗଠନ କରିବାରେ ପ୍ରୟାସୀ ଥିଲେ । ଓଡ଼ିଶାରେ ଏହି ନବ-ଜାଗରଣର ଉତ୍ସ କେଉଁଠାରେ ? ଓଡ଼ିଶାରେ ନା ବାହାରେ ? ଉତ୍ତର ଭାରତରେ ମଥୁରା ଏକ ପ୍ରାଚୀନତମ ତୀର୍ଥ ଥିଲା । ଏଠାରେ ବୌଦ୍ଧମାନେ ପ୍ରଥମେ ମୂର୍ତ୍ତି ପୂଜାର ପ୍ରଚଳନ କରିଥିଲେ । ଏହାପରେ ଅନ୍ୟାନ୍ୟ ଧର୍ମମତର ଲୋକମାନେ ଉପାସ୍ୟ ଦେବତାର ମୂର୍ତ୍ତି ଗଠନ ପାଇଁ ତତ୍ପର ଥିଲେ । ଯେଉଁ ସମୟରେ ମଥୁରାରେ ମୂର୍ତ୍ତି ଗଠନର ଚେଷ୍ଟା ଚାଲିଥିଲା, ସେହି ସମୟରେ ଦକ୍ଷିଣ ଭାରତର ଅମରାବତୀଠାରେ ମଧ୍ୟ ବୌଦ୍ଧମୂର୍ତ୍ତି ନିର୍ମିତ ହୋଇଥିଲା । ସମ୍ଭବତଃ ଓଡ଼ିଶାର ମୂର୍ତ୍ତି ଗଠନରେ ଉତ୍ତର ଓ ଦକ୍ଷିଣ ଭାରତର ପ୍ରଭାବ ପଡ଼ିଥିଲା । ସେ ସବୁ ସ୍ଥାନରୁ ଧୀରେ ଧୀରେ ଏହି କଳା ପ୍ରଭାବ ପ୍ରସାରିତ ହୋଇ ଓଡ଼ିଶାର ଉପକୂଳରେ ପ୍ରାୟ ଖ୍ରୀ: ୭ମ ଶତାବ୍ଦୀରେ ବିକଶିତ ହୋଇଥିଲା । କିନ୍ତୁ ଓଡ଼ିଶାର ମନ୍ଦିର ଗଠନଶୈଳୀରେ ସ୍ୱତନ୍ତ୍ରତା ଥିବାର ପ୍ରତୀୟମାନ ହୁଏ । କାରଣ ଏପରି ଗଠନ ସମକାଳୀନ ଉତ୍ତର ଭାରତରେ ଦେଖାଯାଏ ନାହିଁ ।

ଓଡ଼ିଶାର କଳାବିକାଶର ଆଦ୍ୟ କେନ୍ଦ୍ର ଉଦୟଗିରି ଓ ଖଣ୍ଡଗିରି ଓ ତନ୍ନିକଟବର୍ତ୍ତୀ ଭୁବନେଶ୍ୱର । ଡାକ୍ତର କୃଷ୍ଣଚନ୍ଦ୍ର ପାଣିଗ୍ରାହୀ

"ଭୁବନେଶ୍ୱରର ମୂର୍ତ୍ତି ଓ ମନ୍ଦିର ଉପରେ ଗବେଷଣା କରି ଏକ ଉତ୍ତମ ପୁସ୍ତକ ଇଂରାଜୀରେ ଲେଖିଅଛନ୍ତି ଓ ତାହାଁରେ ଦର୍ଶାଇ ଅଛନ୍ତି ଯେ ତତ୍ତ୍ୱପର୍ବରୁ ପ୍ରକାଶିତ ଭୁବନେଶ୍ୱର ମହାଶିବତ୍ୱ ଇତିହାସ ସମ୍ପୂର୍ଣ୍ଣ ଭ୍ରମାତ୍ମକ । ଭୁବନେଶ୍ୱରରେ ଥିବା ମନ୍ଦିରଗୁଡ଼ିକରେ ଓଡ଼ିଶାର ସ୍ଥାପତ୍ୟ ଓ ଭାସ୍କର୍ଯ୍ୟର ନିଦର୍ଶନ ଖ୍ରୀ: ୭ମ ଶତାବ୍ଦୀଠାରୁ ଆରମ୍ଭକରି ଖ୍ରୀ: ୧୭ଶ ଶତାବ୍ଦୀ ପର୍ଯ୍ୟନ୍ତ ପ୍ରାୟ ୧୦୦୦ବର୍ଷ ବ୍ୟାପୀ କହିଲେ ଅତ୍ୟୁକ୍ତି ହେବ ନାହିଁ । ଭୁବନେଶ୍ୱରପରି ଶିଳ୍ପଗରିମାର ସ୍ଥାନ ସମଗ୍ର ଭାରତରେ କ୍ୱଚିତ୍ ଦୃଷ୍ଟ ହୁଏନାହିଁ । ପୂର୍ବେ ଯାଜପୁର, ଭୁବନେଶ୍ୱର, ପୁରୀ ଓ କୋଣାର୍କପରି ଓଡ଼ିଶାର ମନ୍ଦିରସ୍ଥାପତ୍ୟ ଯେପରି ବିଦିତ ଥିଲା ଓଡ଼ିଶାର ଜଗନ୍ନାଥସଡ଼କର ନିକଟରେ ମୂର୍ତ୍ତି ଓ ମନ୍ଦିର ଥିବାର କଥା କାହାରିକୁ ସେପରି ଗୋଚର ନଥିଲା । ଭୁବନେଶ୍ୱରର ଅଦୂରବର୍ତ୍ତୀ ପୁରୀ ଜଗନ୍ନାଥ ସଡ଼କ କଡ଼ରେ ଥିବା ହୀରାପୁରର ପ୍ରାଚୀନକୀର୍ତ୍ତି ୧୯୫୨ ପର୍ଯ୍ୟନ୍ତ ଲୋକଲୋଚନର ଅଗୋଚରରେ ଥିଲା । ଏହି ସ୍ଥାନଟି ଭୁବନେଶ୍ୱରଠାରୁ ସିଧାସଳଖରେ ମାତ୍ର ଦୁଇମାଇଲ ହେବ ନାହିଁ, ଅଥଚ ଏଠାର ଚୌଷଠୀ ଯୋଗିନୀ ମନ୍ଦିରରେ ୮୦ରୁ ଅଧିକ ଦେବୀ ମୂର୍ତ୍ତି କାହାର ଦୃଷ୍ଟିଗୋଚର ହୋଇ ନଥିଲା । ଲେଖକ ଭୁବନେଶ୍ୱରରେ ଥିଲାବେଳେ ପାର୍ଶ୍ୱବର୍ତ୍ତୀ ସ୍ଥାନରେ ଅନୁସନ୍ଧାନ କରିବା ପାଇଁ ଯେଉଁ ବ୍ୟବସ୍ଥା ହୋଇଥିଲା ତଦ୍ୱାରା ଲେଖକର ସହକର୍ମୀ ଶ୍ରୀ କେଦାରନାଥ ମହାପାତ୍ର ଏହା ପ୍ରଥମଥର ପାଇଁ ଆବିଷ୍କାର କରିଥିଲେ । ପୁରୀ ଜିଲ୍ଲାର ଉପକୂଳ ଅଞ୍ଚଳରେ ଅନୁସନ୍ଧାନ ଫଳରେ ନିମ୍ନଲିଖିତ ମନ୍ଦିର ଓ ମୂର୍ତ୍ତିମାନ ଆବିଷ୍କୃତ ହୋଇଅଛି ।

ଗଙ୍ଗ-ରାଜତ୍ୱର ପୂର୍ବବର୍ତ୍ତୀ କାଳରେ ନିର୍ମିତ ମନ୍ଦିର ମଧ୍ୟରେ ପୁରୀ ଜିଲ୍ଲା ବାଣପୁରର ଉ: ପ: ଦିଗବର୍ତ୍ତୀ ବଙ୍କୀ ନିକଟରେ ପୁଞ୍ଜୀଆମାଠାରେ ଏକ ପ୍ରାଚୀନ ମନ୍ଦିରର ଭଗ୍ନାବଶେଷ ମିଳେ । ଏହାର ସମ୍ପୂର୍ଣ୍ଣ ଲୁଣ୍ଠିତ ହୋଇନାହିଁ । ତତ୍ପରେ ବାଣପୁରର ଉତ୍ତର ଦିଗରେ ଏକ ଗ୍ରାମରେ ଗୋଟିଏ ବୃହତ୍ ଇଟା ମନ୍ଦିର ଅଛି । ଏଥିମଧ୍ୟରୁ ପ୍ରଥମଟି ଠିକ୍ ଉପକୂଳରେ ନୁହେଁ ବରଂ ଗିରିବନ ସମାକୀର୍ଣ୍ଣ । ୨।୩ବର୍ଷ ତଳେ ବାଣପୁରଠାରେ ମାଟି ଖୋଳିବା ଦ୍ୱାରା ତନ୍ମଧ୍ୟରେ ନିର୍ମିତ ବହୁତ ବୌଦ୍ଧ

ମୂର୍ତ୍ତି ମିଳିଥିଲା । ମୂର୍ତ୍ତିସହିତ ଏ ତାମ୍ରପଟ୍ଟ ମିଳିଥିଲା । ଯାହାକି ପାଠ
ଡାକ୍ତର କୁଞ୍ଜବିହାରୀ ତ୍ରିପାଠୀଙ୍କର ପତ୍ରିକାରେ ୧୯୬୨ରେ ମୁଦ୍ରିତ
କରିଅଛନ୍ତି । ଏହାପରେ ପୁରୀ ଜିଲ୍ଲାର କାକଟପୁର ଅଞ୍ଚଳ ଓ ପ୍ରାଚୀ ନଦୀର
ଅବବାହିକା 'ଲଟାହରଣ'ର ଇଟା ମନ୍ଦିରଟି ଏ ଅଞ୍ଚଳର ଇଟା ମନ୍ଦିର
ମଧ୍ୟରେ ବହୁ ପରିମାଣରେ ଭଲଅଛି । ଅନ୍ୟାନ୍ୟ କେତେକ ମନ୍ଦିର ପ୍ରାୟ
ଭାଙ୍ଗି ଯାଇଛି ବା ଉଦ୍ଧୋନ୍ମୁଖ ଅବସ୍ଥାରେ । ଏମାନଙ୍କ ମଧ୍ୟରୁ [illegible]
ବରାହୀମନ୍ଦିର ବିଶେଷ ଉଲ୍ଲେଖ ଯୋଗ୍ୟ । ଏ ଅଞ୍ଚଳରେ ବହୁ [illegible]
କଷ୍ଟ ମୂର୍ତ୍ତି ଦେଖିବାକୁ ମିଳେ । ତତ୍ପରେ, ଗଙ୍ଗରାଜତ୍ୱକାଳରେ ନିର୍ମିତ
ମନ୍ଦିର ମଧ୍ୟରେ ଅଲଗୁମର ମନ୍ଦିରରେ ଚୋଡ଼ଗଙ୍ଗଙ୍କ ନାମ ମିଳେ ।
ଗିଡେଲାର (ତେଲଙ୍ଗ ନିକଟବର୍ତ୍ତୀ) ମନ୍ଦିରରେ ଥିବା ଲିପିରେ ଚୋଡ଼ଗଙ୍ଗଙ୍କ
ନାମ ଅଛି । ଏହିଭଳି ମନ୍ଦିର ପରେ ପିପିଲି-ଜଟଣୀ ରାସ୍ତା କଡ଼ରେ ଥିବା
କାକୁଡ଼ିଆ ମନ୍ଦିର ବିଶେଷ ଉଲ୍ଲେଖଯୋଗ୍ୟ । କାରଣ ଏଥିରେ
ପାର୍ଶ୍ୱଦେବତାଙ୍କୁ ସ୍ଥାନଦାନର ବ୍ୟବସ୍ଥା ଅଛି । ଏହାପରେ ଅଲ୍ଲୁଗାଁର
ବୁଢ଼ାଯଗାଣ୍ଠ ମନ୍ଦିର । ବଣି ବନେଶ୍ୱର ମନ୍ଦିର । ଏ ଦୁଇଟି ମନ୍ଦିରର ପୀଠ
ଉଚ୍ଚ । ଚୌଦ୍ୱାରର ବାରାହୀ ମନ୍ଦିର ଓ ଗୋପ ନିକଟବର୍ତ୍ତୀ 'ଗନ୍ଧେଶ୍ୱର'
ମନ୍ଦିରର ଶିଖର କୌଶଳ ଦେଉଳ ସାହସ ।

କଟକ ଜିଲ୍ଲାର କାଠଯୋଡ଼ି ନଦୀର ଦକ୍ଷିଣ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ
ପକ୍ଷିଆ ନିକଟବର୍ତ୍ତୀ ଶିଖରଚଣ୍ଡୀ ମନ୍ଦିରରେ ଶିଖର ପରିବର୍ତ୍ତେ ସମତଳ
ଛାତ ଅଛି । କଳା ରାହାଙ୍ଗ ଗ୍ରାମରେ ଗୋଟିଏ ପ୍ରାଚୀନ ମନ୍ଦିର ଅଛି ।
ଫୁଲନଖରା ଠାରୁ ଜଗନ୍ନାଥ ସଡ଼କରୁ ବାହାରିଥିବା ନିଆଳି ମାଧବ
ସଡ଼କରେ ନିଆଳି ଗ୍ରାମରେ ଶୋଭନେଶ୍ୱର ମନ୍ଦିରରେ ଗଙ୍ଗବଂଶୀୟ ଏକ
ଶିଳାଲେଖ ଅଛି । ମାଧବ ଗ୍ରାମରେ ଥିବା ଜଗନ୍ନାଥ ମନ୍ଦିରଟି ଗଙ୍ଗ-
ବଂଶୀୟ ଅନଙ୍ଗଭୀମ ଦେବଙ୍କର କୀର୍ତ୍ତି ବୋଲି କିମ୍ବଦନ୍ତୀ ଅଛି । କାଠ-
ଯୋଡ଼ି ଓ ତାର ଶାଖା ଦେବୀନଦୀର ଉତ୍ତର ଦିଗରେ ଓ ମହାନଦୀର
ଶାଖା ଚିତ୍ରୋତ୍ପଳାର ଦକ୍ଷିଣ ଦିଗରେ ଥିବା କଟକ ଜିଲ୍ଲାର ଉପକୂଳ
ଅଞ୍ଚଳରେ ୨୦ ବର୍ଷ ପୂର୍ବେ କୌଣସି ପ୍ରାଚୀନ କୀର୍ତ୍ତିର କଥା ଜଣା ନ
ଥିଲା । ଲେଖକ ଏହି ଅଂଚଳର କେତେକ ସ୍ଥାନରେ ଅନୁସନ୍ଧାନ କରି

ଅଲ୍‌ଣୀହାଟ ନିକଟରେ କେତୋଟି ମନ୍ଦିର, ବାଲିକୁଦା ।ନିକଟବର୍ତ୍ତୀ ପଚରିହାଟ ନିକଟସ୍ଥ ଏକ ଗ୍ରାମରେ 'ପଞ୍ଚପାଣ୍ଡବ' ଅର୍ଥାତ୍ ପଞ୍ଚାପୁତ୍ତଳର ୫ଟି ଇଟା ମନ୍ଦିର, ତେଣ୍ଡାକୁଡ଼ାର 'ଇଟା' ମନ୍ଦିର ଓ ପରଶୁରାମ କ୍ଷେତ୍ର ବା ସିଦ୍ଧି ମଠରେ ଅନେକ ଗୁଡ଼ିଏ ବ୍ରାହ୍ମଣ୍ୟ ଧର୍ମର ମୂର୍ତ୍ତି ଓ ପୁରୁହଂସ ଗ୍ରାମରେ ଏକ ବିଶାଳ କାରୁକାର୍ଯ୍ୟହୀନ ପଥର ମନ୍ଦିର ଆବିଷ୍କାର କରିଥିଲେ । ଏହି ସବୁ କୀର୍ତ୍ତି ଉପରେ ପ୍ରବନ୍ଧାଦି ଲିଖିତ ହୋଇ ନାହିଁ । ଯାଜପୁର ସବଡ଼ିଭିଜନ ଓ ଚନ୍ଦୋପୃଷ୍ଠୀର ଉତ୍ତର ବର୍ତ୍ତୀ ଅଞ୍ଚଳରେ ବହୁ ପ୍ରାଚୀନ କୀର୍ତ୍ତି ଜଣାଥିଲେ ମଧ୍ୟ ଲେଖକର ଚେଷ୍ଟାରେ ସେଥିରୁ କେତୋଟି ପ୍ରଥମ-ଥର ପାଇଁ ଆବିଷ୍କୃତ ହୋଇଥିଲା । ପୁରୀ ଓ କଟକ ଜିଲ୍ଲାର ଉପକୂଳ ଅଞ୍ଚଳରେ ମିଳୁଥିବା ଇଟା ମନ୍ଦିରରୁ ତତ୍କାଳୀନ ଲୋକଙ୍କର ଧର୍ମସ୍ପୃହାର ଜ୍ୱଳନ୍ତ ଉଦାହରଣ ମିଳେ । ପଥର ଅଭାବରେ ଲୋକମାନେ ଇଟାରେ ମନ୍ଦିର ଗଠନ କରିବାକୁ ସମର୍ଥ ହୋଇ ମନ୍ଦିର-ସ୍ଥାପତ୍ୟ ଗଠନାର କୌତୁହଳ ପୂରଣ କରିଥିଲେ । ଲଳିତଗିରି ପ୍ରଭୃତି ଗିରି ସମୂହରେ ପଥରର ଅଭାବ ନ ଥିଲେ ମଧ୍ୟ ଲୋକମାନେ ଇଟାର ସ୍ତୂପ ଗଠନ କରିଥିଲେ । ବୋଧହୁଏ ପରବର୍ତ୍ତୀ କାଳରେ ଲୋକମାନେ ସ୍ତୂପ ଗଠନରୁ ମନ୍ଦିର ଗଠନ କରିଥିଲେ । ଯାଜପୁର ଓ କଟକ ଜିଲାର ଉପକୂଳ ବର୍ତ୍ତୀ ଅସିଆ ପାହାଡ଼ ଅନ୍ତର୍ଭୁକ୍ତ ଗିରିସମୂ—ଲଳିତଗିରି, ଉଦୟଗିରି ଓ ରତ୍ନଗିରି; ପ୍ରତ୍ନକୀର୍ତ୍ତିର ଖଣି କହିଲେ ଅତ୍ୟୁକ୍ତି ହେବ ନାହିଁ । ଷ୍ଟାର୍ଲିଂ ସାହେବଙ୍କ ଅମଳରୁ ଯାଜପୁରର ପ୍ରତ୍ନକୀର୍ତ୍ତି ସୁବିଦିତ ଥିଲେ ମଧ୍ୟ ଅତକାପୁ ତିନୋଟି ମାତୃକା ମୂର୍ତ୍ତି ଓ ଶାନ୍ତ ମାଧବ ନାମଧେୟ ବୋଧିସତ୍ତ୍ୱ ମୂର୍ତ୍ତି ୧୮୭୦ ପୂର୍ବରୁ ଅଜ୍ଞାତ ଥିଲା । ଯାଜପୁରରେ ଦୁଇ-ଶ୍ରେଣୀର ସପ୍ତମାତୃକା ମୂର୍ତ୍ତି ଅଛି; ଯେଉଁ ଗୁଡ଼ିକ ଅପେକ୍ଷାକୃତ କ୍ଷୁଦ୍ରାକାର, ସେଗୁଡ଼ିକ ବର୍ତ୍ତମାନ ଦଶାଶ୍ୱମେଧ ଘାଟରେ ଏକ ପକ୍କା ଘରେ ସଜ୍ଜିତ ଅଛି । ଏଗୁଡ଼ିକ ମରହଟ୍ଟା ଶାସନରେ ଜଣେ ମରହଟ୍ଟା କର୍ମଚାରୀ ବୈତରଣୀ ନଦୀଗର୍ଭରୁ ଉଠାଇ ସେ ସ୍ଥାନରେ ସ୍ଥାପିତ କରିଥିଲେ । ଏହାଛଡ଼ା ଯାଜପୁରରେ ଅନେକ ଶାକ୍ତମୂର୍ତ୍ତି ଓ ମୁଖଲିଙ୍ଗ ଶିବମୂର୍ତ୍ତି ମଧ୍ୟ ଦେଖିବାକୁ ମିଳେ । ଯାଜପୁରର 'ଶୁଭସ୍ତମ୍ଭ' ଗୋଟିଏ ପ୍ରସିଦ୍ଧ ସ୍ତମ୍ଭ । ଯାଜପୁରରେ ଥିବା ଏହିସବୁ ମୂର୍ତ୍ତି ସୂଚକ ମନ୍ଦିର ମଧ୍ୟ

ଅଛି । କଟକ ଜଲାର ଗିରିସମୂହ ଲେଖକ ୧୯୬୭ରେ ପ୍ରଥମଥର ଯାଇଁ ଦେଖିଥିଲେ । ତା ସହିତ ତାଙ୍କର ଗୁରୁଦେବ ରମାପ୍ରସାଦ ଚନ୍ଦଥିଲେ ଓ ତାର ବିଜ୍ଞ ପଣ୍ଡିତ ଆର୍ତ୍ତତ୍ରାଣ ମିଶ୍ର ଥିଲେ । ପଣ୍ଡିତ ମିଶ୍ରଙ୍କ ସାହାଯ୍ୟ ବ୍ୟତୀତ ଏ କାର୍ଯ୍ୟ ସମ୍ପାଦିତ ହୋଇ ନଥାନ୍ତା । ଏହି ଅନୁସନ୍ଧାନର ଫଳ ସ୍ୱରୂପ ରମା ପ୍ରସାଦ ଚନ୍ଦଙ୍କ ଲିଖିତ(**Exploration in Otissa**)—'ଓଡ଼ିଶାରେ ଅନୁସନ୍ଧାନ' ଗ୍ରନ୍ଥ ଭାରତସରକାରଙ୍କ ପ୍ରତ୍ନତତ୍ତ୍ୱ ବିଭାଗରୁ ମୁଦ୍ରିତ ହୋଇଥିଲା ଓ ଲେଖକ ତାହାର ଅନୁବାଦ ଉତ୍କଳ ସାହିତ୍ୟ ପତ୍ରିକାରେ ଛପାଇଥିଲେ । ଗିରିସମୂହ ମଧ୍ୟରୁ ଉଦୟଗିରିସ୍ଥ ପ୍ରାଚୀନ କୀର୍ତ୍ତିର ଆବିଷ୍କାରକ ଥିଲେ ଜନ ବମ୍ସ୍ ସାହେବ ଯେ କି କଟକର କଲେକ୍ଟର୍ ଓ କମିସନର ଥିଲେ । ସେ ରେଭେନ୍ସାକର ଉଦୟଗିରିରୁ ଅନେକ ମୂର୍ତ୍ତି ଓ ଗୋଟିଏ ଦ୍ୱାରବନ୍ଧ କଟକ ସହରକୁ ଅଣାଇ ଆଧୁନିକ ରେଭେନ୍ସା କଲେଜ ନିକଟବର୍ତ୍ତୀ ତାଳଦଣ୍ଡା ନାଳକୂଳରେ ଏକ ଉନ୍ମୁକ୍ତ ଯାଦୁଘର ସଜାଇ ଥିଲେ । କଟକ ସହରର ଏହି ପ୍ରଥମ ମିଉଜିଅମ୍‌ଟିକୁ ବିହାର-ଓଡ଼ିଶା ସରକାର ଭାଙ୍ଗିଦେଇ ପାଟଣା ମିଉଜିଅମ୍‌କୁ ନେଇଗଲେ । ଓଡ଼ିଶା ଓ କଟକବାସୀ ଏଥିରେ ନୀରବ ରହିଲେ । ଚନ୍ଦ ମହାଶୟ କେନ୍ଦ୍ରାପଡ଼ାରୁ କେତୋଟି ପଥର ମୂର୍ତ୍ତି କଲିକତା ଯାଦୁଘରକୁ ନେଇଥିଲେ; କେନ୍ଦ୍ରାପଡ଼ାର ତତ୍କାଳୀନ ଜମିଦାରଙ୍କ ଘରର ପାଚେରିରୁ । ଜମିଦାର ମହୋଦୟ ସେ ମୂର୍ତ୍ତିଗୁଡ଼ିକୁ ଲଳିତଗିରିରୁ ଉଠାଇ ଆଣି ତାଙ୍କର ଘରକୁ ମେଣ୍ଟାଇ ଥିଲେ ଓ ଅନେକ ମୂର୍ତ୍ତିକୁ ଅପାତ୍ରରେ 'ବଟେଇ ଦ୍ୱାରା' ମରାମତ କରିବାକୁ ଯାଇ ନଷ୍ଟ କରିଥିଲେ । କେନ୍ଦ୍ରାପଡ଼ା ଜମିଦାରଙ୍କ ସଦୃଶ ମହାଙ୍ଗାର ଜମିଦାର ମଧ୍ୟ କେତୋଟି ମୂର୍ତ୍ତି ଲଳିତଗିରିରୁ ଉଠାଇ ଆଣି ମହାଙ୍ଗାରେ ରଖିଥିଲେ । ମହାଙ୍ଗାର ଏକ ଆଧୁନିକ ମନ୍ଦିରର ଦ୍ୱାରଦେଶରେ ଯେଉଁ ବୋଧିସତ୍ତ୍ୱ ପଦ୍ମପାଣି ମୂର୍ତ୍ତି ଅଛି ତାହାପରି ସୁନ୍ଦର ଭାସ୍କର୍ଯ୍ୟ କେବଳ ଗିରିସମୂହ କାହିଁକି, ସମଗ୍ର ଓଡ଼ିଶାରେ ମିଳେ ନାହିଁ । ଏ ମୂର୍ତ୍ତିଟିର ରକ୍ଷଣାବେକ୍ଷଣ ବିଶେଷ ଦରକାର । ରତ୍ନଗିରିର ଉପରକୁ ବାହାରିଥିବା ମୂର୍ତ୍ତିଗୁଡ଼ିକର ଭାସ୍କର୍ଯ୍ୟର ମହତ୍ତ୍ୱ ଅତି ଉଚ୍ଚ । ଏବେ ରତ୍ନଗିରିର ଖୋଦନ କାର୍ଯ୍ୟ ଭାରତ ସରକାରଙ୍କ ପ୍ରତ୍ନତତ୍ତ୍ୱ ବିଭାଗଦ୍ୱାରା

ହୋଇ ବହୁତ ନୂତନ ପ୍ରତ୍ନ-ସଂପଦ ଆବିଷ୍କୃତ ହେଉଛି । ଉଦୟଗିରି ଓ ଲଳିତଗିରିରେ ଖୋଦନ କାର୍ଯ୍ୟ ହୋଇନାହିଁ, ହେବା ନିତାନ୍ତ ବାଞ୍ଛନୀୟ ।

ଲଳିତଗିରିର ଅଦୂରବର୍ତ୍ତୀ ନୂଆଗାଁରେ ଏକ ପ୍ରାଚୀନ ଶିବ ମନ୍ଦିରର ଭଗ୍ନାବଶେଷ ଅଛି । ଏହି ମନ୍ଦିରରେ ଦକ୍ଷିଣ ପାର୍ଶ୍ୱର ପାର୍ଶ୍ୱ-ଦେବତା ଗଣେଶ ପରିବର୍ତ୍ତେ ଶିବମୂର୍ତ୍ତି ଥିବାର ଦେଖାଯାଏ । ଏହି ଶିବ ମନ୍ଦିର ନିକଟରେ ଏକ ଭଗ୍ନାବଶିଷ୍ଟ ଦେବୀ ମନ୍ଦିର ଅଛି, ଯହିଁରେ ଏକ ଅଷ୍ଟଭୁଜା ମହିଷାସୁର ମର୍ଦ୍ଦିନୀ ମୂର୍ତ୍ତି ପୂଜିତ ହୁଏ । ଚିତ୍ରୋତ୍ପଳା କୂଳର ବଟେଶ୍ୱର ଗ୍ରାମର ମହିଷାସୁରମର୍ଦ୍ଦିନୀ ମୂର୍ତ୍ତି ଏତେ ବଡ଼ ନହେଲେ ମଧ୍ୟ ନୂଆଗାଁ ମୂର୍ତ୍ତିର କାର୍ଯ୍ୟ ସହିତ ତୁଳନୀୟ । କଣନପୁର ଗୃଟେଶ୍ୱର ମନ୍ଦିରରେ ଶିଳାଲେଖ ଅଛି । ମନ୍ଦିରର ସ୍ଥାପତ୍ୟ ଓ ଭାସ୍କର୍ଯ୍ୟ ମଧ୍ୟ ସୁନ୍ଦର । ଏହି ମନ୍ଦିରଟି ଗଙ୍ଗନୃପତି ଅନଙ୍ଗଭୀମଙ୍କ ରାଜତ୍ୱରେ ନିର୍ମିତ ହୋଇଥିବାର କଥା ଶିଳାଲିପିରୁ ଜଣାଯାଏ । କଣନପୁରର ଦୁଇ ମାଇଲ ଉତ୍ତର-ପଶ୍ଚିମ ଦିଗରେ ଗୋପୀନାଥପୁରର ଜଗନ୍ନାଥ ମନ୍ଦିର ଏପରି ଭାବରେ ଭାଙ୍ଗିଛି ଯେ ତାର କିଛି ଚିହ୍ନବର୍ତ୍ତି ନାହିଁକହିଲେ ଚଳେ । କିନ୍ତୁ ଏହି ମନ୍ଦିରର ବେଢାରେ ଥିବା ଶିଳାଲେଖରୁ ଜଣାଯାଏ ଯେ ଏହା କପିଳେଶ୍ୱରଦେବଙ୍କର ସେନାପତି ଗୋପୀନାଥ ଆଚାର୍ଯ୍ୟଙ୍କ ଦ୍ୱାରା ନିର୍ମିତ ହୋଇଥିଲା । ଗୋପୀନାଥ ପୁରର ବିପରୀତ ଦିଗରେ ବିରୂପା ନଦୀର ଉତ୍ତର କୂଳରୁ କିଛି ଦୂରରେ ଜଳୌକା ପାହାଡ଼ ଅଛି, ଏହି ପାହାଡ଼ର ପୂର୍ବଦିଗର ପାଦଦେଶରେ ଗୋଟିଏ ପୁରାତନ ବିଷ୍ଣୁ ମନ୍ଦିର ଭଗ୍ନୋନ୍ମୁଖ ହୋଇଅଛି । ବିଷ୍ଣୁ ମୂର୍ତ୍ତି ଆଉ ପୂଜିତ ହେଉ ନାହାନ୍ତି । ଏହାର ସମୟ ଭୁବନେଶ୍ୱରର ମୁକ୍ତେଶ୍ୱର ମନ୍ଦିରର ସମସାମୟିକ । ଛତିଆ ବା ଅମରାବତୀ କଟକରେ ଏକ ପ୍ରାଚୀନ ଦୁର୍ଗର ଭଗ୍ନାବଶେଷ ଅଛି କିନ୍ତୁ ଛତିଆର ବିଶେଷତ୍ୱ ହେଉଛି ଏଠାରେ ଗୋଟିଏ ମନ୍ଦିର ଥିଲା ଯହିଁରେ ଇନ୍ଦ୍ର ଓ ଇନ୍ଦ୍ରାଣୀ ମୂର୍ତ୍ତି ପୂଜିତ ହେଉଥିଲା । ଇନ୍ଦ୍ରପୂଜାର କଥା ଭାଗବତରେ ଉଲ୍ଲେଖ ଅଛି । କିନ୍ତୁ ତାହାର ପ୍ରତ୍ନତାତ୍ତ୍ୱିକ ନିଦର୍ଶନ ଛତିଆ ବ୍ୟତୀତ ଅନ୍ୟତ୍ର ଥିବାର କଥା ଲେଖକ ଜାଣେନାହିଁ । ବ୍ରାହ୍ମଣୀକୂଳବର୍ତ୍ତୀ ଧର୍ମଶାଳାଠାରେ ଗୋଟିଏ ସପ୍ତମାତୃକା ମନ୍ଦିରଥିଲା । ସେ ମନ୍ଦିର ନଷ୍ଟହୋଇଛି । କିନ୍ତୁ ସେଠାର ମୂର୍ତ୍ତିଗୁଡ଼ିକ ମଧ୍ୟରୁ କେତୋଟି ଭୁବନେଶ୍ୱର ମିଉଜିଅମ୍‌କୁ

ସ୍ଥାନାନ୍ତରିତ ହୋଇଛି । ଧର୍ମଶାଳାର କିଛି ଦୂରରେ 'ଗୋକର୍ଣ୍ଣେଶ୍ୱର' ନାମକ ଏକ ମନ୍ଦିର ଅଛି ଯାହା ଦେଖିବାର ସୁଯୋଗ ଲେଖକର ଘଟିନାହିଁ । ବ୍ରାହ୍ମଣୀର ଏକ ଶାଖା ସମୁଦ୍ରରେ ପଡ଼ିଛି । ସମୁଦ୍ର ଓ ଏହି ନଦୀ ମଧ୍ୟରେ 'ସାତଭାୟା' ଅବସ୍ଥିତ । ଶୁଣିଛି ସେଠାରେ ବଡ଼ ବଡ଼ ଦଣ୍ଡାୟମାନ ବା ଆସୀନ ମୂର୍ତ୍ତି ଅଛି ଠିକ୍ ସମୁଦ୍ର କୂଳରେ । ଦେଖିବାର ସୁବିଧା ହୋଇ ନାହିଁ । ବିରୂପା ନଦୀର ବାମ କୂଳବର୍ତ୍ତୀ ଚଉଦ୍ୱାରରେ ବହୁ ପ୍ରାଚୀନ କୀର୍ତ୍ତିର ନିଦର୍ଶନ ଥିଲା । ଏଠାରେ ଗୋଟିଏ ପ୍ରକାଣ୍ଡ ଦୁର୍ଗ ଓ ତାହାର ପରିଖା ଓ ପ୍ରାଚୀର ଥିଲା । ତା ଛଡ଼ା ଏଠାରେ ଅଷ୍ଟଶମ୍ଭୁ ମନ୍ଦିର ଥିଲା ଓ ଅନେକ ବୌଦ୍ଧ ମୂର୍ତ୍ତି ମିଳୁଥିବାରୁ ଏହା ମଧ୍ୟ ଏକ ବୌଦ୍ଧକ୍ଷେତ୍ର ଥିଲା । ଏଠାରେ ଲେଖକ ୧୯୨୭ରେ ତିନୋଟି ପିତ୍ତଳ ନିର୍ମିତ ବୌଦ୍ଧମୁହାଁଣ୍ଡା ଦେଖିଥିଲା । ସେଥିରୁ ଗୋଟିଏ କଲିକତା ଯାଦୁଘରକୁ ଅଣାଯାଇଥିଲା ଓ ଅନ୍ୟ ଦୁଇଟି ସ୍ଥାନୀୟ ମନ୍ଦିରରେ ଥିଲା । ବହୁବର୍ଷ ପରେ ଲେଖକ ପୁନର୍ବାର ଚୌଦ୍ୱାରର ସେହି ମନ୍ଦିରରେ ମୁହାଁଣ୍ଡାଗୁଡ଼ିକ ଦେଖିବାକୁ ନ ପାଇବାରୁ ତାହା ଯେ ସେଠାରୁ କାହାରି ଦ୍ୱାରା ସ୍ଥାନାନ୍ତରିତ ହୋଇଥିଲା ଏଥିରେ ସନ୍ଦେହ ନାହିଁ । ସେ ଗୁଡ଼ିକ କୁଆଡ଼େ ଗଲା ତାହାର କଥା ଜାଣିବାର ଉପାୟ ନାହିଁ । ଦୈବାତ୍ ସେଥିରୁ ଗୋଟିଏ କଲିକତା ଯାଦୁ-ଘରକୁ ଯାଇଥିବାରୁ ସେଠାରେ ସୁରକ୍ଷିତ ଅଛି । କଟକ ଜିଲ୍ଲାର ପଶ୍ଚିମା-ଞ୍ଚଳ ଆଠଗଡ଼, ବଡ଼ାମ୍ବା ଓ ନରସିଂହପୁର ଓ ବାଙ୍କିର ବୈଦେଶ୍ୱର ମହାନଦୀ ଅବବାହିକାରେ ଅବସ୍ଥିତ । ଏ ଅଂଚଳରେ ବହୁ ମନ୍ଦିର ଓ ମୂର୍ତ୍ତି ଆବିଷ୍କୃତ ହୋଇଛି । ଆଠଗଡ଼ର ଅମଙ୍ଗେଇ ଟାପୁରେ ମହାନଦୀ କୂଳରେ ଗୋଟିଏ ପ୍ରାଚୀନ ମନ୍ଦିର ଅଛି । ବଡ଼ମ୍ବାର ସିଂହନାଥ ମହାନଦୀ ମଧ୍ୟରେ ଗୋଟିଏ ପାହାଡ଼ିଆ ଟାପୁ । ଏଠାର ସିଂହନାଥ ମନ୍ଦିରର କାରୁକାର୍ଯ୍ୟ ଭୁବନେଶ୍ୱରର ପରଶୁରାମେଶ୍ୱର ମନ୍ଦିର ସହିତ ତୁଳନୀୟ । ଉଭୟ ମନ୍ଦିରର ବିମାନ ଓ ଜଗମୋହନ ଦେଖିବାକୁ ସମାନ । ସିଂହ-ନାଥର ଠିକ୍ ଦକ୍ଷିଣ ଦିଗରେ ଅବସ୍ଥିତ ବୈଦ୍ୟେଶ୍ୱରର ରାମନାଥ ପାହାଡ଼ର ପାଦ ଦେଶରେ ମହିଷାମର୍ଦ୍ଦିନୀ ମନ୍ଦିରଟି ଗଠନରେ ଭୁବନେଶ୍ୱରର ବେତାଳ ଦେଉଳ ସହିତ ସମାନ କହିଲେ ଚଳେ । କଟୋ ସାହେବ ଏହି ମନ୍ଦିରର ନକ୍ସା ଏସିଆଟିକ୍ ସୋସାଇଟି ପତ୍ରିକାରେ ମୁଦ୍ରିତ

କରିଥିଲେ । ସିଂହନାଥପରି ନରସିଂହ ପୁରର ବାଣେଶ୍ୱରନାସୀ ମହାନଦୀ ଗର୍ଭରେ ଏକ ଦ୍ୱୀପ । ଏଠାରେ ବୌଦ୍ଧ ଧର୍ମର ଏକ କେନ୍ଦ୍ର ଥିଲା । ଏଠାରୁ ମିଳିଥିବା ବୌଦ୍ଧ ତାରା ମୂର୍ତ୍ତି ଟି ଅପସାରିତ ହୋଇ ବର୍ତ୍ତମାନ ବିହାରର ପାଟଣା ମିଉଜିଅମରେ ସୁରକ୍ଷିତ ଅଛି । ପ୍ରଜ୍ଞା ପରମିତା: ମୂର୍ତ୍ତି ଟି ସେଠାରେ ଏକ ନୂତନ ମନ୍ଦିରରେ ସ୍ଥାନ ପାଇଛି । ଏହି ଦୁଇଟି ବୌଦ୍ଧ-ମୂର୍ତ୍ତିର ବିଶେଷତ୍ୱ ଏହି ଯେ ଏ ଗୁଡ଼ିକ ଲାଲ ବାଲି ପଥରରେ ନିର୍ମିତ, କିନ୍ତୁ ଗଠନ ଭଙ୍ଗି ଓଡ଼ିଶାର । ଓଡ଼ିଶାରେ ଏ ପ୍ରକାର ପଥରର ଖଣି କେଉଁଠାରେ ଅଛି ଲେଖକ ଜାଣେ ନାହିଁ । ଏ ପ୍ରକାର ପଥର ଉତ୍ତର ପ୍ରଦେଶର ମିର୍ଜାପୁର ଅଂଚଳରେ ମିଳେ ।

ମହାନଦୀର ପର୍ବତମୟ ଅବବାହିକାରେ ଫୁଲବାଣୀ, କଳାହାଣ୍ଡି ବଲାଙ୍ଗିର ଓ ସମ୍ବଲପୁର ଜିଲ୍ଲାଗୁଡ଼ିକ ଅବସ୍ଥିତ । ଫୁଲବାଣୀ ଜିଲ୍ଲାର ବୌଦ ମହକୁମାର ପ୍ରାଚୀନ ବୈବ ରାଜ୍ୟରେ ଅନେକ ଗୁଡ଼ିଏ ପ୍ରାଚୀନ କୀର୍ତ୍ତି ଅଛି । ତନ୍ମଧ୍ୟରୁ ବୌଦଗଡ଼ ଓ ଗନ୍ଧରାଡ଼ିର ମନ୍ଦିର ପ୍ରସିଦ୍ଧ । ବୌଦଗଡ଼ରେ ଷନୋଟି ତାରକା ଚନ୍ଦ୍ରାକୃତି ଭିତ୍ତିଚିହ୍ନଯୁକ୍ତ ମନ୍ଦିର ଦୃଷ୍ଟ ହୁଏ । ଏପରି ମନ୍ଦିର ସମଗ୍ର ଓଡ଼ିଶା ଓ ଅନ୍ୟତ୍ର ବିରଳ । ବୌଦ ଗଡ଼ରେ ମଧ୍ୟ ଗୋଟିଏ ବୌଦ୍ଧସ୍ତୂପ ଥିଲା ଯହିଁରେ ଏକ ବଡ଼ ବୁଦ୍ଧମୂର୍ତ୍ତି ପୂଜିତ ହେଉଥିଲା । ବୌଦର ଏହି ବୁଦ୍ଧ ମୂର୍ତ୍ତି ଟି ଗଠନରେ ଲଳିତଗିରି ଓ ଉଦୟଗିରି ମୂର୍ତ୍ତି ସଦୃଶ ଖଣ୍ଡ ଖଣ୍ଡ ପଥରରେ ନିର୍ମିତ । ଗନ୍ଧରାଡ଼ିର ଏକ ହତା ମଧ୍ୟରେ ଶିବ ଓ ବିଷ୍ଣୁଙ୍କର ଦୁଇଟି ଯୁଗ୍ମ ମନ୍ଦିର ଅଛି । ମନ୍ଦିର ଦୁଇଟିର ନାମ ନୀଳମାଧବ ଓ ସିଦ୍ଧେଶ୍ୱର । ନୀଳମାଧବ ମନ୍ଦିରର ନୀଳ-ମାଧବ ମୂର୍ତ୍ତି ଟି ଚତୁର୍ଭୁଜ ବିଷ୍ଣୁ ମୂର୍ତ୍ତି ; ସିଦ୍ଧେଶ୍ୱର ଶିବଲିଙ୍ଗ ବିଶେଷ । ପୁରୀ ଜିଲ୍ଲାର ଖଣ୍ଡପଡ଼ା ଅନ୍ତର୍ଗତ କଣ୍ଟିଲୋରେ ମଧ୍ୟ ନୀଳମାଧବ ଓ ସିଦ୍ଧେଶ୍ୱର ନାମଧେୟ ଦୁଇଟି ମନ୍ଦିର ଠିକ୍ ଗନ୍ଧରାଡ଼ି ସଦୃଶ ଏକତ୍ର ଅବସ୍ଥିତ । ମନ୍ଦିର ଦୁଇଟିର ପ୍ରାଚୀନତ୍ୱ ମରାମତି ଦ୍ୱାରା ବହୁପରିମାଣରେ ବିକୃତ ହୋଇଅଛି ।

ମହାନଦୀର ଉପନଦୀ ତେଲନଦୀର ଦକ୍ଷିଣ କୂଳରେ କଳାହାଣ୍ଡି ଜିଲ୍ଲା ଅବସ୍ଥିତ । ଏ ଜିଲ୍ଲାରେ ଅନେକଗୁଡ଼ିଏ ପ୍ରାଚୀନ କୀର୍ତ୍ତି ଅଛି ।

ତନ୍ମଧ୍ୟରୁ ବେଲଖଣ୍ଡି ବା ରାଜପଦର ମନ୍ଦିରର ଭଗ୍ନାବଶେଷ ବିଶେଷ ଉଲ୍ଲେଖଯୋଗ୍ୟ ।

ତେଲ ନଦୀର ଉତ୍ତର କୂଳରେ ବଲାଙ୍ଗିର ଜିଲ୍ଲା ଅବସ୍ଥିତ । ପ୍ରାଚୀନ ପାଟଣା ଓ ସୋନପୁର ରାଜ୍ୟଦ୍ୱୟ ମିଶି ବଲାଙ୍ଗିର ଜିଲା ଗଠିତ ହୋଇଛି । ସୋନପୁର ସୋମକୁଳୀ ରାଜାମାନଙ୍କର ରାଜଧାନୀ ଥିଲା । ସୋନପୁରର ୭ମାଇଲ ପଶ୍ଚିମରେ ତେଲନଦୀର ଉତ୍ତର କୂଳରେ ବୈଦ୍ୟନାଥଠାରେ ଦୁଇଟି ମନ୍ଦିର ଅଛି । ତନ୍ମଧ୍ୟରୁ ବୈଦ୍ୟନାଥ ମନ୍ଦିର ଭାଙ୍ଗି ପଡ଼ିଛି ଓ ତାହାର ମୁଖଶାଳା ଭାଙ୍ଗିବା ଅବସ୍ଥାରେ ଅଛି । ଏହି ମୁଖଶାଳାର ଗଠନରୀତି ଓଡ଼ିଶାର ଅନ୍ୟାନ୍ୟ ମୁଖଶାଳାଠାରୁ ସ୍ୱତନ୍ତ୍ର । ଏହାର ଛାତ ଚେପ୍‌ଟା; ଠିକ୍ ଆଧୁନିକ ପକ୍‌କାଘରର ଛାତପରି । ଏଥିରେ ବହୁମୂର୍ତ୍ତି ସଜ୍ଜିତ ଅଛି । ବୈଦ୍ୟନାଥ ମନ୍ଦିରଟିକୁ ବୁଝିବାକୁ ହେଲେ ସୋନପୁର ଅନ୍ତର୍ଗତ ଚଉଦା ଗ୍ରାମର ମନ୍ଦିର ଦେଖିବାକୁ ହେବ । ଚଉଦାସ୍ଥ ମନ୍ଦିରର ଗଠନକାଳ ପରବର୍ତ୍ତୀ ସମୟର ହେଲେ ମଧ୍ୟ ଉଭୟ ମନ୍ଦିରର ଗଠନରୀତି ଏକପ୍ରକାର । ବୈଦ୍ୟନାଥ ଓ ଚଉଦା ମନ୍ଦିର ସଦୃଶ ମନ୍ଦିର ପୂର୍ବେ ପାଟଣାଗଡ଼ରେ ଥିବାର ପ୍ରମାଣ କେତୋଟି ଭାସ୍କର୍ଯ୍ୟର ନିଦର୍ଶନରୁ ମିଳେ । ପାଟଣାଗଡ଼ର ପ୍ରାଚୀନ ମନ୍ଦିର ସବୁ ଭାଙ୍ଗି ନଷ୍ଟ ହୋଇଥିଲା, ସେଠାରେ ନୂତନ ମନ୍ଦିର ନିର୍ମିତ ହୋଇ ପୂର୍ବର କୀର୍ତ୍ତି ହରାଇଅଛି ।

ବଲାଙ୍ଗିର ଜିଲାର ବଡ଼ ପ୍ରତ୍ନସମ୍ପଦ ରାଣୀପୁର ଝରିଆଲ । ଏଠାରେ ଚତୁର୍ଦ୍ଦିଗରେ ପ୍ରାଚୀନ କୀର୍ତ୍ତିର ଭଗ୍ନାବଶେଷ ପରିପୂରିତ । ମଝିରେ ଗୋଟିଏ ଅନୁଚ୍ଚ ପାହାଡ଼ ଅଛି ଓ ଏହି ପାହାଡ଼ ଉପରେ ଚୌଷଠି ଯୋଗିନୀର ମନ୍ଦିର ନିର୍ମିତ । ଚୌଷଠି ଯୋଗିନୀର ମନ୍ଦିରଟି ଠିକ୍ ହୀରାପୁର ସଦୃଶ ଗୋଲାକାର । ପ୍ରଭେଦ ଏତିକି ଯେ ଏଠାର ମୂର୍ତ୍ତି ଗୁଡ଼ିକ ଦଣ୍ଡାୟମାନ ନ ହୋଇ ଆସୀନ ଓ ବର୍ତ୍ତୁଳାକାର ମନ୍ଦିର କାନ୍ଥର ବାହାର ପାର୍ଶ୍ୱରେ କୌଣସି ମୂର୍ତ୍ତି ନାହିଁ । ମଧ୍ୟପ୍ରଦେଶର ଭେଡ଼ା ଘାଟରେ ମଧ୍ୟ ଚୌଷଠି ଯୋଗିନୀର ମନ୍ଦିର ଅଛି । ପାହାଡ଼ର ଉତ୍ତର

ଦିଗରେ ଗୋଟିଏ ପ୍ରକାଣ୍ଡ ଇଟା ମନ୍ଦିର ଅଛି ଓ ଏହି ମନ୍ଦିରର ପୂର୍ବ ଦିଗରେ ଅତି ବଡ଼ ବଡ଼ ପଥରରେ ନିର୍ମିତ ଘରର ଭଗ୍ନାବଶେଷ ଅଛି । ପାହାଡ଼ର ଦକ୍ଷିଣ ଦିଗରେ କେତୋଟି ରେଖ ଦେଉଳ ଦୃଷ୍ଟିହୁଏ । ଏ ସ୍ଥାନର ଇତିହାସ ଅନ୍ଧକାରାଚ୍ଛନ୍ନ କହିଲେ ଚଳେ । ଓଡ଼ିଶାରେ ମିଳିଥିବା ଦୁଇଟି ସ୍ଥାନର ଚୌଷଠି ଯୋଗିନୀ ମନ୍ଦିରଗୁଡ଼ିକର ଗଠନକାଳ ମଧ୍ୟରେ ବହୁ ବ୍ୟବଧାନ ଅଛି । ହୀରାପୁରର ସମୟ ଖ୍ରୀ: ୯ମ-୧୦ମ ଶତାବ୍ଦୀ, ଅଥଚ ରାଣୀପୁର ଝରିଆଲରେ ସମୟ ଖ୍ରୀ: ୧୨ଶ-୧୩ଶ ଶତାବ୍ଦୀ ।

ମହାନଦୀ ଅବବାହିକାରେ ଅବସ୍ଥିତ ସମ୍ବଲପୁର ଜିଲାରେ ବେଶି କିଛି ଐତିହାସିକ ଯୁଗର ପ୍ରତ୍ନସମ୍ପଦ ମିଳେ ନାହିଁ । ଅଥଚ ମହାନଦୀ ଅବବାହିକାରେ ଅବସ୍ଥିତ ମଧ୍ୟପ୍ରଦେଶର ରାୟପୁର ଜିଲାରେ ବହୁତ ପ୍ରାଚୀନ କୀର୍ତ୍ତି ଅଛି । ସମ୍ବଲପୁର ଜିଲାର ଭୂସଂସ୍ଥାନ ମଧ୍ୟରେ ବୋଡ଼ା ସମ୍ବର ଅନ୍ତର୍ଗତ 'ନରସିଂହନାଥ'ଠାରେ ଗୋଟିଏ ରେଖ ଦେଉଳ ଓ ଓଡ଼ିଆଲିପି ଅଛି ଓ ସେଠାରେ କେତୋଟି ବୌଦ୍ଧମୂର୍ତ୍ତି ଥିବାର ଲେଖକ ଅବଗତ ହୋଇଛି । ନଦେଖିଥିବାରୁ ତାହାର ସମୟ ନିରୂପଣ କରିବା ତା ପକ୍ଷରେ ସମ୍ଭବପର ହୋଇନାହିଁ । ନରସିଂହନାଥରେ ଏକ ପ୍ରସ୍ରବଣ କିଛି ଅଛି ଓ ନରସିଂହନାଥର ବିପରୀତ ଦିଗରେ ଥିବା 'ହରିଶଙ୍କର' ବଲାଙ୍ଗିର ଜିଲାରେ ଅବସ୍ଥିତ ଓ ସେଠାରେ ମଧ୍ୟ ଆଉ ଗୋଟିଏ ପ୍ରସ୍ରବଣ ପାହାଡ଼ ଉପରୁ ତଳକୁ ବହି ଆସୁଛି ।

ବ୍ରାହ୍ମଣୀ ନଦୀର ଅବବାହିକାରେ ଅବସ୍ଥିତ କଟକ ଜିଲାର ଗିରିସମୂହ କଥା ପୂର୍ବେ ଉଲ୍ଲିଖିତ ହୋଇଛି । ବ୍ରାହ୍ମଣୀ ନଦୀର ପାର୍ବତ୍ୟାଞ୍ଚଳ ଅବବାହିକାରେ ଢେଙ୍କାନାଳ ଜିଲା ଅବସ୍ଥିତ । ଏହି ଅବବାହିକାରେ ତାଳଚେରଠାରୁ କଟକ ଜିଲାର ଅସିଆ ପାହାଡ଼ ପର୍ଯ୍ୟନ୍ତ ଅଞ୍ଚଳ ଦେଖିବାର ସୁଯୋଗ ଲେଖକ ପକ୍ଷରେ ଘଟିନାହିଁ । ଢେଙ୍କାନାଳର କପିଳାସ ପାହାଡ଼ରେ ଏକ ପ୍ରାଚୀନ ମନ୍ଦିର ଅଛି ଓ ସେଠାରେ ଥିବା ଏକ ଲିପିରୁ ଜଣାଯାଏ ଯେ ଗଙ୍ଗନୃପତି ନରସିଂହଦେବ ୧ମ ସେଠାରେ ଗୋଟିଏ ମନ୍ଦିର ନିର୍ମିତ କରିଥିଲେ । ତତ୍ପରେ 'ଖିମ ନଗରୀ'ଠାରେ କେତୋଟି

ପ୍ରାଚୀନ ମୂର୍ତ୍ତି ଅଛି । ପ୍ରକୃତରେ ପ୍ରାଚୀନ ଢେଙ୍କାନାଳ ରାଜ୍ୟ ଓ ହିନ୍ଦୋଳ ରାଜ୍ୟ ଦ୍ୱୟର ପ୍ରତ୍ନତତ୍ତ୍ୱ ବିଶେଷ କିଛି ଜଣାଯାଇ ନାହିଁ । ଅନୁଗୋଳର 'ତଳମୂଳ'ରେ ଗୋଟିଏ ପ୍ରାଚୀନ ମନ୍ଦିର ଅଛି । କିନ୍ତୁ ପ୍ରାଚୀନ ତାଳଚେର ଓ ଢେଙ୍କାନାଳର ବ୍ରାହ୍ମଣୀ କୂଳବର୍ତ୍ତୀ ଅଞ୍ଚଳରେ ବହୁ ପ୍ରାଚୀନ କୀର୍ତ୍ତି ଦୃଷ୍ଟ ହୁଏ । ତନ୍ମଧ୍ୟରେ ଭୀମକାଣ୍ଡର ଅନନ୍ତଶାୟୀ ବିଷ୍ଣୁ ମୂର୍ତ୍ତି ଓ ତାଳଚେରର ପଶ୍ଚିମେଶ୍ୱର ମନ୍ଦିରର ବିପରୀତ ଦିଗରେ ଅବସ୍ଥିତ ସରାଙ୍ଗର ଅନନ୍ତଶାୟୀ ବିଷ୍ଣୁମୂର୍ତ୍ତି ବିଶେଷ ଉଲ୍ଲେଖଯୋଗ୍ୟ । ତାଳଚେରଠାରୁ ୧୮ ମାଇଲ ଦୂରବର୍ତ୍ତୀ ଉ:ପ: ଦିଗରେ ଅବସ୍ଥିତ ଭୀମକାଣ୍ଡ ଗ୍ରାମର ନାମାନୁସାରେ ବା ଭୀମ ସଦୃଶ ମୂର୍ତ୍ତି ନାମାନୁସାରେ ଗ୍ରାମର ନାମ ଭୀମକାଣ୍ଡ ହୋଇଅଛି । ଏହି ଗ୍ରାମଟି ବ୍ରାହ୍ମଣୀ ନଦୀର ଦକ୍ଷିଣ ତୀରରେ ପ୍ରାୟ ମାଇଲଏ ଦୂରରେ ଅବସ୍ଥିତ । ଏଠାର ଏକ ବାଲିଆ ପାହାଡ଼ରୁ ଏହି ମୂର୍ତ୍ତିଟି ଖୋଦିତ ହୋଇଅଛି । ବର୍ତ୍ତମାନର ପାରିପାର୍ଶ୍ୱିକ ଅବସ୍ଥାନରୁ ଏଠାରେ ଏପରି ଏକ ମୂର୍ତ୍ତି ଗଢ଼ିବାର ଉଦ୍ଦେଶ୍ୟ ଯେ କଣ ଥିଲା ତାହା ଆଦୌ ବୁଝାପଡ଼େ ନାହିଁ । ଏହି ମୂର୍ତ୍ତିର ଲମ୍ୱ ୫୦ ଫୁଟ । ମୂର୍ତ୍ତିଟିରେ ବିଷ୍ଣୁଙ୍କର ଅନନ୍ତଶାୟୀ ଅବସ୍ଥା ଖୋଦିତ । 'ସରାଙ୍ଗ' ଗ୍ରାମର ମୂର୍ତ୍ତି ବ୍ରାହ୍ମଣୀ ନଦୀ ଗର୍ଭରେ ଅବସ୍ଥିତ, ଯେଉଁ ସ୍ଥାନ କ ନଈ ବଢ଼ି ସମୟରେ ପ୍ଳାବିତ ଓ ଅନ୍ୟ ସମୟରେ ବାଲିପୋତି ହୁଏ । ସରାଙ୍ଗର ମୂର୍ତ୍ତି ଲମ୍ୱ ୪୨ ଫୁଟ । ଭୀମକାଣ୍ଡ ଓ ସରାଙ୍ଗ ମୂର୍ତ୍ତିଦ୍ୱୟ ମଧ୍ୟରେ ପ୍ରଭେଦ ଏତିକି ଯେ ଭୀମକାଣ୍ଡ ମୂର୍ତ୍ତିର ନାଭିରୁ ବାହାରିଥିବା ପଦ୍ମଦଳ ଉପରେ ବ୍ରହ୍ମାମୂର୍ତ୍ତି ନାହିଁ, କିନ୍ତୁ ସରାଙ୍ଗ ମୂର୍ତ୍ତିରେ ବ୍ରହ୍ମା ଖୋଦିତ ଅଛି । ଭୀମକାଣ୍ଡର ମୂର୍ତ୍ତିଟି ପ୍ରକୃତରେ ଭାରତରେ ହିନ୍ଦୁ ଦେବତା ମୂର୍ତ୍ତି ମଧ୍ୟରେ ସର୍ବ ବୃହତ୍ । ମହୀଶୂର ରାଜ୍ୟର ଶ୍ରବଣବେଲଗୋଲଠାରେ ଥିବା ଗୋମଟେଶ୍ୱର ମୂର୍ତ୍ତିଟି ପାହାଡ଼ କାଟି ଗଢ଼ା ହୋଇଥିଲା, ଏହାର ଉଚ୍ଚତା ୫୭ ଫୁଟ । ମୂର୍ତ୍ତିଟି ଜୈନ୍ୟ ଧର୍ମର ଦେବତା । କିନ୍ତୁ ଭୀମକାଣ୍ଡ ଓ ସରାଙ୍ଗର ମୂର୍ତ୍ତି ଦୁଇଟି ତଳେ ଶାୟିତ । ଶିଳ୍ପୀର କଳ୍ପନା କେଡ଼େ ବିରାଟ ଥିଲା ତାହା ଏହି ମୂର୍ତ୍ତି ଦୁଇଟିରୁ ଜଣାଯାଏ । ଯାଜପୁରରେ ଥିବା ଭଗ୍ନ ଅବଲୋକିତେଶ୍ୱର ମୂର୍ତ୍ତି

୧୮ ଫୁଟ ଲମ୍ବ । ତଳଅଂଶ ମିଳିଥିଲେ ମୂର୍ତ୍ତିଟିର ଉଚ୍ଚତା ୨୨ ଫୁଟ ହୁଅନ୍ତା । ବୌଦ୍ଧମୂର୍ତ୍ତି ଗୁଡ଼ିକ ମଧ୍ୟରେ ଯାଜପୁରର ଶାନ୍ତ ମାଧବ ମୂର୍ତ୍ତିଟି ମଧ୍ୟ ଭାରତରେ ସୁବୃହତ୍ । ସବାଙ୍ଗ ଓ ଖିମକାଣ୍ଡ ମୂର୍ତ୍ତିଦ୍ୱୟର ଆବିଷ୍କାରକ ହେଉଛନ୍ତି ଏ ପ୍ରବନ୍ଧର ଲେଖକ । ପ୍ରଥମେ ୧୯୪୬ରେ ଲେଖକ ଅନୁଗୋଳରେ ପୂଜା ଛୁଟିରେ ଥିଲାବେଳେ ସବାଙ୍ଗ ମୂର୍ତ୍ତି କଥା ଶୁଣିଲା । ସେଠାରୁ ସେ ଯାଇ ତାଳଚେରରୁ ନୌକାରେ ସବାଙ୍ଗ ଯାଇ ମୂର୍ତ୍ତିଟି ଦେଖି ବିସ୍ମିତ ହେଲା । ସଙ୍ଗରେ ସେତେବେଳେ କବି ରାଧା ମୋହନ ଗଡ଼ନାୟକ ମଧ୍ୟ ଥିଲେ । ସେତେବେଳେ ଏହି ମୂର୍ତ୍ତିର ଆବିଷ୍କାର କଥା ଭାରତର ସବୁ ଇଂରାଜୀ ଓ ଦେଶୀୟ ଭାଷାରେ କାଗଜରେ ମୁଦ୍ରିତ ହୋଇଥିଲା । ତତ୍ପରେ ୧୯୪୯ରେ ଲେଖକ ସ୍ୱର୍ଗୀୟ ତାଳଚେର ରାଜା ମହାଦେବଙ୍କଠାରୁ ଶୁଣିଲା ଯେ ଖିମକାଣ୍ଡର ମୂର୍ତ୍ତିଟି ଗୋଟିଏ ଖିମ ରୂପରେ ଶୋଇଛନ୍ତି । ତହୁଁ ସେ ସ୍ଥାନ ଦେଖିବା ପାଇଁ କୌତୁହଳୀ ହୋଇ ତତ୍କାଳୀନ କମିଶନର ରାୟବାହାଦୁର ସାମୁଏଲ ଦାସଙ୍କୁ କଟକରେ ଦେଖାକଲା ଓ ତାଙ୍କଠାରୁ ସୁପାରିଶ ନେଇ ତାଳଚେର ଗଲା । ସେତେବେଳେ ତାଳଚେର ଏଡ୍‌ମିନିଷ୍ଟ୍ରେଟର ଥିଲେ ଶ୍ରୀ ଦୁର୍ଗା ପ୍ରସାଦ ତ୍ରିପାଠୀ । ଲେଖକ ଖିମକାଣ୍ଡରମୂର୍ତ୍ତି ଦେଖି ବିସ୍ମୟାନ୍ୱିତ ହେଲା । ତତ୍ପରେ ସେଠାରୁ ବଜ୍ରକୋଟଯାଇ ବଜ୍ରକୋଟର ମନ୍ଦିର ଦେଖିଲା । ଯେଉଁ ମନ୍ଦିରର ତୁଳନା ସହଜରେ ଭୁବନେଶ୍ୱରର ପରଶୁରାମ ମନ୍ଦିର ସହିତ କରାଯାଇପାରେ । ତତ୍ପରେ ତାଳଚେର ଅଦୂରବର୍ତ୍ତୀ ପଶ୍ଚିମେଶ୍ୱର ମନ୍ଦିରରେ ଏକ ଆସୀନ ବୁଦ୍ଧଦେବ ମୂର୍ତ୍ତି ଦେଖିବାକୁ ପାଇଲା । ଏହି ବୁଦ୍ଧଦେବ ମୂର୍ତ୍ତିଟି ଲଳିତ ଗିରିର ବୁଦ୍ଧଦେବ ମୂର୍ତ୍ତି ସଦୃଶ ଖଣ୍ଡ ଖଣ୍ଡ ପଥରରେ ନିର୍ମିତ ଓ ଉଭୟର ଗଠନ ସମକାଳୀନ । ଏହି ମୂର୍ତ୍ତିରୁ ମନେହୁଏ ଯେ ବ୍ରାହ୍ମଣୀର ସମତଳ ବର୍ତ୍ତୀ ଅବବାହିକାର ପ୍ରଭାବ ବ୍ରାହ୍ମଣୀର ପାର୍ବତ୍ୟାଞ୍ଚଳର ଅବବାହିକାରେ ପଡ଼ିଥିଲା । ତାଳଚେରର ଉତ୍ତରକୁ ବ୍ରାହ୍ମଣୀନଦୀର ପାର୍ବତ୍ୟାଞ୍ଚଳ ଅବବାହିକାରେ ପ୍ରାଚୀନ ବଣାଇ ଓ ଗାଙ୍ଗପୁର ରାଜ୍ୟ ତଥା ଆଧୁନିକ ସୁନ୍ଦରଗଡ଼ ଜିଲ୍ଲା ଅବସ୍ଥିତ । ଏହି ଅଞ୍ଚଳରେ ପ୍ରତ୍ନ କୀର୍ତ୍ତିର କି ପ୍ରକାର ନିଦର୍ଶନ ମିଳେ ତାହା ଦେଖିବାର ସୁଯୋଗ

ଲେଖକ ଭାଗ୍ୟରେ ଘଟି ନାହିଁ । ପ୍ରକୃତରେ ଆଧୁନିକ ସୁନ୍ଦରଗଡ଼ ଜିଲ୍ଲାର ପ୍ରତ୍ନତତ୍ତ୍ୱ ଅବହେଳିତ ରହିଛି । ବ୍ରାହ୍ମଣୀ କୂଳବର୍ତ୍ତୀ ବାରକୋଟରେ ରମ୍ଭା ଦେବୀଙ୍କର ମନ୍ଦିର ଅଛି । ଏହା ଲେଖକ ଦେଖି ନାହିଁ । ରମ୍ଭା ଦେବୀ ହିମାବରେ ପୂଜିତ ହେବାର ଏକ ବିଚିତ୍ର ବ୍ୟାପାର । ଏହା କେହି ପ୍ରତ୍ନ-ତାତ୍ତ୍ୱିକ ନ ଦେଖିବା ଯାଏ ଏହିପରି ଅଜ୍ଞାତ ରହିଥିବ ।

ବାଲେଶ୍ୱର ଜିଲ୍ଲାର ତିନୋଟି ଯାକ ନଦୀ ଉତ୍ପତ୍ତିସ୍ଥଳ ଓଡ଼ିଶା । ବୈତରଣୀର ଉତ୍ପତ୍ତିସ୍ଥଳ କେଉଁଝରର ଗୋନାସିକା ପର୍ବତ, ସାଲନ୍ଦୀର ଉତ୍ପତ୍ତିସ୍ଥଳମୟୂରଭଞ୍ଜର ମେଘାସନ ଓ ବୁଢ଼ାବଳଙ୍ଗର ଉତ୍ପତ୍ତିସ୍ଥଳ ମୟୂରଭଞ୍ଜର ସିମୁଳିପାଳ ପାହାଡ଼ । ବୈତରଣୀ ନଦୀହିଁ କଟକ ଓ ବାଲେଶ୍ୱର ଜିଲ୍ଲାର ସୀମା । ଭଦ୍ରଖ ମହକୁମାରେ ପ୍ରତ୍ନତତ୍ତ୍ୱର ନିଦର୍ଶନ ବିକ୍ଷିପ୍ତଭାବରେ ଅଛି । ତନ୍ମଧ୍ୟରୁ ପାଳିଆର ସୂର୍ଯ୍ୟ ମୂର୍ତ୍ତି ଓ ମନ୍ଦିର 'ବିରଞ୍ଚି ନାରାୟଣ ଶଙ୍କରମୂନେ'; ଅର୍ଥାତ୍ ସୂର୍ଯ୍ୟ, ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱର ତିନିରୂପର ଆଧାର—ବିରଞ୍ଚି ନାରାୟଣ ନାମରୁ ଶଙ୍କର ବାଦପଡ଼ି କିପରି ସୂର୍ଯ୍ୟ ମୂର୍ତ୍ତିର ନାମ ହୋଇଛି ତାହା କହି ହବ ନାହିଁ । ଗଞ୍ଜାମ ଜିଲ୍ଲାର ବୁଗୁଡ଼ାରେ ମଧ୍ୟ ସୂର୍ଯ୍ୟ ମୂର୍ତ୍ତିର ନାମ ବିରଞ୍ଚି ନାରାୟଣ । ପାଳିଆ ମନ୍ଦିରର ବିଶେଷତ୍ୱ ଏହି ଯେ ଏଥିରେ ଦୁଇଟି ପ୍ରବେଶ ଦ୍ୱାର ଅଛି ଓ ପୂଜିତ ମୂର୍ତ୍ତିର ଦୁଇଟି ମୁଖ ଅଛି । ଏହାର ସମୟ ଖ୍ରୀ: ୧୦ମ ଶତାବ୍ଦୀ । ଭଦ୍ରଖ ମହକୁମାର ନରେନ୍ଦ୍ରପୁରଠାରେ ମଧ୍ୟ ଅନେକ ଗୁଡ଼ିଏ ମୂର୍ତ୍ତି ଥିବାର କଥା ଶୁଣିଛି,ଦେଖିବାର ସୁଯୋଗ ପାଇ ନାହିଁ । ଧାମନଗରର ଦକ୍ଷିଣ ଦିଗବର୍ତ୍ତୀ 'ଖଡ଼ିପଦା'ର ବୌଦ୍ଧ ମୂର୍ତ୍ତି କଥା ପୂର୍ବେ ବର୍ଣ୍ଣିତହୋଇଛି ବାଲେଶ୍ୱରର ସଦର ମହକୁମା ଅନ୍ତର୍ଭୁକ୍ତ 'ମଣିନାଗେଶ୍ୱର'ର ପ୍ରତ୍ନତତ୍ତ୍ୱ ନରେନ୍ଦ୍ରନାଥ ବାସୁଙ୍କ ଲିଖିତ **'Archaeological Survey of Mayurbhanj'** ପୁସ୍ତକରେ ବର୍ଣ୍ଣିତ ଅଛି; ସେତେବେଳର ନୀଳଗିରି, ଏବର ବାଲେଶ୍ୱର ଜିଲ୍ଲାଭୁକ୍ତ ନୀଳଗିରି ମହକୁମାର 'ଅଯୋଧ୍ୟା' ଓ ଅନ୍ୟ କେତୋଟି ସ୍ଥାନର ପ୍ରତ୍ନତତ୍ତ୍ୱ ସେହି ଗ୍ରନ୍ଥରେ ବର୍ଣ୍ଣିତ ଅଛି । ଲେଖକ ଏସ୍ଥାନଗୁଡ଼ିକ ଦେଖିଅଛି । ଏବେ ଅଯୋଧ୍ୟାରେ ବୌଦ୍ଧ-ମୂର୍ତ୍ତି ଅପେକ୍ଷା ଜୈନମୂର୍ତ୍ତି ଅଧିକ ପରିମାଣରେ ଆବିଷ୍କୃତ ହୋଇଛି ।

ସେରଗଡ଼ ଗ୍ରାମର ପ୍ରତ୍ନତତ୍ତ୍ୱର ଆବିଷ୍କାର ଲେଖକର କାର୍ଯ୍ୟ । ଏଠାରେ ପ୍ରାଚୀନ ବୈତାଳ ଦେଉଳ ସଦୃଶ ଦେଉଳ ଅଛି । 'ଖାରୁଆଁ' ଗ୍ରାମରେ ଜୈନ ମହାବୀର ମୂର୍ତ୍ତି ଅଛି; ତାହା ଏକ ଗ୍ରାମଦେବତା ହିସାବରେ ପୂଜାପାଉଅଛି । ବିଶେଷତ୍ୱ ଏହି ଯେ ଏଠାରେ ବୋଦାଟିକୁ ହତ୍ୟାନକର ଗୁଡ଼ ଦିଅନ୍ତି । ବାଲେଶ୍ୱର ଓ ଭଦ୍ରଖ ମଧ୍ୟବର୍ତ୍ତୀ ସ୍ଥାନ ସମୂହରେ ଅନୁସନ୍ଧାନ କଲେ ଆହୁରି ଅନେକ କୀର୍ତ୍ତି ମିଳିବାର ସମ୍ଭାବନା ଅଛି । କାରଣ ସୋରରୁ ଯେଉଁ ୫ଖଣ୍ଡ ତମ୍ବାପଟା ମିଳିଥିଲା, ତାହାର ସମୟ ଖ୍ରୀ: ୭ମ ଶତାବ୍ଦୀ । ବାଲେଶ୍ୱରର ଉତ୍ତରକୁ ବିସ୍ତୀର୍ଣ୍ଣ ଅଞ୍ଚଳରେ ଖ୍ରୀ: ପଞ୍ଚଦଶ ଶତାବ୍ଦୀର ପୂର୍ବବର୍ତ୍ତୀ ପ୍ରତ୍ନତତ୍ତ୍ୱର ନିଦର୍ଶନ ମିଳେ ନାହିଁ—ବାଲେଶ୍ୱର ନିକଟବର୍ତ୍ତୀ ଖେତରାଇ ଅଞ୍ଚଳର ଜୟରାମ ପୁରର ତମ୍ବାପଟାରେ ବର୍ଣ୍ଣିତ ବିହାର ଆବିଷ୍କୃତ ହେଲେ ଖ୍ରୀ: ୫ମ ଓ ୭ମ ଶତାବ୍ଦୀର କୀର୍ତ୍ତି ଉତ୍ତର ବାଲେଶ୍ୱର ଜିଲ୍ଲାରେ ମିଳିବ । ଏହି ସମୟ ମଧ୍ୟରେ ପଡ଼େ ଲିଙ୍ଗଲେଶ୍ୱରର ଶିବ ମନ୍ଦିର ଯାହାର ବର୍ଣ୍ଣନା ବାଲେଶ୍ୱର ଗେଜେଟିଅରରେ ବିକୃତଭାବରେ ବର୍ଣ୍ଣିତଅଛି ।

ମୟୂରଭଞ୍ଜ ଜିଲ୍ଲାର ଦକ୍ଷିଣରେ ବୈତରଣୀ ଓ ଉତ୍ତରରେ ସୁବର୍ଣ୍ଣରେଖା ପ୍ରବାହିତ । ମଧ୍ୟସ୍ଥଳରେ ସୁବିସ୍ତୀର୍ଣ୍ଣ ଶିମୁଳିପାଳ ପାହାଡ଼ମାଳା ଯହିଁରୁ ବୁଢ଼ାବଳଙ୍ଗ ଗଙ୍ଗାହାର ଓ ଶୋନ ନଦୀମାନ ନିସୃତ । ଏହି ସବୁ ନଦୀ କୂଳରେ ଶୈବ, ଶାକ୍ତ ଓ ଜୈନଧର୍ମର ପ୍ରଚାରସୂଚକ ପ୍ରତ୍ନତତ୍ତ୍ୱ ଥିବାର ଦେଖାଯାଏ । ପ୍ରାଚୀନ ଭଞ୍ଜବଂଶର ରାଜଧାନୀ ଖିଚିଙ୍ଗ (ପ୍ରାଚୀନ ଖିଜିଙ୍ଗ କୋଟ) ରେ ଖ୍ରୀ: ୧୦ମ-୧୧ଶ ଶତାବ୍ଦୀର ବ୍ରାହ୍ମଣ, ବୌଦ୍ଧ ଓ ଜୈନ ଧର୍ମାବଲମ୍ବୀମାନଙ୍କର ଅନେକ ମୂର୍ତ୍ତି ଦେଖାଯାଏ । ଏ ଗୁଡ଼ିକର ଗଠନ ଭଙ୍ଗିମା ଏତେ ସୁନ୍ଦର ଯେ ବିଶେଷଜ୍ଞମାନେ ଏଠାର ଭାସ୍କର୍ଯ୍ୟର ନାମ 'ମୟୂର ଭଞ୍ଜ ଶାଖା' ବୋଲି ସ୍ୱୀକାର କରିଅଛନ୍ତି ।

ଦକ୍ଷିଣ ଓଡ଼ିଶାରେ ଗଞ୍ଜାମ ଓ କୋରାପୁଟ ଜିଲ୍ଲାଦ୍ୱୟ ଅବସ୍ଥିତ ଏଠାରେ ପ୍ରବାହିତ ନଦୀଗୁଡ଼ିକର ଉତ୍ପତ୍ତିସ୍ଥଳ ଓଡ଼ିଶା । ଋଷିକୁଲ୍ୟା, ଏବଂ ବଂଶଧାରା ଗଞ୍ଜାମ ଜିଲ୍ଲାରୁ ଓ ଇନ୍ଦ୍ରାବତୀନଦୀ କଳାହାଣ୍ଡି ଜିଲ୍ଲାରୁ ବାହାରି

ଉତ୍ତର କୋରାପୁଟର ନବରଙ୍ଗପୁର ମହକୁମା ମଧ୍ୟରେ ପ୍ରବାହିତ ହୋଇ ମଧ୍ୟପ୍ରଦେଶର ବସ୍ତର ଜିଲାରେ ପ୍ରବାହିତ ହୋଇ ଗୋଦାବରୀରେ ପଡ଼ିଅଛି । ଗଞ୍ଜାମ ଜିଲାର ଋଷିକୁଲ୍ୟା ବାମ ତୀରବର୍ତ୍ତୀ ଜଉଗଡ଼ଠାରେ ଅଶୋକଙ୍କର ଶିଳାଲିପି ଅଛି । କିନ୍ତୁ ଗଞ୍ଜାମ ଜିଲାର ପ୍ରତ୍ନତାତ୍ତ୍ୱିକ ଅନୁସନ୍ଧାନ ହୋଇ ନ ଥିବାରୁ ଏ ଜିଲାର ମନ୍ଦିର ଓ ମୂର୍ତ୍ତି ସମ୍ପର୍କରେ ବିଶେଷ କିଛି ଜଣା ଯାଇ ନାହିଁ । ଏ ଜିଲାର ମହେନ୍ଦ୍ର ପର୍ବତ ଉପରେ କେତୋଟି ମନ୍ଦିର ଅଛି । ଲେଖକର ସୁବିଧା ହୋଇନାହିଁ ଏ ଜିଲାରେ ଅନୁସନ୍ଧାନ କରିବା ପାଇଁ । କୋରାପୁଟ ଜିଲାର ପ୍ରତ୍ନସମ୍ପଦ ଅବିଦିତ କହିଲେ ଚଳେ । କେବଳ 'ପାପଡ଼ାହାଣ୍ଡି'ରେ ଗୋଟିଏ ସୁନ୍ଦର ଦେଉଳ ଅଛି । ଲେଖକ ଏ ଜିଲାରେ ଅନୁସନ୍ଧାନ କରି ପାରି ନାହିଁ । ଅଳ୍ପ ଦିନ ପୂର୍ବେ ଶ୍ରୀମତୀ ଦେବଳା ମିତ୍ର କୋରାପୁଟ ଜିଲାରୁ ଅନେକ ଜୈନ ମୂର୍ତ୍ତି ଆବିଷ୍କାର କରି ଅଛନ୍ତି ।

**ମୂର୍ତ୍ତି ଗଠନରେ କୃତିତ୍ୱ**—ଓଡ଼ିଶାରେ ମିଳିଥିବା ସର୍ବ ପ୍ରାଚୀନ ମନୁଷ୍ୟ । କୃତି ପ୍ରସ୍ତର ନିର୍ମିତ ମୂର୍ତ୍ତି ଭୁବନେଶ୍ୱର ନିକଟବର୍ତ୍ତୀ ଉଦୟଗିରି ଓ ଖଣ୍ଡଗିରିରେ ମିଳିଅଛି । କିନ୍ତୁ ଏହିସବୁ ମୂର୍ତ୍ତିରେ ଦେବତ୍ୱ ଆରୋପିତ ହେଲାପରି ମନେ ହୁଏ ନାହିଁ । ଏଠାରେ ମୂର୍ତ୍ତିଗୁଡ଼ିକରେ ଦେବ ଦେବୀଙ୍କର ଆରାଧନା ସୂଚକ ଚିହ୍ନାଦି ଲକ୍ଷିତ ହୁଏ ନାହିଁ; ଅର୍ଥାତ୍ ଖ୍ରୀ: ପୂ: ୨ୟ ଶତାବ୍ଦୀରେ ଗଠିତ ମୂର୍ତ୍ତିଗୁଡ଼ିକ ଅଦ୍ୟାପି ମନୁଷ୍ୟ ଭାବାପନ୍ନ ହୋଇ ମନୁଷ୍ୟାକୃତି ହୋଇଛି । ତଥାପି ଏଗୁଡ଼ିକରେ ଉପାସନା ପାଇଁ ଦେବଭାବ ସୂଚକ ଚିହ୍ନସବୁ ଆରୋପିତ ହୋଇନାହିଁ । ଶିଳ୍ପୀ ଯେପରିକି ମନୁଷ୍ୟାକୃତିର ବିକାଶ ପାଇଁ ଯତ୍ନଶୀଳ ଥିଲା ଓ ସ୍ୱାଭାବିକ ମନୁଷ୍ୟାକୃତି ଗଠନ କରିବାରେ ସଫଳକାମ ହୋଇ ପାରିଥିଲା । ଏଥିରୁ ଏତିକି ପ୍ରତୀତ ହୁଏ ଯେ ଏହି ସମୟରେ ଓଡ଼ିଶାର ଶିଳ୍ପଧାରା ଭାରତୀୟ ଶିଳ୍ପଧାରା ସହିତ ଏକ ନ ହୋଇ ସମାନ୍ତରାଳ ଭାବରେ ପ୍ରବାହିତ ହୋଇଥିଲା । ଭୁବନେଶ୍ୱର ନିକଟବର୍ତ୍ତୀ କପିଳ ପ୍ରସାଦ ଗ୍ରାମରେ ଥିବା ନାଗ ଓ ନାଗୀ ମୂର୍ତ୍ତିରୁ ପ୍ରମାଣିତ ହୁଏ ଯେ ଏହି ସମୟରେ ନାଗ ପୂଜା ପ୍ରଚଳିତ ଥିଲା । କିନ୍ତୁ ଏଠାରେ ଶିଳ୍ପୀ ମନୁଷ୍ୟଠାରୁ ଆଦର୍ଶ ପାଇ ମନୁଷ୍ୟାକୃତି ଦେବତାମୂର୍ତ୍ତି

ଗଠନ କରି ତହିଁରେ କେବଳ ନାଗ ସାପର ଫଣା ଯୋଗକରି ତଦ୍ୱାରା ଦେବତ୍ୱ ଆରୋପିତ କରିଥିଲା । ଏହି ସମୟର ଭାସ୍କର୍ଯ୍ୟରେ ବହୁଶୀର୍ଷ ବା ବହୁହସ୍ତ ମୂର୍ତ୍ତି ଗଢ଼ିବାର କଳ୍ପନା ଶିଳ୍ପୀ କରିପାରି ଥିଲା କି ନା ତାହା କହିବା କଠିନ । ଏହି ମୂର୍ତ୍ତି ଗୁଡ଼ିକ ବ୍ୟତୀତ ଭୁବନେଶ୍ୱର ଅଞ୍ଚଳରେ ମଧ୍ୟ କେତୋଟି ନାଗ ମୂର୍ତ୍ତି ମିଳିଅଛି । ଖ୍ରୀ: ୧ମ ଶତାବ୍ଦୀଠାରୁ ୭ମ ଶତାବ୍ଦୀ ପର୍ଯ୍ୟନ୍ତ ଦୀର୍ଘକାଳ ସମୟ ମଧ୍ୟରେ ଓଡ଼ିଶାରେ ବୌଦ୍ଧ, ଜୈନ ବା ବ୍ରାହ୍ମଣ୍ୟ ଧର୍ମର କୌଣସି ଦେବଦେବୀ ମୂର୍ତ୍ତି ଆବିଷ୍କୃତ ହୋଇନାହିଁ । ଏଣୁ ଉତ୍ତର ଭାରତର ମଥୁରା ପ୍ରଭୃତି ସ୍ଥାନରେ ମିଳିଥିବା ଦେବତା ମୂର୍ତ୍ତି ସଦୃଶ ମୂର୍ତ୍ତି ଓଡ଼ିଶାରେ ଏ ପର୍ଯ୍ୟନ୍ତ ଆବିଷ୍କୃତ ହୋଇ ନାହିଁ । କେବଳ କେଉଁଝର ଜିଲ୍ଲାର ସୀତାବିଞ୍ଜିଠାରେ ମିଳିଥିବା ଗିରି ଚିତ୍ରରେ କଳାକାର ସୁନ୍ଦର ମନୁଷ୍ୟ ମୂର୍ତ୍ତି ଗଢ଼ିବାରେ ସମର୍ଥ ହୋଇଥିଲା ।

ଏହା ସୁନିଶ୍ଚିତ ଯେ ଶକ-କୁଶାଣ ଯୁଗରେ ମଥୁରାରେ ମାନବାକୃତି ଦେବତାମୂର୍ତ୍ତି ନିର୍ମିତ ହୋଇଥିଲା । ଏଥିରେ କିନ୍ତୁ କଳାର ସଜୀବତା ନଥିଲା ବା ଆଖିକୁ ଭଲ ଲାଗିବା ଭଳି ଭାବ ଫୁଟି ନଥିଲା । ଗୁପ୍ତ ସମ୍ରାଟଙ୍କ ସମୟରେ କଳାରେ ଶ୍ରେଷ୍ଠଭାବ ଫୁଟାଇବାରେ ଶିଳ୍ପୀ ସମର୍ଥ ହୋଇଥିଲା । ସେ ସମୟର ଶିଳ୍ପୀଗଣ ଦେବ ଦେବୀମୂର୍ତ୍ତିର ମୁଖମଣ୍ଡଳରେ ଓ ଶରୀର ଗଠନର ଭଙ୍ଗିମାରେ ଐଶୀଭାବଦ୍ୟୋତକ ଲକ୍ଷଣ ଆରୋପିତ କରିବାରେ ସମର୍ଥ ହୋଇଥିଲେ । ଏହି ସମୟରେ ଭାସ୍କର୍ଯ୍ୟର ବିକାଶ ସହିତ ସ୍ଥାପତ୍ୟର ମଧ୍ୟ ବିକାଶ ଘଟିଥିଲା । କାରଣ ଦେବତା ଓ ଦେବ ମନ୍ଦିର ଉଭୟ ସ୍ଥାନରେ ସ୍ୱର୍ଗୀୟ ଭାବ ଆରୋପ କରିବାରେ ଶିଳ୍ପୀକୁଳ ଅତିଶୟ ଯତ୍ନବାନ୍ ଓ ମନୋଯୋଗୀ ହୋଇଥିଲେ । ଏହି ସମୟର ବୌଦ୍ଧ ଓ ବ୍ରାହ୍ମଣ୍ୟ ଧର୍ମର ଦେବତା ମୂର୍ତ୍ତିରେ ଶିଳ୍ପୀର ବାସ୍ତବ କଳ୍ପନା ଯେପରିକି ମୂର୍ତ୍ତିମନ୍ତ ହୋଇଥିଲା କହିଲେ ଚଳେ । ମାନବାକୃତି ଦେବ ଦେବୀ ମୂର୍ତ୍ତିରେ ବହୁଭୁଜ ଓ କେତେକ କ୍ଷେତ୍ରରେ ବହୁଶୀରତ କଳ୍ପନାରେ ଶିଳ୍ପୀ ଦେବତାଙ୍କଠାରେ ଅପୌରୁଷେୟ ଶକ୍ତି ଆରୋପିତ କରିବାର କଳ୍ପନା କରିଥିଲା । ଏଥି ସହିତ ଧ୍ୟାନାନୁସାରେ ଶିଳ୍ପୀ ଆୟୁଧ, ବାହନ, ଅଳଙ୍କାର

ପରିଧେୟ ଇତ୍ୟାଦି ପ୍ରତି ଦୃଷ୍ଟି ରଖି ମୂର୍ତ୍ତି ଗଠନରେ କୃତକାର୍ଯ୍ୟତା ଦେଖାଇ ପାରିଥିଲେ । ପଥର ଉପରେ ଖୋଦିତ ମହିଷାସୁରମର୍ଦ୍ଦିନୀ ମୂର୍ତ୍ତିର ହସ୍ତ ସଂଖ୍ୟା ପ୍ରଥମରେ ଦୁଇ, ତପ୍ପରେ ଚାରି, ଛଅ, ଆଠ, ଦଶ, ଦ୍ୱାଦଶ, ଅଷ୍ଟାଦଶ ଓ ବିଂଶ ପର୍ଯ୍ୟନ୍ତ ବର୍ଦ୍ଧିତ ହୋଇଥିଲେ । ବୌଦ୍ଧ ଧର୍ମର ଦେବତାଙ୍କ ସଂଖ୍ୟା ଅଗଣିତ କହିଲେ ଚଳେ । ପରବର୍ତ୍ତୀ ଯୁଗରେ ଜୈନ ଧର୍ମର ତୀର୍ଥଙ୍କର ଓ ଶାସନ ଦେବୀ ମଧ୍ୟ ମୂର୍ତ୍ତିରୂପେ ଗଠିତ ହୋଇ ପୂଜିତ ହେଲେ । ଏହିସବୁ ଧର୍ମର ମୂର୍ତ୍ତିଗୁଡ଼ିକର ପ୍ରମାଣ ଓଡ଼ିଶାରେ ଖ୍ରୀ: ୭ମ ଶତାବ୍ଦୀଠାରୁ ୧୪ଶ ଶତାବ୍ଦୀପର୍ଯ୍ୟନ୍ତ ପର୍ଯ୍ୟାପ୍ତ ଭାବରେ ମିଳିଅଛି ।

ବୁଦ୍ଧଦେବ ଯୋଗାସନରେ ବସି ସିଦ୍ଧିଲାଭ କରିଥିବା କଥା ସୁବିଦିତ । ଯୋଗସାଧନ ପାଇଁ ବସିବାର ନିୟମ ଅଛି, ହାତ ଦୁଇଟି ରଖିବାର ନିୟମ ଅଛି; ଆଖି ମୁଦିବାର ନିୟମ ଅଛି । ଧ୍ୟାନରେ ବସିବା ବେଳେ ଯୋଗୀଙ୍କୁ "ଅର୍ଦ୍ଧନିମିଳିତ ନୟନ, ନାସିକାବଦ୍ଧ ଦୃଷ୍ଟି" ହୋଇ ବସିବାକୁ ହୁଏ । ଗୁପ୍ତ ଯୁଗର ଭାସ୍କରମାନେ ଏହି ନିୟମ ଦେବତା ମୂର୍ତ୍ତି ଗଠନରେ ପ୍ରୟୋଗ କରିଥିଲେ । ଗୁପ୍ତ ଯୁଗର ପରବର୍ତ୍ତୀ କାଳରେ ଓଡ଼ିଶାର ଭାସ୍କରମାନେ ଏହା ଅନୁକରଣ କରିଥିବାର ବହୁପ୍ରମାଣ କଟକର ଗିରିନଗରରେ ଥିବା ବୌଦ୍ଧକୀର୍ତ୍ତିରୁ ଦୃଷ୍ଟ ହୁଏ ।

ଓଡ଼ିଶାରେ ବୌଦ୍ଧଭାସ୍କର୍ଯ୍ୟ ସହିତ ବ୍ରାହ୍ମଣ୍ୟ ଧର୍ମର ଭାସ୍କର୍ଯ୍ୟ ଯୁଗପତ୍ ବିକଶିତ ହୋଇଥିଲେ । ପରମ୍ପରା ଅନୁସାରେ ଶିଳ୍ପୀ ମୂର୍ତ୍ତି ଗଢ଼ି ଲୋକଙ୍କୁ ଦେଉଥିଲେ । ଏଣୁ ଓଡ଼ିଶାରେ 'ଅର୍ଦ୍ଧନିମିଳିତ ନୟନ, ନାସିକା ବଦ୍ଧ ଦୃଷ୍ଟି'ର ଲକ୍ଷଣ ଦେଖାଯାଏ । କେବଳ ଏତିକି ନୁହେଁ କେତେକ ମୂର୍ତ୍ତିରେ ଯୋଗାସନସ୍ଥ ଭାବ ଦୃଷ୍ଟ ହେଉଥିଲେ ମଧ୍ୟ ଦେବତା ଧାବମାନ ସଚଳ ବାହନ ଉପରେ ଉପବିଷ୍ଟ ଥିବାର ଦେଖାଯାଏ । ଉଦାହରଣ ସ୍ୱରୂପ ଭୁବନେଶ୍ୱରର ରାଜରାଣୀ ମନ୍ଦିରସ୍ଥ ଦିଗ୍‌ପାଳ ବରୁଣର ମୂର୍ତ୍ତି ଧ୍ୟାନସ୍ଥ, କିନ୍ତୁ ଦେବତାର ବାହନ ମକର ସ୍ରୋତରେ ଧାବମାନ । କୋଣାର୍କର ଅଶ୍ୱାରୋହୀ ସୂର୍ଯ୍ୟ ମୂର୍ତ୍ତିଟି ଯୋଗାସୀନ ମାତ୍ର ଅଶ୍ୱଟି ବେଗରେ ଧାବମାନ । ଖିଚିଙ୍ଗର ନଟରାଜ ମୂର୍ତ୍ତିଠାରେ ଆହୁରି ବିଶେଷତ୍ୱ

ଦେଖାଯାଏ । ଏଠାରେ ଦେବତା ସ୍ୱୟଂ ନୃତ୍ୟରତ ଯହିଁରେ ହସ୍ତପଦ ସଞ୍ଚାଳିତ ହେଉଛି, କିନ୍ତୁ ମୁଖମଣ୍ଡଳ ଦେଖିଲେ ଜଣାଯାଏ ଯେ ଦେବତା 'ଅର୍ଦ୍ଧ ନିମିଳିତ ନୟନ, ନାସିକାବଦ୍ଧ ଦୃଷ୍ଟି' । ଶିବ ମହାଯୋଗୀ, ସେ ସ୍ୱତନ୍ତ୍ର ଖୋଦିତ ହେଲେ ମଧ୍ୟ ଦେବତାଙ୍କ ସହିତ ନୃତ୍ୟରତ ଥିଲାପରି ମନେ ହୁଏ । ଓଡ଼ିଶାର ଶିଳ୍ପୀମାନେ ଦେବତାମୂର୍ତ୍ତି ଗଠନରେ ସିଦ୍ଧହସ୍ତତା ଲାଭକରି ଖ୍ରୀ: ୭ମ, ୮ମ ଶତାବ୍ଦୀଠାରୁ ଆରମ୍ଭ କରି ତ୍ରୟୋଦଶ ପର୍ଯ୍ୟନ୍ତ ନିରବଚ୍ଛିନ୍ନ ଭାବରେ ନିଜର କୃତିତ୍ୱ ରକ୍ଷା କରିବାରେ ପାରଗ ହୋଇ-ଥିଲେ । ଓଡ଼ିଶାରେ ମୂର୍ତ୍ତି ଗଠନର ଶ୍ରେଷ୍ଠ ନିଦର୍ଶନ ଶିଳ୍ପୀ ରଖିଯାଇଛି ଖ୍ରୀମକାଣ୍ଡ ଓ ମରାଙ୍ଗର ଅନନ୍ତଶାୟୀ ବିଷ୍ଣୁ ମୂର୍ତ୍ତି ଗଠନ କରି । ଓଡ଼ିଶାରୁ ଭାସ୍କର୍ଯ୍ୟ ବିଭବ ସହିତ ଦେବତାମୂର୍ତ୍ତି ତତ୍ତ୍ୱ ସମ୍ପର୍କରେ ଅନେକ ନୂତନ ତଥ୍ୟ ଜଣାଯିବ । ଏଠାରେ ଦିଗ୍‌ଦର୍ଶନ ଭାବରେ କେତୋଟି କଥା ମାତ୍ର କୁହାଯାଇଛି; ସୁପ୍ରଶସ୍ତ କ୍ଷେତ୍ର ସମ୍ମୁଖରେ ଉନ୍ମୁକ୍ତ ।

**ମନ୍ଦିର ସ୍ଥାପତ୍ୟ:** ଓଡ଼ିଶାରେ ଗୁହା ସ୍ଥାପତ୍ୟର ପ୍ରମାଣ ଖ୍ରୀ: ପୂ: ୨ୟ ଶତାବ୍ଦୀରେ ମିଳୁଥିଲେ ମଧ୍ୟ ବୌଦ୍ଧମାନଙ୍କର ସ୍ତୂପର କୌଣସି ନିଦର୍ଶନ ଅଦ୍ୟାପି ମିଳିନାହିଁ । ଏଣୁ ଓଡ଼ିଶାରେ ମନ୍ଦିର ଶିଖରର ଗଠନ ଶିଳ୍ପୀମାନଙ୍କ ଦ୍ୱାରା ଆବିଷ୍କୃତ ହୋଇଥିଲା ବୋଲି ଅନୁମାନ କରିବା ସ୍ୱାଭାବିକ । ଭୁବନେଶ୍ୱରର ରାମେଶ୍ୱର ମନ୍ଦିର ନିକଟବର୍ତ୍ତୀ ଲକ୍ଷ୍ମଣେଶ୍ୱର, ଭରତେଶ୍ୱର ଓ ଶତ୍ରୁଘ୍ନେଶ୍ୱର ଓ ଭୁବନେଶ୍ୱରରେ ସ୍ୱର୍ଣ୍ଣଜାଳେଶ୍ୱର ମନ୍ଦିରଗୁଡ଼ିକ ଓଡ଼ିଶାର ପ୍ରାଚୀନତମ ମନ୍ଦିର ବୋଲି ଗୃହୀତ ହୋଇଛି; କାରଣ ଏହିସବୁ ମନ୍ଦିରରେ ବା ବିମାନରେ ମୁଖଶାଳାର ବା ଜଗମୋହନର ଗଠନ ସଂଯୋଜିତ ନାହିଁ । ପରଶୁରାମେଶ୍ୱର ଓ ବୈତାଳ ଦେଉଳରେ ବିମାନ ସହିତ ଜଗମୋହନ ଜଡ଼ିତ ଅଛି । ଅଳ୍ପକାଳ ହେଲା ପଟିଆ ନିକଟବର୍ତ୍ତୀ ଶିଖରଚଣ୍ଡୀ ମନ୍ଦିରଟି ଆବିଷ୍କୃତ ହୋଇଛି-ଲେଖକ ଦ୍ୱାରା । ଏହାର ଶିଖର ପରିବର୍ତ୍ତେ ଚେପଟା ଛାତ ଅଛି ଠିକ ଆଧୁନିକ ପକ୍‌କାଘର ସଦୃଶ । ମଧ୍ୟ ଭାରତରେ ଗୁପ୍ତ ଯୁଗରେ ଦେଓଘର ମନ୍ଦିରରେ ଚେପଟା ଛାତ ଥିବାର ଦେଖାଯାଏ । ଶିଖର ଚଣ୍ଡୀ ମନ୍ଦିର ତଦନୁସାରେ ଅନୁକୃତ କି ନା ତାହା କହିବା

କଷ୍ଟକର । ଭୁବନେଶ୍ୱରରେ ଏ ପ୍ରକାର ସ୍ତୁପଯୁକ୍ତ ମନ୍ଦିର ଥିବାର ପ୍ରମାଣ ମିଳନାହିଁ ।

ଅବଶ୍ୟ ପରଶୁରାମେଶ୍ୱର ମନ୍ଦିରସଦୃଶ ବୈତାଳ ଦେଉଳ ଶିଖରଯୁକ୍ତ ନୁହେଁ । ତାହାର ଶିଖରଟି ଗୋରୁଗାଡ଼ିରେ ଲଗିଥିବା ବାଉଁଶ ଗୁଈଅଡ଼ା ବା ତାଳ ବରଡ଼ା ଛପର ସଦୃଶ । ଓଡ଼ିଶାରେ ଶିଖରଯୁକ୍ତ ଦେଉଳ ଓ ବୈତାଳ ଦେଉଳ ସଦୃଶ ଗୋଲାକାର ଶିଖରଯୁକ୍ତ ଦେଉଳ ବହୁ ମନ୍ଦିର ସବୁବେ ଅଛି । ବୈତାଳ ଦେଉଳ ପରି ଶିଖରଯୁକ୍ତ ମନ୍ଦିର ସଂଖ୍ୟା ଓଡ଼ିଶାରେ କିଛି କମ୍ ନାହିଁ । ଏହି ଜାତୀୟ ମନ୍ଦିରଗୁଡ଼ିକରେ ସବୁବେ ଦେବୀ ମୂର୍ତ୍ତି ପ୍ରତିଷ୍ଠିତ ହୋଇଥିବାର ଦେଖାଯାଏ । ଏପରି ବିଧାନ କାହିଁକି ହୋଇଛି ତାହାର କାରଣ କୌଣସି ସୂତ୍ରରୁ ଜାଣିବାର ଉପାୟ ନାହିଁ । ଭୁବନେଶ୍ୱରର ପରଶୁରାମେଶ୍ୱର, ଶିଶିରେଶ୍ୱର, ମାର୍କଣ୍ଡେଶ୍ୱର ଓ ମୋହିନୀ ମନ୍ଦିରରେ ଯେ ପ୍ରକାର ମୁଖଶାଳା ଅଛି, ବୈତାଳ ଦେଉଳର ଠିକ୍ ସେ ପ୍ରକାର ମୁଖଶାଳା ଅଛି । ବୈତାଳ ଦେଉଳରେ ଦେବୀ ଚାମୁଣ୍ଡା ଓ ମୋହିନୀ ଦେଉଳରେ ଦେବୀ ମହିଷାସୁରମର୍ଦ୍ଦିନୀ ପ୍ରତିଷ୍ଠିତ । ମୁଖଶାଳାର ଗଠନ ସବୁବେ ପ୍ରାୟ ଏକ ପ୍ରକାର କହିଲେ ଚଳେ । କେଉଁଠାରେ ମୁଖଶାଳା ଅତିଶୟ କାରୁକାର୍ଯ୍ୟପୂର୍ଣ୍ଣ ଓ କେଉଁଠାରେ ତାହା ଅତି ସାଧାସିଧା; ଏତିକି ମାତ୍ର ପ୍ରଭେଦ । ମନ୍ଦିର ସମ୍ମୁଖରେ ମୁଖଶାଳାର ସଂଯୋଜନାରୁ ମନେହୁଏ ଯେ ମୁଖଶାଳାଯୁକ୍ତ ମନ୍ଦିରଗୁଡ଼ିକ ମୁଖଶାଳାହୀନ ମନ୍ଦିରର ପରବର୍ତ୍ତୀ । ପରଶୁରାମେଶ୍ୱର ମନ୍ଦିର ଗଠିତ ହେବା ପରେ ତାହାର ମୁଖଶାଳା ଯେ ଗଠିତ ହୋଇଥିଲା, ଏଥିରେ କିଛି ସନ୍ଦେହ ନାହିଁ । ତାହାର ପ୍ରମାଣ ଗଠନ ରୀତିରୁ ଜଣାଯାଏ । ଏହି କେତୋଟି ମନ୍ଦିର ଶିଖରଯୁକ୍ତ ହେଲେ ମଧ୍ୟ ଏଥିରେ ଥିବା ମୁଖଶାଳାଗୁଡ଼ିକର ଗଠନ ଗୃହଘରର ଛପର ଅନୁକରଣରେ ହୋଇଥିଲାବୋଲି ମନେହୁଏ । ଶିଳ୍ପଶାସ୍ତ୍ର ଓ ପୁରାଣ ଅନୁସାରେ ଶିଖର ଗଠନର ପାର୍ଥକ୍ୟ ଯୋଗୁଁ ମନ୍ଦିର ସ୍ଥାପତ୍ୟକୁ 'ନାଗର' 'କଳିଙ୍ଗ' 'ଦ୍ରାବିଡ଼' ଓ 'ବେସର' ଭେଦରେ ଚାରିଭାଗରେ ବିଭକ୍ତ କରାଯାଇଛି । ଏଥିରୁ 'କଳିଙ୍ଗ' ଓ 'ଦ୍ରାବିଡ଼' ନାମଧେୟ ମନ୍ଦିରଗୁଡ଼ିକ ଦେଶବାଚକ । ଏହି ଚାରିଶ୍ରେଣୀୟ ମନ୍ଦିର ସ୍ଥାପତ୍ୟକୁ

ୟୁରୋପୀୟ ପଣ୍ଡିତବର୍ଗ 'ଆର୍ଯ୍ୟ' 'ଭାରତୀୟ' ଓ 'ଦ୍ରାବିଡ଼' ନାମକ ଶ୍ରେଣୀମାନରେ ଭାଗ କରିଅଛନ୍ତି । ଏହି ବିଭାଗୀକରଣ ସହିତ ଶାସ୍ତ୍ରୀୟ ବିଭାଗୀକରଣର ସାମଞ୍ଜସ୍ୟ ନାହିଁ । ଶିଳ୍ପଶାସ୍ତ୍ର ବିଧି ଅନୁସାରେ 'ନାଗର', 'କଳିଙ୍ଗ', 'ଦ୍ରାବିଡ଼' ଓ 'ବେସର' ମନ୍ଦିରଗୁଡ଼ିକ ରେଖ ଦେଉଳ ବା ଶିଖରଯୁକ୍ତ ମନ୍ଦିର ଭେଦରେ ନିରୂପିତ କରାଯାଇ ନାହିଁ ।

ଶତ୍ରୁଘ୍ନେଶ୍ୱର ପ୍ରଭୃତି ମନ୍ଦିରଗୁଡ଼ିକର ନିର୍ମାଣକାଳ ଖ୍ରୀଷ୍ଟିୟ ୭ମ ଶତାବ୍ଦୀଠାରୁ ୮ମ ଶତାବ୍ଦୀ ମଧ୍ୟରେ ନିର୍ମିତ ହୋଇଅଛି । ଏହି ତିନୋଟି ମନ୍ଦିର ମଧ୍ୟରୁ ଶତ୍ରୁଘ୍ନେଶ୍ୱର ଓ ଭରତେଶ୍ୱର ମନ୍ଦିର ଦୁଇଟିରେ ଦ୍ୱାରବନ୍ଧ ଉତ୍ତରରେ ଗ୍ରହପାଠ ବା ଶିଳା ନାହିଁ । ଗ୍ରହପାଠ ସ୍ଥାନରେ ଅନ୍ୟମୂର୍ତ୍ତି ଖୋଦିତ ଅଛି । କିନ୍ତୁ ଲକ୍ଷ୍ମଣେଶ୍ୱର ମନ୍ଦିରରେ ଗ୍ରହପାଠ ଅଛି ଓ ମୁଖ ଶାଳା ଯୁକ୍ତ ପରଶୁରାମେଶ୍ୱର ମନ୍ଦିରରେ ମଧ୍ୟ ଗ୍ରହପାଠ ଅଛି । ଗ୍ରହ କହିଲେ ଆମ୍ଭେମାନେ ନବଗ୍ରହ କଥାବୁଝୁଁ ମାନ ଏହି ଦୁଇଟି ମନ୍ଦିରରେ ଥିବା ଗ୍ରହ ପାଠରେ ଅଷ୍ଟଗ୍ରହ ଯଥା ରବି, ସୋମ, ମଙ୍ଗଳ, ବୁଧ, ବୃହସ୍ପତି, ଶୁକ୍ର, ଶନି ଓ ରାହୁ ଗ୍ରହମାନଙ୍କର ମୂର୍ତ୍ତି ଖୋଦିତ ଅଛି । କେତୁ ଗ୍ରହର ସ୍ଥାନ ଏହି ଗ୍ରହଶିଳାରେ ନାହିଁ । ମୁକ୍ତେଶ୍ୱର ଓ ପରବର୍ତ୍ତୀ କାଳର ମନ୍ଦିର ସମୂହରେ ନବଗ୍ରହର ମୂର୍ତ୍ତି ଖୋଦିତ ଅଛି । ଗ୍ରହ ପୂଜା ବିଧାନ ଅତି ପ୍ରାଚୀନ । ବରାହ ମିହିର (୬ଷ୍ଠ ଶତାବ୍ଦୀ) ତାଙ୍କର 'ବୃହତ୍ ସଂହିତା' ଗ୍ରନ୍ଥରେ ନବଗ୍ରହର ନାମୋଲ୍ଲେଖ କରି ବର୍ଣ୍ଣନା କରିଅଛନ୍ତି । ଭୁବନେଶ୍ୱର ମନ୍ଦିର ଗୁଡ଼ିକ ବିରାଟ ମନ୍ଦିରର ପରବର୍ତ୍ତି କାଳର କୀର୍ତ୍ତି । ଫଳିତ ଜ୍ୟୋତିଷରେ ବିଂଶୋତ୍ତରୀ ଓ ଅଷ୍ଟୋତ୍ତରୀ ଦଶାରଗଣନା ଅଛି । ବିଂଶୋତ୍ତରୀ ମତରେ ମନୁଷ୍ୟର ଆୟୁ ୧୨୦ ବର୍ଷ ଓ ଅଷ୍ଟୋତ୍ତରୀ ମତରେ ୧୦୮ ବର୍ଷ ବୋଲି ଧରାଯାଏ । ବିଂଶୋତ୍ତରୀ ମତରେ ନବଗ୍ରହ ଓ ଅଷ୍ଟୋତ୍ତରୀ ମତରେ ଅଷ୍ଟଗ୍ରହଙ୍କର ନାମ ମିଳେ । ଅଷ୍ଟୋତ୍ତରୀ ଗ୍ରହ ମଧ୍ୟରେ କେତୁ ଗ୍ରହର ନାମ ନାହିଁ । ଏଣୁ ମନେହୁଏ ଯେ ଯେଉଁ ପୃଷ୍ଠପୋଷକ ଏ ମନ୍ଦିର ଗଢ଼ାଇ ଥିଲେ, ସେ ଅଷ୍ଟୋତ୍ତରୀ ଜ୍ୟୋତିଷ ମତାବଲମ୍ବୀ ଥିଲେ ଓ ତାଙ୍କର ଇଚ୍ଛାନୁସାରେ ଶିଳ୍ପୀ ଗ୍ରହପାଠରେ ଅଷ୍ଟଗ୍ରହ ଖୋଦିତ କରିଥିଲେ । ପରବର୍ତ୍ତୀ ଯୁଗରେ ବିଂଶୋତ୍ତରୀ ମତ ଲୋକପ୍ରିୟ ହେବାରୁ ବା ପୃଷ୍ଠପୋଷକର ଜାତକ ଅନୁସାରେ ଶିଳ୍ପିମାନେ ଗ୍ରହଶିଳା ଗଠନ କରିଥିଲେ । ଲକ୍ଷ୍ମଣେ-

ଶ୍ୱର ଓ ପରଶୁରାମେଶ୍ୱର ମନ୍ଦିରରେ ଥିବା ଗ୍ରହଶିଳାରେ ପ୍ରତ୍ୟେକ ଗ୍ରହର ନାମ ତତ୍‌କାଳୀନ ପ୍ରଚଳିତ ଲିପିରେ ଖୋଦିତ ଅଛି । ଏଣୁ ମୂର୍ତ୍ତି ଗୁଡ଼ିକ ଯେ ଗ୍ରହ, ଏଥିରେ ସନ୍ଦେହ କରିବାର କିଛି ନାହିଁ । ପରବର୍ତ୍ତୀ କାଳରେ କିନ୍ତୁ ଜୈନ ତୀର୍ଥଙ୍କର ମୂର୍ତ୍ତିରେ ମଧ୍ୟ ଅଷ୍ଟଗ୍ରହର ବ୍ୟବହାର ଦେଖାଯାଏ । ଏପରି ଜୈନ ତୀର୍ଥଙ୍କର ମୂର୍ତ୍ତି ଖଣ୍ଡଗିରି, ମାଳତିଗି ଓ ଅଯୋଧ୍ୟାରେ ମିଳିଅଛି ।

ଭୁବନେଶ୍ୱର ମୁକ୍ତେଶ୍ୱର ମନ୍ଦିରରେ ନବଗ୍ରହ ଶିଳା ଅଛି ଓ ଏହାର ମୁଖଶାଳା ପୂର୍ବ ବର୍ଣ୍ଣିତ ମନ୍ଦିରଦ୍ୱୟର ମୁଖଶାଳା ଠାରୁ ଗଠନରେ ଏକାବେଳେକେ ସ୍ୱତନ୍ତ୍ର । ଏହି ମନ୍ଦିରର ମୁଖଶାଳା ବିମାନସଦୃଶ ରେଖ ଦେଉଳ ନୁହେଁ । ଏହାର ଗଠନ ଶୈଳୀକୁ ପୀଢ଼ ଦେଉଳ ଆଖ୍ୟା ଦିଆ ଯାଉଛି । ପୂର୍ବବର୍ତ୍ତୀ କାଳର ମୁଖଶାଳାର ଗଠନ ଗୃହଳଧର ଛପରର ଅନୁକରଣରେ ଗଠିତ ହୋଇଥିଲା, ଏହି ପ୍ରଭେଦ ଓ ମନ୍ଦିରରେ ଥିବା ମୂର୍ତ୍ତି ଓ ଅଲଙ୍କରଣଦ୍ୱାରା ପ୍ରମାଣିତ ହୁଏ ଯେ ମୁକ୍ତେଶ୍ୱର ମନ୍ଦିର ପରଶୁରାମେଶ୍ୱର ମନ୍ଦିରର ପରବର୍ତ୍ତୀ କାଳରେ ଗଠିତ । ମୁକ୍ତେଶ୍ୱର ମନ୍ଦିରର ନିର୍ମାଣକାଳ ଖ୍ରୀ: ଦଶମ ଶତାବ୍ଦୀର ମଧ୍ୟଭାଗ ବୋଲି ନିର୍ଣ୍ଣିତ କରିବାରେ କିଛି ବାଧା ନାହିଁ । ଭୁବନେଶ୍ୱରର ରାଜରାଣୀ ମନ୍ଦିରରେ ନବଗ୍ରହଶିଳା ସହିତ ଅଷ୍ଟଦିଗ୍‌ପାଳ ମୂର୍ତ୍ତି ଗୁଡ଼ିକ ସ୍ଥାନ ପାଇଛି । କାଳକ୍ରମେ ମନ୍ଦିର ସ୍ଥାପତ୍ୟରେ ନୂତନ ଭାସ୍କର୍ଯ୍ୟର ଆଲଂକରଣ ହେବାଦ୍ୱାରା ପ୍ରମାଣ ମିଳେ ଯେ ଏହି କାର୍ଯ୍ୟର ସମୟ ପରବର୍ତ୍ତୀ କାଳ । ଏଣୁ ରାଜରାଣୀ ମନ୍ଦିରର ନିର୍ମାଣ କାଳ ଖ୍ରୀ: ୧୦୦୦ ଧରାଯାଇ ଅଛି । ବ୍ରହ୍ମେଶ୍ୱର ମନ୍ଦିରରେ ଗୋଟିଏ ଶିଳା ଲିପି ଥିଲା । ତାହା ଷ୍ଟୁଆର୍ଟ ନାମକ ଜଣେ ସାହେବ ନେଇଯାଇ କଲିକତାର ଯାଦୁ ଘରକୁ ଦାନ କରିଥିଲେ । ୧୮୩୮ରେ ଏସିଆଟିକ୍ ସୋସାଇଟି ପତ୍ରିକାରେ ତାହାର ପାଠ ମୁଦ୍ରିତ ଥିଲା । ଭୁବନେଶ୍ୱରକୁ ଏହି ଶିଳାଲିପିଟି ପୁନଃ ପ୍ରେରିତ ହେବା ପୂର୍ବରୁ ଛାପ ନିଆଯାଇ ଥିଲା ଓ ତାହା ମଧ୍ୟ ଉକ୍ତ ପତ୍ରିକାରେ ମୁଦ୍ରିତ ହୋଇଥିଲା । ବ୍ରହ୍ମେଶ୍ୱରର ଶିଳା ଲିପିଟି ବର୍ତ୍ତମାନ ହଜିଯାଇଛି । ଲେଖକ ବହୁ ପରିଶ୍ରମ କରି ଲିପିର ଛାପ ଅନୁସାରେ ପାଠ ସଂଶୋଧିତ କରି ଉକ୍ତ ପତ୍ରିକାରେ ଏକ ପ୍ରବନ୍ଧ

ଲେଖିଥିଲା, ଖ୍ରୀ: ୧୯୪୭ରେ । ଯାହାହେଉ ଏହି ଲିପିରୁ ବ୍ରହ୍ମେଶ୍ୱର ମନ୍ଦିରର ନିର୍ମାଣ କାଳ ଖ୍ରୀଷ୍ଟୀୟ ଏକାଦଶ ଶତାବ୍ଦୀର ତୃତୀୟ ପାଦର ଶେଷ ବୋଲି ନିରୂପିତ ହୋଇଛି । ଲିଙ୍ଗରାଜ ମନ୍ଦିର ବ୍ରହ୍ମେଶ୍ୱର ମନ୍ଦିରଠାରୁ ଅଳ୍ପକାଳ ପୂର୍ବବର୍ତ୍ତୀ ବୋଲି କେତେକ ତୁଳନାତ୍ମକ ଆଲୋଚନାରୁ ଅନୁମିତ ହୁଏ । ଓଡ଼ିଶାରେ ଗଙ୍ଗ ବଂଶୀୟ ରାଜତ୍ୱ ଖ୍ରୀଷ୍ଟୀୟ ଦ୍ୱାଦଶ ଶତାବ୍ଦୀର ୨ୟ ଦଶନ୍ଧିରେ ସ୍ଥାପିତ ହୋଇଥିଲା । ଭୁବନେଶ୍ୱର ଲିଙ୍ଗରାଜ ମନ୍ଦିରରୁ ଗଙ୍ଗରାଜ ଚୋଡ଼ଗଙ୍ଗଙ୍କ ଖ୍ରୀ: ୧୧୧୪ର ଲିପି ମିଳିଅଛି । ଏଣୁ ଭୁବନେଶ୍ୱରର ଏହି ସବୁ ମନ୍ଦିର ଗଙ୍ଗ ରାଜାଙ୍କର ପୂର୍ବବର୍ତ୍ତୀ । ବର୍ତ୍ତମାନ ଦେଖାଯାଉ ଓଡ଼ିଶାର ଅନ୍ୟତ୍ର କେଉଁଠାରେ ଖ୍ରୀ: ୧୨ଶ ଶତାବ୍ଦୀର ପୂର୍ବବର୍ତ୍ତୀ ମନ୍ଦିର ଅଛି । ଭୁବନେଶ୍ୱରର ଶତ୍ରୁଘ୍ନେଶ୍ୱର ମନ୍ଦିରଠାରୁ ଲିଙ୍ଗରାଜ ମନ୍ଦିର ପର୍ଯ୍ୟନ୍ତ ବ୍ରାହ୍ମଣ୍ୟ ଧର୍ମର ମନ୍ଦିର ସ୍ଥାପତ୍ୟର ଯେଉଁ କ୍ରମ ବିକାଶ ଉଦ୍ଭାବିତ ହୋଇ ଶୈଳୋଦ୍ଭବ, ଭୌମ ଓ ସୋମକୁଳୀ ବା ସୋମବଂଶୀ ରାଜାମାନଙ୍କର ରାଜତ୍ୱକାଳରେ ଗଠିତ ହୋଇଥିଲା, ତାହାପାଇଁ ପ୍ରାୟ ଖ୍ରୀ: ୬୨୦ରୁ ଖ୍ରୀ: ୧୦୭୦ ପର୍ଯ୍ୟନ୍ତ ଊର୍ଦ୍ଧ୍ୱ ୪୫୦ ବର୍ଷ ବିତି ଯାଇଥିଲା । ଏହି ସମୟ ମଧ୍ୟରେ ଯାଜପୁର, କଟକ ଜିଲ୍ଲାର ଗିରିତ୍ରୟ ଲଳିତଗିରି, ଉଦୟଗିରି ଓ ରତ୍ନଗିରିରେ ବୌଦ୍ଧଧର୍ମର ସ୍ତୂପ-ସ୍ଥାପତ୍ୟ ମଧ୍ୟ ବିକଶିତ ହୋଇଥିଲା । ଯାଜପୁରରେ ବୌଦ୍ଧସ୍ଥାପତ୍ୟ ସହିତ ବ୍ରାହ୍ମଣ୍ୟ ଧର୍ମର ସ୍ଥାପତ୍ୟ ଯେ ଥିଲା, ତାହା ସେହି କାଳରେ ପୂଜିତ ହେଉଥିବା ମୂର୍ତ୍ତିଗୁଡ଼ିକରୁ ସୂଚନା ମିଳେ । ଉପକୂଳ ବର୍ତ୍ତୀ ଏହି ସବୁ ସ୍ଥାନର ପ୍ରଭାବ ଓଡ଼ିଶାର ଅନ୍ୟାନ୍ୟ ସ୍ଥାନର ମନ୍ଦିର ସ୍ଥାପତ୍ୟ ଉପରେ କିପରି ପଡ଼ିଥିଲା ତାହାର କଥଞ୍ଚିତ ଆଲୋଚନା ଏଠାରେ କରାଯାଉଅଛି । ଭାସ୍କର୍ଯ୍ୟ ସମ୍ପର୍କରେ ପୂର୍ବେ କେତେକ ମନ୍ଦିରର କଥା ଉଲ୍ଲେଖ କରା ଯାଇଥିଲେ ମଧ୍ୟ ଏଠାରେ ସ୍ଥାପତ୍ୟ ସମ୍ପର୍କରେ ସେଗୁଡ଼ିକର କଥା ଉଲ୍ଲେଖ କରାଯାଉ ଥିବାରୁ ପୁନରୁକ୍ତି ଦୋଷ ବୋଲି କେହି ଯେପରି ବିଗୃହ ନ କରନ୍ତି ।

କଟକ ଜିଲ୍ଲାର ଜଟଲୋକା ପାହାଡ଼ର ପାଦ ଦେଶରେ ଏକ ଗ୍ରାମରେ (ଗ୍ରାମର ନାମ ମନେ ପଡ଼ୁ ନାହିଁ) ଗୋଟିଏ ପ୍ରାଚୀନ ବସ୍ତୁ

ମନ୍ଦିର ଲେଖକ ଆବିଷ୍କାର କରିଥିଲି । ଏହି ମନ୍ଦିରର ସ୍ଥାପତ୍ୟ ଠିକ ମୁକ୍ତେଶ୍ୱର ମନ୍ଦିର ସହିତ ତୁଳନୀୟ । ଏହି ମନ୍ଦିରର ଉତ୍ତର କୋଣରେ ଗୋଟିଏ କ୍ଷୁଦ୍ରାକୃତି ମନ୍ଦିର ଭଗ୍ନୋନ୍ମୁଖ ଅବସ୍ଥାରେ ଅଛି, ଠିକ୍ ଭୁବନେଶ୍ୱରର ବ୍ରହ୍ମେଶ୍ୱର ମନ୍ଦିରର ଉତ୍ତର କୋଣରେ ଥିବା ମନ୍ଦିର ସଦୃଶ କଟକ ଜିଲ୍ଲାର ଅଭ୍ୟନ୍ତର କେତେକ ସ୍ଥାନରେ ଏଯୁଗର ମନ୍ଦିର ଅଜ୍ଞାତ ରହିଥିବା, ଅସମ୍ଭବ ନୁହେଁ । କଟକ ଜିଲାର ଚୌଦ୍ୱାରରେ ମଧ୍ୟ କେତୋଟି ମନ୍ଦିର ଅଛି । ତହିଁରେ କିଛି ସ୍ୱାତନ୍ତ୍ର୍ୟ ନାହିଁ । କଟକ ସହରର ପଶ୍ଚିମକୁ ମହାନଦୀର ଅବବାହିକାରେ ଥିବା ମନ୍ଦିରଗୁଡ଼ିକ ମଧ୍ୟରେ ସିଂହନାଥ ଓ ବୌଦର ତାରକାଚିହ୍ନ ସଦୃଶ ଭିତ୍ତିଯୁକ୍ତ ମନ୍ଦିର ଓ ଗନ୍ଧ-ଗଡ଼ିର ଯୁଗ୍ମମନ୍ଦିର, ମନ୍ଦିର ସ୍ଥାପତ୍ୟର ଉତ୍କୃଷ୍ଟ ନିଦର୍ଶନ । ବ୍ରାହ୍ମଣୀ ନଦୀର ଅବବାହିକାରେ ବଜ୍ରକୋଟର ଶିବମନ୍ଦିର ଓ କୁଆଳୁ [କୋଦାଳକ] ଶିବ-ମନ୍ଦିର ବିଶେଷ ଉଲ୍ଲେଖନୀୟ । କୁଆଳୁ ମନ୍ଦିରର ଉତ୍ତରକୋଣରେ ଗୋଟିଏ କ୍ଷୁଦ୍ର ମନ୍ଦିର ଭଗ୍ନୋନ୍ମୁଖ ହୋଇ ରହିଛି । ବୈତରଣୀ ନଦୀର ଅବବାହିକାରେ ମୟୂରଭଞ୍ଜର ଖିଚିଙ୍ଗର ମନ୍ଦିରଗୁଡ଼ିକର ଗଠନକାଳ ଖ୍ରୀ: ୧୦ମ । ୧୧ଶ ଶତାବ୍ଦୀ ହେଲେ ମଧ୍ୟ ଏଠାର ଶିଳ୍ପୀମାନେ ମନ୍ଦିରର ମୁଖଶାଳା ଗଠନ କରିନଥିଲେ । ବାଲେଶ୍ୱର ଜିଲ୍ଲାର ଉତ୍ତରାଖ ମହକୁମାଭୁକ୍ତ ପାଳିଆ ଗ୍ରାମରେ ଥିବା ସୂର୍ଯ୍ୟମନ୍ଦିରଟି କୋଣାର୍କ ସୂର୍ଯ୍ୟମନ୍ଦିରର ବହୁ ପୂର୍ବବର୍ତ୍ତୀ । ଏହି ମନ୍ଦିରର ଆଲଂକରଣର ଖିଚିଙ୍ଗ ମନ୍ଦିର ସହିତ ସାଦୃଶ୍ୟ ଅଛି, କିନ୍ତୁ ମନ୍ଦିର ସ୍ଥାପତ୍ୟ ଏକାବେଳକେ ଓଡ଼ିଶାରେ ଅଦ୍ୱିତୀୟ ଓ ଉପାସ୍ୟ ଦେବତାର ମୂର୍ତ୍ତି ମଧ୍ୟ ଅଦ୍ୱିତୀୟ । ଉପାସ୍ୟ ଦେବତାର ଚାରିଦିଗକୁ ଚାରୋଟି ମୁଖଥିବାରୁ ତଦନୁସାରେ ମନ୍ଦିରର ଚାରିକାନ୍ଥରେ ଚାରୋଟି ପ୍ରବେଶ ଦ୍ୱାର ଅଛି । ଏ ମନ୍ଦିରରେ ଦ୍ୱାର ଥିବାରୁ ଏଥିରେ ପାର୍ଶ୍ୱଦେବତାର ସ୍ଥାନ ନାହିଁ । ମନ୍ଦିରର ଉପରିଭାଗ ଶିଖରଯୁକ୍ତ ହେଲେ ମଧ୍ୟ ବାଢ଼ ଗଠନର କଳ୍ପନାରେ ନୂତନତ୍ୱ ଅଛି । ତେଲ ନଦୀର ଅବ-ବାହିକାରେ ଥିବା ବୈଦ୍ୟନାଥ ମନ୍ଦିରର ମୁଖଶାଳାର ସ୍ଥାପତ୍ୟ ଓଡ଼ିଶାର ଉପକୂଳବର୍ତ୍ତୀ ଓ ପାର୍ବତ୍ୟାଞ୍ଚଳର ମୁଖଶାଳା ସ୍ଥାପତ୍ୟଠାରୁ ସ୍ୱତନ୍ତ୍ର । ବାଣପୁରଠାରୁ ୧୦।୧୨ ମାଇଲ ଉ:ପ: ଦିଗରେ ଅବସ୍ଥିତ ବଙ୍କାଡ଼ ନିକଟବର୍ତ୍ତୀ

ପୁଣି ଆମର ପ୍ରାଚୀନ ମନ୍ଦିର ଭାଙ୍ଗି ପଡ଼ିଥିବାରୁ ତାହାର ସ୍ଥାପତ୍ୟ କି ପ୍ରକାର ଥିଲା ତାହା ଜାଣିବାର ଉପାୟ ନାହିଁ ।

ପୂର୍ବ ବର୍ଣ୍ଣିତ ମନ୍ଦିର ସବୁ ପ୍ରସ୍ତରନିର୍ମିତ । କିନ୍ତୁ ପୁରୀ ଓ କଟକ ଜିଲ୍ଲାର ସମୁଦ୍ରକୂଳବର୍ତ୍ତୀ ଅଞ୍ଚଳରେ ପଥରର ଅଭାବପାଇଁ ଶିଳ୍ପୀ ତଥା ପୃଷ୍ଠପୋଷକମାନଙ୍କ ମନ୍ଦିର ଗଠନ ଉତ୍ସାହ ସ୍ଥାନୀୟ ଉପକରଣ ପ୍ରତି ଆକୃଷ୍ଟ ହୋଇଥିଲା ଓ ସେମାନେ ଇଟାରେ ମନ୍ଦିର ଗଠନ କରିବାରେ ସିଦ୍ଧହସ୍ତତା ଦେଖାଇଥିଲେ । ଏପରି ମନ୍ଦିର ବାଣପୁର ନିକଟରେ ଗୋଟିଏ ଅଛି; ପୁଣି କାକଟପୁର ଅଞ୍ଚଳରେ ବହୁସଂଖ୍ୟାରେ ଅଛି । କଟକ ଜିଲ୍ଲାର ଡେଣ୍ଟାକୁଡ଼ା ଓ ପଞ୍ଚପାଣ୍ଡବ ମନ୍ଦିର ବିଶେଷ ଉଲ୍ଲେଖଯୋଗ୍ୟ । ଇଟା ମନ୍ଦିର ଗଠନ ସମ୍ପର୍କରେ ବୋଲାଯାଇପାରେ ଯେ କଟକ ଜିଲ୍ଲାର ଗିରନୟରେ ପଥର ଅଭାବ ନଥିଲେ ମଧ୍ୟ ସେଠାର ଲୋକେ ଇଟାର ସ୍ତୂପ କରିଥିଲେ ଓ ସେମାନଙ୍କର କାର୍ଯ୍ୟ ଦେଖି ସମୁଦ୍ରକୂଳବର୍ତ୍ତୀ ଅଞ୍ଚଳରେ ଇଟାରେ ମନ୍ଦିର ଗଠନର ସୂତ୍ରପାତ ହୋଇଥିଲା । ଖ୍ରୀଷ୍ଟୀୟ ୮ମ, ୯ମ ଓ ୧୦ମ ଶତାବ୍ଦୀରେ ଓଡ଼ିଶାର ମନ୍ଦିର ସ୍ଥାପତ୍ୟର ଯେଉଁ ଅଭୂତପୂର୍ବ ବିକାଶ ଘଟିଥିଲା, ତାହାର ଚରମ ଅଭିବ୍ୟକ୍ତି ଭୁବନେଶ୍ୱରର ଲିଙ୍ଗରାଜ ମନ୍ଦିରରେ ସ୍ଥାନ ପାଇଥିଲା । ଲିଙ୍ଗରାଜ ମନ୍ଦିର ଗଠନର ଅଳ୍ପକାଳପରେ ମନ୍ଦିର ନିର୍ମାତା ସୋମକୁଳୀ ରାଜବଂଶର ପତନ ହେଲା ଓ ବିଜୟୀ ଗଙ୍ଗ-ନୃପତି ଚୋଡ଼ଗଙ୍ଗଦେବ ଓଡ଼ିଶା ଅଧିକାର କରି ରାଜ୍ୟଶାସନର ମୂଳଭିତ୍ତି ସୁଦୃଢ଼ କରିବାପାଇଁ ପୂର୍ବବର୍ତ୍ତୀ ରାଜବଂଶର କୀର୍ତ୍ତି ଲିଙ୍ଗରାଜ ମନ୍ଦିରଠାରୁ ଏକ ବଡ଼ ମନ୍ଦିର ଜଗନ୍ନାଥଙ୍କ ପାଇଁ ନିର୍ମାଣକରି ନିଜର ପ୍ରଜାପ୍ରିୟତା ବଢ଼ାଇଥିଲେ । ଲିଙ୍ଗରାଜ ଓ ଜଗନ୍ନାଥ ମନ୍ଦିରଦ୍ୱୟର ଗଠନକାଳରେ ପ୍ରାୟ ୧୦୦ବର୍ଷ ବ୍ୟବଧାନ ଧରାଯାଇପାରେ । ତେଣୁ ଉଭୟ ମନ୍ଦିରର ସ୍ଥାପତ୍ୟଧାରା ପ୍ରାୟ ଏକ ଥିଲା କହିଲେ ଚଳେ । ସ୍ଥାପତ୍ୟ କୌଶଳରେ ଉଭୟ ମନ୍ଦିର ମଧ୍ୟରେ କିଛି ବିଶେଷ ପାର୍ଥକ୍ୟ ଲକ୍ଷିତ ହୁଏ ନାହିଁ । ଆଜିକାଲି ସାଧାରଣ ଚକ୍ଷୁରେ ଯେଉଁ ପାର୍ଥକ୍ୟ ଦୃଷ୍ଟିଗୋଚର ହୁଏ, ତାହା ପାଇଁ ମନ୍ଦିର ନିର୍ମାତା ଦାୟୀ ନୁହନ୍ତି, ଦାୟୀ ହେଉଛନ୍ତି ସେମାନେ ଯେଉଁମାନେ କି ଜଗନ୍ନାଥ ମନ୍ଦିରର ଶୋଭାବର୍ଦ୍ଧନକାରୀ । ବହିର୍ଭାଗ

ଉପରେ ଅତି ମୋଟା ଚୂନଲେପ ଦେଇ ମନ୍ଦିରର ବାଡ଼ ଓ ଶିଖରକୁ ବିକୃତାକୃତିରେ ପରିଣତ କରିଅଛନ୍ତି । ଏହି ଯୁଗରେ ଶାସ୍ତ୍ରୀୟ ମନ୍ଦିରରେ ଅଷ୍ଟ ଦିଗ୍‌ପାଳ ମୂର୍ତ୍ତିର ସ୍ୱତନ୍ତ୍ର ସ୍ଥାନ ଥିଲା । ଚୂନ ଲେପରେ ବା ଚୂନ ପଲସ୍ତରା ଯୋଗୁଁ ସେ ସବୁ ମୂର୍ତ୍ତି ପଲସ୍ତରା ଭିତରେ ଲୁଚିଗଲା । ୧୯୬୭ ରେ ଦିକ୍‌ପାଳ ମୂର୍ତ୍ତି ସନ୍ଧାନ ପାଇ ତତ୍କାଳୀନ ପୁରୀରାଜା ରାମଚନ୍ଦ୍ର ଦେବଙ୍କ ସହିତ ଲେଖକ ଯୁକ୍ତି କରିବାରୁ ରାଜା ସାହେବ ଅନୁଗ୍ରହ କରି ଲେଖକ ଦ୍ୱାରା ପ୍ରଦର୍ଶିତ ଦିଗ୍‌ପାଳ ବରୁଣ ଓ ବାୟୁର ସ୍ଥାନରୁ ପଲସ୍ତରା କାଟିବାର ଆଦେଶ ଦେଇଥିଲେ, ଫଳରେ ଜଗନ୍ନାଥ ମନ୍ଦିରର ବାୟୁ କୋଣର ଦୁଇଟି ସ୍ଥାନରୁ ଦିକ୍‌ପାଳ ବରୁଣ ଓ ବାୟୁ ମୂର୍ତ୍ତି ବାହାରିଲା । ଏହି ମୂର୍ତ୍ତି ଦୁଇଟିର ଗଠନଭଙ୍ଗୀ ଲିଙ୍ଗରାଜ ମନ୍ଦିରର ଗଠନଭଙ୍ଗୀ ସହିତ ସମାନ । ଜଗନ୍ନାଥ ମନ୍ଦିରର ଗଠନଭଙ୍ଗୀରୁ ପ୍ରତିପାଦିତ ହୁଏ ଯେ ଦେଶର ଶାସନଭାର ଏକ ନୂତନ ରାଜବଂଶର ଅଧୀନ ହେଲେ ମଧ୍ୟ ଦେଶ ଏପରି କିଛି ବିପର୍ଯ୍ୟସ୍ତ ହୋଇ ନଥିଲା ଯଦ୍ୱାରା ଶିଳ୍ପୀକୁଳ ତାଙ୍କର ବଂଶାନୁକ୍ରମିକ ଶିଳ୍ପବିଦ୍ୟା ଅକ୍ଷୁର୍ଣ୍ଣ ରଖି-ବାରେ ପଟୁତା ଦେଖାଇବା ପାଇଁ ଅପାରଗ ହୋଇଥିଲେ ।

**ମନ୍ଦିର ସ୍ଥାପତ୍ୟକଳାର ଅଧଃପତନ ଓ ଜଗନ୍ନାଥ ମନ୍ଦିରରେ ଚୂନକାମ:** ଓଡ଼ିଶା ମୁସଲମାନ ଅଧିକାର ଭୁକ୍ତ ହେଲାବେଳେ ଓଡ଼ିଶାର ଦେବମନ୍ଦିର ଗୁଡ଼ିକରେ ମୁସଲମାନମାନେ ପ୍ରବଳ ଆକ୍ରମଣ କରି ମନ୍ଦିର ଭାଙ୍ଗିବା ପାଇଁ ଚେଷ୍ଟା କରିଥିଲେ । ସେମାନଙ୍କ ପକ୍ଷରେ ମନ୍ଦିର ମୂଳୋତ୍ପାଟନ କରିବା ସମ୍ଭବପର ନଥିଲା । ତେଣୁ ସେମାନେ କେବଳ ପ୍ରସିଦ୍ଧ ମନ୍ଦିରକୁ ବିକଳାଙ୍ଗ କରିବାରେ କୃତକାର୍ଯ୍ୟ ହୋଇଥିଲେ । ଜଗନ୍ନାଥ ମନ୍ଦିର ଏହି ଶ୍ରେଣୀୟ ମନ୍ଦିର ମଧ୍ୟରୁ ଅନ୍ୟତମ । ଓଡ଼ିଶାରେ ଅନେକ ମନ୍ଦିର ମୁସଲମାନ ଆକ୍ରମଣରୁ ବା ପ୍ରାକୃତିକ କାରଣରୁ ବିକଳାଙ୍ଗ ହୋଇ ପୂଜାସ୍ଥଳୀ ହୋଇଅଛି, ଏ ମନ୍ଦିର ବି ହୋଇଥାଆନ୍ତା । ତାହା ନହୋଇ ମଧ୍ୟ ତହିଁରେ ଚୂନକାମର ପ୍ରୟୋଜନୀୟତାର କାରଣ କିଛି ଜଣାଯାଏ ନାହିଁ । ଯଦିବା ମନ୍ଦିର ଗଠନର ଦୋଷରୁ ମନ୍ଦିରକୁ ରକ୍ଷା-

କରିବା ଦରକାର ମନେହେଲା, ତେବେ କେବଳ ବାହାରେ ଚୂନକାମ ଦ୍ୱାରା କଦାପି ରକ୍ଷା ହୋଇ ପାରନ୍ତା ନାହିଁ । ଯାହା ହେଉ ଜଗନ୍ନାଥ ମନ୍ଦିରରେ ଚୂନକାମ ହେବାର ସମ୍ପର୍କରେ 'ମାଦଳାପାଞ୍ଜି'ରେ ବର୍ଣ୍ଣିତ ଅଛି ଯେ ଖୋର୍ଦ୍ଧାର ଭୋଇବଂଶୀ ରାଜା ନରସିଂହ ଦେବଙ୍କ ଅ୧୯ଙ୍କରେ ବଡ଼ ଦେଉଳରେ ଚୂନକାମ ହୋଇଥିଲା । ଏହି ଗଣନା ଅନୁସାରେ ବଡ଼ ଦେଉଳର ଚୂନକାମର ସମୟ ଖ୍ରୀ: ୧୬୪୨-୪୩ରେ ପଡୁଅଛି ।

ଖ୍ରୀଷ୍ଟୀୟ ସପ୍ତଦଶ ଶତାବ୍ଦୀ ପୂର୍ବରୁ ୟୁରୋପୀୟ ବଣିକମାନେ ବଙ୍ଗୋପସାଗରରେ ଜାହାଜରେ ଗଲାଆସିଲାବେଳେ ଓଡ଼ିଶାର ଜଗନ୍ନାଥ ଓ କୋଣାର୍କ ମନ୍ଦିର ଦୁଇଟିକୁ ସ୍ଥଳଭାଗରେ ଶଙ୍କୁରୂପେ ଗଣ୍ୟ କରୁଥିଲେ । ପର୍ତ୍ତୁଗୀଜ ବଣିକମାନଙ୍କ ଲେଖାରେ ଏ ମନ୍ଦିର ଦୁଇଟିର ବର୍ଣ୍ଣନା ଥିବାର କଥା ଲେଖକ ଜାଣେ ନାହିଁ । ସପ୍ତଦଶ ଶତାବ୍ଦୀର ଶେଷ ପାଦରେ **Bowrey** ସାହେବଙ୍କ ଦ୍ୱାରା ଲିଖିତ **'Countries round the Bay of Bengal'** ବହିରେ ଜଗନ୍ନାଥ ମନ୍ଦିରକୁ **'white pagoda'** ଓ କୋଣାର୍କ ମନ୍ଦିରକୁ **'Black Pagoda'** ବୋଲି ବର୍ଣ୍ଣିତ ଥିବାର ଦେଖାଯାଏ । **white pagoda**ର ବର୍ଣ୍ଣନାରୁ ଜଣାଯାଉଅଛିଯେ ସେତେବେଳକୁ ଜଗନ୍ନାଥ ମନ୍ଦିରରେ ଚୂନକାମ ସରିଛି । ମୂଳରୁ ଜଗନ୍ନାଥ ମନ୍ଦିର ଓ କୋଣାର୍କ ମନ୍ଦିରର ପଥର ଏକଜାତୀୟ, ଯାହାର ସ୍ଥାନୀୟ ନାମ ବଉଳମାଳା । ଏହା ଏକପ୍ରକାର ବାଲିଆ ପଥର । ପ୍ରଭେଦ ଏତିକି ଯେ ଖଣ୍ଡଗିରି ଓ ନରାଜ ବାଲିଆ ପଥର ସଫେଦ, କିନ୍ତୁ କୋଣାର୍କ ଓ ଜଗନ୍ନାଥ ମନ୍ଦିରର ପଥର ଦେଖିବାକୁ ଲାଲ ବା କସରାଲାଲ । ଏହାର ଅନ୍ୟନାମ ମଧ୍ୟ 'କଳା' ପଥର ଯହିଁରୁ ଇଂରାଜୀରେ ଏହି ପଥରର ନାମ **Kondolite** ହୋଇଅଛି । ଏହି ପଥର ଖରା ପବନ ଓ ବର୍ଷାରେ କ୍ଷୟପ୍ରାପ୍ତହୁଏ । ବର୍ତ୍ତମାନ କୋଣାର୍କ ମନ୍ଦିରର ପଥର ଯେପରି ଭାବରେ ପ୍ରାକୃତିକ କାରଣରୁ କ୍ଷୟପ୍ରାପ୍ତ ହେଉଛି; ଠିକ ସେହିପରି ଜଗନ୍ନାଥମନ୍ଦିରର ପଥର ସପ୍ତଦଶ ଶତାବ୍ଦୀରେ କ୍ଷୟପ୍ରାପ୍ତ ହେଉଥିଲା କି ନା ତାହା ଠିକ୍ ଭାବରେ ଜଣାଯାଇନାହିଁ । ହୁଏତ ସେହି କ୍ଷୟରୁ ମନ୍ଦିରକୁ ରକ୍ଷାକରିବାପାଇଁ ମନ୍ଦିର ଉପରେ ଚୂନ ପଲସ୍ତରା ଦେବାପାଇଁ ସେ ସମୟର ବିଶେଷଜ୍ଞ-

ମାନେ ବ୍ୟବସ୍ଥା କରିଥିଲେ । ଏହି ଲେପ ଦ୍ୱାରା ଲିଙ୍ଗରାଜ ମନ୍ଦିର ସଦୃଶ ଆମୂଳଚୂଳ କାରୁକାର୍ଯ୍ୟ ଖଚିତ ଏକ ସୁନ୍ଦର ମନ୍ଦିରର ସୂକ୍ଷ୍ମରେଖା ସବୁକୁ ଏକ କମ୍ବୁତଙ୍କମାକାର ରେଖାରେ ପରିଣତ କରାଗଲା । ଚୂନକାମ ବେଳକୁ ଶିଳ୍ପୀକୂଳ କଳାକୌଶଳରେ ଦକ୍ଷତା ହରାଇଥିଲେ । ତେଣୁ ଚୂନ କାମରେ ଯେଉଁସବୁ ମୂର୍ତ୍ତି ଗଠିତ ହେଲା, ସେଥିରେ ଜୀବନ୍ତ ଓ ସ୍ୱାଭାବିକ ସୌନ୍ଦର୍ଯ୍ୟର ଚିହ୍ନ ସୁଦ୍ଧା ଲକ୍ଷିତ ହୁଏନାହିଁ । ଭାରତର ପ୍ରାଚୀନ ସ୍ଥାପତ୍ୟରେ **Stucco** ମୂର୍ତ୍ତିର ସୌନ୍ଦର୍ଯ୍ୟ ଫୁଟି ଉଠିଥିଲା, ମାତ୍ର ଜଗନ୍ନାଥ ମନ୍ଦିରରେ ତାହାର ପୁନର୍ବିକାଶ ସମ୍ଭବ ହୋଇ ପାରିଲା ନାହିଁ । ଶିଳ୍ପୀକୂଳର ଅଧଃ ପତନ ପାଇଁ । ଏହି ଚୂନ କାମର ବାତୁଲତା ଆଜ ବିଂଶ ଶତାବ୍ଦୀରେ ପ୍ରବଳ ରହି, ଅନେକ ସୁଦୃଶ୍ୟପୂର୍ଣ୍ଣ ମନ୍ଦିର ଅନାଡ଼ି ମିସ୍ତ୍ରୀମାନଙ୍କ ଦ୍ୱାରା ନଷ୍ଟ ହେଉଅଛି । ଉଦାହରଣସ୍ୱରୂପ ଭଦ୍ରକ ନିକଟବର୍ତ୍ତୀ ପାଳିଆର ବିରଞ୍ଚି-ନାରାୟଣ ମନ୍ଦିରଟି ଚୂନକାମ ଦ୍ୱାରା ଏହାର ପୂର୍ବଶ୍ରୀ ଏକାବେଳକେ ହରାଇଅଛି । ଖୋର୍ଦ୍ଧା ମହକୁମାର ଚଣ୍ଡେଶ୍ୱର ମନ୍ଦିରରେ ଚୂନକାମ ଦ୍ୱାରା ମନ୍ଦିରର ମସ୍ତକଭାର ବର୍ଦ୍ଧିତ ହେବାରୁ ଭାଙ୍ଗି ପଡ଼ୁଛି । ସମଗ୍ର ଓଡ଼ିଶାରେ ଏପରି ବହୁ ପ୍ରାଚୀନ ମନ୍ଦିର ମରାମତି ଉଦ୍ଦେଶ୍ୟରେ କେତେଯେ ନଷ୍ଟ ହୋଇଛି, ତାହାର ଇୟତ୍ତା ନାହିଁ । ସିଂହନାଥ ମନ୍ଦିରଟିରେ ଚୂନକାମ ହୋଇଥିବାରୁ ତାହାର ସୌନ୍ଦର୍ଯ୍ୟ ନଷ୍ଟ ହୋଇଥିଲା; ପରେ ସେ ଚୂନ ପଲସ୍ତରା କାଢ଼ି ଦେବାରେ ମନ୍ଦିରଟି ପୂର୍ବରୂପ ଫେରପାଇଛି । କଣ୍ଟିଲୋର ନୀଳମାଧବ ମନ୍ଦିର ଓ ସିଦ୍ଧେଶ୍ୱର ମନ୍ଦିର ଦ୍ୱୟ ଚୂନ କାମରେ ପୂର୍ବ ସୌନ୍ଦର୍ଯ୍ୟ ହରାଇ ଅଛି । ଜଗନ୍ନାଥ ମନ୍ଦିରର ପଲସ୍ତରା ଉଠାଇ ଦେବା ସହଜ ବ୍ୟାପାର ନୁହେଁ, କିନ୍ତୁ ପଶ୍ଚିମ ଦିଗର ସ୍ଥଳ ବିଶେଷରେ କ୍ଷୁଦ୍ର କ୍ଷୁଦ୍ର ସ୍ଥାନରୁ ପଲସ୍ତରା କାଟି ଭିତରର କାରୁକାର୍ଯ୍ୟ ବାହାର କଲେ ମୂଳ ମନ୍ଦିରର ସୌନ୍ଦର୍ଯ୍ୟର କେତେକ ଆଭାସ ଦର୍ଶକ-ମାନେ ଦେଖିପାରନ୍ତେ; ଯେପରି ବରୁଣ ଓ ବାୟୁ ଦିଗପାଳଙ୍କର ଉପରୁ ପଲସ୍ତରା ଅପସାରିତ ହେବା ଦ୍ୱାରା ସେ ମୂର୍ତ୍ତି ଗୁଡ଼ିକ ଦୃଷ୍ଟି ପଥାରୂଢ଼ ହୋଇ ପାରିଛି ।

## ଗଙ୍ଗ ରାଜତ୍ୱରେ ମନ୍ଦିର ସ୍ଥାପତ୍ୟର ନିଦର୍ଶନ :

ଜଗନ୍ନାଥ ମନ୍ଦିର ଗଙ୍ଗ ରାଜତ୍ୱର ପ୍ରଥମ ନିଦର୍ଶନ । ଏହାର ପୀଠ ଉପର

ଥିଲା ତାହା ଜାଣିବାର ଉପାୟ ନାହିଁ । ବହିର୍ଭାଗ ଗଠନରୁ ଏହା ଲିଙ୍ଗରାଜର ରୂପାନ୍ତର ବୋଲି ମନେହୁଏ । ଚୋଡ଼ଗଙ୍ଗଙ୍କ ମୃତ୍ୟୁର ୫୦ ବର୍ଷ ମଧ୍ୟରେ ଓଡ଼ିଶାରେ କୌଣସି ମନ୍ଦିର ତାଙ୍କର ତିନି ପୁଅଙ୍କ ରାଜତ୍ୱକାଳରେ ନିର୍ମିତ ହୋଇଥିବାର ପ୍ରମାଣ ନାହିଁ । ଭୁବନେଶ୍ୱରର ମେଘେଶ୍ୱର ଓ ନିଆଳିର ଶୋଭନେଶ୍ୱର ମନ୍ଦିରଦ୍ୱୟ ସମସାମୟିକ ଥିବାର ପ୍ରମାଣ ତହିଁରେ ଥିବା ଶିଳାଲିପିରୁ ଜଣାପାଏ । ଏ ଦୁଇଟି ମନ୍ଦିରରେ ଉଚ୍ଚପୀଠ ଗଠିତ ହୋଇ ନ ଥିଲା । ଏ ଦୁଇଟି ମନ୍ଦିର ଚୋଡ଼ଗଙ୍ଗଙ୍କ କନିଷ୍ଠ ପୁତ୍ର ଅନିୟଙ୍କଭୀମଙ୍କ ରାଜତ୍ୱ କାଳରେ ନିର୍ମିତ ହୋଇଥିଲା । ତତ୍ପରେ ତାଙ୍କ ପୁତ୍ର ରାଜରାଜଦେବ (ଖ୍ରୀ ୧୧୯୮-୧୨୧୧) ରାଜତ୍ୱ କରିଥିଲେ । ଏହାଙ୍କ ରାଜତ୍ୱରେ କୌଣସି ମନ୍ଦିର ନିର୍ମିତ ହୋଇ ନ ଥିଲା । ତତ୍ପରେ ତାଙ୍କ ପୁତ୍ର ଅନଙ୍ଗ ଭୀମଦେବ (ଖ୍ରୀ ୧୨୧୧-୧୨୩୮) ରାଜତ୍ୱ କରିଥିଲେ । ତାଙ୍କ ରାଜତ୍ୱକାଳରେ କଟକ ଜିଲାସ୍ଥ କିସନପୁରର ଗୃଷ୍ଟେଶ୍ୱର ମନ୍ଦିର ଗଠିତ ହୋଇଥିବାର ପ୍ରମାଣ ସେଠାରେ ଥିବା ଶିଳାଲିପିରୁ ମିଳେ । ଏଥିରେ ମଧ୍ୟ ଉଚ୍ଚପୀଠ ନାହିଁ । ପିପିଲି ଓ କଟଣୀ ସଡ଼କର ଧାରରେ ଦୟାନଦୀର ଦକ୍ଷିଣକୂଳରେ କାକୁଡ଼ିଆ ଓ ବୁଢ଼ାପଡ଼ା ଗ୍ରାମରେ ଦୁଇଟି ମନ୍ଦିର ଆବିଷ୍କୃତ ହୋଇଛି, ଶ୍ରୀଯୁକ୍ତ କେଦାର ନାଥ ମହାପାତ୍ରଙ୍କ ଦ୍ୱାରା । କାକୁଡ଼ିଆ ମନ୍ଦିର ଦେଖିବାକୁ ପ୍ରାୟ ରାଜରାଣୀ ମନ୍ଦିର ସଦୃଶ ହେଲେ ମଧ୍ୟ ଏଥିରେ ଥିବା ପାର୍ଶ୍ୱଦେବତାଙ୍କ ପାଇଁ ଗୁମ୍ଫା ଦାନର ବ୍ୟବସ୍ଥା ନୂତନ । ଏଣୁ ଏ ମନ୍ଦିରର ସମୟ ନିରୂପଣରେ ଲେଖକ ସନ୍ଦିହାନ ଅଛି । ଏହାର ମୁଖଶାଳା ବର୍ତ୍ତମାନ ନାହିଁ, ଭାଙ୍ଗି ଯାଇଛି । ବୁଢ଼ାପଡ଼ାର ମନ୍ଦିରଟିରେ ଉଚ୍ଚପୀଠ ଅଛି, ମୁଖଶାଳା ଅଛି, କିନ୍ତୁ ପାର୍ଶ୍ୱଦେବତାଙ୍କୁ ଗୁମ୍ଫାଦାନର ବ୍ୟବସ୍ଥା ନାହିଁ । ଏ ଗୁଡ଼ିକ ଅନଙ୍ଗଭୀମଦେବଙ୍କ ଅମଳରେ ନିର୍ମିତହୋଇଥିବାରସମ୍ଭାବନା । ଅନଙ୍ଗଭୀମଙ୍କ ପରେ ନରସିଂହଦେବ ୧ମ ଖ୍ରୀ୧୨୩୮ଠାରୁ ୧୨୬୪ ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ । ତାଙ୍କ ରାଜତ୍ୱରେ ବିରାଟ କୋଣାର୍କ ଦେଉଳ ନିର୍ମିତ ହୋଇଥିଲା । କୋଣାର୍କ ଦେଉଳର ବିରାଟତ୍ୱ ବ୍ୟତୀତ ସ୍ଥାପତ୍ୟର ବିଶେଷତ୍ୱ ମମ୍ପୃକ୍ତ । ଏଠାରେ ମନ୍ଦିରକୁ ରଥ ସ୍ୱଭାବରେ କଳ୍ପନା କରାଯିବାରୁ ଏଥିରେ ୨୪ଟି ଚକର ବ୍ୟବସ୍ଥା ବିଶେଷ ପ୍ରୟୋଜନୀୟ ହେଲା । ଚକର

ବ୍ୟବସ୍ଥା ପାଇ ପୀଠର ଉଚ୍ଚତା ଏକାନ୍ତ ଆବଶ୍ୟକ । ଏଣୁ ବୁଢ଼ା ପଢ଼ାଙ୍କ ଉଚ୍ଚପୀଠ ଏଠାରେ ଅନୁକୃତ ହେବାର ମନେହୁଏ । ପୀଠ ଉପରେ ତିନି ପାଖର ପାର୍ଶ୍ୱଦେବତାଙ୍କ ପାଇଁ ସ୍ୱତନ୍ତ୍ର ଗଠନ କଳ୍ପନା କରି କ୍ଷୁଦ୍ରାକାର ମନ୍ଦିର ଗଠିତ ହୋଇଥିଲା, ଯାହାର ଚିହ୍ନ ଏବେ ନାହିଁ । କେବଳ ଭୁବନେଶ୍ୱରର ଅନନ୍ତ ବାସୁଦେବ ମନ୍ଦିରର ପୂର୍ବ ପାର୍ଶ୍ୱରେ ପାର୍ଶ୍ୱଦେବତାଙ୍କପାଇଁ ଉଦ୍ଦିଷ୍ଟମନ୍ଦିରଟି ଦେଖିବାକୁ ମିଳେ । କୋଣାର୍କରେ ମୂଳମନ୍ଦିର ବା ବିମାନ, ପାର୍ଶ୍ୱଦେବତାଙ୍କ ମନ୍ଦିର ଓ ମୁଖଶାଳା ବା ଜଗମୋହନ ଚକଯୁକ୍ତ ଉଚ୍ଚପୀଠ ଉପରେ ଗଠିତ । ଜଗନ୍ନାଥ ଓ ଲିଙ୍ଗରାଜ ମନ୍ଦିରରେ ପରବର୍ତ୍ତୀ କାଳରେ ପାର୍ଶ୍ୱଦେବତାଙ୍କ ମନ୍ଦିର ଗଠିତ ହୋଇଥିବାରୁ ସେଗୁଡ଼ିକ ଯେ ମନ୍ଦିର ବାଡ଼କୁ ଆବୃତ କରିଛି ତାହା ନୁହେଁ, ସେଗୁଡ଼ିକ ମନ୍ଦିରର ମୂଳପୀଠରୁ ବାହାରେ ଗଠିତ ହୋଇଛି । ମନ୍ଦିର ସ୍ଥାପତ୍ୟରେ ମୂଳ ମନ୍ଦିର ସଂଲଗ୍ନ ପାର୍ଶ୍ୱଦେବତା ମନ୍ଦିର ପରିକଳ୍ପିତ ହୋଇ ପୂର୍ଣ୍ଣତା ପ୍ରାପ୍ତିର ନିଦର୍ଶନ କୋଣାର୍କରେ ଅଛି । ପାର୍ଶ୍ୱଦେବତା ଏତେ ଉଚ୍ଚରେ ବିମାନରେ ସଂଲଗ୍ନ ଥିଲା ଯେ ତାହା ପାଖକୁ ଯିବାର ବାଟ ନଥିଲା । ଏଥିପାଇଁ ପାର୍ଶ୍ୱଦେବତା ମନ୍ଦିର ଗଠିତ ହେଲାବେଳେ ତହିଁରେ ପାହାଚ ଗଠିତ ହୋଇ ପାର୍ଶ୍ୱଦେବତା ପାଖକୁ ବାଟ କରାଗଲା ଓ ପାର୍ଶ୍ୱଦେବତା ସମ୍ମୁଖରେ ଠିଆ ହେବାପାଇଁ ପାର୍ଶ୍ୱଦେବତା ପାଇଁ ଉଦ୍ଦିଷ୍ଟ ମନ୍ଦିରରେ ସ୍ଥାନର ବ୍ୟବସ୍ଥା ମଧ୍ୟ ହେଲା । କୋଣାର୍କରେ ଏହି ସ୍ଥାପତ୍ୟର ନୂତନତା ସହିତ ଆଉ ଗୋଟିଏ ନୂତନ ସ୍ଥାପତ୍ୟ ମଧ୍ୟ କଳ୍ପିତ ହୋଇଥିଲା । ତାହା ହେଉଛି ନାଟ-ମନ୍ଦିର । ନାଟ ମନ୍ଦିରର ଉପରିଭାଗ ଭାଙ୍ଗି ପଡ଼ିଥିବାରୁ ତାହାର ଆକୃତି କ'ଣ ଥିଲା ତାହା ଜାଣିବାର ଉପାୟ ନାହିଁ । କିନ୍ତୁ ଏହା ମୁଖଶାଳା ଓ ମନ୍ଦିର ସହିତ ସମାନ ଉଚ୍ଚତାବିଶିଷ୍ଟ ପୀଠ ଉପରେ ଗଠିତ ହୋଇଥିଲା । କୋଣାର୍କର ନାଟ ମନ୍ଦିର ମୁଖଶାଳାରୁ ବିଚ୍ଛିନ୍ନ, କିନ୍ତୁ ପରବର୍ତ୍ତୀ କାଳରେ ଜଗନ୍ନାଥ ଓ ଲିଙ୍ଗରାଜ ମନ୍ଦିରରେ ଥିବା ନାଟ-ମନ୍ଦିରରୁ ଦେଖାଯାଏ ଯେ ଏହା ମୁଖଶାଳା ସହିତ ସଂଲଗ୍ନ ଅଛି । କୋଣାର୍କରେ ନାଟ-ମନ୍ଦିର ପାର୍ଶ୍ୱରେ 'ଭୋଗମଣ୍ଡପ'ର ବ୍ୟବସ୍ଥାନଥିଲା, ଯାହାର କଳ୍ପନାର ବାସ୍ତବତା ପରେ ଜଗନ୍ନାଥ, ଲିଙ୍ଗରାଜ ଓ ଅନନ୍ତ

ବାସୁଦେବ ମନ୍ଦିରରେ ଦେଖାଯାଏ । ମନ୍ଦିର ସ୍ଥାପତ୍ୟରେ ବିମାନ ଓ ଜଗମୋହନ ବ୍ୟତୀତ କୋଣାର୍କର ମନ୍ଦିରରେ ପାର୍ଶ୍ୱଦେବତାଙ୍କର ମନ୍ଦିର, ନାଟ ମନ୍ଦିର ଓ ଭୋଗମଣ୍ଡପ ନାମଧେୟ ଚାରୋଟି ସୌଧ କଳ୍ପିତ ହୋଇ କାର୍ଯ୍ୟରେ ପରିଣତ ହୋଇଥିଲା । କୋଣାର୍କ ମନ୍ଦିରର ଗଠନକାଳ ଗଙ୍ଗନୃପତି ନରସିଂହଦେବ ୧ମ (ଖ୍ରୀ: ୧୨୩୮-୬୪)ଙ୍କ ରାଜତ୍ୱକାଳର ଶେଷଭାଗ [ଖ୍ରୀ: ୧୨୫୦-୬୦] ମଧ୍ୟରେ ହୋଇଥିବାର ଅନୁମିତ ହୁଏ । ଏହାପରେ ଖ୍ରୀ: ୧୨୭୮ରେ ଭୁବନେଶ୍ୱରର ଅନନ୍ତ ବାସୁଦେବ ମନ୍ଦିର ନରସିଂହ ଦେବଙ୍କର ଭଗିନୀ ଚନ୍ଦ୍ରାଦେବୀଙ୍କ ଦ୍ୱାରା ନିର୍ମିତ ହୋଇଥିବାର କଥା ତହିଁରେ ଥିବା ଶିଳାଲିପିରୁ ଜଣାଯାଏ । କୋଣାର୍କ ମନ୍ଦିରର ମନ୍ଦିର, ମୁଖଶାଳା, ଉଚ୍ଚପୀଠ, ପାର୍ଶ୍ୱଦେବତା ମନ୍ଦିରସବୁର ସୌଧ ଏହି ମନ୍ଦିରରେ ଦେଖାଯାଏ । ଏହି ମନ୍ଦିରରେ ନୂତନ ପରିକଳ୍ପନା ହେଉଛି ଅଷ୍ଟଦିଗପାଳ ମୂର୍ତ୍ତିଗୁଡ଼ିକର ଶକ୍ତିମୂର୍ତ୍ତି ଯାହାକି ମନ୍ଦିରର ବାଡ଼ରେ ସ୍ଥାନ ପାଇଛି । ଭୁବନେଶ୍ୱରର ପରବର୍ତ୍ତୀ କାଳରେ ଗଠିତ ମନ୍ଦିରଗୁଡ଼ିକରେ ଦିକ୍‌ପାଳ ଶକ୍ତିମୂର୍ତ୍ତି ସ୍ଥାନ ପାଇଛି । ମାତ୍ର ପାର୍ଶ୍ୱଦେବତାର ମନ୍ଦିର ବର୍ଜିତ ହୋଇଅଛି ।

କୋଣାର୍କ ମନ୍ଦିରର ନାଟମନ୍ଦିରଟି ମୁଖଶାଳା ସହିତ ସଂଲଗ୍ନ ନ ହୋଇ ବିଚ୍ଛିନ୍ନ । ଏହି ବିଚ୍ଛିନ୍ନତାର ଏକମାତ୍ର କାରଣ ମୁଖଶାଳାର ସମ୍ମୁଖବର୍ତ୍ତୀ ସପ୍ତାଶ୍ୱଯୁକ୍ତ ପାବଚ୍ଛଶ୍ରେଣୀ ଓ ଅରୁଣସ୍ତମ୍ଭ । କୋଣାର୍କର ଅରୁଣସ୍ତମ୍ଭଟି ମରହଟ୍ଟା ଶାସନକାଳରେ କୋଣାର୍କରୁ ଅପସାରିତ ହୋଇ ପୁରୀର ଜଗନ୍ନାଥ ମନ୍ଦିର ସମ୍ମୁଖରେ ସ୍ଥାପିତ ହୋଇଛି । ଆଇନ-ଇ-ଆକବରୀର ଲେଖକ ଆବୁଲ୍ ଫାଜଲଙ୍କ ଲେଖା ଅନୁସାରେ ସ୍ତମ୍ଭଟି ଅଷ୍ଟ ବର୍ତ୍ତି ଥିଲା, ୫୦ ହାତ ଉଚ୍ଚଥିଲା । ମାତ୍ର ବର୍ତ୍ତମାନର ଉଚ୍ଚତା ୩୩ଫୁଟ ଅଛି । କୋଣାର୍କରେ ଏହାର ନାମଥିଲା ଅରୁଣସ୍ତମ୍ଭ, ମାତ୍ର ପୁରୀରେ ଏହାର ବର୍ତ୍ତମାନର ନାମ ଗରୁଡ଼ସ୍ତମ୍ଭ । ଲିଙ୍ଗରାଜ ମନ୍ଦିରରେ ଥିବା ସ୍ତମ୍ଭଟି ଆଧୁନିକ ପରି ମନେହୁଏ; ଏହାର ଆଧୁନିକ ଅବସ୍ଥାନରୁ । ଭୋଗମଣ୍ଡପର ସମ୍ମୁଖରେ ଥିବା ପାହାଚ ଉପରେ ଏହା ଦଣ୍ଡାୟମାନ । କୋଣାର୍କ ନାଟ ମନ୍ଦିର ବିଚ୍ଛିନ୍ନ ହେବାର ଯଥେଷ୍ଟ କାରଣ ଅଛି ।

କିନ୍ତୁ ଭୁବନେଶ୍ୱର ଲିଙ୍ଗରାଜ ଓ ଅନନ୍ତ ବାସୁଦେବ ମଂନ୍ଦିର ଦ୍ୱୟର ନାଟମନ୍ଦିର ଓ ପୁରୀର ଜଗନ୍ନାଥ ମନ୍ଦିରର ନାଟମନ୍ଦିର ମୁଖଶାଳା ସହିତ ସଂଲଗ୍ନ ଅଛି । କୋଣାର୍କର ନାଟମନ୍ଦିର ଅନୁକରଣରେ ପୁରୀରେ ଓ ଭୁବନେଶ୍ୱରରେ ନାଟମନ୍ଦିର ଗଠିତ ହେବାରୁ ମନ୍ଦିରର ପ୍ରବେଶ ଦ୍ୱାର ସମ୍ମୁଖରେ ନ ରହି ଦୁଇପାର୍ଶ୍ୱରେ ରଖିବାକୁ ପଡ଼ିଲା । ନାଟ-ମନ୍ଦିରର ଦୁଇ ପାର୍ଶ୍ୱରେ ଦୁଇଟି ପ୍ରବେଶ ଦ୍ୱାର ଅଛି । ବୋଧହୁଏ ଏହି ସମୟରେ ମୁଖଶାଳା ବା ଜଗମୋହନର ଦକ୍ଷିଣ କାନ୍ଥରେ ଥିବା ଝରକାକୁ କାଟି ଆଉ ଗୋଟିଏ ପ୍ରବେଶଦ୍ୱାର ଦକ୍ଷିଣପାର୍ଶ୍ୱରୁ ମଧ କରାଗଲା । ଏହା ସର୍ବବାଦୀ ସମ୍ମତ ଯେ ଲିଙ୍ଗରାଜ, ଜଗନ୍ନାଥ ଓ ଅନନ୍ତ ବାସୁଦେବ ମନ୍ଦିର-ଦ୍ୱୟର ନାଟମନ୍ଦିର ଗୁଡ଼ିକ ମୂଳ ମନ୍ଦିର ଓ ମୁଖଶାଳା ଗୁଡ଼ିକର ଗଠନ ବେଳେ ନିର୍ମିତ ନ ହୋଇ କୋଣାର୍କ ମନ୍ଦିର ଗଠନ ପରେ ପରବର୍ତ୍ତୀ କାଳରେ ଗଠିତ ହୋଇଅଛି । ଜଗନ୍ନାଥ ଓ ଲିଙ୍ଗରାଜ ମନ୍ଦିର ଦ୍ୱୟର ନାଟମନ୍ଦିର ଗଠନରୁ ଜଣାଯାଏ ଯେ ସେଠାରେ ଭୋଗମଣ୍ଡପ ଗଠିତ ହେବା ପୂର୍ବରୁ ନାଟମନ୍ଦିର ରହିଲା । ଜଗନ୍ନାଥ ଓ ଲିଙ୍ଗରାଜ ମନ୍ଦିର-ଗୁଡ଼ିକରେ କେବେ ନାଟମଂନ୍ଦିର ଯୋଡ଼ାଗଲା ତାହାର କିଛି ଉଲ୍ଲେଖ ମାଦଳାପାଞ୍ଜିରେ ନାହିଁ । ମାଦଳା ପାଞ୍ଜିରେ କେବଳ ଉଲ୍ଲେଖ ଅଛି ଯେ ସୂର୍ଯ୍ୟବଂଶୀୟ ହିନ୍ଦୁରାଜା ପୁରୁଷୋତ୍ତମଦେବଙ୍କର ୭ମ ଅଙ୍କରେ ଜଗନ୍ନାଥ ମନ୍ଦିରରେ ଭୋଗମଣ୍ଡପ ଗଠିତ ହୋଇଥିଲା । ପୁରୁଷୋତ୍ତମ-ଦେବ ଖ୍ରୀ: ୧୪୭୦-୭୧ରେ ରାଜା ହୋଇଥିଲେ । ପୁରୁଷୋତ୍ତମଦେବ ଜଗନ୍ନାଥ ମନ୍ଦିରର ମହି କୁରୁମ ବେଢ଼ା ୯ ଅଙ୍କରେ ଗଢ଼ାଇଲେ । ଜଗନ୍ନାଥ ମନ୍ଦିରର ଏହି ଦୁଇଟିର କାରୁକାର୍ଯ୍ୟ ମଧ୍ୟରେ ବିଶେଷ ସୌସାଦୃଶ୍ୟ ଅଛି । ଉଭୟେ ଏକ ସମୟର କାର୍ଯ୍ୟ କହିଲେ ଅତ୍ୟୁକ୍ତି ହେବନାହିଁ । ଭୁବନେଶ୍ୱରର ଲିଙ୍ଗରାଜ ଓ ଅନନ୍ତବାସୁଦେବ ମନ୍ଦିରରେ ଭୋଗ ମଣ୍ଡପ ଅଛି । ଲିଙ୍ଗରାଜର ଭୋଗମଣ୍ଡପରେ କାରୁକାର୍ଯ୍ୟ ଅଛି ମାତ୍ର ପଥରସବୁ ଅତି ଭଙ୍ଗପ୍ରବଣ ଯୋଗୁ କାରୁକାର୍ଯ୍ୟର ଅଧିକାଂଶ କ୍ଷୟପ୍ରାପ୍ତ ହୋଇଛି । ଲିଙ୍ଗରାଜ ଓ ଅନନ୍ତ ବାସୁଦେବ ମନ୍ଦିରର ଭୋଗ ମଣ୍ଡପ କେବେ ନିର୍ମିତ ହୋଇଥିଲା, ତାହାର କିଛି ଉଲ୍ଲେଖ କେଉଁଠାରେ ମିଳେନାହିଁ । ନାଟ ମନ୍ଦିର ଓ ଭୋଗମଣ୍ଡପ ନାମଧେୟ ସୌଧଦ୍ୱୟ

ଲିଙ୍ଗରାଜ ମନ୍ଦିରରେ ଯୋଡ଼ା ହେଲା ପରେ ଲିଙ୍ଗରାଜ ମନ୍ଦିର ଗୃହଦ୍ୱାର ଯେଉଁ ପରିବର୍ତ୍ତନ ଘଟିଛି ତାହା ସେପରି କିଛି ନ ହେଲେ ମଧ୍ୟ ମନ୍ଦିର ବେଢ଼ାର ଗୃହଦ୍ୱାରେ ଘୋର ପରିବର୍ତ୍ତନ ଘଟିଛି, ଏଥିରେ ସନ୍ଦେହ ନାହିଁ । ସେହିପରି ଜଗନ୍ନାଥ ମନ୍ଦିରର ଗୃହଦ୍ୱାରକୁ ଆସିବାପାଇଁ ବର୍ତ୍ତମାନ 'ବାଇଶି' ପାହାଚ ଡେଇଁ ଭିତର ବେଢ଼ାକୁ ଆସିବାକୁ ହୁଏ । ନାଟମନ୍ଦିର ଓ ଭୋଗମଣ୍ଡପ ଗଠିତ ହେବାପୂର୍ବରୁ ଜଗନ୍ନାଥ ମନ୍ଦିର ମୁଖଶାଳା ବା ବିମାନକୁ ଆସିବାପାଇଁ ସିଂହଦ୍ୱାରଠାରୁ କେତେ ପାହାଚ ଥିଲା ବା ବାଇଶି ପାହାଚ ଥିଲା ଯାହା ସେହି ସୌଧଦ୍ୱୟ ଗଠନରେ ଅଦୃଶ ହେବାରୁ ନୂତନ ବାଇଶି ପାହାଚ ଗଠିତ ହେଲା, ତାହା କହିବା କଠିନ । ନାଟମନ୍ଦିର ଓ ଭୋଗମଣ୍ଡପ ଗଠିତ ହେବାପୂର୍ବରୁ ଉତ୍ତର ଦ୍ୱାରରୁ ଦକ୍ଷିଣଦ୍ୱାର ଯାଏ ବୋଧହୁଏ ଏକ ସମତଳ ପଥ ଥିଲା ଓ ସେତେବେଳେ ବର୍ତ୍ତମାନ କଥିତ 'ପାତାଳେଶ୍ୱର' ଓ 'ଈଶାନେଶ୍ୱର' ମନ୍ଦିରଦ୍ୱୟର ପଥର ସମତଳ ପଥରେ ଅବସ୍ଥିତ ଥିଲା । ନାଟମନ୍ଦିର ଓ ଭୋଗମଣ୍ଡପ ଗଠନ ଶେଷପରେ ଉତ୍ତରଦ୍ୱାରରୁ ପାହାଚ ଗଠିତ ହୋଇ ମଝି ବେଢ଼ାର ଦ୍ୱାରଯାଏ ଆସିଲା । ଏହି ପାହାଚ ଗଠନ ଦ୍ୱାରା 'ଈଶାନେଶ୍ୱର' ଓ 'ପାତାଳେଶ୍ୱର' ମନ୍ଦିରଦ୍ୱୟ ତଳକୁ ଚାଲିଗଲା । ପାତାଳେଶ୍ୱର ମନ୍ଦିରଭିତର କାନ୍ଥରେ ଅନଙ୍ଗଭୀମଦେବଙ୍କର ଲିପି ଖୋଦିତ ଅଛି । ଏହି ଲିପିରୁ ଏହା ପ୍ରମାଣିତହୁଏ ଯେ ଏହି ମନ୍ଦିରର ପ୍ରାଚୀନତା ଯାହାହେଉ ପଛକେ ଜଗନ୍ନାଥ ମନ୍ଦିର ଗଠିତ ହେବାପରେ ସେଠାରେ ଏତେ ନୂତନ ସୌଧ ଗଠିତ ହୋଇଛି ଯେ ତଦ୍ୱାରା ମନ୍ଦିର ଗଠିତ ହେବାର ସମସାମୟିକ ପରିସ୍ଥିତି ବହୁଳ ଭାବରେ ପରିବର୍ତ୍ତିତ ହୋଇପଡ଼ିଛି ।

ଲିଙ୍ଗରାଜ ଓ ଜଗନ୍ନାଥ ମନ୍ଦିରଦ୍ୱୟର ପାର୍ଶ୍ୱଦେବତାଙ୍କ ପାଇଁ ମୂଳଗଠନ ସମୟରୁ ପୂଜାର ବ୍ୟବସ୍ଥା ନଥିଲା କି ପାର୍ଶ୍ୱଦେବତାଗୁଡ଼ିକଙ୍କ ପାଖକୁ ଯିବାର ବାଟ ନଥିଲା । ଏହି ମୂର୍ତ୍ତିଗୁଡ଼ିକର ସୌନ୍ଦର୍ଯ୍ୟ ଉପଲବ୍ଧି କରୁଥିଲେ ଦର୍ଶକ ତଳେ ଠିଆ ହୋଇ । ମୂର୍ତ୍ତିଗୁଡ଼ିକ ଗଢ଼ିଲାବେଳେ ଶିଳ୍ପୀ କଳ୍ପନା କରି ସେଗୁଡ଼ିକ ଏପରି ଭାବରେ ଗଢ଼ିଥିଲେ ଯେ ସେଗୁଡ଼ିକୁ

ତଳୁ ଦେଖିଲେ ମୂର୍ତ୍ତି ଗୁଡ଼ିକର ସୌନ୍ଦର୍ଯ୍ୟ ଦର୍ଶକର ଚକ୍ଷୁରେ ପ୍ରତିଭାତ ହେବ, ମାତ୍ର ଏବେ ପାର୍ଶ୍ୱ ଦେବତା ସାମନାରେ ଏକ ମନ୍ଦିର ଗଠିତ ହେବାରୁ ମୂର୍ତ୍ତି ଗୁଡିକ ତଳୁ ଠିଆହୋଇ ଦେଖିବାର ଉପାୟ ନାହିଁ । ପାହାଚରେ ଉଠି ପାର୍ଶ୍ୱ ଦେବତା ସାମନାରେ ଠିଆ ହେଲାବେଳକୁ ମୂର୍ତ୍ତିର ସାନ୍ନିଧ୍ୟ ହେତୁ ମୂର୍ତ୍ତିର ବିଶାଳତ୍ୱ ଦୃଷ୍ଟିରେ 'ପଡ଼େ', ମାତ୍ର ମୂର୍ତ୍ତିର ସୌନ୍ଦର୍ଯ୍ୟ ଚକ୍ଷୁରେ ପ୍ରତିଭାତ ହୁଏନାହିଁ । କୋଣାର୍କରେ ପାର୍ଶ୍ୱ-ଦେବତାର ମନ୍ଦିର ଗଠନ କଲାବେଳେ ଶିଳ୍ପୀ କଳ୍ପନା କରିଥିଲା ଯେ ଦର୍ଶକ କେଉଁଠାରୁ ମୂର୍ତ୍ତି ଦେଖିବ ଓ ତଦନୁସାରେ ମୂର୍ତ୍ତି ଗଢ଼ିଥିଲା, ମାତ୍ର ଲିଙ୍ଗରାଜ ଓ ଜଗନ୍ନାଥ ମନ୍ଦିରରେ ଏ ରୀତି ଅନୁସୃତ ହୋଇ ନଥିଲା । ଏହି ପାର୍ଶ୍ୱ ଦେବତା ମନ୍ଦିରଗୁଡ଼ିକ ବୋଧହୁଏ ଭୋଗମଣ୍ଡପ ଓ ନାଟମନ୍ଦିର ଗଠନ କାଳରେ ମୂଳ ମନ୍ଦିରରେ ଯୋଗ କରାଯାଇଥିଲା । ମୂଳ ମନ୍ଦିରର ବାହ୍ୟିକ ସୌନ୍ଦର୍ଯ୍ୟ ନଷ୍ଟ କରିବାରେ ଶିଳ୍ପୀର କଳ୍ପନା କେତେଦୂର ଅଧଃପତିତ ହୋଇଥିଲା, ତାହା ଲିଙ୍ଗରାଜ ଓ ଜଗନ୍ନାଥ ମନ୍ଦିରର ପାର୍ଶ୍ୱ ଦେବତା ମନ୍ଦିର ଗଠନରୁ ପ୍ରମାଣିତ ହୁଏ ।

ମନ୍ଦିର ସ୍ଥାପତ୍ୟର ଇତିହାସରୁ ଦେଖାଯାଏ ଯେ ମନ୍ଦିରରେ ପ୍ରଥମେ କେବଳ ମନ୍ଦିର ବା ବିମାନ ଥିଲା । ତପ୍ରରେ ବିମାନର ସାମନାରେ ମୁଖଶାଳା ବା ଜଗମୋହନ ଯୋଡାଗଲା । ତପ୍ରରେ ନାଟ-ମନ୍ଦିର ଓ ଭୋଗମଣ୍ଡପ ଗଠିତ ହେଲା । ଏହି କ୍ରମରେ ମନ୍ଦିର ସ୍ଥାପତ୍ୟରେ ଗୃହରୀତି ଗଠନ, ପର ପର ଗଠିତ ହେଲା । ଓଡିଶାରେ ମନ୍ଦିର ସ୍ଥାପତ୍ୟର ବିକାଶ ପାଇଁ କେତେ ଶତବର୍ଷ ଲାଗିଥିଲା, ତାହାର ସଂକ୍ଷିପ୍ତ ଆଭାସ ଏହି ପ୍ରବନ୍ଧରୁ ପାଠକମାନେ ଉପଲବ୍ଧି କରିପାରିବେ । ଓଡିଶାର ସାନ ବଡ ବହୁ ମନ୍ଦିର ଭାରତ ସରକାରଙ୍କ ଦ୍ୱାରା ଜାତୀୟ ସୌଧ ହିସାବରେ ଗଣିତ ହୋଇ ପ୍ରତ୍ନତତ୍ତ୍ୱ ବିଭାଗଦ୍ୱାରା ସୁରକ୍ଷିତ ହେଉଅଛି । ଲିଙ୍ଗରାଜ ଓ କୋଣାର୍କ ମନ୍ଦିରର ରକ୍ଷାପାଇଁ ବହୁ ଅର୍ଥ ବ୍ୟୟିତ ହୋଉଛି । କିନ୍ତୁ ପୁରୀର ଜଗନ୍ନାଥ ମନ୍ଦିର ଜାତୀୟ ସୌଧ ନ ହୋଇ ଥିବାରୁ ରକ୍ଷଣାବେକ୍ଷଣ ପାଇଁ ତହିଁରେ ଆଧୁନିକ ବୈଜ୍ଞାନିକ ପ୍ରଣାଳୀ ପ୍ରୟୋଗରେ କିଛି ଉପାୟ ନାହିଁ । ଏବେ ସେଠାରେ ମନ୍ଦିରେ

ମଝିରେ ଚୂନ କାମ ହୁଏ ଠିକ ପାର୍ଶ୍ୱ ଦେବତା ମନ୍ଦିର ଗଠନ ପରି ବାହାର ମନ୍ଦିରର ସୌନ୍ଦର୍ଯ୍ୟ ଲୋପ ପାଇଥାଏ । ଦେଶବାସୀ ଓ ସରକାର ଜଗନ୍ନାଥ ମନ୍ଦିରକୁ ବିଜ୍ଞାପ୍ତ ସମ୍ପାଦ କରିବେ ନାହିଁ ।

## ରାଜଧାନୀ ଓ ଗଡ଼, ବନ୍ଦର, ରାଜପଥ, ପୋଖରୀ, ମୁସଲମାନ ଆକ୍ରମଣ ଇତ୍ୟାଦି :

ପୂର୍ବୋକ୍ତ ବର୍ଣ୍ଣନାରେ ଉଲ୍ଲିଖିତ ଥିବା ପ୍ରାଚୀନ କୀର୍ତ୍ତି ଗୁଡ଼ିକର ମୁଖ୍ୟ ଉଦ୍ଦେଶ୍ୟ ଧର୍ମମୂଳକ କହିଲେ ଚଳେ । ଯେଉଁ ଦେଶରେ ୨୦୦୦ ବର୍ଷରୁ ଅଧିକ କାଳ ସଭ୍ୟତା ସମ୍ପନ୍ନ ଲୋକଙ୍କର ଇତିହାସ ମିଳେ, ସେ ଦେଶରେ ପୌର ବା ନଗର ସ୍ଥାପତ୍ୟ ଓ ସାମରିକ ସ୍ଥାପତ୍ୟ ଯେ ନଥିଲା, ଏହା କହିବା ନିତାନ୍ତ ଭ୍ରମାତ୍ମକ । କିନ୍ତୁ ଦୁଃଖର ବିଷୟ ଏହିସବୁ ପ୍ରତ୍ନତତ୍ତ୍ୱ ପ୍ରତି ଆମ୍ଭମାନଙ୍କର ବିଶେଷ ଦୃଷ୍ଟି ପଡ଼ିନାହିଁ ।

**ରାଜଧାନୀ:** ଖ୍ରୀ:ପୂ: ୩ୟ ଶତାବ୍ଦୀରେ ଲିଖିତ ଅଶୋକ ଅନୁଶାସନ ଲିପିରୁ ଜଣାଯାଏ ଯେ ସେତେବେଳେ କଳିଙ୍ଗରେ 'ତୋଷଳୀ' ରାଜଧାନୀ ଥିଲା । ଏ 'ତୋଷଳୀ'ର ଧ୍ୱଂସାବଶେଷର ସ୍ଥାନ ଠିକ୍ ନିର୍ଦ୍ଧାରିତ ହୋଇ ନାହିଁ । ଧଉଳି ପାହାଡ଼ର ନିକଟବର୍ତ୍ତୀ 'ଶିଶୁପାଳ' ଗଡ଼ର ଖୋଦନରେ ମୌର୍ଯ୍ୟ ଯୁଗର ନିଦର୍ଶନ ମିଳିଥିବାରୁ ଏହାକୁ 'ତୋଷଳୀ' ବୋଲି ବର୍ଣ୍ଣିତ କରାଯାଇ ଅଛି, ମାତ୍ର ସମସାମୟିକ ସନ୍ଦିହାନ ଶୂନ୍ୟ ପ୍ରମାଣ ମିଳିନାହିଁ । 'ଜଉଗଡ଼' ଅନୁଶାସନରେ ଯେଉଁ 'ସୋମପାର' କଥା ଲିଖିତ ଅଛି, ତାହା ରାଜଧାନୀ ନ ହେଲେ ମଧ୍ୟ ପ୍ରାଦେଶିକ ନଗର ଧରାଯାଇପାରେ । ସେ ସ୍ଥାନର ଖୋଦନରୁ ସେପରି କିଛି ସନ୍ଦେହଶୂନ୍ୟ ନିଦର୍ଶନ ଆବିଷ୍କୃତ ହୋଇ ନାହିଁ । ତତ୍ପରେ ଖ୍ରୀ:୨ୟ ଶତାବ୍ଦୀରେ ଭୁବନେଶ୍ୱର ନିକଟବର୍ତ୍ତୀ ଉଦୟଗିରିର 'ହାତୀଗୁମ୍ଫା' ଗିରି-ଲିପିରେ କଳିଙ୍ଗର ରାଜଧାନୀ 'କଳିଙ୍ଗ ନଗର' ଥିବାର କଥା ଉଲ୍ଲିଖିତ ଅଛି । ଏହାକୁ ମଧ୍ୟ 'ଶିଶୁପାଳ ଗଡ଼' ସହିତ ଏକ ବୋଲି ଧରାଯାଇଛି । କିନ୍ତୁ ଅକାଟ୍ୟ ପ୍ରମାଣର ଅଭାବ ଅଛି । ଖ୍ରୀ: ୧ମ ଶତାବ୍ଦୀଠାରୁ ୭ମ ଶତାବ୍ଦୀ ପର୍ଯ୍ୟନ୍ତ ଦୀର୍ଘକାଳ ମଧ୍ୟରେ ଓଡ଼ିଶାର ଇତିହାସ ଯେପରି ଅନ୍ଧକାରାଚ୍ଛନ୍ନ ଓଡ଼ିଶାର ତତ୍କାଳୀନ ରାଜଧାନୀର କଥା

ସେହ୍ନପର ଅଜ୍ଞାତ । 'ମାଠର' ବଂଶୀୟ ତାମ୍ର ଶାସନରୁ 'ବରଞ୍ଜା ନଗର'ର ନାମ ମିଳେ । ସୋରରୁ ମିଳଥିବା ଭାନୁଦତ୍ତଙ୍କର ତମ୍ବା ପଟାରୁ ମଧ୍ଯ 'ବିରଞ୍ଜା' ନାମ ମିଳେ । ଏହି 'ବିରଞ୍ଜାକୁ' 'ବିରଜା' ସହିତ ଚିହ୍ନଟ କରା-ଯାଇଛି । ଏଣୁ ଓଡ଼ିଶାରେ ମିଳୁଥିବା ରାଜଧାନୀ ମଧ୍ୟରୁ ପ୍ରଥମ ତୋଷଳୀ, ୨ୟ 'କଳିଙ୍ଗ ନଗର' ଓ ୩ୟ 'ବିରଜା ନଗର' । ବିରଜା କ୍ଷେତ୍ରର କଥା ମହାଭାରତରେ ଉଲ୍ଲେଖ ଅଛି । ତମ୍ବାପଟାରୁ ମିଳୁଥିବା 'ବିଗ୍ରହ' ରାଜବଂଶ 'ମାନ' ରାଜବଂଶର ନାମ ମିଳୁଥିଲେ ମଧ୍ୟ ସେମାନଙ୍କର ରାଜତ୍ୱ ସଂପର୍କରେ କିଛି ବିବରଣ ମିଳେ ନାହିଁ । ଦକ୍ଷିଣ ତୋଷଳର ଅନ୍ତର୍ଗତ 'କୋଙ୍ଗଦ'ର ଶୈଳୋଦ୍ଭବ ରାଜବଂଶ ଖ୍ରୀ: ୭ମ ଶତାବ୍ଦୀର ପ୍ରଥମ ପାଦରେ ଶଶାଙ୍କଙ୍କର ସାମନ୍ତରାଜା ଥିବାର ପ୍ରମାଣ ତମ୍ବା ପଟାରୁ ମିଳେ । ଏହି ସମୟରେ ଉତ୍ତର ଓଡ଼ିଶାରେ ଓ ବର୍ତ୍ତମାନ ବଙ୍ଗ ଅନ୍ତର୍ଭୁକ୍ତ ମେଦିନୀପୁର ଜିଲ୍ଲାରେ ଶଶାଙ୍କଙ୍କର ସାମନ୍ତରାଜା ଥିବାର ପ୍ରମାଣ ତମ୍ବା ପଟାରୁ ମିଳିଅଛି । ଶୈଳୋଦ୍ଭବ ରାଜବଂଶର 'କୋଙ୍ଗଦ'କୁ ଆଧୁନିକ 'ଗଞ୍ଜା' ସହିତ ଏକ ଥିବାର କଥା ପଣ୍ଡିତ ବିନାୟକ ମିଶ୍ର ଲେଖିଅଛନ୍ତି । 'ଗଞ୍ଜା'ରେ ମଧ୍ୟ ପ୍ରତ୍ନତାତ୍ତ୍ୱିକ ପ୍ରମାଣ ଅଛି । 'ଗଞ୍ଜା'ର ଆଧୁନିକ ନାମ ତେଲୁଗୁ ପ୍ରଭାବରେ 'ଗଞ୍ଜାମ' ହୋଇଛି । ଗଞ୍ଜାମ ପ୍ରଥମେ ଇଂରାଜମାନଙ୍କର ଶାସନକେନ୍ଦ୍ର ଥିବାରୁ ତଦନୁସାରେ ଜିଲ୍ଲାର ନାମ ଗଞ୍ଜାମ ହେଲା । ଯାହାହେଉ 'କୋଙ୍ଗଦ' 'ଗଞ୍ଜା' ଓ 'ଗଞ୍ଜାମ'ରୂପେ ପରିବର୍ତ୍ତିତ ହୋଇ ଏବେ ପ୍ରାଚୀନତା ସଂପର୍କ ରଖିଅଛି । ଖ୍ରୀ: ୭ମ ଶତାବ୍ଦୀରେ ଥିବା ଅନ୍ୟ ରାଜାମାନଙ୍କର ରାଜଧାନୀ କେଉଁଠାରେ ଥିଲା ତାହା ଜାଣିବାର ଉପାୟ ନାହିଁ । 'ସରେଫଦ୍ଦାର'କୁ 'ସୋର' ସହିତ ଚିହ୍ନିତ କରାଯାଇଛି । ପ୍ରାୟ ଖ୍ରୀଷ୍ଟୀୟ ୮ମ, ୯ମ ଓ ୧୦ମ ଶତାବ୍ଦୀର ମଧ୍ୟଭାଗ ପର୍ଯ୍ୟନ୍ତ ସମୟ ମଧ୍ୟରେ ଓଡ଼ିଶାରେ ଭୌମବଂଶୀୟ ରାଜାମାନେ ସାର୍ବଭୌମ ରାଜାଥିଲେ ଓ ତାଙ୍କ ଅଧୀନରେ ବହୁ ସାମନ୍ତ ରାଜା ମଧ୍ୟ ଥିଲେ । ଭୌମ ରାଜାମାନଙ୍କର ରାଜଧାନୀ 'ବିରଜା'ଠାରେ ଥିବାର କଥା ସାମୟିକ ଲିପିରୁ ଜଣାଯାଏ 'ବିରଜା'ର ଆଧୁନିକ ନାମ ଯାଜପୁର । ଯାଜପୁରରେ ଭୌମ ବଂଶୀୟ ରାଜତ୍ୱକାଳର ପ୍ରତ୍ନତାତ୍ତ୍ୱିକ ପ୍ରମାଣର ଅଭାବ ନାହିଁ । କିନ୍ତୁ ଖନନାଦି ହୋଇ ନ ଥିବାରୁ ଅଧିକ କିଛି ଜାଣିବାର ଉପାୟ ନାହିଁ । ଭୌମ ରାଜବଂଶ ଦୁର୍ବଳ ହୋଇ ପଡ଼ିବା ସମୟରେ କେତେକ

ସାମନ୍ତ ରାଜବଂଶ ସ୍ୱାଧୀନ ହୋଇଥିଲେ । ସେମାନଙ୍କ ମଧ୍ୟରୁ ଭଞ୍ଜବଂଶ ଓ ସ୍ତମ୍ଭ ବଂଶ ପ୍ରଧାନ ଥିଲେ । ଉତ୍ତର ଓ ଦକ୍ଷିଣ ହିସାବରେ ଭଞ୍ଜବଂଶ ଦୁଇ ଭାଗରେ ବିଭକ୍ତ । ଉତ୍ତର ଭଞ୍ଜ ବଂଶୀୟ ରାଜାମାନଙ୍କର ରାଜଧାନୀ ଥିଲା ମୟୂରଭଞ୍ଜ ଜିଲାର ପାଞ୍ଚପୀଢ଼ ମହକୁମା ଅନ୍ତର୍ଭୁକ୍ତ ଖିଚିଙ୍ଗ (ପ୍ରାଚୀନ ଖିଜ୍ଜିଙ୍ଗ କୋଟ୍ଟ) ଯେଉଁଠାରେ ବହୁ ପ୍ରତ୍ନତାତ୍ତ୍ୱିକ ପ୍ରମାଣ ମିଳିଅଛି । ଖିଚିଙ୍ଗ ରାଜଧାନୀର ବିଶଦ ବିବରଣୀ ଗୋଟିଏ ବଡ଼ ପ୍ରବନ୍ଧରେ ବର୍ଣ୍ଣିତ ହୋଇ ପାରେ । ଦକ୍ଷିଣ ଭଞ୍ଜ ରାଜବଂଶର ରାଜାମାନଙ୍କର ରାଜ୍ୟ ଖିଞ୍ଜଳିର ରାଜଧାନୀ 'ଧୃତପୁର' 'ବଞ୍ଜୁଲ୍ବକ' ଥିବାର ପ୍ରମାଣ ତମ୍ବାପଟ୍ଟା ଗୁଡ଼ିକରୁ ମିଳେ, ମାତ୍ର ସ୍ଥାନଗୁଡ଼ିକର ଅବସ୍ଥିତି ନିରୂପିତ ହୋଇ ପାରିନାହିଁ । 'କୋଦାଳକ' ମଣ୍ଡଳର ରାଜା ସ୍ତମ୍ଭବଂଶୀୟ ରାଜାମାନଙ୍କର ରାଜଧାନୀ କୋଦାଳକ ଆଧୁନିକ ଢେଙ୍କାନାଳ ଜିଲାର 'କୁଆଳୁ'ରେ ଥିଲା, ସେଠାରେ ପ୍ରତ୍ନତାତ୍ତ୍ୱିକ ପ୍ରମାଣର ଅଭାବ ନାହିଁ ।

ସୋମକୁଳୀ ରାଜାମାନେ ବଲାଙ୍ଗିର-ସମ୍ବଲପୁର ଜିଲା ଅଞ୍ଚଳରେ ରାଜତ୍ୱ କରୁଥିଲେ । ସେମାନଙ୍କର ରାଜଧାନୀ ସୁବର୍ଣ୍ଣପୁର [ଆଧୁନିକ ତେଲ ନଦୀର ସଙ୍ଗମସ୍ଥଳୀ ସୋନପୁର]ରେ ଥିଲା । ଏହି ବଂଶୀୟ ରାଜା ଯଯାତିଙ୍କ ନାମାନୁସାରେ ସୁବର୍ଣ୍ଣପୁରର ନାମ 'ଯଯାତି ନଗର' ହୋଇଥିଲା । ଉପକୂଳ ଓଡ଼ିଶାରେ ଭୌମବଂଶର ରାଜତ୍ୱର ଅବସାନ ପରେ ସୋମବଂଶ ଓଡ଼ିଶାର ଉପକୂଳବର୍ତ୍ତୀ ଅଞ୍ଚଳରେ ଆଧିପତ୍ୟ ବିସ୍ତାର କରିଥିଲେ । ସେମାନେ ପ୍ରଥମେ ଭୌମ ରାଜାମାନଙ୍କର ରାଜଧାନୀ ବିରଜା ବା ଯାଜପୁରଠାରେ ନିଜର ରାଜଧାନୀ ସ୍ଥାପନ କରିଥିଲେ । ସେମାନେ ପରେ ମହାନଦୀର ଶାଖା ବିରୂପାର ବାମ କୂଳରେ 'ଅଭିନବ ଯଯାତି-ନଗର' (ଆଧୁନିକ ଚଉଦ୍ୱାର)ରେ ଦ୍ୱିତୀୟ ରାଜଧାନୀ ସ୍ଥାପନ କରି ଥିଲେ । ଏଠାରେ ପ୍ରତ୍ନତାତ୍ତ୍ୱିକ ପ୍ରମାଣର ଅଭାବ ନଥିଲା । ବ୍ରିଟିଶ ଅମଳରେ ଓ ସ୍ୱାଧୀନତା ପରେ ଚଉଦ୍ୱାରର ସବୁ ପ୍ରାଚୀନକୀର୍ତ୍ତି ବିପର୍ଯ୍ୟସ୍ତ ହେଲେ ମଧ୍ୟ ବର୍ତ୍ତମାନ ଯାହାଅଛି, ତାହା ସୁରକ୍ଷିତ ହେଲେ ଇତିହାସର ଏକ ବଡ଼ ନିଦର୍ଶନ ଚିରସ୍ଥାୟୀ ରହିବ । ସନ ୧୩୩୯ରେ 'ସହକାର' ମାସିକ ପତ୍ରର ୧୨ଶ ସଂଖ୍ୟା ଚୈତ୍ର ମାସରେ ପୃ୧୦୬୮—୧୦୭୩ରେ

'ଚୌଦ୍ୱାରର ପ୍ରତ୍ନତତ୍ତ୍ୱ' ନାମକ ଏକ ପ୍ରବନ୍ଧ ଲେଖକଦ୍ୱାରା ମୁଦ୍ରିତ ହୋଇଥିଲା—ସେ ଆଜକୁ ୩୦ବର୍ଷ ତଳର କଥା । କୌତୂହଳୀ ପାଠକ ସେ ପ୍ରବନ୍ଧ ପାଠ କରିଲେ ଅନେକ ତଥ୍ୟ ଜାଣି ପାରିବେ ।

ଖ୍ରୀ: ଦ୍ୱାଦଶ ଶତାବ୍ଦୀର ପ୍ରଥମ ଦଶନ୍ଧରେ ସୋମକୁଳୀ ରାଜାଙ୍କୁ ପରାଭୂତ କରି ଗଙ୍ଗବଂଶୀୟ ରାଜା ଚୋଡ଼ଗଙ୍ଗ ଦେବ ଓଡ଼ିଶାର ସାର୍ବଭୌମ ରାଜା ହେଲେ ଓ ତାଙ୍କ ଅଧୀନରେ ଗଙ୍ଗାଠାରୁ ଗୋଦାବରୀଯାଏ ରାଜ୍ୟ ବିସ୍ତାରିତ ଥିଲା । ଚୋଡ଼ଗଙ୍ଗ ଓ ତାଙ୍କର ୪ପୁଅ ଓ ନାତିଙ୍କର ରାଜଧାନୀ ଠିକ୍ କେଉଁଠାରେ ଥିଲା, ତାହା ଜଣାନଗଲେ ମଧ୍ୟ ସେମାନଙ୍କର ରାଜଧାନୀ ଯାଜପୁର ବା ଚଣ୍ଡଦ୍ୱାରଠାରେ ଥିବାର ଅନୁମିତ ହୁଏ । କାରଣ ଏମାନଙ୍କର ରାଜତ୍ୱକାଳର ପ୍ରଥମ ୧୦୦ବର୍ଷ ମଧ୍ୟରେ ସମସାମୟିକ ଲିପିରୁ • ରାଜଧାନୀ ସମ୍ପର୍କରେ କୌଣସି ଉଲ୍ଲେଖ ମିଳେ ନାହିଁ । ଖ୍ରୀ: ୧୧୯୮ରେ ପ୍ରଦତ୍ତ 'ଦାସ-ଗୋବାର' ତମ୍ବାପଟାଟି ଚୋଡ଼ଗଙ୍ଗଙ୍କ ନାତି ଗଙ୍ଗରାଜ, 'ରାଜରାଜ ଦେବ 'ପୁରୀ କଟକ'ରୁ ଦାନ କରିଥିଲେ । ଏଠାରେ କଟକ ଶବ୍ଦର ଅର୍ଥ ଗୁଣ୍ଡିଣି ବା ସ୍କନ୍ଧାବାର ବା ଅସ୍ଥାୟୀ ରାଜଧାନୀ,ପ୍ରକୃତ ରାଜଧାନୀ ନୁହେଁ । ଖ୍ରୀ: ୧୨୦୫ରେ ବଙ୍ଗଦେଶ ମୁସଲମାନ ଆଫଗାନମାନଙ୍କର ପଦାନତ ହେଲା । ସେମାନେ ଖ୍ରୀ: ୧୨୨୧ରେ 'ରାଜନଗର' (ଯଯାତି ନଗରର ପାରସିକ ନାମ) ବା ଓଡ଼ିଶା ଆକ୍ରମଣ କରିଥିବାର କଥା ମୁସଲମାନ ଇତିହାସରେ ଲେଖାଅଛି । *ଏ'ଯାଜନଗର' ଅର୍ଥ ଦେଶ ଓ ରାଜଧାନୀ ଉଭୟ ଅର୍ଥରେ ପ୍ରଯୁକ୍ତ ହୋଇପାରେ । ଯଯାତି ନଗର ଓଡ଼ିଶା ରାଜ୍ୟ ଓ ଓଡ଼ିଶାର ରାଜଧାନୀ । ତେବେ ଏ ଯାଜନଗର ରାଜଧାନୀ ଯାଜପୁର ହୋଇ ପାରେ ବା ମହାନଦୀ—ବିରୂପା କୂଳବର୍ତ୍ତୀ 'ଚଉଦ୍ୱାର' ହୋଇପାରେ । ଖୁବ୍ ସମ୍ଭବ ଏହା ଚଉଦ୍ୱାର । ଏଣୁ ମନେହୁଏ ମୁସଲମାନ ସୈନ୍ୟ ଚଉଦ୍ୱାର ପର୍ଯ୍ୟନ୍ତ ଅଗ୍ରସର ହୋଇଥିଲେ, ମାତ୍ର ଯୁଦ୍ଧରେ ପରାଭୂତ ହୋଇ ପଳାଇଥିଲେ । ଓଡ଼ିଶାର ସମସାମୟିକ ଲିପିରେ ବର୍ଣ୍ଣିତ ଅଛି ଯେ

*ସାରଳା ଦାସ ବ୍ୟବହାର କରିଅଛନ୍ତି 'ଯାଜନଗ୍ର' ଓ ତାଙ୍କର ବର୍ଣ୍ଣନାରୁ ଏହା ମହାନଦୀ କୂଳବର୍ତ୍ତୀ ବୋଲି ମନେହୁଏ ।

ଓଡ଼ିଶାର ଗଙ୍ଗରାଜଙ୍କ ସେନାପତି ଯବନମାନଙ୍କୁ ଯୁଦ୍ଧରେ ପରାଭୂତ କରିଥିଲେ । ଠିକ୍ ଖ୍ରୀ୧୨୧୧ରେ ରାଜରାଜଙ୍କ ମୃତ୍ୟୁପରେ ତାଙ୍କର ପୁତ୍ର ଅନଙ୍ଗଭୀମଦେବ ଓଡ଼ିଶାର ସିଂହାସନରେ ବସିଥିଲେ । ଏହି ପରିବର୍ତ୍ତନ ସମୟରେ ମୁସଲମାନମାନେ ସୁଯୋଗ ଖୋଜି ଓଡ଼ିଶା ଆକ୍ରମଣ କରିଥିଲେ ମାତ୍ର ଅନଙ୍ଗଭୀମଦେବ ନୂତନ ଦାୟିତ୍ୱ ନେବାସତ୍ତ୍ୱେ ବୈଦେଶିକ ଆକ୍ରମଣକୁ ସାହସର ସହିତ ସମ୍ମୁଖୀନ ହୋଇ ସେମାନଙ୍କୁ ଯୁଦ୍ଧରେ ପରାଜିତ କରି ବିଜୟୀ ହୋଇଥିଲେ । ଅନଙ୍ଗଭୀମ ଜଣେ ବିଚକ୍ଷଣ ରାଜା ଥିବାରୁ ଉତ୍ତର ଦିଗରୁ ମୁସଲମାନ ଆକ୍ରମଣ ପ୍ରତି କେବଳ ଯେ ଜାଗ୍ରତ ରହିଥିଲେ, ତାହାନୁହେଁ, ସେ ଓଡ଼ିଶାର ରାଜଧାନୀର ସ୍ଥାନ ପରିବର୍ତ୍ତନ କରି ମହାନଦୀ ଓ କାଠଯୋଡ଼ିର ମଧ୍ୟବର୍ତ୍ତୀ ପଠାକୁ ସ୍ଥାନାନ୍ତରିତ କରି-ଥିଲେ । ଏହାଦ୍ୱାରା ଦୁଇଟି ବଡ଼ ଗଭୀର ନଦୀ ରାଜଧାନୀର ପ୍ରାକୃତିକ ପରିଖାର କାର୍ଯ୍ୟକଲା । ଅନଙ୍ଗଭୀମଦେବ ଏହି ରାଜଧାନୀର ଯେଉଁ ନାମ ରଖିଲେ ତାହା ଉଭୟ ଜନଶ୍ରୁତି ଓ ସମସାମୟିକ ଲିପିରୁ ପ୍ରମାଣିତ ହୁଏ, 'ମାଦଳା ପାଞ୍ଜି'ର ଐତିହାସିକତା ବିଚାର ପ୍ରବନ୍ଧରେ ଲେଖକ କହିଅଛନ୍ତି ଯେ ମାଦଳାପାଞ୍ଜିରେ ଗଙ୍ଗ ରାଜବଂଶର ବିବରଣୀରେ ଅନେକ ଓଲଟ ପାଲଟ ଥିବାର ଜଣା ଯାଉଥିଲେ ମଧ୍ୟ ମହାନଦୀ ଓ କାଠଯୋଡ଼ି ମଧ୍ୟରେ ନୂତନ ରାଜଧାନୀ ସ୍ଥାପନ ପାଇଁ ମିଳୁଥିବା କିମ୍ବଦନ୍ତୀ ସୁଦୃଢ଼ଭାବରେ ସମସାମୟିକ ଲିପିରୁ ପ୍ରମାଣିତ ହୁଏ । ଯେଉଁଠାରେ କିମ୍ବଦନ୍ତୀର କଥା ସମସାମୟିକ ପ୍ରମାଣଦ୍ୱାରା ସମର୍ଥିତ ହୁଏ, ସେହି କିମ୍ବଦନ୍ତୀରେ ଐତିହାସିକ ସତ୍ୟ ନିହିତ ଥାଏ । ନୂତନ ରାଜଧାନୀ ସମ୍ପର୍କରେ 'ପ୍ରାଚୀ ସମିତି' ପ୍ରକାଶିତ ମାଦଳାପାଞ୍ଜି ପୁସ୍ତକରେ ତଳଲିଖିତ ବିବରଣ ମିଳେ ।

"ଏ ଉତ୍ତାରୁ ଅନଙ୍ଗଭୀମଦେବଙ୍କ ସାନଭାଇ ଭୀମ ପରି ରାଏଙ୍କୁ ଭୀମନଗର ଦଣ୍ଡପାଟ ଆଣି ରାଜାକଲେ । ଏ ଦ୍ୱିତୀୟ ଅନଙ୍ଗଭୀମଦେବ ବୋଲାଇଲେ—ଏ ରାଜା ଅନଙ୍ଗଭୀମ ମହାନଦୀ ଓ କାଠଯୋଡ଼ିର ମଧ୍ୟ ସ୍ଥଳରେ ଅଭିନବ, ବାରଣସୀ କଟକ ଓ ଉଭୟ ନଦୀର କୂଳରେ ଦକ୍ଷିଣରେ ଶୈଉଙ୍ଗଗଡ଼ ଓ ଉତ୍ତରରେ ଚୌଦ୍ୱାରଠାରେ ସାରଙ୍ଗଗଡ଼ ମଧ୍ୟ ସୁଦୃଢ଼ କରିଥିଲେ । ଚୌଦ୍ୱାର ଓ ଯାଜପୁର ମଧ୍ୟବର୍ତ୍ତୀ ଅଞ୍ଚଳରେ

ଛତିଆର ଭୌଗୋଳିକ ଅବସ୍ଥିତି ସାମରିକ ଦୃଷ୍ଟିରୁ ବିଶେଷ ଉପାଦେୟ। କାରଣ କଟକର କଳକଳା ଭିତରେ ଯେଉଁ ପାର୍ବତ୍ୟ ମାର୍ଗ ଉତ୍ତରକୁ ପ୍ରସାରିତ ହୋଇଥିଲା ତାହା ଏଠାରୁ ଦୂରବର୍ତ୍ତୀ ନୁହେଁ ଓ ସମତଳଭୂମିରେ ଯେଉଁ ପଥଥିଲା ତାହାଠାରୁ ମଧ୍ୟ ଏହା ଦୂରବର୍ତ୍ତୀ ନୁହେଁ । ଛତିଆର ଅନ୍ୟ ନାମ 'ଅମରାବତୀ' କଟକ—'ଅମରାବତୀ' ନାମର ତାତ୍ପର୍ଯ୍ୟ ଏହି ଯେ ଏଠାରେ ଇନ୍ଦ୍ର ଓ ଇନ୍ଦ୍ରାଣୀଙ୍କ ମୂର୍ତ୍ତି ପୂଜିତ ହେଉଥିଲା ଓ ଏବେ ବି ହେଉଅଛି । ଏହି ପୂଜା ଅତି ପ୍ରାଚୀନ ଓ ଏହାର ଉଲ୍ଲେଖ ଦାକ୍ଷିଣାତ୍ୟରେ ପ୍ରଚଳିତ ଭାଗବତ ପୁରାଣରେ ଲିଖିତ ଅଛି । ଯାଜପୁରର ସାମରିକ ପରିସ୍ଥିତି ମଧ୍ୟ ଅତି ଗୁରୁତର । ଉତ୍ତର ଓଡ଼ିଶାକୁ ଯିବାର ସମତଳ ପଥରେ ଏହା ଅବସ୍ଥିତ ଓ ପାର୍ବତ୍ୟପଥ ଆଡ଼କୁ ଯିବାର ସୁବିଧା ଅଛି । ଏହାର ଭୌଗୋଳିକ ତଥା ଅନ୍ୟାନ୍ୟ ସୁବିଧା ଯୋଗୁ ଅତି ପ୍ରାଚୀନ କାଳରୁ ଏହାର ବର୍ଣ୍ଣନା ମିଳେ । ଉତ୍ତର ଦିଗରୁ ଆକ୍ରମଣକାରୀ ଶତ୍ରୁ ପକ୍ଷରେ କଟକ ପହଞ୍ଚିବାକୁ ହେଲେ ବାଟରେ ପ୍ରଥମେ ଯାଜପୁର ଓ ତତ୍ପରେ ଅମରାବତୀ ଓ ସାରଙ୍ଗଗଡ଼ ଅଧିକାର ନ କରି ବାରାଣାସୀ କଟକକୁ ଅଗ୍ରସର ହେବାର ଉପାୟ ନଥିଲା । ଅନଙ୍ଗଭୀମଙ୍କର ପ୍ରଥମ ରାଜତ୍ୱରେ ବୈଦେଶିକ ଆକ୍ରମଣ ପ୍ରତିହତ କରିବାପାଇଁ ଏହିସବୁ ସାମରିକ ସଜ୍ଜା ଦ୍ୱାରା ରାଜଧାନୀ ବାରାଣସୀ କଟକ ସର୍ବଦା ନିରାପଦ ରହିଥିଲା । ଯାଜପୁର ଅମରାବତୀ (ଛତିଆ) ସାରଙ୍ଗଗଡ଼ (ଚଉଦ୍ୱାର) ବାରାଣସୀ କଟକ ଓ ଗ୍ରେଡ଼ଙ୍ଗଗଡ଼—ଏହି ପାଞ୍ଚଟି ସାମରିକ ସ୍ଥାନ ଓଡ଼ିଶାର 'ପଞ୍ଚକଟକ ନାମରେ ଖ୍ୟାତ ।

ଅନଙ୍ଗଭୀମଙ୍କ ପରେ ତାଙ୍କ ପୁତ୍ର ନରସିଂହଦେବ ୧ମ ବଙ୍ଗ ସୁଲତାନଙ୍କ ସହିତ ବହୁବର୍ଷ ଯୁଦ୍ଧରେ ଲିପ୍ତ ରହି ମୁସଲମାନମାନଙ୍କୁ ପରାଭବ ଦେଇଥିଲେ । କାଳେ ଭବିଷ୍ୟତରେ ମୁସଲମାନମାନେ ଉତ୍ତର ଦିଗରୁ ଓଡ଼ିଶା ଆକ୍ରମଣ କରିବେ ଏହାର ପ୍ରତିକାର ପାଇଁ ସେ ଦେଶରେ ବିରାଟ ରଣସଜ୍ଜା କରିଥିଲେ ଓ ବାଲେଶ୍ୱର—ମେଦିନୀପୁର ଜିଲାରେ ଅନେକ ଗୁଡ଼ିଏ ଦୁର୍ଗ ସ୍ଥାପନ କରି ଯାତାୟତ ପାଇଁ ସୁଗମ ପଥ ଗଠନ କରିଥିଲେ ଓ ପଥପାର୍ଶ୍ୱରେ ଯେଉଁଠାରେ ପ୍ରାକୃତିକ ଜଳାଧାର ନଥିଲା

ସେ ସବୁ ସ୍ଥାନରେ ପ୍ରକାଣ୍ଡ ପୁଷ୍କରିଣୀ ଖୋଳାଇ ସୈନ୍ୟମାନଙ୍କର ଗମନାଗମନ ସମୟରେ ସ୍ୱଚ୍ଛ ପାନୀୟ ଜଳର ବ୍ୟବସ୍ଥା କରିଥିଲେ । ଏହିସବୁ ପୁଷ୍କରିଣୀ ମଧ୍ୟ ସାମରିକ ବିଭାଗଦ୍ୱାରା ଖୋଦିତ ହୋଇଥିଲା ଯହିଁରେ ସହସ୍ର ସହସ୍ର ସୈନ୍ୟ କ୍ରୀଡ଼ା ଛଳରେ କାର୍ଯ୍ୟରେ ଲିପ୍ତ ଥିଲେ । ଯାଜପୁର ଓ ଭଦ୍ରକ ମଧ୍ୟରେ କୌଣସି ଦୁର୍ଗ ନଥିଲା, କିନ୍ତୁ ଯାଜପୁର ଓ ଧାମନଗର ମଧ୍ୟରେ କେତୋଟି ବଡ଼ ପୋଖରୀରେ ଖୋଦିତ ହୋଇଥିଲା । ଭଦ୍ରକଠାରୁ ସୋର ବା କାଂଶବାଂଶ ନଦୀ ପର୍ଯ୍ୟନ୍ତ ଅଞ୍ଚଳରେ ପ୍ରାକୃତିକ ଜଳଧାରର ଅଭାବ ପୂରଣ ପାଇଁ ଭଦ୍ରକର ଉତ୍ତର ଦିଗରେ 'ଅସୁରି'ର ପୋଖରୀ ଖୋଦିତ ହୋଇଥିଲା । ଆଜିକାଲିର 'ଅସୁରର' ପ୍ରାଚୀନ ନାମ ଅସୁରଗଡ଼ ଥିଲା ବୋଲି ଜୟାନନ୍ଦ ଲିଖିତ । ଚୈତନ୍ୟ ମଙ୍ଗଳ ଗ୍ରନ୍ଥରେ ଉଲ୍ଲେଖ ଅଛି । ସୁବର୍ଣ୍ଣରେଖାଠାରୁ ଭଦକ ମଧ୍ୟବର୍ତ୍ତୀ ଯେଉଁ ସ୍ଥାନଦେଇ ଚୈତନ୍ୟ ଦେବ ଯାଇଥିଲେ, ତାହାର ବର୍ଣ୍ଣନା 'ଚୈତନ୍ୟମଙ୍ଗଳ' ଗ୍ରନ୍ଥରୁ ତଳେ ଉଦ୍ଧୃତ ହେଲା ।

ରଜନୀ ପ୍ରଭାତେ ସ୍ୱର୍ଣ୍ଣରେଖା ନଦୀ
ପାରହୈୟାଁ ଉତରିଲ ବାରାସତେ ।
"ଦାତନ ଜଲେଶ୍ୱର ପାର ହୟାଁ
ଉ ୀରିଲ ଆମର ଦାତେ ।
"ବାଶଦା ଛାଡ଼ିୟା ରାମଚନ୍ଦ୍ରପୁର ଦିୟା
ରେମୁନାଏ ଗୋପୀନାଥ ଦେଖି
"ସରୋନଗରେର ଦେଉଲେର ଭିତର
ସିଦ୍ଧେଶ୍ୱର ଲିଙ୍ଗ କରି ସାକ୍ଷୀ ।
"ରଜନୀ ପ୍ରଭାତେ ଚୈତନ୍ୟ ଗୋସାଇ
ମଙ୍ଗାଲ ପୁରେର ମାଝଦିୟା,
"ଅସୁରଗଡ଼ ତାହିନେ କରିୟାଁ
ଭଦ୍ରକେ ଉତରିଲ ଗିୟାଁ ।

[ ଡା: ବିମାନ ବିହାରୀ ମଜୁମଦାରକୃତ ଶ୍ରୀଚୈତନ୍ୟ ଚରିତେର ଉପାଦାନ ପୃ ୨୪୬-୪୭ ]

ବଙ୍ଗ ଦେଶରୁ ଓଡ଼ିଶାକୁ ଆସିବାର ଏହା ଗୋଟିଏ ପଥ ସମ୍ବନ୍ଧରେ ସୁବର୍ଣ୍ଣରେଖାଠାରୁ ଭଦ୍ରକଯାଏ ଥିବା ବାଟର ଉଲ୍ଲେଖ ଅଛି । ଜୟାନନ୍ଦଙ୍କ ବହିର ରଚନା କାଳ ଖ୍ରୀ ୧୫୬୦ ପାଖାପାଖି ।

'ଅସୁର' ପୋଖରୀ ଏବେ ପୋତି ହୋଇ ପଡ଼ିଛି ଓ ଏହାର ହୁଡ଼ା ଭିତରେ ୩୪ଟି ଗ୍ରାମର ବସତି ଦେଖଯାଏ । ପ୍ରାୟ ୨୦୦ ବର୍ଷ ପୂର୍ବେ ମଧ୍ୟ ଏହାର ଜଳ ଅବ୍ୟବହାର୍ଯ୍ୟ ହୋଇଥିଲା । ତେଣୁ ସୋର ଓ ଭଦ୍ରକ ମଧ୍ୟରେ ଜଗନ୍ନାଥ ଯାତ୍ରୀମାନେ ଜଳର ଅଭାବ ଅନୁଭବ କରୁଥିବାରୁ ବର୍ଦ୍ଧମାନର ରାଣୀ ଗୋଟିଏ ପୋଖରୀ ଖୋଳାଇବା ପାଇଁ ଟଙ୍କା ଦେଇଥିଲେ । ଖନନକାରୀ ଗୋଟିଏ କ୍ଷୁଦ୍ର ପୋଖରୀର ପଙ୍କୋଦ୍ଧାର କରି ଟଙ୍କା ଆତ୍ମସାତ୍ କରିଥିଲେ ଖ୍ରୀ: ୧୭୬୬ ଏପ୍ରିଲ ତା୩୦ରେ ମଠ ସାହେବ ସରୋରୁ ବାହାରି ସେହିଦିନ ଭଦ୍ରକରେ ପହଁଚିଥିଲେ—ସେ ଦିନର ଲେଖାରେ ସେ ଲେଖି ଅଛନ୍ତି :—

"କାଁଶ ବାଁଶ ନାଳଠାରୁ ୬ମାଇଲ ଅନ୍ତରରେ ଗୋଟିଏ ପୋଖରୀ ଅଛି । ବର୍ଦ୍ଧମାନ ରାଜାଙ୍କର ପ୍ରମାତାମହୀଙ୍କ ନାମାନୁସାରେ ଲୋକ ତାହାକୁ 'ରାଣୀ ପୋଖରୀ' କହନ୍ତି । ଏହି ପୁଣ୍ୟବତୀ ରମଣୀ ଜଗନ୍ନାଥ ଧାମକୁ ତୀର୍ଥଯାତ୍ରା କରିବାବେଳେ ସୋରୋ ଓ ଭଦ୍ରକ ମଧ୍ୟମସ୍ଥଳର ନିଜର ଅନୁଚରମାନଙ୍କର ପାନୀୟଜଳ ପ୍ରାପ୍ତିରେ କଷ୍ଟ ଦର୍ଶନ କରି ସେଠାରୁ ପ୍ରତ୍ୟାବୃତ୍ତ ହୋଇ ମଧ୍ୟସ୍ଥଳରେ ଗୋଟିଏ ପୁଷ୍କରିଣୀ ଖନନ କରିବା ନିମିତ୍ତ ଅର୍ଥ ପ୍ରେରଣ କରିଥିଲେ । କର୍ମଚାରୀମାନେ ଗୋଟିଏ ପୁରାତନ ପୁଷ୍କରିଣୀର ପଙ୍କୋଦ୍ଧାର କରି ତାହାକୁ 'ରାଣୀତଲାଉ' ଆଖ୍ୟା ଦେଇ ପ୍ରେରିତ ଅର୍ଥର ଦ୍ୱିତୃତୀୟାଂଶ ଉଦରସ୍ଥ କରିଥିଲେ ।"

(ସମ୍ବଲପୁର ଯାତ୍ରା—ଉତ୍କଳ ବିଶ୍ୱବିଦ୍ୟାଳୟ—ପୃ୧୭)

ସେହି ପୋଖରୀଟି ଏବେ ମଧ୍ୟ ଜଗନ୍ନାଥ ସଡ଼କ କଡ଼ରେ ଅଛି ଓ ଲୋକେ ତାହାକୁ ରାଣୀ ତଲାଉ କହନ୍ତି । ଏବେ ସେଠାରେ ଗୋଟିଏ ରେଲଷ୍ଟେସନ ହୋଇ ତାର ନାମ ବିକୃତ ହୋଇ 'ରାଣୀତାଲ' ହୋଇ-

ଅଛି । ଦେଶର ଇତିହାସ କିପରି ବିକୃତ ହୁଏ ତାହାର ଏହା ଗୋଟିଏ ଜ୍ୱଳନ୍ତ ଉଦାହରଣ ।

ନରସିଂହଦେବ ପ୍ରଥମ ଙ୍କ ରାଜତ୍ୱକାଳରେ ବାଲେଶ୍ୱର ଜିଲ୍ଲାରେ ଅସ୍ତିତ୍ୱ ଥିଲା କି ନା କହିବା କଠିନ; କିନ୍ତୁ ସେତେବେଳେ ରେମୁଣାର ପ୍ରସିଦ୍ଧି ଥିଲା । ଗଙ୍ଗବଂଶୀୟ ରାଜା ନରସିଂହଦେବ ୨ୟ 'ରେମୁଣ କଟକ'ରେ ଅବସ୍ଥାନ ସମୟରେ ଖଣ୍ଡିଏ ତମ୍ବାପଟା ଦାନ କରିଥିଲେ । ରେମୁଣାଠାରୁ ସୋନନଦୀର ଦୂରତ୍ୱ ପ୍ରାୟ ମାଇଲଏରୁ ଊର୍ଦ୍ଧ୍ୱ ମାତ୍ର, ତଥାପି ଏଠାରେ ଦୁଇଟି ପ୍ରକାଣ୍ଡ ପୁଷ୍କରିଣୀ ଅଛି । ତନ୍ମଧ୍ୟରୁ ଗୋଟିକର ନାମ 'ବ୍ରଜ ପୋଖରୀ' ଓ ଅନ୍ୟଟିର ନାମ 'କୁଟ' ପୋଖରୀ । 'କୁଟ ପୋଖରୀ' ନାମରୁ ଏହା ଦୁର୍ଗର ପୋଖରୀ ଥିବା ଅନୁମିତ ହୁଏ । ଏ 'କୁଟ'ର ଧ୍ୱଂସାବଶେଷ ଅଛି କି ନା ଲେଖକ ଜାଣେ ନାହିଁ । ସୁବିଧା ପାଇଲେ ଅନୁସନ୍ଧାନ କରିବ । ଏହି ପୋଖରୀ ଦୁଇଟି ସାମରିକ କାର୍ଯ୍ୟ । ରେମୁଣାଠାରୁ ଉତ୍ତର ପଶ୍ଚିମ ଦିଗରେ ପ୍ରାୟ ୫।୬ ମାଇଲ ଦୂରରେ ସୃତା-ନଟାଇ ଓ କୁଡ଼ିଆ ଗ୍ରାମ ନିକଟରେ ପ୍ରକାଣ୍ଡ 'ହରିଚନ୍ଦନ ଗଡ଼'ର ଧ୍ୱଂସାବଶେଷ ଅଛି । ଏହି ଗଡ଼ ଭିତରେ ଆଜି ୩।୪ଟି ଗ୍ରାମର ବସତି ଥିବାର ଦେଖାଯାଏ । ରେମୁଣା ଏକ ଉତ୍ତମ ଭୌଗୋଳିକ ଅବସ୍ଥିତି । ଏହାର ପୂର୍ବକୁ ବୁଢ଼ାବଳଙ୍ଗ ନଦୀର ମୁହାଣ ପର୍ଯ୍ୟନ୍ତ ସହଜରେ ଗତିବିଧି କରିବାର ସୁବିଧା ଅଛି ଓ ପଶ୍ଚିମକୁ ଅଳ୍ପ ଦୂରରେ ମିତ୍ରପୁରଠାରୁ ନୀଳ-ଗିରିର ପାହାଡ଼ମାଳା ଅବସ୍ଥିତ । ଆଜିକାଲି ଫୁଲାଡ଼ ଘାଟର ଅଳ୍ପ ଦୂରରେ ସୋଣ; ଗଙ୍ଗାହର ନଦୀ ଦ୍ୱୟ ବୁଢ଼ା ବଳଙ୍ଗ ସହିତ ମିଶି ଅଛି । ପୂର୍ବେ ଏହି ମିଶ୍ରଣସ୍ଥଳ ପର୍ଯ୍ୟନ୍ତ ସମୁଦ୍ରର ଜୁଆର ଆସୁଥିଲା । ଏଣୁ ତିନୋଟି ନଦୀର ସଙ୍ଗମସ୍ଥଳରୁ ସମୁଦ୍ର ପର୍ଯ୍ୟନ୍ତ ବୁଢ଼ା ବଳଙ୍ଗ ବେଶ ସୁନାବ୍ୟା ଥିଲା ଓ ତହିଁରେ କୁମ୍ଭୀରାଦି ହିଂସ୍ରଜନ୍ତୁ ପୂର୍ଣ୍ଣ ରହିଥିଲେ । ବିନା ନୌକାରେ ସେ ଅତିକ୍ରମ କରିବା ବିପଦ ଜନକ ଥିଲା । ରେମୁଣା-କଟକର ଉତ୍ତର ପୂର୍ବ କୋଣରେ ଫୁଲାଡ଼ ଘାଟ ଓ ରେମୁଣାର ଉତ୍ତରକୁ ତିନୋଟି ନଦୀ ଅବସ୍ଥିତ ଏହିସବୁ ଅବସ୍ଥିତି ବଶତଃରେ ରେମୁଣା କଟକ ଉତ୍ତର ଦିଗରୁ ଆକ୍ରମଣ ପକ୍ଷରେ ସହଜ ବ୍ୟାପର ନ ଥିଲା । କେବଳ ଏତିକି ନୁହେଁ ରେମୁଣା

କଟକର ଉତ୍ତରପୂର୍ବ କୋଣରେ ଅବସ୍ଥିତ ରାମଚନ୍ଦ୍ର ପୁର ଠାରେ ମଧ୍ୟ ଗୋଟିଏ ବଡ଼ ଦୁର୍ଗ ବା ଗଡ଼ ଥିଲା ଓ ଜଳସରବରାହ ପାଇଁ ସେଠାରେ ଏକ ବଡ଼ ପୋଖରୀ ଥିଲା ଯାହା ଅଦ୍ୟାପି ମଧ୍ୟ ବିରାଜିତ । ରାମଚନ୍ଦ୍ର ପୁରର ଉତ୍ତରକୁ କେତେକ ମାଇଲ ଦୂରରେ ଗଡ଼ପଦା ଗଡ଼ ଅବସ୍ଥିତ । ଗଡ଼ପଦା ନିକଟରେ ଏକ କ୍ଷୁଦ୍ର ନଦୀ ଥିଲେ ମଧ୍ୟ ନଦୀ କୂଳରେ ଏକ ପ୍ରକାଣ୍ଡ ପୋଖରୀ ଅଛି ଯାହାର ନାମ 'ବିଦ୍ୟାଧର' ପୋଖରୀ । ଏ ପୋଖରୀ କୌଣସି ଏକ ବିଦ୍ୟାଧର ନାମଧାରୀ ସେନାପତିଙ୍କର କୀର୍ତ୍ତି ବୋଲି ମନେହୁଏ । ଗଡ଼ପଦାର କେତେକ ମାଇଲ ଉତ୍ତରକୁ ବଂଶଦା (ଆଧୁନିକ ବସ୍ତା) ଗଡ଼ ଅବସ୍ଥିତ ଥିଲା । ନରସିଂହ ଦେବଙ୍କ ଅସନଖୋଲି ତମ୍ବା ପଟାରେ ବଂଶଦାର ଉଲ୍ଲେଖ ଅଛି ଓ ଏହି ତମ୍ବା ପଟାର ସମୟ ଖ୍ରୀ: ୧୩୦୩ । ବଙ୍ଗୀୟ ବୈଷ୍ଣବ ସାହିତ୍ୟରେ ମଧ୍ୟ ବଂଶଦାର ନାମୋଲ୍ଲେଖ ଦେଖାଯାଏ । ବସ୍ତାର ଉତ୍ତରକୁ କେତେକ ମାଇଲ ଦୂରରେ ନରସିଂହପୁର [କାହ୍ନୁପୁର] ଗଡ଼ ଓ ନରସିଂହପୁରର ୩ ମାଇଲ ଦୂରରେ ଅମର୍ଦ୍ଦାଗଡ଼ ଅବସ୍ଥିତ । ଅମର୍ଦ୍ଦାର ଏକ ମାଇଲ ପୂର୍ବରେ ସୁବର୍ଣ୍ଣରେଖାର ରାଜଘାଟ । ରାଜ ଘାଟ ଠାରେ ନଦୀ ପାର ହେଲେ ଜଳେଶ୍ୱରକୁ ଏକ ପଥ ଥିଲା ଯାହା ଉପରେ ବର୍ତ୍ତମାନର ଜଗନ୍ନାଥ ସଡ଼କ ପଡ଼ିଅଛି । ଅମର୍ଦ୍ଦାରୁ ଗୋଟିଏ ପଥ ରହାସ ଗୋବିନ୍ଦ ପୁର, ରାଇକମା ହୋଇ ମୟୂର ଭଞ୍ଜ ଭିତରେ ଆସି ଫୁଲଡ଼ିଘାଟ ଯାଏ ପ୍ରସାରିତ ଥିଲା ଓ ଏହି ପଥରେ ବର୍ଷା କାଳରେ ଲୋକମାନେ ଯାତାୟତ କରୁଥିଲେ । ଅମର୍ଦ୍ଦାରେ ଗୋଟିଏ ଗଡ଼ର ଧ୍ୱଂସାବଶେଷ ଅଛି ଓ ଏକପ୍ରକାର ପୋଖରୀ ଅଛି । ଖ୍ରୀ: ୧୭୬୭ରେ ମଟ ସାହେବ ଅମର୍ଦ୍ଦା ଦେଖି ଯେଉଁ ବିବରଣୀ ଲେଖିଥିଲେ ତାହା ତଳେ ଉଦ୍ଧୃତ ହେଲା :—

"ସୁବର୍ଣ୍ଣରେଖା ଠାରୁ ଏକ ମାଇଲ ଦୂରରେ ରାସ୍ତାର ଦକ୍ଷିଣରେ ଥିବା ଅମର୍ଦ୍ଦା ନଗର ଗଡ଼ ଅବସ୍ଥିତ । ଏହି ଗଡ଼ଟି ଏ ଦେଶୀୟ ଦୁର୍ଗ ଗଠନ ପ୍ରଣାଳୀ ଅନୁସାରେ ନିର୍ମିତ । ଗଡ଼ଖାଇ ଖୋଳା ହେବାର ମାଟି ଗଡ଼ ପଟରେ ପଡ଼ିବାରୁ ଆଡ଼ଟିଏ ତିଆରି ହୁଏ; ଆଡ଼ ଉପରେ ବାଉଁଶ

ବୁଦା ଲଗାହୁଏ । ବାଉଁଶର କଣ୍ଟା ଗୁଡ଼ିକ ପ୍ରାୟ ୩ ଇଞ୍ଚ ଲମ୍ବ, ଶକ୍ତ ଓ ତୀକ୍ଷ୍ଣ ହୁଏ ବୋଲି ଗଡ଼ ଭିତରକୁ ପ୍ରବେଶ କରିବା ଦୁଷ୍କର ହୁଏ ।”

ଅମର୍ଦ୍ଦା—ରାଜଘାଟର ପୂର୍ବକୁ ପ୍ରାୟ ୮।୧୦ ମାଇଲ ଦୂରରେ ଓଡ଼ିଶାର ପ୍ରସିଦ୍ଧ ‘ପିପିଲି’ ବନ୍ଦର ସୁବର୍ଣ୍ଣରେଖା ନଦୀ ଉପରେ ଅବସ୍ଥିତ ଥିଲା । ‘ବଙ୍ଗରେ ପର୍ତ୍ତୁଗୀଜ, (**History of the portugese in Bengal**) ପୁସ୍ତକରେ ଲିଖିତ ଅଛି ଯେ ୟୁରୋପୀୟ ବଣିକମାନଙ୍କର କୋଠି ସର୍ବପ୍ରଥମ ବଙ୍ଗୋପସାଗର କୂଳରେ ଓଡ଼ିଶାରେ ସ୍ଥାପିତ ହୋଇଥିଲା । ପର୍ତ୍ତୁଗୀଜମାନେ ଖ୍ରୀ: ୧୫୧୪ରେ ପିପିଲିରେ କୋଠି ସ୍ଥାପନ କରିଥିଲେ । ଖ୍ରୀ: ୧୫୧୪ରେ ଓଡ଼ିଶାରେ ପ୍ରତାପୀ ରାଜା ପ୍ରତାପରୁଦ୍ର ରାଜତ୍ୱ କରୁଥିଲେ । ଏଣୁ ମନେହୁଏ ଯେ ପିପିଲି ବନ୍ଦର ଖ୍ରୀଷ୍ଟୀୟ ଷୋଡ଼ଶ ଶତାବ୍ଦୀ ପୂର୍ବରୁ ଓଡ଼ିଶାରେ ପ୍ରସିଦ୍ଧି ଲାଭ କରିଥିଲା । ମୋଗଲ ଅମଲରେ ପିପିଲି ବନ୍ଦର ନଦୀମୁହଁରେ ଚଡ଼ା ପଡ଼ିବାରୁ ଅବ୍ୟବହୃତ ହେଲା । ତଥାପି ମୋଗଲ ସମ୍ରାଟ ସାହାଜାହାନଙ୍କ ସମୟରେ ଏହାର ନାମ ‘ସାହ ବନ୍ଦର’ ହୋଇ ଅଦ୍ୟାପି ରହିଅଛି । ପିପିଲି ବନ୍ଦର ରକ୍ଷଣାବେକ୍ଷଣ ପାଇଁ ଜାମକୁଣ୍ଡାରେ ଏକ ଦୁର୍ଗ ସ୍ଥାପିତ ହୋଇଥିଲା ।

ଅମର୍ଦ୍ଦା ରାଜଘାଟର ଉତ୍ତରକୁ ଦୁଇଟି ପଥ ପ୍ରସାରିତ ହୋଇ ଗୋଟିଏ ରାଇବଣିଆ, ଓଲମରା, ଜମିରାପାଳ, ନୟାଗ୍ରାମ, ଗଗନେଶ୍ୱର ଓ କାଶିଆଡ଼ି ଭିତରେ ଯାଇ ଖଡ଼ଗପୁରଯାଏ ଯାଇଥିଲା । ଏହିପଥ ରେନେଲ ମାନଚିତ୍ରରେ ଦର୍ଶିତ ହୋଇଅଛି । ରାଜଘାଟଠାରୁ ସୁବର୍ଣ୍ଣରେଖା ନଦୀ ଅତିକ୍ରମ କରି ଜଳେଶ୍ୱର, ଦାନ୍ତୁଣି, ନାରାୟଣଗଡ଼ ମଧ୍ୟରେ ପଥ ପ୍ରସାରିତ ହୋଇ ଖଡ଼ଗପୁର ଯାଏ ଯାଇଥିଲା । ଏହି ଦୁଇ ପଥରେ ଥିବା ଦୁର୍ଗ ବା ଗଡ଼ଗୁଡ଼ିକର ବର୍ଣ୍ଣନା ତଳେ ଦିଆଗଲା ।

ଅମର୍ଦ୍ଦାରୁ ଖଡ଼ଗପୁରଯାଏ ଲମ୍ବିତ ପଥରେ ପ୍ରଥମେ ‘ବରଡ଼ିଆ ଗଡ଼’ ତତ୍ପରେ ‘ରାୟବଣିଆ’ ଗଡ଼ । ବରଡ଼ିଆଗଡ଼ କ୍ଷୁଦ୍ର ମାତ୍ର ରାଇ ବଣିଆଗଡ଼ ଓଡ଼ିଶାର ସର୍ବବୃହତ୍ ଦୁର୍ଗ । ଏହାର ପ୍ରାଚୀରଗୁଡ଼ିକ ଅନ୍ତତଃ ଦୁଇମାଇଲରୁ କମ୍ ନୁହେଁ । ମଝିରେ ଦୁର୍ଗଥିଲା ଓ ଦୁର୍ଗର ବହୁ ପ୍ରାଚୀର

ଥିଲା । ମାପ ଯୋପ କରି ଏହାର ନକ୍‌ସା ପ୍ରସ୍ତୁତ ନ କଲେ ଏହି ଗଡ଼ର ବିରାଟତା ବୁଝିବା କଷ୍ଟକର । ଏ ଗଡ଼ର ପ୍ରକୃତ ନାମ କଣଥିଲା ତାହା ଠିକ୍ ଜଣାଯାଏ ନାହିଁ । ଅନୁସନ୍ଧାନରେ ଲେଖକ କୃତକାର୍ଯ୍ୟ ହୋଇପାରି ନାହିଁ । ରାମ୍ଭବଣିଆର ପୂର୍ବକୁ ସୁବର୍ଣ୍ଣରେଖା କୂଳରେ ଗୋଟିଏ କ୍ଷୁଦ୍ର ଦୁର୍ଗ ଅଛି । ତତ୍ପରେ ଓଲମରାଗଡ଼ ଓ ଜମିରାପାଳ ଗଡ଼ ମଧ୍ୟ ବୃହତ୍ ନୁହେଁ । ନୟାଗ୍ରାମର ଗଡ଼ ସୁବର୍ଣ୍ଣରେଖାର ଠିକ୍ ଦକ୍ଷିଣ ତୀରରେ ଅବସ୍ଥିତ । ଏହା ନାତି ବୃହତ୍ । ସୁବର୍ଣ୍ଣରେଖାର ଉତ୍ତରକୁ ୪।୫ ମାଇଲ୍ ଦୂରରେ ଗଗନେଶ୍ୱର ଦୁର୍ଗ ଅବସ୍ଥିତ । ଏହା ମଧ୍ୟ ଗୋଟିଏ କ୍ଷୁଦ୍ର ଦୁର୍ଗ । ଏହାର ପଥର ପ୍ରାଚୀରକୁ ଲୋକେ 'କୁରମ ବେଢ଼ା' କହନ୍ତି । ଏଣୁ ଏହାକୁ ଏକ ମନ୍ଦିରର ବେଢ଼ା ବୋଲିଯାଇ ପାରେ । ଏଠାରେ କପିଳେଶ୍ୱର ଦେବଙ୍କ ଏକ ଶିଳାଲିପି ଅଛି । କିନ୍ତୁ ଲିପିଟିକୁ ବୋଧହୁଏ ମୁସଲମାନମାନେ ଘୃଷି ଦେଇ ଥିବାରୁ ସବୁ ଅକ୍ଷରଗୁଡ଼ିକ ନଷ୍ଟ ହୋଇ ଅପାଠ୍ୟ ହୋଇଛି ।

ରାଜଘାଟଠାରୁ ବିସ୍ତାରିତ ପଥରେ ଜଳେଶ୍ୱରରେ କୌଣସି ପ୍ରାଚୀନ କୀର୍ତ୍ତିର ନିଦର୍ଶନ ମିଳେନାହିଁ । ତତ୍ପରେ ଜଳେଶ୍ୱରର ଉତ୍ତରରେ ଦାନ୍ତୁଣି ପାଖରେ ଗଡ଼ ବା ଦୁର୍ଗଥିବାର କଥା ଲେଖକ ଜାଣି ନ ଥିଲା । ଦାନ୍ତୁଣିରେ ଏକ ପୋଖରୀ ଅଛି ଯାହାର ନାମ ବିଦ୍ୟାଧର । ଦାନ୍ତୁଣିରୁ ମାଇଲଏ ଉର୍ଦ୍ଧ୍ୱ ଦୂରରେ ପ୍ରକାଣ୍ଡ ଶରଶଙ୍କ ପୋଖରୀ ବିଦ୍ୟମାନ । ଏହାର ପୂର୍ବ ପଶ୍ଚିମ ହୁଡ଼ାର ଦୈର୍ଘ୍ୟ ପ୍ରାୟ ଏକ ମାଇଲ ଓ ପ୍ରସ୍ଥ ପ୍ରାୟ ¾ ମାଇଲ । ଏ ପୋଖରୀ କେବଳ ଅସୁରୀ ସମ୍ଭବ ଭୁଲମାସୁ । ଏହା ଯେ ସାମରିକ କୀର୍ତ୍ତି ଏଥିରେ ସନ୍ଦେହ ନାହିଁ । ଦୀର୍ଘକାଳ ଦାନ୍ତୁଣିରେ ଛାଉଣି ପଡ଼ିଥିବାବେଳେ ସୈନ୍ୟମାନଙ୍କର କସରତ୍ ଦ୍ୱାରା ଏ ପୋଖରୀ ଖୋଦନ ନ ହୋଇଥିଲେ କେହି ଟଙ୍କା ଖର୍ଚ୍ଚ କରି ଏପରି ପୋଖରୀ ଖୋଳିବାର ସମ୍ଭାବନା ନାହିଁ । ଦାନ୍ତୁଣିର ନିକଟରେ ମୋଗଲମାରି ଅଛି । ଆଫଗାନ ଓ ମୋଗଲଙ୍କ ମଧ୍ୟରେ ଏଠାରେ ଖୁବ୍ ଯୁଦ୍ଧ ହୋଇଥିବାର ପ୍ରମାଣ ମିଳେ । ପ୍ରକୃତରେ ଏହା ଗୋଟିଏ ସାମରିକ ଘାଟିଥିଲା । ଦାନ୍ତୁଣି ଓ ରାଇବଣିଆ ମଧ୍ୟରେ କୁଆ ଭୂମିରଲା ପଥରେ ପ୍ରାୟ ୪ମାଇଲ ଦୂରତ୍ୱ ।

ଏଣୁ ଉତ୍ତର ଦିଗରୁ ଆଗମନକାରୀ ଶତ୍ରୁ ଯେଉଁ ପଥରେ ଆସୁ ପଛକେ, ରାଇବଣିଆ ଦୁର୍ଗର ସୈନ୍ୟମାନେ ସେ ଶତ୍ରୁକୁ ବିଧ୍ୱସ୍ତ କରିବା ପାଇଁ ସମର୍ଥ ହେଉଥିଲେ । ଦାନ୍ତୁଣିରୁ ପ୍ରାୟ ୨୦ମାଇଲ ଉତ୍ତରରେ ନାରାୟଣଗଡ଼ ପଡ଼େ ନାରାୟଣଗଡ଼ର ଦୁର୍ଗମଧ୍ୟ ବୃହତ୍ ଗଡ଼ । ଖଡ଼୍ଗପୁରରେ କି ପ୍ରକାର ସାମରିକ ବ୍ୟବସ୍ଥା ଥିଲା ତାହା ଲେଖକ ଜାଣିବାର ସୁଯୋଗ ପାଇନାହିଁ । କଂସାଇ ନଦୀର ଉତ୍ତରକୁ ମେଦନୀପୁର ଦୁର୍ଗ, କର୍ଣ୍ଣଗଡ଼, ଗଡ଼ବେତା ଇତ୍ୟାଦି କେତୋଟି କ୍ଷୁଦ୍ର ଗଡ଼ ଅବସ୍ଥିତ ଥିଲା । ଉତ୍ତର ଦିଗରେ ପରିଶେଷରେ ବର୍ତ୍ତମାନ ହୁଗୁଲି ଜିଲାର ଦକ୍ଷିଣ ପ୍ରାନ୍ତରେ ଅବସ୍ଥିତ ଥିଲା ଗଡ଼ମନ୍ଦାରଣ ବା ମନ୍ଦାରୁଣୀ । ଗଡ଼ ମନ୍ଦାରଣଠାରୁ ଗଙ୍ଗାଙ୍କ ଲବର୍ତ୍ତୀ ଓଡ଼ିଶା ସୀମାରେ ଆଉ ଗଡ଼ ବା ଦୁର୍ଗର ବ୍ୟବସ୍ଥା ଥିବାର ଦେଖାଯାଏ ନାହିଁ । ବାରାଣସୀ କଟକଠାରୁ ଗଡ଼ମନ୍ଦାରଣ ପର୍ଯ୍ୟନ୍ତ ଅବସ୍ଥିତ ଥିବା ଯେଉଁସବୁ ଗଡ଼ ଓ ପୋଖରୀର କଥା ଏଠାରେ ଲିଖିତ ହେଲା ଏଥିରୁ ପାଠକମାନେ ଗଙ୍ଗ ରାଜତ୍ୱରେ ଓଡ଼ିଶାର ସମରସଜ୍ଜା କିପରି ପ୍ରକାଣ୍ଡ ଥିଲା, ତାହା ସହଜରେ ବୁଝିପାରିବେ । ନରସିଂହଦେବ ୧ମଙ୍କର ରାଜତ୍ୱ କାଳର ଶେଷଠାରୁ ପ୍ରାୟ ଏକଶତ ବର୍ଷ ପ୍ରାଏ ଉତ୍ତର ଦିଗରୁ କୌଣସି ମୁସଲମାନ ଆକ୍ରମଣ ହୋଇନଥିଲା ।

ବାରାଣସୀ କଟକର ଉତ୍ତର ଦିଗରେ ଯେପରି ସାମରିକ ବ୍ୟବସ୍ଥା ଥିଲା ଦକ୍ଷିଣ ଦିଗରେ ମଧ୍ୟ ସେହିପରି ବ୍ୟବସ୍ଥା ଥିଲା । ତ୍ରୈଲଙ୍ଗ ଗଡ଼ ବା ସାରଙ୍ଗଗଡ଼ ପରେ ଚନ୍ଦକା ନିକଟରେ ଆଉ ଏକ ତ୍ରୈଲଙ୍ଗଗଡ଼ ଅବସ୍ଥିତ ଅଛି ଓ ଭୁବନେଶ୍ୱର ନିକଟରେ ଶିଶୁପାଳଗଡ଼ ଅଛି । ଏଥିରୁ ଗୋଟିଏ ପାର୍ବତ୍ୟ ପଥରେ ଓ ଅନ୍ୟଟି ସମତଳ ପଥରେ ଅବସ୍ଥିତ ଥିଲା ।

ଶିଶୁପାଳଗଡ଼ର ଅବସ୍ଥିତିର ମୂଳକାରଣ ବୋଧହୁଏ ‚ଜଗନ୍ନାଥ ଓ କୋଣାର୍କ ମନ୍ଦିର ରକ୍ଷା । ଶିଶୁପାଳଗଡ଼ରୁ ଜଗନ୍ନାଥ ମନ୍ଦିର ପଥରେ କୌଶଲ୍ୟାଗଙ୍ଗ ଏକ ପ୍ରକାଣ୍ଡ ପୋଖରୀ । ଲେଖକର ମନେହୁଏ ଯେ କୋଣାର୍କ ମନ୍ଦିର ଗଠନ ଏକ ସାମରିକ ବ୍ୟବସ୍ଥା ଯହିଁରେ ଲକ୍ଷ ଲକ୍ଷ

ସୈନ୍ୟ କାର୍ଯ୍ୟରେ ନିଯୁକ୍ତ ହୋଇଥିଲେ । ଭୁବନେଶ୍ୱର ଅଞ୍ଚଳରୁ ଗଞ୍ଜାମ ଜିଲ୍ଲା ଓ ତାହାର ଦକ୍ଷିଣକୁ ଯିବାପାଇଁ ତିନୋଟି ପଥ ଥିଲା । ଗୋଟିଏ ଥିଲା ପୁରୀଠାରୁ ଚିଲିକା ଓ ସମୁଦ୍ର କୂଳବର୍ତ୍ତୀ ଅଞ୍ଚଳରେ; ଦ୍ୱିତୀୟଟି ଥିଲା ଭୁବନେଶ୍ୱରଠାରୁ ବାଣପୁର ଓ ବାଣପୁରରୁ ସାଲେର ପର୍ବତର ନାଗାଗିଲେ —ଯେଉଁଠାରେ ଛତ୍ରଗଡ଼ ଅବସ୍ଥିତ ଥିଲା ଓ ତୃତୀୟଟି ଖୋର୍ଦ୍ଧା ନୟାଗଡ଼ ଓ ଗଞ୍ଜାମ ଜିଲ୍ଲାର କରଚୁଲି, ବୁଖୁଣ୍ଡା, ଆସିକା ହୋଇ ଓ ବ୍ରହ୍ମପୁର ଯାଏ ବିସ୍ତୃତ ଥିଲା । ଗଞ୍ଜାମ ଜିଲ୍ଲାର ଦକ୍ଷିଣରୁ ବିଶାଖାପାଟଣା ଓ ରାଜମହେନ୍ଦ୍ରୀ ପର୍ଯ୍ୟନ୍ତ ଅନେକ ଦୁର୍ଗ ଥିଲା, ମାତ୍ର ସେସବୁ ଦୁର୍ଗର ବିବରଣ ଲେଖକଙ୍କୁ ଜଣାନାହିଁ । ବାରାଣସୀ କଟକର ପୂର୍ବଦିଗରୁ ଓ ପଶ୍ଚିମଦିଗରୁ ସେ ସମୟରେ ଆକ୍ରମଣର କୌଣସି ଆଶଙ୍କା ନଥିଲା, କାରଣ ଓଡ଼ିଶାର ପୂର୍ବ ଦିଗରେ ସମୁଦ୍ର ଥିଲା ଓ ପଶ୍ଚିମ ଦିଗରେ ମଧ୍ୟପ୍ରଦେଶ ଅଞ୍ଚଳରେ ସ୍ୱାଧୀନ ହିନ୍ଦୁ ରାଜାମାନେ ମୁସଲମାନଙ୍କଦ୍ୱାରା ପରାଜିତ ହୋଇ ନ ଥିଲେ ।

ଓଡ଼ିଶାର ଏହି ସମରସଜ୍ଜା କେବଳ ବଙ୍ଗର ସୁଲତାନଙ୍କ ଆକ୍ରମଣ ବିରୁଦ୍ଧରେ କରାଯାଇଥିଲା ବୋଲି ମନେହୁଏ । ଯାହାହେଉ ଏକ ଶତ ବର୍ଷକାଳ ଦେଶକୁ ବୈଦେଶିକ ଆକ୍ରମଣରୁ ରକ୍ଷା କରିଥିବା ରଣସଜ୍ଜା ଯେ ଅତୀବ ପ୍ରଶଂସନୀୟ, ଏହା ସମସ୍ତେ ସ୍ୱୀକାର କରିବେ । ବାରାଣସୀ କଟକରୁ ପାର୍ବତ୍ୟପଥରେ ଗ୍ରେଟ ନାଗପୁର ଭିତରେ ବିହାରର ପାଟଣା ପର୍ଯ୍ୟନ୍ତ ଏକ ପଥ ମଧ୍ୟ ଥିଲା ଯହିଁରେ ବ୍ୟବସାୟ—ବାଣିଜ୍ୟ ଚାଲୁଥିଲା । ସାମରିକ ଦୃଷ୍ଟିରୁ ଏ ପଥରେ ବିଶେଷ କିଛି ସଜ୍ଜା ଆୟୋଜିତ ନଥିଲା । ଦିଲ୍ଲୀର ଫିରୋଜସାହ ଖ୍ରୀ:୧୩୬୦ରେ ବଙ୍ଗ ଆକ୍ରମଣ କରି ବିଜୟୀ ହୋଇ ବର୍ଷାଋତୁ ପୂର୍ବରୁ ବଙ୍ଗଦେଶ ଓ ବିହାର ପରିତ୍ୟାଗ କରି ଉତ୍ତର ପ୍ରଦେଶକୁ ପ୍ରତ୍ୟାବୃତ୍ତ ହୋଇ ଜୌନପୁରଠାରେ ଛାଉଣି ସ୍ଥାପନ କରିଥିଲେ । ସେ ଖ୍ରୀ:୧୩୬୧ ଆରମ୍ଭରେ ଯାଜନଗର ଅଭିଯାନରେ ଜୌନପୁରରୁ ବିହାର ପର୍ଯ୍ୟନ୍ତ ଅଗ୍ରସର ହେଲେ ଓ ପାର୍ବତ୍ୟ ପଥରେ ଅତିକ୍ରମ କରି ଓଡ଼ିଶାର ସୀମାରେ ଉପସ୍ଥିତ ହେଲେ । ଗ୍ରେଟନାଗପୁର ଶିଖରଭୂମି ଅଞ୍ଚଳରେ ତାଙ୍କର ଆକସ୍ମିକ ଆବିର୍ଭାବ ଦେଖି ଲୋକମାନେ

ଶାନ୍ତିଗ୍ରସ୍ତ ହୋଇଥିଲେ । ଯେଉଁଅଞ୍ଚଳରେ ଲୋକମାନେ ବୈଦେଶିକଆକ୍ରମଣର ଆଶଙ୍କା କରି ନଥିଲେ ସେଠାରେ ହଠାତ୍ ବୈଦେଶିକ ମୁସଲମାନ ଆକ୍ରମଣ ହେବାରେ ଲୋକମାନଙ୍କର ଅବସ୍ଥା ଯେ କଣ ହୋଇଥିଲା ତାହା ସହଜେ ଅନୁମେୟ । ମୁସଲମାନ ସୈନ୍ୟମାନଙ୍କର ଆବିର୍ଭାବ ଏପରି ଭାବରେ ଆକସ୍ମିକ ହୋଇଥିଲା ଯେ ସାରଙ୍ଗଗଡ଼ ଚୌଦ୍ୱାରର ଲୋକମାନେ ମୁସଲମାନ ସୈନ୍ୟର ଉପସ୍ଥିତି ପୂର୍ବରୁ କିଛି ମାତ୍ର ସମ୍ବାଦ ମଧ୍ୟ ପାଇନଥିଲେ । ଏହା ଅବଶ୍ୟ ମୁସଲମାନ ଐତିହାସିକମାନଙ୍କର କଥା । ହଠାତ୍ ଚୌଦ୍ୱାର ଆକ୍ରାନ୍ତ ହେବାରେ ରାଜା ଭାନୁଦେବ ୩ୟ ବାରଣସୀ କଟକ ଛାଡ଼ି ନଦୀ ପଥରେ ଚିଲିକା ଅଞ୍ଚଳକୁ ପଳାଇଥିଲେ । ଫିରୋଜସାହ ବାରଣସୀ କଟକ ଅଧିକାର କରି ବହୁ ଦେବମନ୍ଦିର ଓ ଘରଦ୍ୱାର ଯେ ଭାଙ୍ଗି ପକାଇଥିଲେ, ଏଥିରେ ସନ୍ଦେହ ନାହିଁ । ଫିରୋଜ-ସାହଙ୍କର ଅଭିଯାନରୁ ଏତିକି ସ୍ପଷ୍ଟ ଜଣାଯାଏ ଯେ ଓଡ଼ିଆ ସୈନ୍ୟ ଶତବର୍ଷକାଳ ନିଶ୍ଚିନ୍ତ ରହିବାପରେ ସେମାନଙ୍କର କର୍ତ୍ତବ୍ୟରେ ଶିଥିଳତା ଆସିଥିଲା । ଏଣୁ ଘାଟି ବା ଗଡ଼ଗୁଡ଼ିକରେ ଯେଉଁମାନେ ରହିଥିଲେ ସେମାନେ ପ୍ରକୃତ ସାମରିକ ଭାବରେ ନରହି ପୌରଜନ ହିସାବରେ ସାମରିକ କର୍ତ୍ତବ୍ୟପାଳନକରୁଥିଲେ । ତାହାନହୋଇନଥିଲେ ଛୋଟନାଗପୁରର ଶିଖରଭୂମିଠାରୁ ମାନଭୂମ, ସିଂହଭୂମ ପଶ୍ଚିମ ମୟୂରଭଞ୍ଜ ଓ ପୂର୍ବ କେଉଁଝର, ସୁକିନ୍ଦା, କଳକଳା ମଧ୍ୟରେ ଫିରୋଜସାହ ଗଲାବେଳେ କେହି କୌଣସିଠାରେ ତାକୁ ବାଧା ଦେଇ ନଥିଲେ ବା ରାଜଧାନୀକୁ ସମ୍ବାଦ ପଠାଇବା ପାଇଁ ସମର୍ଥ ହୋଇ ନଥିଲେ । ଫିରୋଜସାହର ପ୍ରତ୍ୟାବର୍ତ୍ତନର ଠିକ ୭୦ବର୍ଷ ପରେ ପଶ୍ଚିମ ଦିଗରୁ ମାଲବର ସୁଲତାନ ହୋସାଙ୍ଗ ସାହ ମାଣ୍ଡୁଠାରୁ ଘୋଡ଼ା ବ୍ୟବସାୟୀ ଓ ସୌଦାଗର ସାଜି ବହୁ ଅଶ୍ୱାରୋହୀ ସୈନ୍ୟସହ ମଧ୍ୟଭାରତ, ମଧ୍ୟପ୍ରଦେଶ ଭିତରି ପଥ ଅତିକ୍ରମ କରି ଓଡ଼ିଶା ସୀମାରେ ଉପସ୍ଥିତ ହୋଇ ମହାନଦୀର ଅବବାହିକାରେ ବାରଣସୀ କଟକ ଆସିଥିଲା । ତାର କୌଶଳକୁ ଓଡ଼ିଶାର ଲୋକମାନେ ଆଦୌ ସନ୍ଦେହ କରି ନଥିଲେ । କଟକ ନିକଟରେ, ବୋଧହୁଏ ଚୌଦ୍ୱାର ଅଞ୍ଚଳରେ ଘୋଡ଼ା ଓ ଜିନଷ ପତ୍ର ସଜାଇ ରାଜା ଭାନୁଦେବ ୪ର୍ଥଙ୍କୁ ଦେଖାଇବା ପାଇଁ ଆହ୍ୱାନ କରି ସେ ସେଠାରେ ରାଜାଙ୍କୁ ହଠାତ୍

ବନ୍ଦୀକଲା । ପରେ କେତେକ ଘର ହାତୀ ପୋଲରେ ପାଇ ନିଜର ଅଭୀଷ୍ଟ ସାଧନ କରି ରାଜାଙ୍କୁ ସଙ୍ଗରେ ଓଡ଼ିଶା ସୀମା ପର୍ଯ୍ୟନ୍ତ ନେଇ ସେଠାରୁ ତାଙ୍କୁ ମୁକ୍ତ କରି ଚାଲି ଯାଇଥିଲା । ଫିରୋଜସାହ ଓ ହୋସାଙ୍ଗସାହ କେବଳ ଅଭିଯାନ ଉଦ୍ଦେଶ୍ୟରେ ଆସିଥିଲେ । ତାଙ୍କର ରାଜାଧିକାର ଇଚ୍ଛା ନଥିଲା । ନଚେତ୍ ଓଡ଼ିଶାକୁ ମୁସଲମାନ ଅଧିକାରଭୁକ୍ତ କରିବା ସେମାନଙ୍କ ପକ୍ଷରେ ଅତି ସହଜସାଧ୍ୟ ଥିଲା । ଏହି ଦୁଇଟି ଅଭିଯାନ ଅବଶ୍ୟ ମୁସଲମାନ ଇତିହାସରେ ଲିଖିତ ଅଛି । ଆଶ୍ଚର୍ଯ୍ୟର କଥା ଏହି ଯେ ଓଡ଼ିଶାର 'ମାଦଳାପାଞ୍ଜି'ରେ ଏହାର ବିନ୍ଦୁ ବିସର୍ଗ ଉଲ୍ଲେଖ ନାହିଁ । ଏହି ଦୁଇଟି ଅଭିଯାନର ପ୍ରଧାନ ଉଦ୍ଦେଶ୍ୟ ଥିଲା ହାତୀ ପାଇବା ଓ ସେମାନେ ମନଇଚ୍ଛା ହାତୀ ପାଇଥିଲେ । ହାତୀ ଗୋଟିଏ ଜୀବ ଯାହାର ମୂଲ୍ୟ ଓଡ଼ିଶାରେ କିଛି ନଥିଲା କହିଲେ ଚଳେ । ଏଣୁ ସେମାନଙ୍କର ପ୍ରତ୍ୟାବର୍ତ୍ତନ ସଙ୍ଗେ ସଙ୍ଗେ ଦେଶର ଶାସନ କାର୍ଯ୍ୟରେ କିଛି ବିଶୃଙ୍ଖଳା ଦେଖା ଦେଇ ନଥିଲା । କିନ୍ତୁ ସେମାନେ ସୀମାନ୍ତରକ୍ଷା ବିଷୟରେ ଆଦୌ ଦୃଷ୍ଟି ଦେଇନଥିଲେ, ଏଥିରେ କିଛି ସନ୍ଦେହ କରିବାର ନାହିଁ ।

**ପାର୍ବତ୍ୟାଞ୍ଚଳ ଉତ୍କଳର ପ୍ରତ୍ନତତ୍ତ୍ୱ:** କଟକ ଜିଲ୍ଲାର ଯାଜପୁର, ଉଦୟଗିରି, ଲଳିତଗିରି ଓ ରତ୍ନଗିରି ଏବଂ ପୁରୀ ଜିଲ୍ଲାର ଧଉଳିଗିରି, ଖଣ୍ଡଗିରି ଓ ଉଦୟଗିରି, ଭୁବନେଶ୍ୱର, ପୁରୀ ଓ କୋଣାର୍କର ପ୍ରତ୍ନତତ୍ତ୍ୱ ବିଶ୍ୱବିଶ୍ରୁତ କହିଲେ ଚଳେ । ଏକା ଭୁବନେଶ୍ୱରର ଲିଙ୍ଗରାଜ ମନ୍ଦିର ପୃଥିବୀର ଗୋଟିଏ ଅତ୍ୟୁଚ୍ଚ ଓ ଶ୍ରେଷ୍ଠକୀର୍ତ୍ତି ଅଟେ । ଆକାର ଓ ଉଚ୍ଚତାରେ କୋଣାର୍କ ମନ୍ଦିର ଲିଙ୍ଗରାଜ ମନ୍ଦିର ଠାରୁ ବଡ଼ ଥିଲା; ମାତ୍ର ତାହା ଭାଙ୍ଗି ଯାଇଅଛି । ପାର୍ସି ବ୍ରାଉନ (**Percy Brown**) ସାହେବ ତାଙ୍କର ଭାରତୀୟ ସ୍ଥାପତ୍ୟ (**Architecture of India**) ଗ୍ରନ୍ଥରେ କୋଣାର୍କ ମନ୍ଦିରର ଏକ କାଳ୍ପନିକ ଚିତ୍ର ଦେଇଅଛନ୍ତି; ତହିଁରୁ ମନ୍ଦିରର ପୂର୍ଣ୍ଣାଙ୍ଗ ଚିତ୍ରର ସୌନ୍ଦର୍ଯ୍ୟ ଉପଲବ୍ଧି କରାଯାଏ ।

ଉତ୍କଳର ବିଖ୍ୟାତ ତୀର୍ଥ କ୍ଷେତ୍ର ଯାଜପୁର, ଭୁବନେଶ୍ୱର, ପୁରୀ ଓ କୋଣାର୍କର ପ୍ରାଚୀନ କୀର୍ତ୍ତିର ମହିମା ବେଶ ଆଲୋଚିତ ହୋଇଛି କହିଲେ

ଚଳେ; ତଥାପି ଏହି ସ୍ଥାନଗୁଡ଼ିକର ପ୍ରତ୍ନତତ୍ତ୍ୱ ସମ୍ବନ୍ଧରେ ଆହୁରି ଅନେକ କଥା ଜାଣିବାର ବାକି ଅଛି । ପୁରୀ ଜିଲ୍ଲାର ଧଉଳିଗିରି, ଖଣ୍ଡଗିରି ଓ ଉଦୟଗିରି ଭୁବନେଶ୍ୱରର ଅଦୂରବର୍ତ୍ତୀ ହୋଇଥିବାରୁ ତତ୍‌ସମ୍ବନ୍ଧରେ ଅନେକ ଆଲୋଚନାର ବସ୍ତୁ ମିଳେ; ମାତ୍ର କଟକ ଜିଲ୍ଲାର ଉଦୟଗିରି ଲଳିତଗିରି ଓ ରତ୍ନଗିରିର ପ୍ରତ୍ନତତ୍ତ୍ୱ ସମ୍ବନ୍ଧରେ ଅତିଅଳ୍ପ କଥା ଜଣା ଯାଇଅଛି । ଉଦୟଗିରିର ଶୃଙ୍ଗ ଉପରେ ପର୍ବତଗାତ୍ରରୁ ଖୋଦିତ ମୂର୍ତ୍ତି ଗୁଡ଼ିକର ଚିତ୍ର ଏ ପର୍ଯ୍ୟନ୍ତ ପ୍ରକାଶିତ ହୋଇ ନାହିଁ । ଏହା ଛଡ଼ା ଧଉଳି ଓ ଜଉଗଡର ଅନୁଶାସନରେ ଲିଖିତ ତୋଷଳୀ ଓ ସୋମପା ନଗରଦ୍ୱୟ, ଖାରବେଳଙ୍କ ଲିପିର କଳିଙ୍ଗ ନଗର ଓ ହୁଏନ୍‌ସାଂ ବର୍ଣ୍ଣିତ ଉତ୍କଳ ଉପକୂଳସ୍ଥ ବନ୍ଦରର ଅବସ୍ଥିତି ଆଜଯାଏ ଆବିଷ୍କୃତ ହୋଇନାହିଁ । ଏଥିରୁ ସହଜରେ ଅନୁମିତ ହେଉଅଛି ଯେ, ଉତ୍କଳର ଗିରି ଅରଣ୍ୟ ମଧ୍ୟରେ କେଉଁଠାରେ କି ପ୍ରାଚୀନ କୀର୍ତ୍ତି ଅଛି, ତାହା କିଏ କହିପାରିବ । ଭାରତର ବୃହତ୍ତମ ବିଷ୍ଣୁମୂର୍ତ୍ତି ଉତ୍କଳରେ ଥିଲେ ମଧ୍ୟ ତାହା ୧୯୪୯ ଫେବ୍ରୁୟାରି ମାସ ଯାଏ ଆବିଷ୍କୃତ ହୋଇ ନଥିଲା । ଉତ୍କଳର ପାର୍ବତ୍ୟାଞ୍ଚଳରେ ଥିବା ଯେ କେତୋଟି ପ୍ରାଚୀନ କୀର୍ତ୍ତି ଓ ତାହାର ପ୍ରତ୍ନତତ୍ତ୍ୱ ସମ୍ବନ୍ଧରେ ଲେଖକର ଯେଉଁ ଅଭିଜ୍ଞତା ଅଛି, ତାହାର ସଂକ୍ଷିପ୍ତ ଆଲୋଚନା ଏଠାରେ କରାଯାଉଛି ।

ଉତ୍ତର-ଉତ୍କଳର ପାର୍ବତ୍ୟାଞ୍ଚଳରେ ସୁବର୍ଣ୍ଣରେଖା, ବଳଙ୍ଗ, ବୈତରଣୀ, ବ୍ରାହ୍ମଣୀ ଓ ମହାନଦୀ ଏବଂ ମହାନଦୀର ଉପନଦୀ ଗୁଡ଼ିକ ପ୍ରବାହିତ ଏବଂ ଦକ୍ଷିଣ ଉତ୍କଳରେ ଋଷିକୁଲ୍ୟା, ବଂଶଧାରା ପ୍ରଭୃତି କେତୋଟି ନଦୀ ଗଞ୍ଜାମ ଓ କୋରାପୁଟ ଜିଲ୍ଲାରେ ପ୍ରବାହିତ ହେଉଅଛି । ଏହିସବୁ ନଦୀ ଗୁଡ଼ିକର ଉପତ୍ୟକା ଗୁଡ଼ିକରେ ସଭ୍ୟ ମାନବର ବସତି ଯେ ବହୁ କାଳରୁ ଥିଲା, ତାହାର ନିଦର୍ଶନ ସେ ସବୁ ଅଞ୍ଚଳର ପ୍ରାଚୀନ କୀର୍ତ୍ତିରୁ ପ୍ରମାଣିତ ହୁଏ ।

**ସୁବର୍ଣ୍ଣରେଖା ଉପତ୍ୟକାର ପ୍ରତ୍ନତତ୍ତ୍ୱ:** ସୁବର୍ଣ୍ଣ-ରେଖାର ପାର୍ବତ୍ୟମୟ ଉପତ୍ୟକାରେ ଆଧୁନିକ ବିହାର ପ୍ରଦେଶର ମାନଭୂମ ଓ ସିଂହଭୂମ ଜିଲ୍ଲା ଅବସ୍ଥିତ; ମାତ୍ର ବ୍ରିଟିଶ ଅଧିକାର ପୂର୍ବେ

ଏହି ଦୁଇଟି ଜିଲ୍ଲା ଉତ୍କଳର ଅନ୍ତର୍ଭୁକ୍ତ ଥିଲା । ମାନଭୂମରେ ତେଲକୁପୀ, ଦଲମୀ ପ୍ରଭୃତି ସୁବର୍ଣ୍ଣରେଖାରେ କୂଳବର୍ତ୍ତୀ ଅନେକ ସ୍ଥାନରେ ପ୍ରାଚୀନ କୀର୍ତ୍ତିର ଧ୍ୱଂସାବଶେଷ ଅଛି । ପ୍ରାଚୀନ କାଳରେ ସିଂହଭୂମ ଓ ମାନଭୂମ ମଧ୍ୟରେ ଉତ୍କଳରୁ ଗୟା ଓ ମଗଧକୁ ଯାତାୟାତର ସୁଗମ ପଥ ଥିଲା । ଅଶୋକ କେଉଁ ପଥରେ କଳିଙ୍ଗକୁ ଆସିଥିଲେ ଓ ଖାରବେଳ କେଉଁ ପଥରେ ମଗଧକୁ ଯାଉଥିଲେ ତାହା ସ୍ପଷ୍ଟ ଭାବରେ ଜଣାପାଇ ନଥିଲେ. ମଧ୍ୟ ଖ୍ରୀ: ୧୩୬୦ ରେ ଫିରୋଜସା ତୋଗଲକ ମାନଭୂମ, ସିଂହଭୂମ ପଶ୍ଚିମ ମୟୂର ଭଞ୍ଜ ଓ ପୂର୍ବ କେଉଁଝର ମଧ୍ୟରେ ବହାରରୁ କଟକ ଯାଇଥିବାର ପ୍ରମାଣ 'ସିରତ-ଇ-ଫିରୋଜସାହୀ' ଗ୍ରନ୍ଥରୁ ପ୍ରମାଣିତ ହୁଏ । ଏଣୁ ଉତ୍କଳର ପ୍ରତ୍ନତତ୍ତ୍ୱ ବୁଝିବାକୁ ହେଲେ ମାନଭୂମ ଓ ସିଂହଭୂମ ଜିଲ୍ଲାର ପ୍ରତ୍ନତତ୍ତ୍ୱ ଗବେଷଣା ଏକାନ୍ତ ଆବଶ୍ୟକ । ପଶ୍ଚିମ-ମୟୂରଭଞ୍ଜରୁ ଛାପମୁଦ୍ରା(**Punch marked coins)** କୁଶାନ୍ ମୁଦ୍ରା, ଗୁପ୍ତମୁଦ୍ରା ରୋମକ ମୁଦ୍ରା' ଓ ପୁରୀକୁଶାନ' ମୁଦ୍ରା ମିଳୁ ଥିବାରୁ ପ୍ରାଚୀନ କାଳରେ ମଗଧ ଓ ଉତ୍କଳ ମଧ୍ୟରେ ଥିବା ରାଜପଥର ଅନୁମାନ ଅସଂଗତ ନୁହେଁ, କାରଣ ସୁବର୍ଣ୍ଣରେଖା ଓ ବୈତରଣୀ ଉପତ୍ୟକାଦ୍ୱୟ ପଶ୍ଚିମ-ମୟୂର-ଭଞ୍ଜରେ ଅବସ୍ଥିତ ।

**ବଳଙ୍ଗ ଉପତ୍ୟକାର ପ୍ରତ୍ନତତ୍ତ୍ୱ:** ବଳଙ୍ଗ ଉପତ୍ୟକାର କୁଲିଅଣାରୁ ପ୍ରତ୍ନ-ପ୍ରସ୍ତର ଯୁଗର ଓ ବୈଦ୍ୟପୁରରୁ ନବ୍ୟ ପ୍ରସ୍ତରଯୁଗର ବହୁ ପ୍ରସ୍ତରାସ୍ତ୍ର ମିଳିଅଛି । ବଳଙ୍ଗର ଉପତ୍ୟକା ଖିଚିଂ ପାଲରୁ ମଧ୍ୟ ଜୈନ୍ୟଧର୍ମର ତୀର୍ଥଙ୍କର ମୂର୍ତ୍ତି ଗୁଡ଼ିଏ ମିଳିଅଛି । ଶୋଣ ନଦୀ ବଳଙ୍ଗର ପ୍ରଧାନ ଉପନଦୀ ଏହାର ଉପତ୍ୟକାରେ ଉତ୍ତର-ମାଳଗିରି ଓ ମୟୂରଭଞ୍ଜର କାପ୍ତିପଦା ସବ୍‌ଡ଼ିଭିଜନ ଅବସ୍ଥିତ । ମାଳଗିରିର ଅଯୋଧ୍ୟାରେ ବହୁ ପ୍ରାଚୀନ କୀର୍ତ୍ତିର ଧ୍ୱଂସାବଶେଷ ଅଛି । ଅଯୋଧ୍ୟା ନିକଟ ମୟୂରଭଞ୍ଜର ଭାନୁପୁର ଗ୍ରାମରୁ ସୁବର୍ଣ୍ଣ ମୁଦ୍ରା ମିଳିଅଛି । କାପ୍ତିପଦା ସବ୍‌ଡ଼ିଭିଜନର ଇଟାଗଡ଼ ପ୍ରଭୃତି ଅନେକ ସ୍ଥାନରେ ଧ୍ୱଂସାବଶେଷ ଦେଖାଯାଏ । ଶୋଣ ଉପତ୍ୟକାରେ ବୌଦ୍ଧଧର୍ମର ବହୁ ଦେବଦେବୀ ମୂର୍ତ୍ତି ଦେଖିବାକୁ ମିଳେ ।

**ବୈତରଣୀ ଉପତ୍ୟକାର ପ୍ରତ୍ନତତ୍ତ୍ୱ:** ବୈତରଣୀ ଉପତ୍ୟକାରେ ଆବିଷ୍କୃତ ପ୍ରାଚୀନ କୀର୍ତ୍ତି ମଧ୍ୟରୁ ମୟୂର ଭଞ୍ଜର ପ୍ରାଚୀନ

ରାଜଧାନୀ ଖିଚିଙ୍ଗ ଅନ୍ୟତମ । ୪୦।୫୦ ବର୍ଷ ପୂର୍ବେ ଖିଚିଙ୍ଗର ପ୍ରତ୍ନକୀର୍ତ୍ତି ଅବହେଳିତ ଥିଲା କହିଲେ ଚଳେ । ମୟୂରଭଞ୍ଜର ସ୍ୱର୍ଗତ ମହାରାଜା ଶ୍ରୀ ରାମଚନ୍ଦ୍ର ଭଞ୍ଜଦେବ ଓ ପୂର୍ଣ୍ଣଚନ୍ଦ୍ର ଭଞ୍ଜଦେବ ଉଭୟେ ଖିଚିଙ୍ଗ ପ୍ରତ୍ନତତ୍ତ୍ୱର ଆଲୋଚନା ପାଇଁ ମୟୂର ଭଞ୍ଜରେ ପ୍ରତ୍ନତତ୍ତ୍ୱ ବିଭାଗ ସୃଷ୍ଟି କରିଥିଲେ ଓ ମୟୂର ଭଞ୍ଜର ହିଜ୍ ହାଇନେସ୍ ମହାରାଜା ସାର ପ୍ରତାପଚନ୍ଦ୍ର ଭଞ୍ଜଦେବ କେ: ସି: ଆ: ଓ: ଜ: ସି: ଆ: ଇ: ଙ୍କର ଅକାତର ଅର୍ଥ ବ୍ୟୟରେ ଖିଚିଙ୍ଗର ପ୍ରାଚୀନ ମନ୍ଦିର ଗୁଡିକର ପୁନରୁଦ୍ଧାର କାର୍ଯ୍ୟ ସମ୍ପନ୍ନ ହୋଇଅଛି । ଖିଚିଙ୍ଗର ପ୍ରତ୍ନତତ୍ତ୍ୱ ଦ୍ୱାରା ଆଜି ଉତ୍କଳର ପ୍ରତ୍ନତତ୍ତ୍ୱର ଏକ ନୂତନ ଅଧ୍ୟାୟ ଲିଖିତ ହୋଇଅଛି କହିଲେ ଅତ୍ୟୁକ୍ତି ହେବନାହିଁ । ଖିଚିଙ୍ଗର ମୂର୍ତ୍ତି ଓ ମନ୍ଦିର ଗୁଡ଼ିକର ସମୟ ଖ୍ରୀଷ୍ଟୀୟ ନବମ ଶତାବ୍ଦୀ ବୋଲି ସ୍ୱୀକୃତ ହୋଇଅଛି । ଖିଚିଙ୍ଗ ମନ୍ଦିର ସ୍ଥାପତ୍ୟର ବିଶେଷତ୍ୱ ଏହି ଯେ, ଏଠାରେ ମନ୍ଦିର ସମ୍ମୁଖରେ ମୁଖଶାଳା ନାହିଁ । ଖିଚିଙ୍ଗ ଭାସ୍କର୍ଯ୍ୟର ବିଶେଷତ୍ୱ ଏହି ଯେ, ଏଠାର ଶିଳ୍ପୀ ମୂର୍ତ୍ତି ଗଠନ କଲାବେଳେ ଜୀବନ୍ତ ମାନବର ଶରୀର ପ୍ରତି ଦୃଷ୍ଟି ଦେଇ ମୂର୍ତ୍ତି ଗଢ଼ିଥିଲା ।

ବୈତରଣୀ ଉପତ୍ୟକାସ୍ଥ କେଉଁଝରର ଡାଙ୍ଗୁଆ ପୋଷୀର ପ୍ରତ୍ନତତ୍ତ୍ୱ ସମ୍ବନ୍ଧରେ ଏ ପର୍ଯ୍ୟନ୍ତ ଅଧିକ କିଛି କାର୍ଯ୍ୟ ହୋଇନାହିଁ । ଏଠାର ଗେରୁ ରଙ୍ଗରେ ଚିତ୍ରିତ ମନୁଷ୍ୟ ଓ ଜୀବଜନ୍ତୁର ଚିତ୍ର ଗୁଡିକ ବିଶେଷ ଉଲ୍ଲେଖ ଯୋଗ୍ୟ । ଏହି ଚିତ୍ର ଗୁଡିକର ସମୟ ଖ୍ରୀ: ୪ର୍ଥ ବା ୫ମ ଶତାବ୍ଦୀ ବୋଲି ଧରାଯାଇଛି ।

ବୈତରଣୀ ଉପତ୍ୟକାର ସମତଳଭୂମିରେ ଗୋହିରା ଟିକିରୀ ଓ ଯାଜପୁର ବ୍ୟତୀତ ଅନାନ୍ୟ ସ୍ଥାନର ପ୍ରତ୍ନତତ୍ତ୍ୱ ଅବହେଳିତ ଅଛି କହିଲେ ଚଳେ । କିଛି ବର୍ଷ ପୂର୍ବେ ସୋରରୁ ଖ୍ରୀ: ୬ଷ୍ଠ ଓ ୭ମ ଶତାବ୍ଦୀର କେତୋଟି ତମ୍ବାପଟା ମିଳିଥିଲା ।

**ବ୍ରାହ୍ମଣୀ ଉପତ୍ୟକାର ପ୍ରତ୍ନତତ୍ତ୍ୱ:** ବ୍ରାହ୍ମଣୀ ଉପତ୍ୟକାର ପାର୍ବତ୍ୟ ଅଞ୍ଚଳରେ ପୂର୍ବ ରାଙ୍ଗପୁର, ପଶ୍ଚିମ-ସିଂହଭୂମ, ବଣାଇ, ବାମଣ୍ଡା, ପାଲଲହଡା, ତାଳଚେର, ପୂର୍ବ ଅନୁଗୁଳ, ହିନ୍ଦୋଳ,

ଦକ୍ଷିଣ-କେନ୍ଦୁଝର ଓ ଢେଙ୍କାନାଳ ଏବଂ ସମତଳ ଭୂମିରେ କଟକ ଜିଲ୍ଲାର ଯାଜପୁର ସବ୍‌ଡ଼ିଭିଜନର ଦକ୍ଷିଣାଂଶ ଅବସ୍ଥିତ । କଟକ ଜିଲ୍ଲାରେ ବ୍ରାହ୍ମଣୀର ଦୁଇଟି ଶାଖା ଖରସୁଆଁ ଓ କୁମ୍ଭୀରଆ ପ୍ରବାହିତ । କୁମ୍ଭୀରଆର ଦକ୍ଷିଣ କୂଳର ଉଦୟଗିରିରେ ବୌଦ୍ଧ କୀର୍ତ୍ତିର ଧ୍ୱଂସାବଶେଷ ଅଛି । ଖରସୁଆଁ କୂଳରେ କ'ଣ ପ୍ରାଚୀନ କୀର୍ତ୍ତି ଅଛି, ତାହାର ସନ୍ଧାନ ମିଳିନାହିଁ ।

ପାର୍ବତ୍ୟ ଅଞ୍ଚଳରେ କେବଳ ତାଳଚେର, ଅନୁଗୋଳ ଓ ତାଳଚେର ନିକଟବର୍ତ୍ତୀ ଢେଙ୍କାନାଳର କେତେକ ଅଞ୍ଚଳ ଦେଖିବାର ସୁଯୋଗ ଲେଖକର ଘଟିଥିଲା । ତାଳଚେର ଗଡ଼ରୁ ୭/୮ ମାଇଲ ପୂର୍ବବର୍ତ୍ତୀ କୋଆଲୁ ଗ୍ରାମରେ କେତୋଟି ମୁଖଶାଳାବିହୀନ ମନ୍ଦିର ଅଛି । ସ୍ତମ୍ଭ ବା ଶୁଲ୍‌କୀ ବଂଶୀୟ ରାଜାମାନଙ୍କର ତମ୍ବା ପଟାରେ ତାଙ୍କର ରାଜଧାନୀ 'କୋଦାଳକ'ର ଉଲ୍ଲେଖ ଅଛି । 'କୋଆଲୁ' 'କୋଦାଳକ' ଶବ୍ଦରୁ ଅପଭ୍ରଷ୍ଟ ବୋଲି ମନେହୁଏ ।

ଢେଙ୍କାନାଳର ସରାଙ୍ଗ ଗ୍ରାମ ତାଳଚେର ଗଡ଼ର ବିପରୀତ ବ୍ରାହ୍ମଣୀର ବାମକୂଳରେ ଅବସ୍ଥିତ । ଏଠାରେ ନଦୀଗର୍ଭରୁ ଉତ୍ଥିତ ଶିଳାଖଣ୍ଡର ଉପରେ ଅତିକାୟ ଅନନ୍ତଶାୟୀ ବିଷ୍ଣୁ ମୂର୍ତ୍ତି ଖୋଦିତ ଅଛି । ମୂର୍ତ୍ତିଟି ଲମ୍ବାରେ ୩୨ ଫୁଟ । ସରାଙ୍ଗର ବିପରୀତ କୂଳରେ ତାଳଚେରର ପଶ୍ଚିମେଶ୍ୱର ମନ୍ଦିରରେ ଗୋଟିଏ ବଡ଼ ଧ୍ୟାନୀ ବୁଦ୍ଧ ମୂର୍ତ୍ତି ଅଛି । ଏପରି ଧ୍ୟାନୀ ବୁଦ୍ଧ ମୂର୍ତ୍ତି ଉଦୟଗିରିରେ ଦେଖିବାକୁ ମିଳେ । ଏହି ମୂର୍ତ୍ତି ଖଣ୍ଡିଏ ପଥରରେ ଖୋଦିତ ନ ହୋଇ ଅନେକଗୁଡ଼ିଏ ପଥରରେ ନିର୍ମିତ ହୋଇଅଛି । ଏଗୁଡ଼ିକ ଲେଖକ ୧୯୪୭ ଅକ୍ଟୋବରରେ ଦେଖିଥିଲା । ସେତେବେଳେ ତାଳଚେରର ବର୍ତ୍ତମାନ ରାଜାସାହେବଙ୍କ ପାଖରୁ ଲେଖକ ଶୁଣିଥିଲା ଯେ ଭୀମକାଣ୍ଡଠାରେ ଆହୁରି ଗୋଟିଏ ବଡ଼ ମୂର୍ତ୍ତି ଅଛି । ଭୀମ-କାଣ୍ଡର ମୂର୍ତ୍ତିଟି ଦେଖିବାର ସୁଯୋଗ ୧୯୪୯ ଫେବୃଆରୀ ମାସଯାଏ ଘଟି ନଥିଲା । ଏହି ଯାତ୍ରାରେ ତାଳଚେରର ତିନୋଟି ମାନବ ପ୍ରାଚୀନ କୀର୍ତ୍ତି ଦେଖିବାର ସୁଯୋଗ ଘଟିଥିଲା, ଯଥା ଭୀମକାଣ୍ଡ, ବଜ୍ରକୋଟ ଓ ହରିଚନ୍ଦନପୁର । ଭୀମକାଣ୍ଡ ଗ୍ରାମ ତାଳଚେରରୁ ପ୍ରାୟ ୧୮ ମାଇଲ

ଦୂରବର୍ତ୍ତୀ ଓ ବ୍ରାହ୍ମଣୀ ନଦୀର ଦକ୍ଷିଣ କୂଳରେ ନଦୀଠାରୁ ପ୍ରାୟ ୧ମାଇଲ ଦୂରରେ ଅବସ୍ଥିତ । ଏହିଗ୍ରାମର ଗୃଷ ଜମିର ନିକଟରେ ଏକ ପ୍ରକାଣ୍ଡ ଶିଳାଖଣ୍ଡ ଉପରକୁ ଉଠିଅଛି । ଏହି ଶିଳାଖଣ୍ଡର ଉପରଭାଗରେ ଅନନ୍ତଶାୟୀ ଚତୁର୍ଭୁଜ ବିଷ୍ଣୁ ମୂର୍ତ୍ତି ଖୋଦିତ ଅଛି । ମୂର୍ତ୍ତିଟିର ନାମ ଲୋକେ ଭୀମକାଣ୍ଡ ଦେଇଅଛନ୍ତି; ଏହା ଲମ୍ବାରେ ୪୧ଫୁଟ ୭ଇଞ୍ଚ । ମୂର୍ତ୍ତିଟିର ଗଠନ ରୀତିରେ ଉତ୍କୃଷ୍ଟ ଗୃରୁକଳାର ସମାବେଶ ଦେଖାଯାଏ । ମୂର୍ତ୍ତିଟି ଠିକ୍ ସରାଙ୍ଗର ମୂର୍ତ୍ତିସଦୃଶ । ପ୍ରଭେଦ ମଧ୍ୟରେ ସରାଙ୍ଗର ମୂର୍ତ୍ତିରେ ବିଷ୍ଣୁଙ୍କର ନାଭିକମଳରୁ ଚତୁର୍ମୁଖ ବ୍ରହ୍ମା ପ୍ରଦର୍ଶିତ ହୋଇଅଛନ୍ତି; ମାତ୍ର ଭୀମକାଣ୍ଡ ମୂର୍ତ୍ତିରେ ବ୍ରହ୍ମା ନାହାନ୍ତି । ଗଠନ ରୀତି ଅନୁସାରେ ମୂର୍ତ୍ତିର ସମୟ ଖ୍ରୀଷ୍ଟୀୟ ୯ମ ଶତାବ୍ଦୀ ବା ତାର ଟିକିଏ ପରବର୍ତ୍ତୀ ବୋଲି ବୋଲାଯାଇ ପାରେ ।

ଏହି ମୂର୍ତ୍ତିଟି ନିକଟରେ କୌଣସି ପ୍ରାଚୀନ କୀର୍ତ୍ତିର ଧ୍ୱଂସାବଶେଷ ଦେଖାଯାଏ ନାହିଁ । ଏପରି କ୍ଷେତ୍ରରେ କିଏ ଯେ ଏପରି ଅତିକାୟ ଅଥଚ ଗୃରୁକଳାନୁମୋଦିତ ସୁନ୍ଦର ମୂର୍ତ୍ତି କି ଉଦ୍ଦେଶ୍ୟରେ ଗଢ଼ିଥିଲା ତାହା ଜାଣିବାର କୌଣସି ଉପାୟ ନାହିଁ । ହିନ୍ଦୁ ଧର୍ମର ଦେବମୂର୍ତ୍ତି ମଧ୍ୟରେ ସାରା ଭାରତରେ ଏହାଠାରୁ ବଡ଼ ମୂର୍ତ୍ତି ଅନ୍ୟତ୍ର ଥିବାର ଏପର୍ଯ୍ୟନ୍ତ ଜଣାଯାଇ ନାହିଁ । ଯାଜପୁରର ଶାନ୍ତମାଧବ ମୂର୍ତ୍ତିଟି ବୌଦ୍ଧ ଧର୍ମର ପଦ୍ମପାଣି ମୂର୍ତ୍ତି—ତାହାର ଲମ୍ବା ପ୍ରାୟ ୨୨ଫୁଟ । ମହୀଶୂରର ଶ୍ରବଣ-ବେଲଗୋଲାରେ ଥିବା ଜୈନ ମହାବୀରଙ୍କର ଦଣ୍ଡାୟମାନ ମୂର୍ତ୍ତିଟି ଭାରତରେ ସର୍ବୋଚ୍ଚ ମୂର୍ତ୍ତି—ତାର ଦୀର୍ଘତା ୫୭ ଫୁଟ ।

ଭୀମକାଣ୍ଡର ଓ ସରାଙ୍ଗର ଏହି ବିଷ୍ଣୁମୂର୍ତ୍ତିରୁ ଏହା ପ୍ରମାଣିତ ହୁଏ ଯେ ଉତ୍କଳରେ ଲିଙ୍ଗରାଜ ମନ୍ଦିର (ଖ୍ରୀ: ପ୍ରାୟ ୧୦୫୦) ସଦୃଶ ବଡ଼ ଦେଉଳ ଗଠିତ ହେବା ପୂର୍ବରୁ ଶିଳ୍ପୀମାନେ ବଡ଼ ବଡ଼ ମୂର୍ତ୍ତି ଗଢ଼ି ପାରୁଥିଲେ । ହିନ୍ଦୁ ଧର୍ମର ମନ୍ଦିର ହିସାବରେ ଲିଙ୍ଗରାଜ ମନ୍ଦିର ଯେପରି ଭାରତରେ ଅଦ୍ୱିତୀୟ କୀର୍ତ୍ତି, ମୂର୍ତ୍ତି ହିସାବରେ ଭୀମକାଣ୍ଡର ବିଷ୍ଣୁମୂର୍ତ୍ତି ସେହିପରି ଅଦ୍ୱିତୀୟ ।

ତାଳଚେରର ବକୁକୋଠରେ ଥରେ ଅନେକ ମନ୍ଦିର ଥିଲା । ବକୁକୋଠ ତାଳଚେରଠାରୁ ପ୍ରାୟ ୩୦ ମାଇଲ ଦୂରବର୍ତ୍ତୀ ବ୍ରାହ୍ମଣୀ ନଦୀର ଦକ୍ଷିଣକୂଳରେ ଅବସ୍ଥିତ । ଗ୍ରାମର ଚତୁର୍ଦ୍ଦିଗରେ ବିଶେଷତଃ ଘରର ପିଣ୍ଡାତଳରେ ଭଙ୍ଗା ମନ୍ଦିରର ପଥର ସବୁ ଇତସ୍ତତଃ ପଡ଼ି ରହିଅଛି । ବର୍ତ୍ତମାନ କେବଳ ସେଠାରେ ଗୋଟିଏ ଶିବମନ୍ଦିର ପ୍ରାୟ ଅକ୍ଷୁର୍ଣ୍ଣ ଅବସ୍ଥାରେ ଅଛି । ମନ୍ଦିରଟି ଦେଖିବାକୁ ଭୁବନେଶ୍ୱରର ପରଶୁ-ରାମେଶ୍ୱର ମନ୍ଦିର ସଦୃଶ । ମାତ୍ର ମନ୍ଦିରର ଠିକ ମୁଖଶାଳା ନାହିଁ । ମୁଖଶାଳା ସ୍ଥାନରେ ଚତୁର୍ଭୁଜାକୃତି ସ୍ତମ୍ଭ ଉପରେ ନିର୍ମିତ ଗୋଟିଏ ଘର ଥିଲା । ଉପାସକମାନଙ୍କୁ ଖରା ଓ ବର୍ଷାରୁ ରକ୍ଷା କରିବା ପାଇଁ । ମନ୍ଦିରର ଦ୍ୱାର ବନ୍ଧଟିର କାରୁକାର୍ଯ୍ୟ ଅତି ସୁନ୍ଦର । ସାଧାରଣତଃ ଗଙ୍ଗା ଓ ଯମୁନା ମୂର୍ତ୍ତି ଦ୍ୱାରବନ୍ଧର ତଳେ ଖୋଦିତ ହେବାର ଦେଖାଯାଏ, ମାତ୍ର ଏହି ମନ୍ଦିରର କାନ୍ଥରେ ଖୋଦିତ ଅଛି ।

୧୮୮୫ରେ ଭେଲେଣ୍ଟାଇନ ବଲ ନାମକ ଜଣେ ଭୂତତ୍ତ୍ୱବିଦ୍ ତାଳଚେରରେ ହରିଚନ୍ଦନପୁରଠାରୁ ପ୍ରତ୍ନପ୍ରସ୍ତର ଯୁଗର କେତୋଟି ଅସ୍ତ୍ର ପାଇଥିବାର କଥା ଲେଖିଥିଲେ । ଲେଖକ ସେହି ସବୁ ଅସ୍ତ୍ରର ସନ୍ଧାନ ପାଇ ହରିଚନ୍ଦନପୁରକୁ ଗତ ଫେବୃଆରୀ ମାସରେ ଯାଇଥିଲା ଓ କେତେ ଗୁଡ଼ିଏ ଅସ୍ତ୍ର ମଧ୍ୟ ନିଜେ ସଂଗ୍ରହ କରିଥିଲା । ଗ୍ରାମରେ ନବ୍ୟ ପ୍ରସ୍ତର ଯୁଗର ଅସ୍ତ୍ର ମଧ୍ୟ ମିଳେ । ଗ୍ରାମବାସୀମାନେ ତାକୁ ଚଡ଼କ ପଥର କହନ୍ତି । କେତେଜଣଙ୍କ ଘରେ ସେପରି ପ୍ରସ୍ତରାସ୍ତ୍ର ଥିବାର ଜଣାଗଲା, ମାତ୍ର କେହି ଦେଖାଇବା ପାଇଁ ରାଜି ହେଲେ ନାହିଁ । ଅନୁଗୋଳର କଳିଙ୍ଗ କଟାରେ ମଧ୍ୟ ଏ ପ୍ରକାର ଅସ୍ତ୍ର ମିଳିବାର କଥା ବଲସାହେବ ଲେଖିଥିଲେ ଓ ଲେଖକ ମଧ୍ୟ ସେଠାରୁ କେତେଗୁଡ଼ିଏ ସଂଗ୍ରହ କରିଅଛି । ତାହାଛଡ଼ା ଅନୁଗୋଳର ଉତ୍ତର ସୀମାରେ ଗୋଟିଏ ଗାଡ଼ରୁ ଲେଖକ ନିଜେ ଖଣ୍ଡିଏ ଭଲ ଅସ୍ତ୍ର ମଧ୍ୟ ପାଇଅଛି । ମୟୂରଭଞ୍ଜର କୁଳିଆଣା ଓ ବୈଦ୍ୟପୁର ସହିତ ହରିଚନ୍ଦନପୁର ଓ କାଳିଆକଟାର ପ୍ରାଗୈତିହାସିକ ସଭ୍ୟତାର ତୁଳନାମୂଳକ ଆଲୋଚନାରେ ଅନେକ ନୂତନ ତଥ୍ୟ ଜଣାପିବାର ସମ୍ଭାବନା ଅଛି ।

ଅନୁଗୋଲରେ ନାନା ସ୍ଥାନରେ ଅନେକ ମନ୍ଦିର ଥିଲା, ସେଥି ମଧ୍ୟରୁ ତଳମୂଳ ଗ୍ରାମର ଦେବୀମନ୍ଦିରର ସ୍ଥାପତ୍ୟ ଓ ଭାସ୍କର୍ଯ୍ୟରେ କିଛି କିଛି ବିଶେଷତ୍ୱ ଅଛି । ମନ୍ଦିର ଓ ମନ୍ଦିରର ମୁଖଶାଳା ଉଭୟ ଏକ ଭୁଙ୍ଗ ପୀଠ ଉପରେ ନିର୍ମିତ । ପୀଠ ହିସାବରେ ଏପରି ମନ୍ଦିର ଉତ୍କଳରେ ଅନ୍ୟତ୍ର ଦେଖାଯାଏ ନାହିଁ । ମନ୍ଦିରର ଶିଖର ଗଠନରେ ମଧ୍ୟ ବିଶେଷତ୍ୱ ଅଛି । ମନ୍ଦିରର ମୁଖଶାଳାର ଖମ୍ବଗୁଡ଼ିକର ଆକୃତି ଖିଚିଙ୍ଗର ଚୂଉଳ କୁଞ୍ଜିର ଖମ୍ବସଦୃଶ । ମୁଖଶାଳାର ଛାତ କିପରି ଥିଲା, ତାହା କହି ହେଉ ନାହିଁ, କାରଣ ତାହା ଭାଙ୍ଗି ପଡ଼ିଛି ।

ତାଳଚେର, ଅନୁଗୋଲ, ହିନ୍ଦୋଳ ଓ ଢେଙ୍କାନାଳ ଅଞ୍ଚଳରୁ ବହୁ ତମ୍ବା ପଟା ମିଳିଅଛି । ଅନୁଗୋଲରୁ ଗଙ୍ଗମୁଦ୍ରା ୫୦ ବର୍ଷ ପୂର୍ବେ ମିଳିଥିଲା । ଅତି ଅଳ୍ପଦିନ ତଳେ ଗୁପ୍ତସମ୍ରାଟ କୁମାର ଗୁପ୍ତଙ୍କର ମୁଦ୍ରା ମଧ୍ୟ ମିଳିଅଛି । ତାଳଚେର ଓ ଅନୁଗୋଲର ପ୍ରାଚୀନକୀର୍ତ୍ତି ମଧ୍ୟରୁ ଶ ଅନ୍ୟତ୍ର କି କି କୀର୍ତ୍ତି ଅଛି, ତାହା ଜଣାଯାଇ ନଥିବାରୁ ବ୍ରାହ୍ମଣୀ ଉପତ୍ୟକାର ସଭ୍ୟତା ସମ୍ବନ୍ଧରେ ଅତି ଅଳ୍ପ କଥା ଜଣାଯାଉଛି ଯେଉଁ ବ୍ରାହ୍ମଣୀ ଉପତ୍ୟକାରୁ ଭାରତର ସର୍ବବୃହତ୍ ବିଷ୍ଣୁମୂର୍ତ୍ତି ମିଳିଅଛି, ସେଠାରେ ସେହି ମୂର୍ତ୍ତିର ସମସାମୟିକ ସଭ୍ୟତାର ଅନେକ ନିଦର୍ଶନ ଯେ ଅବିଦ୍ଧିତ ଅଛି, ଏଥିରେ ସନ୍ଦେହ ନାହିଁ ।

**ମହାନଦୀ ଉପତ୍ୟକାର ପ୍ରତ୍ନତତ୍ତ୍ୱ:** ମହାନଦୀ ଉପତ୍ୟକାର ବିସ୍ତାର ଉତ୍କଳରେ ଅତି ବିଶାଳ । ମଧ୍ୟପ୍ରଦେଶର ରାୟପୁର ଓ ବିଲାସପୁର ଜିଲାରେ ଥିବା ମହାନଦୀର ଉପତ୍ୟକାରେ ଅନେକ ପ୍ରାଚୀନକୀର୍ତ୍ତି ଅଛି, ଯହିଁରୁ ସେ ଅଞ୍ଚଳର ପ୍ରତ୍ନତତ୍ତ୍ୱ ସମ୍ବନ୍ଧରେ ଅନେକ କଥା ଜଣାଯାଏ । ଉତ୍କଳର ଅନ୍ତର୍ଗତ ମହାନଦୀର ଉପତ୍ୟକାରେ ସମ୍ବଲପୁର, ପାଟଣା, କଳାହାଣ୍ଡି ଓ ସୋନପୁର ଅଞ୍ଚଳ ପ୍ରଧାନ । ଏହି ଅଞ୍ଚଳରେ, ଅଙ୍ଗ ଓ ତେଲ ନଦୀମାନ ମହାନଦୀର ଉପନଦୀରୂପେ ପ୍ରବାହିତ । ସୋନପୁରଠାରେ ତେଲନଦୀ ମହାନଦୀରେ ମିଶିଅଛି । ସୋନପୁରଠାରୁ ନରାଜଯାଏ ମହାନଦୀର ଦୁଇ କୂଳରେ ଥିବା ପାର୍ବତ୍ୟଅଞ୍ଚଳ ମଧ୍ୟରୁ ଉତ୍ତର-କୂଳରେ ରେଢ଼ାଖୋଲ,

ଆଠମଲ୍ଲିକ, ଦକ୍ଷିଣ-ଅନୁଗୋଳ, ନରସିଂହପୁର, ବଡ଼ମ୍ବା ଟିଗିରିଆ ଓ ଆଠଗଡ଼ ଏବଂ ଦକ୍ଷିଣ-କୂଳରେ ବୌଦ୍ଧ, ଦଶପଲ୍ଲା, ନୟାଗଡ଼, ଖଣ୍ଡପଡ଼ା ଉତ୍ତର-ଖୋରଧା ସବ୍‌ଡିଭିଜନ, ବାଙ୍କି ଓ ଡମପଡ଼ା ଅବସ୍ଥିତ । ନରାଜଠାରେ ମହାନଦୀର ଦକ୍ଷିଣକୂଳରୁ କାଠଯୋଡ଼ି ଓ ଚୌଦ୍ୱାରଠାରେ ଉତ୍ତରକୂଳରୁ ବିରୂପା ଶାଖାନଦୀ ରୂପେ ପ୍ରବାହିତ ହୋଇ କଟକ ଓ ପୁରୀ ଜିଲ୍ଲାର ସମସ୍ତ ନଦୀର ଉତ୍ପତ୍ତିସ୍ଥଳ ହୋଇଅଛି । ଭୌଗୋଳିକ ଅବସ୍ଥାନରୁ ମହାନଦୀର ଉପତ୍ୟକା ତିନି ଭାଗରେ ବିଭକ୍ତ ଯଥା:—୧ମ ତେଲ ଓ ମହାନଦୀ ସଙ୍ଗମ ସ୍ଥଳର ପଶ୍ଚିମାଂଶ ଅଞ୍ଚଳ, ୨ୟ ସୋନପୁର ଓ ନରାଜ ଅଞ୍ଚଳ ଓ ୩ୟ କଟକ ଓ ପୁରୀ ଅଞ୍ଚଳ । ମହାନଦୀର ଉପତ୍ୟକାରେ ବହୁ ପ୍ରାଚୀନ କୀର୍ତ୍ତିର ନିଦର୍ଶନ ମିଳୁଥିବାରୁ ସେଗୁଡ଼ିକର ମଧ୍ୟ ପରସ୍ପର ସହିତ କିପରି ସମ୍ବନ୍ଧ ଅଛି ତାହାର ତୁଳନାମୂଳକ ଆଲୋଚନାର ଅଭାବରେ ମହାନଦୀ ଉପତ୍ୟକାର ପ୍ରତ୍ନତତ୍ତ୍ୱ ସ୍ପଷ୍ଟ ଭାବରେ ବୁଝିବାର ନାନା ଅନ୍ତରାୟ ଅଛି ।

ଇବ ଓ ଅଙ୍ଗ ଉପନଦୀ ଦ୍ୱାୟ ପ୍ରବାହିତ ଅଞ୍ଚଳର ପ୍ରତ୍ନତତ୍ତ୍ୱ ଦେଖିବାର ସୁଯୋଗ ଲେଖକର ଘଟିନାହିଁ । ନରସିଂହ ନାଥ ଓ ହରି-ଶଙ୍କର ଗିରିଦ୍ୱୟରେ କେତେକ କୀର୍ତ୍ତି ଅଛି ଓ ଏହି ଦୁଇଟିର ପଶ୍ଚିମରେ ଖଡ଼ିଆଳର ପାର୍ବତ୍ୟ ଅଞ୍ଚଳରେ କେତେକ ପ୍ରାଚୀନ କୀର୍ତ୍ତି ଥିବାର କଥା ଲେଖକ ଶ୍ରୀ ଦୁର୍ଗାପ୍ରସାଦ ତ୍ରିପାଠୀଙ୍କ ମୁଖରୁ ଶୁଣିଅଛି । ମାତ୍ର କେହି ପ୍ରତ୍ନତତ୍ତ୍ୱ ସନ୍ଧାନୀ ସେ ସବୁ ସ୍ଥାନ ଦେଖି ନଥିବାରୁ ତତ୍‌ସମ୍ବନ୍ଧେ ଲେଖକ କିଛି ବିବରଣ ସଂଗ୍ରହ କରିପାରି ନାହିଁ । ଏହି ଅଞ୍ଚଳର ତେଲ ନଦୀ-ଉପତ୍ୟକାର କେତେକ ସ୍ଥାନ ଦେଖିବାର ସୁଯୋଗ ଲେଖକ ପାଇ ଥିବାରୁ ସେଗୁଡ଼ିକର ପ୍ରତ୍ନତତ୍ତ୍ୱ ସମ୍ବନ୍ଧରେ ଠିକ ଠିକ କେତେକ କଥା ତଳେ ଲେଖୁଅଛି ।

ସୋନପୁର ଅନ୍ତର୍ଗତ ବୈଦ୍ୟନାଥର କୋଶଲେଶ୍ୱର ମନ୍ଦିରର ଭଗ୍ନାବଶେଷ ତେଲନଦୀର ବାମକୂଳରେ ଅବସ୍ଥିତ । ଏଠାର ମୂର୍ତ୍ତି ଗୁଡ଼ିକରୁ ତେଲ ଉପତ୍ୟକା ସଭ୍ୟତାର ବେଶ ପରିଚୟ ମିଳେ । କୋଶଳେଶ୍ୱର ଶିବମନ୍ଦିର ନଷ୍ଟ ହୋଇଅଛି, ମାତ୍ର ତାହାର ମୁଖଶାଳା

ସମ୍ପୂର୍ଣ୍ଣ ନଷ୍ଟ ନ ହୋଇଥିଲେ ମଧ୍ୟ ଭଗ୍ନୋନ୍ମୁଖ ଅବସ୍ଥାରେ ଅଛି । ଏହି ମୁଖଶାଳାର ସ୍ଥାପତ୍ୟ ଓ ଭାସ୍କର୍ଯ୍ୟ ଉତ୍କଳ ଶିଳ୍ପକଳାର ଏକ ନୂତନ ଧାରାର ପରିଚୟ ଦିଏ । ଏହାର ସମୟ ଆନୁମାନିକ ୭ମ ବା ୮ମ ଶତାବ୍ଦୀ ହୋଇପାରେ । ଏଠାରେ ଆଉ ଗୋଟିଏ ପଥର ମନ୍ଦିର ଅଛି । ମାତ୍ର ତାହା କୁଶଳେଶ୍ୱରର ସମସାମୟିକ ନୁହେ । ତେଲନଦୀ ଯେପରି କୂଳ ଖାଉଛି, ସେଥିରୁ ମନେହୁଏ ଯେ, ମନ୍ଦିରଟିକୁ ରକ୍ଷା କରିବାର ଉପାୟ ନକଲେ ଦିନେ ଏହି ସୁନ୍ଦର ମନ୍ଦିରଟି ନଦୀ ଗର୍ଭରେ ଲୀନ ହୋଇଯିବ । ବୈଦ୍ୟନାଥର ଉପରକୁ କଳାହାଣ୍ଡିର ବେଲଖଣ୍ଡି ଠାରେ କେତେକ ମୂର୍ତ୍ତି ଓ ମନ୍ଦିରର ଧ୍ୱଂସାବଶେଷ ମିଳିଅଛି, ସେଗୁଡ଼ିକର ଗଠନ ରୀତି ବୈଦ୍ୟନାଥର ମୂର୍ତ୍ତିର ଗଠନ ରୀତି ସଦୃଶ କି ନା ତାହା ତୁଳନା କରିବାର ସୁଯୋଗ ଲେଖକର ଘଟିନାହିଁ । ପାଟଣାର ରାଣୀପୁର ଝରିଆଲରେ ବହୁ ମନ୍ଦିର ବିଦ୍ୟମାନ ଥିଲା । ବର୍ତ୍ତମାନ ମଧ୍ୟ ଯେ 'କେତୋଟି ଅଛି, ତନ୍ମଧ୍ୟରେ ଇଷ୍ଟକ ନିର୍ମିତ ମନ୍ଦିରଟିର ସ୍ଥାପତ୍ୟ ଉତ୍କଳରେ ଅନନ୍ୟ ଦେଖାଯାଏ ନାହିଁ । ଏହି ମନ୍ଦିର ସଦୃଶ ଆଉ ଗୋଟିଏ ମନ୍ଦିର ରାୟପୁର ଜିଲ୍ଲାର ଶ୍ରୀପୁର ଠାରେ ଅଛି । ରାଣୀପୁର ଝରିଆଲରେ ଦିନେ ବହୁ ମନ୍ଦିର ବିଦ୍ୟମାନ ଥିଲା । ବର୍ତ୍ତମାନ ମଧ୍ୟ ଯେ କେତୋଟି ଅଛି, ତନ୍ମଧ୍ୟରୁ ଇଷ୍ଟକ ନିର୍ମିତ ମନ୍ଦିରଟିର ସ୍ଥାପତ୍ୟ ଉତ୍କଳରେ ଅନନ୍ୟ ଦେଖାଯାଏ ନାହିଁ ଏହି ମନ୍ଦିର ସଦୃଶ ଆଉ ଗୋଟିଏ ମନ୍ଦିର ରାୟପୁର ଜିଲ୍ଲାର ଶ୍ରୀପୁରଠାରେ ଅଛି, ରାଣୀପୁର ଝରିଆଲର ଚଉଷଠି ଯୋଗିନୀର ବର୍ତ୍ତୁଳାକାର ବେଢ଼ା ଉତ୍କଳର ଅନ୍ୟ ଏକ ନୂତନ ସ୍ଥାପତ୍ୟର ନିଦର୍ଶନ । ଭାସ୍କର୍ଯ୍ୟ ହିସାବରେ ଚୌଷଠି ଯୋଗିନୀ ମୂର୍ତ୍ତିଗୁଡ଼ିକ ଅତି ଉତ୍କୃଷ୍ଟ ନ ଥିଲେହେଁ ତହିଁରୁ ଧର୍ମର ଏକ ନୂତନ ମାର୍ଗ ପ୍ରଚଳିତ ଥିବାର ପ୍ରମାଣିତ ହୁଏ । ଜବଲପୁର ନିକଟବର୍ତ୍ତୀ ଭେଡ଼ା ଘାଟର ଚୌଷଠି ଯୋଗିନୀମୂର୍ତ୍ତି ଓ ମନ୍ଦିର ଭାରତରେ ସୁବିଦିତ ।

ପାଟଣାଗଡ଼ରେ ମଧ୍ୟ ବୈଦ୍ୟନାଥ ସଦୃଶ କେତୋଟି ମୂର୍ତ୍ତି ଦେଖିବାକୁ ମିଳେ । ଏଠାରେ ଥିବା ପ୍ରାଚୀନ ଭଗ୍ନ ମନ୍ଦିରଗୁଡ଼ିକ ପରବର୍ତ୍ତୀ ସମୟରେ ପୁନନିର୍ମିତ ହୋଇଥିବାରୁ ମୂଳ ମନ୍ଦିର ଓ ମୂର୍ତ୍ତି

ଗୁଡ଼ିକ ଇତସ୍ତତଃ ବିକ୍ଷିପ୍ତ ହୋଇଅଛି । ଅଙ୍ଗ ଓ ତେଲନଦୀର ମଧ୍ୟବର୍ତ୍ତୀ ଅଞ୍ଚଳରେ ଅନୁସନ୍ଧାନ କଲେ ପ୍ରତ୍ନତତ୍ତ୍ୱର ଅନେକ ନିଦର୍ଶନ ମିଳିବାର ସମ୍ଭାବନା ଅଛି ।

ବଲାଙ୍ଗିର-ସୋନପୁର ଅଞ୍ଚଳରୁ ଅନେକ ତମ୍ବାପଟ୍ଟା ମିଳିଅଛି । ସେଥିମଧ୍ୟରୁ କେତୋଟିରୁ ଜଣାଯାଏ ଯେ ସୁବର୍ଣ୍ଣପୁର [ସୋନପୁର]ଠାରେ ସୋମକୁଳୀ କେଶରୀ-ବଂଶୀୟ ରାଜାମାନେ ରାଜଧାନୀ ସ୍ଥାପନ କରିଥିଲେ । କେଶରୀ ବଂଶର ରାଜତ୍ୱ ସମୟରେ ସୁବର୍ଣ୍ଣପୁର ନାମ ପରିବର୍ତ୍ତିତ ହୋଇ 'ଯଯାତି ନଗର' ହୋଇଥିଲା । ଖ୍ରୀ:୧୦୨୩ ରାଜେନ୍ଦ୍ର ଚୋଲ ଯଯାତି ନଗରର ସୋମକୁଳୀ ଇନ୍ଦ୍ରରଥଙ୍କୁ ଯୁଦ୍ଧରେ ହତ୍ୟା କରିଥିବାର କଥା ତିରୁମଲାଇରୁ ଆବିଷ୍କୃତ ତାମିଲ ଲିପିରୁ ଜଣାଯାଏ । ସୋନପୁରଠାରୁ ନରାଜ ପର୍ଯ୍ୟନ୍ତ ବିସ୍ତୃତ ମହାନଦୀର ଉପତ୍ୟକାରେ ପ୍ରତ୍ନତତ୍ତ୍ୱ ଆଲୋଚନା କରିବାର ଉପାଦାନ ବୌଦର ଗନ୍ଧରାଡ଼ି ଓ ବୋଧଗଡ଼, ନରସିଂହପୁରର ବାଣେଶ୍ୱର ନାସି, ଖଣ୍ଡପଡ଼ାର କଣ୍ଟିଲୋ, ବଡ଼ମ୍ବାର ସିଂହନାଥ, ବାଙ୍କିର ରାମନାଥ ଓ ମହାପବତ ଏବଂ ଆଠଗଡ଼ର ରାଉତରାପୁରରୁ ଯଥେଷ୍ଟ ମିଳି-ଅଛି । ଏହିସବୁ ସ୍ଥାନ ନଦୀ କୂଳରେ ଅବସ୍ଥିତ ଥିବାରୁ ଅନୁମିତ ହୁଏ ଯେ, ନଦୀକୂଳରୁ ଦୂରରେ ଥିବା ଆହୁରି ଅନେକ ପ୍ରାଚୀନ କୀର୍ତ୍ତି ମଧ୍ୟ ଏ ପର୍ଯ୍ୟନ୍ତ ଅନାବିଷ୍କୃତ ଅଛି । ବଡ଼ମ୍ବାର ରଗଡ଼ ଓ ନରସିଂହପୁରର ଚମ୍ପେଶ୍ୱର ଦେଖି ଲେଖକ ଏହି ଧାରଣା ପୋଷଣ କରୁଅଛି ।

ଗନ୍ଧରାଡ଼ୀର ଯୁଗ୍ମମନ୍ଦିର ମଧ୍ୟରୁ ଗୋଟିକରେ ନୀଳମାଧବ ବିଷ୍ଣୁ-ମୂର୍ତ୍ତି ଓ ଅନ୍ୟଟିରେ ସିଦ୍ଧେଶ୍ୱର ଶିବଲିଙ୍ଗ ସ୍ଥାପିତ । ଦୁଇଟିଯାକ ମନ୍ଦିର ଏକ ହାତରେ ଏକ ଗୁଞ୍ଚରେ ଗଢ଼ା । ଉଭୟ ମନ୍ଦିରରେ ମୁଖଶାଳା ମଧ୍ୟ ଅଛି । ନୀଳମାଧବ ମନ୍ଦିର ଉପରେ ଚକ୍ର ଓ ସିଦ୍ଧେଶ୍ୱର ମନ୍ଦିର ଉପରେ ଶିବଲିଙ୍ଗ ଶୋଭିତ । ଶିବ ମନ୍ଦିରରେ ସଚରାଚର ତ୍ରିଶୂଳ ଦେଖାଯାଏ, ମାତ୍ର ତ୍ରିଶୂଳ ପରିବର୍ତ୍ତରେ ଶିବଲିଙ୍ଗ କେଉଁ ଉଦ୍ଦେଶ୍ୟରେ ସ୍ଥାପିତ ତାହାର କାରଣ ଠିକ୍ କରି ହେଉ ନାହିଁ । ଖିଚିଙ୍ଗର ଗୋଟିଏ ମନ୍ଦିରର ଶେଷରେ ଶିବଲିଙ୍ଗ ଓ ଦୁଇଟି ମନ୍ଦିରରେ ତ୍ରିଶୂଳ ଥିଲା । ଗନ୍ଧରାଡ଼ୀର ଦୁଇଟିଯାକ ମନ୍ଦିରର ସ୍ଥାପତ୍ୟ ଓ ଗଠନ ରୀତି ଭୁବନେଶ୍ୱରର ପରଶୁ-

ରାମେଶ୍ୱର ମନ୍ଦିର ସହିତ ପ୍ରାୟ ଏକ ଥିବାର ଦେଖାଯାଏ । ଗନ୍ଧରାଡ଼ୀର ଯୁଗ୍ମ ମନ୍ଦିର ସଦୃଶ କଣ୍ଟିଲୋରେ ନୀଳ ମାଧବ ଓ ସିଦ୍ଧେଶ୍ୱରଙ୍କର ଯୁଗ୍ମ ମନ୍ଦିର ଅଛି । ତେବେ କଣ୍ଟିଲୋର ମନ୍ଦିରରେ ଚୂନ କାମ ହୋଇଥିବାରୁ ଅସଲ ମନ୍ଦିରର ସୌନ୍ଦର୍ଯ୍ୟ ନଷ୍ଟ ହୋଇଅଛି । ପୁରୀ ଜିଲ୍ଲାର ନଆଳିରେ ନୀଳମାଧବଙ୍କର ମନ୍ଦିର ଅଛି । ସେଠାରେ ସିଦ୍ଧେଶ୍ୱରଙ୍କ ମନ୍ଦିର ଅଛି କି ନା ତାହା ଲେଖକ ଜାଣେ ନାହିଁ ।

ବଡ଼ାମ୍ବାର ସିଂହନାଥ ମନ୍ଦିରରେ ଶିବଲିଙ୍ଗ ସ୍ଥାପିତ । ମନ୍ଦିରଟି ପର୍ଶୁରାମେଶ୍ୱର ମନ୍ଦିରର ପ୍ରତିରୂପ କହିଲେ ଚଳେ । ଏହି ମନ୍ଦିରର ମୁଖଶାଳାରେ ବୈଷ୍ଣବ, ଶୈବ ଓ ଶାକ୍ତ ଦେବଦେବୀମାନଙ୍କର ମୂର୍ତ୍ତି ଖୋଦିତ ଅଛି ।

ହିନ୍ଦୁମାନେ ବହୁକାଳରୁ ପଞ୍ଚଦେବତାଙ୍କର ଉପାସକ । ଗଣେଷ, ଭାସ୍କର, ବିଷ୍ଣୁ, ଶିବ ଓ ଦୁର୍ଗା ମୂର୍ତ୍ତିର ଆରାଧନା ଏକତ୍ର କରିବାରେ କୌଣସି ବାଧା ନଥାଏ । ଉତ୍କଳରେ ଗଣେଶଙ୍କର କ୍ଷେତ୍ର ମହାବିନାୟକ ଓ ସୂର୍ଯ୍ୟଙ୍କର କ୍ଷେତ୍ର କୋଣାର୍କର ପ୍ରସିଦ୍ଧି ଅଛି । ଭାଗବତ ବୈଷ୍ଣବ ଧର୍ମର ଚତୁର୍ବିଗ୍ରହର ଦେବତା ବାସୁଦେବ, ଶଙ୍କର୍ଷଣ, ପ୍ରଦ୍ୟୁମ୍ନ ଓ ଅନିରୁଦ୍ଧ ରୂପାନ୍ତରିତ ହୋଇ ଜଗନ୍ନାଥ,ବଳଭଦ୍ର,ସୁଭଦ୍ରା ରୂପରେ ପୁରୀରେ ପୂଜିତ ହୁଅନ୍ତି । ସିଂହନାଥ ମନ୍ଦିରର ବୈଷ୍ଣବ ଓ ଶାକ୍ତ ଦେବତାଙ୍କର ମୂର୍ତ୍ତି ଶିବ ମନ୍ଦିରରେ ଅଳଂକୃତ ହୋଇଥିବାରୁ ଏହି ତିନୋଟି ଧର୍ମ ମାର୍ଗର ସମନ୍ୱୟ ହୋଇଥିବାର ଅନୁମାନ ସ୍ୱତଃସିଦ୍ଧ । ବଳଭଦ୍ରଙ୍କଠାରେ ଶିବଙ୍କର ଓ ସୁଭଦ୍ରାଙ୍କଠାରେ ଦୁର୍ଗାଙ୍କର ଶକ୍ତି ଆରୋପିତ ହୋଇ ଥିବାରୁ ଜଗନ୍ନାଥ ଧର୍ମରେ ଶୈବ, ଶାକ୍ତ ଓ ବୈଷ୍ଣବ ଧର୍ମର ସମନ୍ୱୟ ଘଟିଥିବାର ଜଣାଯାଏ । ମହାନଦୀ ଉପତ୍ୟକାର ପ୍ରତ୍ନତତ୍ତ୍ୱ ଏହି ହିସାବରେ ଅତି ଉପାଦେୟ ।

ବୌଦ୍ଧଗଡ଼ରେ ଗୃହେଟି ମଧ୍ୟରୁ ତିନୋଟି ନକ୍ଷତ୍ରାକୃତି ବା ଷଟ୍‌କୋଣ ବିଶିଷ୍ଟ ଶିବ ମନ୍ଦିର ଅକ୍ଷର୍ଣ୍ଣ ଅଛି । ଏହି ପ୍ରକାର ମନ୍ଦିରର ସ୍ଥାପତ୍ୟ ଉତ୍କଳରେ ଅନ୍ୟତ୍ର ଥିବାର ଜଣାଯାଇନାହିଁ । ମନ୍ଦିରରେ ପ୍ରକୃତ ମୁଖଶାଳା ନାହିଁ; ମାତ୍ର ମୁଖଶାଳାସଦୃଶ ଅଳ୍ପ ଟିକିଏ ପିଣ୍ଡା ବା ବାରଣ୍ଡା

ଦ୍ୱାର ସମ୍ମୁଖରେ ଦୁଇଟି ଖମ୍ବ ଉପରେ ଗଠିତ ଅଛି । ଏହି ମନ୍ଦିରଗୁଡ଼ିକର କାରୁକାର୍ଯ୍ୟ ଭୁବନେଶ୍ୱରର ମୁକ୍ତେଶ୍ୱର ପ୍ରଭୃତି ମନ୍ଦିର ସହିତ ତୁଳନା କରାଯାଇପାରେ । ଏଗୁଡ଼ିକର ସମୟ ଗନ୍ଧବାଡ଼ୀ ମନ୍ଦିର ସ୍ଥାପନ ସମୟର ପରବର୍ତ୍ତୀ ହେବ ବୋଲି ଅନୁମିତ ହୁଏ ।

ବୌଦଗଡ଼ରେ ମଧ୍ୟ ଗୋଟିଏ ବୌଦ୍ଧ ସ୍ତୂପ ଥିଲା । ସେଠାରେ ଧ୍ୟାନୀ ବୁଦ୍ଧଙ୍କର ମୂର୍ତ୍ତି ଅଦ୍ୟାପି ଅଛି । ଏହି ବୌଦ୍ଧମଠର ଭଗ୍ନାବଶେଷରୁ ଭୌମବଂଶୀୟ ରାଣୀ ତ୍ରିଭୁବନଦେବୀଙ୍କର ତମ୍ବାପଟା ମିଳିଥିଲା । ବୌଦରୁ ଅନେକ ଭଞ୍ଜବଂଶୀୟ ତମ୍ବାପଟା ମିଳିଅଛି । କେତେକ ତମ୍ବାପଟାରେ ଗନ୍ଧଟପାଟିର ନାମ ଅଛି । ଗନ୍ଧବାଡ଼ୀର ନାମ ଗନ୍ଧଟପାଟିରୁ ଅପଭ୍ରଷ୍ଟ ହୋଇଅଛି ।

ନରସିଂହପୁରର ବାଣେଶ୍ୱର ନାସି, ପଥର ଓ ଇଟାରେ ନିର୍ମିତ ମନ୍ଦିର ଓ ସ୍ତୂପର ଧ୍ୱଂସାବଶେଷରେ ପୂର୍ଣ୍ଣ । ଏଠାରେ ଦୁଇଟି ଲାଲ ପଥରରେ ନିର୍ମିତ ବୌଦ୍ଧଧର୍ମର ତାରା ମୂର୍ତ୍ତି ଥିଲା । ତହିଁରୁ ଗୋଟିଏ ମୂର୍ତ୍ତି ବାଣେଶ୍ୱରର ମିଉଜିଅମ୍‌କୁ ସ୍ଥାନାନ୍ତରିତ ହୋଇଅଛି । ବାଣେଶ୍ୱର ନାସିର ଇତିହାସ, ସ୍ଥାପତ୍ୟ ଓ ଭାସ୍କର୍ଯ୍ୟ ସମ୍ବନ୍ଧରେ ସ୍ୱତନ୍ତ୍ର ଆଲୋଚନା ନ ହେବାଯାଏ, ସେ ବିଷୟରେ ବିଶେଷ କିଛି କହି ହେବନାହିଁ । ନରସିଂହପୁରର ଚମ୍ପେଶ୍ୱରଠାରେ ଅନେକଗୁଡ଼ିଏ ବ୍ରାହ୍ମଣ ଧର୍ମର ଦେବତା ମୂର୍ତ୍ତି ଅଛି । ଏଗୁଡ଼ିକର ସମୟ ୯ମ ବା ୧୦ମ ଶତାବ୍ଦୀ ବୋଲି ବୋଲ୍‌ଯାଇପାରେ । ନରସିଂହପୁରର ବାଲଟାର ଗ୍ରାମରୁ ସୋମକୂଳୀ କେଶରୀ ବଂଶୀୟ ଉଦ୍ୟୋତ କେଶରୀଙ୍କର ୧୮ ସମ୍ବତ୍ସରର ତମ୍ବାପଟା ମିଳିଅଛି ।

ସିଂହନାଥର କଥା ପୂର୍ବେ ଲେଖାଯାଇଅଛି । ସିଂହନାଥର ଦକ୍ଷିଣ ଦିଗବର୍ତ୍ତୀ ମହାନଦୀର ଦକ୍ଷିଣକୂଳରେ ଥିବା ବୈଦ୍ୟେଶ୍ୱର ଅନ୍ତର୍ଗତ ରାମନାଥ ପାହାଡ଼ର ଦକ୍ଷିଣରେ ଗୋଟିଏ ଅତି କ୍ଷୁଦ୍ର ମହିଷାସୁରମର୍ଦ୍ଦିନୀଙ୍କର ମନ୍ଦିର ଅଛି । ମନ୍ଦିରଟି ଭୁବନେଶ୍ୱରର ବେତାଳ ଦେଉଳର ପ୍ରତିରୂପ । ୧୮୩୭ରେ କିଟୋ ସାହେବ ଏହି ମନ୍ଦିରର ନକ୍ସା କଲିକତାର ବଙ୍ଗୀୟ ଏସିଆଟିକ୍ ସୋସାଇଟି ପତ୍ରିକାରେ ପ୍ରକାଶ କରିଥିଲେ । ଏହି

ମନ୍ଦିରଟିର ଅବସ୍ଥାନ ଜାଣିବାପାଇଁ ବହୁଚେଷ୍ଟା କରି ଲେଖକ ବାହାର କରି ପାରିନଥିଲେ । ବଡ଼ମ୍ବାର ରାଜାସାହେବଙ୍କ ଆନୁକୂଲ୍ୟରେ ଏହା ଶେଷରେ ଲେଖକଦ୍ୱାରା ଆବିଷ୍କୃତ ହେଲା । ବୈତାଳ ଦେଉଳ ବା ରାମନାଥ ଦେଉଳର ସ୍ଥାପତ୍ୟ କେବଳ ଗୋଆଳଅରର ଗୋଟିଏ ମନ୍ଦିରରେ ଦେଖାଯାଏ । ଏ ପ୍ରକାର ମନ୍ଦିରର ସ୍ଥାପତ୍ୟ ସମ୍ବନ୍ଧରେ ଅତି ଅଳ୍ପକଥା ଆଲୋଚିତ ହୋଇଛି ।

ଲଟୋ ସାହେବ ଅ.ଠଗଡ଼ସ୍ଥ ରାଉତରାପୁରର କେତେକ ମୂର୍ତ୍ତିର ନକ୍‌ସା ମଧ୍ୟ ପୂର୍ବୋକ୍ତ ପତ୍ରିକାରେ ଛପାଇଥିଲେ, ମାତ୍ର ରାଉତରାପୁର ଦେଖିବାର ସୁଯୋଗ ଲେଖକ ପକ୍ଷରେ ଏପର୍ଯ୍ୟନ୍ତ ସମ୍ଭବ ହୋଇନାହିଁ ।

ଋଷିକୁଲ୍ୟାର ଉପତ୍ୟକାରେ କେବଳ ଅଶୋକ ଅନୁଶାସନ ମଣ୍ଡିତ ଜଉଗଡ଼ ବ୍ୟତୀତ ଅନ୍ୟାନ୍ୟ ପ୍ରତ୍ନତତ୍ତ୍ୱର ନିଦର୍ଶନ ଥିବାର ଜଣାଯାଇ ନାହିଁ । ତେବେ ଗଞ୍ଜାମ ଜିଲାରୁ ବହୁ ତମ୍ବାପଟା ମିଳିଛି । ବଂଶଧାରାର ଉପତ୍ୟକାରେ ମୁଖଲିଙ୍ଗ ମନ୍ଦିରଗୁଡ଼ିକ ଅବସ୍ଥିତ । ସେ-ଗୁଡ଼ିକର ସ୍ଥାପତ୍ୟ ଓ ଭାସ୍କର୍ଯ୍ୟ ସମ୍ବନ୍ଧରେ ଅତି ଅଳ୍ପକଥା ଲେଖାହୋଇଛି । ମନ୍ଦିରରେ ବହୁ ଲିପି ଅଛି । ସେଗୁଡ଼ିକ 'ଦକ୍ଷିଣ ଭାରତୀୟ ଲିପି' ଗ୍ରନ୍ଥରେ ମୁଦ୍ରିତ ହୋଇଥିଲେ ମଧ୍ୟ ସେଥିରେ ଅନେକ ଭ୍ରମ ଥିବାର ଦେଖାଯାଏ ।

ଉତ୍କଳର ପ୍ରତ୍ନତତ୍ତ୍ୱ ବୁଝିବାକୁ ହେଲେ ସମଗ୍ର ଉତ୍କଳର ପ୍ରତ୍ନତତ୍ତ୍ୱ ସମ୍ୟକ୍ ଭାବରେ ଆଲୋଚିତ ହେବା ଏକାନ୍ତ ଆବଶ୍ୟକ ଓ ସେଥିପାଇଁ ବହୁକର୍ମୀ ଓ ବହୁ ଅର୍ଥର ପ୍ରୟୋଜନ ।

# ଚଉଦ୍ୱାରର ପ୍ରନ୍ନତତ୍ତ୍ୱ

ଓଡ଼ିଶାର ରାଜଧାନୀ କଟକ ସହରର ବିପରୀତ ଦିଗରେ ମହାନଦୀରୁ ବିରୂପା ନିର୍ଗତ ହୋଇଅଛି; ସେଠାରୁ ପ୍ରାୟ ଉତ୍ତରାଭିମୁଖରେ ୧½ ମାଇଲ ଦୂରରେ ଯେଉଁଠାରେ ବିରୂପାର ପଥରବନ୍ଧ ହୋଇଅଛି, ତାହାର ଉତ୍ତରବର୍ତ୍ତୀ ଗ୍ରାମର ନାମ ଚଉଦ୍ୱାର । ଏଣୁ କଟକରୁ ଚଉଦ୍ୱାର ପ୍ରାୟ ୪ ମାଇଲ ଦୂରବର୍ତ୍ତୀ ।

ଚଉଦ୍ୱାରର ଭଗ୍ନାବଶେଷ କେବଳ ଚଉଦ୍ୱାର ଗ୍ରାମରେ ସୀମାବଦ୍ଧ ନୁହେଁ । କପାଳେଶ୍ୱର, ଗୋବିନ୍ଦଜୀପାଟଣା, ମୁଣ୍ଡମାଳ, ମଙ୍ଗୁଳି, କେଦାରେଶ୍ୱର, ଯାଜଭୈରବ, ଉରଣ୍ଡି, ଆଗ୍ରାହାଟ, ଅଙ୍ଗାରଜୋର ଓ ବଣିପଦା ପ୍ରଭୃତି ଗ୍ରାମ ଗୁଡ଼ିକରେ ବହୁ ପ୍ରାଚୀନ କୀର୍ତ୍ତି ଅଛି । ପୂର୍ବଦିଗରେ ଖନ୍ଦନଦୀ ନାମରେ ଗୋଟିଏ ନାଳ ବହୁଅଛି । ଉରଣ୍ଡି, ଘଡ଼ିଆର, ଲୋକେଇ ଦାଘି, ଓ ଦାଧି ନାମରେ ଚାରିଗୋଟି ବୃହତ୍ ପୁଷ୍କରିଣୀ ମଧ୍ୟ ପ୍ରାଚୀନ ଦୁର୍ଗର ପୂର୍ବ ଦିଗରେ ରହିଅଛି । ଭଗ୍ନାବଶିଷ୍ଟ ଦୁର୍ଗଟି ଏକ ସୁବିସ୍ତୀର୍ଣ୍ଣ କଙ୍କରମୟ ଉଚ୍ଚଭୂମି ଉପରେ ନିର୍ମିତ ହୋଇଥିବାରୁ ଦୁର୍ଗ ସ୍ଥାପୟିତାଙ୍କର ନଗର-ନିର୍ମାଣ-ଜ୍ଞାନର ପରିଚୟ ଦେଉଅଛି ।

ଚଉଦ୍ୱାର ସମ୍ବନ୍ଧରେ ନିମ୍ନୋକ୍ତ ବିବରଣ ଲିପିବଦ୍ଧ ଅଛି ।

(୧) ଓଡ଼ିଶାର କମିସନର ବିମ୍ସ୍ ସାହେବ (John Beams) ଲେଖିଛନ୍ତି ।

**"The village (Kapaleswar) stands near the ancient city of Choudwar, the former capital of**

(୧) Bengal District Gazetturs, Cuttack, 1906 p. 96

Orissa, which has been abandoned for Katak for the last three hundred years. The ruins of this city cover a very large area and consists of walls of laterite stone which are largely quarried for metalling roads. It is surprising that so few relics of any value have been found, but the quarriying goes deeper down more will probably come to light."

(୨) ଡେପୁଟି କଲେକ୍ଟର ବାବୁ ରଙ୍ଗଲାଲ ବାନର୍ଜି ଲେଖିଛନ୍ତି:

"Choudwar or the four-gated city, though now reduced to mean bazar and village, was once the proud Rajadhani or capital city of Orissa. According to records kept by astrologers of Orissa, this city was built by Janamejaya, Emperor of India, after the performance of the Naga Sacrifice or extermination of the Naga or serpent race. Apart from mythical story of its foundation, it is believed that Kataka Choudwar was the first city of Orissa in point of age. Jajpur, Sarangadh, Kataka-Bidanasi (the modern Kataka) and Bhubaneswar, were all built in much more recent times. Besides the city of Choudwar, there was a very strong hard by, called Kapaleswar or lord of fortune Some years ago Govt. made a portion of this fort at the instance of the now defunct East India Irrigation company, who used the greater portion of the cut-stone of its ramparts to build the Birupa Anikat and other works. Vandalism could

(୨) Indian Antiquary vol v 1876, copper plate grant from Kapaletwar in Oaissa p. 55 :

go nofarther; but much may yet be found to repay the labour of exhumation.

"Though the seat of kingdom was removed elsewhere, chaudwar still retained some of its grandeur in subsequent ages, for we find a large tank was dug within the fort in the reign of choraganga, the founder of the Gangavansi family, who reigned between 1132 and 1152 A. D. The tank is still called by his name"

(ଗ) "Locality : Choudwar, opposite Cuttack Town.

"Name of monument : Fort ruins.

"History or tradition regarding the monument : The walls of a large fort is still traceable. According to tradition the walls are one Krosa long on each side. Numerous mounds and several temples still exist inside. Choudwar was for a long time the old capital of the Hindu Kings of Orissa, and a copper plate grant of the 6th or 7th century A D. was dug up here some years ago. Exploration is desirable".

(ଘ) "Choudwar : A Village on the north bank of Birupa river, opposite the town of Cuttack. It contains the ruins of an ancient fort, the walls of which are still traceable, choudwar is believed to have been for a long time one of the chief seats of the power of the old Hindu Kings of Orissa; a copper Plate grant of the 6th or 7th century A.D. was dug up here some years ago; and tradition

asserts that the walls of the fort were two miles long on each side. The enclosure still contains numerous mounds and several temples."

ଏହି ଶେଷୋକ୍ତ ବର୍ଣ୍ଣନାରେ କିଛି ନୂତନତ୍ୱ ନାହିଁ । (୩) ଓ (୪) ଉଦ୍ଧୃତାଂଶରେ ଭାଷାର ପାର୍ଥକ୍ୟ କେବଳ ଦେଖାଯାଉ ଅଛି ମାତ୍ର ।

କୌଣସି ସ୍ଥାନର ପ୍ରତ୍ନତତ୍ତ୍ୱ ଜାଣିବାକୁ ହେଲେ ସେ ସ୍ଥାନର ସ୍ଥାପତ୍ୟ, ଭାସ୍କର୍ଯ୍ୟ, ଲିପି ଓ ମୁଦ୍ରାଦିର ବିବରଣ ଜାଣିବା ନିତାନ୍ତ ଦରକାର । ସ୍ଥାନୀୟ କିମ୍ବଦନ୍ତୀ ଯେବେ ସମସାମୟିକ ଲିପି ଇତ୍ୟାଦିର ପୋଷକତା କରେ, ତେବେ ତାହା ମଧ୍ୟ ଗୃହୀତ ହୋଇଥାଏ । ଏହି ପ୍ରବନ୍ଧରେ ଲିପି ବିବରଣ ସହିତ କିମ୍ବଦନ୍ତୀ ଏକତ୍ର ଆଲୋଚିତ ହୋଇଥିବାରୁ କିମ୍ବଦନ୍ତୀର ସ୍ୱତନ୍ତ୍ର ଆଲୋଚନା କରାଯାଇ ନାହିଁ ।

ଲେଖକ ୧୯୨୭ର ମେ ମାସରେ ଚୌଦ୍ୱାର ଯାଇଥିଲା । ସେ ସମୟରେ ମଧ୍ୟ ସେଠାରେ ଭୂମି ବା ସ୍ତୂପ ଖନନ କରି କଟା ପଥର ଲୋକେ ବାହାର କରୁଥିବାର ଦେଖା ଯାଇଥିଲା । ଏହି ପ୍ରକାରେ ପ୍ରାୟ ୬୦ ବର୍ଷ ଧରି ଚଉଦ୍ୱାରର ପ୍ରାଚୀନ ସ୍ଥାପତ୍ୟ ନଷ୍ଟ କରାଯାଇ ଅଛି । ତଥାପି ସେଠାରେ ଅନେକ ପ୍ରାଚୀନ କୀର୍ତ୍ତି ଅଦ୍ୟାପି ପ୍ରୋଥିତ ଅଛି ।

ଚଉଦ୍ୱାର ଦୁର୍ଗର ଧ୍ୱଂସାବଶେଷ ଦୀର୍ଘ ପ୍ରସ୍ଥରେ ଏକ ମାଇଲରୁ ଅଧିକ ସ୍ଥାନ ମାଡ଼ି ପଡ଼ିଅଛି । ସ୍ଥଳ ବିଶେଷରେ ଦୁର୍ଗର ପ୍ରାଚୀର ମଧ୍ୟ ଦୃଷ୍ଟ ହୁଏ । ପ୍ରାଚୀରର ବାହାରେ ପ୍ରୋଥିତ ପରିଖାର ଚିହ୍ନ ମଧ୍ୟ ଦେଖାଯାଏ । ମଧ୍ୟସ୍ଥଳରେ ଗୋଟିଏ ସ୍ତୂପାକାର ସ୍ଥାନରେ ଆଠଟି ମାଙ୍କଡ଼ା ପଥରରେ ନିର୍ମିତ ଖମ୍ବ ଅଛି । ଏହା ଛଡ଼ା ବସତିସ୍ଥାପତ୍ୟ ସମ୍ବନ୍ଧରେ ଅଧିକ କିଛି ଲେଖିବାର ଉପାୟ ନାହିଁ । ଦୁର୍ଗର ବା ସହରର ଘରଦ୍ୱାର କିପରି ଥିଲା, ତାହା ବର୍ତ୍ତମାନ ଅବସ୍ଥାରେ କିଛି କହି ହେଉ ନାହିଁ । ଧ୍ୱଂସାବଶେଷରୁ କେବଳ ପ୍ରମାଣିତ ହେଉ ଅଛି ଯେ, ଏଠାରେ ଏକ ସମୃଦ୍ଧିଶାଳୀ ନଗର ଥିଲା ।

ଚଉଦ୍ୱାରର ନିକଟବର୍ତ୍ତୀ ଗ୍ରାମ ମାନଙ୍କରେ ଯେଉଁ ଆଠଟି ଶିବମନ୍ଦିର ଅଛି, ସ୍ଥାନୀୟ ଲୋକେ ତାହାକୁ ଅଷ୍ଟଶମ୍ଭୁ ମନ୍ଦିର କହନ୍ତି । ଅଷ୍ଟଶମ୍ଭୁ ଯଥା : ୧ କପାଳେଶ୍ୱର, ୨ ଗୃଢ଼େଶ୍ୱର, ୩ ମୁକ୍ତେଶ୍ୱର, ୪ ଝଟେଶ୍ୱର (ମୁଣ୍ଡମାଳ ଗ୍ରାମରେ), ୫ ବୁଢ଼ାଲିଙ୍ଗ (ନୂଆଗାଁରେ), ୬ ମଣି-ନାଗେଶ୍ୱର (ଆଗ୍ରାହାଟ), ୭ ଉତ୍ତରେଶ୍ୱର (ଆଗ୍ରାହାଟ), ୮ ବୈଦ୍ୟେଶ୍ୱର (ଆଗ୍ରାହାଟ) ଏହି ମନ୍ଦିର ଗୁଡ଼ିକ ମାଙ୍କଡ଼ା ପଥରରେ ନିର୍ମିତ । ମନ୍ଦିରଗୁଡ଼ିକର ନବଗ୍ରହ-ଶିଳା ଓ ଦ୍ୱାରବନ୍ଧ ସଫେଦ ପଥରରେ ତିଆରି ହୋଇଅଛି ।

୧ । **କପାଳେଶ୍ୱର ମନ୍ଦିର** : ଏହି ମନ୍ଦିରରେ ପାର୍ଶ୍ୱ-ଦେବତା କାର୍ତ୍ତିକେୟ ଓ ପାର୍ବତୀର ମୂର୍ତ୍ତି ଅଛି । ଗଣେଶର ମୂର୍ତ୍ତି ବୋଧହୁଏ ସ୍ଥାନାନ୍ତରିତ ହୋଇଅଛି । ମନ୍ଦିରର ଉପରାର୍ଦ୍ଧ ଭାଙ୍ଗି ଯାଇଅଛି । ମନ୍ଦିରଟି ପଞ୍ଚରଥ ଥିଲା । ମନ୍ଦିର ଆଗରେ ନାଟ ମନ୍ଦିରଟିଏ ଥିଲା । ନାଟମନ୍ଦିରର ତିନ ପାଖରେ ଦ୍ୱାର ଥିଲା ।

୨ । **ଗୃଢ଼େଶ୍ୱର ମନ୍ଦିର** : ଏହି ମନ୍ଦିରଟି ଅପେକ୍ଷାକୃତ ଭଲ ଅଛି । ପାର୍ଶ୍ୱଦେବତା ମଧ୍ୟରୁ କେବଳ କାର୍ତ୍ତିକେୟ ମୂର୍ତ୍ତିଟି ମନ୍ଦିରରେ ଲାଗିଅଛି । ଉତ୍ତର ପାର୍ଶ୍ୱରେ ଦୁର୍ଗା ସ୍ଥାନରେ ଗୋଟିଏ ବୌଦ୍ଧ ମାରଚୀ ମୂର୍ତ୍ତି ସ୍ଥାପିତ ଅଛି । ମନ୍ଦିରର ନିକଟରେ ଗୋଟିଏ ଜୈନ ମହାବୀର ମୂର୍ତ୍ତି ଅଛି । ମନ୍ଦିର ଭିତରେ ଦୁଇଟି ପିତଳର ବୁଦ୍ଧ ମୁହଣ୍ଡା ଥିଲା । ସେଥିରୁ ଗୋଟିକରେ ଲେଖାଥିଲା । ଲିପିଯୁକ୍ତ ମୁହଣ୍ଡାଟି ବର୍ତ୍ତମାନ କଲିକତା ଯାଦୁଘରେ ଅଛି । ବୁଦ୍ଧ ମୁହଣ୍ଡା ଓଡ଼ିଶା ଭାସ୍କର୍ଯ୍ୟର ଗୋଟିଏ ନୂତନ ନିଦର୍ଶନ । ଏହା କି ଉଦ୍ଦେଶ୍ୟରେ ସୃଷ୍ଟି ହୋଇଥିଲା, ତାହା ସ୍ଥିର କରା ହୋଇନାହିଁ । ଆଜିକାଲି ମାଟିର ଠାକୁରାଣୀ ମୁହଣ୍ଡା ପରି ଏହି ବୁଦ୍ଧ ମୁହଣ୍ଡା ନିର୍ମିତ ହୋଇଥିଲା କି ?

୩ । **ବୁଢ଼ାଲିଙ୍ଗ ମନ୍ଦିର** : ଏହି ମନ୍ଦିରଟିଭାଙ୍ଗି ସ୍ତୂପାକାର ହୋଇ ପଡ଼ିଅଛି । କେବଳ ବାଡ଼ର ଏକଚତୁର୍ଥାଂଶ ଅଛି, ପାର୍ଶ୍ୱଦେବତା ପୋତିହୋଇ ପଡ଼ି ଅଛନ୍ତି । ଉତ୍ତର ଦିଗର ଦୁର୍ଗା ମୂର୍ତ୍ତି ଅଳ୍ପ ଅଳ୍ପ ଦେଖା

ଯାଉଅଛି । ପ୍ରବେଶ ପଥରେ ଧାଡ଼ିଏ ଲେଖା ୧୧ଶ ୧୨ଶ ଶତାବ୍ଦୀର ଅକ୍ଷରରେ ଅଛି ।

୪ । **ଉତ୍ତରେଶ୍ୱର ମନ୍ଦିର**—ଏହି ମନ୍ଦିରଟି ସବୁଠାରୁ ଭଲ ଅଛି । ଶିଖରଭାଗ କିଅଂଶ ଭାଙ୍ଗି ଯାଇଅଛି । ଉତ୍ତର ପାର୍ଶ୍ୱର ପାର୍ଶ୍ୱଦେବତା ପାର୍ବତୀ ମୂର୍ତ୍ତିରେ ଟିକିଏ ବିଶେଷତ୍ୱ ଅଛି । ଲିଙ୍ଗରାଜ ମନ୍ଦିରର ପାର୍ବତୀ ମୂର୍ତ୍ତିପରି ଏହା ତ୍ରିଭଙ୍ଗ ମୂର୍ତ୍ତି ନୁହେ । ମୂର୍ତ୍ତିର ଆଣ୍ଠୁ ଦୁଇଟି ସରଳ ଭାବରେ ଠିଆ ଥିବାର ଦେଖା ହୋଇଅଛି । ବଙ୍ଗଦେଶରେ ଏପରି ନାରାୟଣ ଓ ଅନ୍ୟାନ୍ୟ ମୂର୍ତ୍ତି ଅନେକ ମିଳିଅଛି । ମନ୍ଦିର ଭିତରେ ଗୋଟିଏ ଉମାମହେଶ୍ୱର ମୂର୍ତ୍ତି ଥିଲା । ଏଠାରେ ସର୍ପ ଯଜ୍ଞ ହୋଇଥିବାର କିମ୍ବଦନ୍ତୀ ଅଛି ।

ଅନ୍ୟାନ୍ୟ ଅଷ୍ଟଶମ୍ଭୁ ଅନ୍ତର୍ଗତ ଶିବ ମନ୍ଦିରଗୁଡ଼ିକ ଭାଙ୍ଗି ପଡ଼ିଅଛି । ସବୁ ମନ୍ଦିରରେ ମୁଖଶାଳା ଥିଲା । ମନ୍ଦିରର ଶିଖର ଭାଙ୍ଗି ପଡ଼ିଥିବାରୁ ଭୁବନେଶ୍ୱର ମନ୍ଦିରଗୁଡ଼ିକ ସହିତ ତୁଳନା କରିବାର ଉପାୟ ନାହିଁ; ତେବେ ଶିଖରଦେଶ ଟିକିଏ ସ୍ୱତନ୍ତ୍ର ଭାବରେ ଗଢ଼ା ହୋଇଥିଲା ବୋଲି ଅନୁମିତ ହୁଏ । ମାଙ୍କଡ଼ା ପଥର ହେତୁରୁ ମନ୍ଦିର ଗୁଡ଼ିକରେ କାରୁକାର୍ଯ୍ୟ ନାହିଁ । କୌଣସି ମନ୍ଦିରରେ କିନ୍ତୁ ଶିବ ଲିଙ୍ଗ ନାହିଁ । କେବଳ ଯୋନିପୀଠ ରହିଅଛି । ଶିବଲିଙ୍ଗ-ଶୂନ୍ୟ ଶିବ ମନ୍ଦିର ମାଳଭିର ରାଜ୍ୟର ଅଯୋଧ୍ୟା ଓ ମୟୂରଭଞ୍ଜର ଖିଚିଙ୍ଗରେ ଥିବାର ଦେଖାଯାଏ ।

ଚଉଦ୍ୱାରରୁ ଶୈବ, ବୌଦ୍ଧ ଓ ଜୈନମୂର୍ତ୍ତି ମିଳିଅଛି । ଏଣୁ ଏଥିରୁ ଅନୁମିତ ହେଉଅଛି ଯେ, ଏଠାରେ ପୂର୍ବେ ଶୈବ, ବୌଦ୍ଧ ଓ ଜୈନଧର୍ମ ସମ୍ପ୍ରଦାୟର ଲୋକେ ଏକତ୍ର ବସବାସ କରୁଥିଲେ ।

ଚଉଦ୍ୱାରର ମୂର୍ତ୍ତିଗୁଡ଼ିକ ସମ୍ବନ୍ଧରେ ଲେଖିବାକୁ ଯାଇ କଲିକତା ଯାଦୁଘରର ଅଧକ୍ଷ ରାୟବାହାଦୁର ରମାପ୍ରସାଦ ଚନ୍ଦ ମହାଶୟ ତାଙ୍କର **Exploration in Orissa** ନାମକ ପୁସ୍ତକରେ ଯାହା ଲେଖିଛନ୍ତି, ତାହାର ଅନୁବାଦ ତଳେ ପ୍ରଦତ୍ତ ହେଲା ।

"ଚଉଦ୍ୱାରରୁପ୍ରାପ୍ତ ମୂର୍ତ୍ତିଗୁଡ଼ିକର ସମୟ ଦଶମ ଶତାବ୍ଦୀର ଶେଷଭାଗ ବୋଲି ନିରୁପିତ କରାଯାଇ ପାରେ । ଏଣୁ ଆମ୍ଭର ମନେହୁଏ ଯେ, ଏଗୁଡ଼ିକ ଓଡ଼ିଶାର ଅନ୍ତ-ମଧ୍ୟଯୁଗ ଭାସ୍କର୍ଯ୍ୟର ପ୍ରାଥମିକ ନିଦର୍ଶନ । ବ୍ରାହ୍ମଣ୍ୟ ଧର୍ମର ଭାସ୍କର୍ଯ୍ୟ ମଧ୍ୟରେ ପାର୍ବତୀ ଓ କାର୍ତ୍ତିକେୟ ମୂର୍ତ୍ତିଗୁଡ଼ିକ କପାଳେଶ୍ୱର ମହାଦେବଙ୍କ ମନ୍ଦିରର ପାର୍ଶ୍ୱଦେବତା । ଉମା-ମହେଶ୍ୱର ମୂର୍ତ୍ତିଟି ଉତ୍ତରେଶ୍ୱର ମନ୍ଦିରରେ ଥିଲା । ଏଗୁଡ଼ିକ ଉଦାହରଣ ସ୍ୱରୂପ ଏଠାରେ ଦିଆଗଲା । ବାବୁ କୃଷ୍ଣଚନ୍ଦ୍ର ମଙ୍ଗରାଜ ମହାଶୟ ନୈରୁଣ୍ଡାର ଗୋଟିଏ ମୂର୍ତ୍ତି ଯାଦୁଘରକୁ ଦାନ କରିଅଛନ୍ତି । ବୋଧହୁଏ ଏହି ମୂର୍ତ୍ତିଟି କୌଣସି ଶିବ ମନ୍ଦିରରେ ଥିଲା । ଚଉଦ୍ୱାରରେ ଶୈବ ଧର୍ମ ସହିତ ବୌଦ୍ଧ ଧର୍ମ ଚଳୁଥିବାର ବହୁ ପ୍ରମାଣ ମିଳେ । ହାସ୍ୟମୁଖୀ ପ୍ରଜ୍ଞା-ପାରମିତା ମୂର୍ତ୍ତିଟି କିଛିକାଳପୂର୍ବେ ମାଟି ଭିତରୁ ବାହାରିଥିଲା । ବର୍ତ୍ତମାନ ଗ୍ରାମବାସୀମାନେ ତାହାକୁ ଧାନ କିଆରୀରେ ରଖି ପୂଜା କରୁଅଛନ୍ତି । ଗ୍ରାମର ଗୋଟିଏ ବିଷ୍ଣୁ ମନ୍ଦିରରେ ଦୁଇଟି ମହାଯାନ ବୌଦ୍ଧ ମୂର୍ତ୍ତି ସ୍ଥାନ ପାଇଅଛି । ତନ୍ମଧ୍ୟରୁ ଗୋଟିଏ ଦ୍ୱିଭୁଜ ତାରାର ଠିଆମୂର୍ତ୍ତି ଓ ଅପର ଦ୍ୱିଭୁଜ ଦେବୀ ମୂର୍ତ୍ତିଟି ଡାହାଣ ହାତରେ ବଜ୍ର ଓ ବାଁ ହାତରେ ପାନପତ୍ର ଧରି କାଣ୍ଡ ବାନ୍ଧିଲା ପରି ଠିଆହୋଇଅଛି । ଯାଦୁଘର ପାଇଁ ଗୋଟିଏ ଦ୍ୱିଭୁଜ ଅବଲୋକିତେଶ୍ୱର ମୂର୍ତ୍ତି ଅଣା ଯାଇଅଛି । କେନ୍ଦ୍ରାପଡ଼ାରୁ ସଂଗୃହୀତ ଅବଲୋକିତେଶ୍ୱର ମୂର୍ତ୍ତି ସଦୃଶ ଏହାର ପିଠି ପଟର ପଥରରେ ବୃକ୍ଷାବଳୀ ଅଛି ଓ ପଦ୍ମାସନ ତଳେ ରାଜକୀୟ ସପ୍ତରତ୍ନ (ଚକ୍ର ଅଶ୍ୱ, ହସ୍ତୀ, ଅଳଙ୍କାର, ସ୍ତ୍ରୀ, ଗୃହୀ ଓ ସେନାପତି) ଖୋଦିତ ଅଛି । ଦୁଇଟିଯାକ ମୂର୍ତ୍ତି ମଧ୍ୟରେ କେବଳ ଶୈଳୀର ପାର୍ଥକ୍ୟ ଅଛି । ପ୍ରଜ୍ଞାପାରମିତା ମୂର୍ତ୍ତିରେ ସପ୍ତରତ୍ନ ମଧ୍ୟରୁ ପାଞ୍ଚଟି ରତ୍ନ ଖୋଦିତ ଅଛି । ପୂର୍ବୋକ୍ତ ମଙ୍ଗରାଜ ମହାଶୟ ମଧ୍ୟ ଯାଦୁଘର ପାଇଁ ଗୋଟିଏ ପିତଳର ନିଖୁଣ ବୁଦ୍ଧମୁଣ୍ଡା ଦାନ କରିଅଛନ୍ତି । ମୁଣ୍ଡାର କାନ ପାଖରେ ବୌଦ୍ଧ ମନ୍ତ୍ର "ଯେ ଧର୍ମା ହେତୁ ପ୍ରଭବା" ଇତ୍ୟାଦି ଲେଖାରୁ ଜଣାଯାଏ ଯେ, ଏହା ଏକାଦଶ ଦ୍ୱାଦଶ ଶତାବ୍ଦୀର ଅକ୍ଷର । ଲଳିତଗିରି ଓ ଉଦୟଗିରିର ମୁଖ ସହିତ ତୁଳନା କଲେ ଏହାର ମୁଖରେ ଅନୁକୃତିତରତନ୍ତ୍ରତାର ଯଥେଷ୍ଟ ପରିଚୟ ମିଳେ । ଭୁବନେଶ୍ୱରର

ଲିଙ୍ଗରାଜ ପ୍ରମୁଖ ମନ୍ଦିରାଦିର ପାର୍ଶ୍ୱ ଦେବତା ମୂର୍ତ୍ତି ଓ ପୁରୀ ଜଗନ୍ନାଥ ମନ୍ଦିରର ନଗ୍ନ ମୂର୍ତ୍ତି ଗୁଡ଼ିକର ସମସ୍ତ ୧୧ଶ ବା ୧୨ଶ ଶତାବ୍ଦୀର କାର୍ଯ୍ୟ ବୋଲି ସେଥିରେ ଆହୁରି ଅଧିକ ପତନର ଚିହ୍ନ ଦେଖାଯାଏ । ଯାଦୁ-ଘରେ ସୁରକ୍ଷିତ କାର୍ତ୍ତିକେୟ ମୂର୍ତ୍ତିଟି ବୋଧହୁଏ ଭୁବନେଶ୍ୱରର କୌଣସି ମନ୍ଦିରରେ ଥିଲା । ଏହି ମୂର୍ତ୍ତିଟି ଓଡ଼ିଶାର ଅନ୍ତ-ମଧ୍ୟଯୁଗ ଭାସ୍କର୍ଯ୍ୟର ଶ୍ରେଷ୍ଠ ନିଦର୍ଶନ ସ୍ୱରୂପ ଗୃହୀତ ହୋଇପାରେ । ଆଦି-ମଧ୍ୟ ଯୁଗର ବୋଧିସତ୍ତ୍ୱ ଓ ମାତୃଗଣ ମୂର୍ତ୍ତିରେ ଯେଉଁ ସଜୀବତା ଓ ସ୍ୱାଚ୍ଛନ୍ଦ୍ୟ ଦେଖା-ଯାଏ, ଏହି କାର୍ତ୍ତିକେୟ ମୂର୍ତ୍ତି ଗୁଡ଼ିକରେ ତାହା ନାହିଁ ।" (୩) ରଙ୍ଗଲାଲ ବାନର୍ଜି ମହାଶୟଙ୍କ ଲେଖାରେ ଦେଖାଯାଏ ଯେ, ତାଙ୍କ ମତରେ ଚଉଦ୍ୱାର ଯାଜପୁର ଓ ଭୁବନେଶ୍ୱରଠାରୁ ପୁରାତନ ମାତ୍ର ଯାଜପୁରର ମାତୃକା ମୂର୍ତ୍ତି ଓ ଭୁବନେଶ୍ୱରର ପରଶୁରାମେଶ୍ୱର ମନ୍ଦିର ୮ମଶତାବ୍ଦୀର କାର୍ଯ୍ୟବୋଲି ପ୍ରମାଣିତ ହେଉଥିବା ସ୍ଥଳେ ଚଉଦ୍ୱାର ଯାଜପୁର ଓ ଭୁବନେଶ୍ୱରର ପରବର୍ତ୍ତୀ ବୋଲି ପ୍ରମାଣିତ ହେଉଅଛି । ଚଉଦ୍ୱାରରେ ପ୍ରଚଳିତ ପାଞ୍ଜି ମଧ୍ୟ ଉପର୍ଯ୍ୟୁକ୍ତ ମତର ପୋଷକତା କରୁନାହିଁ ।

ପୁରୀର ମାଦଳା ପାଞ୍ଜିରୁ ଜଣାଯାଏ ଯେ, ଗଙ୍ଗ ବଂଶ ପୂର୍ବେ ଓଡ଼ିଶାରେ କେଶରୀ ବଂଶ ରାଜପଣ କରିଥିଲେ । ଗଙ୍ଗ ନୃପତିମାନଙ୍କର ଲିପିରୁ ଜଣାଯାଏ ଯେ, ଅନନ୍ତବର୍ମ୍ମ ଚୋଡ଼ଗଙ୍ଗ ପ୍ରାୟ ଦ୍ୱାଦଶ ଶତାବ୍ଦୀର ପ୍ରଥମ ପାଦରେ ଉତ୍କଳ ଜୟ କରିଥିଲେ । ଭୁବନେଶ୍ୱରସ୍ଥିତ ବ୍ରହ୍ମେଶ୍ୱର ମନ୍ଦିରର ଶିଳାଲେଖରୁ (୪) ଜଣାଯାଏ ଯେ ଚୋଡ଼ଗଙ୍ଗଙ୍କ ଓଡ଼ିଶା ଅଧିକାର ପୂର୍ବେ ଉଦ୍ୟୋତ କେଶରୀଙ୍କର କେହି ବଂଶଧର ଓଡ଼ିଶାରେ ରାଜତ୍ୱ କରୁଥିଲେ । ଏହି ଶିଳା ଲିପିର ପାଠରେ ବହୁ ଭ୍ରମ ଥିବାରୁ

---

(3) Memoirs of the Archaeological Survey of India No 44 Exploration in Orissa, by Ramaprasad Chanda, B. A. F. A. S. B Rai Bahadur P. 32.

(4) Journal of Asiatic Society of Bengal, Vol. VII, P. 558.

ମହାଭବଗୁପ୍ତ ଜନମେଜୟ ବା ମହାଶିବଗୁପ୍ତ ଯଯାତି ପ୍ରଭୃତି ସୋମବଂଶୀ ରାଜାମାନଙ୍କୁ ଉଦ୍ୟୋତ କେଶରୀଙ୍କ ବଂଶର ଅନ୍ତର୍ଭୁକ୍ତ କରି ହେଉ ନ ଥିଲା । ସଂପ୍ରତି ପଣ୍ଡିତ ବିନାୟକ ମିଶ୍ରଙ୍କ ଚେଷ୍ଟାରେ ନରସିଂହ ପୁର ରାଜ୍ୟରୁ ଖଣ୍ଡିଏ ଉଦ୍ୟୋତ କେଶରୀଙ୍କର ତମ୍ବାପଟା ମିଳିଅଛି ଓ ତାହା ସେ ପାଠ କରି ଅର୍ଥ ଟିପ୍‌ପଣୀ ସହିତ ବିହାର-ଓଡ଼ିଶାର ଅନୁସନ୍ଧାନ ସମିତିର ପତ୍ରିକାକୁ ପଠାଇ ଅଛନ୍ତି । ତାହା ଅଦ୍ୟାପି ପ୍ରକାଶିତ ହୋଇ ନାହିଁ । ବ୍ରହ୍ମେଶ୍ୱର ଲିପିର ଜନମେଜୟ ଉତ୍କଳ ଜୟ କରିଥିଲେ । ମୂରଞ୍ଜମରା ତମ୍ବା ପଟାର (୪) ମହାଶିବ ଗୁପ୍ତ ଯଯାତିଙ୍କର "କଳିଙ୍ଗ-କୋଙ୍ଗଦୋତ୍କଳ କୋଶଳ-ସ୍ୱୟମ୍ବର ପ୍ରସିଦ୍ଧ" ବିଦିତ ଥିଲା । ଏମାନେ ଉଦ୍ୟୋତ କେଶରୀଙ୍କର ପୂର୍ବପୁରୁଷ ଥିଲେ । ଚଉଦ୍ୱାରର କପାଳେଶ୍ୱରରୁ ୧୮୭୪ ଖ୍ରୀଷ୍ଟାବ୍ଦରେ ଜନମେଜୟଙ୍କର ୩୧ ସଂବତ୍ସର ତମ୍ବାପଟା ମିଳି-ଥିଲା ଓ ତାହା ରଙ୍ଗଲାଲ ବାବୁ ପାଠ କରି ବିମ୍‌ସ୍ ସାହେବଙ୍କ ଟିପ୍‌ପଣୀ ସହିତ ଇଣ୍ଡିଆନ ଏଣ୍ଟିକ୍ୱେରି **(Indian Antiquary)**ର ୫ମ ଭାଗରେ ୧୮୭୬ ରେ ଛପାଇ ଥିଲେ । ଏଣୁ ଏହି ଜନମେଜୟଙ୍କୁ ଉତ୍କଳବିଜେତା ଓ ଚଉଦ୍ୱାର ସ୍ଥାପୟିତା ଥିବାର ଅନୁମାନ କରାଯାଇ ପାରେ ।

ରଙ୍ଗଲାଲ ବାବୁ ଲେଖିଅଛନ୍ତି ଯେ, "ଓଡ଼ିଶାର ଜ୍ୟୋତିଷୀମାନଙ୍କ ପାଞ୍ଜିରୁ ଜଣାଯାଏ ଯେ ଭାରତ ସମ୍ରାଟ ଜନମେଜୟ ସର୍ପଯଜ୍ଞ ସାରି ଚଉଦ୍ୱାର ଦୁର୍ଗ ତୋଳାଇ ଥିଲେ ।" ଚଉଦ୍ୱାର ନିକଟବର୍ତ୍ତୀ କେଶର ପୁରର ମଦନ ନାହାକଙ୍କ ପାଞ୍ଜିରେ ମଧ୍ୟ ଏହି କଥାର ଉଲ୍ଲେଖ ଅଛି :

"ଶ୍ରୀ ଜନ୍ମେଜୟ ଦେବ ରାଜ୍ୟ କଲେ ବ୧୭୫ ବର୍ଷ । ଯେ ରାଜା ଯନ୍ତ୍ର-ମରଣ କଥା ଯାଣନ୍ତି । ଯେ ରାଜା ଚଉଦ୍ୱାର କଟକ କଲେ । ଶ୍ରୀ ଉତ୍ତରେଶ୍ୱର ଦେଉଳ କଲେ । ଯେ ରାଜା ଉତ୍ତେରେଶ୍ୱରଙ୍କ ଠାରେ ଶର୍ପଯଜ୍ଞଂ କଲେ ।" [୬]

---

(8) Journa! of the Bihar and Orissa Reseaich Society Vol. II.

[୬] ଏହି ପାଞ୍ଜିର ନକଲ ଲେଖକଠାରେ ଅଛି ।

ପୁନଶ୍ଚ ପୁରୀର ମାଦଳାପାଞ୍ଜିରୁ ଜଣା ଯାଏ ଯେ, କେଶରୀ ବଂଶର ପଞ୍ଚବଂଶ ରାଜା ଜୟ କେଶରୀ ଚଉଦ୍ୱାରରେ ରାଜଧାନୀ ବସାଇଥିଲେ । ଓଡ଼ିଶାରେ ପଞ୍ଜିକାର ମାନେ ଭ୍ରମବଶତଃ ସମସାମୟିକ ଲିପିରୁ ପ୍ରାପ୍ତ ସୋମବଂଶୀ ଉତ୍କଳ ବିଜେତା ଜନମେଜୟଙ୍କୁ ପୁରାଣୋକ୍ତ ଜନମେଜୟଙ୍କ ସହିତ ଏକ ଧରିଥିବାର ଅନୁମିତ ହେଉଅଛି ଓ ମାଦଳାପାଞ୍ଜିର ଜୟ-କେଶରୀ ଶବ୍ଦରେ ଜନମେଜୟ ଶବ୍ଦ ସୂଚିତ ହେଉଥିବାର ଜଣା ଯାଉ ଅଛି ।

ଚଉଦ୍ୱାରରୁ ଯେଉଁ ତମ୍ବାପଟା ମିଳିଥିଲା, ତହିଁରେ "ଶ୍ରୀମଦ୍ ଆଗ୍ରମସମବାସିତଃ ଶ୍ରୀମତୋ ବିଜୟ କଟକାତ୍" ଲେଖା ଥିବାରୁ ତାହା କୌଣସି ରାଜଧାନୀରୁ ପ୍ରଦତ୍ତ ହୋଇନଥିଲା । ଏଠାରେ 'କଟକ' ଅର୍ଥ ସ୍କନ୍ଧାବାର **(Military camp)**. କଟକ କଚେରୀରୁ ଏହି ରାଜବଂଶର ଆଉ ଦୁଇଟି ତମ୍ବାପଟା ମିଳିଥିଲା । ସେଥିରୁ ମହାଶିବଗୁପ୍ତ ଯଯାତିଙ୍କର ୯ମ ସମ୍ବତ୍ସର ତମ୍ବାପଟାଟି ବିନୀତପୁରରୁ ପ୍ରଦତ୍ତ ହୋଇଥିଲା ଓ ମହାଭବଗୁପ୍ତ ଭୀମରଥଙ୍କ ତୃତୀୟ ସମ୍ବତ୍ସର ତମ୍ବାପଟାଟି ଯଯାତି ନଗରରୁ ପ୍ରଦତ୍ତ ହୋଇଥିଲା (୭) । ବିନୀତପୁର ଓ ଯଯାତିନଗରର ଆଧୁନିକନାମ ସୋନପୁର ରାଜ୍ୟର ବିଙ୍କା ବୋଲି ପଣ୍ଡିତମାନେ ସ୍ଥିର କରିଅଛନ୍ତି । ନରସିଂହପୁର ତମ୍ବାପଟା ଛପାନହେବା ଯାଏ, ଚଉଦ୍ୱାରର ପ୍ରାଚୀନନାମ ଅନ୍ୟ କିଛି ଥିଲା କି ନା କହିବା ସଙ୍ଗତଜନକ ନୁହେ । ଚଉଦ୍ୱାରର ତମ୍ବାପଟାର ସମୟ ଏକାଦଶ ଶତାବ୍ଦୀ ।

ଚଉଦ୍ୱାର ଦୁର୍ଗ ଭିତରେ "ଗୈଡ଼ଗଙ୍ଗ" ପୋଖରୀ ନାମରେ ପୋଖରୀଟିଏ ଅଛି । ଏକଥା ରଙ୍ଗଲାଲ ବାବୁ ଲେଖିଥିଲେ । ମଦନ ନାହାକଙ୍କ ପାଞ୍ଜିରେ ଉଲ୍ଲେଖ ଅଛି : "ଶ୍ରୀ ଗୈଡ଼ଗଙ୍ଗ ଦେବ ରାଜ୍ୟ କଲେ ବ୯°ର୍ଷ । ଏ ରାଜା ଗୈଡ଼ଙ୍ଗ ପୋଖରୀ ଖୋଳାଇଲେ । × × × ପ୍ରଥେ ଯାଯନଗ୍ର କଟକ କଲେ । ଦୁତିୟେ ଅମରାବତୀ କଟକ କଲେ ।

(୭) **Epigraphia Indica. vol. III Somavansi kings of Cuttack**

ତୃତୀୟେ ଚଉଦୁଆର କଟକ କଲେ । ଚତୁର୍ଥେ ବଣାରସି କଲେ । ପୂର୍ବ ପଶ୍ଚିମ ପୋଖରୀ ଖୋଳାଇଲେ । ମୂଲିଆ ଜଣକୁ କଉଡ଼ି ୨୮୫ ଗଣ୍ଡା ଲେଖାଏଁ ଦେଲେ । ପୋଖରୀ ଗୋଟାକୁ ମୂଲିଆ ଲାଗିଲେ ହ୯୨୩୬୦ ଲୋକ ।" ଚଉଦ୍ୱାରରୁ କ୍ଷୁଦ୍ରାକାର ସ୍ୱର୍ଣ୍ଣମୁଦ୍ରା ମିଳେ । ଏହି ମୁଦ୍ରାଗୁଡ଼ିକର ଏକ ପାଖରେ ବୃଷଭ ଓ ଅନ୍ୟ ପାଖରେ ଓଡ଼ିଆ ଅଙ୍କ ସହିତ ତେଲୁଗୁ ଅକ୍ଷରରେ ରାଜାଙ୍କର ସଂକ୍ଷିପ୍ତ ନାମ ଅଛି । ରାୟବାହାଦୁର ମନୋମୋହନ ଚକ୍ରବର୍ତ୍ତୀ ଏହି ନାମରୁ "ଶ୍ରୀ ଅନ" ବା "ଶ୍ରୀ ଗଗ" ମୁଦ୍ରାଗୁଡ଼ିକ ଗଙ୍ଗେଶ୍ୱର ଅନନ୍ତବର୍ମା ଚୋଡ଼ଗଙ୍ଗଙ୍କର ମୁଦ୍ରା ବୋଲି ଅନୁମାନ କରିଥିଲେ । ପୂର୍ବୋକ୍ତ ପାଞ୍ଜିର କଥାକୁ ଏହି ମୁଦ୍ରାଗୁଡ଼ିକ ପୋଷକତା କରି ଚୋଡ଼ଗଙ୍ଗଙ୍କର ଚଉଦ୍ୱାରରେ ରାଜଧାନୀ କରିବାର ପ୍ରମାଣ କରୁଅଛି । ବୋଧହୁଏ ସେ ଓଡ଼ିଶା ଅଧିକାର କରି ଏଠାରେ କିଛିକାଳ ରାଜଧାନୀ • ସ୍ଥାପନ କରିଥିଲେ । ଏହି ସମସ୍ତ ପ୍ରମାଣରୁ ଏହା ପ୍ରତିପନ୍ନ ହେଉଅଛି ଯେ, ୧୧ଶ ବା ୧୨ଶ ଶତାବ୍ଦୀରେ ଚଉଦ୍ୱାର ଏକ ସମୃଦ୍ଧିଶାଳୀ ନଗର ଥିଲା ।

କେତେକ ବର୍ଷ ପୂର୍ବେ କଟକରୁ ପ୍ରକାଶିତ ଇଂରାଜୀ "ବୈତରଣୀ" ପତ୍ରିକାରେ "**Pre-history of choudwar**" ଶୀର୍ଷକ ଗୋଟିଏ ପ୍ରବନ୍ଧ ବାହାରିଥିଲା । ଚଉଦ୍ୱାରରେ କିଛି (**Pres-history**) ବା 'ପ୍ରାଗୈତିହାସ'ର ନିଦର୍ଶନ ମିଳେ ନାହିଁ । ପ୍ରବନ୍ଧ ଲେଖକ ମଧ୍ୟ ସେପରି କିଛି ନିଦର୍ଶନ କଥା ଉଲ୍ଲେଖ କରିନଥିଲେ । ପ୍ରସ୍ତରଯୁଗ ବା ତାମ୍ରଯୁଗର ଇତିହାସକୁ ପ୍ରାଗୈତିହାସ କୁହାଯାଇଥାଏ । "ବୈତରଣୀ" ପାଖରେ ନ ଥିବାରୁ ଲେଖକଙ୍କର ନାମ ଦେଇ ହେଲା ନାହିଁ ।

କବିବର ରାଧାନାଥ ରାୟଙ୍କ କାବ୍ୟରେ ଚଉଦ୍ୱାର ଉତ୍କଳ ସାହିତ୍ୟରେ ଅମରତ୍ୱ ଲାଭ କରିଅଛି । ମାତ୍ର ସେ କବିଥିଲେ; ଏଣୁ ତାଙ୍କର କଥାରେ ଇତିହାସ ଖୋଜିଲେ ଭ୍ରମ-ପ୍ରମାଦରେ ପଡ଼ିବାକୁ ହେବ । *

---

*'ସହକାର' ୧୨ଶ ଭାଗ ୧୩୩୯ ଚୈତ୍ର ।

# ଭୁବନେଶ୍ୱର ମନ୍ଦିରଗୁଡ଼ିକର ପ୍ରତ୍ନତତ୍ତ୍ୱମୂଳକ ଇତିହାସ

ହିନ୍ଦୁ ସମାଜର ଆରାଧ୍ୟ ପଞ୍ଚଦେବତା; ଗଣେଶ, ଭାସ୍କର, ବିଷ୍ଣୁ, ଶିବ, ଓ ଦୁର୍ଗା । ଓଡ଼ିଶାର କିମ୍ବଦନ୍ତୀ ଅନୁସାରେ ଏହି ପଞ୍ଚଦେବତା ପଞ୍ଚକ୍ଷେତ୍ର [ମହାବିନାୟକ, କୋଣାର୍କ, ପୁରୀ, ଭୁବନେଶ୍ୱର ଓ ଯାଜପୁର]ରେ ବିଦ୍ୟମାନ । ଏହି କିମ୍ବଦନ୍ତୀ କେତେ କାଳରୁ ଚଳି ଆସୁଅଛି, ତାହାର ସମୟ ନିରୂପଣ କରିବା ସହଜସାଧ୍ୟ ନ ହେଲେହେଁ ଏହି ପଞ୍ଚକ୍ଷେତ୍ରର ପ୍ରତ୍ନତତ୍ତ୍ୱରୁ କେବଳ ମହାବିନାୟକ ବ୍ୟତୀତ ଅନ୍ୟ ଚାରୋଟି କ୍ଷେତ୍ରର ପ୍ରାଚୀନତା ସ୍ଥିର କରିବା ପାଇଁ କେବଳ କୋଣାର୍କର ସୂର୍ଯ୍ୟ ମନ୍ଦିର ବ୍ୟତୀତ ଅନ୍ୟ କିଛି ପ୍ରମାଣ ଅଦ୍ୟାପି ମିଳିନାହିଁ । କୋଣାର୍କର ସୂର୍ଯ୍ୟମନ୍ଦିର ଖ୍ରୀଷ୍ଟୀୟ ତ୍ରୟୋଦଶ ଶତାବ୍ଦୀର ମଧ୍ୟଭାଗରେ ଗଙ୍ଗବଂଶୀୟ ରାଜା ନରସିଂହଦେବ ପ୍ରଥମଙ୍କ ଦ୍ୱାରା ନିର୍ମିତ ହୋଇଥିବାର ପ୍ରମାଣ ଗଙ୍ଗବଂଶୀୟ ରାଜାମାନଙ୍କର ତାମ୍ରଶାସନ ଗୁଡ଼ିକରୁ ଜଣାଯାଏ । ସେହିପରି ଗଙ୍ଗବଂଶୀୟ ରାଜାମାନଙ୍କର ତାମ୍ରଶାସନ ଗୁଡ଼ିକରୁ ପୁରୀର ଜଗନ୍ନାଥ ମନ୍ଦିର ଖ୍ରୀଷ୍ଟୀୟ ଦ୍ୱାଦଶ ଶତାବ୍ଦୀ ଦ୍ୱିତୀୟ ପାଦରେ ଚୋଡ଼ଗଙ୍ଗଙ୍କଦ୍ୱାରା ନିର୍ମିତ ହୋଇଥିବାର ପ୍ରମାଣ ମିଳେ । ଗଙ୍ଗ ରାଜତ୍ୱ ପୂର୍ବରୁ କୋଣାର୍କର ସୂର୍ଯ୍ୟପୂଜା ଓ ପୁରୀର ଜଗନ୍ନାଥଙ୍କ ପୂଜା ଯେ ଥିଲା ଏଥିରେ ସନ୍ଦେହର ଅବକାଶ ନାହିଁ । ଭୁବନେଶ୍ୱରରେ ଷଷ୍ଠ-ସପ୍ତମ ଶତାବ୍ଦୀଠାରୁ ଷୋଡ଼ଶ ଶତାବ୍ଦୀ ପର୍ଯ୍ୟନ୍ତ ଗଠିତ ହୋଇଥିବା ମନ୍ଦିରଗୁଡ଼ିକ ଅବସ୍ଥିତ ଥିବାରୁ ଏଠାରେ ପ୍ରତ୍ନତତ୍ତ୍ୱର ଅଭାବ ନାହିଁ । ଯାଜପୁରର ପ୍ରତ୍ନତତ୍ତ୍ୱରୁ ପ୍ରମାଣିତ ହୁଏ ଯେ ଏଠାରେ ସୋମବଂଶୀ ରାଜାମାନଙ୍କ ପୂର୍ବରୁ ଭୌମ ବଂଶୀୟ ରାଜାମାନଙ୍କର ରାଜଧାନୀ ଥିଲା । ଯାଜପୁରର ବିରଜା ମନ୍ଦିର ଆଦୌ ପ୍ରାଚୀନ ନ ହେଲେହେଁ ଯାଜପୁର ଯେ ବିରଜା ଦେବୀଙ୍କର

ପୀଠ ଥିଲା, ତାହାର ପ୍ରମାଣ ମହାଭାରତରୁ ମିଳେ । ଯାଜପୁରରେ ମିଳୁଥିବା ସପ୍ତମାତୃକା ମୂର୍ତ୍ତିଗୁଡ଼ିକ ଭୌମରାଜାମାନଙ୍କ ରାଜତ୍ୱକାଳରେ ଖ୍ରୀଷ୍ଟୀୟ ନବମ ଶତାବ୍ଦୀ ପୂର୍ବରୁ ନିର୍ମିତ ହୋଇଥିବାର ଯଥେଷ୍ଟ ପ୍ରମାଣ ଅଛି । ଏହି ପ୍ରବନ୍ଧରେ କେବଳ ଭୁବନେଶ୍ୱରର ମନ୍ଦିରଗୁଡ଼ିକର ପ୍ରତ୍ନତତ୍ତ୍ୱ ମୂଳକ ଇତିହାସ ଆଲୋଚିତ ହେଉଥିବାରୁ ଏଠାରେ ପ୍ରସଙ୍ଗକ୍ରମେ ଯତ୍ ସାମାନ୍ୟ ଆଲୋଚିତ ହେବାର କାରଣ ଏହି ଯେ ଭୁବନେଶ୍ୱରର କେତେକ ମନ୍ଦିରର ପ୍ରତ୍ନତତ୍ତ୍ୱ ଯାଜପୁର, ପୁରୀ ଓ କୋଣାର୍କରେ ମିଳିଥିବା ପ୍ରତ୍ନତତ୍ତ୍ୱ ସହିତ ସଂଶ୍ଳିଷ୍ଟ ଅଛି ।

ଭୁବନେଶ୍ୱର ଏକ ଶୈବପୀଠ ବା ଶୈବକ୍ଷେତ୍ରରୂପେ ପରିଚିତ ହେଉଥିଲେ ମଧ୍ୟ ଭୁବନେଶ୍ୱରର ପ୍ରତ୍ନତତ୍ତ୍ୱରୁ ଜଣାଯାଏ ଯେ ସେଠାରେ ମଧ୍ୟ ସମସାମୟିକ ଶାକ୍ତ-ଦେବୀମାନଙ୍କର ଏକାଧିକ ମନ୍ଦିର ଥିଲା । ଭୁବନେଶ୍ୱରର ଅଦୂରବର୍ତ୍ତୀ ଖଣ୍ଡଗିରି ଓ ଉଦୟଗିରିର ଗୁହାଗୁଡ଼ିକରେ ଯେ କେବଳ ଜୈନ ଧର୍ମାବଲମ୍ବୀମାନଙ୍କର ପ୍ରଭାବ ଥିଲା, ଏଥିରେ କିଛି ସନ୍ଦେହ ନାହିଁ । ଭୁବନେଶ୍ୱରରେ କିନ୍ତୁ ଜୈନ ପ୍ରଭାବ କ୍ୱଚିତ ଦୃଷ୍ଟ ହୁଏ । ଭୁବନେଶ୍ୱର ନିକଟସ୍ଥ ଧଉଳି ପାହାଡ଼ରେ ମୌର୍ଯ୍ୟସମ୍ରାଟ ଅଶୋକଙ୍କର ଅନୁଶାସନଲିପି ଥିଲେମଧ୍ୟ ସେଠାରେ ବା ଭୁବନେଶ୍ୱରରେ କୌଣସି ବୌଦ୍ଧପୀଠ ଥିବାର ନିଦର୍ଶନ ଆଜିଯାଏଁ ଆବିଷ୍କୃତ ହୋଇନାହିଁ । କେବଳ ବ୍ରହ୍ମେଶ୍ୱର ମନ୍ଦିର ନିକଟରୁ ଦ୍ୱାଦଶ-ତ୍ରୟୋଦଶ ଶତାବ୍ଦୀର ଏକ ବୌଦ୍ଧ ଅବଲୋକିତେଶ୍ୱର ମୂର୍ତ୍ତି ମିଳିଅଛି ।

ଊନବିଂଶ ଶତାବ୍ଦୀର ଐତିହାସିକମାନେ—ମୁଖ୍ୟତଃ ହଣ୍ଟର ସାହେବ ଓ ରାଜେନ୍ଦ୍ରଲାଲ ମିତ୍ର, ଅନୁମାନ କରିଥିଲେ ଯେ ଓଡ଼ିଶାରେ ପ୍ରଥମେ ବୌଦ୍ଧଧର୍ମର, ତତ୍ପରେ ଶୈବଧର୍ମର ଓ ଶେଷରେ ବୈଷ୍ଣବ ଧର୍ମର ରାଜାମାନେ ରାଜତ୍ୱ କରିଥିବାରୁ ସେମାନେ ସ୍ଥଳବିଶେଷରେ ନିଜ ନିଜ ଧର୍ମର କୀର୍ତ୍ତି ରଖି ଯାଇଅଛନ୍ତି । କିନ୍ତୁ ପ୍ରତ୍ନତତ୍ତ୍ୱରୁ ପ୍ରମାଣିତ ହୁଏ ଯେ ଏପରି କିଛି ଧର୍ମ-ବିଭାଗ ଓଡ଼ିଶାରେ କୁତ୍ରାପି ହୋଇ ନଥିଲା । ଗତ ୩୦ ବର୍ଷ ମଧ୍ୟରେ ଓଡ଼ିଶାର ପ୍ରତ୍ନତତ୍ତ୍ୱ ସମ୍ବନ୍ଧରେ ଅନେକ ନୂତନ ତଥ୍ୟ

ଆବିଷ୍କୃତ ହୋଇଥିଲେ ମଧ୍ୟ ଓଡ଼ିଶାର ଅନେକ ଐତିହାସିକ ବୋଲାଉଥିବା ଲେଖକ ଊନବିଂଶ ଶତାବ୍ଦୀର ପ୍ରକାଶିତ ଗ୍ରନ୍ଥାବଳୀ ଉପରେ ନିର୍ଭର କରି ଓଡ଼ିଶାର ଇତିହାସ ରଚନା କରୁଅଛନ୍ତି । ସେମାନେ ଜାଣିବାକୁ ଇଚ୍ଛୁକ ନୁହନ୍ତି ଯେ କିମ୍ବଦନ୍ତୀହିଁ କିମ୍ବଦନ୍ତୀ ଓ ଇତିହାସହିଁ ଇତିହାସ—ଏହି ଉଭୟ ମଧ୍ୟରେ ସାମଞ୍ଜସ୍ୟ ସ୍ଥାପନ କରିବାର ଏକମାତ୍ର ଉପାୟ ସମସାମୟିକ ପ୍ରମାଣ ଓ ସେହି ପ୍ରମାଣର ଅନୁସନ୍ଧାନ କରିବା ପାଇଁ କେହି ଉତ୍ସୁକ ନୁହନ୍ତି । ଫଳରେ ଆଧୁନିକ ପାଠକମାନେ ଦେଶର ପ୍ରକୃତ ଇତିହାସ ଜାଣିବା ପାଇଁ ଅକ୍ଷମ ହେଉଅଛନ୍ତି ।

ଭୁବନେଶ୍ୱରରେ ନଷ୍ଟ ହୋଇ ନଥିବା ମନ୍ଦିରଗୁଡ଼ିକ ମଧ୍ୟରୁ ଅଧିକାଂଶ ଶୈବମନ୍ଦିର ଓ ଅନ୍ୟ କେତୋଟି ଶାକ୍ତ ମନ୍ଦିର । ଉଭୟଧର୍ମ ପନ୍ଥାର ମନ୍ଦିରଗୁଡ଼ିକର ସ୍ଥାପତ୍ୟ ଓ ଭାସ୍କର୍ଯ୍ୟ ଯେ ସମସାମୟିକ ଏଥିରେ ଆଦୌ ସଂଶୟ ନାହିଁ ।

ସ୍ଥାପତ୍ୟ ଅନୁସାରେ ଭୁବନେଶ୍ୱରର ମନ୍ଦିରଗୁଡ଼ିକୁ ଭାଗ ଭାଗ କଲେ ଜଣାଯାଏ ଯେ କେତେକ ମନ୍ଦିରରେ କେବଳ 'ଦେଉଳ' ବା 'ବିମାନ' ଥିଲା । ଯଥା—ଲକ୍ଷ୍ମଣେଶ୍ୱର, ଭରତେଶ୍ୱର, ଶତ୍ରୁଘ୍ନେଶ୍ୱର, ସ୍ୱର୍ଣ୍ଣଜାଲେଶ୍ୱର ଇତ୍ୟାଦି । ଏଗୁଡ଼ିକ ମଧ୍ୟରୁ ଲକ୍ଷ୍ମଣେଶ୍ୱର ମନ୍ଦିରର ଦ୍ୱାରବନ୍ଧରେ ଅଷ୍ଟଗ୍ରହମାନଙ୍କର ନାମ ଯେଉଁ ଲିପିରେ ଖୋଦିତ ଅଛି, ଲିପିତତ୍ତ୍ୱାନୁସାରେ ତାହାର ସମୟ ୬ଷ୍ଠ ବା ୭ମ ଶତାବ୍ଦୀର ପୂର୍ବବର୍ତ୍ତୀ କିମ୍ବା ପରବର୍ତ୍ତୀ ନୁହେଁ । ଏହାପରେ 'ଦେଉଳ' ବା ବିମାନର ସମ୍ମୁଖରେ 'ଜଗମୋହନ' ବା 'ମୁଖଶାଳା'ର ଆବିର୍ଭାବ ସ୍ଥାପତ୍ୟ ଶିଳ୍ପର ଏକ ନୂତନ ପରିକଳ୍ପନା । ଭୁବନେଶ୍ୱରର ପରଶୁରାମେଶ୍ୱର, ଶିଶିରେଶ୍ୱର, ବୈତାଳ, ମାର୍କଣ୍ଡେଶ୍ୱର, ମୋହିନୀ ମନ୍ଦିରଗୁଡ଼ିକର'ବିମାନ'ର ସମ୍ମୁଖରେ 'ଜଗମୋହନ' ଗଠିତ ହୋଇଥିବାର ଦେଖାଯାଏ । ବୈତାଳ ଓ ମୋହିନୀ ମନ୍ଦିର ଦ୍ୱାରରେ ଶାକ୍ତଦେବୀ ସ୍ଥାପିତ ଅଛନ୍ତି । ଶୈବ ଓ ଶାକ୍ତଦେବତାଙ୍କ ମନ୍ଦିରର ପାର୍ଶ୍ୱଦେବତା ସବୁକ ଗଣେଶ, କାର୍ତ୍ତିକେୟ ଓ ଦୁର୍ଗା । ଜଗମୋହନଯୁକ୍ତ ଓ ଜଗମୋହନହୀନ ମନ୍ଦିରଗୁଡ଼ିକର ନିର୍ମାଣ କାଳ

ମଧ୍ୟରେ ବ୍ୟବଧାନ ଖୁବ ଅଧିକ ବୋଲି ମନେ ହୁଏନାହିଁ । ଲକ୍ଷ୍ମଣେଶ୍ୱର ମନ୍ଦିରସଦୃଶ ପରଶୁରାମେଶ୍ୱର ମନ୍ଦିରରେ ଅଷ୍ଟଗ୍ରହ ଦ୍ୱାରବନ୍ଧରେ ଖୋଦିତ ଅଛି ଓ ଅଷ୍ଟଗ୍ରହମାନଙ୍କର ନାମ ମଧ୍ୟ ଖୋଦିତ ଅଛି । ତେଣୁ ଏହିସବୁ ମନ୍ଦିରଗୁଡ଼ିକ ଓଡ଼ିଶାର ସ୍ଥାପତ୍ୟକଳା ସ୍ଥାପନର ମଧ୍ୟ ସର୍ବପ୍ରାଚୀନ ନିଦର୍ଶନ । ଜ୍ୟୋତିଷ ଶାସ୍ତ୍ରରେ 'ନବଗ୍ରହ' ନାମ ସୁପରିଚିତ, କିନ୍ତୁ ଏହି ମନ୍ଦିରଗୁଡ଼ିକ ଗଠିତ ହେଲାବେଳେ 'କେତୁ' ବା ନବମ ଗ୍ରହର ନାମ ଶାସ୍ତ୍ରରେ ସ୍ଥାନ ପାଇ ନଥିଲା । ଉପରଲିଖିତ ମନ୍ଦିରଗୁଡ଼ିକର ନିର୍ମାଣକାଳ ଖ୍ରୀଷ୍ଟୀୟ ୬ଷ୍ଠ ବା ୭ମ ଶତାବ୍ଦୀ ବୋଲି ଏହି ରୂପେ ପ୍ରତ୍ନତତ୍ତ୍ୱମୂଳକ ପ୍ରମାଣ ଉପରେ ସ୍ୱୀକୃତ ହୋଇଅଛି ।

ଭୁବନେଶ୍ୱରର କେତୋଟି ମନ୍ଦିରରେ 'ଲକୁଲୀଶ'ଙ୍କର ମୂର୍ତ୍ତି ଖୋଦିତ ଅଛି । 'ଲକୁଲୀଶ' ମୂର୍ତ୍ତିରୁ ପ୍ରମାଣିତ ହେଉ ଅଛି ଯେ ଭୁବନେ-ଶ୍ୱରର ଏହି ପ୍ରାଚୀନ ଶିବମନ୍ଦିର ଗୁଡ଼ିକର ପୂଜାବିଧି ପାଶୁପତ ଦର୍ଶନ ସମ୍ମତ । ପ୍ରତ୍ନତତ୍ତ୍ୱରୁ ମିଳୁଥିବା ଏହି ନିଦର୍ଶନ ଉପରେ ଏ ପର୍ଯ୍ୟନ୍ତ ଆଦୌ ଆଲୋଚନା ହୋଇନାହିଁ କହିଲେ ଚଳେ । 'ଲକୁଲୀଶ' ମୂର୍ତ୍ତିଯୁକ୍ତ ଶିବ ମନ୍ଦିରଗୁଡ଼ିକରେ ଯୋନିପୀଠ ଯୁକ୍ତ ଶିବଲିଙ୍ଗ ସ୍ଥାପିତ ଅଛି । ଓଡ଼ିଶାର ଅନ୍ୟତ୍ର ଏ ପ୍ରକାର ଶିବମନ୍ଦିର ବହୁସ୍ଥାନରେ ଦେଖା ଯାଉଥିଲେ ମଧ୍ୟ ଅନେକ ଶିବ ମନ୍ଦିରରେ କେବଳ ମାତ୍ର ଯୋନିପୀଠ ଦେଖାଯାଏ । ଯୋନିପୀଠର ବର୍ତ୍ତୁଳାକାର ଗର୍ତ୍ତରେ କୌଣସି ଲିଙ୍ଗ ନ ଥାଏ । ଏ ପ୍ରକାର ଦେବତା ଗୁଡ଼ିକ ସ୍ୱୟମ୍ଭୂଲିଙ୍ଗ ବା ପାତାଳ ଫୁଟା ମହାଦେବ ବୋଲି କଥିତ ହୁଏ । ଯୋନିପୀଠରେ ଲିଙ୍ଗଯୁକ୍ତ ଶିବ ମନ୍ଦିର ଓ ଲିଙ୍ଗବିହୀନ ଶିବ ମନ୍ଦିର ଗଠନ କରିଥିବା ଲୋକ ମାନଙ୍କର ପୂଜା ପଦ୍ଧତିରେ କି ତାରତମ୍ୟ ଅଛି, ତାହା ମୁଁ ଜାଣି ନ ଥିବାରୁ ମୋର ଅନୁମିତ ହେଉଅଛି ଯେ ଓଡ଼ିଶାରେ ଦୁଇ ପ୍ରକାର ଶିବୋପାସନା ପ୍ରଚଳିତ ଥିଲା । ଲିଙ୍ଗଯୁକ୍ତ ଶିବ ମନ୍ଦିରଗୁଡ଼ିକୁ ପାଶୁପତ ଦର୍ଶନ ଭୁକ୍ତ କରାଗଲେ ଅନ୍ୟଗୁଡ଼ିକୁ କି ଆଖ୍ୟା ଦିଆଯିବ ତାହାର ମୀମାଂସା ହେବା ଉଚିତ । ଏହିସବୁ ମନ୍ଦିରର ପୂଜକ ମାନେ ପ୍ରାୟ ସର୍ବତ୍ର ମାଳି ଜାତିର ଲୋକ । ଏହି ଜାତିର ଲୋକମାନେ ଅନ୍ୟାନ୍ୟ ପ୍ରଦେଶରେ ଶିବ ମନ୍ଦିରର ଉପାସକ ନୁହନ୍ତି । ଏ ପ୍ରଭେଦର

ସମାଧାନ ନ ହେବା ଯାଏଁ ଓଡ଼ିଶାର ଶୈବ ଧର୍ମ ବୋଧଗମ୍ୟ ହେବ ନାହିଁ । ଏହି ଅପ୍ରାସଙ୍ଗିକ କଥା ଛାଡ଼ି ବର୍ତ୍ତମାନ ଭୁବନେଶ୍ୱର ମନ୍ଦିରର କଥା ଧରା ଯାଉ ।

ଭୁବନେଶ୍ୱରରେ ଖ୍ରୀଷ୍ଟୀୟ ଦଶମ ଶତାବ୍ଦୀର ଶେଷାର୍ଦ୍ଧରେ ଗଠିତ ଦୁଇଟି ମନ୍ଦିର ଅଦ୍ୟାପି ଅକ୍ଷୁର୍ଣ୍ଣ ରହିଛି । ତନ୍ମଧ୍ୟରୁ ଗୋଟିଏ 'ମୁକ୍ତେଶ୍ୱର' ଓ ଅପରଟି 'ରାଜରାଣୀ' । ମୁକ୍ତେଶ୍ୱର ମନ୍ଦିରରେ ଅଷ୍ଟଗ୍ରହ ପରିବର୍ତ୍ତେ ନବଗ୍ରହ ଦ୍ୱାରବନ୍ଧରେ ଖୋଦିତ ଅଛି । ଏହି ମନ୍ଦିରରେ ଅଷ୍ଟ-ଦିକ୍‌ପାଳ ମୂର୍ତ୍ତି ଦେଖାଯାଏ ନାହିଁ, କିନ୍ତୁ ଅଷ୍ଟଦିକ୍‌ପାଳର ସ୍ଥାନମାନଙ୍କରେ ଆୟତାକାର ଆଠଟି ଠଣା ଥିବାର ଦେଖାଯାଉଥିବାରୁ ମନେହୁଏ ଯେ ସେଗୁଡ଼ିକରେ ଦିକ୍‌ପାଳ ମୂର୍ତ୍ତି ସ୍ଥାପିତ ଥିଲା, ପରେ ସେଗୁଡ଼ିକ କେହି ସେଠାରୁ ଅପସାରିତ କରିଛି । 'ରାଜରାଣୀ' ମନ୍ଦିରରେ ନବଗ୍ରହଶିଳା ଉପରେ ଲକୁଲୀଶ ମୂର୍ତ୍ତି ସହିତ ଶୈବ ତପସ୍ୱୀମାନଙ୍କର ମୂର୍ତ୍ତି ଖୋଦିତ ଥିବାର ଦେଖାଯାଏ । ମୁକ୍ତେଶ୍ୱର ମନ୍ଦିର ନିକଟବର୍ତ୍ତୀ 'ମରିଚି' କୁଣ୍ଡରେ ଏ ପ୍ରକାର ଏକ ଦ୍ୱାରବନ୍ଧରେ ଲକୁଲୀଶ ମୂର୍ତ୍ତିର ଦୁଇପାର୍ଶ୍ୱରେ ଶୈବ ତପସ୍ୱୀମାନଙ୍କର ମୂର୍ତ୍ତି ଖୋଦିତ ଅଛି । ଦଶମ ଶତାବ୍ଦୀ ପର୍ଯ୍ୟନ୍ତ ମନ୍ଦିରରେ ଲକୁଲୀଶ ମୂର୍ତ୍ତି ସ୍ଥାପନର ବ୍ୟବସ୍ଥା ଥିଲା ବୋଲି ଏଥିରୁ ଅନୁମିତ ହୁଏ । 'ରାଜରାଣୀ' ମନ୍ଦିରରେ ଅଷ୍ଟଦିକ୍‌ପାଳ ଗୁଡ଼ିକର ଦଣ୍ଡାୟମାନ ମୂର୍ତ୍ତିଗୁଡ଼ିକ ଅକ୍ଷୁର୍ଣ୍ଣ ଅବସ୍ଥାରେ ଥିବାର ଦେଖାଯାଏ । ସମୟର ଗତି ଅନୁସାରେ 'ମୁକ୍ତେଶ୍ୱର' ମନ୍ଦିରର ସ୍ଥାପତ୍ୟ ଓ ଭାସ୍କର୍ଯ୍ୟକଳା ପୂର୍ବକାଳୀନ ମନ୍ଦିରଗୁଡ଼ିକର କାର୍ଯ୍ୟଠାରୁ ପୃଥକ୍ ଥିବାର ଦେଖାଯାଏ । 'ରାଜରାଣୀ' ମନ୍ଦିରର ସ୍ଥାପତ୍ୟ ଓ ଭାସ୍କର୍ଯ୍ୟରେ ଏହି ପାର୍ଥକ୍ୟ ପରିଲକ୍ଷିତ ହୁଏ । ଏହି ଦୁଇଟି ମନ୍ଦିରର ନିର୍ମାଣକର୍ତ୍ତା କିଏ ଥିଲେ ତାହା ଜାଣିବାର ଉପାୟ ନାହିଁ । ଖୁବ୍ ସମ୍ଭବ ଏହି ଦୁଇଟି ମନ୍ଦିର ସୋମକୁଳୀ ବଂଶୀୟ ପ୍ରଥମ ବା ଦ୍ୱିତୀୟ ପୁରୁଷର ରାଜାମାନଙ୍କ ଦ୍ୱାରା ବା ସେମାନଙ୍କ ରାଜତ୍ୱ-କାଳରେ ଅନ୍ୟ କାହାରି ଦ୍ୱାରା ନିର୍ମିତ ହୋଇଥିଲା । ସୋମକୁଳୀ ରାଜବଂଶର ରାଜତ୍ୱ ନବମ ଶତାବ୍ଦୀର ମଧ୍ୟଭାଗରେ ସ୍ଥାପିତ ହୋଇଥିଲା ।

ଭୁବନେଶ୍ୱରରେ ଅବସ୍ଥିତ 'ଲିଙ୍ଗରାଜ' ମନ୍ଦିର କଳା, ସ୍ଥାପତ୍ୟ ବା କ ଭାସ୍କର୍ଯ୍ୟ ଉଭୟତଃ ଏକ ମହାନ୍ କୀର୍ତ୍ତି କହିଲେ ଅତ୍ୟୁକ୍ତି ହେବନାହିଁ । ପ୍ରଥମତଃ ଉଚ୍ଚତାରେ ଲିଙ୍ଗରାଜ ମନ୍ଦିର ଯେପରି ମହାନ୍, ତାହାର କାରୁକାର୍ଯ୍ୟ ସେହିପରି ମହାନ୍ । ଏପରି ଏକ ବିଶାଳ କୀର୍ତ୍ତିର ନିର୍ମାତାଙ୍କ ନାମ ଆଜପର୍ଯ୍ୟନ୍ତ ନିସନ୍ଦିଗ୍ଧ ଭାବରେ ଜଣାଯାଇ ନାହିଁ । ତେବେ 'ଲିଙ୍ଗରାଜ' ମନ୍ଦିରର କାରୁକାର୍ଯ୍ୟ ସହିତ 'ବ୍ରହ୍ମେଶ୍ୱର' ମନ୍ଦିରର କାରୁକାର୍ଯ୍ୟର ଯେତେ ସୌସାଦୃଶ୍ୟ ଥିବାର ଦେଖାଯାଏ ତାହା ଅନ୍ୟତ୍ର ମିଳେନାହିଁ । ବ୍ରହ୍ମେଶ୍ୱର ମନ୍ଦିରଟି ସୋମକୁଳୀ ରାଜବଂଶର ରାଜା ଉଦ୍ୟୋତ କେଶରୀଙ୍କର ମାତା କୋଳାବତୀ ସ୍ଥାପନ କରିଥିବାର କଥା ମନ୍ଦିରସଂଲଗ୍ନ ଶିଳାଲିପିରୁ ଜଣାଯାଏ । ମହା ଭବଗୁପ୍ତ ଉଦ୍ୟୋତ-କେଶରୀଙ୍କ ପିତା, ମହାଶିବଗୁପ୍ତ ଯଯାତି ୨ୟ ଥିବାର ପ୍ରମାଣ ଉଦ୍ୟୋତ କେଶରୀଙ୍କ ଦ୍ୱାରା ପ୍ରଦତ୍ତ ନରସିଂହପୁର ତମ୍ବାପଟ୍ଟା ଓ ବ୍ରହ୍ମେଶ୍ୱର ଶିଳାଲିପି ଓ ରତ୍ନଗିରିରେ କର୍ଣ୍ଣଦେବଙ୍କ ତମ୍ବାପଟ୍ଟାରୁ ଜଣାଯାଏ । ଉଦ୍ୟୋତ କେଶରୀଙ୍କର ରାଜତ୍ୱକାଳର ଶେଷ ଖ୍ରୀ: ୧୦୭୦ ପର୍ଯ୍ୟନ୍ତ ଗ୍ରହଣ କରାଗଲେ, ଯଯାତି ୨ୟଙ୍କର ରାଜତ୍ୱକାଳ ଖ୍ରୀ:୧୦୫୦ ପର୍ଯ୍ୟନ୍ତ ସ୍ଥିର କରା-ଯାଇପାରେ । ଏହି ସମୟ ମଧ୍ୟରେ ୪।୧୦ ବର୍ଷ ବ୍ୟବଧାନ ଥାଇପାରେ । ଏଣୁ ଲିଙ୍ଗରାଜ ମନ୍ଦିରର ଗଠନକାଳ ଖ୍ରୀ:୧୦୪୦ ବୋଲି ଧରାଗଲେ ସୋମକୁଳୀ ରାଜାମାନଙ୍କର ବଂଶାବଳୀରେ କିଛି ବୈଷମ୍ୟ ଦେଖାଯାଏ ନାହିଁ । 'ଲିଙ୍ଗରାଜ' ମନ୍ଦିର ଯେ 'ରାଜରାଣୀ' ମନ୍ଦିରର ପରବର୍ତ୍ତୀ ଓ 'ବ୍ରହ୍ମେଶ୍ୱର' ମନ୍ଦିରର ପୂର୍ବବର୍ତ୍ତୀ ଏହା କେହି ଅସ୍ୱୀକାର କରିବେ ନାହିଁ ।

ପ୍ରତ୍ନତତ୍ତ୍ୱମୂଳକ ଆଲୋଚନାଦ୍ୱାରା 'ଲିଙ୍ଗରାଜ' ମନ୍ଦିରର ଯେଉଁ ନିର୍ମାଣକାଳ ଏକାଦଶ ଶତାବ୍ଦୀର ମଧ୍ୟଭାଗ ବୋଲି ସ୍ୱୀକୃତ ହୋଇଛି ତାହା ସହିତ "ମାଦଳାପାଞ୍ଜି'ରେ ପ୍ରଦତ୍ତ 'ଲିଙ୍ଗରାଜ' ମନ୍ଦିରର ନିର୍ମାଣ-କାଳ ମଧ୍ୟରେ ପ୍ରାୟ ୪୦୦ବର୍ଷ ବ୍ୟବଧାନ ଥିବାର ଦେଖାଯାଏ । ଏଣୁ 'ମାଦଳାପାଞ୍ଜି'ର ପାଠକମାନେ 'ଲିଙ୍ଗରାଜ' ମନ୍ଦିରକୁ ଖ୍ରୀଷ୍ଟୀୟ ସପ୍ତମ ଶତାବ୍ଦୀର ମଧ୍ୟଭାଗର କୀର୍ତ୍ତି ବୋଲି ସାଧାରଣତଃ ଗ୍ରହଣ କରିଥାଆନ୍ତି ।

ଉଲୋକ୍ତ ଶ୍ଳୋକଟିକୁ ଅନେକେ 'ଲିଙ୍ଗରାଜ' ମନ୍ଦିରର ନିର୍ମାଣକାଳ ସମ୍ବନ୍ଧରେ ଉଦ୍ଧାର କରିବାର ଦେଖାଯାଏ—

"ଗଜାଷ୍ଟେଷୁମିତେ ଜାତେ
ଶକାବ୍ଦେ କୃତ୍ତିବାସସ୍ୟ
ପ୍ରାସାଦମକରୋଦ୍ ରାଜା
ଲଲାଟେନ୍ଦୁ ଶ୍ଚ କେଶରୀ ।"

ଗଜ=୮, ଅଷ୍ଟ=୮=ଇଷୁ=୫ । 'ଅଙ୍କାନାଂବାମତୋଗତି ନିୟମ ଅନୁସାରେ ଏହା ୫୮୮ ଶକାବ୍ଦ । ଅର୍ଥାତ୍ ୫୮୮ ଶକାବ୍ଦରେ ରାଜା ଲଲାଟେନ୍ଦୁ କେଶରୀ କୃତ୍ତିବାସ ବା 'ଲିଙ୍ଗରାଜ'ଙ୍କ ମନ୍ଦିର ଗଢ଼ାଇଥିଲେ । ଶକାବ୍ଦ ୫୮୮ ଖ୍ରୀଷ୍ଟାବ୍ଦ ୬୬୬ ମହିତ ସମାନ । ଅର୍ଥାତ୍ ସପ୍ତମ ଶତାବ୍ଦୀର ମଧ୍ୟଭାଗ ପରେ 'ଲିଙ୍ଗରାଜ' ମନ୍ଦିର ନିର୍ମିତ ହୋଇଥିଲା । ବର୍ତ୍ତମାନ ପ୍ରଶ୍ନ ହେଉଛି ଯେ ଓଡ଼ିଶାରେ ୭ମ ଶତାବ୍ଦୀ ବା ତତ୍ପୂର୍ବରୁ ଅନେକ ତାମ୍ର-ପଟ୍ଟା ଆବିଷ୍କୃତ ହୋଇଥିଲେ ମଧ୍ୟ କୌଣସିଟିରେ ଶକାବ୍ଦର ବ୍ୟବହାର ଦେଖାଯାଇ ନ ଥିବାରୁ ଏହି ଶ୍ଳୋକରେ ଶକାବ୍ଦର ବ୍ୟବହାର କିପରି ହେଲା ? କେବଳ ଏତିକି ନୁହେଁ, ଏପରିକି ଖ୍ରୀଷ୍ଟୀୟ ଏକାଦଶ ଶତାବ୍ଦୀ ପୂର୍ବରୁ ଓଡ଼ିଶାରେ ଶକାବ୍ଦର ବ୍ୟବହାର କୌଣସି ତାମ୍ରଶାସନ ବା ଶିଳାଲିପିରେ ଦୃଷ୍ଟ ହୁଏ ନାହିଁ । ଏଣୁ ମନେହୁଏ ଯେ ଏହି ଶ୍ଳୋକରେ ଓ 'ମାଦଳାପାଞ୍ଜି'ରେ ବ୍ୟବହୃତ ପ୍ରଥମ ୧୦୦୦ ବର୍ଷ ପର୍ଯ୍ୟନ୍ତ ଶକାବ୍ଦ ବ୍ୟବହାରର କୌଣସି ସମସାମୟିକ ପ୍ରମାଣ ନାହିଁ । ଯେଉଁ ପଣ୍ଡିତ ପୂର୍ବୋକ୍ତ ଶ୍ଳୋକ ରଚନା କରିଥିଲେ, ତାଙ୍କର ଏତିକି ଜ୍ଞାନ ନଥିଲା ଯେ ଖ୍ରୀଷ୍ଟୀୟ ସପ୍ତମ ଶତାବ୍ଦୀରେ ପୂର୍ବ-ଭାରତର କେଉଁଠାରେ ହେଲେ ଶକାବ୍ଦର ବ୍ୟବହାର ନଥିଲା । ଆମ୍ଭେମାନେ ବର୍ତ୍ତମାନ ଖ୍ରୀଷ୍ଟାବ୍ଦ ବ୍ୟବହାର କରୁଅଛୁ ମାତ୍ର ତାହାଲାଗି ଯେ ୨୦୦ ବର୍ଷ ପୂର୍ବେ କାଗଜ ପତ୍ରରେ ଖ୍ରୀଷ୍ଟାବ୍ଦର ବ୍ୟବହାର ଚଳୁଥିଲା ବୋଲି କହିବା କି ଉଚିତ ହେବ ? ପୁନଶ୍ଚ ପୂର୍ବୋକ୍ତ ଶ୍ଳୋକଟି ମଧ୍ୟ କୌଣସି ତାମ୍ରଶାସନ ବା ଶିଳାଲିପିରେ ଥିବାର ଜଣାଯାଇ ନାହିଁ । ପୂର୍ବୋକ୍ତ ଶ୍ଳୋକରୁ 'ଲଲାଟେନ୍ଦୁ

କେଶରୀ'ଙ୍କ ନାମ ମିଳେ । 'ମାଦଳାପାଞ୍ଜି'ରେ 'କେଶରୀବଂଶ'ର କଥା ବର୍ଣ୍ଣିତ ଅଛି । ସୋମବଂଶୀ ବା ସୋମକୁଳୀ ରାଜାମାନଙ୍କ ମଧ୍ୟରେ କେବଳ ପ୍ରଥମେ ଉଦ୍ୟୋତ କେଶରୀଙ୍କ ନାମରେ 'କେଶରୀ' ପଦବୀ ଅଛି—ତତ୍ ପୂର୍ବରୁ ଆଉ କାହାର ନଥିଲା । ତତ୍ପରେ 'କର୍ଣ୍ଣଦେବ'ଙ୍କ ନାମ ସେହି ବଂଶୀୟ ତମ୍ବାପଟାରୁ ଜଣାଯାଏ । ଉଦ୍ୟୋତ କେଶରୀଙ୍କ ନାମ ମାଦଳା ପାଞ୍ଜିରେ ଲିଖିତ ଅଛି । ଖୁବ୍ ସମ୍ଭବ 'ମାଦଳା ପାଞ୍ଜି'ର ଲେଖକ 'ଉଦ୍ୟୋତ କେଶରୀ'ଙ୍କ ନାମ ଅନୁସାରେ ତାଙ୍କର ପୂର୍ବବର୍ତ୍ତୀ ସମସ୍ତ ରାଜାମାନଙ୍କ ନାମରେ 'କେଶରୀ' ପଦବୀ ଦେଇ 'କେଶରୀବଂଶ'ର କଳ୍ପନା କରିଥିଲେ । ଉଦ୍ୟୋତ କେଶରୀଙ୍କ ନାମ ଷୋଡ଼ଶ ଶତାବ୍ଦୀର ପ୍ରଥମ ପାଦରେ ଲିଖିତ କବି ଈଶ୍ୱର ମିଶ୍ରଙ୍କୃତ 'ଭକ୍ତ ଭାଗବତ ମହାକାବ୍ୟ'ରେ ମଧ୍ୟ ଲିଖିତ ଅଛି । ଏଥିରୁ ପାଠକମାନେ ଜାଣି ପାରିବେ ଯେ ମାଦଳା ପାଞ୍ଜି ବା ପୂର୍ବୋକ୍ତ ଶ୍ଳୋକରେ ମିଳୁଥିବା 'ଲିଙ୍ଗରାଜ' ମନ୍ଦିରର ଗଠନକାଳ କୌଣସି ଏକ କିମ୍ବଦନ୍ତୀ ଉପରେ ଲିଖିତ, ଯାହାର କୌଣସି ସମସାମୟିକ ପ୍ରମାଣ ନାହିଁ । ଏଣୁ ପ୍ରତ୍ନତତ୍ତ୍ୱମୂଳକ ପ୍ରମାଣ ଆମ୍ଭମାନଙ୍କର ଏକମାତ୍ର ସହାୟ ।

'ବ୍ରହ୍ମେଶ୍ୱର' ମନ୍ଦିରଟି ସୋମକୁଳୀ ରାଜବଂଶର ଶେଷକୀର୍ତ୍ତି କହିଲେ ଚଳେ । ଏହାର ଗଠନକାଳ ଖ୍ରୀ:୧୦୭୦ ନିକଟବର୍ତ୍ତୀ ।

ଖ୍ରୀ:୧୧୧୨ ପୂର୍ବରୁ ଗଙ୍ଗବଂଶୀ ଚୋଡ଼ଗଙ୍ଗଦେବ ଉତ୍କଳ ଅଧିକାର କରିଥିଲେ । ତାହାର ପ୍ରମାଣ ସ୍ୱରୂପ ଖ୍ରୀ:୧୧୧୨ରେ ଚୋଡ଼ଗଙ୍ଗଙ୍କର ଏକ ଶିଳାଲିପି ଲିଙ୍ଗରାଜ ମନ୍ଦିରରେ ଅଦ୍ୟାପି ରହିଅଛି । ଉତ୍କଳ ଅଧିକାର ପରେ ରାଜା ଚୋଡ଼ଗଙ୍ଗଦେବ ପୁରୀରେ ଜଗନ୍ନାଥ ମନ୍ଦିର ସ୍ଥାପନ କରିଥିଲେ । ଚୋଡ଼ଗଙ୍ଗଙ୍କ ରାଜତ୍ୱକାଳ ଖ୍ରୀ:୧୧୪୭ରେ ଶେଷ ହୋଇଥିଲା, ତାଙ୍କର ମୃତ୍ୟୁପରେ ।

ଭୁବନେଶ୍ୱରର 'ମେଘେଶ୍ୱର' ମନ୍ଦିରରେ ଯେଉଁ ଶିଳାଲିପି ଲାଗିଥିଲା ତାହା ବର୍ତ୍ତମାନ 'ଅନନ୍ତ ବାସୁଦେବ' ମନ୍ଦିର ବେଢ଼ାର କାନ୍ଥରେ ଲାଗିଅଛି । ତହିଁରୁ ଜଣାଯାଏ ଯେ ଗଙ୍ଗବଂଶୀୟ ରାଜା ଚୋଡ଼ଗଙ୍ଗଙ୍କ ପୁତ୍ର

'ରାଜରାଜ ୨ୟ'ଙ୍କର ଶ୍ୟାଳକ 'ସ୍ୱପ୍ନେଶ୍ୱର' ଦେବ ଏହାକୁ ନିର୍ମାଣ କରିଥିଲେ । ଏଣୁ 'ମେଘେଶ୍ୱର' ମନ୍ଦିରର ନିର୍ମାଣକାଳ ରାଜରାଜଙ୍କ ରାଜତ୍ୱର ଶେଷବର୍ଷ ଖ୍ରୀ:୧୧୯୦ ବା ତାହାର ଦୁଇ ଏକବର୍ଷ ପୂର୍ବବର୍ତ୍ତୀ ବୋଲି ଧରାଯାଇ ପାରେ ।

ଗଙ୍ଗବଂଶୀୟ ରାଜାମାନଙ୍କର ରାଜତ୍ୱକାଳରେ ଖ୍ରୀ:୧୨୭୮ ରେ ଅନଙ୍ଗଭୀମଦେବଙ୍କ କନ୍ୟା, ନରସିଂହଦେବ ୧ମଙ୍କ ଭଗିନୀ ଓ ଭାନୁଦେବ ପ୍ରଥମଙ୍କ ପିଉସୀ ଚନ୍ଦ୍ରାଦେବୀ ଭୁବନେଶ୍ୱରସ୍ଥିତ ବିନ୍ଦୁ ସରୋବରର ପୂର୍ବଆଡ଼ରେ ଭୁବନେଶ୍ୱରର ଏକମାତ୍ର ବିଷ୍ଣୁ ମନ୍ଦିର 'ଅନନ୍ତ-ବାସୁଦେବ' ମନ୍ଦିର ସ୍ଥାପନ କରି ତହିଁରେ ଏକ ଶିଳାଲିପି ସ୍ଥାପନ କରିଥିଲେ । ସେହି ଶିଳାଲିପି ପ୍ରାୟ ୧୮୧୦ ପୂର୍ବରୁ ସେଠାରୁ ସ୍ଥାନାନ୍ତରିତ ହୋଇ ଷ୍ଟୁଆର୍ଟ ନାମକ ଜଣେ ସୈନିକ ବିଭାଗର ଇଂରାଜ କର୍ମଚାରୀଦ୍ୱାରା ଲଣ୍ଡନକୁ ପ୍ରେରିତ ହୋଇଥିଲା ଓ ତାହାପରେ ଲଣ୍ଡନର 'ରଏଲ ଏସିଆଟିକ୍ ସୋସାଇଟି'ର ଗ୍ରନ୍ଥାଗାରରେ ସ୍ଥାନପାଇଲା । ଇତି ମଧ୍ୟରେ ଭୁବନେଶ୍ୱରର ପଣ୍ଡାମାନଙ୍କ ଆନ୍ଦୋଳନ ଦ୍ୱାରା 'କିଟୋ ନାମକ ଅନ୍ୟ ଜଣେ ଇଂରେଜ କର୍ମଚାରୀଙ୍କ ଚେଷ୍ଟାରେ କଲିକତାସ୍ଥିତ 'ଏସିଆଟିକ୍ ସୋସାଇଟି' ସଂଗ୍ରହାଳୟରେ ଥିବା ତିନୋଟି ଶିଳାଲିପି ଭୁବନେଶ୍ୱରକୁ ପ୍ରତ୍ୟର୍ପିତ ହେଲା । ଏହି ତିନୋଟି ମଧ୍ୟରୁ ଗୋଟିଏ ଲିପି ବ୍ରହ୍ମେଶ୍ୱର ମନ୍ଦିରର, ଅନ୍ୟଟି ମେଘେଶ୍ୱର ମନ୍ଦିରର ମାତ୍ର ତୃତୀୟ ଲିପିଟି ବଙ୍ଗଦେଶର ଭବଦେବ ଭଟ୍ଟଙ୍କର । ବର୍ତ୍ତମାନ ବ୍ରହ୍ମେଶ୍ୱର ମନ୍ଦିର ଲିପିଟିର ଅସ୍ତିତ୍ୱ ନାହିଁ । 'ଅନନ୍ତ ବାସୁଦେବ' ମନ୍ଦିର ବେଢ଼ାର କାନ୍ଥରେ 'ମେଘେଶ୍ୱର' ଲିପିଟି ଓ 'ଭବଦେବ ଭଟ୍ଟ ଲିପିଟି' ଲାଗିଥିବାର ଦେଖାଯାଏ । 'ଭବଦେବ ଭଟ୍ଟ' ଲିପି ସେଠାରେ ଥିବାରୁ 'ଅନନ୍ତ ବାସୁଦେବ' ମନ୍ଦିରଟି ଭବଦେବ ଭଟ୍ଟଙ୍କର କୀର୍ତ୍ତି ବୋଲି ଐତିହାସିକମାନେ ଗ୍ରହଣ କରିଥିଲେ । ବହୁବର୍ଷ ଅନୁସନ୍ଧାନ ପରେ ଲେଖକ ପ୍ରମାଣ କରି ପାରିଲା ଯେ ଭବଦେବ ଭଟ୍ଟଙ୍କ ସହିତ ଏହି ମନ୍ଦିରର କୌଣସି ସମ୍ପର୍କ ନଥିଲା । ଲଣ୍ଡନରେ ଥିବା ଶିଳାଲିପିଟି ହିଁ ଅନନ୍ତବାସୁଦେବ ମନ୍ଦିରର ପ୍ରକୃତ ଶିଳାଲିପି । ଭବଦେବ ଭଟ୍ଟଙ୍କ ଶିଳାଲିପିଟି ୧୭୯୫ ରେ ପୂର୍ବବଙ୍ଗର

ଢାକା ନକଟ ବର୍ତ୍ତୀ କୌଣସି ସ୍ଥାନରୁ ସ୍ଥାନାନ୍ତରିତ ହୋଇ ଢାକାରେ ଥିଲା ଓ ସେଠାରୁ ୧୮୧୪-୨୪ ମଧ୍ୟରେ କଲିକତାର 'ଏସିଆଟିକ୍ ସୋସାଇଟି'କୁ ପ୍ରେରିତ ହୋଇଥିଲା ଓ ୧୮୩୮ରେ ଭ୍ରମବଶତଃ ତାହା ପୁଣି କଲିକତାରୁ ଭୁବନେଶ୍ୱରକୁ ସ୍ଥାନାନ୍ତରିତ ହୋଇ ଅଦ୍ୟାପି 'ଅନନ୍ତ ବାସୁଦେବ' ମନ୍ଦିରର ବେଢ଼ାରେ ସ୍ଥାନ ପାଇଅଛି ।

ଚନ୍ଦ୍ରାଦେବୀଙ୍କ ଶିଳାଲିପିରେ ଶକାବ୍ଦ ୧୨୦୦ର ଉଲ୍ଲେଖ ଥିବାରୁ ଏହାର ଗଠନକାଳ ଖ୍ରୀ:୧୨୭୮ ବୋଲି ସ୍ପଷ୍ଟଭାବରେ ଜଣାଯାଇଛି । 'ଅନନ୍ତବାସୁଦେବ' ମନ୍ଦିର ନରସିଂହଦେବ ୧ମଙ୍କର ପୁତ୍ର ଭାନୁଦେବ ୧ମଙ୍କ ରାଜତ୍ୱକାଳରେ ଗଠିତ ହୋଇଥିଲା । କୋଣାର୍କର ସୂର୍ଯ୍ୟମନ୍ଦିର ନରସିଂହ ଦେବ ୧ମଙ୍କ ଦ୍ୱାରା ନିର୍ମିତ ହୋଇଥିଲା । ଏଣୁ କୋଣାର୍କ ମନ୍ଦିର ଅନନ୍ତ ବାସୁଦେବ ମନ୍ଦିରର ପୂର୍ବବର୍ତ୍ତୀ, ମାତ୍ର ୨୦।୨୫ ବର୍ଷ ବା ତହିଁରୁ କମ ବ୍ୟବଧାନ । ଏଥିପାଇଁ ସ୍ଥାପତ୍ୟ ଓ ଭାସ୍କର୍ଯ୍ୟ ଉଭୟ ମନ୍ଦିରର ପ୍ରାୟ ଏକ ପ୍ରକାର । ମନ୍ଦିର ଗାତ୍ରରେ ରଥ ଚକର ପରିକଳ୍ପନା ପାଇଁ କୋଣାର୍କ ମନ୍ଦିରରେ ଉଚ୍ଚ ପୀଠର ପ୍ରୟୋଜନ ହୋଇଥିଲା ଓ ପାର୍ଶ୍ୱଦେବତା ଗୁଡ଼ିକର ତିନି ପାର୍ଶ୍ୱରେ ତିନୋଟି କ୍ଷୁଦ୍ରମନ୍ଦିର ଏହି ଉଚ୍ଚପୀଠ ଉପରେ ଓ ମୂଳ ମନ୍ଦିରର ଅଙ୍ଗୀଭୂତ ହୋଇ ଗଠିତ ହୋଇଥିଲା । ମନ୍ଦିର ସ୍ଥାପତ୍ୟର ଏହି ନୂତନତ୍ୱ, ଯାହା କୋଣାର୍କରେ ବିକଶିତ ହୋଇଥିଲା, ତାହା ପରବର୍ତ୍ତୀ ମନ୍ଦିର ଗୁଡ଼ିକରେ ପ୍ରଚଳିତ ହୋଇଥିଲା ଓ ଅନନ୍ତବାସୁଦେବ ମନ୍ଦିରରେ ତାହା ଅନୁସୃତ ହୋଇଅଛି । କୋଣାର୍କ ମନ୍ଦିରର ଭଗ୍ନାବଶେଷରୁ କେତୋଟି ଦିକ୍‌ପାଳ ମୂର୍ତ୍ତି ମିଳିଅଛି; ମାତ୍ର ମନ୍ଦିର ଭଗ୍ନ ହୋଇଥିବାରୁ ଦିକ୍‌ପାଳଗୁଡ଼ିକର ଆସ୍ଥାନ ମନ୍ଦିରର କେଉଁଠାରେ ଥିଲା, ତାହା ଜାଣିବାର ଉପାୟ ନାହିଁ । ସମୟର ବ୍ୟବଧାନ ଯୋଗୁଁ ଅନନ୍ତବାସୁଦେବ ମନ୍ଦିରରେ ଦିକ୍‌ପାଳଙ୍କ ସ୍ଥାନ ଉପରେ ଦିକ୍‌ପାଳଗୁଡ଼ିକର 'ଶକ୍ତି' ମୂର୍ତ୍ତି ନୂତନ ଭାବରେ ପରିକଳ୍ପିତ ହୋଇ ମନ୍ଦିରରେ ସ୍ଥାନ ପାଇଅଛି । ସ୍ଥାପତ୍ୟ ଓ ଭାସ୍କର୍ଯ୍ୟରେ ଏହାହିଁ ଅନନ୍ତ ବାସୁଦେବ ମନ୍ଦିରର ନୂତନତ୍ୱ ।

ପୂର୍ବେ ବୋଲାଯାଇଛି ଯେ ଅନନ୍ତବାସୁଦେବ ମନ୍ଦିର ଭୁବନେଶ୍ୱରର ଏକମାତ୍ର ବୈଷ୍ଣବ ମନ୍ଦିର । ଏହି ମନ୍ଦିରର ଦେବତା ଅନନ୍ତ-ବାସୁଦେବ ଓ ସୁଭଦ୍ରାର ମୂର୍ତ୍ତିଗୁଡ଼ିକ ମନୁଷ୍ୟାକୃତି ପ୍ରସ୍ତର ମୂର୍ତ୍ତି । ପୁରୀର ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରା ମୂର୍ତ୍ତି ଗୁଡ଼ିକ କାଠରେ ନିର୍ମିତ ଯୋଗୁଁ ଯେପରି 'ଦାରୁବ୍ରହ୍ମ' ନାମ ପାଇଛି ଏହି ମନ୍ଦିରର ମୂର୍ତ୍ତି ଗୁଡ଼ିକ ଭୁବନେଶ୍ୱରର ଉପପୁରାଣଗୁଡ଼ିକରେ 'ଶିଳାବ୍ରହ୍ମ' ନାମରେ କଥିତ । ଏହି ମନ୍ଦିରର ଦେବତାଙ୍କ ସ୍ଥାନ ଭୁବନେଶ୍ୱରରେ ଅଗ୍ରଗଣ୍ୟ ଓ ଏହାଙ୍କ ପ୍ରଭାବରେ ଲିଙ୍ଗରାଜ ଶିବ ହରିହର ରୂପେ ରୂପାନ୍ତରିତ ହୋଇ ଅଛନ୍ତି । ଶୈବ କ୍ଷେତ୍ରରେ ବୈଷ୍ଣବ ପ୍ରଭାବ ଗଙ୍ଗବଂଶୀୟ ବୈଷ୍ଣବ ରାଜାମାନଙ୍କ ଦ୍ୱାରା ସମ୍ଭବ ହୋଇଛି ବୋଲି ଅନୁମିତ ହୁଏ ।

ଅନନ୍ତବାସୁଦେବ ମନ୍ଦିରର ଶିଳାଲିପିରୁ ଜଣାଯାଏ ଯେ ସେତେବେଳେ ଅର୍ଥାତ୍ ତ୍ରୟୋଦଶ ଶତାବ୍ଦୀରେ ବିନ୍ଦୁ ସରୋବର ଏକ ତୀର୍ଥରୂପେ ପରିଗଣିତ ହୋଇଥିଲା । ବର୍ତ୍ତମାନ ପ୍ରଶ୍ନ ହେଉଛି ଯେ ବିନ୍ଦୁ ସରୋବର କେବେ ଖୋଳା ହେଲା ? ମୋର ମନେ ହୁଏ ଯେ ଲିଙ୍ଗରାଜ ମନ୍ଦିର ଗଠିତ ହେଉଥିବାବେଳେ ମନ୍ଦିର ଉପରକୁ ପଥର ବୋହିବା ପାଇଁ ଯେଉଁ ମାଟି ଗଦାର 'ଗୁର' ଗଢ଼ା ହୋଇ ଥିଲା ତାହାର ମାଟି ପାଇଁ ବିନ୍ଦୁ ସରୋବର ଖୋଳା ହୋଇଥିଲା ଓ ମନ୍ଦିର ନିର୍ମାଣପରେ ମାଟି ଗଦାର 'ଗୁର' ଭାଙ୍ଗି ଇତସ୍ତତଃ ମେଲାଇ ଦିଆଯାଇ ଲୋକମାନଙ୍କ ବ୍ୟବହାର ପାଇଁ ପୋଖରୀଟିକୁ ରଖା ଯାଇଥିଲା । ବିନ୍ଦୁ ସରୋବର ଦକ୍ଷିଣ କୂଳରେ ଥିବା 'ମୋହିନୀ ମନ୍ଦିର' ଏକ ସପ୍ତମ ଶତାବ୍ଦୀର କାର୍ଯ୍ୟ । ଏହି ମନ୍ଦିରର ଦକ୍ଷିଣ ଦିଗ ମାଟିରେ ପୂର୍ଣ୍ଣଥିଲା । ଏହି ମନ୍ଦିର ମରାମତି କଲାବେଳେ ଦେଖାଗଲା ଯେ, ଏହାର ଗୁର କୋଣରେ ଥିବା ଛୋଟ ମନ୍ଦିର ଗୁଡ଼ିକର ଭଗ୍ନାବଶେଷ ମାଟିରେ ପୋତା ପଡ଼ିଥିଲା । ଏପରିକି ମୋହିନୀ ମନ୍ଦିରର ଦକ୍ଷିଣ ଓ ପଶ୍ଚିମ ପାର୍ଶ୍ୱରେ ଅର୍ଦ୍ଧେକ ମଧ୍ୟ ପୋତିହୋଇ ପଡ଼ିଥିଲା । ପୋଖରୀ ଖୋଳାନବେଲେ ପୋଖରୀ ଗୁଡ଼ିକ ପ୍ରାୟ ବର୍ଗାକାର ବା ଆୟତାକାର ହେବାର ଦେଖାଯାଏ, ମାତ୍ର ବିନ୍ଦୁ ସରୋବରର ଆକାର ସେପରି ନୁହେଁ । ଏହାର ଚତୁର୍ଦ୍ଦିଗରେ

ପ୍ରାଚୀନ ମନ୍ଦିରଗୁଡ଼ିକ ଅବସ୍ଥିତ ଥିବାରୁ ଏପରି ଆକାର ହେବାର ସମ୍ଭବପର । ଏହି ସବୁ କାରଣରୁ ମନେ ହୁଏ ଯେ, ବିନ୍ଦୁ ସରୋବର ଲିଙ୍ଗରାଜ ମନ୍ଦିର ଗଠିତ ହେଲାବେଳେ ଖୋଳା ଯାଇଥିଲା ।

ଭୁବନେଶ୍ୱର ସମ୍ବନ୍ଧରେ 'ଏକାମ୍ର ପୁରାଣ' 'ସ୍ୱର୍ଣ୍ଣାଦ୍ରି ମହୋଦୟ' ଏକାମ୍ର ଚନ୍ଦ୍ରିକା 'କପିଳ ସଂହିତା' ପ୍ରଭୃତି କେତେଗୁଡ଼ିଏ ସଂସ୍କୃତ ଭାଷାରେ ଗ୍ରନ୍ଥ ଅଛି । ଏ ଗ୍ରନ୍ଥଗୁଡ଼ିକରେ କେତେକ ଐତିହାସିକ କଥା କିମ୍ବଦନ୍ତୀ ଆକାରରେ ସ୍ଥାନ ପାଇ ପାରେ । ତେବେ ବ୍ରହ୍ମେଶ୍ୱର ମନ୍ଦିରଟିର ଶିଳାଲିପି ଥିବା ସତ୍ତ୍ୱେ ଏହି ମନ୍ଦିରଟି ଯେ ଏହିସବୁ ଗ୍ରନ୍ଥରେ ମନୁଷ୍ୟର କାର୍ଯ୍ୟ ନୁହେଁ ବୋଲି ବର୍ଣ୍ଣିତ ହୋଇ ଥିବାରୁ ଅନୁମିତ ହୁଏ ଯେ, ଏହି ସବୁ ଗ୍ରନ୍ଥର ଲେଖକମାନଙ୍କର ଐତିହାସିକ ଦୃଷ୍ଟିକୋଣ ଆଦୌ ନ ଥିଲା ।

## ଭୁବନେଶ୍ୱରସ୍ଥ ତିନୋଟି ମନ୍ଦିରର ସାରକ ଶିଳାଲିପି

**ଉପକ୍ରମଣିକା**- ୧୮୦୩ ଖ୍ରୀ:ରେ ବ୍ରିଟିଶ ଗଭର୍ଣ୍ଣମେଣ୍ଟ ଓଡ଼ିଶା ପ୍ରଦେଶ ଅଧିକାର କଲେ । ତତ୍ପରେ ବହୁ ଇଂରେଜ ରାଜକର୍ମଚାରୀ ଓଡ଼ିଶାକୁ ଆସି ଓଡ଼ିଶାର ପ୍ରାଚୀନକୀର୍ତ୍ତି ଓ ବିଭବ ଦେଖି ମୁଗ୍ଧ ହୋଇଥିଲେ । ୧୮୦୬ ଖ୍ରୀ:ରେ ତତ୍କାଳୀନ କଲେକ୍ଟର କୋଣାର୍କ ଦେଉଳର ରକ୍ଷଣାବେକ୍ଷଣ ପ୍ରତି ଗଭର୍ଣ୍ଣମେଣ୍ଟଙ୍କର ଦୃଷ୍ଟି ଆକର୍ଷଣ କରିଥିଲେ, ମାତ୍ର ଅର୍ଥ ଅଭାବରୁ ସେତେବେଳେ ସେ କାର୍ଯ୍ୟ ହୋଇ ପାରିଲା ନାହିଁ । ତାହା ସମ୍ଭବ ହୋଇଥିଲେ,କୋଣାର୍କ ଦେଉଳର ଅବସ୍ଥା ଆଜି ଏପରି ହୋଇ ନଥାନ୍ତା । ଷ୍ଟାର୍ଲିଂ ସାହେବଙ୍କ 'ଓଡ଼ିଶା' ଗ୍ରନ୍ଥଟି ଇଂରେଜ ଜାତିର ଇତିହାସ ସଙ୍କଳନ ସ୍ପୃହାର ଗୋଟିଏ ବିଶିଷ୍ଟ ନିଦର୍ଶନ । ମେଜର କିଟୋଙ୍କ ୧୮୩୭ ଖ୍ରୀ:ର ଲେଖାରୁ ଜଣାଯାଏ ଯେ ସେତେବେଳର ପୁରୀ ରାଜା ରାମଚନ୍ଦ୍ର ଦେବ କୋଣାର୍କ ମନ୍ଦିରର କାନ୍ଥଭାଙ୍ଗି ସେଥିରେ ଥିବା ମୂର୍ତ୍ତିଗୁଡ଼ିକୁ ପୁରୀ ସହରକୁ ବହି ଆଣୁଥିଲେ—ସୁନ୍ଦର ସୁନ୍ଦର ମୂର୍ତ୍ତିଗୁଡ଼ିକୁ ଅତି ଉଚ୍ଚ ସ୍ଥାନରୁ ତଳକୁ ଫିଙ୍ଗିବାଦ୍ୱାରା କେତେ ଯେ ମୂର୍ତ୍ତି ଭାଙ୍ଗି ଚୂରମାର ହୋଇଥିଲା, ତାହାର ଠିକଣା ନାହିଁ । ପୁରୀ ରାଜାଙ୍କର ଏପରି କରିବାର ଆଉ ଗୋଟିଏ

ଉଦ୍ଦେଶ୍ୟ ଥିଲା ବୋଲି ମନେ ହୁଏ । ସେତେବେଳେ ଓ ତତ୍‌ପୂର୍ବରୁ ଇଂରେଜ ରାଜକର୍ମଚାରୀମାନେ ଓଡ଼ିଶାର ମୂର୍ତ୍ତି ଓ ଲିପି ସଂଗ୍ରହ କରୁଥିଲେ । ତେଣୁ ସେମାନଙ୍କୁ ସନ୍ତୁଷ୍ଟ କରିବା ପାଇଁ ଏ ଦେଶର ଅନେକ ଲୋକ ସାହେବ ମାନଙ୍କୁ କିଛି ଜିନିଷ ଦେଉଥିଲେ । ଏହି ସୂତ୍ରରେ ଓଡ଼ିଶାର ଗୃରୁକଳାର କେତୋଟି ଉତ୍କୃଷ୍ଟ ମୂର୍ତ୍ତି ବିଲାତ ପର୍ଯ୍ୟନ୍ତ ଯାଇ ଲଣ୍ଡନର ପ୍ରସିଦ୍ଧ ବ୍ରିଟିଶ ମିଉଜିଅମ୍‌ରେ ସ୍ଥାନ ପାଇଅଛି । ବ୍ରିଟିଶ ମିଉଜିଅମରେ ଥିବା 'ଋଷଭ' ଓ ମହାବୀରଙ୍କ ଯୁଗ୍ମ ମୂର୍ତ୍ତି ଗୁଡ଼ିକ, ନଟରାଜ ମୂର୍ତ୍ତି ଓ ପଞ୍ଚମୁଖୀ ଗଣେଶ ମୂର୍ତ୍ତିଗୁଡ଼ିକର ପଟାନ୍ତର ମୂର୍ତ୍ତି ଏବେ ଓଡ଼ିଶାର କୌଣସି ସ୍ଥାନରେ ଥିବାର ଜଣାଯାଇ ନାହିଁ । ବ୍ରିଟିଶ ମିଉଜିଅମରେ ଏହି ମୂର୍ତ୍ତିଗୁଡ଼ିକ ଷ୍ଟୁଆର୍ଟ—ବ୍ରିଜ (**Stuart Bridge**) ସଂଗ୍ରହ ବୋଲି ପରିଚିତ । ଜେନେରାଲ ଚାର୍ଲସ୍ ଷ୍ଟୁଆର୍ଟ ଖ୍ରୀ: ୧୭୭୭ରୁ ୧୮୨୮ ପର୍ଯ୍ୟନ୍ତ ଏ ଦେଶରେ ଚାକିରି କରିଥିଲେ । ଭାରତବର୍ଷର ଧର୍ମ ଓ ଚିନ୍ତାଧାରାରେ ସେ ଏପରି ଆକୃଷ୍ଟ ହୋଇଥିଲେ ଯେ, ଲୋକେ ତାଙ୍କୁ 'ହିନ୍ଦୁ ଷ୍ଟୁଆର୍ଟ' ଆଖ୍ୟା ଦେଇଥିଲେ । ପ୍ରାଚୀନ କୀର୍ତ୍ତି ପ୍ରତି ତାଙ୍କର ଏତେଦୂର ସ୍ପୃହା ଥିଲା ଯେ, ସେ ତାଙ୍କର ପସନ୍ଦ ସହି ଗୋଟିଏ ଜିନିଷ ସଂଗ୍ରହ କରି ନପାରିଲେ ତାହା ଚୋରି କରିବାକୁ କୁଣ୍ଠିତ ହେଉ ନଥିଲେ । ତାଙ୍କର ସଂଗ୍ରହ ମଧ୍ୟରୁ ଆଠଟି ଶିଳାଲିପି କଲିକତାସ୍ଥିତ 'ଏସିଆଟିକ୍ ସୋସାଇଟି'ର ମିଉଜିଅମକୁ ଦାନ କରିଥିଲେ । ୧୮୨୫ ଖ୍ରୀ:ରେ ମୁଦ୍ରିତ, 'ଏସିଆଟିକ ରିସାର୍ଚ୍ଚେସ' (**Asiatic researches**) ଗ୍ରନ୍ଥରେ ଯହିଁରେକ ଷ୍ଟାର୍ଲିଂ ସାହେବଙ୍କ ଲିଖିତ 'ଓଡ଼ିଶା' ମୁଦ୍ରିତ ହୋଇଥିଲା ଏହି ଶିଳାଲିପିଗୁଡ଼ିକର ତାଲିକା ଅଛି । ତନ୍ମଧ୍ୟରୁ "ଓଡ଼ିଶାର ଭୁବନେଶ୍ୱରରୁ ସଂସ୍କୃତ ଲିପିଯୁକ୍ତ ଦୁଇଖଣ୍ଡ ଶିଳା-ଫଳକ"ର ନାମ ଅଛି । ଆଉ ୬ଟି ଶିଳାଲିପିର ବର୍ଣ୍ଣନାରୁ ବୁଝାଯାଇଅଛି ଯେ, ସେଗୁଡ଼ିକ ଭୁବନେଶ୍ୱରରୁ ସଂଗୃହୀତ ହୋଇନଥିଲା । ଏଗୁଡ଼ିକ କେବେ ଓ କିପରି ଭାବରେ ତାଙ୍କଦ୍ୱାରା ସଂଗୃହୀତ ହୋଇଥିଲା, ତାହାର ସଠିକ ପ୍ରମାଣ ମିଳୁନାହିଁ । ୧୮୨୮ରେ ସେ କଲିକତାରେ ପ୍ରାଣତ୍ୟାଗ କଲେ । ତାଙ୍କର ସମାଧି ମନ୍ଦିରରେ ମଧ୍ୟ ଅନେକଗୁଡ଼ିଏ ପ୍ରାଚୀନ କୀର୍ତ୍ତି ଓ ସହଣି (**votire**) ମନ୍ଦିର ରଖାଯାଇଅଛି । ମୃତ୍ୟୁ ପରେ ତାଙ୍କର ବଂଶଧରମାନେ ତାଙ୍କ ନିଜର ସଂଗୃହୀତ ସମସ୍ତ ଜିନିଷ

ବିଲାତ ନେଇ ଯାଇଥିଲେ । ବିଲାତରେ ଜେମସ୍ ବ୍ରିଜ (James Bridge) ନାମକ ଜଣେ ଲୋକ ସେ ସବୁ କିଣି ନେଇଥିଲେ ଓ ୧୮୭୨ରେ ବ୍ରିଜଙ୍କ ବଂଶଧରମାନେ ସେଗୁଡ଼ିକୁ ବ୍ରିଟିଶ ମିଉଜିଅମ୍‌କୁ ଦାନ କରିଥିଲେ । ଲଣ୍ଡନର 'ରଏଲ ଏସିଆଟିକ୍ ସୋସାଇଟି'ରେ ଭୁବନେଶ୍ୱର ଚନ୍ଦ୍ରାଦେବୀଙ୍କ ପ୍ରଶସ୍ତିର ଶିଳାଲିପିଟି ଅଦ୍ୟାପି ରହିଅଛି । ଏହି ଶିଳାଲିପିଟି କିପରି ସେଠାକୁ ଗଲା, ତାହାର କିଛି ପ୍ରମାଣ ନାହିଁ । ଷ୍ଟୁଆର୍ଟ-ବ୍ରିଜ ସଂଗ୍ରହ ଭିତରେ ଥିଲେ ଏହା ବ୍ରିଟିଶ ମିଉଜିୟମରେ ସ୍ଥାନପାଇଥାନ୍ତା । ଏଣୁ ମନେହେଉଛି ଯେ ଏହି ଶିଳାଲିପିଟିକୁ ଷ୍ଟୁଆର୍ଟ ଜୀବିତାବସ୍ଥାରେ ବିଲାତକୁ ପଠାଇ ଦେଇଥିଲେ । ଏଥିରୁ ପ୍ରମାଣିତ ହେଉଅଛି ଯେ, ଭୁବନେଶ୍ୱରର ତିନୋଟି ମନ୍ଦିରରୁ ତିନୋଟି ସ୍ମାରକ ଶିଳାଲିପି ସଂଗ୍ରହ କରି ତନ୍ମଧ୍ୟରୁ ଦୁଇଟି ଶିଳାଲିପି କଲିକତାର ଏସିଆଟିକ ସୋସାଇଟିକୁ ଓ ଗୋଟିଏ ଶିଳାଲିପି, ଲଣ୍ଡନର ରଏଲ ଏସିଆଟିକ ସୋସାଇଟିକୁ ଦାନ କରିଥିଲେ ।

କଲିକତାର ଏସିଆଟିକ ସୋସାଇଟିର ମିଉଜିୟମରେ ଥିବା ଭୁବନେଶ୍ୱରର ଦୁଇଟି ଶିଳାଲିପି କିପରି ଭାବରେ ରହିଗଲା ତାହାର ବିବରଣ ତଳେ ଦିଆଯାଉଅଛି । ଏସିଆଟିକ୍ ସୋସାଇଟିର ପତ୍ରିକାର ୫ମ ଭାଗ—୧୮୩୬ର ପୃ୭୨୪ଷ୍ଠାରେ ସେକ୍ରେଟାରୀ ଜେମ୍‌ସ ପ୍ରିନସେପ୍ (James Prinsep) ସାହେବ ଲେଖିଅଛନ୍ତି ଯେ :

ଆମ୍ଭମାନଙ୍କର ମିଉଜିଅମ୍‌ରେ ଥିବା ଅଧିକାଂଶ ଶିଳା ଲେଖ-ଗୁଡ଼ିକ କେଉଁଠାରୁ ଆସିଲା ବା କିଏ ଦେଲା ତାହାର କିଛି କାଗଜପତ୍ର ମିଳୁ ନାହିଁ । ସେଗୁଡ଼ିକର ଲେଖା ଭିତରେ ତତ୍‌ସମ୍ବନ୍ଧେ ଯେପରି କିଛି ସୂଚନା ନ ମିଳିଲେ ସବୁ ପଣ୍ଡଶ୍ରମ ମାତ୍ର; କାଳେ ଛପା ହେଲେ ସେଗୁଡ଼ିକର ପରିଚୟ ମିଳିବ ଏହି ଅଭିପ୍ରାୟରେ ମୁଁ ଲିପିର ଛାପ ସହିତ କେତେଗୁଡ଼ିଏ ପ୍ରବନ୍ଧ ଲେଖିବାର ମନସ୍ଥ କରିଅଛି ।"

ବଙ୍ଗୀୟ ଏସିଆଟିକ ସୋସାଇଟି ଖ୍ରୀ: ୧୭୮୪ରେ ସ୍ଥାପିତ ହେଲା । ଖ୍ରୀ: ୧୭୯୬ରେ ମେମ୍ବରମାନଙ୍କ ପ୍ରଦତ୍ତ ଜିନିଷଗୁଡ଼ିକର ରକ୍ଷଣାବେକ୍ଷଣ

ପାଇଁ ପ୍ରସ୍ତାବ ଉଠିଲା; ମାତ୍ର ୧୮୧୪ଯାଏଁ ସୋସାଇଟିର ମିଉଜିୟମ ସ୍ଥାପିତ ହୋଇନଥିଲା । ଖ୍ରୀ: ୧୭୮୪ ଠାରୁ ୧୮୧୪ ଯାଏଁ ୩୦ ବର୍ଷରେ ଯେ କେତେ ଜିନଷ ମିଉଜିୟମକୁ ଆସିଥିଲା ତାହାର କିଛି ତାଲିକା ନାହିଁ । ୧୮୧୬ରେ ପ୍ରଥମ ତାଲିକା ଏସିଆଟିକ ରିସାର୍ଚେସ ଗ୍ରନ୍ଥର ୧୧ଶ ଭାଗରେ ମୁଦ୍ରିତ ହେଲା । ତଦବଧି ଖ୍ରୀ: ୧୮୩୭ ଯାଏ ବାର୍ଷିକ ତାଲିକା ରହିଅଛି । ୧୮୨୨ ଜାନୁଆରୀଠାରୁ ମିଳିଥିବା ତାଲିକା ୧୫ଶ ଭାଗରେ ୧୮୨୫ରେ ମୁଦ୍ରିତ ହୋଇଥିଲା । ତହିଁରେ ଜେନେରାଲ ଷ୍ଟୁଆର୍ଟ ସାହେବଙ୍କ ପ୍ରଦତ୍ତ ଭୁବନେଶ୍ୱରର ୨ଟି ଶିଳାଲେଖ ସ୍ଥାନ ପାଇଥିଲା । କିନ୍ତୁ ଏ ଦୁଇଟି କେଉଁ କେଉଁ ମନ୍ଦିରରେ ଥିଲା, ତାହାର ଉଲ୍ଲେଖ ତହିଁରେ କିଛି ନଥିଲା ।

ଲେଫଟନେଣ୍ଟ ମାରଖାମ କିଟୋ ଏସିଆଟିକ ସୋସାଇଟି ମିଉଜିଅମ୍‌ର ୧୮୩୩ଠାରୁ ୧୮୩୮ ଯାଏ ଅଧ୍ୟକ୍ଷ [Curator] ଥିଲେ । ୧୮୩୭ ସାଲର ନଭେମ୍ବର ମାସରେ ଅନ୍ୟ କାର୍ଯ୍ୟ ଉପଲକ୍ଷେ ସେ କଟକ ଆସିଥିଲେ । ସେତେବେଳେ ପ୍ରିନସେପ ସାହେବ ଅଶୋକସ୍ତମ୍ଭ ଲିପିର ପାଠୋଦ୍ଧାର କରିବାରେ ବ୍ୟସ୍ତଥିଲେ । ଷ୍ଟାର୍ଲିଂ ସାହେବଙ୍କ ଓଡ଼ିଶା ପୁସ୍ତକରେ ଉଦୟଗିରିର ହାତୀଗୁମ୍ଫା ଲିପିର ଛାପ ମୁଦ୍ରିତ ହୋଇଥିଲା ଓ ତାହାର ଅକ୍ଷର ଅଶୋକସ୍ତମ୍ଭର ଅକ୍ଷର ସହିତ ସମାନ ଥିବାରୁ ଓ କିଟୋ ସାହେବ ବ୍ରାହ୍ମୀ ଅକ୍ଷର ପଢ଼ିପାରୁ ଥିବାରୁ ଏସିଆଟିକ୍ ସୋସାଇଟି ତରଫରୁ ଶିଳାଲିପିଟି ପରୀକ୍ଷା କରି ଦେଖିବା ପାଇଁ ତାଙ୍କୁ ଅନୁରୋଧ କରାଯାଇଥିଲା । ସେ ଉଦୟଗିରିର ହାତୀଗୁମ୍ଫା ଲିପି ଦେଖି ଧଉଳିଗିରିର ଅଶୋକ ଅନୁଶାସନ ଲିପିଟିର ସନ୍ଧାନ ପାଇ ତାହା ମଧ୍ୟ ଆବିଷ୍କାର କରିଥିଲେ । ଭୁବନେଶ୍ୱରରେ ମନ୍ଦିରଗୁଡ଼ିକ ଦେଖି ସେ ଗୁଡ଼ିକର ଚିତ୍ର ଅଙ୍କନ କରିବା ପାଇଁ ସେ ଯତ୍ନ କରିଥିଲେ; ମାତ୍ର ପଣ୍ଡାମାନେ ତାଙ୍କର କାର୍ଯ୍ୟରେ ବାଧା ଦେବାରୁ କାରଣ ଅନୁସନ୍ଧାନ କରି ସେ ବୁଝିଲେ ଯେ, ସାହେବମାନେ ମନ୍ଦିର ଲିପି ସବୁ କାଢ଼ି ନେଇ ଥିବାରୁ ସେମାନେ ବଡ଼ ମର୍ମାହତ ହୋଇ ଅଛନ୍ତି; ତେଣୁ ପଣ୍ଡାମାନଙ୍କୁ ସନ୍ତୁଷ୍ଟ କରିବା ଓ ମନ୍ଦିରଗୁଡ଼ିକର ଇତିହାସ ରକ୍ଷା କରିବା ପାଇଁ

ଏସିଆଟିକ୍ ସୋସାଇଟିକୁ ଲେଖିଲେ । ୧୮୩୭ ସାଲର ଏପ୍ରିଲ ତା୨ରିଖରେ ସେ ଯେଉଁ ଚିଠି ଲେଖିଥିଲେ, ତାହା ଏସିଆଟିକ୍ ସୋସାଇଟିର ମାସିକ ସଭାରେ ମେ ମାସ ତା୩ରିଖରେ ଆଲୋଚିତ ହୋଇଥିଲା । ସଭାର ବିବରଣୀରେ ଏସିଆଟିକ୍ ସୋସାଇଟି ପତ୍ରିକାର ପୃ୩୧୯ରେ ଲେଖାଅଛି:—

"Lieut. kittoe had met with obstructions in his inquiries from mistrust of the resident Bramans, which he found to originate in their temples having been robbed some years ago of slabs containing inscriptions, by some officer ; and he strongly urged the justice of restoring any such that might have come to the society's possession. One he suspected, from its dimensions, was the identical one Published in the Journal for February."

"The Secretary stated that on examination he found this to be the case, as a second inscription of precisely the same character, now under publication, contained the name of the Raja of Orrissa, who founded Bhubaneswar temple. The meeting resolved unanimously, that the slabs should be restored, and that Lieutenant Kittoe had their warmest thanks for the suggestion.

ଅର୍ଥାତ୍ ଲେଫ୍‌ଟେନେଣ୍ଟ କିଟୋଙ୍କର ଅନୁସନ୍ଧାନରେ ପଣ୍ଡାମାନେ ବାଧାଦେବାରୁ ସେ କାରଣ ପଗୁର ବୁଝିଲେ ଯେ, କେତେବର୍ଷ ପୂର୍ବେ ଜଣେ ସାହେବ କର୍ମଚାରୀ ମନ୍ଦିରଗୁଡ଼ିକରୁ ଶିଳାଲିପିଗୁଡ଼ିକ ବାହାର କରି ଜୋର ଜବରଦସ୍ତି ଘେନ ଯାଇଥିଲେ । ଏଥିପାଇଁ ସୋସାଇଟିର

ଜମାରେ ଥିବା ଶିଳାଲିପିଗୁଡ଼ିକ ତୁରନ୍ତ ଫେରାଇଦେବା ପାଇଁ ସେ ଦୃଢ଼ଭାବରେ ଲେଖି ଅଛନ୍ତି । ଗତ ଫେବୃଆରୀ ମାସରେ ଯେଉଁ ଶିଳାଲିପିଟି ସୋସାଇଟିର ପତ୍ରିକାରେ ମୁଦ୍ରିତ ହୋଇଅଛି, ତାହା ମାପଯୋଖ କରି ସେ ସନ୍ଦେହ କରୁଅଛନ୍ତି ଯେ, ସେହି ଲିପିଟି ପ୍ରଥମେ ଭୁବନେଶ୍ୱରରେ ଥିଲା । ତାଙ୍କୁ ସମର୍ଥନ କରି ସେକ୍ରେଟେରୀ କହିଲେ ଯେ ସେ ମଧ୍ୟ ସେହି ସିଦ୍ଧାନ୍ତରେ ଉପନୀତ ହୋଇ ଅଛନ୍ତି । ସେହି ଲିପିର ଅକ୍ଷରରେ ଲେଖା ଆଉ ଗୋଟିଏ ଶିଳାଲିପି ଚଳିତ ମାସରେ ମୁଦ୍ରିତ ହେଉଅଛି; ସେଥିରେ ଭୁବନେଶ୍ୱରର ଜଣେ ମନ୍ଦିର ନିର୍ମାତାଙ୍କର ନାମ ରହିଅଛି । ସଭାର ସମସ୍ତେ ଏକମତ ହୋଇ ସ୍ଥିରକଲେ ଯେ ଶିଳାଲିପିର ଫଳକ ଗୁଡ଼ିକ ଫେରାଇ ଦିଆଯାଉ । ଆଉ ଲେଫଟନେଣ୍ଟ କିଟୋଙ୍କୁ ତାଙ୍କର ସତ୍ ପରାମର୍ଶ ପାଇଁ ଧନ୍ୟବାଦ ଦିଆଯାଉ ।'

ଏସିଆଟିକ୍ ସୋସାଇଟି ପତ୍ରିକାର ଫେବୃଆରୀ ସଂଖ୍ୟାର ପୃ ୮୮-୯୭ରେ Translation of an Inscription of a stone in the Asiatic Society's Museum, marked No. 2" ଏସିଆଟିକ ସୋସାଇଟି ମିଉଜିଅମରେ ଥିବା ନ୨ ଶିଳାଲିପିର ଅନୁବାଦ ଶୀର୍ଷକ ପ୍ରବନ୍ଧଟି ବାହାରି ଥିଲା । କେପଟେନ ଜ: ଟି: ମାର୍ଶେଲ ତାହା ଲେଖିଥିଲେ । ପତ୍ରିକାର ସମ୍ପାଦକ ପ୍ରବନ୍ଧର ମୂଳରେ ଲେଖିଥିଲେ ଯେ, **We cannot discover by whom the stone was Presented to the society** ଅର୍ଥାତ୍ କିଏ ଏହି ଶିଳାଲିପିଟିକୁ ଉପହାର ଦେଇଥିଲେ, ତାହାର ନାମ ଆମ୍ଭେମାନେ ବାହାର କରିବାକୁ ସକ୍ଷମ ହୋଇନାହୁଁ ।

ତତ୍ପରେ ଏସିଆଟିକ୍ ସୋସାଇଟି ପତ୍ରିକାର ଏପ୍ରିଲ ସଂଖ୍ୟାର ପୃ୨୭୮-୨୮୮ରେ ସେକ୍ରେଟେରୀ ପ୍ରିନସେପ ସାହେବ ନିଜେ **Fascimiles of ancient Inscription"** ବା ପ୍ରାଚୀନ ଲିପିର ଅବିକଳ ନକଲ ନାମରେ ଗୋଟିଏ ପ୍ରବନ୍ଧ ଲେଖିଥିଲେ । ତହିଁରେ ସେ ଯାହା ଲେଖିଥିଲେ ସେଥିରୁ ପ୍ରମାଣିତ ହେଉଅଛି ଯେ, ୧୮୩୭ ମେ ମାସ ତାରିଖ ପୂର୍ବରୁ

ତାହା ଲିଖିତ ହୋଇଥିଲା । ପାଠକମାନଙ୍କର ଅବଗତି ସକାଶେ ତଳେ ତାଙ୍କର ଲେଖା ଉଦ୍ଧାର କରାଗଲା ।

"The subject selected for this month's illustration is a slab of dark stone, marked No. 6 in the Society's museum. Nothing is there recorded for its origin ; but the character in which it is cut (as may be seen by the lithographed specimen in pl. XVII. ) from a similar stone of a somewhat smaller size ; and which publication had led, in rather a singular manner, to the discovery of the source whence both were derived."

"Lieut. Kittoe, as I have before mentioned was lately requested on the part of the society to re-examine the inscription on the Khandagiri rock, published in stirling's memoir on Cuttack. (As Res. XV.) In doing this he came most unexpectedly upon a number of highly curious ancient temples and inscriptions, of which he hastened to make drawings and facsimiles. He found himself impeded and foiled by the brahmans of the spot, who even went so far as to abstract one of the copies which had cost him the most labour. Upon seeking the cause of so unusual a want of courtesy, the priests told him how their images and relics, had been carried off by former antiquaries and pointed out whence the commemorative slab had been actually cut out from the temples of Ananta Basudeva at Bhubaneswar by a late Colonel Sahib. The dimensions of the slab and the subject of invocation

*tallied* so *exactly* with the *inscription translated* by captain Marshall that Lieut. Kittoe wrote to me on the subject, and on referring to the list of donations at the end of eleventh volume * of Researches, I find General stewart set down as the donor of "two slabs with inscriptions from Bhubaneswar in Orissa."

"There was nothing in the frist of the two whence we could guess its locality ; the per on noted as the founder of the temple being a private *individual, named Bhatta Sri Bhavadeva; but in* the slab, now confidently conjectured to be its companion, we have a raja's name and ancestry which ought to afford a better clue."

× × ×

"The date of Raja Ananga Bhima also agrees closely with what was assumed from the styles of alphabet, and the "Samvat 32" of the Basudeva slab. It will hence become a question, whether these figures are, in all cases, to be referred to Cuttack era, or whether the same Deva-Nagari alphabet was in use from Shekavati to Benaras, Dinajpur and Orissa, in the 12th century, while each prince had then an era of his own"

× × ×

"I cannot conclude these preliminary femarks without animadverting upon the ruthless spelia-

---

* Asiatic Researches'ର ୧୧ଶ ଖଣ୍ଡରେ କିଛି ତାଲିକା ନାହିଁ । କଥିତ ତାଲିକାଟି ୧୫ଶ ଖଣ୍ଡରେ ଅଛି ।

tion which is often carried on by soidisant antiquaries, to the direct perversion of the true object of research—the preservation of ancient monuments, and there employment to elucidate the history of the country. The facts told by these two Bhubaneswar stones are utterly unintelligible, until accident pointed out whence they had come—and the local history of the temples was or would have been equally lost in another generation. It is to be hoped therefore that the Asiatic Society will hasten to restore them to their former positions. Such an act will contribute tenfold to the true objects of our institution by the confidence it will inspire in minds of the people who now watch our explorers with jealousy, and withhold valuable information, lest it should only yield to fresh acts of plunder and demolition'.

"Since writing the above, I am happy to perceive that the Society has determined on the immediate restitution of the two slabs through lieut. Kittoe, who has been requested to explain their removal, was the act of an individual, and would never have had their sanction, unless, they had been assured that the subjects were going to decay, or held in no estimation where they were."

ତତ୍ପରେ ଏସିଆଟିକ୍ ସୋସାଇଟିର ୧୮୩୭ ଜୁନ ୭ ତାରିଖ ମାସିକ ସଭାର ବିବରଣୀରେ ଲିପିବଦ୍ଧ ଅଛି :—

"Read a letter from lieutenant kittoe stating that he has despatched a cart to Tamlook to take down the Bhubaneswer slabs, the restoration of which had given the greatest satisfaction to the priest and people"

ଅର୍ଥାତ୍ 'ଲେଫ୍‌ଟେନାଣ୍ଟ କିଟୋଙ୍କର ଖଣ୍ଡିଏ ଚିଠି ପଢ଼ାହେଲା । ସେଥିରେ ସେ ଲେଖିଅଛନ୍ତି ଯେ, ଭୁବନେଶ୍ୱରର ଶିଳାଲିପିଗୁଡ଼ିକ ଗୋଟିଏ ଗୋରୁ ଗାଡ଼ିରେ ତାମଲୁକ ପଠାଇଅଛନ୍ତି । ଭୁବନେଶ୍ୱରର ଶିଳାଲିପିଗୁଡ଼ିକ ପ୍ରତ୍ୟର୍ପିତ ହେବାରୁ ପଣ୍ଡା ଓ ଲୋକମାନେ ଅତିଶୟ ସନ୍ତୁଷ୍ଟ ହୋଇଅଛନ୍ତି ।'

ତତ୍ପରେ ଅଗଷ୍ଟମାସ ୨ ତାରିଖର ବିବରଣୀରେ ଲିଖିତଅଛି:

"Lieut. kittoe announced the safe arrival of the Bhubaneswar inscriptions, which he was about to return to their respective temples."

ଅର୍ଥାତ୍ ଭୁବନେଶ୍ୱରର ଶିଳାଲିପିଗୁଡ଼ିକ ନିରାପଦରେ ଭୁବନେଶ୍ୱରରେ ପହଞ୍ଚିବାର କଥା କିଟୋ ସାହେବ କହିଥିଲେ । ଏହି ଶିଳାଲିପିଗୁଡ଼ିକ ଯେଉଁ ଯେଉଁ ମନ୍ଦିରରେ ଥିଲା, ସେହି ସେହି ମନ୍ଦିରରେ ରଖା ହେବାର ବ୍ୟବସ୍ଥା ମଧ୍ୟ କରାଯାଇଅଛି ।

ଉପର୍ଯ୍ୟୁକ୍ତ ଉଦ୍ଧୃତାଂଶରୁ ଜଣାଯାଉଅଛି ଯେ, ଭବଦେବ ଭଟ୍ଟଙ୍କର ଓ ସ୍ୱପ୍ନେଶ୍ୱର ଦେବଙ୍କର ପ୍ରଶସ୍ତିମୂଳକ ଶିଳାଲିପି ଦୁଇଟି ଭୁବନେଶ୍ୱରକୁ ପଠାହୋଇଥିଲା । ମାତ୍ର ନମ୍ନୋକ୍ତ ଏସିଆଟିକ୍ ସୋସାଇଟି ପତ୍ରିକାର ସପ୍ତମଭାଗ (୧୮୩୮) ପୃଷ୍ଠା୫୭ର ପ୍ରିନ୍‌ସେପ୍ ସାହେବଙ୍କ ଲେଖାରୁ ସ୍ପଷ୍ଟ ଜଣାଯାଉଅଛି ଯେ, ମୋଟରେ ତିନଖଣ୍ଡ ଶିଳାଲିପି ୧୮୩୭ରେ ଭୁବନେଶ୍ୱରକୁ ପଠାଯାଇଥିଲା ।

"Besides the two slabs of stone identified last year as belonging to the Bhubaneswar temples, in Cuttack and consequently returned to the Brahmans after perusal, there was a third broken into two pieces, which Mr. Kittoe pointed out as being in the same character and from the same locality. Before returned this he kindly took for me a very exact impression, whence I have copied the reduced facsimile in plate XXIV" (P. 557)

× × ×

"The stone was as stated above, returned to Bhubaneswar; but Mr. Kitttoe did not find as he anticipated any resulting cordiality or goodwill among the priesthood of the place, on the contrary they brought him a long list of purloined idols and impetuously urged him to procure their return as he had done that of the inscriptions." (P. 558)

ସେ ପୁରୀ ଓ କୋଣାର୍କ ଆସି ଅନେକ ଚିତ୍ର ଅଙ୍କନ କରିଥିଲେ । ତାହା ଅଦ୍ୟାପି ରହିଅଛି । ସେ ଯେଉଁ ଚିତ୍ର କରିଥିଲେ, ତହିଁରେ ତାରିଖ ଦେଇ ଅଛନ୍ତି । ଭୁବନେଶ୍ୱରରେ ସେ ୧୮୧୫ ସାଲରେ ’, ଏପ୍ରିଲ ୫ତାରିଖରୁ ତା୧୧ରିଖ ରହିଥିଲେ ଓ [୧] **Chundere Ishwar** [ଚନ୍ଦ୍ରେଶ୍ୱର] [୨] Bhavanee—Shankar [ଭବାନୀ ଶଙ୍କର] [୩] **Mage Ishwar**[ମେଘେଶ୍ୱର] [୪] **Kedarishwar** [କେଦାରେଶ୍ୱର] [୫] **Coopalee-Ishwar** [କପାଳେଶ୍ୱର] [୬] **Goωowarsra** [ଗୋଶ୍ୱରେଶ୍ୱର] ମନ୍ଦିରଗୁଡ଼ିକର ଚିତ୍ର ଅଙ୍କନ

କରିଥିଲେ । ତାଙ୍କର ଲେଖା ଲେଖଗୁଡ଼ିକ ମଧ୍ୟରେ କୌଣସି ଶିଳାଲିପିର ଉଲ୍ଲେଖ ନାହିଁ ।

ଭବଦେବ ଭଟ୍ଟଙ୍କର ଶିଳାଲିପିର ପାଠରେ ଓଡ଼ିଶାର ନାମଗନ୍ଧ ନାହିଁ । ତାହାକୁ କିଟୋ ସାହେବ ଯେ, କାହିଁକି ଅନନ୍ତବାସୁଦେବ ମନ୍ଦିରର ଶିଳାଲିପି ବୋଲି ସ୍ଥିରକଲେ, ତତ୍‌ସମ୍ବନ୍ଧେ ଏତିକି ସେ ଲେଖିଅଛନ୍ତି ଯେ, ଭୁବନେଶ୍ୱରର 'ଅନନ୍ତ ବାସୁଦେବ' ମନ୍ଦିରରୁ କର୍ଣ୍ଣେଲ ସାହେବ ସ୍ମାରକଲିପି କାଢ଼ି ନେଇଥିବାର କଥା ସେ ଶୁଣିଥିଲେ । ଭବଦେବ ପ୍ରଶସ୍ତିର ପ୍ରଥମରେ "ନମୋ ଭଗବତେ ବାସୁଦେବାୟ" ଲେଖାଥିବାର ଦେଖି ତାହାକୁ ବାସୁଦେବ ବା ଅନନ୍ତ ବାସୁଦେବ ମନ୍ଦିରର ଶିଳାଲିପିରୂପେ ଅନୁମାନ କରିବା ତାଙ୍କ ପକ୍ଷରେ ସହଜ । ଅନନ୍ତ ବାସୁଦେବ ମନ୍ଦିରର ପ୍ରକୃତ ଶିଳାଲିପି ସମ୍ବନ୍ଧେ ପରେ ଆଲୋଚିତ ହେବ ।

ଶିଳାଲିପିଗୁଡ଼ିକ ଭୁବନେଶ୍ୱରକୁ ଫେରିଆସି କେଉଁଠାରେ କିପରି ରହିଲା, ତାହାର ଠିକ୍ ବିବରଣୀ ମିଳୁନାହିଁ । ତେବେ କିଟୋ ସାହେବଙ୍କ ଲେଖାର **'Reapective temple'** କଥାରୁ ବୁଝାଯାଇ ଅଛି ଯେ; ଶିଳାଲିପିଗୁଡ଼ିକରୁ ପ୍ରତ୍ୟେକଟି ଯଥାଯଥ ମନ୍ଦିରରେ ସ୍ଥାନ ପାଇଥିଲା । ତଦନୁସାରେ ଧରିନେବାକୁ ପଡୁଅଛି ଯେ ବ୍ରହ୍ମେଶ୍ୱର ଶିଳାଲିପିଟି ବ୍ରହ୍ମେଶ୍ୱର ମନ୍ଦିରରେ, ମେଘେଶ୍ୱର ଶିଳାଲିପିଟି ମେଘେଶ୍ୱର ମନ୍ଦିରରେ ଓ ଭବଦେବ ଭଟ୍ଟଙ୍କ ଶିଳାଲିପିଟି ଅନନ୍ତ ବାସୁଦେବ ମନ୍ଦିରରେ ସ୍ଥାନ ପାଇଥିଲା । ତାହା ଯଦି କିଟୋ ସାହେବ କରିବା ପାଇଁ ସକ୍ଷମ ହୋଇନଥିଲେ, ତେବେ ସବୁ ଶିଳାଲିପିଗୁଡ଼ିକୁ ନିଶ୍ଚୟ ଏକ ସ୍ଥାନରେ ରଖାଇଥିଲେ । ଶେଷୋକ୍ତ ଅନୁମାନଟି ନିମ୍ନଲିଖିତ ରାଜେନ୍ଦ୍ରଲାଲ ମିତ୍ରଙ୍କ ଲେଖାରୁ ପ୍ରତିପନ୍ନ ହେଉଅଛି ।

ଖ୍ରୀ: ୧୮୩୭ ଠାରୁ ୧୮୮୦ ମଧ୍ୟରେ ଭୁବନେଶ୍ୱରର ଶିଳାଲିପି-ଗୁଡ଼ିକର ଆଲୋଚନା କେହି କରିଥିବାର ଜଣାଯାଇ ନାହିଁ । ହଣ୍ଟର ସାହେବ ଓଡ଼ିଶାର ଇତିହାସ ସମ୍ବନ୍ଧେ ଦୁଇଖଣ୍ଡ ବହି ଲେଖିଥିଲେ; ମାତ୍ର

ସେ ଭୁବନେଶ୍ୱରର ଏହି ଶିଳାଲିପିଗୁଡ଼ିକର କଥା କେବଳ ପ୍ରଥମଭାଗ ପୃ ୧୯୧-୧୯୨ରେ ଏକ ତାଲିକାରେ ଉଲ୍ଲେଖ କରିଥିଲେ । ପ୍ୟାରୀମୋହନ ଆଚାର୍ଯ୍ୟ ଲିଖିତ 'ଓଡ଼ିଶାର ଇତିହାସ' ପୁସ୍ତକ ୧୮୭୯ରେ ମୁଦ୍ରିତ ହୋଇଥିଲା । ତହିଁରେ ଏହି ଶିଳାଲିପିଗୁଡ଼ିକର କଥା ନାହିଁ ।

ରାଜେନ୍ଦ୍ର ଲାଲ ମିତ୍ର **Antiquities of Orissa vol. II** ଗ୍ରନ୍ଥର ପୃ ୮୦ରେ ଲେଖିଛନ୍ତି:

"There are existing two large slabs stuck on the western wall of the courtyard, bearing sanskrit inscriptions. One of these was originally intended for the temple of Brahmesvara and the other for that of Ananta and Vasudeva. Both of them had been removed from their proper places by General Stewart and deposited in the Museum of the Asiati c society of Bengal at about the early part of this century When Major (then Lieutenant) Kittoe visited Bhubaneswar in 1838, the priests complained bitterly of the sacrilege, and he suggested the restitution of the stones. The society readily permitted this, but in replacing them, through some mistake or other, the Major selected the outer wall of the temple for both of them, instead of their respective places. Before making the restitution, James Prinsep published transcripts and translation of both the records in the Journal of the Asiatic socity of Bengal. The Brahmesvara record will be noticed lower down. The other professes to be an eulogium of Bhatta Bhava Deva; a Bengalee Pandit of great reknown, and the record was

compased by his friend Vachaspati Misra. The date of Vachaspati is will knowa. It was about the close of the 11th Century and the temple is Consequently is of that date. The inscription as read by Major Marashall; runs thus:

ଉପ୍ରରେ ଶିଳାଲିପିର ପାଠ ଓ ଇଂରାଜୀ ଅନୁବାଦ ଦିଆଯାଇଛି । ପୁନଶ୍ଚ ପୃ୮୨ ରେ ସେ ଲେଖିଛନ୍ତି :

"Thetinscription refessed to under the head of Anata-Vasudeva ( P. 33 ) describes it as a monument erected by a pious lady named Kolavati mother of Udyotakesari".

The transcript and translation of the record are copied below from the Jonaral of the Asiatic Society VII PP. 558."

ଖ୍ରୀ୧୮୬୮-୬୯ରେ ତତ୍କାଳୀନ ବଙ୍ଗ ଗଭର୍ଣ୍ଣମେଣ୍ଟଙ୍କ ଦ୍ୱାରା ରାଜେନ୍ଦ୍ର ଲାଲ ମିତ୍ର ଓଡ଼ିଶାକୁ ପ୍ରେରିତ ହୋଇଥିଲେ । ତାଙ୍କର ଗ୍ରନ୍ଥ **Antiquities of Orissa** ୧ମଭାଗ ୧୮୭୬ ଓ ୨ୟ ଭାଗ ୧୮୮୦ରେ ମୁଦ୍ରିତ ହୋଇଥିଲା ।'

ପୂର୍ବୋଦ୍ଧୃତ ଲେଖାରୁ ଜଣା ଯାଇଅଛି ଯେ, ରାଜେନ୍ଦ୍ର ଲାଲ ଏସିଆଟିକ୍ ସୋସାଇଟିର ଖ୍ରୀ୧୮୩୭ ଓ ୧୮୩୮ର ପତ୍ରିକାରୁ ସମସ୍ତ ବିବରଣ ପାଇଥିଲେ । ମାର୍ଶେଲ୍ ସାହେବଙ୍କ ସମ୍ପାଦିତ' **Translation of an Inscription on a stone in the Asiatic society's Museum, marked No. 2"** ପ୍ରବନ୍ଧଟି ୧୮୩୭ ସାଲ୍ ଫେବ୍ରୁଆରୀ ମାସର ପତ୍ରିକାରେ ଛପା ହୋଇଥିଲା; ଏଥିରେ ସେକ୍ରେଟେରୀଙ୍କର କ୍ଷୁଦ୍ର ଟିପ୍ପଣୀ ଥିଲା । ମେଘେଶ୍ୱର ଶିଳାଲିପିଟିର ଶିରୋନାମାରେ' **Facsimiles of Ancient Incriptions by James Prinsep etc.**

ଲେଖାଥିଲ; କିନ୍ତୁ ବ୍ରହ୍ମେଶ୍ୱର ଶିଳାଲିପିଟିର ଶିରୋନାମା ଥିଲି । **"Brahmeswar Inscription From Cuttack."** ସେ ସମୟରେ 'କଟକ' କହିଲେ 'ଓଡ଼ିଶା' ବୁଝାଉଥିଲି । ଏସିଆଟିକ୍ ସୋସାଇଟି ପତ୍ରିକାରେ ମେଘେଶ୍ୱର ଶିଳାଲିପିର ନାମ ନଥିଲେ ମଧ୍ୟ ପ୍ରିନ୍‌ସେପ ସାହେବଙ୍କର ତତ୍‌ସମ୍ବନ୍ଧେ ଲିଖିତ ପ୍ରବନ୍ଧ ଯେ ତାଙ୍କର ଦୃଷ୍ଟିରେ ପଡ଼ି ନଥିଲା ଏହା କେହି ସନ୍ଦେହ କରିବେ ନାହିଁ । ଆହୁରି ଭୁବନେଶ୍ୱରରେ ଥିବା ବ୍ରହ୍ମେଶ୍ୱର ଓ ଭାସ୍କରେଶ୍ୱର ମନ୍ଦିରଟି କିପରି ତାଙ୍କର ଦୃଷ୍ଟିର ଅନ୍ତରାଳରେ ରହିଗଲା, ତାହା ମଧ୍ୟ ବୁଝାଯାଇ ନାହିଁ । ୧୮୩୭ରେ ଏସିଆଟିକ୍ ପତ୍ରିକାରୁ ମେଘେଶ୍ୱର ଶିଳାଲିପିର ପ୍ରବନ୍ଧ ପଢ଼ି ସେଥିରୁ ଭୁବନେଶ୍ୱରର ଲିପିଗୁଡ଼ିକ ଭୁବନେଶ୍ୱରକୁ ଫେରି ଆସିବାର ଜାଣି ଓ ଅନନ୍ତ ବାସୁଦେବ ମନ୍ଦିରର ପାଚେରୀରେ ଶିଳାଲିପିର ପଥରଟିକୁ ଆଖିରେ ଦେଖି ବ୍ରହ୍ମେଶ୍ୱର ଓ ଭାସ୍କରେଶ୍ୱର ମନ୍ଦିର ଦୁଇଟିର ନିକଟରେ ମେଘେଶ୍ୱର ମନ୍ଦିର ଦେଖି, ତାହାର ଶିଳାଲିପିଟିକୁ ତାଙ୍କ ଗ୍ରନ୍ଥରେ କାହିଁକି ଯେ ସେ ସ୍ଥାନ ଦେଲେ ନାହିଁ, ତାହା ସର୍ବାପେକ୍ଷା ବିସ୍ମୟକର ବ୍ୟାପାର ପରି ଲାଗୁଅଛି । ସ୍ଥାପତ୍ୟ ଓ କାରୁଶିଳ୍ପ ହିସାବରେ ମେଘେଶ୍ୱର ମନ୍ଦିରଟି ଭୁବନେଶ୍ୱରର ପଶ୍ଚିମଦ୍ୱାରୀ ଶିବମନ୍ଦିର ହିସାବରେ ସ୍ୱତନ୍ତ୍ର ଆସନ ପାଇଅଛି । ଶିଳାଲିପିର କଥା ଛାଡ଼ିଦେଲେ ମଧ୍ୟ ଶିଳ୍ପ ଓ ସ୍ଥାପତ୍ୟ ହିସାବରେ ରାଜେନ୍ଦ୍ରଲାଲ ଯେ କାହିଁକି ମେଘେଶ୍ୱର ମନ୍ଦିର ସମ୍ବନ୍ଧେ ନୀରବ ରହିଲେ, ତାହା କେବଳ ସେ ଜାଣନ୍ତି । ସେ ସ୍ପଷ୍ଟ ଜାଣିଥିଲେ ଯେ, କଲିକତାର ଏସିଆଟିକ୍ ସୋସାଇଟିରୁ ତିନୋଟି ଶିଳାଲିପିର ପଥର ଭୁବନେଶ୍ୱରକୁ ଆସିଥିଲା; ତହିଁରୁ ଦୁଇଖଣ୍ଡ ଶିଳାଲିପି ଭୁବନେଶ୍ୱରରେ ଦେଖି ତୃତୀୟ ଶିଳାଲିପିଟିର ଖୋଜ ଖବର ନ ନେବା ତାଙ୍କ ଭଳିଆ ସ୍ୱନାମଧନ୍ୟ ପଣ୍ଡିତଙ୍କ ପକ୍ଷରେ କିପରି ସମ୍ଭବ ହେଲା, ତାହା ବୁଝିବା ଦୁଷ୍କର । ପ୍ରବନ୍ଧ ଲେଖକର ମତ ସହିତ ପୂର୍ବବର୍ତ୍ତୀ ଆଉ ଦୁଇଜଣ ଲେଖକଙ୍କର ମତ ଏକ ଥିବାରୁ ତାହା ତଳେ ଉଦ୍ଧୃତ ହେଲା । ଖ୍ରୀ୧୮୯୭ରେ ପ୍ରାଚ୍ୟବିଦ୍ୟା ମହାର୍ଣ୍ଣବ ନଗେନ୍ଦ୍ରନାଥ ବସୁ ଏସିଆଟିକ୍ ସୋସାଇଟି ପତ୍ରିକାରେ **'Megheswar Inscription of Suapnesvar Deva of Orissa"** ପ୍ରବନ୍ଧରେ ଲେଖି ଅଛନ୍ତି :

"I went personally to inspcet these two slabs and made rubbings of both. Both the slabs now lie at the identical place where Dr. Rajendra Lal saw them. I was assured by the old Pandas of the temple that they remained at the very spot from before the time of Doctor's inspection, without suffering a change of place or alteration of any kind.

"It is indeed surprising that there is no conformity at all of the Brahmesvara inscription described by the learned Doctor with the inscription I inspected. In fact there is no Brahmesvara inscription at all in the temple. I am at a loss to determine how he identified this with Brahmesvara slab."

"As far as I am aware nobody has yet des cribed this inscription under notice."

× × × × ×

"It appears, General stewart had taken away this slab from the proper place in the temple of Meghesvara. Subsequently Major kittoe yielding to the entreaties of the Pandas, placed it in its present position along with inscribed slab of Ananta Vasudeva. As to the Brahmeswara, without being able to find out any trace of it any where."

× × × × ×

"None of the antiquraians of Orissa has referred to this celebrated temple, though it easily

comes to the notice of every pilgrim of Bhubaneswara. Dr. Rajendra Lal has mentioned a Meghakunda from the yataa paddhati of Bhubaneswara. He has made no reference at all tothis celebrated temple of Meghesvara. But the merits of Meghesvara are described in the Ekamra Purana, the Svarnadri Mahodaya and many other works"

"The famous temple of Meghesvara is situated at a distance of 100 yards to the east of the site of the Bhaskaresvar mentioned by Dr. Rajendra Lal, in the nothern part of Bhubanesvar Kshetra. It is built by basult stone. Its former beauty is not yet departed but with the decline of the worship (ceremony) here, its beauty is now-a-days on the ware. The artistic skill displayed by the temple seems to place it in the 12th century A. D. There is a tank to the north of the temple as mentioned in the inscription under notice (V. 28) The people of that place generally speak of a village of Brahmapura which was originally situated near the temple Meghesvara This village is mentioned also in the early settlement records. In the 31st verse of the present inscription the village is recorded to have been given to the Brahmanas by Svapnesvara Deva. There is no trace left of it save the abodes of a few husbandman. The temple of Brahmesvara and Bramakunda is not far off".

ମନମୋହନ ଗାଙ୍ଗୁଲି ମହାଶୟ ମଧ୍ୟ ତାଙ୍କ ଲିଖିତ ଗ୍ରନ୍ଥ **'Orissa and her Remains'**ରେ ପୃ ୩୨୯-୩୩୧ରେ ମେଘେଶ୍ୱର ଶିଳାଲିପି ସମ୍ବନ୍ଧେ ଲେଖିଅଛନ୍ତି :

"From an inscription (Epigrahia Indica Vol. VI—1900—01, Page 199) incised on a slab of stone now struck on the western compound wall of the temple of Ananta Vasudeva

× × × ×

General stewart removed the slab from its true position, by Lieutenant kittoe in 1837 at the solicitous request of the people of Bhubanesvare. The slab, in question, has been put in the compound wall of Ananta Vasudeva just to the left of another slab blonging to the temple and which shared the same fate as the Meghesvar slab

It is very surprising that this inscription escaped the attention of Dr. Mitra, for I could not find it out in his monumental volume of Orissa. He has quoted the inscription of Brahmesvara (Page 88, vol. II) as seen by him on a slab stuck on the compound wall of Ananta Vasudeva placed in the very place where the slab of Meghesvara is located now. The testimony of a careful scholar like Dr. Mitra can not forth with be rejected. It is the fact which of course, is not probable, that the slab of Brahmesvara did actually exist in the compound wall of Ananta Vasudeva when Dr. Mitra visited Bhubanesvara and that it was subsequently removed and replaced by the slab of Meghesvara ? Any how the Brahmesvara slab is

missing, and that of Meghesvara unnoticed by Dr. Mitra has taken the place of the former.

ଗାଙ୍ଗୁଲି ମହାଶୟ ପ୍ରଶ୍ନ କରି ଅଛନ୍ତି ଯେ, ପରବର୍ତ୍ତୀ କାଳରେ ବ୍ରହ୍ମେଶ୍ୱର ଶିଳାଲିପିଟି ଅପସାରିତ ହୋଇ ତତ୍‌ସ୍ଥାନରେ ମେଘେଶ୍ୱର ଶିଳାଲିପିଟି ସ୍ଥାପିତ ହୋଇଅଛି । କାର୍ଯ୍ୟତଃ ତାହା ହେଲାପରି ସମ୍ଭବ ହେଉଅଛି । ପୂର୍ବେ ବୋଲାଯାଇ ଅଛି ଯେ, ଭୁବନେଶ୍ୱରକୁ ଆସିଥିବା ଉକ୍ତ ଦୁଇଟିଯାକ ଶିଳାଲିପି ମନ୍ଦିର ଗଡ଼ିକରି ଯଥାସ୍ଥାନରେ ରଖାଇବା ପାଇଁ କିଟୋ ସାହେବ ବନ୍ଦୋବସ୍ତ କରିଥିଲେ । ସେ ନିଜେ ଆସି ଶିଳାଲିପି ଗଡ଼ିକ ଅନନ୍ତ ବାସୁଦେବ ମନ୍ଦିରର ବେଢ଼ା କାନ୍ଥରେ ସ୍ଥାନ ନିର୍ଦ୍ଦିଷ୍ଟ କରିଥିବାର କଥା କୌଣସି ସମସାମୟିକ କାଗଜ ପତ୍ରରୁ ମିଳେ ନାହିଁ । ମାତ୍ର ରାଜେନ୍ଦ୍ରଲାଲ ଲେଖିଛନ୍ତି ଯେ **"But in replacaing' them through mistake or other the major seleced the outer wall of the temple for both of them instead of there respective places."** ତାଙ୍କର କଥାକୁ ସତ୍ୟ ବୋଲି ମାନି ନେଲେ ମଧ୍ୟ ବ୍ରହ୍ମେଶ୍ୱର ଶିଳାଲିପି ସ୍ଥାନରେ ମେଘେଶ୍ୱର ଶିଳାଲିପି ସ୍ଥାନ ପାଇବା କେବଳ ଏକମାତ୍ର ସମ୍ଭାବନା ଉପରେ ନିର୍ଭର କରୁଛି । ଉକ୍ତ ଦୁଇଟି ଶିଳାଲିପି-ଯାକ ଅନନ୍ତ ବାସୁଦେବ ମନ୍ଦିରର ବେଢ଼ା କାନ୍ଥରେ ରହିଥିଲା । କୌଣସି ଦୁରଭିସନ୍ଧି ପୋଷଣ କରି ମେଘେଶ୍ୱର ଶିଳାଲିପିଟିକୁ ଗୋପନ କରିବାର ଚେଷ୍ଟା ଗୋପମାୟୁ ଭାବରେ କରିବାକୁ ଯାଇ ଭ୍ରମବଶତଃ ବ୍ରହ୍ମେଶ୍ୱର ଶିଳାଲିପିଟିକୁ ସେହି ସ୍ଥାନରୁ ବାହାର କରାଇ ନେଇଥିଲେ । ଯଦି କେହି ପଚାରେ ଯେ ଏପରି ଭ୍ରମ କି କେହି କରିପାରେ ? ତେବେ ତାହାର ଉତ୍ତରରେ କୁହାଯିବ ଯେ ୧୯୧୨ ଖ୍ରୀଷ୍ଟାବ୍ଦରେ ରାୟ ବାହାଦୂର ମନମୋହନ ଚକ୍ରବର୍ତ୍ତୀ—ଯାହାଙ୍କ ନାମ ଓଡ଼ିଶାର ଇତିହାସରେ ଅକ୍ଷୟ ହୋଇଅଛି—'ବଙ୍ଗ ଦେଶର ଭଟ୍ଟଦେବ' **(Bhatta Bhavadeva of Bengal)** ପ୍ରବନ୍ଧରେ ଏସିଆଟିକ ସୋସାଇଟି ପତ୍ରିକାରେ ଭଟ୍ଟ ଭବ ଦେବଙ୍କର ଶିଳାଲିପିରୁ ବ୍ଲକ ଛପାଇବାକୁ ଯାଇ ଭ୍ରମବଶତଃ ମେଘେଶ୍ୱର ଶିଳାଲିପିର

ବ୍ଲକ ଛପାଇ ଥିଲେ । ମନମୋହନ ଚକ୍ରବର୍ତ୍ତୀ ଯଦି ଏପରି ଭୁଲ କରି ପାରନ୍ତି, ତେବେ ରାଜେନ୍ଦ୍ରଲାଲ ବା ତାଙ୍କର ନିୟୋଜିତ କୌଣସି ବ୍ୟକ୍ତି ଏକ ଜଘନ୍ୟ ଗୋପନୀୟ କାର୍ଯ୍ୟ କରିବାବେଳେ ସେପରି ଭ୍ରମ କରିବା ଅତି ସ୍ୱାଭାବିକ ।

ଷ୍ଟୁଆର୍ଟ-ସଂଗ୍ରହର ଶିଳାଲିପି ଗୁଡ଼ିକ ମଧ୍ୟରେ ମେଘେଶ୍ୱର ଶିଳାଲିପିଟି ଭ୍ରମ-ପ୍ରମାଦର ମୂଳ କହିଲେ ଚଳେ । ଠିକ୍ ଯେଉଁ ସମୟରେ ପ୍ରିନ୍‌ସେପ୍ ସାହେବ ଏହି ଶିଳାଲିପିଟିର ପାଠ ଓ ଇଂରେଜୀ ଅନୁବାଦ ଏସିଆଟିକ୍ ସୋସାଇଟିର ପତ୍ରିକାରେ ୧୮୩୭ ଖ୍ରୀଷ୍ଟାବ୍ଦ ଏପ୍ରିଲ ମାସରେ ପ୍ରକାଶିତ କରିବାକୁ ଯାଇଥିଲେ, ସେତେବେଳେ ଭୁବନେଶ୍ୱରରୁ କୌଣସି ଏକ କର୍ଣ୍ଣେଲ ସାହେବ ଶିଳାଲିପିଗୁଡ଼ିକ ଆଣି ଥିବାରୁ ପଣ୍ଡାମାନେ ବିଶେଷ ଅସନ୍ତୁଷ୍ଟ ଥିବା କଥା କିଟୋ ସାହେବ ଉଠାଇଥିଲେ । ଓ କର୍ଣ୍ଣେଲ ଷ୍ଟୁଆର୍ଟ ସାହେବଙ୍କ ପ୍ରଦତ୍ତ ଶିଳାଲିପିଗୁଡ଼ିକ ସନାକ୍ତ କରିବା ପାଇଁ ଏହି ଶିଳାଲିପିଟି ବିଶେଷ ସାହାଯ୍ୟ କରିଥିଲା । ପ୍ରିନ୍‌ସେପ୍ ସାହେବ ଯେ ଏହି ଘଟଣାଟିକୁ **'accident'** ବା ଆକସ୍ମିକ ଘଟଣା ବୋଲି ଲେଖିଅଛନ୍ତି; ତାହା ଯଥାର୍ଥ । ତାହା ନ ହୋଇଥିଲେ ଷ୍ଟୁଆର୍ଟ ସାହେବ ପ୍ରଦତ୍ତ ଦୁଇଟି ଶିଳାଲିପି ସ୍ଥାନରେ କଲିକତାରୁ ତିନୋଟି ଶିଳାଲିପି ଭୁବନେଶ୍ୱରକୁ ଆସି ନ ଥାନ୍ତା । ଷ୍ଟୁଆର୍ଟ ସାହେବଙ୍କ ଦୁଇଟି ଶିଳାଲିପିକୁ ପ୍ରମାଣ କରିବାକୁ ଯାଇ ରାଜେନ୍ଦ୍ରଲାଲ ମିତ୍ର ମେଘେଶ୍ୱର ଶିଳାଲିପି ସ୍ଥାନରେ ବ୍ରହ୍ମେଶ୍ୱର ଶିଳାଲିପି ଦେଖିବା ଦ୍ୱିତୀୟ ଆକସ୍ମିକ ଘଟଣା । ୧୮୩୭ରେ ମେଘେଶ୍ୱର ଲିପିର ପାଠ ମୁଦ୍ରିତ ହୋଇଥିଲେ ମଧ୍ୟ ୧୮୯୭ରେ ନଗେନ୍ଦ୍ରନାଥ ବସୁ ଲେଖିଗଲେ ଯେ, ଏହି ଶିଳାଲେଖାଟି ତାଙ୍କ ପୂର୍ବରୁ କାହାରି ଦ୍ୱାରା ପଠିତ ହୋଇନଥିଲା; ଏହାହିଁ ତୃତୀୟ ଆକସ୍ମିକ ଘଟଣା ଓ ପରିଶେଷରେ ୧୯୧୨ରେ ମନମୋହନ ଚକ୍ରବର୍ତ୍ତୀ ଭଟ୍ଟଦେବ ଶିଳାଲିପିର ଚିତ୍ର ଛପାଇବାକୁ ଯାଇ ମେଘେଶ୍ୱର ଶିଳାଲିପିର ଚିତ୍ର ଛପାଇବା ଚତୁର୍ଥ ଆକସ୍ମିକ ଘଟନା ରୂପେ ଜଣାଯାଇଅଛି । ଏଥିରୁ ମନେ ହେଉଅଛି ଯେ, ସତ କଥାଟା ସର୍ବଦା ଫୁଟିବାକୁ ଚେଷ୍ଟା କରିଅଛି—**Muder is out** —ଭଲିଆ ଶେଷରେ ଫୁଟି ଉଠିଅଛି ।

# ଭୁବନେଶ୍ୱର ଶିଳାଲିପି

ପ୍ରିନସେପ୍ ସାହେବ ଯେତେଗୁଡ଼ିଏ ଶିଳାଲିପି ଛପାଇଥିଲେ ତନ୍ମଧ୍ୟରୁ କେବଳ ବ୍ରହ୍ମେଶ୍ୱର ଶିଳାଲିପିଟିର ଛାପା ବ୍ଳକ କରାଇ ମୁଦ୍ରିତ କରିଥିବାରୁ ମୂଳ ଲିପି-ଫଳକ ଖଣ୍ଡିକ ଲୁପ୍ତ ହୋଇ ମଧ୍ୟ ମୂଳ ଲିପି ଫଳକର ଅଭାବ କେତେକ ପରିମାଣରେ ପୂରଣ ହେଉଅଛି ଓ ସ୍ପଷ୍ଟ ପ୍ରମାଣିତ ହେଉଅଛି ଯେ କଲିକତାରୁ ଷ୍ଟୁଆର୍ଟ ସାହେବ ପ୍ରଦତ୍ତ ଦୁଇଟି ଶିଳାଲେଖ-ଫଳକ ସ୍ଥଳରେ ସେ ଦୁଇଟି ସହିତ ଆଉ ଖଣ୍ଡିଏ ଅନ୍ୟ ସ୍ଥାନର ଲିପି ଫଳକ ଭୁବନେଶ୍ୱରକୁ ଆସି ଆଜଯାଏ ରହିଅଛି । ଆଭ୍ୟନ୍ତରୀଣ ପ୍ରମାଣଦ୍ୱାରା ବ୍ରହ୍ମେଶ୍ୱର ଓ ମେଘେଶ୍ୱର ଶିଳାଲିପି ଦୁଇଟିକୁ •ନିଃସନ୍ଦେହରେ ଭୁବନେଶ୍ୱରର ଶିଳାଲିପି ବୋଲି ସ୍ୱୀକାର କରିବାରେ କେହି କୁଣ୍ଠିତ ହୋଇନାହାନ୍ତି । ଆଉ ଅବଶିଷ୍ଟ ଭଟ୍ଟ ଭବଦେବଙ୍କ ଶିଳାଲିପିଟିର ଆଭ୍ୟନ୍ତରୀଣ ପ୍ରମାଣଦ୍ୱାରା ପ୍ରତିପନ୍ନ ହେଉଅଛିଯେ; ତାହା ବଙ୍ଗଦେଶରେ ଥିଲା, କିନ୍ତୁ ତାହା ଅନନ୍ତ ବାସୁଦେବ ଶିଳାଲିପି ବୋଲି ଶତାଧିକ ବର୍ଷଧରି ପରିଗଣିତ ହୋଇ ଆସିଥିଲା । ଭବଦେବ ଭଟ୍ଟଙ୍କ ଶିଳାଲିପି ଉପରେ ବଙ୍ଗଳା, ଇଂରାଜୀ ଏପରିକି ଓଡ଼ିଆରେ ଅନେକ ଗ୍ରନ୍ଥ, କ୍ଷୁଦ୍ର ପୁସ୍ତିକା ଓ ପ୍ରବନ୍ଧ ମୁଦ୍ରିତ ହୋଇଅଛି । ଊନବିଂଶ ଶତାବ୍ଦୀର ବଙ୍ଗୀୟ ଲେଖକମାନେ ଭଟ୍ଟ ଭବଦେବଙ୍କୁ ବଙ୍ଗାଳି ପଣ୍ଡିତ ଧରି ତାଙ୍କର ଶିଳାଲିପି ଅନନ୍ତ ବାସୁଦେବ ମନ୍ଦିରରେ ଥିବାର ଦେଖି ଓଡ଼ିଶାର ମନ୍ଦିର ଗୁଡ଼ିକରୁ ଅଧିକାଂଶ ବଙ୍ଗାଳିଙ୍କର କୀର୍ତ୍ତି ବୋଲି ନିଜ ଜାତିର ଗୌରବ ପ୍ରଚାର କରିବାକୁ ଛାଡ଼ି ନାହାନ୍ତି । ପ୍ରିନ୍‌ସେପ ସାହେବ ଓ କିଟୋ ସାହେବ ଯେଉଁ ସଦୁଦ୍ଦେଶ୍ୟରେ ଚାଳିତ ହୋଇ ଭଟ୍ଟ ଭବଦେବଙ୍କ ଶିଳାଲିପିଟିକୁ ଅନନ୍ତ ବାସୁଦେବ ମନ୍ଦିରର ଶିଳାଲିପି ବୋଲି ଠିକ୍ କରି ଭ୍ରମ କରିଥିଲେ, ସେହି ଭ୍ରମ ଉପରେ ସୁଯୋଗ ନେଇ ଭ୍ରମ ଦୂରୀଭୂତ କରି ଇତିହାସର ସତ୍ୟ ପ୍ରଚାର ନ କରି ତାହାକୁ ସତ୍ୟ ବୋଲି ପ୍ରମାଣିତ କରିବା ଲାଗି ଯତ୍ପରୋନାସ୍ତି ଚେଷ୍ଟା କରାଯାଇଅଛି । ସ୍ୱର୍ଗୀୟ ରାଜେନ୍ଦ୍ରଲାଲ ମିତ୍ର, ନଗେନ୍ଦ୍ରଲାଲ ବସୁ, ବଙ୍କିମ ଚନ୍ଦ୍ର ଚଟ୍ଟୋପାଧ୍ୟାୟ ପ୍ରଭୃତି ବହୁ ସ୍ୱନାମଧନ୍ୟ ଲେଖକ ଇତିହାସ ଚର୍ଚ୍ଚା କରିବାକୁ ଯାଇ ସ୍ୱଦେଶର ଇତିହାସକୁ ଏପରି କଳୁଷିତ କରି ଯାଇଅଛନ୍ତି ଯେ ତଦ୍ଦ୍ୱାରା

ଆଧୁନିକ ବଙ୍ଗଦେଶ ଓ ପ୍ରାଚୀନ ଉତ୍କଳ ଦେଶର ଇତିହାସ ନଷ୍ଟ ହୋଇଅଛି । ରାଜେନ୍ଦ୍ର ଲାଲ ମିତ୍ର ଓଡ଼ିଆ ଭାଷାର ସ୍ୱତନ୍ତ୍ରତା ଅସ୍ୱୀକାର କରି ଏହା ବଙ୍ଗ ଭାଷାର ଏକ ପ୍ରାଦେଶିକ ଭାଷା ବୋଲି ପ୍ରଚାର କରିବାକୁ ଯାଇ କୃତକାର୍ଯ୍ୟ ହୋଇ ନଥିଲେ ।

୧୮୬୮ ସାଲର ଡିସେମ୍ବର ମାସରେ କଟକର ଗୋଟିଏ ସଭାରେ ଓଡ଼ିଆ ଭାଷାର ସ୍ୱତନ୍ତ୍ରତା ଅସ୍ୱୀକାର କରି ଯେଉଁ ପ୍ରଚାର ଆରମ୍ଭ କରା-ଯାଇଥିଲା ତାହାର ପ୍ରତିବାଦ କରି ବିମସ (Beams) ସାହେବ ଏସିଆଟିକ୍ ସୋସାଇଟିର ଗୋଟିଏ ସଭାରେ ୧୮୭୦ରେ ଏକ ପ୍ରବନ୍ଧ ପଢ଼ିଥିଲେ । ସେ ପ୍ରବନ୍ଧ ସମ୍ବନ୍ଧେ ରାଜେନ୍ଦ୍ରଲାଲ ଯାହା କହିଥିଲେ ତହିଁରୁ ବେଶ ବୁଝାଯାଉଅଛି ଯେ ଓଡ଼ିଶାକୁ ବଙ୍ଗଦେଶରେ ମିଶାଇବା ପାଇଁ ସେ ବଡ଼ ଉଦ୍‌ବିଗ୍ନ ଥିଲେ ।

ମେଘେଶ୍ୱର ଶିଳାଲିପିର ଅସ୍ତିତ୍ୱ ସ୍ୱୀକାର ନକରି ଭଟ୍ଟ ଭବଦେବଙ୍କୁ ଅନନ୍ତ ବାସୁଦେବ ମନ୍ଦିରର ନିର୍ମାତା ବୋଲି ନିଃସନ୍ଦେହ ଭାବରେ ପ୍ରଚାର କରିବାକୁ ଛାଡ଼ିନଥିଲେ । ତଦବଧି ସ୍ୱଦେଶପ୍ରେମୀ କେତେକ ବଙ୍ଗୀୟ ଗ୍ରନ୍ଥକର୍ତ୍ତାଙ୍କ ହାତରେ ଓଡ଼ିଶାର ଇତିହାସ କିପରି ସ୍ୱକୀୟ ଉଦ୍ଦେଶ୍ୟସିଦ୍ଧି ଅଭିପ୍ରାୟରେ ନିୟୋଜିତ ହୋଇଅଛି, ତାହାର ଯତ୍‌ସାମାନ୍ୟ ଆଲୋଚନା ତଳେ ଦିଆଯାଇଅଛି । ବଙ୍କିମଚନ୍ଦ୍ର ଚଟ୍ଟୋପାଧ୍ୟାୟ 'ବାଙ୍ଗଲାର ଇତିହାସେର ଉପାଦାନ' ନାମଧେୟ ଏକ କ୍ଷୁଦ୍ର ପ୍ରବନ୍ଧ ଲେଖିଥିଲେ, 'ମଣିମାଲ୍ୟ' ନାମକ ସ୍କୁଲପାଠ୍ୟ ପୁସ୍ତକରେ ତାହା ମୁଦ୍ରିତ ହୋଇଥିବାର ଦେଖାଯାଏ । ତହିଁରେ ଲେଖାଅଛି—"ଏଇ ବଙ୍ଗେରଇ ଗଙ୍ଗାବଂଶ ଏକଦିନ ଉଡ଼ିଷ୍ୟାୟ ରାଜ୍ୟସ୍ଥାପନ ପୂର୍ବକ ଏକଦିକେ ଯେମନ ପୁରୀର ଓ କୋଣାର୍କର ମନ୍ଦିର ନିର୍ମାଣ କରିୟାଛିଲେନ, ଅପରଦିକେ ସେଇରୂପ ତିନଶତ ବତ୍ସର ଧରିୟା ବଜର୍ଗୀଷୁ ପାଠାନ-ଗଣକେ ପଦେ ପଦେ ପରାଭୂତ ଓ ଲାଞ୍ଛିତ କରିୟାଛିଲେନ । ଆତ୍ମବିସ୍ମୃତ ବାଙ୍ଗାଲି ! ଏ ସମସ୍ତ କଥାକି ତୋମାକେ ଅପରେ ସ୍ମରଣ କରାଇୟା ଦିତେ ଆସିବେ ? ହଣ୍ଟାରେର ଗ୍ରନ୍ଥଯେ ଉଡ଼ୀୟା ସୈନ୍ୟେର ଏତ ପ୍ରଶଂସା, ତାହାରା ତୋମାଦେର ଉଡ଼ିଷ୍ୟାବାସୀ ବାଙ୍ଗାଲୀ ସୈନ୍ୟ ।"

ବଙ୍କିମଚନ୍ଦ୍ର ତାଙ୍କର 'ବିବିଧ ପ୍ରବନ୍ଧ'ରେ ବଙ୍ଗ ଦେଶର ଇତିହାସ ସମ୍ବନ୍ଧେ କିଛି ପ୍ରବନ୍ଧ ୧୮୮୦ ପୂର୍ବେ ଲେଖିଥିଲେ । 'ମଣିମାଲ୍ୟ' ପୁସ୍ତକର ପ୍ରବନ୍ଧଟି ପୂର୍ବୋକ୍ତ ପ୍ରବନ୍ଧ ସମୂହରୁ ସଂକଳିତ ହୋଇଥିବାର ମନେହୁଏ ।

ଓଡ଼ିଶାର ଗଙ୍ଗବଂଶ ଦକ୍ଷିଣରୁ ଆସିଥିଲେ ବୋଲି ତାହାର ଜ୍ୱଳନ୍ତ ସାକ୍ଷୀ ଶତସହସ୍ର ସମସାମୟିକ ଲିପି ଅଛି । ଗଙ୍ଗାନଦୀ ସହିତ ଗଙ୍ଗବଂଶୀୟ ରାଜାମାନଙ୍କର କେବଳ ଏତିକି ସମ୍ବନ୍ଧ ଅଛିଯେ, ସେମାନେ ଗୋଦାବରୀଠାରୁ ଗଙ୍ଗାପର୍ଯ୍ୟନ୍ତ ବିସ୍ତୃତ ଭୂଭାଗର ସାର୍ବଭୌମ ରାଜାଥିଲେ । ସେମାନେ ବରଂ ବଙ୍ଗ ଦେଶରେ ରାଜ୍ୟ ସ୍ଥାପନ କରିଥିଲେ । ସ୍ୱର୍ଗୀୟ ନଗେନ୍ଦ୍ରନାଥ ବସୁ ଓ ଆଉକେତେଜଣ ଲେଖକ ସମସାମୟିକ ଓ 'କିମ୍ବଦନ୍ତୀ ମୂଳକ କାଳ୍ପନିକ ଦୃଢ଼ ଭିତ୍ତି ସୃଷ୍ଟିକରି ଲୋକମାନଙ୍କୁ ଆହୁରି ଭ୍ରାନ୍ତ କରିଅଛନ୍ତି । ନଗେନ୍ଦ୍ରନାଥ ବସୁ ଭବଦେବ ଭଟ୍ଟଙ୍କର ଶିଳାଲିପି ଭୁବନେଶ୍ୱରରେ ଦେଖି ପ୍ରଥମେ ବିସ୍ମିତ ହୋଇଥିଲେ ତାଙ୍କର 'ବଙ୍ଗୀୟ ଜାତୀୟ ଇତିହାସ' ଗ୍ରନ୍ଥର ଦ୍ୱିତୀୟ ଭାଗରେ ସେ ଲେଖିଛନ୍ତି :

"ଭବଦେବ ଭଟ୍ଟ କର୍ତ୍ତୃକ ଭୁବନେଶ୍ୱରର ଅନନ୍ତ ବାସୁ-ଦେବେର ମନ୍ଦିର ପ୍ରତିଷ୍ଠା ଉପଲକ୍ଷେ ବାଚସ୍ପତି ମିଶ୍ର କର୍ତ୍ତୃକ ଭବଦେବ ଭଟ୍ଟେର କୁଲ ପ୍ରଶସ୍ତି ରଚିତ ହୟ । ପ୍ରଥମ ଯଖନ ଆମରା ଏଇ କୁଲ ପ୍ରଶସ୍ତିର ପାଠୋଦ୍ଧାର କରି ତଖନ ମନେକରିୟାଛିଲାମ ଯେ ଏକଜନ ରାଢ଼ ଦେଶର ବାଙ୍ଗାଲୀ ବ୍ରାହ୍ମଣ ସୁଦୁର ଉତ୍କଲ କ୍ଷେତ୍ରେ ପରରାଷ୍ଟ୍ର ମଧ୍ୟେ କି ରୂପେ ଏଇ ବିଶାଲ କୀର୍ତ୍ତି ସ୍ଥାପନ କରିଲେନ କିନ୍ତୁ ଏଖନ ରାଘବେନ୍ଦ୍ରର ବର୍ଣ୍ଣନା ହଇତେ ଜାନିତେ ପାରିଲାମ ଯେ, ମହାଦେବ ହରିବର୍ମ୍ମ ଦେବ ଜୈନ-ବୌଦ୍ଧ ଦିଗକେ ପରାଜୟ କରିୟା ସୁଦୁର ଉଡ଼ିଷ୍ୟାୟ ଏକାମ୍ର କାନନେ ଅର୍ଥାତ୍ ଭୁବନେଶ୍ୱର କ୍ଷେତ୍ରେ ବହୁଶତ ଦେବଦେବୀର ମନ୍ଦିର ପ୍ରତିଷ୍ଠା କରିୟାଛିଲେନ । ସୁତରାଂ ତାହାର ଆଧିପତ୍ୟକାଲେ ତାହାର ଏକଜନ ପ୍ରଧାନ ସଚିବ ଅନନ୍ତ-ବାସୁଦେବେର ପ୍ରତିଷ୍ଠା କରିବେ, ତାହାତେ ଆର ବିଚିତ୍ରତା କି ? ଏହାଛଡ଼ା ବିଶ୍ୱକୋଷ ୪ର୍ଥ ଭାଗରେ ୧୩୦୦ ବଙ୍ଗଳା ସନରେ ମୁଦ୍ରିତ କୋଣାର୍କ ପ୍ରବନ୍ଧର

ପୃଷ୍ଠା୪୮ରେ ଲେଖିଅଛନ୍ତି : "ଏଖନଓ କୋଣାର୍କ ସୂର୍ଯ୍ୟଦେବେର ପ୍ରାଚୀନ ଭଗ୍ନମନ୍ଦିର ଆଛେ, ତାହାର ନିର୍ମାଣପ୍ରଣାଳୀ,ଅବସ୍ଥିତି ପରିଦର୍ଶନ କରିଲେ ଶ୍ରୀକ୍ଷେତ୍ରେର ସୁବୃହତ୍ ମନ୍ଦିରଓ ସାମାନ୍ୟ ବଲିୟା ବୋଧ ହୟ । ଯଦି କୋଥାୟ ବଙ୍ଗୀୟ ଶିଳ୍ପ ନୈପୁଣ୍ୟେର ଉଜ୍ଜ୍ୱଳ ଉଦାହରଣ ଥାକେ ତାହା ଏଇ ରବିକ୍ଷେତ୍ର ।" ରାଘବେନ୍ଦ୍ର କବି ଶେଖରଙ୍କ 'ଭବଭୂମି ବାର୍ତ୍ତା' ଗ୍ରନ୍ଥ ସମ୍ବନ୍ଧେ ସେ ଲେଖିଅଛନ୍ତି: "ସୌଭାଗ୍ୟକ୍ରମେ ସାମବେଦୀ ଗୌତମ ବଂଶେ ପ୍ରାୟ ଅଡ଼ାଇଶତ ବର୍ଷ ପୂର୍ବେ ରାଘବେନ୍ଦ୍ର କବିଶେଖର ଆବିର୍ଭୂତ ହଇୟାଛିଲେନ । ତିନି ପ୍ରାଚୀନ ଲୋକଦେର ମୁଖେ ଶୁନିୟା ଓ ପ୍ରାଚୀନ ଗ୍ରନ୍ଥ ସକଳ ଦେଖିୟା ସାମବେଦୀ ଗୌତମ ବଂଶେର ସବିଶେଷ ପରିଚୟ × × × × ସଂସ୍କୃତ ଭାଷାୟ ଲିପିବଦ୍ଧ କରିୟା ଗିୟାଛେନ ।" ଏହି ଗ୍ରନ୍ଥ ବସୁ ମହାଶୟ ବଙ୍ଗଳାସାଲ ୧୩୧୧ରେ ମୁଦ୍ରିତ କରିଥିଲେ । ରାଘବେନ୍ଦ୍ର କବିଶେଖର ଗ୍ରନ୍ଥାରମ୍ଭରେ ହରିବର୍ମା ଦେବଙ୍କର ଜୟଗାନ ନିମ୍ନୋକ୍ତ ପ୍ରକାରେ କରି ନିଜ ବଂଶର କଥା ଲେଖିଥିଲେ :

'ସ୍ୱସ୍ତି ସମସ୍ତ ନରପତିକୁଲଲଲାମ ପ୍ରୋଦ୍ଦଣ୍ଡ ଭୁଜଦଣ୍ଡ ମଣ୍ଡିତ—ବିକରାଳ—କରବାଳ ଭୀମପ୍ରକମ୍ପିତ ଦକ୍ଷିଣପଥାଗତା-ଶେଷରିପୁରାଜନ୍ୟ ଜୈନବୌଦ୍ଧାଦି ବିଧର୍ମି—ଶମ୍ଭମର୍ଦ୍ଦନ ଖର୍ବୀକୃତ-ସର୍ବୋର୍ବୀପତିଗର୍ବଗୌରବ ନଗେନ୍ଦ୍ରପତ୍ତନାଦ୍ୟନେକ ଦେଶବିଜୟ ଲବ୍ଧୋଲ୍ଲାସ ଜମ୍ବୁଶ୍ରୀରେବାମ୍ରକାନନ—ପ୍ରତିଷ୍ଠାପିତ—ହରିହର—ବିରଞ୍ଚି ବୈଦେହୀ ରାଘବ ଲକ୍ଷ୍ମଣ-ହନୁମଦାଦ୍ୟଷ୍ଟୋତ୍ତର-ଶତାଦ୍ଭୁତ ବୈଜୟନ୍ତୀ ବିଭାସିତ ମଳୟଗନ୍ଧ ପ୍ରସୂ ପ୍ରସୂନପଟଳ ସୌନ୍ଦର୍ଯ୍ୟାଦନ୍ୟକୃତ ନନ୍ଦନକାନନ ବୈଭବ ପରମାମୋଦମୟୋଦ୍ୟାନସମଲଙ୍କୃତ ସୁରପଥସଂସ୍ପର୍ଶସୁନ୍ଦର ମନ୍ଦିରମନ୍ଦାକିନୀବିମଳନୀରାଳ କମଳକହ୍ଲାରେନ୍ଦୀବର-ଶୋଣାରବିନ୍ଦ ସଂଶୋଭିତ, ସୁବିଶାଳସରୋବରସଂହତିଃ ଦେଶନିବାସ ନିଖିଳ ଶାସ୍ତ୍ରାସ୍ତ୍ର ନିପୁଣ ପରିଜ୍ଞାନ ଲବ୍ଧାନନ୍ୟ ବୈଚକ୍ଷଣ୍ୟ ବାଲଭଞ୍ଜ ଭଟ୍ଟାଚାର୍ଯ୍ୟ ଗର୍ଗ ବାଚସ୍ପତି ପ୍ରମୁଖବିଶ୍ୱବିଖ୍ୟାତ ମନ୍ତ୍ରିସଚିବ ସାହଚର୍ଯ୍ୟନିବର୍ତ୍ତିତ ସମ୍ୟକ୍ ସ୍ୱପରରାଷ୍ଟ୍ର ବ୍ୟାପାରେ ବାରାଣସୀଶ୍ୱର ବିଶେଶ୍ୱର—ପାଦାର-ବିନ୍ଦ ସନ୍ଦର୍ଶନାର୍ଥ—ସମୁଦ୍ୟତ ସ୍ୱଜନମାସ୍କନ୍ଧ ପରିଗ୍ରହକୃତେ ପ୍ରବର୍ତ୍ତିତ ପ୍ରଶସ୍ତବାର୍ତ୍ତା ସଦନୁମତ ପ୍ରତିନମ୍ଭୂତ ସନ୍ନୀତ ପରିସେବନ ସଂପ୍ରାପ୍ତ ପରମ

ଶର୍ମ୍ମ । ବଙ୍ଗାଙ୍ଗକଳିଙ୍ଗାଦ୍ୟଶେଷଜନପଦବନ୍ଧୁମତାଭ୍ୟ ତ୍କର୍ମ-ଧର୍ମାନୁଗତାଖିଳ-କର୍ମ୍ମ ଦ୍ୱିଜାନ୍ ସନ୍ତନ୍ୱାତି ସନ୍ତତିରତ୍ୟନ୍ତ ଦଯ୍ୟାର୍ଦ୍ର ଚେତା—ଭୂଦେବ-ଭୂଦାନାଙ୍କିତାଶେଷଧର୍ମା ଜଯୁତାଚ୍ଚିରଂ ରାଜାଧିରାଜୋ ଦେବଶ୍ରୀ ହରିବର୍ମ୍ମ ।" ଏହି କୁଳଶାସ୍ତ୍ର ଗୁଡ଼ିକ ଯେ ଐତିହାସିକ ଭିତ୍ତିହୀନ ଓ ଆଧୁନିକ ତାହା ସେହି ବଙ୍ଗଦେଶର ନିରପେକ୍ଷ ଐତିହାସିକମାନେ ପ୍ରମାଣ କରାଇ ଦେଇଅଛନ୍ତି । କିନ୍ତୁ ନଗେନ୍ଦ୍ର ନାଥଙ୍କର ୩୦୦ ବର୍ଷ ପୂର୍ବରୁ ଲେଖାକୁ ମନମୋହନ ଗାଙ୍ଗୁଲି 'ତମ୍ବାପଟ୍ଟା' ବୋଲି ଗ୍ରହଣ କରିବାକୁ କୁଣ୍ଠିତ ନ ହୋଇ ଲେଖିଗଲେ :—

"We learn from a copper plate inscription composed by Raghabendra Kavi Sekhar that Hari Varma Deva was a king of Bengal, and the seat of his Government was Vikramapur" ( Orissa and her remains P. 379 )

"On going through the inscription of Reghabendra Kavi Sekhara referred to on page 379, I am convinced that the palace with the temple of Ramesvara was built by Harivarma Deva the king of Bengal in thebeginning ofthe eleventh Century A D.We learn from the inscription that Harivarma·Deva built 108 temples of Hara, Hari, Rama Sita, Lakshmana, and Hanumana in Ekamra kanena and laidout flowr gardens, etc. The site, now in a runinous state; was occupied by his gardes and garden houses The temples of Sita, Lakshmana and Hanumana still cluster round the temple of Ramesvara."

ରାମେଶ୍ୱର ମନ୍ଦିର ଓ ଅନ୍ୟାନ୍ୟ ୧୦୮ ମନ୍ଦିର ହରିବର୍ମ ଦେବ କରିଥିଲେ ଓ ତାଙ୍କର ସଚିବ ଭଟ୍ଟ ଭବଦେବ ଅନନ୍ତ ବାସୁଦେବ ମନ୍ଦିର କରିଥିଲେ

ବୋଲି ଯେବେ ଧରାଯାଏ, ତେବେ ରାଜାଙ୍କର ମନ୍ଦିର ଅପେକ୍ଷା ସଚିବଙ୍କର ମନ୍ଦିରର କାରୁକାର୍ଯ୍ୟରେ କପରି ଏତେ ତଫାତ୍ ହେଲା ତାହା ବୁଝିବା ବଡ଼ କଠିନ ।

ଗାଙ୍ଗୁଲି ମହାଶୟ ଲେଖିଅଛନ୍ତି ଯେ "The temple of Ramesvara is of no special interest or importance from archi tectural point of view."

ପ୍ରିନ୍‌ସେପ ଓ କିଟୋ ସାହେବମାନେ ସଦୁଦ୍ଦେଶ୍ୟରେ ଚାଳିତ ହୋଇ ଭ୍ରମବଶତଃ ଭବଦେବ ଭଟ୍ଟଙ୍କର ଶିଳାଲିପିଟିକୁ ଅନନ୍ତ ବାସୁଦେବ ମନ୍ଦିରର ଶିଳାଲିପି ବୋଲି ସ୍ଥିର କରି ବିଷବୃକ୍ଷ ରୋପଣ କରିଥିଲେ, ରାଜେନ୍ଦ୍ରଲାଲ ମିତ୍ର ତହିଁରେ ପାଣି ଢାଳି ବଢ଼ାଇଲେ, ନଗେନ୍ଦ୍ରନାଥ ବସୁ ତହିଁରେ ଫୁଲ ଫୁଟାଇଲେ ଓ ଶେଷରେ ମନମୋହନ ଗାଙ୍ଗୁଲି ଫଳ ଝୁଲାଇଲେ । ଅବାନ୍ତର ହେଲେ ମଧ୍ୟ ଏଠାରେ ଆଉ ଗୋଟିଏ କଥା ଲେଖୁଅଛୁ । ଶ୍ରୀଯୁକ୍ତ ବିଜୟଚନ୍ଦ୍ର ମଜୁମଦାର ୧୯୧୭ରେ ମୁରଞ୍ଜମରା ତମ୍ବାପଟ୍ଟାଟି ବିହାର ଓଡ଼ିଶା ଅନୁସନ୍ଧାନ ସମିତିର ପତ୍ରିକାରେ ଛପାଇ ତାହାର ତୃତୀୟ ଫଳକର ୭ଷ୍ଟ ଧାଡ଼ିରେ 'ଅସ୍ମତ ବଂଶ କ୍ଷୟେ' ପାଠ ଠାରେ 'ଅସ୍ମତ୍ ବଙ୍ଗାନ୍ୱୟେ'ପଢ଼ିଥିଲେ । ୧୯୨୫ରେ Orissa in the making' ପୁସ୍ତକର ପୃ୧୭୩-୭୫ରେ 'କୋଶଳ ଓ ତ୍ରିକଳିଙ୍ଗ ସହିତ ବଙ୍ଗର ସମ୍ବନ୍ଧ' ବିଷୟ ଅବତାରଣା କରି ଓଡ଼ିଶାର କେଶରୀ ବଂଶୀୟ ରାଜା ଯଯାତିଙ୍କୁ ବଙ୍ଗାଳି ବୋଲି ପ୍ରଚାର କଲେ—କେଶରୀ ବଂଶୀୟ ରାଜାମାନେ Makers of Orissa ହୋଇଥିବାରୁ ବଙ୍ଗାଳିମାନେ ମଧ୍ୟ Makers of Orissa ହୋଇଗଲେ ।

'ଷ୍ଟୁଆର୍ଟ ସଂଗ୍ରହ' ମଧ୍ୟରୁ ଗୋଟିଏ ଶିଳାଲିପି ବିଲାତର ରଏଲ୍ ଏସିଆଟିକ୍ ସୋସାଇଟିରେ ଥିବାର କଥା ପୂର୍ବେ ବୋଲା ଯାଇଅଛି । ଏହି ଶିଳାଲିପିଟିକୁ "Bhubaneswar inscription in the Royal Asiatic Society" ନାମରେ ବର୍ଣ୍ଣେଟ ସାହେବ ( Dr. L. D Burnet ) ଏପିଗ୍ରାଫିଆ ଇଣ୍ଡିକା ଗ୍ରନ୍ଥମାଳାର ୧୩ଶ ଭାଗରେ ୧୯୧୫-୧୬ ସାଲରେ ପ୍ରକାଶିତ କରିଥିଲେ । ଏହାର ଲମ୍ବ ୩ ଫୁଟ

୧୦ଇଞ୍ଚ ଓ ପ୍ରସ୍ଥ ୧ଫୁଟ ୮ଇଞ୍ଚ । ସେଠାରେ ମଧ୍ୟ ଏପରି କିଛି ଲିଖିତ କାଗଜପତ୍ର ନାହିଁ ଯହିଁରୁ ଜଣାଯାଏ ଯେ, ଏହା ଭୁବନେଶ୍ୱରରେ ଥିଲା । ସେଠାର କାଗଜ ପତ୍ରରୁ କେବଳ ଏତିକି ଜଣାଯାଏ ଯେ କର୍ଣ୍ଣେଲ ଷ୍ଟୁଆର୍ଟଙ୍କ ସଂଗୃହୀତ ଦ୍ରବ୍ୟଗୁଡ଼ିକ ମଧ୍ୟରେ ଏହା ସ୍ଥାନ ପାଇଥିଲା । ଶିଳାଲିପିର ପାଠରୁ ଜଣାଯାଏ ଯେ ଏହା ଭୁବନେଶ୍ୱରରେ କୌଣସି ଏକ ବିଷ୍ଣୁ ମନ୍ଦିରରେ ଥିଲା । ଏଣୁ ବର୍ଣ୍ଣେଟ ସାହେବ ଏହାକୁ 'ଭୁବନେଶ୍ୱର ଶିଳାଲିପି' ବୋଲି ନାମ ଦେଇଥିଲେ । ଭୁବନେଶ୍ୱରରେ ଅନନ୍ତ ବାସୁଦେବ ମନ୍ଦିରଟି ଏକମାତ୍ର ବିଷ୍ଣୁ ମନ୍ଦିର । କିନ୍ତୁ ସେଠାରେ ଭଟ୍ଟ ଭବଦେବଙ୍କର ଶିଳାଲିପି ସ୍ଥାନ ପାଇଥିବାରୁ ଲଣ୍ଡନରେ ଥିବା ଶିଳାଲିପିଟି ପ୍ରତି କାହାର ଦୃଷ୍ଟି ପଡ଼ୁ ନଥିଲା । ଏପରିକି ୧୯୨୯ରେ ସ୍ୱର୍ଗୀୟ ନନୀଗୋପାଳ ମଜୁମଦାର ( ଯେ କି ପ୍ରତ୍ନତତ୍ତ୍ୱ ଅନୁସନ୍ଧାନରେ ଲିପ୍ତଥିବାବେଳେ ଦୁର୍ବୃତ୍ତମାନଙ୍କ ହାତରେ ପ୍ରାଣ ହରାଇଥିଲେ ) Inscription of Bengal ଗ୍ରନ୍ଥରେ ପୂର୍ବ ଧାରଣାର ବଶବର୍ତ୍ତୀ ହୋଇ ଲେଖି ଅଛନ୍ତି:— This inscript on was originally fixed on the temple of Ananta-Vasudeva at Bhubaneswar in Puri District of Orissa.

ଲଣ୍ଡନରେ ଥିବା ଚନ୍ଦ୍ରିକା ଦେବୀଙ୍କ ଶିଳାଲିପି ଓ ଅନନ୍ତ ବାସୁଦେବ ମନ୍ଦିରରେ ଥିବା ଭଟ୍ଟ ଭବଦେବଙ୍କ ଶିଳାଲିପି ଦ୍ୱୟର ଆଭ୍ୟନ୍ତରୀଣ ପ୍ରମାଣ ପୁଙ୍ଖାନୁପୁଙ୍ଖରୂପେ ଆଲୋଚନା କରି ଲେଖକ ଅନ୍ୟତ୍ର ସ୍ଥିର କରିଅଛନ୍ତି ଯେ ଭବଦେବ ଭଟ୍ଟଙ୍କର ଶିଳାଲିପିଟି ଅନନ୍ତ ବାସୁଦେବ ମନ୍ଦିରରେ ମୂଳରୁ ନଥିଲା । ୧୯୩୯ରେ କଲିକତାର "ଭାରତୀୟ ଇତିହାସ-କଂଗ୍ରେସ"ର ଦ୍ୱିତୀୟ ଅଧିବେଶନରେ ଲେଖକ ଗୋଟିଏ ପ୍ରବନ୍ଧ ପାଠକରି ପ୍ରମାଣିତ କରିଅଛି ଯେ ଲଣ୍ଡନରେ ଥିବା ଶିଳାଲିପିଟି ପ୍ରକୃତରେ ଅନନ୍ତ-ବାସୁଦେବ ମନ୍ଦିରରେ ଥିଲା ।

ଇଣ୍ଡିଆନ ହିଷ୍ଟୋରିକେଲ କ୍ୱାର୍ଟର୍ଲି ( Indian Historical quarterly ) ପତ୍ରିକାର ଦ୍ୱାବିଂଶ ଭାଗର ୧୩୪-୩୫ ପୃଷ୍ଠାରେ ଶ୍ରୀଯୁକ୍ତ ଦୀନେଶଚନ୍ଦ୍ର ଭଟ୍ଟାଚାର୍ଯ୍ୟ ପ୍ରମାଣିତ କରିଅଛନ୍ତି ଯେ ଖ୍ରୀ:୧୭୯୧-୯୫

ମଧ୍ୟରେ ଭଟ୍ଟ ଭବଦେବଙ୍କର ଶିଳାଲିପିଟି ଢାକାଠାରେ ପଠିତ ହୋଇଥିଲା ଓ ସେ ଅନୁମାନ କରନ୍ତି ଯେ ଭବଦେବଙ୍କ ନିର୍ମିତ ମନ୍ଦିରଟି ପୂର୍ବବଙ୍ଗର ବ୍ରହ୍ମପୁର ଠାରେ ଅବସ୍ଥିତ ଥିଲା । ପେଟରସନ ନାମକ ଢାକା ଜିଲାର କଲେକ୍ଟର ସେହି ଲିପି ଫଳକଟିକୁ ବ୍ରହ୍ମପୁର ଅଞ୍ଚଳରୁ ଢାକାକୁ ଅଣାଇ ନବଦ୍ୱୀପର ଏକ ପଣ୍ଡିତଙ୍କ ଦ୍ୱାରା ତାହାର ପାଠୋଦ୍ଧାର କରିଥିଲେ । ଲେଖକ ୧୯୩୯ରେ ଯେଉଁ ସିଦ୍ଧାନ୍ତରେ ଉପନୀତ ହୋଇଥିଲେ, ତାହା ଏହି ଆକସ୍ମିକ ଭାବରେ ପ୍ରାପ୍ତ ପ୍ରମାଣ ଦ୍ୱାରା ସମ୍ପୂର୍ଣ୍ଣ ଭାବରେ ଦୃଢ଼ୀଭୂତ ହେଲା । ୧୮୩୭ରେ ଜେମସ ଓ କିଟୋ ସାହେବଙ୍କକୃତ ଭ୍ରମ ପ୍ରମାଦ ଶତାଧିକ ବର୍ଷ ପରେ ସଂଶୋଧିତ ହୋଇ ଓଡ଼ିଶାର ଇତିହାସରେ ସତ୍ୟର ଜୟ ଘୋଷିତ ହେଲା ।

## ୧ । * ଅନନ୍ତ ବାସୁଦେବ ମନ୍ଦିରର ପ୍ରକୃତ ଶିଳାଲିପି ପାଠ

ଭୁବନେଶ୍ୱରର ଅନନ୍ତ-ବାସୁଦେବ ମନ୍ଦିରର ପ୍ରକୃତ ଶିଳାଲିପିରେ ଗଙ୍ଗବଂଶୀୟ ସମ୍ରାଟ ଅନଙ୍ଗଭୀମ ଦେବଙ୍କର କନ୍ୟା ଚନ୍ଦ୍ରିକା ଦେବୀଙ୍କର ପ୍ରଶସ୍ତି ଅଛି । ଏପିଗ୍ରାଫିଆ ଇଣ୍ଡିକାର ପାଠକମାନଙ୍କ ଛଡ଼ା ସାଧାରଣ ପାଠକ କେହି ତାହା ପଢ଼ିନାହାନ୍ତି କହିଲେ ଚଳେ । ଲେଖକ ବିଲାତରେ ଥିଲାବେଳେ ମୂଳ ଶିଳାଲିପିର ଲେଖା ସହିତ ଡାକ୍ତର ବାର୍ଣ୍ଣେଟଙ୍କ ପାଠ ମିଳାଇ ଥିଲା । ପରେ ଶିଳାଲିପିର ଫଟୋଗ୍ରାଫ ଅଣାଇ ଯେତେଦୂର ସମ୍ଭବ ଶୁଦ୍ଧ ପାଠୋଦ୍ଧାର କରିବାର ଚେଷ୍ଟା କରିଅଛି । ଏହାର ପାଠୋଦ୍ଧାର ପାଇଁ ପଣ୍ଡିତ ବିନାୟକ ମିଶ୍ର-ଓ ବାରିପଦା ହାଇସ୍କୁଲର ଭୂତପୂର୍ବ ହେଡପଣ୍ଡିତ ପଣ୍ଡିତ ଭଗବାନ ପଣ୍ଡାଙ୍କଠାରୁ ଅନେକ ସାହାଯ୍ୟ ପାଇଥିବାରୁ ସେମାନଙ୍କଠାରେ କୃତଜ୍ଞ । ଶିଳାଲିପିଟିରେ ୨୩ଟି ସଂସ୍କୃତ ଶ୍ଳୋକ ଲିଖିତ ହୋଇଅଛି । ଏହି ଶ୍ଳୋକ ଗୁଡ଼ିକର ରଚୟିତା

---

* ଲଣ୍ଡନରୁ ଏହି ଶିଳାଲିପିର Plaster of Parisର ନକଲ ଓଡ଼ିଶା ମିଉଜିୟମକୁ ଅଣାଯାଇ ରଖା ହୋଇଛି ।

କବି ଉମାପତି । ସେ ଶିବ-ଉପାସକ ଥିଲେ ବୋଲି ଏତିକି ମାତ୍ର ପରିଚୟ ଦେଇଅଛନ୍ତି, ମାତ୍ର ଶିଳାଲିପିଟି ଭୁବନେଶ୍ୱରର ଏକମାତ୍ର ବିଷ୍ଣୁମନ୍ଦିରର ନିର୍ମାଣକାରିଣୀ ଗଙ୍ଗବଂଶଜା ଚନ୍ଦ୍ରିକା ଦେବୀଙ୍କର ପ୍ରଶସ୍ତି ବିଶେଷ । ଚନ୍ଦ୍ରିକା ଦେବୀ ତ୍ରିମୂର୍ତ୍ତି ବିଶିଷ୍ଟ 'ବଳ-କୃଷ୍ଣ ସୁଭଦ୍ରା'ଙ୍କ ନିମିତ୍ତ ଏହି ମନ୍ଦିରଟି ୧୨୦୦ ଶକାବ୍ଦରେ ନିର୍ମାଣ କରାଇଥିଲେ । ଚନ୍ଦ୍ରିକା ଦେବୀ ହୈହୟ ବଂଶଜ ପରମର୍ଦ୍ଦି ଦେବଙ୍କୁ ବିବାହ କରିଥିଲେ । ତାଙ୍କର ବାପାଙ୍କର ନାମ ଅନଙ୍ଗଭୀମଦେବ । ୧୯ଶ ଶ୍ଳୋକରେ ଚନ୍ଦ୍ରିକା ଦେବୀଙ୍କର ଗୁଣାବଳି ବର୍ଣ୍ଣିତ ହୋଇଅଛି । ବଂଶ ଶ୍ଳୋକରେ ପରମର୍ଦ୍ଦି ଦେବଙ୍କର ବୀରତ୍ୱର ତଥା ଯୁଦ୍ଧଭୂମିରେ ପ୍ରାଣ ହରାଇବାର କଥା ଅଛି । ମମର ପ୍ରୟାସୀ ବୀର ନରସିଂହଦେବ [୧ମ]ଙ୍କର ଶତ୍ରୁମାନେ ଯୁଦ୍ଧକ୍ଷେତ୍ରରେ ପ୍ରାଣ ହରାଇ •ସ୍ୱର୍ଗକୁ ଚାଲିଯିବାରୁ ପରମର୍ଦ୍ଦୀଦେବ ତାହା ସହି ନପାରି ସ୍ୱର୍ଗରେ ସେମାନଙ୍କ •ସହିତ ଯୁଦ୍ଧ କରିବାଲାଗି ସ୍ୱର୍ଗକୁ ଯାଇଥିଲେ ବୋଲି କବି ବର୍ଣ୍ଣନା ଛଳରେ ତାଙ୍କର ସ୍ୱର୍ଗବାସ କଥା କହିଅଛନ୍ତି । ଏହି ପରମର୍ଦ୍ଦୀ ଦେବଙ୍କୁ ମୁସଲମାନ ଇତିହାସ ଲେଖକ ମିନ୍‌ହାଜ'ତବାକତ୍-ଇ-ନସିର ନାମକ ଗ୍ରନ୍ଥରେ ରାଜଜାମାତା 'ସାବନ୍ତର' ବୋଲି ଲେଖିଅଛନ୍ତି । ଇଂରାଜୀରେ ଅନୁବାଦିତ "ତବାକତ୍-ଇ-ନାସିରି" ଗ୍ରନ୍ଥରେ ଯାହା ଲେଖା ଅଛି ତାହା ତଳେ ଉଦ୍ଧାର କରାଗଲା—

The leader of the forces of the Jajnagar was a person, by name 'Sabantar' the son-in-law of Raj, who during the time of 122uddin-Tughril-i-Tughan Khan had advanced to the bank of river Lakhanvati and having shown the greatest andacity-had driven the Musalmman forces as far as the gate ( of the city ) of Lakhanvati ( PP 762-63 ) In the year H. 642 ( A. D. 1245 ) the infields of Jajnagar appeared before the gate Lakhanavati (Po65)

ସଂସ୍କୃତ ଭାଷାର 'ସାମନ୍ତରାୟ' ଶବ୍ଦଟି 'ସାବନ୍ତର'ରୂପେ ପାରସି ଭାଷାରେ ଲିଖିତ ହୋଇଥିବାପରି ଜଣାଯାଏ । ଅନଙ୍ଗ ଭୀମଦେବ (୨ୟ)

ଖ୍ରୀ:୧୨୧୧-୩୮ ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ । ତାଙ୍କପରେ ନରସିଂହ ଦେବ [୧ମ] ଖ୍ରୀ:୧୨୩୮-୬୪ ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ । ତତ୍ପରେ ଭାନୁଦେବ [୧ମ] ଖ୍ରୀ:୧୨୬୪-୭୮ ପର୍ଯ୍ୟନ୍ତ ଓ ତତ୍ପରେ ନରସିଂହଦେବ [୨ୟ] ୧୨୭୮-୧୩୦୫ ପର୍ଯ୍ୟନ୍ତ ଓଡ଼ିଶାରେ ରାଜତ୍ୱ କରିଥିଲେ । ୧୪ଶ ଶ୍ଳୋକରେ ଭାନୁଦେବ [୧ମ]ଙ୍କର ରାଜତ୍ୱ କାଳରେ ଶକାବ୍ଦ ୧୨୦୦ [ ଖ୍ରୀ:୧୨୭୮ ]ରେ ଅନନ୍ତ-ବାସୁଦେବଙ୍କ ମନ୍ଦିର ନିର୍ମିତ ହୋଇଥିଲା । ଯଦି ଧରାଯାଏ ଯେ, ପରମର୍ଦ୍ଦି ଦେବ ଖ୍ରୀ:୧୨୪୫ରେ ସ୍ୱର୍ଗବାସୀ ହୋଇଥିଲେ ତେବେ ତାଙ୍କର ସହଧର୍ମିଣୀ ଚନ୍ଦ୍ରିକା ଦେବୀ ଦୀର୍ଘକାଳ ବୈଧବ୍ୟ ଜୀବନ ବିଷ୍ଣୁଙ୍କର ପୂଜା ଓ ଅର୍ଚ୍ଚନାରେ କଟାଇଥିଲେ ।

ଏହି ପ୍ରଶସ୍ତିରେ ଉତ୍କଳ ଦେଶର କଥା ୮ମ ଶ୍ଳୋକରେ ବର୍ଣ୍ଣିତ ଅଛି । ଉତ୍କଳ ଦେଶସ୍ଥିତ ଏକାମ୍ର କ୍ଷେତ୍ରରେ ମନ୍ଦିରାବଳୀପୂର୍ଣ୍ଣ, ଗୋଟିଏ ଅଦ୍ଭୁତ ମନ୍ଦିର ଶୋଭା ପାଉଥିବାର ବର୍ଣ୍ଣନା ୯ମ ଶ୍ଳୋକରେ ଅଛି । ଏହି ଅଦ୍ଭୁତ ମନ୍ଦିରଟି ନିଶ୍ଚୟ ଲିଙ୍ଗରାଜ ମନ୍ଦିର ଅଟେ । ତତ୍ପରେ ୧୦ମ ଶ୍ଳୋକରେ ଗନ୍ଧବତୀ ବା ଗନ୍ଧସିନ୍ଧୁ ନଦୀର ବର୍ଣ୍ଣନା ଅଛି । କବି ଲେଖିଅଛନ୍ତି ଯେ ଗନ୍ଧବତୀର ଜଳ ଏତେ ଭଲ ଯେ ଦେବତାମାନେ ତାହା ପାଇବାକୁ ଲୋଭ କରନ୍ତି । ଏପରି ଏକ ସ୍ୱର୍ଗୀୟ ଶୋଭାବମଣ୍ଡିତ ନଦୀ ସ୍ୱୟଂ କୃତିବାସ ଚୋଡ଼ଗଙ୍ଗଙ୍କ ଦ୍ୱାରା କରାଇଥିଲେ । ଏଥିରୁ ମନେ ହେଉଅଛି ଯେ ଭୁବନେଶ୍ୱର ନିକଟରେ କୌଣସି ପ୍ରବାହିତା ନଦୀ ନ ଥିବାରୁ ଚୋଡ଼ଗଙ୍ଗ ନାଳ ଖୋଳାଇ ଏହି ନଦୀଟି ଭୁବନେଶ୍ୱର ନିକଟରେ ବହାଇଥିଲେ । ଭୁବନେଶ୍ୱରର ସୁବିଖ୍ୟାତ ବିନ୍ଦୁସର କଥା ମଧ୍ୟ ଏହି ପ୍ରଶସ୍ତିର ଏକାଦଶ ଶ୍ଳୋକରେ ବର୍ଣ୍ଣିତ ହୋଇଅଛି । ଏଣୁ ମନେ ହେଉଅଛି ଯେ ଖ୍ରୀ:୧୨୭୮ ପୂର୍ବେ ବିନ୍ଦୁସରୋବରଟି ଭାରତରେ ଗୋଟିଏ ତୀର୍ଥ ବୋଲି ପରିଗଣିତ ହେଉଥିଲା ।

୧୪ଶ ଶ୍ଳୋକରେ ମନ୍ଦିର ନିର୍ମାଣକାଳ 'ବ୍ୟୋମ ବସୁରୁ ଫଣୀନ୍ଦ୍ର-ରସନା ଚନ୍ଦ୍ର ପ୍ରମାଣୈ' ସଂଖ୍ୟାବାଚକ ଶବ୍ଦ ଯୋଜନା ଦ୍ୱାରା ଲିଖିତ ହୋଇଅଛି । 'ଅଙ୍କାନାଂ ବାମତୋ ଗତିଃ' ନିୟମ ଅନୁସାରେ ଚନ୍ଦ୍ର [୧]

ଫଣୀନ୍ଦ୍ର ରସନା [୨] ବସୁତ [୦] ବ୍ୟୋମ [୦] ସଂଖ୍ୟା ଗୁଡ଼ିକ ଅର୍ଥାତ୍ ୧୨୦୦ ଶକାବ୍ଦ ଦିଆଯାଇଛି ଏହି ସମୟରେ ନରସିଂହ ଦେବଙ୍କ ତନୟ ଭାନୁଦେବ ରାଜତ୍ୱ କରୁଥିଲେ ।

## ଶିଳାଲିପି ପ୍ରଶସ୍ତିର ଶ୍ଲୋକାବଳି

[ଧା—୧] ସମ୍ଭ୍ରାନ୍ତ ଜମ୍ଭରିପୁସମ୍ପ୍ରଦୁପାସ୍ୟମାନ—
ଲ୍ଲୋଲାଲସେନ୍ଦୁନୟନାଞ୍ଚଲଶାସନାନ ।
ଭିକ୍ଷାବଲାସଚରିତାନି ଜୟନ୍ତି ଶମ୍ଭୋ—
ର୍ନୈସାମ୍ପତାନି ସୁରରାଜପୁରଙ୍ଗନାନାଂମ୍ ।୧।

ବୀରଃ ସମ୍ରାଟ୍ ସମରଦଳିତା ରାତିରାଜନ୍ୟ ବକ୍ତ୍ରସ୍ତେବା [ଧା-୨] ମ୍ଭୋଜୈରକୃତ ବସୁଧାଦେବତାରାଧନଂ ଯଃ ।ଆଗୋଦାନ୍ତାଦମରସରିତଂ ଯାବ ଦେକୋଭୁବୋଽଭୁଦ୍, ଭୋକ୍ତାସୋଽନ୍ତେ ସୁରସହଚରୀ କାର୍ମୁକଶ୍ଚୋଡ଼ଗଙ୍ଗଃ ।୨

ଯଦ୍ବଂଶେ ବୈଜୟନ୍ତୀପଟ ଇବ ସୁଭଟୋଽନଙ୍ଗଭୀମଃ ପ୍ରଭାବ-ପ୍ରଧ୍ୱସ୍ତାରାତିରାଜବ୍ରଜସୁବର୍ଣ୍ଣଜନୋ [ଧା-୩] ଯାଗତ—ଗମ୍ଭୀରସାରଃ । ଆସୀଦାଶୀବିଷାରେରଧିକତରତରସ୍ତାଦୃଗବୋରୁଗର୍ବଃ ଯୋଽନ୍ତେ ସ୍ୱନ୍ତାପସର୍ପଜ୍ଜବମପି ଯବନଂ ସଙ୍ଗରେ ସଞ୍ଜହାର ।୩।

ଶେଷଃ ସ୍ୱୀୟୁଶିରଃ ସହସ୍ରବଲସନ୍ମାଣିକ୍ୟମାଳଚ୍ଛଳାତ୍ ଯତ୍ତେଜଃ କଣିକାଭରେଷ ବଧୂରୋଽ ମଜ୍ଜତ୍ଫ (ଧା ୪) ଣିଗ୍ରାମଣୀଃ । ପାତାଳାମ୍ପସି କଞ୍ଚଯଜ୍ଜରଘଟାଝଙ୍କାରନାସାନଲୈରୁଦ୍ଧାନ୍ତା ଗଗନେ ରବର୍ଣ୍ଣିରମସା ବୃଡ୍ଡୀନ ପର୍ଣ୍ଣାୟୁତେ ।୪।

ତସ୍ମାଦ୍ ଭୁପତି ଭୂଚନ୍ଦ୍ରାଚନ୍ଦ୍ରକାଜନି ସୁନ୍ଦରୀ
ଚନ୍ଦ୍ରନନାମୃତାସାରୈଃ ସ୍ନପୟନ୍ତୀ ଜଗଜ୍ଜନଃ ।୫।

ଲକ୍ଷ୍ମୀର୍ଯଦ୍ବଦ (ଧା ୫) ନାରବିନ୍ଦବସତିର୍ନ୍ନ ଶନ୍ତ୍ୟନ୍ତ୍ୟ ବ୍ରଜଂମ୍ମ ବମୁଦ୍ଧେନ୍ଦୀବରନେନ ନିତ୍ୟନଳମ୍ପା କୃଷ୍ଣେନ ତୃଷ୍ଣାଶ୍ରି । କଞ୍ଚାଲଙ୍ଘ୍ୟ

ତଦଙ୍ଗଂକାନ ମୁଦ୍ରିତା ଚଣ୍ଡେନ ଦଣ୍ଡେ ସୁରା-ନେଷା-ଶେଷ ଜଗଦ୍‌ବିଲୋଚନା- ବଶୀକାରାୟୁ କାରାୟୂତେ ।୬।

ହୈହୟୁ ବଂଶାବତଂସଃ ପରମର୍ଦ୍ଦୀ (ଧା୬) ସହଜ ସାରତା ରେଜଃ । ତାରାପତିମତିଶେତେ ପତିରସ୍ୟାଃ ସମରପାଣ୍ଣିଣଃ ।୭।

ଅସ୍ତ୍ୟୁଙ୍କଲୋୟୁଂ ବିଷୟେ୍ୟା ଯତ୍ର ତେ ଚକ୍ଷୁରାଦୟଃ । ପଞ୍ଚ ପଞ୍ଚେଷ ସୁହୃଦୋ ଭାନ୍ତି ପୂର୍ଣ୍ଣମନୋରଥାଃ ।୮।

ତତ୍ର ଚ କ୍ଷେତ୍ରମେକାମ୍ରମାମ୍ରାରାମ ଶତାଙ୍ଗି (ଧା୭) ତଂ ଏକଦେବ- କୁଳଂ ଦେବକୁଳୈରାକୁଳମଭ୍ରୁତମ୍ ।୯।

ସ ଯତ୍ର ଗିରିଜାପତିର୍ବସତି ଗନ୍ଧସିନ୍ଧୁ ମିଷାନ୍ ଧାୟୁ ନିକଟେ ଧିନ ମମରସାର୍ଥ ସାର୍ଥପ୍ରପାଂ ଯଦନ୍ୟୁ କୃପାଭରାନ୍ୟଧିତ କୁର୍ତ୍ତିବାସାଃ ଶ୍ରିୟୁଂ ମହେନ୍ଦ୍ରପଦଜତ୍ଭୁର୍ବାଂ ସୁଭଟରେ୍ଢଗଙ୍ଗେ (ଧା-୮) ନ ତାମ୍ ।୧୦।

ଯସ୍ମିନ୍ ବିନ୍ଦୁସରଃ ସରସ୍ବଦ ସଦ୍ଧକ୍ ଦୃକ୍‌ପେୟୁପାଥଃ ପତତ୍ ପାନ୍ଥଶ୍ରାନ୍ତିହରଂ ସୁଧାଜନଥ ନିଃସ୍ୟନ୍ଦଦ୍‌ବପୁଃ ଶାମ୍ଭବଂ । ଯଦ୍ ବିନ୍ଦୋରପି ନାନୁଯାନ୍ତି ପଦବୀଂ ତୀର୍ଥାନି ତାନି ସ୍ଫୁଟଂ ଭୂତାନୁଗ୍ରହନିର୍ମିତଂ ପୁରଜିତା ଲୋକୈକଶୋକାପହମ୍ ।୧୧।

ଯସ୍ୟା [ଧା୯]ନ୍ତଃ ପ୍ଲବମାନବୃଦ୍ଧକମଠୀ ପୃଷ୍ଠସ୍ଥଳ ସ୍ଥାୟୁକ- ପ୍ରେଙ୍ଖତ୍‌ଷଦ୍ ବାନରକାମିମାଃଭିରକଳ କ୍ରୀଡ଼ୋତ୍ସୁପ ପ୍ରାପିତା । ମଗ୍ନାୟୁ ମନ୍ଲୁମଜ୍ଜଣଭିରତ୍ର ତତ୍‌କାପେୟୁ ପାରପ୍ଲବାତ୍ ଦୂପ୍ଲୁତ୍ୟାଭିମୁଖଂ ପ୍ରହାରତରଳୋ ଲୋକଃ ସମ୍ଭ୍ରାମ୍ୟତେ ।୧୨।

[ଧା ୧୦] ତତ୍ତୀର୍ଥ ମଣ୍ଡନସ୍ୟାସ୍ୟଙ୍ଗରେ ନାନାବର୍ଣ୍ଣାଢନେ ଶ୍ରୀକୃଷ୍ଣ ଶ୍ରୀବଳା ବାସ ବାସିତେ ନନ୍ଦନାୟୁତେ ।୧୩।

ତନ୍ତ୍ରବ୍ୟୋମ ବପୁର୍ତ୍ତ—ଫଣୀନ୍ଦ୍ର ରସନାଚନ୍ଦ୍ର ପ୍ରମାଣୈର୍ମିତା ଶାତାସୁ କ୍ଷିତିଭୃଜ୍ଜକାବଧି ସମାସ୍ୱାବାଚଧି ସ୍ବାମିମାଂ । ଭୂପେ ଶ୍ରୀ ନରସିଂହ ଦେବ ତ [ଧା ୧] ନୟେ ଭାନୌ ଚରଂ ଶାସତି ପ୍ରାସାଦାଂସ୍ତିରମାରଭାନ୍ଦ ବିଦଧେ ସେୟୁଂ ହରେର୍ଭୀ ମଭୂଃ ।୧୪।

ପ୍ରାସାଦମୂର୍ଦ୍ଧ୍ୱଶିଖର ସ୍ଥିର ହେମକୁମ୍ଭଦମ୍ଭୋ ଦର୍ଶିତଜଗଜ୍ଜନ କୋଷଭାଣ୍ଡମ୍ । ବ୍ରହ୍ମସ୍ୱରୂପ ମନ୍ତ୍ରରୂପ ମନ୍ତ୍ର ପ୍ରବନ୍ଧା ବଂଶୌ ମହାର୍ଣ୍ଣବଣମୂସ୍ୟ [ଧା ୧୨] ହରେସ୍ତମେତୋ ।୧୫।

ଅସ୍ୟ ମଣ୍ଡଳସ୍ୟୈତୁଂ ମୃଗାଙ୍କଚୂଡ଼ାମଣିମୂରସଙ୍କୃତ ହେଳମୌଳିଭାବଃ । ଅପିତୁ ଧନଧରଂ ଜହ୍ନସଦେବଦ୍ୱସ୍ୟ ମସ୍ୟମଣ୍ଡନ ଗର୍ଭ ଗହ୍ୱର- ଶ୍ରୀଃ ।୧୬।

*ତସୈ୍ୟତସ୍ୟ ବରଚତମ୍ୟ ରସାତ୍ ପ୍ରଶସ୍ତିଂ ଶ୍ରୀମାନୁମା[ଧା୧୩] ପତି କବସ୍ୱୀପୁରନ୍ଦଦାସଃ । ତତ୍ରତ୍ ସମଗ୍ର ଗୁଣ ସମ୍ପଦ ମାତତାନ ସମ୍ୟକ୍ ସୁବର୍ଣ୍ଣରୁଚିରାମଶରାତ୍ ପତାକାଂ ।୧୭।

•ମୁଖଂ ଚନ୍ଦ୍ରମିବୈତସ୍ୟା ବିଲୋକ୍ୟ ଦୁହ୍ୱଜୁଃ କଳ । ଚନ୍ଦ୍ରାଦେବ୍ୟା ମୁବାଚୈନାଂ ନାମ୍ନା ଭ୍ରମମହୀପତିଃ ।୧୮।

ଗୀତଜ୍ଜାଲସ୍ୟ [ଧା୧୪] ତାଳ-ନର୍ତ୍ତନ କଳା-କୌଶଲ୍ୟଲୀଳାଳସ୍ୟ ବାଲ୍ୟାଦଚ୍ୟୁତଭକ୍ତି ଭାବତମତ୍ତ୍ୱର୍ଦାସ୍ତିନ୍ତୁରୂପ ଶ୍ରିୟେ । ପିତା ହୈହୟବଂଶଜାସ୍ୟ ଶୁଚୟେ ଚନ୍ଦ୍ରାପହା ଚନ୍ଦ୍ରିକା ପୁନସ୍ୟାଂପରମର୍ଦ୍ଦିନାମ ଭଜତେ ଷଷ୍ଠସ୍ୟ ରତ୍ନାନ୍ୱିତା ।୧୯।

ସର୍ନୀଡ଼ାମନସ୍ୟ ବ [ଧା୧୫] ଧୈୟ ବନ୍ଧଧ ରାଗାନୁବନ୍ଧୋତ୍ସବାଂ ପତ୍ନ୍ୟା ବୀର ନୃସିଂହଦେବ ନୃପତେର୍ଦ୍ୱେଷ୍ୟାନ୍ ରଣେ ରଜ୍ୟତଃ । ଦତ୍ତ୍ୱାତାନ୍ ସୁରଲୋକଗାନପି ରୁଷା ଜେତୁଂ ସ୍ୱୟଂ ସ୍ୱର୍ଗଯୌ ମନ୍ୟେଽସୌ ପରମର୍ଦ୍ଦିଦେବ ସୁଭଟଃ କୀର୍ତ୍ତିଂ ସମୁଲ୍ଲାସହଂ ।୨୦।

---

*ପ୍ରଶସ୍ତିକାର କବି ଉମାପତି ଜଣେ ଗଙ୍ଗ ରାଜାଙ୍କର ସେନାପତି ଥିଲେ । ଅନନ୍ତ-ବାସୁଦେବ ମନ୍ଦିରର ୪ର୍ଥ ଶ୍ଳୋକର ପାଠ ଅମରେଶ୍ୱର ମନ୍ଦିରର ୩ୟ ଶ୍ଳୋକର ପାଠ ଏକ ଥିବାର କଥା ଶ୍ରୀ ସତ୍ୟନାରାୟଣ ରାଜଗୁରୁ କେନ୍ଦୁଲି ତମ୍ବାପଟ୍ଟାର ପ୍ରବନ୍ଧରେ ପୃ୭୮ରେ ଲେଖି ଅଛନ୍ତି । [O H R. Journal vol V. 1956, P 78] ଏଥିରୁ ଦେଖାଯାଇଛି ଯେ, ସେ ସମୟରେ ସୈନ୍ୟବିଭାଗରେ ବଡ଼ ବଡ଼ କବି ମଧ୍ୟ ଥିଲେ ।

ଏକାମ୍ରା ହ୍ୱୟବେଦ [୬।୧୭] ତେ ସୁମହସି ଶ୍ରୀକୃତ୍ତିବାସଃ ପ୍ରିୟେ କ୍ଷେତ୍ରେ ପୁଣ୍ୟବଳେ ଶ୍ରୁତାମୃତଫଳେ ମର୍ବାତ୍ତି ପୁଷ୍ଟେ ଷ୍ଟଳେ । ପ୍ରାସାଦଂ ପୁରୁଷୋତ୍ତମସ୍ୟ ଯବଳଂ ସେତ୍ରାପଦଂ ବୈଷ୍ଣବଂ ଗନ୍ତୁଂ ମଙ୍ଗଳପୂର୍ଣ୍ଣକୁମ୍ଭ-ଶିରସଂ ଶ୍ରଦ୍ଧାଶ୍ରିତାଚୀକରତ୍ ।୨୧।

ପାଦାତ୍ ଶିରୋବଧି ଜ [୬।୧୭] ଗତ୍କମମାପ୍ୟ ରୂପମନନ୍ତମୂର୍ତ୍ତିସ୍ଥ କେଶବମସୌ ଶୁଭକର୍ମଭାଜମ୍ । ସଚ୍ଛନ୍ଦସଙ୍ଗତ ମଣ୍ଡପ୍ରସର ପ୍ରସାଦଂ ପ୍ରାସାଦ-ମେତମସମଂ ସ୍ୱମିବ ବ୍ୟଧତ୍ତ ।୨୨।

ମୁକୁଟା ଦୈ୍ୟରଳକାଂରୈଃ ଶକ୍ତ୍ୟା ଭକ୍ତ୍ୟା ମୁଦାନ୍ୱିତା ବଳ-କୃଷ୍ଣ ସୁଭଦ୍ରାଣ୍ଟ ଶ୍ରେୟ ସେଽ ସାବଭୂଷୟତ୍ । ୨୩ ।

ଚନ୍ଦ୍ରା ଦେବୀଙ୍କର ପ୍ରଶସ୍ତିରେ ଉତ୍କଳ ଦେଶ, ଏକାମ୍ର କ୍ଷେତ୍ର, ବିନ୍ଦୁସାଗର ଓ ଉତ୍କଳର ଗଙ୍ଗନୃପତି ଚୋଡ଼ଗଙ୍ଗ, ଅନଙ୍ଗଭୀମ, ନରସିଂହ ଭାନୁଦେବଙ୍କର କଥା ଲିଖିତ ଅଛି । କେବଳ ସେତିକି ନୁହେଁ, ଅନନ୍ତ ବାସୁଦେବ ମନ୍ଦିରରେ ଥିବା ଦେବତା ବଳ-କୃଷ୍ଣ ସୁଭଦ୍ରାଙ୍କର ନାମ ଅଛି । ଅଦ୍ୟାପି ପଣ୍ଡାମାନେ ପୂଜାକଲାବେଳେ ନିମ୍ନୋକ୍ତ ଧ୍ୟାନ ପଢ଼ନ୍ତି:—

୧ । **ଅନନ୍ତଙ୍କର ଧ୍ୟାନ** : ଦୋର୍ଦ୍ଦଣ୍ଡଂ ଶୋଭିତଲାଙ୍ଗଳଂ ସମୁଷଳଂ କାଦମ୍ବରୀ ଚଞ୍ଚଳଂ । ରତ୍ନୈ ରଚିତ କୁଣ୍ଡଳଂ ଭୁଜବଳୈଃକ୍ରାନ୍ତ ଭୂମଣ୍ଡଳଂ । ବଜ୍ରାଭଂ ଗୁରୁଗର୍ବ୍ବ ଗଣ୍ଡ ଯୁଗଳଂ ନାଗେନ୍ଦ୍ର ଚୂଡ଼ାଙ୍କୁଳଂ ସଂଗ୍ରାମେ ଚପଳଂ ଶଶାଙ୍କଧବଳଂ ଶ୍ରୀ କାମପାଳଂ ଭଜେ ॥

୨ । **ବାସୁଦେବଙ୍କର ଧ୍ୟାନ** :

କାଳାଭ୍ରାଞ୍ଜନ ପୁଞ୍ଜ ସୁନ୍ଦର ମୁଖଂ ପଦ୍ମାଭିଳାଷସ୍ଥିତଂ ॥
ଶଙ୍ଖାଦ୍ୟାମରବନ୍ଦିତଂ ପଦଯୁଗଂ ଶଙ୍ଖାରି ବାହୁଦ୍ୱୟମ୍ ॥
ଆନନ୍ଦାପ୍ଲ ତବାରିଧିଂ ପ୍ରଭଜତାଂ ମୁକ୍ତୈ୍ୟକହେତୁଂ ବିଭୁଂ
ସଂସାରାର୍ଣ୍ଣବତାରଣଂ ତ୍ରିଜଗତାଂ ନାଥଂ ଭଜେ କେଶବମ୍ ॥

## ୩ । ସୁଭଦ୍ରାଙ୍କର ଧ୍ୟାନ :

ନାନାଭୂଷଣଭୂଷିତାଂ ସୁମନସାମାନନ୍ଦ କଲ୍ଲୋଲମାଂ
ଫୁଲ୍ଲେନ୍ଦୀବର ନୀଳ ଲୋଚନଯୁଗାଂ ଶ୍ରୀରାମକୃଷ୍ଣାନୁଜାମ୍ ।
ସର୍ବାଭୀଷ୍ଟଫଳପ୍ରଦାନନିରତାଂ ତ୍ରୈଲୋକ୍ୟସମ୍ମୋହନୀଂ
ଦେବେଶୀଂ ଭବଦୁଃଖ ଦାହଶମନୀଂ ଦେବୀଂ ସୁଭଦ୍ରାଂ ଭଜେ ॥

ବର୍ତ୍ତମାନ ଦେଖାଯାଉ ଏହି ପୋଥି ବାଇଗଣ, ବାଡ଼ି ବାଇଗଣ ସହିତ ସମାନ ଅଛି କିନା ? ଅନନ୍ତ ବାସୁଦେବ ମନ୍ଦିରରେ ପୂଜା ପାଉ-ଥିବା ତିନୋଟି ମୂର୍ତ୍ତିର ବର୍ଣ୍ଣନା ତଳେ ଦିଆ ଯାଇଅଛି । ଏଥିରୁ ପାଠକ ମାନେ ବୁଝିବେ ଯେ ଶିଳାଲିପିର ପ୍ରଶସ୍ତି, ପଣ୍ଡାର ପୁରୁଷାନୁ କ୍ରମିକ ଧ୍ୟାନ ଓ ମନ୍ଦିର ମଧ୍ୟସ୍ଥ ମୂର୍ତ୍ତି ସବୁ କଥାର ଗୋଟିଏ ସାମଞ୍ଜସ୍ୟ ଅଛି ।

୧ । **ଅନନ୍ତ ମୂର୍ତ୍ତି** : ଏହାର ଉଚ୍ଚତା ୫୫ ଇଞ୍ଚ ଓ ଓସାର ୧୮ ଇଞ୍ଚ । ମୂର୍ତ୍ତିଟିର ଦୁଇଟି ଭୁଜ ଓ ଶିର ଉପରେ ସପ୍ତଫଣା ବିଶିଷ୍ଟ ସର୍ପ ଅଛି । ଦକ୍ଷିଣ ଭୁଜରେ ହଳ ଓ ବାମ ଭୁଜରେ ମୂଷଳ ଶୋଭା ପାଉଅଛି । ହଳଟି ଭାଙ୍ଗି ଯାଇ ଅଛି । ମୂର୍ତ୍ତିର ଠିଆ ହେବା ଭଙ୍ଗି ଏପରି ଯେ ସେଥିରେ ଆଣ୍ଠୁ ଦୁଇଟି ସଳଖ ଭାବରେ ଅଙ୍କିତ ହୋଇଅଛି । ଶିରୋଭୂଷଣ ବଡ଼ ଅସ୍ପଷ୍ଟ ଦେଖା ଯାଉ ଅଛି । ଉତ୍ତରୀଣଟି ବାମସ୍କନ୍ଧ ଦେଶରୁ ଲମ୍ବିମାନ ହୋଇ ପଡ଼ିଅଛି ଓ ଡାହାଣ ଆଣ୍ଠୁ ପାଖରେ ତହିଁରେ ଗୋଟିଏ ଗଣ୍ଠି ପଡ଼ିଅଛି । ମନ୍ଦିର ଭିତରର ମୂର୍ତ୍ତିଟି ପରି ଆଉ ଗୋଟିଏ ମୂର୍ତ୍ତି ଅନନ୍ତ ବାସୁଦେବ ମନ୍ଦିର ସମ୍ମୁଖସ୍ଥ ଘାଟରେ ମଧ୍ୟ ଅଛି । ମନ୍ଦିରର ମୂର୍ତ୍ତିଟି ସିଂହାସନର ଶେଷ ଭାଗରେ ଅଛି । ମୂର୍ତ୍ତିଗୁଡ଼ିକ ପଶ୍ଚିମକୁ ମୁଖ କରି ବସାଇ ଦିଆ ହୋଇଥିବାରୁ ଅନନ୍ତ ମର୍ତ୍ତିର ସ୍ଥାନ ଗର୍ଭ ଗୃହର ଉତ୍ତର କାନ୍ଥ ଆଡ଼କୁ ଅଛି ।

୨ । **ସୁଭଦ୍ରା ମୂର୍ତ୍ତି** : ଏହାର ଉଚ୍ଚତା ୪୦ ଇଞ୍ଚ ଓ ଓସାର ୧୭ ଇଞ୍ଚ । ପ୍ରଭାରେ ଏକ ମନ୍ଦିରର ଚିହ୍ନ ଖୋଦିତ ଅଛି ଓ ଶିରର ଉପର ଭାଗରେ ଦୁଇଟି ପ୍ରସ୍ଫୁଟିତ ପଦ୍ମ ଶୋଭା ପାଉଅଛି । ସିଂହାସନ

ଉପରେ ଅନ୍ୟ ଗୋଟିଏ ପଦ୍ମପୀଠରେ ମୂର୍ତ୍ତିଟି ଠିଆ ହୋଇଅଛି । ମୂର୍ତ୍ତିର ପାପୁଲି ଦୁଇଟି ଭାଙ୍ଗି ଯାଇଅଛି । ଅନ୍ୟାନ୍ୟ ଅଳଙ୍କାର ବ୍ୟତୀତ ବନମାଳା ମଧ୍ୟ ଲମ୍ବିତ ଅଛି । ମୂର୍ତ୍ତିର ଦୁଇ ପାଖରେ ଦୁଇଜଣ ପରିଚାରିକା ଅଛନ୍ତି । ଏହି ମୂର୍ତ୍ତିଟି ଅନନ୍ତ ମୂର୍ତ୍ତିର ବାମରେ ସ୍ଥାପିତ ହୋଇଅଛି ।

୩ । **ବାସୁଦେବ ମୂର୍ତ୍ତି** : ଏହାର ଉଚ୍ଚତା ୫୮ ଇଞ୍ଚ ଓ ଓସାର ୧୮ ଇଞ୍ଚ । ମୂର୍ତ୍ତିର ମୁଣ୍ଡ ପଛରେ ବୃତ୍ତାକାର ପ୍ରଭା ଅଛି । ଶିରରେ ମୁକୁଟ ଅଛି ଓ ଦେହରେ ପଇତା ଅଛି । ମୂର୍ତ୍ତିର ଚାରୋଟି ଭୁଜ ଅଛି । ଉପର ବାମ ଭୁଜରେ ଶଙ୍ଖ ଓ ତଳ ବାମ ଭୁଜରେ ଚକ୍ର ଶୋଭା ପାଉଅଛି । ଉପର ଦକ୍ଷିଣ ଭୁଜରେ ଗଦା ଓ ତଳ ଦକ୍ଷିଣ ଭୁଜରେ ପଦ୍ମ ଅଛି । ଅନ୍ୟାନ୍ୟ ଅଳଙ୍କାର ବ୍ୟତୀତ ବନମାଳା ମଧ୍ୟ ଅଛି । ପଣ୍ଡାମାନେ କୌଣସି ଭକ୍ତପ୍ରଦତ୍ତ ଦୁଇଟି ରୂପାର ଆଖି ଯୋଡ଼ି ଦେଇ ଅଛନ୍ତି । ଏହି ମୂର୍ତ୍ତିପରି ଆଉ ଗୋଟିଏ ମୂର୍ତ୍ତି ବିନ୍ଦୁ ସରୋବରର ଘାଟରେ ଅଛି । ମୂର୍ତ୍ତି ତିନୋଟି ଯାକ ଗୋଟିଏ ପାଦ ପୀଠରେ ଠିଆ ହୋଇ ଅଛନ୍ତି । ପାଦପୀଠଟି ମନ୍ଦିର ଦେହରେ ଗାନ୍ଥୁଣି ହୋଇଅଛି । ଗର୍ଭ ଗୃହର ଗୋଟିଏ କୋଣରେ ମାତଙ୍ଗୀ ମହାଲକ୍ଷ୍ମୀ ଓ ସୁଦର୍ଶନ ମୂର୍ତ୍ତି ଅଛି । ସୁଦର୍ଶନ ଖଣ୍ଡିଏ ପଥରର ଖମ୍ବ ପରି ଦେଖାଯାଉଛି । ଅନନ୍ତ ବାସୁଦେବ ମନ୍ଦିର ଓ ବିନ୍ଦୁ ସରୋବରର ଅନନ୍ତ-ବାସୁଦେବ ଘାଟ ଛଡ଼ା ଲିଙ୍ଗରାଜ ମନ୍ଦିରର ହତା ଭିତରେ 'ଅନନ୍ତେଶ୍ୱର' ମନ୍ଦିରରେ ତିନୋଟି ଅନନ୍ତ-ବାସୁଦେବ-ସୁଭଦ୍ରା ମୂର୍ତ୍ତି ଅଛନ୍ତି । ଅନନ୍ତେଶ୍ୱର ମନ୍ଦିରର ମୂର୍ତ୍ତିଗୁଡ଼ିକ ସମ୍ବନ୍ଧେ ଇତିପୂର୍ବେ କେହି କିଛି ଲେଖି ନାହାନ୍ତି । ଅନନ୍ତ ବାସୁଦେବ ମନ୍ଦିରର ମୂର୍ତ୍ତି ଗୁଡ଼ିକଠାରୁ ଅନନ୍ତେଶ୍ୱର ମନ୍ଦିରର ମୂର୍ତ୍ତି ଗୁଡ଼ିକର କଳା କୁଶଳତା ପୃଥକ୍ । ଫଟୋଗ୍ରାଫ ଛଡ଼ା କେବଳ ବର୍ଣ୍ଣନାରେ ଉଭୟ ମୂର୍ତ୍ତି ଗୁଡ଼ିକର ପାର୍ଥକ୍ୟ ବୁଝାଇବା କଠିନ । ଭୁବନେଶ୍ୱର ନିବାସୀ ମୋର ଶ୍ରଦ୍ଧେୟ ବନ୍ଧୁ ଶ୍ରୀଯୁକ୍ତ କେଦାର ନାଥ ମହାପାତ୍ର ଏହି ସବୁ ମୂର୍ତ୍ତି ଗୁଡ଼ିକର ପରିଚୟ ସଂଗ୍ରହ କରିବା ବେଳେ ବିଶେଷ ସାହାଯ୍ୟ କରିଥିବାରୁ ତାଙ୍କଠାରେ ଋଣୀ ଅଛି ।

ବର୍ତ୍ତମାନ ଦେଖାଯାଉ, ଭବଦେବ ଭଟ୍ଟଙ୍କର ପ୍ରଶସ୍ତି ଲିପିରେ କି କଥା ଲିଖିତ ଅଛି । ଏହି ପ୍ରଶସ୍ତିରେ 'ଗୌଡ଼' 'ରାଢ଼' ଓ 'ବଙ୍ଗ' ଦେଶର କଥା ଅଛି । ବର୍ତ୍ତମାନ ବଙ୍ଗଦେଶ କହିଲେ ଯେଉଁ ଅଞ୍ଚଳ ବୁଝାଯାଏ, ସେ ସମୟର 'ବଙ୍ଗଦେଶ' ତାହା ନୁହେଁ । ସେ ବଙ୍ଗଦେଶରୁ 'ଗୌଡ଼' ରାଜ୍ୟ ସ୍ୱତନ୍ତ୍ର ଥିଲା । ରାଢ଼ଦେଶ 'ଗୌଡ଼' ରାଜ୍ୟର ଅନ୍ତର୍ଭୁକ୍ତ ଥିଲା ବୋଲି ଅନୁମିତ ହୁଏ । 'ସିଦ୍ଧଲଗ୍ରାମ' ଭବଦେବଙ୍କର ଜନ୍ମଭୂମି ଓ ତାହା 'ରାଢ଼ ଦେଶର' ଗୋଟିଏ ପ୍ରସିଦ୍ଧ ଗ୍ରାମ ଥିଲା । ଏଥିରୁ ପ୍ରତିପନ୍ନ ହେଉଅଛି ଯେ ଭବଦେବ ପ୍ରଶସ୍ତିରେ ଚନ୍ଦ୍ରାଦେବୀଙ୍କ ପ୍ରଶସ୍ତି ସଦୃଶ ନିଜ ନିଜ ଦେଶର ବର୍ଣ୍ଣନା କରିବାକୁ କବି ଭୁଲି ନାହାନ୍ତି । ଭବଦେବ ପ୍ରଶସ୍ତିର ୩ୟ ଶ୍ଳୋକରେ 'ରାଢ଼ାଶ୍ରିତଃ' ସିଦ୍ଧଲ ଗ୍ରାମ ବର୍ଣ୍ଣିତ ହେଲା ପରେ, ୪ର୍ଥ ଶ୍ଳୋକଠାରୁ ୨୫ଶ ଶ୍ଳୋକ ପର୍ଯ୍ୟନ୍ତ ଭବଦେବଙ୍କ ପୂର୍ବପୁରୁଷମାନଙ୍କର ଓ ଭବଦେବଙ୍କ ଗୁଣାବଳି କବିଙ୍କ ଦ୍ୱାରା ବର୍ଣ୍ଣିତ ହୋଇଅଛି । ୨୬ଶ ଶ୍ଳୋକରେ ଜଳହୀନ ରାଢ଼ ଦେଶରେ ଭବଦେବ ଜଳାଶୟମାନ ଖୋଳାଇ ଥିବାର କଥା ଉଲ୍ଲେଖ କରି କବି ୨୭ଶ ଶ୍ଳୋକରେ 'ନାରାୟଣ' ମୂର୍ତ୍ତି ପ୍ରତିଷ୍ଠା କରିଥିବାର କଥା ଉଲ୍ଲେଖ କରିଅଛନ୍ତି । ୨୮ଶ ଶ୍ଳୋକରେ ନାରାୟଣଙ୍କ ନିମିତ୍ତ ନିର୍ମିତ ବର୍ଣ୍ଣନାରୁ ବୁଝାଯାଉଅଛି ଯେ, ତାହାର ଚତୁର୍ଦ୍ଦିଗରେ ଅନ୍ୟ କୌଣସି ମନ୍ଦିର ନ ଥିଲା । କୌଣସି ଚକ୍ଷୁଷ୍ମାନ୍ କବି ଭୁବନେଶ୍ୱରରେ ଏପରି ବର୍ଣ୍ଣନା କରିବାକୁ ସାହସୀ ହେବନାହିଁ । କବି ଲେଖି ଅଛନ୍ତି:—

ତେନାୟଂ ଭଗବାନ୍ ଭବାର୍ଣ୍ଣବସମୁତ୍ତରାୟ ନାରାୟଣଃ, ଶୈଳଃ ସେତୁରିବ ପ୍ରସାଧିତଧରାପୀଠଃ ପ୍ରତିଷ୍ଠାପିତଃ । ଯଃ ପ୍ରାଚୀବଦନେନ୍ଦୁ ମାଲତିଲକା ଲୀଲାବତଂସୋତ୍ପଲଭ୍ରୂମେଭ୍ରୂତଲ-ପାରିଜାତବିଟପୀସଂକଳ୍ପ-ସିଦ୍ଧିପ୍ରଦଃ ।୨୭।

ତେନ ପ୍ରାସାଦ ଏଷ ତ୍ରିପୁରହରଗିରିସ୍ପର୍ଦ୍ଧୟା ବର୍ଦ୍ଧିତଶ୍ଚ, ଶ୍ରୀମାନ୍ ଶ୍ରୀବତ୍ସଲକ୍ଷ୍ମା ହରିରିବ ବହିତୋ ବିସ୍ଫୁରଚ୍ଚନ୍ଦ୍ରଚିହ୍ନଃ । ଜିତ୍ୱା ଯୋ ବୈଜୟନ୍ତଂ ବପୁଷି ବହତିତେ ବୈଜୟନ୍ତୀ ବିଳାସାନ୍ କୈଳାସେ-ନାଭିନାକଂ କଳୟତି ଶିଖରୈଃ ଯସ୍ୟ ସଂଲଗ୍ନଲକ୍ଷ୍ମୀମ୍ ।୩।

ନ୍ୟଧାଦ୍ଦଶଦ୍ ବେଶ୍ମନ ତନ୍ନ ବିଷ୍ଣୋଃ, ସନ୍ଦର୍ଭରଂ ଗର୍ଭଗୃହାନ୍ତରେଷୁ । ନାରାୟଣାନନ୍ତନୃସିଂହମୂର୍ତ୍ତିର୍ଦ୍ଧାତୃବକ୍ତ୍ରେଷିବ ବେଦବର୍ଦ୍ଧ୍ୟା ।୨୯।

୨୯ ଶ୍ଳୋକର ଅର୍ଥ ପୂର୍ବବର୍ତ୍ତୀ ଲେଖକମାନେ କିପରି କରି ଅଛନ୍ତି ତାହା ତଳେ ଦିଆଗଲା:—

(୧) ୧୮୩୭ରେ ମାର୍ସେଲ ସାହେବ ଏହି ଶ୍ଳୋକର ଅନୁବାଦ ୬ଷ୍ଠ ଭାଗ ଏସିଆଟିକ୍ ସୋସାଇଟି ପତ୍ରିକାର ୯୭ ପୃଷ୍ଠାରେ ଲେଖିଥିଲେ ।

**"He (Bhavadev) placed in that house of vishnu in the innermost sanctaries the images of Narayan, Ananta and Nrisimha as the vedas in the mouths of Brahma".**

ଅର୍ଥାତ୍ ସେ (ଭବଦେବ) ବିଷ୍ଣୁଙ୍କର ସେହି ମନ୍ଦିରର ଅଭ୍ୟନ୍ତରସ୍ଥିତ ଗର୍ଭଗୃହ ଗୁଡ଼ିକରେ ନାରାୟଣ, ଅନନ୍ତ ଓ ନୃସିଂହ ମୂର୍ତ୍ତି ଗୁଡ଼ିକୁ ବ୍ରହ୍ମାଙ୍କର ମୁଖରେ ବେଦ ସଦୃଶ ସ୍ଥାପନ କରିଥିଲେ । ଏହି ଅନୁବାଦରେ **"inner most Sanctuaries"** 'ଗର୍ଭ ଗୃହାନ୍ତର' ଶବ୍ଦର ବହୁବଚନ ଅର୍ଥରେ ଗୃହୀତ ହୋଇଥିବାର ଅନୁମିତ ହୁଏ । ଏ ଅର୍ଥ ଠିକ ହୋଇ ନାହିଁ । ମୂଳ ଶ୍ଳୋକରେ 'ଗର୍ଭ ଗୃହ୍ୟାଭ୍ୟନ୍ତର' ଶବ୍ଦ ଥିଲେ ଏପରି ଅର୍ଥ ହୋଇଥାନ୍ତା ।

(୨) ରାଜେନ୍ଦ୍ରଲାଲ ମିତ୍ର ମାର୍ଶେଲ୍ ସାହେବଙ୍କ ଅନୁବାଦ ଠିକ୍ ବୋଲି ଗ୍ରହଣ କରିଥିଲେ । ତତ୍ପରେ (୩)କିଲହର୍ଣ୍ଣ ସାହେବ ଲେଖି ଅଛନ୍ତି (ଏପି ଗ୍ରାଫିଆ ଇଣ୍ଡିକା ଭା ୬ ପୃ ୨୦୪)

**Moreover at the place where the inscription is, he set a stone image of God Narayan (Vishnu)**

(V27) and founded a temple of the God (V.28) in which he placed images of his in the forms of Narayan, Ananta and Nrisimha".

ଅର୍ଥାତ୍ ଶିଳାଲିପିଟି ଥିବା ସ୍ଥାନରେ ସେ ବିଷ୍ଣୁଙ୍କର ଶିଳାମୂର୍ତ୍ତି ସ୍ଥାପନ କଲେ । ଦେବତାଙ୍କ ପାଇଁ ଗୋଟିଏ ମନ୍ଦିର ଗଢ଼ି ତହିଁରେ ବିଷ୍ଣୁଙ୍କର ନାରାୟଣ, ଅନନ୍ତ ଓ ନୃସିଂହ ମୂର୍ତ୍ତିଗୁଡ଼ିକ ରଖାଇଥିଲେ ।

[୪] ନଗେନ୍ଦ୍ରନାଥ ବସୁ ତାଙ୍କର 'ବଙ୍ଗୀୟ ଜାତୀୟ ଇତିହାସ' ଗ୍ରନ୍ଥର ୧ମ ଭାଗ ୧ମାଂଶ ୩୪୯ପୃଷ୍ଠାରେ ଲେଖି ଅଛନ୍ତି:—

"ତିନ ସେଇ ପ୍ରାସାଦେର ଗର୍ଭଗୃହ ମଧ୍ୟେ ବ୍ରହ୍ମାର ମୁଖ ସମ୍ମୁହେ ବେଦ ବିଦ୍ୟାର ନ୍ୟାୟ ଭଗବାନ ବିଷ୍ଣୁର ନାରାୟଣ, ଅନନ୍ତ ଓ ନୃସିଂହ ଏଇ ତିନଟି ମୂର୍ତ୍ତି ସ୍ଥାପନ କରେନ ।" ମୂଳଲିପିର ପାଠ ସମ୍ବନ୍ଧରେ ବସୁ ମହାଶୟ 'ମୂର୍ତ୍ତୀଃ'ର ବନାନ ଠିକ୍ ରଖି ୨ୟା ବହୁବଚନାନ୍ତ ଶବ୍ଦ ବୋଲି ସ୍ଥିର କରିଥିଲେ ।

[୫] ମନମୋହନ ଚକ୍ରବର୍ତ୍ତୀ ଏସିଆଟିକ୍ ସୋସାଇଟି ପତ୍ରିକାର [ନୂତନ ଗ୍ରନ୍ଥମାଳା] ୮ମ ଭାଗର ପୃ୩୩୮ରେ ଲେଖିଅଛନ୍ତି:—

"From the inscription one learns that Bhavadeva built a high wheel crested temple placed in its inner sanctum the images of Vasudev Ananta and Nrisimha."

ଅର୍ଥାତ୍ ଶିଳାଲେଖରୁ ଜଣାଯାଏ ଯେ, ଭବଦେବ ଗୋଟିଏ ଅତ୍ୟୁଚ୍ଚ ଚକ୍ର ଶୋଭିତ ମନ୍ଦିର ଗଢ଼ି ତହିଁରେ ଥିବା ଭିତରସ୍ଥିତ ଗର୍ଭଗୃହରେ ବାସୁଦେବ, ଅନନ୍ତ ଓ ନୃସିଂହ ମୂର୍ତ୍ତିଗୁଡ଼ିକ ବସାଇଥିଲେ ।

ସର୍ବଶେଷରେ ନନ୍ଦଗୋପାଳ ମଜୁମଦାର ମହାଶୟ Inscription of Bengal ଗ୍ରନ୍ଥରେ ପୃ୪°ଷ୍ଠାରେ ଏହି ଶ୍ଳୋକର ଅନୁବାଦ ଲେଖି ଅଛନ୍ତି:—

(Verse 29) There in the Vishṇu Temple in the respective sanctums ( Garbha Grihas ) he urgently placed images of the God in the form of Narayan, Ananta and Nrisimha like the three Vedas in the mouths of the creator ( i.e. Brahma).

ଅର୍ଥାତ୍ ସେ ସେହି ବିଷ୍ଣୁମନ୍ଦିରର ଗର୍ଭଗୃହଗୁଡ଼ିକରେ ନିର୍ଭରତା ସହିତ ଦେବତାଙ୍କର ନାରାୟଣ, ଅନନ୍ତ ଓ ନସିଂହ ମୂର୍ତ୍ତିଗୁଡ଼ିକୁ ବ୍ରହ୍ମାଙ୍କ ମୁଖରେ [ତିନୋଟି] ବେଦ ଥିବା ସଦୃଶ ସ୍ଥାପନ କରିଥିଲେ ।

ଓଡ଼ିଶାରେ [୧] ରାଧାକୃଷ୍ଣ ବସୁ ମଧ୍ୟ ଏହି ଶ୍ଳୋକର ଅର୍ଥ ଏହିପରି ଲେଖିଥିଲେ:—

"ସେ ସେହି ପ୍ରାସାଦର ଗର୍ଭଗୃହ ମଧ୍ୟରେ ବ୍ରହ୍ମାର ମୁଖସମୂହରେ ବେଦ ବିଦ୍ୟାପରି [ବେଦତ୍ରୟୀ ପରି] ଭଗବାନ ବିଷ୍ଣୁଙ୍କର ନାରାୟଣ, ଅନନ୍ତ ଓ ନୃସିଂହ ଏହି ତିନୋଟି ମୂର୍ତ୍ତି ସ୍ଥାପନ କରିଥିଲେ ।"

'ଉତ୍କଳ ସାହିତ୍ୟ' ୫ମ ଭାଗ ପୃ୨୮°ଷ୍ଠାରେ [୨] ପଣ୍ଡିତ ଗଦାଧର ରଥଙ୍କ ଓଡ଼ିଆ ଅନୁବାଦ ତଳେ ଦିଆଗଲା—

"ଭବଦେବ ସେହି ମନ୍ଦିର ମଧ୍ୟରେ ବିଧାତା ବଦନରେ ବେଦ ବିଦ୍ୟାମାନଙ୍କ ତୁଲ୍ୟ ବିଷ୍ଣୁଙ୍କର ରୂପାନ୍ତରମାନ ନାରାୟଣ, ଅନନ୍ତ ଓ ନୃସିଂହ ନାମକ ମୂର୍ତ୍ତିତ୍ରୟଙ୍କୁ ସ୍ଥାପନ କଲେ ।"

ଉପର୍ଯ୍ୟୁକ୍ତ ପଣ୍ଡିତମାନେ ଏହି ଶ୍ଳୋକର ପ୍ରକୃତ ଅର୍ଥ କରିବାକୁ କ୍ଷମ ହୋଇ ନାହାନ୍ତି । ଶ୍ଳୋକର ପ୍ରଥମ ଧାଡ଼ିରେ ଥିବା 'ବେଶ୍ମନି' ଶବ୍ଦରେ ଏକ ବଚନାନ୍ତ ସପ୍ତମୀ ବିଭକ୍ତି ଅଛି, ମାତ୍ର ୨ୟ-

ଧାଡ଼ିରେ 'ଗର୍ଭଗୃହାନ୍ତରେଷୁ' ଶବ୍ଦରେ ବହୁ ବଚନାନ୍ତ ସପ୍ତମୀ ବିଭକ୍ତି ଅଛି । ପ୍ରତ୍ୟେକ ମନ୍ଦିରରେ କେବଳ ଗୋଟିଏ ମାତ୍ର 'ଗର୍ଭଗୃହ' ଥାଏ । ତେଣୁ ସେଠାରେ ୭ମୀ ବହୁ ବଚନର ବିଭକ୍ତି ବ୍ୟବହୃତ ହେବା ନିତାନ୍ତ ଅସଙ୍ଗତ । ୩ୟ ଧାଡ଼ିରେ ଥିବା 'ମୂର୍ତ୍ତିଃ' ଶବ୍ଦଟିକୁ ଅନେକେ ପ୍ରଥମା ଏକ ବଚନର ଶବ୍ଦ ବୋଲି ଛପାଇ ଅଛନ୍ତି । କିନ୍ତୁ ଶିଳାଲିପିରେ 'ମୂର୍ତ୍ତୀଃ' ଲିଖିତ ଅଛି ଓ ମୂର୍ତ୍ତି ଶବ୍ଦ ୨ୟା ବହୁ ବଚନରେ 'ମୂର୍ତ୍ତୀଃ' ହୁଏ । ଏହି ଶ୍ଳୋକରେ ଏହି ଶବ୍ଦଟି ଏକମାତ୍ର କର୍ମକାରକ ଶବ୍ଦ । ୪ର୍ଥ ଧାଡ଼ିରେ 'ବିଧାତୃ ବକ୍ତ୍ରେଷୁ' ସହିତ 'ଗର୍ଭଗୃହାନ୍ତରେଷୁ' ଓ 'ନାରାୟଣାନନ୍ତ ନୃସିଂହମୂର୍ତ୍ତୀଃ' ସହିତ 'ବେଦବିଦ୍ୟା' [ ବେଦତ୍ରୟୀ ଅର୍ଥରେ ] ଉପମା ଉପମେୟ ସମ୍ବନ୍ଧ ଅଛି । ପ୍ରାଚୀନ ଭାସ୍କରମାନେ ବ୍ରହ୍ମାଙ୍କର ମୂର୍ତ୍ତି ଗଢ଼ିଲା ବେଳେ ଚତୁର୍ମୁଖବ୍ରହ୍ମା ନ ଗଢ଼ି ତ୍ରିମୁଖବ୍ରହ୍ମାର ମୂର୍ତ୍ତି ଗଢ଼ନ୍ତି ଓ ସମ୍ମୁଖସ୍ଥ ମୁଖର ଦକ୍ଷିଣ ଓ ବାମ ଦିଗରେ ଦୁଇଟି ମୁଖ ଦିଅନ୍ତି । ମନ୍ଦିରର "ଗର୍ଭଗୃହରେ ନାରାୟଣ, ଅନନ୍ତ ଓ ନୃସିଂହ" ଏହି ତିନୋଟି ମୂର୍ତ୍ତି ବ୍ରହ୍ମାଙ୍କର ମୁଖଗୁଡ଼ିକ ସଦୃଶ ବସାଇଲେ ସିଂହାସନରେ ମୂର୍ତ୍ତି-ଗୁଡ଼ିକ ଗର୍ଭଗୃହର କାନ୍ଥଆଡ଼କୁ ମୁହଁକରି ବସିବେ ଓ ପୂଜକର ସମ୍ମୁଖରେ ଗୋଟିଏ ମୂର୍ତ୍ତି ମୁହଁ କରି ବସିବ ନାହିଁ;ସବୁ ମୂର୍ତ୍ତିର ପଛପଟ ପୂଜକର ଆଗରେ ରହିବ । ଏଣୁ "ଗର୍ଭଗୃହାନ୍ତର" ଶବ୍ଦରୁ ଗର୍ଭଗୃହର ବା ଗର୍ଭଗୃହାଭ୍ୟନ୍ତରର ଅର୍ଥ ଆସୁନାହିଁ । "ଅନ୍ତର" ଶବ୍ଦର ବହିର୍ଭାଗ ଅର୍ଥରେ ଏ ଗୋଳମାଳ ଆପେ କଟି ଯାଇଅଛି । ଗର୍ଭଗୃହାନ୍ତର ଶବ୍ଦର ପ୍ରକୃତ ଅର୍ଥ ହେଉଛି ଗର୍ଭଗୃହର ବାହାର ଅର୍ଥାତ୍ ମନ୍ଦିରରେ ଥିବା ପାର୍ଶ୍ୱଦେବତାଙ୍କର ସ୍ଥାନ । ପ୍ରତ୍ୟେକ ଶାସ୍ତ୍ରୀୟ ମନ୍ଦିରରେ ପ୍ରବେଶଦ୍ୱାର ଯେଉଁ ଦିଗରେ ଥାଏ, ତାହାର ଅନ୍ୟ ତିନ ଦିଗରେ ତିନୋଟି ପାର୍ଶ୍ୱ ଦେବତା ବସିବାର ସ୍ଥାନ ଥାଏ ଓ ପାର୍ଶ୍ୱ ଦେବତାମାନଙ୍କର ମୁଖ ବ୍ରହ୍ମାଙ୍କର ମୁଖସଦୃଶ ତିନିଆଡ଼କୁ ଥାଏ । ଏହି ଅର୍ଥରେ ନାରାୟଣ,ଅନନ୍ତ ଓ ନୃସିଂହ ମୂର୍ତ୍ତିଗୁଡ଼ିକ ଭବଦେବ ଭଟ୍ଟଙ୍କ ନିର୍ମିତ ନାରାୟଣଙ୍କ ମନ୍ଦିରର ପାର୍ଶ୍ୱଦେବତା ଅଟନ୍ତି । ଏହି ଭାବରେ ଯଦି କେହି ଏହି ଶ୍ଳୋକର ଅର୍ଥ କରିଥାଆନ୍ତେ ତେବେ ଅନେକ ଦିନ ଆଗରୁ ଭୁବନେଶ୍ୱରର ଅନନ୍ତ-

ବାସୁଦେବ ମନ୍ଦିରଟି ଭବଦେବ ଭଟ୍ଟଙ୍କର କୀର୍ତ୍ତି ବୋଲି ପରିଗଣିତ ହୋଇ ନଥାନ୍ତା । ଭବଦେବ ଭଟ୍ଟଙ୍କର ମନ୍ଦିର ଭୁବନେଶ୍ୱରରେ ନ ଥିବାର ଆଭ୍ୟନ୍ତରୀଣ ପ୍ରମାଣ ମଧ୍ୟରୁ ଏହାହିଁ ସର୍ବଶ୍ରେଷ୍ଠ ପ୍ରମାଣ । ଏହି ଶ୍ଳୋକର ଅର୍ଥ ହେଉଅଛି:—

ସେହି ବିଷ୍ଣୁ ମନ୍ଦିରର ଗର୍ଭଗୃହର ବାହାରେ ଥିବା ତିନୋଟି ଗର୍ଭଗୃହାନ୍ତରଗୁଡ଼ିକରେ ସେ ଉତ୍ସୁକ ହୋଇ ନାରାୟଣ, ଅନନ୍ତ ଓ ନୃସିଂହ ଦେବମୂର୍ତ୍ତିଙ୍କୁ ବ୍ରହ୍ମାଙ୍କର ତିନି ମୁଖରେ ତିନି ବେଦ ଶୋଭା ପାଇବା ସଦୃଶ ସ୍ଥାପନ କରିଥିଲେ ।

ମାର୍ଶେଲ୍ ସାହେବ ଏହି ଶିଳାଲିପିଟି ପ୍ରଥମେ ଛପାଇଲାବେଳେ ତାହା କେଉଁ ମନ୍ଦିରର ଲିପି ତାହାର ସନ୍ଧାନ ପାଇ ନଥିଲେ । ତତ୍ପରେ ରାଜେନ୍ଦ୍ରଲାଲ ମିତ୍ର ଅନନ୍ତ ବାସୁଦେବ ମନ୍ଦିରର ମୂର୍ତ୍ତିଗୁଡ଼ିକ ଦେଖି ଯାହା ଲେଖି ଅଛନ୍ତି ତାହା ଦେଖି ନ ଦେଖିଲାଠାରୁ ଅଧିକ ହୋଇଅଛି । ଏହି ମନ୍ଦିରରେ ଦୁଇଟି ପୁରୁଷମୂର୍ତ୍ତି ଓ ଗୋଟିଏ ନାରୀମୂର୍ତ୍ତି ଅଛି । ମାତ୍ର ସେ ଲେଖିଗଲେ ।

**( Antiquity of Oriissa vol. P, 84 )**

**"The presidring divirities of the temple are two brothers Balaram and Krishna under names Ananta the enternal Vishnu XX. The temple is occupied by two images."**

ମନ୍ଦିରରେ ଥିବା ଦେବତା ଦୁଇଭାଇ ବଳରାମ ଓ କୃଷ୍ଣ 'ଅନନ୍ତ' ଓ 'ବାସୁଦେବ' ନାମରେ ପୂଜା ପାଉଅଛନ୍ତି । × × ×
ଏହି ମନ୍ଦିରରେ ଦୁଇଟି ମାତ୍ର ମୂର୍ତ୍ତି ଅଛି ।

ତତ୍ପରେ ମନମୋହନ ଗାଙ୍ଗୁଲି 'Brina and her Remains ଗ୍ରନ୍ଥରେ ପୃ୩୭୯ରେ ଲେଖିଅଛନ୍ତି:—

"The temple of Ananta Vasudev is a Vaisnavite one dedicated to Ananta and Vasudeva or Valaram and Krishna a dual image of whom is enshrined in the Vimana."

ଅର୍ଥାତ୍ ଅନନ୍ତ ବାସୁଦେବ ମନ୍ଦିରଟି ବୈଷ୍ଣବ ମନ୍ଦିର । ଏଥିରେ ଅନନ୍ତ ଓ ବାସୁଦେବ ବା ବଳରାମ ଓ କୃଷ୍ଣ ଉଭୟଙ୍କର ଏକ ଯୁଗ୍ମମୂର୍ତ୍ତି ପୂଜିତ ହୁଅନ୍ତି ।

ଭୁବନେଶ୍ୱରରେ ହରିହର ଲିଙ୍ଗରାଜଙ୍କ ସଦୃଶ ଗାଙ୍ଗୁଲି ମହାଶୟ 'ଅନନ୍ତ ବାସୁଦେବ' ଯୁଗ୍ମ ଦେବତାଙ୍କର ଏକ ମୂର୍ତ୍ତିର କଳ୍ପନା କିପରି କଲେ, ତାହା ତାଙ୍କୁହିଁ ଜଣା ।

ବର୍ତ୍ତମାନ ଅନନ୍ତବାସୁଦେବ ମନ୍ଦିରରେ ତିନୋଟି ପାର୍ଶ୍ୱଦେବତା ମଧ୍ୟରୁ ଉତ୍ତର ଦିଗର ନିଶାମୂର୍ତ୍ତି ବାମନ ବା ତ୍ରିବିକ୍ରମ ଓ ଦକ୍ଷିଣ ଦିଗର ନିଶାମୂର୍ତ୍ତି ବରାହ ଯଥା ସ୍ଥାନରେ ଅଛି । ପୂର୍ବଦିଗର ନିଶାମୂର୍ତ୍ତି ନୃସିଂହ ଯଥା ସ୍ଥାନରେ ନାହିଁ । ବିନ୍ଦୁସାଗରର ଉତ୍ତର ଦିଗସ୍ଥ ଉତ୍ତରେଶ୍ୱର ମନ୍ଦିରର ବାହାରେ ଯେଉଁ ନୃସିଂହ ମୂର୍ତ୍ତିଟି ଅଛି ତାହାର ମାପ ଓ ଗଠନ ବାମନ ବା ବରାହ ମୂର୍ତ୍ତିମାନଙ୍କ ସମାନ ଥିବାରୁ ମନେହେଉଅଛି ଯେ ଷ୍ଟୁଆର୍ଟ ସାହେବ ଶିଳାଲିପିଟି ସହିତ ନୃସିଂହ ମୂର୍ତ୍ତିଟି ଯଥାସ୍ଥାନରୁ ବାହାର କରି ଆଣିଥିଲେ ଓ କୌଣସି କାରଣବଶତଃ କେଉଁଠାରେ ପକାଇ ଦେଇଯିବାରୁ ପରେ କେହି ତାହା ଉଠାଇଆଣି ଉତ୍ତରେଶ୍ୱର ମନ୍ଦିରରେ ରଖି ଦେଇଅଛି ।

## ୭ । ମେଘେଶ୍ୱର ଶିଳାଲିପି

ଏହି ଶିଳାଲିପିଟି ପ୍ରଥମେ ୧୮୩୭ ଖ୍ରୀ:ରେ ଏସିଆଟିକ୍ ସୋସାଇଟି ପତ୍ରିକାରେ ମୁଦ୍ରିତ ହୋଇଥିଲା । ତତ୍ପରେ ୧୮୯୭ ଖ୍ରୀ:ରେ ନଗେନ୍ଦ୍ରନାଥ ବସୁ ଉକ୍ତ ପତ୍ରିକାରେ ଏହା ଆଉ ଥରେ ସମ୍ପାଦିତ କରିଥିଲେ ।

ତତ୍ପରେ ୧୯୦୦-୦୧ ଖ୍ରୀ:ରେ ଏପିଗ୍ରାଫିଆ ଇଣ୍ଡିକାର ୬ଷ୍ଠ ଭାଗରେ ଲିପିତତ୍ତ୍ୱ ପଣ୍ଡିତ କିଲହର୍ଣ୍ଣ ସାହେବଙ୍କ ଦ୍ୱାରା ଏହା ସମ୍ପାଦିତ ହୋଇଥିଲା । ତତ୍ପରେ ଉତ୍କଳ ସାହିତ୍ୟ ପତ୍ରିକାର ୬ଷ୍ଠ ଭାଗରେ ପଣ୍ଡିତ ଗଦାଧର ରଥ ୧୯୦୨ ଖ୍ରୀ:ରେ ଏହି ଶିଳାଲିପିର ଶ୍ଲୋକ ଓ ଓଡ଼ିଆ ଅନୁବାଦ ଛପାଇ-ଥିଲେ ଓ ୧୯୨୩ରେ ଶ୍ରୀଯୁକ୍ତ ଚନ୍ଦ୍ରାମଣି ଆଚାର୍ଯ୍ୟ ମହାଶୟ ଉତ୍କଳ ସାହିତ୍ୟରେ ମୁଦ୍ରିତ ଶ୍ଲୋକଗୁଡ଼ିକ ତାଙ୍କର ଭୁବନେଶ୍ୱର ପୁସ୍ତକରେ ଛପାଇଥିଲେ । ଏହି ଦୁଇଟି ମୁଦ୍ରଣରେ ଶ୍ଲୋକଗୁଡ଼ିକରେ ଅନେକ ଭୁଲ ଥିବାର ଦେଖାଯାଏ, ତତ୍ପରେ ୧୯୩୦ ବା ୧୯୩୧ରେ ପଣ୍ଡିତ ରତ୍ନାକର ଗର୍ଗବଟୁ ମହାଶୟ ମେଘେଶ୍ୱର ଶିଳାଲିପି ନାମରେ ଗୋଟିଏ କ୍ଷୁଦ୍ର ପୁସ୍ତକ ମଧ୍ୟ ଓଡ଼ିଆ ଅନୁବାଦ ସହ ଛପାଇ ଅଛନ୍ତି । ଏହାର ମୁଖବନ୍ଧରେ ସେ ଲେଖି ଅଛନ୍ତି ।

ଏହି ମେଘେଶ୍ୱର ଶିଳାଲିପିଟି ମେଘେଶ୍ୱର ମନ୍ଦିର ଗାତ୍ରରେ ଗ୍ରଥିତ ହୋଇଥିଲା । ୧୮୩୫ ଖ୍ରୀଷ୍ଟାବ୍ଦରେ କଟୋ ସାହେବ ଏହାକୁ ଏବଂ ବ୍ରହ୍ମେଶ୍ୱର ମନ୍ଦିରର ଶିଳାଲିପିକୁ କଲିକତା ନେଇ ଯାଇଥିଲେ । ମନ୍ଦିର କର୍ମଚାରୀ କାଶୀ ଅମିନ ମହାଶୟ ଆପତ୍ତି କରିବାରୁ ମେଘେଶ୍ୱର ଶିଳାଲିପିଟିକୁ ଫେରାଇ ଦେଲେ । ତାହା ସେହିଦିନଠାରୁ ଅନନ୍ତ ବାସୁଦେବ ମନ୍ଦିର-ପ୍ରାଚୀର ଦେହରେ ସନ୍ନିବିଷ୍ଟ ହୋଇଅଛି । କିନ୍ତୁ ବ୍ରହ୍ମେଶ୍ୱର ଶିଳାଲିପି ଫେରି ନ ଆସି କଲିକତା ମିଉଜିଅମରେ ରହିଅଛି । କିନ୍ତୁ ବ୍ରହ୍ମେଶ୍ୱର ଶିଳାଲିପିଟି କଲିକତା ମିଉଜିଅମ ବା ଅନ୍ୟତ୍ର କେଉଁଠାରେ ହେଲେ ଥିବାର ସନ୍ଧାନ ମିଳୁନାହିଁ ।

କିଲହର୍ଣ୍ଣ ସାହେବଙ୍କ ପାଠ ସହିତ ଲିପିତତ୍ତ୍ୱ ମିଳାଇ ଦେଖିବାରୁ ତାହା ଅନ୍ୟାନ୍ୟ ଲେଖକଙ୍କ ପାଠ ଅପେକ୍ଷା ଶୁଦ୍ଧଥିବାରୁ ତଳେ ଶିଳାଲିପିର ଶ୍ଲୋକଗୁଡ଼ିକ ତଦନୁଯାୟୀ ଦିଆଗଲା ।

ଶିଳାଲିପିର ପାଠ—

ଧା: ୧ । ଓଁ ଓଁ ନମଃ ଶିବାୟ ।

ବଦ୍ଧ୍ୟପ୍ରିଙ୍ଗଳଭାଲଲୋଲତନଶୀଖଜ୍ୱାଳାଗଳିତ୍ତୁ ସ୍ୱାମ୍ପୃତ-
ସ୍ତୋ [ସ୍ତ୍ରା]ତଃ ସ୍ପର୍ଶନଶାଶ୍ୱତାଃ ଶବଶୀରଶ୍ରେଣୀଃ ଶିବେକ ନନ୍ଦତୁ ।
ଏକୋଶାନ୍ତରନେକତାଂ ଗତ ଇଖ ସାସାବ୍ବ ପ୍ରେଷ୍ୟଶ୍ଚା—
ସ୍ତନ୍ଦ୍ରଃ ସାନ୍ଦ୍ରଜଟାଟଶାସୁରସରିଦ୍ଗୁର୍ଣ୍ଣୀ ଶ୍ରୀ ଭର୍ଗଃ ପାତୁ ବଃ ।

ଧା ୨ । କୋପ୍ୟୁଂ ଲଲାଟତଟନେତ୍ର ପୂଟସ୍ୟ ଶର୍ବାତ୍ ଖର୍ବ୍ବୀ । କରୋନ୍ତି ଜଗଦତ୍ୟଭୂଧାପ୍ୟ ଶମ୍ଭୌ । ଯଃ ସାଭ୍ୟସୂୟମକରୋଚ୍ଚରଣୈକଦେଶେ ଲକ୍ଷ୍ମୀଂ ଜାସ୍ୟାତ୍ ସ ଗୌତମ ମୁନିର୍ମୁନିବୃନ୍ଦବନ୍ଦ୍ୟଃ ।

ତଦ୍‌ଗୋତ୍ରେ ରାଜପୁତ୍ରଃ ସମଜନି ଜଗତୀ-ମଣ୍ଡନଃ ପଣ୍ଡିତାନାଂ, ମାନ୍ୟଃ ପୁଣ୍ୟୈକଧାମ ପ୍ରତିବଲଜଲଧିଃ [ଧା୩] କ୍ଷୋଭମନ୍ଥାଚଲଶ୍ରୀଃ । ଶ୍ରୀମାନ୍ . ସତ୍କୀର୍ତ୍ତି ବଲ୍ଲୀବଲୟିତବସୁଧାମଣ୍ଡଲସ୍ତଣ୍ଡରଶ୍ମି ସ୍ଫୂର୍ଜ୍ଜଦ୍ଭୈଜୋ ଭରୁଗ୍ରାଗ୍ନିପିତରିପୁଯଶଃ କୈରବୋ ଦ୍ୱାରଦେବଃ ॥

ସମଜନି ନିଜବଂଶୋତ୍ତଂସଲକ୍ଷ୍ମୀରଲକ୍ଷ୍ମୀ-କୃତ ନିଖିଳଵରୋଧି ସ୍ଫୂର୍ଜଦମ୍ଭୋଧିରସ୍ମାତ୍ । ଦଳିତଲଳିତମଲ୍ଲୀକୀର୍ତ୍ତି [ଧା୪] ବଲ୍ଲୀବିତାନ-ପ୍ରସୃତହସିତୋଚନ୍ଦ୍ରୋ ମୂଳଦେବଃ କୃତୀନ୍ଦ୍ରଃ ॥

ତସ୍ମାତ୍ ପୁଣ୍ୟୈକରାଶେରଭବଦବନିରମୋ ନାମ ଧାମ ସ୍ଫୁଟାନା-ମାରାମଃ ସାମନ୍ତେତରପରିମିତଯଶଃପୂରଚନ୍ଦ୍ରୋଦୟ [୧] ସ୍ପାନ୍ଦ୍ରଃ । ଯସ୍ୟୋଦ୍ୟଦ୍ଦାନଧର୍ମୋତ୍ସବଜନିତମହୋତ୍ସାହକାଲେ ସିଲ୍ଲୋକପ୍ରାସାଦାଗ୍ରେ ସ୍ଫୁରନ୍ତି ସ୍ଫୁରଦ (ଧା୫) ମଳଯଶୋ ବୈଜୟନ୍ତ୍ୟୋ ଜୟନ୍ତଃ ॥

ତସ୍ମାଦନେକସୁତାଦ୍‌ବଭୂ ବଭୂରପାନ୍ଥାଥାଦବେନ୍ଦ୍ର ଶ୍ରେୟୌ । ଶ୍ରୀ ସ୍ୱପ୍ନେଶ୍ୱରନାମ ନାମ ସୁରମା ଦେବୀ ଚ ସାର୍ଥାହ୍ୱୟା । ଏକଃ କ୍ଷ୍ମାତଳ-ମଣ୍ଡନାୟ ସକଳାଧାରସ୍ତଥାନ୍ୟାଜଗଦ୍ଧାରିଦ୍ର-ଜ୍ୱରନାଶନାୟ ଜଗତ୍ୟା-ଚିନ୍ତାମଣି ଶ୍ରୀରଭୂତ୍ ॥

ନତ ନୃପ [ଧା-୬] କିରୀଟ କୋଟି ରତ୍ନଦ୍ୟୁତିପଟ୍ଟପୀଠଶୋଭୀକୃ ପାଦପଦ୍ମଃ, ଅଜନି ରଜନି ଜାନିବଂଶଚୂଡ଼ାମଣିରଣିମାଦିଗୁଣେନ ଚୋଡ଼ଗଙ୍ଗଃ ।୭।

ଯାବାବାଜଖୁରପ୍ରହାରବସରଦ୍ଧୂଳିସମୁଦ୍ରେ ସ୍ଫୁରତ୍ତେଜୋ ଭାସ୍କରମଣ୍ଡଳେ କ୍ଷିତିଭୁଜାମସ୍ତଂଗତେ ନିର୍ଭରଂ । ଯଂ ସଂଗ୍ରାମଗୃହୋଦରେଷୁ ବିଜୟଶ୍ରୀଃ ସାର୍ଦ୍ଧମାଶ [ଧା ୭] ସଖୀବୃନ୍ଦୈର୍ଭିନ୍ନଗଜେନ୍ଦ୍ରମୌକ୍ତିକବଣ୍ଟି ଭୂୟୋଽଭିସର୍ତ୍ତୁଂ ଗତା ।୮।

ରେ ବାଲାଃ କୁଲବୃଦ୍ଧ କନ୍ୟୁ ଭବତାଂ ଦୁର୍ଭିକ୍ଷମାୟାସ୍ୟନ୍ତି, ସ୍ଫୀତଂ କଂ ସ ତୁ ସନ୍ଦଃ ଫଲଭୁଜାଂ ସ୍ୱର୍ଗାୟୁ ସନ୍ନହ୍ୟତେ । ଯସ୍ୟେନ୍ତି ଶ୍ରୁତ୍ୱମାକଲଯ୍ୟ ସମରେ ନିର୍ଭିନ୍ନବୀରଦ୍ୱିଷାଂ, ବଲ୍ଲୁରୈଃ ପରିପୂରୟନ୍ତ ପରିତଃ ପ୍ରେତାଃ କୁଶୂ (ଧା୮) ଲୋକ୍ତରାନ୍ ।୯।

ତସ୍ମିନ୍ ପୁରନ୍ଦରପୁରୀତିଲକାୟମାନେ, ଦାନେ ସମୁନ୍ନତମତି ସ୍ତନୟସ୍ତଦୀୟଃ । ସାମ୍ରାଜ୍ୟଭାରବହନୈକଧୁରୀଣବାହୁଃ, ଶ୍ରୀ ରାଜରାଜ-ନୃପତିଃ ପୃଥିବୀଂ ଶଶାସ ।୧୦।

ଯସ୍ୟୋଦ୍ୟଦ୍ ବାଜରାଜ ଖୁରଶିଖରଭରକ୍ଷୁଣ୍ଣଭୂଚକ୍ରସର୍ପ—ଦ୍ଧୂଳୀ-ଜାଲାବକୀର୍ଣ୍ଣତ୍ରିଦଶପୁରସରିଦ୍ [ଧା ୯] ଭୂରି ପଙ୍କେ ବିଲଗ୍ନଂ । ନୀରକ୍ରୀଡ଼ାନିମଜ୍ଜତ୍ସୁରପତିକରଣଂ ବ୍ୟାକୁଲାଃ ଶକ୍ରଭୃତ୍ୟାଃ, ଧୃତ୍ୱା ଲାଙ୍ଗୂଲମେକେ କରତଳମପରେ ଚାରମୁତ୍ତୋଳୟନ୍ତ ।୧୧।

ରଣଭୁବ ଯଦ୍ଧ ନିତ୍ୟନ୍ନାହତଃ ଶକ୍ରସାର୍ଥସୁଲତ-ହରିଭୁଜେନ କ୍ଷ୍ମାଭୁଜାଽନେନ ନୂନଂ । କଥମିହ କଲିକାଲେ କଲ୍ପିତାନଲ୍ପପାପ-ପ୍ରଣୟିନ (ଧା୧୦) ସୁରସ୍ତ୍ରିୟଃ ସ୍ରଷ୍ଟୁରସ୍ୟାନ୍ଧବସ୍ୟାତ୍ର ।୧୨।

ତେନୋଢ଼ା ପୁରୁଷୋତ୍ତମେନ ସୁରମାଦେବୀ ରମୈବାର୍ଥିତୋ, ନାମ୍ନାଽନ୍ତଃ ପୁରସୁନ୍ଦରୀ ଜନଶିରୋରତ୍ନାଙ୍କୁରଶ୍ରୀରୟଂ । ପ୍ରତ୍ୟାରୂହ୍ୟ କୁଲାଃ ପ୍ରିୟେଣ ସହସା ଯାନ୍ ସ୍ୱର୍ଣ୍ଣଶୈଳାନ୍ଦଦା ଦେବତୈଃ ସ୍ଫୀତତରା ଧରାର୍ଥି-ଭରହୋ ଜାତାର୍ଥିନା କେବଲଂ ।୧୩।

ସବନ୍ଧ [ଧା-୧୧] ରେନ୍ଦ୍ରତିଲକଃ କଳକାଳକଲ୍ପଶାଖୀ ସୁଖୌଘ-ମନ୍ଦଭୂପ୍ୟ ଚିରଂ ସ ରାଜା । ବୃଦ୍ଧୋଽନୁଜଂ ମନୁଜରାଜନତାଂଘ୍ରିଯୁଗ୍ମଂ, ରାଜ୍ୟୋଽଭିଷିକ୍ତମକରୋଦନୟଙ୍କଭୀମଂ ।୧୪।

ସ ଶ୍ରୀମାନନଙ୍ଗଭୀମନୃପତିଃ ସାମ୍ରାଜ୍ୟଲକ୍ଷ୍ମୀପତିଃ, ପ୍ରତ୍ୟର୍ଥି-କ୍ଷିତିପାଳମୌଳି-ତିଳକଃ ତ୍ୟକ୍ତାଶିକନ୍ତାଳ[ଧା୧୨]କଃ । ସଂପ୍ରାପ୍ୟୈବ ସମୁଦ୍ରମୁଦ୍ଧତମହୀତଳଂ କରାଗ୍ରସ୍ଥ ଭୂର—ଛନ୍ଦଂ ଶକ୍ରପରାକ୍ରମଃ ସମକରୋ-ଦ୍‌ଗଙ୍ଗେନ୍ଦ୍ର* ଚନ୍ଦ୍ରଃ କ୍ଷଣାତ୍ ।୧୫।

ହେ ଭୋଗୀନ୍ଦ୍ର କମାଥ୍ଥ କୂର୍ମଧରଣୀଭାରଃ ସଭୁକ୍ତୋ ମହାନ୍, ଜାନାସି ନି କଳଙ୍ଗନାଥଯଶସା ଖ୍ୟାତନ୍ନ ଜାନେ ଶୃଣୁ । ଦେବେଽସ୍ମିନ୍ ବିଜୟପ୍ରୟାଣରସିକେ ପ୍ରେ [ଧା୧୩] ଙ୍ଖତ୍ତୁରଙ୍ଗ କ୍ଷୁର—କ୍ଷୋଭୋଦ୍ଭୂତ-ରଜୋଭରମ୍ବରମଗାଦର୍ଦ୍ଧଂ କ୍ଷମାମଣ୍ଡଳଂ ।୧୬।

ଜାତା ସଙ୍ଗରମୀରଧେଃ ସ୍ଫୁରଦସି ବ୍ୟାଳେନ୍ଦ୍ର ଭାସ୍ୱଦ୍ଭୁଜା—ମନ୍ଥା-ଦ୍ରେରସ୍ତ୍ରୀବ ବାଂଛିତ ବଦ୍ଧପ୍ରୀତିଃ ସଦାଶ୍ରୀରୟଂ । ଅସ୍ମିନ୍ନେବ ନରାଧିନାଥ ତିଳକେ ସ୍ଥୈର୍ଯ୍ୟଂ ଗତା ଯତ୍ପୁନର୍ଜନ୍ମନ କଳାସ୍ୟ ଶାଶ୍ୱତମ [ଧା୧୪] ସୌ ଜାଗ୍ରଦ୍ୟଶଶ୍ଚନ୍ଦ୍ରମାଃ ।୧୭।

ଉଦ୍ୟଦ୍ ଦ୍ୱିଗ୍ୱିଜୟାର୍ଥସାଧନବିଧୌ ଗଙ୍ଗାନ୍ୱୟକ୍ଷ୍ମାଭୁଜାଙ୍କବ୍ୟାସ୍ତଂ ଚତୁରଙ୍ଗତୋଽଧିକତରଃ ଯେ ନ୍ୟାତ୍ ସ ଏକୋଽଭବତ୍ । ଶ୍ରୀସ୍ୱପ୍ନେଶ୍ୱର-ଦେବ ଏବ ବଳସତ୍ ଶସ୍ତ୍ରକ୍ଷତାରିକ୍ଷର, କ୍ଷୀଲ୍ଲୌଘବନର୍ମିତାସ୍ତ୍ରମ-ମହାମ୍ଭୋଧିର୍ନ୍ୟମ୍ଭୋନଧିଃ ।୧୮।

ଲକ୍ଷ୍ମୀଦେବ୍ୟାଃ ପତିର [ଧା-୧୫] ଯୁମଧୋଽନେନ ତନ୍ଦେ ବଳଦ୍ୱିଟ୍, ଗୋପାଳସ୍ୟ ପ୍ରିୟସୁହୃଦୟଂ ସର୍ବକାର୍ଯ୍ୟେଽଚ୍ୟୁତୋଽ ସୌ ।

---

*ମୂଳପାଠରେ 'ଗଙ୍ଗେନ୍ଦ୍ର' ଅଛି । ମାତ୍ର ଶ୍ରୀଯୁକ୍ତ ଚନ୍ଦ୍ରମଣି ଆଚାର୍ଯ୍ୟଙ୍କ ବହିରେ 'ବଙ୍ଗେନ୍ଦ୍ର' ମୁଦ୍ରିତ ହୋଇଅଛି । ଉ:ସ: ୭ମ ଭାଗରେ ମଧ୍ୟ 'ବଙ୍ଗେନ୍ଦ୍ର' ଥିବାରୁ ଏହି ପାଠ କେଉଁଠାରୁ ଆସିଲା ତାହା ଠିକ୍ ବୁଝି ହେଉନାହିଁ । ତେବେ ମନେହୁଏ ଯେ କୌଣସି ବଙ୍ଗୀୟ ଲେଖକଙ୍କ ପାଠରୁ ଏହା ଗୃହୀତ ।

ହସ୍ତକ୍ଷେପେନୋ ଧରଣିରଦ୍ୟମପ୍ୟଦ୍ଧୃତା ଯେନ ମଗ୍ନା, ସୋଽସିଞ୍ଜାନ୍ୟପି ସୁଚରିତୈରେଷ ବିଶ୍ୱମ୍ଭରୋଽଭୂତ୍ ।୧୯।

ଯଦ୍ଧାନବିଗଳଦ୍‌ବାରିମାତୃକା ଭୂତମାତୃକା, ଶସ୍ୟସମ୍ପତ୍ତି ସମ୍ଭାରୈର୍ଦ୍ଧୀନହୀନା ଭବେଲ୍ଲକ୍ଷ୍ମୀ ।୨୦।

ଧା [୧୬] କୈଲାସାଦ୍ରି ହିମାଚଳସ୍ତନତଟବ୍ୟାସଙ୍ଗିମନ୍ଦାକିନୀ, ହାରଶ୍ରୀର୍ଯଦକାରି ରସ୍ୟତିଳକଂ ଚନ୍ଦ୍ରଂ କଳଙ୍କାଶ୍ରୟାତ୍ । ଜ୍ୟୋତ୍ସ୍ନାହାସମୁଖୀ ପୟୋଧିବସନା କୁନ୍ଦଦ୍ୟୁତିର୍ନାତ୍ୟଜତ୍, ଜ୍ୱାସ୍ୟଂ ସ୍ୟାଦ୍ଧିହ ଚନ୍ଦ୍ରଶେଖରପଦାରୂଢ଼ୋ ମୃଡ଼ାନୀପତିଃ ।୨୧।

ଭକ୍ତପ୍ରହ୍ୱସୁରାସୁରେନ୍ଦ୍ରବଲସନ୍ମୌଲିସ୍ଥ ରତ୍ନାବ(ଧା ୧୭)ଳୀ ଛାୟା ଶକ୍ରଧନୁଃ ସ୍ଫୁରତ୍ପଦଲସନ୍ନେଦ୍ଧେଶ୍ୱରସ୍ୟାମୁନା । ଉନ୍ନତ୍ୟା ପରପର୍ବ୍ବତୋ ବହୁତରଦ୍ରବ୍ୟବ୍ୟୟଂ କୁର୍ବ୍ବତା ପ୍ରାସାଦୋ ରଚିତସ୍ସୁଧାଚ୍ଛବିହସତ୍କୈଳାସଶୈଳେଶ୍ୱରଃ ।୨୨।

ସ୍ୱର୍ଣ୍ଣାଦ୍ରିଃ ସ ସୁରାଳୟୋ ହରଖୁରକ୍ଷୁର୍ଣ୍ଣଶ୍ଚ ପୃର୍ବ୍ବୋ ଗିରିର୍ବାରୁଣ୍ୟା ପରିଚୁମ୍ବିତୋଽସ୍ତଶିଖରୀମାନ୍ୟଃ ସ ଗୌରୀ [ଧା୧୮] ଗୁରୁଃ । ଇତ୍ୟଦ୍ୟାପି ପରାମୃଷନ୍ନବନବସ୍ଥାନଂ ଚଳନ୍ନନ୍ଦବୋ ଲଙ୍କେନ୍ଦ୍ରେଣ ଶିଳୋଚ୍ଚୟଂ ଗୃହମଦଃ ପ୍ରାପ୍ତୋନବଦ୍ୟଂ ଶିବଃ ।୨୩।

ଇହ ଧ୍ୱଜପୂନା ପ୍ରକାରଶ୍ଚାର୍ଦ୍ଧୋପଳନିର୍ମିତା ଜଳଧର ଗର୍ଭ-ରତ୍ନୁନ୍ନତ୍ୟା ନବୋଦ୍ଧୃମିବୋଦ୍ଧତା । କଳକଳନଧ୍ୱନିର୍ଯସ୍ୟାଦାଲୀ ଭୟାଦ୍ଧିବ ତସ୍ୟ ବୈ ଶରଣ [ଧା୧୯] ମବଶଦ୍ଧର୍ମୋ ଯଶ ସ୍ଥିନେନ୍ଦସୁରକ୍ଷୟା ।୨୪।

ଯାସାନ୍ନେତ୍ରାଞ୍ଚଳତରଳମା ବଶ୍ୟବଶୈଏକମନ୍ତ୍ରଃ, ପାଦନ୍ୟାସସ୍ତ୍ରିଭୁବନଗତସ୍ତମ୍ଭନଂ ସଂବିଧତ୍ତେ । ନୃତ୍ୟାରମ୍ଭେ ବଳୟମଣିଭିର୍ନିର୍ମିତା ଯନ୍ତ୍ରପାସ୍ତସ୍ମୈ ଦତ୍ତାସ୍ତ୍ରିପୁରଜୟିନେ ତେନ ତାସ୍ତାଃ ମୃଗାକ୍ଷ୍ୟଃ ।୨୫।

ଉପବନମଥ ଚକ୍ରେ ନେତନ ମେଦ୍ଧେଶ୍ୱର [ଧା୨୦] ରସ୍ୟ ସ୍ଫୁରିତ-କୁସୁମରେଣୁଶ୍ରେଣୀଚନ୍ଦ୍ରାତପଶ୍ରୀଃ । ଅବିରତମକରନ୍ଦ-ସ୍ୟନ୍ଦ-ସନ୍ଦୋହ-

ବର୍ଷୈର୍ଦ୍ଧୃତ ରତ୍ତପତ୍ତଲ୍ଲୀଲା ଯନ୍ତ୍ରଧାରା-ଗୃହଦ୍ରୁମ୍ ।୨୬।

ବନଶ୍ରୀମୁକ୍ତାସ୍ରଗ୍ଦରଦଳିତ ପୁଟେଷ୍ଟୋକ୍ତରମିଳତ୍ରୁ, ପରାଗୈ-ଭୃଙ୍ଗାଳୀ କଳିତ ସିତିମା ଯତ୍ର ଜୟୃମା । ମୁନେଃ ପୁଷ୍ପାସ୍ତ୍ରସ୍ୟ ସ୍ଫୁଟିତଘଟିତାକ୍ଷାବ-[ଧା୨୧]ଳୟଂ, ବସନ୍ତୋଦ୍ୟାନ୍ନତ୍ୱର୍ଦ୍ଧିପଶୀରସି ନକ୍ଷତ୍ରବତ୍ତତିଃ ।୨୭।

ଅତ୍ୟଚ୍ଚଂ ଶରଦମ୍ବରାସ୍ର ରସଚନ୍ଦ୍ରୋଯୁକ୍ତ-ପାପାପହଂ ଗମ୍ଭୀର-ନ୍ମ୍ୟୂଶାଳଦନୋଽପି ହୃଦୟାତ୍ର ଶୀତାଂଶୁ ଚନ୍ଦ୍ରଦ୍ୟୁତେଃ । ହୃଦ୍ୟତ୍ୱସ୍ୱାଦୁ ସୁଧାରସାଦପି ସରୋବାରାନ୍ନିଧେଃ ସୋଦରଂ, ତେନା-ଖାନି ନରେଶ୍ୱର-ପ୍ରଣୟିନା ମେଘେଶ୍ୱରସ୍ୟା [ଧା୨୨୬]ଲୟେ ।୨୮।

ଆନନ୍ଦୈ-କନକେତନଂ ନୟନୟୋଃ ଶଶ୍ୱନ୍ଦନଃ କୈରବ-ଜ୍ୟୋତ୍ସ୍ନୈଘଃ ଖଳୁ ବିଶ୍ୱକର୍ମନିପୁଣବ୍ୟାପାରବୈଦଗ୍ଧ୍ୟଭୂଃ । ଗ୍ରୀଷ୍ମ-ଗ୍ରାସଭୟାତ୍ତିଖିତଜନତା ଶୌଚୀର୍ଯ୍ୟଦୁର୍ଗାଲୟୋ, ମାର୍ଗଃ କୀର୍ତ୍ତିବିଜୃ-ମ୍ଭଣସ୍ୟ ଜୟିନା ପ୍ରୋତ୍ତମ୍ଭିତୋ ମଣ୍ଡପଃ ।୨୯।

ଅପାଂ ଶାଳାମାଳାଃ ପଥି ପଥି ତଡ଼ାଗାଃ ପ୍ରତି [୨୩] ପୁରଂ, ପ୍ରପାପାଃ ସମ୍ପୂର୍ଣ୍ଣାଃ ପ୍ରତି ସୁରଗୃହଂ ଯସ୍ୟ ବିମଳାଃ । ମଠାଃ ବେଦାଧ୍ୟାନାଂ ଦ୍ୱିଜପୁରବନ୍ଧାରାଃ ପ୍ରତିଦିଶଂ, ବିରାଜନ୍ତେ ସହାଣ୍ୟପି ଚ ପରିତଃ ସେତୁନିବନ୍ଧାଃ ।୩୦।

ଆରାଦ୍ବ୍ରହ୍ମପୁରଂ ବୃହସ୍ପତିପୁରସ୍ପର୍ଦ୍ଧିସ୍ଫୁରଚ୍ଛ୍ରେଃ ସଦାଶ୍ଚର୍ଯ୍ୟଂ ବିସ୍ତୃ-ମଭସ୍ତୁରଦ୍ୱିଜବରଗ୍ରାମାୟୁ ଧର୍ମାମ୍ବନେ । ଦତ୍ତଂ ତେନ ମୁଦା ସଦୋଦ୍ଧତ [ଧା୨୪] ମଖ ପ୍ରାରବ୍ଧଧୂମଧ୍ୱଜସ୍ତୁଙ୍ଗଧୂମଚୟେନ ଯତ୍ର ସ କାଳବ୍ୟାଳଃ ସମୁଦ୍ଭାର୍ଯ୍ୟତେ ।୩୧।

•ତଂ ପ୍ରତ୍ୟନ୍ତସ୍ଫୁର୍ଦ୍ଧି ଜରାଜପୂଜ୍ୟଃ
ପ୍ରାସାଦମୀଶସ୍ୟ ସନନ୍ଦକଶ୍ରୀଃ ।
ସୁଦର୍ଶନେନାନ୍ୱିତ ଏଷ ବିସ୍ତୃ-
ରାଜ୍ୟାରାଜଃ ସ ପୃଥଗ୍ ନ ବିସ୍ତୋଃ ।୩୨।

ଉଦୟୁନକବସ୍ତସ୍ୟା ଦେଶାତ୍ ପ୍ରଶସ୍ତି ବିଳାସିମାଂ
ସୁଲଲିତପଦନ୍ୟାସୈଃ ଶଶ୍ୱଦ୍‌ବ [ଧା୨୫]ଦଗ୍‌ଧମନୋହରାଂ ।
ଧ୍ୱନିଭରନଶଂ କଣ୍ଠେ ଶ୍ଳିଷ୍ଟାମଳଂକୃତହାରିଣୀ—
ମତିରସତୟା ଶଯ୍ୟାଯାତାଂ ପ୍ରସାଧିତବାନମାଂ ।୩୩ ।
ଯାବଚ୍ଚେନ୍ଦ୍ରାସ୍ମସୁଧାଂ ଶୁଃଧରଣିଫଣିପତି ର୍ଯାବଦମ୍ଭୋଜଲକ୍ଷ୍ମୈ୍ୟ
ଯାବଦ୍‌ଯାବଚ୍ଚ ଗଙ୍ଗାହିମଧରଣିଧରୋ ଯାବଦେବାର୍ଣ୍ଣବୋର୍ମ୍ମୀ ।
ବାଗର୍ଥୌ ଯାବଦସ୍ମିଂଷ୍ଟିରମନୁବସତୋଽଦ୍ୱୈତରୂପେଣ
[ଧା୨୬] ଲୋକେ ।
ତାବତ୍ ପ୍ରାସାଦ କୀର୍ତ୍ତିଃ ସ୍ତ୍ରିଭୁବନକୁହରେ
ରାଜତାମସ୍ୟ ନିତ୍ୟଂ ।୩୪।

ଶ୍ରୀ ।

ଶ୍ରୀହରିଧବଳଧୀତନୟଃ ସ ଚନ୍ଦ୍ରଧବଳଃ ପ୍ରଶସ୍ତିମିହ ପଟ୍ଟେ
ସରଳାକ୍ଷରମାଳାଭିର୍ଲ୍ଲିଲେଖ ମେଘେଶ୍ୱରଦ୍ୱାରେ ।୩୫।
ସୂତ୍ରଧାରଃ ଶିବକରଃ ସଦ୍‌ବୃତ୍ତମକ୍ଷରାବଳୀଂ
ନଚଖାନ ଶିଳାପଟ୍ଟେ ମୁକ୍ତାଫଳନିଭାମିହ ।୩୬।

ସ୍ୱପ୍ନେଶ୍ୱର ଦେବଙ୍କର ଏହି ଶିଳାଲିପିରେ ଦିନ, ମାସ, ବର୍ଷର କଥା କିଛି ଲିଖିତ ହୋଇନାହିଁ । କିନ୍ତୁ ଶ୍ଳୋକ ସଂଖ୍ୟା ୭୧୭ରେ ଗଙ୍ଗବଂଶର ଚୋଡ଼ଗଙ୍ଗ, ରାଜରାଜ ଓ ଅନଙ୍ଗଭୀମ ତିନିଜଣ ରାଜାଙ୍କର କୀର୍ତ୍ତିକଳାପ ବର୍ଣ୍ଣିତ ହୋଇଥିବାରୁ ଶିଳାଲିପିଟିର ସମୟ ନିରୂପଣ କରିବା ପାଇଁ ଅନେକ ପରିମାଣରେ ସହଜ ହୋଇଅଛି । ସ୍ୱପ୍ନେଶ୍ୱରଙ୍କ ଭଗିନୀ ସୁରମା ଦେବୀଙ୍କୁ ରାଜରାଜ ବିବାହ କରିଥିଲେ । ରାଜରାଜ ଖ୍ରୀ୧୧୭୦-୯୦ ପର୍ଯ୍ୟନ୍ତ ରାଜତ୍ୱ କରିଥିବାର ପ୍ରମାଣ ମିଳେ । ତାଙ୍କ ଅନ୍ତେ ତାଙ୍କ ସାନଭାଇ ଅନଙ୍ଗଭୀମ ଖ୍ରୀ:୧୧୯୦-୯୮ ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ । ଏଥିରୁ ପ୍ରମାଣିତ ହେଉଅଛି ଯେ, ମେଘେଶ୍ୱର ମନ୍ଦିରର ନିର୍ମାଣକାଳ ଖ୍ରୀ:୧୧୯୦-୯୮ ମଧ୍ୟରେ ପଡୁଅଛି । ଅର୍ଥାତ୍ ଦ୍ୱାଦଶ ଶତାବ୍ଦୀର ଶେଷ ଦିସନ୍ଧି । ଲିଙ୍ଗରାଜ ମନ୍ଦିରରେ ଅନଙ୍ଗଭୀମଦେବଙ୍କର ୪ର୍ଥ ଅଙ୍କ ମକର

ଶୁକ୍ଳ ଏକାଦଶୀ ଶୁକ୍ରବାରରେ ଲିଖିତ ଲିପିରୁ ଜଣାଯାଏ ଯେ, ତାହା ୧୫ତାରିଖ ଜାନୁଆରୀ ଖ୍ରୀ:୧୧୯୩ରେ ଲିଖିତ ହୋଇଥିଲା । ଏହାହିଁ ଓଡ଼ିଶାର ଗଙ୍ଗବଂଶୀୟ ରାଜାମାନଙ୍କର ଭୁବନେଶ୍ୱରର ସର୍ବପ୍ରଥମ ଓଡ଼ିଆ ଶିଳାଲିପି ବୋଲି ମନେ ହେଉଅଛି । ଚୋଡ଼ଗଙ୍ଗ ଓ ତାଙ୍କର ପୁତ୍ର କାମାର୍ଣ୍ଣବ, ରାଘବ ଓ ରାଜରାଜ ପ୍ରଭୃତି ଅନିୟଙ୍କଭୀମଙ୍କ ପୂର୍ବେ ଭୁବନେଶ୍ୱରରେ ଯେଉଁସବୁ କାର୍ତ୍ତି କରିଥିଲେ ତାହାର କୌଣସି ଲିପି ମିଳିନାହିଁ । କେବଳ ଅନନ୍ତ ବାସୁଦେବ ଶିଳାଲିପିରେ ଚୋଡ଼ଗଙ୍ଗଦେବଙ୍କର ନାମ 'ଗଙ୍ଗସିଂହ' ନାମର ସମ୍ପର୍କରେ ବର୍ଣ୍ଣିତ ହୋଇଥିବାର ଦେଖାଯାଏ । ପ୍ରଶସ୍ତିର ସାରାଂଶ ତଳେ ଦିଆଗଲା:—

ଓଁ ନମଃ ଶିବାୟ । ୧ମ ଶ୍ଳୋକରେ ଶିବଙ୍କର ମସ୍ତକରେ ଶୋଭା ପାଉଥିବା ଚନ୍ଦ୍ର ରକ୍ଷା କରିବାର କଥା ବର୍ଣ୍ଣିତ ହୋଇଅଛି । ତତ୍ପରେ ୨ୟ ଶ୍ଳୋକରେ ଅକ୍ଷପାଦ ଗୌତମ ମୁନିଙ୍କ ମହିମା ବର୍ଣ୍ଣିତ ହୋଇଅଛି । ଗୌତମ ମୁନିଙ୍କ ବଂଶରେ ରାଜପୁତ୍ର ହାରଦେବଙ୍କର ଜନ୍ମ । ହାରଦେବଙ୍କ ପୁତ୍ର ମୂଳଦେବ ଓ ମୂଳଦେବଙ୍କର ପୁତ୍ର କନ୍ୟାମାନଙ୍କ ମଧ୍ୟରେ କନ୍ୟା ସୁରମା ଦେବୀ ଓ ପୁତ୍ର ସ୍ୱପ୍ନେଶ୍ୱର ଦେବ ପ୍ରଧାନ । [ଶ୍ଳୋକ ୩-୬] ୭ମ ୯ମ ଶ୍ଳୋକରେ ଚୋଡ଼ଗଙ୍ଗ ନାମଧେୟ ଚନ୍ଦ୍ରବଂଶୀୟ ରାଜାଙ୍କର କଥା ବର୍ଣ୍ଣିତ ହୋଇଅଛି । ତାଙ୍କ ଅନ୍ତେ ତାଙ୍କପୁତ୍ର ରାଜରାଜ ବିଜୟୀ ହୋଇ ରାଜତ୍ୱ କରିଥିଲେ [ଶ୍ଳୋ୧୦-୧୨] ଓ ସେ ସୁରମା ଦେବୀଙ୍କୁ ବିବାହ କରିଥିଲେ, [ଶ୍ଳୋ୧୩] । ଶ୍ଳୋ୧୪-୧୭ରେ ରାଜରାଜଙ୍କ ଅନ୍ତେ 'ତ୍ରିକଳିଙ୍ଗ ନାଥ' ଅନିୟଙ୍କଭୀମ ରାଜା ହୋଇଥିବ ର କଥା ବର୍ଣ୍ଣିତ ହୋଇଅଛି । ଶ୍ଳୋ୧୮-୨୧ରେ ରାଜ୍ୟପାଳକ ସ୍ୱପ୍ନେଶ୍ୱରଦେବଙ୍କର ବୀରତ୍ୱ ବର୍ଣ୍ଣିତ ହୋଇଅଛି । ଶ୍ଳୋକ ୨୨-୨୩ରେ ସ୍ୱପ୍ନେଶ୍ୱଙ୍କର ସତ୍‌କାର୍ତ୍ତିରାଜ ବର୍ଣ୍ଣିତ ହୋଇଅଛି । ଶ୍ଳୋକ ୨୨-୨୯ରେ ମେଘେଶ୍ୱର ମନ୍ଦିର ନିର୍ମାଣର, ତହିଁରେ ଦେବଦାସୀ ବ୍ୟବସ୍ଥାର, ତନ୍ନିକଟରେ ଉପବନ ରଚନା, ପୁଷ୍କରିଣୀ ଖନନ ଓ ମଣ୍ଡପ ନିର୍ମାଣର କଥା ବର୍ଣ୍ଣିତ ଅଛି । ୩୦ଶ ଶ୍ଳୋକରେ ବର୍ଣ୍ଣିତ ଅଛି ଯେ ସେ ସଡ଼କ ପାଖରେ ଜଳାଶୟ, ଗ୍ରାମ-ମାନଙ୍କରେ ପୋଖରୀ, ମନ୍ଦିରଗୁଡ଼ିକରେ ପ୍ରଦୀପ, ଚତୁର୍ଦ୍ଦିଗରେ ବେଦା-

ଧିପୂନ ପାଇଁ ମଠ, ବ୍ରାହ୍ମଣଶାସନ ଓ ବିହାର ପ୍ରଭୃତି ଓ ବହୁ ପୋଖରୀ ସ୍ଥାପନ କରିଥିଲେ । ସେ ମଧ୍ୟ ବ୍ରହ୍ମେଶ୍ୱର ମନ୍ଦିର ନିକଟରେ ବୃହସ୍ପତି ସମାନ ପଣ୍ଡିତ ବ୍ରାହ୍ମଣମାନଙ୍କ ସକାଶେ ବ୍ରାହ୍ମଣ ଶାସନଟିଏ ବିଷ୍ଣୁ ନାମା ଜଣେ ନିଷ୍ଠାପର ବ୍ରାହ୍ମଣଙ୍କୁ ଦାନ କରିଥିଲେ । [ଶ୍ଳୋ୩୧] ସେହି ବିଷ୍ଣୁ ଆଗୃହୀ ମେଘେଶ୍ୱର ମନ୍ଦିର ପ୍ରତିଷ୍ଠା କରିଥିଲେ । [ଶ୍ଳୋ୩୨] ବିଷ୍ଣୁ ଆଗୃହୀଙ୍କ ଆଦେଶରେ ଏହି ପ୍ରଶସ୍ତି କବି ଉଦୟନ ଚିରକାଳ ସ୍ଥାୟୀ ହେବାପାଇଁ ରଚନା କରିଥିଲେ । ଶ୍ଳୋ ୩୩-୩୪ ବଣି ଧବଳ ପୁତ୍ର ଚନ୍ଦ୍ର ଧବଳ ଏହି ପ୍ରଶସ୍ତି ଟିକୁ ମେଘେଶ୍ୱର ଦ୍ୱାରଦେଶରେ ଖଣ୍ଡିଏ ପଥର ଉପରେ ଲେଖିଥିଲେ [ଶ୍ଳୋ୩୫] ଓ ସୂତ୍ରଧାର ଶିବଙ୍କର ମୁକ୍ତାଫଳ ସଦୃଶ ଚହିଁରେ ଅକ୍ଷରଗୁଡ଼ିକ ଖୋଳିଥିଲେ ।

କବି ଉଦୟନଙ୍କର କବିତ୍ୱ ସମ୍ବନ୍ଧେ କିଲହର୍ଣ୍ଣ ସାହେବ ଲେଖିଅଛନ୍ତି:—

The poetry of our author strikes me as being poor. This poetical conceptions as a rule are of the tritest, and more attention has been appare ntly paid by him to the sound of the words than to their exact meaning of effective employment.

ଶ୍ଳୋକଗୁଡ଼ିକରେ 'ସ୍ଫୁର୍ଜ୍ଜିତ' ଓ 'ସ୍ଫୁରିତ' ଶବ୍ଦର ବ୍ୟବହାର ଦେଖିଲେ କିଲହର୍ଣ୍ଣ ସାହେବଙ୍କର ମତ ସହିତ ସମସ୍ତେ ଏକମତ ହେବେ ।

ସ୍ୱପ୍ନେଶ୍ୱର ଦେବଙ୍କର ପରିଚୟ ମଧ୍ୟରେ ଜଣାଯାଏ ଯେ, ସେ ରାଜ ପାଳକ ଓ ରାଜାଙ୍କର ପ୍ରଧାନ ସେନାପତି ଥିଲେ । ତାଙ୍କ ନାମରେ କୌଣସି ରାଜୋପାଧି ନାହିଁ । କିନ୍ତୁ ତାଙ୍କର କାର୍ଯ୍ୟ ଗୁଡ଼ିକ ଅନେକ ରାଜାଙ୍କର କୀର୍ତ୍ତିଠାରୁ ଅଧିକ । ସେ ଯେ କେବଳ ମେଘେଶ୍ୱର ମନ୍ଦିର ତୋଳାଇ ତାହା ପାଖରେ ପୋଖରୀ ଓ ବଗିଚ୍ଚ ଓ ତହିଁରେ ଦେବଦାସୀ ନିୟୋଗ କରିଥିଲେ ଏମନ୍ତ ନୁହେଁ; ୩୦ ଶ୍ଳୋକରୁ ଜଣାଯାଏ ଯେ, ଦେଶ

ତମାମ କୂଅ, ପୋଖରୀ, ବିଦ୍ୟାଳୟ, ମଠ, ବନ୍ଧ ଇତ୍ୟାଦି ଅନେକ ସର୍ବ ସାଧାରଣଙ୍କର ଉପକାରୀ କାର୍ଯ୍ୟ କରିଥିଲେ । ଏଥିରେ କବି କଳ୍ପନା ଥାଇ ପାରେ, ତଥାପି ଏହା ସ୍ୱୀକାର କରିବାକୁ ହେବ ଯେ ସ୍ୱପ୍ନେଶ୍ୱର ଦେବଙ୍କ ସଦୃଶ ଜଣେ ବୀର ପୁରୁଷ, ଦାତା ଓ ଜନସାଧାରଣଙ୍କର ମହଦୁପକାରୀ ପୁରୁଷ ଓଡ଼ିଶା ଇତିହାସରେ ବିରଳ ।

୧୬ ଶ ଶ୍ଲୋକରେ 'ତ୍ରିକଳିଙ୍ଗ ନାଥ' ଶବ୍ଦର ବିଶଦ ଅର୍ଥ 'ବ୍ରହ୍ମେଶ୍ୱର ଶିଳାଲିପି' ସମ୍ବନ୍ଧରେ ଆଲୋଚିତ ହେବ ।

## ୩-ବ୍ରହ୍ମେଶ୍ୱର ଶିଳାଲିପି

ଏହି ଶିଳାଲିପିଟି ପ୍ରଥମେ ୧୮୩୮ ରେ ବଙ୍ଗୀୟ ଏସିଆଟିକ୍ ସୋସାଇଟି ପତ୍ରିକାରେ ମୁଦ୍ରିତ ହୋଇଥିଲା । ଏସିଆଟିକ୍ ସୋସାଇଟିର ସମ୍ପାଦକ ପ୍ରିନ୍‌ସେପ୍ ସାହେବ ଏହି ଲିପିର ସମ୍ପାଦନା କରିଥିଲେ ଓ ଏଥି ସହିତ ଲିପି ଫଳକର ସମ୍ପୂର୍ଣ୍ଣ ପ୍ରତିଛାପ ମଧ୍ୟ ମୁଦ୍ରିତ କରିଥିଲେ । ପ୍ରିନ୍‌ସେପ୍ ସାହେବ ଏହି ଲିପିଟିର ସମ୍ପାଦନ ପାଇଁ ପଣ୍ଡିତ କମଳାକାନ୍ତ ବିଦ୍ୟାଳଙ୍କାରଙ୍କ ଲିପି ପାଠ ଉପରେ ସମ୍ପୂର୍ଣ୍ଣ ନିର୍ଭର କରିଥିଲେ । ତତ୍ପରେ ୧୮୮୦ରେ ରାଜେନ୍ଦ୍ର ଲାଲ ମିତ୍ର "ଆଣ୍ଟିକ୍ୱିଟିଜ୍ ଅଫ୍ ଓଡ଼ିଶା" ପୁସ୍ତକର ଦ୍ୱିତୀୟ ଭାଗରେ ୧୮୩୮ ରେ ମୁଦ୍ରିତ ବ୍ରହ୍ମେଶ୍ୱର ଶିଳାଲିପି ପାଠର ପୁନର୍ମୁଦ୍ରଣ କରିଥିଲେ । ଓଡ଼ିଆ ଅକ୍ଷରରେ ବ୍ରହ୍ମେଶ୍ୱର ଲିପିର ଏହି ପାଠ ଶ୍ରୀଯୁକ୍ତ ଚିନ୍ତାମଣି ଆଚାର୍ଯ୍ୟ ମହାଶୟ ତାଙ୍କର 'ଭୁବନେଶ୍ୱର' ବହିରେ ମୁଦ୍ରିତ କରିଥିଲେ ଓ ଶ୍ରୀଯୁକ୍ତ ରତ୍ନାକର ଗର୍ଗବଟୁ ଖଣ୍ଡିଏ କ୍ଷୁଦ୍ର ପୁସ୍ତିକାରେ ମଧ୍ୟ ଛପାଇ ଥିଲେ ।

ବ୍ରହ୍ମେଶ୍ୱର ଶିଳାଲିପିଟି କଲିକତାର ଏସିଆଟିକ୍ ସୋସାଇଟିରୁ ୧୮୩୭ ରେ ଭୁବନେଶ୍ୱରକୁ ପ୍ରେରିତ ହୋଇଥିଲେ ମଧ୍ୟ ଭୁବନେଶ୍ୱରରେ ତାହାର ପତ୍ତା ମିଳୁ ନାହିଁ । ଲିପିର ମୂଳ ଶିଳାଫଳକ ନଷ୍ଟ ହୋଇ ଥିବାରୁ ପ୍ରିନ୍‌ସେପ୍ ସାହେବଙ୍କ ଦ୍ୱାରା ମୁଦ୍ରିତ ଛାପାଟି ମୂଳ ଶିଳା ଫଳକର

ଅଭାବ ପୂରଣ କରୁଅଛୁ । ଏହି ପ୍ରବନ୍ଧରେ ସେଇ ଛାପର ପ୍ରତିକୃତି ମୁଦ୍ରିତ ହେଉଛି । ମୁଦ୍ରିତ ପାଠ ଓ ଶିଳାଲିପିର ପାଠ ସହିତ ବହୁ ପ୍ରଭେଦ ଲକ୍ଷିତ ହେବାରୁ ମୁଁ ବହୁବର୍ଷ ପୂର୍ବେ ଏହାର ଏକ ସଂଶୋଧିତ ପାଠ ପ୍ରସ୍ତୁତ କରି, କଲିକତାର ଏସିଆଟିକ୍ ସୋସାଇଟି ପତ୍ରିକାରେ ଗୋଟିଏ ପ୍ରବନ୍ଧ ଲେଖିଥିଲି । ଏହି ପ୍ରବନ୍ଧଟି ଉକ୍ତ ପତ୍ରିକାରେ ଛପାଇବା ପାଇଁ ବହୁ ଆଲୋଚନା ହୋଇଥିଲା ଓ ଶେଷରେ ମୋର ବନ୍ଧୁ ଡାକ୍ତର ଦୀନେଶ ଚନ୍ଦ୍ର ସରକାର ସେହି ପ୍ରବନ୍ଧଟିର ସମ୍ପାଦନ ଓ ପରିବର୍ତ୍ତନର ଭାର ନେଇଥିଲେ । ମୋ ସହିତ ଯେଉଁ ସବୁ ସ୍ଥଳରେ ଏକମତ ହୋଇ ନଥିଲେ, ସେ ସବୁ ସ୍ଥଳରେ ପାଦଟୀକାରେ ତାଙ୍କର ମତ ଦେବାରେ ସ୍ୱୀକୃତ ହୋଇଥିଲେ ଓ ଶେଷରେ ୧୯୪୭ ରେ ପ୍ରକାଶିତ ପତ୍ରିକାର ୧୩ଶ ଭାଗରେ ମୋର ପ୍ରବନ୍ଧ ମୁଦ୍ରିତ ହୋଇଥିଲା ।

ପ୍ରିନ୍‌ସେପ ସାହେବ ଲେଖିଛନ୍ତି—

"Although, as it will be seen, the slab was in a state of considerable mutilation, yet from the inscription being in verse, my Pandit Kamalakanta Vidyalankara has been able by study of the context to fill up all the gaps, with, as he says, hardly a possibility of error, and indeed where the outline of the letters is preserved I have found his restoration quite conformable"

(ଛାପାରୁ) ଦେଖାଯାଏ ଯେ, ଫଳକଟି ଭାଙ୍ଗି ଯାଇଥିବା ଲିପିର ପାଠାଂଶ ଚିହ୍ନିତ ହୋଇନାହିଁ ଓ ତାହା ବ୍ୟତୀତ ଯେଉଁଠାରେ ଅକ୍ଷର ଗୁଡ଼ିକ ଅସ୍ପଷ୍ଟ ଭାବରେ ଦେଖାଯାଇ ଅଛି, ସେଠାରେ କେତୋଟି ସ୍ଥାନରେ ସେ ଅନୁମାନିକ ପାଠ ହୋଇ ଥିବାର ମଧ୍ୟ ଦେଖାଯାଇ ଅଛି । ଛାପାର ଦେଖା ଯାଇ ଥିବା ଅକ୍ଷର ସାହାଯ୍ୟରେ ବିଦ୍ୟାଲଙ୍କାରଙ୍କର ପାଠରେ କେତେକ ସ୍ଥଳରେ ନୂତନ ପାଠ ଦିଆ ଯାଇଛି ଓ ଯେଉଁଠାରେ ଛାପାରେ ଅକ୍ଷର ଗୁଡ଼ିକ ଅସ୍ପଷ୍ଟ ଦେଖାଯାଇଛି, ସେଠାରେ ତାଙ୍କର ପାଠ ଗୃହୀତ

ହୋଇଛି, କାରଣ ସେ ମୂଳଶିଳାଫଳକଟି ଦେଖିବାକୁ ସୁବିଧା ପାଇଥିଲେ । ପ୍ଲେଟରେ ଯାହା ଅସ୍ପଷ୍ଟ ହୋଇଛି ତାହା ହୁଏତ ଶିଳା-ଫଳକରେ ସ୍ପଷ୍ଟ ଦେଖା ଯାଇ ନଥିଲା ।

ତଳେ ପରିବର୍ତ୍ତିତ ପାଠର ଆଲୋଚନା କରା ଯାଉଛି । ଛଅଗୋଟି ଧାଡ଼ିରେ ଛଅଗୋଟି ଶ୍ଳୋକରେ ବିଦ୍ୟାଳଙ୍କାର ପାଠ କରିଥିଲେ 'ସମ୍ରାଟ ଭର୍ତ୍ତୁର ରାଜକମ୍ର ରମଣୀ', ମାତ୍ର ପ୍ଲେଟରେ 'ଭଟାରି ରାଜରମଣୀ' ସ୍ପଷ୍ଟ ଦେଖା ଯାଉ ଅଛି । ପଣ୍ଡିତ ବିଦ୍ୟାଳଙ୍କାର 'ରାଜ' ଓ' ରମଣ' ଶବ୍ଦଦ୍ୱୟ ମଧ୍ୟରେ 'କସ' ଶବ୍ଦର ବ୍ୟବହାର କରିଥିଲେ । କିନ୍ତୁ ଶ୍ଳୋକରେ ୧ମ ପାଦ "............ଭଟାରି—ରାଜ ରମଣୀ—ସୀମନ୍ତ—ବିଭ୍ରାନ୍ତ-ହୃଦ୍"ରେ ଛନ୍ଦ ପାଇଁ ଗୋଟିଏ ଅକ୍ଷରର ଅଭାବ ପଡୁଛି ଓ ଏହାଠାରେ ମୁଁ "ତସ୍ୟାନ୍ୱେଷ" ର ପାଠ ଦେଇଅଛି । ଏହା ଦ୍ୱାରା ପ୍ରଥମ ପାଦର ଅର୍ଥ ସହଜରେ ବୁଝା ଯାଇଛି । ଏହି ଲିପିର ୧୨ ଧାଡ଼ିର କାର୍ତ୍ତିନ ଶବ୍ଦର 'ର୍ତ୍ତି' ଅକ୍ଷରର 'ଭଟାରି' ଶବ୍ଦର 'ଟ' ଅକ୍ଷରର ଆକାର ଠାରୁ ଭିନ୍ନ ଓ ୧୧ ଧାଡ଼ିର 'ଘଟା' ଶବ୍ଦର 'ଟ' ଅକ୍ଷର ସହିତ ଏକ ଥିବାର ଦେଖାଯାଏ । ଏହି ପରୀକ୍ଷା ଦ୍ୱାରା ମୋର ପାଠରେ ଅକ୍ଷରଗୁଡ଼ିକର ପଢ଼ିବାରେ ଭ୍ରମ ନାହିଁ । ପୁନଶ୍ଚ ଧାଡ଼ିର ୩ୟ ଶ୍ଳୋକରେ ୪ର୍ଥ ପାଦରେ ମୁଁ ପାଠ ଦେଇ ଅଛି । 'ଯଯାତିର = ଅଭଜଦ୍ = ଯୋ" । ଏହିଠାରେ ବିଦ୍ୟାଳଙ୍କାରଙ୍କର ପାଠଥିଲା "ଯଯାତି = ନୃପବଦ୍ = ଯୋ' । ଏହି ନୂତନ ପାଠଦ୍ୱାରା ନରସିଂହପୁରର ଉଦ୍ୟୋତ କେଶରୀଙ୍କର ତମ୍ବାପଟାରେ ଥିବା ତଲୋକ୍ତ ଶ୍ଳୋକର ବିଷୟ ସହିତ ପୂର୍ଣ୍ଣ ଏକତ୍ୱ ଥିବାର ମଧ୍ୟ ଦେଖାଯାଇଅଛି ।

ରାଜାଭୂଜ୍ଜନମେ ଜୟୋଽଥ
ନୃପତର୍ଜାତୋ ଯଯାତିସ୍ତତଃ ।
ଶ୍ରୀମାନ୍ ଭ୍ରମରଥୋଽଭବତ୍ତଦନୁ ଚ
କ୍ଷ୍ମାଚନ୍ଦ୍ରରକ୍ଷାମଣିଃ ॥

୫ମ ଧାଡ଼ିର ୪ର୍ଥ ଶ୍ଲୋକର ଶେଷ ଦୁଇ ପାଦରେ ବିଦ୍ୟାଲଙ୍କାରଙ୍କ ପାଠ 'ସଦା ଗ'ର ପାଠ ଗୃହୀତ ହୋଇଛି, କିନ୍ତୁ ତାଙ୍କର ପାଠ 'ଘାର୍ଘରିବୋ' ସ୍ପପାରେ ଦେଖାଯାଏ ନାହିଁ । ସେଠାରେ 'ଖ୍ରି×ରଥୋ' ପାଠ ସ୍ପଷ୍ଟ । ନରସିଂହପୁର ତାମ୍ରାପଟ୍ଟାର ପାଠ ଅନୁସାରେ ମୁଁ ସେଠାରେ 'ଖ୍ରୀମରଥୋ' ପାଠ ଦେଇଅଛି । ଏଣୁ ଏ ପାଠରେ କିଛି ସନ୍ଦେହ କରିବାର ନାହିଁ ।

୬ ଧାଡ଼ିର ପଞ୍ଚମ ଶ୍ଲୋକରେ ବିଦ୍ୟାଲଙ୍କାର ପଢ଼ିଥିଲେ "ରାଜା ବଭୂବ କବ ଧର୍ମ ପରୋକ୍ଷକାରଃ" ଏହି ଧାଡ଼ିରେ ଦୁଇଟି ଅକ୍ଷର ନଷ୍ଟ ହୋଇଛି ଓ ଆଉ ଆଠଟି ଅକ୍ଷର ଅସ୍ପଷ୍ଟ ହୋଇଛି । ନଷ୍ଟ ଓ ଅସ୍ପଷ୍ଟ ଅକ୍ଷର ସ୍ଥଳରେ ମୁଁ 'ବଭୂ' [ବ କ ସ୍ଥଳରେ] ଓ "ଧର୍ମରଥୋ ପ୍ରଖ୍ୟାତ" ପାଠ ଦେଇଅଛି । 'କବ' ସ୍ଥଳରେ 'ଭୁବ' ପାଠର ଅର୍ଥ ଭଲ ହେଉଛି ଓ ନରସିଂହପୁର ତାମ୍ରାପଟ୍ଟା ଅନୁସାରେ 'ଧର୍ମରଥ' ପାଠ ଗୃହୀତ ହେବାରେ ବାଧା ନାହିଁ । ତେବେ 'ପ୍ରଖ୍ୟାତ' ଶବ୍ଦର ପାଠ ସମ୍ବନ୍ଧରେ ମୋର ସନ୍ଦେହ ଅଛି । ଡାକ୍ତର ଦୀନେଶଚନ୍ଦ୍ର ସରକାର ଏହିଠାରେ 'ଗମ୍ଭୀର' ଥିବାର ଅନୁସନ୍ଧାନ କରନ୍ତି ।

୯ମ ଧାଡ଼ିର ୮ମ ଶ୍ଲୋକରେ ଶେଷ ଶ୍ଲୋକର ପାଠଥିଲା'ନନ୍ଦନ' ମୁଁ ସେଠାରେ 'ବନ୍ଦିତଃ' ପାଠ ଦେଇଛି । କାରଣ 'ତ' ଅକ୍ଷର ସ୍ପଷ୍ଟ ଦେଖାଯାଉଛି ।

୧୦ ଧାଡ଼ିର ଶ୍ଲୋକରେ ବିଦ୍ୟାଲଙ୍କାର ପଢ଼ିଥିଲେ 'ସିଂହଳଂ ଚୋଡ଼ଗୌଡ଼ୌ' ସ୍ପପାରେ ସ୍ପଷ୍ଟ ଅଛି । 'ଡାହଳଂ ଓଡ୍ରଗୌଡ଼ୌ' ଏଠାରେ ଓଡ୍ର ଶବ୍ଦର 'ଡ୍ର' ଅକ୍ଷର ୩ୟ ଧାଡ଼ିର 'ଡ୍ର' ଅକ୍ଷର ସହିତ ସମାନ ଅଛି । ଡାହାଳ, ଓଡ୍ର ଓ ଗୌଡ଼ ଦେଶଗୁଡ଼ିକ ପରସ୍ପର ନିକଟବର୍ତ୍ତୀ ଓ ଦକ୍ଷିଣ କୋଶଳ ଦେଶର ମଧ୍ୟପାର୍ଶ୍ୱବର୍ତ୍ତୀ । ମାତ୍ର ସିଂହଳଂ ଚୋଡ଼ଗୌଡ଼ୌ' ପାଠରେ କୌଣସି ଭୌଗୋଳିକ ସମ୍ପର୍କ ନାହିଁ ।

୧୬ ଧାଡ଼ିର ୧୫ ଶ୍ଲୋକର ଶେଷପାଦରେ ବିଦ୍ୟାଲଙ୍କାର ପଢ଼ିଥିଲେ 'ଚଞ୍ଚଳ-ଖଞ୍ଜନାଭନୟନା' । ମାତ୍ର ସ୍ପପରେ 'ଖଞ୍ଜନାଭ'

ଶବ୍ଦର ଅକ୍ଷର ନାହିଁ । ସେଠାରେ 'କର୍ଣ୍ଣଜାହ୍ନ' ଶବ୍ଦର ଅକ୍ଷର ଗୁଡ଼ିକ ଅଛି । କର୍ଣ୍ଣଜାହ୍ନ ଚକ୍ଷୁ ଶବ୍ଦର ଅର୍ଥ କର୍ଣ୍ଣ ପର୍ଯ୍ୟନ୍ତ ବିସ୍ତୃତ ଚକ୍ଷୁ । ମାତ୍ର 'ଖଞ୍ଜନାଭ' ଚକ୍ଷୁ ଶବ୍ଦର ଅର୍ଥ ଖଞ୍ଜନ ପକ୍ଷୀର ଆଭା ପରି ଆଭା ବା କୃଷ୍ଣ ଚକ୍ଷୁ । କେବଳ ଖଞ୍ଜନୟନା ହୋଇଥିଲେ ଦୀର୍ଘାୟତନ ଚକ୍ଷୁର ଅର୍ଥ ହୁଅନ୍ତା, ଯାହାହେଉ ଏହି ପାଠରେ କୌଣସି ଐତିହାସିକ ବା ଭୌଗୋଳିକ ବିଷୟ ପରିବର୍ତ୍ତିତ ହୋଇନାହିଁ ।

୨୦ ଧାଡ଼ିର ଗଦ୍ୟାଂଶରେ ବିଦ୍ୟାଳଙ୍କାର ପାଠ କରିଥିଲେ 'ସୋମ ବଂଶୋଦ୍ଭବ ଭୂପତି' । ମାତ୍ର ଏହା ଛାପାରେ ଅଛି "ସୋମ× × × × ∴ ତ୍ରିକଳିଙ୍ଗାଧିପତି" । ସୋମବଂଶୀ ତାମ୍ରପଟ୍ଟରେ ସୋମକୁଳ-ତିଳକ ତ୍ରିକଳିଙ୍ଗ ଅଧିପତି ବିରୁଦର ବହୁବ୍ୟବହାର ଥିବାରୁ ମୁଁ 'କୁଳତିଳକ'ର ପାଠ ଲଗାଇଅଛି । ବିଦ୍ୟାଳଙ୍କାରଙ୍କର ପାଠ 'ସୂତ୍ରଧର ରାଘୂ' ସ୍ଥଳରେ 'ସୂତ୍ରଧର ରାଘୂଣ ଉତ୍କୀର୍ଣ୍ଣଂ ର ପାଠ ମୁଁ ଦେଇଅଛି ।

ଉପରଲିଖିତ ପରିବର୍ତ୍ତିତ ପାଠରୁ ଜଣାଯାଉଅଛି ଯେ ଡାକ୍ତର ଦେବଦତ୍ତ ରାମକୃଷ୍ଣ ଭଣ୍ଡାରକରଙ୍କ ଉପରୋକ୍ତ ମତ ଅତି ସମୀଚୀନ ହୋଇଥିଲା ।

**"Some more kings of this dynasty seems to be mentioned in No. 1572, (The Brahmeswar temple inscription) but this inscription requires to be carefully edited before we can utilise it for geneological purposes". (vide list of inscription in Northen India. )**

ଅର୍ଥାତ୍ "ବ୍ରହ୍ମେଶ୍ୱର ମନ୍ଦିରର ଶିଳାଲିପିରେ [ସୋମବଂଶୀୟ] ଆହୁରି କେତେଜଣଙ୍କର ନାମ ମିଳେ । ମାତ୍ର ଏହି ଶିଳାଲିପିଟି ଯତ୍ନର ସହିତ ସମ୍ପାଦିତ ନ ହେବାଯାଏ ଏହି ଲିପିଟିକୁ ବଂଶାବଳୀ ଗଠନରେ ବ୍ୟବହାର କରାଯାଇ ପାରିବ ନାହିଁ ।"

ବ୍ରହ୍ମେଶ୍ୱର ଶିଳାଲିପିର ବର୍ଣ୍ଣିତ ବିଷୟ ।

ଏହି ଶିଳାଲିପିଟିରେ ୨୦ଧାଡ଼ି ଲେଖା ଅଛି ଓ ୧୮ଟି ଶ୍ଳୋକ ଅଛି । ଶେଷ ଧାଡ଼ିଟି ଗଦ୍ୟରେ ଲିଖିତ ।

ଏହାର ପ୍ରଥମ ଶ୍ଳୋକରେ ବର୍ଣ୍ଣିତ ଅଛି ଯେ, ସୋମ ବା ଚନ୍ଦ୍ର ଓ ଲକ୍ଷ୍ମୀ ସମୁଦ୍ର ମନ୍ଥନରୁ ଜାତ ହୋଇଥିଲେ । ସୋମବଂଶରେ "ଜନମେଜୟ" ଜନ୍ମିଥିଲେ । ସେ ତ୍ରିକଳିଙ୍ଗ ରାଜ୍ୟ ଅଧିପ ଥିଲେ ଓ ଓଡ୍ର ରାଜ୍ୟର ରାଜାଙ୍କୁ ଯୁଦ୍ଧରେ ହତ୍ୟାକରି ଓଡ୍ରଦେଶ ଜୟ କରିଥିଲେ [ଶ୍ଳୋକ୨] ତତ୍ପରେ ତାଙ୍କ ପୁତ୍ର 'ଯଯାତି' ସମସ୍ତ ରାଜଶକ୍ତି ବଳରେ ରାଜା ହୋଇଥିଲେ । [ଶ୍ଳୋକ୩] ତତ୍ପରେ ତାଙ୍କ ପୁତ୍ର ବହୁଗୁଣାବଳୀ ଭୂଷିତ 'ଭୀମରଥ' ରାଜା ହୋଇଥିଲେ [ଶ୍ଳୋକ ୪] ତାଙ୍କପୁତ୍ରଙ୍କ ନାମ 'ଧର୍ମରଥ' [ଶ୍ଳୋକ୫] ସେ ଅପୁତ୍ରିକ ହୋଇ ମରିଥିଲେ ଓ ତାଙ୍କ ରାଜ୍ୟ ନାନା ଶତ୍ରୁଙ୍କଦ୍ୱାରା ବିଧ୍ୱସ୍ତ ହୋଇଥିଲା [ଶ୍ଳୋକ ୬] ତତ୍ପରେ 'ଚଣ୍ଡୀହର' ଅମାତ୍ୟବୃନ୍ଦଙ୍କଦ୍ୱାରା ରାଜସିଂହାସନ ଅଧିକାର କରିଥିଲେ । ଚଣ୍ଡୀହରଙ୍କ ପିତାଙ୍କ ନାମ ଅଭିମନ୍ୟୁ ଓ ପିତାମହଙ୍କନାମ ବିଚିତ୍ରବୀର ଓ ପ୍ରପିତାମହଙ୍କ ନାମ ଜନମେଜୟ [ଶ୍ଳୋକ୭] ଚଣ୍ଡୀହରଙ୍କ ରାଜତ୍ୱରେ ଅନେକ ଘଟଣା ଘଟିଥିଲା [ଶ୍ଳୋକ ୮] ତାଙ୍କ ପୁତ୍ର ଉଦ୍ୟୋତକେଶରୀ ଜଣେ ପ୍ରବଳ ପରାକ୍ରାନ୍ତ ରାଜା ଥିଲେ । [ଶ୍ଳୋକ୯] । ସେ ଡାହଲ ଓଡ୍ର ଓ ଗୌଡ଼ ଦେଶର ରାଜାମାନଙ୍କୁ ପରାଭୂତ କରିଥିଲେ ଓ ବହୁରାଜା ତାଙ୍କର ବଶ୍ୟତା ସ୍ୱୀକାର କରିଥିଲେ । (ଶ୍ଳୋକ୧୦) ତାଙ୍କର ମାତା କୋଲାବତୀ ଦେବୀ ଜଣେ ଧର୍ମପରାୟଣା ନାରୀ ଥିଲେ [ଶ୍ଳୋକ୧୧] ସେ ଏକାମ୍ର କ୍ଷେତ୍ରରେ ବ୍ରହ୍ମେଶ୍ୱର ଶିବଲିଙ୍ଗ ପାଇଁ ଏକ ମନ୍ଦିର ନିର୍ମାଣ କରିଥିଲେ [ଶ୍ଳୋକ୧୨] ଏହି ଶିବଲିଙ୍ଗଙ୍କୁ ନିଜେ ବ୍ରହ୍ମା ପୂଜା କରିଥିଲେ[ଶ୍ଳୋକ୧୩]ସେ ମନ୍ଦିରରେ ଦେବଦାସୀ ନିଯୁକ୍ତ କରିଥିଲେ । (ଶ୍ଳୋକ୧୫) ମନ୍ଦିରର ନିର୍ମାତାଙ୍କର ପ୍ରଶସ୍ତି ବେଦ, ବ୍ୟାକରଣ, ଅର୍ଥଶାସ୍ତ୍ର, କବିତା ଓ ତର୍କାଦି ବିଦ୍ୟାରେ ପଣ୍ଡିତ ଭଟ୍ଟ ପୁରୁଷୋତ୍ତମ ରଚନା କରିଥିଲେ (ଶ୍ଳୋକ୧୬) ପରମ ମହେଶ୍ୱର ମହାରାଜାଧିରାଜ ସୋମ କୁଳତିଳକ ତ୍ରିକଳିଙ୍ଗାଧିପତି ଶ୍ରୀମତ୍

ଉଦ୍ୟୋତକେଶରୀ ରାଜଦେବଙ୍କର ବିଜୟରାଜ୍ୟ ସମ୍ବତ୍ ୧୮ ଫାଲଗୁନ ଶୁକ୍ଳପକ୍ଷ ତୃତୀୟାରେ ସୂତ୍ରଧାର ରାସୁଙ୍କଦ୍ୱାରା ଏହି ଲିପି ଲିଖିତ ହୋଇଥିଲା ।

ବ୍ରହ୍ମେଶ୍ୱର ଶିଳାଲିପିର ୨ୟଠାରୁ ୧୦ମ ଶ୍ଳୋକରେ କୋଶଳ ଓ ଉତ୍କଳର ସୋମକୁଳୀ କେଶରୀ ବଂଶୀୟ ରାଜାମାନଙ୍କର ବଂଶାବଳୀ ବର୍ଣ୍ଣିତ ହୋଇଅଛି । ନରସିଂହପୁରର ବାଲିଝରି ଗ୍ରାମରୁ ପ୍ରାପ୍ତ ମହାରାଜାଧିରାଜ ଉଦ୍ୟୋତକେଶରୀଙ୍କର ତମ୍ବାପଟାରେ ବର୍ଣ୍ଣିତ ବଂଶାବଳୀ ଅଂଶ ତଳେ ଲେଖା ଯାଇଅଛି । ବାଲିଝରି ତମ୍ବାପଟା ବ୍ରହ୍ମେଶ୍ୱର ଲିପିର ନଷ୍ଟାକ୍ଷର ଗୁଡ଼ିକ ଉଦ୍ଧାର କରିବାରେ ବିଶେଷ ଭାବରେ ସାହାଯ୍ୟ କରିଅଛି ।

ବାଲିଝରିର ତମ୍ବାପଟାର ପ୍ରଥମ ଶ୍ଳୋକରେ ଚନ୍ଦ୍ରଙ୍କର ସ୍ତୁତି କରା ଯାଇଛି । ୨ୟ ଶ୍ଳୋକରେ ଚନ୍ଦ୍ରବଂଶରୁ ବହୁ ରାଜବଂଶ ଉଦ୍ଭବ ହୋଇ ଥିବାର କଥା ଲିଖିତ ଅଛି । ଏହି ଚନ୍ଦ୍ର ବା ସୋମକୁଳରେ ଜନମେଜୟ ଜନ୍ମିଥିଲେ । ଜନମେଜୟଙ୍କର ପୁତ୍ରର ନାମ ଯଯାତି ଓ ଯଯାତିଙ୍କର ପୁତ୍ରର ନାମ ଭୀମରଥ ଥିବାର କଥା ୩ୟ ଶ୍ଳୋକରୁ ଜଣାଯାଏ । ୪ର୍ଥ ଶ୍ଳୋକରେ ତାଙ୍କର ପୁତ୍ର ଧର୍ମରଥ ରାଜାହୋଇ ଶତ୍ରୁମାନଙ୍କ ସହିତ ଯୁଦ୍ଧରେ ଲିପ୍ତଥିବାର କଥା ବର୍ଣ୍ଣିତ ଅଛି । ତାଙ୍କର ଭାଇ ନହୁଷ ତତ୍ପରେ ରାଜା ହୋଇଥିଲେ । ନହୁଷଙ୍କ ପରେ ତାଙ୍କର ଭାଇ ଯଯାତି କୋଶଳ ଓ ଉତ୍କଳର ରାଜା ହୋଇ ଦେଶରୁ ଶତ୍ରୁମାନଙ୍କୁ ବିଦୂରିତ କରିଥିଲେ । ଯଯାତିଙ୍କର ପୁତ୍ର ଉଦ୍ୟୋତ-କେଶରୀ । ବାଲିଝରି ଓ ଅନ୍ୟାନ୍ୟ ସୋମକୁଳୀ ତମ୍ବାପଟାଗୁଡ଼ିକରେ ଦେଖାଯାଏ ଯେ ରାଜାମାନଙ୍କର ନାମ ପୂର୍ବେ 'ମହାଶିବଗୁପ୍ତ' ବା 'ମହାଭବଗୁପ୍ତ' ଓ ସୋମକୁଳତିଳକ ତ୍ରିକଳିଙ୍ଗାଧିପତି ବିରୁଦ ଅଛି, ମାତ୍ର ବ୍ରହ୍ମେଶ୍ୱର ଲିପିରୁ କୌଣସି ରାଜାଙ୍କ ନାମ ପୂର୍ବେ ବା ପରେ 'ମହାଶିବ ଗୁପ୍ତ' ବା 'ମହାଭବ ଗୁପ୍ତ' ବିରୁଦ ନାହିଁ । କେବଳ ଶେଷରେ ଉଦ୍ୟୋତ-କେଶରୀଙ୍କ ନାମ ପୂର୍ବେ 'ସୋମକୁଳ ତିଳକ ତ୍ରିକଳିଙ୍ଗାଧିପତି' ବିରୁଦ ଅଛି । ବିରୁଦ ଲିଖନରେ ଏହି ବ୍ୟତିକ୍ରମର କାରଣ କିଛି ସ୍ଥିର କରି ହେଉ ନାହିଁ । ତେବେ ଏତିକି ମନେ ହେଉଛି ଯେ ତମ୍ବାପଟାଗୁଡ଼ିକ ସରକାରୀ ଦଲିଲ

ଥିବାରୁ ସେଥିରେ ରାଜକାର୍ଯ୍ୟ ନିୟମ ସବୁ ଲିଖିତ ହେଉଥିଲା, କିନ୍ତୁ ବ୍ରହ୍ମେଶ୍ୱର ଲିପିଟି ରାଜମାତା କୋଲାବତୀଙ୍କର ପ୍ରଶସ୍ତି ଥିବାରୁ ସେଥିରେ ପ୍ରଶସ୍ତିକାର ରାଜକାର୍ଯ୍ୟ ନିୟମ ପ୍ରତି ବିଶେଷ ଦୃଷ୍ଟି ଦେଇନଥିଲେ ।

ସୋମକୁଳୀ ରାଜାମାନଙ୍କର ବଂଶ ତାଲିକା ପ୍ରଥମେ ପଣ୍ଡିତ ବିନାୟକ ମିଶ୍ର ପ୍ରସ୍ତୁତ କରିଥିଲେ । ଏହି ତାଲିକାକୁ ମୁଁ ଗ୍ରହଣ କରିଥିଲି । ୧୯୪୭ ରେ ଡାକ୍ତର ଦୀନେଶ ଚନ୍ଦ୍ର ସରକାର ବାଲିଝରି ତମ୍ବାପଟାର ୬ଷ୍ଠ ଶ୍ଳୋକର ଅର୍ଥ ଅନ୍ୟପ୍ରକାର କରି ମିଶ୍ର ମହାଶୟଙ୍କ ବଂଶ ତାଲିକା ଯାହାକୁ ମୁଁ ମଧ୍ୟ ଗ୍ରହଣ କରିଥିଲି ସାମାନ୍ୟ ପରିବର୍ତ୍ତନ କରି ଅଛନ୍ତି । ଡାକ୍ତର ସରକାରଙ୍କ ସହିତ ମୁଁ ଏକମତ ହୋଇ ନଥିବାରୁ ରଏଲ ଏସିଆଟିକ୍ ସୋସାଇଟି ପତ୍ରିକାରେ ୧୯୪୭ରେ ପ୍ରକାଶିତ ମୋର ପ୍ରବନ୍ଧରେ ତାହା ଗୃହୀତ ହୋଇନାହିଁ । ଯେଉଁ ପାଠକମାନେ ଏ ବିଷୟରେ ଅଧିକ ଜାଣିବାକୁ ଇଚ୍ଛୁକ, ସେମାନେ ଇଣ୍ଡିଆନ ହିଷ୍ଟୋରିକାଲ କ୍ୱାର୍ଟର୍ଲି ପତ୍ରିକା ୨୨ଶ ଭାଗ ଦେଖନ୍ତୁ । ଜନମେଜୟଙ୍କ ତମ୍ବା ପଟାରେ 'ଶିବଗୁପ୍ତ'ଙ୍କର ଉଲ୍ଲେଖ ଥିବାରୁ ତାଙ୍କ ପିତା ଶିବଗୁପ୍ତ ୧ମ ଥିବାରି ମୁଁ ସ୍ଥିର କରିଥିଲି । ମାତ୍ର ଡାକ୍ତର ସରକାର ତାଙ୍କୁ ବାଦ ଦେଇଥିବାରୁ 'ମହାଶିବ ଗୁପ୍ତ' ବିରୁଦ ଧାରୀ ରାଜାମାନଙ୍କ ମଧ୍ୟରୁ ତାଙ୍କ ତାଲିକାରେ ଜଣେ କମ୍ ଅଛନ୍ତି । ରାଜେନ୍ଦ୍ର ଚୋଳଙ୍କ ତାମିଲ ଲିପିରୁ ମିଳିଥିବା ରାଜାଙ୍କ ନାମ ଇନ୍ଦ୍ରରଥ ବା ଅନ୍ୟ କିଛି ଥିଲି ତାହା ସ୍ପଷ୍ଟ ଭାବରେ ପଠିତ ହୋଇ ନ ଥିବାରୁ ଓ ଇନ୍ଦ୍ରରଥଙ୍କ ନାମ ଅନ୍ୟ ଲିପିରୁ ମିଳି ନ ଥିବାରୁ ମୁଁ ସେହି ରାଜାଙ୍କୁ ଧର୍ମରଥ ବୋଲି ଗ୍ରହଣ କରିଥିଲି; ମାତ୍ର ଡାକ୍ତର ସରକାର ନହୁଷଙ୍କୁ 'ଇନ୍ଦ୍ରରଥ' ଥିବାରି ଅନୁମାନ କରି ଅଛନ୍ତି । ନହୁଷଙ୍କର ଅନ୍ୟ ନାମ ଇନ୍ଦ୍ରରଥ ମଧ୍ୟ ହୋଇ ପାରେ । ଏହାଦ୍ୱାରା ମଧ୍ୟ ବଂଶାବଳୀର ତାଲିକାରେ ବିଶେଷ କିଛି ପରିବର୍ତ୍ତନ ହୋଇନାହିଁ । ଡାକ୍ତର ସରକାର ମୋ ଦ୍ୱାରା ସ୍ଥିରୀକୃତ ରାଜାମାନଙ୍କ ରାଜତ୍ୱକାଳ ଗ୍ରହଣ କରି ଅଛନ୍ତି । ପଣ୍ଡିତ ବିନାୟକ ମିଶ୍ରଙ୍କ ମତ ଅନୁସାରେ ସୋମକୁଳୀ ରାଜାମାନଙ୍କର କୋଶଳ ଓ ଉତ୍କଳ ଭେଦରେ ଦୁଇଟି ଶାଖା ମୁଁ ଗ୍ରହଣ କରିଥିଲି, ମାତ୍ର ଡାକ୍ତର ସରକାର ତାହା କରି ନ ଥିଲେ ମଧ୍ୟ ଦୁଇଟି ଶାଖା ସ୍ୱୀକାର କରି ଅଛନ୍ତି । ଡାକ୍ତର ସରକାର

ତାହା କରି ନଥିଲେ ମଧ୍ୟ ଦୁଇଟି ଶାଖା ସ୍ୱୀକାର କରିଅଛନ୍ତି । ଡାକ୍ତର ସରକାର ପରବର୍ତ୍ତୀ ସୋମକୁଳୀ ରାଜାମାନଙ୍କର ନାମ ଶେଷରେ ଯୋଗ କରିଅଛନ୍ତି, ମାତ୍ର ସେମାନଙ୍କର ସମୟ ଏହି ଲିପିର ପରବର୍ତ୍ତୀ ହୋଇ ଥିବାରୁ ଉକ୍ତ ବଂଶ ତାଲିକାରେ ତାହା ଦିଆଗଲା ନାହିଁ ।

## ଶିବଗୁପ୍ତଙ୍କ ବଂଶ

୧ ଜନମେଜୟ— ମହାଭବଗୁପ୍ତ ୧ମ)
(ପ୍ରାୟ ଖ୍ରୀ:୯୫୦)

କୋଶଳ ଶାଖା

୨ୟ ଯଯାତି (ମହାଶିବଗୁପ୍ତ ୨ୟ) (ଖ୍ରୀ:୯୭୫)

୩ ଭୀମରଥ (ମହାଭବଗୁପ୍ତ ୨ୟ (ଖ୍ରୀ:୧୦୦୦)

୪ ଧର୍ମରଥ (ମହାଶିବଗୁପ୍ତ ୩ୟ) ଖ୍ରୀ:୧୦୨୦)

୫ ନହୁଷ (ମହାଭବଗୁପ୍ତ ୩ୟ) (ଖ୍ରୀ:୧୦୨୩-୨୪
(ଇନ୍ଦ୍ରରଥ)

ଉତ୍କଳଶାଖା

ବିଚିତ୍ରବୀର

ଅଭିମନ୍ୟୁ

୬ ଚଣ୍ଡୀହର-ଯଯାତି
(ମହାଶିବ ଗୁପ୍ତ ୩ୟ)
[ଖ୍ରୀ:୧୦୨୫-୫୦]

୭ ଉଦ୍ୟୋତକେଶରୀ
(ମହାଭବ ଗୁପ୍ତ ୪ର୍ଥ)
(ଖ୍ରୀ:୧୦୫୦-୭୦)

ବ୍ରହ୍ମେଶ୍ୱର ଲିପିଟି ବୋଧହୁଏ ସୋମକୁଳୀ କେଶରୀବଂଶୀୟ ରାଜାମାନଙ୍କ ରାଜତ୍ୱ କାଳର ଶେଷଲିପି ବୋଲି ଧରାଯାଇ ପାରେ । ଏହାପରେ ପ୍ରାୟ ପଚିଶ ବର୍ଷ ପର୍ଯ୍ୟନ୍ତ ଏହି ରାଜବଂଶର ରାଜତ୍ୱ ଓଡ଼ିଶାରେ ଚାଲିଥିଲେ ମଧ୍ୟ ଏହି ସମୟ ମଧ୍ୟରେ ଏହି ବଂଶର କୌଣସି ରାଜକୀୟ ପ୍ରାଧାନ୍ୟର ଲିପି ମିଳନାହିଁ । ସନ୍ଧ୍ୟାକର ନନ୍ଦୀକୃତ 'ରାମଚରିତ'ରୁ କର୍ଣ୍ଣକେଶରୀଙ୍କ ନାମ ମିଳେ । ସେ ରାଜା ଥିଲେ, ମାତ୍ର ତାଙ୍କର କୌଣସି ଲିପି ମିଳନାହିଁ ।

ବ୍ରହ୍ମେଶ୍ୱର ଲିପିର ୭ମ ଶ୍ଳୋକରେ ବର୍ଣ୍ଣିତ ଅଛି ଯେ ଉଦ୍ର ଦେଶ ଜୟ କରିବା ପୂର୍ବରୁ ଜନମେଜୟ 'ତ୍ରିକଳିଙ୍ଗାଧିପତି' ଥିଲେ । ଜନମେଜୟଙ୍କ ରାଜତ୍ୱର ୩ୟ ସମ୍ବତ୍ସରେ ପ୍ରଦତ୍ତ ଏକ ତାମ୍ରଶାସନରୁ ଜଣାଯାଏ ଯେ ତାଙ୍କର ସୋମକୁଳତିଳକ ଓ 'ତ୍ରିକଳିଙ୍ଗାଧିପତି' ଉପାଧି ଥିଲା । ଜନମେଜୟଙ୍କର ରାଜତ୍ୱାରମ୍ଭରେ ତ୍ରିକଳିଙ୍ଗାଧିପତି ବିରୁଦଥିବାରୁ ମନେ ହେଉଛି ଯେ ସେ ଉଦ୍ର ଦେଶ ଜୟ କରିବା ସଙ୍ଗେ ସଙ୍ଗେ ଏହି ଉପାଧିରେ ଭୂଷିତ ହୋଇଥିଲେ । ଏହି 'ସୋମକୁଳ ତିଳକ' ଓ ତ୍ରିକଳିଙ୍ଗାଧିପତି'ବିରୁଦଦ୍ୱୟ ବ୍ରହ୍ମେଶ୍ୱର ଲିପିରେ ଉଦ୍ୟୋତ କେଶରୀଙ୍କର ନାମ ପୂର୍ବେ ମଧ୍ୟ ଦେଖାଯାଏ । ଏହି 'ତ୍ରିକଳିଙ୍ଗାଧିପତି' ବିରୁଦଟିର ତାତ୍ପର୍ଯ୍ୟ ଠିକ ଭାବରେ ଏ ପର୍ଯ୍ୟନ୍ତ ବୁଝାଯାଇ ନାହିଁ । ଏହା ସହିତ ଉଦ୍ର ଦେଶ ବିଜୟର ଯେ କିଛି ସମ୍ପର୍କ ଅଛି ବୋଲି ଅନୁମିତ ହୁଏ । ସୋମକୁଳୀ କେଶରୀ ରାଜବଂଶର ପୂର୍ବବର୍ତ୍ତୀ ଭୌମ ରାଜାମାନଙ୍କର ଏହି ଉପାଧି ନ ଥିଲା, ମାତ୍ର ଏହି ଉପାଧିରେ କେଶରୀବଂଶ ବ୍ୟତୀତ ପରବର୍ତ୍ତୀ କାଳର ଗଙ୍ଗବଂଶ ଓ ହୈହୟ ବଂଶର ରାଜାମାନେ ଏହି ବିରୁଦ ବ୍ୟବହାର କରୁଥିବାର କଥା ମଧ୍ୟ ସମସାମୟିକ ଲିପିରୁ ଜଣାଯାଉଛି । ଅନ୍ୟ ଏକ ପ୍ରବନ୍ଧରେ 'ତ୍ରିକଳିଙ୍ଗ' ଓ 'ତ୍ରିଲିଙ୍ଗ' ଇତିହାସ ଲେଖିବାର ବାସନା ରହିଲା ।

ପଂକ୍ତି ୧ । ଓଁ ॥ ବ୍ରହ୍ମୋପେନ୍ଦ୍ର ମହେଶ୍ୱରେନ୍ଦ୍ର ବଳ [ଧାରଙ୍କୁ କୃତା ହ୍ରାଶ୍ୱରୌ] [ଭ୍ରା] ମ୍ୟନ୍ମନ୍ଦର ପର୍ବତେନ ମଥିତାତ୍ କ୍ଷୀରୋଦଧେର୍ମଧ୍ୟତଃ ।

ବିସ୍ତୀତାମୃତ କୌମୁଦୀଭରଖିଳଂ ତ୍ରୈଲୋକ୍ୟ ମୁଦ୍ୟୋତୟନ୍ ରାଜେନ୍ଦୁଃ ସକଳଃ ସମ—

ପଂକ୍ତି ୨ ।.........ଗ୍ର ବସତଃ ସାର୍ଦ୍ଧଂ ଶ୍ରିୟା ଜାତବାନ୍ ।୧। ତଦ୍‌ବଂ- [ଶେଽଜନ ଶୁଭ୍ରକୀର୍ତ୍ତି ରଭୁଲୋ (ବ) ଶୃମ୍ଭବ ବଲ୍ଲଭୋ ରାଜା ଶ୍ରୀ ଜନମେଜୟଃ ସ ରିପୁହା ଭୂତସ୍ତ୍ରିଲିଙ୍ଗାଧିପଃ । ଦନ୍ତାଦନ୍ତକର କରଗ୍ରହ ମିଷାଦ୍ର ଭଗ୍ନେ ରିପୁଣାଂ ଦ୍ୱୀପୋ ପଂକ୍ତି ।୩। ଯଃ କୁନ୍ତାଗ୍ର ହତୌଡ୍ର ଦେଶ ନପତେ ର୍ଲକ୍ଷ୍ମୀଂ [ସମାକୃଷ୍ଟବାନ୍] ୨। [ତସ୍ୟାନ୍ତେସୁ] ଚାରୁ ରାଜରମଣୀ-ସୀମନ୍ତ ବିଭ୍ରାନ୍ତ ହୃତ୍ ବିଖ୍ୟାତୋ ନୟ ବିକ୍ରମା ଭୂ ତମିତଃ ସପ୍ତାଙ୍ଗ ରାଜେଶ୍ୱରଃ ।

ବାଲ୍ୟାଦକ୍ଷତ ବୈଧ କର୍ମ

ପଂକ୍ତି ୪ । ... ... ...ଚଣ୍ଡ ସ୍ୱାଗୀ ମହାଧାର୍ମିକେ ।
ରାଜା ଶୌର୍ଯ୍ୟମୟୋ ଯସ୍ମା [ଦ୍ଧି ରଭବଦ୍ ଯୋ] ମେଦ୍ଧମା ମଣ୍ଡନଃ । ୩ ।
ତସ୍ୟାନ୍ତେ କଳକାଳ କଳ୍ପ ଦର୍ପପୀ ଭୂପାଲ ଚୂଡ଼ାମଣି—
ମର୍ଯ୍ୟାଦାମୃତ ସନ୍ଧୁ ଧୈର୍ଯ୍ୟ କମଳା ଗାମ୍ଭୀର୍ଯ୍ୟ ରତ୍ନାକରଃ ।

ପଂକ୍ତି ।୫। ମାଙ୍ଗଲ୍ୟୋଦୟ ଶକ୍ତିସିଦ୍ଧି ବନ୍ଧୁରଃ
ପ୍ରଖ୍ୟାତ କୀର୍ତ୍ତିଃ [ସଦା]
[ରା] ଜା ଶ୍ରୀ [ମ] ରଥୋ ମହାରଥ ଗୁଣଃ
ଶୂରୋ ବଭୂବାରହା । ୪ ।
ତସ୍ମାଦଜସ୍ୟ ଭୂଜବକ୍ର ବନର୍ଜିତାଣ
ରୁର୍ଜସ୍ୱଲଃ ପରଶୁରାମ ଇବ ଦ୍ୱିଷାପୂଃ ।

ପଂକ୍ତି ।୬। ମଧ୍ୟନ୍ଦନାର୍କ ଇବ ତୀବ୍ରତରଃ ପ୍ରତାପୋ
ରାଜା ବଭୂ [ବଭୂ] ବ ଧର୍ମରଥୋ [ହରାଗଃ] ।୫।
ତସ୍ମିନ୍ ଗତେ ଦିବମପୁହିଣି ରାଜମଲ୍ଲେ
ନାନା ଭଟୈ ରୂପହତେ ସବଳେଽପି ରାଷ୍ଟ୍ରେ ।
ଦେଶାନ୍ତର ସ୍ଥିତବତ ପ୍ରବଳ

ପଂକ୍ତି ।୭। ... ... —ପ୍ରକାରେ
କାଳଃ ଶ୍ରିୟା ନଗମନନ୍ଦ ଯଥା କଥଞ୍ଚିତ୍ । ୬ ।
ନ [ତୋଽପି] ଜନମେଜୟସ୍ୟ ତନୟୋ
ଭୂତଃ ପ୍ରସିଦ୍ଧ କ୍ଷିତୌ
ସର୍ବତ୍ରାପି ବିଚକ୍ଷଣ ଇତି
ଯସ୍ତସ୍ମାଦଜନ୍ୟାମ୍ମଜଃ ।
ଧନ୍ୟୋଽସାବଭିମନ୍ୟୁରିତ୍ୟତି ବଳୀ

ପଂକ୍ତି ।୮। ... ... ତସ୍ୟୋପ ତେଜାଃ ସୁତଃ
ଶ୍ରୀ ଚଣ୍ଡୀହର ଇତ୍ୟଭୂନ୍ନରପ [ତିଃ]

ସର୍ବୈରମାତ୍ୟୈଃ କୃତଃ ।୭।
ଭୃତ୍ୟାମାତ୍ୟ ସୁହୃତ୍ ପ୍ରଜାଶ୍ରିତ ଜନ
ଜ୍ଞାତୀଷ୍ଟ ବନ୍ଧୂନ୍ ଯଥା
ଯୋଗଂ ସମ୍ପରିପାଲ୍ୟ ରାଷ୍ଟ୍ରମୁଭୟଂ
ନିଷ୍କଣ୍ଟକଂ କୃତ୍ୟ ଯଃ ।

ପଂକ୍ତି ।୯। ଭୂତୋଽନେକ ନରେନ୍ଦ୍ର ଶେଖର ମଣିଃ ପ୍ରୋଦ୍‌ଗଚ୍ଛଦଂଶୁ-
[ଚ୍ଛଟା]
[ଲୋକୋ] ଦ୍ଭାସିତ ପାଦପଦ୍ମଯୁଗଳଃ
ସର୍ବାବନ [ଦ୍ଧ] ତଃ । ୮ ।
ଶ୍ରୀମାନାଚତୁରବ୍ଧିସୀମ ବସୁଧା
ଚକ୍ରୈକ ରକ୍ଷାମଣି
ର୍ମାନ୍ଧାତେବ ପୃଥୂପମୋ—

ପଂକ୍ତି । ୧୦ ।...ଭାରତବଦ୍ରାଜା ଜଗଜ୍ଜିଭୁରଃ ।
ସର୍ଯ୍ୟଚନ୍ଦ୍ରମ [ସୋଃ ସମୈନ୍ଦ୍ରି ]ଜ
କରୈରୁଦ୍ଦୀପୟନ୍ ରୋଦସୀଂ
ପୂର୍ବାଦ୍ରେଃ ସବିତେବ ସୂନୁରଜଗାଦୁ
ଦ୍ୟୋତକଃ କେଶରୀ । ୯ ।
ବାଲକ୍ରୀଡ଼ାଭରେବ ପ୍ରତିଭଟମଖିଲଂ ଡାହଲଂ ଯେତ୍ର

ପଂକ୍ତି । ୧୧ ।... ... ... ଗୌଡ଼ୌ
ଯୁଦ୍ଧେ ସନ୍ନଦ୍ଧ ଯୋଧ ଦ୍ୱିରଦବଳଘଟା
ସଙ୍ଗ [ରଂ ଯୋ ବ] ଜିତ୍ୟ ।
ଉଦ୍ଧୃତ୍ୟାକ୍ଷୌହିଣୀପଦ୍ମ ଭୂଖଣ୍ଡ
ବନମଭୂଭରାକ୍ରାନ୍ତ ପୃଥ୍ୱୀ
ରାଜ୍ଞଃ କୁର୍ବନ୍ ଶେଷାନବରତଶିରସୋ
ଜଗ୍ମୁରୁର୍ବୀ ମଜୈଷୀତ୍ । ୧୦ ।

ପଂକ୍ତି । ୧୨ । ତସ୍ମାତା ଘାନକୁଞ୍ଜ ଲସ୍ୟ ଦୁହିତା
କୋଲାବତୀ ନାମତୋ
[ଯାସୌ] ଶୀତକରାନ୍ୱୟସ୍ୟ ମହିଷୀ
ଦୁର୍ଗେବ ଲକ୍ଷ୍ମୀରିବ ।
ଯସ୍ୟାଃ କୀର୍ତ୍ତିନମୂର୍ଦ୍ଧ୍ୱ ସୁ ଧ୍ୱଜତୟୋ
ବାତ୍ୟାଭିରୁର୍ଦ୍ଧ୍ୱଂ ଗତୋ
ହସ୍ତାଭିଃ ଶଶୀଲକ୍ଷ୍ମ ଲୋପ୍ତୁମିବ-

ପଂକ୍ତି । ୧୩ ।··· ଖେ ସୋତ୍ସାହମୁଦ୍‌ଗଚ୍ଛତି । ୧୧ ।
ଶ୍ରୀମଦ୍‌ବ୍ରହ୍ମେଶ୍ୱରସ୍ୟ ପ୍ରଣ [ତମଳ ହୃ]ତଃ
ସ୍ପର୍ଶତୋ ମୁକ୍ତିଦସ୍ୟ
ପ୍ରାସାଦୋଽଭ୍ରଂକଷାଗ୍ର ସ୍ତରଣିରଥରଯ୍ୟୁ
ବ୍ୟାହୃନ୍ତି ସ୍ଥାଣୁ କଳ୍ପଃ ।
ଏକାମ୍ରେ ସିଦ୍ଧତୀର୍ଥେ ଚତୁରମଳକୁଳୀ ନାଟ୍ୟଶାଳା

ପଂକ୍ତି ।୧୪। ··· ··· ··· ସମେତଃ
କୋଲାବତ୍ୟା ତୟୈ ଷଃ କ୍ଷିତି ମୁକୁଟନିଭଃ
[କାରିତଃ] କୀର୍ତ୍ତିରାଜଃ ।୧୨।
ଲୋକାଲୋକ ମହୀଧ୍ର ସପ୍ତଜଳଧିଃ
ଦ୍ୱୀପସ୍ଥଳୀ ପିଣ୍ଡିକା
ମଧ୍ୟସ୍ଥାପୁକ ମେରୁଲିଙ୍ଗମୁପର
ବ୍ରହ୍ମାଣ୍ଡ ହେମାଳୟମ୍ ।

ପଂକ୍ତି ।୧୫। ଗଙ୍ଗାଭିଃ ସ୍ନପୟନ୍ନହନଶମସୌ
ଦେବ [ସ୍ତ୍ରିଲୋକୀପତିଃ]
ବ୍ରହ୍ମା ସ୍ୱର୍ଚ୍ଚତି ଯଂ ଶିବଂ ସ ଭଗବାନ
ବ୍ରହ୍ମେଶ୍ୱରୋଽସ୍ତୁ ସିଦ୍ଧ୍ୱଃ ।୧୩।
ଊର୍ଦ୍ଧ୍ୱ ଭ୍ରାଜତ୍କନକ କଳଶୋ-
ତ୍ତିଷ୍ଠଦଂଶୂନ୍ଜରାର୍ଚ୍ଚି
ଦ୍ୱୀପାଲୋକ ପ୍ରସରକୃତ-

ପଂକ୍ତି ।୧୬। ... ... ଦିକ୍ ଚକ୍ରବାଳ ପ୍ରସାଦଃ ।
ପ୍ରାସାଦୋଽସ୍ୟ ତ୍ରିଦଶ ଯୁବ 'ଶ୍ରୀ ଭ୍ରା )ତ
ସନ୍ଧ୍ୟା ପ୍ରଣୀପୋ
ମୂର୍ଦ୍ଧ୍ୱେବାଦ୍ରେଃ ସକଳ ଗଗନଂ
ମଣ୍ଡୟନ୍ନୁ ଚକାସ୍ତି ।୧୧।
ରତ୍ନାଲଂକୃତ ଭୂଷିତାଙ୍ଗ ସୁଷମା
ଦେଦୀପ୍ୟମାନା ଦିବୋ ।

ଦ୍ୱିତୀୟନ୍ତ୍ୟ—

ପଂକ୍ତି ।୧୬। ... ସ୍ତନ୍ୟତଃ ସ୍ଥିରା ଇବ କୁଚ—
ଶ୍ରୋଣୀଭରବ୍ୟାକୁଳାଃ ।
ସୁନ୍ଦର୍ଯୌଂାକ୍ଷିକମାନକାଂଇବ
ଦୃଶାମନ୍ତଃ ପ୍ରବିଷ୍ଟା ନୃଣା—
ମସେ୍ୱୈ ଚଞ୍ଚଳ କର୍ଣ୍ଣିକାଦିନୟନା
ଦତ୍ତାସ୍ତସ୍ମୈ ଦାରିକାଃ ।୧୫।
ବେଦ ବ୍ୟାକରଣାର୍ଥଶାସ୍ତ୍ର କବିତା

ପଂକ୍ତି ।୧୮। ... ... ତର୍କାଦି ବିଦ୍ୟାଧରେ
ବ୍ରହ୍ମେବାବତଥ ପ୍ରସନ୍ନ ବ [ନଯ୍ୟୋ]
ଦ୍ବୁଦ୍ଧିର୍ବିଶୁଦ୍ଧାନ୍ୱୟଃ ।
ତାରାଧୀଶ୍ୱର ବଂଶକାବନଭୁଜାଂ
ଶୁଭ୍ରଂ ଯଶସ୍ତନ୍ୱନ୍ତ—
ନ୍ମଚ୍ଛ୍ରୁ ଶ୍ରୀ ପୁରୁଷୋତ୍ତମଃ କବିବରୋଽକାର୍ଷୀଦିମାଂ
ବର୍ଣ୍ଣନାମ୍ ।୧୬।

ପଂକ୍ତି ।୧୯। ଯନଗବନସ ମୁଦ୍ରା
ମେଦିନୀ ଯାବଦାସ୍ତେ
(ଶ୍ରୀଭୂ) ବନ ନଜ ନେନେ

ପୁଷ୍ପବନ୍ତୌ ଚ ଯାବନ୍ତୌ।
ଅସ୍ତି ଜଗଦୁପରସ୍ତୋ
ଯାବଦ୍ଦୌଶ୍ଚନ ପାଦ
ର୍ଜନବଦନ ସୁଧେଶୁଂ
ତାବଦସ୍ତୁ ପ୍ରଶସ୍ତିଃ ।୧୭।

ପଂକ୍ତି ।୨୦। ପରମମାହେଶ୍ୱର ମହାରାଜାଧିରାଜ ସୋମ ( କୁଳ ତିଳକ ) ତ୍ରିକଳିଙ୍ଗାଧିପତି ଶ୍ରୀମଦୁଦ୍ଯୋତ କେସରିରାଜ ଦେବସ୍ୟ ବିଜୟ ରାଜ୍ୟେ ସମ୍ବତ ୧୮ ଫାଲଗୁନ ଶୁ ଦ ୩ ସୂତ୍ରଧାର

ରା [ ଯେନ ଉତ୍କୀର୍ଣ୍ଣମ୍ ]

'ଝଙ୍କାର' ୧୯୪୯-୫୦ରେ ମୁଦ୍ରିତ

## ଭୁବନେଶ୍ୱରରେ ଓଡ଼ିଆ-ତାମିଲ ଶିଳାଲିପି

ଭୁବନେଶ୍ୱରର କେଦାରଗୌରୀର ନିକଟବର୍ତ୍ତୀ ଏକ ସ୍ଥାନ ପତିତ ଅବସ୍ଥାରେ ଥିବା ସମୟରେ କଲିକତା ନିବାସୀ ଗଣପତି ସରକାର ତାହା ପଟ୍ଟା ନେଇଥିଲେ ଓ ସେଠାରେ ଘର କରିବା ସମୟରେ ଖଣ୍ଡିଏ ଗଣେଶ ମୂର୍ତ୍ତି ଓ ଲିପିଯୁକ୍ତ ପଥର ପାଇଥିଲେ ଓ ତାହା ୧୯୧୬ରେ କଲିକତାକୁ ସ୍ଥାନାନ୍ତରିତ କରିଥିଲେ । ତତ୍ପରେ ୧୯୨୪ରେ ଏସିଆଟିକ୍ ସୋସାଇଟି ପତ୍ରିକାରେ ଏହି ଶିଳାଲିପିର ପାଠ ଏକ ପ୍ରବନ୍ଧରେ ଫଟୋସହ ଛପାଇ ଥିଲେ । ଗଣପତି ସରକାରଙ୍କ ମୃତ୍ୟୁ ପରେ ଏହି ଦ୍ୱିଭାଷୀ ଶିଳାଲିପିଟି କଲିକତା ବିଶ୍ୱବିଦ୍ୟାଳୟର ଆଶୁତୋଷ ମିଉଜିଅମକୁ ସ୍ଥାନାନ୍ତରିତ ହୋଇ ସେଠାରେ ସୁରକ୍ଷିତ ଅଛି । ଏହି ଲିପିର ପାଠ ପ୍ରଫେସର ଡାକ୍ତର ଆର୍ତ୍ତବଲ୍ଲଭ ମହାନ୍ତି ମହାଶୟ 'ପ୍ରାଚୀନ ଗଦ୍ୟ ପଦ୍ୟାଦର୍ଶ' ପୁସ୍ତକରେ ୧୯୩୨ରେ ଦେଇଥିଲେ । ଗତ ସେପ୍ଟେମ୍ବର ମାସରେ ମୁଁ ଏହି ଶିଳାଲିପିର ଛାପା ସଂଗ୍ରହ କରିଥିଲି । ଏହାର ଛାପା ପାଇବା ପାଇଁ ଆଶୁତୋଷ ମିଉଜିଅମର ଅଧ୍ୟକ୍ଷ ମୋର ବନ୍ଧୁ ଶ୍ରୀଯୁକ୍ତ ଦେବପ୍ରସାଦ

ଘୋଷଙ୍କଠାରେ ଋଣୀ । ଏହି ଶିଳାଲିପିରେ ଓଡ଼ିଆ ଲିପିର ୩୪ ଧାଡ଼ି ଅଛି । ତାମିଲ ଲିପିର ପାଠ କରିପାରି ନଥିବାରୁ ତାହା ଏଠାରେ ଦେଇ ପାରିଲି ନାହିଁ । ଶୁଣିଲି ଯେ, ଡ଼ାକ୍ତର ଦିନେଶଚନ୍ଦ୍ର ସରକାର ଏପିଗ୍ରାଫିଆ ଇଣ୍ଡିକା ଗ୍ରନ୍ଥମାଳାରେ ଏହି ଶିଳାଲିପିର ଉଭୟ ଲିପିର ପାଠ ଦେଇ ଏକ ପ୍ରବନ୍ଧ ଲେଖି ଅଛନ୍ତି ।

ଲିପିର ପାଠ ତଳେ ଦିଆଗଲା । ପାଠର ଶୁଦ୍ଧି ବନ୍ଧନୀରେ ଦିଆ ଯାଇଛି ।

୧ । ଓଁ (ଚିହ୍ନରେ) ସ୍ୱସ୍ତି ଶ୍ରୀ ବୀର ନରନାରସିଂଘଦେବ
୨ । ଶ ପ୍ରବଧମାନେ ବିଯେ ରାଜେ ସ—
୩ । ମ୍ବତ୍ ୨୨ ଶ୍ରୀ କାର୍ତ୍ତିକ ଶ୍ରୀ ଷ୍ଟ ୭ ରବିବା
୪ । ରେ ଶ୍ରୀ କାର୍ତ୍ତୀବାସ କ୍ଷେତ୍ରଂ ସିଧେ
୫ । ସର ମଠର ବଡ଼ ନରସିଂଘ ଦେବ—
୬ । ଙ୍କର ଆଶକାମାର୍ଥ ପ୍ରିବ୍ରଜେ ॥
୭ । ବାଘମରି ବାରବାଟୀ ଭୂମୀ ଏକାଦ୍
୮ । ଶ ରୁଦ୍ର ଭିକ୍ଷା ଦେବା ଭୂମୀ ସମଂ
୯ । ଧେ ତପରାଜ ମାହା ମୂନ୍ନି ଦୁ ଗଗା
୧୦ । ଭଟ୍ଟ ଆଗୁ୍ଯ ଙ୍କେର ବଂଧା କଲା । ଏ
୧୧ । ମାଡ଼ ଶତ ଦେଢ଼ ୧୫୦ ଉଦେସୁ
୧୨ । ର ନାଏକଙ୍କର ତହୁ ଘେତଲା ।
୧୩ । ଏ ମାଡ଼ ଦସଧାନ୍ୟ ପ୍ରୈଟୀ ତ୍ରିଂ
୧୪ । ସେବ ତପରାଜ ମାହାମୂନ୍ନି ଏ ଦୁ
୧୫ । ଇ ଧାନ୍ୟ ସୁନା ଦୁଗା ଭଟେ ଉଦେ ସ—
୧୬ । ର ନାଏକଙ୍କେ ଦେଇ ଅଙ୍କ କଲା ଏ କଉଡ଼ିଏ
୧୭ । ଧାନ ସୁନା ମୂଳ କଳନ୍ତର କରନ୍ତେ ମଡ଼
୧୮ । ଶତେକ ଅସୀ ୧୮୦ ତପରାଜ ମୂନୀ ସୀ—
୧୯ । ବ ପ୍ରାପ୍ତେଂ ତପଚନ୍ଦବର୍ଣ୍ଣ ସ୍ଥାନାପର୍ଣ୍ଣ ହୋ—

୨୦ । ଇଲା । ଏ ଉପଚନ୍ଦ୍ରବଂଶଙ୍କର ଦୁଗାଭଟିଆ
୨୧ । ଗ୍ରସଙ୍କର ସରୀ । ଦୁଗାଭଟ ଆଗୃଯେ
୨୨ । ସୂଣୀ ଏକ ସରୀ ବୋଲ ମୈନ୍ଧପକ୍ଷ ହୋ
୨୩ । ଇଲା । ଏ ବାଢମର ଭୂମୀ ବାରବାଟୀ ପ—
୨୪ । ଳ ଭୋଗ୍ୟ ଅସୀ ଆସତକେ ଖାଲ୍ଲ କୈ
୨୫ । ଉପଚନ୍ଦ୍ରବଂଶ କାହା ଥରଇ ଦୁର୍‌ଗା ଭଟ
୨୬ । ଟ ଆଗୃଯେପାଣୀ ଧୀଲା । ଶ୍ରୀ ଷାର
୨୭ । ନରସୀଙ୍ଘ ଦେବଙ୍କର ଆଡ଼ଣ କା—
୨୮ । ମାର୍ଥେ ଏକାଦଶ ରୁଦ୍ର ଭୀକ୍ଷା କସଇ
୨୯ । ବା ଏ ଭକ୍ଷ ଶ୍ରେଷ୍ଠ ଦେସ ଫାଣ୍ଡ୍ରୀ ଦେଶ କା
୩୦ । ଞ୍ଚୀ ବେସ ଏ ଗ୍ରାମ ଦେସେ ଜମୀଲ୍ ହୋ
୩୧ । ଇଂମତ୍ତାମଣ୍ଡେ ଘାକ୍ଷା କଗ୍ର ଆଗୃବନ୍ତ
୩୨ । ହୋଇଲା । ଉପସ୍ୱୀଙ୍କୀ ଖ୍ୟାସା କେତେ ଜେତେ
୩୩ । କାଳ ଚନ୍ଦ୍ର ସୂର୍ଯ୍ୟ ବ୍ରତ ଏତେ କ କାଳ X ଙ୍କ ବସ
୩୪ । ବୃଷ୍ଣବାକା ୦୧୧

ଲିପିର ସମୟ:—ଲିପିରେ ନରସିଂହଦେବଙ୍କ ପ୍ରବର୍ଧମାନ ବିଜୟ ରାଜ୍ୟର ୨୨ ସଂବତ୍ କୃଷ୍ଣ ସପ୍ତମୀ ରବିବାରର ଉଲ୍ଲେଖ ଅଛି । ଗଙ୍ଗ ବଂଶରେ ୪ଜଣ ନରସିଂହ ରାଜତ୍ୱ କରିଥିଲେ—ଏଣୁ ଏହି ଲିପି କେଉଁ ରାଜା ନରସିଂହଦେବଙ୍କ ସମୟରେ ଉତ୍କୀର୍ଣ୍ଣ ହୋଇଥିଲା ତାହା ଠିକ୍ କରିବା ସହଜ ସାଧ୍ୟ ନୁହେଁ । ଚାରିଜଣଯାକ ନରସିଂହ କାମାର୍ଣ୍ଣ ଗଙ୍ଗ ନୃପତି ୨୨ ଅଙ୍କରୁ ଅଧିକ ବର୍ଷ ରାଜତ୍ୱ କରିଥିଲେ । ଓଡ଼ିଶାରେ ଅଙ୍କ ଗଣନାର ବିଶେଷତ୍ୱ ଅଛି । ଅଙ୍କରେ ଥିବା ସଂଖ୍ୟା ୧, ୬ ବା ୬ ଯୁକ୍ତ ସଂଖ୍ୟା ଓ ୧୦ ବ୍ୟତୀତ ଶୂନ୍ୟଯୁକ୍ତ ସଂଖ୍ୟା ଗଣିତ ହୁଏ ନାହିଁ । ଅର୍ଥାତ୍ ୧, ୬ ୧୬, ୨୦, ୨୬, ୩୦ ୩୬ ଇତ୍ୟାଦି ସଂଖ୍ୟା ପୂର୍ଣ୍ଣ ରାଜତ୍ୱ ଅଙ୍କରୁ ବାଦଯାଏ । ପ୍ରତ୍ୟେକ ଅଙ୍କ ସୁନିଆ ଦିନରୁ ଆରମ୍ଭ ହୁଏ । ସୁନିଆଁ ପରେ ବର୍ଷକ ମଧ୍ୟରେ ଜଣେ ରାଜାଙ୍କର ମୃତ୍ୟୁ ହେଲେ, ସେହିଦିନ ତାଙ୍କର ଅଙ୍କ ସରିଯାଏ ଓ ନୂତନ ରାଜାଙ୍କର ୨ଅଙ୍କ ଆରମ୍ଭ ହୋଇ ସୁନିଆଁ

ପର୍ଯ୍ୟନ୍ତ ଚଳେ । ଏଣୁ ମୃତ ରାଜାଙ୍କର ଅଙ୍କ ଓ ନୂତନ ରାଜାଙ୍କ ଅଙ୍କ ଗୋଟିଏ ବର୍ଷ ମଧ୍ୟରେ ଚଳେ । ଏହି ହିସାବରେ ୨୨ ଅଙ୍କର ରାଜତ୍ୱକାଳ ହେଉଛି ୧, ୬, ୧୬ ଓ ୨୦ ସଂଖ୍ୟାହୀନ ବର୍ଷ ବା ୧୮ ବର୍ଷ । ଏହି ଗଣନା ଅନୁସାରେ

(୧) ନରସିଂହ ୧ମଙ୍କ ୨୨ ଅଙ୍କ ଖ୍ରୀ ୧୨୫୬-୫୭
(୨) ନରସିଂହ ୨ୟଙ୍କ ,, ଖ୍ରୀ ୧୨୯୬-୯୭
(୩) ନରସିଂହ ୩ୟଙ୍କ ,, ଖ୍ରୀ ୧୩୪୫-୪୬ ଓ
(୪) ନରସିଂହ ୪ର୍ଥଙ୍କ ,, ଖ୍ରୀ ୧୩୯୫-୯୬ରେ ପଡ଼େ ।

୨୨ ଅଙ୍କର କାର୍ତ୍ତିକ କୃଷ୍ଣ ସପ୍ତମୀ ରବିବାର ନରସିଂହ ୧ମ ଓ ନରସିଂହ ୨ୟଙ୍କ ୨୨ ଅଙ୍କରେ **Indian Ephimerish** ପୁସ୍ତକର ଗଣନା ଅନୁସାରେ ପଡ଼େ ନାହିଁ । କିନ୍ତୁ ଏହିଦିନ ନରସିଂହ ୩ୟଙ୍କ ୨୨ ଅଙ୍କରେ ଅକ୍ଟୋବର ତା ୮ ୧୩୪୬ ଓ ନରସିଂହ ୪ର୍ଥ ୨୨ ଅଙ୍କରେ ସେପ୍ଟେମ୍ବର ତା ୯ । ୧୩୯୬ରେ ପଡ଼ିଅଛି । ଏଣୁ ଶିଳାଲିପିର ସମୟ ଏହି ଦୁଇଟି ଦିନରୁ ଗୋଟିଏ ହୋଇପାରେ । ନରସିଂହ ୩ୟଙ୍କ ସମୟରେ ମିଳୁଥିବା ଲିପିରେ ଓଡ଼ିଆ ଭାଷାର ବ୍ୟବହାର ଦେଖାଯାଏ ନାହିଁ । କିନ୍ତୁ ନରସିଂହ ୪ର୍ଥଙ୍କର ୧୩୯୫ରେ ପ୍ରଦତ୍ତ ପୁରୀର ଶଙ୍କରାନନ୍ଦ ମଠରେ ଥିବା ତମ୍ବାପଟାରେ ଓଡ଼ିଆ ଭାଷା ବ୍ୟବହୃତ ହୋଇଅଛି । ଏଣୁ ମୋର ମନେହୁଏ ଯେ, ଏହି ଶିଳାଲିପିର ସମୟ ସେପ୍ଟେମ୍ବର ତା ୯ରିଖ ୧୩୯୬ ।

**ଲିପିର ଭାଷା:**—ଲିପିର ଭାଷାରୁ ଜଣାଯାଏ ଯେ ସେତେବେଳକୁ ଓଡ଼ିଆ ଭାଷା ପ୍ରାୟ ପୂର୍ଣ୍ଣାଙ୍ଗ ଆକାର ଧାରଣ କଲାଣି ।

**ଲିପିର ବନାନ ସମସ୍ୟା:**—ଏହି ଲିପିରେ ପ୍ରକୃତ ଭାଷାର ବନାନ ସମର୍ଥନ ଦେଖାଯାଏ । ମୁଖରେ ଉଚ୍ଚାରିତ ଶବ୍ଦ ଅନୁସାରେ ବନାନ ଲିଖିତ ହୋଇଛି । ସଂସ୍କୃତ 'ସିଂହ' ଓଡ଼ିଆରେ 'ସିଂଘ' ଉଚ୍ଚାରିତ ହୋଇ ଏହି ଲିପିରେ ବ୍ୟବହୃତ ହୋଇଛି ।

(୨) ପରବର୍ତ୍ତୀ ବର୍ଣ୍ଣର 'ରେଫ' ଫଳା ପୂର୍ବବର୍ତ୍ତୀ ବର୍ଣ୍ଣରେ 'ର' କାର ହୋଇଅଛି—ପ୍ରବଧମାନେ । କେତେକ ସ୍ଥଳରେ 'ରେଫ' ଫଳା ବ୍ୟବହୃତ ହୋଇ ନାହିଁ—ଯଥା 'କାର୍ତ୍ତିକ'

(୩) ହ୍ରସ୍ୱ 'ଇ'ଠାରେ ଦୀର୍ଘ 'ଈ' ବ୍ୟବହାର ପ୍ରାୟ ସର୍ବତ୍ର ହୋଇଛି ।

(୪) ସେହିପରି ହ୍ରସ୍ୱ 'ଉ'ଠାରେ ଦୀର୍ଘ 'ଊ'ର ମଧ୍ୟ ବ୍ୟବହାର ଦେଖାଯାଏ ।

(୫) ଦୀର୍ଘ 'ଆ'ଠାରେ ହ୍ରସ୍ୱ 'ଅ'ର ବ୍ୟବହାର ମଧ୍ୟ ଦେଖାଯାଏ ଯଥା ମହାରାଜା—ମାହାରାଜା ।

•(୬) ବର୍ଗ୍ୟ 'ଜ' ସ୍ଥଳରେ ଅନ୍ତସ୍ଥ୍ୟ 'ଯ'ର ବ୍ୟବହାର ଦେଖାଯାଏ ଯଥା: ରାଯେ ।

(୭) 'ଶ' ଓ 'ସ'ର ବ୍ୟବହାରରେ କୌଣସି ନିୟମ ପ୍ରତିଲିପି ହେଲା ପରି ମନେ ହୁଏ ନାହିଁ ।

(୮) ୧୮° 'ଶତେକ ଅସୀ' ରୂପେ ଓ ଅସୀଆ ସତକେ' ରୂପେ ବ୍ୟବହୃତ ହୋଇଅଛି । ଓଡ଼ିଆ ପଣିକିଆରେ 'ଅଣିଆ ଶତକ'ର ବ୍ୟବହାର ଥିଲା ।

୯) 'ଉତ୍ତର' ସ୍ଥଳରେ 'ଉତ୍ର' ବ୍ୟବହୃତ ହୋଇଅଛି ।

(୧୦) ଆଜକାଲି 'ପୌଞ୍ଚି'ର ବ୍ୟବହାର ହୁଏ । ମାତ୍ର ଏ ଲିପିରେ 'ପେଞ୍ଚି' ବ୍ୟବହୃତ ହୋଇଛି ।

(୧୧) 'ଆୟୁଷ' ଏହି ଲିପିରେ 'ଆଉ' ବା 'ଆଉଷ' ରୂପେ ବ୍ୟବହୃତ ଅଛି ।

ଅନ୍ୟାନ୍ୟ ଆଲୋଚନା:—(୧) ଏହି ଲିପିରେ 'ଉପରଜ' ଓ 'ଉପଚକ୍ରବର୍ତ୍ତୀ' ବିଶେଷଣ ରୂପେ ବ୍ୟବହୃତ ହୋଇଛି । ଆମ୍ଭେମାନେ

ମହନ୍ତ 'ମହାରାଜ' ବ୍ୟବହାର କରୁଁ । ଧର୍ମସ୍ୱାମୀମାନଙ୍କୁ ରାଜକୀୟ ଉପାଧିରେ ଭୂଷିତ କରିବା କାରଣ ସହଜରେ ଅନୁମିତ ହେଉନାହିଁ ।

(୨) ଏଥିରୁ 'ସ୍ଥାନାପତି'ର ବ୍ୟବହାର ଦେଖାଯାଏ । ଏହାର ପ୍ରକୃତ ଅର୍ଥ ମୁଁ ଠିକ୍ କରି ପାରିନାହିଁ ।

(୩) ଏକାଦଶ ରୁଦ୍ର ଭିକ୍ଷା:—ଏକାଦଶ ରୁଦ୍ରଙ୍କ ନାମ, ଯଥା: ୧ । ଅଜ, ୨ । ଏକପାଦ, ୩ । ଅହିବ୍ରଧ୍ନ, ୪ । ପିନାକୀ, ୫ । ଅପରାଜିତ ୬ । ତ୍ର୍ୟମ୍ବକ, ୭ । ମହେଶ୍ୱର, ୮ । ବୃଷାକପି, ୯ । ଶମ୍ଭୁ, ୧୦ । ହର, ୧୧ । ଈଶ୍ୱର । ଏକାଦଶ ରୁଦ୍ର ଭିକ୍ଷାର ଅର୍ଥ ବୋଧହୁଏ ଏକାଦଶ ରୁଦ୍ରଙ୍କର ସେବା ନିମିତ୍ତ ଭିକ୍ଷା । ଏହି ଏକାଦଶ ରୁଦ୍ରଙ୍କର ପୂଜା ଓ ସେବା ବିଧାନ ବୁଝିବା ପାଇଁ ଚେଷ୍ଟା କରି ସଫଳକାମ ହୋଇପାରି ନାହିଁ । ଏଥିରୁ ମନେ ହୁଏ ଯେ ଏହି ଭିକ୍ଷା ଶୈବ ସନ୍ୟାସୀମାନଙ୍କର କାର୍ଯ୍ୟ ପାଇଁ ଦିଆ ଯାଇଥିଲା । ଯେଉଁଠାରେ ଭୂମିଦାନ କରାଯାଇ ଥିଲା, ତାହା ଚୋଳ ଦେଶ, ପାଣ୍ଡ୍ୟ ଦେଶ ଓ କାଞ୍ଚି ଅଞ୍ଚଳରେ ଅବସ୍ଥିତ ଥିଲା । ଏଥିପାଇଁ ଏହି ଲିପିରେ ଓଡ଼ିଆ ଲିପି ସହିତ ତାମିଲ ଲିପି ବ୍ୟବହୃତ ହୋଇଅଛି ।

ଭୁବନେଶ୍ୱର ସ୍ଥିତ ପ୍ରାଚୀନ ମନ୍ଦିରଗୁଡ଼ିକରେ ଲକୁଳୀଶ ମୂର୍ତ୍ତିରୁ ଅନୁମିତ ହୁଏ ଯେ ସେଠାରେ ପ୍ରଥମେ ପଶୁପତି ଓ ଶୈବଧର୍ମ ପ୍ରଚଳିତ ହୋଇଥିଲା ଓ ସେ ଶୈବଧର୍ମର ସମୟ ଦଶମ ଶତାବ୍ଦୀର ପୂର୍ବବର୍ତ୍ତୀ ବୋଲାଯାଇ ପାରେ । କିନ୍ତୁ ଏହି ଲିପିରେ ମିଳୁଥିବା ଚତୁର୍ଦ୍ଦଶ ଶତାବ୍ଦୀର ଶୈବଧର୍ମ ସ୍ୱତନ୍ତ୍ର ପରି ମନେ ହୁଏ । ଏହି ଶିବୋପାସନାର ମତ ଜାଣିବାର ସୁଯୋଗ ପାଇ ନାହିଁ ।

ଏହି ଲିପି ଉପରେ କେହି ଅଧିକ କିଛି ଆଲୋକପାତ କଲେ ଆମ୍ଭେମାନେ ଅନେକ କଥା ଜାଣି ପାରିବୁ ଓ ଏହି ଉଦ୍ଦେଶ୍ୟରେ ଏ ଲିପି ଉପରେ ଏ ପ୍ରବନ୍ଧ ଲିଖିତ ହୋଇଛି । ଉଗର ମେ, ୧୯୬୦ ।

# ଗଜପତି କପିଳେଶ୍ୱର ଦେବଙ୍କର ଓଡ଼ିଆ ଲିପି

(ବେଲଗାଲମ ତମ୍ବାପଟାର ଶେଷଖଣ୍ଡ)

ଆବିଷ୍କାର ଓ ଆଲୋଚନା :—ଦକ୍ଷିଣ ଭାରତୀୟ ଲିପିତତ୍ତ୍ୱର ବାର୍ଷିକ ବିବରଣୀ **(Annual Report of the south Indian) Epigraphy)** ରେ ୧୯୩୪।୩୫ ରେ ଏ ତମ୍ବାପଟାର କଥା ମୁଦ୍ରିତ ହୋଇଥିଲା (ପୃଷ୍ଠା-୭୯) । ସୁପରିଣ୍ଟେଣ୍ଡେଣ୍ଟ ଯେଉଁ ବିବରଣୀ ଇଂରାଜୀରେ ଦେଇଥିଲେ ତାହାର ଓଡ଼ିଆ ଅନୁବାଦ ତଳେ ଦିଆଗଲା ।

"ମୋର ବନ୍ଧୁ ଗୁଣୁପୁର ଜିଲା ଅନ୍ତର୍ଗତ ପାପଟାଲା ନିବାସୀ ଓକିଲ ମିଃ ଏମ୍ କାଳିଦାସୁ ବି.ଏ.ବି.ଏଲ. ୧୦ଟି(୧ ପୁରୁଣା ତମ୍ବାପଟା ପାଠ କରିବା ପାଇଁ ଦେଇଥିଲେ । କେଉଁ ସ୍ଥାନରୁ ତମ୍ବାପଟାଗୁଡ଼ିକ ମିଳିଥିଲା, ତତ୍ସମ୍ପର୍କରେ କିଛି ଜଣାଯାଏ ନାହିଁ । ଓକିଲ ମହାଶୟ ଜାଣିଥିଲେ ଯେ ସେଗୁଡ଼ିକ ବହୁକାଳରୁ ତାଙ୍କର ଜଣେ ମକ୍କେଲଙ୍କ ଘରେ ଥିଲା । ତମ୍ବାପଟାଗୁଡ଼ିକର ମାପ ପ୍ରାୟ ଲମ୍ବରେ ୧୪ ଇଞ୍ଚ ଓ ଓସାର ୭ ଇଞ୍ଚ; କେବଳ ଖଣ୍ଡିଏ ତମ୍ବାପଟାର ମାପ ୬ ଇଞ୍ଚ । ସବୁଗୁଡ଼ିକର ବହଳ ୩/୮ ଇଞ୍ଚ ପ୍ରାୟ । ତମ୍ବାପଟାଗୁଡ଼ିକର ଦକ୍ଷିଣପାର୍ଶ୍ୱ ଟିକିଏ ଉଞ୍ଚ ଓ ବାମ ପାର୍ଶ୍ୱରେ ପ୍ରାୟ ୧ ଇଞ୍ଚ ବ୍ୟାସର ଏକ ଛିଦ୍ର ଅଛି । ତମ୍ବାପଟାଗୁଡ଼ିକୁ ଏକତ୍ର

(୧) ପ୍ରକୃତରେ ୧୧ ଖଣ୍ଡ ମିଳିଛି ଓ ୧ମ ଖଣ୍ଡ ହଜିଛି ଓଡ଼ିଆ ଲିପିଟି ଶେଷ ଫଳକର ଦୁଇ ପାଖରେ ଅଛି ।

ବାନ୍ଧଥିବା କଡ଼ାଟି ଓ ତହିଁରେ ଥିବା ମୋହର ମିଳି ନଥିଲା । ତମ୍ବାଫଳକ ଗୁଡ଼ିକର ଉଭୟ ପାର୍ଶ୍ୱରେ ଲେଖା ଅଛି । ସବୁଗୁଡ଼ିକର ଓଜନ ୧୩୬୨ ତୋଳା (୨) ତମ୍ବାପଟାଗୁଡ଼ିକରେ ପୂର୍ବ କାଳର ଲେଖାଥିଲା ଯାହାକୁ ଘଷି ବା ମାଜି ଉଠାଇ ଦିଆଯାଇ ଏହି ଦାନପତ୍ରଟି ଲିଖିତ ହୋଇଥିଲା । (୩) ପରବର୍ତ୍ତୀ ଦାନପତ୍ରର ଲେଖା ପୂର୍ବବର୍ତ୍ତୀ ଲେଖାଠାରୁ ଅତି ଅଳ୍ପକାଳ ବ୍ୟବଧାନ ଥିବାର ଅନୁମିତ ହୁଏ । ଦାନପତ୍ରର ଉଦ୍ଦେଶ୍ୟ ହେଉଛି ହରଗୁକା-ମେଦୁର ସୀମା ମଧ୍ୟବର୍ତ୍ତୀ ବେଲଗାଲମ ଗ୍ରାମକୁ କପିଳେଶ୍ୱରପୁର ନାମ ଦେଇ ଶକାବ୍ଦ ୧୩୮୦ ବହୁଧାନ୍ୟ ବୈଶାଖ ପୂର୍ଣ୍ଣିମାଦିନ ରାଜା ପ୍ରତାପ କପିଳେଶ୍ୱର ୧୨୦ ବ୍ରାହ୍ମଣଙ୍କୁ ତାଙ୍କ ପିତାଙ୍କ ନାମରେ ଦାନ କରିଥିଲେ । ଏହି ତାମ୍ରଫଳକ ଦ୍ୱାରା ପ୍ରମାଣିତ ହୁଏ ଯେ ଏହି ଗଜପତି ରାଜା ଖ୍ରୀ: ୧୪୫୮ ନିକଟବର୍ତ୍ତୀ ସମୟରେ ତେଲୁଗୁ ରାଜ୍ୟ ଜୟ କରି ତହିଁରେ ଅସ୍ଥାୟୀ ଅଧିକାର ସ୍ଥାପନ କରିଥିଲେ । ଖ୍ରୀ:୧୪୬୪ରେ ସେ ତାମିଲ ରାଜ୍ୟ ଜୟ କରିଥିବାର ପ୍ରମାଣ ପୂର୍ବରୁ ବର୍ଣ୍ଣିତ ହୋଇଛି । [ଲିପି ତାତ୍ତ୍ୱିକ ବିବରଣୀ ୧୯୧୯ ପୃ:୧୦୬] ଏହି ତମ୍ବା ପଟାଟି ରାଜାଙ୍କର ତେଲୁଗୁ ରାଜ୍ୟ ଅଧିକାର କରିବାର ଦ୍ୱିତୀୟ ଲିଖିତ ପ୍ରମାଣ । କପିଳେଶ୍ୱର କୋଣ୍ଡାବିଦୁର ରାଜପ୍ରତିନିଧି ଗଣଦେବଙ୍କ ଗୁଣ୍ଟୁର ଅଞ୍ଚଳରେ ଅଧିକାର ଥିବାର ପ୍ରମାଣ ଶକାବ୍ଦ ୧୩୭୭ (ଖ୍ରୀ: ୧୪୫୫-୫୬ ରେ ପ୍ରଦତ୍ତ ତମ୍ବା ପଟାରୁ ପ୍ରମାଣିତ ହୁଏ । (ଲିପି ତାତ୍ତ୍ୱିକ ବିବରଣୀ ୧୮୯୦ ପୃ ୨ ଓ ଇଣ୍ଡିଆନ ଏଣ୍ଟିକ୍ୱାରି ଭାଗ ୨୦ ପୃ ୩୯୦) । ଗଣଦେବ ନିଶ୍ଚୟ ଗଜପତି ରାଜବଂଶୀୟ କୁମାର ଥିଲେ ଓ କପିଳେଶ୍ୱରଙ୍କର କୁଟୁମ୍ବ ଥିଲେ । ଗଣଦେବଙ୍କର ଆହୁରି ଏକ ପ୍ରାଚୀନ ଶକ ୧୩୭୬ ର ଲିଖିତ ପ୍ରମାଣ ମିଳିଅଛି ଓ ତାହା ଗୁଣ୍ଟୁର ଜିଲ୍ଲାର ବିବରଣୀରେ ଲିଖିତ ଅଛି (ନଂ୭୦ ୧୯୧୭) ତେଲୁଗୁରେ ଲିଖିତ ଏହି ତମ୍ବାପଟାର ଖଣ୍ଡିଏ ଓଡ଼ିଆ ଅଂଶ ଅଛି ଯାହାକୁ କି ଟିକ୍କାଲି ରାଜା ଶ୍ରୀ ଲକ୍ଷ୍ମୀନାରାୟଣ ଜଗଦେବ ପାଠକରି

(୨) ଅର୍ଥାତ୍ ୧୭ ସେରରୁ ଅଧିକ ।

(୩) ଡାକ୍ତର ଦୀନେଶ ଚନ୍ଦ୍ର ସରକାର ଅନୁମାନ କରନ୍ତି ଘଷା ହୋଇଥିବା ତମ୍ବାପଟାଟି ମଧ୍ୟ କପିଳେଶ୍ୱରଙ୍କର ଦାନପତ୍ର ଥିଲା ।

ଅନୁବାଦ କରି ଅଛନ୍ତି । ତାଙ୍କ ଇଂରାଜୀ ଲେଖାର ଓଡ଼ିଆ ଅନୁବାଦ ତଳେ ଉଦ୍ଧୃତ ହେଲା:—

"ଆମ୍ଭମାନଙ୍କ ରାଜ୍ୟଭୁକ୍ତ ଓ ଆମ ଅଧିକାରରେ ଥିବା କରଲୋ (karalo division) ଅନ୍ତର୍ଭୁକ୍ତ ବୋଲପାଲ (sub-division) ଭୁ ଭୋଗରମ District) ଜିଲ୍ଲାରେ ଛତ୍ର କରି ଜଗେଶ୍ୱରପୁର ଶାସନ, ବେଲ୍ଲମା-ଶାସନ ଓ ପ୍ରତାପ କପିଳେଶ୍ୱରପୁର ଶାସନ ତିନି ଭାଗରେ ବିଭକ୍ତ କରି ଓ ପ୍ରତ୍ୟେକକୁ ୪୦ ଭାଗରେ ଭାଗ କରି ୧୨୦ ଭାଗ କରି ମୁଁ ବୀରଶ୍ରୀ ଗଜପତି ଗୌଡ଼େଶ୍ୱର ନବକୋଟି କର୍ଣ୍ଣାଟ କଲବରଗେଶ୍ୱର କପିଳେଶ୍ୱର ଦେଓ ମହାରାଜା ଗୌତମ ବଂଶୀୟ ବିଭିନ୍ନ ଗୋତ୍ର ବ୍ରାହ୍ମଣ ମାନଙ୍କୁ ଦାନ କଲୁଁ ଯେ ତୁମ୍ଭେମାନେ ଚଷି, ପାଣି ମଡ଼ାଇ ଏ ଜମି ଭୋଗ କରିବ । •

ଏହାପରେ ସ୍ୱର୍ଗୀୟ ଟିକ୍‌କାଲିର ରାଜାସାହେବ ଏହି ତମ୍ବାପଟା ଗୁଡ଼ିକ ଉପରେ ଇଂରାଜୀରେ ଏକ ପ୍ରବନ୍ଧ "ବୋମ୍ବାଇର ଐତିହାସିକ ସମିତି (Bombay Historical society)ର ପତ୍ରିକା ୬ଷ୍ଠ ଭାଗ ପୃ୯୪-୧୧୧ରେ ଓଡ଼ିଆରେ ତତ୍‌କାଳୀନ ମାସିକ ପତ୍ର 'ସହକାର' ଭା୨୦ ପୃ ୭୫୭-୭୬୯ ରେ ୧୯୪୦ ପୌଷ ସଂଖ୍ୟାରେ ପ୍ରକାଶିତ କରିଥିଲେ । ଏହି ତମ୍ବାପଟାରେ ଥିବା ଓଡ଼ିଆ ଅଂଶର ପାଠ ଯାହାକି ସହକାର ପତ୍ରିକାରେ ମୁଦ୍ରିତ ହୋଇଥିଲା, ତଳେ ଉଦ୍ଧୃତ ହେଲା ।

୧ । ମେଦୁର ଥଳମଧ୍ୟେ ବେଲପିଲ ମାଇଜା କରିଲ ନାମା ଖଣ୍ଡେ ଆଉ—

୨ । ରୋ ଭୋଗରମ ଦଣ୍ଡପାଟ ମୁଲ୍‌ତଙ୍କା ଦେଷରୁ ଫେଡ଼ି ଶ୍ରୀ ହସ୍ତ—

୩ । ସନ୍ତକେ ଗଉତମୀ ନବଂଶର ଓଙ୍କରେ ସିଂଢ କେଭୁଲ ଉଗୁଲ—

୪ । ଜନସ୍ତୁ ଏ ଶ୍ରୀହସ୍ତେ ପାଣି ଆଉଲ ଭୁମିଦାନ ନାନା ଗୋତ୍ର ବ୍ରା—

୫ । ହ୍ମଣଙ୍କୁ ବୀର ଶ୍ରୀ ଗଜପ୍ତି ଗଉଡ଼େସର ନବକୋଟି କର୍ଣ୍ଣାଟ—

୬ । କଲବରଗେସର ପ୍ରତାପ କପିଳେସରଦେବ ମହାରାଜା—

୭ । ଙ୍କର ଦତ୍ତ ଜାଗେସର ପୁର ଶାସନ,ବେଲମ ପୁର ଶାସନ ପ୍ରତାପ କ

୮ । ପିଲେସରପୁର ଶାସନ ଏ ତିନ ଶାସନକୁ ୪° ଲେଖାଏଁ

୯ । ବାଢ଼ିତୋଲା ଜଲଭୂମୀ ମଧ କର ଦେଇ ବୋଇଲ ଏ ଗାଆର ଭୂମୀ ଭାଗ ୧୨°

୧° । ଗାଆ ଭୁମ୍ଭେ ସବ ପାଇଲ୍ଲାକୁ ତସି ଅବଦାନ କର ସାନେଲ କଲେ ଗଜସାଇବା ।" [ଅନ୍ୟ ପାର୍ଶ୍ୱ]

ତତ୍ପରେ ୧୯୬୮ରେ ଡାକ୍ତର କୁଞ୍ଜ ବିହାରୀ ତ୍ରିପାଠୀଙ୍କଦ୍ୱାରା ମହାରାଜ କପିଳେଶ୍ୱର ଦେବଙ୍କର ବେଲଗାଲମା ଦ୍ୱୈଭାଷିକ ତାମ୍ର ଶାସନର ଓଡ଼ିଆ ଅଂଶ ନାମଧେୟ ପ୍ରବନ୍ଧଟି ଓଡ଼ିଆ ସାହିତ୍ୟ ଏକାଡ଼େମୀର ମୁଖପତ୍ର 'କୋଣାର୍କ' ପତ୍ରିକାରେ ୫ଭାଗ ପୃ୯୫-୯୭ ରେ ପ୍ରକାଶିତ ହୋଇଥିଲା । ଟିକ୍‌କାଲି ରାଜାସାହେବଙ୍କ ପାଠ ଠାରୁ ଡାକ୍ତର ତ୍ରିପାଠୀଙ୍କ ପାଠ ଅନେକାଂଶରେ ଉନ୍ନତ ଓ ବୋଧଗମ୍ୟ ହେଉଥିଲେ ମଧ୍ୟ ପ୍ରଥମ ଧାଡ଼ି, ୩ୟ, ୯ମ ଧାଡ଼ି ଓ ୧° ଧାଡ଼ିରେ ଭ୍ରମଥିଲା ସେ ତିନୋଟି ଧାଡ଼ିରେ ମୁଦ୍ରିତ ପାଠ ତଳେ ଉଦ୍ଧୃତ ହେଲା ।

୨ । "ମେଡ଼ୁର ଥଲ ମଧେ ବେଲଗାଲ ଫାଙ୍କୀ [ଆ] ମ୍ଭ କରିଲ ନାମ-ଖଣ୍ଡେ ଆଜ"

୩ । ସନ୍ତକେ ଗଉଡମୀ ନଦୀ ଗରଭ ଭିତରେ ସିଂଘ ଭ୍ରେହଲନ୍ତ [?] [ନି], ପୂର୍ଣ୍ଣ

୯ । "ବା [ଣ୍] ଟି ମେଲା ଜଲଭୂମି ମଧ କରଦେଇ ବୋଇଲ ଏ ଗାଆଁର ଭୂମି

୧° । ମାପି [ଭୁ ମ୍ଭେ ସବ ମାଇଲ୍ଲା ଛତସି ଅବଦାନା ମଧ କର ସ୍ଥାଢ଼ି "ଭାଜକ ଙ୍କେ—"

ଏହି ପ୍ରବନ୍ଧଟି ପଢ଼ିବା ପାଇଁ ମୁଁ ୧୯୭୧ ମେ ପୂର୍ବରୁ ସୁଯୋଗ ପାଇ ନ ଥିଲି ।

ଉପୃରେ ୧୯୫୯ ମାର୍ଚ୍ଚ ମାସରେ ଡ଼ାକ୍ତର ଦୀନେଶଚନ୍ଦ୍ର ସରକାରଙ୍କ ଲିଖିତ 'କପିଳେଶ୍ୱରଙ୍କ ବେଲିଗାଲିନୀ ଦାନ ପତ୍ରରେ ଓଡ଼ିଆ ଅଂଶ' **(Oriya part of the veligalini grant of Kapileswar)** ନାମକ ଇଂରାଜୀ ପ୍ରବନ୍ଧ କଲିକତାର ଏସିଆଟିକ୍ ସୋସାଇଟି ପତ୍ରିକା **(Jaurnal of the Asiatic Society)**ରେ ଭା ୨୩ ପୃ୧୩-୧୮ରେ ପ୍ରକାଶିତ ହେଲା ।

ଏହାପରେ ଏହି ବେଲିଗାଲିନୀ ତମ୍ବାପଟାର ସମସ୍ତ ଫଳକର ପାଠ ଭାରତ ସରକାରଙ୍କ ଲିପିତତ୍ତ୍ୱବିତ୍ **(Govt Epigraphist)** ଡ଼ାକ୍ତର ଡି, ସି, ସରକାର ଓ କେ: ଏଇଚ: ଭି: ଶର୍ମାଙ୍କ ଦ୍ୱାରା ସମ୍ପାଦିତ ହୋଇ ଏପିଗ୍ରାଫିଆ ଇଣ୍ଡିକା **(Epigarphia Indica)** ଗ୍ରନ୍ଥମାଳାର ଭା ୩୩ ପୃ ୨୭୫-୨୯୨ରେ ପ୍ରକାଶିତ ହୋଇଛି ।

ଡ଼ାକ୍ତର ଦୀନେଶଚନ୍ଦ୍ର ସରକାରଙ୍କ ପାଠରେ ଗୋଟିଏ ଦୁଇଟି ସ୍ଥାନରେ ଭ୍ରମଥିଲା, କିନ୍ତୁ ତମ୍ବାପଟା ଦାନର ଦିବସ ସମ୍ପର୍କରେ ଯେଉଁ ଗୁରୁତ୍ୱ ଥିଲା, ତାହା ତାଙ୍କ ଦୃଷ୍ଟିରେ ପଡ଼ି ନ ଥିଲା । ଏଣୁ ସେହି ଗୁଡ଼ିକ ଦର୍ଶାଇ ଇଂରାଜୀରେ ଗୋଟିଏ ପ୍ରବନ୍ଧ ଏସିଆଟିକ୍ ସୋସାଇଟିର ମାସିକ ସଭାରେ ଗତ ମାର୍ଚ୍ଚ ମାସରେ ମୁଁ ପାଠକଲି । ମୋର ଏହି ଇଂରାଜୀ ପ୍ରବନ୍ଧ ଯଥା ସମୟରେ ମୁଦ୍ରିତ ହେବ, ତାହାର 'ପ୍ରୁଫ' ମୁଁ ଦେଖି ସାରିଛି । ଓଡ଼ିଆରେ ଏହି ପ୍ରବନ୍ଧ ଲେଖିବାକୁ ଯାଇ ଓଡ଼ିଆରେ ପ୍ରକାଶିତ ପ୍ରବନ୍ଧପାଠ କରିବାକୁ ପଡ଼ିଲା ଯାହାର ଆଲୋଚନା ପୂର୍ବେ କରିଅଛି ।

ବେଲିଗାଲିନୀ ତମ୍ବାପଟାର ଐତିହାସିକ ଗୁରୁତ୍ୱ—

ଏହି ତାମ୍ରଫଳକଗୁଡ଼ିକ ଓଡ଼ିଶାର ସର୍ବଶ୍ରେଷ୍ଠ ସମ୍ରାଟ କପିଳେଶ୍ୱର ବା ମାଦଳାପାଞ୍ଜି ଅନୁସାରେ କପିଳେନ୍ଦ୍ରଦେବଙ୍କର ଇତିହାସ ସମ୍ପର୍କରେ ଏକ ପ୍ରମାଣମୂଳକ ନିଦର୍ଶନ । କାରଣ

'ମାଦଳା ପାଞ୍ଜି'ରେ ଥିବା କିମ୍ବଦନ୍ତୀରେ କପିଳେଶ୍ୱରଙ୍କର ଜନ୍ମ ବୃତ୍ତ କମାକାର ଗାଲଗଳ୍ପ ଏହି ତମ୍ବାପଟ୍ଟାଦ୍ୱାରା ଐତିହାସିକ ଭିତ୍ତିଶୂନ୍ୟ ଓ ଅଳୀକ ବୋଲି ପ୍ରମାଣିତ ହୁଏ । ଏହି ପ୍ରବନ୍ଧ ଦ୍ୱାରା କପିଳେଶ୍ୱରଙ୍କର ସତ୍ୟାଶ୍ରିତ ଇତିହାସ ଯେ ପାଠକ ସମ୍ମୁଖରେ ପ୍ରତିଭାତ ହେବ ଏଥିରେ ଆଦୌ ସନ୍ଦେହ ନାହିଁ ।

ବେଲଗାଲମା ତମ୍ବାପଟ୍ଟାର ୧୧ଟି ଫଳକ ପରିବର୍ତ୍ତେ ପ୍ରକୃତରେ ୧୨ଟି ଫଳକ ଥିଲା । ପାଠୋଦ୍ଧାର ପରେ ଜଣାଗଲା ଯେ ପ୍ରଥମ ଫଳକଟି ଉତ୍କଳ ମହାଶୟଙ୍କର ହସ୍ତଗତ ହୋଇ ନ ଥିଲା । ପ୍ରଥମ ଫଳକଟିର ବାହାର ପାଖରେ କିଛି ଲେଖାନଥିଲା ଓ ତାହାର ଭିତର ପାଖରେ ଅନ୍ୟାନ୍ୟ ଫଳକସଦୃଶ ଦଶଧାଡ଼ି ଲେଖା ଥିଲା । ଦ୍ୱିତୀୟ ଫଳକର ପ୍ରଥମ ପଙ୍କ୍ତିରେ ପ୍ରଶସ୍ତି ଶ୍ଳୋକର "ପିତୋଲଯୂତେ" ଲେଖା ପରେ ଛ'ସଂଖ୍ୟା ଲିଖିତ ଥିବାରୁ ଜଣାଯାଇଛି ଯେ ତମ୍ବାପଟ୍ଟାର ପ୍ରଶସ୍ତି ଶ୍ଳୋକର ପ୍ରଥମ ଛ'ଟି ଶ୍ଳୋକ ସେଥିରେ ଲେଖାଥିଲା । ଏହି ସାତଟି ଶ୍ଳୋକରେ କପିଳେଶ୍ୱରଙ୍କର ପୂର୍ବ ପୁରୁଷମାନଙ୍କର କଥା ଲିଖିତ ଥିଲା । ବେଲଗାଲମା ତମ୍ବାପଟ୍ଟାର ଏହି ଫଳକଟି ନ ମିଳିବାଯାଏଁ ବା କପିଳେଶ୍ୱରଙ୍କର ଅନ୍ୟ ତମ୍ବାପଟ୍ଟା ନ ମିଳିବାଯାଏ କପିଳେଶ୍ୱରଙ୍କର ଏହି ପ୍ରଶସ୍ତି ଶ୍ଳୋକଗୁଡ଼ିକର କଥା ଜାଣିବାର ଉପାୟ ନାହିଁ । କିନ୍ତୁ ସୌଭାଗ୍ୟର ବିଷୟ ଏହି ଯେ କପିଳେଶ୍ୱରଙ୍କର ପୁତୁରା ରାଜମହେନ୍ଦ୍ରୀର ରାଜାପ୍ରତିନିଧି ରଘୁଦେବଙ୍କ ଦ୍ୱାରା ଖ୍ରୀ ୧୪୫୬ରେ ପ୍ରଦତ୍ତ ଦୁଇଟି ତମ୍ବାପଟ୍ଟାର ପ୍ରଶସ୍ତି ଶୋକରୁ କପିଳେଶ୍ୱରଙ୍କର ପୂର୍ବପୁରୁଷମାନଙ୍କର ନାମ ମିଳିଅଛି । ସୂର୍ଯ୍ୟବଂଶୀ କପିଳେଶ୍ୱରଙ୍କର ବଂଶ ତାଲିକା ନିମ୍ନରେ ଦିଆଗଲା । ❋

ବେଲଗାଲମା ତମ୍ବାପଟ୍ଟାଟି ଖ୍ରୀ. ୧୪୫୮ରେ କପିଳେଶ୍ୱରଙ୍କ ଦ୍ୱାରା ପ୍ରଦତ୍ତ ହୋଇଥିଲା । ଏଣୁ ବେଲଗାଲମା ତମ୍ବାପଟ୍ଟାରେ ମିଳୁ ନ ଥିବା କପିଳେଶ୍ୱରଙ୍କର ପୂର୍ବପୁରୁଷଙ୍କ ନାମ ରଘୁଦେବପୁର ତମ୍ବାପଟ୍ଟାରୁ ଜଣାଯାଏ । ଏହି ତମ୍ବାପଟ୍ଟାରୁ ଯେଉଁ ବଂଶାବଳୀ ମିଳେ ତହିଁରୁ ଓଡ଼ିଶାର ସୂର୍ଯ୍ୟବଂଶୀ ଗଜପତି ରାଜବଂଶର ସ୍ଥାପୟିତା କପିଳେଶ୍ୱରଙ୍କର ବଂଶମର୍ଯ୍ୟାଦା ନୂତନ ଆଲୋକରେ ଉଦ୍ଭାସିତ ହୁଏ ।

କପିଳେଶ୍ୱରଙ୍କ ଉତ୍କଳ ସିଂହାସନ ପ୍ରାପ୍ତି ସମ୍ପର୍କରେ "ମାଦଳା ପାଞ୍ଜି"ରେ ଉକ୍ତ ବୃତ୍ତାନ୍ତ ଲିଖିତ ଅଛି ।

"୧ମ ପାଞ୍ଜି ମତେ—ଏ ଉତ୍ତାରୁ ମତ୍ତଭାନୁଦେବ ରାଜା ହେଲେ । ମତ୍ତ ଖେଳ ହୋଇ ରାଜା ଦିନ ନେଲେ । ସେ ରାଜା ଭୋଗ କଲେ ୨୭ଅଙ୍କ ୭ମାସ । ମତ୍ତଭାନୁଦେବ ଦିନେ ପରମେଶ୍ୱରଙ୍କୁ ଜଣାଇଲେ ମୋହ ଉତ୍ତାରୁ କାହାକୁ କରି ଅଛ ମୋମାନଙ୍କ । ଏଥକୁ ସପନେ ଆଜ୍ଞା ହୋଇଲେ କାଲି ଦରଶନ ବେଳେ ବିମଳାଙ୍କ ଆଗେ ଖପରା ଖଣ୍ଡେ କୋରୁଥିବ ତତେ ଦେଖି ପଳାଇବ, ସେହି ତାକୁ କରି ଅଛୁଁ । ଏ ମନ୍ତ୍ରକୁ ସୂର୍ଯ୍ୟବଂଶୀ ରାଉତ ବ୍ରାହ୍ମଣ ଘରେ ବାଛୁରୀ ରଖିଥାନ୍ତି । ଏକ ଦିନକରେ ବ୍ରାହ୍ମଣ ଦେଖିଲା ବାଛୁରୀ ଚରୁ ଅଛନ୍ତି । କପିଳ ଗଛମୂଳେ ଶୋଇ ଅଛନ୍ତି । ମୁହଁରେ ଖରା ପଡ଼ିଲାକୁ ନାଗସାପ ଫେଣ ଟେକି ଅଛି । ଏମନ୍ତ ଦେଖି କପିଳକୁ ବ୍ରାହ୍ମଣ ଉଠାଇ ଦେଖିଲେ କିଛି ଅପଦ ନାହିଁ । ସେ ଦିନୁ ବ୍ରାହ୍ମଣ କପିଳ ଠାରେ ବଡ଼ ସୁଖ କରି ଥାଇ । ଥୋକାଏ ଦିନ ଉତ୍ତାରେ ବ୍ରାହ୍ମଣ ଘରୁ କପିଳ ବାହାର ହୋଇ ତେରଟିଆଙ୍କ ସଙ୍ଗେ ସାଙ୍ଗ ହୋଇ ଚୋରୀ କଲେ । ପୁଣି ଥୋକାଏ ଦିନ ଉତ୍ତାରୁ ଭିକାରୀ ହୋଇ ଶ୍ରୀପୁରୁଷୋତ୍ତମ କ୍ଷେତ୍ରେ ମାଗି ଖାଆନ୍ତି । ଏମନ୍ତରେ ରାଜା ବିମଳାଙ୍କଠାରେ ଦେଖି ବୋଇଲେ ତୁମ୍ଭେ କି ଲୋକ । କପିଳ କହିଲେ ଆମ୍ଭେ ସୂର୍ଯ୍ୟବଂଶୀ ରାଉତ । ଏଥକୁ ରାଜା କହିଲେ ଆମ୍ଭଠାରେ ଚାକର ରହ । ଏଥକୁ କପିଳ ରାଉତ ଚାକର ରହିଲେ । ଥୋକାଏ ଦିନ ଉତ୍ତାରୁ ପରମେଶ୍ୱର କପିଳ ରାଉତଙ୍କୁ ରାଜା କରି ଶାଢ଼ୀ ଆଜ୍ଞା ଦେଲେ । ଏଥକୁ ବିମଳାକ୍ଷୀ ଜଣାଇ ସପନେ ଶାଢ଼ୀ ପ୍ରସାଦ କପିଳ ରାଉତଙ୍କୁ ଦେଇ ବେଢ଼ା କାଳିକାଙ୍କ କଥା କହିଲେ କେତେଦିନ ଉତ୍ତାରୁ ଓଡ଼ିଶାକୁ ସୁବା ଅଇଲା । ଏହାଙ୍କୁ ଭେଟିଯିବା ପ୍ରସଙ୍ଗ ପଡ଼ିଲା । ସମସ୍ତେ କହିଲେ କପିଳ ରାଉତ ଯାଉ । କପିଳ ରାଉତ କହିଲେ ରାଜା ଯିବେ— ରାଜା ଭାଇ ଯିବେ— ନୋହିଲେ ପାତ୍ର ଯିବେ । ଏଥକୁ ରାଜା ଏହାଙ୍କୁ କପିଳ ଭ୍ରମରବର ପଦ ଦେଲେ । ଭାଇ ବୋଇଲେ ସମସ୍ତ ପାତ୍ରଙ୍କ ପୁଅମାନଙ୍କ ସାଙ୍ଗେ ପଠି ଆଇଲେ । ଏ ନବାବଙ୍କ ଭେଟକୁ ଗଲେ । ନବାବ ଭେଟରେ ସୁଖ କଲେ । ଏଣେ ମତ୍ତଭାନୁଦେବ

ଆବାହନ ହୋଇଲେ । ସେହିଠାରେ ନବାବ ତାଙ୍କୁ ରାଜା କଲେ, ଏ ରାଜା ହୋଇ ବେତ୍ରା କାଳିକାଙ୍କ ଆଗେ ପଥର ପାଚେରୀ ଗୋଟିଏ ଦେଲେ । ·× × ଆଦ୍ୟ ପଚ୍ଚ ସୂର୍ଯ୍ୟ ବଂଶରେ ଶ୍ରୀ ଜଗନ୍ନାଥଦେବ ଅବତାର ବୈବସ୍ୱତ ମନୁକୂଳେ ଗଙ୍ଗବଂଶ ମତ୍ତଭାନୁଦେବ ଉଚ୍ଛାଦ ସୂର୍ଯ୍ୟବଂଶକୁ ଆଦ ପାଟ ବୈବସ୍ୱତ ମନୁକୂଳେ ବୀରଧିବୀର କପିଳେଶ୍ୱର ଦେବ ମହାରାଜାଙ୍କର ପାଟ କକଡ଼ା ଦିନ ୨ ଶୁକ୍ଳ ଚଉଠି ବୁଧବାର କୃତ୍ତିବାସ କଟକେ ଏ କ୍ଷେତ୍ରେ ଅଭିଷେକ ହୋଇ ରାଜା ହୋଇଲେ ।”

(ପ୍ରାଚୀ ସମିତି ପ୍ରକାଶିତ ପୁସ୍ତକ ପୃ.୪୨—୪୩)

“୨ୟ ପାଞ୍ଜି ମତେ—ମତ୍ତଭାନୁଙ୍କ ପରେ ଅକଟାଁ ଅବଟା ଭାନୁଦେବ ରାଜା ରାଜ୍ୟ କଲେ । ଏ ରାଜା ବଡ଼ ଧର୍ମିଷ୍ଠ କର୍ମିଷ୍ଠ । ଏ ରାଜା ଦିନେ ଶ୍ରୀ ଶ୍ରୀମୁଖରେ ଦରଶନବେଳେ ଠାକୁରଙ୍କ ଶ୍ରୀମୁଖରେ ଜଣାଇଲେ ମୋହର ପୁଅ ନାହିଁ । ଭାଇ ନାହିଁ, ଏ ପୃଥ୍ୱୀ କାହାକୁ ଆଜ୍ଞା ହେଉ + + ଏହା ରାଜା ଶୁଣି ଚେତାଇ ଆରଦିନ ପାହାନ୍ତ ଅବକାଶ ଆଳତି ଦେଖିଲା ଉତ୍ତାରୁ ବମ୍ଭଲାଙ୍କଙ୍କ ଆଗରେ ଦେଖିଲେ ଗୁଡ଼ ତାଡ଼ ପାଖରେ ବସିଅଛି । ତାହା ରାଜା ଦେଖି ବଡ଼ ହୃଷ୍ଟ ହୋଇ ତାହାକୁ ହାତ ଧରି ଆଣିଲେ, ଶ୍ରୀ ନବରକୁ ଘେନି ଗଲେ । ପାଟମହାଦେଈଙ୍କି କହିଲେ ଏହାଙ୍କୁ ଠାକୁରଙ୍କର ଗୁପୁତ ଆଜ୍ଞା ହୋଇଅଛି । ଏହାଙ୍କୁ କପିଳ ମାନ୍ତରା ବୋଲି ପଦ ଦେଇ ଶ୍ରୀ ନଅରରେ ରଖିଲେ । ଏ କେତେଦିନ ଗଲା ଉତ୍ତାରେ ମୂଳକକୁ ଦମନ ଅଇଲେ । ପେସ୍କସ୍ ପାଇଁ ରାଜାଙ୍କ ସହିତ ବହୁତ ଯୁଦ୍ଧ କଲେ ସେଠାରୁ ରାଜା ଅଧେ ପେସକସ୍ ବନ୍ଦୋବସ୍ତ କରିଦେଲେ— ଆଉ ଅଧିକ ପାଇଁ କପିଳ ଭ୍ରମରବର କର ଶାଡ଼ି ନେଲେ × × × ତିନ ଅଙ୍କ କକଡ଼ା ୧୦ ଦିନେ ବନମାଳୀ ଦାସ ପୁଅ କାଶିଦାସ ପ୍ରବ୍ ଗ୍ରେଶ୍ୱ ବଦ୍ୟାରେ ରାଜାଙ୍କ ସଙ୍ଗ ଥିଲେ । ଏ ରାଜା ତାଙ୍କୁ ନ ପଚ୍ଛରିଲେ ବୋଲି ନଅରେ ସିନ୍ଧ କଲା । ବହୁତ ପଦାର୍ଥ ନେଲା । ରାଜା ପ୍ରଭାତୁ ଉଠି ସିନ୍ଧ ଗାତ ଦେଖିଲେ । ଦେଖି ଏ ସିନ୍ଧ ଗାତ ମାପିଲେ ୧୨

ଆଙ୍ଗୁଳ । ରାଜା ବୋଇଲେ ଏତ ଆମ୍ଭ ସାଙ୍ଗ । ଏ ସିଂହଦ୍ୱାରେ ଉଭା ହୋଇ କାଶୀ ଦାସଙ୍କୁ ଡାକି ପଚାରିଲେ । ବୋଇଲେ ଏ ପଦାର୍ଥ କେଉଁଠାରେ ରଖି ଅଛୁ ଆମ୍ଭ ଗ୍ରାମୁରେ କହ । ତହିଁକି କହିଲା × × ଏହାଙ୍କୁ ପୁରୋହିତ କଲେ ।"

( ମାଦଳା ପାଞ୍ଜି, ପ୍ରାଚୀ ସମିତି, ପୃ୪୫-୪୭ )

ମାଦଳା ପାଞ୍ଜିର ଏହି ଉଦ୍ଧୃତାଂଶରୁ କପିଳେଶ୍ୱରଙ୍କର ବାଲ୍ୟ ଜୀବନ ସମ୍ପର୍କରେ ଯାହା ଲେଖାଅଛି ତାହା ଯେପରି ଅବାସ୍ତବ ସେହିପରି ଐତିହାସିକ ଭିତ୍ତିଶୂନ୍ୟ । କପିଳେଶ୍ୱରଙ୍କ ରାଜତ୍ୱ କାଳରେ ମାଦଳା ପାଞ୍ଜିର ଏହି ଲେଖା କପିଳେଶ୍ୱର ଅନୁମୋଦନ କରିବା ଦୂରେ ଥାଉ, ମାଦଳା ପାଞ୍ଜି ଲେଖକ ଏପରି ବର୍ଣ୍ଣନା କରିବାକୁ ସମର୍ଥ ହୋଇ ନ ଥାଆନ୍ତେ । ଗଙ୍ଗବଂଶୀୟ ଶେଷ ରାଜା ଭାନୁଦେବ ୪ର୍ଥଙ୍କ ରାଜତ୍ୱରେ ଖ୍ରୀ ୧୪୨୧ରେ ମାଳବର ସୁଲତାନ ହୋସଙ୍ଗସାହା ସୌଦାଗର ସାଜି ବହୁ ଘୋଡ଼ା ସହ ତତ୍‌କାଳୀନ ଓଡ଼ିଶାର ରାଜଧାନୀ ବାରଣାସୀ କଟକ ବା ଆଧୁନିକ କଟକକୁ ଆସିଥିଲେ ଓ ଫାରସୀ ଐତିହାସିକମାନଙ୍କର ବିବରଣରୁ ଜଣାପଡ଼େ ରାଜାଙ୍କୁ ବନ୍ଦୀ କରିଥିଲେ । ଶେଷରେ ହାତୀ ଉପହାର ପାଇ ରାଜାଙ୍କୁ ଛାଡ଼ି ସ୍ୱଦେଶକୁ ଫେରିଥିଲେ । ସେ 'ସୁବା' ନଥିଲା କି ନବାବ ନଥିଲା କି ପେସକସ୍ ଦାବି କରି ନ ଥିଲା । 'ସୁବା', 'ନବାବ', 'ପେସକସ୍' ଶବ୍ଦ ଗୁଡ଼ିକର ବ୍ୟବହାର ମୋଗଲ ରାଜତ୍ୱ ପୂର୍ବରୁ ଓଡ଼ିଶାରେ ଅଜଣାଥିଲା । ଏଣୁ ଏଗୁଡ଼ିକ ସମସାମୟିକ ଶବ୍ଦ ନୁହେଁ ହୋସାଙ୍ଗସାହଙ୍କ ଆକ୍ରମଣରୁ ତତ୍‌କାଳୀନ ଓଡ଼ିଶା ରାଜ୍ୟର ଦୁର୍ବଳତା ସହଜରେ ଅନୁମିତ ହୁଏ । ରାଜା ଦୁର୍ବଳ ହେଲେ କର୍ମଚାରୀମାନେ ଯେ ଷଡ଼ଯନ୍ତ୍ର କରନ୍ତି ଏହା ସ୍ୱତଃସିଦ୍ଧ । ପ୍ରକୃତରେ ତାହାହିଁ ଓଡ଼ିଶାର ହୋଇଥିଲା । ଏଠାରେ ଆଉ ଗୋଟିଏ କଥା ଉଲ୍ଲେଖନୀୟ । ଭାନୁଦେବଙ୍କ ରାଜତ୍ୱରେ ଓଡ଼ିଶାର ରାଜଧାନୀ କଟକରେ ଥିଲା ଓ ରାଜା କଟକରେ ରହୁଥିଲେ । ମାତ୍ର ପୂର୍ବୋଦ୍ଧୃତ ମାଦଳାପାଞ୍ଜିର ବିବରଣୀରୁ ଜଣାଯାଏ ଯେ ରାଜା ଯେପରି କି ସର୍ବଦା ପୁରୀରେ ରହୁଥିଲେ ଓ ପ୍ରତିଦିନ ମନ୍ଦିରକୁ ଯାଇ ଜଗନ୍ନାଥ ଦର୍ଶନ କରୁଥିଲେ ।

କପିଳେଶ୍ୱରଙ୍କ ଓଡ଼ିଶା ସିଂହାସନ ଅଧିକାର କରିବା ସମ୍ପର୍କରେ 'ଗଙ୍ଗବଂଶାନୁଚରିତ'ରେ ବର୍ଣ୍ଣିତ ଅଛି ଯେ କପିଳେଶ୍ୱର ଗଙ୍ଗ ରାଜତ୍ୱରେ ଜଣେ ମନ୍ତ୍ରୀ ଥିଲେ ଓ ରାଜା ଦାକ୍ଷିଣାତ୍ୟରେ ଯୁଦ୍ଧରେ ଲିପ୍ତଥିବାବେଳେ ତାଙ୍କର ଅନୁପସ୍ଥିତିରେ କପିଳେଶ୍ୱର ନିଜକୁ ରାଜା ବୋଲି ଘୋଷଣା-କରି ସିଂହାସନ ଅଧିକାର କରି ରାଜାଙ୍କୁ ତଡ଼ି ଦେଲେ, ରାଜା ରାଜଧାନୀକୁ ନ ଫେରି ଗୁଣ୍ଡାରି କଟକରେ ଲୁଚି ରହି କାଳାତିପାତ କଲେ । 'ଗଙ୍ଗବଂଶାନୁଚରିତ'ର ବୃତ୍ତାନ୍ତରେ କିଛି ଅସଙ୍ଗତ ଥିବାର ଜଣାଯାଏ ନାହିଁ । 'ଗଙ୍ଗବଂଶାନୁଚରିତ' ଅଷ୍ଟାଦଶ ଶତାବ୍ଦୀର ଲେଖା । କାବ୍ୟର ରଚୟିତା ପୁରୀକୁ ଆସିଥିଲେ ଓ ସେଠାରୁ କାବ୍ୟର ଉପାଦାନ ସଂଗ୍ରହ କରିଥିଲେ । ତେବେ ପୂର୍ବୋଦ୍ଧୃତ ମାଦଳାପାଞ୍ଜିର ବୃତ୍ତାନ୍ତ କଣ ପରବର୍ତ୍ତୀକାଳର ପ୍ରକ୍ଷିପ୍ତ ଲେଖା ? ରଘୁଦେବଙ୍କର ଓ କପିଳେଶ୍ୱରଦେବଙ୍କର ତାମ୍ର-ଶାସନ ଗୁଡ଼ିକ ଏବେ ଆବିଷ୍କୃତ ନ ହୋଇଥିଲେ କପିଳେଶ୍ୱରଙ୍କର ବାଲ୍ୟଜୀବନ ଓ ବଂଶ ମର୍ଯ୍ୟାଦା କିଂବଦନ୍ତୀଦ୍ୱାରା କିପରି ଭାବରେ ବିକୃତ ହୋଇଅଛି, ତାହା ଜଣାଯାଇ ନଥାନ୍ତା । କିମ୍ବଦନ୍ତୀ ସତ୍ୟାଶ୍ରିତ ହୋଇଥିଲେ ତାହା ସମସାମୟିକ ବୃତ୍ତାନ୍ତଦ୍ୱାରା ସମର୍ଥିତ ହୁଏ । ମାତ୍ର ଏକାବେଳକେ କଳ୍ପନା ପ୍ରସୂତ କିମ୍ବଦନ୍ତୀ କୌଣସି ସମସାମୟିକ ପ୍ରମାଣ ଦ୍ୱାରା ସମର୍ଥିତ ହୋଇପାରେ ନାହିଁ । ମାଦଳା ପାଞ୍ଜିରେ ବର୍ଣ୍ଣିତ କପିଳେଶ୍ୱର ଦେବଙ୍କର କିମ୍ବଦନ୍ତୀ ଏହି ପ୍ରକାର ଏକ କିମ୍ବଦନ୍ତୀ ଯାହା ମୂଳରେ ଐତିହାସିକ ସତ୍ୟ ନାହିଁ ।

## ଲିପିର ପାଠ [ ତିଅର ପ୍ରଥମ ପାର୍ଶ୍ୱ ]

୧ । ମେଉଡ଼ୁର ଥଳ ମଧେ ବେଲଗାଲମି (କାମ୍ଭା) (କାହା) କର ନାମାଖଣ୍ଡେ ଆତ—

୨ । ତୋ ଭୋଗରମ ଦଣ୍ଡପାଠ ମୂଲକୋଠ ଦେହରୁ ଫେଢ଼ ଶ୍ରୀ ହସ୍ତେ—

୩ । ସନ୍ତକେ ଗଉଡ଼ମୀ ନଦୀ ଗରଭିମରେ ସୀଙ୍ଗ ବ୍ରେହସ୍ପତି ପୂନ୍ୟ

୪ । କାଲ ସ୍ନଏ ଶ୍ରୀହସ୍ତେ ପାଣୀ ଗ୍ରୁଡ଼ଲ୍ଲ ଭୂମୀଦାନ ନାନାଗୋହ ବ୍ରା—

୫ । ହ୍ମଣଙ୍କୁ । ବରଶ୍ରୀ ଗଜପ୍ତି ଗଉଡ଼େସର ନବକୋଟୀ କର୍ଣ୍ଣାଟ

୬ । କଲବରଗେସର ପ୍ରତାପ କପୀଲେସର ଦେବ ମହାରଜା—

୭ । ଙ୍କର ଦତ ଜାଗେସରପୁର ସାସନ ବେଲମପୁର ସାସନ ପ୍ରତାପ କ—

୮ । ପିଲେସର ପୁର ସାସନ ଏଡକ ସାସନକୁ ଭ୍ର ୪୦ ଲେଖାଏଁ ଭାଗ ୧୨୦ ମଧ୍ୟେ ।

୯ । ବାଡ଼ତୋଲା ଜଲଭୂମି ମଧକର ଦେଇ ହୋଇଲ୍ଲ ॥ ଏଗଅର ଭୂମୀ

୧୦ । ଗାଅ ଐମ୍ଭେ ସବ ମାଇଣ୍ୟ ଛତସି ଅବଦାନ ମଧକର ଗ୍ରୁଡ଼ଲ୍ଲ କୈ ଖେ—

୧୧ । ଗ କରାଇବା ॥

(ଅପରପାର୍ଶ୍ୱ) ଏହାର ଚହ ଦିଆଯାଇ ନାହିଁ ।

ଲିପିର ଶୁଦ୍ଧ ପାଠ

୧। ମେଡ଼୍ରର ଅଲ ମଧେ ବେଲଗାଲମା କାମ୍ଭା (କହ୍ନା)କର ନାମା ଖଣ୍ଡେ

ଅଭ—

୨ । ଥେଂ । ଭୋଗରମ ଦଣ୍ଡପାଟ ମୂଲ କୋଠ ଦେଶରୁ ଫେଡ଼ ଶ୍ରୀ ହସ୍ତ ।

୩ । ସନ୍ତକେ ଗୌତମୀ ନଦୀ ଗର୍ଭମାରେ ସିଂହ ବୃହସ୍ପତି ପୁଣ୍ୟ—

୪ । କାଲ ସମୟେ ଶ୍ରୀହସ୍ତେ ପାଣି ଗ୍ରୁଡ଼ଲ୍ଲ ଭୂମିଦାନ ନାନା ଗୋହ ବ୍ରା—

୫ । ହ୍ମଣଙ୍କୁ ॥ ବୀରଶ୍ରୀ ଗଜପତି ଗୌଡ଼େଶ୍ୱର ନବକୋଟି କର୍ଣ୍ଣାଟ—

୬ । କଲବର୍ଗେଶ୍ୱର ପ୍ରତାପ କପିଲେଶ୍ୱର ଦେବମହାରଜ—

୭ । ଙ୍କର ଦତ୍ତ ଯାଗେଶ୍ୱର ପୁର ଶାସନ; ବେଲମପୁର ଶାସନ ପ୍ରତାପକ—

୮ । କପିଳେଶ୍ୱର ପୁର ଶାସନ ଏତନ ଶାସନକୁ ଭ ୪୦ ଲେଖାଏଁ ଏ ଭାଗ ୧୬୦ ମଧ୍ୟେ

୯ । ବାଡ଼ତୋଠା ଜଳଭୂମି ମଧ୍ୟ କରି ଦେଇ ହୋଇଲା । ଏ ଗାଁଆର ଭୂମି

୧୦ । ଗାଁଆ ଆମ୍ଭେ ସର୍ବମାନ୍ୟ ଛତିଶ ଅବଦାନ ମଧ୍ୟ କରି ଗୁଡ଼ଲା କେ ଭେ

(ଅପର ପାର୍ଶ୍ୱ)

୧ । ଗ କରାଇବା ।

ଲିପି ଉପରେ ଟିପ୍‌ପଣୀ ।

୧ । ଲିପିରେ ବ୍ୟବହୃତ ବର୍ଣ୍ଣାଶୁଦ୍ଧି ।

ଏହି ଲିପିରେ ପ୍ରାକୃତ ଭାଷାର ପ୍ରଭାବ ଯଥେଷ୍ଟ ଥିବାର ଅନୁମିତ ହୁଏ । ତେଣୁ ତତ୍‌କାଳୀନ ପ୍ରଚଳିତ ଲିଖନ ପ୍ରଣାଳୀ ଅନୁସାରେ ଯାହା ସବୁ ଆମ୍ଭେମାନେ ଏବେ ବର୍ଣ୍ଣାଶୁଦ୍ଧି ବୋଲି ବିଗ୍ୱର କରୁଛୁଁ, ସେତେବେଳେ ତାହା ସେପରି ଗୃହୀତ ହେଉ ନଥିଲା । ବ୍ରିଟିଶ ଅମଳରେ ବଙ୍ଗଭାଷାର ପ୍ରଭାବରେ ଓଡ଼ିଆ ଭାଷାର ଯେଉଁସବୁ ପୁସ୍ତକ ରଚିତ ହୋଇଥିଲା; ତହିଁରେ ଓଡ଼ିଆ ଭାଷାର ପ୍ରକୃତ ଲକ୍ଷଣଗୁଡ଼ିକ ଉପେକ୍ଷିତ ହୋଇ ସଂସ୍କୃତାଭିମୁଖୀ ହୋଇଗଲା । କିନ୍ତୁ ସରକାରୀ ଓଡ଼ିଆ ଭାଷାରେ ଲିଖିତ ଦଲିଲଦସ୍ତାବିଜରେ ବର୍ଣ୍ଣାଶୁଦ୍ଧି ପ୍ରାକୃତାଭିମୁଖୀ ହୋଇ ଅଦ୍ୟାପି ଚଳୁଅଛି । ଏହି ଲିପିର ସମୟ ଖ୍ରୀ ୧୪୬୮ ହେଉ ଥିବାରୁ ଅନ୍ତତଃ ୫୦୦ବର୍ଷ ପୂର୍ବେ ଲିଖିତ ଓଡ଼ିଆ ଭାଷାରେ କିପରି ବର୍ଣ୍ଣାଶୁଦ୍ଧି ପ୍ରଚଳିତ ଥିଲା ତାହାର ନମୁନା ମିଳୁଅଛି । ତଳେ କେତୋଟି ଆଧୁନିକ ବର୍ଣ୍ଣାଶୁଦ୍ଧି ଆଲୋଚିତ ହେଲା ।

(୧) ସେ ସମୟରେ 'ଶ' ଓ 'ଶ୍ୱ' ସ୍ଥଳରେ 'ସ'ର ଅବାଧ ବ୍ୟବହାର ଥିଲା । ଯଥା 'ଜାଗେସର' 'କପୀଲେସର' 'ଦେସ' 'ସାସନ' ଇତ୍ୟାଦି ।

(୨) ସେ ସମୟରେ 'ଇ' ସ୍ଥଳରେ 'ଈ', 'ଈ' ସ୍ଥଳରେ 'ଇ' ବ୍ୟବହୃତ ହୋଇଥିଲା । ଯଥା 'ଭୂମୀ' 'ବରି' 'କୋଟୀ' 'ଗ୍ରୁଣ୍ଡୀ' ଇତ୍ୟାଦି ।

(୩) 'ଔ'କାର ସ୍ଥଳରେ 'ଅଉ'ର ବ୍ୟବହାର ଥିଲା । ଯଥା 'ଗଉତମୀ' 'ଗଉଡ଼େସର' ।

(୪) ରେଫ ସ୍ଥଳରେ 'ଅର' ବ୍ୟବହାର ଯଥା 'ଗରଭ' ।

(୫) 'ଯ' ସ୍ଥଳରେ 'ଜ'ର ଯଥା 'ଜାଗେସର' ।

(୬) 'ହ୍ମ' ସ୍ଥଳରେ 'ମ୍ହ' ଯଥା ବ୍ରାମ୍‌ହଣ ।

(୭) 'ସମସ୍ତେ' ସ୍ଥଳରେ 'ସ୍ମଏ' ଓ 'ଗଜପତି' ସ୍ଥଳରେ 'ଗଜପ୍ତି' ସଂକ୍ଷେପ ଭାବରେ ଲେଖାଯାଇ ଥିଲା ।

(୮) ସିଂହ ସ୍ଥଳରେ 'ସୀଙ୍ଘ' ଉଚ୍ଚାରଣ ଅନୁସାରେ ଲିଖିତ ହେଉଥିଲା ।

୨ । ଗୋଦାବରୀରେ ସିଂହ ବୃହସ୍ପତି ଯୋଗ:—

ଏହି ଲିପିରୁ ମିଳେ ଯେ "ଗୌତମୀ ନଦୀ ଗର୍ଭମାରେ ସିଂଙ୍ଘ ବ୍ରେହସ୍ପତି ପୁନ୍ୟକାଳ ସ୍ମଏ" କପିଳେଶ୍ୱରଦେବ ବ୍ରାହ୍ମଣମାନଙ୍କୁ ଭୂମିଦାନ କରି ତନୋଟି ବ୍ରାହ୍ମଣଶାସନ ବସାଇ ଥିଲେ । ମୋର ପୂର୍ବବର୍ତ୍ତୀ ସମସ୍ତେ ଏହି ଲେଖାର ତାତ୍ପର୍ଯ୍ୟ ବୁଝିପାରି ନ ଥିଲେ । 'ସିଂହ ବୃହସ୍ପତି' ପୁଣ୍ୟକାଳ ଗୋଦାବରୀ ବା ଗୌତମୀ ନଦୀରେ ପ୍ରତ୍ୟେକ ବାରବର୍ଷ ବ୍ୟବଧାନରେ ପଡ଼େ ଯେଉଁ ସମୟରେ ଗୋଦାବରୀ ନଦୀରେ ସ୍ନାନ, ପିଣ୍ଡଦାନ ଓ ଦାନର ବ୍ୟବସ୍ଥା ଧର୍ମଶାସ୍ତ୍ରାଦିରେ ଲିଖିତ ଅଛି । "ସିଂହ ବୃହସ୍ପତି ପୁଣ୍ୟକାଳର' ଅର୍ଥ 'ବୃହସ୍ପତି' ଗ୍ରହ ଯେଉଁ ସମୟରେ 'ସିଂହରାଶି'ରେ ଅବସ୍ଥାନ କରେ । ବୃହସ୍ପତି ଗ୍ରହ ପ୍ରତ୍ୟେକ ରାଶିରେ ପ୍ରାୟ ତେରମାସ କାଳ ରହେ । ତେଣୁ ସିଂହ ରାଶିରେ ବୃହସ୍ପତି ଗ୍ରହର ସମାବେଶ ପ୍ରାୟ ପ୍ରତ୍ୟେକ ବାରବର୍ଷ ଅନ୍ତରରେ ଥରେ ପଡ଼େ ଯେଉଁ ସମୟରେ ଗୋଦାବରୀ ନଦୀରେ ସ୍ନାନ ଓ ଦାନ ବଡ଼ ପୁଣ୍ୟ କାର୍ଯ୍ୟ ବୋଲି ଗୃହୀତ ହୁଏ । ୧୯୫୬ରେ ସିଂହ ବୃହସ୍ପତି ଯୋଗ ପଡ଼ିଥିଲା । ଏହି ବର୍ଷ ବୃଷ ମାସ ଦଶଦିନ ବା ମେ ମାସ ୨୩ ତାରିଖ ବୈଶାଖ ଶୁକ୍ଳ ଚତୁର୍ଦ୍ଦଶୀ

ଥିଲା ଓ ସେହିଦିନ ଗୋଦାବରୀରେ ପ୍ରଥମ ପୁଷ୍କର ଯୋଗ ପଡ଼ିଥିଲା । କପିଳେଶ୍ୱରଙ୍କ ଦାନପତ୍ରରୁ ଜଣାଯାଏ ଯେ ସେ ବୈଶାଖ ଶୁକ୍ଳ ପୂର୍ଣ୍ଣିମାଦିନ ଶାସନ ଦାନ କରିଥିଲେ । ଖୁବ୍ ସମ୍ଭବ ବହୁଧାନ୍ୟ କଥିତ ଶକାବ୍ଦ ୧୩୮୦ରେ ବୈଶାଖୀ ପୂର୍ଣ୍ଣିମାଦିନ ବୃହସ୍ପତିର ଚଳନ ହୋଇଥିବାରୁ ୧ମ ପୁଷ୍କର ଯୋଗ ପଡ଼ିଥିଲା । ଶ: ୧୩୮୦ର ବୈଶାଖୀ ପୂର୍ଣ୍ଣିମା ଖ୍ରୀ: ୧୪୫୮ ଏପ୍ରିଲ ତା ୨୭ରିଖରେ ପଡ଼ିଥିଲା । ସିଂହ-ବୃହସ୍ପତି ଯୋଗ ସମ୍ପର୍କରେ ପୌରାଣିକ ଉପାଖ୍ୟାନ ଅଛି । 'ଜ୍ୟୋତିନିବନ୍ଧ' ଓ 'ନିର୍ଣ୍ଣୟସିନ୍ଧୁ' ପ୍ରଭୃତି ଜ୍ୟୋତିଷ ଗ୍ରନ୍ଥରେ ଏହି ସିଂହ-ବୃହସ୍ପତି ପୁଣ୍ୟ କାଳର ଫଳାଫଳ ବିଶଦଭାବରେ ଆଲୋଚିତ ହୋଇଛି । ଏହି ଗ୍ରନ୍ଥଗୁଡ଼ିକରେ 'ବ୍ରହ୍ମାଣ୍ଡପୁରାଣ' 'ବ୍ରହ୍ମପୁରାଣ' ଓ 'ବ୍ରହ୍ମ ବୈବର୍ତ୍ତ ପୁରାଣ'ରୁ ଶ୍ଳୋକ ସବୁ ଉଦ୍ଧୃତ ଅଛି । ଏହା ନିଶ୍ଚିତ ଯେ ଏହିସବୁ ପୁରାଣର କାଳ କପିଳେଶ୍ୱରଦେବଙ୍କ ଲିପିର ପୂର୍ବବର୍ତ୍ତୀ । ଶକାବ୍ଦ ୧୩୮୦ ବା ଖ୍ରୀଷ୍ଟାବ୍ଦ ୧୪୫୮ରେ କପିଳେଶ୍ୱରଦେବ ଗୋଦାବରୀ ନଦୀରେ ସ୍ନାନ କରି ନିଜ ନାମରେ ଓ ନିଜର ପିତା-ମାତାଙ୍କ ନାମରେ ତିନୋଟି ବ୍ରାହ୍ମଣଶାସନ ସ୍ଥାପନ କରିଥିଲେ । 'ପ୍ରାଚୀ ସମିତି'ଦ୍ୱାରା ପ୍ରକାଶିତ 'ମାଦଳା ପାଞ୍ଜି'ର ପୃ୪୪ରେ ବର୍ଣ୍ଣିତ ଅଛି ଯେ କପିଳେଶ୍ୱରଙ୍କ ରାଜତ୍ୱର ଦୁଇ ଅଙ୍କରେ ଓ ପନ୍ଦରଅଙ୍କରେ ସିଂହ-ବୃହସ୍ପତି ଯୋଗ ଗୋଦାବରୀରେ ପଡ଼ିଥିଲା । କପିଳେଶ୍ୱର ଖ୍ରୀ. ୧୪୩୪ରେ ଦୁଇଅଙ୍କ କାଟିଥିଲେ । ଏଣୁ ତାଙ୍କର ପନ୍ଦରଅଙ୍କ ଠିକ୍ ୧୨ବର୍ଷ ପରେ ୧୪୩୪+୧୨=୧୪୪୬ରେ ପଡ଼ୁଅଛି । ଏହାର ୧୨ବର୍ଷ ପରେ ୧୪୫୮ ମଧ୍ୟ ସେଇ ଯୋଗ ହିସାବରେ ପଡ଼ୁଅଛି । କପିଳେଶ୍ୱର ବୋଧହୁଏ ସିଂହ-ବୃହସ୍ପତି ଯୋଗରେ ରାଜା ହୋଇଥିବାରୁ ଏହି ଯୋଗକୁ ବିଶେଷ ସମାଦର କରୁଥିଲେ ।

---

# ଓଡ଼ିଶାର ମନ୍ଦିର-ସ୍ଥାପତ୍ୟରେ ଦିଗପାଳ ମୂର୍ତ୍ତି

ଓଡ଼ିଶାରେ ମନ୍ଦିର-ସ୍ଥାପତ୍ୟର ନିଦର୍ଶନ ଖ୍ରୀଷ୍ଟୀୟ ଅଷ୍ଟମ ଶତାବ୍ଦୀରୁ ଦେଖିବାକୁ ମିଳେ । ଏହି ସମୟର ମନ୍ଦିରଗୁଡ଼ିକ ମଧ୍ୟରୁ ରାମେଶ୍ୱର ମନ୍ଦିର ନିକଟସ୍ଥ ତିନୋଟି ମନ୍ଦିର ଯଥା—ଲକ୍ଷ୍ମଣେଶ୍ୱର, ଭରତେଶ୍ୱର ଓ ଶତ୍ରୁଘ୍ନେଶ୍ୱର ଏବଂ ସ୍ୱର୍ଣ୍ଣଜାଳେଶ୍ୱର ସର୍ବପ୍ରାଚୀନ । ଏହି ମନ୍ଦିର ଗୁଡ଼ିକରେ ମୁଖମଣ୍ଡପ ନାହିଁ । ଏଗୁଡ଼ିକ ପରେ ପରଶୁରାମେଶ୍ୱର ଓ ବୈତାଳ ଦେଉଳ ଏବଂ ଶିଶିରେଶ୍ୱର ନାମଧେୟ ତିନୋଟି ମନ୍ଦିର ପୂର୍ବୋକ୍ତ ତିନୋଟି ମନ୍ଦିରର ସମସାମୟିକ ଧରାଯାଉଥିଲେ ମଧ୍ୟ ସେଗୁଡ଼ିକରେ ମୁଖମଣ୍ଡପ ସଂଲଗ୍ନ ଥିବାରୁ ସ୍ଥାପତ୍ୟ ଷତ୍ରରେ ପରବର୍ତ୍ତୀକାଳର କୀର୍ତ୍ତି ବୋଲି ଅନୁମିତ ହୁଏ । ଏହି ସମସ୍ତ ମନ୍ଦିରରେ ନବଗ୍ରହ ପରିବର୍ତ୍ତେ ଅଷ୍ଟଗ୍ରହ ମୂର୍ତ୍ତିଯୁକ୍ତ ଶିଳା ଦ୍ୱାରବନ୍ଧର ଉପରେ ଅଛି; ଏଠାରେ ରାହୁ ଓ କେତୁ ଗ୍ରହ ଦୁଇଟି ସ୍ୱତନ୍ତ୍ର ରୂପେ ଦୁଇଟି ମୂର୍ତ୍ତି କଳ୍ପିତ ହୋଇନାହିଁ । ଏ ପରଶୁରାମେଶ୍ୱର ମନ୍ଦିରର ଚାରି କୋଣରେ ଆଠଟି ଠଣା ଖାଲିଅଛି । ଏଗୁଡ଼ିକ ଅଷ୍ଟଦିଗପାଳ ବା ଅନ୍ୟ ମୂର୍ତ୍ତି ପାଇଁ ଗଠିତ ହୋଇଥିବାର ଅନୁମାନ କରାଯାଇ ପାରୁନାହିଁ । ତେବେ ଶତ୍ରୁଘ୍ନେଶ୍ୱର ମନ୍ଦିରରେ ଏହି ଠଣାଗୁଡ଼ିକରେ ଶୈବ ମୂର୍ତ୍ତି ସ୍ଥାପିତ ହୋଇ ଥିବାରୁ ମନେ ହୁଏଯେ, ପରଶୁରାମେଶ୍ୱର ମନ୍ଦିରରେ ଅଷ୍ଟଦିଗପାଳ ମୂର୍ତ୍ତିଗୁଡ଼ିକ ସ୍ଥାପିତ ହୋଇ ନଥିଲା ।

ମନ୍ଦିର-ସ୍ଥାପତ୍ୟ କ୍ରମବିକାଶରେ ମୁକ୍ତେଶ୍ୱର ଓ କେଦାରଗୌରୀ ଅନ୍ତର୍ଗତ ଗୌରୀ ମନ୍ଦିରଦ୍ୱୟର ସମୟ ନିରୂପିତ ହୋଇଅଛି । ଏହି ମନ୍ଦିର ଦୁଇଟିରେ ଅଷ୍ଟଦିଗପାଳ ମୂର୍ତ୍ତି ନାହିଁ । ମନ୍ଦିର ଦୁଇଟିର ଚାରିକୋଣରେ ଆଠଟି ଖାଲି ଠଣା ଥିବାରୁ ସେଠାରେ କେଉଁ କେଉଁ ମୂର୍ତ୍ତି ସ୍ଥାପିତ

ହୋଇଥିଲା, ତାହା ଠିକ କରି କହିହେଉ ନାହିଁ । ମନେହୁଏ ପୂର୍ବବର୍ତ୍ତୀ ମନ୍ଦିର ଗୁଡ଼ିକରେ ଶୋଭା ପାଉଥିବା ଶୈବ ଦେବୀଙ୍କର ମୂର୍ତ୍ତି ପାଇଁ ଏହି ଠଣା ଗୁଡ଼ିକ ଗଠିତ ହୋଇଥିଲା ।

ତତ୍ପରେ 'ରାଜରାଣୀ' ମନ୍ଦିରରେ ଅଷ୍ଟଦିଗପାଳ ମୂର୍ତ୍ତି ସଂସ୍ଥାପିତ ଥିବାର ଦୃଷ୍ଟ ହୁଏ । ସମସ୍ତ ସ୍ଥାପତ୍ୟବିଶାରଦ ପଣ୍ଡିତମାନେ 'ରାଜରାଣୀ' ମନ୍ଦିରର ସମୟ ପ୍ରାୟ ୧୦୦୦ ଖ୍ରୀଷ୍ଟାବ୍ଦ ବୋଲି ନିର୍ଣ୍ଣୀତ କରିଅଛନ୍ତି । ଏଣୁ ଦେଖା ଯାଉଅଛି ଯେ, 'ରାଜରାଣୀ' ମନ୍ଦିରର ପୂର୍ବବର୍ତ୍ତୀ ସମସ୍ତ ମନ୍ଦିରରେ ଅଷ୍ଟଦିଗପାଳ ମୂର୍ତ୍ତି ସଂଯୋଜିତ ହୋଇ ନ ଥିଲା ।

ଅମରକୋଷ ଅଭିଧାନରେ ଅଷ୍ଟଦିଗପାଳ ସମ୍ବନ୍ଧେ ନିମ୍ନୋକ୍ତ ଶ୍ଳୋକ ମିଳେ :—

ଇନ୍ଦ୍ରୋବହ୍ନିଃ ପିତୃପତି ନୈର୍ଋତୋବରୁଣୋମରୁତ୍ ।
କୁବେର ଈଶପତୟଃ ପୂର୍ବାଦୀନାଂ ଦିଶାଂ କ୍ରମାତ୍ ।।

ଅର୍ଥାତ ଇନ୍ଦ୍ର, ଅଗ୍ନି, ଯମ, ନୈଋତ, ବରୁଣ, ବାୟୁ, କୁବେର ଓ ଈଶାନ ଏହି ଅଷ୍ଟଦିଗପାଳଙ୍କୁ ଦକ୍ଷିଣ-ପୂର୍ବ ଦିଗର ପୂର୍ବ ସ୍ଥାନରୁ କ୍ରମଶଃ ଗଣନା କରିବାକୁ ହୁଏ ।

ଅଷ୍ଟଦିଗପାଳମାନଙ୍କର ମୂର୍ତ୍ତି ଗଠନ ପାଇଁ 'ପ୍ରତିମା ଲକ୍ଷଣା', 'ବୃହତ୍ ସଂହିତା' ପ୍ରଭୃତି ଗ୍ରନ୍ଥରେ ପ୍ରତ୍ୟେକ ମୂର୍ତ୍ତିର ଆୟୁଧ ଓ ବାହନ ଇତ୍ୟାଦିର କଥା ବର୍ଣ୍ଣିତ ହୋଇଅଛି । ତଳେ ଦିଗପାଳମାନଙ୍କର ନାମ, ଦିଗର ଅଧିକାରୀ, ବାହନ ଓ ଆୟୁଧର ନାମ ଦିଆଗଲା ।

| ଦିଗପାଳଙ୍କ ନାମ | ଦିଗ | ବାହନ | ଆୟୁଧ |
|---|---|---|---|
| ୧ । ଇନ୍ଦ୍ର | ପୂର୍ବଦିଗ | ହସ୍ତୀ | ବଜ୍ର ଓ ଅଙ୍କୁଶ |
| ୨ । ଅଗ୍ନି | ଅଗ୍ନିକୋଣ | ମେଷ | ଅକ୍ଷମାଳା ଓ କମଣ୍ଡଳୁ |
| ୩ । ଯମ | ଦକ୍ଷିଣଦିଗ | ମହିଷ | ଦଣ୍ଡ, ଖଡ଼୍ଗ, ତ୍ରିଶୂଳ ଓ ଅକ୍ଷମାଳ । |

| | | | |
|---|---|---|---|
| ୪। ନୈର୍ଋତ | ନୈଋତ କୋଣ | ନର | ଖଡ୍‌ଗ ଓ ଢାଲ |
| ୫। ବରୁଣ | ପଶ୍ଚିମ ଦିଗ | ମକର | ପଦ୍ମ ଓ ଶଙ୍ଖ |
| ୬। ବାୟୁ | ବାୟୁକୋଣ | ମୃଗ | ଚକ୍ର ଓ କେତନ |
| ୭। କୁବେର | ଉତ୍ତରଦିଗ | ସପ୍ତଘଟ | ବର ଓ ଅଭୟ |
| ୮। ଈଶାନ | ଈଶାନକୋଣ | ବୃଷଭ | ତ୍ରିଶୂଳ ଓ କପାଳ |

'ରାଜରାଣୀ' ମନ୍ଦିରରେ ଏହି ଦିଗପାଳ ମୂର୍ତ୍ତିଗୁଡ଼ିକ ଭଲଭାବରେ ସୁରକ୍ଷିତ ରହିଛି। ସମସ୍ତ ମୂର୍ତ୍ତିର ଗଠନଠାରୁ ବରୁଣ ମୂର୍ତ୍ତିର ଗଠନ-ସୌଷ୍ଠବରେ ଭାସ୍କର ନିଜର କୃତିତ୍ୱର ପରାକାଷ୍ଠା ଦେଖାଇ ଅଛି ବୋଲି ମନେହୁଏ।

'ରାଜରାଣୀ' ମନ୍ଦିର ପରେ ଲିଙ୍ଗରାଜ ମନ୍ଦିର ଗଠିତ ହୋଇଥିଲା। ଏହାର ସମୟ ପ୍ରାୟ ଖ୍ରୀ ୧୦୫୦ ଧରାଯାଇଛି। ଏହି ମନ୍ଦିରରେ ଅଷ୍ଟ-ଦିଗପାଳ ମୂର୍ତ୍ତିଗୁଡ଼ିକ ଯଥାସ୍ଥାନରେ ରହିଛି; ମାତ୍ର ଲିଙ୍ଗରାଜ ମନ୍ଦିରର ମୁଖମଣ୍ଡପରେ ଦିଗପାଳ ମୂର୍ତ୍ତି ଦେଖାଯାଏ ନାହିଁ।

ଲିଙ୍ଗରାଜ ପରେ ଖୁବ୍‌ସମ୍ଭବ ବ୍ରହ୍ମେଶ୍ୱର ମନ୍ଦିର ଗଠିତ ହୋଇଥିଲା। ଏହି ମନ୍ଦିରଟି ସୋମକୁଳୀ କେଶରୀବଂଶୀୟ ଉଦ୍ୟୋତ କେଶରୀଙ୍କ ମାତା କୋଲାବତୀ ଦେବୀ ଗଢ଼ିଥିଲେ ବୋଲି ମନ୍ଦିରର ଶିଳାଲିପିରୁ ଜଣାଯାଏ। କୋଲାବତୀ ଯଯାତି ଦ୍ୱିତୀୟଙ୍କ ପତ୍ନୀ ଅଟନ୍ତି। ଯଯାତି ଦ୍ୱିତୀୟଙ୍କୁ ଲିଙ୍ଗରାଜ ମନ୍ଦିରର ନିର୍ମାତା ଧରାଯାଇଅଛି। ବ୍ରହ୍ମେଶ୍ୱର ମନ୍ଦିର ଓ ମୁଖମଣ୍ଡପରେ ଅଷ୍ଟଦିଗପାଳ ମୂର୍ତ୍ତି ଗୁଡ଼ିକ ସ୍ଥାନ ପାଇଅଛନ୍ତି। କେବଳ ଦିଗପାଳଙ୍କର ଗଠନରୁ ଏହା ପ୍ରତିପନ୍ନ ହେଉଅଛି ଯେ, ବ୍ରହ୍ମେଶ୍ୱର ମନ୍ଦିର ଲିଙ୍ଗରାଜ ମନ୍ଦିରର ପରବର୍ତ୍ତୀ ସମୟରେ ଗଠିତ ହୋଇଥିଲା।

ବ୍ରହ୍ମେଶ୍ୱର ପରେ ଖ୍ରୀ ୧୧୯୦-୯୫ ମଧ୍ୟରେ ମେଘେଶ୍ୱରମନ୍ଦିର ନିର୍ମିତ ହୋଇଥିଲା। ଏହି ମନ୍ଦିରଟି ଗଙ୍ଗବଂଶୀୟ ରାଜତ୍ୱ ସମୟର କୀର୍ତ୍ତି। ଏଥିରେ କେବଳ ଦିଗପାଳ ମୂର୍ତ୍ତି ଅଛି। ଏହି ମନ୍ଦିରରେ ଶୋଭାବର୍ଦ୍ଧନକାରୀ

ମୂର୍ତ୍ତି ଅତି ଅଳ୍ପ ଥିବାରୁ ମୁଖମଣ୍ଡପର ଅଷ୍ଟଦିଗପାଳ ମୂର୍ତ୍ତିଗୁଡ଼ିକର ପ୍ରୟୋଜନୀୟତା ବୋଧହୁଏ ଉପଲବ୍ଧି କରାଯାଇ ନ ଥିଲା ।

ଖ୍ରୀ: ୧୨୭୮ରେ ଗଙ୍ଗବଂଶୀୟ ଅନଙ୍ଗଭୀମଦେବଙ୍କ କନ୍ୟା ନରସିଂହଦେବଙ୍କ ଭଗିନୀ ଓ ଭାନୁଦେବ ୧ମଙ୍କ ପିଉସୀ ଚନ୍ଦ୍ରା ବା ଚନ୍ଦ୍ରିକାଦେବୀ ଅନନ୍ତ ବାସୁଦେବଙ୍କ ମନ୍ଦିର ଗଢାଇଥିଲେ । ଏହି ମନ୍ଦିର ଓ ମୁଖଶାଳାରେ ଅଷ୍ଟଦିଗପାଳ ସହିତ ଅଷ୍ଟଦିଗପାଳଙ୍କ ଶକ୍ତି ମଧ୍ୟ ସ୍ଥାନ ପାଇଛନ୍ତି । ଅଷ୍ଟଦିଗପାଳଙ୍କ ଶକ୍ତିର ବର୍ଣ୍ଣନା ଦେବୀମହାତ୍ମ୍ୟ ଅନ୍ତର୍ଗତ ଦେବୀକବଚରେ ନିମ୍ନୋକ୍ତ ଭାବରେ ବର୍ଣ୍ଣିତ ଅଛି:—

ପ୍ରାଚ୍ୟାଂ ରକ୍ଷତୁ ମାହେନ୍ଦ୍ରୀଆଗ୍ନେୟ୍ୟାଂ ମେଷବାହିନୀ ।
ଦକ୍ଷିଣେ ଚୈ ବ ବାରାହୀ ନୈର୍‌ଋତ୍ୟାଂ ଖଡ୍‌ଗଧାରିଣୀ ।, ୧୯ ।
ପ୍ରତୀଚ୍ୟାଂ ବାରୁଣୀ ରକ୍ଷେଦ୍ ବାୟୁବ୍ୟାଂ ମୃଗବାହିନୀ ।
ରକ୍ଷେଦୁଦୀଚ୍ୟାଂ କୌବେରୀ ଐଶାନ୍ୟାଂ ଶୂଳଧାରିଣୀ । ୨୦ ।

ଉପରିଲିଖିତ ବର୍ଣ୍ଣନାରେ କେବଳ 'ଯମୀ'ଙ୍କ ସ୍ଥାନରେ 'ବାରାହୀଙ୍କ' ନାମ ମିଳେ । ଯମୀ ଓ ବାରାହୀ ଉଭୟଙ୍କର ବାହନ ମହିଷ ।

ସପ୍ତମାତୃକାର ବାରାହୀ ମୂର୍ତ୍ତିର ମୁଖ ବରାହମୁଖ ସଦୃଶ; ମାତ୍ର ଯମୀଙ୍କର ମୁଖ ବରାହସଦୃଶ ଅଙ୍କିତ ହୋଇନାହିଁ । ଏଣୁ ଧ୍ୟାନ ସହିତ ମୂର୍ତ୍ତି ଗଠନରେ ସାମଞ୍ଜସ୍ୟ ଦେଖା ନ ଯାଇଥିଲେ ମଧ୍ୟ ଅଷ୍ଟଦିଗପାଳ ଶକ୍ତିର କଳ୍ପନା ଦେବୀ କବଚର ଧ୍ୟାନରୁ ଯେ ଗୃହୀତ ହୋଇଛି, ଏଥିରେ କିଛି ସନ୍ଦେହ ନାହିଁ ।

ଅନନ୍ତ ବାସୁଦେବ ମନ୍ଦିରର ପରବର୍ତ୍ତି ସମୟରେ ଗଠିତ ଶାରିଦେଉଳ; ଚିତ୍ରକାରିଣୀ ମନ୍ଦିର, ଯମେଶ୍ୱର ମନ୍ଦିର, ମିତ୍ରେଶ୍ୱର ଓ ବରୁଣେଶ୍ୱର ମନ୍ଦିରଗୁଡ଼ିକରେ ଅଷ୍ଟଦିଗପାଳ ଓ ସେମାନଙ୍କର ଶକ୍ତି ମନ୍ଦିର ଓ ମୁଖଶାଳାରେ ସ୍ଥାନ ପାଇଅଛି ।

ଅଷ୍ଟଦିଗ ପାଳଙ୍କ ଶକ୍ତି ପ୍ରଥମେ ମନମୋହନ ଗାଙ୍ଗୁଲି **'Orissa and her Remains** ଗ୍ରନ୍ଥର ୧୭୪ ପୃଷ୍ଠାରେ ଲେଖିଥିଲେ । ସେ

କେବଳ ଅନନ୍ତ ବାସୁଦେବ, ଶୟା ଓ ସପ୍ତମାତୃକା ଦେଉଳଗୁଡ଼ିକରେ ଏହି ମୂର୍ତ୍ତିଗୁଡ଼ିକ ଥିବା କଥା ଲେଖିଛନ୍ତି । ସପ୍ତମାତୃକା ମନ୍ଦିରର ଚିହ୍ନ ଆଜିକାଲି ଭୁବନେଶ୍ୱରରେ ମିଳୁ ନାହିଁ ।

ଅଷ୍ଟଦିଗପାଳ ମୂର୍ତ୍ତି ଓ ଅଷ୍ଟଦିଗପାଳ ଶକ୍ତି ମୂର୍ତ୍ତିଗୁଡ଼ିକ ସବୁ ମନ୍ଦିରରେ ଏକପ୍ରକାର ଗଠିତ ନୁହେଁ । ପ୍ରତ୍ୟେକ ମନ୍ଦିରର ମୂର୍ତ୍ତିଗଠନରେ ସ୍ୱତନ୍ତ୍ରତା ଅଛି ଓ ତହିଁରେ କାରିଗର ବା ଭାସ୍କରର ମନୋଭାବ ଫୁଟି ଉଠିଛି । ସବୁ ମନ୍ଦିରର ମୂର୍ତ୍ତିର ଫଟୋ ଏକତ୍ରିତ କରି ଏହି ମୂର୍ତ୍ତିଗୁଡ଼ିକର ମୂର୍ତ୍ତି ଗଠନ ରୀତିର ଏକ ତୁଳନା ମୂଳକ ପ୍ରବନ୍ଧ ଲିଖିତ ହେଲେ ଖ୍ରୀ: ୧୦୦୦ ଠାରୁ ଖ୍ରୀ: ୧୫୦୦ ପର୍ଯ୍ୟନ୍ତ ୫୦୦ ବର୍ଷର ମୂର୍ତ୍ତି ଗଠନତତ୍ତ୍ୱର ପ୍ରମାଣ ମିଳିବ ଏବଂ ବିଭିନ୍ନ ମନ୍ଦିରର ପ୍ରତ୍ୟେକ ଅଷ୍ଟଦିଗପାଳ ଓ ସେଗୁଡ଼ିକର ଶକ୍ତିର ମୂର୍ତ୍ତି ଓ ବାହନ ଗୁଡ଼ିକର ଭାସ୍କରକଳା ସମ୍ବନ୍ଧେ ଅନେକ କଥା ଆଲୋଚିତ ହୋଇ ପାରିବ ।

# ମାତୃଗଣ

ଓଡ଼ିଶାର ପଞ୍ଚତୀର୍ଥ ମଧ୍ୟରୁ ଯାଜପୁର ଓ ପୁରୀରେ ସପ୍ତମାତୃକା ମୂର୍ତ୍ତି ଅଛି । ଯାଜପୁରର ସବ୍‌ଡିଭିଜନାଲ ଅଫିସରଙ୍କ ହତାରେ ମାତୃକା ମୂର୍ତ୍ତି ମଧ୍ୟରୁ ଚାମୁଣ୍ଡା, ବାରାହୀ ଓ ଐନ୍ଦ୍ରୀ ଏହି ତିନୋଟି ଅତିକାୟ ମୂର୍ତ୍ତି ରଖାଯାଇଅଛି । ଦଶାଶ୍ୱମେଧ ଘାଟରେ ଆଠଟି ମୂର୍ତ୍ତି, ଯଥା:—୧ ଚାମୁଣ୍ଡା, ୨ ବାରାହୀ, ୩ ଐନ୍ଦ୍ରୀ, ୪ ବୈଷ୍ଣବୀ, ୫ ଯମମାତା, ୬ କୌମାରୀ, ୭ ମାହେଶ୍ୱରୀ ଓ ୮ ନାରସିଂହୀ ଅଦ୍ୟାପି ପୂଜା ପାଉଅଛନ୍ତି । ପୁରୀର ମାର୍କଣ୍ଡେଶ୍ୱର ପୋଖରୀର ଅଗ୍ନିକୋଣରେ ଥିବା ମାତୃକା ମୂର୍ତ୍ତିଗୁଡ଼ିକ ମଧ୍ୟ ପୂଜା ପାଆନ୍ତି । ଏମାନେ ମଧ୍ୟ ସାତଭଉଣୀ ନାମରେ ପରିଚିତ ।

ମାତୃଗଣ ସମ୍ବନ୍ଧରେ ଦେବୀକବଚରେ ଉଲ୍ଲେଖଅଛି:—

ପ୍ରେତସଂସ୍ଥା ତୁ ଚାମୁଣ୍ଡା
ବାରାହୀ ମହିଷାସନା ।
ଐନ୍ଦ୍ରୀ ଗଜସମାରୂଢ଼ା
ବୈଷ୍ଣବୀ ଗରୁଡ଼ାସନା ।
ନାରସିଂହୀ ମହାବୀର୍ଯ୍ୟା
ଶିବଦୂତୀ * ମହାବଳା ।
ମାହେଶ୍ୱରୀ ବୃଷାରୂଢ଼ା
କୌମାରୀ ଶିଖିବାହନା ।
ବ୍ରାହ୍ମୀ ହଂସ ସମାରୂଢ଼ା
ସର୍ବାଭରଣ ଭୂଷିତା ।

× × × × ×

(*) ଯାଜପୁର ଯମମାତା ମୂର୍ତ୍ତିଟିକୁ ଶିବଦୂତୀ ମୂର୍ତ୍ତି ବୋଲି ରାୟବାହାଦୁର ରାମପ୍ରସାଦ ଚନ୍ଦ ମହାଶୟ ଗ୍ରହଣ କରିଅଛନ୍ତି । **(Memoirs of the Archaeological Sutvey of India No. 44—Exploration in Orissa)**

ଇତ୍ୟେତା ମାତରଃ ସର୍ବାଃ
ସର୍ବଯୋଗ—ସମନ୍ୱିତାଃ ।

ଅର୍ଥାତ୍ ୧ ଚାମୁଣ୍ଡା, ୨ ବାରାହୀ, ୩ ଐନ୍ଦ୍ରୀ, ୪ ବୈଷ୍ଣବୀ, ୫ ନାରସିଂହୀ, ୬ ଶିବଦୂତୀ, ୭ ମାହେଶ୍ୱରୀ, ୮ କୌମାରୀ ଓ ୯ ବ୍ରାହ୍ମୀ ଏମାନେ ମାତୃଗଣ ନାମରେ ବିଦିତ ।

ଏହି ମୂର୍ତ୍ତିଗୁଡ଼ିକ ୮ମ ବା ୯ମ ଶତାବ୍ଦୀରେ ଖୋଦିତ ବୋଲି ପ୍ରମାଣିତ ହୋଇଅଛି । ଭାରତବର୍ଷରେ ଧର୍ମର ଇତିହାସରୁ ଏହା ପ୍ରତିପାଦିତ ହୁଏ ଯେ, ସ୍ଥାପତ୍ୟ ଓ ଭାସ୍କର୍ଯ୍ୟ ଉଭୟ ଧର୍ମର ଅନୁଗମନ କରୁଥିଲି । ଦେଶରେ ଧର୍ମଭାବର ପ୍ରାବଲ୍ୟ ଅନୁସାରେ ଭାସ୍କର୍ଯ୍ୟର ଉତ୍କର୍ଷ ମଧ୍ୟ ସାଧିତ ହେଉଥିଲି ।

ମାତୃଗଣର ପୌରାଣିକ ଗାଥା ମାର୍କଣ୍ଡେୟ ପୁରାଣର ଅନ୍ତର୍ଗତ ଦେବୀମହାତ୍ମ୍ୟର (ଚଣ୍ଡୀ) ସପ୍ତମଠାରୁ ଏକାଦଶ ଅଧ୍ୟାୟରେ ଓ ବାମନ-ପୁରାଣର ଶୁମ୍ଭ-ନିଶୁମ୍ଭଯୁଦ୍ଧ ବୃତ୍ତାନ୍ତରେ ଦୃଷ୍ଟ ହୁଏ । ଚଣ୍ଡୀପାଠକ ମାନଙ୍କେ ସମସ୍ତ କଥା ଅବଗତ ଥିବାରୁ ଏଠାରେ ଅମ୍ବିକାଙ୍କ ଆବିର୍ଭାବ ବୃତ୍ତାନ୍ତ ଉଦ୍ଧାର କରାଗଲି ନାହିଁ ।

ଦେବୀ ଓ ଶମ୍ଭ-ନିଶୁମ୍ଭ ମଧ୍ୟରେ ଯୁଦ୍ଧଘୋଷଣା ହେବାପରେ ଚଣ୍ଡ ଓ ମୁଣ୍ଡ ଅସୁର ଭାତୃଦ୍ୱୟ ଦେବୀଙ୍କ ସହିତ ଯୁଦ୍ଧ କରିବାକୁ ଅଗ୍ରସର ହେଲେ । ତତ୍ପରେ ଦେବୀଙ୍କଠାରୁ ତତ୍କ୍ଷଣାତ୍ କାଳୀ ଜାତ ହେଲେ । ଦେବୀ ମାହାତ୍ମ୍ୟରେ ଅଛି :—

ତତଃ କୋପାଚକାରୋଚ୍ଚୈ
ରମ୍ବିକା ତାନରୀନ୍ ପ୍ରତି ।
କୋପେନ ଚାସ୍ୟା ବଦନଂ
ମସୀବର୍ଣ୍ଣମଭୂତ୍ ତଦା ।୫।
ଭ୍ରୁକୁଟୀ କୁଟିଲାତ୍ ତସ୍ୟାଃ
ଲଲାଟ ଫଳକାଦ୍ଦ୍ରୁତମ୍ ।

କାଳୀ କରାଳ ବଦନା
ବିନିଷ୍କ୍ରାନ୍ତାସି ପାଶିନୀ ।୬।
ବିଚିତ୍ର ଖଟ୍ୱାଙ୍ଗଧରା
ନରମାଳା ବିଭୂଷଣା ।
ଦ୍ୱୀପିଚର୍ମ ପରୀଧାନା
ଶୁଷ୍କମାଂସାତିଭୈରବା ।୭।
ଅତିବିସ୍ତାରବଦନା
ଜିହ୍ୱାଲଳନଭୀଷଣା ।
ନିମଗ୍ନା ରକ୍ତନୟନା
ନାଦାପୂରିତ ଦିଙ୍‌ମୁଖା ।୮।
(୭ମ ଅଧ୍ୟାୟ)

ଏବଂବିଧ ଆକୃତି ବିଶିଷ୍ଟା କାଳୀ ଯୁଦ୍ଧରେ ପ୍ରବୃତ୍ତ ହୋଇ ଚଣ୍ଡ ଓ ମୁଣ୍ଡର ମସ୍ତକ ଛେଦନ କରି ଚଣ୍ଡିକାଙ୍କୁ ଉପହାର ଦେବାରୁ ସେ ସନ୍ତୁଷ୍ଟ ହୋଇ କହିଲେ :—

ଯସ୍ମାଚ୍ଚଣ୍ଡଞ୍ଚ ମୁଣ୍ଡଞ୍ଚ
ଗୃହୀତ୍ୱା ତ୍ୱମୁପାଗତା ।
ଚାମୁଣ୍ଡେତି ତତୋ ଲୋକେ
ଖ୍ୟାତା ଦେବୀ ଭବିଷ୍ୟସି ।୨୭।
(୭ମ ଅଧ୍ୟାୟ)

ହେ ଦେବୀ ! ଚଣ୍ଡ ଓ ମୁଣ୍ଡକୁ ହାଣି ତାଙ୍କର ଶିର ଆଣିଥିବାରୁ ତୁ ଜଗତରେ ଚାମୁଣ୍ଡା ନାମରେ ବିଖ୍ୟାତ ହେବୁ ।

ଚଣ୍ଡ ଓ ମୁଣ୍ଡର ବଧ ଆଖ୍ୟାନ ପରେ ରକ୍ତବୀଜବଧ ଆଖ୍ୟାନ ଦେବୀ ମାହାତ୍ମ୍ୟରେ ବର୍ଣ୍ଣିତ ହୋଇଅଛି । ଏହି ଆଖ୍ୟାନରେ ବାରାହୀ, ନାରସିଂହୀ, ବୈଷ୍ଣବୀ, ବ୍ରାହ୍ମୀ, ମାହେଶ୍ୱରୀ, କୌମାରୀ, ଐନ୍ଦ୍ରୀ ଓ ଶିବଦୂତୀ ପ୍ରଭୃତି ମାତୃଗଣଙ୍କ କଥା ସ୍ଥାନ ପାଇଅଛି ।

ଅସୁରସେନାଦ୍ୱାରା ସବାହନା ଚଣ୍ଡିକା ଓ କାଳୀ ବା ଚାମୁଣ୍ଡା ଆକ୍ରାନ୍ତ ହେବାରୁ ଚଣ୍ଡୀର ଅଷ୍ଟମ ଅଧ୍ୟାୟରେ ମାତୃଗଣଙ୍କ ଉତ୍ପତ୍ତି ସମ୍ବନ୍ଧରେ ନିମ୍ନୋକ୍ତ କଥାର ଉଲ୍ଲେଖ ଅଛି:—

ଏତସ୍ମିନ୍ନନ୍ତରେ ଭୂପ !
ବିନାଶାୟ ସୁରଦ୍ୱିଷାଂ ।
ଭବାୟାମରସିଂହାନା—
ମତିବୀର୍ଯ୍ୟବଲାନ୍ୱିତାଃ ।୧୨।
ବ୍ରହ୍ମେଶ ଗୁହବିଷ୍ଣୂନାଂ
ତଥେନ୍ଦ୍ରସ୍ୟ ଚ ଶକ୍ତୟଃ ।
ଶରୀରେଭ୍ୟଃ ବିନିଷ୍କ୍ରମ୍ୟ
ତଦ୍ରୂପୈଶ୍ଚଣ୍ଡିକାଂ ଯଯୁଃ ।୧୩।
ଯସ୍ୟ ଦେବସ୍ୟ ଯଦ୍ରୂପଂ
ଯଥା ଭୂଷଣବାହନଂ ।
ତଦ୍ୱଦେବ ହି ତଚ୍ଛକ୍ତି—
ରସୁରାନ୍ ଯୋଦ୍ଧୁମାଯଯୌ ।୧୪।
ହଂସଯୁକ୍ତ-ବିମାନାଗ୍ରେ
ସାକ୍ଷସୂତ୍ର କମଣ୍ଡଲୁଃ ।
ଆୟାତା ବ୍ରହ୍ମଣଃ ଶକ୍ତି-**ବ୍ରାହ୍ମଣୀ**
ସାଭିଧୀୟତେ ।୧୫।
**ମାହେଶ୍ୱରୀ** ବୃଷାରୂଢ଼ା
ତ୍ରିଶୂଳବର ଧାରିଣୀ ।
ମହାହିବଲୟା ପ୍ରାପ୍ତା
ଚନ୍ଦ୍ରରେଖା ବିଭୂଷଣା ।୧୬।
**କୌମାରୀ** ଶକ୍ତିହସ୍ତା ଚ
ମୟୂରବରବାହନା
ଯୋଦ୍ଧୁମଭ୍ୟଯଯୌ ଦୈତ୍ୟା—
ନମ୍ବିକା ଗୁହରୂପିଣୀ ।୧୭।

ତଥୈବ ବୈଷ୍ଣବୀଶକ୍ତି—
ର୍ଗାରୁଡୋପରି ସଂସ୍ଥିତା
ଶଙ୍ଖ-ଚକ୍ର-ଗଦା-ଶାର୍ଙ୍ଗ—
ଖଡ୍‌ଗହସ୍ତାଭ୍ୟୁପାୟଯୌ । ୧୮ ।
ଯଜ୍ଞ ବାରାହମତୁଲଂ
ରୂପଂ ଯା ବିଭ୍ରତୋ ହରେଃ ।
ଶକ୍ତିଃ ସାପ୍ୟାୟଯୌ ତତ୍ର
**ବାରାହୀଂ** ବିଭ୍ରତିଂ ତନୁମ୍ । ୧୯ ।
**ନାରସିଂହୀ** ନୃସିଂହସ୍ୟ
ବିଭ୍ରତି ସଦୃଶଂ ବପୁଃ ।
ପ୍ରାପ୍ତା ତତ୍ର ସଟାକ୍ଷେପ
କ୍ଷିପ୍ତନକ୍ଷତ୍ରସଂହତିଃ । ୨୦ ।
ବଜ୍ରହସ୍ତା ତଥୈ **ବୈନ୍ଦ୍ରୀ**
ଗଜରାଜୋପରି ସ୍ଥିତା ।
ପ୍ରାପ୍ତା ସହସ୍ରନୟନା
ଯଥା ଶକ୍ରସ୍ତଥୈବ ସା । ୨୧ ।
ତତଃ ପରିବୃତସ୍ତାଭି—
ରୀଶାନୋ ଦେବଶକ୍ତିଭିଃ ।
ହନ୍ୟନ୍ତାମସୁରାନ୍ ଶୀଘ୍ରଂ
ମମ ପ୍ରୀତ୍ୟାହ ଚଣ୍ଡିକାଂ । ୨୨ ।
ତତୋ ଦେବୀଶରୀରାତ୍ତୁ
ବିନିଷ୍କ୍ରାନ୍ତାତିଭୀଷଣା ।
ଚଣ୍ଡିକା ଶକ୍ତିରତ୍ୟୁଗ୍ରା
ଶିବାଶତ ନିନାଦିନୀ । ୨୩ ।
ସାଚାହ ଧୂମ୍ରଜଟିଲ—
ମୀଶାନମପରାଜିତା ।

ଦୂତ ! ତ୍ୱଂ ଗଚ୍ଛ ଭଗବନ୍
ପାର୍ଶ୍ୱଂ ଶୁମ୍ଭନିଶୁମ୍ଭୟୋଃ । ୨୪ ।

× × × × ×

ଯତୋ ନିଯୁକ୍ତୋ ଦୌତ୍ୟେନ
ତୟା ଦେବ୍ୟା ଶିବ ସ୍ୱୟଂ ।
ଶିବଦୂତୀତି ଲୋକଽସ୍ମିନ୍—
ତତଃ ସା ଖ୍ୟାତିମାଗତା । ୨୮ ।
[ ଅଷ୍ଟମ ଅଧ୍ୟାୟ ]

ବ୍ରହ୍ମାଣୀ ଆଦି ମାତୃଗଣ କିପରି ଭାବରେ ଯୁଦ୍ଧରେ ଲଢ଼ୁଥିଲେ ଦେବୀମାହାତ୍ମ୍ୟର ଅଷ୍ଟମ ଅଧ୍ୟାୟରେ (୩୨-୫୨ ଶ୍ଳୋକ) ତାହା ବର୍ଣ୍ଣିତ ହୋଇଅଛି । ତତ୍ପରେ ଚଣ୍ଡିକା ରକ୍ତବୀଜ ସହିତ ଯୁଦ୍ଧରେ ବ୍ୟାପୃତ ହେଲେ । ତାଙ୍କ ଆଦେଶରେ ଚାମୁଣ୍ଡା ରକ୍ତବୀଜର ରକ୍ତଶୋଷଣ କରିବାରୁ ଶେଷରେ ଅସୁର ରକ୍ତହୀନ ହୋଇ ଭୂପତିତ ହେଲା ।

ପୂର୍ବୋକ୍ତ ବର୍ଣ୍ଣନାରେ ଶିବଦୂତୀର ବାହନ ବା ଅୟୁଧର ନାମୋଲ୍ଲେଖ ନାହିଁ । ତାହାର ଅଟ୍ଟହାସରେ ଅସୁରଗଣ ମୂର୍ଚ୍ଛିତ ହୋଇ ଭୂତଳଶାୟୀ ହେଉଥିବାରୁ ସେ ତାଙ୍କୁ ଭକ୍ଷଣ କରୁଥିଲେ ।

ଦେବୀମାହାତ୍ମ୍ୟର ନବମ ଉପାଖ୍ୟାନରେ ନିଶୁମ୍ଭବଧ ବର୍ଣ୍ଣିତ ହୋଇଅଛି । ଏଥିରେ ମାତୃଗଣ ଯୁଦ୍ଧନିରତ ଥାଇ ଚଣ୍ଡିକାଙ୍କୁ ସାହାଯ୍ୟ କରିଥିଲେ । ଦଶମ ଆଖ୍ୟାନରେ ଶୁମ୍ଭବଧ ବର୍ଣ୍ଣିତ ହୋଇଅଛି । ପ୍ରାଣତୁଲ୍ୟ ଭାଇ ନିଶୁମ୍ଭର ପତନ ଓ ସୈନ୍ୟବଳ କ୍ଷୟ ହେବାର ଦେଖି ଶୁମ୍ଭ କୋପାନ୍ୱିତ ହୋଇ ଦେବୀଙ୍କୁ ବିଦ୍ରୂପ କରି କହୁଥିଲା:—

“ବଳାବଲେପାଦ୍ଦୁଷ୍ଟେ ତ୍ୱଂ
ମା ଦୁର୍ଗେ ଗର୍ବମାବହ ।
ଅନ୍ୟାସାଂ ବଳମାଶ୍ରିତ୍ୟ
ଯୁଦ୍ଧ୍ୟସେ ଯାଽତିମାନିନୀ । ୩ ।
(ଦଶମ ଅଧ୍ୟାୟ)

"ରେ ବଳଗର୍ବଦୁର୍ବିନୀତେ ଦୁର୍ଗେ ! ତୁ ଗର୍ବ କରନାହିଁ । ଅନ୍ୟର ବଳ ସାହାଯ୍ୟରେ ଯୁଦ୍ଧ କରିବାରେ ଗର୍ବ ଶୋଭା ପାଏନାହିଁ ।"

ଏହା ଶୁଣି ଦେବୀ କହିଲେ:—

ଏକୈବାହଂ ଜଗତ୍ୟତ୍ର
ଦ୍ୱିତୀୟା କା ମମାପରା ।
ପଶ୍ୟୈତା ଦୁଷ୍ଟ ମୟ୍ୟେବ
ବିଶନ୍ତ୍ୟୋ ମଦ୍‌ବିଭୂତୟଃ । ୫ ।
(ଅଷ୍ଟମ ଅଧ୍ୟାୟ)

"ମୁଁ ଏହି ଜଗତରେ ଅଦ୍ୱିତୀୟ ଏକ । ରେ ଦୁଷ୍ଟ ! ଦେଖ ମୋର ବିଭୂତିରୂପା ଏମାନେ ଏକ୍ଷଣି ମୋଠାରେ ପ୍ରବେଶ କରିବେ ।"

"ତତଃ ସମସ୍ତାସ୍ତା ଦେବ୍ୟୋ
ବ୍ରହ୍ମାଣୀ ପ୍ରମୁଖା ଲୟଂ ।
ତସ୍ୟା ଦେବ୍ୟାସ୍ତନୌ ଜଗ୍ମୁ—
ରେକୈବାସୀତ୍ତଦାମ୍ବିକା । ୬ ।
(ଅଷ୍ଟମ ଅଧ୍ୟାୟ)

"ଅନନ୍ତର ବ୍ରହ୍ମାଣୀପ୍ରମୁଖ ମାତୃଗଣ ସେହି ଆଦ୍ୟାଦେବୀଙ୍କ ତନୁରେ ଲୀନ ହେଲେ ଓ ଅମ୍ବିକା ଏକାକିନୀ ରହିଲେ ।"

ଶମ୍ଭୁବଧ ପରେ ଏକାଦଶ ଆଖ୍ୟାନରେ ଦେବୀଙ୍କ ସ୍ତୁତିରେ (୧୩—୨୧ ଶ୍ଳୋକ) ସ୍ୱୟଂ ଦେବୀ ଏହି ସମସ୍ତ ମାତୃଗଣ ନାମରେ ପରିଚିତ ବୋଲି ଉଲ୍ଲେଖ ଅଛି ।

ଦେବୀମାହାତ୍ମ୍ୟ ଅନୁସାରେ ମାତୃଗଣଙ୍କର ସୃଷ୍ଟି ଓ ଲୟର କଥା ଯାହା ମିଳେ ତାହା ଏଠାରେ ବର୍ଣ୍ଣିତ ହେଲା । ବର୍ତ୍ତମାନ ବାମନ-ପୁରାଣୋକ୍ତ ବିବରଣ ସହିତ ଚଣ୍ଡୀର ବିବରଣ ତୁଳନା କରାଯାଉ ଅଛି । ବାମନ-ପୁରାଣର ୫୫ ଅଧ୍ୟାରେ ଚଣ୍ଡ-ମୁଣ୍ଡଘାତିନୀ ଚାମୁଣ୍ଡାଙ୍କ କଥା ବର୍ଣ୍ଣିତ ଅଛି ।

୫୭ ଅଧ୍ୟାୟରେ ମାତୃଗଣଙ୍କ କଥା ଅଛି । ଚଣ୍ଡୀରେ ଦେଖାଯାଏ ଯେ, ବ୍ରହ୍ମାଦି ଦେବତାମାନଙ୍କର ଶକ୍ତି ମାତୃଗଣ ରୂପରେ ଚଣ୍ଡିକାଙ୍କୁ ସାହାଯ୍ୟ କରିବା ପାଇଁ ଆବିର୍ଭୂତ ହୋଇଥିଲେ । ମାତ୍ର ବାମନପୁରାଣରେ ଦେଖାଯାଏ ଯେ, ଚଣ୍ଡୀକାଙ୍କ ମୁଖରୁ ବ୍ରହ୍ମାଣୀ ଆବିର୍ଭୂତା ହେବା ପରେ ମାହେଶ୍ୱରୀ ଓ କୌମାରୀ ଜାତ ହେଲେ । ତତ୍ପରେ ଦେବୀଙ୍କ ବାହୁ ଯୁଗଳରୁ ବୈଷ୍ଣବୀ, ପୃଷ୍ଠଦେଶରୁ ବାରାହୀ, ହୃଦୟରୁ ନାରସିଂହୀ, ଓ ଦେହରୁ ଶିବଦୂତୀ ସମୁଦ୍ଭୂତା ହେଲେ । ଶୁମ୍ଭନିଶୁମ୍ଭବଧ ପରେ ଏମାନେ କୁଆଡ଼େ ଗଲେ, ତାହାର କିଛି ଉଲ୍ଲେଖ ନାହିଁ । କେବଳ ଚଣ୍ଡୀସଦୃଶ ଦେବଗଣଙ୍କ ସ୍ତୁତିରେ ଦେବୀ ନିଜେ ମାତୃଗଣରୂପେ ବର୍ଣ୍ଣିତ ହୋଇଅଛନ୍ତି ।

କୂର୍ମ ପୁରାଣର ୨୭ଶ ଅଧ୍ୟାୟର ଶେଷରେ ଶିବ ଓ ଅନ୍ଧକାସୁର ଯୁଦ୍ଧରେ ଅଷ୍ଟମାତୃଗଣଙ୍କ କଥା ଲିଖିତଅଛି । ରକ୍ତବୀଜ ସଦୃଶ ଅନ୍ଧକାସୁରର ଭୂପତିତ ରକ୍ତବିନ୍ଦୁରୁ ଅସୁରଗଣ ଜାତ ହେଉଥିବାରୁ ଶିବ କୋପାନ୍ୱିତ ହେଲେ । ତତ୍ପରେ ତାଙ୍କର କ୍ରୋଧାଗ୍ନିରୁ ଯୋଗେଶ୍ୱରୀ ନାମ୍ନୀ ଦେବୀ ଆବିର୍ଭୂତ ହେଲେ ଓ ବ୍ରହ୍ମା, କାର୍ତ୍ତିକେୟ, ଇନ୍ଦ୍ର, ଯମ, ବରାହରୂପୀ ନାରାୟଣ ଓ ମହେଶ୍ୱର ସମସ୍ତେ ଗୋଟିଏ ଗୋଟିଏ କନ୍ୟା ସୃଷ୍ଟି କଲେ । ଏମାନେ "ମାହେଶ୍ୱରୀ ଚ ମାହେନ୍ଦ୍ରୀ ଇତ୍ୟେତା ଅଷ୍ଟମାତରଃ" । ଏହି ଅଷ୍ଟମାତୃଗଣ ମଧ୍ୟ କାମାଦି ଅଷ୍ଟରିପୁର ରୂପକ ବୋଲି ବରାହ ପୁରାଣରେ ଉଲ୍ଲେଖ ଅଛି । ଯଥା :—

କାମକ୍ରୋଧସ୍ତଥା ଲୋଭୋ
ମଦୋ ମୋହୋଽଥ ପଞ୍ଚମଃ
ମାତ୍ସର୍ଯ୍ୟଂ ଷଷ୍ଠମିତ୍ୟାହୁଃ
ପୈଶୂନ୍ୟଂ ସପ୍ତମଂ ତଥା ।
ଅସୂୟା ଚାଷ୍ଟମୀ ଜ୍ଞେୟା
ଇତ୍ୟେତା ଅଷ୍ଟମାତରଃ ।୩୩
କାମଂ ଯୋଗୀଶ୍ୱରୀଂ ବିଦ୍ଧି
କ୍ରୋଧଂ ମାହେଶ୍ୱରୀଂ ତଥା ।

ଲୋଭସ୍ତୁ ବୈଷ୍ଣବୀ ପ୍ରୋକ୍ତା
ବ୍ରହ୍ମାଣୀ ମଦ ଏବ ଚ ।୩୫।
ମୋହଃ ସ୍ୱୟମ୍ଭୂଃ କୌମାରୀ
ମାତ୍ସର୍ଯ୍ୟଂ ଚେନ୍ଦ୍ରିକାଂ ବିଦୁଃ ।
ଯମଦଣ୍ଡଧରା ଦେବୀ
ପୈଶୁନ୍ୟଂ ସ୍ୱୟମେବ ଚ ।୩୬।
ଅସୂୟା ଚ ବରାହାଖ୍ୟା
ଇତ୍ୟେତାଃ ପରିକୀର୍ତ୍ତିତାଃ ।
କାମାଦିଗଣ ଏଷୋୟଂ
ଶରୀରଂ ପରିକୀର୍ତ୍ତିମ୍ ।୩୭।

କାମ, କ୍ରୋଧ, ଲୋଭ, ମୋହ, ମଦ, ମାତ୍ସର୍ଯ୍ୟ, ପୈଶୁନ୍ୟ ଓ ଅସୂୟା—ଏମାନେ ଅଷ୍ଟମାତୃଗଣ । ଏଥି ମଧ୍ୟରୁ କାମ ଯୋଗେଶ୍ୱରୀ, କ୍ରୋଧ ମାହେଶ୍ୱରୀ, ଲୋଭ ବୈଷ୍ଣବୀ, ମୋହ କୌମାରୀ, ମଦ ବ୍ରାହ୍ମଣୀ, ମାତ୍ସର୍ଯ୍ୟ ଐନ୍ଦ୍ରୀ, ପୈଶୁନ୍ୟ ଯମଦଣ୍ଡ ଧାରିଣୀ ଏବଂ ଅସୂୟା ବାରାହୀ । ଏମାନେ ଶରୀରଧାରୀ ଅଷ୍ଟମାତୃଗଣ ଓ କାମାଦି ଅଷ୍ଟଗଣ ।

ପୁନଶ୍ଚ କୂର୍ମ ପୁରାଣରେ ଏକଶତ ମାତୃଗଣଙ୍କ କଥା ଷୋଡ଼ଶ ଅଧ୍ୟାୟରେ ଅନ୍ଧକ ପରାଜୟ ଉପାଖ୍ୟାନରେ ଥିବାର ଦେଖାଯାଏ । ଯୁଦ୍ଧପରେ ସକଳ ମାତୃଗଣ କ୍ଷୁଧାତୁର ହୋଇ ମହାଦେବଙ୍କୁ କହିଲେ "ଆମ୍ଭେମାନେ କ୍ଷୁଧାରେ କାତର, ଆପଣ ଆଜ୍ଞାକଲେ ଆମ୍ଭେମାନେ ସମସ୍ତେ ତ୍ରୈଲୋକ୍ୟ ଭକ୍ଷଣ କରିବୁଁ । ତା ନହେଲେ ଆମ୍ଭମାନଙ୍କର ପରିତୃପ୍ତି ହେବନାହିଁ । ବିଷ୍ଣୁସମ୍ଭବ ମାତୃକାଗଣ ଏହା କହି ସମସ୍ତ ଚରାଚର ଭକ୍ଷଣ କଲେ । ତତ୍ପରେ ଭୈରବଙ୍କ ପ୍ରାର୍ଥନାରେ ନରସିଂହ ମୂର୍ତ୍ତି ନାରାୟଣ ମାତୃକାଗଣଙ୍କୁ ପାଖକୁ ଡ଼ାକିବାରୁ ସେମାନେ ଭୈରବଙ୍କୁ ସମସ୍ତ ଶକ୍ତି ଦାନକଲେ ।

ପୁରାଣାଦିରୁ ପ୍ରତିପାଦିତ ହେଉଅଛି ଯେ, ମାତୃଗଣ ଯୁଦ୍ଧାର୍ଥେ ଆବିର୍ଭୂତ ହୋଇଥିଲେ । ଏଣୁ ଭାସ୍କର୍ଯ୍ୟରେ ସେମାନେ ରଣରଙ୍ଗିମା

ମୂର୍ତ୍ତିରେ ପ୍ରକଟିତ ହେବା ସ୍ୱାଭାବିକ । ମାତ୍ର ଯାଜପୁର ଓ ପୁରୀର ମାତୃଗଣ ମୂର୍ତ୍ତି ଗୁଡ଼ିକରେ ରଣରଙ୍ଗିଣୀ ଭାବ ଅପେକ୍ଷା ମାତୃଭାବର ପ୍ରାବଲ୍ୟ ଲକ୍ଷିତ ହୁଏ । ଏପରିକି, ଚାମୁଣ୍ଡା ମୂର୍ତ୍ତିରେ ମହିଷମର୍ଦ୍ଦିନୀ ମୂର୍ତ୍ତି ପରି ଚଣ୍ଡମୁଣ୍ଡାଦି ଅସୁର ବଧ ବ୍ୟାପାରରେ ଲିପ୍ତ ରହିବାର ଚିହ୍ନ ବା ରକ୍ତବୀଜର ରକ୍ତପାନ କରିବାର ଚିହ୍ନ ପ୍ରଦର୍ଶିତ ହୋଇନାହିଁ । ଅଥଚ ମହିଷାସୁରକୁ ବିନାଶ କରିବା ଲାଗି ଦେବୀଙ୍କ ନାମ ମହିଷମର୍ଦ୍ଦିନୀ ହେଲାପରି ଚଣ୍ଡମୁଣ୍ଡକୁ ବିନାଶ କରିବା ହେତୁରୁ କାଳୀଙ୍କ ନାମ ଚାମୁଣ୍ଡା ହୋଇଛି ।

ଚଣ୍ଡୀପୁରାଣକାର ଦେବୀଙ୍କଠାରେ ମାତୃଭାବର ଆଧିକ୍ୟ ଦେଖାଇବା ପାଇଁ ସଚେଷ୍ଟ ଥିଲାପରି ଦେଖାଯାଏ । 'ଚିତ୍ତେ କୃପା ସମର ନିଷ୍ଠୁରତା' ବାକ୍ୟାଂଶରୁ ବୁଝାଯାଉ ଅଛି ଯେ, ଜଗନ୍ମାତା ଦେବୀ ଦୁଷ୍ଟ ଲୋକର ଶାସନ ପାଇଁ ବାହ୍ୟ କଠୋରତା ଦେଖାଇଥିଲେ, ମାତ୍ର ଚିତ୍ତରେ କୃପାମୟୀ ଥିଲେ । ଏଣୁ ତାଙ୍କର ସହଚାରିଣୀ ଓ ସାହାଯ୍ୟକାରିଣୀ ତାଙ୍କର ଅଂଶଭୂତା ଦେବୀମାନଙ୍କ ଠାରେ କୃପା ଓ ନିଷ୍ଠୁରତା ଉଭୟ ଭାବ ଆରୋପିତ ହେବା ସମ୍ଭବପର । ଏହି ଭାବରେ ଅନୁପ୍ରାଣିତ ହୋଇ ଓଡ଼ିଶାର ଭାସ୍କରମାନେ ମାତୃଗଣଙ୍କ ମୁଖରେ ସ୍ନେହଭାବ ଫୁଟାଇ ସେଥିରେ ତୃପ୍ତ ନହୋଇ ଅଧିକାଂଶଙ୍କ କୋଳରେ ସନ୍ତାନ ବସାଇ ଅଛନ୍ତି । ମାତ୍ର ଦେବୀମାହାତ୍ମ୍ୟରେ କୌଣସି ମାତଗଣଙ୍କ କୋଳରେ ବାଳକ ଥିବାର ବର୍ଣ୍ଣନା ନାହିଁ । ତେବେ ଏହି ବ୍ୟତିକ୍ରମ କାରିଗରର କଳ୍ପନା ପ୍ରସୂତ ନା ଶାସ୍ତ୍ରାନୁମୋଦିତ ?

ମତ୍ସ୍ୟ ପୁରାଣର ୨୬୧ ଅଧ୍ୟାୟରେ ମାତୃଗଣ ପ୍ରତିମାର ଲକ୍ଷଣ ସମ୍ବନ୍ଧରେ ନିମ୍ନୋକ୍ତ ବିବରଣ ମିଳେ ।

ମାତୃଣାଂ ଲକ୍ଷଣଂ ବକ୍ଷ୍ୟେ
ଯଥାବଦନୁପୂର୍ବଶଃ ।
ବ୍ରହ୍ମାଣୀ ବ୍ରହ୍ମସଦୃଶୀ
ଚତୁର୍ବକ୍ତ୍ରା ଚତୁର୍ଭୁଜା ।୨୪।
ହଂସାଧିରୂଢ଼ା କର୍ତ୍ତବ୍ୟା
ସାକ୍ଷସୂତ୍ର କମଣ୍ଡଳୁଃ ।

ମହେଶ୍ୱରସ୍ୟ ରୂପେଣ
ତଥା ମାହେଶ୍ୱରୀ ମତା ।୨୫।
ଜଟା ମୁକୁଟ ସଂଯୁକ୍ତା
ବୃଷସ୍ଥା ଚନ୍ଦ୍ରଶେଖରା ।
କପାଳ—ଶୂଳ—ଖଟ୍ୱାଙ୍ଗ—
ବରଦାଢ୍ୟା ଚତୁର୍ଭୁଜା ।୨୬।
କୁମାରରୂପା **କୌମାରୀ**
ମୟୂର ବରବାହନା ।
ରକ୍ତବସ୍ତ୍ରଧାରା ତଦ୍‌ବତ୍
ଶୂଳଶକ୍ତିଧରା ମତା ।୨୭।
ହାର—କେୟୂର ସମ୍ପନ୍ନା
କୁକବାକୁଧରା ତଥା ।
**ବୈଷ୍ଣବୀ** ବିଷ୍ଣୁ ସଦୃଶୀ
ଗରୁଡ଼େ ସମୁପସ୍ଥିତା ।୨୮।
ଚତୁର୍ବାହୁଶ୍ଚ ବରଦା
ଶଙ୍ଖ—ଚକ୍ର—ଗଦାଧାରା ।
ସିଂହାସନଗତା ବାପି
**ବାଲକେନ ସମନ୍ୱିତା** ।୨୯।
ବାରାହୀଞ୍ଚ ପ୍ରବକ୍ଷାମି
ମହିଷୋପରି ସଂସ୍ଥିତାମ୍ ।
ବରାହ ସଦୃଶୀ ଦେବୀ
ଶିରଶ୍ଚାମରଧାରିଣୀ ।୩୦।
ଗଦା ଚକ୍ରଧରା ତଦ୍‌ବ—
ଦାନବେନ୍ଦ୍ରବିନାଶିନୀ ।
**ଇନ୍ଦ୍ରାଣୀ** ମିନ୍ଦ୍ର ସଦଶୀଂ
ବଜ୍ର—ଶୂଳ ଗଦାଧରାଂ ।୩୧।
ଗଜାସନଗତାଂ ଦେବୀଂ
ଲୋଚନୈର୍ବହୁଭିର୍ବୃତାଂ ।

ତପ୍ତକାଞ୍ଚନବର୍ଣ୍ଣାଙ୍ଗୀଂ
ସର୍ବାଭରଣଭୂଷିତାଂ ।୩୨।
ତୀକ୍ଷ୍ଣ ଖଡ୍‌ଗଧରାଂ ତଦ୍ବତ୍
ବନ୍ଦେ **ଯୋଗେଶ୍ୱରୀ** ମିମାଂ
ଦୀର୍ଘ ଜିହ୍ୱା ମୁକ୍ତକେଶୀ—
ମସ୍ତିଖଣ୍ଡୈଶ୍ଚ ମଣ୍ଡିତାଂ ।୩୩।
ଦଂଷ୍ଟ୍ରାକରାଳବଦନାଂ
କୁର୍ମ୍ୟାଚ୍ଚୈ ଚ କୃଶୋଦରୀଂ ।
କପାଳମାଳିନୀଂ ଦେବୀଂ
ମୁଣ୍ଡମାଳାବିଭୂଷିତାଂ ।୩୪।
କପାଳଂ ବାମହସ୍ତେ ତୁ
ମାଂସଶୋଣିତପୂରିତଂ ।
ମସ୍ତିଷ୍କାସ୍ଥିଞ୍ଚ ବିଭ୍ରାଣାଂ
ଶକ୍ତିକାଂ ଦକ୍ଷିଣେ କରେ ।୩୫।
ଗୃଧ୍ରସ୍ଥା ବାୟସସ୍ଥା ବା
ନିର୍ମାଂସା ବିନତୋଦରୀ ।
କରାଳବଦନା ତଦ୍ବତ୍
କର୍ତ୍ତବ୍ୟା ସା ତ୍ରିଲୋଚନା ।୩୬।
**ଚାମୁଣ୍ଡା** ବଦ୍ଧଘଣ୍ଟା ବା
ଦ୍ୱୀପଚର୍ମଧରା ଶୁଭା ।
ଦିଗ୍‌ବାସାଃ **କାଳିକା** ତଦ୍ବ—
ଦ୍ରାସଭସ୍ଥା କପାଳିନୀ ।୩୭।
ସୁରକ୍ତ ପୁଷ୍ପାଭରଣା
ବର୍ଦ୍ଧମାଧ୍ୱଜ ସଂଯୁତା ।
(୧) ବିନାୟକଞ୍ଚ କୁର୍ବୀତ
ମାତୃଣାମନ୍ତିକେ ସଦା ।୩୮।

---

୧ । ଯାଜପୁରସ୍ଥିତ ଦଶାଶ୍ୱମେଧ ଘାଟର ଗଣେଶ ମୂର୍ତ୍ତି ଯେ ମାତୃଗଣର ଅନ୍ତର୍ଭୁକ୍ତ ଥିଲେ, ଏହି ଶ୍ଲୋକରୁ ପ୍ରମାଣ ମିଳେ ।

(୨) ବୀରେଶ୍ୱରସ୍ତୁ ଭଗବାନ୍
ବୃଷାରୂଢ଼ୋ ଜଟାଧରଃ ।
ବୀଣାହସ୍ତସ୍ତି ଶୂଳୀ ଚ
ମାତୃଣାମଗ୍ରତୋ ଭବେତ୍ ।୩୯।

ମତ୍ସ୍ୟ ପୁରାଣରେ କେବଳ ବୈଷ୍ଣବୀ ପ୍ରତିମା ବାଳକସମନ୍ୱିତା ହେବାର ବିଧାନ ଅଛି । କିନ୍ତୁ ପୁରୀ ଓ ଯାଜପୁରର ଚାମୁଣ୍ଡା ଓ ଶିବଦୂତୀ ବ୍ୟତୀତ ସମସ୍ତ ମାତୃଗଣ ପ୍ରତିମା ଗୁଡ଼ିକ ଶିଶୁସମନ୍ୱିତ ଥିବାର ଦେଖାଯାଏ । ଏହି ବ୍ୟତିକ୍ରମ ଶାସ୍ତ୍ରାନୁମୋଦିତ ନ ହେଲେ ମଧ୍ୟ ଭାସ୍କରର ସ୍ୱାଧୀନ ଶିଳ୍ପ-ପ୍ରତିଭା ଥିବାର ପ୍ରମାଣିତ କରୁଅଛି ।

ମାତୃଗଣ ମୂର୍ତ୍ତି ଗୁଡ଼ିକ ଚତୁର୍ଭୁଜା, ଉପର ଦୁଇଟି ଭୁଜରେ ଯୁଦ୍ଧାୟୁଧ ଥିବାରୁ ଦେବୀମାନଙ୍କର ରଣରଙ୍ଗିମୀ ମୂର୍ତ୍ତି ଦର୍ଶକନେତ୍ରରେ ପ୍ରତିଭାତ ହେଉଅଛି । ପକ୍ଷାନ୍ତରେ ତଳ ଦକ୍ଷିଣ ଭୁଜଦ୍ୱାରା ଦେବୀ ଅଭୟ ଦାନ କରୁଥିବାରୁ ଓ ବାମ ଭୁଜରେ ସନ୍ତାନ ଧରିଥିବାରୁ ଦେବୀଙ୍କର ବାତ୍ସଲ୍ୟ ପ୍ରକାଶିତ ହେଉଅଛି । ମୂର୍ତ୍ତି ଗୁଡ଼ିକ ମୁଖରେ ସମରପ୍ରିୟତା ଅପେକ୍ଷା ବାତ୍ସଲ୍ୟର ଆଧିକ୍ୟ ଦେଖାଇବା ପାଇଁ ଶିଳ୍ପୀ ମୃଦୁ ହାସ୍ୟ ଫୁଟାଇ ଅଛି, ତଦ୍ଦ୍ୱାରା ଦେବୀଗଣଙ୍କର ମାତୃଭାବ ପ୍ରକଟିତ ହେଉଅଛି । ଏହି ମୂର୍ତ୍ତି ଗୁଡ଼ିକ ଦେଖି ମନେହୁଏ, ୮ମ ଓ ୯ମ ଶତାବ୍ଦୀରେ ଶାକ୍ତଧର୍ମର ମୂଳରେ ଅହିଂସା ପ୍ରବୃତ୍ତିର ପ୍ରଧାନ ଲକ୍ଷ୍ୟ ଥିଲା ।

---

୨ । ପୁରୀର ମାତୃଗଣ ମୂର୍ତ୍ତି ମଧ୍ୟରେ ଗୋଟିଏ ବୃଷାରୂଢ଼ ପୁରୁଷ ମୂର୍ତ୍ତି ଅଛି । ଏହି ମୂର୍ତ୍ତିଟି ବୀରେଶ୍ୱର ମୂର୍ତ୍ତି ବୋଲି ବୋଲାଯାଇପାରେ ।

# ଗ୍ରାମଦେବତା

ଆମ୍ଭମାନଙ୍କ ଦେଶରେ ପ୍ରତ୍ୟେକ ଗ୍ରାମରେ ଗ୍ରାମ ଦେବତା ଅଛନ୍ତି-ସେହି ଦେବତାର ପୂଜା- ଆରାଧନାର ବିଧି ଆମ୍ଭମାନଙ୍କୁ ବିଶେଷ ଭାବରେ ଜଣା ଅଛି । ବିବାହ ଉପନୟନରେ ଗ୍ରାମଦେବତା ଠାରେ ପୂଜା ନ ହେଲେ 'ମଙ୍ଗଳନ' ହୁଏ ନାହିଁ । ଘରେ ପୂଜାଟିଏ ହେଲେ ପଞ୍ଚ ଦେବତାଙ୍କର ଆବାହନ ସହିତ ଗ୍ରାମଦେବତାଙ୍କୁ ଆବାହନ କରାଯାଏ । ଏଣୁ ଏହି ଗ୍ରାମଦେବତାଙ୍କର ଇତିବୃତ୍ତ ଜାଣିବାକୁ କାହାର ସ୍ୱତଃ ପ୍ରବୃତ୍ତି ନ ହେବ ?

ଘଟ ପୂଜାବେଳେ ପୁରୋହିତ "ଯଦ୍ ଗ୍ରାମେ, ଯଦରଣ୍ୟେ" ଇତ୍ୟାଦି ମନ୍ତ୍ର ଉଚ୍ଚାରଣ କରି "ଗ୍ରାମ ଦେବତାୟୈ ନମଃ, ଗ୍ରାମ ଦେବତା-ମାବାହୟାମି, ଗ୍ରାମଦେବତା ଅତ୍ରାଗଚ୍ଛ" ଇତ୍ୟାଦି ମନ୍ତ୍ର ଉଚ୍ଚାରଣ କରିଥାନ୍ତି । ଏହି ମନ୍ତ୍ରଗୁଡ଼ିକ ଯଜୁର୍ବେଦାନ୍ତର୍ଗତ କାଣ୍ୱ ସଂହିତା କାର୍ଯ୍ୟଶା ମନ୍ତ୍ର ପୋଥିରେ ସ୍ଥାନ ପାଇଅଛି । ଓଡ଼ିଶାରେ ଯଜୁର୍ବେଦ ସଂହିତାର କାଣ୍ୱ ଶାଖା ସୁପରିଚିତ । ସାମବେଦର ମନ୍ତ୍ରରେ ମଧ୍ୟ ଗ୍ରାମ ଦେବତାର ଏହିପରି ଉଲ୍ଲେଖ ଅଛି । "ଯଦ୍ ଗ୍ରାମେଷୁ ପ୍ରତିତିଷ୍ଠାମି ଦେବୀ ତଦ୍ ଗ୍ରାମେଷୁ ପ୍ରତିତିଷ୍ଠାଭିରସ୍ତାତ, ତଦମ୍ବିକା କୃପୟାତବାଦ୍ଧ୍ୟେଣ ତଦେଶ୍ୱରୀ ମାଂ ଦେବୀଭ୍ୟଃ" ଇତ୍ୟାଦି । ଏଣୁ ଗ୍ରାମଦେବତା ଯେ ବୈଦିକ ଯୁଗର ଦେବତା ଏଥିରେ ସନ୍ଦେହ କରାଯାଇ ନ ପାରେ ।

ଭାରତର ଶାକ୍ତମତାବଲମ୍ବୀମାନେ ଦେବୀଙ୍କର ଆରାଧନା କରିବା ପ୍ରଥା ଅତି ପ୍ରାଚୀନ, ଏପରି କି ବୈଷ୍ଣବ ଧର୍ମର କୃଷ୍ଣ ବାସୁଦେବଙ୍କ ଠାରୁ ମଧ୍ୟ ପ୍ରାଚୀନତର । ବେଦରେ ଦେବୀମାନଙ୍କର ବର୍ଣ୍ଣନା ବିଶେଷ ଭାବରେ

ଦେଖାଯାଏ ନାହିଁ । 'ଯେକବ' ସାହେବ ବେଦରୁ ମିଳିଥିବା କେତୋଟି ଦେବୀର ନାମ ଉଲ୍ଲେଖ କରି ଅଛନ୍ତି । ସାମବେଦର ମନ୍ତ୍ରରେ ଅମ୍ବିକାଙ୍କର ନାମ ଉଲ୍ଲେଖ ଥିବାର ଦେଖା ଯାଉଅଛି । ସାମବେଦ ବା ଯଜୁର୍ବେଦର ଯେଉଁ ଅଂଶରେ ଗ୍ରାମଦେବତା ଉଲ୍ଲେଖ ଅଛି, ତାହାର ପ୍ରାଚୀନତା ବେଦର ସମକାଳୀନ କି ନା କହିବା କଠିନ । ଶାକ୍ତ ଧର୍ମର ଦେବୀଙ୍କ ସହିତ ଯେଉଁ ଦେବୀମାନଙ୍କ ନାମର ଐକ୍ୟ ଥିଲେ ମଧ୍ୟ ତାହା ଶାକ୍ତ ଭାବାପନ୍ନ ବୋଲି ପ୍ରତିପାଦନ କରିବା କଠିନ । କେବଳ ମହାଭାରତରେ ଶାକ୍ତ ଧର୍ମର ଦେବୀଙ୍କର ପୂର୍ଣ୍ଣ ପ୍ରକାଶ ପାଇଅଛି । ମାତ୍ର ଗ୍ରାମ ଦେବତାର ଉପାସନା ଶାକ୍ତମୂଳକ ବା ସ୍ୱତନ୍ତ୍ର ତାହାର କୌଣସି ତଥ୍ୟ ଜଣା ଯାଇ ନାହିଁ !

ନାନା ସ୍ଥାନରେ ଦେବୀ ବିରାଜମାନ କରିବାର କଥା ଶ୍ରୀମଦ୍ ଭାଗବତରେ ଲିଖିତ ଥିବାର ଦେଖାଯାଏ । ବିଶ୍ୱାତ୍ମା ଭଗବାନ ଯୋଗ ମାୟାଙ୍କୁ ଦଶମ ସ୍କନ୍ଧର ୩ୟ ଅଧ୍ୟାୟରେ କହୁଅଛନ୍ତି :—

ଗଚ୍ଛ ଦେବି ! ବ୍ରଜଂ ଭଦ୍ରେ ଗୋପ ଗୋ-ଭିରଲଙ୍କୃତଂ,
ରୋହିଣୀ ବାସୁଦେବସ୍ୟ ଭାର୍ଯ୍ୟାସ୍ତେ ନନ୍ଦ ଗୋକୁଲେ,
ଅନ୍ୟାଶ୍ଚ କଂସ ସଂବିଗ୍ନା ବିବରେଷୁ ବସନ୍ତି ହି ।୭।
ଦେବକ୍ୟା ଜଠରେ ଗର୍ଭଂ ଶେଷାଖ୍ୟଂ ଧାମ ମାମକମ୍,
ତତ୍ ସନ୍ନିକୃଷ୍ୟ ରୋହିଣ୍ୟା ଉଦରେ ସନ୍ନିବେଶୟ ।୮।
ଅଥାହମଂଶ ଭାଗେନ ଦେବକ୍ୟା ପୁତ୍ରତାଂ ଶୁଭେ,
ପ୍ରାପ୍ସ୍ୟାମି ତ୍ୱଂ ଯଶୋଦାୟାଂ ନନ୍ଦପତ୍ନ୍ୟା ଭବିଷ୍ୟସି ।୯।
ଅର୍ଚ୍ଚିଷ୍ୟନ୍ତି ମନୁଷ୍ୟାସ୍ତ୍ୱାଂ ସର୍ବକାମବରେଶ୍ୱରୀମ୍,
ଧୂପୋପହାରବଳିଭିଃ ସର୍ବକାମବରପ୍ରଦାମ୍ ।୧୦
ନାମଧେୟାନି କୁର୍ବନ୍ତି ସ୍ଥାନାନି ଚ ନରା ଭୁବି,
ଦୁର୍ଗେତି ଭଦ୍ରକାଳୀତି ବିଜୟା ବୈଷ୍ଣବୀତି ଚ ।୧୧।
କୁମୁଦା ଚଣ୍ଡିକା କୃଷ୍ଣା ମାଧବୀ କନ୍ୟକେତି ଚ,
ମାୟା ନାରାୟଣୀଶାନୀ ଶାରଦେତ୍ୟମ୍ବିକେତି ଚ ।୧୨।

ତତ୍ପରେ କୃଷ୍ଣ ଜନ୍ମ ପରେ ସଦ୍ୟୋଜାତା କନ୍ୟାକୁ ହତ୍ୟା ନ କରିବା ପାଇଁ ଦେବକୀ କଂସକୁ ବହୁ ପ୍ରାର୍ଥନା କରିଥିଲେ । ମାତ୍ର ଦୁରାତ୍ମା କଂସ ତାଙ୍କୁ ଭର୍ତ୍ସନା କରି ତାଙ୍କର କୋଳରୁ ସେଇ କନ୍ୟାକୁ ବଳପୂର୍ବକ ଛାଣି ଆଣିଲା ଓ ଭଗିନେୟୀର ପାଦ ଧରି ଶୀଳା ଉପରେ କଚାଡ଼ି ଦେବା ଅଭିପ୍ରାୟରେ ଉପରକୁ ଫିଙ୍ଗି ଦେଲା । ଦଶମସ୍କନ୍ଧ ୪ର୍ଥ ଅଧ୍ୟାୟରେ ଦେବୀଙ୍କର ବର୍ଣ୍ଣନା ଅଛି ।

ସା ତଦ୍ଧସ୍ତାତ୍ ସମୁତ୍ପତ୍ୟ ସଦ୍ୟୋ ଦେବ୍ୟମ୍ବରଂ ଗତା
ଅଦୃଶ୍ୟତାନୁଜା ବିଷ୍ଣୋ ସାୟୁଧାଷ୍ଟ ମହାଭୁଜା । ୯ ।
ଦିବ୍ୟସ୍ରଗମ୍ବରାଲେପ ରତ୍ନାଭରଣଭୂଷିତା
ଧନୁ ଶୂଳେଷୁ ଚର୍ମାସି ଶଙ୍ଖ ଚକ୍ର ଗଦାଧରା । ୧୦ ।
ସିଦ୍ଧଚାରଣ ଗନ୍ଧର୍ବୈ ରପ୍ସରଃ କିନ୍ନରୋରଗୈଃ
ଉପାହୃତୋରୁବଳିଭିଃ ସ୍ତୂୟମାନେଦମବ୍ରବୀତ୍ । ୧୧ ।
କିଂ ମୟା ହତୟା ମନ୍ଦ ଜାତୋ ଖଳୁ ତବାନ୍ତକୃତ୍
ଯତ୍ର କ୍ୱବା ପୂର୍ବ ଶତ୍ରୁର୍ମା ହିଂସୀଃ କୃପଣାନ୍ ବୃଥା । ୧୨ ।
ଇତି ପ୍ରଭାଷ୍ୟ ତାଂ ଦେବୀ ମାୟା ଭଗବତୀ ଭୁବି
ବହୁନାମ ନିକେତେଷୁ ବହୁ ନାମା ବଭୂବ ହ । ୧୩ ।

ଉଦ୍ଧୃତ ଶ୍ଳୋକଗୁଡ଼ିକର ମର୍ମାନୁବାଦ ଜଗନ୍ନାଥ ଦାସଙ୍କର ଭାଗବତରେ ଯାହା ବର୍ଣ୍ଣିତ ଅଛି ତାହା ତଳେ ଦିଆଗଲା ।

ଦୁର୍ଗାଙ୍କୁ ନିକଟେ ବସାଇ । କହନ୍ତି ପ୍ରଭୁ ଭାବଗ୍ରାହୀ ॥
ଅମ୍ବିକା ଶୁଣ ମୋ ଉତ୍ତର । ବନ୍ଦନ ଯାଅ ମଧୁପୁର ॥
ମଥୁରା କଂସ ବନ୍ଦୀ ଘରେ । ମିଳିବୁ ପ୍ରଥମ ପ୍ରହରେ ॥
ବନ୍ଦ କରିଛି କଂସ ରାୟେ । ଏକ ଶାଙ୍କୁଳ ବେନି ପାଏ ॥
ବସୁଦେବଙ୍କୁ ଯେତେବେଳେ । ଧରି ଆଣିଲା କଂସ ବଳେ ॥
ତାହାର ସ୍ତ୍ରୀ ନନ୍ଦଘରେ । ଯାଇ ଲୁଚିଲା କଂସ ଡରେ ॥
ରୋହିଣୀ ନାମେ ବିଦ୍ୟମାନ । ତାହାର ଗର୍ଭ ଅଛି ଶୂନ୍ୟ ॥
ଦେବକୀ ଦେବୀ ନିଦ୍ରାକାଳେ । ଗର୍ଭ ହରିବୁ ଯୋଗବଳେ ॥

ମିଳବୁ ନନ୍ଦ ଘରେ ଯାଇ । ରୋହିଣୀ ଗର୍ଭେ ତାହା ଥୋଇ ॥
ଜନ୍ମ ବୁ ଯଶୋଦା ଉଦରେ । ମୁଁ ପୁଣି ଯିବି ମଥୁପୁରେ ॥
ଦେବକୀ ଗର୍ଭେ ହେବ ଜାତ । ଜଗତେ ହୋଇବ ବିଦିତ ॥
ମୋତେ ଘେନିଣ ଯିବେ ତାତ । ଯଶୋଦା ଗର୍ଭେ ତୁ ଯେ ଜାତ ॥
ତୋତେ ଆଣିବେ ମୋତେ ଥୋଇ । ଏ କଥା ନ ଜାଣିବେ କେହି ॥
ଏମନ୍ତେ କଂସର ମରଣ । ହସି କହନ୍ତି ନାରାୟଣ ॥
ଲୋକେ ହୋଇବୁ ତୁ ଯେ ଜାତ । ଜଗତେ ହୋଇବୁ ବିଖ୍ୟାତ ॥
ସର୍ବେ କରିବେ ତୋତେ ପୂଜା । ଅନେକ ଦେବେ ବଳିଭୋଜା ॥
ଭକ୍ତକୁ ହୋଇବୁ ପ୍ରସନ୍ନ । ଅନେକ ହେବ ତୋର ନାମ ॥
ମାୟା, ବିଜୟା, ଭଦ୍ରା କାଳୀ । ଚଣ୍ଡିକା, କୁମୁଦା କଙ୍କାଳୀ ॥
କନ୍ୟକା କୃଷ୍ଣା ଯେ ମାଧବୀ । ଇଶାନୀ, ଶାରଦା, ବୈଷ୍ଣବୀ ॥
ଦୁର୍ଗା, ଅମ୍ବିକା, ନାରାୟଣୀ । ଏକୁ ଅନେକ ନାମ ଭଣି ॥ •
ଗ୍ରାମ ଗ୍ରାମକେ କରି ସ୍ଥାନ । ପୂଜନ୍ତେ ହୋଇବୁ ପ୍ରସନ୍ନ ॥
ଅନ୍ତ କରିବ ମୁହିଁ କେତେ । ଅନେକ ନାମ ତୋ ଜଗତେ ॥
ପୂଜା କରିବେ ସର୍ବଜନେ । ରଜା ପରଜା ସ୍ଥାନେ ସ୍ଥାନେ ॥
ସ୍ତୁତି ପଠନ ମନ୍ତ୍ର ଧ୍ୟାନ । ଷୋଡ଼ଶ ଉପଚାରମାନ ॥
ଶୁଣ ବଚନ ଆଦ୍ୟମାତା । ଫେଡ଼ ଦେବକୀ ଦୁରବସ୍ଥା ॥

ରାଜକିଶୋର ଦାସଙ୍କର ପ୍ରକାଶିତ ଭାଗବତ ଦଶମସ୍କନ୍ଧ

(୩ୟ ଅଧ୍ୟାୟ ୧୬ ପୃଷ୍ଠା)

* * * *

ରୁହିଁଲା ଅଧର କାମୋଡ଼ି । କୋଳରୁ ଆଣିଲା ଉଚ୍ଛୁଡ଼ି ॥
ବେନି ଚରଣ ଧରି କରେ । ବୁଲାଇ ପିଟିଲା ଶିଳାରେ ॥
ଯେ ଦେବୀ ଜଗତ ସଂହାରେ । କାହାର ବଳେ ତାକୁ ମାରେ ॥
କଂସ ହସ୍ତରୁ ଗଲେ ଚଳି । ଗଗନେ ଯେସନେ ବିଜୁଳି ॥
ତେଜେ ଦଶଦିଗ ବିରାଜେ । ବେନି ଚରଣ ଅଷ୍ଟଭୁଜେ ॥
କେ କହୁ ଦେବୀ ଆଭରଣ । ଅଙ୍ଗଦ ନୂପୁର କଙ୍କଣ ॥
ଗନ୍ଧ ଚନ୍ଦନ ପୁଷ୍ପମାଳ । ତେତିଶ କୋଟି ଦେବେ ମିଳ ॥

ସ୍ତୁତି କରନ୍ତି ସୁର ମୁନି । କଂସକୁ କହନ୍ତି ଭବାନୀ ॥
ରେ କଂସ ଶୁଣ ମୋ ଉତ୍ତର । ତୋର ବଇରୀ ଚକ୍ରଧର ॥
ସେ ତୋତେ କରିବେ ସଂହାର । ଆଉର ଯେତେକ ଅସୁର ॥
ତୋହର ପାଇଁ ଦେହ ବହି । ଜାତ ହୋଇଲେ ଯହିଁ ତହିଁ ॥

* * * *

ଦେବୀ ଚଳିଲେ ନିଜ ସ୍ଥାନ । ଉଚ୍ଚାଟ କରି କଂସମନ ॥

(୫ମ ଅଧ୍ୟାୟ ୧୪ପୃଷ୍ଠା)

ବିବାହର ପୂର୍ବଦିନ 'ମଙ୍ଗଳନ' ନାମରେ ଉତ୍କଳର ସର୍ବତ୍ର ଅଭିହିତ ହୁଏ । 'ମଙ୍ଗଳନ' ଦିନ ବର-କନ୍ୟାର ଆତ୍ମୀୟଗଣ ପୂଜାସାମଗ୍ରୀ ଧରି ରାତିରେ ଠାକୁରାଣୀ ମନ୍ଦିରକୁ ଯାଆନ୍ତି । ସେମାନଙ୍କ ସଙ୍ଗରେ ମଧ୍ୟ ବାଦ୍ୟାଦି ଥାଏ । ଏବେ 'ମଙ୍ଗଳନ' ଦିନ ଗ୍ରାମର ଠାକୁରାଣୀଙ୍କ ପାଖକୁ କନ୍ୟା ଯିବାର ଦେଖାଯାଏ ନାହିଁ । ମାତ୍ର ଶ୍ରୀମଦ୍ଭାଗବତର ବର୍ଣ୍ଣନାରୁ ଦେଖାଯାଏ ଯେ ସେତେବେଳେ କନ୍ୟା ନିଜେ ଦେବୀଙ୍କର ପୂଜା କରିବାକୁ ଯାଉଥିଲେ । ଦଶମସ୍କନ୍ଧର ୫୨ ଅଧ୍ୟାୟରେ ରୁକ୍ମିଣୀ ଶ୍ରୀକୃଷ୍ଣଙ୍କୁ ଯେଉଁ ଚିଠାଉ ଲେଖିଥିଲେ ସେଥିରେ ଏହି 'ମଙ୍ଗଳନ' ବିଷୟର ଉଲ୍ଲେଖ ଅଛି । ଯଥା:—

ଅନ୍ତଃପୁରାନ୍ତରଚରୀମନିହତ୍ୟ ବନ୍ଧୂନ୍,
ତ୍ୱାମୁଦ୍ୱହେ କଥମିତି ପ୍ରବଦାମ୍ୟୁପାୟମ୍ ।
ପୂର୍ବେଦ୍ୟୁରସ୍ତି ମହତୀ କୁଳଦେବଯାତ୍ରା,
ଯସ୍ୟାଂ ବହିର୍ନବବଧୂ ଗିରିଜାମୁପେୟାତ୍ । ୪୨ ।

ଅର୍ଥାତ୍—ଆପଣ ଯଦି କହନ୍ତି ଯେ ତୁମ୍ଭର ବନ୍ଧୁଗଣଙ୍କୁ ବଧ ନ କରି କିରୂପେ ଅନ୍ତଃପୁରଚାରିଣୀ ତୁମ୍ଭଙ୍କୁ ଗ୍ରହଣ କରିବି, ତାହାହେଲେ ତାହାର ଉପାୟ ମଧ୍ୟ କହୁଅଛି । ବିବାହର ପୂର୍ବଦିନ ମହା ସମାରୋହ-ସହକାରେ ଆମ୍ଭର କୁଳଦେବତାଙ୍କଠାକୁ ଯିବାର ପ୍ରଥା ଅଛି । ନବବଧୂ ଏହି ଉପଲକ୍ଷେ ଘରର ବାହାରେ ଥିବା ଅମ୍ବିକା ଦେବୀଙ୍କ ମନ୍ଦିରକୁ ଯାଇଥାନ୍ତି ।

ଜଗନ୍ନାଥ ଦାଶ ଏହି ବିଷୟ ଠିକ୍ ଅନୁବାଦ କରି ଲେଖିଅଛନ୍ତି ।
ରାଜ ପାଇଲେ ଅଧିବାସ
ହୋଇବ ମଙ୍ଗଳ ଦିବସ ।

* * * *

ହେ ନାଥ ଭକ୍ତ ଅବା ଶତ୍ରେ । ମୁଁ ତୋତେ ଆଣିବ କେମନ୍ତେ ॥
ରାଜାର ଅନ୍ତଃପୁରେ ଥାଇ । ତୋତେ ପାଇବ ମୁହିଁ କାହିଁ ॥
ତହିଁକ କହିବ ଉପାୟ । ଶୁଣିବା ପ୍ରଭୁ ଦେବ ରାୟ ॥
ଆମ୍ଭର ଅଛି କୁଳାଗ୍ରର । କନ୍ୟାକୁ କରନ୍ତି ବାହାର ॥
ଭବାନୀ ପୂଜିବା ନିମନ୍ତେ । ଅମ୍ବିକା ଗୃହ ଗ୍ରାମ ଅନ୍ତେ ॥
ଯାତ୍ରା ଉତ୍ସବେ ମୁହିଁ ଯିବି । ଭବାନୀ ଚରଣେ ପୂଜିବି ॥
ପଥେ ଆସିବା ବେଳେ ମୋତେ । ରାଜାଏ ଦେଖିବେ ସମସ୍ତେ ॥
ଥିବି ମୁଁ ସ୍ତ୍ରୀଗଙ୍କର ମେଳେ । ସେଠାରୁ ନିଅ ମୋତେ ବଳେ ॥
(୫୭ ଅଧ୍ୟାୟ—ପୃ ୨୯୪ଷ୍ଠା)

ରୁକ୍ମିଣୀଙ୍କର ଅମ୍ବିକାଦେବୀଙ୍କ ମନ୍ଦିର ଗମନ ବର୍ଣ୍ଣନା ଆଧୁନିକ ମଙ୍ଗଳନ ଯାତ୍ରା ସହିତ ଏକ ଥିବାର ଦେଖାଯାଏ ।

ଉଦ୍ଧୃତାଂଶରୁ 'ବହୁନାମ ନିକେତେଷୁ ବହୁନାମୀ ବଭୁବ ହ ।' କଥାଗୁଡ଼ିକ ଅର୍ଥ ଟୀକାକାର ଲେଖିଅଛନ୍ତି 'ବହୁନାମ ନିକେତେଷୁ' (ବାରାଣସ୍ୟାଦି ବହୁନାମଧାରୀ କ୍ଷେତ୍ରେଷୁ) ଓ ବହୁନାମା (ଅନେକ ନାମଭିଃ ଅନ୍ନପୂର୍ଣ୍ଣାଦିଭିଃ ଖ୍ୟାତା) । ମାତ୍ର ଏହାର ଅର୍ଥ ସେତେ ଦୂର ସଙ୍ଗତ ହେଉ ନାହିଁ । କାରଣ ଅନ୍ୟତ୍ର 'ନାମଧେୟାନି' ଓ 'ସ୍ଥାନାନି' ଶବ୍ଦଗୁଡ଼ିକର ଅର୍ଥ ପରି 'ବହୁନାମା' ଓ 'ବହୁନାମ' 'ନିକେତେଷୁ' ଶବ୍ଦର ବ୍ୟାପକ ଅର୍ଥ ଅଛି । 'ବାରାଣସୀ' ଓ ଅନ୍ନପୂର୍ଣ୍ଣା ଅର୍ଥଟି ଟାଣି ଓଟାର ଅର୍ଥ-କଳ୍ପିତ ଜଣାଯାଉ ଅଛି । 'ବହୁନାମ ନିକେତେଷୁ'ର ଅର୍ଥ ଦେବୀଙ୍କର ପୀଠ ସ୍ଥାନ ବୋଲି ବଙ୍କିମଚନ୍ଦ୍ର କହିଅଛନ୍ତି । ଏପରି ଅର୍ଥରେ ବୈଷ୍ଣବ ଧର୍ମର ଏହି ଦେବୀ ଶାକ୍ତ ଧର୍ମର ଦେବୀଙ୍କଠାରୁ ପୃଥକ୍ ବୋଲି ସ୍ୱୀକାର

କରାଯାଇ ନାହିଁ । ଶାକ୍ତଧର୍ମାବଲମ୍ବୀମାନଙ୍କୁ ଦେବୀଙ୍କଠାରେ ଅଭେଦତ୍ୱ ଦର୍ଶାଇ ବୈଷ୍ଣବଧର୍ମ ପ୍ରତି ଆକୃଷ୍ଟ କରିବା ଭାଗବତ ପ୍ରଣେତାଙ୍କର ବିଶେଷ ପ୍ରଚ୍ଛନ୍ନ ଉଦ୍ଦେଶ୍ୟ ଥିବାର ଅନୁମିତ ହୁଏ ନାହିଁ କି ? ପ୍ରଚଳିତ ଗ୍ରାମ ଦେବତାରୁ ଶାକ୍ତ ମତର ବିକାଶ ପରେ ଦେବୀଙ୍କଠାରେ ବୈଷ୍ଣବୀ ଭାବ ଆରୋପଣ କରିବା ବୈଷ୍ଣବ ମତର ବିଶେଷତ୍ୱ । ଏଣୁ ବୈଷ୍ଣବମତକୁ ଶାକ୍ତମତଠାରୁ ଅପେକ୍ଷାକୃତ ଆଧୁନିକ ବୋଲି ମନେ ହୁଏ । ଯାହାହେଉ ଶ୍ରୀମଦ୍‌ଭାଗବତରୁ ଏତିକି ସ୍ପଷ୍ଟ ପ୍ରମାଣିତ ହେଉଅଛି ଯେ ଗ୍ରନ୍ଥକାରଙ୍କ ସମୟରେ ଦେଶର ଗ୍ରାମଦେବତାଙ୍କର ପୂଜା ପ୍ରଚଳିତ ଥିଲା ଓ ତଦନୁସାରେ ଆମ୍ଭମାନଙ୍କର ସାମାଜିକ ରୀତିନୀତିଗୁଡ଼ିକ ଗଢ଼ା ଯାଇଥିଲା ଓ ଅଦ୍ୟାପି ପ୍ରଚଳିତ ଅଛି ।

# ଉତ୍କଳର ପ୍ରାଚୀନ ମୁଦ୍ରା

ଲୁପ୍ତ ଇତିହାସ ଉଦ୍ଧାର କରିବାର ପ୍ରଧାନ ଉପକରଣ ମଧ୍ୟରୁ ପ୍ରାଚୀନ ମୁଦ୍ରା ଅନ୍ୟତମ । ଏହି ଉପକରଣ ସାହାଯ୍ୟରେ ଉତ୍କଳର ଇତିହାସ ଏ ପର୍ଯ୍ୟନ୍ତ ଆଲୋଚିତ ହୋଇ ନାହିଁ । ପ୍ରାଚୀନ ମୁଦ୍ରାର ଅନୁଶୀଳନରେ ଯେ ଦେଶର ଇତିହାସ ଲିଖିତ ହୋଇପାରେ, ଏ ଧାରଣା ଆମ୍ଭମାନଙ୍କ ମନରେ ସ୍ଥାନପାଇ ନାହିଁ । ତାହା ହୋଇ ନଥିଲେ ଆମ୍ଭମାନଙ୍କ ଦେଶରେ ଯେତେ ପ୍ରାଚୀନ ମୁଦ୍ରା ଆବିଷ୍କୃତ ହେବାର ଶୁଣାଯାଏ ତାହା ପ୍ରକାଶିତ ହେଉନାହିଁ କାହିଁକି ? ସୌଭାଗ୍ୟକ୍ରମେ ଏହି ମୁଦ୍ରାଗୁଡ଼ିକ ଯେଉଁମାନଙ୍କର ଦୃଷ୍ଟିଗୋଚର ହେଉଅଛି, ସେମାନେ ତାହାର ମୂଲ୍ୟ ଉପଲବ୍ଧି କରିପାରି ନ ଥିବାରୁ କେହି କେହି ଅଳଙ୍କାର ରୂପେ ସେ ଗୁଡିକୁ ରୂପାନ୍ତରିତ କରୁଅଛନ୍ତି, ଅଥବା କେହି କେହି ପୁନର୍ବାର ଲୋଭପରବଶ ହୋଇ ଭୂଗର୍ଭସ୍ଥ କରୁଅଛନ୍ତି । ଅନ୍ୟାନ୍ୟ ପ୍ରଦେଶରେ ପ୍ରାଚୀନ ମୁଦ୍ରାର ବ୍ୟବସାୟ ଚଳୁଅଛି । ସୁବର୍ଣ୍ଣ, ରୌପ୍ୟ ଅଥବା ତାମ୍ର ମୁଦ୍ରା ଓଜନ ଅପେକ୍ଷା ବହୁଗୁଣ ମୂଲ୍ୟରେ ସବନ୍ଦ ବକ୍ରୀତ ହେଉଅଛି । ଏହା ଦ୍ୱାରା ବ୍ୟକ୍ତିଗତ ସ୍ୱାର୍ଥ ସାଧନ ହେବା ସଙ୍ଗେ ସଙ୍ଗେ ଜ୍ଞାନମାର୍ଗ ପ୍ରସାରିତ ହେଉଅଛି ।

ମୋଗଲ ଅଧିକାର ସଙ୍ଗେ ସଙ୍ଗେ ଉତ୍କଳ ଭୂମିରେ ମୋଗଲ ସମ୍ରାଟମାନଙ୍କ ନାମାଙ୍କିତ ପାରସିକ ମୁଦ୍ରା ପ୍ରଚଳିତ ହୋଇଥିଲା । ସେଥିପାଇଁ କଟକଠାରେ ଗୋଟିଏ ମୁଦ୍ରାଶାଳା ମଧ୍ୟ ସ୍ଥାପିତ ହୋଇଥିଲା । ଆକବରଙ୍କ ସମୟରେ ଓଡ଼ିଶା ମୋଗଲ ଅଧିକାରରେ ଆସିଥିଲା ସତ୍ୟ, ମାତ୍ର ତାଙ୍କ ନାମରେ କୌଣସି ମୁଦ୍ରା କଟକ ଟାଙ୍କଶାଳରେ ମୁଦ୍ରିତ ହେବାର ପ୍ରମାଣ ଏ ପର୍ଯ୍ୟନ୍ତ ମିଳିନାହିଁ । କଟକ ଟାଙ୍କଶାଳରେ

ଜାହାଙ୍ଗୀରଙ୍କ ନାମାଙ୍କିତ ମୁଦ୍ରା ସର୍ବପ୍ରଥମ ବୋଲି ଅନୁମିତ ହୁଏ (କ) । ଉତ୍କଳରେ କଉଡ଼ିର ପ୍ରଚଳନ ନିମିତ୍ତ ମୁଦ୍ରାର ବ୍ୟବହାର ଅଳ୍ପ ଥିବାର ଅନୁମାନ ଏକାନ୍ତ ସତ୍ୟ ନୁହେଁ, କାରଣ ମୟୂରଭଞ୍ଜରୁ ଅନେକ ମୋଗଲ ଓ ବାହମନ ମୁଦ୍ରା ଆବିଷ୍କୃତ ହୋଇଅଛି (ଖ) ।

ସ୍ୱର୍ଗୀୟ କୃପାସିନ୍ଧୁ ମିଶ୍ର କହନ୍ତି ଯେ, ହରିହର ପୁରରେ (ମୟୂରଭଞ୍ଜ) ଗୋଟିଏ ମୁଦ୍ରାଶାଳା ସ୍ଥାପିତ ହୋଇଥିଲା (ଗ) । କେଉଁ ପ୍ରମାଣ ଉପରେ ସେ ଏକଥା କହିଅଛନ୍ତି, ତାହା ଜଣାଯାଇ ନାହିଁ । ସେହି ସେ କେବଳ ଖାନଇ-ଦୁରାନଙ୍କ ଚଠି ଉପରେ ନିର୍ଭର କରି ଏହା ଲେଖିଥାନ୍ତି, ତେବେ ଏ ବିଷୟରେ ତାଙ୍କ ସହିତ ମୁଁ ଏକମତ ହୋଇ ପାରୁନାହିଁ (ଘ) । କାରଣ ଏ ହରିହରପୁର ମୟୂରଭଞ୍ଜରେ ନୁହେଁ, ଏହା କଟକରେ ଅବସ୍ଥିତ । ସ୍ୱାଧୀନ ନୃପତି ଗଙ୍ଗବଂଶର ରାଜତ୍ୱକାଳରେ ଫନମ ନାମକ ସ୍ୱର୍ଣ୍ଣମୁଦ୍ରା ପ୍ରଚଳିତ ଥିଲା । ସେଥିରେ ରାଜାଙ୍କର ନାମ ଓ ଅଙ୍କ ଦୃଷ୍ଟ ଥିଲା 'ଶ୍ରୀ ଗଣ' ଓ 'ଶ୍ରୀ ଅନ' ନାମରୁ ଏହା ଗୃହୀତ ହୋଇଅଛି ଯେ; ମୁଦ୍ରାଗୁଡ଼ିକ ଶ୍ରୀ ଗଙ୍ଗେଶ୍ୱର ଚୋଡ଼ଗଙ୍ଗଦେବ ଓ ଶ୍ରୀ ଅନଙ୍ଗଭୀମ ଦେବଙ୍କ ନାମରେ ପ୍ରଚଳିତ ହୋଇଥିଲା । ଏହି ପ୍ରକାର ମୁଦ୍ରା ଢେଙ୍କାନାଳ, ଅନୁଗୋଳ (ଙ) ବୌଦ୍ଧ ଓ ସୋନପୁର (ଚ) ଅଞ୍ଚଳରେ ମିଳିଅଛି । ମାଦଳା ପାଞ୍ଜିରେ ଉଲ୍ଲିଖିତ ଅନଙ୍ଗଭୀମଙ୍କ ମୁଦ୍ରାଗୁଡ଼ିକ ପୂର୍ବୋକ୍ତ ମୁଦ୍ରା ସଦୃଶ ଥିବାର ଅନୁମିତ ହୁଏ ।

---

(କ) Nelson wright's Catalogue of Mahamedan coins in the Indian Museum, Calcutta, Vol IV.

(ଖ) Annual Administration Report for 1924 25

(ଗ) ଉତ୍କଳ ଇତିହାସ ପୃ ୧୭୫

(ଘ) Swfrkar's studies in Mughal India, P 232

(ଙ) Proceedings of Asiatic society of Bengal, 1897

(ଚ) ଅପ୍ରକାଶିତ

ଗଙ୍ଗବଂଶର ପୂର୍ବବର୍ତ୍ତୀ କେଶରୀ ନରପତିମାନଙ୍କ ମୁଦ୍ରା ଆଜି ପର୍ଯ୍ୟନ୍ତ ଆବିଷ୍କୃତ ହୋଇନାହିଁ । ବ୍ରହ୍ମେଶ୍ୱର ମନ୍ଦିରର ଶିଳାଲିପିରୁ ଜଣାଯାଏ ଯେ, ଉଦ୍ୟୋତକେଶରୀଙ୍କ ପୂର୍ବପୁରୁଷମାନେ ପ୍ରାୟ ୧୦୦।୧୫୦ ବର୍ଷ ଓଡ଼ିଶାରେ ରାଜପଣ କରିଥିଲେ । ମାଦଳା ପାଞ୍ଜିର ଅନଙ୍ଗଭୀମଦେବଙ୍କ ଅଭିଭାଷଣରୁ ଜଣାଯାଏ ଯେ, କେଶରୀମାନେ ଉତ୍ତର ଦିଗରେ କାଂଶ-ବାଂଶଠାରୁ ଦକ୍ଷିଣ ଦିଗରେ ଋଷିକୁଲ୍ୟା ପର୍ଯ୍ୟନ୍ତ ଓ ପୂର୍ବଦିଗରେ ସମୁଦ୍ରଠାରୁ ପଶ୍ଚିମରେ ଢେଙ୍କାନାଳ ଅନ୍ତର୍ଗତ ଭୀମନାଗଡ଼ି ପର୍ଯ୍ୟନ୍ତ ଭୂଖଣ୍ଡରେ ରାଜତ୍ୱ କରିଥିଲେ । ଏଣୁ ଏମାନଙ୍କ ଦ୍ୱାରା କୌଣସି ମୁଦ୍ରା ପ୍ରଚଳିତ ହୋଇ ଥିବାର ଅନୁମିତ ହୁଏନାହିଁ ।

ପ୍ରାକୃତିକ ଉତ୍କଳଭୂମିରେ ଗଙ୍ଗବଂଶୀୟ ନୃପତିଗଣଙ୍କ ଆଧିପତ୍ୟ ପୂର୍ବରୁ ଆହୁରି ଅନେକ ଗୁଡ଼ିଏ କ୍ଷୁଦ୍ର ରାଜବଂଶ ରାଜତ୍ୱ କରିଥିବାର ନିଦର୍ଶନ ତାମ୍ରଫଳକର ଲିପିରୁ ମିଳିଅଛି । ଉତ୍ତରାଂଶରେ ମୟୂରଭଞ୍ଜ ଅନ୍ତର୍ଗତ ଖିଚିଙ୍ଗର ଭଞ୍ଜବଂଶୀ, ଢେଙ୍କାନାଳ ଅଞ୍ଚଳରେ ସନ୍ତ ବା ଶୁଲ୍କୀ-ବଂଶୀ, ତାଳଚେର ଅଞ୍ଚଳରେ ତୁଙ୍ଗବଂଶୀ, କଟକ ଓ ପୁରୀ ଅଞ୍ଚଳରେ କରବଂଶୀ, କେଶରୀବଂଶୀ ଓ ଶୈଳୋଦ୍ଭବବଂଶୀ, ଘୁମୁସୁର, ବୌଦ୍ଧ ଓ ଦଶପଲ୍ଲା ଅଞ୍ଚଳରେ ପୁଣି ଏକ ଭଞ୍ଜବଂଶୀ ଏବଂ ସମ୍ବଲପୁର, ପାଟଣା, ସୋନପୁର ଅଞ୍ଚଳରେ ସୋମବଂଶୀ ରାଜାମାନେ ରାଜତ୍ୱ କରିଥିଲେ । ଏମାନଙ୍କ ମଧ୍ୟରୁ କେବଳ କର, କେଶରୀ ଓ ସୋମବଂଶୀ ନୃପତିମାନଙ୍କର ସମୁଦ୍ର ନିକଟବର୍ତ୍ତୀ ଓଡ଼ିଶାରେ ଆଦୌ ପ୍ରଭୁତ୍ୱ ନଥିଲା ବୋଲି ମନେହୁଏ । କାରଣ, ସେମାନଙ୍କର ଯେତେ ଦାନପତ୍ର ମିଳିଅଛି, ସେ ଗୁଡ଼ିକର ଗ୍ରାମମାନ ପାଟଣା, ସମ୍ବଲପୁର ଓ ଛତିଶଗଡ଼ରେ ଥିବାର ସ୍ଥିରୀକୃତ ହୋଇଅଛି । ଏଣୁ ଏମାନଙ୍କ ମୁଦ୍ରା ଏ ଅଞ୍ଚଳରେ ମିଳିବା ଅସମ୍ଭବ । କରନୃପତିମାନେ କେଶରୀମାନଙ୍କ ପୂର୍ବେ ତୋଷଳଖଣ୍ଡରେ ରାଜତ୍ୱ କରିଥିଲେ । ଏହି କରମାନଙ୍କ ମୁଦ୍ରା ମଧ୍ୟ ଆବିଷ୍କୃତ ହୋଇନାହିଁ । ଶୈଳୋଦ୍ଭବବଂଶୀ ରାଜାମାନେ ତାମ୍ରଶାସନୋକ୍ତ ରାଜାମାନଙ୍କ ମଧ୍ୟରେ ପ୍ରାଚୀନ । ସେମାନେ ସାମନ୍ତନୃପତି ଥିବାରୁ ସେମାନଙ୍କ ମୁଦ୍ରା ଆଶା କରିବା ବୃଥା । ଏମାନଙ୍କ ଉପରେ ଶଶାଙ୍କଦେବ ଆଧିପତ୍ୟ କରିଥିଲେ,

ସେ ସମୟରେ ଅର୍ଥାତ୍ ସପ୍ତମ ଶତାବ୍ଦୀର ପ୍ରଥମ ପାଦରେ ଶଶାଙ୍କ ପ୍ରବଳ ହୋଇଥିଲେ । ତତ୍ପୂର୍ବରୁ କେଉଁମାନେ ରାଜଚକ୍ରବର୍ତ୍ତୀ ଥିଲେ, ତାହାର ପ୍ରମାଣ ଆଜ ପର୍ଯ୍ୟନ୍ତ ମିଳନାହିଁ । ଏପରି କହିବାର ଉଦ୍ଦେଶ୍ୟ ଏହି ଯେ, ପାଟିଆ କିଲ୍ଲାରୁ ପ୍ରାପ୍ତ ତାମ୍ର ଶାସନରେ ଯେଉଁ ଶିବରାଜାଙ୍କ ନାମ ମିଳୁଅଛି ସେ ସାମନ୍ତନୃପତି ଥିଲେ । ଶିବରାଜ ଷଷ୍ଠ ଶତାବ୍ଦୀର ପ୍ରଥମ ପାଦରେ ଅର୍ଥାତ ୫୧୯—୨୦ ଖ୍ରୀଷ୍ଟାବ୍ଦରେ ଶାସନ ଦାନ କରିଥିଲେ । ଖାରବେଳ ଖ୍ରୀଷ୍ଟପୂର୍ବ ପ୍ରଥମ ଶତାବ୍ଦୀର ଲୋକ । ସେହି ସମୟଠାରୁ ଶିବରାଜଙ୍କ ସମୟ ପର୍ଯ୍ୟନ୍ତ ଅର୍ଦ୍ଧ ସହସ୍ର ବର୍ଷର ଇତିହାସ ସମ୍ବନ୍ଧରେ ଓଡ଼ିଶାରୁ କୌଣସି ଲିପି ଏ ପର୍ଯ୍ୟନ୍ତ ଆବିଷ୍କୃତ ହୋଇନାହିଁ ।

'ପୁରୀ-କୁଶାନ' ନାମରେ ପରିଚିତ ଅନେକ ମୁଦ୍ରା ପ୍ରାକୃତିକ ଉତ୍କଳର ନାନା ସ୍ଥାନ ଯଥା:—ଉତ୍ତରଦିଗରେ ବରାହଭୂମଠାରୁ ଦକ୍ଷିଣରେ ଗଞ୍ଜାମ ପର୍ଯ୍ୟନ୍ତ ସମୁଦ୍ରକୂଳବର୍ତ୍ତୀ ସମସ୍ତ ଅଞ୍ଚଳରୁ ମିଳିଅଛି । ବରାହମଭୂମ, ସିଂହଭୂମ, ମୟୂରଭଞ୍ଜ, ବାଲେଶ୍ୱର, ପୁରୀ ଓ ଗଞ୍ଜାମ ଅଞ୍ଚଳରେ ଏହି ମୁଦ୍ରା ଏକ ସମୟରେ ବହୁଳ ପ୍ରଚଳିତ ଥିଲା ବୋଲି ଏଥିରୁ ଅନୁମିତ ହୁଏ । ଏହି ମୁଦ୍ରାଗୁଡ଼ିକ ଯେଉଁ କାରଣରୁ 'ପୁରୀକୁଶାନ' ମୁଦ୍ରା ବୋଲି କଥିତ ହୋଇଥିଲା ତାହା ତଳେ ବିବୃତ ହେଲା ।

"କୁଶାନ ନୃପତି କନିଷ୍କଙ୍କର ଯେଉଁ ମୁଦ୍ରା ମିଳୁଅଛି ତାହାର ଏକ ପାର୍ଶ୍ୱରେ ରାଜାଙ୍କର ଦଣ୍ଡାୟମାନ ମୂର୍ତ୍ତି ଅଛି ଓ ଅପର ପାର୍ଶ୍ୱରେ ଚନ୍ଦ୍ରଦେବଙ୍କର (Moon god) ଦଣ୍ଡାୟମାନ ମୂର୍ତ୍ତି ଅଛି । ରାଜାଙ୍କର ଦୀର୍ଘ ଶ୍ମଶ୍ରୁ, ମସ୍ତକରେ ମୁକୁଟ, ଦେହରେ ଚପକନ ଓ ଜଙ୍ଘିଆ କଟିରେ ସକୋଷ ତରବାରି ଓ ପାଦରେ ବୁଟ୍‌ଯୋତା ଅଛି । ଚନ୍ଦ୍ରଙ୍କର ଶିରୋଭୂଷଣ ନାହିଁ, ଦେହରେ ଲମ୍ବା ଚପକନ ଅଛି, ବାମହସ୍ତ କଟୀ ଉପରେ ସ୍ଥାପିତ ହୋଇ ମୁଠା ଭିତରେ ତରବାରିର ବେଣ୍ଟ ଅଛି । ଦକ୍ଷିଣ ହସ୍ତ ପ୍ରସାରିତ । ଯେଉଁ ମୁଦ୍ରାଗୁଡ଼ିକ ପୁରୀଜିଲ୍ଲାରୁ ମିଳିଥିଲା, ସେଗୁଡ଼ିକ ସହିତ କନିଷ୍କଙ୍କର ପୂର୍ବୋକ୍ତ ମୁଦ୍ରାର ସୌସାଦୃଶ୍ୟ ଥିବାରୁ ସେଗୁଡ଼ିକୁ "ପୁରୀକୁଶନ" ମୁଦ୍ରା ନାମରେ ଅଭିହିତ କରାଯାଇ ଥିଲା ।

ଏହି ପ୍ରକାର ମୁଦ୍ରା ସର୍ବପ୍ରଥମ ଗଞ୍ଜାମଜିଲ୍ଲାର ପୁରୁଷୋତ୍ତମପୁର ନିକଟବର୍ତ୍ତୀ ପାଣ୍ଡିଆ, ଜଉଗଡ, ଗ୍ରାମରୁ ୧୮୫୮ ଖ୍ରୀଷ୍ଟାବ୍ଦରେ ମିଳିଥିଲା । ତାହାର ବିବରଣୀ ଏହି—"ଏ ଗୁଡ଼ିକ ଆକାର ପ୍ରକାରରେ ଦାକ୍ଷିଣାତ୍ୟରୁ ପ୍ରାପ୍ତ ମୁଦ୍ରାଠାରୁ ସ୍ୱତନ୍ତ୍ର, କିନ୍ତୁ କୁଶାନ ନୃପତି କନିଷ୍କଙ୍କ ମୁଦ୍ରା ସହିତ ଏ ଗୁଡ଼ିକର ବିଶେଷ ସୌସାଦୃଶ୍ୟ ଥିବାର ଲକ୍ଷିତ ହୁଏ । ଏଣେ ଦକ୍ଷିଣରେ ଶକନୃପତିମାନଙ୍କର ଆଧିପତ୍ୟ ଥିବାର କୌଣସି ପ୍ରମାଣ ନଥିବା ସ୍ଥଳେ ସେମାନଙ୍କ ମୁଦ୍ରା ଅନୁକରଣ ଅନୁସାରେ ଏଗୁଡ଼ିକ ନିର୍ମିତ ହୋଇ ଥିବାର ଅନୁମାନ ଖୁବ୍ ଯୁକ୍ତିଯୁକ୍ତ ନୁହେଁ ।" (୧)

ତତ୍ପରେ ୧୮୭୪-୭୨ ଖ୍ରୀଷ୍ଟାବ୍ଦରେ **Mr J D M. beigtar** ଉକ୍ତ ଗ୍ରାମରୁ ଏହି ପ୍ରକାର ମୁଦ୍ରା ପାଇଁ ନିମ୍ନଲିଖିତ ମତବ୍ୟକ୍ତ କରିଥିଲେ ଏହି ମୁଦ୍ରାଗୁଡ଼ିକରୁ ଏହା ବେଶ ପ୍ରମାଣିତ ହେଉଅଛି ଯେ ଶକ କୁଶାନ ନୃପତିମାନଙ୍କର ଆଧିପତ୍ୟ ରାଜଧାନୀର ସୁଦୂର ପ୍ରଦେଶରେ ମଧ୍ୟ ଅତି ପ୍ରବଳ ଥିଲା । (୨)

ତତ୍ପରେ ୧୮୯୩ ଖ୍ରୀଷ୍ଟାବ୍ଦର ମାର୍ଚ୍ଚ ମାସରେ ପୁରୀଜିଲ୍ଲାର ମାଣିକ-ପାଟଣା ନିକଟବର୍ତ୍ତୀ ଗୁରୁବାଇ ଲୁଣଗୋଦାମଠାରେ ୫୪୮ଟି ଏହି ପ୍ରକାର ମୁଦ୍ରା ମିଳିଥିଲା । ଏଥିରେ ୪୭ଟି ଅସଲ କୁଶାନ ମୁଦ୍ରା ଥିଲା । ଏ ସମ୍ବନ୍ଧରେ **Dr Hoeroiee** ଯେଉଁ ମତ ବ୍ୟକ୍ତ କରିଥିଲେ ତାହାର ଅନୁବାଦ ତଳେ ପ୍ରଦତ୍ତ ହେଲା । ଏହି ମୁଦ୍ରାଗୁଡ଼ିକ ସହିତ କେତେଗୁଡ଼ିଏ କୁଶାନ ମୁଦ୍ରା ମିଳିଥିବାରୁ ତାହାର ସମୟ ନିରୂପଣ ସମ୍ବନ୍ଧରେ କିଛି ମତ ବ୍ୟକ୍ତ କରାଯାଇ ଅଛି ।

---

(୧) The Madras Jorunal of Literature and science 1858

(୨) Report of the Archaeological survey of India Vol, XIII P. 160

ଏହା ସୁନିଶ୍ଚିତ ଯେ, ସେ ଗୁଡ଼ିକ କୁଶାନ ମୁଦ୍ରାର ଅନୁକରଣ ବ୍ୟତୀତ ଅନ୍ୟ କିଛି ନୁହେଁ ଏବଂ କୁଶାନ ମୁଦ୍ରାର ପ୍ରଚଳନ ନ ଥିଲେ ତାହା କଦାପି ପ୍ରସ୍ତୁତ ହୋଇ ନଥାନ୍ତା । କୁଶାନଯୁଗ ସୁବିଦିତ । କନିଷ୍କ ଖ୍ରୀଷ୍ଟୀୟ ପ୍ରଥମ ଶତାବ୍ଦୀର ଶେଷ ପାଦରେ ରାଜତ୍ୱ କରିଥିଲେ । ତାଙ୍କର ତାମ୍ର ମୁଦ୍ରା ଓ ତାହାର ଅନୁକରଣରେ ପ୍ରସ୍ତୁତ ମୁଦ୍ରା ପ୍ରାୟ ପରବର୍ତ୍ତୀ ଦୁଇଶତ ବର୍ଷ ପର୍ଯ୍ୟନ୍ତ ପ୍ରଚଳିତ ଥିଲା । ସେ ଗୁଡ଼ିକ ବହୁଳ ଭାବରେ ପଞ୍ଜାବରେ ଓ ତତ୍‌ପରବର୍ତ୍ତୀ ଦେଶମାନଙ୍କରେ କ୍ୱଚିତ୍ ମିଳିଥାଏ । ଆର୍ଯ୍ୟାବର୍ତ୍ତର ସୁଦୂର ପୂର୍ବ ପ୍ରାନ୍ତବର୍ତ୍ତୀ ପ୍ରଦେଶରେ କୁଶାନ ମୁଦ୍ରା ମିଳିବାର ଏହା ସର୍ବ ପ୍ରଥମ ନିଦର୍ଶନ ବୋଲି ମୋର ବିଶ୍ୱାସ । ପୁରୀ ନିକଟରେ ମିଳିବାର କାରଣ ସ୍ୱରୂପ ଏହା ନିର୍ଦ୍ଦେଶ କରାଯାଇ ପାରେ ଯେ ପୁରୀରେ ପ୍ରାଚୀନ ମନ୍ଦିର ଓ ତୀର୍ଥ ବିଦ୍ୟମାନ । ଗୁମ୍ଫରେ ମିଳା ମୁଦ୍ରାଗୁଡ଼ିକ କୁଶାନ ମୁଦ୍ରାର ଅନୁକରଣ ବ୍ୟତୀତ ଅନ୍ୟ କିଛି ନୁହେଁ ଓ ତାହାର ସମୟ କଦାପି ଖ୍ରୀଷ୍ଟୀୟ ଚତୁର୍ଥ ଶତାବ୍ଦୀର ପରବର୍ତ୍ତୀ ନୁହେଁ । ସେଗୁଡ଼ିକ ମୁଦ୍ରା ରୂପେ ପ୍ରଚଳିତ ଥିଲା କି ନା, ତାହାର ସ୍ଥିରତା ନାହିଁ । ପଞ୍ଜାବର ଯୌଧେୟ ମୁଦ୍ରା ସଦୃଶ ଏଗୁଡ଼ିକ ଯେ ତୀର୍ଥଯାତ୍ରୀମାନଙ୍କ ଦ୍ୱାରା ମନ୍ଦିର-ମାନଙ୍କରେ ଭେଟି ରୂପେ ବ୍ୟବହୃତ ହେଉ ନଥିଲା, ତାହା ମଧ୍ୟ କିଏ କହି ପାରିବ ? ସମ୍ଭବତଃ ସେ ଗୁଡ଼ିକ ଅଳଙ୍କାର ନିମିତ୍ତ ଅଭିପ୍ରେତ ହୋଇଥିଲା ।” [୩]

ହର୍ନଲ୍ ସାହେବଙ୍କ ଶେଷୋକ୍ତ ମତ ଖୁବ୍ ସମୀଚୀନ ନୁହେଁ, କାରଣ ସେ ତାଙ୍କ ପ୍ରବନ୍ଧରେ ଗଞ୍ଜାମ ଜିଲ୍ଲାରୁ ପ୍ରାପ୍ତ ମୁଦ୍ରାର ନାମୋଲ୍ଲେଖ କରି ନାହାନ୍ତି, ତେଣୁ ବୋଧହୁଏ, ମନ୍ଦିରରେ ଭେଟି ସ୍ୱରୂପ ପ୍ରଚଳିତ ମୁଦ୍ରା ହୋଇଥିବାର ଅନୁମାନ କରିଅଛନ୍ତି । ପୁରୀ ଜିଲ୍ଲାରେ ତୀର୍ଥ ଅଛି, ମାତ୍ର ଗଞ୍ଜାମରେ ସେପରି କିଛି ତୀର୍ଥ ନାହିଁ । ତାହାଛଡ଼ା ବାଲେଶ୍ୱର, ମୟୂରଭଞ୍ଜର ପାଟପୀଡ଼, ସିଂହଭୂମିର ରଖା ପାହାଡ଼ ଓ ବରାହଭୂମ

(୩) Proceedings of the asiatic Society of Bengal 1895 PP. 64-65

[୪] ଅଞ୍ଚଳରେ ଯେଉଁ ସବୁ ମୁଦ୍ରା ମିଳିଅଛି, ସେ ସ୍ଥାନମାନଙ୍କରେ କୌଣସି ତୀର୍ଥର ନାମଗନ୍ଧ ନାହିଁ । ତାଙ୍କର ଏହି ମତକୁ **Mr. walsh.** ଖଣ୍ଡନ କରି ଅଛନ୍ତି । ଏହି ମୁଦ୍ରାଗୁଡ଼ିକରେ ଗୋଟି ଲଗି ନଥିବାରୁ ତାହା ଅଳଙ୍କାର ରୂପେ କଦାପି ବ୍ୟବହୃତ ହେଉ ନଥିଲା । [୫]

ଗଞ୍ଜାମ ଓ ପୁରୀରେ ଏହି ମୁଦ୍ରାଗୁଡ଼ିକ ଉପରେ ସୁପ୍ରସିଦ୍ଧ ଐତିହାସିକ ଭିନ୍ ସେଣ୍ଟ, ଏ ସ୍ମିଥ ମହାଶୟ ନିମ୍ନଲିଖିତ ମତ ବ୍ୟକ୍ତ କରିଅଛନ୍ତି । "ପୁରୀ ଓ ଗଞ୍ଜାମରୁ ପ୍ରାପ୍ତ ଅଘଟଣୀ ମୁଦ୍ରାଗୁଡ଼ିକର ସମୟ ନିରୂପଣ କରିବା ଅସମ୍ଭବ । ଖ୍ରୀଷ୍ଟୀୟ ଚତୁର୍ଥ ଓ ପଞ୍ଚମ ଶତାବ୍ଦୀର କଳିଙ୍ଗ ନୃପତିମାନଙ୍କ ଦ୍ୱାରା ସେ ଗୁଡ଼ିକ ପ୍ରଚଳିତ ହୋଇ ଥିବାର ଅନୁମାନ କରାଯାଇ ପାରେ । ସେଗୁଡ଼ିକ କୁଶାନ ମୁଦ୍ରାର ଅନୁକରଣ ବୋଲି ମୁଦ୍ରା ତତ୍ତ୍ୱବିତ୍ ପଣ୍ଡିତମାନେ ସ୍ୱୀକାର କରିଅଛନ୍ତି । [୬] "

ଏହି ମୁଦ୍ରାଗୁଡ଼ିକ ଉପରେ ପ୍ରଫେସର ରେପସନ୍ ଲେଖିଅଛନ୍ତି "ଏହି ମୁଦ୍ରାଗୁଡ଼ିକରେ କୌଣସି ଲିପି ଦୃଷ୍ଟ ହୁଏ ନାହିଁ । ତଥାପି ଏହା ନିଃସନ୍ଦେହ ଯେ, ଏଗୁଡ଼ିକ କୁଶାନ ନୃପତି କନିଷ୍କଙ୍କ ବ୍ରୋଞ୍ଜ ମୁଦ୍ରାର ଛାଞ୍ଚରେ ପ୍ରସ୍ତୁତ ହୋଇଥିଲା । ପୁରୀ ଜିଲ୍ଲାରେ ପ୍ରାପ୍ତ ମୁଦ୍ରାଗୁଡ଼ିକ ସହିତ ଅନେକ ବ୍ରୋଞ୍ଜ ମୁଦ୍ରା ମଧ୍ୟ ମିଳିଥିଲା । ତେଣୁ କୁଶାନଯୁଗର ଅସଲ ବ୍ରୋଞ୍ଜମୁଦ୍ରା ସହିତ ସେ ଗୁଡ଼ିକ ପ୍ରଚଳିତ ଥିବାରୁ ତାହାର ଅନୁକରଣ ବୋଲିଯାଇ ପାରେ । କୁଶାନଯୁଗର କନିଷ୍କଙ୍କ ରାଜତ୍ୱଠାରୁ ଶେଷ କୁଶାନ ନୃପତିଙ୍କ ରାଜତ୍ୱ ପର୍ଯ୍ୟନ୍ତ ସେ ଗୁଡ଼ିକର ସମୟ ନିର୍ଦ୍ଦେଶ କରାଯାଇ ପାରେ ।" [୭]

---

(୪) ବଙ୍ଗୀୟ ସାହିତ୍ୟ ପରିଷଦ ପତ୍ରିକା—୧ମ ସଂଖ୍ୟା, ସନ ୧୩୨୮ ସାଲ

(୫) J. B. and O. R. S. Vol V. P. 76.

(୬) Catalogue of coins in India Museum Calcutta, PP. 64-65.

(୭) Rupson's coins of India.

ପ୍ରଫେସର ରେପସନ ଓ ଭିନ୍‌ସେଣ୍ଟ ଏ ସ୍ମିଥ ଉଭୟଙ୍କ ମତରୁ ତାହା ପ୍ରତିପାଦିତ ହେଉଅଛି ଯେ ଏହି ମୁଦ୍ରାଗୁଡ଼ିକ ଖ୍ରୀଷ୍ଟୀୟ ଦ୍ୱିତୀୟ ଶତାବ୍ଦୀଠାରୁ ପଞ୍ଚମ ଶତାବ୍ଦୀ ପର୍ଯ୍ୟନ୍ତ ଉତ୍କଳରେ ସର୍ବତ୍ର ପ୍ରଚଳିତ ଥିଲା । ଉତ୍କଳର ଇତିହାସରେ ଏହି ଦୀର୍ଘ ଚୁରିଶତ ବର୍ଷ ଘୋର ତମସାଚ୍ଛନ୍ନ, ତେଣୁ ଏହି ସମୟରେ ଇତିହାସ ନିମିତ୍ତ ଏହି ମୁଦ୍ରାଗୁଡ଼ିକ ଏକମାତ୍ର ଉପକରଣ ହୋଇଅଛି ।

୧୯୧୨ ଖ୍ରୀଷ୍ଟାବ୍ଦରେ ବାଲେଶ୍ୱରରୁ ଏହି ଜାତୀୟ ମୁଦ୍ରା ଅନେକ ଗୁଡ଼ିଏ ମିଳିଥିଲା । ସେଥିରେ ଅନେକ ଗୁଡ଼ିଏ ଲିପିଯୁକ୍ତ ମୁଦ୍ରା ଥିଲା । ଲିପିଯୁକ୍ତ ଓ ଲିପିବିହୀନ ମୁଦ୍ରାଗୁଡ଼ିକର ଆକାର ଏକପ୍ରକାର, ତେବେ ଯେଉଁ ଗୁଡ଼ିକରେ ଲିପି ଅଛି, ତାହାର ଏକ ପାର୍ଶ୍ୱରେ ରାଜାଙ୍କର ଦଣ୍ଡାୟମାନ ମୂର୍ତ୍ତି ଓ ଅପର ପାର୍ଶ୍ୱରେ ଉତ୍କୀର୍ଣ୍ଣ ଶବ୍ଦ 'ଟଙ୍କ' ଉପର-ଭାଗରେ ପିରାମିଡ ସଦୃଶ ତିନୋଟି ଚିହ୍ନଅଛି । ଏହି ତିନୋଟି ଚିହ୍ନ କି ଉଦ୍ଦେଶ୍ୟରେ ବ୍ୟବହୃତ ହୋଇଥିଲା, ତାହା ଏପର୍ଯ୍ୟନ୍ତ ସ୍ଥିର ହୋଇ ନାହିଁ । କଲିକତା ମିଉଜିୟମର ଆସିଷ୍ଟେଣ୍ଟ କିଓରେଟର ଶ୍ରୀଯୁକ୍ତ ପଣ୍ଡିତ ବିନୋଦବିହାରୀ ବିଦ୍ୟାବିନୋଦ କହନ୍ତି ଯେ, ସେ ତିନୋଟି ଜଗନ୍ନାଥ ବଳଭଦ୍ର ଓ ସୁଭଦ୍ରାଙ୍କ ତିନି ରଥର ଚିହ୍ନ ହୋଇପାରେ । କୁଶାନ ମୁଦ୍ରାର ଏକ ପାର୍ଶ୍ୱରେ କୌଣସି ଦେବତା ମୂର୍ତ୍ତି ଥାଏ । ଏଣୁ ଓଡ଼ିଶାରେ ପ୍ରଚଳିତ ଏହି ମୁଦ୍ରାରେ ତତ୍‌ପରିବର୍ତ୍ତେ ଜଗନ୍ନାଥ ବଳଭଦ୍ର ଓ ସୁଭଦ୍ରା ରଥର ସଙ୍କେତ ଅସମ୍ଭବ ନୁହେଁ । ଏହି ମୁଦ୍ରାଗୁଡ଼ିକ ରିପୋର୍ଟ ୧୯୨୪ ସାଲ ପର୍ଯ୍ୟନ୍ତ ପ୍ରକାଶିତ ହୋଇ ନଥିଲା ।

ତତ୍ପରେ ୧୯୧୭ ଖ୍ରୀଷ୍ଟାବ୍ଦରେ ସିଂହଭୂମ ଜିଲ୍ଲା ଅନ୍ତର୍ଗତ ରାଖା ପାହାଡ଼ ନିକଟରେ ଏହି ପ୍ରକାର କେତେଗୁଡ଼ିଏ ମୁଦ୍ରା ମିଳିଥିଲା । ରାଖା ପାହାଡ଼ ତମ୍ବା ଖଣି ନିମିତ୍ତ ପ୍ରସିଦ୍ଧ । ପୂର୍ବେ ସେଠାରେ ତମ୍ବା ପ୍ରସ୍ତୁତ ହେଉଥିଲା । ପ୍ରାପ୍ତ ମୁଦ୍ରାଗୁଡ଼ିକର ବହୁଳପାର୍ଶ୍ୱ ଚିକ୍କଣ ନ ଥିବାର ଦେଖି ମି: ଡ଼ଆଲମ୍ ଅନୁମାନ କରିଅଛନ୍ତି ଯେ, ସେଠାରେ ପୂର୍ବେ ଟଙ୍କଶାଳ ଥିଲା । ସୌଭାଗ୍ୟକ୍ରମେ ଏହି ମୁଦ୍ରାଗୁଡ଼ିକରେ ଗୋଟିଏ ଲିପିଯୁକ୍ତ

ମୁଦ୍ରା ଥିଲା । ମି: ଜଆଲମ୍ ଓ ମି: ରାଖାଲ ଦାସ ବାନୁଜ୍ଜୀ ଉଭୟେ ମୁଦ୍ରାଟିରେ ଉତ୍କୀର୍ଣ୍ଣ ଶବ୍ଦ 'ଟଙ୍କ'ର ଅକ୍ଷର ଦେଖି ଖ୍ରୀଷ୍ଟୀୟ ୬ଷ୍ଠ-୭ମ ଶତାବ୍ଦୀର ଅକ୍ଷର ବୋଲି ନିର୍ଦ୍ଦେଶ କରି ଅଛନ୍ତି । [୮]

ଏହି ଜାତୀୟ ମୁଦ୍ରାରେ ଲିପି ଥିବାରୁ ଏହା ସ୍ପଷ୍ଟ ପ୍ରମାଣିତ ହେଉଅଛି ଯେ, ଏ ଗୁଡ଼ିକ ଯଥାର୍ଥରେ ମୁଦ୍ରା ଥିଲା । ଲିପିଯୁକ୍ତ ମୁଦ୍ରା-ଗୁଡ଼ିକ ୬ଷ୍ଠ-୭ମ ଶତାବ୍ଦୀର ହେଲେ, ଲିପିବିହୀନ ମୁଦ୍ରାଗୁଡ଼ିକ ନିଶ୍ଚୟ ତତ୍ପୂର୍ବବର୍ତ୍ତୀ ବୋଲି ଅନୁମାନ କରାଯାଇପାରେ ।

ତତ୍ପରେ ୧୯୧୯ ଖ୍ରୀଷ୍ଟାବ୍ଦରେ ମାନଭୂମ ଅନ୍ତର୍ଗତ ବରାହଭୂମ ପ୍ରଗନାରୁ ଏହି ପ୍ରକାର କେତୋଟି ମୁଦ୍ରା ମିଳିଥିଲା ଓ ତାହାର ବିବରଣ ବଙ୍ଗୀୟ ସାହିତ୍ୟ ପରିଷଦ୍ ପତ୍ରିକାରେ ପ୍ରକାଶିତ ହୋଇଥିଲା । ଏହି ମୁଦ୍ରାଗୁଡ଼ିକ ସମ୍ବନ୍ଧରେ ଆଲୋଚନା କରିବାକୁ ଯାଇ ସ୍ୱର୍ଗୀୟ ମନମୋହନ ଗାଙ୍ଗୁଲି ନିମ୍ନଲିଖିତ ମତପ୍ରକାଶ କରିଥିଲେ । "କୁଶାଣ ମୁଦ୍ରାର ଚିହ୍ନଗୁଡ଼ିକ ସହିତ 'ପୁରୀ କୁଶାଣ' ଶାଖାସ୍ଥ ମୁଦ୍ରାଗୁଡ଼ିକର ଚିହ୍ନର ବିଶେଷ ସୌସାଦୃଶ ଅଛି ବୋଲି ଉଭୟକୁ କୁଶାଣ ଆଖ୍ୟାରେ ଅଭିହିତ କରାଯାଇ ଅଛି । ପୂର୍ବୋକ୍ତ ମୁଦ୍ରାରେ କନିଷ୍କ ଓ ଚନ୍ଦ୍ରଦେବଙ୍କ ମୂର୍ତ୍ତି ପୁରୀ କୁଶାଣ ମୁଦ୍ରାରେ ଦୃଷ୍ଟହୁଏ । ଏମାନଙ୍କ ବେଶଭୂଷା ଓ ଦଣ୍ଡାୟମାନ ହେବାର ଭଙ୍ଗୀଟି ମଧ୍ୟ ଏକପ୍ରକାର । ଏହି ପ୍ରକାର ହେବାର କାରଣ କଣ ? ଯେ ଦୁର୍ବଳ, ସେ ପ୍ରବଳ ପରାକ୍ରାନ୍ତର ଅନୁକରଣ କରିଥାଏ । କୁଶାନ ସମ୍ରାଟମାନେ ଆର୍ଯ୍ୟାବର୍ତ୍ତରେ ଏକ ଛତ୍ରେଶ୍ୱର ଥିଲେ । ସେମାନେ ଶିଳ୍ପ ଓ ବିଶ୍ଵ ନୀତିରେ ନାନାବିଧ ଉନ୍ନତି ସାଧନ କରି ଅତିଶୟ ପ୍ରସିଦ୍ଧି ଲାଭ କରିଥିଲେ । ସୁତରାଂ ସେମାନଙ୍କ ପ୍ରବର୍ତ୍ତିତ ବସ୍ତୁ ଓ ବିଷୟ ଯେ ଅନୁକରଣୀୟ ହୋଇ ଛିଡ଼ା ହେବ, ସେଥିରେ ବିସ୍ମୟ କଅଣ ଅଛି ? ଗ୍ରୀସର ପେରିକ୍ଲସ୍‌ଙ୍କ ସମସାମୟିକ ଶିଳ୍ପର ବିଶିଷ୍ଟତା ଓ ବୈଚିତ୍ର ପରବର୍ତ୍ତୀ ଯୁଗରେ, ଏପରିକି, ଅଦ୍ୟାବଧି ଦୃଷ୍ଟହୁଏ । ଏହା ନହୋଇ ରହେ ନାହିଁ । କୁଶାନ ସମ୍ରାଟଙ୍କ ଶିଳ୍ପର ଧାରା ସେ ସମୟରେ ଓ

(୮) J B and O. R. S Vol. V. pp 73-81 and 83-84.

ପରବର୍ତ୍ତୀକାଳରେ ଅନୁକୃତ ହୋଇଥିଲା, ଏହା ମୁଁ କୁଶାନ ସ୍ୱର୍ଣ୍ଣମୁଦ୍ରା ଓ ଗୁପ୍ତ ଯୁଗର ସ୍ୱର୍ଣ୍ଣମୁଦ୍ରା ଆଲୋଚନା କରି ବୁଝିଅଛୁ । ଏହି କାରଣରୁ ପ୍ରବଳ ପରାକ୍ରାନ୍ତ କୁଶାନ ସମ୍ରାଟମାନଙ୍କ ମୁଦ୍ରାର ଗଠନ ତତ୍ପରବର୍ତ୍ତୀ ଗୁପ୍ତ ରାଜାମାନଙ୍କ ମୁଦ୍ରାରେ ଦୃଷ୍ଟହୁଏ । [୯]

ପୂର୍ବେ ବୋଲାଯାଇଅଛି ଯେ, ପୁରୀ ଜିଲ୍ଲାରୁ ପ୍ରାପ୍ତ ମୁଦ୍ରାଗୁଡ଼ିକରେ କନିଷ୍କଙ୍କର କେତୋଟି ଅସଲ ବ୍ରୋଞ୍ଜ ମୁଦ୍ରା ମିଳିଥିଲା । ୧୯୨୩ ଖ୍ରୀଷ୍ଟାବ୍ଦରେ ମୟୂରଭଞ୍ଜ ରାଜ୍ୟର ପ୍ରାଚୀନ ରାଜଧାନୀ ଖିଚିଙ୍ଗର ୬ମାଇଲ ଉତ୍ତରପୂର୍ବ ଭଞ୍ଜକିଆ ଗ୍ରାମରୁ ଅନେକଗୁଡ଼ିଏ ଏହି ଜାତୀୟ ମୁଦ୍ରା ମିଳିଅଛି । ଏହି ମୁଦ୍ରାଗୁଡିକ ସହିତ କନିଷ୍କ ଓ ହୁବିଷ୍କଙ୍କର ଅନେକଗୁଡ଼ିଏ ଅସଲ ତାମ୍ର ମୁଦ୍ରାଅଛି । ସେ ଗୁଡ଼ିକର ବିସ୍ତାରିତ ବିବରଣୀ ଅନ୍ୟତ୍ର ପ୍ରକାଶିତ ହେବ ଏଥିପୂର୍ବେ ହୁବିଷ୍କଙ୍କ ମୁଦ୍ରା ଉତ୍କଳରେ ଅନ୍ୟତ୍ର ମିଳି ନଥିଲା । ଏହି ମୁଦ୍ରାଗୁଡିକରେ ମଧ୍ୟ ଦୁଇଟି ଲିପିମୁକ୍ତ ମୁଦ୍ରା ଥିଲା । ମୟୂରଭଞ୍ଜରେ ଏହି ମୁଦ୍ରାଗୁଡିକ ଅପେକ୍ଷା ଆହୁରି ପ୍ରାଚୀନ ରୋମକ ମୁଦ୍ରା ମିଳିଥିଲା । ତାହାର ବିବରଣ ବେଙ୍ଗଲର ମହାଦେବଙ୍କ ପ୍ରତ୍ନତତ୍ତ୍ୱ ଅନୁସନ୍ଧାନର ରିପୋର୍ଟରେ ପ୍ରକାଶିତ ହୋଇଥିଲା । ମାଦଳା ପାଞ୍ଜିରେ ଲିଖିତ ଅଛି ଯେ, ଖ୍ରୀଷ୍ଟୀୟ ଚତୁର୍ଥ ଓ ପଞ୍ଚମ ଶତାବ୍ଦୀରେ ଯବନମାନେ ୧୬୭ ବର୍ଷ ଓଡ଼ିଶାରେ ରାଜପଣ କରିଥିଲେ । ଏହି ଯବନମାନେ କି ତେବେ କୁଶାନ ନୃପତିଥିଲେ ? ତାହା ହୋଇ ନଥିଲେ କାହିଁକି ସେମାନଙ୍କ ମୁଦ୍ରା ଓ ତାହାର ଅନୁକରଣ ଉତ୍କଳ ଭୂମିରେ ଏତେ ସୁପ୍ରଚଳିତ ହୋଇଥିଲା ? ସେ ଯାହା ହେଉ ଏହି ମୁଦ୍ରାଗୁଡ଼ିକର ଉପକରଣ ସାହାଯ୍ୟରେ ପ୍ରାଚୀନ ଉତ୍କଳର ଅର୍ଦ୍ଧ ଅର୍ଦ୍ଧସହସ୍ର ବର୍ଷର ଇତିହାସ ଯେ ଲିଖିତ ହେବ ଏଥିରେ ସନ୍ଦେହ ନାହିଁ ।

---

(୯) ବଙ୍ଗୀୟ ସାହିତ୍ୟ ପରିଷତ୍‌ପତ୍ରିକା—୧ମ ସଂଖ୍ୟା, ସନ ୧୩୨୮ ସାଲ ପୃ—୩୦

# "ଓଡ଼ିଶା ଗଠନର" ପ୍ରତିବାଦ

ଊନବିଂଶ ଭାଗର ନବମ ସଂଖ୍ୟା 'ଉତ୍କଳ ସାହିତ୍ୟ'ରେ କେହି 'ଶ' ନାମ ଧାରୀ ଅଜ୍ଞାତ ଲେଖକ ଶ୍ରୀଯୁକ୍ତ ବିଜୟଚନ୍ଦ୍ର ମଜୁମଦାର ମହାଶୟଙ୍କ ଲିଖିତ **'Orissa in the Making'** ପୁସ୍ତକର ମନୋଜ୍ଞ ପରିଚୟ ଦେଇ ଲେଖି ଅଛନ୍ତି ଯେ, ପୁସ୍ତକଟିର ଏହି ସଂକ୍ଷିପ୍ତ ପରିଚୟରୁ ସ୍ପଷ୍ଟ ଜଣାଯିବ ଯେ, କୌଣସି ବ୍ୟକ୍ତି ବା ରାଜବଂଶ ବିଶେଷଙ୍କୁ ତୋଷାମଦ କରିବା ଅଭିପ୍ରାୟରେ ଗ୍ରନ୍ଥକାର ଏହା ପ୍ରଣୟନ କରି ନାହାନ୍ତି । ପ୍ରକୃତ ଐତିହାସିକ ତଥ୍ୟ ଆବିଷ୍କାର କରିବା ତାଙ୍କର ଉଦ୍ଦେଶ୍ୟ ଏବଂ ନିଜ ଉଦ୍ଦେଶ୍ୟ ସିଦ୍ଧିପାଇଁ ସେ ଯେ ଗଭୀର ପରିଶ୍ରମ କରିଅଛନ୍ତି, ତାହା ପୁସ୍ତକର ପ୍ରତ୍ୟେକ ପୃଷ୍ଠାରୁ ଜଣାଯାଏ । ତେଣୁ ଯେଉଁମାନେ ଏ ପୁସ୍ତକକୁ ସୋନପୁର ରାଜପ୍ରଶସ୍ତି ଆଖ୍ୟା ଦେଇଅଛନ୍ତି ସେମାନେ ତାଙ୍କ ପ୍ରତି ଘୋର ଅନ୍ୟାୟ କରିଅଛନ୍ତି ବୋଲି ଆମ୍ଭମାନଙ୍କର ବିଶ୍ୱାସ ।"

(ଉ: ସା: ପୃ୪୦୭)

ମାତ୍ର ଆମ୍ଭେମାନେ କହୁ ଯେ, ଗ୍ରନ୍ଥକାର କେବଳ ସୋନପୁର ରାଜବଂଶର ତୋଷାମଦ ଉଦ୍ଦେଶ୍ୟରେ ଏ ଗ୍ରନ୍ଥ ପ୍ରଣୟନ କରି ଅଛନ୍ତି । ସେ ସାଧାରଣ ପାଠକମାନଙ୍କ ଚକ୍ଷୁରେ ଧୂଳି ଦେବା ପାଇଁ ଓଡ଼ିଶାର ଇତିହାସକୁ ଅବଲମ୍ବନ ସ୍ୱରୂପ ଧରିଅଛନ୍ତି । ପୁସ୍ତକଟି "ସ୍ୱର୍ଣ୍ଣପୁର-ଗୁଣାଦର୍ଶ" ସଦୃଶ ଗୋଟିଏ ସୁନ୍ଦର ରାଜପ୍ରଶସ୍ତି । ଏହି ଉଦ୍ଦେଶ୍ୟ ସିଦ୍ଧି ପାଇଁ ଗ୍ରନ୍ଥକାର ଅବଶ୍ୟ "ଗଭୀର ପରିଶ୍ରମ କରିଅଛନ୍ତି ।"

'ଓଡ଼ିଶାର ଗଠନ' ପୁସ୍ତକ ଖଣ୍ଡିକ ଗ୍ରନ୍ଥକାର ପୂର୍ବ ପ୍ରକାଶିତ "ସୋନପୁର ଇତିହାସ"ର ପରିବର୍ଦ୍ଧିତ ସଂସ୍କରଣ ମାତ୍ର । "ମୁସଲମାନ

ରାଜତ୍ୱ (୧୫୬୮—୧୭୫୦), ମହାରାଷ୍ଟ୍ର ରାଜତ୍ୱ (୧୭୫୦—୧୮୦୩) ବା ବ୍ରିଟିଶ ରାଜତ୍ୱ (୧୮୦୩—୧୯୨୫) ସମୟର ଓଡ଼ିଶା ସମ୍ବନ୍ଧରେ ଏ ପୁସ୍ତକ ନୀରବ" ହେଲେ ମଧ୍ୟ ଷୋଡ଼ଶ ଶତାବ୍ଦୀର ମଧ୍ୟଭାଗରୁ ଯେଉଁ ସୋନପୁର ରାଜ୍ୟ ଇତିହାସରେ ସ୍ଥାନ ପାଇଲା, ତାହାର ବିସ୍ତାରିତ ବିବରଣ ଏ ପୁସ୍ତକରେ ବର୍ଣ୍ଣିତ ହୋଇଅଛି ଓ ସୋନପୁର ରାଜବଂଶ ଓଡ଼ିଶା ନିର୍ମାତା (Makers of Orissa) ରାଜବଂଶର ଅନ୍ୟତମରୂପେ ଗୃହୀତ ହୋଇଅଛି । "ସୋନପୁର ଇତିହାସ"ର ଦ୍ୱିତୀୟ ଅଧ୍ୟାୟରେ ସୋନପୁରର ଭୌଗୋଳିକ ବିବରଣ ଯାହା ଲିଖିତ ହୋଇଥିଲା, ତାହାର ଅବିକଳ ମୁଦ୍ରଣ ଏ ପୁସ୍ତକର ୭୨—୭୬ ପୃଷ୍ଠାରେ ହୋଇଅଛି । ସେହି ପୁସ୍ତକର ଷଷ୍ଠ ଅଧ୍ୟାୟରେ ସମ୍ବଲପୁର ଅଞ୍ଚଳର ନୃପତିବୃନ୍ଦଙ୍କର ବୃତ୍ତାନ୍ତ, ସପ୍ତମ ଅଧ୍ୟାୟରେ ସୋନପୁରର ପୂର୍ବ ରାଜଗଣଙ୍କର ବିବରଣ, ଅଷ୍ଟମ ଅଧ୍ୟାୟରେ ସୋନପୁର ରାଜା ପୃଥ୍ୱୀସିଂହଙ୍କର କାହାଣୀ ଓ ଦ୍ୱାଦଶ ଅଧ୍ୟାୟରେ ସୋନପୁର ରାଜାଙ୍କର ପଦମର୍ଯ୍ୟାଦା (Status of the Sonepur Chief) ବର୍ଣ୍ଣିତ ହୋଇଥିଲା, ତାହାର ଅବିକଳ ଉଦ୍ଧାର ଏ ପୁସ୍ତକରେ ୨୨୩—୨୪୬ ପୃଷ୍ଠାରେ ହୋଇଅଛି । କେବଳ ପୃଥ୍ୱୀସିଂହଙ୍କ କାହାଣୀ ଏ ପୁସ୍ତକରେ ଅନ୍ତର୍ଭୁକ୍ତ ହୋଇଅଛି ମାତ୍ର ।

"ଓଡ଼ିଶାର ଗଠନ" ପୁସ୍ତକ ଖଣ୍ଡିକ ଓଡ଼ିଶାର ୧୭ ଗଡ଼ଜାତରେ ଶୀର୍ଷସ୍ଥାନୀୟ ମୟୂରଭଞ୍ଜର ଇତିହାସ, କୁଳଗୌରବ ଓ ପଦମର୍ଯ୍ୟାଦା ତୁଳନାତ୍ମକ ଦୀର୍ଘ ପ୍ରବନ୍ଧବିଶେଷ । Orissa Feudatory States Gazetteerକୁ ନଜର ଦେଇ ତହିଁର ମୟୂରଭଞ୍ଜର ଆଦ୍ୟପୁରୁଷ—(One Jai Singh who was a relative of the Raja of Jaipur in Rajputana (P 239)—ଙ୍କୁ ୧୧୯ ପୃଷ୍ଠାରେ "A son of the Celebrated Man Singha of Jiapur in Rajputana" ଲେଖିବା ପରେ ପୁଣି ୨୧୭ ପୃଷ୍ଠାରେ କପର ତାଙ୍କୁ "quite a foreigner of the United Provinces came into Orissa at the time of invasion of Orissa by Man Singha" ଲେଖିଲେ । ତାହାର ଉଦ୍ଦେଶ୍ୟ ତାହାଙ୍କୁ କେବଳ ଜଣାଥିବ । ଏହି ରୂପେ ଭଞ୍ଜବଂଶ ଓଡ଼କୁଳୋଦ୍ଭବ ଓ ଐତିହାସିକ ନ ଥିବାର

ପ୍ରମାଣିତ କରି ଚୌହାନ ନୃପତିମାନଙ୍କର କମ୍ବଦନ୍ତୀକୁ ଫେଣେଇ ଫେଣେଇ ଯେପରି ଭାବରେ ଇତିହାସ ବୋଲି ଦର୍ଶାଇ ଅଛନ୍ତି, ତାହା ଅତି ବଚନ। କେବଳ ଚୌହାନ ନୃପତିମାନେ ଯେ ଭଞ୍ଜ ନପତିମାନଙ୍କଠାରୁ କୁଳଗୌରବରେ ଶ୍ରେଷ୍ଠତର ତାହା ନୁହେଁ, ବଜୟବାବୁଙ୍କ ମତରେ ମୟୂରଭଞ୍ଜ ଓ କେନ୍ଦୁଝର ମଧ ଦିନେ ଚୌହାନମାନଙ୍କର କରଦ ଥିଲେ। ଏକଥା ସମ୍ବଲପୁର Gazetteerରେ ଲେଖାଥିଲେ ମଧ ମୂଳ ପୁସ୍ତକ ମାନଙ୍କରେ ନାହିଁ । ଆଉ ବଜୟବାବୁ ଚୌହାନମାନଙ୍କର ଏହି ଏକାଙ୍ଗଚନ୍ଦବର୍ତ୍ତୀତ୍ୱ Sir Alexanderଙ୍କ ପ୍ରକାଶିତ ୧୮୭୭ ଖ୍ରୀଷ୍ଟାବ୍ଦରେ ମଧ୍ୟପ୍ରଦେଶର Gazetteerରୁ ପାଇଅଛନ୍ତି ବୋଲି ପୃଷ୍ଠପୋଷକ ଛଦ୍ମବେଶୀ ଲେଖକ Calcutta Reviewର ଡିସେମ୍ବର ସଂଖ୍ୟାରେ ଲେଖିଅଛନ୍ତି ଓ ବଜୟ ବାବୁ ନିଜେ ସେହି ପୁସ୍ତକଟିରୁ ଅନେକ ଉପାଦାନ ନେଇଥିବା କଥା ତାଙ୍କ ପୁସ୍ତକରେ ପ୍ରକାଶ କରିଅଛନ୍ତି।

'ଓଡ଼ିଶାର ଗଠନ' ଓ 'ସୋନପୁର ଇତିହାସ' ପୁସ୍ତକ ଦ୍ୱୟରେ ବଜୟ ବାବୁ ଲେଖି ଅଛନ୍ତି ଯେ, ପାଟଣା ଓ ସମ୍ବଲପୁରର ଚୌହାନ ନପତିଗଣ ମୟୂରଭଞ୍ଜ ଓ କେନ୍ଦୁଝର ନପତି ମାନଙ୍କ ଉପରେ କର ସଂଗ୍ରହର ଆଦେଶ ପତ୍ର ଜାରି କରିଥିଲେ। ସେସବୁ କାଗଜପତ୍ର ବର୍ତ୍ତମାନ ମିଳୁନାହିଁ, ମାତ୍ର ସେଗୁଡ଼ିକୁ ନିଜେ Sir A. grant ବା ତାଙ୍କର **responsible Assistant** ମାନେ ୧୮୬୧ ଖ୍ରୀଷ୍ଟାବ୍ଦ ପୂର୍ବେ ଦେଖିଥିଲେ। ଏକଥା ଗୁଡ଼ିକ ସମ୍ପୂର୍ଣ୍ଣ କଳ୍ପନା ପ୍ରସୂତ। ସମ୍ବଲପୁର ଅଞ୍ଚଳ ସମ୍ବନ୍ଧରେ ମଧ୍ୟପ୍ରଦେଶର ଚିଫ୍ କମିଶନର Sir Richa d Ter ple ଓ ସମ୍ବଲପୁରର ଡେପୁଟି କମିଶନର Mr H,B. Impey ଙ୍କର ୧୮୬୩ ଖ୍ରୀଷ୍ଟାବ୍ଦର ରିପୋର୍ଟରେ ପୂର୍ବୋକ୍ତ କଥା କୁତ୍ରାପି ଦୃଷ୍ଟ ହୁଏ ନାହିଁ।

ସମ୍ବଲପୁର ଅଧୀନରେ ଯେଉଁ "ଅଠର ଗଡ଼ଜାତ" ବଶ୍ୟତା ସ୍ୱୀକାର କରିଥିଲେ ସେ ବିଷୟରେ ନାନା ମୁନିଙ୍କର ନାନାମତ। ୧୭୬୬ ଖ୍ରୀଷ୍ଟାବ୍ଦରେ Mr Motte ନାମକ ଜଣେ ଇଂରେଜ ସମ୍ବଲପୁର ଯାଇଥିଲେ। ସେ ସମ୍ବଲପୁର ରାଜାଙ୍କୁ "ଆଠଗଡ଼ର"ର ରାଜା ବୋଲି ଲେଖିଅଛନ୍ତି, ମାତ୍ର କେଉଁଗୁଡ଼ିକ 'ଅଠରଗଡ଼' ର ଅନ୍ତର୍ଗତ ଥିଲା ତାହା

ଲେଖାନାହିଁ । ୧୮୩୮ ଖ୍ରୀଷ୍ଟାବ୍ଦରେ Mr. Kittoc ସମ୍ବଲପୁର ଯାଇଥିଲେ, ସେ 'ଅଠରଗଡ଼' ମଧ୍ୟରୁ ୧୦ଟିର ନାମୋଲ୍ଲେଖ କରି ଆଉ ୮ଟି ସମ୍ବଲପୁର ଜିଲ୍ଲା ଅନ୍ତର୍ଗତ ଥିଲା ବୋଲି ଲେଖିଅଛନ୍ତି । ପରେ ୧୮୬୩ ଖ୍ରୀଷ୍ଟାବ୍ଦରେ Sir. R. Temple ଅଠର ଗଡ଼ଜାତର ନାମ ଦେଇଅଛନ୍ତି; କିନ୍ତୁ ସେଥିରେ ମୟୂରଭଞ୍ଜ ଓ କେନ୍ଦୁଝରର ନାମ ନାହିଁ । ଏହି ଅଠର ଗଡ଼ଜାତ ଐତିହାସିକ ଭିତ୍ତିହୀନ ବୋଲି ମଧ୍ୟପ୍ରଦେଶର ୧୮୭୮ ଖ୍ରୀଷ୍ଟାବ୍ଦର gazetteer ରେ Sir C. grant ମଧ୍ୟ ଏହି ଫର୍ଦ୍ଦ ବାଦ ଦେଇଅଛନ୍ତି ଓ ସମ୍ବଲପୁର ରାଜା ବଳୟାର ସିଂହ ଆଦୌ ପରାକ୍ରମୀ ନ ଥିବାର ଲେଖିଅଛନ୍ତି କିନ୍ତୁ, ସେହି ବଳୟାର ସିଂହଙ୍କ ଅଧୀନରେ ୧୯୦୯ ଖ୍ରୀଷ୍ଟାବ୍ଦରେ ବାବୁ ସତ୍ୟବାଦୀ ପାଢ଼ୀ ଓ ବାବୁ ନନ୍ଦକିଶୋର ବହିଦାର ଯେଉଁ ଅଠର ଗଡ଼ଜାତର ଫର୍ଦ୍ଦ ଦେଇଅଛନ୍ତି ସେଥିରେ ମୟୂରଭଞ୍ଜ ଓ କେନ୍ଦୁଝର ନାମ ଅଛି । ବିଜୟବାବୁ ଉକ୍ତ gazetteer ର ୨୨ ପୃଷ୍ଠାରେ ଯାହାଥିବାର ଉପର୍ଯ୍ୟୁପରି ଦୁଇଥର ଦୁଇଟି ବିଭିନ୍ନ ପୁସ୍ତକରେ ଲେଖିଅଛନ୍ତି, ତାହା କିନ୍ତୁ ଉକ୍ତ ୨୨ ପୃଷ୍ଠାରେ ଲିଖିତ ହୋଇନାହିଁ । ସେଠାରେ ଲେଖା ଅଛି ଯେ, "Baliar Singh" whose suyerainty was acknowledged by the chiefs' ମାନ ଏଥିରୁ ବିଜୟବାବୁ ବଳୀୟାର ସିଂହଙ୍କ ନାମ ଉଠାଇ ଦେଇ" "The suzerainty of powerful chohan chiefs of Patna and Sambalpur was acknowledged by the chiefs," ପାଠତକ ଆବିଷ୍କାର କରିଅଛନ୍ତି ଓ ଫର୍ଦ୍ଦ ଦେବାରୁ ଚୌହାନ ନୃପତି ସୋନପୁର, ପାଟଣା ଓ ଖଡ଼ିୟାଳର ନାମ ବାଦ ଦେଇଅଛନ୍ତି । ଏହାର ଉଦ୍ଦେଶ୍ୟ କଣ ଚୌହାନ "ରାଜବଂଶ ବିଶେଷକୁ ତୋଷାମଦ କରିବା ନୁହେଁ ?

ଏ କଥା କେହି ଅସ୍ୱୀକାର କରିବେ ନାହିଁ ଯେ, ବିଜୟବାବୁ ଜଣେ ବହୁଦର୍ଶୀ ଐତିହାସିକ । ସେ ପୁଣି ଅନେକ କାଳ ସମ୍ବଲପୁରରେ କଟାଇଥିଲେ । ଏଣୁ ସମ୍ବଲପୁର ଅଞ୍ଚଳ ସମ୍ବନ୍ଧରେ ତାଙ୍କୁ ଯେତେ ବିଷୟ ଅବଗତ ହେବାରସୁଯୋଗ ଥିଲା, ଅନ୍ୟ ପକ୍ଷରେ ତାହା ଅସମ୍ଭବ ।

ସେ ପୂର୍ବୋକ୍ତ **Gazetteer** ଓ **Reports** ଅବଶ୍ୟ ଦେଖିଥିବେ । ତା ଉପରେ କପରି କୌଣସି କଥା ନ କହି କେବଳ ସମ୍ବଲପୁର ଅଠର ଗଡ଼ଜାତ ମଧ୍ୟରେ ମୟୂରଭଞ୍ଜ ଓ କେନ୍ଦୁଝର ରାଜ୍ୟଦ୍ୱୟକୁ ସ୍ଥାନ ଦେଲେ ? ୧୯୧୯ ଖ୍ରୀଷ୍ଟାବ୍ଦର ଏସିୟାଟିକ ସୋସାଇଟି **(Asiatic Society of Bengal)** ପତ୍ରିକାରେ **Mr. C. U.Wills 1. C. S** ଛତିଶଗଡ଼ ଓ ସମ୍ବଲପୁର ଅଠରଗଡ଼ ସମ୍ବନ୍ଧରେ ଗୋଟିଏ ତଥ୍ୟପୂର୍ଣ୍ଣ ପ୍ରବନ୍ଧ ଲେଖିଥିଲେ । ସେଥିରେ ସେ ଅଠରଗଡ଼ଜାତର ଫର୍ଦ୍ଦ—ମଧ୍ୟରେ ମୟୂରଭଞ୍ଜ ଓ କେନ୍ଦୁଝରର ନାମ ନ ଦେଇ ସମ୍ବଲପୁର ଅଠରଗଡ଼ଜାତକୁ ଐତିହାସିକ ଭିତ୍ତିହୀନ ବୋଲି ପ୍ରମାଣିତ କରିଅଛନ୍ତି । ବିଜୟବାବୁ ସେ ପ୍ରବନ୍ଧର ଭୂୟସୀ ପ୍ରଶଂସା "ଓଡ଼ିଶାର ଗଠନ"ରେ କରିଅଛନ୍ତି । କିନ୍ତୁ କାହିଁକି ଯେ ବିଜୟବାବୁ ଚୌହାନ ନୃପତିଙ୍କ ଆଧିପତ୍ୟ ଲେଖିଲାବେଳେ ଯାହା 'ସୋନପୁର ଇତିହାସ'ରେ ୧୯୧୧ ଖ୍ରୀ: ରେ ଲେଖିଥିଲେ, ଠିକ୍ ଯାହା ୧୯୨୫ ଖ୍ରୀ:ରେ ଓଡ଼ିଶାର ଗଠନରେ ଛପାଇଲେ, ତାହାର କାରଣ ସହଜରେ ଅନୁମେୟ ।

**Sir Alexander Grant**ଙ୍କ କୃତ ୧୮୬୭ ଖ୍ରୀଷ୍ଟାବ୍ଦର ପୁରାତନ ମଧ୍ୟପ୍ରଦେଶର ଗେଜେଟିଅର ଖଣ୍ଡିକୁ ବିଜୟବାବୁ ସର୍ବଶ୍ରେଷ୍ଠ ପ୍ରଥମ ସ୍ଥାନ ଦେଇଅଛନ୍ତି । ଏହି ପୁସ୍ତକ ଖଣ୍ଡିକ ବିଜୟବାବୁଙ୍କ କଳ୍ପନାପ୍ରସୂତ ନିରାକାର ବସ୍ତୁ । ବିଜୟବାବୁ ଓ ତାଙ୍କ ଦଳର **'X, Y, Z'**ଙ୍କ ଛଡ଼ା ଅନ୍ୟ କେହି ଏହାର ଅସ୍ତିତ୍ୱ ଦେଖିନାହାନ୍ତି । ତାଙ୍କ କଥାକୁ ସତ୍ୟ ମନେ କରି ଏ ପୁସ୍ତକ ଖଣ୍ଡିକର ଆବିଷ୍କାର ପାଇଁ ତତ୍ପର ହୋଇ ଯାହା ଯାହା ପାଇଥିଲୁଁ, ତାହାର ବିବରଣ ପାଠକମାନଙ୍କ ଅବଗତ ସକାଶେ ଲେଖିଲୁଁ । ପ୍ରଥମେ ୧୮୬୭ ଖ୍ରୀଷ୍ଟାବ୍ଦର **Sir Alexander Grant**ଙ୍କ କୃତ ଓ ଗେଜେଟିଅର ଖୋଜିବାରେ ୧୮୭୦ ଖ୍ରୀଷ୍ଟାବ୍ଦର **Charles Grant**ଙ୍କର ବହି ପାଇଲୁଁ । ବିଜୟବାବୁ ମଧ୍ୟ 'ସୋନପୁର ଇତିହାସ'ର ୧୪ ପୃଷ୍ଠାରେ **Sir C. Grant**ଙ୍କ କୃତ ୧୮୬୭ ଖ୍ରୀଷ୍ଟାବ୍ଦର ଗେଜେଟିଅର କଥା ଉଲ୍ଲେଖ କରିଅଛନ୍ତି । ଏଣୁ **A. Grant** ଓ **C Grant** ଏକବ୍ୟକ୍ତି କି ଭିନ୍ନ ବ୍ୟକ୍ତି ତାହା ସ୍ଥିର କରିବା ପାଇଁ **Bucklands**

Dictionary of Indian Biography. London 1906 ବହି ଖଣ୍ଡିକ ଓଲଟାଇଁଥିଲି । ସେଥିରୁ ବୁଝିଲି ଯେ, Sir Alexander Grant ଓ Sir Charles Grant ଦୁଇଜଣ ସ୍ୱତନ୍ତ୍ର ଖ୍ୟାତନାମା ଗଭର୍ଣ୍ଣମେଣ୍ଟ ଅଫିସର । Sir A.Grant କୌଣସି କାଳରେ ମଧ୍ୟପ୍ରଦେଶରେ ନଥିଲେ । ସେ ମାନ୍ଦ୍ରାଜ ଓ ବୋମ୍ବାଇ ପ୍ରଦେଶରେ ଶିକ୍ଷା ବିଭାଗରେ କାର୍ଯ୍ୟ କରି ୧୮୬୮ ଖ୍ରୀଷ୍ଟାବ୍ଦରେ ପେନ୍‌ସନ୍ ଗ୍ରହଣ କରି ଭାରତବର୍ଷ ଛାଡ଼ିଥିଲେ । Sir C. Grant ବହୁବର୍ଷ ମଧ୍ୟପ୍ରଦେଶରେ ଥିଲେ ଓ ୧୮୬୭ ଖ୍ରୀଷ୍ଟାବ୍ଦରେ C. p, Gazetteerର ନୂତନ ସଂସ୍କରଣ ବୋମ୍ବାଇରେ ଛପାଇଥିଲେ । କାଳେ ୧୮୬୭ ଖ୍ରୀଷ୍ଟାବ୍ଦର ଗେଜେଟିଅର ଖଣ୍ଡିକ ବୋମ୍ବାଇରେ ଛପା ହୋଇଥିବ, ଓ ସେହି ସମ୍ପର୍କରେ Alexander Grantଙ୍କ ନାମ ଉକ୍ତ ପୁସ୍ତକରେ ରହିଥିବ, ଏହା ବଡ଼ ସନ୍ଦେହର କାରଣ ହୋଇଥିଲା । ପ୍ରବୀଣ ଗ୍ରନ୍ଥକାର ବିଜୟବାବୁଙ୍କ କଥା ଏକାବେଳକେ ଅସମ୍ଭବ ହେଉନଥିଲା । କାରଣ କାଳେ A. Grant ବୋମ୍ବାଇ ବିଶ୍ୱବିଦ୍ୟାଳୟର Vice-Chanceller ଥିବା ବେଳେ C. P Gazetteer ଖଣ୍ଡିକର ଭୂମିକା ଆଦ୍ଧ କିଛି ଲେଖି ଦେଇଥିବେ । ଏହି ସନ୍ଦେହ ଦୂର କରିବା ପାଇଁ Index Catalogue of Indian Official Publications in the library of British Mnseum ପୁସ୍ତକ ଖଣ୍ଡିକ ଦେଖିବାକୁ ପଡ଼ିଥିଲା । ତହିଁରେ ନିମ୍ନଲିଖିତ ବିବରଣ ଅଛି—

Gazetteer of the central Provinces 6 parts in 1 Vol PP iii—492, Chief Commissioner office Press Nagpur 80 1867—1868, with a preface signed by C. Bernard stating that the work was compiled by order of Mr Temple from the materials collected by the provincial officers since 1864—ଇତ୍ୟାଦି । ଅବିଳମ୍ବେ କଲିକତାର Imperial Library ରୁ ବହି ଖଣ୍ଡିକ ଦେଖି ସବୁ ସନ୍ଦେହ ଦୂର ହେଲା । ଏହି ପୁସ୍ତକର ୧୮୬୮ ଖ୍ରୀଷ୍ଟାବ୍ଦରେ ମୁଦ୍ରିତ ୬ଷ୍ଠ ଖଣ୍ଡରେ ସମ୍ବଲପୁର ଜିଲ୍ଲାର ଓ ରାଜ୍ୟସମୂହର ଇତିହାସ ବର୍ଣ୍ଣିତ

ହୋଇଅଛି । କୌଣସି Grantଙ୍କର ନାମ କୌଣସି ସମ୍ପର୍କରେ ଏଥିରେ ସ୍ଥାନ ପାଇ ନାହିଁ । ବିଜୟୀ ବାବୁ ସତ୍ୟ ସତ୍ୟ "ନିଜର ଉଦ୍ଦେଶ୍ୟ ସିଦ୍ଧି ପାଇଁ ଗମ୍ଭୀର ପରିଶ୍ରମ କରିଅଛନ୍ତି" ବୋଲି ଏ ପୁସ୍ତକରୁ ସ୍ପଷ୍ଟ ପ୍ରମାଣିତ ହୁଏ । ଚୌହାନ ନୃପତି ତଥା ସୋନପୁର ରାଜବଂଶର ଗୌରବ ପ୍ରଚାର ପାଇଁ ଯଦି ବିଜୟୀବାବୁ ଅସ୍ତିତ୍ୱ ହୀନ Sir Alexander grant କୃତ ୧୮୬୭ ଖ୍ରୀଷ୍ଟାବ୍ଦରେ gazetteer ର ନାମ କରି ଭଞ୍ଜରାଜବଂଶର ମର୍ଯ୍ୟାଦା କ୍ଷୁଣ୍ଣ କରି ପାରନ୍ତି । ତେବେ ଯେଉଁମାନେ Orissa in Making ପୁସ୍ତକକୁ "ସୋନପୁର ରାଜପ୍ରଶସ୍ତି ଆଖ୍ୟା ଦେଇଅଛନ୍ତି । ସେମାନେ ଏପରି ଘୋର ଅନ୍ୟାୟ ତାଙ୍କ ପ୍ରତି କରିଅଛନ୍ତି ?

Orissa in the Making ପୁସ୍ତକ ଓଡ଼ିଶାର ଇତିହାସର ଉପାଦାନ ଯୋଗାଇବା ଉଦ୍ଦେଶ୍ୟରେ ଲିଖିତ ହୋଇନାହିଁ । ଓଡ଼ିଶା ଇତିହାସର ଯେଉଁସବୁ ଉପାଦାନ ଏଥିରେ ସନ୍ନିବେଶିତ ହୋଇଅଛି ତାହା ଭଞ୍ଜ ଚୌହାନ ବଂଶଦ୍ୱୟର ତୁଳନା ମୂଳକ 'ସୋନପୁର ରାଜ-ପ୍ରଶସ୍ତି'ର ଅଙ୍ଗପୁଷ୍ଟି ଉଦ୍ଦେଶ୍ୟରେ ବର୍ଣ୍ଣିତ ହୋଇଅଛି । ବିଜୟୀ ବାବୁ "ସୋନପୁର ଇତିହାସ"ରେ ପ୍ରାଚୀନ ଭଞ୍ଜମାନଙ୍କୁ ଆଧୁନିକ ଭଞ୍ଜମାନଙ୍କର ପୂର୍ବପୁରୁଷ ବୋଲି ପ୍ରମାଣିତ କରିଥିଲେ । ସେଥିରେ ଚୌହାନ ବଂଶର ଗୌରବ କ୍ଷୁଣ୍ଣ ହେବାର ଜାଣି ପରେ ୧୯୧୬ ଖ୍ରୀଷ୍ଟାବ୍ଦରେ ଆଧୁନିକ ଭଞ୍ଜ ମାନଙ୍କୁ ତାମ୍ର ଶାସନୋକ୍ତ ଭଞ୍ଜବଂଶର ବଂଶଧର ନୁହନ୍ତି ବୋଲି ଠାଣି ଓଠାରି ପ୍ରମାଣିତ କଲେ । କିପରି ଘୋର ମିଥ୍ୟା ଲେଖି ତାହା ସେ ପ୍ରମାଣିତ କରିଅଛନ୍ତି ତାହାର ଉଦାହରଣ ନିମ୍ନରେ ଦିଆଗଲା । ବୌଦର ରାଜଚିହ୍ନ ମୟୂର । ବିଜୟୀ ବାବୁ ସେହିକଥା E. I. Vol XIII ୨୧୯ ପୃଷ୍ଠାରେ ଲେଖିଅଛନ୍ତି । କିନ୍ତୁ ପ୍ରାଚୀନ ଭଞ୍ଜବଂଶ ସହିତ ଆଧୁନିକ ଭଞ୍ଜବଂଶର ସମ୍ପର୍କ ଛିନ୍ନ କରିବା ଲାଗି ସେହି ବୌଦରାଜ୍ୟର ରାଜଚିହ୍ନ ମୟୂରକୁ 'ପଦ୍ମ' (Lotus) ଅଟେ ବୋଲି Journal of the Bihar and Orissa Research Society Vol II, ୩୫୬ ପୃଷ୍ଠାରେ ଲେଖି ତାହାରି ଉପରେ ନିଜର ସମସ୍ତ ଯୁକ୍ତି ପ୍ରୟୋଗ କରି ଶେଷ ମୀମାଂସାରେ ଉପନୀତ ହୋଇ ଅଛନ୍ତି । କେବଳ ଏତିକି ନୁହେଁ,

କନକ ଭଞ୍ଜଙ୍କ ତାମ୍ର ଶାସନଟିର ପାଠ ଓ ଅନୁବାଦ ସହିତ ବିଷୟ ନିରୂପଣରେ ଆଦୌ ସାମଞ୍ଜସ୍ୟ ନାହିଁ । ଯେଉଁ ବ୍ୟକ୍ତି ସରକାରୀ ରିପୋର୍ଟକୁ ପୂର୍ବୋକ୍ତ ମତେ ଅନ୍ୟଥା କରିପାରନ୍ତି, ତାଙ୍କ ପାଖରୁ ତାମ୍ର ଶାସନର ସତ୍ୟାସତ୍ୟ ଆଶା କରିବା ବିଡ଼ମ୍ବନା ମାତ୍ର । ଏହାପରେ ଏହି ପୁସ୍ତକରେ ପ୍ରାଚୀନ ଭଞ୍ଜ ମାନଙ୍କୁ ଅନାର୍ଯ୍ୟ ଭୂୟାଁ ବା କୁଡ଼ମୀ ବଂଶଜ ଥିବାର ଲେଖି ଆଧୁନିକ ଭଞ୍ଜମାନଙ୍କୁ ଅଜ୍ଞାତ କୁଳଶୀଳ ବୋଲି ପ୍ରମାଣିତ କରିବାର ଚେଷ୍ଟା କରି ଅଛନ୍ତି । ସେଥିକରେ ତୃପ୍ତ ନହୋଇ ଭଞ୍ଜମାନଙ୍କୁ ପୁଣି ଚୌହାନ ମାନଙ୍କର କରଦ ଥିବାର ପ୍ରମାଣ କରିବା ନିମିତ୍ତ ନାନା ଅବାନ୍ତର କଥା ଉଲ୍ଲେଖ କରି ଅଛନ୍ତି । ବିଜୟ ବାବୁଙ୍କ ମତରେ ମୟୂରଭଞ୍ଜ ଓ କେନ୍ଦୁଝର ରାଜ୍ୟଦ୍ୱୟ ୧୫୮୯ ଖ୍ରୀଷ୍ଟାବ୍ଦ ପରେ ରାଜା ମାନସିଂହଙ୍କ ଓଡ଼ିଶା ବିଜୟ ସମୟରେ ସୃଷ୍ଟ ହୋଇଥିଲା । ଏହା ବିରୁଦ୍ଧରେ ଆମ୍ଭେମାନେ stirling କୃତ ଓଡ଼ିଶା ଇତିହାସର ସାକ୍ଷ ଦେଉଅଛୁଁ । ଶତବର୍ଷ ପୂର୍ବେ Stirling ଓଡ଼ିଶାର ଇତିହାସ ପ୍ରକାଶିତ କରିଥିଲେ । ସେ କଟକର ପାରଶୀ କାଗଜ ପତ୍ର ଦେଖି ୧୫୯୦ ଖ୍ରୀଷ୍ଟାବ୍ଦରେ ରାଜା ମାନସିଂହ ଯେଉଁମାନଙ୍କ ସହିତ ମୋଗଲ ସମ୍ରାଟଙ୍କ ପକ୍ଷରୁ ବନ୍ଦୋବସ୍ତ କରିଥିଲେ, ସେମାନଙ୍କର ନାମ ଓ ରାଜ୍ୟର ପରିମାଣ ଦେଇ ଅଛନ୍ତି । ତହିଁରେ ମୟୂର ଭଞ୍ଜ ଓ କେନ୍ଦୁଝର ବିଶିଷ୍ଟ ଭାବରେ ସ୍ଥାନ ପାଇଅଛି । ଏପରି ସ୍ଥଳରେ ବିଜୟ ବାବୁଙ୍କର କପୋଳକଳ୍ପିତ ମତର ମୂଲ୍ୟ ଐତିହାସିକ ପକ୍ଷରେ ଅକିଞ୍ଚିତ୍କର ମାତ୍ର ।

ମୋଗଲ ରାଜତ୍ୱ ଓ ମର୍ହଟା ରାଜତ୍ୱରେ ସମ୍ବଲପୁରର ଚୌହାନ ନୃପତିମାନେ ସ୍ୱାଧୀନ ଥିବାର ବିଜୟବାବୁଙ୍କ ପୁସ୍ତକରେ ଲିଖିତ ହୋଇଅଛି । କିନ୍ତୁ ତାଙ୍କର ଏ ମତରେ ବିନ୍ଦୁମାତ୍ର ସତ୍ୟ ଥିଲାପରି ବୋଧହୁଏ ନାହିଁ । କାରଣ ଛତିଶ ଗଡ଼ର ହୈହୟ ନୃପତି କଲ୍ୟାଣ ସାହି ଦେବ ଷୋଡ଼ଶ ଶତାବ୍ଦୀର ମଧ୍ୟଭାଗରେ ମୋଗଲ ମାନଙ୍କର ଅଧୀନତା ସ୍ୱୀକାର କରିଥିଲେ । ସମ୍ବଲପୁର ଅଞ୍ଚଳର ପାଟଣା, ସୋନପୁର, ସମ୍ବଲପୁର ଓ ଅନାନ୍ୟ ରାଜାମାନେ ଉକ୍ତ କଲ୍ୟାଣ ସାହି ଦେବଙ୍କର କରଦ ବା ସାମନ୍ତ ଥିବାର ପ୍ରମାଣ ରତନପୁର ଇତିହାସରେ ଦୃଷ୍ଟ ହୁଏ । ବିଜୟବାବୁ ଭୂମିକାରେ

ଲେଖିଅଛନ୍ତି ଯେ, ସେ ବିଲାସପୁର ଜିଲାର ଗେଜେଟିଅର ଖଣ୍ଡିକ "ଓଡ଼ିଶାର ଗଠନ" ପୁସ୍ତକ ଲେଖିଲାବେଳେ **Consult** କରି ଅଛନ୍ତି । ଉକ୍ତ ପୁସ୍ତକର ୩୮ ପୃଷ୍ଠାରେ ସମ୍ବଲପୁର ଅଞ୍ଚଳର ପାଟଣା ଓ ସୋନପୁର ଓ ଅନାନ୍ୟ ରାଜାମାନେ ହୈହୟମାନଙ୍କର ଅଧୀନ ଥିବାର ଲେଖାଥିଲେ ମଧ୍ୟ ବିଜୟବାବୁ ତାହାର ଆଭାସ କେଉଁଠାରେ ଟିକିଏ ସୁଦ୍ଧା ଦେଇ-ନାହାନ୍ତି । ମର୍ହଟ୍ଟା ରାଜତ୍ୱ ସମୟରେ ସମ୍ବଲପୁର ଅଞ୍ଚଳ ମର୍ହଟ୍ଟା ମାନଙ୍କର ଅଧୀନ ଥିବାର ପ୍ରମାଣ **Mr. Motte**ଙ୍କର ୧୭୬୬ ଖ୍ରୀଷ୍ଟାବ୍ଦର ସମ-ସାମୟିକ ରିପୋର୍ଟରୁ ମିଳୁଅଛି । ଏଭଳି କ୍ଷେତ୍ରରେ **Orissa in the Making** ପୁସ୍ତକକୁ "ସୋନପୁର ରାଜପ୍ରଶସ୍ତି" ନକହି ଆଉ କ'ଣ କହିଲେ ଭଲ ହୁଅନ୍ତା ?

# ମାଦଳାପାଞ୍ଜିର ଐତିହାସିକ ବିଚାର

ଷ୍ଟାର୍ଲିଂ [Stirling] ସାହେବଙ୍କ ଲିଖିତ 'ଓଡ଼ିଶା ବିବରଣ' ସର୍ବପ୍ରଥମ ୧୮୨୫ରେ ଏସିଆଟିକ ରିସାର୍ଚ୍ଚେସ [Asiatic Researches] ଗ୍ରନ୍ଥମାଳାରେ ମୁଦ୍ରିତ ହୋଇ ଥିଲା । ୧୯୦୪ରେ ତତ୍କାଳୀନ ବଙ୍ଗ ସରକାର ଏହି ପୁସ୍ତକର ଯେଉଁ ପୁନଃମୁଦ୍ରଣ କରିଥିଲେ ତହିଁରେ ମୁଦ୍ରିତ ଅଛି ଯେ ତାହା ୧୮୨୨ ମୁଦ୍ରଣରୁ ଗୃହୀତ ହୋଇଥିଲା । ବହୁ ଚେଷ୍ଟା ସତ୍ତ୍ୱେ ୧୮୨୨ରେ ମୁଦ୍ରିତ ପୁସ୍ତକର ସନ୍ଧାନ ପାଇ ପାରିଲି ନାହିଁ । ୧୯୦୪ର ମୁଦ୍ରିତ ପୁସ୍ତକରେ ଷ୍ଟାର୍ଲିଂ ସାହେବଙ୍କ ରାଜତ୍ୱ ସମ୍ବନ୍ଧୀୟ ବିବରଣ ପରିଶିଷ୍ଟରେ ମୁଦ୍ରିତ ହୋଇଥିଲା ।

'ଓଡ଼ିଶା ବିବରଣ' ପୁସ୍ତକର ଦ୍ୱିତୀୟ ଭାଗରେ ଷ୍ଟାର୍ଲିଂ ସାହେବ ଓଡ଼ିଶାର ଇତିହାସ ଓ କାଳନିରୂପଣ ତତ୍ତ୍ୱର ଆଲୋଚନା କରି ଅଛନ୍ତି । ଏହାର ମୌଳିକ ଉପାଦାନ ସେ ତିନୋଟି ହସ୍ତଲିଖିତ ପୋଥିରୁ ପାଇଥିବାର କଥା ନିଜ ଗ୍ରନ୍ଥରେ ଲେଖି ଅଛନ୍ତି । ୧ମଟି ପୁରୀର ଏକ ପଣ୍ଡିତଙ୍କଠାରୁ ପ୍ରାପ୍ତ ସଂସ୍କୃତ ଭାଷାରେ ତାଳପତ୍ର ଉପରେ ଲିଖିତ 'ବଂଶାବଳି' ପୋଥି । ୨ୟଟି ପୁରୀର ଜଗନ୍ନାଥ ମନ୍ଦିରରେ ଥିବା ଓଡ଼ିଆ ଭାଷାରେ ତାଳପତ୍ର ଉପରେ ଲିଖିତ 'ମାଦଳାପାଞ୍ଜି'ର 'ରାଜଚରିତ' ପୋଥି । ୩ୟଟି ସଂସ୍କୃତ ଭାଷାରେ ତାଳପତ୍ରରେ ଲିଖିତ 'ପଟିଆ ରାଜାଙ୍କର 'ବଂଶାବଳି' । ଏହା ବ୍ୟତୀତ ସେ କେତେକ ପାଞ୍ଜିଆମାନଙ୍କଠାରୁ ବଂଶାବଳି ପୋଥି ମଧ୍ୟ ସଂଗ୍ରହ କରିଥିଲେ । ଚଉଦ୍ୱାର ଅଦୂରବର୍ତ୍ତୀ ଆଗ୍ରାହାଟଠାରୁ ଶେଷୋକ୍ତ ପ୍ରକାର ଏକ ବଂଶାବଳି ପୋଥିରୁ ମୁଁ ୧୯୨୭ରେ ଏକ ନକଲ କରି ଆଣିଥିଲି ଓ ଅଦ୍ୟାପି ପାଞ୍ଜିଆମାନଙ୍କଠାରେ ଓଡ଼ିଶାର ନାନା ସ୍ଥାନରେ ଏ ପ୍ରକାର ବଂଶାବଳି ପୋଥି ଥିବାର ଦେଖିଅଛି । ପ୍ରତ୍ୟେକ ବର୍ଷ

ଦୋଳପୂର୍ଣ୍ଣିମା ରାତିରେ ପାଞ୍ଜିଆମାନେ ଗ୍ରାମରେ ବା ଦେବସ୍ଥାନମାନଙ୍କରେ **ଅଦ୍ୟାପି** ମଧ୍ୟ ସେହି ବଂଶାବଳି ପାଠ କରି ନୂତନ ବର୍ଷର ପାଞ୍ଜି ଲୋକମାନଙ୍କୁ **ଶୁଣାନ୍ତି** ।

ପୁରୀରୁ ଓ ପଟିଆରୁ ପ୍ରାପ୍ତ ସଂସ୍କୃତ ବଂଶାବଳି ବିଷୟରେ ଷ୍ଟାର୍ଲିଂଙ୍କ ଲେଖାରେ ବିଶେଷ କିଛି ଉଲ୍ଲେଖ ଥିବାର ଦେଖାଯାଏ ନାହିଁ । ଷ୍ଟାର୍ଲିଂଙ୍କର ୧୮୨୮ରେ ମୃତ୍ୟୁ ପରେ ୧୮୩୭ରେ ଏସିଆଟିକ ସୋସାଇଟିର ପତ୍ରିକାରେ **(journal of the Asiatic Socity of Bengal, Calcutta)** ପତ୍ରିକାର ସମ୍ପାଦକ ଷ୍ଟାର୍ଲିଂଙ୍କର ହସ୍ତ ଲିଖିତ ଯେଉଁ ପ୍ରବନ୍ଧ ଛପାଇଥିଲେ ସେଥିରୁ ଜଣାଯାଏ ଯେ, ତାହା 'ବଂଶାବଳି'ରୁ ଇଂରାଜୀରେ ତର୍ଜମା-କରି ଯାଇଥିଲା । କିନ୍ତୁ 'ରାଜଚରିତ' ଉପାଦାନ ଉପରେ ଷ୍ଟାର୍ଲିଂସାହେବ ଯୁଧିଷ୍ଠିରଙ୍କଠାରୁ ଭୋଇ ବଂଶୀୟ ରାଜାମାନଙ୍କର ରାଜତ୍ୱ କାଳ ପର୍ଯ୍ୟନ୍ତ ଐତିହାସିକ ବିବରଣ ଲେଖିବା ପାଇଁ ସମ୍ପୂର୍ଣ୍ଣ ନିର୍ଭର କରିଥିଲେ ।

ଷ୍ଟାର୍ଲିଂଙ୍କ ପରେ ଭବାନୀଚରଣ ବନ୍ଦୋପାଧ୍ୟାୟ ବଙ୍ଗଳା-ପଦ୍ୟରେ 'ପୁରୁଷୋତ୍ତମ ଚନ୍ଦ୍ରିକା' ନାମକ ପୁସ୍ତକରେ ମାଦଳାପାଞ୍ଜିର ବିବରଣ ସନ୍ନିବେଶିତ କରିଥିଲେ । ହଣ୍ଟାର ସାହେବ ଭବାନୀଚରଣଙ୍କର ଲେଖା ଉପରେ ସମ୍ପୂର୍ଣ୍ଣ ନିର୍ଭର କରିଥିଲେ । ମନମୋହନ ଚକ୍ରବର୍ତ୍ତୀ ୧୮୯୭-୯୮ରେ ଓଡ଼ିଶାର ଭାଷା ଓ ସାହିତ୍ୟ **(Notes on the Language and Literature of Orissa)** ପ୍ରବନ୍ଧରେ ମୂଳ ମାଦଳା ପାଞ୍ଜିର ଲେଖା ଉପରେ ନିର୍ଭର କରିଥିଲେ । ସେ କିନ୍ତୁ ଷ୍ଟାର୍ଲିଂଙ୍କ ଦ୍ୱାରା ସଂଗୃହୀତ 'ରାଜଚରିତ' ନାମଧେୟ ମାଦଳାପାଞ୍ଜି ପାଇ ନ ଥିଲେ । ୧୯୧୬ରେ 'ଓଡ଼ିଶାର ଭୂଗୋଳ' ପ୍ରବନ୍ଧରେ ସେ 'ଦେଶଖାଞ୍ଜା' ନାମକ 'ମାଦଳାପାଞ୍ଜି'ର ଏକ ଅଂଶ ପାଇଥିଲେ । ମୋର ଅନୁରୋଧ ଓ ପ୍ରବର୍ତ୍ତନରେ ମୋର ସ୍ୱର୍ଗୀୟ ଗୁରୁଦେବ ରମାପ୍ରସାଦ ଚନ୍ଦ ୧୯୨୬ରେ ପୁରୀରେ ମିଳୁଥିବା ସମସ୍ତ 'ମାଦଳାପାଞ୍ଜି'ର ତାଳପତ୍ର ଲେଖା ସଂଗୃହୀତ କରିଥିଲେ ଓ ମୁଁ ସେଗୁଡ଼ିକ ପାଠ କରିବା ପାଇଁ ତାଙ୍କୁ ସାହାଯ୍ୟ କରିଥିଲି । ୧୯୨୭ରେ ମାଦଳାପାଞ୍ଜି ଉପରେ ଗୋଟିଏ ପ୍ରବନ୍ଧ 'ବିହାର ଓ ଓଡ଼ିଶା ଅନୁସନ୍ଧାନ ସମିତି'ର ପତ୍ରିକାରେ ଖ୍ରୀ° ୨୭ରେ

ଛପାଇ ଥିଲେ । ସେହି ପ୍ରବନ୍ଧରେ, ସେ ମିଳିଥିବା ମାଦଳାପାଞ୍ଜିର ବିଭିନ୍ନ ପୋଥିର ଯେଉଁ ବିବରଣ ଦେଇଥିଲେ, ତାହାର ଓଡ଼ିଆ ଅନୁବାଦ ତଳେ ପ୍ରଦତ୍ତ ହେଲା ।

'ମାଦଳାପାଞ୍ଜି' 'ଦେଉଳକରଣ' ଓ 'ତେଉକରଣ'ଙ୍କ ଜିମାରେ ଥାଏ । ବାବୁ ଗୌରାଙ୍ଗଚରଣ ସାମନ୍ତରାୟ, ଦେଉଳକରଣଙ୍କ ଘରୁ ପାଣ୍ଡୁଲିପି କ ଓ ଖ ଓ ବାବୁ ଶ୍ୟାମସୁନ୍ଦର ପଟ୍ଟନାୟକ, ତେଉ କରଣଙ୍କ ଘରୁ ପାଣ୍ଡୁଲିପି 'ବାଘଡା' ସଂଗୃହୀତ ହୋଇଥିଲା ।

× × × ×

"କ:—ଏହି ହାତଲେଖା ପୋଥିରେ ୨୫ ଯୋଡ଼ା ତାଳପତ୍ର ଅଛି । ସେଥିରୁ ପ୍ରଥମ ୨୨ ଯୋଡ଼ା ପତ୍ରରେ ଏକ ବିଷୟ ବର୍ଣ୍ଣିତ ଅଛି । ଏହାର ନାମ 'ରାଜାମାନଙ୍କ ରାଜଭୋଗ କାଳ" । ଏହାର ଆରମ୍ଭରେ ସତ୍ୟଯୁଗର ରାଜା ମାନଙ୍କର ତାଲିକା ଅଛି ଓ ଏହା ରାଜା ବୀରକେଶରୀ ଦେବଙ୍କ ଅଙ୍କ [ଖ୍ରୀ୧୭୪୨]ରେ ସମାପ୍ତ ହୋଇଛି । ପରବର୍ତ୍ତୀ ତିନୋଟି ଯୋଡ଼ା ପତ୍ରଗୁଡ଼ିକ ପରବର୍ତ୍ତୀ ସମୟରେ ଲିଖିତ । ଏଥି ମଧ୍ୟରୁ ପ୍ରଥମ ଦୁଇଟି ଯୋଡ଼ା ପତ୍ର [କ (୨)]ରେ ସ୍ୱତନ୍ତ୍ର ବିଷୟ ବର୍ଣ୍ଣିତ ଅଛି ଓ ତହିଁରେ ଖୋର୍ଦ୍ଧା ରାଜାମାନଙ୍କର ତାଲିକା ଓ ରାଜାମାନଙ୍କର ଅଙ୍କ ଓ ତଦନୁଯାୟୀ ଅମଳ ସନ ବୀରକିଶୋରଦେବ ୨ୟଙ୍କର ୫ମଅଙ୍କ ଅନୁଯାୟୀ ସନ ୧୨୬୨ (ଖ୍ରୀ: ୧୮୫୭) ପର୍ଯ୍ୟନ୍ତ ଅଛି । ୩ୟ ଅଂଶ [କ (୩)] ଗୋଟିଏ ଆଲୋଚ୍ୟ ବିଷୟ । ଏଥିରେ ଯୁଧିଷ୍ଠିରଙ୍କଠାରୁ କଳିଯୁଗର ରାଜାମାନଙ୍କ ତାଲିକା ଆରମ୍ଭ ହୋଇ ଲାଙ୍ଗୁଳାନରସିଂହ ଦେବଙ୍କଠାରେ ଶେଷ ହୋଇଛି ।

ଖ:—ଏହି ପାଣ୍ଡୁଲିପିଟିରେ ୧୫ଯୋଡ଼ା ତାଳପତ୍ର ଅଛି ଓ ଏହା ଗୋଟିଏ ସଂପୂର୍ଣ୍ଣ ଲେଖା । ଏଥିରେ କଳିଯୁଗର ଆରମ୍ଭରୁ ମହାରାଜା ରାମଚନ୍ଦ୍ରଦେବ ୩ୟଙ୍କ ସମୟ ଶକାବ୍ଦ ୧୭୦୩ (ଖ୍ରୀ ୧୮୨୦-୨୧) ପର୍ଯ୍ୟନ୍ତ ବିବରଣ ଅଛି । ଏହାର ନାମ "ରାଜାମାନଙ୍କ ରାଜ୍ୟଭୋଗ ।"

ଗ:—ଏହି ପାଣ୍ଡୁଲିପିରେ ୨୩ ଯୋଡ଼ା ପତ୍ର ଅଛି । ସେଥିରୁ ଅଧିକାଂଶ କୀଟଦଷ୍ଟ, ପ୍ରଥମ ୧୭ ଯୋଡ଼ାପତ୍ରରେ ବର୍ଣ୍ଣିତ ଅଛି । ଏହାର ନାମ—

## "କଳିଯୁଗ ରାଜାମାନଙ୍କ ଭୋଗକାଳ"

ଏହା ଯୁଧିଷ୍ଠିରଙ୍କଠାରୁ ଆରମ୍ଭ ହୋଇ ଗୋବିନ୍ଦ ବିଦ୍ୟାଧର ପୁତ୍ର ଚକ୍ରପ୍ରତାପ ଦେବଙ୍କ ରାଜତ୍ୱ କାଳରେ ଶେଷ ହୋଇଛି । ୭ଯୋଡ଼ା ପତ୍ର [ଖ ୨]ରେ କେବଳ ଓଡ଼ିଶା ରାଜାମାନଙ୍କ ନାମର ତାଲିକା ଯେ ଅଛି ଏମନ୍ତ ନୁହେଁ, ଏଥିରେ ପଢ଼ଶା (ମୁସଲମାନ ରାଜା)ମାନଙ୍କ ନାମ ଅଛି ।

ଘ:—ଏହି ପାଣ୍ଡୁଲିପିରେ ମୋଟ ୩୩ଯୋଡ଼ା ପତ୍ରରେ ଅନ୍ତତଃ ୧୫ଟି ବିଭିନ୍ନ ବିଷୟ ବର୍ଣ୍ଣିତ ଅଛି । ଯଥା—ଘ (୧) ଘ (୨), ଘ (୩) ଇତ୍ୟାଦି । ଏହାର ୧୦ଟି ବିଷୟ କେବଳ ଖଣ୍ଡିଏ ଲେଖାଏଁ ପତ୍ରରେ ଶେଷ ହୋଇଛି । ସେଥିରେ ରାଜାମାନଙ୍କର ତାଲିକା ବା ସଂକ୍ଷିପ୍ତ ବୃତ୍ତାନ୍ତ ଅଛି । ସବୁଠାରୁ ବଡ଼ ବିଷୟ ଖ (୧୦ ର ୧୧ ଯୋଡ଼ା ପତ୍ର ଅଛି ଓ ଏଥିରେ ଯୁଦ୍ଧାଦିଠାରୁ ରାମଚନ୍ଦ୍ର ଦେବ ୨ୟଙ୍କ ପର୍ଯ୍ୟନ୍ତ ଇତିହାସ ଅଛି । ଆଉ ଗୋଟିଏ ଘ (୧୪)ର ୫ଯୋଡ଼ା ପତ୍ର ଅଛି ଓ ଏଥିରେ କଳିଯୁଗ ଆରମ୍ଭରୁ ତେଲଙ୍ଗା ମୁକୁନ୍ଦଦେବଙ୍କ ରାଜତ୍ୱକାଳ ପର୍ଯ୍ୟନ୍ତ ରାଜାମାନଙ୍କର ଇତିହାସ ଅଛି । ଙ:—ଏହି ପାଣ୍ଡୁଲିପିର ପ୍ରଥମ ପତ୍ରରେ ଅଙ୍କ ଅନୁଯାୟୀ ରାଜାମାନଙ୍କ ରାଜତ୍ୱ କାଳରେ ଶକାବ୍ଦ ୧୪୧୮ (ଖ୍ରୀ୧୪୯୬)ରେ ପ୍ରତାପରୁଦ୍ରଙ୍କର ରାଜତ୍ୱଠାରୁ ଖୋର୍ଦ୍ଧାର ଗୋପୀନାଥ ଦେବଙ୍କର ୭ମଅଙ୍କ ପର୍ଯ୍ୟନ୍ତ ଦିଆଯାଇଛି ।" [୧୧—୧୩]

ଏହାପରେ ଚନ୍ଦ ମହାଶୟ ଲେଖି ଅଛନ୍ତି:—"ଖ" ନାମିତ ପାଣ୍ଡୁଲିପିର ଶେଷାଂଶର ଭାଷାରୁ ଏହା ମନେହୁଏ ଯେ ଏହା ୩ୟ ରାମଚନ୍ଦ୍ର ଦେବଙ୍କ ୫ ଅଙ୍କରେ ସମାପ୍ତ ହୋଇଥିଲା । ଅନ୍ୟ ଅଂଶ ଯଥା:— କ (୧), ଗ (୧), ଘ (୧୦) ଓ ଘ (୧୪ର ଲେଖାରୁ ଅନୁମିତ ହୁଏ ଯେ ଏଥିରେ ଥିବା ରାଜ୍ୟମାନଙ୍କ ନାମର ଇତିହାସ ସମ୍ଭବତ ସମକାଳୀନ

ନ ହେଲେ ମଧ୍ୟ ଏସବୁ ପୂର୍ବରୁ ସଂକଳିତ ହୋଇଥିଲା ।" × × ×

"ମୁଁ ଏ ପର୍ଯ୍ୟନ୍ତ ଷ୍ଟାର୍ଲିଂ ବର୍ଣ୍ଣିତ 'ରାଜଚରିତ୍ର' ପାଣ୍ଡୁଲିପି ପାଇନାହିଁ । ପୂର୍ବ ବର୍ଣ୍ଣିତ ପାଣ୍ଡୁଲିପି ଗୁଡ଼ିକ ମଧ୍ୟରେ ସେପରି ନାମ ବିଶିଷ୍ଟ ପାଣ୍ଡୁଲିପି ନାହିଁ । ଏ ଗୁଡ଼ିକରେ ଓ ଭବାନୀଚରଣଙ୍କ ବ୍ୟବହୃତ ପାଣ୍ଡୁଲିପିର ଖ୍ରୀଷ୍ଟୀୟ ୫ମ ଶତାବ୍ଦୀରେ ଓଡ଼ିଶା ଆକ୍ରମଣକାରୀମାନଙ୍କୁ ମୁଗଲ ବର୍ଣ୍ଣନା କରାଯାଇଛି, ଏଥିରୁ ନିଃସନ୍ଦେହରେ ସ୍ଥିର କରାଯାଇ ପାରେ ଯେ, ମୋଗଲ ପୂର୍ବବର୍ତ୍ତୀ ବିଷୟର ପାଠ ମୋଗଲ ରାଜତ୍ୱ କାଳରେ ପ୍ରଥମେ ସଂକଳିତ ହୋଇଥିଲା । ମାଦଳାପାଞ୍ଜିର ମୋଗଲ ରାଜତ୍ୱର ପୂର୍ବବର୍ତ୍ତୀ କାଳର ଇତିହାସ ପରବର୍ତ୍ତୀ କାଳରେ ରଚିତ ହୋଇଥିବାର ଅକାଟ୍ୟ ପ୍ରମାଣ ହେଉଛି ତାହା ବିଶ୍ୱାସଯୋଗ୍ୟ ପ୍ରମାଣ । ପ୍ରାଚୀନ କାଳର ରାଜବଂଶର କଥା ଦୂରେ ଥାଉ, କେଶରୀ ବଂଶର ୪୨ଜଣ ରାଜାଙ୍କ ସଂପର୍କରେ କୌଣସି ସ୍ୱତନ୍ତ୍ର ପ୍ରମାଣ ମିଳେ ନାହିଁ, ଅଥଚ କେଶରୀ ବଂଶ ଖ୍ରୀଷ୍ଟୀୟ ୫ମ ଶତାବ୍ଦୀରୁ ଏକାଦଶ ଶତାବ୍ଦୀ ଶେଷ ପର୍ଯ୍ୟନ୍ତ ଓଡ଼ିଶାରେ ରାଜତ୍ୱ କରିଥିବାର କଳ୍ପିତ ହୋଇଛି । ଏପରି ଗଙ୍ଗବଂଶୀୟ ରାଜାମାନଙ୍କର ଇତିହାସ ଅସମ୍ଭବ ଭାବରେ ବିକୃତ ହୋଇଛି । ମାଦଳାପାଞ୍ଜିର ବର୍ଣ୍ଣିତ ଚୋଡ଼ଗଙ୍ଗଙ୍କ ଇତିହାସରେ ସମସାମୟିକ ଲିପିରୁ ଜଣା ଯାଇଥିବା ଅନନ୍ତବର୍ମ୍ମନ୍ ଚୋଡ଼ଗଙ୍ଗଙ୍କର ବଂଶ ଓ ଇତିହାସର ଆଭାସ ମଧ୍ୟ ମିଳେ ନାହିଁ ।"

(ପୃ ୧୩—୧୪)

ଚନ୍ଦ ମହାଶୟଙ୍କ କଳ୍ପିତ ମାଦଳାପାଞ୍ଜିର ପାଠ ମୁଦ୍ରିତ ହୋଇ ନାହିଁ । ପ୍ରଫେସର ଡକ୍ଟର ଆର୍ତ୍ତବଲ୍ଲଭ ମହାନ୍ତିଙ୍କ ପ୍ରଚେଷ୍ଟାରେ ପ୍ରଥମେ ମାଦଳାପାଞ୍ଜିର ଆଂଶିକ ୧୯୩୨ରେ 'ଗଦ୍ୟ ଓ ପଦ୍ୟାଦର୍ଶ' ପୁସ୍ତକରେ ମୁଦ୍ରିତ ହୋଇଥିଲା ଓ ତତ୍ପରେ ୧୯୪୦ରେ 'ମାଦଳାପାଞ୍ଜି' ପୁସ୍ତକରେ ସଂପୂର୍ଣ୍ଣ ପାଠ ପ୍ରକାଶିତ ହୋଇଛି । ପ୍ରଫେସର ମହାନ୍ତି 'ଡେଉକରଣ' ଓ 'ଦେଉଳକରଣ'ଙ୍କ ଘରୁ ତିନୋଟି ପାଞ୍ଜିର ପାଠ ପାଇଥିବାର କଥା ଲେଖିଅଛନ୍ତି, କିନ୍ତୁ ସେ ତାଳପତ୍ର ବିଡ଼ାର ବର୍ଣ୍ଣନା କରି ନ ଥିବାରୁ ଚନ୍ଦ ମହାଶୟଙ୍କ ଲେଖା ସହିତ ମିଳାଇବାର ସୁବିଧା ନାହିଁ । ଚନ୍ଦଙ୍କ ପ୍ରବନ୍ଧ ୧୯୨୭ରେ ବିହାର ଓଡ଼ିଶା ଅନୁସନ୍ଧାନ ସମିତି ପତ୍ରିକାରେ ମୁଦ୍ରିତ

ହୋଇଥିଲେ ମଧ୍ୟ ପ୍ରଫେସର ମହାନ୍ତି ତାହାର ଉଲ୍ଲେଖ କରି ନ ଥିବାରୁ ମନେ ହୁଏ ଯେ ସେ ତାହା ପଢ଼ି ନ ଥିଲେ । ତାଙ୍କର ନିମ୍ନୋକ୍ତ ମତରୁ ସେ କଥା ପ୍ରତିପାଦିତ ହୁଏ ।

"ରାଜା ମଦନ ମହାଦେବଙ୍କଠାରୁ ମୁକୁନ୍ଦଦେବ ପର୍ଯ୍ୟନ୍ତ ଅର୍ଥାତ୍ ତ୍ରୟୋଦଶ ଶତାବ୍ଦୀଠାରୁ ଷୋଡ଼ଶ ଶତାବ୍ଦୀ ପର୍ଯ୍ୟନ୍ତ ମାଦଳାପାଞ୍ଜିରେ ଯେ ବିବରଣୀ ଅଛି ତାହା ସମ୍ପୂର୍ଣ୍ଣ ସତ୍ୟ ଓ ବିଶ୍ୱାସଯୋଗ୍ୟ ।" (ପୃ ୧ ମୁଖବନ୍ଧ) । ଗଙ୍ଗବଂଶୀୟ ରାଜାମାନଙ୍କର ଏତେ ଅଧିକ ସଂଖ୍ୟକ ଲିପି ଅଛି ଯେ ସେଥିରୁ ରାଜାମାନଙ୍କର ବାର୍ଷିକ ବିବରଣୀ ମଧ୍ୟ ସଂଗୃହୀତ ହୋଇ ପାରିବ । କିନ୍ତୁ ଏହି ଲିପିମାନଙ୍କ ମଧ୍ୟରେ ରାଜା ମଦନ ମହାଦେବଙ୍କ ନାମ କୁତ୍ରାପି ଦୃଷ୍ଟ ହୁଏ ନାହିଁ । ଏଣୁ ତାଙ୍କ ସମୟର ବିବରଣୀ କିପରି ସମ୍ପୂର୍ଣ୍ଣ ସତ୍ୟ ଓ ବିଶ୍ୱାସଯୋଗ୍ୟ ହେବ ?"

ସେ ପୃ ୬ ଷ୍ଠାରେ ଲେଖି ଅଛନ୍ତି ଯେ "ମାଦଳାପାଞ୍ଜି ପାଠ କଲେ ଏହା ଜଣାଯାଏ ଯେ, ଚୋଡ଼ଗଙ୍ଗ ଦେବଙ୍କ ପରକାଳଠାରୁ ଧାରାବାହିକ ରୂପେ ମାଦଳାପାଞ୍ଜି ଲିଖିତ ହୋଇଅଛି ।" ଏହା ସ୍ୱୀକାର କଲେ ଆମ୍ଭମାନଙ୍କୁ ସ୍ୱୀକାର କରିବାକୁ ହେବ ଯେ ଦ୍ୱାଦଶ ଶତାବ୍ଦୀର ମଧ୍ୟଭାଗଠାରୁ ଓଡ଼ିଶାରେ ପାରସ୍ଯିକ ମୁଗଲ ଶବ୍ଦର ବ୍ୟବହାର ଥିଲା । ଏହା ଅସମ୍ଭବ ! ପ୍ରଫେସର ମହାନ୍ତିଙ୍କ ବହିର ପାଠକମାନେ ବହିର ମୁଖବନ୍ଧ ପଢ଼ି ମାଦଳା ପାଞ୍ଜିର ଐତିହାସିକତା ନିଶ୍ଚୟ ଭ୍ରମ ପ୍ରମାଦରେ ପଡ଼ି ଥିବାରୁ ଏହି ପ୍ରବନ୍ଧରେ ମାଦଳାପାଞ୍ଜିର ଐତିହାସିକତା ଉପରେ ଆଲୋଚନା କରା ଯାଉଛି ।

ମାଦଳାପାଞ୍ଜିର 'ରାଜଚରିତ୍ର'ରୁ ଶକାବ୍ଦ ବା ଖ୍ରୀଷ୍ଟାବ୍ଦର ପୂର୍ବବର୍ତ୍ତୀ କାଳର ଐତିହାସିକ ଉପାଦାନ ଷ୍ଟାର୍ଲିଂ ସାହେବ ଯାହା ପାଇଥିଲେ ସେ ଗୁଡ଼ିକୁ ସେ କାଳ୍ପନିକ ଆଖ୍ୟା ଦେଇ ପରିତ୍ୟାଗ କରିଥିଲେ । ଷ୍ଟାର୍ଲିଂ ଲେଖି ଅଛନ୍ତି:—

"The earlier native histories of the country are of the legendary or fabulous class, copied from

the Puranas, but embellished or disfigured by a plentiful, admixture of local traditions. Their Later annals assume an air of authenticity about the date of the aceession of the family called the Kesari Vansa, 473 A. D, prior to which the accounts are so replete with obvious falsehoods contradictions, inconsistency and anachronism, as to he equally unintelligible and untrust worthy of notice.

ଷ୍ଟାର୍ଲିଂସାହେବ ଖ୍ରୀ ୪୭୩ରେ କେଶରୀ ବଂଶର ରାଜତ୍ୱ ସ୍ଥାପିତ ହୋଇ ଥିବାର କଥା କିପରି ସ୍ଥିର କଲେ ତାହା ବୁଝିବାକୁ ହେଲେ ତାଙ୍କର କାଳ ନିରୂପଣ ଗଣନା ଜାଣିବା ଦରକାର । ଓଡ଼ିଶାର ରାଜା 'କର୍ମାଜିଁତ୍' ବା ବିକ୍ରମାଦିତ୍ୟଙ୍କ ଠାରୁ ଶକାବ୍ଦ ଗଣନା ଆରମ୍ଭ ହୋଇଥିଲା ଓ ତାଙ୍କ ପରବର୍ତ୍ତୀ ରାଜାମାନଙ୍କଠାରୁ ରାଜତ୍ୱ କାଳର ଗଣନା ସେ ନିମ୍ନଲିଖିତ ଭାବରେ ଲେଖିଅଛନ୍ତି ।

| | |
|---|---|
| ୧ । କର୍ମାଜିତ ବା ବିକ୍ରମାଦିତ୍ୟ | ୬୫ ବର୍ଷ |
| ୨ । ବଟ କେଶରୀ | ୫୧ ,, |
| ୩ । ତ୍ରିଭୁବନ ଦେଓ | ୪୩ ,, |
| ୪ । ନିର୍ମଳ ଦେଓ | ୪୫ ,, |
| ୫ । ଭୀମ ଦେଓ | ୩୭ ,, |
| | ୨୪୧ ବର୍ଷ |
| ୬-୭ । ଶୋଭନ ଦେଓ ତାଙ୍କ ପୁତ୍ର | ୯ ,, |
| | ୨୫୦ ବର୍ଷ • |

• ଯବନ 'ରକ୍ତବାହୁ' ଶୋଭନ ଦେଓଙ୍କ ପୁତ୍ରଙ୍କୁ ହତ୍ୟା କରିଥିଲେ ଓ ଯବନମାନେ ଓଡ଼ିଶାରେ ୧୪୬ ବର୍ଷ ରାଜତ୍ୱ କରିଥିଲେ । ଏଣୁ ଶକାବ୍ଦ ଗଣନ ଠାରୁ ଶକାବ୍ଦ ୩୯୬ ପର୍ଯ୍ୟନ୍ତ ଅତୀତ ହେବା ପରେ ଯଯାତିକେଶରୀ ରାଜା ହେଲେ, ଅର୍ଥାତ୍ ଶକାବ୍ଦ ୩୯୬+୭୭=ଖ୍ରୀ:୪୭୩ରେ

ଯଯାତିକେଶରୀ ଓଡ଼ିଶାରେ ରାଜା ହୋଇଥିଲେ । ଏଣୁ ଷ୍ଟାର୍ଲିଂ ଏହି ସମସ୍ତକୁ "Air of authenticity" ବୋଲି ଆଖ୍ୟା ଦେଇ ଓଡ଼ିଶାର ଇତିହାସ ଲେଖିଥିଲେ ।

ଷ୍ଟାର୍ଲିଂ ସାହେବ ମାଦଳାପାଞ୍ଜିର ରାଜଚରିତର ଯେଉଁ ନକଲ ପାଇଥିଲେ ତାର ମୂଳଲେଖା କେବେ ଲିଖିତ ହୋଇଥିଲା ତାହା ଜଣାଯାଏ ନାହିଁ । ମିତ୍ରଜୀଅପରେ ତାଳପତ୍ର ପୋଥି ସଂଗ୍ରହ କଲାବେଳେ ଯେତେ ସବୁ ପୋଥି ସଂଗୃହୀତ ହୋଇଥିଲା, ତହିଁରେ ୨୫୦ ବର୍ଷରୁ ଅଧିକ ସମୟର ପୋଥି ପ୍ରାପ୍ତ ନଥିଲା । ଏଣୁ ଷ୍ଟାର୍ଲିଂ ପାଇଥିବା ମାଦଳାପାଞ୍ଜିର ବୟସ୍ ୨୫୦ ବର୍ଷର ପୁରୁଣା ଧରାଗଲେ ତାହାର ନକଲର ସମୟ ଖ୍ରୀ ୧୬୫୦ ଧରା ଯାଇପାରେ । ତତ୍ପୂର୍ବବର୍ତ୍ତୀ ନୁହେ । ମୁଦ୍ରିତ ମାଦଳାପାଞ୍ଜିର ଭାଷା ସେହି ସମୟର ବୋଲି ମନେହୁଏ ।

ଚୋଡ଼ଗଙ୍ଗଙ୍କ ସଂପର୍କରେ ଷ୍ଟାର୍ଲିଂ ସାହେବ ଲେଖିଛନ୍ତି— **"It is said of him that he established the records of the Jagannath temple called Mandalapanji '(ପୃ୭୧)** । ମାଦଳା ପାଞ୍ଜିର ଗଣନା ଅନୁସାରେ ଚୋଡ଼ଗଙ୍ଗ ଖ୍ରୀ୧୨୩୨ ରେ ଓଡ଼ିଶା ଅଧିକାର କରିଥିଲେ ଓ ତପରେ ୨୦ ବର୍ଷ ରାଜତ୍ୱ କରିଥିଲେ । (ପୃ୭୦-୭୧) ଏହି କଥାର ସତ୍ୟତା ଉପରେ ନିର୍ଭର କରି ଆମ୍ଭେମାନେ କହି ପାରୁ ଯେ ଖ୍ରୀଷ୍ଟୀୟ ଦ୍ୱାଦଶ ଶତାବ୍ଦୀର ମଧ୍ୟ ଭାଗର ଅଳ୍ପ ପୂର୍ବରୁ ମାଦଳା ପାଞ୍ଜି ଲିଖିତ ହୋଇଥିଲା । ଚୋଡ଼ଗଙ୍ଗଙ୍କ ଓଡ଼ିଶା ଅଧିକାରର ଅଳ୍ପ କାଳ ପରେ ଯେଉଁ ମାଦଳା ପାଞ୍ଜି ଲିଖିତ ହେଲା, ସେଥିରେ କିପରି ଚୋଡ଼ଗଙ୍ଗଙ୍କ ଦ୍ୱାରା ପରାଭୂତ କେଶରୀବଂଶର ଶେଷ ରାଜାଙ୍କର ନାମ ନ ରହିଲା ତାହା ଏକ ବିବେଚନାର ବିଷୟ । ଷ୍ଟାର୍ଲିଂ ଲେଖି ଅଛନ୍ତି **"Differant stories are related of the extinction of the Kesari family' (ପୃ୭୦)** । କେବଳ ସେତିକି ନୁହେଁ । ଚୋଡ଼ଗଙ୍ଗଙ୍କ ସାକ୍ଷାତ ତତ୍ତ୍ୱାବଧାନରେ ଲିଖିତ ମାଦଳାପାଞ୍ଜିର ଗୋଦାବରୀ ନଦୀ ଗର୍ଭରୁ ଗୋକର୍ଣ୍ଣେଶ୍ୱର ଶିବଙ୍କ ଔରସରୁ ଚୋଡ଼ଗଙ୍ଗ ଜନ୍ମି ଥିବାର କଥା ବା କିପରି ଲିଖିତ ହେଲା ? ଏହି ଅସମ୍ଭବ କଥାରୁ ସ୍ପଷ୍ଟ ପ୍ରତିପନ୍ନ ହେଉ

ଅଛି ଯେ ମାଦଳାପାଞ୍ଜି ଚୋଡ଼ଗଙ୍ଗଙ୍କର ଆଦେଶରେ କଦାପି ଲିଖିତ ହୋଇ ନ ଥିଲା । ରାଜା ଚୋଡ଼ଗଙ୍ଗଙ୍କର ଜଣେ କର୍ମଚାରୀ ରାଜାଙ୍କର ଜନ୍ମ ବୃତ୍ତାନ୍ତ ଏପରି ଭାବରେ କଳ୍ପନା କରିବା ଆଦୌ ସମ୍ଭବ ନୁହେଁ । ଏହି ଗୋଟିଏ ଘଟଣାରୁ ପ୍ରତିପନ୍ନ ହେଉଅଛି ଯେ ମାଦଳା ପାଞ୍ଜି ଚୋଡ଼ଗଙ୍ଗଙ୍କ ଆଦେଶରେ ଲିଖିତ ହୋଇ ନ ଥିଲା ।

ମାଦଳାପାଞ୍ଜିରେ ପ୍ରାରମ୍ଭରୁ ଶକାବ୍ଦର ବ୍ୟବହାର ଥିବାର କଥା ଲିଖିତ ଅଛି । କିନ୍ତୁ ଚୋଡ଼ଗଙ୍ଗଙ୍କ ସମସାମୟିକ ଲିପିରୁ ଜଣାଯାଏ ଯେ ସେ ନିଜେ ଶକାବ୍ଦ ୯୯୯ରେ ସିଂହାସନାରୁଢ଼ ହୋଇଥିଲେ । ତତ୍ପୂର୍ବରୁ ଓଡ଼ିଶାରେ ବହୁ ସମସାମୟିକ ତାମ୍ରପଟ୍ଟ ମିଳିଥିଲେ ମଧ୍ୟ କୌଣସିଟିରେ ଶକାବ୍ଦର ବ୍ୟବହାର ଦେଖାଯାଏ ନାହିଁ । ଏପରି ଚୋଡ଼ଗଙ୍ଗଙ୍କର ପୂର୍ବବର୍ତ୍ତୀ ଗଙ୍ଗରାଜାମାନେ ନିଜର 'ଗାଙ୍ଗେୟ ବତ୍ସର' ବ୍ୟବହାର ଖ୍ରୀ: ୪୯୭ ଠାରୁ କରି ଆସିଥିଲେ । ଖ୍ରୀଷ୍ଟାବ୍ଦ ଷଷ୍ଠ ଶତାବ୍ଦୀର ତାମ୍ରପଟ୍ଟ ଗୁଡ଼ିକରେ ଓଡ଼ିଶାରେ 'ଗୁପ୍ତାବ୍ଦ' ବ୍ୟବହୃତ ହୋଇଅଛି । ଭୌମ ରାଜାମାନେ ନିଜର ସମ୍ବତ୍ସର ବ୍ୟବହାର କରିଥିଲେ ସେମାନଙ୍କର ତାମ୍ରପଟ୍ଟରେ । ଗଙ୍ଗ ରାଜତ୍ୱର ପୂର୍ବବର୍ତ୍ତୀ ସୋମକୁଳୀ ରାଜାମାନେ ନିଜ ନିଜର ରାଜତ୍ୱ କାଳର ସମ୍ବତ୍ସର ବ୍ୟବହାର କରିଥିଲେ । ଏପରି ସ୍ଥଳରେ ମାଦଳାପାଞ୍ଜି ଲେଖକ ଶକାବ୍ଦର ଆରମ୍ଭରୁ ଓଡ଼ିଶାରେ ଶକାବ୍ଦର ବ୍ୟବହାର କରିଥିବାରୁ ତାହା ଆଦୌ ଇତିହାସ ଭିତ୍ତି ମୂଳକ ନୁହେଁ ।

ମାଦଳା ପାଞ୍ଜିରେ କେଶରୀ ବଂଶର ରାଜାମାନଙ୍କର ରାଜତ୍ୱକାଳ ଅତି ଦୀର୍ଘ ଓ ରାଜାମାନଙ୍କର ନାମ ଷ୍ଟାର୍ଲିଂଙ୍କ ଲେଖା ଅନୁସାରେ ୪୪ । ଏହି ବଂଶର ଇତିହାସ ଲେଖିଲା ବେଳେ ସେ ମଧ୍ୟ ବଡ଼ ସନ୍ଦେହାନ ଥିଲା ପରି ଜଣାଯାଏ । ଯଯାତି କେଶରୀଙ୍କ କଥା ଲେଖି ସୂର୍ଯ୍ୟ କେଶରୀ ଓ ଅନନ୍ତ କେଶରୀ ୯୭ ବର୍ଷ ରାଜତ୍ୱ କରିଥିବାର କଥା କହି ତାହା ଅତି ଦୀର୍ଘକାଳ ବୋଲି ସେ ମନ୍ତବ୍ୟ ଦେଇ ଅଛନ୍ତି । ତତ୍ପରେ ଖ୍ରୀ ୬୧୭ରେ ଲଲାଟ ଇନ୍ଦ୍ର କେଶରୀ ରାଜା ହେଲେ ।

କାମୁଦଲିପିରେ ଏହାଙ୍କର ଯଶ ବିସ୍ତୃତ ଭାବରେ ବର୍ଣ୍ଣିତ ହୋଇଅଛି । ଏ ରାଜା ଲିଙ୍ଗରାଜ ମନ୍ଦିରର ନିର୍ମାଣ କାର୍ଯ୍ୟ ଖ୍ରୀ ୬୫୭ରେ ସମାପ୍ତ କରି ଭୁବନେଶ୍ୱର ଠାରେ ଏକ ବଡ଼ନଗର ବସାଇ ଥିବାର କଥା ଲେଖିଲା ପରେ ଷ୍ଟାର୍ଲିଂ ଲେଖିଅଛନ୍ତି ।

**An uninteresting series of thi'ty two reigns of Kesari Princes follows extending through a period of 465 years, of the history of which little is given excepting the charachers of the Rajas and some absurd stories cennected with the temples of Jagannath and Bhubaneswar. [P 79]**

ଓଡ଼ିଶାରେ କେଶରୀ ବଂଶୀୟ ରାଜାମାନଙ୍କର ରାଜତ୍ୱ କାଳ ଖ୍ରୀ ୪୭୪ ଠାରୁ ଖ୍ରୀ ୧୧୩୨ ପର୍ଯ୍ୟନ୍ତ ଅର୍ଥାତ ୬୫୮ ବର୍ଷ ପ୍ରଚଳିତ ଥିବାର କଥା ମାଦଳା ପାଞ୍ଜିରେ ବର୍ଣ୍ଣିତ ଅଛି । ଏହି ବଂଶର ଶେଷ ରାଜାଙ୍କ ନାମ ଷ୍ଟାର୍ଲିଂ ସାହେବ ଉଲ୍ଲେଖ କରି ନାହାନ୍ତି । ପୂର୍ବେ ବୋଲାଯାଇଛି ଯେ ଏପରିକି ଗ୍ରେଡଗଙ୍ଗଙ୍କ ଇତିହାସରେ ଶେଷ କେଶରୀ ରାଜାଙ୍କର ନାମ ନାହିଁ, ଅଥଚ ମାଦଳାପାଞ୍ଜି ଲେଖା ଗ୍ରେଡ଼ଗଙ୍ଗଙ୍କଠାରୁ ପ୍ରଥମେ ଆରବ୍ଧ ହୋଇଥିଲା । ପାଞ୍ଜି ଲେଖକ କପରି ତାହା ନଲେଖିଲେ ତାହା ତାଙ୍କୁହିଁ ଜଣା । ଷ୍ଟାର୍ଲିଂ ଯାହା ପାଇ ନଥିଲେ ପରବର୍ତ୍ତୀ ଲେଖକମାନେ ତାହା ମାଦଳାପାଞ୍ଜିରୁ ପାଇଲେ ଅର୍ଥାତ ଶେଷ କେଶରୀ ରାଜାଙ୍କରନାମ ସୁବର୍ଣ୍ଣ କେଶରୀ । ଏଣୁ ଷ୍ଟାର୍ଲିଂଙ୍କ ପରେ ଯେ ନୂତନ କଥା ମାଦଳା ପାଞ୍ଜିରେ ସ୍ଥାନ ପାଇଛି, ଏଥିରେ କିଛି ସନ୍ଦେହ ନାହିଁ ।

ସମସାମୟିକ ଲିପିରୁ ଖ୍ରୀଷ୍ଟୀୟ ୮ମ ଶତାବ୍ଦୀରେ ଭୌମ ବଂଶର ଦୁଇଜଣ ରାଜାଙ୍କର ନାମ ଶୁଭକର କେଶରୀ ଓ ଉନ୍ମତ କେଶରୀ ଥିବା ସତ୍ତ୍ୱେ ସେହି ବଂଶର ପରବର୍ତ୍ତୀ ରାଜାମାନେ 'କେଶରୀ' ଉପାଧିରେ ଭୂଷିତ ନଥିଲେ କି ନିଜର ବଂଶକୁ 'କେଶରୀ ବଂଶ' ଆଖ୍ୟାରେ ପ୍ରସ୍ତୁତ କରି ନଥିଲେ । ଭୌମ ବଂଶ ପରେ ରାଜବଂଶରେ ଜଣେ ରାଜାଙ୍କର ନାମ 'ଉଦ୍ୟୋତ କେଶରୀ ଦେବ' ଥିଲା । କିନ୍ତୁ ତାଙ୍କର ପୁଅ ଓ ନାତିଙ୍କ ନାମରେ 'କେଶରୀ' ଉପାଧି ଭୂଷିତ ନଥିବାର ପ୍ରମାଣ ରତ୍ନଗିରିର

ତମ୍ବାପଟାରୁ ମିଳେ । ଉଦ୍ୟୋତ କେଶରୀ ଦେବଙ୍କ ନାତି କର୍ଣ୍ଣ ଦେବ ଚୋଡ଼ଗଙ୍ଗଙ୍କ ସମସାମୟିକ ଓ ଖୁବ ସମ୍ଭବ ଚୋଡ଼ଗଙ୍ଗ କର୍ଣ୍ଣଦେବଙ୍କୁ ଖ୍ରୀ ୧୧୧୨ ପୂର୍ବରୁ ପରାଜିତ କରି ଉତ୍କଳର ସିଂହାସନ ଅଧିକାର କରିଥିଲେ । ମାଦଳାପାଞ୍ଜିରେ ବର୍ଣ୍ଣିତ କେଶରୀ ବଂଶର ରାଜାମାନଙ୍କର ନାମ ଓ ଇତିହାସରେ ଆଦୌ ସମସାମୟିକ ପ୍ରମାଣ ନଥିବାରୁ ଏହା ଏକ ସଂପୂର୍ଣ୍ଣ କପୋଳକଳ୍ପିତ ରାଜବଂଶ ମାଦଳାପାଞ୍ଜିରେ ସ୍ଥାନ ପାଇ ଥିବାର କଥା ଏକ ସ୍ୱତନ୍ତ୍ର ପ୍ରବନ୍ଧରେ ଆଲୋଚିତ ହୋଇ 'ନବଜୀବନ' ମାସିକ ପତ୍ରିକାରେ ୬ଷ୍ଠ ଭାଗ ୧ମ ସଂଖ୍ୟାରେ ମୁଦ୍ରିତ ହୋଇଛି ।

ବର୍ତ୍ତମାନ ମାଦଳାପାଞ୍ଜିରେ ବର୍ଣ୍ଣିତ ଉତ୍କଳର ଦ୍ୱିତୀୟ ରାଜବଂଶ ଗଙ୍ଗବଂଶର କିମ୍ବଦନ୍ତୀର ସତ୍ୟାସତ୍ୟ ବିଚାର କରା ଯାଉଛି । ଚୋଡ଼ଗଙ୍ଗଙ୍କ ରାଜତ୍ୱ ସମୟରେ ମାଦଳାପାଞ୍ଜିର ଲେଖା ପ୍ରବର୍ତ୍ତିତ ହୋଇଥିବାର କଥା ପୂର୍ବେ ବୋଲା ଯାଇଛି । ଅତଏବ, ମାଦଳାପାଞ୍ଜିରେ ବର୍ଣ୍ଣିତ ଚୋଡ଼ଗଙ୍ଗଙ୍କର ବଂଶଧରମାନଙ୍କର ନାମ ଓ ଇତିହାସ ଯାହା ମିଳେ, ସେ ସବୁ ସତ୍ୟ ଓ ସମସାମୟିକ ଲିପିରୁ ପ୍ରମାଣ ଦ୍ୱାରା ଅବଶ୍ୟ ସମର୍ଥିତ ହେବାର କଥା ।

ଷ୍ଟାର୍ଲିଂଙ୍କ ଲିଖିତ ଗଙ୍ଗ ରାଜାମାନଙ୍କର ନାମ ତଳେ ଦିଆଗଲା ।

କ:—୧ । ଚୋଡ଼ଗଙ୍ଗ ଦେଓ, ୨ । ଗଙ୍ଗେଶ୍ୱର ଦେଓ, ୩।୪ ଦୁଇ-ଜଣ ଅଖ୍ୟାତନାମା ରାଜା, ୫ । ପୁରୀର ଜଗନ୍ନାଥ ମନ୍ଦିରର ନିର୍ମାତା ଅନଙ୍ଗଭୀମ ଦେଓ, । ରାଜେଶ୍ୱର ଦେଓ, ଅର୍ଥାତ୍ ୬ଜଣ ଦେଓ ବା ଦେବ ଉପାଧି ଯୁକ୍ତ ରାଜା ।

ଖ:—ଲାଙ୍ଗୁଲାନରସିଂହ ଦେଓ ଆଉ ୫ଜଣ ନରସିଂହ ଦେଓ ଏ ରୂପ ୬ଜଣ ନରସିଂହ ନାମଯୁକ୍ତ ରାଜା ।

ଗ:—୬ଜଣ ଭାନୁ ନାମଯୁକ୍ତ ରାଜା ।

ଏମାନେ ଅର୍ଥାତ୍ ୬ ଦେବ, ୬ ନରସିଂହ ଓ ୬ ଭାନୁ ନାମଧାରୀ ରାଜା ଖ୍ରୀ ୧୧୩୨ ଠାରୁ ଖ୍ରୀ ୧୪୫୧ ଯାଏ ରାଜତ୍ୱ କରିଥିଲେ ।

୧୮୨୦ରେ ଯାହା ଜଣା ନଥିଲା, ୧୯୬୦ରେ ୧୪୦ବର୍ଷ ପରେ ଗଙ୍ଗବଂଶୀୟ ରାଜାମାନଙ୍କର ଶତ ଶତ ପ୍ରସ୍ତର ଲିପି ଓ ବହୁ ତମ୍ବାପଟା ଆବିଷ୍କୃତ ହୋଇ ପଠିତ ହେବା ଫଳରେ ଗଙ୍ଗ ବଂଶୀୟ ରାଜାମାନଙ୍କର ନାମ ଓ ରାଜତ୍ୱକାଳ ନିର୍ଭୁଲ ଓ ସୁନିର୍ଦ୍ଦିଷ୍ଟ ଭାବରେ ଜଣାଯାଇ ଅଛି । ସେଥିରୁ ଏତିକି ପ୍ରତିପାଦିତ ହୋଇଅଛି ଯେ ମାଦଳାପାଞ୍ଜିରେ ବର୍ଣ୍ଣିତ

ଗଙ୍ଗ ରାଜାମାନଙ୍କର ନାମ ଓ ରାଜତ୍ୱ କାଳ ସମସାମୟିକ ଲିପିରୁ ମିଳିଥିବା ଗଙ୍ଗ ରାଜାମାନଙ୍କର ନାମ ଓ ରାଜତ୍ୱକାଳ ସହିତ ଆଦୌ ସାମଞ୍ଜସ୍ୟ ନାହିଁ । ମାଦଳାପାଞ୍ଜିରେ ୭ଦେବ, ୭ନରସିଂହ ଓ ୭ଭାନୁ ନାମଧାରୀ ରାଜାମାନଙ୍କ ସ୍ଥାନରେ ନିମ୍ନ ଲିଖିତ ଗଙ୍ଗବଂଶୀୟ ରାଜାମାନଙ୍କର ନାମ ମିଳିଅଛି ।

ଚୋଡ଼ଗଙ୍ଗ (ଖ୍ରୀ ୧୧୧୧—୧୧୪୭)

- କାମାର୍ଣ୍ଣବ ଖ୍ରୀ୧୧୪୭—୧୧୫୭
- ରାଘବ (ଖ୍ରୀ୧୧୫୭—୧୧୭୦)
- ରାଜରାଜ ୧ମ (ଖ୍ରୀ୧୧୭୦-୧୧୯୦
- ଅନଙ୍ଗଭୀମ (ଖ୍ରୀ୧୧୯୦—୧୧୯୮
  - ରାଜରାଜ ୨ୟ (ଖ୍ରୀ ୧୧୯୮—୧୨୧୧
  - ଅନଙ୍ଗଭୀମ ( ୧୨୧୨—୧୨୩୮)
  - ନରସିଂହ ୧ମ (ଖ୍ରୀ୧୨୩୮—୧୨୬୪)
  - ଭାନୁ ୧ମ (ଖ୍ରୀ ୧୨୬୪—୧୨୭୮)
  - ନରସିଂହ ୨ୟ (ଖ୍ରୀ୧୨୭୮—୧୩୦୮)
  - ଭାନୁ ୨ୟ ( ଖ୍ରୀ ୧୩୦୮—୧୩୨୭)
  - ନରସିଂହ ୩ୟ (ଖ୍ରୀ ୧୩୨୭—୧୩୫୨
  - ଭାନୁ ୩ୟ ( ୧୩୫୨—୧୩୭୭)
  - ନରସିଂହ ୪ର୍ଥ ( ୧୩୫୨—୧୩୭୭)
  - ନରସିଂହ ୪ର୍ଥ (୧୩୭୭—୧୪୧୪)
  - ଭାନୁ ୪ର୍ଥ (୧୪୧୪—୧୪୩୫)

ଉପର୍ଯୁକ୍ତ ତାଲିକାରୁ ସ୍ପଷ୍ଟ ପ୍ରମାଣିତ ହେଉଅଛି ଯେ ମାଦଳାପାଞ୍ଜି ଲେଖା ହେଲା ବେଳକୁ ଗଙ୍ଗବଂଶାବଳି କିମ୍ବଦନ୍ତୀ ଆକାରରେ ପ୍ରଚଳିତ ଥିଲା । କେବଳ ସେତିକି ନୁହେଁ, ଅନଙ୍ଗଭୀମଙ୍କ ଦ୍ୱାରା ଜଗନ୍ନାଥ ମନ୍ଦିର ନିର୍ମାଣ କାର୍ଯ୍ୟ ମଧ୍ୟ କିମ୍ବଦନ୍ତୀରେ ପରିଣତ ହୋଇଥିଲା । କାରଣ ଚୋଡ଼ଗଙ୍ଗଙ୍କ ନାତି ରାଜରାଜ ୨ୟ ଖ୍ରୀ ୧୧୯୮ରେ ଗୋଟିଏ ବ୍ରାହ୍ମଣ ଶାସନ ବସାଇ ଯେଉଁ ତମ୍ବାପଟା ଦେଇଥିଲେ, ତାହା ପୁରୀ ଜିଲ୍ଲାର 'ଦାସଗୋବା' ଗ୍ରାମରୁ ମିଳିଛି । ସେହି ତମ୍ବାପଟାରେ ଚୋଡ଼ଗଙ୍ଗ ଜଗନ୍ନାଥ ମନ୍ଦିର ନିର୍ମାଣ କରିବାର କଥା ଉଲ୍ଲେଖ ଅଛି । ରାଜରାଜ ୨ୟଙ୍କ ପୁତ୍ର ଅନଙ୍ଗଭୀମଦେବ ଯେଉଁ ତମ୍ବାପଟା ଖ୍ରୀ ୧୨୩୦ରେ ଦାନ କରିଥିଲେ ତାହା କଟକ ଜିଲ୍ଲାର 'ନଗରୀ' ଗ୍ରାମରୁ ମିଳିଛି । ଏହି ତମ୍ବାପଟାରେ ଉଲ୍ଲେଖ ଅଛି ଯେ ଅନଙ୍ଗଭୀମ ଗୋଟିଏ ଜଗନ୍ନାଥ ମନ୍ଦିର ନିର୍ମାଣ କରି ପ୍ରତିଷ୍ଠା ସମୟରେ ବ୍ରାହ୍ମଣମାନଙ୍କୁ ଭୂମିଦାନ କରିଥିଲେ । ମୋର ମନେ ହୁଏ ଏହି ମନ୍ଦିରଟି ଅଦ୍ୟାପି 'ମାଧବ' ଗ୍ରାମରେ ଅଛି । ମାଦଳାପାଞ୍ଜି ଲେଖା ହେଲା ବେଳକୁ 'ମାଧବ'ର ଜଗନ୍ନାଥ ମନ୍ଦିର ପୁରୀର ଜଗନ୍ନାଥ ମନ୍ଦିରରେ ପରିଗଣିତ ହୋଇଥିଲା କିମ୍ବଦନ୍ତୀରେ । ଏପରି ଅବସ୍ଥାରେ ମାଦଳା ପାଞ୍ଜିର କିମ୍ବଦନ୍ତୀର ଅନୈତିହାସିକତା କ୍ରମଶଃ ସମସାମୟିକ ଲିପିରୁ ଭ୍ରମାତ୍ମକ ବୋଲି ପ୍ରମାଣିତ ହେଉଅଛି । ଖ୍ରୀ ୧୩୬୧ରେ ଦିଲ୍ଲୀର ଫିରୋଜ ସାହ କଟକ ଆକ୍ରମଣ କରିଥିଲେ । ତାହା ତାରିଖ-ଇ-ଫିରୋଜ-ସାହୀ, ସିରତ୍‌-ଇ-ଫିରୋଜସାହୀ ଓ ଇନସା-ଇ-ମାରୁ ନାମକ ଫାରସି ଗ୍ରନ୍ଥ ତିନୋଟିରୁ ମିଳେ । ତତ୍ପରେ ଖ୍ରୀ ୧୪୨ ରେ ମାଳବର ହୋସାଙ୍ଗ ସାହ ଛଦ୍ମ ବେଶରେ କଟକ ଆସି ରାଜାଙ୍କୁ ବନ୍ଦୀ କରିଥିଲେ । ଏକଥା ଫାରସୀ ଇତିହାସରୁ ମିଳେ । କିନ୍ତୁ ମାଦଳାପାଞ୍ଜି ଏହି ସବୁ ମୁସଲମାନ ଆକ୍ରମଣ ବିଷୟରେ ନୀରବ । •

• କଟକ ନଗର ସ୍ଥାପନ ବିଷୟରେ ମାଦଳାପାଞ୍ଜି ଉପରେ ନିର୍ଭର କରି ଷ୍ଟାର୍ଲିଂ ଲେଖି ଅଛନ୍ତି ଯେ "RaJa Nirup Kesari × × is said to have first Planted a city on the Present site of the modern Cuttack, adout Ad. 989. The

reign of Markat Kesari was distinguished for the Constrution of a stone revetment or embankment faced with that material (probably the ancient one of which the remains are yet to be seen) to protect the new capital from inundation AD 1006 (P. 70) । ପୂର୍ବୋକ୍ତ ନଗରୀ ତମ୍ବାପଟାରେ ଲିଖିତ ଅଛି ଯେ ଅନଙ୍ଗଭୀମ ଖ୍ରୀ ୧୨୩୦ ପୂର୍ବରୁ 'ଅଭିନବ ବାରଣସୀ କଟକ' ମହାନଦୀ—କାଠଯୋଡ଼ି ମଧ୍ୟବର୍ତ୍ତୀ ସ୍ଥାନରେ ସ୍ଥାପନ କରିଥିଲେ । ଏଠାରେ କିମ୍ବଦନ୍ତୀ ସତ୍ୟ ନା ସମସାମୟିକ ଲେଖା ସତ୍ୟ ପାଠକମାନେ ବିଚାର କରିବେ ।

# କେଶରୀ ବଂଶର କିମ୍ବଦନ୍ତୀ କାଳ୍ପନିକ ଓ ଐତିହାସି ଭିତ୍ତିଶୂନ୍ୟ

ଏଣ୍ଡ୍ରୁ ଷ୍ଟାର୍ଲିଂ ମାଦଳାପାଞ୍ଜିର 'ରାଜଚରିତ୍ର' ଖଣ୍ଡର ସାରାଂଶ ଇଂରାଜୀରେ ଲେଖି ତଦ୍ଦ୍ୱାରା ଓଡ଼ିଶାର ଏକ ଧାରାବାହିକ ଇତିହାସ କଳି-ଯୁଗର ଆରମ୍ଭଠାରୁ ସଂକଳିତ କରିଥିଲେ ଓ ଏହା **ଏସିଆଟିକ୍ ରିସାର୍ଚ୍ଚେସ୍** ଗ୍ରନ୍ଥମାଳାର ଭା୧୫ଗରେ ୧୮୨୫ରେ ମୁଦ୍ରିତ ହୋଇଥିଲା । ଏହି ଲେଖା ପାଇଁ ଷ୍ଟାର୍ଲିଂ ସାହେବ ଏବେ ମଧ୍ୟ ସ୍ମରଣୀୟ ହୋଇ ରହି ଅଛନ୍ତି । ତତ୍ପରେ ମାଦଳାପାଞ୍ଜିର ଉପକରଣଗୁଡ଼ିକୁ ଭବାନୀଚରଣ ବନ୍ଦ୍ୟୋପାଧ୍ୟାୟ ବଙ୍ଗଳା ପଦ୍ୟରେ ୧୮୪୩ରେ ପୁସ୍ତକାକାରରେ ପ୍ରକାଶିତ କରିଥିଲେ । ହଣ୍ଟର ସାହେବ ଓଡ଼ିଶାର ବିବରଣ ୧୮୭୨ରେ ଓଡ଼ିଶାର ଇତିହାସ ଲେଖିଲା ବେଳେ ଷ୍ଟାର୍ଲିଂ ଅପେକ୍ଷା ଭବାନୀଚରଣଙ୍କ ଲେଖାକୁ ଅଧିକ ସମାଦର କରିଥିଲେ । ହଣ୍ଟରଙ୍କ ମତରେ ଭବାନୀଚରଣଙ୍କ ବିବରଣ **"Is fuller and more carefully done than Stirling's excellent sketch vol. Ip 199 if he is inclined to believe that all the really hist rical matter has now been extracted" vol 1 p. 198,** ଏଣୁ ତାଙ୍କ ପୁସ୍ତକର ୨ୟ ଭାଗରେ ସମସ୍ତ ରାଜାମାନଙ୍କର ନାମ ଓ ରାଜତ୍ୱକାଳର ଏକ ତାଲିକା ପରିଶିଷ୍ଟ ୭, ପୃ ୧୮୩—୧୯୧ରେ ଖ୍ରୀ: ପୂ: ୩୧୦୧ ଠାରୁ ୧୮୭୧ ପର୍ଯ୍ୟନ୍ତ ମୁଦ୍ରିତ କରି ଅଛନ୍ତି । ଏହି ତାଲିକାରେ ଯଯାତିକେଶରୀ କେଶରୀବଂଶର ସ୍ଥାପୟିତା ବର୍ଣ୍ଣିତ ଅଛି ଓ ଏହାଙ୍କର ରାଜତ୍ୱକାଳ ଖ୍ରୀ ୪୭୪ ଠାରୁ ୫୨୬ ପର୍ଯ୍ୟନ୍ତ ଦିଆଯାଇଛି । ଷ୍ଟାର୍ଲିଂଙ୍କ ପ୍ରଦତ୍ତ ସମୟ

ଠାରୁ ହାଣ୍ଟରଙ୍କ ସମୟ ମଧ୍ୟରେ ସାମାନ୍ୟ ପରିବର୍ତ୍ତନ ଥିବାର ଦେଖାଯାଏ । ଯାହାହେଉ ଊନବିଂଶ ଶତାବ୍ଦିରେ କେବଳ 'ମାଦଳାପାଞ୍ଜି'ର ଉପକରଣ ଦ୍ୱାରା ଓଡ଼ିଶାର ଇତିହାସ, ଷ୍ଟର୍ଲିଂ, ଭବାନୀଚରଣ, ହାଣ୍ଟର, ରାଜେନ୍ଦ୍ରଲାଲ ମିତ୍ର ଓ ପ୍ୟାରିମୋହନ ଆଚାର୍ଯ୍ୟଙ୍କ ଦ୍ୱାରା ଇଂରାଜୀ ବଙ୍ଗଳା ଓଡ଼ିଆରେ ସଂକଳିତ ହୋଇ ପ୍ରଚାରିତ ହୋଇଥିଲା । ୧୮୭୦—୭୫ ମଧ୍ୟରେ କଟକ ଓ ତନ୍ନିକଟବର୍ତ୍ତୀ ସ୍ଥାନରୁ କେତେଗୁଡ଼ିଏ ସୋମବଂଶୀ ରାଜାମାନଙ୍କର ତମ୍ବାପଟା ମିଳିଥିବାରୁ ତାହାର ଉପରେ ରଙ୍ଗଲାଲ ବେନାର୍ଜି ଓ ରାଜେନ୍ଦ୍ର-ଲାଲ ମିତ୍ର ପ୍ରମାଣ କରିବାକୁ ଚେଷ୍ଟା କରିଥିଲେ ଯେ ତମ୍ବାପଟାରେ ମିଳୁଥିବା ଯଯାତି ଓ ଜନମେଜୟ ପ୍ରଭୃତି ରାଜାମାନେ ପ୍ରକୃତରେ ମାଦଳା-ପାଞ୍ଜିର କେଶରୀବଂଶୀୟ ରାଜା ଥିଲେ । ଊନବିଂଶ ଶତାବ୍ଦୀର ଶେଷ ଦଶନ୍ଧିରେ ମାଦଳାପାଞ୍ଜିର ଐତିହାସିକତା ଉପରେ ପ୍ରଥମେ ମନମୋହନ ଚକ୍ରବର୍ତ୍ତୀ (୧୮୯୦) ଓ ଜେ. ଏଫ ଫ୍ଲିଟ୍ **(J. F. Fleet I.C.S. ph. D. C. I. E,)** ସନ୍ଦେହ ପ୍ରକାଶ କରିଥିଲେ । ଚକ୍ରବର୍ତ୍ତୀଙ୍କ ମତ ଏସିଆଟିକ୍ ସୋସାଇଟି ପତ୍ରିକା (୧୮୯୨)ରେ ଓ ଫ୍ଲିଟଙ୍କ ମତ ଏପିଗ୍ରାଫିଆ ଇଣ୍ଡିକା (୧୮୯୪—୯୫) ତୃତୀୟଭାଗ ପୁସ୍ତକରେ ବର୍ଣ୍ଣିତ ଅଛି । ଚକ୍ରବର୍ତ୍ତୀ ଫ୍ଲିଟଙ୍କ ମତ ଉଦ୍ଧାର କରି ଏ ପ୍ରବନ୍ଧ ଭାରାକ୍ରାନ୍ତ କରିବାର ପ୍ରୟୋଜନ ନାହିଁ । ଫ୍ଲିଟ ସାହେବ ସିଦ୍ଧାନ୍ତରେ ଉପନୀତ ହୋଇଥିଲେ ଯେ 'କେଶରୀବଂଶ' ବୋଲି ଏକ ରାଜବଂଶ ଓଡ଼ିଶାରେ ଆଦୌ ନଥିଲା ଓ କେଶରୀବଂଶର ୪୪ ଜଣ ରାଜାଙ୍କର ନାମ ସଂପୂର୍ଣ୍ଣ କପୋଳକଳ୍ପିତ । ସେ ଲେଖିଥିଲେ:—**And with such results as those before us it is evident that every thing relating to ancient times which has been written on the unsupported authority of these annals has to be ·xpunged bodily from the pages of history (P.338)** ଚକ୍ରବର୍ତ୍ତୀ ଲେଖିଥିଲେ, **The work should be deprived from the high pedestal which it now occupied and placed in the proper rank as a corroborative document only** ଫ୍ଲିଟ୍ ସାହେବ ନାନା ଦିଗରୁ ଆଲୋଚନା କରି

ପ୍ରମାଣିତ କରିଥିଲେ ଯେ ସୋମବଂଶୀ ରାଜାମାନଙ୍କର ସମୟ ଖ୍ରୀ ୯୦୦ର ପୂର୍ବବର୍ତ୍ତୀ ନୁହେଁ—ସମ୍ଭବତଃ ସେମାନଙ୍କର ସମୟ ଖ୍ରୀ ୧୦୦୦-୧୧୦୦ ମଧ୍ୟବର୍ତ୍ତୀ ଓ ମାଦଳାପାଞ୍ଜିର ସଂକଳନ ସମୟ ଖ୍ରୀଷ୍ଟୀୟ ଷୋଡ଼ଶ ଶତାବ୍ଦୀ ।

କେଶରୀବଂଶର ଅସ୍ତିତ୍ୱ ଉପରେ ଫ୍ଲିଟଙ୍କର ସିଦ୍ଧାନ୍ତର ପ୍ରତିବାଦ କରି ମନମୋହନ ଚକ୍ରବର୍ତ୍ତୀ ୧୮୯୮ରେ ଏସିଆଟିକ ସୋସାଇଟି ପତ୍ରିକାରେ ଲେଖିଥିଲେ ଯେ ଭୁବନେଶ୍ୱରରେ ମିଳିଥିବା ବ୍ରହ୍ମେଶ୍ୱର ଶିଳାଲିପିରେ ଉଦ୍ୟୋତକେଶରୀ ନାମଧେୟ ଏକ ରାଜାଙ୍କର ନାମ ମିଳୁଥିବାରୁ ଫ୍ଲିଟଙ୍କର ସିଦ୍ଧାନ୍ତ ଠିକ ନୁହେଁ । କିନ୍ତୁ ଚକ୍ରବର୍ତ୍ତୀ ଭୁଲି ଯାଇଥିଲେ ଯେ ଉଦ୍ୟୋତ କେଶରୀଙ୍କର ନାମ ମାଦଳାପାଞ୍ଜିରେ ଥିବା କେଶରୀବଂଶୀୟ ରାଜାମାନଙ୍କର ତାଲିକାରେ ସ୍ଥାନ ପାଇ ନାହିଁ । ବହୁବର୍ଷ ପୂର୍ବେ 'ଉତ୍କଳସାହିତ୍ୟ' ପତ୍ରିକାରେ 'କିମ୍ବଦନ୍ତୀ ଓ ଇତିହାସ' ନାମକ ଏକ ପ୍ରବନ୍ଧରେ ମୁଁ ମଧ୍ୟ ଚେଷ୍ଟା କରିଥିଲି ଯେ ମାଦଳାପାଞ୍ଜିର କେଶରୀବଂଶର ମୂଳରେ ସୋମକୁଳୀ ବା ସୋମବଂଶୀ ରାଜାମାନଙ୍କର ଇତିହାସ ଅଛି । ମୋର ଏହି ଭ୍ରମ ଏବେ ଦୂରୀଭୂତ ହୋଇଛି, କେବଳ ରତ୍ନଗିରିରୁ ପ୍ରାପ୍ତ ସୋମବଂଶୀ କର୍ଣ୍ଣଦେବଙ୍କ ତମ୍ବାପଟାର ପ୍ରମାଣଦ୍ୱାରା ।

ବର୍ତ୍ତମାନ ମାଦଳାପାଞ୍ଜିର କେଶରୀବଂଶର ଆଭ୍ୟନ୍ତରୀଣ ବିଷୟମାନ ଆଲୋଚନା କରି ଦେଖାଯାଉ ଆମ୍ଭେମାନେ କେଉଁ ସିଦ୍ଧାନ୍ତରେ ଉପନୀତ ହେବୁ ।

ମାଦଳା ପାଞ୍ଜିର ରାଜଚରିତ ଉପରେ ନିର୍ଭର କରି ଷ୍ଟାର୍ଲିଂ-ସାହେବ ଖ୍ରୀଷ୍ଟାବ୍ଦ ପୂର୍ବବର୍ତ୍ତୀ କାଳର ରାଜାମାନଙ୍କ ନାମରେ କୌଣସି ଐତିହାସିକ ସତ୍ୟ ଥିବାର ସ୍ୱୀକାର କରି ନ ଥିଲେ । ଖ୍ରୀଷ୍ଟାବ୍ଦ ପରବର୍ତ୍ତୀ ରାଜାମାନଙ୍କ ମଧ୍ୟରୁ ଅନେକଙ୍କୁ ବାଦ ଦେଇ କେବଳ 'କେଶରୀବଂଶ'ର ରାଜାମାନଙ୍କ ନାମରେ ଐତିହାସିକ ସତ୍ତା ଥିବାର ଅନୁମାନ କରିଥିଲେ । ତାହାର କାରଣ, 'ମାଦଳାପାଞ୍ଜିରେ ବ୍ୟବହୃତ ହୋଇଥିବା ଶକାବ୍ଦର ପ୍ରଚଳନ ମାତ୍ର । ପ୍ରାଚୀ ସମିତିଦ୍ୱାରା ପ୍ରକାଶିତ ଓ ପ୍ରଫେସର ଡ଼ାକ୍ତର

ଆର୍ତ୍ତବଲ୍ଲଭ ମହାନ୍ତିଙ୍କ ଦ୍ୱାରା ସଂକଳିତ 'ମାଦଳାପାଞ୍ଜି' ପୁସ୍ତକରୁ ଜଣାଯାଏ ଯେ କେଶରୀବଂଶୀୟ ଯଯାତିକେଶରୀ ଶକାବ୍ଦ ୪୪୮ ବା ଖ୍ରୀ: ୫୨୬ ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ । ସେ ୫୨ ବର୍ଷ ରାଜତ୍ୱ କରିବାରୁ ତାଙ୍କର ରାଜତ୍ୱ-କାଳର ଆରମ୍ଭ ଖ୍ରୀ: ୪୭୪ରେ ପଡ଼ୁଅଛି ଅର୍ଥାତ୍ ଖ୍ରୀଷ୍ଟୀୟ ୫ମ ଶତାବ୍ଦୀର ଶେଷ ପାଦରେ । ଷ୍ଟାର୍ଲିଂ ସାହେବ ଏହାକୁ ଗ୍ରହଣ କରି କେଶରୀବଂଶୀୟ ରାଜାମାନଙ୍କର ରାଜତ୍ୱକାଳ ନିର୍ଣ୍ଣୟ କରିଥିଲେ ।

ବର୍ତ୍ତମାନ ପ୍ରଶ୍ନ ହେଉଛି ଯେ; ଓଡ଼ିଶାରେ କଣ ଖ୍ରୀଷ୍ଟୀୟ ପଞ୍ଚମ ଶତାବ୍ଦୀରେ ଶକାବ୍ଦର ବ୍ୟବହାର ଥିଲା ? ସମସାମୟିକ ଲିପିରୁ ଜଣାଯାଏ ଯେ ଓଡ଼ିଶା ଓ କଳିଙ୍ଗରେ ୯୦୦ ଶକାବ୍ଦ ପୂର୍ବରୁ କୌଣସି ଲିପିରେ ଶକାବ୍ଦର ବ୍ୟବହାର ଦେଖାଯାଏ ନାହିଁ । ଯଦି ମାଦଳାପାଞ୍ଜି ମତରେ ଯଯାତି କେଶରୀଙ୍କର ତିରୋଧାନ ଶକାବ୍ଦ ୪୪୮ରେ ହୋଇଥିଲା, ତେବେ ଏହା ସୁନିଶ୍ଚିତ ଯେ ଖ୍ରୀଷ୍ଟୀୟ ପଞ୍ଚମ ଶତାବ୍ଦୀର ପରବର୍ତ୍ତୀ କାଳର ଓଡ଼ିଶାର ରାଜାମାନେ ତାଙ୍କର ଲିପିରେ ଶକାବ୍ଦ ବ୍ୟବହାର ଚଳାଇଥିଲେ । କିନ୍ତୁ ପ୍ରକୃତରେ ତାହା ନୁହେଁ । ଖ୍ରୀଷ୍ଟୀୟ ୬ଷ୍ଠ ଶତାବ୍ଦୀର ମଧ୍ୟଭାଗରେ ମିଳୁଥିବା ତାମ୍ରଶାସନାଦିରୁ ଜଣାଯାଏ ଯେ ଓଡ଼ିଶାରେ ସେତେବେଳେ ଗୁପ୍ତାବ୍ଦ ବ୍ୟବହୃତ ହେଉଥିଲା । ଏହା ପରେ ଭୌମ-ବଂଶୀୟ ରାଜାମାନେ ନିଜର ଅବ୍ଦ ବ୍ୟବହାର କରିଥିଲେ ବୋଲି ପ୍ରମାଣ ମିଳେ । ତତ୍ପରେ ସୋମବଂଶୀ ରାଜାମାନେ କୌଣସି ଦେଶ ପ୍ରଚଳିତ ଅବ୍ଦ ବ୍ୟବହାର ନ କରି ନିଜ ନିଜର ରାଜତ୍ୱକାଳ ତାମ୍ରଶାସନାଦିରେ ଲେଖୁଥିଲେ । ଏପରି ଅବସ୍ଥାରେ ମାଦଳାପାଞ୍ଜିର ଲେଖକ କାପରି ଆଦ୍ୟରୁ ଶକାବ୍ଦ ବ୍ୟବହାର କଲେ, ତାହା କୌଣସି ତୁଳନାତ୍ମକ ଆଲୋଚନା ଦ୍ୱାରା ପ୍ରତିପାଦିତ ହେଉନାହିଁ ।

ଷ୍ଟାର୍ଲିଂସାହେବ କେଶରୀବଂଶର ରାଜତ୍ୱକାଳ ଖ୍ରୀ: ପୂ. ୪୭୪ଠାରୁ ଖ୍ରୀ ୧୧୩ ପର୍ଯ୍ୟନ୍ତ ନିର୍ଦ୍ଧାରିତ କରିଥିଲେ । ଷ୍ଟାର୍ଲିଂ କେବଳ ୩୬ଜଣ କେଶରୀବଂଶୀୟ ରାଜାଙ୍କର କଥା ଲେଖିଥିଲେ । ଯଥା:—୧ଯଯାତିକେଶରୀ ୨ ସୂର୍ଯ୍ୟକେଶରୀ, ୩ ଅନନ୍ତକେଶରୀ, ୪ ଲଲାଟେନ୍ଦୁ କେଶରୀ ଓ ୩୨ ଜଣ କେଶରୀ ରାଜା—(An unintersting series of thirty two

reigns of the Kesari princes) ସେ ମଧ୍ୟ ଲେଖି ଅଛନ୍ତି ଯେ ଲଲାଟ-ଇନ୍ଦ୍ର-କେଶରୀ ଖ୍ରୀ: ୬୧୭ରେ ରାଜା ହୋଇ ଖ୍ରୀ ୬୫୭ରେ ଭୁବନେଶ୍ୱରରେ ଲିଙ୍ଗରାଜ ମନ୍ଦିରର ନିର୍ମାଣ କାର୍ଯ୍ୟ ଶେଷ କରି ସେଠାରେ ରାଜଧାନୀ ସ୍ଥାପନ କରିଥିଲେ । ଖ୍ରୀ: ୯୮୯ରେ ନୃପକେଶରୀ କଟକ ନଗର ବସାଇଲେ । ଖ୍ରୀ: ୧୦୦୬ରେ ମର୍କଟକେଶରୀ ବନ୍ୟାରୁ ରକ୍ଷା ପାଇଁ କଟକରେ ପଥର ବନ୍ଧ ପକାଇଲେ ।

ଷ୍ଟାର୍ଲିଂ ଲେଖି ଅଛନ୍ତି:—Different storeis are related of the extinction of the Kesari family (P. As. Res. 267) । କେଶରୀବଂଶର ଶେଷ ରାଜାଙ୍କର ନାମ କ'ଣ ଥିଲା ଷ୍ଟାର୍ଲିଂ ଲେଖି ନାହାନ୍ତି । କେଶରୀ ବଂଶର ଶେଷ ରାଜାଙ୍କ ପରେ ଗଙ୍ଗବଂଶର ପ୍ରଥମ ରାଜା ଚୋଡ଼ଗଙ୍ଗଙ୍କ କଥା ସେ ଲେଖି ଅଛନ୍ତି । ପ୍ରକୃତରେ କେଶରୀ ବଂଶର ମାତ୍ର ୯ଜଣ ରାଜାଙ୍କ ନାମ ବ୍ୟତୀତ ଆଉ ୨୭ ଜଣ ରାଜାଙ୍କର ନାମ ଷ୍ଟାର୍ଲିଂ ଉଲ୍ଲେଖ କରି ନାହାନ୍ତି । କିନ୍ତୁ ଭବାନୀଚରଣଙ୍କ ଲେଖା ଉପରେ ନିର୍ଭର କରି ହାଣ୍ଟର ସାହେବ ୪୪ ଜଣ କେଶରୀ ରାଜାମାନଙ୍କର ନାମ ଓ ରାଜତ୍ୱକାଳ ଦେଇ ଅଛନ୍ତି ଓ ଶେଷ କେଶରୀ ରାଜାଙ୍କ ନାମ ସେଥିରେ ସୁବର୍ଣ୍ଣ କେଶରୀ ଅଟନ୍ତି । ପ୍ୟାରୀମୋହନ ହାଣ୍ଟରଙ୍କ ତାଲିକା ଗ୍ରହଣ କରି ଅଛନ୍ତି ଓ କେଶରୀ ବଂଶର ଶେଷ ରାଜାଙ୍କ ନାମ ସୁବର୍ଣ୍ଣ କେଶରୀ ରଖି ଅଛନ୍ତି । କିନ୍ତୁ ପ୍ରାଚୀସମିତି ଦ୍ୱାରା ପ୍ରକାଶିତ ମାଦଳାପାଞ୍ଜିରେ କେଶରୀବଂଶୀୟ ଶେଷ ରାଜାଙ୍କର ନାମ 'ଶୂନ୍ୟ' କେଶରୀ ମୁଦ୍ରିତ ଥିବାର ଦେଖାଯାଏ । ଯେଉଁ ମାଦଳାପାଞ୍ଜିରୁ ୧୮୨୫ରେ ଷ୍ଟାର୍ଲିଂ କେଶରୀବଂଶର ଶେଷ ରାଜାଙ୍କ ନାମ ପାଇ ନଥିଲେ, ସେହି ମାଦଳାପାଞ୍ଜି ବା ତାହାର ନକଲରୁ ଭବାନୀଚରଣ (୧୮୪୩) ଓ ହାଣ୍ଟର (୧୮୭୨) କିପରି ସୁବର୍ଣ୍ଣ କେଶରୀ ପାଇଲେ ତାହା ଜାଣିବାର ଉପାୟ ନାହିଁ ଓ ସେହି ମାଦଳା-ପାଞ୍ଜିରେ ୧୯୪୦ରେ ଶେଷ ରାଜାଙ୍କର ନାମ 'ଶୂନ୍ୟ' କେଶରୀରେ କିପରି ପରିଣତ ହେଲା ଏହା ମଧ୍ୟ ଏକ ଭାବନାର ବିଷୟ । କେଶରୀବଂଶୀୟ ରାଜାମାନଙ୍କର କ୍ରମବିବର୍ଦ୍ଧନ ତାଲିକା ଏକ କିମ୍ଭୂତକିମାକାର ବ୍ୟାପାର ଯଥା:—

| | |
|---|---|
| ୧ । ଷ୍ଟାର୍ଲିଂଙ୍କ | ସଂଖ୍ୟା ୩୬ |
| ୨ । ହଣ୍ଟରଙ୍କ | ,, ୪୪ |
| ୩ । ପ୍ରାଚୀସମିତି ବହିର | ,, ୬୫ |
| ୪ । ଜଗବନ୍ଧୁସିଂହ ପ୍ରାଚୀନ ଉତ୍କଳ (୧୯୨୯) | ,, ୮୮ |

ଏପରି ଅବସ୍ଥାରେ ମାଦଳାପାଞ୍ଜିର କିମ୍ବଦନ୍ତୀ ଅନୁସାରେ କେଶରୀ-ବଂଶୀୟ ରାଜାମାନଙ୍କର ନାମ ସବୁ ଯେ କେବଳ ବିଶ୍ୱାସ ଯୋଗ୍ୟ ନୁହେଁ, ଏପରି କି କେଶରୀବଂଶଟି ମଧ୍ୟ ବିଶ୍ୱାସଯୋଗ୍ୟ ନୁହେଁ ବୋଲି ବିବେଚିତ ହେଉଅଛି । ୬୫ ବର୍ଷ ପୂର୍ବେ ଫ୍ଲିଟ ସାହେବଙ୍କ ସିଦ୍ଧାନ୍ତ ବର୍ତ୍ତମାନ ଠିକ୍ ଥିବାର ପ୍ରତିପନ୍ନ ହେଉଅଛି ।

## ମାଦଳାପାଞ୍ଜି ସଂକଳନର ସମୟ :—

ପୂର୍ବେ ଉଲ୍ଲେଖ କରାଯାଇଛି ଯେ, ଫ୍ଲିଟ୍ ସାହେବ କେବଳ ଷ୍ଟାର୍ଲିଂଙ୍କ ଲେଖା ଉପରେ ଆଲୋଚନା କରି ସ୍ଥିର କରିଥିଲେ ଯେ, ମାଦଳାପାଞ୍ଜି ଖ୍ରୀଷ୍ଟୀୟ ଷୋଡ଼ଶ ଶତାବ୍ଦୀରେ ସଂକଳିତ ହୋଇଥିଲା । ୧୯୨୭ରେ ରମାପ୍ରସାଦ ଚନ୍ଦ ମାଦଳା ପାଞ୍ଜିରେ 'ମୋଗଲ' ପ୍ରଭୃତି ଶବ୍ଦର ବ୍ୟବହାର ଓ ଅନ୍ୟ କେତେକ ପ୍ରମାଣ ଦ୍ୱାରା ସ୍ଥିର କରିଥିଲେ ଯେ ମାଦଳାପାଞ୍ଜି ଖ୍ରୀଷ୍ଟୀୟ ଷୋଡ଼ଶ ଶତାବ୍ଦୀର ଶେଷ ଭାଗରେ ଭୋଇ ବଂଶୀୟ ରାଜା ରାମଚନ୍ଦ୍ର ଦେବଙ୍କ ରାଜତ୍ୱ କାଳରେ ଜଗନ୍ନାଥ ମୂର୍ତ୍ତି ପୁନଃ ପ୍ରତିଷ୍ଠା ପରେ ଲିଖିତ ହୋଇଥିଲା । ଅର୍ଥାତ୍ ଖ୍ରୀ: ୧୬୮୦ ପାଖାପାଖି ସମୟରେ ମାଦଳାପାଞ୍ଜି ସଂକଳିତ ହୋଇ ଲିଖିତାକାରେ ରହିଲା । ତେଣୁ କପିଳେନ୍ଦ୍ର ଦେବଙ୍କ ରାଜତ୍ୱର ପୂର୍ବବର୍ତ୍ତୀ କାଳର ଗଙ୍ଗ ନୃପତି-ମାନଙ୍କର ନାମ ସେତେବେଳକୁ କିମ୍ବଦନ୍ତୀ ଆକାରରେ ପ୍ରଚଳିତ ଥିଲା । ଏହାର ପ୍ରମାଣ ଖ୍ରୀ: ୧୫୧୨ରେ ଲିଖିତ କବି ଡିଣ୍ଡିମ ଜୀବଦେବାଚାର୍ଯ୍ୟଙ୍କର ଲେଖାରୁ ମିଳେ । ଜୀବଦେବାଚାର୍ଯ୍ୟ ପ୍ରତାପରୁଦ୍ର ଦେବଙ୍କର ଗୁରୁ ଥିଲେ ଓ ଖ୍ରୀ: ୧୫୧୨ରେ ଗୋଦାବରୀ କୂଳରେ ମାସକ ମଧ୍ୟରେ ପ୍ରକାଣ୍ଡ 'ଭକ୍ତି ଭାଗବତ' ମହାକାବ୍ୟ ରଚନା କରିଥିଲେ । ଏହି କାବ୍ୟର ଶେଷରେ ସେ ନିଜ ବଂଶର ଯେଉଁ ପ୍ରଶସ୍ତି ଦେଇ ଅଛନ୍ତି ସେଥିରେ

କେତେକ ଗଙ୍ଗବଂଶୀୟ ରାଜାମାନଙ୍କର ନାମ ଓ କୀର୍ତ୍ତି ବର୍ଣ୍ଣିତ ଅଛି, ଯେଉଁମାନଙ୍କର ରାଜଗୁରୁ କବି ଡିଣ୍ଡିମଙ୍କର ପୂର୍ବପୁରୁଷମାନେ ଥିଲେ । ଗଙ୍ଗରାଜାଙ୍କ ନାମ ଯଥା ୧ ଚୋଡ଼ଗଙ୍ଗ, ୨ ଲାଙ୍ଗୁଲା ନରସିଂହ, ୩ କବି ନରସିଂହ, ୪ ଗଙ୍ଗ ବଂଶର ଅନେକ ରାଜା ଓ ୫ ନିଶଙ୍କ ଭାନୁଦେବ । କବି ଡିଣ୍ଡିମ ଲେଖି ଅଛନ୍ତି ଯେ କବି ନରସିଂହ ବା ନରସିଂହ ଦ୍ୱିତୀୟ କୋଣାର୍କ ମନ୍ଦିର ତିଆରି କରିଥିଲେ—

ଗଙ୍ଗାନ୍ୱୟେ କ୍ରମବଶାଦୁଦୟାୟ ତସ୍ମିନ୍
ଖ୍ୟାତୋ ନୃସିଂହ ନୃପତିଃ କବିତାଧୁରୀଣଃ ॥
କୋଣାର୍କ ଦେବସଦନଂ ଘଟୟାଂବଭୂବ
ଯଃ କେତୁଦଣ୍ଡପଟ ତାଡ଼ିତ ନାକଲୋକମ୍ ॥

କିନ୍ତୁ ନରସିଂହ (୨ୟ) ଙ୍କ ତମ୍ବାପଟାରେ ନରସିଂହ ଦେବଙ୍କର ଗୋସାଇଁ ବାପ ନରସିଂହ (୧ମ) କୋଣାର୍କ ମନ୍ଦିର ନିର୍ମାଣ କରିଥିବାର କଥା ଉଲ୍ଲେଖ ଥିଲେ ମଧ୍ୟ କବି ଡିଣ୍ଡିମ ଜୀବଦେବ ନରସିଂହ (୨ୟ) ଙ୍କୁ କୋଣାର୍କ ନିର୍ମାତା ବୋଲି ଲେଖି ଅଛନ୍ତି । ଏଥିରୁ ଏହା ସ୍ପଷ୍ଟ ପ୍ରମାଣିତ ହେଉଅଛି ଯେ ଖ୍ରୀ: ୧୫୧୨ ବେଳକୁ ଗଙ୍ଗ ରାଜାମାନଙ୍କର ନାମ ଓ କୀର୍ତ୍ତି କିମ୍ବଦନ୍ତୀ ଆକାରରେ ପରିଗଣିତ ହୋଇଥିଲା ।

ମାଦଳା ପାଞ୍ଜିରେ ବର୍ଣ୍ଣିତ କେଶରୀ ବଂଶ ରାଜତ୍ୱର କଥା ଷୋଡ଼ଶ ଶତାବ୍ଦୀରେ ମାଦଳା ପାଞ୍ଜିର ଲେଖକ କେଉଁଠାରୁ ପାଇଲେ, ତାହାର ଅନୁସନ୍ଧାନ କରିବାକୁ ଯାଇ କେବଳ ଜୀବଦେବାଚାର୍ଯ୍ୟଙ୍କ ପ୍ରଶସ୍ତି ବ୍ୟତୀତ ଅନ୍ୟ କୌଣସି ପ୍ରମାଣମୂଳକ ଗ୍ରନ୍ଥ ଆଉ କିଛି ପାଇଲି ନାହିଁ । ଜୀବଦେବାଚାର୍ଯ୍ୟ ନିଜର ପୂର୍ବପୁରୁଷମାନଙ୍କର ଗୌରବ ବର୍ଣ୍ଣନା ଛଳରେ ଓଡ଼ିଶାର ଗଙ୍ଗ ପୂର୍ବବର୍ତ୍ତୀ ରାଜବଂଶର ନାମୋଲ୍ଲେଖ କରି ଅଛନ୍ତି । ସେମାନଙ୍କ ମଧ୍ୟରେ 'ଭୋଜବଂଶ' ପ୍ରଥମ ଓ 'କେଶରୀକୁଳ' ଦ୍ୱିତୀୟ । ଭୋଜବଂଶର ରାଜାମାନେ ବିରଜା ଦେବୀଙ୍କର ପରମଭକ୍ତ ଥିବାର କଥା ଜୀବଦେବାଚାର୍ଯ୍ୟ ଲେଖି ଅଛନ୍ତି ।

ଜୀବଦେବଙ୍କ ବର୍ଣ୍ଣିତ 'ଭୋଜବଂଶ' କୁ ଯଦି 'ଭୂଜବଂଶ' ଧରାଯାଏ, ତେବେ ସେହି ବଂଶୀୟ ରାଜାମାନଙ୍କୁ ଭୌମ ବଂଶୀୟ ଧରାଯାଇ ପାରେ । ମାତ୍ର ମାଦଳାପାଞ୍ଜିରେ ଯେଉଁ 'ଭୋଜବଂଶ'ର କଥା ବର୍ଣ୍ଣିତ ଅଛି ସେ ବଂଶ ଭୌମ ବଂଶ ସହିତ ଏକ ନଥିବାରୁ ତାହାର ଅଲୋଚନା ଏ ପ୍ରବନ୍ଧରେ ନିଷ୍ପ୍ରୟୋଜନ ହେଉଥିଲେ ମଧ୍ୟ କେବଳ ଯାଜପୁରର ବିରଜା ଦେବୀଙ୍କର ଉଲ୍ଲେଖ ଯୋଗୁ ସେମାନେ ଜୀବଦେବ ପ୍ରଶସ୍ତି ମତରେ ଓଡ଼ିଶାର କିମ୍ବଦନ୍ତୀରେ ଭୌମବଂଶୀୟ ଥିବାର ଅନୁମାନ ଅସମ୍ଭବ ନୁହେ ।

'କେଶରୀକୁଳ' ସମ୍ପର୍କରେ ଜୀବଦେବାଚାର୍ଯ୍ୟ ନିମ୍ନୋକ୍ତ ଶ୍ଳୋକ ଗୁଡ଼ିକ ଲେଖି ଅଛନ୍ତି :—

ଭୋଜେଷୁ ତେଷ୍ୱବନପ୍ୟାଦ୍ୱ ରାଜପୀଠାତ୍
ଭ୍ରଷ୍ଟେଷୁ କେଶରିକୁଳଂ ତଦଲଂଚକାର ॥
ତୈରଛ ତା ଦ୍ୱିଜବରା ଗୁରବସ୍ତଥୈବ
ଜାତା ଜଗତ୍ପ୍ରଥିତ ବ୍ରହ୍ମସଗୋତ୍ରିଣସ୍ତେ ॥
ଉଦ୍ୟୋତ କେଶରିକୁଲସ୍ୟ ଗୁରୁର୍ବଭୂବ
ତେଷୁ ପ୍ରସିଦ୍ଧମହିମା ଭବଦେବ ନାମା ॥
ସୋମେଶ୍ୱରୋ ନୃପକୁଳସ୍ୟ ସମର୍ଛମୀୟୋ
ବଂଶଃ ସ ତେନ କୃତିନୈବ କୃତପ୍ରତିଷ୍ଠଃ ॥
ଯେନୋଦ୍ଧୃତେ ସକଳ ବିସ୍ତୃତ ଯନ୍ତ୍ରସାରେ
ତନ୍ତ୍ରାର୍ଣ୍ଣବେ ମହତି ମଜ୍ଜତି ସର୍ବଲୋକଃ ।
ଯତ୍ର ସ୍ୱପିତାମହକୁଳୈରିହ କୃତ୍ତିବାସ-
କ୍ଷେତ୍ରଂ ବଭୂବ ବତ ତଦ୍ ବିପୁଳାବକାଶମ୍ ॥
ଭୂପେଷ୍ୱ କେଶରିକୁଲପ୍ରଭବେଷୁ ତେଷୁ
ଦ୍ୱପ୍ରାପକାରଦହନେ ପ୍ରଳୟଂ ଗତେଷୁ
ଦେବ ଦ୍ୱିଜାନ୍ତି ପଦପଙ୍କଜ ଚଞ୍ଚରୀକା
ଭୂପା ବଭୂବୁରଥ କେଚନ ଗଙ୍ଗବଂଶ୍ୟାଃ ॥

( ନବ ଭାରତ, ସିଂହ ୧୩୪୭ ପୃ ୨୧୪ )

ଖ୍ରୀଷ୍ଟୀୟ ଷୋଡ଼ଶ ଶତାବ୍ଦୀର ଆରମ୍ଭରେ ଲିଖିତ ଏହି ପ୍ରଶସ୍ତିରେ ବର୍ଣ୍ଣିତ 'କେଶରୀକୁଳ'ର ରାଜା ଉଦ୍ୟୋତ କେଶରୀ ଯାହାଙ୍କୁ କବି କୁଳସ୍ଥାପୟିତା ଆଖ୍ୟା ଦେଇ ଅଛନ୍ତି ଓ ତାଙ୍କର ପୂର୍ବପୁରୁଷମାନେ ମଧ୍ୟ 'କେଶରୀକୁଳ' ଆଖ୍ୟାରେ ଭୂଷିତ ଅଛନ୍ତି । ଯାହାହେଉ 'କେଶରୀକୁଳ' ବା କେଶରୀବଂଶର ମୂଳ ଯେ ଉଦ୍ୟୋତ କେଶରୀ ଏହା ଜୀବଦେବାଚାର୍ଯ୍ୟଙ୍କ ବର୍ଣ୍ଣନାରୁ ସମ୍ଭାବିତ ହୁଏ । ତେବେ ଏ 'ଉଦ୍ୟୋତ କେଶରୀ' କିଏ ? ଏ ଜଣେ କିମ୍ବଦନ୍ତୀର ରାଜପୁରୁଷ ନା ପ୍ରକୃତ ରାଜା ଏହି ପ୍ରଶ୍ନଗୁଡ଼ିକର ଉତ୍ତର ଦେବାକୁ ଦେଲେ ଆମ୍ଭମାନଙ୍କୁ ସୋମବଂଶୀ ବା ସୋମକୁଳୀ ରାଜାମାନଙ୍କର ତାମ୍ରଶାସନ ଓ ଶିଳାଲେଖଗୁଡ଼ିକର ସାହାଯ୍ୟ ନେବାକୁ ହେବ । ସୋମକୁଳୀ ରାଜା ଉଦ୍ୟୋତ କେଶରୀ ପ୍ରକୃତ ଐତିହାସିକ ପୁରୁଷ ଥିବାରୁ ତାଙ୍କର ଓ ତାଙ୍କ ରାଜତ୍ୱକାଳର ତଳୋକ୍ତ ଗୁଡ଼ିଏ ଲିପି ଅଛି ।

୧ । ବାଲିଝର ତାମ୍ର ଶାସନ :—ଏହି ତାମ୍ରଶାସନଟି ତତ୍କାଳୀନ ନରସିଂହ ପୁର ରାଜ୍ୟର ବାଲିଝର ଗ୍ରାମରୁ ମିଳିଥିଲା ଓ ଏହା ଉଦ୍ୟୋତ କେଶରୀଙ୍କର ୪ର୍ଥ ରାଜତ୍ୱ ସଂବତ୍‌ରେ ପ୍ରଦତ୍ତ ହୋଇଥିଲା । ଏହା ପଣ୍ଡିତ ବିନାୟକ ମିଶ୍ରଙ୍କ ଦ୍ୱାରା ପ୍ରଥମେ ସମ୍ପାଦିତ ହୋଇ ବିହାର ଓ ଓଡ଼ିଶା ଅନୁସନ୍ଧାନ ସମିତିର ପତ୍ରିକାରେ ୧୯୩୧ରେ ମୁଦ୍ରିତ ହୋଇଥିଲା । ତତ୍ପରେ ୧୯୫୯ରେ ଏହା ଇଣ୍ଡିଆନ ହିଷ୍ଟୋରିକେଲ କ୍ୱାର୍ଟରଲିରେ ଶ୍ରୀଯୁକ୍ତା ଦେବଳା ମିତ୍ରଙ୍କ ଦ୍ୱାରା ସଂପାଦିତ ହୋଇଅଛି ।

୨—୩ । ଖଣ୍ଡଗିରିର ଲିପି :—ଖଣ୍ଡଗିରିର ଦୁଇଟି ଗୁମ୍ଫାରେ ଉଦ୍ୟୋତ କେଶରୀଙ୍କ ରାଜତ୍ୱକାଳର ସଂବତ୍ ୫ ଓ ସଂବତ୍ ୧୮ରେ ଲିଖିତ ଦୁଇଟି ଲିପି ଅଛି । ଏହା ଏପିଗ୍ରାଫିକ୍ ଇଣ୍ଡିକା ୧୩ ଭାଗରେ ପୃ ୧୬୫—୬୬ରେ ମୁଦ୍ରିତ ହୋଇଛି ।

୪ । ଭୁବନେଶ୍ୱରର ବ୍ରହ୍ମେଶ୍ୱର ଶିଳାଲିପି :—ଏହା ବ୍ରହ୍ମେଶ୍ୱର ମନ୍ଦିରର ନିର୍ମାଣକର୍ତ୍ତ୍ରୀ କୋଳାବତୀ ଦେବୀଙ୍କ ସ୍ମାରକ ଲିପି । କୋଳାବତୀ ଦେବୀ ଥିଲେ ଉଦ୍ୟୋତ କେଶରୀଙ୍କର ମାତା । ଏହା ରାଜାଙ୍କର ୧୮

ସଂବତ୍‌ରେ ଲିଖିତ । ଏହା ପ୍ରଥମେ ୧୮୩୮ରେ ଓ ତତ୍ପରେ ମୋ ଦ୍ୱାରା ପୁନଃ ସଂପାଦିତ ହୋଇ ୧୯୦୭ରେ ଏସିଆଟିକ୍ ସୋସାଇଟି ପତ୍ରିକାରେ ମୁଦ୍ରିତ ଅଛି ।

ଏହି ଶିଳାଲିପିରେ ଉଦ୍ୟୋତକେଶରୀ ଦେବଙ୍କୁ ସୋମକୁଳତିଳକ ଆଖ୍ୟା ଦିଆଯାଇଛି । ଏହି ଗୁହାଗୋଟି ଲିପିରେ ଉଦ୍ୟୋତ କେଶରୀଙ୍କୁ କୌଣସିଠାରେ କେଶରୀବଂଶୀୟ ରାଜା ଥିଲେ ବୋଲି ବର୍ଣ୍ଣିତ ହୋଇ ନାହିଁ । କିନ୍ତୁ ବାଲିଝର ତମ୍ବାପଟାରେ ଓ ବ୍ରହ୍ମେଶ୍ୱର ଲିପିରେ ସେ ସୋମକୁଳତିଳକ ଆଖ୍ୟାରେ ଭୂଷିତ ଅଛନ୍ତି ।

ଜୀବଦେବ ଆଚାର୍ଯ୍ୟ ଯେଉଁ ପ୍ରମାଣ ବଳରେ ଉଦ୍ୟୋତ କେଶରୀ ଓ ତାଙ୍କର ପୂର୍ବବର୍ତ୍ତୀ ତଥା ପରବର୍ତ୍ତୀ ରାଜାମାନଙ୍କୁ କେଶରୀକୁଳସମ୍ଭୂତ ବୋଲି ବର୍ଣ୍ଣନା କଲେ, ତାହା ପ୍ରାୟ ୩୫ଟି ସୋମବଂଶୀ ବା ସୋମକୁଳୀ ରାଜାମାନଙ୍କର ତମ୍ବାପଟାର ପାଠରୁ ପ୍ରତିପାଦିତ ହୁଏ ନାହିଁ । ଏଥିରୁ ଅନୁମିତ ହୁଏ ଯେ ମାଦଳାପାଞ୍ଜିର ସଂକଳୟିତା 'ଭକ୍ତିଭାଗବତ'ରେ ମିଳୁଥିବା ବତ୍ସସଗୋତ୍ରୀୟ ବ୍ରାହ୍ମଣମାନଙ୍କର ପ୍ରଶସ୍ତିରେ ବର୍ଣ୍ଣିତ 'କେଶରୀକୁଳ'ର ରାଜାମାନଙ୍କୁ ଗଙ୍ଗରାଜବଂଶର ପୂର୍ବବର୍ତ୍ତୀ କେଶରୀବଂଶୀୟ ରାଜଗଣ ବୋଲି ଲେଖି ଅଛନ୍ତି । 'ଭକ୍ତିଭାଗବତ' ରଚୟିତା ସୂର୍ଯ୍ୟବଂଶୀୟ ରାଜମାତାଙ୍କର ଇତିହାସ ଏହି ପ୍ରଶସ୍ତିରେ ଯାହା ଲେଖିଅଛନ୍ତି, ତହିଁରେ ଐତିହାସିକ ସତ୍ୟ ନିହିତ ଥିବାର ଜଣାଯାଏ । ସେହିପରି ତାଙ୍କର ପ୍ରଶସ୍ତିରେ ବର୍ଣ୍ଣିତ ଗଙ୍ଗବଂଶର ବର୍ଣ୍ଣନାରୁ ଗଙ୍ଗରାଜଙ୍କ କାଳତତ୍ତ୍ୱରେ ତାଙ୍କର ସମ୍ୟକ୍ ଧାରଣା ଥିଲା—କାରଣ ସେ ପ୍ରଥମ ରାଜା ଚୋଡ଼ଗଙ୍ଗ ଓ ଶେଷ ରାଜା ନିଶଙ୍କ ଭାନୁଙ୍କ ନାମ ତହିଁରେ ଉଲ୍ଲେଖ କରି ଅଛନ୍ତି । ଜୀବଦେବଙ୍କ ପ୍ରଶସ୍ତିରେ ଅଳ୍ପ କେତୋଟି କେଶରୀକୁଳର ରାଜାଙ୍କ କଥା ଲିଖିତ ଥିଲେ ମଧ୍ୟ ମାଦଳାପାଞ୍ଜି ଲେଖକ କେଶରୀବଂଶର ରାଜାମାନଙ୍କୁ ଦୀର୍ଘ ୬୫୦ରୁ ଅଧିକ ସମୟ କେଉଁ ଗଣନା ଉପରେ ନିର୍ଭର କରି ଲେଖିଲେ ତାହା ବୁଝିବା ଅସମ୍ଭବ ହୋଇଅଛି ।

ଲିପିତତ୍ତ୍ୱାନୁସାରେ ସୋମବଂଶୀ ରାଜାମାନଙ୍କର ଲିପିଗୁଡ଼ିକର ସମୟ ଖ୍ରୀ: ୯୫୦ ବା ଠିକ୍‌ଏ ଆଗରୁ ଧରାଯାଇପାରେ ଓ ଏହି ରାଜବଂଶ ଖ୍ରୀଷ୍ଟୀୟ ଏକାଦଶ ଶତାବ୍ଦୀର ଆରମ୍ଭରେ ଲୋପ ପାଇଥିଲା । ଅଥଚ ମାଦଳାପାଞ୍ଜିର ଲେଖକ କେଶରୀବଂଶର ରାଜାମାନଙ୍କୁ ଖ୍ରୀଷ୍ଟୀୟ ୧ମ ଶତାବ୍ଦୀରେ ସ୍ଥାନ ଦେଇଥିବାରୁ ସମସାମୟିକ ପ୍ରମାଣ ଓ କିମ୍ବଦନ୍ତୀ ମଧ୍ୟରେ ପ୍ରାୟ ୫୦୦ ବର୍ଷର କାଳତତ୍ତ୍ୱ ନିର୍ଣ୍ଣୟରେ ଗୋଳମାଳ ହେଉଅଛି ।

ବାଲିଝର ତମ୍ବାପଟାରେ ଓ ବ୍ରହ୍ମେଶ୍ୱର ଶିଳାଲିପିରେ ଲେଖା ଅଛି, ଶ୍ରୀମାନ୍ ଉଦ୍ୟୋତକେଶରୀ ରାଜଦେବସ୍ୟ । ତାଙ୍କର ପିତୃପିତାମହଙ୍କ ନାମରେ 'କେଶରୀ' ନାମ ଜଡ଼ିତ ନାହିଁ । ଏଥିରୁ ମନେ ହେଉଛି ଯେ, 'କେଶରୀ' ଶବ୍ଦ ଉଦ୍ୟୋତ କେଶରୀଙ୍କର ଏକ ପଦବୀ ନୁହେ । ତାଙ୍କର ପ୍ରକୃତ ନାମ ଉଦ୍ୟୋତ କେଶରୀ । ଉଦ୍ୟୋତ-କେଶରୀଙ୍କର ପୂର୍ବବର୍ତ୍ତୀ ରାଜାମାନଙ୍କର ତମ୍ବାପଟାରେ କୌଣସିଠାରେ କାହାର ନାମରେ 'କେଶରୀ' ଶବ୍ଦ ଥିବାର ଉଲ୍ଲେଖ ନାହିଁ । ଏପରି କି ଉଦ୍ୟୋତ କେଶରୀଙ୍କର ନାତି କର୍ଣ୍ଣ ଦେବଙ୍କର ରତ୍ନଗିରି ତାମ୍ର ଶାସନରେ ଉଦ୍ୟୋତ କେଶରୀଙ୍କର ପୁଅ ଜନମେଜୟଦେବ ଓ ଦୁଇଜଣ ନାତି ପୁରଞ୍ଜୟ ଦେବ ଓ କର୍ଣ୍ଣଦେବ କାହାରି ହେଲେ ନାମ ସହିତ କେଶରୀ ଶବ୍ଦ ଯୁକ୍ତ ନାହିଁ । ରତ୍ନଗିରିର ତମ୍ବାପଟାରେ ଲେଖାଅଛି—ଶ୍ରୀ କର୍ଣ୍ଣଦେବ ନୃପତି ।

ବଙ୍ଗ ଦେଶର ସନ୍ଧ୍ୟାକର ନନ୍ଦୀ ତାଙ୍କ ଗ୍ରନ୍ଥ 'ରାମଚରିତ'ର ଟୀକାରେ ଲେଖି ଅଛନ୍ତି 'ଉତ୍କଳେଶ କର୍ଣ୍ଣକେଶରୀ' ରାମପାଳଙ୍କଦ୍ୱାରା ଉପକୃତ ହୋଇଥିଲେ । ରାମଚରିତ ଲେଖାର ସମୟ ପ୍ରାୟ ରତ୍ନଗିରିର ତମ୍ବାପଟାର ସମକାଳୀନ । ଏଣୁ ରାମଚରିତରେ ବର୍ଣ୍ଣିତ 'କର୍ଣ୍ଣକେଶରୀ'ଙ୍କୁ କର୍ଣ୍ଣଦେବଙ୍କ ସହିତ ଏକ ଓ ଅଭିନ୍ନ ଧରିବା ସ୍ୱାଭାବିକ । ଯୁକ୍ତି ଛଳରେ ବୋଲାଯାଇ-ପାରେ ଯେ ଉଦ୍ୟୋତ କେଶରୀଙ୍କ ନାମର ପ୍ରଭାବରେ ତଦ୍‌ବଂଶୀୟ କର୍ଣ୍ଣଦେବଙ୍କୁ ସନ୍ଧ୍ୟାକର ନନ୍ଦୀ "କର୍ଣ୍ଣ କେଶରୀ" ଆଖ୍ୟା ଦେଇଥିଲେ । ଏହା ମଧ୍ୟ ସମ୍ଭବପର ଯେ ରାମଚରିତ ବର୍ଣ୍ଣିତ କର୍ଣ୍ଣ କେଶରୀ ଜଣେ

ଉତ୍କଳର ଉତ୍ତରାଞ୍ଚଳର ସାମାନ୍ୟ ନୃପତି ଯାହାଙ୍କୁ ରାମପାଳଙ୍କର ଅଧୀନସ୍ଥ ଜୟସିଂହ ସାହାଯ୍ୟଦାନ କରିଥିଲେ । ଏହି 'କର୍ଣ୍ଣକେଶରୀ' ନାମ ବଡ଼ ସଂଶୟାତ୍ମକ ନାମ । ଶାରଳା ଦାଶଙ୍କର ମହାଭାରତର ସଭାପର୍ବରେ ପୂର୍ବ ଦେଶରେ ଜଣେ 'କର୍ଣ୍ଣକେଶରୀ' ରାଜାଙ୍କର ନାମ ମିଳେ । ଏହା ବ୍ୟତୀତ ଓଡ଼ିଆ କାବ୍ୟ 'ଗୃହ ଇଚ୍ଛାବତୀ' ଓ 'ଶଶୀସେଣା'ରେ ସୁବର୍ଣ୍ଣରେଖା କୂଳବର୍ତ୍ତୀ ଜଣେ ବିକ୍ରମ କେଶରୀଙ୍କର ନାମ ମିଳେ । ନରସିଂହପୁର ରାଜ୍ୟ କମ୍ବଦନ୍ତୀରେ ମଧ୍ୟ ଜଣେ ବିକ୍ରମ କେଶରୀଙ୍କର ନାମ ମିଳେ । ନଗେନ୍ଦ୍ରନାଥ ବସୁ **Archaeo logical Survey of Mayurbhanj** ପୁସ୍ତକରେ ମୋଗଲ ମାରର ବିବରଣରେ ଏହି ଗୃହ ଇଚ୍ଛାବତୀ ଓ ଶଶୀସେଣା କାବ୍ୟ ବର୍ଣ୍ଣିତ ବିଷୟ ଲେଖି ଅଛନ୍ତି । ଏଣୁ ସନ୍ଧ୍ୟାକର ନନ୍ଦୀଙ୍କର କର୍ଣ୍ଣ କେଶରୀ ଓ ସୋମକୁଳୀ କର୍ଣ୍ଣଦେବ ଏକ ବ୍ୟକ୍ତି ମଧ୍ୟ ନ ହୋଇ ପାରନ୍ତି ।

ଜୀବଦେବ ବର୍ଣ୍ଣିତ 'ଉଦ୍ୟୋତ କେଶରୀ କୁଳ' ଓ କେଶରୀକୁଳରୁ ମାଦଳା ପାଞ୍ଜିର ଲେଖକ ଏକ ସ୍ୱତନ୍ତ୍ର କେଶରୀ ରାଜବଂଶ ସୃଷ୍ଟି କରିଥିଲେ ଓ ସେହି ବଂଶର ରାଜା ଲଲାଟେନ୍ଦୁ ବା ଲଲାଟଇନ୍ଦ୍ର କେଶରୀଙ୍କୁ ଲିଙ୍ଗରାଜ ମନ୍ଦିର ନିର୍ମାତା ବୋଲି ଲେଖିଥିଲେ । ପ୍ରକୃତରେ ସୋମବଂଶୀ ରାଜା ମହାଶିବଗୁପ୍ତ, ଯଯାତି ଓ ତାଙ୍କର ରାଣୀ କୋଲାବତୀ ଦେବୀଙ୍କ ଦ୍ୱାରା ଯଥାକ୍ରମେ ଲିଙ୍ଗରାଜ ଓ ବ୍ରହ୍ମେଶ୍ୱର ମନ୍ଦିରଦ୍ୱୟ ଗଠିତ ହୋଇଥିଲା । ଶେଷୋକ୍ତ ମନ୍ଦିର ଗଠନ କାର୍ଯ୍ୟରେ ଉଦ୍ୟୋତ କେଶରୀଙ୍କର କି ଦାନ ଥିଲା ଜଣା ଯାଇନଥିଲେ ମଧ୍ୟ ତାଙ୍କ ରାଜତ୍ୱ କାଳର ୧୮ଶ ସଂବତ୍ସରରେ ତାଙ୍କ ମାତାଙ୍କଦ୍ୱାରା ବ୍ରହ୍ମେଶ୍ୱର ମନ୍ଦିର ଯେ ନିର୍ମିତ ହୋଇଥିଲା ତାହାର ପ୍ରମାଣ ବ୍ରହ୍ମେଶ୍ୱର ଶିଳାଲିପିରେ ରହିଅଛି । ଷୋଡ଼ଶ ଶତାବ୍ଦୀର ଆଦ୍ୟ ଭାଗରେ ଲିଖିତ ଭକ୍ତିଭାଗବତକାରଙ୍କ ପ୍ରଶସ୍ତିର 'କେଶରୀକୁଳ' ଓ ଶେଷଭାଗରେ ଲିଖିତ ମାଦଳା ପାଞ୍ଜିର କେଶରୀ ବଂଶ ଉଭୟ ଯେ ପର-କାଳୀନ କମ୍ବଦନ୍ତୀ ଏଥିରେ ଆଦୌ ସନ୍ଦେହ ନାହିଁ । ଏଣୁ କେଶରୀବଂଶର କମ୍ବଦନ୍ତୀ ଐତିହାସିକ ଭିତ୍ତିଶୂନ୍ୟ, କାରଣ, ଖ୍ରୀଷ୍ଟୀୟ ୫ମ ଶତାବ୍ଦୀଠାରୁ ଦ୍ୱାଦଶ ଶତାବ୍ଦୀ ପର୍ଯ୍ୟନ୍ତ କାଳ ମଧ୍ୟରେ, ଖ୍ରୀଷ୍ଟୀୟ ୭ମ ଶତାବ୍ଦୀର ମଧ୍ୟ ଭାଗରୁ ଦ୍ୱାଦଶ ଶତାବ୍ଦୀ ପର୍ଯ୍ୟନ୍ତ ସମୟ ମଧ୍ୟରେ

ଓଡ଼ିଶାରେ ରାଜତ୍ୱ କରିଥିବା ସାର୍ବଭୌମ ରାଜାମାନଙ୍କ ମଧ୍ୟରେ ମାନବଂଶର ଶମ୍ଭୁନାଶ, ଶଶାଙ୍କ, ଭୌମ ବଂଶୀୟ ରାଜଗଣ ବ୍ୟତୀତ ଶୈଳୋଦ୍ଭବ, ଭଞ୍ଜ, ତୁଙ୍ଗ, ସ୍ତମ୍ଭ, ବରାହ ପ୍ରଭୃତି ଅନେକ ରାଜବଂଶ ଓ ଏକାଦଶ ଶତାବ୍ଦୀରେ ସୋମବଂଶୀୟ ରାଜାମାନେ ଓଡ଼ିଶାରେ ରାଜତ୍ୱ କରିଥିଲେ । ମାଦଳା ପାଞ୍ଜିରେ ଉଦ୍ୟୋତ କେଶରୀଙ୍କ ନାମ ନାହିଁ ମନମୋହନ ଚକ୍ରବର୍ତ୍ତୀ ଲେଖିଅଛନ୍ତି ଯେ ସେ ମାଦଳା ପାଞ୍ଜିରୁ ରାଣୀ କୋଳାବତୀଙ୍କ ନାମ ପାଇଥିଲେ । କୋଳାବତୀ ଦେବୀ ଉଦ୍ୟୋତ-କେଶରୀଙ୍କ ମାତା । ପ୍ରାଚୀ ସମିତି ଦ୍ୱାରା ପ୍ରକାଶିତ ମାଦଳାପାଞ୍ଜିରେ ପୃ୨୦ରେ ଲିଖିତ ଅଛି ଯେ ୧ମ ପାଞ୍ଜି ମତେ- ଏ ଉତ୍ତାରୁ ବସୁକଳ୍ପ କେଶରୀ ମହାରାଜା । ଏହାଙ୍କ ଭାର୍ଯ୍ୟା ତୁଳାବତୀ' ରାଣୀ ଏଥିରୁ ପ୍ରତିପନ୍ନ ହୁଏ ଯେ ମାଦଳାପାଞ୍ଜି ପୁସ୍ତକରେ ମୁଦ୍ରିତ ତୁଳ ବତୀ॰ ପ୍ରକୃତରେ କୋଳାବତୀ ନଥିଲା କିନ୍ତୁ ତାଙ୍କର ସ୍ୱାମୀ ଯଯାତିଙ୍କର ନାମ ପରିବର୍ତ୍ତିତ ହୋଇ ବସୁକଳ୍ପ ନାମରେ ତହିଁରେ ସ୍ଥାନ ପାଇଛି ।

କର୍ଣ୍ଣଦେବଙ୍କ ରତ୍ନଗିରି ତମ୍ବାପଟାର ପ୍ରଥମ ଫଳକଟି ୧୯୩୦ରେ ଶ୍ରୀ ନାରାୟଣ ତ୍ରିପାଠୀଙ୍କ ଦ୍ୱାରା ସଂପାଦିତ ହୋଇ ବିହାର ଓ ଓଡ଼ିଶା ଅନୁସନ୍ଧାନ ସମିତିର ପତ୍ରିକାରେ ମୁଦ୍ରିତ ହୋଇଥିଲା । ବାଲିଝରି ତମ୍ବା ପଟା ସହିତ ରତ୍ନଗିରିର ଏହି ଫଳକର ପାଠ ଏକ ଥିବାରୁ ଅନୁମାନ କରାଯାଇ ଥିଲା ଯେ, ଏହା ଉଦ୍ୟୋତ କେଶରୀଙ୍କର ଅନ୍ୟ ଏକ ତମ୍ବାପଟା ୧୯୫୮ରେ ରତ୍ନଗିରିର ଖୋଦନକାର୍ଯ୍ୟ ହେଉଥିଲା ବେଳେ ଶ୍ରୀଯୁକ୍ତା ଦେବଲା ମିତ୍ର, ସୁପରିଣ୍ଟେଣ୍ଡେଣ୍ଟ ପ୍ରତ୍ନତତ୍ତ୍ୱ ବିଭାଗ ଇଷ୍ଟାର୍ଣ୍ଣ ସାରକଲ, ବହୁ ଚେଷ୍ଟାରେ ରତ୍ନଗିରିର ତମ୍ବାପଟାର ଅନ୍ୟ ତିନୋଟିଯାକ ଫଳକ ସଂଗ୍ରହ କଲେ । ଏହାର ପାଠରୁ ଜଣାଗଲା ଯେ ରତ୍ନଗିରିର ତମ୍ବାପଟାଟି କର୍ଣ୍ଣଦେବଙ୍କଦ୍ୱାରା ପ୍ରଦତ୍ତ ହୋଇଥିଲା । ଏହି ତମ୍ବାପଟାରେ ବାଲିଝରି ତମ୍ବାପଟା ଠାରୁ ଆଉ ୬ଟି ନୂତନ ପ୍ରଶସ୍ତି ଶ୍ଳୋକ ଦ୍ୱାରା ବଂଶ ପ୍ରଶସ୍ତି ଲିଖିତ ହୋଇଥିଲା । ଏ ପର୍ଯ୍ୟନ୍ତ ମିଳିଥିବା ସୋମବଂଶୀ ରାଜାମାନଙ୍କ ମଧ୍ୟରେ କର୍ଣ୍ଣଦେବ ସର୍ବଶେଷ ରାଜା । ଏହାଙ୍କ ପରେ କେହି ରାଜା ହୋଇ ଥିବାର କଥା ଅନ୍ୟ ତମ୍ବାପଟା ଦ୍ୱାରା ପ୍ରମାଣିତ ହେବ । କିନ୍ତୁ ଏହାଙ୍କର ରାଜତ୍ୱକାଳ ଖ୍ରୀ: ୧୧୦୦ର ନିକଟବର୍ତ୍ତୀ ଧରା ଯାଉଛି ।

ଚୋଡ଼ଗଙ୍ଗ ଦେବ ଖ୍ରୀ: ୧୧୧୨ ପୂର୍ବରୁ ସୋମବଂଶୀ ଶେଷ ରାଜାଙ୍କୁ ପରାଭୂତ କରି ଉତ୍କଳ ଅଧିକାର କରିଥିଲେ । ତେଣୁ କର୍ଣ୍ଣଦେବ ସେହି ଶେଷ ରାଜା କି ନା ତାହା କହିବା କଠିନ । କର୍ଣ୍ଣଦେବଙ୍କ ତମ୍ବାପଟ୍ଟାରୁ ନିମ୍ନଲିଖିତ ୫ଜଣ ସୋମବଂଶୀ ରାଜାଙ୍କର ନାମ ମିଳିଅଛି ।

ଯଯାତି ଦେବ
|
ଉଦ୍ୟୋତ କେଶରୀ ଦେବ
|
ଜନମେଜୟ ଦେବ
|
ପୁରଞ୍ଜୟ ଦେବ — କର୍ଣ୍ଣ ଦେବ

ଏହି ତାଲିକା ଅନୁସାରେ କର୍ଣ୍ଣ ଦେବଙ୍କୁ ସୋମବଂଶୀ ଶେଷ ରାଜା ଧରାଗଲେ ମାଦଳା ପାଞ୍ଜିରୁ ମିଳୁଥିବା କେଶରୀ ବଂଶର ଶେଷ ରାଜାଙ୍କ ନାମ ସହିତ କିଛି ମେଳ ଥିବାର ଦେଖା ଯାଉନାହିଁ । ଏଣୁ ମାଦଳାପାଞ୍ଜିର କିମ୍ବଦନ୍ତୀ ସମସାମୟିକ ଲିପି ଦ୍ୱାରା ଆଦୌ ସମର୍ଥିତ ହେଉ ନାହିଁ । ଏହି 'କେଶରୀକୁଳ'ର କଥା ଜଣେ କବି ପ୍ରଥମେ କାବ୍ୟରେ ଲେଖିଲେ ଓ ତଦବଧି ଏହା ଐତିହାସିକ କିମ୍ବଦନ୍ତୀ ରୂପେ ମାଦଳା ପାଞ୍ଜିରେ ସ୍ଥାନ ପାଇଥିଲା । ୧୮୨୫ରେ ଷ୍ଟାର୍ଲିଂ ସାହେବ, ୧୮୪୩ରେ ଭବାନୀ ଚରଣ ବନ୍ଦ୍ୟୋପାଧ୍ୟାୟ, ୧୮୭୨ରେ ହଣ୍ଟର ସାହେବ, ୧୮୭୯ ପ୍ୟାରୀମୋହନ ଆଚାର୍ଯ୍ୟଙ୍କ ଲେଖାରେ ଏହା ସ୍ଥାନ ପାଇବାରୁ କିମ୍ବଦନ୍ତୀ ଦୃଢ଼ୀଭୂତ ହୋଇ ଇତିହାସ ଆଖ୍ୟା ପାଇଲା ଓ ଏହାର ପ୍ରାଧାନ୍ୟ ଊନବିଂଶ ଶତାବ୍ଦୀରେ ନବଯୁଗୀୟ ସାହିତ୍ୟରେ ସମାଦୃତ ହେଲା । ବିଂଶ ଶତାବ୍ଦୀରେ କିମ୍ବଦନ୍ତୀ ଓ ସମସାମୟିକ ସୋମବଂଶୀ ଲିପି ମଧ୍ୟରେ ଟଣା ଓଟରା ହୋଇ ବହୁଦିନ ଗଲା । ପରିଶେଷରେ ଆଜି ସମସାମୟିକ ଲିପିର ପ୍ରମାଣ ଦ୍ୱାରା ସ୍ୱୀକୃତ ହେଉଅଛି ଯେ କେଶରୀ ବଂଶର କିମ୍ବଦନ୍ତୀରେ ଇତିହାସର ସତ୍ୟ ନାହିଁ । କେଶରୀ ବଂଶ ଏକ କାଳ୍ପନିକ ରାଜବଂଶ ଓ ଏହାର ରାଜାମାନଙ୍କରେ ନାମ ମଧ୍ୟ କାଳ୍ପନିକ । ଏପରି ଏକ କାଳ୍ପନିକ ରାଜବଂଶ ଓ ରାଜାମାନଙ୍କର ସ୍ଥାନ ଓଡ଼ିଶା ଇତିହାସରେ ଅବାଞ୍ଛନୀୟ ।

———

# କିମ୍ବଦନ୍ତୀରୁ ଇତିହାସର
# ଦ୍ୱାରଦ୍ୱାର-ଭଞ୍ଜବଂଶ

ମୋର ଜନ୍ମସ୍ଥାନ ମୟୂରଭଞ୍ଜ ରାଜ୍ୟ ସଦର ମହକୁମା ଅନ୍ତର୍ଗତ ବୈଦ୍ୟପୁର ଶାସନ । ବୈଦ୍ୟପୁର ଉଚ୍ଚ ପ୍ରାଇମେରୀ ସ୍କୁଲରେ ମୋର ବାପା ସ୍ୱର୍ଗୀୟ ଛକଡ଼ି ଆଚାର୍ଯ୍ୟ ଶିକ୍ଷକ ଥିଲେ । ଗ୍ରାମର ସ୍କୁଲରେ ମୋର ଲେଖା-ପଢ଼ାର ଆରମ୍ଭ ହୋଇଥିଲା । ବାପା ଶିକ୍ଷକ ଥିବାରୁ ଆମ ଘରେ ଅନେକ (ଗୋଟିଏ ବେତ ପେଡ଼ିରେ ପେଡ଼ିଏ) ବହି ଥିଲା । ସେଥିରେ 'ଉତ୍କଳପ୍ରଭା' ମଧ୍ୟ ଥିଲା । ଅକ୍ଷର ପରିଚୟ ପରେ ମୁଁ କୌତୂହଳୀ ହୋଇ ଗୋଟିଏ ଗୋଟିଏ ବହି ପଢ଼ିଥିଲି । ସେ ସମୟରେ 'ପଦ୍ମମାଳୀ' ବହି ପଢ଼ି ଥିଲି । ମାତ୍ର ତାହା ଉପନ୍ୟାସ ବୋଲି ଜାଣି ନ ଥିଲି । ଦିନେ ବହି ଭିତରୁ ଭୂଗୋଳ' – (ସଂକ୍ଷିପ୍ତ ଐତିହାସିକ-ବିବରଣ ସମ୍ବଳିତ) ବହିଟି ପାଇ ପଢ଼ି ପକାଇଲି ଓ ମୟୂରଭଞ୍ଜ ଇତିହାସ ଓ ବଂଶାବଳି ସମ୍ପର୍କରେ ଅନେକ କଥା ଜାଣିଲି ।

ଆମ ଗାଁ ଇତିହାସ ପ୍ରସିଦ୍ଧ ହରିପୁର ଗଡ଼ର ନିକଟ ବର୍ତ୍ତୀ ମାତ୍ର ତିନି ମାଇଲ ଦୂରବର୍ତ୍ତୀ ଥିବାରୁ ହରିପୁର ଗଡ଼ ଆଡ଼େ ମଝିରେ ମଝିରେ ବୁଲି ଯାଉଥିଲୁ । ସେତେବେଳେ ସେଠାରେ ଏତେ ବାଉଁଶ ବଣ ଥିଲା ଯେ ସେପରି ବାଉଁଶବଣ ଆଖ ପାଖରେ ଅନ୍ୟ କୌଣସି ଗାଁରେ ନ ଥିଲା । ହରିପୁର ଗଡ଼ର ତଥା ଗାଁର ବୁଢ଼ାବୁଢ଼ୀମାନେ କହୁଥିବାର ଶୁଣିଥିଲି— କ'ଣ ଶୁଣିଥିଲି ମନେ ନାହିଁ । ମୟୂରଭଞ୍ଜର ଇତିହାସ ଜାଣିବାପାଇଁ 'ମୟୂରଭଞ୍ଜ ଭୂଗୋଳ' ମୋର ପ୍ରଥମ ପଥପ୍ରଦର୍ଶକ । ସେ ବହିରୁ ଖଣ୍ଡିଏ ଏବେ ମଧ୍ୟ ମୋ ପାଖରେ ଅଛି ।

'ମୟୂରଭଞ୍ଜ ଭୂଗୋଳ' [ସଂକ୍ଷିପ୍ତ ଐତିହାସିକ ବିବରଣ ସମ୍ବଳିତ) ପୁସ୍ତକର ରଚୟିତା ଥିଲେ ସୁରେନ୍ଦ୍ର ନାଥ ସେନ । ସେ କିଏ ଥିଲେ ତାହା ମୁଁ ଜାଣେ ନାହିଁ । ବହିଟି ମୟୂରଭଞ୍ଜର ଷ୍ଟେଟପ୍ରେସରେ ୧୯୦୦ରେ ମୁଦ୍ରିତ ହୋଇ ଥିଲା—ଦାମ୍ ଦୁଇଅଣା । ଏହି ପୁସ୍ତକର ପାଣ୍ଡୁଲିପି ଦେଖି ତା ୧୧-୧୦-୧୮୯୯ ତାରିଖରେ ଓଡ଼ିଶାର ତତ୍କାଳୀନ ସ୍କୁଲ ସମୂହର ଇନ୍‌ସପେକ୍ଟର ଓ ଓଡ଼ିଶା ପାଠ୍ୟ ପୁସ୍ତକ କମିଟିର ସେକ୍ରେଟାରି ରାଧାନାଥ ରାୟ ଯେଉଁ ମନ୍ତବ୍ୟ ଦେଇଥିଲେ ତାହାର ନକଲ ତଳେ ଦିଆଗଲା ।

"This is a well—written book presenting as it does in a handy ·from all the prinicipal items of History and geography relative to the big and leading state of Mourbhanj in the Orissa Garjats. I should like to see it introduced into all Primary Institutions and the lower froms of middle schools in the state. This will be one of the best prize-books for distribution in the L. P. Reward Examination and it is to be hoped that the State Educational authorities would adopt it for the purpose when published".

ରାଧାନାଥ ରାୟଙ୍କ ମନ୍ତବ୍ୟ ଅନୁସାରେ ଏହି ବହିଟି ପ୍ରାଇମେରୀ ସ୍କୁଲ ସମୂହରେ ଚଳୁଥିଲା । ପୁସ୍ତକର ମୁଦ୍ରଣବ୍ୟୟ ମହାରାଜା ବହନ କରିଥିଲେ । ବହିଟିରେ ମାତ୍ର ୨୭ ପୃଷ୍ଠା ଅଛି ଓ "ସଂକ୍ଷିପ୍ତ ଐତିହାସିକ ବିବରଣ ପୃ : ୧୯-୨୭ରେ ମୁଦ୍ରିତ ଅଛି । ମୟୂରଭଞ୍ଜର ଇତିହାସ ସମ୍ପର୍କରେ ଏହି ବହିରେ ଯାହା ଲିଖିତ ତହିଁରୁ କେତେକାଂଶ ତଳେ ଉଦ୍ଧୃତ ହେଲା ।

"ମୟୂରଭଞ୍ଜର ପ୍ରାଚୀନ ଇତିହାସ ବଡ ପରିଷ୍କୃତ ନୁହେ ।

× × – ×

"ରାଜପୁତନାନ୍ତର୍ଗତ ଜୟପୁର-ରାଜବଂଶୀୟ ଜୟ ସିଂହ ତୀର୍ଥାଟନ ମାନସରେ ଶ୍ରୀପୁରୁଷୋତ୍ତମ କ୍ଷେତ୍ରକୁ ଆସି ଖ୍ରୀ: ୫୯୮ ରେ ଏହି ରାଜ୍ୟ ଅଧିକାର କଲେ । ମୟୂରଭଞ୍ଜ-ରାଜନ୍ୟବର୍ଗର ଆଦିପୁରୁଷ ଏହି ଜୟସିଂହ ଏଣୁକରି ଏହି ରାଜ୍ୟର ରାଜାମାନେ ସୂର୍ଯ୍ୟବଂଶୀୟ କ୍ଷତ୍ରିୟ ଅଟନ୍ତି । * * * ମହାରାଜା ଜୟସିଂହ ଖ୍ରୀ: ୬୧୮ ପର୍ଯ୍ୟନ୍ତ ରାଜତ୍ୱ କରି ସ୍ୱର୍ଗାରୋହଣ କରିବାରୁ ତାହାଙ୍କର ଜ୍ୟେଷ୍ଠପୁତ୍ର ଆଦିସିଂହ ରାଜା ହେଲେ ।"

କଥିତ ଅଛି ମହାରାଜ ଆଦିସିଂହ ଅନାର୍ଯ୍ୟାଧିନାୟକ ମୟୁରଧ୍ୱଜର ଗର୍ବଭଞ୍ଜନ କରି ସ୍ୱୟଂ 'ଭଞ୍ଜ' ଉପାଧି ଧାରଣ ଏବଂ ମୟୁରଧ୍ୱଜର ସ୍ମରଣାର୍ଥ ମୟୂରପକ୍ଷୀ ରାଜକେତନ ସ୍ୱରୂପ ବ୍ୟବହାର କରିଥିଲେ । ସେହି ଦିନଠାରୁ ମୟୂରଭଞ୍ଜର ରାଜନ୍ୟବର୍ଗ 'ଭଞ୍ଜ' ଉପାଧି ଧାରଣ ଓ ମୟୂର-ସଙ୍କେତ ବ୍ୟବହାର କରି ଆସୁଛନ୍ତି ।

ମହାରାଜ ଆଦିସିଂହ ନିଜ ନାମାନୁସାରେ ଆଦିପୁରରେ ରାଜଧାନୀ ସ୍ଥାପନ କଲେ । ଆଦିପୁରୁସ୍ଥ ଗଡ଼ର ଭଗ୍ନାବଶେଷ ଓ ତତ୍‌ସନ୍ନିହିତ ଖିଚିଙ୍ଗନାମକ ଗ୍ରାମରେ ଆଦିସିଂହଙ୍କ ଦ୍ୱାରା ସ୍ଥାପିତ ଆଦ୍ୟାଖିଚକେଶ୍ୱରୀ ଠାକୁରାଣୀ ଅଦ୍ୟାପି ବିଦ୍ୟାମାନ । ମହାରାଜା ହରେକୃଷ୍ଣ ଭଞ୍ଜ ଖ୍ରୀ: ୧୪୬୪ରେ ଆଦିପୁର ଗଡ଼ ତ୍ୟାଗ କରି ହରିପୁରରେ ରାଜଧାନୀ ସ୍ଥାପନ କଲେ ।

(ପୃ ୧୯ । ୨୦) × ×

"୧୦ । ଏହି ରାଜ୍ୟର ରାଜାମାନଙ୍କର ନାମ ଓ ରାଜତ୍ୱ କାଳ ଯଥାକ୍ରମରେ ନିମ୍ନରେ ଲିଖିତ ହେଲା ।

୧ । ମହାରାଜ ଜୟ ସିଂହ ଖ୍ରୀ: ୫୯୮-୬୧୮.

୨ । ମହାରାଜ ଆଦିସିଂହ ଭଞ୍ଜଦେଓ ଖ୍ରୀ: ୬୧୮-୬୫୬

× × × ×

୨୬ । ମହାରାଜ ହରେକୃଷ୍ଣ ସିଂହ ଭଞ୍ଜଦେଓ ଖ୍ରୀ: ୧୪୬୪-୧୪୯୧ ।

× × × ×

୪୩ । ମହାରାଜ କୃଷ୍ଣଚନ୍ଦ୍ର ସିଂହ ଭଞ୍ଜଦେଓ ଖ୍ରୀ: ୧୮୬୮-୧୮୮୨ ।

୪୪ । ମହାରାଜ ଶ୍ରୀ ରାମଚନ୍ଦ୍ର ଭଞ୍ଜଦେଓ ଖ୍ରୀ: ୧୮୧୨-୧୮୮୨ ।”

ସଂକ୍ଷିପ୍ତ ଐତିହାସିକ ବିବରଣରେ ପୃ ୧୯-୨୫ ମଧ୍ୟରେ ସୁରେନ୍ଦ୍ର ନାଥ ସେନ ରାଜାମାନଙ୍କ ନାମ ଶେଷରେ କେବଳ ‘ଭଞ୍ଜ’ ଲେଖିଥିଲେ ମଧ୍ୟ ରାଜାମାନଙ୍କର ନାମ ଓ ରାଜତ୍ୱ କାଳରେ ‘ସିଂହ ଭଞ୍ଜଦେଓ’ ସମସ୍ତଙ୍କ ନାମର ଶେଷରେ ଲେଖିଅଛନ୍ତି । ଏହାର ଉଦ୍ଦେଶ୍ୟ କିଛି ବୁଝାଯାଉ ନାହିଁ । ‘ସିଂହ’ ଶବ୍ଦ ରାଜପୁତନାମବାଚକ ଶବ୍ଦ ହୋଇ ଥିବାରୁ ଭଞ୍ଜ ରାଜାମାନଙ୍କୁ ‘ରାଜପୁତ’ରେ ପରିଣତ କରିବାର ଉଦ୍ଦେଶ୍ୟ ଥିଲା । ପିଲାଦିନେ ଏହି ପ୍ରଭେଦ ବୁଝିବାର ଶକ୍ତି ନ ଥିଲା ।

ମୋପରି ଶହ ଶହ ସ୍କୁଲ ଛାତ୍ର ଏହି ବହି ଉପରେ ପରୀକ୍ଷା ଦେବା ପାଇଁ ବହିଟିକୁ ମୁଖସ୍ଥ କରୁଥିଲେ । ମୁଁ ନିଜେ ରାଜାମାନଙ୍କର ନାମ ଓ ରାଜତ୍ୱକାଳ ମୁଖସ୍ଥ କରିଥିଲି । ଫଳରେ ଏହି କାଳ୍ପନିକ ଇତିହାସ ଯାହା ଅଫିସ-କାଗଜ ପତ୍ରରେ ରହିଥିଲା, ତାହା ଓଡ଼ିଆରେ ବହି ଆକାରରେ ମୁଦ୍ରିତ ହେବାରୁ ସାରା ରାଜ୍ୟରେ ପ୍ରଚରିତ ହୋଇଥିଲା ଓ ଲୋକମାନେ ଏହାକୁ ସତ୍ୟମୂଳକ ଇତିହାସ ବୋଲି ଗ୍ରହଣ କରିଥିଲେ । ଏହି କଥାଗୁଡ଼ିକ ମୋର ଆଧୁନିକ ମତ, ପିଲାଦିନର ନୁହେଁ ।

ଅପର ପ୍ରାଇମେରୀ ସ୍କୁଲରେ ପଢ଼ୁଥିବା ନିମ୍ନ ପ୍ରାଇମେରୀ ଛାତ୍ର-ମାନଙ୍କର ପରୀକ୍ଷା ଦେବାର ବ୍ୟବସ୍ଥା ନଥିଲା । ମୁଁ ଉଚ୍ଚ ପ୍ରାଇମେରୀ ନ ପଢ଼ି ଘରେ ବସି ରହିଲି, କାରଣ ବାପାଙ୍କର ଇଚ୍ଛା ଥିଲା ଯେ, ମୁଁ ସଂସ୍କୃତଟୋଲରେ ସଂସ୍କୃତ ପଢ଼ିବି । ପ୍ରକୃତରେ ଅମର୍ଦା-ଟୋଲରେ ନାମ ଲେଖା ହେଲା ଓ ସଂସ୍କୃତର ପାଠ ମୁଖସ୍ଥ କଲି । ବର୍ଷେ ପରେ ଘରେ ସ୍ଥିର କଲେ ଯେ, ମୁଁ ମାଇନର ସ୍କୁଲରେ ଇଂରାଜୀ ପଢ଼ିବି । ଅମର୍ଦା ମାଇନର ସ୍କୁଲରେ ନାମ ଲେଖା ହେଲା । ସେଠାରେ ଚାରିବର୍ଷ ପଢ଼ି ମାଇନର ପରୀକ୍ଷାରେ ପାଶ୍ କରି ବୃତ୍ତି ପାଇ ବାରିପଦା ଉଚ୍ଚ ଇଂରାଜୀ ବିଦ୍ୟାଳୟରେ ୧୯୧୧ ଫେବୃଆରୀ ମାସରେ ନାମ ଲେଖାଇଲି, ତତ୍କାଳୀନ ଫୋର୍ଥ କ୍ଲାସରେ ।

୧୯୧୨ରେ ଥାର୍ଡ କ୍ଲାସରେ ପଢ଼ିବା ବେଳେ ଗ୍ରୀଷ୍ମାବକାଶ-ପୂର୍ବରୁ ଦିନେ ଅନୁପସ୍ଥିତ ଥିବା ଜଣେ ଶିକ୍ଷକଙ୍କର କ୍ଲାସ ନେବା ପାଇଁ ତତ୍‌କାଳୀନ ହେଡ୍‌ମାଷ୍ଟର ଶୈଳେନ୍ଦ୍ରନାଥ ସରକାର ଆମ କ୍ଲାସକୁ ଆସିଲେ । ତାଙ୍କ ହାତରେ **Archaeological Survey of Mayurbhanj** ପୁସ୍ତକ ଖଣ୍ଡିଏ ଧରିଥିଲେ । ସେ କ୍ଲାସକୁ ଆସି କହିଲେ ଯେ ଜଣେ ଜର୍ମାନୀ ପଣ୍ଡିତ ବାରିପଦା ସ୍କୁଲ ଲାଇବ୍ରେରୀରୁ ସେହି ବହିଟି ଧାର ନେଇଥିଲେ ଓ ପଢ଼ି ସାରି ଫେରସ୍ତ ସେହିଦିନ ପଠାଇଥିଲେ । ଏହା ଶୁଣିବା ପରେ ମୁଁ କୌତୂହଳୀ ହେଲି ଓ ପରଦିନ ସ୍କୁଲ ଲାଇବ୍ରେରୀରୁ ସେହି ବହିଟି ପଢ଼ିବା ପାଇଁ ନେଲି, ସେଥିରେ ବର୍ଣ୍ଣିତ ବାରିପଦା, ହରିପୁର ପ୍ରଭୃତି ସ୍ଥାନର ବର୍ଣ୍ଣନା ପଢ଼ିବାରେ ମୋର ଯେଉଁ ଆନନ୍ଦ ଓ କୌତୂହଳ ହୋଇଥିଲା ତାହା ବର୍ଣ୍ଣନା କରି ପାରିବି ନାହିଁ । ତତ୍ପରେ ଗ୍ରୀଷ୍ମ ଛୁଟିରେ ସେ ବହିଟିକୁ ଧରି ଗାଁକୁ ଗଲି ଓ ଆମ ଗାଁର ନିକଟବର୍ତ୍ତୀ ଯେଉଁ ସବୁ ସ୍ଥାନର ବିବରଣ ସେଥିରେ ଲିଖିତ ଥିଲା, ତାହା ପଢ଼ି ସେ ସବୁ ଗାଁକୁ ଯାଇ ଫଟୋଚିତ୍ର ସହିତ ସ୍ଥାନୀୟ ମୂର୍ତ୍ତି ସବୁ ମିଳାଇ ଦେଖିଲି । କେବଳ ସେତିକି ନୁହେଁ, ସେ ବହିରୁ ହରିପୁର ବିବରଣ ଓଡ଼ିଆରେ ଅନୁବାଦ କରି ପକାଇଲି । ଏହି ରୂପେ ବାରିପଦା ଉଚ୍ଚ ଇଂରାଜୀ ବିଦ୍ୟାଳୟରେ ପଢ଼ିବା ବେଳେ ପ୍ରତ୍ନତତ୍ତ୍ୱ ପ୍ରତି ମୋର ଆଗ୍ରହ ପ୍ରକାଶ ପାଇଥିଲା । ହରିପୁରର ବିବରଣୀ ଉପରେ 'କଣ୍ଠା ଘା'ରେ ଚୂନ' ନାମକ ଗଳ୍ପ ପ୍ରବନ୍ଧ ଲେଖିଥିଲି ଯାହା ୧୯୧୩ରେ 'ଉତ୍କଳ ସାହିତ୍ୟ' ପତ୍ରିକାରେ ମୁଦ୍ରିତ ହୋଇଥିଲା ।

ସେହି ବହିରେ ଅନେକ ଭଞ୍ଜବଂଶୀୟ ତମ୍ବାପଟାର ପାଠ ଚିତ୍ର ସହିତ ମୁଦ୍ରିତ ହୋଇଥିଲା । ତମ୍ବାପଟା ଗୁଡ଼ିକର ପାଠ ଚିତ୍ର ସହ ମିଳାଇ ପଢ଼ିବାର ଅଭ୍ୟାସ କରି ସେଥିରେ କୃତକାର୍ଯ୍ୟ ହେଲି । ତମ୍ବାପଟାଗୁଡ଼ିକରୁ, ଦୁଇଟି ତମ୍ବାପଟାରେ ଖିଚିଙ୍ଗର ନାମୋଲ୍ଲେଖ ଥିଲା । ସେହି ତମ୍ବାପଟା-ଗୁଡ଼ିକରୁ ଭଞ୍ଜରାଜାମାନଙ୍କର ନାମ ମିଳିଲା, ସେ ସବୁ ନାମ ତତ୍କାଳୀନ ପ୍ରଚଳିତ ରାଜବଂଶର ବଂଶ ତାଲିକା ସହିତ ମିଳାଇ ଦେଖିବାରୁ ଜଣାଗଲା ଯେ ତମ୍ବାପଟାରେ ମିଳୁଥିବା ରାଜାମାନଙ୍କର ନାମ ନଥିଲା । ଏହି ସମୟରେ ଶୁଣିଲି ଯେ ଗୋକୁଳଚନ୍ଦ୍ର ଦାସ-ନାମକ ଜଣେ ସରକାରୀ କର୍ମଚାରୀ

ନଗେନ୍ଦ୍ରନାଥ ବସୁଙ୍କର ସହକାରୀ ଥିଲେ । ତାଙ୍କ ସହିତ ସାକ୍ଷାତ କଲି; ସେ ମୋତେ ବହୁତ ଉତ୍ସାହିତ କଲେ ଓ କହିଲେ ଯେ ସେ ନିଜେ 'ଭଞ୍ଜବଂଶ' ନାମକ କାବ୍ୟରେ ବଂଶ ତାଲିକା ଲେଖି ଅଛନ୍ତି; ତାଙ୍କର ଲେଖା ମୋତେ ପଢ଼ି ଶୁଣାଇଲେ । ସେଥିରେ ମୋର କୌତୂହଳ ପରିତୃପ୍ତ ହେଲା ନାହିଁ । କାରଣ ସେ କିମ୍ବଦନ୍ତୀ ଓ ତମ୍ବାପଟା ଦୁଇଟି-ଯାକର କଥା ସତ୍ୟ ରୂପେ ଗ୍ରହଣ କରିଥିଲେ । ମୋର ପିତା ଜ୍ୟୋତିଷ ଚର୍ଚ୍ଚା କରୁଥିଲେ ଓ ଲୋକମାନଙ୍କର ଜାତକାଦି ପ୍ରସ୍ତୁତ କରି ଦେଉଥିଲେ ମୋର ଆଉ ଜଣେ ମାମୁଁ ସମ୍ପର୍କୀୟ ଲୋକ ଜ୍ୟୋତିଷ ଚର୍ଚ୍ଚା କରୁଥିଲେ । ମୟୂରଭଞ୍ଜରେ ଜ୍ୟୋତିଷମାନେ ଯେଉଁ ଜାତକ କରୁଥିଲେ, ସେଥିରେ ସେମାନେ ମୟୂରଭଞ୍ଜର ରାଜାଙ୍କର ଅଙ୍କ ବ୍ୟବହାର କରି ରାଜବଂଶର ବିରୁଦାବଳି ଲେଖୁଥିଲେ । ଜାତକରେ ଲେଖା ଯାଉଥିବା ବିରୁଦାବଳି ଗୁଡ଼ିକ ମୁଁ ଶୁଣି ଶୁଣି ଶିଖିଥିଲି । ଯଥା – "ଆଦ୍ୟ ବ୍ରାହ୍ମଣଘାଟି ଶୁଭ-ସ୍ଥାନାଧିପତି ଭଞ୍ଜକୁଳ କମଳ ପ୍ରକାଶିତ ମୟୂରାଣ୍ଡୋଦ୍ଭବ; ବଶିଷ୍ଠମୁନି-ପ୍ରତିପାଳିତ ଗୋବ୍ରାହ୍ମଣରକ୍ଷାକାରକ" ଇତ୍ୟାଦି ଏହି ଜାତକର ବିରୁଦାବଳି କଥା ଗୋକୁଳଚନ୍ଦ୍ର ଦାସଙ୍କୁ କହିବାରେ ସେ ତାହା ସମର୍ଥନ କରିଥିଲେ । ମୋର ସେତେବେଳେ ମନେ ହେଲା ଯେ କେଉଁ ଇତିହାସଟା ଠିକ-ମୁଦ୍ରିତ ବଂଶାବଳୀରେ ମିଳୁଥିବା ରାଜାମାନଙ୍କର ନାମ ବା ତମ୍ବାପଟାରେ ମିଳୁଥିବା ରାଜାମାନଙ୍କର ନାମ । ଏହାର ମୀମାଂସା ସେତେବେଳେ କିଛି କରି ପାରି ନ ଥିଲି । କେବଳ ଏତିକି ମନରେ ସ୍ଥାନ ପାଇଥିଲା ଯେ ତମ୍ବାପଟାରେ ମିଳୁଥିବା ବିରୁଦ-ମୟୂରାଣ୍ଡୋଦ୍ଭବ ଓ 'ବଶିଷ୍ଠମୁନି ପ୍ରତିପାଳିତ' – ଓ ଜନ୍ମପତ୍ରିକାରେ ମିଳୁଥିବା ସେହି ବିରୁଦ ମଧ୍ୟରେ କିଛି ଘନିଷ୍ଠ ସମ୍ପର୍କ ଅଛି ଓ ଆଧୁନିକ ରାଜାମାନେ ତମ୍ବାପଟାର ଭଞ୍ଜରାଜାମାନଙ୍କର ବଂଶଧର ଏତିକି ସିଦ୍ଧାନ୍ତରେ ଉପନୀତ ହୋଇ ଭଞ୍ଜବଂଶୀୟ ରାଜାମାନଙ୍କର ବଂଶ-ତାଲିକା ଉପରେ ଥୋଇ ଅଧିକ କିଛି ଚର୍ଚ୍ଚା କରିବାର ଜ୍ଞାନ ଅର୍ଜନ କରି ନଥିଲି । ଏହାପରେ ସାଧାରଣ ଇତିହାସ ପ୍ରତି ଆଗ୍ରହ ଥିଲେ ମଧ୍ୟ କଲେଜର ଶିକ୍ଷା କ୍ଷେତ୍ରରେ ତତ୍ପ୍ରତି ଦୃଷ୍ଟିପାତ ନ କରି କଲେଜରେ ବିଜ୍ଞାନ ବିଷୟ ପାଠ କରିବାରେ ବ୍ରତୀ ହୋଇଥିଲି । କଲେଜ ଶିକ୍ଷାରେ ବହୁ ବାଧାବିଘ୍ନ ଅତିକ୍ରମ କରି ୧୯୨୩ରେ ବି, ଏସ, ସି, ପାଶ୍ କଲି ।

୧୯୧୨ରେ ସ୍ୱର୍ଗୀୟ ମହାରାଜା ପୂର୍ଣ୍ଣଚନ୍ଦ୍ର ଭଞ୍ଜଦେବ ସିମିଲା ଯାଇଥିଲେ । ସେଠାରେ ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗର ଡାଇରେକ୍ଟର ଜେନେରାଲ ସାର ଜନ ମାର୍ଶେଲ ସାହେବଙ୍କୁ ମୟୂରଭଞ୍ଜର ପ୍ରତ୍ନତତ୍ତ୍ୱ ଉପରେ କାର୍ଯ୍ୟ କରିବା ପାଇଁ ଅନୁରୋଧ କରିଥିଲେ । ତାହାର ଫଳରେ କଲିକତା ଯାଦୁଘରର ପ୍ରତ୍ନତତ୍ତ୍ୱବିଭାଗର ସୁପରିଣ୍ଟେଣ୍ଡେଣ୍ଟ ରମାପ୍ରସାଦ ଚନ୍ଦ ୧୯୧୨ ଶୀତ କାଳରେ ଖିଚିଙ୍ଗ ଦେଖିବାକୁ ଯାଇଥିଲେ । ରାଜ୍ୟ-ବାହାରର କାର୍ଯ୍ୟରେ ମହାରାଜାଙ୍କୁ ପରାମର୍ଶ ଦେବାପାଇଁ ପଣ୍ଡିତ ତାରକେଶ୍ୱର ଗାଙ୍ଗୁଲି ନାମକ ଜଣେ କର୍ମଚାରୀ କଲିକତାରେ ଥିଲେ । ତାଙ୍କ ସହିତ ମୋର ଭଲ ଜଣାଶୁଣା ଥିଲା । ମୁଁ ୧୯୨୩ରେ ବି, ଏସ,ସି ପାଶ କରି କଲିକତା ବିଶ୍ୱ ବିଦ୍ୟାଳୟରେ ଏମ, ଏସ, ସି, ପଢ଼ୁଥିଲି । ଦିନେ କଥା ପ୍ରସଙ୍ଗରେ ପଣ୍ଡିତ ଗାଙ୍ଗୁଲିଙ୍କୁ ପଚାରିଲି ଯେ ଖିଚିଙ୍ଗ ଉପରେ ଚନ୍ଦ ସାହେବ ଯେଉଁ ରିପୋର୍ଟ ଦେଇ ଅଛନ୍ତି ତହିଁରେ ତମ୍ବା ପଟାରେ ମିଳୁଥିବା ଭଞ୍ଜବଂଶ ସହିତ କମ୍ବଦନ୍ତୀ ଅନୁସାରେ ରାଜପୁତନାରୁ ଆଗତ ଭଞ୍ଜବଂଶ ଉଭୟ ମଧ୍ୟରେ କେଉଁଟିକୁ ଗ୍ରହଣ କରି ଅଛନ୍ତି । ପଣ୍ଡିତ ମହାଶୟ ଚନ୍ଦ ସାହେବଙ୍କ ସହିତ ମୋର ପ୍ରଶ୍ନ ଉପରେ କଥାବାର୍ତ୍ତା କରି ମୋତେ କହିଲେ ଯେ ଯଦି ମୁଁ ୧୮୭୧ ପୂର୍ବରୁ ଅର୍ଥାତ୍ ମୟୂରଭଞ୍ଜରୁ ମିଳିଥିବା ଦୁଇଟି ତମ୍ବାପଟା ଏସିଆଟିକ୍ ସୋସାଇଟିରେ ମୁଦ୍ରିତ ହେବା ପୂର୍ବରୁ ଯଦି ଏପରି କିଛି ପ୍ରମାଣ ଜନ୍ମପତ୍ରିକାରୁ ଲେଖା ଦେଖାଇ ପାରିବି ତେବେ ଚନ୍ଦ ସାହେବ ମୋର ପ୍ରସ୍ତାବ ବିଚାର କରିବେ । ଏହି ସମୟରେ ମୋର ଘରକୁ ଆସିବାର ଥିଲି । ଆମ ଗାଁ ଓ ଗାଁ ପାଖର ବୁଢ଼ା ବୁଢ଼ା ଲୋକମାନଙ୍କର ଦୁଇଖଣ୍ଡ ଜାତକ—ଗୋଟିଏ ଯଦୁନାଥ ଭଞ୍ଜ ମହାରାଜାଙ୍କ ରାଜତ୍ୱକାଳର ଓ ଅନ୍ୟଟି କୃଷ୍ଣଚନ୍ଦ୍ର ଭଞ୍ଜ ମହାରାଜାଙ୍କ ରାଜତ୍ୱ କାଳର ତାଙ୍କୁ ନେଇ ଦେଖାଇଲି ତାହା ଦେଖି ସେ ତାଙ୍କର ରିପୋର୍ଟ ବଦଳାଇ ଥିଲେ ଓ ତହିଁରେ ଲେଖିଥିଲେ ଯେ, Whatever the historical value of the legends relating to the origin of the family may be, these horoscopes show that genuine local tradition connected the present ruling family

of Mayurbhanj with the ancient Bhanja family of Khijjinga mentioned in the copper plate grants." ଚନ୍ଦ ସାହେବ ମୋର ମତ ଗ୍ରହଣ କରି ଥିବାର ଜାଣି ମୁଁ ଅତିଶୟ ଆନନ୍ଦଲାଭ କରିଥିଲି । ମୁଁ ଯଦି ଅଦା ବେପାରୀ ହୋଇ ଜାହାଜର ଖବର ନ ନେଇ ଥାନ୍ତି, ଏତେବେ ଐତିହାସିକ ସତ୍ୟ ଉଦ୍‌ଘାଟନର ବାଟ ଫିଟି ନ ଥାନ୍ତା । ଛିମିଛି ଖେଳରୁ ମହାଭାରତ ହେଲା ପରି ମୋର ଏହି ଯଦୃଚ୍ଛାଗତ ଉଦ୍ୟମ ଦ୍ୱାରା ଓଡ଼ିଶାର ଏକ ବିଶିଷ୍ଟ ରାଜବଂଶର ଇତିହାସ ସଂଗୃହୀତ ହେଲା ।

ମୋର କଲିକତାରେ ପଢ଼ାଶୁଣାର ଖରଚ ସବୁ ମହାରାଜା ପୂର୍ଣ୍ଣଚନ୍ଦ୍ର ଭଞ୍ଜ ବୃତ୍ତି ହିସାବରେ ଦେଉଥିଲେ । ମୋତେ ଜାପାନ, ଆମେରିକା ଓ ମିଶର ପଠାଇ ଧାନ, ଆଖୁ ଓ ତୁଳା ସମ୍ପର୍କରେ ବିଶେଷ ଜ୍ଞାନ ଅର୍ଜନ କରିବା ପାଇଁ ତାଙ୍କର ଇଚ୍ଛା ଥିଲା, ଯାହାର ଅଭିଜ୍ଞତା ଫଳରେ ମୟୂରଭଞ୍ଜ ରାଜ୍ୟର ଆର୍ଥିକ ଉନ୍ନତି ହେବାର ସମ୍ଭାବନା ଥିଲା । ତେଣୁ ସେ ମୋତେ ଏମ୍, ଏସ୍, ସି, ପଢ଼ିବା ପାଇଁ ବାରଣ କରିବାରୁ ମୁଁ ଅଗତ୍ୟା ଘରକୁ ଫେରିଲି—ସ୍ଥିର ହେଲା ମୁଁ ଶୀଘ୍ର ଜାପାନ ଯିବି । ଏହି ଜାପାନରେ ଭୀଷଣ ଭୂମିକମ୍ପ ହେବାରୁ ମୋର ଜାପାନ ଯିବା କିଛିକାଳ ପାଇଁ ସ୍ଥଗିତ ରହିଲା । ଠିକ୍ ଏହି ସମୟରେ ଚନ୍ଦସାହେବ ମହାରାଜାଙ୍କୁ ଲେଖିଲେ ଯେ ମୁଁ ମୟୂରଭଞ୍ଜର ଇତିହାସ ବିଷୟରେ ଅନେକ କଥା ଜାଣେ । ତେଣୁ ସେ ମୋର ସାହାଯ୍ୟ ଲୋଡ଼ନ୍ତି । ୧୯୨୩ ନଭେମ୍ବର ମାସରେ ଚନ୍ଦ ସାହେବ ଖିଚିଙ୍ଗରେ ପ୍ରତ୍ନତାତ୍ତ୍ୱିକ ଖୋଦନ କରିବା ପାଇଁ ଆସିଲେ । ମୁଁ ବସିଥିବାରୁ ମହାରାଜା ମୋତେ ତାଙ୍କ ସହିତ କିଛିଦିନ କାମ କରିବାକୁ କହିଲେ । ଖିଚିଙ୍ଗରେ ମୁଁ ଯେପରି ଆଗ୍ରହ ଦେଖାଇ କାର୍ଯ୍ୟ କରିଥିଲି, ତହିଁରେ ଚନ୍ଦ ସାହେବ ମୋ ପ୍ରତି ବିଶେଷ ଆକୃଷ୍ଟ ହୋଇ ମୋ ବିନା ମୟୂରଭଞ୍ଜର ପ୍ରତ୍ନତାତ୍ତ୍ୱିକ କାର୍ଯ୍ୟ ହେବ ନାହିଁ କହି ମୋତେ ତାଙ୍କର ସହକର୍ମୀ କରିବା ପାଇଁ ମହାରାଜାଙ୍କୁ ଅନୁରୋଧ କଲେ । ମହାରାଜା ସେଥିରେ ପ୍ରଥମେ ରାଜି ହୋଇ ନ ଥିଲେ, କିନ୍ତୁ ଶେଷକୁ ମୋତେ

ମୟୂରଭଞ୍ଜ ପ୍ରତ୍ନତତ୍ତ୍ୱ ସଂଗ୍ରହାଳୟର ଗୃହକର୍ତ୍ତା କହିବାକୁ ଗଲେ ମୁଁ । ଓଡ଼ିଶା ପାଇଁ ମୋର ଅବଦାନ ଥିଲା କେବଳ କଳ୍ପନାରେ ହିଁ ଉଦ୍ଦିଷ୍ଟ । ମୁଁ ୧୯୨୪ ଏପ୍ରିଲ ପହିଲା ତାରିଖରୁ ମୟୂରଭଞ୍ଜରେ ନୂତନ ଭାବରେ ପ୍ରତ୍ନତତ୍ତ୍ୱ ବିଭାଗରେ ନିଯୁକ୍ତ ପାଇଲି । ଏହା ପରେ ମୟୂରଭଞ୍ଜର ଇତିହାସର ଉପାଦାନ ସଂଗ୍ରହ ପାଇଁ ମୋତେ ନାନା ସ୍ଥାନରେ କାର୍ଯ୍ୟ କରିବାକୁ ପଡ଼ିଥିଲା । ତାହାପରେ ପୋଥି ସଂଗ୍ରହ ତନ୍ମଧ୍ୟରୁ ଅନ୍ୟତମ । ମୁଁ ଏକାଦିକ୍ରମେ ବର୍ଷା କାଳରେ ଦୁଇବର୍ଷ କଲିକତାରେ ଥିବା ବଙ୍ଗ ସରକାରଙ୍କ ରେକର୍ଡ ରୁମରେ ରେକର୍ଡରୁ ମୟୂରଭଞ୍ଜର କାଗଜପତ୍ର ୧୭୬୧ ଠାରୁ ସଂଗ୍ରହ କରିଥିଲି । କେବଳ ଏତିକି ନୁହେଁ, ଲଣ୍ଡନ ଯାଇ ସେଠାରେ ଥିବା ଇଣ୍ଡିଆ ଅଫିସରୁ ମଧ୍ୟ ମୟୂରଭଞ୍ଜର କାଗଜପତ୍ର ସଂଗ୍ରହ କରିଥିଲି ।

## ରାଜଧାନୀ ପରିତ୍ୟକ୍ତ ହେବାପରେ ଖିଚିଙ୍ଗର ସ୍ଥିତି

ସ୍ୱାଧୀନତା ପୂର୍ବରୁ ମୟୂରଭଞ୍ଜର ରାଜଧାନୀ ଥିଲା ବାରିପଦାରେ, ଯାହା ଏବେ ବାରିପଦା ମୟୂରଭଞ୍ଜ ଜିଲ୍ଲାର ହେଡ କ୍ୱାର୍ଟର ହୋଇଛି । ଖ୍ରୀ: ଊନବିଂଶ ଶତାବ୍ଦୀର ପ୍ରାରମ୍ଭରେ ମୟୂରଭଞ୍ଜର ରାଜଧାନୀ ବାରିପଦାର ଦକ୍ଷିଣବର୍ତ୍ତୀ ୧୧ ମାଇଲ ଦୂରରେ ହରିପୁରଠାରେ ଥିଲା । ହରିପୁରର ପ୍ରାଚୀନ ନାମ ହରିହରପୁର । ଖ୍ରୀଷ୍ଟୀୟ ଅଷ୍ଟାଦଶ ଶତାବ୍ଦୀରେ ବଙ୍ଗ ବିହାର ଓ ଓଡ଼ିଶାର ସୁବାଦାର ଆଲିବର୍ଦ୍ଦି ଖାଁ ହରିପୁର ଆକ୍ରମଣ କରି ରାଜଧାନୀକୁ ଧ୍ୱଂସସ୍ତୂପରେ ପରିଣତ କରିଥିଲେ । ପରେ ମରହଟ୍ଟା ଶାସନକାଳରେ ହରିହର ପୁର ବାରମ୍ବାର ଆକ୍ରାନ୍ତ ହୋଇ ଧ୍ୱଂସପ୍ରାପ୍ତ ହୋଇଥିଲା । ୧୮୦୩ରେ ଇଂରାଜ ରାଜତ୍ୱ ସ୍ଥାପିତ ହେବା ପରେ ମହାରାଜା ତ୍ରିବିକ୍ରମ ଭଞ୍ଜ ରାଜତ୍ୱ ପାଇ ହରିପୁରରୁ ବାରିପଦାକୁ ରାଜଧାନୀ ଉଠାଇ ଆଣିଲେ । ତ୍ରିବିକ୍ରମଭଞ୍ଜ କେଉଁଝରରୁ ପୋଷ୍ୟପୁତ୍ର ହୋଇ ଆସିଥିଲେ ଓ ସେ ରାଜତ୍ୱ ପାଇଲା ବେଳକୁ ମୟୂରଭଞ୍ଜ-ରାଜବଂଶର କେହି ଜୀବିତ ନଥିଲେ । ଏଣୁ ରାଜବଂଶର କିମ୍ବଦନ୍ତୀ ମଧ୍ୟରୁ ଅନେକ କଥା ଲୋକେ ଭୁଲି ଯାଇଥିଲେ ।

କିମ୍ବଦନ୍ତୀ ଓ ବଂଶାନୁଚରିତର ଲେଖା ଅନୁସାରେ ବାରିପଦାରେ ପୂର୍ବେ ରାଜଧାନୀ ଥିଲା । ଖିଚିଙ୍ଗ ପରିତ୍ୟକ୍ତ ହେବା ପରେ ବାରିପଦାରେ ରାଜଧାନୀ ସ୍ଥାପିତ ହୋଇଥିଲା । ବଂଶାନୁଚରିତ ଲେଖା ଅନୁସାରେ ଜଗନ୍ନାଥଭଞ୍ଜ ଓଡ଼ିଶା ରାଜାଙ୍କଠାରୁ ବାରିପଦା ଦଣ୍ଡପାଟ ଯୌତୁକ ସୂତ୍ରରେ ପାଇଥିଲେ । ଖିଚିଙ୍ଗ ମୟୂରଭଞ୍ଜ ପାହାଡ଼ମାଳାର ପଶ୍ଚିମ ଦିଗରେ ଅବସ୍ଥିତ ଥିଲା । ବାରିପଦା ଦଣ୍ଡପାଟ ରାଜ୍ୟଭୁକ୍ତ ହେବା ପରେ ପାହାଡ଼ମାଳାର ପୂର୍ବବର୍ତ୍ତୀ ଅଞ୍ଚଳକୁ ରାଜଧାନୀ ସ୍ଥାନାନ୍ତରିତ ହେବା ସ୍ୱାଭାବିକ । ରାଜଧାନୀର ଏହି ପରିବର୍ତ୍ତନ କେବେ ହୋଇଥିଲା, ତାହାର ସମୟ ଠିକ୍ ଭାବେ ନିରୂପିତ ହୋଇ ନାହିଁ । ବାରିପଦାରେ ପ୍ରଥମଥର ରାଜଧାନୀ ସ୍ଥାପିତ ଥିଲା ବେଳେ ରାଜପ୍ରାସାଦ 'ବଗ-ସାମଲ' ଗଡ଼ଠାରେ ଥିଲା ଓ ଗଡ଼ ଦ୍ୱାରରେ ଅମ୍ବିକା ଦେବୀ ଠାକୁରାଣୀ ସ୍ଥାପିତ ଥିଲେ ଓ ଅଦ୍ୟାପି ଅଛନ୍ତି । ମହାରାଜା ତ୍ରିବିକ୍ରମ ଭଞ୍ଜଦେବ ଖ୍ରୀ: ୧୮୧୨ ଠାରୁ ୧୮୨୮ ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ । ସେ ବୋଧହୁଏ ବାରିପଦା ଗଡ଼ରେ ଇଷ୍ଟଦେବୀ ସ୍ଥାପନ କରିଥିଲେ—ଯାହାଙ୍କର ନାମ 'କିଞ୍ଚକେଶ୍ୱରୀ' ଦେବୀ । ଏହି ମୂର୍ତ୍ତି ସମ୍ପର୍କରେ ବାଲେଶ୍ୱର ଜିଲ୍ଲାର ଗେଜେଟିଅରରେ ଲେଖାଅଛି ଯେ, କିଞ୍ଚକେଶ୍ୱରୀ ମୂର୍ତ୍ତି ରାଇବଣିଆ ଗଡ଼ରୁ ସ୍ଥାନାନ୍ତରିତ ହୋଇ ବାରିପଦାରେ ସ୍ଥାପିତ ହୋଇଥିଲେ, ଏବେ ରାଇବଣିଆ ଗଡ଼ର ଧ୍ୱଂସାବଶେଷରେ କିଞ୍ଚକେଶ୍ୱରୀ ଦେବୀଙ୍କର ମନ୍ଦିରର ଧ୍ୱଂସାବଶେଷ ଅଛି । ମହାରାଜା ତ୍ରିବିକ୍ରମ ଭଞ୍ଜଦେବଙ୍କ ସନନ୍ଦଗୁଡ଼ିକରେ ଇଷ୍ଟଦେବତାଙ୍କ ନାମ ଲେଖାଅଛି । "ଶ୍ରୀ ଜଗନ୍ନାଥ ଶରଣ, ଶ୍ରୀ କିଞ୍ଚକେଶ୍ୱରୀ ଚରଣେ ଶରଣ ।" କିନ୍ତୁ ତତ୍‌ପୂର୍ବରୁ ହରିପୁରରେ ଥିବା ରାଜାମାନଙ୍କର ସନନ୍ଦରେ ଦେଖାଯାଏ ଯେ, ସେଥିରେ "ଶ୍ରୀ ଜଗନ୍ନାଥ ଶରଣ, ଶ୍ରୀ ଖିଚିଙ୍ଗେଶ୍ୱରୀ ଚରଣେ ଶରଣ ।" ଏଥିରୁ ଏହା ମନେହୁଏ ଯେ ହରିହରପୁରରେ ରାଜଧାନୀ ଥିଲା ବେଳେ ଇଷ୍ଟଦେବୀଙ୍କର ସ୍ୱତନ୍ତ୍ର ମନ୍ଦିର ନଥିଲେ ମଧ୍ୟ ରାଜାମାନେ ଖିଚିଙ୍ଗର ଖିଚିଙ୍ଗେଶ୍ୱରୀ ଦେବୀଙ୍କୁ ଇଷ୍ଟଦେବୀ ରୂପେ ମାନୁଥିଲେ । ଖିଚିଙ୍ଗ ରାଜଧାନୀ ପରିତ୍ୟକ୍ତ ହେଲେ ମଧ୍ୟ ସେଠାରେ ଥିବା ଦେବ ଓ ଦେବୀମାନଙ୍କର ସେବା ପୂଜା ଚାଲୁଥିଲା ଓ ତାହା ପାଇଁ ରାଜାମାନେ ଜମି ଖଞ୍ଜି କରି ଦେଇଥିଲେ । ଏବର ଖିଚେଙ୍ଗେଶ୍ୱରୀ

ଠାକୁରାଣୀଙ୍କର ସେବକମାନେ ଖିଚିଙ୍ଗର ଅଧିବାସୀ । ସେମାନଙ୍କ ପାଖରେ ମହାରାଜା ସର୍ବେଶ୍ୱର ଭଞ୍ଜ ( ଖ୍ରୀ: ୧୬୮୮-୧୭୧୧) ଓ ମହାରାଜା ଦାମୋଦର ଭଞ୍ଜ ( ଖ୍ରୀ: ୧୭୬୧-୧୭୯୬)ଙ୍କର କେତୋଟି ସନନ୍ଦ ଥିଲା ଯାହା ଏବେ ଖିଚିଙ୍ଗର ମିଉଜିୟମରେ ସଂରକ୍ଷିତ ଅଛି । ଏହି ସନନ୍ଦଗୁଡ଼ିକ ଭୂୟାଁ ଜାତିର ସେବକମାନେ ପାଇଥିଲେ, ଯେଉଁମାନେ କି ଖିଚିଙ୍ଗେଶ୍ୱରୀ ଠାକୁରାଣୀଙ୍କର ସେବାପୂଜା ପୁରୁଷାନୁକ୍ରମେ କରି ଆସୁଛନ୍ତି । ଖିଚିଙ୍ଗ ରାଜଧାନୀ ପରିତ୍ୟକ୍ତ ହେଲା ପରେ ସେଠାର ଦେବଦେବୀଙ୍କର ପୂଜା ସ୍ଥାନାଧିଷ୍ଠାତ୍ରୀ ଖିଚିଙ୍ଗେଶ୍ୱରୀଙ୍କ ସହିତ ପୂଜା ପାଇଥିଲେ । ଏଥିରୁ ଜଣାଯାଏ ଯେ ଖ୍ରୀ: ୧୭ଶ ଶତାବ୍ଦୀ ବେଳକୁ ଖିଚିଙ୍ଗର ପ୍ରସିଦ୍ଧି କେବଳ ଖିଚିଙ୍ଗେଶ୍ୱରୀ ଠାକୁରାଣୀଙ୍କଠାରେ ରହିଥିଲା । 'ଖିଚିଙ୍ଗେଶ୍ୱରୀ' ନାମ ଯେ ଊନବିଂଶ ଶତାବ୍ଦୀରେ 'କିଞ୍ଚକେଶ୍ୱରୀ' ତାହାର ପ୍ରମାଣ ମହାରାଜା ତ୍ରିବିକ୍ରମ ଭଞ୍ଜ ଓ ତତ୍‌ପରବର୍ତ୍ତୀ କାଳର ରାଜାମାନଙ୍କ ସନନ୍ଦରୁ ଜଣାଯାଏ । 'ଖିଚିଙ୍ଗେଶ୍ୱରୀ' ନାମରୁ ଖିଚିଙ୍ଗର କଥା ଆପେ ଆପେ ମନକୁ ଆସେ । ଏଥିରୁ ମନେ ହୁଏ ଯେ, ଖିଚିଙ୍ଗ ରାଜଧାନୀର କଥା କିମ୍ବଦନ୍ତୀରେ ବହୁକାଳ ଚାଲିଥିଲା ଓ ଖିଚିଙ୍ଗ ସହିତ ଭଞ୍ଜରାଜାମାନଙ୍କର ଏକ ଘନିଷ୍ଠ ସମ୍ପର୍କ ରହିଥିଲା ଓ ଭଞ୍ଜ-ରାଜବଂଶର ଇଷ୍ଟଦେବୀ ଖିଚିଙ୍ଗେଶ୍ୱରୀଙ୍କର ଆଦିପୀଠ ଖିଚିଙ୍ଗରେ ହିଁ ଥିଲା । କାଳକ୍ରମେ ଖିଚିଙ୍ଗେଶ୍ୱରୀଙ୍କ ନାମ ଲୋକ ମୁଖରେ କିଞ୍ଚକେଶ୍ୱରୀରେ ପରିଣତ ହୋଇଥିଲା । ଏହି କିଞ୍ଚକେଶ୍ୱରୀ ଶବ୍ଦଟି ଲୋକ ମୁଖରେ ସଂସ୍କୃତ ଭାଷାରେ ରୂପାନ୍ତରିତ ହୋଇ କୀଚକେଶ୍ୱରୀ ହୋଇ ଲେଖାରେ ମଧ୍ୟ ଚଳିଲା । ଯେଉଁମାନେ ମହାଭାରତର ବିରାଟ ଓ କୀଚକ କଥାରେ ପକ୍ଷପାତୀ, ସେମାନେ ଦେବୀଙ୍କୁ କୀଚକେଶ୍ୱରୀ ବୋଲି କଳ୍ପନା କରିବା ସମ୍ଭବପର । ପ୍ରକୃତରେ ଖିଚିଙ୍ଗେଶ୍ୱରୀ ଖିଚିଙ୍ଗ ଗ୍ରାମରୁ ଗ୍ରାମଦେବତା ଥିବାରୁ ଭଞ୍ଜରାଜବଂଶର ଇଷ୍ଟଦେବୀ ରୂପେ ସମାଦୃତ ହୋଇ ଥିଲେ । ଯାହା ହେଉ ପ୍ରଚଳିତ ଖିଚିଙ୍ଗ ନାମଟି ସନନ୍ଦ ଓ ତମ୍ବାପଟାର ଖିଚିଙ୍ଗ ନାମ ସହିତ ଏକ ଥିବାରୁ ଏ କ୍ଷେତ୍ରରେ କିମ୍ବଦନ୍ତୀ ଇତିହାସ ଗବେଷଣାର ସହାୟକ ହୋଇଛି । ବାରିପଦାରେ ରାଜପ୍ରାସାଦରେ ସ୍ଥାପିତ କୀଚକେଶ୍ୱରୀ ଦେବୀଙ୍କ ମନ୍ଦିର ଥିବା ସତ୍ତ୍ୱେ ଖ୍ରୀଷ୍ଟୀୟ ଊନବିଂଶ ଶତାବ୍ଦୀର

ଶେଷାର୍ଦ୍ଧରେ ଭଞ୍ଜରାଜବଂଶ ସ୍ଥାପୟିତାଙ୍କ ସମ୍ପର୍କରେ କପରି ଏକ ମନଗଢ଼ା କମ୍ବଦନ୍ତୀ ସୃଷ୍ଟି ହୋଇଥିଲା, ତାହାର ଆଲୋଚନା ତଳେ କରାଯାଇଛି ।

## ଆଧୁନିକ କମ୍ବଦନ୍ତୀର ମୁଦ୍ରଣ ଓ ପ୍ରଚାର

ଷ୍ଟାର୍ଲିଂ ସାହେବଙ୍କ ୧୮୨୫ରେ ମୁଦ୍ରିତ ଗ୍ରନ୍ଥରେ ଭଞ୍ଜକମ୍ବଦନ୍ତୀର କିଛି ଉଲ୍ଲେଖ ନାହିଁ । ତପୃରେ ୧୮୭୨ରେ ହଣ୍ଟର ସାହେବଙ୍କ "ଓଡ଼ିଶା"ର ଇତିହାସ ବହି ମୁଦ୍ରିତ ହେଲା । ଏହି ବହିର ଉପାଦାନ ସଂଗ୍ରହ ସରକାରୀ ସୂତ୍ରରେ ଦୁଇ-ତିନିବର୍ଷ ଆଗରୁ ହୋଇଥିବାର ଅନୁମିତ ହୁଏ । ଯାହା ହେଉ ମୁଦ୍ରଣ ସମୟକୁ ଏଠାରେ ଗୁରୁତ୍ୱ ଦିଆଯାଉଛି । ଏ ବହିରେ ଲିଖିତ ଅଛି:—

The Present rulers of Morbhanj trace their descent to the Jaipur Kings one of whose off shoots is said to have founded the principality 200 yeas ago. (Vol II P. 12)

"ମୟୂରଭଞ୍ଜର ଆଧୁନିକ ରାଜାମାନେ ତାଙ୍କର ପୂର୍ବପୁରୁଷ ଜୟପୁର ରାଜବଂଶଜ ଥିବାର କହନ୍ତି । ସେହି ବଂଶୀୟ କେହି ୨୦୦୦ ବର୍ଷ ପୂର୍ବେ ଏ ରାଜ୍ୟ ସ୍ଥାପନ କରିଥିଲେ ।"

ଏ ଜୟପୁର କେଉଁଠାରେ ଥିଲା ତାହାର କିଛି ଉଲ୍ଲେଖ ବହିରେ ନାହିଁ ।

୧୮୭୨-୭୭ ମଧ୍ୟରେ କେଉଁଝର ରାଜ୍ୟର ଉତ୍ତରାଧିକାରୀ ବିଷୟରେ କଲିକତା ହାଇକୋର୍ଟରେ ଏକ ମୋକଦ୍ଦମା ହୋଇଥିଲା ଓ ସେ ମକଦ୍ଦମାର ଅପିଲ ମଧ୍ୟ ପ୍ରିଭିକାଉନ୍‌ସିଲରେ ହୋଇଥିଲା । ଅନୁମିତ ହୁଏ ଯେ ଏହି ମୋକଦ୍ଦମାରେ ମୟୂରଭଞ୍ଜ ଓ କେନ୍ଦୁଝର ଉଭୟ ରାଜ୍ୟର କମ୍ବଦନ୍ତୀମୂଳକ ଇତିହାସ ପ୍ରଦତ୍ତ ହୋଇଥିଲା । ମୁଁ ସେ ମୋକଦ୍ଦମାର ରାୟନକଲ ସଂଗ୍ରହ କରିବାର ଚେଷ୍ଟାରେ ଅଛି—ଆଜି ପର୍ଯ୍ୟନ୍ତ ପାଇ

ଯାଇଲ ନାହିଁ । ଗତ ୩-୯-୬୩ରେ କଲିକତା ହାଇକୋର୍ଟର ରେଜିଷ୍ଟ୍ରାରଙ୍କ ସହିତ ସାକ୍ଷାତ କରି ରାୟ-ନକଲ ତଲାସର ବ୍ୟବସ୍ଥା କରୁଛୁ । ଏହି ମୋକଦ୍ଦମାର ରାୟ-ନକଲ ମିଳିଲେ ସେଥିରୁ ଯେଉଁ କିମ୍ବଦନ୍ତୀ ମିଳିବ ତାହା ହଣ୍ଟର ପ୍ରଦତ୍ତ କିମ୍ବଦନ୍ତୀଠାରୁ ପ୍ରାଚୀନତର ହେବ । ହଣ୍ଟର ସାହେବଙ୍କ ଇତିହାସର ଉପକରଣ ସଂଗୃହୀତ ହେବାର ପ୍ରାୟ ୩୦ ବର୍ଷ ପୂର୍ବେ କଲିକତାର ବଙ୍ଗୀୟ ଏସିଆଟିକସୋସାଇଟି ପତ୍ରିକାରେ ୧୮୩୭ରେ ଓଡ଼ିଶାରୁ ପ୍ରାପ୍ତ ପ୍ରଥମ ତମ୍ବାପଟା ପ୍ରବନ୍ଧରେ ଯାହା ମୁଦ୍ରିତ ଥିଲା ତାହାର ନକଲ ତଳେ ଦିଆଗଲା ।

"The Bhanja Rajas are branches of Maharbhanji family who again claim descent from the royal house of Chitor They are of the Suryavamsi tribe of Rajputs."

ଯେଉଁ ତମ୍ବାପଟା ସମ୍ପର୍କରେ ଏ ପ୍ରବନ୍ଧ ମୁଦ୍ରିତ ହୋଇଥିଲା ତାହା କଟୋ ସାହେବ ଘୁମୁସରରୁ ସଂଗ୍ରହ କରିଥିଲେ ଓ ସେ ପୂର୍ବୋକ୍ତ କିମ୍ବଦନ୍ତୀ ସେଠାରୁ ଶୁଣିଥିଲେ । ମୟୂରଭଞ୍ଜ ରାଜବଂଶ ସହିତ ଘୁମୁସର ରାଜବଂଶର ସମ୍ପର୍କ ଥିଲା—ଉଭୟ ଏକ ଭଞ୍ଜବଂଶ । ଘୁମୁସରରୁ କିପରି ରାଜପୁତ-କିମ୍ବଦନ୍ତୀ ସୃଷ୍ଟ ହୋଇ ରାଜବଂଶର ସମ୍ପର୍କ ଚିତୋର ରାଜ୍ୟ ସହିତ ସଂଶ୍ଳିଷ୍ଟ ହେଲା, ତାହାର କାରଣ ଆଦୌ ବୁଝି ଯାଉନାହିଁ । ୧୮୩୩ରେ ମୟୂରଭଞ୍ଜର ମହାରାଜା ଯଦୁନାଥ ଭଞ୍ଜ (୧୮୨୮-୧୮୬୩) ବ୍ରିଟିଶ ସରକାରଙ୍କୁ ଏକ ମୋକଦମାରେ ଯେଉଁ ଦରଖାସ୍ତ ଦେଇଥିଲେ ସେଥିରେ ସେ କିମ୍ବଦନ୍ତୀ ମୂଳକ ଇତିହାସ ଦେଇଥିଲେ, ତାହା ପରେ ଆଲୋଚିତ ହେବ । ସେ କିନ୍ତୁ ତହିଁରେ ରାଜପୁତ, ରାଜପୁତନାର ଜୟପୁର ବା ଚିତୋର କୌଣସି କିଛି ଲେଖି ନ ଥିଲେ । ଏଥିରୁ ଜଣାଯାଉଛି ଯେ ମୟୂରଭଞ୍ଜରେ ରାଜପୁତ ଓ ଜୟପୁର ବା ଚିତୋରର କିମ୍ବଦନ୍ତୀ ନ ଥିଲେ ମଧ୍ୟ ଘୁମୁସରରେ ସେ ପ୍ରକାର କିମ୍ବଦନ୍ତୀ ପ୍ରଚଳିତ ଥିଲା ।

ମହାରାଜା କୃଷ୍ଣଚନ୍ଦ୍ର ଭଞ୍ଜ ୧୮୬୮ରେ ରାଜା ହେଲେ ଓ ଠିକ ଏହି ସମୟରେ ସରକାରଙ୍କ ତରଫରୁ ଐତିହାସିକ ଉପାଦାନ ସଂଗ୍ରହ କରାଯାଇଥିଲା—ବିଶେଷତଃ ହଣ୍ଟର ସାହେବଙ୍କ ଇତିହାସ ପାଇଁ । ମହାରାଜ କୃଷ୍ଣଚନ୍ଦ୍ର ଭଞ୍ଜଙ୍କ ରାଜତ୍ୱକାଳରେ ମୟୁରଭଞ୍ଜର କିମ୍ବଦନ୍ତୀମୂଳକ ଇତିହାସ କପରି ବିବର୍ଦ୍ଧିତ ହୋଇଥିଲା ତାହାର ଆଭାସ ତଳେ ଦିଆଯାଇଛି ।

ହଣ୍ଟର ସାହେବ ଲେଖିଛନ୍ତି ଯେ ମୟୁରଭଞ୍ଜ ରାଜବଂଶର ସ୍ଥାପୟିତା ଜୟପୁରର ରାଜବଂଶଜ ଥିଲେ । ୧୮୭୫ରେ ତତ୍କାଳୀନ 'ବଙ୍ଗ, ବିହାର ଓ ଓଡ଼ିଶା' ସରକାର ବ୍ରିଟିଶ ସରକାରଙ୍କଠାରୁ ପ୍ରାପ୍ତ ପଦବୀଧାରୀ ଲୋକମାନଙ୍କର ବଂଶ-ଇତିହାସ ସଂଗ୍ରହପାଇଁ ଯେଉଁ ଚେଷ୍ଟା କରିଥିଲେ, ସେଥିରେ ବଙ୍ଗ ସରକାରଙ୍କ ଅଧୀନସ୍ଥ ସମସ୍ତ ଉପାଧି-ଧାରୀ ବ୍ୟକ୍ତିମାନଙ୍କୁ ବଂଶର ଇତିହାସ ସରକାରଙ୍କୁ ପଠାଇବାର ଅନୁରୋଧ କରାଯାଇ ଥିଲା । ତତ୍କାଳୀନ ଓଡ଼ିଶା ଗଡ଼ଜାତର କରଦ ରାଜା ମାନଙ୍କୁ ମଧ୍ୟ ଏହି ଚିଠି ଆସିଥିଲା, ମୁଁ ସେଇ ଚିଠିର ନକଲ ବାରିପଦାର ମହାଫିଜ-ଖାନାରେ ଥିବା 'ପରୱାନ ନକଲ' ନାମକ ଏକ ବନ୍ଧା ବହିରେ ପଢ଼ିଥିଲି । ସରକାରୀ ଚିଠିର ଉତ୍ତରର ନକଲ ମଧ୍ୟ 'ଅର୍ଜି ନକଲ' ନାମକ ଏକ ବନ୍ଧା ବହିରେ ଲିଖିତ ହୋଇ ରହିଥିଲା ଓ ମୁଁ ମଧ୍ୟ ତାହା ପଢ଼ିଥିଲି । ଏହି ଖାତାର ଏକ ଚିଠିରେ ମହାରାଜା କୃଷ୍ଣଚନ୍ଦ୍ର ଭଞ୍ଜ ତାଙ୍କୁ ଲଗାଇ ୬୧ ଜଣ ରାଜାଙ୍କର ନାମର ତାଲିକା ଦେଇଥିଲେ । ସେହି ତାଲିକାରେ କୌଣସି ରାଜାଙ୍କର ରାଜତ୍ୱକାଳ ଦିଆଯାଇ ନ ଥିଲା । ରାଜବଂଶର ସ୍ଥାପୟିତାଙ୍କ କିମ୍ବଦନ୍ତୀ ମଧ୍ୟରେ 'ମହାରାଜା ଜୟ ସିଂହ" ନାମ ପ୍ରଥମେ ଥିଲା । ତହିଁରେ ବଂଶ-ସ୍ଥାପୟିତାଙ୍କ ଇତିହାସ ସମ୍ବନ୍ଧରେ ସରକାରୀ ଚିଠି ଆସିବାରୁ ତତ୍-ସଂପର୍କରେ ମହାରାଜା କୃଷ୍ଣଚନ୍ଦ୍ର ଭଞ୍ଜ ଲେଖିଥିଲେ ଯେ ତାଙ୍କର ବଂଶର ଇତିହାସ ରାଜପୁରୋହିତଙ୍କଠାରେ ଥାଏ । ପୁରୋହିତ ଦ୍ୱାରିକାକୁ ତୀର୍ଥ ଯାତ୍ରା ଯାଇ ଅଛନ୍ତି । ସେ ଫେରିଲେ ଚିଠିର ଉତ୍ତର ଦିଆଯିବ । ଏହା ପରେ ବହୁମାସ ଅତୀତ ହେବା ପରେ ପୁଣି ଚିଠି ଆସିଲା, ମହାରାଜା ଲେଖିଲେ ଯେ ପୁରୋହିତ ମହୋଦୟ

ଦ୍ୱାରକାରୁ ରାମେଶ୍ୱର ତୀର୍ଥଯାତ୍ରା ପାଇଁ ଯାଇଅଛନ୍ତି । ସେ ଫେରିଲେ ଉତ୍ତର ଦିଆଯିବ । ଏହି ଉତ୍ତରରୁ ବେଶ ବୁଝାଯାଏ ଯେ କାଳକ୍ଷେପ କରିବା ଏହାର ଏକମାତ୍ର ଉଦ୍ଦେଶ୍ୟ । ପ୍ରକୃତରେ ମନଗଢ଼ା ଇତିହାସ ରଚନା କରାଯାଇ ଥିଲା । ସେ ସମୟରେ ଯେ ଗୁମୁକରଣ ଥିଲେ ତାଙ୍କର ନାମ ଦାମୋଦର ପଟ୍ଟନାୟକ । ସେ ଇତିହାସ ଲେଖି ଥିବାର କଥା ପରବର୍ତ୍ତୀ ରିପୋର୍ଟରୁ ଜଣାଯାଏ । ତାଙ୍କର ଇତିହାସଲେଖାର ପ୍ରକୃତଧାରଣା ନ ଥିଲା, ଥିଲା ବଂଶତାଲିକା ମାତ୍ର । ରାଜବଂଶର ସ୍ଥାପୟିତାଙ୍କ ସମ୍ବନ୍ଧରେ କ'ଣ କିମ୍ବଦନ୍ତୀ ପ୍ରଚଳିତ ଥିଲା ତାହା ତାଙ୍କୁହିଁ ଜଣାଥିଲା । ସେଥିରେ ବଂଶତାଲିକା ଥିଲା କି ନା, କହିହେବ ନାହିଁ । ମହାରାଜ ଯଦୁନାଥ ଭଞ୍ଜଙ୍କ ପ୍ରଦତ୍ତ ଇତିହାସରେ ପ୍ରାଚୀନ ରାଜାମାନଙ୍କର ନାମ ନ ଥିଲା । ଗୁମୁକରଣ ମହାଶୟ ବଂଶ ତାଲିକା ପ୍ରସ୍ତୁତ କରି ସେଥିରେ ଅମଳି ୫ ସାଲ ଠାରୁ ରାଜାମାନଙ୍କର ନାମ ଓ ରାଜତ୍ୱକାଳ ପୂରଣ କରି କୃଷ୍ଣଚନ୍ଦ୍ର ଭଞ୍ଜଙ୍କ ପର୍ଯ୍ୟନ୍ତ ୪୩ ପୁରୁଷର ନାମ ଦେଇଥିଲେ ଓ ତତ୍‌ସହିତ ମୟୂରଭଞ୍ଜର ପ୍ରଥମ ବଂଶସ୍ଥାପୟିତା ରାଜାଙ୍କୁ ରାଜପୁତାନାର ଜୟପୁର ରାଜବଂଶୋଦ୍ଭବ ଜୟସିଂହ ନାମ ଦେଇ ତୀର୍ଥାଟନରେ ତାଙ୍କୁ ଓଡ଼ିଶାକୁ ଆଣାଇ ଓଡ଼ିଶା ରାଜାଙ୍କର କନ୍ୟାଙ୍କୁ ବିବାହିତ କରାଇ ତାଙ୍କ ପୁତ୍ରଦ୍ୱୟଙ୍କୁ ମୟୂରଭଞ୍ଜ ଓ କେଉଁଝର ରାଜ୍ୟଦ୍ୱୟରେ ରାଜା କରାଇଥିଲେ । ଏହି ତଥାକଥିତ ଇତିହାସରେ ମୟୂରଭଞ୍ଜର ପ୍ରାଚୀନ ରାଜଧାନୀ ଖିଚିଙ୍ଗ ଉଡ଼ିଯାଇ ତନ୍ନିକଟବର୍ତ୍ତୀ ଆଦିପୁର ଗ୍ରାମ ଜୟସିଂହଙ୍କର ପୁତ୍ର ଆଦିଭଞ୍ଜଙ୍କ ଦ୍ୱାରା ସ୍ଥାପିତ ହୋଇ ଥିବାର କିମ୍ବଦନ୍ତୀ କଳ୍ପିତ ହେଲା ଓ ଆଦି ସିଂହଙ୍କର ଭାଇ ଜ୍ୟୋତିଭଞ୍ଜଙ୍କ ଦ୍ୱାରା କେଉଁଝର ରାଜଧାନୀ ଜ୍ୟୋତିପୁରରେ ସ୍ଥାପିତ ହେବାର କଥା ଲିଖିତ ହେଲା । ଏହି କଳ୍ପନାରେ ଏତିକି ସତ୍ୟ ମିଳେ ଯେ ଖିଚିଙ୍ଗର ଭଞ୍ଜବଂଶର ପ୍ରଥମ ରାଜା ଥିଲେ ଆଦିଭଞ୍ଜ । ତମ୍ବାପଟା• ଗୁଡ଼ିକର ସମୟ ଖ୍ରୀଷ୍ଟୀୟ ୧୦ମ ବା ୧୧ଶ ଶତାବ୍ଦୀ ଧରାଯାଇ ଅଛି । ଏଣୁ ଆଦିଭଞ୍ଜଙ୍କର ରାଜତ୍ୱକାଳ ତହିଁରୁ ନିର୍ଣ୍ଣୟ କରିବା କଷ୍ଟକର । କାରଣ ତମ୍ବାପଟାର ରାଜା ରଣଭଞ୍ଜଙ୍କ ସମୟ ବେଳକୁ ଆଦିଭଞ୍ଜ ମଧ୍ୟ କିମ୍ବଦନ୍ତୀ ମୂଳକ ହୋଇଥିଲେ; କିନ୍ତୁ ଗୁମୁକରଣ ଜୟସିଂହଙ୍କୁ ଅମଳି ୫ ସାଲରେ **ରାଜା** କରାଇ ତଦ୍‌ବଧି କୁର୍ସିନାମା ପ୍ରସ୍ତୁତ କରିଥିଲେ । ଯାହାହେଉ ବ୍ରିଟିଶ

ସରକାର ଏହି ଲେଖାକୁ ଓ କେଉଁଝରରେ ଏହିପରି ଏକ ଲେଖାକୁ ମୟୂରଭଞ୍ଜ ଓ କେଉଁଝରର ଐତିହାସିକ ଲେଖାରୂପେ ଗ୍ରହଣ କରି ୧୮୭୮ ସରକାରୀ ରିପୋର୍ଟରେ ମୁଦ୍ରିତ କରିଥିଲେ । ମହାରାଜା କୃଷ୍ଣଚନ୍ଦ୍ର ଭଞ୍ଜ ମଧ୍ୟ ୧୮୮୦ରେ ଏହି କମ୍ବଦନ୍ତୀ ଓ ବଂଶତାଲିକା ଓଡ଼ିଶା ଗଡ଼ଜାତର ସୁପରିଣ୍ଟେଣ୍ଡେଣ୍ଟଙ୍କ ପାଖକୁ ପଠାଇ ଥିଲେ । ଏହି ସରକାରୀ ମୁଦ୍ରିତ ବିବରଣ ଇତିହାସର ପୂର୍ଣ୍ଣ ଆଖ୍ୟା ପାଇଥିଲା । ଏହି କାଳ୍ପନିକ ଲେଖାର ରଚୟିତା ଗ୍ରୀମୁକରଣଙ୍କର ଧାରଣା ନଥିଲା ଯେ ଅମଲି ୫ ସାଲର ବ୍ୟବହାର ଓଡ଼ିଶାରେ ମୋଗଲ ସମ୍ରାଟ ଆକବରଙ୍କ ବଙ୍ଗ ଓ ଓଡ଼ିଶା ବିଜୟ ପରେ ପ୍ରାୟ ୧୫୭୫-୮୦ ମଧ୍ୟରେ ପ୍ରଚଳିତ ହୋଇଥିଲା ଓ ସେତେବେଳେ ସାଲର ସଂଖ୍ୟା ୯୯୦ ଥିଲା । ଅମଲିସାଲ ଫାର୍ଶି-ହିଜରି ସାଲର ଅନୁକରଣରେ ଚାନ୍ଦ୍ରମାସ ଅନୁସାରେ ଚଳିଥିଲା । ବର୍ତ୍ତମାନ ୧୯୬୯ ଖ୍ରୀଷ୍ଟାବ୍ଦରେ ଅମଲିସାଲ 'ଦିଲ୍ଲୀଶ୍ୱରଙ୍କ' ନାମରେ ୩୭୬-୭୭ ବୋଲି ଚଳୁଅଛି । ୫ ସାଲ ବେଳକୁ ଏହି ଅବ୍ଦ ୧୩୭୫-୭୬ ବର୍ଷ ପୂର୍ବରୁ ଓଡ଼ିଶାରେ ଚଳୁଥିଲା ବୋଲି ଧରିବାକୁ ହେବ, ଅର୍ଥାତ୍ ଖ୍ରୀ: ୫୯୮ରେ ଜୟସିଂହ ରାଜା ହୋଇଥିଲେ । ସେ ଆହୁରି ଜାଣି ନଥିଲେ ଯେ ରାଜପୁତନାର ଅମ୍ବର ରାଜ୍ୟର ରାଜଧାନୀ ଖ୍ରୀଷ୍ଟୀୟ ଅଷ୍ଟାଦଶ ଶତାବ୍ଦୀରେ ଜୟପୁରରେ ସହାୟୀ ଜୟସିଂହଙ୍କ ଦ୍ୱାରା ସ୍ଥାପିତ ହୋଇଥିଲା । ଏହି ଇତିହାସର ରଚୟିତା ଅବଶ୍ୟ ତତ୍କାଳୀନ ମୟୂରଭଞ୍ଜ ମହାରାଜାଙ୍କ-ଠାରୁ ବହୁ ପ୍ରଶଂସା ପାଇ ଜାଗିର ଇତ୍ୟାଦି ପାଇଥିବେ; କିନ୍ତୁ ତାଙ୍କର ଲେଖା ଦ୍ୱାରା ଓଡ଼ିଶାର ଏକ ବିଶିଷ୍ଟ ରାଜବଂଶର ଇତିହାସ ଯେ କଳୁଷିତ ହୋଇ ତମସାଚ୍ଛନ୍ନ ହୋଇଥିଲା ତାହା ଦେଖାଇବା ଏ ପ୍ରବନ୍ଧର ଉଦ୍ଦେଶ୍ୟ ।

ମହାରାଜା କୃଷ୍ଣଚନ୍ଦ୍ର ଭଞ୍ଜ ୧୮୮୨ରେ ଇହଲୀଳା ସାଙ୍ଗ କରିଥିଲେ । ତତ୍ପରେ ମୟୂରଭଞ୍ଜରେ ନାବାଳକ ଶାସନ ସରକାରଙ୍କ ପକ୍ଷରୁ ଚଳିଥିଲା । ନାବାଳକ ଶାସନ କାଳରେ ସୋମନାଥ ନାମକ ଜଣେ କବି 'ବିଦ୍ୟାକଳାପ' ନାମକ କାବ୍ୟରେ ଭଞ୍ଜବଂଶର ୧୮୬୫ ଠାରୁ ୧୮୮୨ ପର୍ଯ୍ୟନ୍ତ କଥା ପଦ୍ୟାକାରରେ ଲେଖି ବହି ମୁଦ୍ରିତ

କରାଇଥିଲେ । ବହିଟିର ମଲାଟ ଓ ଶେଷାଂଶ ନଷ୍ଟ ହୋଇଥିବାରୁ କବି ବା ମୁଦ୍ରଣର ସମୟ କିଛି ଜାଣିବାର ଉପାୟ ନାହିଁ । ୨ୟ କପି ପାଇ ପାରି ନାହିଁ । ସେ ବହିରେ ସେ ଭଞ୍ଜରାଜାମାନଙ୍କ କୁଳବଂଶୀୟ ଜୟପୁରାଧୀଶ୍ୱର ଜୟ ସିଂହଙ୍କ କଥା ଲେଖି ଅଛନ୍ତି ଓ ଜୟ ସିଂହଙ୍କଠାରୁ ବୟାଳିଶ ପୁରୁଷ ପରେ ମହାରାଜା କୃଷ୍ଣଚନ୍ଦ୍ର ଭଞ୍ଜଙ୍କ କଥା ଉଲ୍ଲେଖ କରି ଅଛନ୍ତି । ୧୮୯୨ରେ ମହାରାଜା ଶ୍ରୀ ରାମଚନ୍ଦ୍ର ଭଞ୍ଜଦେଓ ରାଜ୍ୟ-ଶାସନର କ୍ଷମତା ପାଇଲେ । ୧୮୯୪-୯୫ର ମୟୂରଭଞ୍ଜ ରାଜ୍ୟର ବାର୍ଷିକ ଶାସନ-ବିବରଣୀରେ ସେ ୧୮୮୦ରେ ପ୍ରେରିତ ମୟୂରଭଞ୍ଜ ରାଜବଂଶର ବଂଶ-ତାଲିକାର ଏକ ନକଲ ମୁଦ୍ରିତ କରାଇବାରୁ ତାହା ପ୍ରଚାରିତ ହୋଇଥିଲା । ସୁରେନ୍ଦ୍ରନାଥ ସେନ୍‌ଙ୍କ ମୁଦ୍ରିତ ବଂଶାବଳୀ ଏହି ବାର୍ଷିକ ବିବରଣୀରୁ ସଂଗୃହୀତ । ତହିଁରେ ସେ 'ସିଂହ' ଶବ୍ଦ ଯୋଗ କରିଥିଲେ । ତତ୍ପରେ ବଙ୍ଗଳାସରକାର ଜିଲ୍ଲା ଗେଜେଟିଅର ମୁଦ୍ରିତ କରିବାବେଳେ ଓଡ଼ିଶା ଗଡ଼ଜାତର ରାଜ୍ୟଗୁଡ଼ିକର ଗେଜେଟିଅର ଲେଖାଇବାର ଭାର ତତ୍କାଳୀନ ପଲିଟିକେଲ ଏଜେଣ୍ଟ କବ୍‌ଡେନ ରମ୍‌ସେଙ୍କୁ ଭାର ଦେଇଥିଲେ । ୧୯୧୦ରେ ଓଡ଼ିଶା ଫିଉଡେଟରି ଷ୍ଟେଟ ସମ୍ବନ୍ଧର ଗେଜେଟିଅର ମୁଦ୍ରିତ ହୋଇଥିଲା । ଏଥିରେ ମୟୂରଭଞ୍ଜ ରାଜବଂଶର ସ୍ଥାପୟିତା ଜୟସିଂହ ୧୩୦୦ ବର୍ଷ ପୂର୍ବେ ରାଜ୍ୟ ସ୍ଥାପନ କରି ଥିବାର କଥା ଲିଖିତ ଅଛି । ଉକ୍ତ ଗେଜେଟିଅରର କେଉଁଝରର ବିବରଣୀରେ ଲିଖିତ ଅଛି ଯେ "ଖ୍ରୀ:୧୦୯୮ରେ ଜୟପୁରର ରାଜା ମାନସିଂହଙ୍କ ପୁତ୍ର ଜୟସିଂହ ତୀର୍ଥ-ଯାତ୍ରାରେ ଆସି ପୁରୀର ଗଜପତି ରାଜାଙ୍କ କନ୍ୟାକୁ ବିବାହ କରି ହରିହରପୁର ରାଜ୍ୟ ଯୌତୁକ ପାଇଥିଲେ । ମହାରାଜା ଶ୍ରୀ ରାମଚନ୍ଦ୍ରଭଞ୍ଜଙ୍କ ମୃତ୍ୟୁ ପରେ ବାରିପଦା ଉଚ୍ଚ ଇଂରାଜୀ ସ୍କୁଲର ହେଡ଼ମାଷ୍ଟର ଶୈଳେନ୍ଦ୍ର ନାଥ ସରକାର—ଯେକି ୧୯୧୨ରେ କର୍ମ ତ୍ୟାଗ କରିଥିଲେ—ମହାରାଜ ଶ୍ରୀ ରାମଚନ୍ଦ୍ରଙ୍କ ଜୀବନୀ ଇଂରାଜୀରେ ଲେଖି ଥିଲେ ଓ ତାହା ପୁସ୍ତକାକାରରେ ୧୯୧୮ରେ ମୁଦ୍ରିତ ହୋଇ ଥିଲା । ସେ ଗ୍ରନ୍ଥକାରଙ୍କ କିମ୍ବଦନ୍ତୀକୁ ସମ୍ପୂର୍ଣ୍ଣ ଭାବରେ ଗ୍ରହଣ କରିଥିଲେ । ରାଜପୁତନାରୁ କରାଗତ ଜୟସିଂହଙ୍କ କିମ୍ବଦନ୍ତୀ ଉପରେ ଏହି ବହିଟି ସର୍ବଶେଷ ବହି ।

ମୟୂରଭଞ୍ଜର କିମ୍ବଦନ୍ତୀମୂଳକ ଇତିହାସ ଉପରେ ୧୯୧୧, ୧୯୧୬ ଓ ୧୯୨୫ରେ ବିଜୟଚନ୍ଦ୍ର ମଜୁମ୍‌ଦାର ଏକ ଧାରାବାହିକ ଆଲୋଚନା କରିଥିଲେ । ୧୯୧୧ ଓ ୧୯୧୬ରେ ମଜୁମଦାର ମହାଶୟ ସମ୍ବଲପୁରରେ ଓକିଲାତି କରୁଥିଲେ ଓ ସମ୍ବଲପୁର ଅଞ୍ଚଳର ଗଡ଼ଜାତ ଗୁଡ଼ିକର ରାଜାମାନଙ୍କର ମଧ୍ୟ ସେ ପରାମର୍ଶଦାତା ଥିଲେ । ୧୯୧୧ରେ ତାଙ୍କଦ୍ୱାରା Sonpur in the Sambalpur Tract ନାମକ ପୁସ୍ତକ ମୁଦ୍ରିତ ହୋଇଥିଲା । ଏଥିରେ ସେ ମୟୂରଭଂଜର କିମ୍ବଦନ୍ତୀ-ମୂଳକ ଇତିହାସକୁ ଅବିଶ୍ୱାସ କରି ଲେଖିଥିଲେ ଯେ ମୟୂରଭଞ୍ଜ ଭଞ୍ଜବଂଶ ପ୍ରାଚୀନ ଭଞ୍ଜବଂଶୋଦ୍ଭବ । ତତ୍ପରେ ୧୯୧୬ରେ ବିହାର-ଓଡ଼ିଶା ଅନୁସନ୍ଧାନ ସମିତିପତ୍ରିକାରେ କନକ ଭଞ୍ଜଙ୍କର ତମ୍ବାପଟାଉପରେ ଆଲୋଚନା କରି ଲେଖିଥିଲେ ଯେ ତମ୍ବାପଟାର ଭଞ୍ଜବଂଶ ସହିତ ମୟୂରଭଞ୍ଜର ଆଧୁନିକ ଭଞ୍ଜବଂଶ ଏକ ନୁହନ୍ତି । ତତ୍ପରେ ୧୯୨୫ରେ—ଯେତେବେଳେ ସେ କଲିକତା ବିଶ୍ୱବିଦ୍ୟାଳୟର ଓଡ଼ିଆ ଓ ନୃତତ୍ତ୍ୱ ବିଭାଗର ଅଧ୍ୟାପନା କରାଉଥିଲେ—ସେ Orissa in the Making ପୁସ୍ତକରେ ଦୃଢ଼ ଭାବରେ ପ୍ରମାଣିତ କରାଇବା ଚେଷ୍ଟା କରିଥିଲେ ଯେ ପ୍ରାଚୀନ ଭଞ୍ଜବଂଶ ସହିତ ଆଧୁନିକ ଭଞ୍ଜବଂଶର କୌଣସି ସମ୍ପର୍କ ନାହିଁ । ୧୯୨୫ରେ କଲିକତା ବିଶ୍ୱବିଦ୍ୟାଳୟ ଦ୍ୱାରା ପ୍ରକାଶିତ Orissa in the Making ପୁସ୍ତକରେ Sonpur in the Sambalpur Tract ପୁସ୍ତକର ସମସ୍ତ ବିବରଣ ନକଲ ସଦୃଶ ମୁଦ୍ରିତ ହୋଇଥିଲା । ଏହି ଦୁଇଟି ପୁସ୍ତକରେ ଇତିହାସ ପରିବର୍ତ୍ତେ କେତେକ ରାଜବଂଶର ତୁଳନା ମୂଳକ ଇତିହାସ ସନ୍ନିବେଶିତ ଅଛି । ତାହାର ପ୍ରମାଣ ଏହି ଯେ ଏହି ପୁସ୍ତକ ଗୁଡ଼ିକରେ ପ୍ରମାଣିତ କରିବାର ଚେଷ୍ଟା ହୋଇଅଛି ଯେ ପୂର୍ବାଞ୍ଚଳ ଓଡ଼ିଶାର ମୟୂରଭଞ୍ଜ, କେଉଁଝର ଓ ଆଠଗଡ଼ ରାଜ୍ୟସମୂହ ମରହଟ୍ଟା ଶାସନ ପୂର୍ବରୁ ସମ୍ବଲପୁର ଅଠର ଗଡ଼ଜାତର ଅନ୍ତର୍ଭୁକ୍ତ ଥିଲା । ୧୯୨୫ ପୂର୍ବରୁ ମୁଁ ଏହି ସବୁ ଐତିହାସିକ ଗୁଳବାଜିର କଥା ବିନ୍ଦୁମାତ୍ର ଜାଣିବାର ସୁଯୋଗ ପାଇ ନ ଥିଲି । ବିଜୟ ଚନ୍ଦ୍ର ମଜୁମ୍‌ଦାର ଇତିହାସକୁ ଏପରି ଭାବରେ ଓଲଟ ପାଲଟ କରିବାର କାରଣ ସହଜରେ ଜାଣିବାର କାହାରି ଉପାୟ ନ ଥିଲା, ମାତ୍ର ତାଙ୍କର ଗୁରୁ ଅଭିସନ୍ଧି ଥିଲା, ଯାହା କି ଏ ପ୍ରବନ୍ଧରେ ଆଲୋଚନା କରିବା ମୋତି ବିଗର୍ହିତ । ଓଡ଼ିଶାର

ଗଡ଼ଜାତର ରାଜାମାନେ ଓଡ଼ିଶାର ସଂସ୍କୃତି ଉପରେ ବହୁତ ପ୍ରଭାବ ପକାଇ ଅଛନ୍ତି; ତେଣୁ ଓଡ଼ିଶା ଗଡ଼ଜାତିର ପ୍ରକୃତ ଇତିହାସ ଦ୍ୱାରା ଓଡ଼ିଶାର ଇତିହାସ ଅନେକାଂଶରେ ପରିପୁଷ୍ଟ ହେବା କଥା ।

୧୮୬୮ଠାରୁ ୧୯୧୮ ପର୍ଯ୍ୟନ୍ତ ସମୟ ମଧ୍ୟରେ ମୟୂରଭଞ୍ଜର କମ୍ବଦନ୍ତୀ ମୂଳକ ଇତିହାସ ଚର୍ଚ୍ଚାର ବିବରଣ ପୂର୍ବେ ଆଲୋଚିତ ହୋଇଛି । ଏହି ଆଲୋଚକମାନେ ୧୮୪୦ ଠାରୁ ଇଂରାଜୀରେ ଲିଖିତ ବିବରଣ ପ୍ରତି ଆଦୌ ଦୃଷ୍ଟିପାତ କରି ନ ଥିଲେ । ତାହାର କଥା ତଳେ ଆଲୋଚିତ ହେଉଛି ।

ଖିଚିଙ୍ଗର ପ୍ରାଚୀନ କୀର୍ତ୍ତି ଉପରେ ଇଂରାଜୀରେ ଏକ ଉପାଦେୟ ଅର୍ଥ . ସଂକ୍ଷିପ୍ତ ବିବରଣ ୧୮୪୦ର ବଙ୍ଗୀୟ ଏସିଆଟିକ୍ ସୋସାଇଟି ପତ୍ରିକାରେ 'ହୋ ଦେଶମ' ନାମକ ପ୍ରବନ୍ଧରେ କେପଟେନ ଟିକେଲ୍ଲ ସାହେବ ଲେଖିଥିଲେ । ସେହି ବିବରଣଟି ହଣ୍ଟର ସାହେବଙ୍କ Statistical Account of Singhbhum ପୁସ୍ତକରେ ୧୮୭୭ରେ ପୁନର୍ମୁଦ୍ରିତ ହୋଇଥିଲା । ନିଜେ ହଣ୍ଟର ସାହେବ ମଧ୍ୟ ଖିଚିଙ୍ଗର ଭୌଗୋଳିକ ଅବସ୍ଥିତି ଜାଣି ନ ଥିବାରୁ ସେ ଟିକେଲ୍ଲଙ୍କ ଲେଖାକୁ ସିଂହଭୂମି-ଜିଲ୍ଲାଭୁକ୍ତ କରିଥିଲେ । ତତ୍ପରେ ୧୮୭୧ରେ ଖିଚିଙ୍ଗ୍‌କୋଟ (ଆଧୁନିକ ଖିଚିଙ୍ଗ)ରୁ ପ୍ରଦତ୍ତ ଦୁଇଟି ତମ୍ବାପଟା ବଙ୍ଗୀୟ ଏସିଆଟିକ୍ ସୋସାଇଟି ପତ୍ରିକାରେ ମୁଦ୍ରିତ ହୋଇଥିଲା । ଯେ ତମ୍ବାପଟା ଦୁଇଟି ପାଠ କରି ପ୍ରବନ୍ଧ ମୁଦ୍ରିତ କରିଥିଲେ, ତାଙ୍କୁ ମଧ୍ୟ ଖିଚିଙ୍ଗ୍‌ର ଭୌଗଳିକ ଅବସ୍ଥିତି ଜଣା ନ ଥିଲା । ହଣ୍ଟର ସାହେବଙ୍କୁ ମଧ୍ୟ ଏହି ତମ୍ବାପଟା ଗୁଡ଼ିକର କଥା ଜଣା ନ ଥିଲା । ସେ ଜାଣିଥିଲେ ତାହା ତାଙ୍କର 'ଓଡ଼ିଶା' ପୁସ୍ତକରେ ନିଶ୍ଚୟ ସ୍ଥାନ ଦେଇ ଥାଆନ୍ତେ ୧୮୭୨ରେ । ହଣ୍ଟର ସାହେବଙ୍କୁ ମଧ୍ୟ ୧୮୩୭ରେ ମୁଦ୍ରିତ ଘୁମୁସରର ତମ୍ବାପଟାଟିର କଥା ଜଣା ନ ଥିଲା । ଖିଚିଙ୍ଗ୍‌ର ତମ୍ବାପଟାର ପାଠକଙ୍କୁ ମଧ୍ୟ ଟିକେଲ୍ଲ ସାହେବଙ୍କ ଖିଚିଙ୍ଗ ବିବରଣ କଥା ଜଣା ନ ଥିଲା । ଏଣୁ ୧୮୭୧ରେ ତମ୍ବାପଟା ଓ ଟିକେଲ୍ଲ ସାହେବଙ୍କ ବିବରଣ ଏକତ୍ର ନ ହୋଇ ପାରିବାରୁ ଖିଚିଙ୍ଗର ପ୍ରତ୍ନତତ୍ତ୍ୱ

ସମ୍ପର୍କରେ ହଣ୍ଟର ସାହେବ ମଧ୍ୟ କିଛି ଆଲୋକପାତ କରି ପାରି ନ ଥିଲେ । କେବଳ ସେତିକି ନୁହେଁ ଭାରତୀୟ ପ୍ରତ୍ନତତ୍ତ୍ୱର ପିତା କାନିଂହାମ୍ ସାହେବଙ୍କର ସହକାରୀ ବେଗଲର ସାହେବ ୧୮୭୪-୭୬ରେ ଖିଚିଙ୍ଗ ପରିଦର୍ଶନ କରି ତତ୍ ସମ୍ପର୍କରେ ରିପୋର୍ଟ ଲେଖିଥିଲେ ମଧ୍ୟ ତାଙ୍କୁ ତମ୍ବାପଟା ଓ ଟିକେଲ୍ ସାହେବଙ୍କ ବିବରଣ କଥା ଜଣା ନ ଥିଲା । ୧୮୭୦-୮୦ ମଧ୍ୟରେ ଖିଚିଙ୍ଗ ସମ୍ପର୍କରେ ଏତେଗୁଡ଼ିଏ ପ୍ରତ୍ନତାତ୍ତ୍ୱିକ ପ୍ରମାଣ ଆବିଷ୍କୃତ ହୋଇ ଥିଲେ ମଧ୍ୟ ବାରିପଦାର ଐତିହାସିକଙ୍କୁ ଏ ସବୁ ବିଷୟ କିଛି ଜଣା ନ ଥିଲା, ଫଳରେ ସତ୍ୟାନୁସନ୍ଧାନ କଳ୍ପନା ବିପରୀତମୁଖୀ ହୋଇଗଲା ।

ମହାରାଜା ଶ୍ରୀ ରାମଚନ୍ଦ୍ର ଭଞ୍ଜଦେଓ ୧୮୯୩ରେ ବଙ୍ଗୀୟ ଏସିଆଟିକ୍ ସୋସାଇଟିର ସଭ୍ୟ ରୂପେ ନିର୍ବାଚିତ ହୋଇଥିଲେ ଓ ତାଙ୍କ ଦ୍ୱାରା ଓଡ଼ିଶା ଇତିହାସ ସମ୍ପର୍କରେ ପ୍ରକାଶିତ ପୁସ୍ତକ ସବୁ ସଂଗୃହୀତ ହୋଇଥିଲା । ଏହି ସବୁ ପୁସ୍ତକ ଯେ ସେ ପାଠ କରିଥିଲେ, ଏଥିରେ କିଛି ସନ୍ଦେହ ନାହିଁ । ଏଣୁ ମୟୂରଭଞ୍ଜରେ ପ୍ରଚଳିତ ତଥାକଥିତ ଇତିହାସ ପ୍ରତି ତାଙ୍କ ମନରେ ସନ୍ଦେହ ଉପୁଜିଥିଲା । ଫଳରେ ୧୯୦୪ରେ ସେ ମୟୂରଭଞ୍ଜ ରାଜ୍ୟରେ ସ୍ୱତନ୍ତ୍ର ପ୍ରତ୍ନତତ୍ତ୍ୱ ବିଭାଗ ସ୍ଥାପନ କରିଥିଲେ । ବଙ୍ଗଦେଶର ପ୍ରସିଦ୍ଧ 'ବିଶ୍ୱକୋଷ' ପ୍ରଣେତା ପ୍ରାଚ୍ୟ ବିଦ୍ୟାମହାର୍ଣ୍ଣବ ନଗେନ୍ଦ୍ରନାଥ ବସୁଙ୍କୁ ମୟୂରଭଞ୍ଜର ଷ୍ଟେଟ୍ ଆର୍କେଲୋଜିଷ୍ଟରୂପେ ନିଯୁକ୍ତ କରିଥିଲେ । ନଗେନ୍ଦ୍ରନାଥ ବସୁ ଖିଚିଙ୍ଗ୍ ଓ ମୟୂରଭଞ୍ଜର ନୀଳଗିରି, ବାଲେଶ୍ୱର ଓ ମେଦିନାପୁର ଜିଲ୍ଲାର ବହୁ ସ୍ଥାନ ପରିଦର୍ଶନ କରିଥିଲେ । ୧୯୧୧ରେ ନଗେନ୍ଦ୍ରନାଥ ବସୁଙ୍କ ଲିଖିତ ମୟୂରଭଞ୍ଜର ପ୍ରତ୍ନତତ୍ତ୍ୱ **"Archaeological Survey of Mayurbhanj** ପୁସ୍ତକ ମୁଦ୍ରିତ ହୋଇ ପ୍ରଚାରିତ ହୋଇଥିଲା । ଏହି ପୁସ୍ତକରେ ବସୁ ମହାଶୟ ସର୍ବପ୍ରଥମ ଖିଚିଙ୍ଗର ପ୍ରାଚୀନ କୀର୍ତ୍ତିଗୁଡ଼ିକ ୧୮୭୧ରେ ମୁଦ୍ରିତ ତମ୍ବାପଟାଗୁଡ଼ିକର ସମୟ ସହିତ ଏକ ଥିବାର ଦର୍ଶାଇଥିଲେ । ମୟୂରଭଞ୍ଜର ପ୍ରତ୍ନତତ୍ତ୍ୱ ୨ୟ ଭାଗରେ ଖିଚିଙ୍ଗ୍ କଥା ଲେଖିବାର ସେ ପରିକଳ୍ପନା କରିଥିଲେ । କିନ୍ତୁ ୧୯୧୨ରେ ମହାରାଜ ଶ୍ରୀ ରାମଚନ୍ଦ୍ର ଭଞ୍ଜଙ୍କର ଅକାଳ ମୃତ୍ୟୁ ହେବାରୁ

ବସୁ ମହାଶୟଙ୍କ 'ମୟୂରଭଞ୍ଜର ପ୍ରତ୍ନତତ୍ତ୍ୱ'ର ୨ୟ ଭାଗ ପୁସ୍ତକ ପ୍ରକାଶିତ ହୋଇପାରିଲା ନାହିଁ; କାରଣ ମୟୂରଭଞ୍ଜର ପ୍ରତ୍ନତତ୍ତ୍ୱ ବିଭାଗ ନାବାଳକ ଶାସନରେ ବ୍ରିଟିଶ ସରକାରଙ୍କ ଦ୍ୱାରା ଉଠାଇ ଦିଆଗଲା ।

## ଭଞ୍ଜବଂଶର ପ୍ରକୃତ ଇତିହାସର ଉପାଦାନ ସଂଗ୍ରହ ଓ ଆଲୋଚନା

୧୯୨୮ରେ ବାରିପଦାର ଗ୍ରାମୁ କରଣଙ୍କ ଘରୁ **ଶ୍ରୀ ପଟ୍ଟନାୟକଙ୍କ** ଠାରୁ ଖଣ୍ଡିଏ ଶ୍ରେଷ୍ଠ ତାଳପତ୍ର ପୋଥି ପାଇଲି । ପୋଥିର ନାମ 'ରସଲହରୀ' କାବ୍ୟ—କାବ୍ୟର ଲେଖକ ମହାରାଜା ରଘୁନାଥ ଭଞ୍ଜ । ଏହି ପୋଥିର ଶେଷରେ ଲେଖକ ନିଜର ପରିଚୟ ଦେଇଥିବା ପଦଗୁଡ଼ିକ ତଳେ ଉଦ୍ଧୃତ ହେଲା ।

"ଉତ୍କଳ ମଧ୍ୟଦେଶର
ହରିହରପୁର କର
ମଧ୍ୟରେ ଅବନୀଶ୍ୱର ସେ ଭଞ୍ଜବର ଏ
କୃଷ୍ଣଭଞ୍ଜ କୃତନାମ
ତାଙ୍କ ପୁତ୍ର ତ୍ରିବିକ୍ରମ
ପରାକ୍ରମେ ତ୍ରିବିକ୍ରମ ସେ ଅନୁପମ ଏ
ତାଙ୍କ ସୁତ ସର୍ବେଶ୍ୱର
ବିଷ୍ଣୁଭକ୍ତ ମଧ୍ୟେ ସାର
ସେ ବୀର ବିକ୍ରମ ତାତ, ତାହାଙ୍କ ସୁତ ଏ

× × × ×

ରାମକୃଷ୍ଣ ପଦ-କଞ୍ଜ
ଭାବ ରଘୁନାଥ ଭଞ୍ଜ
ନୃପଙ୍କାବ୍ଦ ତ୍ରୟୋଦଶ, କଲେକ ଶେଷ ଏ ।"

ଏହି ଲେଖାରେ ମହାରାଜ ରଘୁନାଥ ଭଞ୍ଜ ତାଙ୍କର ପୂର୍ବପୁରୁଷ କୃଷ୍ଣଭଞ୍ଜ, ତ୍ରିବିକ୍ରମ ଭଞ୍ଜ, ସର୍ବେଶ୍ୱର ଭଞ୍ଜ, ବୀର ବିକ୍ରମାଦିତ୍ୟ ଭଞ୍ଜ,

ଗୃହୀଜ ଶଙ୍କର ନାମ ଲେଖି ଅଛନ୍ତି । ଏହି ରାଜାମାନଙ୍କର ନାମ ମିଳାଇବା ପାଇଁ ସୁରେନ୍ଦ୍ରନାଥ ସେନଙ୍କ ଲିଖିତ ବଂଶାବଳୀ ଓ ୧୮୯୪-୯୫ରେ ମୟୂରଭଞ୍ଜର ଶାସନ ବିବରଣରେ ମୁଦ୍ରିତ ବଂଶାବଳୀ ଦେଖିଲି । ରଘୁନାଥ ଭଞ୍ଜଙ୍କର ପୂର୍ବପୁରୁଷମାନଙ୍କର ନାମ ମଧ୍ୟରେ କୃଷ୍ଣଭଞ୍ଜ ଓ ତ୍ରିବିକ୍ରମ ଭଞ୍ଜଙ୍କର ନାମ ନ ପାଇ ବଡ଼ ବିସ୍ମିତ ହେଲି । ଭାବିଲି କେଉଁଟା ଠିକ୍ । ଅଳ୍ପଦିନ ଅନୁସନ୍ଧାନ ଫଳରେ କୃଷ୍ଣଭଞ୍ଜଙ୍କର ଓ ତ୍ରିବିକ୍ରମ ଭଞ୍ଜଙ୍କର ସନନ୍ଦ ସଂଗ୍ରହ କରି ପାରିବାରୁ ମୁଦ୍ରିତ କୁଷିନାମା ପ୍ରତି ସନ୍ଦେହଜାତ ହେଲା । କୃଷ୍ଣଭଞ୍ଜ ଓ ତ୍ରିବିକ୍ରମ ଭଞ୍ଜଙ୍କ ସନନ୍ଦ ଦୁଇଟିର ପରିପୋଷକ ପ୍ରମାଣ ସମସାମୟିକ ଲେଖାରୁ ମଧ୍ୟ ମିଳିଲା ।

(୧) 'ରସିକମଙ୍ଗଳ' ନାମକ ଏକ ବୈଷ୍ଣବ ଗ୍ରନ୍ଥ ଗୋପୀଜନବଲ୍ଲଭ ଦାସ ଖ୍ରୀ: ୧୬୫୫ରେ ଲେଖିଥିଲେ । ରସିକମଙ୍ଗଳରେ ରସିକାନନ୍ଦ ଦେବ ଗୋସ୍ୱାମୀଙ୍କର କୀର୍ତ୍ତି ବର୍ଣ୍ଣିତ ଅଛି । ରସିକାନନ୍ଦ ମହାରାଜା ବୈଦ୍ୟନାଥ ଭଞ୍ଜଙ୍କୁ ଦୀକ୍ଷା ଦେଇଥିଲେ । ଲେଖକ ଗ୍ରନ୍ଥରେ ବୈଦ୍ୟନାଥ ଭଞ୍ଜଙ୍କ ନାମ ଓ ବନ୍ଦନାରେ କୃଷ୍ଣଭଞ୍ଜଙ୍କ ନାମ ଲେଖିଅଛନ୍ତି । କୃଷ୍ଣଭଞ୍ଜ ୧୬୫୫ରେ ରାଜା ଥିଲେ ବୋଲି ଏଥିରୁ ପ୍ରମାଣିତ ହେଲା ।

(୨) ସାର ଯଦୁନାଥ ସରକାର 'ମଅସିର-ଇ-ଆଲମଗିରି' ନାମକ ଫାରସିଗ୍ରନ୍ଥରୁ କେତେକ ଐତିହାସିକ ଘଟଣା ସଂଗ୍ରହ କରି ଇଂରାଜୀରେ ଏକ ପ୍ରବନ୍ଧ ବିହାର ଓ ଓଡ଼ିଶା ଅନୁସନ୍ଧାନ ସମିତିର ପତ୍ରିକାରେ ଲେଖିଥିଲେ । ସେଥିରୁ ଜଣାଗଲା ଯେ ୧୬୬୦ରେ ତତ୍କାଳୀନ ଓଡ଼ିଶାର ଗଭର୍ଣ୍ଣର ଖାଁ-ଇ-ଦୋରାନ କୃଷ୍ଣଭଞ୍ଜଙ୍କୁ ଜଲେଶ୍ୱରଠାରେ ହତ୍ୟା କରିଥିଲେ । କୃଷ୍ଣଭଞ୍ଜଙ୍କ ହତ୍ୟା କାହାଣୀ ମଧ୍ୟ ଓଲନ୍ଦାଜମାନଙ୍କର ବଟାଭିଆ ଦାଗ-ରେଜିଷ୍ଟରରେ ମଧ୍ୟ ଲିଖିତ ଅଛି ।

(୩) ତ୍ରିବିକ୍ରମଭଞ୍ଜଙ୍କର ନାମ ଇଂରାଜୀ ପୁସ୍ତକ Countries round the Bay of Bughtରେ Tiuricurem bunge ବୋଲି ଲିଖିତ ଅଛି । ଏହି ବହି ତ୍ରିବିକ୍ରମ ଭଞ୍ଜଙ୍କ ରାଜତ୍ୱକାଳରେ ଲିଖିତ ହୋଇଥିଲା, ଜଣେ ଇଂରାଜ ବଣିକଙ୍କ ଦ୍ୱାରା ।

କୃଷ୍ଣଭଞ୍ଜଙ୍କର ସନନ୍ଦରେ ଅଙ୍କ ଲିଖିତ ନଥିବାରୁ ତାଙ୍କର ରାଜତ୍ୱକାଳର ଆରମ୍ଭ ଠିକ୍ ଜଣାଗଲା ନାହିଁ । ତେବେ ତାଙ୍କର ମୃତ୍ୟୁକାଳ ୧୭୬୨ରେ ଜଣାଗଲା ତ୍ରିବିକ୍ରମ ଭଞ୍ଜଙ୍କ ସନନ୍ଦର ଅଙ୍କ ଗଣନାରୁ ସର୍ବେଶ୍ୱର ଭଞ୍ଜଙ୍କ ସନନ୍ଦରୁ ତ୍ରିବିକ୍ରମ ଭଞ୍ଜଙ୍କର ମୃତ୍ୟୁକାଳ ଜଣାଗଲା ୧୭୮୮ । ବଂଶାବଳୀରେ ଦିଆଯାଇଛି :

୩୦ । ବୈଦ୍ୟନାଥ ଭଞ୍ଜ ଖ୍ରୀ: ୧୫୫୭-୧୬୦୦
୩୧ । ଜଗନ୍ନାଥ ଭଞ୍ଜ ଖ୍ରୀ: ୧୬୦୦-୧୬୪୩
୨୨ । ହରିହର ଭଞ୍ଜ ,, ୧୬୪୩-୧୬୮୮
୩୩ । ସର୍ବେଶ୍ୱର ଭଞ୍ଜ ,, ୧୬୮୮-୧୭୧୧

ରସିକମଙ୍ଗଳ ଅନୁସାରେ ୧୬୨୩-୨୪ରେ ଓଡ଼ିଶାର ନବାବ ଅହମ୍ମଦ ବେଗଙ୍କ ରାଜତ୍ୱକାଳରେ ବୈଦ୍ୟନାଥ ଭଞ୍ଜ ଜୀବିତ ଥିଲେ ଓ ୧୬୩୦ରେ ଶ୍ୟାମାନନ୍ଦଙ୍କ ମୃତ୍ୟୁ ବେଳକୁ ବୈଦ୍ୟନାଥ ଭଞ୍ଜ ଜୀବିତ ନଥିଲେ । ଏହି ସବୁ ପ୍ରମାଣବଳରେ ମୟୂରଭଞ୍ଜର ରାଜବଂଶାବଳୀ ଯେ ଏକାବେଳକେ କାଳ୍ପନିକ ଏହା ପ୍ରମାଣିତ ହେଲା । ଏହାପରେ କେବଳ ସନନ୍ଦ ସାହାଯ୍ୟରେ କେତେକ ରାଜାମାନଙ୍କର ରାଜତ୍ୱକାଳ ନିରୂପିତ ହେଲା ।

ଏହି ସବୁ ବିଷୟ ଅନୁସନ୍ଧାନ କରିବା ସମୟରେ ଦୈବାତ୍ କାୟୁଥି ଅକ୍ଷରରେ ଓ ଫାରସି ଭାଷାରେ ଲିଖିତ ମହାରାଜା ଯଦୁନାଥ ଭଞ୍ଜଙ୍କର ୧୮୩୩ର ଏକ ଦରଖାସ୍ତର ନକଲ ମିଳିଲା । ଏହି ଦରଖାସ୍ତର ନକଲଟି ପୂର୍ବତନ ବ୍ରାହ୍ମଣଘାଟିର ଜମିଦାରବଂଶର ଉତ୍ତରାଧିକାରୀଙ୍କଠାରୁ ପାଞ୍ଚପୀଢ଼ ମହକୁମାର ଏକ ଗ୍ରାମରୁ ମିଳିଲା ତାହା ବାରିପଦା ମିଉଜିଅମରେ ଏବେ ସୁରକ୍ଷିତ ଅଛି । ତାହା ପାଠ କରିବା ପରେ ତହିଁରୁ ଜଣାଗଲା ଯେ ଯଦୁନାଥ ଭଞ୍ଜଙ୍କର ବିରୁଦ ମଧ୍ୟରେ ବ୍ରାହ୍ମଣଘାଟି ଶୁଭ ସ୍ଥାନାଧିପତି, ବଶିଷ୍ଠମୁନିପ୍ରତିପାଳିତ ମୟୂରାଣ୍ଡୋଦ୍ଭବ ବିରୁଦଗୁଡ଼ିକ ଥିଲା । ଯଦୁନାଥ ଭଞ୍ଜ ଲେଖିଥିଲେ—

"ଭଞ୍ଜବଂଶର ଇତିହାସ ବହୁ ପ୍ରାଚୀନ । ପ୍ରାୟ ୨୫୦ ପୁରୁଷ ଅତୀତ ହୋଇଛି, ଯେଉଁ ରାଜାମାନଙ୍କର ଇତିହାସ ଜଣାନାହିଁ । ତେବେ ବୈଦ୍ୟନାଥ ଭଞ୍ଜଙ୍କଠାରୁ ତାଙ୍କ ପର୍ଯ୍ୟନ୍ତ ଯେଉଁ ସବୁ ରାଜାମାନେ ମୟୁରଭଞ୍ଜରେ ରାଜତ୍ୱ କରିଥିଲେ ସେମାନଙ୍କର ନାମ ତହିଁରେ ଅଛି । ଯଥା—୧ । ବୈଦ୍ୟନାଥ ଭଞ୍ଜ, ୨ । ହରିହର ଭଞ୍ଜ; ୩ । କୃଷ୍ଣଭଞ୍ଜ; ୪ । ତ୍ରିବିକ୍ରମ ଭଞ୍ଜ, ୫ । ସର୍ବେଶ୍ୱର ଭଞ୍ଜ, ୬ । ବୀର ବିକ୍ରମାଦିତ୍ୟ ଭଞ୍ଜ ୭ । ରଘୁନାଥ ଭଞ୍ଜ, ୮ । ଚକ୍ରଧର ଭଞ୍ଜ (ଖୁଣ୍ଟିତା), ୯ । ଦାମୋଦର ଭଞ୍ଜ, ୧୦ । ମହାରାଣୀ ସୁମିତ୍ରାଦେବୀ ଭଞ୍ଜ, ୧୧ । ଯମୁନା ଦେବୀ ଭଞ୍ଜ, ୧୨ । ତ୍ରିବିକ୍ରମ ଭଞ୍ଜ, ୧୩ । ମହାରାଜା ଯଦୁନାଥ ଭଞ୍ଜ ।

'ରସଲହରୀ'ରେ ଯେଉଁ କେତେଜଣ ରାଜାଙ୍କର ନାମ ମିଳିଥିଲା ତାହା ଏହି ଦରଖାସ୍ତରୁ ସମର୍ଥିତ ହେଲା । କାରଣ ଏଥିରେ କୃଷ୍ଣଭଞ୍ଜ ଓ ତ୍ରିବିକ୍ରମ ଭଞ୍ଜଙ୍କ ନାମ ରହିଅଛି ।

ମହାରାଜା ଯଦୁନାଥ ଭଞ୍ଜଙ୍କ ରାଜତ୍ୱକାଳର ପ୍ରଥମ ୨୮ ବର୍ଷ ମଧ୍ୟରେ ବାସୁଦେବନାମକ ଜଣେ କବି 'ଭଞ୍ଜବିହାର' ନାମକ ଏକ ଐତିହାସିକ କାବ୍ୟ—ଯାହାର ବିବରଣ ଖ୍ରୀ: ୧୮୩୨-୩୬ ମଧ୍ୟରେ ଘଟିଥିଲା ଲେଖିଥିଲେ । ସେ ପୋଥିଟି ୧୯୫୯ରେ ମୁଁ ସଂଗ୍ରହ କଲି । ସେ କାବ୍ୟରେ ସେ ରାଜବଂଶର ଇତିହାସ ପୌରାଣିକ ଭାବରେ ଲେଖି ଭଞ୍ଜମାନଙ୍କୁ ଅଯୋଧ୍ୟାର ରାଜବଂଶ ବୋଲି ଲେଖି ଅଛନ୍ତି । ଅଯୋଧ୍ୟାର ରାଜା ଦିଗ୍‌ବିଜୟରେ ବାହାରି ଉତ୍କଳରେ ଆଦିପୁରରେ ଉପସ୍ଥିତ ହୋଇ ସେଠାରେ ରାଜଧାନୀ ସ୍ଥାପନ କଲେ ଓ କୀଚକେଶ୍ୱରୀଙ୍କୁ ଆରାଧନା କରି ବର ପାଇ ପ୍ରତାପୀ ହେଲେ – ତତ୍ପରେ ବହୁକାଳ ଅନ୍ତେ ବୈଦ୍ୟଭଞ୍ଜ ରାଜା ହେଲେ । ତାଙ୍କ ବଂଶରେ ଯଦୁନାଥ ଭଞ୍ଜ ଜନ୍ମଗ୍ରହଣ କରି ରାଜା ହେଲେ ।

ମୟୂରଭଞ୍ଜ-ରାଜବଂଶର ପ୍ରାଚୀନ ଲେଖା ଐତିହାସିକ ଘଟଣା କେଉଁଠାରୁ ମିଳିବ ଏଥି ସକାଶେ ଗୃହଅଡ଼େ ଅନୁସନ୍ଧାନରେ ବ୍ରତୀ ହେଲି । ମୟୂରଭଞ୍ଜର ଯେତେ ଗ୍ରାମରେ ଭଞ୍ଜବଂଶୀୟ 'ବାବୁ'ମାନେ ଥିଲେ

ସେମାନଙ୍କ ଘରେ ଓ ବଂଶାନୁକ୍ରମିକ କର୍ମଚାରୀମାନଙ୍କ ଘରେ ପୋଥିପତ୍ର ଥିବାର ଅନୁମାନ କରି ନାନା ଲୋକମାନଙ୍କୁ ଅନୁରୋଧ କଲି । ଶେଷରେ ମୋର ଅଗ୍ରଜ ତୁଲ୍ୟ ଶ୍ରୀ ପଞ୍ଚାନନ ବେବର୍ତ୍ତା ତତ୍କାଳୀନ ସ୍କୁଲର ସବ୍-ଇନ୍‌ସପେକ୍ଟରଙ୍କ ଦ୍ୱାରା କୁଆମରା ଗ୍ରାମବାସୀ କାଶୀନାଥ ଭଞ୍ଜ ବାବୁଙ୍କ ଘରୁ ଦୁଇଟି ତାଳପତ୍ର ପୋଥି ସଂଗୃହୀତ ହେଲା । ଗୋଟିଏ ପୋଥିର ନାମ 'ରାଜକୁଳବଂଶାନୁ' ଓ ଅନ୍ୟଟିର ନାମ 'ଭଞ୍ଜବଂଶମାଳିକା' । 'ରାଜକୁଳବଂଶାନୁ' ବା ବଂଶାନୁଚରିତ ପୋଥିଟିରେ ମହାରାଜେଶ୍ୱରୀ ସୁମିତ୍ରା ଦେବୀଙ୍କର ୧୧ ଅଙ୍କ (ସେପ୍‌ଟେମ୍ବର ୧୮୦୩)ପର୍ଯ୍ୟନ୍ତ ବିବରଣ ଲିଖିତ ଅଛି । ଅନ୍ୟଟି ସୁମିତ୍ରା ଦେବୀଙ୍କର ୫ ଅଙ୍କ (ଖ୍ରୀ: ୧୭୯୮) ପର୍ଯ୍ୟନ୍ତ କଥା ଲିଖିତ ଅଛି । ଏଣୁ ଏ ପୋଥିଗୁଡ଼ିକର ଲିଖନକାଳ ୧୯୨୬ ଠାରୁ ୧୨୫ ବର୍ଷରୁ ଅଧିକ ଥିଲା । 'ବଂଶାନୁଚରିତ'ର ଲେଖା ଓଡ଼ିଆ ଗଦ୍ୟରେ ଲିଖିତ ଅଛି । ଏହି ପୋଥିର ପାଠ ୧୯୪୬ରେ ବାରିପଦା ଷ୍ଟେଟ ଛାପାଖାନାରେ ମୁଦ୍ରିତ ହୋଇଥିଲା । ଏଥିରେ ଆଦିଭଞ୍ଜଙ୍କର ନାମ ଅଛି । ତତ୍ପରେ ବହୁ କାଳ ଅଜ୍ଞାତ ହେବା ପରେ କେତେଜଣଙ୍କ ନାମ ପରେ ବୈଦ୍ୟନାଥ ଭଞ୍ଜଙ୍କ ନାମ ଅଛି । ତତ୍ପରେ ରାଜାମାନଙ୍କର ନାମ ସବୁ ଯଦୁନାଥ ଭଂଜଙ୍କ ଦରଖାସ୍ତରେ ଥିବା ବଂଶାବଳୀ-ଅନୁରୂପ ଥିବାର ଦେଖାଯାଏ । ଏଣୁ ୧୮୭୮ ବା ୧୮୮୦ରେ ପ୍ରଦତ୍ତ ବଂଶତାଲିକା ସହିତ ପୁରୁଣା କାଗଜପତ୍ର ଓ ଏହି ପୋଥିରୁ ଯେଉଁ ବଂଶତାଲିକା ମିଳିଲା ତନ୍ମଧ୍ୟରେ ବହୁ ଅସାମଞ୍ଜସ୍ୟ ନ ଥିବାର ଦେଖାଗଲା ।

ଏଠାରେ ଆଉ ଗୋଟିଏ ସୂତ୍ରରୁ ଭଞ୍ଜବଂଶର ରାଜାମାନଙ୍କର କିମ୍ବଦନ୍ତୀ ଓ ବଂଶ ତାଲିକା ଯାହା ପାଇଥିଲି ତାହା ଲେଖିଲି । ପୂର୍ବ-କାଳରେ ରାଜାମାନେ ତୀର୍ଥ କରୁଥିଲେ ଓ ପ୍ରତ୍ୟେକ ତୀର୍ଥରେ ରାଜାଙ୍କର ପଣ୍ଡା ଓ ପୁରୋହିତ ବଂଶଥିଲେ । ସେହି ପଣ୍ଡାମାନେ ମୟୂରଭଞ୍ଜରୁ କିଏ କେବେ ଯାଇଥିଲେ ତାହାର ବିବରଣ ଲେଖି ରଖୁଥିଲେ । ଏହା ପରୀକ୍ଷା କରିବା ପାଇଁ ୧୯୨୮ ଜାନୁଆରୀ ମାସରେ ମୁଁ ଯାଜପୁର ଯାଇଥିଲି ଓ ସେଠାର ମୟୂରଭଞ୍ଜର ପଣ୍ଡାଙ୍କ ସହିତ ସାକ୍ଷାତ କରିଥିଲି । ପଣ୍ଡାଙ୍କର ନାମ ଥିଲା ସୁଦର୍ଶନ କର । ତାଙ୍କଠାରେ ମୟୂରଭଞ୍ଜ ରାଜବଂଶର ଦୁଇଟି

ସନନ୍ଦ ମଧ୍ୟ ଥିଲା । ତନ୍ମଧ୍ୟରୁ ଗୋଟିଏ ଦାଶରଥି ଭଞ୍ଜଙ୍କର ଅନ୍ୟଟି ଆଉ ଜଣେ ବାବୁଙ୍କର; ଯାହାର ସମୟ ସନ ୧୧୮୦ ସାଲ । ତାଙ୍କ ପୋଥିରେ ମୟୂରଭଞ୍ଜ ରାଜବଂଶର ଯାହା ସବୁ ଲେଖା ପାଇଥିଲି ତାହା ନକଲ କରି ଆଣିଥିଲି । ସେହି ନକଲ ତଳେ ଉଦ୍ଧୃତ ହେଲା । ଏ ସମ୍ପର୍କରେ ମୁଁ ପୁରୀର ପଣ୍ଡା ଓ ଗୟାର ପଣ୍ଡାଙ୍କ ଘରକୁ ଯାଇଥିଲି—ମାତ୍ର ସେମାନେ କିଛି ପୁରୁଣା କାଗଜପତ୍ର ଦେଖାଇ ପାରିଲେ ନାହିଁ । ବୋଧହୁଏ ପୁରୋହିତ ପରିବର୍ତ୍ତିତ ହୋଇଥିଲେ ।

୧ । "ଘର ମୟୂରଭଂଜ ହରିହରପୁର ଗଡ ରାଜସୂତ ସୂର୍ଯ୍ୟବଂଶ ଅଯୋନିସମ୍ଭୂତ ମଏରଭଞ୍ଜ ଜାତ, ଭଜଂ ବସଂ ଗୋତ୍ର ବଶିଷ୍ଠ କୁଳ ଦେବତା ଇଷ୍ଟଦେବୀ କଞ୍ଚକେଶ୍ୱରୀ ଅଯୋଧ୍ୟା ନୃପତି, ଶ୍ରୀଶ୍ରୀ ମହାରଜା ନଏରଭଜଂ । ଶ୍ରୀଶ୍ରୀ ମହାରାଜା ଜଗନ୍ନାଥ ଭଜଂ । ଶ୍ରୀଶ୍ରୀ ମହାରାଜା ମାଳକଣ୍ଠ ଭଜଂ । ଶ୍ରୀଶ୍ରୀ ମହାରାଜା ବୈଦ୍ୟନାଥ ଭଜଂ ଶ୍ରୀଶ୍ରୀ ମହାରାଜା ହରିହର ଭଜଂ ।

"ଶ୍ରୀଶ୍ରୀ ମହାରାଜା ବୈଦ୍ୟନାଥ ଭଜଂଙ୍କ ଭାଇ ବଳଭଦ୍ର ଭଜଂ ମହାରାଜା ଶ୍ରେଷ୍ଠରାଏ ଭଜଂଙ୍କ ପୁଅ କୃଷ୍ଣଭଜଂଙ୍କ ପୁଅ ଶ୍ରୀ ଶ୍ରୀ ମହାରାଜା ତ୍ରିବିକ୍ରମ ଭଜଂଙ୍କ ପୁଅ ଶ୍ରୀ ଶ୍ରୀ ମହାରାଜା ସର୍ବେସ୍ୱର ଭଂଜ । ଶ୍ରୀ ଶ୍ରୀ ମାହାରାଜା କୃଷ୍ଣ ଭଜଂଙ୍କ ପୁଅ ଶ୍ରୀଶ୍ରୀ ମାହାରାଜା ତ୍ରିବିକ୍ରମ ଭଜଂ । ଶ୍ରୀ ଶ୍ରୀ ମାହାରାଜା କୃଷ୍ଣଭଜଂଙ୍କ ପୁଅ ଅନନ୍ତ ଭଜଂ । ସଙ୍ଗରେ ଶ୍ରୀ ବାବୁ ଅନନ୍ତ ଭଜଂଙ୍କ ସଳା ଅର୍ଜୁନ ଦେଓ ଘର ବଣାଇ ବାମଣ୍ଡା । ରାଜାଙ୍କ ପୁଅ ରାଜ ରାଜେଶ୍ୱର ରାଉତରା ଶ୍ରେଷ୍ଠରାୟ ।

୨ । "ଫେରେ ଅଇଲେ ଶ୍ରୀଶ୍ରୀ ମାହାରଜା ତ୍ରିବିକ୍ରମ ଭଜଂ, ବାପା ଶ୍ରୀ ଶ୍ରୀ ମାହାରାଜା କୃଷ୍ଣ ଭଜଂ, ଗୋସାଇ ବାପା ଶ୍ରୀଶ୍ରୀ ମହାରାଜା ହରିହର ଭଜଂ । ଜଗତାଇ ବାବୁ ଗଙ୍ଗାଧର ଭଜଂ,ରଘୁନାଥ ଭଜଂ, କନ୍ଦର୍ପ ଭଜଂ । ବାବୁ ଡ଼ଲେଶ୍ୱର ଭଜଂ, ଭାଇ ଶ୍ରୀଶ୍ରୀ ମାହାରାଜା ସର୍ବେସ୍ୱର ଭଜଂ । ଚକଣ ଭଜଂଙ୍କ ପୁଅ ଦାମୋଦର ଭଜଂ ।

୩ । "ଫେରେ ଅଇଲେ ଦାସରଥି ଭଜଂ ବାପା ଶ୍ରୀଶ୍ରୀ ଗୋପୀନାଥ ଶ୍ରେଷ୍ଠରାୟ । ଗୋପୀନାଥ ଭଜଂଙ୍କ ବାପା କନ୍ଦର୍ପ ଭଜଂ ।

୪ । "ଫେରେ ଅଇଲେ ମୁକ୍ତା ଦେଈ ଗେରସ୍ତ ଗୋପୀନାଥ ଭଜଂ, ଶଶୁର କନ୍ଦର୍ପ ଭଜଂ । ସଙ୍ଗରେ ଜଇଁ ବଳିଗାଏ ।

୫ । "ଫେରେ ଅଇଲେ ବଇରାଗି ଭଜଂ ବାପ ରାଉତ୍ରର ବାବୁ ବଳଭଦ୍ର ଭଜଂ । ଦାଶରଥିଙ୍କର ପୁତ୍ର ସୁରେସ୍ୱର ଭଜଂ

୬ । "ଫେଏର ଅଇଲେ ଚମ୍ପାଦେଇ ଭଜଂ ସ୍ୱାମୀ ଦମୋଦର ଭଜଂ ସଙ୍ଗତେ ମାଲଗିରି ରାଜା ସଙ୍ଗତେ ଖ୍ରାମ ମହାପାତ୍ର ।

୭ । "ଫେର ଅଇଲେ ଘର ହରିହରପୁର ଗଡ ରାଜପୁତ ସୂର୍ଯ୍ୟବଂଶୀ ଭଜଂ ବଂସ ଅଯୋନିସମ୍ଭୂତ ମଏରଡ଼ିମ୍ବଜାତ 'ଅଯୋଧ୍ୟା ନୃପତି ବଶିଷ୍ଠ ଗୋତ୍ରି କୁଳଦେବତା କଞ୍ଚକେଶ୍ୱରୀ ଶ୍ରୀଶ୍ରୀ ମହାରାଣୀ ଶ୍ରୀଶ୍ରୀ ସୁମିତ୍ରା ଦେଈ ପାଟ ସାନ୍ତାଣୀ ଭଜଂ ସ୍ୱାମୀ ଶ୍ରୀଶ୍ରୀ ମାହାରାଜା ଦାମୋଦର ଭଜଂ ଶଶୁର ଶ୍ରୀଶ୍ରୀ ମାହାରାଜା ଚନ୍ଦ୍ରଧର ଭଜଂ; ପଣଶଶୁର ଶ୍ରୀଶ୍ରୀ ମାହାରାଜା ବଲେଶ୍ୱର ଭଜଂଙ୍କ ବାପ ଶ୍ରୀଶ୍ରୀ ମହାରାଜା ତ୍ରିବିକ୍ରମ ଭଜଂଙ୍କ ବାପ ଶ୍ରୀଶ୍ରୀ ମାହାରାଜା କୃଷ୍ଣ ଭଜଂ ବାପ ଶ୍ରୀଶ୍ରୀ ମମାହାରାଜା ହରିହର ଭଜଂ—ସଙ୍ଗତେ ଝିଅ ସାନ୍ତାଣୀ ମହାରାଣୀ କୁଶାଦେଈ ସଙ୍ଗତେ × × ବେବର୍ତ୍ତା ଯୋଗୀ ସମନ୍ତ ସିଂହାର କରଣ ଚନ୍ଦ୍ରଧର ପଟ୍ଟନାଏକ, କରଣ ସୁଦର୍ଶନ ପଟ୍ଟନାଏକ କରଣ ସୁରେସ୍ୱର ଭଞ୍ଜ, ପୁରୋହିତ ଦିବ୍ୟସିଂହ ବ୍ରହ୍ମା ମହାପାତ୍ର, ପାନ ଖୁଆସ ନରସିଂହ ବାଶୁଳି ଗଉଡ଼ ।

୮ । "ଏବେ ବାରିପଦା ଗଡ଼ଖାଇ ଫେର ଅଇଲେ ଶ୍ରୀଶ୍ରୀ ମାହାରାଜା ଯଦୁନାଥ ଭଜଂ ବାହାଦୁର – ବାପ ଶ୍ରୀଶ୍ରୀ ମାହାରାଯା ତ୍ରିବିକ୍ରମ ଭଜଂ, ଗୋସେଇଁ ବାପା ଶ୍ରୀଶ୍ରୀ ମହାରାଜା ଦାମୋଦର ଭଜଂ ।"

ମହାରାଜା ଯଦୁନାଥ ଭଜଂ ଖ୍ରୀ: ୧୮୨୮-୧୮୬୩ ରାଜତ୍ୱ କରିଥିଲେ । ସେ ୧୨୫୫ ସାଲରେ ବା ଖ୍ରୀ: ୧୮୪୭-୪୮ରେ ଯାଜପୁର ଯାଇଥିଲେ ।

ଉପର ଲିଖିତ ବଂଶାବଳୀ ଭଞ୍ଜବଂଶାନୁଚରିତ ପୋଥିରେ ଲେଖା ଅନୁସାରେ ଠିକ୍ ମିଳି ଯାଉଛି । ଯାଜପୁରର ପଣ୍ଡାମାନେ ମଧ୍ୟ ଭଞ୍ଜ ରାଜାମାନଙ୍କ ବଂଶୀୟ ବିରୁଦାବଳି ଜାଣିଥିଲେ—'ମୟୂରଭଞ୍ଜମ୍ବର୍ ଜାତି' ଓ ବଶିଷ୍ଠ ଗୋତ୍ର ଗୁଡ଼ିକ ସେ ସମୟରେ ମଧ୍ୟ ପ୍ରଚଳିତ ଥିଲା ।

ଯାଜପୁର ଲେଖାରୁ ମୋର ଗୋଟିଏ ନୂଆ କଥା ମିଳିଲା—ତାହା 'ରାଜପୁତ' । ଓଡ଼ିଶାରେ ସ୍ୱାଧୀନ ରାଜାଙ୍କ ଅମଳରେ ଏ କଥାର ଉଲ୍ଲେଖ କୌଣସିଠାରେ ମିଳେନାହିଁ । ତାମ୍ରାପଟ୍ଟାଦିରେ ମଧ୍ୟ କ୍ଷତ୍ରିୟ ଶବ୍ଦର ବ୍ୟବହାର ଦେଖାଯାଏ ନାହିଁ—ରାଜାମାନେ ରାଜା ଥିଲେ । ବ୍ରାହ୍ମଣ-ମାନେ ତାଙ୍କୁ ମାନୁଥିଲେ । ତେବେ ଏ 'ରାଜପୁତ' କଥାର ତାତ୍ପର୍ଯ୍ୟ କଅଣ । ରାଜପୁତନା ଓ ମାଳବ ଅଞ୍ଚଳରେ 'ରାଜପୁତ' ଶବ୍ଦର ପ୍ରସିଦ୍ଧି ଥିଲା । ରାଜପୁତମାନେ ଠିକ ପ୍ରାଚୀନ କ୍ଷତ୍ରିୟ ବଂଶଜ ନଥିଲେ । ଓଡ଼ିଶାର ସ୍ୱାଧୀନତା ଲୋପ ପରେ ମୋଗଲ ଅଧିକାର ସମୟରେ ସର୍ବ ପ୍ରଥମ ଅମ୍ବର (ପରବର୍ତ୍ତୀ କାଳରେ ଜୟପୁର ର ଅଧିପତି ରାଜା ମାନସିଂହ ବଙ୍ଗଳା ଓ ଓଡ଼ିଶାର ସୁବାଦାର ନିଯୁକ୍ତ ହୋଇଥିଲେ ଓ ସେ ଖ୍ରୀ: ୧୫୯୨ ରେ ମୋଗଲ ସମ୍ରାଟ ଆକବରଙ୍କ ପକ୍ଷରୁ ଓଡ଼ିଶା ଅଧିକାର କରି ଓଡ଼ିଶାରେ ବନ୍ଦୋବସ୍ତ ଚଳାଇଥିଲେ, ସେ ସୂର୍ଯ୍ୟବଂଶୀ ରାଜପୁତ ଥିଲେ । ମୋର ମନେହୁଏ ସେହି ସମୟରୁ ଓଡ଼ିଶାରେ ସତ୍ରୀ ବା କ୍ଷତ୍ରିୟ ପରିବର୍ତ୍ତେ ରାଜପୁତ ଆଖ୍ୟା ପ୍ରଚଳିତ ହେଲା ଓ ଓଡ଼ିଶାର ରାଜାମାନେ ନିଜକୁ ରାଜପୁତ ବୋଲି ପରିଚିତ କରିବା ପାଇଁ ଉତ୍ସାହ ଦେଖାଇ ଥିଲେ । ଏହି କାରଣରୁ ଓଡ଼ିଶା ଗଡ଼ଜାତର ଅଧିକାଂଶ ରାଜବଂଶର କିମ୍ବଦନ୍ତୀରେ ଦେଖାଯାଏ ଯେ ସେମାନଙ୍କର ପୂର୍ବ ପୁରୁଷମାନେ ରାଜପୁତନାରୁ ଆସି ଓଡ଼ିଶା ରାଜାଙ୍କ ଝିଅଙ୍କୁ ବିବାହ କରି ଓଡ଼ିଶା-ରାଜାଙ୍କଠାରେ ମଣି ନେଇ ନିଜର ରାଜ୍ୟ ସ୍ଥାପନ କରିଥିଲେ । ସ୍ୱାଧୀନ ଓଡ଼ିଶାରେ ଓଡ଼ିଶାର କ୍ଷତ୍ରିୟ ରାଜାମାନଙ୍କର ଓଡ଼ିଶାର ବାହାରେ କୌଣସି ସମ୍ପର୍କ ନ ଥିଲା କହିଲେ ଚଳେ, ମୋଗଲ ରାଜତ୍ୱରେ ନିଜ ନିଜର ପ୍ରତିପତ୍ତି ବଢ଼ାଇବା ପାଇଁ ସେମାନେ ରାଜପୁତ ବୋଲି ପରିଚୟ ଦେଇ ନିଜକୁ ଯେ ଗୌରବାନ୍ୱିତ କରିଥିଲେ ତାହା ନୁହେଁ, ତା'ପରେ ସେମାନେ ଦିଲ୍ଲୀ

ଦରବାରରେ ମଧ୍ୟ ସମ୍ମାନ ପାଇବାର ଆଶା ରଖିଥିଲେ । କାରଣ ସେତେବେଳେ ଦିଲ୍ଲୀ ଦରବାରରେ ରାଜପୁତମାନଙ୍କର ଅତ୍ୟଧିକ ପ୍ରତିପତ୍ତି ଥିଲା ।

ମୟୂରଭଞ୍ଜ ରାଜବଂଶର କୁର୍ଷିନାମାରେ କୃଷ୍ଣଭଞ୍ଜ (ମୃତ୍ୟୁ ୧୭୬୦) ଓ ବିକ୍ରମ ଭଞ୍ଜ (୧୭୬୦-୧୭୮୮) ଙ୍କ ନପାଇ ତତ୍‌ସମ୍ପର୍କରେ ଐତିହାସିକ ଉପାଦାନ ସଂଗ୍ରହ ପାଇଁ ଓ ପ୍ରାଚୀନ ଭଞ୍ଜବଂଶ ସହିତ ଆଧୁନିକ ଭଞ୍ଜବଂଶ ଯେ ଏକ ଓ ଅଭିନ୍ନ ତାହାର ପ୍ରମାଣପାଇଁ ଯେଉଁସବୁ ଚେଷ୍ଟା କରିଥିଲା ତାହାର କେତେକ ଆଲୋଚନା ଏଠାରେ କରା ଯାଇଛି । ସର୍ବଶେଷରେ ଓଡ଼ିଶାର କବିସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ଲେଖା ଆଦୌ ଅବିଶ୍ୱାସ ଯୋଗ୍ୟ ନୁହେ । ସେ ଲାବଣ୍ୟବତୀରେ ଲେଖିଛନ୍ତି –

"ଯେ ବଂଶେ ଇଷ୍ଟ ଦୁର୍ଗାଦେବୀ ।<br>
ବରହୀ କୋଷରୁ ସମ୍ଭବୀ<br>
ବଶିଷ୍ଟ, ବଶିଷ୍ଠପାଳକା ।<br>
ଶ୍ରୀରାମେ ଦତ୍ତ ରାଜଟୀକା ।

ଏଥିରୁ ଜଣା ଯାଉଅଛି ଯେ ଉପେନ୍ଦ୍ର ଭଞ୍ଜ 'ମୟୂରାଣ୍ଡୋ-ଭବ' ଓ ବଶିଷ୍ଠମୁନି ପ୍ରତିପାଳିତ ବଂଶୀୟ କିମ୍ବଦନ୍ତୀକୁ ବିଶ୍ୱାସ କରିଥିଲେ । ମୟୂରଭଞ୍ଜର ଆଧୁନିକ କିମ୍ବଦନ୍ତୀ ଉପର ପ୍ରାଚୀନ କିମ୍ବଦନ୍ତୀକୁ ପୂର୍ବାପର ଉଡ଼ାଇ ଦେଇ କାଳ୍ପନିକ ବଂଶାବଳୀ ତିଆରି କରିଥିଲା ତାହା ଉପର ଲିଖିତ ଆଲୋଚନାରୁ ବେଶ୍ ଜଣା ଯାଉଛି ।

ନଗେନ୍ଦ୍ର ନାଥ ବସୁ ମୟୂରଭଞ୍ଜରେ କାର୍ଯ୍ୟ କରୁଥିବାବେଳେ ଅନେକ ସନନ୍ଦ ସଂଗ୍ରହ କରି ସେ ସବୁର ନକଲ ରଖିଥିଲେ । ସେଗୁଡ଼ିକ ଏବେ ବାରିପଦା ମିଉଜିଅମରେ ରଖା ଯାଇଛି । ସେହିସବୁ ସନନ୍ଦ ଗୁଡ଼ିକ ମଧ୍ୟରେ ତଳୋକ୍ତ ଏକ ସନନ୍ଦର ନକଲ ଅଛି ଯହିଁରେକି ସି ଏଲ ଫିଲିପ୍ ସାହେବଙ୍କର ଦସ୍ତଖତ ଅଛି । ଫିଲିପ ସାହେବ ୧୯୧୨-୧୫ ପର୍ଯ୍ୟନ୍ତ ରାଜ୍ୟର ସୁପରିଟେଣ୍ଡେଣ୍ଟ ଥିଲେ ।

"ଶ୍ରୀ ଶ୍ରୀ ରାଧାକୃଷ୍ଣ କୁଞ୍ଜରେ ବିଜେ ଶ୍ରୀ ଶ୍ରୀ ରସିକ ଶିରୋମଣି ଠାକୁର-ଠାକୁରାଣୀ ଜୀଉଙ୍କର ସେବାକୁ । ଅଧିକାରୀ ଶ୍ରୀ ବିଶ୍ୱାନନ୍ଦ ଗୋସାଇଙ୍କ ମୂଳେ ।

"ସ୍ୱସ୍ତି ସମସ୍ତ ପ୍ରଶସ୍ତି ସହିତେଷୁ । ଶ୍ରୀ ବଡ଼ାମ ଦେବଗଣ ଶ୍ରୀ ଅଯୋନି ସମ୍ଭୂତ, ଶ୍ରୀ ମୟୂରଡ଼ିମ୍ବରୁ ଜାତ, ଶ୍ରୀ ବଶିଷ୍ଠ ମହର୍ଷି ପ୍ରତି-ପାଳିତ, ଶ୍ରୀ ରାମଚନ୍ଦ୍ର ଦେବ ଟୀକା ସାରଣ, ଶ୍ରୀ ହେରମ୍ବ ଦେବତାଙ୍କର ବର ପ୍ରସାଦ; ଶ୍ରୀ ଅଠାଇଶ ସହସ୍ର ଖିଚିଙ୍ଗେଶ୍ୱର, ଶ୍ରୀ ଜଗନ୍ନାଥ ଶରଣ ଶ୍ରୀ ଖିଚିଙ୍ଗେଶ୍ୱରୀ ଦେବୀ ଚରଣେ ଶରଣ ଶ୍ରୀ ବ୍ରାହ୍ମଣଘାଟି ଶୁଭସ୍ଥାଧିପତି ଶ୍ରୀମତ୍ ଶ୍ରୀ ବୀର ବିକ୍ରମାଦିତ୍ୟ ଭଞ୍ଜଦେବ ମହାରାଜାଙ୍କ ସନ ୧୧୨୧ ସାଲ ବିଛୁଁ ଦି ୫ ନିର । ଦେଲୁଁ ଦେବ-ଉତ୍ତୁର ଗ୍ରେପ । ଏ ନିମନ୍ତେ ଗ୍ରେପ ଦେଲୁଁ ଶ୍ରୀ ଅପାଗୋସେଇଁ ଯେ ଏ କୁଞ୍ଜକର ଏ ଶ୍ରୀ ଶ୍ରୀ ଠାକୁରଜୀଉ ବିଜେ କରିଥିଲେ ଏଥିର ନିଯୋଗ ଭିଆଣ ସେବା ପରିଛା ଦୟାଳ ଦାସ ପୂଜାହରି ଓଗରପଞ୍ଚ ଜ ୫ ଣ ଖରୁଚ ହଣ୍ଡିଆଣ ମେଧ ବରଷକୁ ନଗଦ ପ୍ରତି ଛଅଣ ଏକଉନ ଟ ୬୫୧ଙ୍କା ଗନ୍ଧାଘର ଦେଶ କୃଷ୍ଣପ୍ରସାଦ ଯାଗାଥାଏ ମୂଳରୁ ଦିଆଗଲା । ଏ ଟଙ୍କା ଏଥିକି ଏହି ରୂପେ ଯାବଚ୍ଚନ୍ଦ୍ରାର୍କେ ଭୋଗ ହେଉଥିବ । ଯେ ଅନ୍ୟଥା କରିବ ଏ ଶ୍ଳୋକର ଫଳ ଭୋଗ କରିବ । ତଥାହିତ ଭାଗବତେ—ଶ୍ଳୋକ :

"ସ୍ୱଦତ୍ତାଂ ପରଦତ୍ତାଂ ବା ବ୍ରହ୍ମବୃତ୍ତୀ ହରେନ୍ତ୍ ଯଃ ।
ଷଷ୍ଟିବର୍ଷ ସହସ୍ରାଣି ବିଷ୍ଠାୟାଂ ଜାୟତେ କ୍ରିମି ।" ଇତି
ଶକାବ୍ଦ ୧୬୩୫ । ଶ୍ରୀ ରାଧାକୃଷ୍ଣ (ନାଗରାକ୍ଷର) ଦସ୍ତଖତ
ମୟୂରଚନ୍ଦ୍ର ମୋହର ।

ଏହି ସନନ୍ଦର ଲେଖା କପଟ ଭାବରେ ଆଉ ଗୋଟିଏ ସୂତ୍ରରୁ ସମର୍ଥିତ ହେଉଛି ତାହା ତଳେ ଦିଆଗଲା ।

କେଉଁଝରର ରାଜବଂଶରେ 'ଗଣ୍ଡାମୃତ'ନାମକ ଏକ ପୋଥି ଅଛି ଯହିଁରେ ଓଡ଼ିଶାର ବହୁ ରାଜାମାନଙ୍କ ପ୍ରତି କପଟ ବିରୁଦ ବ୍ୟବହୃତ

ହେଉଥିଲା, ତାହା ଲେଖା ଅଛି । କେଉଁଝର ରାଜାଂକ ବିରୁଦ ତହିଁରେ ତହିଁରେ ଯାହା ଲେଖା ଅଛି ତାହା ତଳେ ଉଦ୍ଧୃତ ହେଲା ।

"ସ୍ୱସ୍ତି ସମସ୍ତ ପ୍ରଶସ୍ତି ସମ୍ବିରେଷ୍ଟ, ଶ୍ରୀ ବଡ଼ାମ ଦେବଗଣ, ଶ୍ରୀ ଅଯୋନିସମ୍ଭୂତ, ଶ୍ରୀ ମୟୁରଡ଼ିମ୍ବରୁ ଜାତ, ଶ୍ରୀ ବଶିଷ୍ଠ ମହର୍ଷିପ୍ରତିପାଳିତ ଶ୍ରୀ ରାମଚନ୍ଦ୍ର ଟୀକାସାରଣ, ଶ୍ରୀ ହେରମ୍ବ ଦେବତାଙ୍କ ବରପ୍ରସାଦ, ଶ୍ରୀ ଚଉଦ ସହସ୍ର ରାଉତାଳ, ଶ୍ରୀ ଜୟଗୋପାଳ ଭକ୍ତ, ଶ୍ରୀ ହରିହର ଶରଣ, ଶ୍ରୀ କାଞ୍ଚକେଶ୍ୱରୀ ଦେବୀ ଚରଣେ ଶରଣ, ଶ୍ରୀ ତାରିଣୀ ଦେବୀ ଚରଣେ ଆରାଧନକ ଶ୍ରୀ କେଉଁଝର ଶୁଭସ୍ଥାନାଧିପତି ଶ୍ରୀ ମୟୁରଭଞ୍ଜ ମହାରାଜାଙ୍କୁ ଯେମନ୍ତ ବିଧି ।" ଇତ୍ୟାଦି ଭଞ୍ଜରାଜାମାନଙ୍କୁ ତାଳଚେର ରାଜବଂଶ କପରି ବିରୁଦ ଲେଖିଥିଲେ ତାହାର ନକଲ ତଳେ ଦିଆଗଲା ।

ତାଳଚେର ରାଜାମାନେ କେଉଁଝର ରାଜାମାନଙ୍କୁ ଚିଠି ଲେଖିବା ପାଇଁ ଯେଉଁ ସବୁ ବିରୁଦ ବ୍ୟବହାର କରୁଥିଲେ ତାହା ତଳେ ଉଦ୍ଧୃତ ହେଲା ।

"ସ୍ୱସ୍ତି ଶ୍ରୀ ସମସ୍ତ ପ୍ରଶସ୍ତ ସମ୍ବିରେଷ୍ଟ ଶ୍ରୀ ବଡ଼ମ୍ବ ଦେବଗଣ ଅଯୋନି-ସମ୍ଭୂତ ମୟୁର ଡ଼ିମ୍ବରୁ ଜାତ, ବଶିଷ୍ଠ ଋଷି ପ୍ରତିପାଳଣ ଶ୍ରୀ ରାମଚନ୍ଦ୍ର ଦେବ ଟୀକା ସାରଣ, ଶ୍ରୀ ହିରଣ୍ୟ ଦେବୀଙ୍କର ବରପ୍ରସାଦ, ଚୌଦ ସହସ୍ର ରାଉତାଳ, ଶ୍ରୀ ଜୟ ଗୋପାଳ ଭଗତ; ଶ୍ରୀ ହରିହର ଚରଣେ ଶରଣ, ଶ୍ରୀ କେନ୍ଦୁଝଡ଼ୀ ଶୁଭସ୍ଥାନ ଅଧିପତି ଶ୍ରୀମତ୍ ଶ୍ରୀ ଲକ୍ଷ୍ମୀନାରାୟଣ ଭଞ୍ଜ ଦେଓ ମହାରାଜାଙ୍କୁ...ଯେ ଯାହାର ବିଧି ଚିଠାଉ ।"*

ଏହି ସନନ୍ଦରେ ସାଲ ୧୧୬୧ ଓ ଶକାବ୍ଦ ୧୬୩୫ ଲିଖିତ ଥିବାରୁ ଓ ମହାରାଜାଙ୍କ ନାମ ଥିବାରୁ ଏହାର ସମୟ ନିରୂପଣ ସହଜରେ ହୁଏ । ଏଣୁ ଏହାର ସମୟ ଖ୍ରୀ: ୧୭୧୩ ଖ୍ରୀଷ୍ଟୀୟ ଅଷ୍ଟାଦଶ ଶତାବ୍ଦୀରେ ପ୍ରଦତ୍ତ ଏହି ସନନ୍ଦରେ ଏତେଗୁଡ଼ିଏ ବିରୁଦ ଲିଖିତ ଥିବାର ଦେଖାଯାଏ

---

* ଲକ୍ଷ୍ମୀନାରାୟଣ ଭଞ୍ଜ କେଉଁଝରର ରାଜା ଥିଲେ ସପ୍ତଦଶ ଶତାବ୍ଦୀରେ—ଏହାର ପ୍ରମାଣ ଫାର୍ସି ରେକର୍ଡ଼ରୁ ଜଣାଯାଏ ।

ଯେ ସେ ଗୁଡିକର ବ୍ୟବହାର ଓ ଅର୍ଥ ଏବେ ସମ୍ପୂର୍ଣ୍ଣ ରୂପେ ବୋଧଗମ୍ୟ ହୁଏ ନାହିଁ । ଯଥା ବନ୍ଦାମ ଦେବଗଣ, ଅଠାଇଶ ସହସ୍ର ଖିଚଙ୍ଗେଶ୍ୱର ଇତ୍ୟାଦି । ଏ ଦଶମ-ଏକାଦଶ ଶତାବ୍ଦୀର ତାମ୍ରପଟ୍ଟରେ ଥିବା ଦୁଇଟି ବିରୁଦ-ବଶିଷ୍ଟ ମୁଦ୍ରା ପ୍ରତିପାଳିତ ଓ ମୟୂରଣ୍ଡୋଦ୍ଭବ—ଏହି ସନନ୍ଦରେ ଲିଖିତ ଅଛି । ଏଣୁ ମନେ ହୁଏ ଯେ ଭଞ୍ଜରାଜବଂଶ ନିରବଚ୍ଛିନ୍ନ ଭାବରେ ତାହାର ବିରୁଦାବଳୀ ବିଂଶଶତାବ୍ଦୀ ପର୍ଯ୍ୟନ୍ତ ବ୍ୟବହାରକରି ଆସିଛି । ଯେ ପର୍ଯ୍ୟନ୍ତ କିମ୍ବଦନ୍ତୀ ସମସାମୟିକ କାଗଜପତ୍ରର ସମର୍ଥିତ ନ ହୁଏ, ତାହା କିମ୍ବଦନ୍ତୀ ଆକାରରେ ରହେ ତହିଁରୁ ଇତିହାସ ସଙ୍କଳିତ ହୋଇ ପାରେ ନାହିଁ । କିମ୍ବଦନ୍ତୀରୁ ଐତିହାସିକ ସତ୍ୟ ସଙ୍କଳନ କରିବା ଏକ ଦୁରୂହ ବ୍ୟାପାର । ସୌଭାଗ୍ୟର କଥା ଯେ ଭଞ୍ଜରାଜବଂଶର କିମ୍ବଦନ୍ତୀ ନାନା କ୍ଷେତ୍ରରେ ନିଜର ଅସ୍ତିତ୍ୱ ବଜାଏ ରଖି ସମସାମୟିକ ପ୍ରମାଣ ଦ୍ୱାରା ସମର୍ଥିତ ହେଉଥିବାରୁ ଆଜି ଭଞ୍ଜ ରାଜବଂଶର ଇତିହାସ ଏକ ଗୌରବୋଜ୍ଜ୍ୱଳ ଅଧ୍ୟାୟରେ ପରିଣତ ହୋଇଛି ।

ଭାରତୀୟ ବିଦ୍ୟାଭବନରୁ ପ୍ରକାଶିତ—ଭାରତୀୟ ମାନଙ୍କର ଇତିହାସ ଓ ସଂସ୍କୃତି—The History and Culture of the Indian people—In age of Imperial Kanauj Vol, IV ରେ ଡାକ୍ତର ରମେଶଚନ୍ଦ୍ର ମଜୁମ୍‌ଦାର ଖିଚିଙ୍ଗର ଭଞ୍ଜବଂଶ ଉପରେ ସଂକ୍ଷେପରେ ଏକ ପ୍ରବନ୍ଧ ଲେଖି ଅଛନ୍ତି ।

'According to the local tradition, recorded by Hunter, the Chiefs (of Khiching) ruled till 200 years ago over both Mayurbhanj and Keonjhar, the region where the Bhanjas of Khijjinga, ruled about a thousand years ago. It may be more than a thousand years if we regard Disabhanja of Sitabinjhi inscription as flourishing in the fourth century A. D,

"This stiking agreement in respect of the family name and tradition, the capital, and the extent of the kingdom leaves no doubt that the

modern ruling chiefs of Mayurbhanj are linked up with the old Bhanjas of Khijjinga, and makes it roughly probable that they from one continuous royal line which has ruled for more than a thousand years in an uninterrupted line of succession. Such a phenomenon is very rare in Indian history, and the case of Mayurbhanj may be regarded as almost unique.' (P. P. 76)

ମୁଁ ୧୯୨୪ରେ ପ୍ରତ୍ନତତ୍ତ୍ୱ ବିଭାଗର ଦାୟିତ୍ୱ ନେଲା ବେଳେ ୩ ଖଣ୍ଡି ତମ୍ବାପଟାର କଥା ଜଣାଥିଲା । ତତ୍ପରେ ବହୁ ବର୍ଷ ଅନୁସନ୍ଧାନ ଫଳରେ ଆହୁରି ଅନେକ ତମ୍ବାପଟା ହସ୍ତଗତ ହେଲା । ସେଥିରୁ କେତୋଟି ମଧ୍ୟ କେଉଁଝର ରାଜ୍ୟରୁ ମିଳିଥିଲା । ପରିଶେଷରେ ୧୯୫୧ରେ ଖିଚିଙ୍ଗର ଠାକୁରାଣୀ ହତାରୁ ଗୋଟିଏ ତମ୍ବାପଟା ମାଟି ଖୋଳୁ ଖୋଳୁ ମିଳିଲା । ଏହିସବୁ ତମ୍ବାପଟା ବିଭିନ୍ନ ପତ୍ରିକାରେ ମୁଦ୍ରିତ ହୋଇଛି । ତମ୍ବାପଟା ଗୁଡ଼ିକ ଆଲୋଚନା କରି ଉକ୍ତ ଦୀନେଶଚନ୍ଦ୍ର ସରକାର ନିମ୍ନଲିଖିତ ପ୍ରଶ୍ନାବଳୀ ଦେଇଅଛନ୍ତି ।

- ଗଣବଣ୍ଡ ବୀରଭଦ୍ର
  - କୋଟ୍ଟ ଭଞ୍ଜ ୧ମ
    - ଦିଗଭଞ୍ଜ ବା ଦୁର୍ଜ୍ଜୟଭଞ୍ଜ ଅପର ନାମ ବିଭ୍ରମତୁଙ୍ଗ ୧ମ
      - ନରେନ୍ଦ୍ରଭଞ୍ଜ ୧ମ
      - ରଣଭଞ୍ଜ
        - ରାଜଭଞ୍ଜ
        - ପୃଥ୍ୱୀଭଞ୍ଜ
          - • ନରେନ୍ଦ୍ର ଭଞ୍ଜ ୨ୟ
        - ମାହାନ ଭଞ୍ଜ ବା ମହନମହାଦେବା ଭଞ୍ଜ
        - ଶତ୍ରୁଭଞ୍ଜ(ବିଭ୍ରମତୁଙ୍ଗ ୨ୟ)
          - ରାଜପୁତ୍ର ନରେନ୍ଦ୍ର ଭଞ୍ଜ ୩ୟ
          - ଦୁର୍ଜ୍ଜୟଭଞ୍ଜ
            - ରାଜପୁତ୍ର କୋଟ୍ଟଭଞ୍ଜ ୨ୟ

ତମ୍ବାପଟ୍ଟାର ଭଞ୍ଜରାଜା ରଣଭଞ୍ଜଙ୍କ ପୂର୍ବରୁ କାହାରି ତମ୍ବାପଟ୍ଟା ମିଳନାହିଁ । ରଣଭଞ୍ଜଙ୍କ ତମ୍ବାପଟ୍ଟାରେ ଓ ପରବର୍ତ୍ତୀ ସବୁ ତମ୍ବାପଟ୍ଟାରେ ନିମ୍ନୋକ୍ତ ଶ୍ଳୋକଗୁଡ଼ିକ ଲିଖିତ ଅଛି । କେବଳ ଶତ୍ରୁ ଭଞ୍ଜଙ୍କ ତମ୍ବାପଟ୍ଟାରେ କେତେକ ବ୍ୟତିକ୍ରମ ଦେଖାଯାଏ ।

"ସିଦ୍ଧଂ, ସ୍ୱସ୍ତି, ସକଳ ଭୁବନୈକନାଥୋ ଭବଭଯ୍ୟଭିଦୁରୋଭବୋଭବାମାଣ:

ବିବିଧସମାଧିବିଧିଜ୍ଞ- ସର୍ବଜ୍ଞୋ ବଃ ଶିବାୟାସ୍ତୁ ।

ଆସୀତ୍ କୋଟ୍ଟାଶ୍ରମମହାତପୋବନାଧିଷ୍ଠାନେ ମୟୂରାଣ୍ଡଂ ଭିତ୍ୱା ଗଣବଣ୍ଡୋ ବୀରଭଦ୍ରାଖ୍ୟଃ ।"

ପ୍ରତିପକ୍ଷନିଧନଦକ୍ଷୋ ବଶିଷ୍ଠମୁନି ପ୍ରତିପାଲିତନୃପତିଃ ॥

ତସ୍ୟାଦ୍ଭଂଜବଂଶେ ତ୍ରିଭୁବନଦାବାନଳଃ ଖ୍ୟାତଃ ।

ସୁରଃ ଶୁଚିର୍ବିନୀତୋ ଜାତଃ ଶ୍ରୀ କୋଟ୍ଟଭଞ୍ଜାଖ୍ୟପୁତ୍ରଃ ॥

ତଦାନୁରୂପଶ୍ରେଷ୍ଠ ଶ୍ରୀମାନଖ୍ୟ ସାମନ୍ତ ।

ନୃପତି ଶତାଇିତଚରଣଃ ଶ୍ରୀ ରଣଭଂଜୋ ଜଗତ୍ପ୍ରଥିତଃ ॥

× × × ×

କ୍ଷି ଚ (କ୍ଷି) ଙ୍ଗ କୋଟ୍ଟବାସୀ ହରଚରଣା ଧନକ୍ଷୟିତ ପାପଃ । ଇତ୍ୟାଦି ।

ଏଠାରେ ମିଳୁଥିବା ବିରୁଦ—ହରଚରଣାରାଧନ କ୍ଷୟିତ ପାପରେ ବିଶେଷ ଅର୍ଥ ନିହିତ ଅଛି । ସେ ସମୟରେ ଶୈବମାନେ ନିଜକୁ 'ପରମ ମାହେଶ୍ୱର' ଓ ବୈଷ୍ଣବମାନେ ନିଜକୁ ପରମ ବୈଷ୍ଣବ' ବିରୁଦରେ ଭୂଷିତ କରୁଥିଲେ—କିନ୍ତୁ ରଣଭଞ୍ଜ ନିଜକୁ 'ହରଚରଣାରାଧନକ୍ଷୟିତ ପାପ' ବିରୁଦରେ କାହିଁକି ଭୂଷିତ କଲେ ।

ଖିଚିଙ୍ଗର ଧ୍ୱଂସ ସ୍ତୂପରେ ଗୋଟିଏ ହର ମୂର୍ତ୍ତି ଆବିଷ୍କୃତ ହୋଇଛି—ସେ ମୂର୍ତ୍ତିଟି ଖଣ୍ଡ ବିଖଣ୍ଡ ହୋଇଥିଲା । ତାହା ଏବେ ଯୋଡ଼ାଯୋଡ଼ି କରି ମିଉଜିୟମରେ ରଖା ଯାଇଛି । ହରମୂର୍ତ୍ତିର ଦୁଇ

ପାର୍ଶ୍ୱରେ ଦୁଇଟି ଅନୁଚର— ଚଣ୍ଡ—ପ୍ରଚଣ୍ଡ ମୂର୍ତ୍ତି ମଧ୍ୟ ସ୍ଥାପିତ ଥିଲା । ଏହି ତିନୋଟି ମୂର୍ତ୍ତି ଗୋଟିଏ ପାଦପୀଠ ଉପରେ ଠିଆ ହୋଇଥିଲେ । ଅନୁଚରଗଣ ସମାଯୁକ୍ତ ହରମୂର୍ତ୍ତିର ପୂଜା ଓଡ଼ିଶା କାହିଁକି ଭାରତରେ ମଧ୍ୟ ବିରଳ । ଏହି ହରମୂର୍ତ୍ତି ଲାଗି ମନ୍ଦିର ଗଠିତ ହୋଇଥିଲା । ଖିଚିଙ୍ଗରେ ଯେଉଁ ସବୁ ସୁନ୍ଦର ସୁନ୍ଦର ପଥର ପ୍ରତିମା ମିଳେ, ସେ ସବୁ ଏହି ମନ୍ଦିରର ଗାତ୍ର ଅଳଂକୃତ କରିଥିଲା । ମନ୍ଦିରଟି ପୁନନିର୍ମିତ ହେବା ଦ୍ୱାରା ଅନେକ ମୂର୍ତ୍ତି ମନ୍ଦିରରେ ଲାଗି ଯାଇଛି ଯଥା ସ୍ଥାନରେ । ଏଥିରୁ ପ୍ରମାଣିତ ହେଉଛି ଖିଚିଙ୍ଗର ପ୍ରତ୍ନତତ୍ତ୍ୱ ତମ୍ବାପଟାଗୁଡ଼ିକର ପ୍ରମାଣ ଦ୍ୱାରା ସମର୍ଥିତ ହେଉଛି ଖିଚିଙ୍ଗରୁ ପ୍ରଦତ୍ତ ତମ୍ବାପଟା ଗୁଡ଼ିକର ସମୟ ଖ୍ରୀ: ୧୦ମ ଶତାବ୍ଦୀର ଶେଷ ଭାଗ ବା ଏକାଦଶ ଶତାବ୍ଦୀର ଆଦ୍ୟ ଧରାଯାଇ ପାରେ ଯେଉଁ ସମୟରେ କି ଓଡ଼ିଶାରେ ସୋମକୁଳୀ ରାଜାମାନେ ରାଜତ୍ୱ କରୁଥିଲେ । ସୋମକୁଳୀ ରାଜାମାନଙ୍କ ସହିତ ଖିଚିଙ୍ଗର ଭଞ୍ଜରାଜାମାନଙ୍କର କି ସମ୍ପର୍କ ଥିଲା, ତାହା ଜାଣିବାର ଉପାୟ ନାହିଁ ।

ଭଞ୍ଜ ରାଜଧାନୀ ଖିଚିଙ୍ଗ କେବେ ପରିତ୍ୟକ୍ତ ହେଲା ତାହାର କିଛି ବିବରଣ ମିଳେନାହିଁ । 'ବଂଶାନୁଚରିତ'ର କିମ୍ବଦନ୍ତୀ ବିଶ୍ୱାସଯୋଗ୍ୟ ବୋଲି ମନେ ହୁଏ; କାରଣ ସେଥିରେ ଥିବା ବଂଶତାଲିକା ଯାଜପୁରରୁ ମିଳିଥିବା ବଂଶତାଲିକା ଦ୍ୱାରା ସମର୍ଥିତ ହୁଏ । 'ବଂଶାନୁଚରିତ'ର କିମ୍ବଦନ୍ତୀ ଅନୁସାରେ ଖିଚିଙ୍ଗର ରାଜା ବାଉଳୀ ଭଂଜଙ୍କ ଦୁଇରାଣୀ ଥିଲେ । ସାନ ରାଣୀଙ୍କ ପୁଅ ବିଶ୍ୱନାଥ ଭଂଜ ଆଗ ଜନ୍ମ ହେଲେ ଓ ବଡ଼ରାଣୀଙ୍କ ପୁଅ ଜଗନ୍ନାଥ ଭଞ୍ଜ ତା ପରେ, ଏକା ଦିନେ ଜନ୍ମ ହେଲେ । ଦୁଇଭାଇଙ୍କ ମଧ୍ୟରେ କିଏ ଟିକାୟତ ହେବ ଗୋଳମାଳ ହେଲା । ରାଜା ବଡ଼ରାଣୀ ଓ ତାଙ୍କ ପୁଅକୁ ସାଙ୍ଗରେ ଧରି ପୁରୀ ଚାଲିଗଲେ ସାନରାଣୀଙ୍କ ପୁଅ ହାତରେ ରାଜ୍ୟଭାର ଦେଇ । ସେତେବେଳେ ଆଧୁନିକ ମୟୂରଭଂଜରେ ପୂର୍ବାଞ୍ଚଳ ଭଂଜରାଜ୍ୟ ଭୁକ୍ତ ନଥିଲା । ଜଗନ୍ନାଥ ଭଞ୍ଜ ଓଡ଼ିଶା ରାଜାଙ୍କ କନ୍ୟାଙ୍କୁ ବିବାହ କରି ବାରିପଦା ଦଣ୍ଡପାଟ ଯୌତୁକ ପାଇଲେ ଓ ବାରିପଦା ଆସି ସେଠାରେ ରାଜଧାନୀ ସ୍ଥାପନ କଲେ । ଫଳରେ ଖିଚିଙ୍ଗର ବିଶ୍ୱନାଥ ଭଞ୍ଜ ବଡ଼ କୁମର (ବଡ଼କୁଅଁର) ହୋଇ ରହିଲେ । ଅଦ୍ୟାପି ଖିଚିଙ୍ଗନିକଟବର୍ତ୍ତୀ ରଡ଼ୁଆଁରେ ବଡ଼ କୁଅଁରବଂଶ ରହି ଅଛନ୍ତି ।

ବୈଦ୍ୟନାଥ ଭଞ୍ଜ ଜଗନ୍ନାଥ ଭଞ୍ଜଙ୍କର ନାତି ଥିଲେ ବୈଦ୍ୟନାଥ ଭଞ୍ଜ ଖ୍ରୀ: ୧୬୩୦ ପୂର୍ବରୁ ଦେହତ୍ୟାଗ କରିଥିଲେ । ବାରିପଦାରେ ଜଗନ୍ନାଥ ମନ୍ଦିରର ଲିପି ଅନୁସାରେ ସେ ଖ୍ରୀ: ୧୫୭୫ରେ ମନ୍ଦିର ଗଡ଼ାଇ-ଥିଲେ । ଏଣୁ ବୈଦ୍ୟନାଥ ଭଞ୍ଜ ଦୀର୍ଘକାଳ ରାଜତ୍ୱ କରିଥିଲେ । ତାଙ୍କର ରାଜତ୍ୱକାଳ ଖ୍ରୀ: ୧୫୭୦ରେ ଆରମ୍ଭ ହୋଇ ଥିବାର ଧରିଗଲେ ତାଙ୍କ ପିତା ନୀଳକଣ୍ଠ ଭଞ୍ଜଙ୍କୁ ୩୦।୩୫ରେ ରାଜତ୍ୱ କରିଥିବାର ଧରିଗଲେ ଜଗନ୍ନାଥ ଭଞ୍ଜଙ୍କ ମୃତ୍ୟୁ କାଳ ଖ୍ରୀ: ୧୫୨୫।୩୦ ଧରିଯାଇ ପାରେ । ଏହାଦ୍ୱାରା ଜଗନ୍ନାଥ ଭଞ୍ଜଙ୍କୁ ପ୍ରତାପରୁଦ୍ର ଦେବଙ୍କ ସମସାମୟିକ ଧରିଯାଇ ପାରେ । ଏହି ଗଣନା ସ୍ୱୀକାର କଲେ ମୟୂରଭଞ୍ଜର ଦ୍ୱିତୀୟ ରାଜଧାନୀ ବାରିପଦାରେ ଖ୍ରୀଷ୍ଟୀୟ ଷୋଡ଼ଶ ଶତାବ୍ଦୀର ପ୍ରଥମ ପାଦରେ ସ୍ଥାପିତ ହୋଇ ଥିବାର ସମ୍ଭାବନା । ଜଗନ୍ନାଥ ଭଞ୍ଜ ୮ ପୁରୁଷ ପୂର୍ବବର୍ତ୍ତୀ ରାଜାମାନଙ୍କର ନାମ ବଂଶାନୁଚରିତରେ ଅଛି; କିନ୍ତୁ ତାହା ସବୁ ସମସାମୟିକ ପ୍ରମାଣ ଅଭାବରୁ ସ୍ୱୀକାର ଯୋଗ୍ୟ ନୁହେଁ । ଏଣୁ ତମ୍ରାପଟ୍ଟର ଶେଷ ରାଜା ଓ ଜଗନ୍ନାଥ ଭଞ୍ଜ ପର୍ଯ୍ୟନ୍ତ ସମୟ ମଧ୍ୟରେ କେଉଁ ଭଂଜ ରାଜାମାନେ ରାଜତ୍ୱ କରିଥିଲେ ତାହାର କିଛି ପ୍ରମାଣ ନଥିଲେ ମଧ୍ୟ ରାଜବଂଶର ଅସ୍ତିତ୍ୱ ରହିଥିଲା । ଜଗନ୍ନାଥ ଭଂଜଙ୍କ ଠାରୁ ଆଜି ପର୍ଯ୍ୟନ୍ତ ମୟୂରଭଂଜର ରାଜାମାନଙ୍କର ନାମ ତଳେ ଉଦ୍ଧୃତ ହେଲା ।

ମହାରାଜା—ଜଗନ୍ନାଥଭଞ୍ଜ (ଆନୁମାନିକ ଖ୍ରୀ: ୧୫୧୫।୨୦ରୁ ୧୫୪୦)
|
" ନୀଳକଣ୍ଠ ଭଞ୍ଜ ( " ୧୫_୦-୧୫୭୫)
|
" ବୈଦ୍ୟନାଥ ଭଞ୍ଜ (୧୫୭୫-୧୬୨୭ ଖ୍ରୀ:)
|
" ହରିହର ଭଞ୍ଜ (ହରିହରପୁରଗଡ଼ର ସ୍ଥାପିୟିତା)
|
" କୃଷ୍ଣଭଞ୍ଜ (୧୬୭୦ରେ ମୃତ୍ୟୁ)

" ତ୍ରିବିକ୍ରମ ଭଞ୍ଜ (ଖ୍ରୀ: ୧୬୬୦-୧୬୮୮)

ମହାରାଜା ସର୍ବେଶ୍ୱରଭଞ୍ଜ (୧୬୮୮-୧୭୧୧

" ବୀରବିକ୍ରମଦେଓ ଭଞ୍ଜ (୧୭୧୧-୧୭୨୮

" ରଘୁନାଥ ଭଞ୍ଜ ୧୭୨୮-୧୭୫୦)

ବଲ୍ଲପେଶ୍ୱରଭଞ୍ଜ

ମହାରାଜା ଚକ୍ରଧରଭଞ୍ଜ
(୧୭୫୦-୧୭୬୧)

ମହାରାଜା ଦାମୋଦରଭଞ୍ଜ
(୧୭୬୧-୧୭୯୬)

ମହାରାଜେଶ୍ୱରୀ ସୁମିତ୍ରା ଦେବୀଭଞ୍ଜ
(୧୭୯୬-୧୮୧୨)

ମହାରାଜା ତ୍ରିବିକ୍ରମଭଞ୍ଜ
(କେଉଁଝରରୁପୋଷ୍ୟପୁତ୍ର ୧୮୧୨-୧୮୨୮)

ମହାରାଜା ଯଦୁନାଥ ଭଞ୍ଜ
(୧୮୨୮-୧୮୬୩)

ମହାରାଜା ଶ୍ରୀ ନାଥ ଭଞ୍ଜ
(୧୮୬୩-୧୮୬୮)

ମହାରାଜା କୃଷ୍ଣଚନ୍ଦ୍ର ଭଞ୍ଜ
(୧୮୬୮-୧୮୮୨)

ମହାରାଜା ଶ୍ରୀ ରାମଚନ୍ଦ୍ରଭଞ୍ଜ
(୧୮୮୨-୧୯୧୨)

ମହାରାଜା ପୂର୍ଣ୍ଣଚନ୍ଦ୍ର ଭଞ୍ଜ
(୧୯୧୨-୧୯୨୮)

ମହାରାଜା ପ୍ରତାପଚନ୍ଦ୍ରଭଞ୍ଜ
(୧୯୨୮- )

## ମୟୂରଭଞ୍ଜର ରାଜଚିହ୍ନ ବା ସନ୍ତକ

ଖିଚିଂକୋଟରୁ ପ୍ରଦତ୍ତ ତମ୍ବାପଟା ଗୁଡ଼ିକରେ ଯେଉଁ ମୁଦ୍ରା ଅଛି ତହିଁରେ 'ବୃଷଭ' ଅଙ୍କିତ ଅଛି । ଖ୍ରୀ: ୧୭ଶ ଶତାବ୍ଦୀରେ ପ୍ରଦତ୍ତ ରାଜାଙ୍କ ସନନ୍ଦଗୁଡ଼ିକରେ ଡାଳିଆ ମୟୂର ଅଙ୍କିତ ଅଛି । ରାଜବଂଶରେ ଏହି ମୁଦ୍ରା ପରିବର୍ତ୍ତିତ ହେବାର କାରଣ କ'ଣ ?

ବଣାଇ ରାଜ୍ୟରୁ ଉଦୟ ବରାହଙ୍କର ଏକ ତମ୍ବାପଟା ମିଳିଅଛି ଯାହାର ସମୟ ଭଞ୍ଜ ତମ୍ବାପଟା ଗୁଡ଼ିକର ସମୟ ସହିତ ସମାନ । ଏହି ତମ୍ବାପଟାର ମୁଦ୍ରାଟିରେ 'ମୟୂର' ଅଙ୍କିତ ଅଛି ।

ପ୍ରାଚୀନ ଭଞ୍ଜମାନେ 'ବୃଷଧ୍ୱଜ' ଓ 'ବରାହ'ମାନେ 'ମୟୂରଧ୍ୱଜ' ଥିଲେ । ମୟୂରଭଞ୍ଜର କିମ୍ବଦନ୍ତୀରେ ଅଛି ଯେ ଭଞ୍ଜରାଜା 'ମୟୂରଧ୍ୱଜ' ନାମକ ରାଜାଙ୍କୁ ଜିଣି ତାଙ୍କ ରାଜ୍ୟ ଅଧିକାର କଲେ ଓ ମୃତ ରାଜାଙ୍କ ଅନୁରୋଧ କ୍ରମେ ଭଞ୍ଜରାଜା 'ମୟୂର' ସନ୍ତକ ବ୍ୟବହାର କଲେ ଖିଚିଙ୍ଗର ଏକ ଶିଳାଲିପିରୁ ଧରଣୀ ବରାହଙ୍କର ନାମ ମିଳେ । ଏଣୁ ମୟୂର ଭଞ୍ଜରେ ବରାହବଂଶ ଥିଲେ ଯେଉଁମାନଙ୍କର ସନ୍ତକ 'ମୟୂର' ଥିଲା ଓ ଭଞ୍ଜରାଜାମାନେ ବରାହ ରାଜ୍ୟ ଅଧିକାର କରିବା ପରେ ନିଜର ମୁଦ୍ରା ବୃଷଭ ବଦଳାଇ 'ମୟୂର' ମୁଦ୍ରା ବ୍ୟବହାର କରିଥିଲେ ।

## ମୟୂର-ଭଞ୍ଜର ନାମ

ତମ୍ବାପଟାଗୁଡିକରୁ ରାଜ୍ୟର ନାମ ମିଳେ ନାହିଁ । ରାଜଧାନୀର ନାମ ଖିଚିଂକୋଟ ଥିଲା ଯହିଁର ରାଜାଙ୍କର ଉପାଧି ଭଞ୍ଜ ଥିଲା ଓ ରାଜ୍ୟର ନାମ ବୋଧହୁଏ 'ଭଞ୍ଜଭୂମି' ଥିଲା । ମୟୂରଭଞ୍ଜର ରାଜଧାନୀ ଖିଚିଙ୍ଗରୁ ପୂର୍ବ ମୟୂରଭଞ୍ଜରେ ଅବସ୍ଥିତ ବାରିପଦାକୁ ସ୍ଥାନାନ୍ତରିତ ହେଲା ବେଳେ ଭଞ୍ଜମାନେ ମୟୂରବଂଶ ସହିତ ସଂଘର୍ଷରେ ଆସିଥିଲେ ଓ ମୟୂର-

ବଂଶ ପରାଜିତ ହୋଇଥିଲା । ଏଣୁ ମନେ ହୁଏ ଯେ ଏହି ଦୁଇ ରାଜ୍ୟର ସମ୍ମିଶ୍ରଣରେ ମୟୂରଭଞ୍ଜ ନାମ ସୃଷ୍ଟି ହେଲା ।

ହଣ୍ଟର ସାହେବଙ୍କ ମତରେ ତମଲୁକର ରାଜାମାନଙ୍କର ପତାକାରେ ମୟୂର ଅଙ୍କିତ ଥିବାରୁ ସେମାନେ ମୟୂରଧ୍ୱଜ ବୋଲାଉଥିଲେ । ବୋଧହୁଏ ଭଞ୍ଜରାଜାମାନେ ଏହି ମୟୂରଧ୍ୱଜ ରାଜାମାନଙ୍କୁ ପରାଜିତ କରି ରାଜ୍ୟର ସୀମା ତମଲୁକ ପର୍ଯ୍ୟନ୍ତ ବଢ଼ାଇ ଥିଲେ । ଯାହାହେଉ ବାରିପଦାରେ ରାଜଧାନୀ ସ୍ଥାପିତ ହେବା ପରେ ରାଜ୍ୟର ନାମ ମୟୂରଭଞ୍ଜ ବୋଲି କଥିତ ହେଲା ।

---

# କଟକର 'ମାଣିଖଣ୍ଡି ଶ୍ରୀନଗର'

ପ୍ରାଚୀ ପ୍ରକାଶିତ ମାଦଳାପାଞ୍ଜିର ୨୭ ପୃଷ୍ଠାରେ ଲିଖିତ ଅଛି ଅନଙ୍ଗଭୀମ ଦେବ—"ଏ ରାଜାନଗର ଚଉଦ୍ୱାରେ କଟକେ ବିଜେ-କରିଥାନ୍ତି । ଏମନ୍ତରେ ଏକ ଦିନରେ ରଜାଏ ବିଜେ କରି ଆସି ମହାନଦୀ ପାରହୋଇ ଏ ନଦୀର ଦକ୍ଷିଣ ଆଡ଼ରେ ଦେଖିଲେ । କୋଦଣ୍ଡା ଦଣ୍ଡପାଟର ବାରବାଟି ଗ୍ରାମରେ ବିଶ୍ୱେଶ୍ୱରଙ୍କ ସନ୍ନିଧେ ଶାମଳ ପକ୍ଷିକି ବଗ ମାଡ଼ି ବସିଅଛି । ଏହା ଦେଖି ରାଜାଏ ବଡ଼ ଆଶ୍ଚର୍ଯ୍ୟ ପାଇ ଶୁଭଯୋଗ ଦିନରେ ଏ ବାରବାଟି ଗ୍ରାମରେ ଖୁଣ୍ଟି ଦେଇ ନଅର ତୋଳାଇ କଟକ କରି ଏ କଟକ ନାମ ବାଣରାଶୀ (ବାରାଣସୀ) କଟକ ବୋଲି ନାମ ଦେଇ ନଗର ଚଉଦ୍ୱାର ଛାଡ଼ି ଆସି କଟକ କରି ରହିଲେ" । ଏହି ଉଦ୍ଧୃତାଂଶରୁ ଜଣା ଯାଉଅଛି ଯେ ବାରବାଟି ଗ୍ରାମରେ ଅନଙ୍ଗଭୀମଦେବ ଏକ ନୂତନ ନଅର ତୋଳାଇଲେ ଓ ସ୍ଥାନର ନାମ 'ବାରାଣାସୀ କଟକ' ରଖିଲେ । ଏଥିରୁ ଜଣାଯାଉ ନାହିଁ ଯେ ଅନଙ୍ଗଭୀମଦେବ ବାରବାଟି ନଅର ଗଢ଼ିଥିଲେ । ସେ ନଅର ଗଢ଼ିଥିଲେ— ବାରବାଟି ଗ୍ରାମରେ, ଯାହାର ନାମ ସେ ରଖିଥିଲେ ବାରଣସୀ କଟକ । ମାଦଳାପାଞ୍ଜିରେ ଅନ୍ୟ କୌଣସିଠାରେ ବାରବାଟି ନଅର ବା ଦୁର୍ଗର କଥା ଲେଖାଥିବାର ଦେଖାଯାଏ ନାହିଁ । ଷ୍ଟାର୍ଲିଂ ସାହେବଙ୍କ ଖ୍ରୀ: ୧୮୨୨ର ବହିରେ **"Fortress of Barabati'** ଓ ୭୧ ପୃଷ୍ଠାରେ ଲେଖାଅଛି **"Fort Barabati' (Vide Bengal Secretariat edition of 1904)** ଏହା ଉପରେ ନିର୍ଭର କରି ବୋଧହୁଏ କବିବର ରାଧାନାଥ ରାୟ ଲେଖିଛନ୍ତି —

"ଐତିହାସିକ ଏ ଦୁର୍ଗ ବାରବାଟି"

ଏଥିରୁ ଜଣା ଯାଉଅଛି ଯେ, ଅନଙ୍ଗଭୀମଙ୍କ ନିର୍ମିତ ନଅର ନାମ ପରେ ବାରବାଟି ଦୁର୍ଗ ବୋଲି ପରିଚିତ ହୋଇଅଛି । ଖ୍ରୀ: ୧୭୬୭ରେ ମଟ୍ ସାହେବଙ୍କ ବିବରଣୀରେ ବାରବାଟି ଦୁର୍ଗ ଲିଖିତ ଅଛି । ତତ୍ପୂର୍ବରୁ କୌଣସି ଲେଖାରୁ ବାରବାଟି ଦୁର୍ଗର ନାମ ମିଳୁନାହିଁ । ଏପରିକି ବାରବାଟି ଦୁର୍ଗର ନବତଲ ପ୍ରାସାଦ ସମ୍ବନ୍ଧରେ ମାଦଳା ପାଞ୍ଜି ମଧ୍ୟ ନୀରବ । ନବତଲ ପ୍ରାସାଦ କେବଳ ଆଇନ-ଇ-ଆକବରୀ ଗ୍ରନ୍ଥରେ ଲିଖିତ ଅଛି । ଯାହା ମାଦଳାପାଞ୍ଜିରେ ନାହିଁ, ତାହା କିପରି ଆଇନ ଇ-ଆକବରୀରେ ସ୍ଥାନ ପାଇଲା ? ଏହାର ବୃତ୍ତାନ୍ତ ନିଷ୍ପତ୍ତି ବର୍ତ୍ତମାନ କରିବା କାଠିକର ପାଠ । ଷ୍ଟାର୍ଲିଂ ସାହେବ ମଧ୍ୟ ନବତଲ ପ୍ରାସାଦ ସମ୍ପର୍କରେ କିଛି ଲେଖି ନାହାନ୍ତି । ଏପରି ଅବସ୍ଥାରେ ନବତଲପ୍ରାସାଦ ଏକ କାଳ୍ପନିକ ବସ୍ତୁରୂପେ ଆଇନ-ଇ-ଆକବରୀରେ ବର୍ଣ୍ଣିତ ହୋଇଥିଲା ପରି ମନେହୁଏ ।

ଗୋବିନ୍ଦବିଦ୍ୟାଧରଙ୍କ ରାଜତ୍ୱକାଳରେ ରଘୁଭଞ୍ଜ ଛୋଟରାୟ ଓ ବାଲୁଙ୍କି ଶ୍ରୀଚନ୍ଦନ ମହାପାତ୍ର ରାଜାଙ୍କ ବିରୁଦ୍ଧରେ ବିଦ୍ରୋହୀ ହୋଇ ରାଜାଙ୍କ ଅନୁପସ୍ଥିତିରେ "କଟକେ ଶ୍ରୀନବର ଆବୋରି ରହିଲେ । ମୁକୁନ୍ଦ ଶ୍ରୀ ଚନ୍ଦନ ଯେ କଟକ ଜଗିଆ ହୋଇଥିଲେ ସେ ମାଣିଖଣ୍ଡି ଶ୍ରୀନବର ଆବୋରି ରହିଲେ ।" ଏହି ଲେଖାରୁ ମନେ ହେଉଅଛି ଯେ କଟକର ଶ୍ରୀନବର ରଘୁଭଞ୍ଜ ଓ ବାଲୁଙ୍କି ଶ୍ରୀ ଚନ୍ଦନଙ୍କ ଦ୍ୱାରା ଅଧିକୃତ ହେଲେ ମଧ୍ୟ ମାଣିଖଣ୍ଡି ଶ୍ରୀନବର ଗୋବିନ୍ଦ ବିଦ୍ୟାଧରଙ୍କ କର୍ମଚାରୀ ମୁକୁନ୍ଦ ଶ୍ରୀ ଚନ୍ଦନଙ୍କ କରଗତ ଥିଲା । ଏଠାରେ ମାଦଳାପାଞ୍ଜିରେ କଟକରେ ଗୋଟିଏ 'ଶ୍ରୀନଗର' ଓ ଅନ୍ୟଟି 'ମାଣିଖଣ୍ଡି ଶ୍ରୀନଗର' ଥିବାର ଉଲ୍ଲେଖ ଅଛି । ମାଦଳାପାଞ୍ଜି ୪୭ ପୃଷ୍ଠାର ବର୍ଣ୍ଣନାରୁ ଜଣାଯାଏ ଯେ ପୁରୁଷୋତ୍ତମ ଦେବ 'ଶ୍ରୀନବର ଭିତରେ' କବାଟ ମାରି ରହିଲେ । ଏଣୁ ସେତେବେଳେ କଟକରେ ଶ୍ରୀନବର ଓ ମାଣିଖଣ୍ଡି ଶ୍ରୀନବର ଦୁଇଟି ସ୍ୱତନ୍ତ୍ର ରାଜପ୍ରାସାଦ ଥିଲା । ଏ ଗୋଳମାଳ ଖ୍ରୀ: ୧୫୪୦ ପୂର୍ବରୁ ହୋଇଥିଲା ବୋଲି ମନେ

ହୁଏ । ଏହାପରେ ମାଦଳାପାଞ୍ଜିରେ ଆଉ ମାଣିଖଣ୍ଡିର ନାମ ମିଳେ ନାହିଁ । ମାତ୍ର ମିଳେ ମାଗ୍ରିକତ-ଇ-ହାସାନ ନାମକ ଫାରସି ଗ୍ରନ୍ଥରୁ ଯାହାର ଲେଖକ ହାସାନ,ଯେ କି ଖ୍ରୀ: ୧୬୬୦ରୁ ୧୬୬୫ ପର୍ଯ୍ୟନ୍ତ ଓଡ଼ିଶା ନବାବଙ୍କର ଦେଓ୍ୟାନ ଥିଲେ । ସେ ଗ୍ରନ୍ଥରେ ଯାହା ଲେଖା ଅଛି ତାହାର ଇଂରାଜୀ ଅନୁବାଦ ନିମ୍ନୋକ୍ତମତେ ସାର ଯଦୁନାଥ ସରକାର ଯେ କି ଆଉ ଇହଲୋକରେ ନାହାନ୍ତି-- ଦେଇଅଛନ୍ତି:—

"During the administration of Mahammad Hayat the agent of ShuJa, a pretenber Gangadhar appeared and created a dssturbance. He was slain by a confederacy of the zamindars near Katak After Khan i-Duran,s arrival in the province, another man claiming to the srme (Rajah) appeared in Talmal ·(in south Orissa) Mahammad Jan. the fowzdar of that district arrested himaud sent him to me. and he is still confined in the fort of Mankhandi at Katak

Vide Studies in Mughal India by Sri J. N. Sarkar. p. 211.

କଟକରେ ଥିବା ସ୍ୱାଧୀନ ଓଡ଼ିଶାର 'ମାଣିଖଣ୍ଡି' ଓ ମୋଗଲ ଓଡ଼ିଶାର ମାନଖଣ୍ଡି ଯେ ଏକ-ଏଥିରେ କାହାର ସନ୍ଦେହ ରହିବ ନପାରେ ।

ଏ ନଅର କଟକର କେଉଁ ସ୍ଥାନରେ ଥିଲା ତାହା ସ୍ଥିରୀକୃତ ହୋଇ ନାହିଁ । ବର୍ତ୍ତମାନ ଆଉ ଗୋଟିଏ ପ୍ରଶ୍ନ ଉଠୁଛି ଖ୍ରୀ: ୧୬୩୩ରେ ଯେଉଁ **Bruton** ସାହେବ କଟକ ଆସିଥିଲେ ଓ ସେ ଯେଉଁ **Stately court of Malcandy** ଲେଖିଥିଲେ ତାହା କଟକର କେଉଁ ନଅର ? କଟକର ଲୋକମାନେ ସାଧାରଣତଃ 'ନ' ସ୍ଥାନରେ 'ଲ'ର ଉଚ୍ଚାରଣ କରିଥାଆନ୍ତି । ବ୍ରୁଟନ ସାହେବ ଯାହା ପାଖରୁ ଏ ନାମ ଶୁଣିଥିଲେ ସେ

ବୋଧହୁଏ, 'ଲନ୍ଦରେ ଲ୍ୱାଆ' କହିଲା ପରି ମାଣିଖଣ୍ଡି ସ୍ଥାନରେ ମାଲଖଣ୍ଡି କହିବାରୁ ସେ ଇଂରାଜୀରେ **Malcandy** ଲେଖିଅଛନ୍ତି । ମାଣିଖଣ୍ଡି ଶ୍ରୀନଗର ଯେ ସୁଦୂର ଓ ସୁଦୃଢ଼ ଥିଲା ତାହା ମୁକୁନ୍ଦଦେବଙ୍କର ଆଶ୍ରୟ ନେବାରୁ ଜଣାଯାଉ ଅଛି । ଏହି **Malcandy**କୁ କେହି କେହି ରାଜା ମୁକୁନ୍ଦଦେବ ବୋଲି ଗ୍ରହଣ କରି ଅଛନ୍ତି । କେତେକ ବର୍ଷ ପୂର୍ବେ ଅବସରପ୍ରାପ୍ତ ଇତିହାସ ପ୍ରଫେସର ଶ୍ରୀ ଘନଶ୍ୟାମ ଦାସ ମହୋଦୟ **Malcandy**ର ତତ୍କାଳୀନ ଲିପିତତ୍ତ୍ୱ ଅନୁସାରେ 'ମହାନଦୀ' ବୋଲି ପ୍ରବନ୍ଧାଦିରେ ଲେଖିଥିଲେ । "ଓଡ଼ିଶା ଐତିହାସିକ ଚର୍ଚ୍ଚା ଜର୍ନଲ୍"ରେ ଶ୍ରୀ ସୁଶୀଲଚନ୍ଦ୍ର ଦେ ସୂଚନା ଦେଇ ଅଛନ୍ତି ଯେ ବାରବାଟିର ଏକାଂଶ ଯେଉଁଠାରେ ରାଜା ମାନସିଂହ ରହୁଥିଲେ ତାର ନାମ ମାନଖଣ୍ଡି ବା ମାଲଖଣ୍ଡି । ମାତ୍ର ମୋର ମନେ ହେଉଅଛି ଯେ **Malcandy** ଓ **Mankhandi** ସବୁ ଗୁଡ଼ିକ 'ମାଣିଖଣ୍ଡି'ର ରୂପାନ୍ତର । ଦୁଃଖର କଥା ଯେ ଏହି ଦୁର୍ଗ କଟକ ସହରରେ କେଉଁ ସ୍ଥାନରେ ଥିଲା, ତାହା ସ୍ଥିରୀକୃତ ହୋଇ ନାହିଁ । ଏହା ବାରବାଟି ଦୁର୍ଗଠାରୁ ସ୍ୱତନ୍ତ୍ର ଥିଲା କି ?

# ଜଗନ୍ନାଥ ମନ୍ଦିରର ନିର୍ମାତା କିଏ ?

ଷ୍ଟାର୍ଲିଂ, ରାଜେନ୍ଦ୍ରଲାଲ ମିତ୍ର, ହାଣ୍ଟର ଓ ପ୍ୟାରୀମୋହନଙ୍କ ଇତିହାସରୁ ଜଣାଯାଏ ଯେ ଜଗନ୍ନାଥ ମନ୍ଦିର ନିର୍ମାତା ଅନଙ୍ଗଭୀମ ଦେବ। ଏ ଐତିହାସିକମାନେ ମାଦଳାପାଞ୍ଜିର ବିବରଣ ଉପରେ ନିର୍ଭର କରି ଏହି ସିଦ୍ଧାନ୍ତରେ ଉପନୀତ ହୋଇଥିଲେ। ମାଦଳାପାଞ୍ଜି ଏକ କିମ୍ବଦନ୍ତୀ ମୂଳକ ଓଡ଼ିଶାର ଉପାଖ୍ୟାନ। ଏଥିରେ ଲିଖିତ ଥିବା ସବୁକଥା ଯେ ଐତିହାସିକ ପ୍ରମାଣ ଦ୍ୱାରା ସମର୍ଥିତ ହୁଏ ଏହା ନୁହେଁ। ଯାହା ହେଉ ଊନବିଂଶ ଶତାବ୍ଦୀର ଐତିହାସିକମାନେ—ଷ୍ଟାର୍ଲିଂ, ହଣ୍ଟର ରାଜେନ୍ଦ୍ରଲାଲ ମିତ୍ର ଓ ପିଆରୀମୋହନ—ଓଡ଼ିଶାର ଇତିହାସ ଲେଖିବା ପାଇଁ ମାଦଳା-ପାଞ୍ଜି ଉପରେ ସଂପୂର୍ଣ୍ଣ ନିର୍ଭର କରିଥିଲେ।

୧୮୯୫ରେ ମନମୋହନ ଚକ୍ରବର୍ତ୍ତୀ ପୁରୀରୁ ମିଳିଥିବା ଗଙ୍ଗନୃପତି ନରସିଂହ ଦେବଙ୍କର ତମ୍ବାପଟ୍ଟା ଦୁଇଟି ପାଠକରି ଥିଲେ। ତତ୍ପରେ ସେ ୧୯୦୩ରେ ଉକ୍ତ ପତ୍ରିକାରେ ଗଙ୍ଗ ରାଜବଂଶର ରାଜାମାନଙ୍କ ରାଜତ୍ୱକାଳ ବୈଜ୍ଞାନିକ ପ୍ରମାଣ ବଳରେ ସ୍ଥିର କରିଥିଲେ। ନରସିଂହଦେବଙ୍କ ତମ୍ବା ପଟ୍ଟାରେ ଲିଖିତ ଅଛି ଯେ ପୁରୀର ଜଗନ୍ନାଥ ମନ୍ଦିର ପ୍ରଥମ ଗଙ୍ଗନୃପତି ଚୋଡ଼ଗଙ୍ଗଙ୍କ ଦ୍ୱାରା ନିର୍ମିତ ହୋଇଥିଲା। ଏହି ପ୍ରମାଣ ଉପରେ ସେ 'ମାଦଳାପାଞ୍ଜିର କିମ୍ବଦନ୍ତୀକୁ ଅବିଶ୍ୱାସ କରି ଜଗନ୍ନାଥ ମନ୍ଦିରରୁ ନିର୍ମାଣ କର୍ତ୍ତାଙ୍କ ନାମ ଚୋଡ଼ଗଙ୍ଗ ବୋଲି ସ୍ଥିର କରିଥିଲେ। କିନ୍ତୁ ଓଡ଼ିଶାରେ ଐତିହାସିକମାନେ ଚକ୍ରବର୍ତ୍ତୀଙ୍କର ଏହି ସିଦ୍ଧାନ୍ତକୁ ଏବେ ସୁଦ୍ଧା ସଂପୂର୍ଣ୍ଣ ରୂପେ ଗ୍ରହଣ ନ କରି ମାଦଳାପାଞ୍ଜିର କଥା କହିବାରେ ଦେଖାଯାଏ। ବାସ୍ତବିକ ମାଦଳା ପାଞ୍ଜିର ଅନଙ୍ଗ ଭୀମଙ୍କ ସମ୍ପର୍କରେ ଲିଖିତ ବିବରଣ ଏତେ ଚମତ୍କାର ଯେ ତାହା ପଢ଼ିଲେ ବିସ୍ମିତ ହେବାକୁ ହୁଏ। ଯେଉଁ

ବ୍ୟକ୍ତି ଏହି ଉପକଥା ଲେଖି ଅଛନ୍ତି, ତାଙ୍କ ଆଗରେ କି ଉପାଦାନ ଥିଲା, ତାହା ସେ ଲେଖି ନ ଥିବାରୁ ତାଙ୍କର କଥାଗୁଡ଼ିକ କାଳ୍ପନିକ ବା ଐତିହାସିକ ତାହା ବିଶ୍ୱାସ କରିବାର ଉପାୟ ନାହିଁ । ଅନଙ୍ଗଭୀମଙ୍କ ରାଜତ୍ୱ କାଳର କୀର୍ତ୍ତି ସମୂହର ବର୍ଣ୍ଣନାରେ 'ସରକାରୀ' ଶବ୍ଦଟି ବ୍ୟବହୃତ ହୋଇ ଥିବାରୁ ସନ୍ଦେହ କରାଯାଏ ଯେ, ବିବରଣୀ ଠିକ ସମସାମୟିକ ନୁହେଁ ।

ବର୍ତ୍ତମାନ ଦେଖାଯାଉ ସମସାମୟିକ ଲିପିର ପ୍ରମାଣ ଉପରେ ଆମ୍ଭେମାନେ କେଉଁ ସିଦ୍ଧାନ୍ତରେ ଉପନୀତ ହେବା । **୧୯୪୯ରେ କଟକ** ଜିଲାର 'ନଗରୀ' ଗ୍ରାମରୁ ଅନଙ୍ଗଭୀମ ଦେବଙ୍କର ଖଣ୍ଡିଏ **ତମ୍ବାପଟା** ମିଳିଲା । ସେହି ତମ୍ବାପଟାଟି ଏପିଗ୍ରାଫିଆ ଇଣ୍ଡିକା ଗ୍ରନ୍ଥମାଳାର ଭା୨୮ରେ ମୁଦ୍ରିତ ହୋଇଅଛି । ଏହି ତମ୍ବାପଟାର ପ୍ରଶସ୍ତି ଶ୍ଳୋକରେ ବର୍ଣ୍ଣିତ ଅଛି ଯେ ଚୋଡ଼ଗଙ୍ଗଦେବ ପୁରୀର ଜଗନ୍ନାଥ ମନ୍ଦିର ନିର୍ମାଣ କରିଥିଲେ । 'ନଗରୀ' ତମ୍ବାପଟାର ସମୟ ଖ୍ରୀ: ୧୨୩୦।୩୧ ଓ ଚୋଡ଼ଗଙ୍ଗଙ୍କ ଓଡ଼ିଶାରେ ରାଜତ୍ୱ କାଳ ଖ୍ରୀ ୧୧୧୧-୧୧୪୭ ଏଥିରୁ ଜଣାଯାଏ ଯେ ୮୦ ବର୍ଷ ପରେ ଲିଖିତ ତମ୍ବାପଟାରେ ଅନଙ୍ଗଭୀମ ଦେବ ନିଜକୁ ପୁରୀ ମନ୍ଦିରର ନିର୍ମାତା ବୋଲି ପ୍ରଶସ୍ତିରେ ଲେଖାଇ ନାହାନ୍ତି, କେବଳ ଏତିକି ନୁହେ ଏପିଗ୍ରାଫିଆ ଇଣ୍ଡିକା ଗ୍ରନ୍ଥମାଳାର ଭା ୩୧ର ରାଜ ରାଜ ୩ୟଙ୍କ ଦ୍ୱାରା ପ୍ରଦତ୍ତ ଶକାବ୍ଦ ୧୧୨୦ ବା ଖ୍ରୀ ୧୧୯୮।୯୯ର ତମ୍ବାପଟାରେ ଅନଙ୍ଗଭୀମଙ୍କର ପିତା ରାଜରାଜ ଦେବ ପୂର୍ବ ପୁରୁଷମାନଙ୍କର ପ୍ରଶସ୍ତିରେ ଲେଖାଇ ଅଛନ୍ତି ଯେ; ଚୋଡ଼ଗଙ୍ଗଦେବ ପୁରୀରେ ଜଗନ୍ନାଥ ମନ୍ଦିର ନିର୍ମାତା ଥିଲେ । ଏହି ଦୁଇଟି ଲିପିମୂଳକ ପ୍ରମାଣ ଦ୍ୱାରା ଏହା ବିସ୍ତୃତ ଭାବରେ ପ୍ରମାଣିତ ହେଉଛି ଯେ, ପୁରୀରର ଜଗନ୍ନାଥ ମନ୍ଦିର ନିର୍ମାତା ଚୋଡ଼ଗଙ୍ଗଦେବ ଥିଲେ । ତେବେ କିମ୍ବଦନ୍ତୀ ଲେଖକ କେଉଁଠାରୁ ପାଇଲେ ଯେ ଅନଙ୍ଗଭୀମଦେବ ପୁରୀ ମନ୍ଦିର ନିର୍ମାତା ଥିଲେ ?

• 'ନଗରୀ ତମ୍ବାପଟାରୁ ଦେଖାଯାଏ ଯେ ଅନଙ୍ଗଭୀମ ତହିଁରେ ୭ଟି ଦାନର କଥା ଉଲ୍ଲେଖ କରି ଅଛନ୍ତି । ତନ୍ମଧ୍ୟରୁ ଗୋଟିକରେ ଲିଖିତ ଅଛି ଯେ ସେ **ଅଭିନବ-ବାରଣାସୀ** କଟକରେ (ଆଧୁନିକ କଟକରେ)

ପୁରୁଷୋତ୍ତମଙ୍କ ପାଇଁ ଏକ ମନ୍ଦିର ନିର୍ମାଣ କରିଥିଲେ । ଜଗନ୍ନାଥ ଓ ପୁରୁଷୋତ୍ତମ ଏକାର୍ଥ ବାଚକ ଶବ୍ଦ । ଏହା ବୈଷ୍ଣବ ଦେବତାଙ୍କର ନାମ । ଏହି ତମ୍ବାପଟ୍ଟାରୁ ପ୍ରମାଣିତ ହୁଏ ଯେ ଅନଙ୍ଗଭୀମ ଦେବ ଜଗନ୍ନାଥ ପୁରୁଷୋତ୍ତମ ମନ୍ଦିରର ନିର୍ମାତା ଥିଲେ । କେବଳ ସେତିକି ନୁହେଁ, ଗୋଟିଏ ଜାଗାରେ ସେ ତମ୍ବାପଟ୍ଟାରେ ଲିଖିତ ଅଛି ଯେ, "ତଥା ଅଭିନବ-ବାରାଣସ୍ୟାଂ ଭଗବତ ଶ୍ରୀ ପୁରୁଷୋତ୍ତମଦେବସ୍ୟ ସନ୍ନିଧୌ ମକର ଅମାବାସ୍ୟାୟାଂ ରବିବାରେ କୁନ୍ଦଣ୍ଡୀ ବିଷୟୁ ବଳାସପୁର ଗ୍ରାମେ ଦାନସାଗରେ ଇତ୍ୟାଦି" ଏହି ଦାନର ସମୟ ଖ୍ରୀ ୧୨୩୧ । କେବଳ ସେ ଯେ ମନ୍ଦିର ଗଢ଼ାଇ ମୂର୍ତ୍ତି ସ୍ଥାପନ କରିଥିଲେ ତାହା ନୁହେଁ, ସେ ମୂର୍ତ୍ତିକୁ ରୀତିମତ ପୂଜା ଆରାଧନା କରୁଥିଲେ । ଏଣୁ ଅଭିନବ କଟକ ବା ଆଧୁନିକ କଟକରେ ଅନଙ୍ଗଭୀମ ଦେବ ଯେ ଏକ ଜଗନ୍ନାଥ ପୁରୁଷୋତ୍ତମ ମନ୍ଦିର ଓ ମୂର୍ତ୍ତି ପ୍ରତିଷ୍ଠା କରିଥିଲେ ଏଥିରେ ଆଦୌ ସନ୍ଦେହର ସ୍ଥାନ ନାହିଁ । କଟକର ମନ୍ଦିର ଓ ମୂର୍ତ୍ତି କାହିଁକି ପୁରୀର ମନ୍ଦିର ଓ ମୂର୍ତ୍ତି ଉପରେ କିମ୍ବଦନ୍ତୀରେ ଆଲୋଚିତ ହେଲା ? ପୁରୀର ମନ୍ଦିରରେ ଅନଙ୍ଗଭୀମଙ୍କର ସେପରି କିଛି ଉଲ୍ଲେଖ ଯୋଗ୍ୟ କାର୍ଯ୍ୟ ଅଛି କି ଯଦ୍ୱାରା ଅନଙ୍ଗଭୀମ ପୁରୀରେ ଜଗନ୍ନାଥ ମନ୍ଦିରର ସର୍ବଶ୍ରେଷ୍ଠ ନୃପତି ହିସାବରେ ମାଦଳାପାଞ୍ଜିରେ ସ୍ଥାନ ପାଇଲେ ? ଏହାର ଉତ୍ତରରେ ଏତିକି ସ୍ପଷ୍ଟ ପ୍ରମାଣ ମିଳେ ଯେ ନିଜେ ଅନଙ୍ଗଭୀମ ଉତ୍କଳ ସାମ୍ରାଜ୍ୟ ଜଗନ୍ନାଥଙ୍କ ନାମରେ ଉତ୍ସର୍ଗ କରି ଜଗନ୍ନାଥଙ୍କର ପ୍ରତିନିଧି ସେବକ ହିସାବରେ ନିଜକୁ ପରିଚୟ ଦେଇଥିଲେ । କେବଳ ଏତିକି ନୁହେ ସେ ଜଗନ୍ନାଥଙ୍କର ସେବା ପୂଜା ଯାନି ଯାତ୍ରା ଭୋଗ ରାଗ ଅଳଙ୍କାର ପତ୍ର ଇତ୍ୟାଦି ବହୁଳ ଭାବରେ ବଢ଼ାଇ ଦେଇଥିଲେ । ତେଣୁ ମନେ ହୁଏ ଯେ ଏହି ସବୁ କାରଣରୁ ତାଙ୍କୁ ଲୋକ ମୁଖରେ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠାତା ବୋଲି କିମ୍ବଦନ୍ତୀ ଗ୍ରହଣ କରିଥିଲା । ମାଦଳାପାଞ୍ଜି ସଂକଳିତ ହେବା ସମୟରେ ଏଥିରେ କିଛି ପୋଥିପତ୍ର ଥିଲା, ଯହିଁରୁ ସଂକଳନ ଅନଙ୍ଗ ଭୀମଙ୍କର ଜଗନ୍ନାଥ ମନ୍ଦିରରେ କରିଥିବା କାର୍ଯ୍ୟ ସବୁ ମିଳିଥିଲା । ସେ ସବୁ ପୋଥିପତ୍ର ନଷ୍ଟ ହୋଇ ଥିବାରୁ ଆମ୍ଭମାନଙ୍କର ଦୃଷ୍ଟି ଗୋଚରକୁ ଆସିନାହିଁ । ମାଦଳାପାଞ୍ଜିର ସଂକଳନରେ ସମୟ ଖ୍ରୀଷ୍ଟୀୟ ଷୋଡ଼ଶ ଶତାବ୍ଦୀର ଶେଷଭାଗ ଧରାଯାଏ । ଷ୍ଟାର୍ଲିଂ ମାଦଳା

... କରିବା ସମୟରେ ସେ ସବୁ ପୋଥିପତ୍ର ...ଙ୍କର ଦୃଷ୍ଟି ଗୋଚରରେ ଆସି ନଥିଲା । ଷ୍ଟାର୍ଲିଂଙ୍କର ଲେଖା ୧୮୨୨ରେ ପ୍ରଥମେ ମୁଦ୍ରିତ ହୋଇଥିଲା । ସେ ଆଜକୁ ୧୪୦ ବର୍ଷର କଥା । ମାଦଳାପାଞ୍ଜିର 'ଦେଶଖଞ୍ଜା' ଅଂଶ ମନମୋହନ ଚକ୍ରବର୍ତ୍ତୀ ପାଇ ତାହା ଉପରେ ୧୯୨୭ରେ ଇଂରେଜୀରେ ଓଡ଼ିଶାର ଭୂଗୋଳ ଉପରେ ଏକ ପ୍ରବନ୍ଧ ଲେଖିଲେ । ସେ "ଦେଶଖଞ୍ଜା" ପୋଥି ଖଣ୍ଡିକ ଦେଖିବା ପାଇଁ ମୁଁ ବହୁ ଚେଷ୍ଟା କରି ପାଇ ପାରିଲି ନାହିଁ । 'ଦେଶଖଞ୍ଜା' ପୋଥିରେ ଦେଶର ରାଜସ୍ୱ କଥା ଲିଖିତ ଅଛି କି ନା ତାହା ଜଣାଯାଉ ନାହିଁ । ମାଦଳାପାଞ୍ଜିରେ ଅନଙ୍ଗଭୀମ ଦେବ ଉତ୍କଳର ଭୂ-ରାଜସ୍ୱ ଉପରେ ଯାହା ସବୁ କହି ଅଛନ୍ତି ତାହା ନିଶ୍ଚୟ ଦେଶଖଞ୍ଜା ସଦୃଶ କୌଣସି ପୋଥିରେ ଥିଲା । ଦୁର୍ଭାଗ୍ୟର କଥା ତାହାର ସନ୍ଧାନ ଆମ୍ଭେମାନେ ପାଇ ପାରିଲୁ ନାହିଁ । ଗଙ୍ଗବଂଶର ରାଜତ୍ୱକାଳ ଉପରେ ମାଦଳାପାଞ୍ଜିରେ ଯାହା ସବୁ ବର୍ଣ୍ଣିତ ଅଛି ତହିଁରେ ଐତିହାସିକ ସତ୍ୟ ବିକୃତ ହେଲେ ମଧ୍ୟ କଳ୍ପିତ ସତ୍ୟନିହିତ ଅଛି ।

ଅନଙ୍ଗଭୀମଙ୍କ ଦ୍ୱାରା ନିର୍ମିତ କଟକରେ ଜଗନ୍ନାଥ-ପୁରୁଷୋତ୍ତମ ମନ୍ଦିରର ଚିହ୍ନ ସୁଦ୍ଧା ଲୋପ ପାଇଛି । ଖ୍ରୀ ୧୩୬୧ରେ ଫିରୋଜ ସାହ ଏହି ମନ୍ଦିର ଓ ମୂର୍ତ୍ତି ଭାଙ୍ଗିଥିବାର କଥା ଅଫିଫଙ୍କ ଲିଖିତ ତାରିଖ ଇଫିରୋଜ-ସାହୀ ଗ୍ରନ୍ଥରେ ବର୍ଣ୍ଣିତ ଅଛି । କଟକର ଜଗନ୍ନାଥ ପୁରୁଷୋତ୍ତମ ମୂର୍ତ୍ତି ପଥରରେ ଗଠିତ ଥିବାର କଥା ଏହି ଫାରସୀଗ୍ରନ୍ଥରେ ଲିଖିତ ଅଛି । କଟକ ସହରରୁ ମିଳିଥିବା ମସ୍ତକହୀନ ନାରାୟଣ ମୂର୍ତ୍ତିଟି ଏବେ ଓଡ଼ିଶା ମିଉଜିୟମରେ ସ୍ଥାନ ପାଇଛି । ଏହି ମୂର୍ତ୍ତିଟିର ଗଠନକାଳ ଖ୍ରୀ୧୩ଶ ଶତାବ୍ଦି । ମୋର ମନେ ହୁଏ ଯେ ଏହି ପଥର ମୂର୍ତ୍ତିଟିକୁ ଅନଙ୍ଗଭୀମ ଦେବ ମନ୍ଦିର ଗଢ଼ାଇ ତହିଁରେ ସ୍ଥାପିତ କରିଥିଲେ ଓ ଏହାକୁ ଫିରୋଜସାହ ଭାଙ୍ଗି ନଷ୍ଟ କରିଥିଲା ।

———

# ଓଡ଼ିଶାର ପ୍ରାଚୀନ ପଥ

ଭଗବତ ପୁରାଣ ଓ ଅନ୍ୟାନ୍ୟ ପୁରାଣମାନଙ୍କରୁ ଜଣାଯାଏ ଯେ, ପୂର୍ବ ଭାରତରେ ଦୁଇଟି ରାଜବଂଶୀୟ ରାଜାମାନଙ୍କ ନାମରେ, ଉତ୍କଳ ବା ଓଡ୍ର ଏବଂ କଳିଙ୍ଗ ନାମକ ରାଜ୍ୟଦ୍ୱୟ ସୃଷ୍ଟି ହୋଇଥିଲା । ପ୍ରଦ୍ୟୁମ୍ନଙ୍କର ହରିତାଶ୍ୱ ବା ବିନତାଶ୍ୱ, ଗୟ ଓ ଉତ୍କଳ ନାମରେ ତିନୋଟି ପୁତ୍ର ଥିଲେ । ଗୟା ଅଞ୍ଚଳର ରାଜା ଗୟ ଓ ଉତ୍କଳ ଅଞ୍ଚଳର ରାଜା ଉତ୍କଳ ଥିଲେ । ଗୟ ଓ ଉତ୍କଳ, ଉଭୟେ ଦୁଇ ଭାଇ ଥିବାରୁ, ଦୁଇଟି ରାଜ୍ୟ ମଧ୍ୟରେ ନିଶ୍ଚୟ ଗମନାଗମନର ସୁବିଧା ଥିଲା ।

ତତ୍ପରେ ବଳୀ ରାଜାଙ୍କର, ଅଙ୍ଗ, ବଙ୍ଗ, କଳିଙ୍ଗ, ସୁହ୍ମ, ପୁଣ୍ଡ୍ର, ଓ ଓଡ୍ର ନାମରେ ୬ଟି ପୁଅ ଥିଲେ ଓ ସେମାନେ ତନ୍ନାମଧେୟ ରାଜ୍ୟ-ଗୁଡ଼ିକର ରାଜା ହୋଇଥିଲେ । ପୁରାଣରୁ ମିଳୁଥିବା ଉତ୍କଳ, ଓଡ୍ର ଓ କଳିଙ୍ଗ ରାଜ୍ୟତ୍ରୟର ସୀମା ଠିକ୍ କରିବା କେବଳ ଅନୁମାନ ସାପେକ୍ଷ । ବର୍ତ୍ତମାନ ଓଡ଼ିଶା ସହିତ ଏହି ତିନୋଟି ଦେଶର ଘନିଷ୍ଠ ସମ୍ପର୍କ ଥିବାର କଥା କେହି ଅସ୍ୱୀକାର କରନ୍ତି ନାହିଁ ।

ପୁରାଣ ଅନୁସାରେ ଗୟାସୁରକୁ ବିଷ୍ଣୁ ମାରିଥିଲେ ଓ ତତ୍ପରେ ତାହାର ମୃତପିଣ୍ଡ ଏତେଦୂର ବିସ୍ତାରିତ ହୋଇଥିଲା ଯେ, ତାହାର ଶିର ଗୟାରେ, ନାଭି ଯାଜପୁରରେ ଓ ପାଦ ପିଠାପୁରରେ ପଡ଼ିଥିଲା । ଏଥିରୁ ଏତିକି ଅନୁମାନ ହୁଏ ଯେ ପୁରାଣ ଯୁଗରେ ରାଜମାହେନ୍ଦ୍ରୀଠାରୁ ଗୟା ପର୍ଯ୍ୟନ୍ତ ଏକ ସଭ୍ୟତା ଚାଲୁଥିଲା । ତେଣୁ ଗୟାଠାରୁ ଯାଜପୁର ଓ ଯାଜପୁରଠାରୁ ରାଜମାହେନ୍ଦ୍ରୀ ପର୍ଯ୍ୟନ୍ତ ଗମନାଗମନର ସୁବିଧା ରହିଥିଲା । ଏହି ତିନୋଟି ସ୍ଥାନ ମଧ୍ୟରୁ ଯାଜପୁର ଓଡ଼ିଶାର ଏକ ବିଶିଷ୍ଟ ସଭ୍ୟତା—

କ୍ଷେତ୍ର ଥିଲା । ଆଜିକାଲି ମଧ୍ୟ ଉତ୍ତର ଓ ଦକ୍ଷିଣ ଭାରତର ବହୁ ନରନାରୀ, ଯାଜପୁରରେ ପିତୃଲୋକମାନଙ୍କୁ ପିଣ୍ଡ ଅର୍ପଣ କରିବା ନିମିତ୍ତ ଆସି ଥାଆନ୍ତି । ଯାଜପୁର ବ୍ୟତୀତ, ପୁରୀ ବା ଶ୍ରୀକ୍ଷେତ୍ର ଗୋଟିଏ ଧାମ । ଭାରତରେ ଚାରିଟି ଧାମ ଅଛି । ଯଥା (୧) ଉତ୍ତରରେ ବଦ୍ରିନାରାୟଣ, (୨) ପଶ୍ଚିମରେ ରତ୍ନାକର କୂଳର ଦ୍ୱାରକା, (୩) ଦକ୍ଷିଣ ଭାରତରେ ଭାରତ ମହାସାଗର କୂଳରେ ରାମେଶ୍ୱର ଓ (୪) ପୂର୍ବରେ ମହୋଦଧି କୂଳର ଜଗନ୍ନାଥ ଧାମ ଅବସ୍ଥିତ । ଭାରତୀୟ ହିନ୍ଦୁମାନେ ଏହି ଚାରି ଧାମକୁ ତୀର୍ଥଯାତ୍ରା ପାଇଁ ଆସନ୍ତି । ଏଣୁ ଓଡ଼ିଶାରେ ପୁରୀ ଓ ଯାଜପୁର, ଦୁଇଟି ଭାରତ ବିଦିତ ତୀର୍ଥକ୍ଷେତ୍ର । ବୌଧାୟନ ସୋତମସୂତ୍ରରୁ ଓ ମନୁ-ସଂହିତାରୁ ଜଣାଯାଏ ଯେ; କଳିଙ୍ଗରେ ତୀର୍ଥକ୍ଷେତ୍ର ଥିଲା—ମାତ୍ର କଳିଙ୍ଗ-ବାସୀମାନଙ୍କୁ ଉତ୍ତରାପଥର ଲୋକମାନେ ଘୃଣା ଚକ୍ଷୁରେ ଦେଖୁଥିଲେ “ଅଙ୍ଗ, ବଙ୍ଗ, କଳିଙ୍ଗେଷୁ ସୌରାଷ୍ଟ୍ରମଗଧେଷୁ । ବା ତୀର୍ଥଯାତ୍ରାଂ ବିନା ଗଚ୍ଛନ୍ ପୁନର୍ସଂସ୍କାରମର୍ହସି ।” ବର୍ତ୍ତମାନ ରେଲରାସ୍ତା ହୋଇଥିବାରୁ ଲୋକେ ଭାରତର ଉତ୍ତର, ପଶ୍ଚିମ ଓ ଦକ୍ଷିଣରୁ ଓଡ଼ିଶାକୁ ଆସୁଛନ୍ତି । ଅତି ପୂର୍ବ କାଳରେ ଏଭଳି ତୀର୍ଥ ଓ ଇତିହାସ ପ୍ରସିଦ୍ଧ ଦେଶକୁ ଭାରତବାସୀ କେଉଁ ପଥରେ ଆସୁଥିଲେ ତାର ନିଦର୍ଶନ ମିଳେନାହିଁ । ଏହା ବ୍ୟତୀତ ଭାରତ ଓ ଭାରତୀୟ ଦ୍ୱୀପପୁଞ୍ଜରୁ ବହୁଲୋକ ଜଳ ପଥରେ ଏହି ଉତ୍କଳ ବା କଳିଙ୍ଗ ଦେଶକୁ ଆସୁଥିଲେ । ଖ୍ରୀଷ୍ଟୀୟ ୨ୟ ଶତାବ୍ଦୀର ଗ୍ରୀକ୍ ଭୂଗୋଳବେତ୍ତା ଟଲେମିଙ୍କ ମାନଚିତ୍ରରେ ଓଡ଼ିଶା ଉପକୂଳରେ ବନ୍ଦର ଥିବାର କଥା ଉଲ୍ଲିଖିତ ଅଛି । ଚୀନ ପରିବ୍ରାଜକ ହୁଏନ୍‌ସାଂ ଓ ଫାହିୟାନଙ୍କ ବିବରଣୀରୁ ଜଣାଯାଏ ଯେ ଓଡ଼ିଶାରେ ତାମ୍ରଲିପ୍ତ ଓ ଚେଲିତାଲୋ ବା ଚରିତ୍ର ବା ଚତୋପୃଳା ନାମକ ବନ୍ଦର ଥିଲା । ପ୍ରାଚୀନ ସଂସ୍କୃତ ସାହିତ୍ୟରେ ତାମ୍ରଲିପ୍ତ ବନ୍ଦରର ଉଲ୍ଲେଖ ଅଛି । ଏଣୁ ଗମନାଗମନପାଇଁ ଓଡ଼ିଶାରେ ପ୍ରଶସ୍ତ ପଥସବୁ ଥିବାର ଅନୁମାନ କଳ୍ପନା ପ୍ରସୂତ ହୋଇ ନ ପାରେ । ଏହି ପ୍ରବନ୍ଧରେ ଓଡ଼ିଶାର କେତେକ ପ୍ରାଚୀନ ପଥଗୁଡିକର ସୂଚନା ମାତ୍ର ଦେବାପାଇଁ ସାହସ କରୁଛି । ଏ ବିଷୟ ଆଜି ପର୍ଯ୍ୟନ୍ତ ଆଦୌ ଆଲୋଚିତ ହୋଇ ନାହିଁ । ଏହାର ବିଶଦ ଆଲୋଚନା ଓ ଅନୁସନ୍ଧାନଦ୍ୱାରା, ଓଶାର

ଅନେକ ଅବହିତ ପ୍ରାଚୀନ କୀର୍ତ୍ତି ଆବିଷ୍କୃତ ହୋଇପାରିବ ଓ ତଦ୍ଦ୍ୱାରା ଓଡ଼ିଶା ଇତିହାସର ଅନେକ ନୂତନ ତଥ୍ୟ ଜଣାଯିବ ।

ଐତିହାସିକ ଯୁଗରେ ବର୍ଣ୍ଣିତ ଘଟଣାବଳୀରୁ ଓଡ଼ିଶାର ନିମ୍ନୋକ୍ତ କେତୋଟି ପଥର ବିଷୟ ଜଣାଯାଏ :

(୧) ଖ୍ରୀ: ପୂ: ଷଷ୍ଠ ଶତାବ୍ଦୀରେ ଉତ୍କଳର ତପସ୍ ଓ ଭଲ୍ଲୁକ ନାମଧେୟ ବଣିକଦ୍ୱୟ ସର୍ବପ୍ରଥମେ ବୋଧଗୟାଠାରେ ବୁଦ୍ଧଙ୍କୁ ମହୁ ପିଇବାକୁ ଦେଇଥିଲେ । ଏତିକି କଥାରୁ ଜଣାଯାଉଛି ଯେ; ଗୟା ବା ବୋଧଗୟା ପର୍ଯ୍ୟନ୍ତ ଉତ୍କଳର ବଣିକମାନେ ବାଣିଜ୍ୟ କରିବାକୁ ଯାଉଥିଲେ । ତେବେ ଏ ବାଣିଜ୍ୟ ପଥ କେଉଁ ଅଞ୍ଚଳରେ ବିସ୍ତୃତ ଥିଲା ? କନିଂହାମ୍‌ଙ୍କର ସହକର୍ମୀ, ବେଗୁଲର ସାହେବ; ସିଂହଭୂମ୍ ଓ ମାନଭୂମ୍ ଅଞ୍ଚଳରେ କେତେକ ପ୍ରାଚୀନ କୀର୍ତ୍ତିର ପରିଦର୍ଶନ ବା ସର୍ଭେ କରିଥିଲେ । ସିଂହଭୂମ୍ ଓ ମାନଭୂମ୍ ସୀମାପାଖରେ ସେ କେତୋଟି ଅସ୍ପଷ୍ଟ ପ୍ରାଚୀନ ଲିପି ପାଇଥିଲେ । ସେହି ଲିପିରେ 'ବିଖାର' ଶବ୍ଦ ପାଠ କରି ଅନୁମାନ କରିଥିଲେ ଯେ ବଳଦ ପିଠିରେ ବ୍ୟବସାୟୀମାନେ ଏହି ପଥରେ ଗମନ କରୁଥିଲେ ।

ତତ୍ପରେ ଖଣ୍ଡଗିରିର ହାତୀଗୁମ୍ଫା ଲିପିରୁ ଜଣାଯାଏ ଯେ, ମଗଧର ନନ୍ଦରାଜାମାନେ କଳିଙ୍ଗ ଜୟ କରିଥିଲେ । ମଗଧ ଓ କଳିଙ୍ଗ ମଧ୍ୟରେ ସେହି ଯୁଦ୍ଧପାଇଁ ମଗଧ ଲୋକେ କେଉଁ ପଥରେ ଆସିଥିଲେ, ତାହାର କୁତ୍ରାପି ଉଲ୍ଲେଖ ନାହିଁ । ତତ୍ପରେ ଇତିହାସରୁ ଜଣାଯାଏ ଯେ, ଖ୍ରୀ: ପୂ: ୩ୟ ଶତାବ୍ଦୀର ମଧ୍ୟଭାଗରେ ମୌର୍ଯ୍ୟ ସମ୍ରାଟ ଅଶୋକ ମଗଧର ପାଟଳିପୁତ୍ରଠାରୁ ଯୁଦ୍ଧ ଯାତ୍ରା କରି କଳିଙ୍ଗକୁ ଆସିଥିଲେ । ତାଙ୍କ ସହିତ କେତେ ସୈନ୍ୟ ସାମନ୍ତ ଆସିଥିଲେ ତାର ସଂଖ୍ୟା ଜଣାଯାଏ ନାହିଁ । ମାତ୍ର କଳିଙ୍ଗ ଯୁଦ୍ଧରେ ଦେଢ଼ ଲକ୍ଷ ଲୋକ ବନ୍ଦୀ ହୋଇଥିଲେ, ଏକଲକ୍ଷ ଲୋକ ଆହତ ହୋଇଥିଲେ ଓ ତାହାର ବହୁଗୁଣ ଲୋକ ପ୍ରାଣ ହରାଇ ଥିଲେ । ଏଥିରୁ ଅଶୋକଙ୍କ ସୈନ୍ୟ ସଂଖ୍ୟା ଅନୁମିତ ହୋଇପାରୁଛି । ଏହି ସୈନ୍ୟମାନେ ଯେଉଁ ପଥରେ ମଗଧରୁ ଓଡ଼ିଶାକୁ ଆସିଥିଲେ, ତାହା ରାଜପଥ ନ

ହେଲେହେଁ, ପ୍ରସିଦ୍ଧ ବାଣିଜ୍ୟ ପଥ ଥିଲା ବୋଲି ଅନୁମାନ କରାଯାଇ ପାରେ ।

ଅଶୋକଙ୍କ ପରେ ଖ୍ରୀ: ପୂ: ୨ୟ ଶତାବ୍ଦୀରେ କଳିଙ୍ଗ ସମ୍ରାଟ ଖାରବେଳ କଳିଙ୍ଗରୁ ଦକ୍ଷିଣ, ପଶ୍ଚିମ ଓ ଉତ୍ତରାଭିମୁଖରେ ଯୁଦ୍ଧଯାତ୍ରା କରିଥିଲେ । ଉତ୍ତରାଭିମୁଖରେ ସେ ଅନ୍ତତଃ ମଗଧର ପାଟଳିପୁତ୍ର ପର୍ଯ୍ୟନ୍ତ ଯାଇଥିଲେ । ପଶ୍ଚିମାଭିମୁଖରେ ସେ ସାତବାହାନ ରାଜାମାନଙ୍କ ଅଞ୍ଚଳକୁ ଯାଇଥିଲେ ଏବଂ ଭୋଜକ ଓ ରାଷ୍ଟ୍ରିକ ରାଜ୍ୟଦ୍ୱୟକୁ ପରାଜିତ କରିଥିଲେ । ଦକ୍ଷିଣାଭିମୁଖରେ ସେ ପାଣ୍ଡ୍ୟ ରାଜ୍ୟ ପର୍ଯ୍ୟନ୍ତ ଯାଇଥିଲେ । ଖାରବେଳଙ୍କ ଅଭିଯାନ ସମୟରେ ତାଙ୍କର ଚତୁରଙ୍ଗ—(୧) ପଦାତିକ, (୨) ରଥ, (୩) ଅଶ୍ୱ ଓ (୪) ହସ୍ତୀ – ସୈନ୍ୟ ଥିଲା । ଏହି ଚତୁରଙ୍ଗ ସେନାର ଗମନାଗମନପାଇଁ ପ୍ରଶସ୍ତ ପଥ ଯେ ଆବଶ୍ୟକ ତାହା ସମସ୍ତେ ସ୍ୱୀକାର କରିବେ ।

ଓଡ଼ିଶାରୁ ମଗଧକୁ ସଳଖ ବାଟରେ ଯିବାକୁ ହେଲେ ଭୁବନେଶ୍ୱରଠାରୁ କଟକ ନିକଟରେ କାଠଯୋଡ଼ି ଓ ମହାନଦୀ ପାର ହେବାକୁ ପଡ଼ିବ । ତତ୍ପରେ ମହାନଦୀର ଉତ୍ତର କୂଳରୁ, ପୂର୍ବଘାଟ ପାହାଡ଼ରୁ ତଳଦେଶରେ ଯାଜପୁର ପର୍ଯ୍ୟନ୍ତ ଅଗ୍ରସର ହୋଇ ବୈତରଣୀ ଉପତ୍ୟକାରେ, ପୂର୍ବ କେଉଁଝର ଓ ପଶ୍ଚିମ ମୟୂରଭଞ୍ଜରେ ସିଂହଭୂମର ପୂର୍ବ ଅଞ୍ଚଳ ଭିତରେ ଅଗ୍ରସର ହୋଇ ମାନଭୂମର ସୁବର୍ଣ୍ଣରେଖାର ଉପତ୍ୟକାରେ ହଜାରିବାଗ ଜିଲ୍ଲା ମଧ୍ୟରେ, ରାଜଗୃହ ଓ ଗୟା ମଧ୍ୟରେ ପ୍ରସାରିତ ପଥରେ ଗତି କରିବାକୁ ପଡ଼େ । ଉତ୍କଳ ବା କଳିଙ୍ଗ ସହିତ ମଗଧର ଯାତାୟାତ ପଥ ଯଦି ଏହି ଅଞ୍ଚଳରେ ଥିଲା, ତେବେ ଏହି ପଥରେ ମଧ୍ୟ ବାଣିଜ୍ୟ ପଥ ଥିଲା । ଭୁବନେଶ୍ୱରଠାରୁ କେଉଁଝର ମଧ୍ୟରେ କୌଣସି ପ୍ରାଚୀନ ମୁଦ୍ରା ଆବିଷ୍କୃତ ହେବାର ଜଣାଯାଇ ନାହିଁ । ତେବେ ପୂର୍ବ କେଉଁଝର, ପଶ୍ଚିମ ମୟୂରଭଞ୍ଜ, ସିଂହଭୂମ ଓ ମାନଭୂମ ଅଞ୍ଚଳରୁ ଅନେକ ପ୍ରାଚୀନ ମୁଦ୍ରା ମିଳିଛି । କେଉଁଝରର ଓଡ଼ଙ୍ଗ ଆପୋଷୀଠାରେ ଖ୍ରୀ: ୪ର୍ଥ ଶତାବ୍ଦୀର ଏକ ଲିପି ଓ ଚିହ୍ନ ଅଛି । ସେଠାରୁ କୁଶାନମୁଦ୍ରା ଓ ପୁରୀ କୁଶାନମୁଦ୍ରା ମିଳିଛି । ମୟୂରଭଞ୍ଜର ଖିଚିଂ ପଞ୍ଚପୀଢ଼ ସବ୍‌ଡ଼ିଭିଜନ୍‌ଠାରୁ କୁଶାନମୁଦ୍ରା ମିଳିଛି । ବ୍ରାହ୍ମଣୀଘାଟ ବା ଆଧୁନିକ

ସାଇରଙ୍ଗପୁରଠାରୁ ୪ର୍ଥ ଶତାବ୍ଦୀର ରୋମକ ମୁଦ୍ରା ମିଳିଛି ଓ ବହଳଦା ନିକଟରୁ କୁଶାନ ମୁଦ୍ରା ଓ ଗୁପ୍ତମୁଦ୍ରା ମିଳିଛି । ଗୁପ୍ତ ମୁଦ୍ରାର ସମୟ ମୌର୍ଯ୍ୟ ଯୁଗର ପୂର୍ବବର୍ତ୍ତୀ ବୋଲି ଜଣାଯାଏ । ସିଂହଭୂମ ଓ ମାନଭୂମରୁ ପୁରୀ—କୁଶାନ ମୁଦ୍ରା ମିଳିଛି । କନିଂହାମ୍ ସାହେବଙ୍କ ସହକର୍ମୀ ବେଲେଲର ସାହେବ, ଏହି ସିଂହଭୂମ ଓ ମାନଭୂମ ଅଞ୍ଚଳରେ ବାଣିଜ୍ୟ ପଥ ଥିଲି ବୋଲି ଅନୁମାନ କରିଛନ୍ତି ।

ହଜାରିବାଗ ଓ ପାଟଣା ଜିଲ୍ଲାର କେଉଁ ଅଞ୍ଚଳରେ ଏହି ବାଣିଜ୍ୟପଥ ଥିଲା, ତାର ସନ୍ଧାନ ମିଳି ନାହିଁ । ଯାହାହେଉ ଖ୍ରୀ: ୪ର୍ଥ ଶତାବ୍ଦୀ ପୂର୍ବରୁ କଟକ ଜିଲ୍ଲାଠାରୁ ମାନଭୂମ ଜିଲ୍ଲାପର୍ଯ୍ୟନ୍ତ ବୈତରଣୀ ଓ ସୁବର୍ଣ୍ଣରେଖା ନଦୀଦ୍ୱୟର ଉପତ୍ୟକାରେ ଯେ ରାଜପଥ ବା ବାଣିଜ୍ୟପଥ ପ୍ରସାରିତ ହୋଇଥିଲା, ତାହା ଏମାନଙ୍କ ପ୍ରାଚୀନ ମୁଦ୍ରାର ନିଦର୍ଶନରୁ ମିଳେ ।

ସମୁଦ୍ରଗୁପ୍ତଙ୍କ ଏଲାହାବାଦ ଲିପିରୁ ଜଣାପଡ଼େ ଯେ ଦକ୍ଷିଣପଥର ପୂର୍ବାଞ୍ଚଳକୁ ସେ ଦିଗ୍‌ବିଜୟରେ ଯାଇଥିଲେ । କୋଶଳ ଦେଶର ରାଜା ମହେନ୍ଦ୍ରଙ୍କୁ ସେ ପରାସ୍ତ କରି, ମହାକାନ୍ତାରର ରାଜା ବ୍ୟାଘ୍ରରାଜଙ୍କୁ ପରାସ୍ତ କରି, କଳିଙ୍ଗର ପିଷ୍ଟପୁର, କିରକୋଟ୍ଟୁର ପ୍ରଭୃତି ରାଜ୍ୟ ଜୟ କରି ଦକ୍ଷିଣାଞ୍ଚଳକୁ ଯାଇଥିଲେ । ଏଥିରୁ ମନେହୁଏ, ଯେ ରାୟପୁର ଜିଲ୍ଲାରୁ ଗଞ୍ଜାମ ଜିଲ୍ଲାକୁ, ବନମଧ୍ୟଦେଇ ପାଟଣା, କଳାହାଣ୍ଡି, ମହାକାନ୍ତାର ରାଜ୍ୟ ମଧ୍ୟ ଦେଇ ଏକ ପ୍ରଶସ୍ତ ମାର୍ଗ ଆସିଥିଲା । ବର୍ତ୍ତମାନ ପ୍ରଶ୍ନ ହୋଇ ପାରେ ଯେ ସମୁଦ୍ରଗୁପ୍ତ କେଉଁ ପଥରେ ଆସି ଏ ଦେଶ ସବୁ ଜୟ କରିଥିଲେ । ପାଟଳିପୁତ୍ରଠାରୁ ବଲାମପୁର ଓ ରାୟପୁର ଅଞ୍ଚଳକୁ ଆସିବା ପାଇଁ ଶ୍ରେଷ୍ଠ ନାଗପୁର ବାଟେ ମୁରୁଗୁଡ଼ା ଆସିବାକୁ ପଡ଼ିବ । ଏ ବଡ଼ ଦୁର୍ଗମ ପଥ । ଏଣୁ ମୋର ମନେହୁଏ ଯେ ସମୁଦ୍ରଗୁପ୍ତ ଏଲାହାବାଦ ବା କୌଶାମ୍ବୀଠାରୁ ମଧ୍ୟଭାରତ ଭିତରେ ରାୟପୁର ଓ ପାଟଣା ପ୍ରଭୃତି ରାଜ୍ୟଭିତରେ କଳିଙ୍ଗକୁ ଆସିଥିଲେ ଏବଂ ସେଠାରୁ ଦକ୍ଷିଣକୁ ଯାଇଥିଲେ । ଯଦି ପାଟଳିପୁତ୍ରରୁ କଳିଙ୍ଗକୁ ଆସିଥା'ନ୍ତେ, ତେବେ ସେ ଓଡ୍ର ବା ଉତ୍କଳ

ମଧ୍ୟ ଦେଇ ଆସିଥାଆନ୍ତେ । ବୋଧହୁଏ ସେତେବେଳେ ଉତ୍କଳରାଜାଙ୍କ ସହିତ ମୈତ୍ରୀଭାବ ପ୍ରତିଷ୍ଠିତ ହୋଇଥିବାରୁ ବା ଅନ୍ୟ କାରଣରୁ ଏହାଙ୍କ ନାମ ତାଙ୍କ ରାଜ୍ୟଜୟ ଅଭିଯାନ ଭିତରେ ନାହିଁ ।

୫ମ ଶତାବ୍ଦୀର ପ୍ରାରମ୍ଭରେ ଫାହିୟାନ ଉତ୍ତର ପଥରୁ ଆସି, ଫେରିଲାବେଳେ ତମଲୁକରୁ ଜାହାଜରେ ଫେରିଥିଲେ । ୭ମ ଶତାବ୍ଦୀର ୨ୟ ପାଦରେ ହୁଏନ୍‌ସାଂ ତାମ୍ରଲିପ୍ତରୁ କର୍ଣ୍ଣସୁବର୍ଣ୍ଣ ଓ କର୍ଣ୍ଣସୁବର୍ଣ୍ଣରୁ ଓଡ଼ିଶାର ପୁଷ୍ପଗିରି ବିଶ୍ୱବିଦ୍ୟାଳୟ ଓ ସେଠାରୁ କୋଙ୍ଗଜ ଅଞ୍ଚଳକୁ ଆସିଥିଲେ ଓ ସେଠାରୁ ମହାକୋଶଳ ବା ରାୟପୁର ଅଞ୍ଚଳକୁ ଯାଇଥିଲେ । କଟକ ଜିଲ୍ଲାର ରତ୍ନଗିରି, ପ୍ରାଚୀନ ପୁଷ୍ପଗିରି ବୋଲି ଚିହ୍ନିତ ହୋଇଛି । ତାମ୍ରଲିପ୍ତିରୁ ଯାଜପୁର ଅଞ୍ଚଳକୁ ସେ ସମୟରେ ଗମନାଗମନ ପଥ ଥିଲା, ହୁଏନ୍‌ସାଂ କର୍ଣ୍ଣସୁବର୍ଣ୍ଣକୁ ଯାଇ ସେଠାରୁ ବୁଲି ବାଟରେ ଯାଜପୁର ଆସି ନ ଥାନ୍ତେ । ବର୍ତ୍ତମାନ ବାଲେଶ୍ୱରର ଉତ୍ତରରୁ ମେଦିନୀପୁର ଜିଲ୍ଲା ପର୍ଯ୍ୟନ୍ତ, ସମୁଦ୍ର କୂଳବର୍ତ୍ତୀ ଅଞ୍ଚଳରେ ବହୁଚର ନାମଧେୟ ପ୍ରଗନା ଦେଖାଯାଏ । ଏଥିରୁ ମନେହୁଏ ଯେ ଖ୍ରୀଷ୍ଟ ବା ସପ୍ତମ ଶତାବ୍ଦୀରେ, ମେଦିନୀପୁର ଓ ବାଲେଶ୍ୱର ମଧ୍ୟରେ ବହୁ ନଦୀ ଓ ନାଳ ଥିବାରୁ, ଗମନାଗମନର ସୁବିଧା ନଥିଲା । ଏ ଅଞ୍ଚଳରେ କୌଣସି କୀର୍ତ୍ତି ଚିହ୍ନ ମଧ୍ୟ ମିଳେ ନାହିଁ । ଖୁବ ସମ୍ଭବ ପଶ୍ଚିମ ମେଦିନୀପୁର ଅଞ୍ଚଳରୁ, ପୂର୍ବବର୍ତ୍ତୀ ମୟୂରଭଞ୍ଜ ଭିତରେ ନୀଳଗିରି ଅଞ୍ଚଳ ପର୍ଯ୍ୟନ୍ତ ଗୋଟିଏ ଅପ୍ରଶସ୍ତ ପଥ ଥିଲା । କାରଣ ଏହି ଅଞ୍ଚଳରେ କେତେଗୁଡ଼ିଏ ଜୈନ ଓ ବୌଦ୍ଧ ପ୍ରାଚୀନ କୀର୍ତ୍ତିର ନିଦର୍ଶନ ମିଳିଅଛି । ରେମୁଣା-ବାଲେଶ୍ୱର ଠାରୁ ରାଇବଣିଆ ପର୍ଯ୍ୟନ୍ତ ସମଗ୍ର ଅଞ୍ଚଳ ଗମନାଗମନ ପକ୍ଷେ ଅସୁବିଧାଜନକ ଥିଲା । ତେଣୁ ହୁଏନ୍‌ସାଂଙ୍କୁ ତାମ୍ରଲିପ୍ତିରୁ କର୍ଣ୍ଣସୁବର୍ଣ୍ଣ ଯିବାକୁ ପଡ଼ିଥିଲା । କାରଣ କର୍ଣ୍ଣସୁବର୍ଣ୍ଣରୁ ଯାଜପୁରକୁ ସୁଗମପଥ ଥିଲା । ବର୍ତ୍ତମାନ ପ୍ରଶ୍ନ ଉଠୁଛି କର୍ଣ୍ଣସୁବର୍ଣ୍ଣ କେଉଁଠାରେ ଥିଲା ? କର୍ଣ୍ଣସୁବର୍ଣ୍ଣର ନାମ ହୁଏନ୍‌ସାଂଙ୍କ ବିବରଣୀରେ ଅଛି ଓ ୭ମ ଶତାବ୍ଦୀର ଦୁଇଟି ତମ୍ବାପଟାରୁ କର୍ଣ୍ଣସୁବର୍ଣ୍ଣର ନାମମିଳେ । ଏଣୁ କର୍ଣ୍ଣସୁବର୍ଣ୍ଣର ଭୌଗୋଳିକ ଅବସ୍ଥିତି ସମ୍ବନ୍ଧରେ

ସଂଶୟ ନାହିଁ । ଆଧୁନିକ ଐତିହାସିକମାନେ ବଙ୍ଗର ମୁର୍ଶିଦାବାଦର ରାଙ୍ଗାମାଟିକୁ କର୍ଣ୍ଣସୁବର୍ଣ୍ଣ ବୋଲି ଅନୁମାନ କରନ୍ତି ।

କିନ୍ତୁ କାନିଂହାମ୍ ସ୍ଥିର କରିଥିଲେ ଯେ କର୍ଣ୍ଣସୁବର୍ଣ୍ଣ ସୁବର୍ଣ୍ଣରେଖା କୂଳରେ ଅବସ୍ଥିତ ଥିଲା । ମାନଭୂମ ଜିଲାର ସୁବର୍ଣ୍ଣରେଖା କୂଳରେ ଅନେକ ପ୍ରାଚୀନ କୀର୍ତ୍ତି ଅଛି ଓ ସେଠାରେ କର୍ଣ୍ଣସୁବର୍ଣ୍ଣର ରାଜା ଶଶାଙ୍କଙ୍କ କିଂବଦନ୍ତୀ ପ୍ରଚଳିତ ଥିବାର କଥା ବେଗ୍‌ଲାର ସାହେବ ଲେଖିଛନ୍ତି । ଶଶାଙ୍କଙ୍କ ନାମ ତାଙ୍କ ସାମନ୍ତ ରାଜାମାନଙ୍କ ତମ୍ବାପଟାରୁ ମିଳେ । ଏହିପରି ତମ୍ବାପଟା ମେଦିନାପୁରରୁ ଦୁଇଟି ଓ ଗଞ୍ଜାମରୁ ଗୋଟିଏ ମିଳିଅଛି । କର୍ଣ୍ଣସୁବର୍ଣ୍ଣର ଅବସ୍ଥାନ ମାନଭୂମ ଜିଲାରେ ଧରାଗଲେ ଆମ୍ଭେମାନେ ମଗଧ ଓ କଳିଙ୍ଗର ବାଣିଜ୍ୟପଥ ପାଇପାରିବା ।

ହୁଏନ୍‌ସାଂଙ୍କ ବିବରଣୀରୁ ଜଣାଯାଏ ଯେ ହର୍ଷବର୍ଦ୍ଧନ ୮୦ଟି ଗ୍ରାମର କର, ପୁଷ୍ପଗିରି, ବିହାର ଉଦ୍ଦେଶ୍ୟରେ ଦାନ କରିଥିଲେ । ଏଥିରୁ ମନେହୁଏ ଯେ, ଶଶାଙ୍କ ଓ ହର୍ଷବର୍ଦ୍ଧନ ଉତ୍ତରରୁ ଓଡ଼ିଶା ଭିତରରେ କୋଙ୍ଗଦ ବା ଗଞ୍ଜାମ ଅଞ୍ଚଳକୁ ଯୁଦ୍ଧଯାତ୍ରା କରିଥିଲେ । ଏହି ସମୟରେ ଭାରତରେ ତିନୋଟି ଶକ୍ତିର ଅଭ୍ୟୁଦୟ ହୋଇଥିଲା :

(୧) ଉତ୍ତର ଭାରତରେ ହର୍ଷବର୍ଦ୍ଧନ ।
(୨) ପୂର୍ବଭାରତରେ ଶଶାଙ୍କ ।
(୩) ଦକ୍ଷିଣ ଭାରତରେ ୨ୟ ପୁଲକେଶୀ ।

ଏହି ତିନିଜଣଙ୍କର ମିଳନ, ଗଞ୍ଜାମ ଅଞ୍ଚଳରେ ହୋଇଥିଲା ବୋଲି ଅନୁମିତ ହୁଏ । ଏଣୁ ମନେହୁଏ ହର୍ଷବର୍ଦ୍ଧନ ଓ ଶଶାଙ୍କ ଉତ୍ତରରୁ ଆସିଥିଲେ ଓ ପୁଲକେଶୀ ପଶ୍ଚିମରୁ କୋଶଳ ଭିତରେ କଳିଙ୍ଗକୁ ଆସିଥିଲେ । ପୁଲକେଶୀଙ୍କର ପଥ କୋଶଳଠାରୁ ସମୁଦ୍ରଗୁପ୍ତଙ୍କର ପଥ ସହିତ ଏକ ଥିଲା ବୋଲି ମନେ ହୁଏ ।

ଖ୍ରୀ: ୭ମ ଶତାବ୍ଦୀଠାରୁ ଏକାଦଶ ଶତାବ୍ଦୀର ପ୍ରଥମ ପାଦପର୍ଯ୍ୟନ୍ତ ଉତ୍ତର ଦିଗରୁ ପ୍ରାଚୀନ ପଥର କୌଣସି ପ୍ରମାଣ ନାହିଁ ।

ଖ୍ରୀ: ୧୦୨୩—୨୫ରେ ତାଞ୍ଜୋରର ରାଜେନ୍ଦ୍ରଚୋଳ ଗଙ୍ଗାଭିଯାନ କରିଥିଲେ । ଏହି ଅଭିଯାନ ଚକ୍ରକୋଟଠାରୁ ବାହାରି, ଗଙ୍ଗା କୂଳବର୍ତ୍ତୀ ବଙ୍ଗ ଦେଶ ପର୍ଯ୍ୟନ୍ତ ଯାଇଥିଲା । ଚକ୍ରକୋଟରେ ଅବସ୍ଥିତ, ବସ୍ତରର ଚକ୍ରକୋଟି ବୋଲି ନିର୍ଣ୍ଣୀତ ହୋଇଛି । ସେଠାରୁ ସେ ମାସୁନି ନଗର ମଧ୍ୟରେ ଆସି ଯଯାତିନଗରଠାରେ ଉପନୀତ ହୋଇଥିଲେ । ତାମିଲ 'ମାସୁନି' ଶବ୍ଦର ଅର୍ଥ ନାଗ । ଏଣୁ ସେ ବସ୍ତରଠାରୁ କଳାହାଣ୍ଡି ମଧ୍ୟରେ ଆସି ସୋନପୁର ବା ଯଯାତିନଗରଠାରେ ଉପନୀତ ହୋଇଥିଲେ । ଏହି ଯଯାତିନଗର ସୋମକୁଳୀ କେଶରୀ ବଂଶୀୟ ରାଜାମାନଙ୍କର ରାଜଧାନୀ ଥିଲା । କିନ୍ତୁ ତାମିଲ ଲିପିରେ ତାହା ତାମିଲ ଭାଷାରେ ଉଚ୍ଚାରଣାନୁସାରେ "ଯୂାଦି ନଗର" ବୋଲି ଲିଖିତ ହୋଇଥିଲା । ସେ ଲିପିର ପାଠୋଦ୍ଧାର ପରେ ତାମିଲ ଯୂାଦିନଗରକୁ ଇଂରାଜୀରେ "ଆଦିନଗର" ଜଣାହୋଇ ଥିବାରୁ, ତାହାର ସ୍ଥାନ ନିର୍ଣ୍ଣୟ ହୋଇପାରୁ ନ ଥିଲା । ମୁଁ ୧୯୬୨ରେ ତାମିଲ ପଣ୍ଡିତମାନଙ୍କ ସହ ଆଲୋଚନା କରି ସଂସ୍କୃତର 'ଯଯାତି ନଗର' ତାମିଲରେ ଯୂାଦିନଗର ବୋଲି ଲିଖିତ ହୋଇ ଥିବାର ଜାଣିଲି । ଏହାକୁ ପ୍ରମାଣିତ କରି ଏକ ପ୍ରବନ୍ଧ ମଧ୍ୟ ଲେଖିଥିଲି ।

ଖୁବ୍ ସମ୍ଭବ ଯଯାତି ନଗର "କୋଶଳ"ର ଅନ୍ତର୍ଗତ ଥିଲା । ରାଜେନ୍ଦ୍ର ଚୋଳଙ୍କ ସେନାନୀ ଯଯାତିନଗରଠାରୁ ଉତ୍ତର-ପୂର୍ବ ମୁଖରେ ବଣେଇ କେନ୍ଦୁଝର ମଧ୍ୟରେ ଆସି ପଶ୍ଚିମ ମୟୂରଭଞ୍ଜରେ ଉତ୍କଳ ମଗଧ ପଥରେ ଉପସ୍ଥିତ ହୋଇଥିଲା । ଏହି ଅଞ୍ଚଳକୁ ତାମିଲ ଲିପିରେ ଦୁର୍ଗମ ଓଡ୍ର ବିଜୟ ବୋଲି ବର୍ଣ୍ଣିତ ଅଛି । ଓଡ୍ର ପରେ ସେ ଦଣ୍ଡଭୁକ୍ତି ରାଜ୍ୟ ଓ ଦକ୍ଷିଣ ରାଢ଼ରାଜ' ମଧ୍ୟରେ ଯାଇ ବଙ୍ଗାଳ ଦେଶରେ ଗୋବିନ୍ଦଚନ୍ଦ୍ରଙ୍କୁ ପରାସ୍ତ କରିଥିଲେ । ତତ୍ପରେ ଉତ୍ତର ରାଢ଼ରାଜ୍ୟର ଏକ ପାଳବଂଶୀୟ ରାଜାଙ୍କୁ ପରାସ୍ତ କରି ଗଙ୍ଗା ନଦୀର ଜଳ ନେଇ ପୂର୍ବୋକ୍ତ ପଥରେ ଫେରି ଥିବାର ଅନୁମାନ କରାଯାଏ । ଦଣ୍ଡଭୁକ୍ତି ରାଜ୍ୟ ଆଧୁନିକ ମେଦିନୀପୁର ଜିଲ୍ଲାର ଉତ୍ତରାଂଶରେ ଓ ବାଙ୍କୁଡ଼ା ଜିଲ୍ଲାରେ ଅବସ୍ଥିତ ଥିଲା ।

ବ୍ରାହ୍ମଣ ଘାଟିରୁ ମିଳିଥିବା ରୋମକ ମୁଦ୍ରା ସମ୍ବନ୍ଧରେ ବେଗ୍‌ଲାର୍‌ ସାହେବ ଲେଖି ଅଛନ୍ତି ଯେ, ତାମ୍ରଲିପ୍ତି ଠାରୁ, ବ୍ରାହ୍ମଣଘାଟିମଧ୍ୟରେ ରତନପୁର ଓ ରାଜାମ ଅଞ୍ଚଳକୁ ଗୋଟିଏ ବାଣିଜ୍ୟ ପଥ ଥିବାରୁ ବ୍ରାହ୍ମଣଘାଟିକୁ ରୋମକ ମୁଦ୍ରା ବଣିକମାନଙ୍କଦ୍ୱାରା ଆନୀତ ହୋଇଥିଲା । କଲିକତା—ବମ୍ବେଇ ରାସ୍ତା, ମେଦିନୀପୁରଠାରୁ ରାୟପୁର ପର୍ଯ୍ୟନ୍ତ ଯେଉଁ ଅଞ୍ଚଳରେ ଯାଇଛି, ଠିକ୍ ସେହି ଅଞ୍ଚଳରେ ରାଜେନ୍ଦ୍ରଚୋଳଙ୍କ ସୈନ୍ୟମାନେ ଯାଇଥିଲେ ବୋଲି ଅନୁମିତ ହୁଏ ।

ଖ୍ରୀଷ୍ଟ ସମ୍ଭବ ଦ୍ୱାଦଶ ଶତାବ୍ଦୀ ବେଳକୁ ବଙ୍ଗର ଦକ୍ଷିଣ ଭାଗ (ବର୍ତ୍ତମାନ ହୁଗୁଳି) ଅଞ୍ଚଳରୁ, ଯାଜପୁର, ଭୁବନେଶ୍ୱର ଆସିବାପାଇଁ ହୁଗୁଳି ଜିଲ୍ଲାର ଦକ୍ଷିଣ ସୀମାବର୍ତ୍ତୀ ଗଡ଼ ମନ୍ଦାରଣଠାରୁ ଯାଜପୁର ପର୍ଯ୍ୟନ୍ତ ଏକ ସୁଗମ ପଥ ସମ୍ଭବପର ହୋଇଥିଲା । ରାମପାଲଙ୍କର ସହକାରୀ ଦଣ୍ଡଭୁକ୍ତିର ଅଧିପତି ଜୟସିଂହ ଉତ୍କଳ ନୃପତି କର୍ଣ୍ଣକେଶରୀଙ୍କୁ ସାହାଯ୍ୟ ଦେଇ ମୁଖଲିଙ୍ଗର ଗଙ୍ଗରାଜ ରାଜରାଜ ଦେବଙ୍କ କବଳରୁ ରକ୍ଷା କରିଥିବାର କଥା 'ରାମଚରିତ' ଗ୍ରନ୍ଥରୁ ଜଣାଯାଏ । ଏହି ଘଟଣା ଦ୍ୱାଦଶ ଶତାବ୍ଦୀରେ ଆରମ୍ଭରେ ଘଟିଥିଲା । ଏହାର ୧୫।୨୦ ବର୍ଷ ପରେ ବିଖ୍ୟାତ ଗଙ୍ଗସମ୍ରାଟ ଚୋଡ଼ଗଙ୍ଗ ଦେବ ଉତ୍କଳ ଜୟ କରି ଗଙ୍ଗା ନଦୀ ପର୍ଯ୍ୟନ୍ତ ନିଜର ରାଜ୍ୟ ବିସ୍ତାର କରିଥିଲେ ଓ ମନ୍ଦାରଣଠାରେ ଗୋଟିଏ ପ୍ରାନ୍ତୀୟ ଗଡ଼ ସ୍ଥାପନ କରିଥିଲେ । ବାଲେଶ୍ୱର ଜିଲ୍ଲାର ଉତ୍ତର ସୀମାବର୍ତ୍ତୀ ରାଇବଣିଆ ଗଡ଼ ବୋଧହୁଏ ଏହି ସମୟରେ ଗଠିତ ହୋଇଥିଲା ।

'ତବାକତ୍‌—ଇ—ନସିରି' ନାମକ ପାରସୀ ଗ୍ରନ୍ଥରୁ ଜଣାଯାଏ ଯେ, ଖ୍ରୀ: ୧୨୪୫ - ୭ ମଧ୍ୟରେ ବଙ୍ଗଳାର ମୁସଲମାନ ସୁଲତାନ ଓ ଓଡ଼ିଶାର ଗଙ୍ଗସମ୍ରାଟ ନରସିଂହ ଦେବ (ପ୍ରଥମ)ଙ୍କ ମଧ୍ୟରେ ଯୁଦ୍ଧ ଲାଗିଥିଲା । ଏହି ଯୁଦ୍ଧ ସମୟରେ ଓଡ଼ିଆ ସୈନ୍ୟମାନେ ବାଲେଶ୍ୱର ନିକଟବର୍ତ୍ତୀ ରେମୁଣାଠାରୁ ଗଡ଼ମନ୍ଦାରୁଣ ପର୍ଯ୍ୟନ୍ତ ଅକ୍ଲେଶରେ ଯାତାୟତ କରୁଥିଲେ । ନରସିଂହ ଦେବ ୨ୟ ବଂଶଦା (ଆଧୁନିକ ବସ୍ତା) ନିକଟରେ ଏକ ବ୍ରାହ୍ମଣ ଶାସନ ବସାଇ ଥିଲେ । ସେ ମଧ୍ୟ ରେମୁଣା କଟକରୁ

ଅନେକ ଭୂମିଦାନ କରିଥିଲେ । ଏଥିରୁ ମନେହୁଏ ଯେ, ଦ୍ୱାଦଶ ଶତାବ୍ଦୀ ବେଳକୁ ବାଲେଶ୍ୱରଠାରୁ ମେଦିନୀପୁର ପର୍ଯ୍ୟନ୍ତ ଅଞ୍ଚଳରେ ଗୋଟିଏ ସୁଗମ ପଥ ଖୋଲା ଯାଇଥିଲା । ଖ୍ରୀ ୧୩୫୧ ରେ ଲକ୍ଷ୍ମଣାବତୀର ସୁଲତାନ ଶାମସୁଦ୍ଦିନ ଇଲିୟାସ ସାହ ଯାଜନଗର ଏହି ପଥରେ ଯାଜନଗର—ଓଡ଼ିଶାକୁ ଆସିଥିଲେ ।

ଖ୍ରୀ: ୧୩୬୦ ରେ ଦିଲ୍ଲୀର ସୁଲତାନ ଫିରୋଜସାହ ଜୌନପୁରଠାରୁ ଯାଜନଗରକୁ ଶିକାର ଅଭିଯାନ ପାଇଁ ଆସିଥିଲେ । ସେତେବେଳେ ବାରାଣସୀ କଟକରେ ଓଡ଼ିଶାର ବା ଯାଜନଗରର ରାଜଧାନୀ ଥିଲା । ବିହାରରୁ କେଉଁ ପଥରେ କଟକ ଆସିଥିଲେ ତତ୍‌ସମ୍ବନ୍ଧେ ପୂର୍ବବର୍ତ୍ତୀ ଐତିହାସିକମାନଙ୍କର କପର ଧାରଣା ଥିଲା, ତାହା ରାଖାଲ ଦାସ ବନ୍ଦୋପାଧ୍ୟାୟଙ୍କ ନିମ୍ନୋକ୍ତ ଲେଖାରୁ ଜଣାଯାଏ : -

"Firoz Tughlaq advanced from Bihar towards Gadhakantaka. Jajnagar lay at the extremity of this province which is the same as the British District of Jubulpore. Having crossed the Mahanadi he reached the town of Banarasi. The Huihaya king of Jajanagar fled into Telenguna. (Vol. 1. P—282).

ଅନ୍ୟତ୍ର ସେ ଲେଖିଛନ୍ତି, "Jajnagar is Jujjallanagar in Chhattisgedha." (P.228)

ଇଲିୟଟ୍ ଓ ଡୋଉସନ୍ ଉଭୟେ ତାରିଖ—ଇ—ଫିରୋଜସାହୀ ଲେଖାରୁ 'କାସୀ' ଶବ୍ଦ ପାଠ କରି ଜବଲପୁର ଅଞ୍ଚଳର କାସୀ ସହିତ ଅଭିନ୍ନ କରିଥିଲେ । ମାତ୍ର ସିରତ୍‌—ଇ—ଫିରୋଜସାହୀ ନାମକ ଗ୍ରନ୍ଥରେ 'ସିକରୀ' ପାଠ ମିଳିଲା । ତେଣୁ କାସୀ ଓ ସିକରୀ ଏକ ବା ଅଭିନ୍ନ ସ୍ଥାନ ବୋଲି ଧରିବାପାଇଁ ମୋର ବନ୍ଧୁ ସିରତ୍—ଇ—ଫିରୋଜ ସାହୀର

ଅନୁବାଦକ ପ୍ରଫେସର ସାରଦବନ୍ଧୁ ରାୟ ମୋତେ ଲେଖିଥିଲେ । ମୁଁ ପାରସିକ ସିକର ରାଜ୍ୟକୁ ଶିଖର ରାଜ୍ୟ ବୋଲି ଠିକ କରି ଉତ୍ତର ଦେଲି । ମାନଭୂମି ଜିଲାରେ ଶିଖର ଭୂମିର ଶିଖର ଉପାଧିଧାରୀ ରାଜବଂଶ ଅତି ପ୍ରାଚୀନ । ରାମ ଚରିତରେ ଏହାର ଉଲ୍ଲେଖ ଅଛି । ନାଳନ୍ଦା ନିକଟ-ବର୍ତ୍ତୀ ବିହାର ସରିଫ ସହରରୁ ଦକ୍ଷିଣାଭିମୁଖରେ ଆସିଲେ ହଜାରିବାଗ୍ ଜିଲ୍ଲା ପରେ ମାନଭୂମ ଜିଲ୍ଲାର ଶିଖର ଭୂମିରେ ପହୁଞ୍ଚିବାକୁ ହେବ । ଏହି ରାଜବଂଶ ଅଦ୍ୟାପି ମଧ୍ୟ ପଞ୍ଚକୋଟ ବା ପଞ୍ଚେଟର ରାଜବଂଶ । ଫିରୋଜ-ସାହଙ୍କ ସମୟରେ ଶିଖର ଭୂମି ରାଜାଙ୍କର ୩୬ଟି ସାମନ୍ତ ରାଜା ଥିଲେ । ଶିଖର ରାଜ୍ୟ ଜୟ କରି ସୁଲତାନ୍ ଫିରୋଜସାହ ଯାଜନଗର ଅଭିମୁଖରେ ଯାତ୍ରା କଲେ ଓ ଯାଜନଗର ପ୍ରାନ୍ତରେ ଥିବା 'ତନା ନଗର'ଠାରେ ଉପସ୍ଥିତ ହୋଇଥିଲେ । ଏହି ସ୍ଥାନ ଏପର୍ଯ୍ୟନ୍ତ ଚିହ୍ନିତ ହୋଇ ନାହିଁ । ତନା ନଗରଠାରୁ 'କନାନଗର' ଆସିଲେ । କନାନଗର ଖିଚିଙ୍ଗ ନଗର ବା କେଉଁଝର ସହିତ ଚିହ୍ନିତ କରାଯାଇ ପାରେ । ଏହି ଗ୍ରନ୍ଥରେ ଲିଖିତ ଅଛି କନାନଗର—**'Route of the army'** ବା ଅଭିଯାନ ପଥରେ ଅବସ୍ଥିତ ଥିଲା । ତତ୍ପରେ ସୁଲତାନ୍ କଲକଲଘାଟ ବା କଲକଲା ଘାଟିଠାରେ ଉପସ୍ଥିତ ହୋଇଥିଲେ । କଲକଲା କଟକ ଜିଲ୍ଲା ଓ ଢେଙ୍କାନାଳ ସୀମାରେ ଅବସ୍ଥିତ । ତତ୍ପରେ ସୁଲତାନ ବୀର ଭାନୁଦେବଙ୍କ ରାଜଧାନୀ ବନାରସଠାରେ ଉପସ୍ଥିତ ହୋଇଥିଲେ । ବୀର ଭାନୁଦେବ ପ୍ରକୃତରେ ବୀର ଭାନୁଦେବ- କାରଣ ଫାରସୀ ଅକ୍ଷରର ପେ ଓ ବେ ପ୍ରାୟ ସମାନ । ସଂସ୍କୃତ ବାରାଣସୀ ପାରସୀମାନେ ବେନାରସ ବୋଲି ପ୍ରଚଳିତ ଓ ଲିଖିତ ହୋଇଥିଲା । ଐତିହାସିକ ସ୍ଥାନ ନିରୂପଣ ଉପରେ ଐତିହାସିକ ବିବରଣ କିପରି ନିର୍ଭର କରେ ଏଥିରୁ ତାହା ସ୍ପଷ୍ଟ ଜଣାଯାଉଛି । ଫାରସୀ ଐତିହାସିକ ବାଦାଉନି ଲେଖି ଅଛନ୍ତି ଯେ; ଖ୍ରୀ: ୧୩୯୩—୯୪ ରେ ଜୋନପୁରର ସର୍କି ସୁଲତାନ୍ ଯାଜନଗର ଆସିଥିଲେ —ସର୍କି ସୁଲତାନ୍ ବୋଧହୁଏ ସୁଲତାନ୍ ଫିରୋଜସାହଙ୍କ' ଅଭିଯାନ ପଥରେ ଆସିଥିଲେ ।

୧୩ଶ ଓ ୧୪ଶ ଶତାବ୍ଦୀ ବେଳକୁ ଦେଖା ଯାଉଛି ଯେ, କଟକରୁ ଉତ୍ତର ଦିଗରେ ଦୁଇଟି ପଥ ଥିଲା—ଗୋଟିଏ ଉତ୍ତର ଉଡ଼ିଶାର

ମୟୂରଭଞ୍ଜର ପୂର୍ବ ଦିଗରେ ଓ ଅନ୍ୟଟି ପଶ୍ଚିମ ଦିଗରେ । ପଶ୍ଚିମ ଦିଗର ପଥଟି ଗୟା ଅଞ୍ଚଳକୁ ଯାଇଥିଲା—ପୂର୍ବ ଦିଗର ପଥଟି ପଶ୍ଚିମବଙ୍ଗର ଗଙ୍ଗାକୂଳବର୍ତ୍ତୀ ଅଞ୍ଚଳକୁ ଯାଇଥିଲା ।

ଆଇନ ଆକବରୀ ଗ୍ରନ୍ଥରୁ ଜଣାଯାଏ ଯେ, ଓଡ଼ିଶା ଖ୍ରୀ: ୧୫୬୮ ର ସ୍ୱାଧୀନତା ହରାଇଲା । ଗଡ଼ମନ୍ଦାରଣ ଓଡ଼ିଶାର ଗୋଟିଏ ପ୍ରସିଦ୍ଧ ସରକାର ଥିଲା । **De Barros map** ଖ୍ରୀ: ୧୫୬୦ରେ ଅଙ୍କିତ ହୋଇ ଥିବାର କଥା **Blochmarn** ସାହେବ ଲେଖିଅଛନ୍ତି । ତତ୍ପରେ ଖ୍ରୀ: ୧୪୬୧ରେ **Gestaldis map** ଅଙ୍କିତ ହୋଇଥିଲା । **Bleaves map** ମଧ୍ୟ ୧୬୫୭ ପୂର୍ବରୁ ଅଙ୍କିତ ହୋଇଥିଲା । ଏହି ମାନଚିତ୍ର ଗୁଡ଼ିକରେ ପଥ ସବୁ 'ଦର୍ଶିତ ହୋଇନାହିଁ । ତତ୍ପରେ ଖ୍ରୀ ୧୬୬୦ରେ **Van Den Broke**ଙ୍କ **map** ଅଙ୍କିତ ହୋଇଥିଲା । ଏଥିରେ ଜଗନ୍ନାଥ, କଟକ, ଭଦ୍ରଖ; ବାଲେଶ୍ୱର, ରେମୁଣା ନରସିଂହପୁର, ପିପିଲି, ଜଳେଶ୍ୱର, ଦାନ୍ତୁଣୀ ପ୍ରଭୃତି ସ୍ଥାନ ଏକ ବଡ଼ ରାସ୍ତା ଉପରେ ଦର୍ଶିତ ହୋଇଛି । ତତ୍ପରେ ୧୭୭୯ରେ **Rennel** ମେପରେ ଉତ୍ତର ଓଡ଼ିଶାର ଅନେକ ଗୁଡ଼ିଏ ରାସ୍ତା ଅଙ୍କିତ ଅଛି ।

ଚୈତନ୍ୟଦେବ ବଙ୍ଗରୁ ଓଡ଼ିଶାକୁ ଆସିଲାବେଳେ ଗଙ୍ଗାନଦୀରେ ଦେବଭୋଗ ପର୍ଯ୍ୟନ୍ତ ଆସି ସେଠାରେ ଦାନ୍ତୁଣୀ ପର୍ଯ୍ୟନ୍ତ ଆସିଥିଲେ । ସେଠାରୁ ଜଳେଶ୍ୱର, ରେମୁଣା, ଯାଜପୁର, କଟକ, ଭୁବନେଶ୍ୱର ହୋଇ ପୁରୀ ଯାଇଥିଲେ । ମୋଗଲ ଅମଳରେ ବର୍ଦ୍ଧମାନଠାରୁ ମନ୍ଦାରଣ ପଥରେ ମେଦିନୀପୁର ହୋଇ ବାଲେଶ୍ୱର ପର୍ଯ୍ୟନ୍ତ ଲୋକେ ଆସୁଥିଲେ । ମେଦିନୀ-ପୁରରୁ ଦୁଇଟି ରାସ୍ତା ସୁବର୍ଣ୍ଣରେଖାର ରାଜଘାଟ ପର୍ଯ୍ୟନ୍ତ ଥିବାର **Reunels ma**ୀ ରୁ ଦେଖାଯାଏ । ଏହି ରାସ୍ତାଗୁଡ଼ିକ ବାଦସାହୀ ରାସ୍ତା ୧୭୬୬ରେ ମଟ ସାହେବ ଓ ୧୬୯୦ରେ ଲକ ସାହେବ ଜଳେଶ୍ୱରଠାରୁ ଏହି ବାଦସାହୀ ରାସ୍ତାରେ କଟକ ପର୍ଯ୍ୟନ୍ତ ଆସିଥିଲେ ।

# ପଶ୍ଚିମ ଦିଗରୁ ଓଡ଼ିଶାକୁ ଆଗମନର ପଥ

ମାଦଳାପାଞ୍ଜିରୁ ଜଣାଯାଏ ଯେ, ମାଳବରାଜ ଇନ୍ଦ୍ରଦ୍ୟୁମ୍ନ ପୁରୀକୁ ଆସିଥିଲେ । ଏହି କିମ୍ବଦନ୍ତୀର ପୋଷକତା ଇତିହାସରୁ ଆଜି ପର୍ଯ୍ୟନ୍ତ ନିର୍ଣ୍ଣୀତ ହୋଇନାହିଁ । ଖାରବେଳ ପଶ୍ଚିମାଭିମୁଖରେ ବଦର୍ଭ ବା ବେରାର ପର୍ଯ୍ୟନ୍ତ ଯାଇଥିବା କଥା ପୂର୍ବେ ବୋଲି ଯାଇଛି । ସମୁଦ୍ରଗୁପ୍ତ ଓ ବାତାପିର ଚାଲୁକ୍ୟରାଜ ପୁଲକେଶୀ ୨ୟ ମଧ୍ୟ ରାୟପୁର ଅଞ୍ଚଳରୁ ଗଞ୍ଜାମର କଳିଙ୍ଗ ଅଞ୍ଚଳକୁ ଆସିଥିଲେ । ତମଲୁକ ବନ୍ଦରରୁ ମୟୂରଭଞ୍ଜ ଓ କେଉଁଝର ମଧ୍ୟରେ ମଧ୍ୟପ୍ରଦେଶ ଅଞ୍ଚଳକୁ ଏକ ବାଣିଜ୍ୟ ପଥ ଥିବାର କଥା ବେଗଲର କହି ଅଛନ୍ତି । ମୟୂରଭଞ୍ଜର **Punch marked coin** ମିଳିଛି ଓ ସୋନପୁରରୁ ମଧ୍ୟ ଏହି ମୁଦ୍ରା ମିଳିଛି । ଏଣୁ ବେଗଲରଙ୍କ ଥିବାର କଳ୍ପନାରେ ସତ୍ୟ ଥିବାର ମନେହୁଏ । ରାଜେନ୍ଦ୍ର ଚୋଳଙ୍କ ଅଭିଯାନ ଏହି ପଥରେ ହୋଇଥିଲା । ତତ୍ପରେ ୯ମ ଶତାବ୍ଦୀରେ ସୋମକୁଳୀ କେଶରୀବଂଶ ପୂର୍ବ ରାୟପୁର ଅଞ୍ଚଳରୁ ଅଙ୍ଗ ଓ ମହାନଦୀ କୂଳରେ ଆସି ସମୁଦ୍ର କୂଳବର୍ତ୍ତୀ ଓଡ଼ିଶାରେ ପହଞ୍ଚିଥିଲେ ।

୧୪୨୧।୨୨ ମାଳବ ଅନ୍ତର୍ଗତ ମାଣ୍ଡୁଠାରୁ ହୋସାନସାହ ଅଶ୍ୱ ବ୍ୟବସାୟୀ ସାଜି ବହୁ ଅଶ୍ୱ ଓ ପଣ୍ୟ ଘେନି କଟକର ଅପର ପାର୍ଶ୍ୱବର୍ତ୍ତୀ ନଦୀକୂଳରେ ଗୁଡ଼ଉଣୀ ପକାଇଥିଲେ । ଏ ଗୁଡ଼ଉଣୀର ସ୍ଥାନ ଚଉଦ୍ୱାର ନିକଟବର୍ତ୍ତୀ ଥିଲାପରି ମୋର ମନେ ହୁଏ । କାରଣ ବାରଙ୍ଗ ନିକଟରେ ଗୁଡ଼ଉଣୀ ପକାଇବାର ସୁବିଧା ନାହିଁ । ମାଣ୍ଡୁ ନର୍ମଦାର ଦକ୍ଷିଣ କୂଳରେ ମାଳବର ଧାରରାଜ୍ୟରେ ଏକ ଉଚ୍ଚ ମାଳଭୂମି ଉପରେ ଅବସ୍ଥିତ । ଏଠାରୁ ଉଜ୍ଜୟିନୀର ଦୂରତ୍ୱ ଅତି ଅଧିକ ନୁହେ । ମାଣ୍ଡୁଠାରୁ ନର୍ମଦା ଉପତ୍ୟକାରେ ପୂର୍ବ ଆଡ଼କୁ ଆସିଲେ ମହାନଦୀର ଉପତ୍ୟକାରେ ଉପନୀତ ହେବାକୁ ପଡ଼େ । ରାୟପୁର ଜିଲାର ଫୁଲଝର ଅଞ୍ଚଳରୁ ପାଟଣା ଜିଲା ମଧ୍ୟରେ ସୋନପୁର ପହଞ୍ଚିବାକୁ ହୁଏ । ସେଠାରୁ ତେଲନଦୀ ପାର ହୋଇ ମହାନଦୀର ଦକ୍ଷିଣ କୂଳରେ ଦଶପଲ୍ଲା ଅନ୍ତର୍ଗତ ବେଲପଡ଼ା ପର୍ଯ୍ୟନ୍ତ ଆସି-ବାର ବାଟ ଅଛି । ସେଠାରୁ ନଦୀ ପାର ହୋଇ ତାର ବାମ କୂଳରେ

ନରସିଂହପୁର, ବଡ଼ମ୍ବା, ଡିଗିରିଆ ଓ ଆଠଗଡ଼ ଭିତରେ ଆସିଲେ କଟକ ପହଞ୍ଚାଯାଏ । ବେଲପଡ଼ାଠାରୁ ସୋନପୁର ଓ ସୋନପୁରଠାରୁ ଫୁଲଝର ପର୍ଯ୍ୟନ୍ତ ଏକ ପ୍ରଶସ୍ତ ପଥ ଥିବାର କଥା ୧୭୯୦ରେ ଲିଖିତ ଲକ ସାହେବ ବିବରଣୀରୁ ଜଣାଯାଏ । ସୋନପୁରଠାରୁ ଆଉ ଗୋଟିଏ ପଥ ସମ୍ବଲପୁର ହୋଇ ବୁଢ଼ାସମ୍ବର ସାରଙ୍ଗଗଡ଼ ଭିତରେ ରାୟପୁର ପର୍ଯ୍ୟନ୍ତ ବିସ୍ତୃତ ଥିବାର କଥା ମଧ୍ୟ ଲକ ସାହେବ ଲେଖି ଅଛନ୍ତି । ୧୭୬୭ରେ ମଟ୍ ସାହେବ କଟକରୁ ବୌଦଗଡ଼ ପର୍ଯ୍ୟନ୍ତ ଏହି ରାସ୍ତାରେ ଥିବା ସବୁ ଚଟିର ବର୍ଣ୍ଣନା କରି ଅଛନ୍ତି । ୧୭୪୨ରୁ ନାଗପୁରର ଭାସ୍କର ପଣ୍ଡିତ ଓ ରଘୁଜୀ ଭୋନସଲ ଫୁଲଝରଠାରୁ ଏହି ପଥରେ କଟକଯାଏ ଆସିଥିଲେ । ଭାସ୍କର ପଣ୍ଡିତ କଟକଠାରୁ ମାନଭୂମ ପର୍ଯ୍ୟନ୍ତ ଉତ୍କଳ ଓ ମଗଧ ପଥରେ ଯାଇଥିଲେ । ଏଥିରୁ ଦେଖାଯାଉଛି ଯେ କୋଶଳ ରାଜ୍ୟରୁ ଉତ୍କଳକୁ ମହାନଦୀ ଉପତ୍ୟକାରେ ରାସ୍ତା ଥିଲା ଓ କଳିଙ୍ଗକୁ ପାଟଣା-କଳାହାଣ୍ଡି ମଧ୍ୟରେ ରାସ୍ତା ଥିଲା ।

## ଉତ୍କଳରୁ ଦକ୍ଷିଣକୁ ଯିବାର ପଥ

ଭୁବନେଶ୍ୱର ଅଦୂରବର୍ତ୍ତୀ ଧଉଳି ପାହାଡ଼ରେ ଓ ଗଞ୍ଜାମ ଜିଲାର ଜଉଗଡଠାରେ ଅଶୋକଙ୍କର ଶିଳାଲିପି ଅଛି । ଏଣୁ ଭୁବନେଶ୍ୱର ଅଞ୍ଚଳରୁ ଗଞ୍ଜାମ ଜିଲାକୁ ଯିବାର ବାଟ କେଉଁଆଡ଼େ ଥିଲା ତାହା ଠିକ ଜଣାଯାଇ ନାହିଁ । ଖାରବେଳ ଦକ୍ଷିଣ ପଥର ଅଭିଯାନ ସମୟରେ ଭୁବନେଶ୍ୱର ଅଞ୍ଚଳରୁ କେଉଁବାଟେ ଗଞ୍ଜାମ ଅଞ୍ଚଳକୁ ଯାଇଥିଲେ ତାହା ମଧ୍ୟ ଜଣାଯାଇ ନାହିଁ । ସପ୍ତମ ଶତାବ୍ଦୀରେ ହୁଏନ୍‌ସାଂ, ଶଶାଙ୍କ ଓ ହର୍ଷ ବର୍ଦ୍ଧନ ଯାଜପୁରଠାରୁ କେଉଁ ପଥରେ କୋଙ୍ଗଦ (ଗଞ୍ଜାମ)କୁ ଯାଇଥିଲେ ତାର ବର୍ଣ୍ଣନା ନାହିଁ । ଭୌମରାଜାମାନେ ଦକ୍ଷିଣ ତୋଶଳର ଅନ୍ତର୍ଗତ କୋଙ୍ଗଦ ଅଧିକାର କରିଥିଲେ । ଚୋଡ଼ଗଙ୍ଗ ମୁଖଲିଙ୍ଗରୁ ଆସି ଉତ୍କଳ ଅଧିକାର କରି ଯାଜପୁରରେ ରାଜଧାନୀ ସ୍ଥାପନ କରିଥିଲେ । ସେ ମଧ୍ୟ କେଉଁ ବାଟରେ ଆସିଲେ ତାହା ଜଣାଯାଇ ନାହିଁ । ପରବର୍ତ୍ତୀ ଗଙ୍ଗ ରାଜାମାନଙ୍କର ବହୁ ଅଭିଯାନ କଟକରୁ ଦକ୍ଷିଣ ଦିଗକୁ ହୋଇଥିଲା ।

ତାହାର ବାଟ ମଧ୍ଯ ଜଣାଯାଏ ନାହିଁ । ଖ୍ରୀ ୧୩୬୩ରେ ଉଲୁଘଖାଁ ଓ୍ୟାରଙ୍ଗଲର କେଉଁ ବାଟରେ ଯାଜନଗର ଓଡ଼ିଶାକୁ ଆସିଥିଲେ ତାହାର ବାଟ ମଧ୍ଯ ଜଣାଯାଏ ନାହିଁ ।

ପୁରୁଷୋତ୍ତମ ଦେବ ୧୫ ଶତାବ୍ଦୀର ୪ର୍ଥ ପାଦରେ କାଞ୍ଚୀ ବିଜୟ କରିବାକୁ ଗଲା ବେଳେ ଚିଲିକା ଓ ସମୁଦ୍ର କୂଳବର୍ତ୍ତୀ ମାଣିକ ପାଟଣା ପଥରେ ଯାଇ ଥିବାର କଥା କିମ୍ବଦନ୍ତୀରୁ ଜଣାଯାଏ । ଏଥିରୁ ମନେ ହୁଏ ଯେ ପୁରୀ ଜିଲ୍ଲାରୁ ଗଞ୍ଜାମ ଜିଲ୍ଲାକୁ ଯିବାର ସୁଗମ ପଥ ଚିଲିକା ଓ ସମୁଦ୍ର କୂଳରେ ଥିଲା । ଚୈତନ୍ୟ ଦେବ ବୋଧହୁଏ ଏହି ପଥରେ ଦାକ୍ଷିଣାତ୍ୟକୁ ଯାଇଥିଲେ । ଚିଲିକାର ଗୁରୁବାଇ ଅଞ୍ଚଳରୁ କୁଶାନ ମୁଦ୍ରା ଓ ପୁରୀ କୁଶାନ ମୁଦ୍ରା ମିଳିଛି । ଏହି ସବୁ ମୁଦ୍ରାର ପ୍ରଚଳନ ୫ମ ଶତାବ୍ଦୀ ପୂର୍ବରୁ ରହିତ ହୋଇଥିଲା । ଏଣୁ ଚିଲିକା ଓ ସମୁଦ୍ର କୂଳରେ ଥିବା ପଥର ବର୍ଣ୍ଣନା ନଥିଲେ ମଧ୍ଯ ଏଠାରେ ଯେ ଏକ ପ୍ରଶସ୍ତ ପଥ ଥିଲା ସେଥିରେ ସନ୍ଦେହ ନାହିଁ । ମାତ୍ର ଏହି ପଥରେ ବର୍ଷା ଦିନେ ଯାତାୟତର ସମ୍ଭାବନା ବିଶେଷତଃ ଯାନବାହାନ ଯୋଗ ଅତି ଅଳ୍ପ । ଚିଲିକାର ଉତ୍ତର କୂଳରେ ରାସ୍ତା ଥିବାର ପ୍ରମାଣ ମଧ୍ଯ ମିଳେ ନାହିଁ । ତେବେ କି ଖୋର୍ଦ୍ଧା ଅଞ୍ଚଳରୁ ନୟାଗଡ଼ ଭିତରେ ଗଞ୍ଜାମକୁ କରଚଲି ଘାଟିରେ ଗୋଟିଏ ସ୍ଥଳପଥ ଥିଲା ? ଆଇନ ଆକବରୀ ଗ୍ରନ୍ଥରୁ କଳଦଣ୍ଡପାଟ ଓ ରାମମହେନ୍ଦ୍ରୀ ସରକାର ଉଲ୍ଲେଖ ଥିଲେ ମଧ୍ଯ ମୋଗଲମାନେ ଚିଲିକାର ଦକ୍ଷିଣକୁ କ୍ଷମତା ବିସ୍ତାର କରିବା ପାଇଁ ଚେଷ୍ଟା କରି ନଥିଲେ । ୧୬୨୪-୨୫ରେ ସାଜାହାନ ଦାକ୍ଷିଣାତ୍ୟରୁ ଏହି ପଥରେ ଓଡ଼ିଶାକୁ ଆସି କଟକରେ ଉପସ୍ଥିତ ହୋଇ ଥିଲେ । ୧୮୦୩ରେ ଇଂରେଜମାନେ ଗଞ୍ଜାମରୁ ମାଲୁଦ ଭିତରେ ଚିଲିକା ମୁହାଣ ପଥରେ ପୁରୀ ଆସିଥିଲେ ।

## ଉତ୍କଳକୁ ଜଳ ପଥ

ଓଡ଼ିଶାର ସମୁଦ୍ର କୂଳରେ ବନ୍ଦର ଥିବାର କଥା ଭୂଗୋଳ ବେତ୍ତା ଟଲେମୀ ଓ ଐତିହାସିକ ପ୍ଲିନିଙ୍କ ଲେଖାରୁ ଜଣାଯାଏ । ମାତ୍ର ସେ ସବୁ ସ୍ଥାନର ନିର୍ଣ୍ଣୟ ହୋଇ ନଥିବାରୁ ସେ ଗୁଡ଼ିକର ଇତିହାସ ଜଣାଯାଇ

ନାହିଁ । ହୁଏନସାଙ୍କ ବର୍ଣ୍ଣିତ ଚେଲିତାଲୋ ବନ୍ଦର ମଧ୍ୟ ନିର୍ଣ୍ଣୀତ ହୋଇ ନାହିଁ । କିନ୍ତୁ ବଙ୍ଗୋପସାଗର ପୂର୍ବପ୍ରାନ୍ତରେ ବ୍ରହ୍ମଦେଶ, ଜାଭା, ସୁମିତ୍ରା, ବାଲି, ବୋର୍ଣ୍ଣିଓରେ କଳିଙ୍ଗ ସଭ୍ୟତା ପ୍ରସାରିତ ହୋଇଥିଲା । କଳିଙ୍ଗ ଲୋକମାନେ ନୌକା ଓ ଜାହାଜରେ ଏହି ସବୁ ଦେଶ ଓ ଭାରତର ପଶ୍ଚିମ ଉପକୂଳରେ ଥିବା ବନ୍ଦର ଏପରିକି **Persian Gult** ଓ **Red Ser** ପର୍ଯ୍ୟନ୍ତ ବାଣିଜ୍ୟ କରୁଥିବାର ଅନୁମାନ ମଧ୍ୟ କରାଯାଏ ।

ଖୁବ୍ ସମ୍ଭବ ଚେଲିତାଲୋ ବନ୍ଦର ବୈତରଣୀ ଓ ମହାନଦୀ ମଧ୍ୟ ବ୍ରାହ୍ମଣୀ ନଦୀର ମୁହାଣରେ କଟକ ଜିଲ୍ଲାରେ ଅବସ୍ଥିତ ଥିଲା । ମାତ୍ର କଟକ ଜିଲ୍ଲାର ସମୁଦ୍ର-ଉପକୂଳବର୍ତ୍ତୀ ଅଞ୍ଚଳର ପ୍ରତ୍ନତତ୍ତ୍ୱ ଆଦୌ ଆଲୋଚିତ ହୋଇନାହିଁ କହିଲେ ଚଳେ । କନିକା ଜମିଦାରୀ ଅନ୍ତର୍ଗତ ସମୁଦ୍ରକୂଳବର୍ତ୍ତୀ ସାତଭାୟାଠାରେ ବହୁ ମନୁଷ୍ୟାକୃତି ପ୍ରସ୍ତର ମୂର୍ତ୍ତି ଥିବାର ସନ୍ଧାନ ମିଳିଛି । ଏହାଛଡ଼ା ବ୍ରାହ୍ମଣୀ ନଦୀ ଓ ତାହାର ଶାଖା ପ୍ରଶାଖା ଗୁଡ଼ିକର କୂଳରେ ବହୁ ପ୍ରାଚୀନକୀର୍ତ୍ତି ଅବସ୍ଥିତ ଅଛି । ଏହି ସବୁ ଅଞ୍ଚଳରେ ଯେଉଁ ସ୍ଥାନରୁ ଖ୍ରୀ ୭ମ ଶତାବ୍ଦୀର ପୂର୍ବବର୍ତ୍ତୀ ପ୍ରାଚୀନ କୀର୍ତ୍ତିର ପ୍ରମାଣ ମିଳିବ, ସେଠାରେ ଏହି ପ୍ରାଚୀନ ବନ୍ଦରର ଅବସ୍ଥିତି ସ୍ଥିରୀକୃତ ହେବାର ସମ୍ଭବ ।

# ଫିରୋଜସାହଙ୍କର ଜାଜନଗର ଅଭିଯାନ

ଦିଲ୍ଲୀର ତୁଘଲକ ବଂଶୀୟ ସୁଲତାନ ଫିରୋଜ ସାହା ଖ୍ରୀ:୧୩୫୩ ଠାରୁ ୧୩୮୮ ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ । ସେ ବଙ୍ଗଦେଶ ଓ ତତ୍ପରେ ଖ୍ରୀ: ୧୩୬୦ରେ ଓଡ଼ିଶା ଆକ୍ରମଣ କରିଥିଲେ । ତତ୍କାଳୀନ ଓଡ଼ିଶା ଜାଜନଗର ନାମରେ ପରିଚିତ ଥିଲା ବୋଲି ମୁସଲମାନ ଇତିହାସ ଲେଖକମାନଙ୍କ ଗ୍ରନ୍ଥରୁ ଜଣାଯାଏ । ସେ ସମୟରେ ଓଡ଼ିଶାରେ ଗଙ୍ଗ-ବଂଶୀୟ ୩ୟ ବୀରଭାନୁ ଦେବ (ଖ୍ରୀ: ୧୩୫୨-୭୮) ରାଜତ୍ୱ କରୁଥିଲେ । ଫାରସୀ ଭାଷାରେ 'ବ' ଅକ୍ଷର ନ ଥିବାରୁ ଗ୍ରନ୍ଥକାର ବାଧ ହୋଇ ତାଙ୍କ ନାମ 'ପିରଭାନ ଦେଓ' ଲେଖି ଥିଲେ, ଓ ସେହି ନାମ ଇଂରାଜୀ ଅନୁବାଦରେ ଅଛି । ସେ ୪ର୍ଥ ନରସିଂହଦେବଙ୍କ ପିତା ଥିଲେ । 'ସିରତ୍ ଇ-ଫିରୋଜସାହୀ' ନାମକ ଗୋଟିଏ ଉପାଦେୟ ଗ୍ରନ୍ଥରେ ଫିରୋଜ ସାହା କେଉଁ ବାଟରେ ବିହାରରୁ ଓଡ଼ିଶାକୁ ଆସିଥିଲେ ତାହାର ବିବରଣ ଅଛି । ମୈମନସିଂହ କଲେଜର ଇତିହାସ ଅଧ୍ୟାପକ ଶ୍ରୀଯୁକ୍ତ ଏନ୍ ବି. ରାୟ ଏ ବିଷୟରେ ଏକ ପ୍ରବନ୍ଧ ଲେଖି ଅଛନ୍ତି । ମୋ ସହିତ ପତ୍ରଦ୍ୱାରା ତାଙ୍କର ଯେଉଁ ପରାମର୍ଶ ହୋଇଥିଲା, ସେଥିରୁ ଜଣା ଯାଇଅଛି ଯେ ଫିରୋଜ ମାନଭୂମର ଶିଖର ଭୂମ, ଖିଚଙ୍ଗନଗର ବା କେଉଁଝର ଓ କଳକଳା ବାଟେ କଟକ ଯାଇଥିଲେ ।

ଫିରୋଜ ସାହାଙ୍କର ରାଜତ୍ୱ ବିଷୟରେ ଫାରସୀ ଭାଷାର 'ତାରିଖ-ଇ-ଫିରୋଜସାହୀ' ଏକ ଅମୂଲ୍ୟ ଗ୍ରନ୍ଥ । ଏହି ନାମରେ ଦୁଇଟି ଗ୍ରନ୍ଥ ଅଛି । ଗୋଟିଏ ଗ୍ରନ୍ଥର ଲେଖକ ସାମସ-ଇ-ସିରାଜ ଓ ଅନ୍ୟଟିର ଲେଖକ ବାରନି । ଏହି ଦୁଇଟି ଗ୍ରନ୍ଥ ଏ ପର୍ଯ୍ୟନ୍ତ ଇଂରାଜୀରେ ଅନୁବାଦିତ ହୋଇନାହିଁ । ଇଲଅଟ ଓ ଡାଉସନ **(Elliot and Dowson)** ସାହେବ ଦ୍ୱୟଙ୍କ ଲିଖିତ ଭାରତ ଇତିହାସ ୩ୟ ଖଣ୍ଡରେ ଜାଜନଗର

ଅଭିଯାନ ସମ୍ବନ୍ଧରେ ଯାହା ଲେଖା ହୋଇଅଛି ତାହାହିଁ ଫାରସୀ ନ ଜାଣିବା ଐତିହାସିକ ମାନଙ୍କର ସମ୍ବଳ ହୋଇଅଛି । ଫାରସୀ ଗ୍ରନ୍ଥରୁ ଜାଜନଗର ଅଭିଯାନ ବୃତ୍ତାନ୍ତର ଅଂଶଟି ମୁନସି ମହମ୍ମଦ ଏନାମୁଲହକଙ୍କ ଦ୍ୱାରା ଓଡ଼ିଆରେ ଅନୁବାଦ କରାଇ ଥିଲି; ଏଣୁ ମୁଁ ତାଙ୍କଠାରେ କୃତଜ୍ଞ । ତଳେ ତାହା ମୁଦ୍ରିତ ହେଲା । ଏହି ଗ୍ରନ୍ଥରେ ଥିବା ଓଡ଼ିଶାର ସବୁ କଥା ମୁନସିଙ୍କ ଦ୍ୱାରା ଅନୁବାଦିତ ହେଲା ପରି ଜଣା ଯାଉନାହିଁ । କାରଣ ଇଲିଅଟ ଓ ଡାଉସନଙ୍କ ଗ୍ରନ୍ଥର ନିମ୍ନୋକ୍ତ ବିବରଣ ଓଡ଼ିଆ ଅନୁବାଦରେ ନାହିଁ । ବିବରଣ ତଳେ ଉଦ୍ଧୃତ ହେଲା :—

"Those who accompanied the Sultan relate that the numbers of animals of every kind were so great that no one cared totake these Two 'jitals' (about 2 annas) was the price ot a hor e;as for cattle, no one would buy them. Sheep were found in such countless numbers, that at every halt grea numbers were slaughtered. If any were not required, they were left behind, because a plentiful supply was sure to be found at the next stage The author has mentioned these matters to show the prosperity of the country. He has further been informed that the inhabitants had spacious houses and fine gardens they had even grardens and walks within their houses and fruit trees, flowers etc were cultivated therein"

ସୁଲତାନଙ୍କ ସଙ୍ଗରେ ଯାଇଥିବା ଲୋକମାନେ କହି ଅଛନ୍ତି— ନାନା ଜାତି ପଶୁର ସଂଖ୍ୟା ଦେଶରେ ଏତେ ଅଧିକ ଯେ ସେ ଗୁଡ଼ିକୁ କାହାରି ନେବାର ଦରକାର ନାହିଁ । ଘୋଡ଼ା ଗୋଟାକର ଦାମ ଦୁଇ ଜିତଲ (ଆଧୁନିକ ଦୁଇଅଣା) ଗୋରୁ ମହିଷିକୁ କେହି ପଇସା ଦେଇ କିଣନ୍ତି ନାହିଁ । ଛେଳି, ମେଣ୍ଢା ଏତେ ବହୁତ ମିଳନ୍ତି ଯେ ପ୍ରତ୍ୟେକ

ଚଟି ଯାଗାରେ ଅସଂଖ୍ୟ ଛେଳି ମେଣ୍ଢା ମରା ଯାଇଥିଲା । ଯେଉଁ ଗୁଡ଼ିକ ମରାଯାଉ ନଥିଲା, ସେଗୁଡ଼ିକ ସେଠାରେ ଛାଡ଼ି ଦିଆ ଯାଉଥିଲା । କାରଣ ପରବର୍ତ୍ତୀ ଚଟିରେ ଅପର୍ଯ୍ୟାପ୍ତ ସରବରାହ ମିଳିବାର ଠିକ ଥିଲା । ଗ୍ରନ୍ଥକାର ଏହି ସବୁର ବିଶଦ ବର୍ଣ୍ଣନା କରି ଦେଶର ଧନ ପରିମାଣର ସୂଚନା ଦେଇଥିଲେ । ସେ ଆହୁରି ଶୁଣିଥିଲେ ଯେ ଅଧିବାସୀ ମାନଙ୍କର ବଡ଼ ବଡ଼ ଘର ଓ ସୁନ୍ଦର ସୁନ୍ଦର ବଗିଚା ଥିଲା । ଲୋକମାନଙ୍କର ଘରର ହତା ଭିତରେ ରାସ୍ତା ଓ ବଗିଚା ଥିଲା, ଏହିସବୁ ବଗିଚା ଫୁଲଗଛ ଓ ଫଳଗଛ ଦ୍ୱାରା ପୂର୍ଣ୍ଣ ଥିଲା ।

ଓଡ଼ିଶାର ସେହି ଧନ ସମ୍ପତ୍ତି ଆଜ ନାହିଁ—ଯେଉଁଠାରେ ଦିନେ ଶସ୍ୟର ଦାମ ନ ଥିଲା, ସେଠାରେ ଏବେ ଟଙ୍କାରେ ୧ କାଲେ ଚାଉଳ ମିଳୁ ନାହିଁ । ଗୋରୁ ମହିଷି; ଛେଳି, ମେଣ୍ଢା, ଅବସ୍ଥା କହିଲେ ନ ସରେ । ଘିଅ ଅନ୍ୟ ପ୍ରଦେଶରୁ ଲକ୍ଷ ଲକ୍ଷ ମହଣ ଆସି ବିକ୍ରୀ ହେଉଅଛି । ପ୍ରାଚୀନ ଲେଖାରୁ ପ୍ରମାଣିତ ହୁଏ ଯେ ଓଡ଼ିଶାରେ ଭଲ ଭଲ ଘୋଡ଼ା ମିଳୁଥିଲେ । ଖ୍ରୀ: ୧୩୬୦ରେ ଘୋଡ଼ା ଗୋଟାକ ଦୁଇ ଅଣାରେ ମିଳୁଥିଲା । ଫୁଲ ଓ ଫଳ ତଥା ବଡ଼ ବଡ଼ ଘର ଓ ସୁନ୍ଦର ବଗିଚା ଦେଖିବାକୁ ସ୍ୱପ୍ନ । ୬୦୦ ବର୍ଷ ଭିତରେ ଓଡ଼ିଶାରେ ଘୋର ଅର୍ଥନୈତିକ ପରିବର୍ତ୍ତନ ଘଟିଅଛି । ଦେଶର ପୂର୍ବ ଅବସ୍ଥା ଲୋକେ ଭୁଲି ଯାଇଅଛନ୍ତି ମାତ୍ର ଇତିହାସ ତାକୁ ସମ୍ପାଦି ରଖି କହୁଅଛି ଯେ 'କର୍ପୂର ଉଡ଼ି ଯାଇଛି—କନା ଖଣ୍ଡିକ ମାତ୍ର ପଡ଼ିଅଛି ।'

ନିମ୍ନୋକ୍ତ ବିବରଣୀଟି ସାମସ୍-ଇ-ସିରାଜଙ୍କ "ତାରିଖ-ଇ-ଫିରୋଜ ସାହି" ନାମକ ଫାରସୀ ଗ୍ରନ୍ଥରୁ ଅନୂଦିତ ହୋଇ ଅଛି ।

ଫିରୋଜ ସାହା ଈଶ୍ୱରଙ୍କ କୃପାରୁ ବିଜୟୀ ହୋଇ ବଙ୍ଗ ଦେଶରୁ ଜୌନପୁର ସହରକୁ ଫେରି ଆସିଲେ । ତହୁଁ ସେ ଜାଜନଗର ଅଭି-ମୁଖରେ ଯାତ୍ରା କରିବାର ଇଚ୍ଛାକଲେ । ସଙ୍ଗରେ ଥିବା କର୍ମଚାରୀମାନେ ମାଲ ଓ ଆସବାବ ଗୁଡ଼ିକ ସଜବାଜ କରି ବୋଝେଇ କଲେ ଏବଂ

ସେଗୁଡ଼ିକର ତତ୍ତ୍ୱ ନେବା ପାଇଁ ସେମାନଙ୍କୁ ଆଗରୁ ପଠାଇ ଦେଲେ । ସମସ୍ତ ଆୟୋଜନ ହେବା ପରେ ବନା ବିଶ୍ରାମରେ ଦବାଗଞ୍ଜ ଗୃହ ବିହାର ଭିତରଦେଇ ଜାଜନଗର ଆଡ଼କୁ ଆସିଲେ । ସେ ଦେଖିଲେ ଯେ ଜାଜନଗର ଲୋକମାନେ ସୁଖରେ କାଳ ଯାପନ କରୁ ଅଛନ୍ତି ଏବଂ ବାଗବଗିଚା ଗୁଡ଼ିକ ପୁଷ୍ପ ଓ ପଲ୍ଲବରେ ଶୋଭିତ ହୋଇଅଛି । ଏହା ଦେଖି ସେ ଈଶ୍ୱରଙ୍କୁ ଧନ୍ୟବାଦ ଦେଲେ ଏବଂ କହିଲେ ଯେ ଜାଜନଗର କୃଷିପ୍ରଧାନ ଦେଶ ଏବଂ ସେଠାରେ ଅଧିକ ପରିମାଣରେ ଶସ୍ୟାଦି ଉତ୍ପାଦିତ ହୁଏ । ଫିରୋଜ ଶାହା ଅତି ପ୍ରଫୁଲ୍ଲ ଚିତ୍ତରେ ବନାରସୀ * ମୁକାମରେ ପହୁଞ୍ଚିବାର ଇଚ୍ଛା ପ୍ରକାଶ କଲେ । ବନାରସୀରେ ସ୍ୱାଧୀନ ରାଜାମାନଙ୍କର ରାଜପ୍ରାସାଦ ଅଛି । ସେତେବେଳେ ଜାଜନଗର ରାଜା ଆଦୀଶ୍ୱର କୌଣସି କାରଣ ବଶତଃ ବନାରସୀରେ ନ ରହି ଅନ୍ୟ ସ୍ଥାନରେ ରହିଥିଲେ । ଫିରୋଜ ଶାହା ଆସି ବନାରସୀରେ ଉପସ୍ଥିତ ହେଲେ । ବନାରସୀ ଜିଲ୍ଲାର ଆୟତନ ୩୦ କୋଶ ଅଟେ । ପ୍ରତି କୋଶରେ ଲୋକମାନେ ବାସ କରନ୍ତି । ଲୋକମାନେ କହନ୍ତି ଯେ, ଏଠାକାର ରାଜାମାନେ ବ୍ରାହ୍ମଣ ଅଟନ୍ତି ଏବଂ ଯେଉଁ ରାଜା ସିଂହାସନାରୋହଣ କରନ୍ତି ସେ ଆନନ୍ଦୋତ୍ସବର ଚିହ୍ନ ସ୍ୱରୂପ ସେହି ଜିଲ୍ଲାରେ ଗୋଟିଏ ପକାଘର ନିର୍ମାଣ କରନ୍ତି । ଏହି କାରଣରୁ ଏହି ଜିଲ୍ଲାଟି ଅନେକ ବଡ଼ ଦେଖାଯାଏ ।

ଯେତେବେଳେ ଜାଜନଗର ରାଜା ଶୁଣିଲେ ଯେ ଫିରୋଜ ଶାହା ଜାଜନଗରକୁ ସୈନ୍ୟ ଘେନି ଆସିଛନ୍ତି, ସେ ଭୀତ ହୋଇ ଗୁପ୍ତ ଭାବରେ ନଈ (ଫାରସିରେ ଦରିଆ) ପାର ହୋଇ ଗଡ଼ଗୁଡ଼ି ଚାଲିଗଲେ । ଲୋକମାନ ମଧ୍ୟ ଭୀତ ହୋଇ କିଏ କେଉଁଆଡ଼େ ଦେଶରୁ ପଳାଇଗଲେ ଏବଂ କେତେକ ପାହାଡ଼ ଗୁମ୍ଫାମାନଙ୍କରେ ଆଶ୍ରୟ ନେଲେ ଓ କେତେକ ବନ୍ଦୀ ହେଲେ । ଫିରୋଜ ସାହାଙ୍କ ସୈନ୍ୟମାନେ ଅସୁମାରି ପଶୁ ଆଦି ଲୁଟପାଟ କରି ଆଣିଲେ । ଜାଜନଗରକୁ ପଶୁ ଓ ଶସ୍ୟାଦିରେ ପରିପୂର୍ଣ୍ଣ ଦେଖି ଫିରୋଜ ସାହା ବଡ଼ ଦୁଃଖର ସହିତ ପ୍ରକାଶ କଲେ ଯେ ଏଠାରେ ଜଣେ

* ବନାରସୀର ସଂସ୍କୃତ ନାମ ବାରାଣାସୀ—ତାହା ଅପଭ୍ରଂଶ ହୋଇ ବର୍ତ୍ତମାନ କଟକର ବଡ଼ାନାସୀ ହୋଇଅଛି ।

ସଙ୍ଗା ମୁସଲମାନର ବାସସ୍ଥାନ ନାହିଁ । ଏଠାକାର ସମସ୍ତ ବାସିନ୍ଦା ହିନ୍ଦୁ ଅଟନ୍ତି । ଫିରୋଜ ସାହା ବନାରସୀରୁ ବାହାରି ଜାଜନଗର ରାଜାଙ୍କର ପଶ୍ଚାତ୍‌ଗାମୀ ହୋଇ ତାଙ୍କୁ ଧରିବାର ଇଚ୍ଛା କଲେ । ରାଜା ମଜକୁର ଏହାଙ୍କ ଆସିବା ପୂର୍ବରୁ ଗଡ଼ ଛାଡ଼ି କେଉଁଆଡ଼େ ପଳାଇ ଯାଇ ନଦୀ ମଧ୍ୟରେ ଥିବା କୌଣସି ସ୍ଥାନରେ ଗୁପ୍ତ ଭାବରେ ରହିଥିଲେ । ପଳାଇ ଯିବା ବେଳେ ଗୋଟିଏ ମସ୍ତ ଓ ଭୟଙ୍କର ହାତୀକୁ ଦ୍ୱାର ଦେଶରେ ରଖି ଯାଇଥିଲେ । ଅନ୍ୟ କୌଣସି ହାତୀ ତାର ସମ୍ମୁଖରେ ଠିଆ ହେବାକୁ ଭୟ ପାଉଥିଲା । ରାଜାଙ୍କ ଦ୍ୱାରା ଏପରି ଭାବରେ ହାତୀ ଛାଡ଼ି ଯିବାର କାରଣ ଏହି ଯେ, ଫିରୋଜ ସାହାଙ୍କ ସୈନ୍ୟମାନେ ଏହାର ତାମସା ଦେଖିବାକୁ ରହିଗଲେ ତାଙ୍କର ପଶ୍ଚାତ୍‌ଗାମୀ ହୋଇ ପାରିବେ ନାହିଁ । ତିନଦିନ ପର୍ଯ୍ୟନ୍ତ ଫିରୋଜ ସାହାଙ୍କ ଲୋକମାନେ ସେହି ହାତୀଟିକୁ ଧରିବାକୁ ଚେଷ୍ଟା କଲେ, ମାତ୍ର କୌଣସି ମତେ ତାକୁ ଧରି ପାରିଲେ ନାହିଁ । ତହୁଁ ଫିରୋଜ ସାହା ତିନଦିନ ପରେ ତାକୁ ଗୁଳି କରି ଦେବା ପାଇଁ ହୁକୁମ ଦେବାରୁ ତାକୁ ଗୁଳି କରି ଦିଆଗଲା । ତତ୍ପରେ ଫିରୋଜ ସାହା ଆପଣା ସୈନ୍ୟ-ମାନଙ୍କୁ ସଙ୍ଗରେ ନେଇ ଗଡ଼ ଭିତରେ ପଶିଲେ ଓ ଶୁଣିଲେ ଯେ ଏହାର ନିକଟରେ ଗୋଟିଏ ଜଙ୍ଗଲ ଅଛି । ଉକ୍ତ ଜଙ୍ଗଲରେ ସାତଗୋଟି ହାତୀ ଏବଂ ଗୋଟିଏ ହାତୁଣୀ ଅଛନ୍ତି । ଫିରୋଜ ସାହା ଏହା ଶୁଣିଲା ମାତ୍ରେ ଇଚ୍ଛା ପ୍ରକାଶ କଲେ ଯେ ଆଗେ ଏ ହାତୀମାନଙ୍କୁ ଧରିବା, ତତ୍ପରେ ରାଜାଙ୍କର ପଶ୍ଚାତ୍‌ଗାମୀ ହେବା ।

ଫିରୋଜସାହା ଜଙ୍ଗଲ ହାତୀମାନଙ୍କର ଖବର ପାଇ ଅନେକ ସୈନ୍ୟ ସଙ୍ଗରେ ନେଇ ଜଙ୍ଗଲକୁ ଗଲେ । ପ୍ରାୟ ୧୦।୧୧ କ୍ରୋଶ ପର୍ଯ୍ୟନ୍ତ ହାତୀମାନେ ଘର କରି ରହିଥିଲେ । ଫିରୋଜ ସାହାଙ୍କ ହୁକୁମ ମାତ୍ରେ ସମସ୍ତ ଲଷ୍କର ସୈନ୍ୟମାନେ ସେ ଜଙ୍ଗଲରେ କାଠଗଡ଼ା ବାନ୍ଧିଲେ ଏବଂ ତହିଁରେ ଦୁଇଗୋଟି ରାସ୍ତା ରଖିଲେ । କାଠଗଡ଼ା ଚଉଡ଼ାରେ ୧୦ ଗଜ ଓ ଉଚ୍ଚରେ ସାତଗଜ । ସମୁଦାୟ ଜଙ୍ଗଲକୁ କାଟୁଆ କରି ଦିଆଗଲା ଓ ତହିଁରେ ଦୁଇଗୋଟି ରାସ୍ତା ଖୁବ ଦୃଢ଼ କରି ରଖାଗଲା । ଉକ୍ତ କାଠଗଡ଼ା କିପରି ଦୃଢ଼ ଭାବରେ ରହିବ ତତ୍‌ସମ୍ବନ୍ଧରେ ପ୍ରତିଦିନ ଫିରୋଜ ସାହା

ସେଠାକୁ ଯାଇ ଅନେକ ତାଗିଦ୍ କରୁଥିଲେ । ବିଶେଷ ଯତ୍ନର ସହିତ କାଠଗଡ଼ାର କାର୍ଯ୍ୟ ଶେଷ ହେଲା । ବଡ଼ ବଡ଼ କେତେ ଗୁଡ଼ିଏ ଚତୁର ପୋଷାହାତୀ ଅଣାଗଲା ଓ କେତେ ଗୁଡିଏ ଗୁଲ୍ଲିକ ମାହୁନ୍ତ ଉକ୍ତ ହାତୀମାନଙ୍କ ଉପରେ ଚଢ଼ିଲେ । ଜଙ୍ଗଲର ଏକ ଦିଗରୁ ଅନେକ ଢୋ଼ଲ, ବାଜା ଓ ତୁରି ଆଦି ବଜାଇ ଜଙ୍ଗଲ ଭିତରକୁ ପଶିଲେ । ଜଙ୍ଗଲ ମଧ୍ୟରେ ବୁଲୁଥିବା ସେହି ଆଠଟି ହାତୀ ଢୋ଼ଲ ଆଦିର ଶବ୍ଦ ଓ ଲୋକଙ୍କ ଚିହ୍ନାଳ ଶୁଣି ମଇଦାନକୁ ଆଡ଼କୁ ପଳେଇଲେ । ପଳାଇବା ସମୟରେ ଯେଉଁ ବଡ ବଡ଼ ଗଛ ତାଙ୍କ ସାମନାରେ ପଡ଼ୁଥିଲା ସେଗୁଡ଼ିକୁ ମୂଳରୁ ଉପାଡ଼ି ଦେଉଥିଲେ । ଯେତେବେଳେ ହାତୀମାନେ ଜଙ୍ଗଲର ସୀମାକୁ ଆସିଲେ, ଲୋକମାନେ କାଠଗଡ଼ା ଉପରେ ଚଢ଼ି ଖୁବ ପାଟିକଲେ ଓ ଢୋ଼ଲ ଆଦି ବଜାଇଲେ । ଏଥିରେ ଚମକି ଯାଇ ହାତୀମାନେ ଜଙ୍ଗଲ ଭିତରକୁ ପଳାଇଗଲେ । କ୍ରମାଗତ ଏହିପରି କେତେ ଦିନ କଲା ଉତ୍ତାରୁ ହାତୀସବୁ ଥକି ଯାଇ ଖାଇବା ପିଇବା ଛାଡି ଦେଲେ ଏବଂ ଅତିଶୟ ଦୁର୍ବଳ ହୋଇ ପଡ଼ିଲେ । ସେମାନଙ୍କର ପାଦ ପକାଇବାର ଶକ୍ତି ରହିଲା ନାହିଁ । ଏହି ସମୟରେ ଯେଉଁ ମାହୁନ୍ତମାନେ ଗଛ ଉପରେ ଚଢିଥିଲେ ସେମାନେ ହାତୀମାନଙ୍କ ପିଠି ଉପରକୁ ଡେଇଁ ପଡ଼ିଲେ ଏବଂ ପ୍ରତ୍ୟେକକୁ ଜଞ୍ଜିରରେ ବାନ୍ଧି ପକାଇଲେ । ଫିରୋଜ ସାହା ଏହିପରି ଭାବରେ ଉକ୍ତ ଆଠଟି ହାତୀ ଧଇଲେ । ଏହା ଉତ୍ତାରୁ ଫିରୋଜ ସାହା ରାଜାଙ୍କ ପାଖକୁ ଯିବାର ଚେଷ୍ଟା କଲେ ଏବଂ ଗଡ଼କୁ ଫେରି ଆସିଲେ । ଗଡ଼ଟି ଅତି ସୁନ୍ଦର ଓ ଅତିଶୟ ମଜବୁତ୍ । ରାଜା ମଜକୁର ଉକ୍ତ ଗଡ଼ ମଧ୍ୟରେ ଶ୍ରୀଜଗନ୍ନାଥଙ୍କର ପଥର ମୂର୍ତ୍ତି ରଖିଥିଲେ ଏବଂ ଉକ୍ତ ଠାକୁର ତାଙ୍କର ଇଷ୍ଟଦେବତା ଥିଲେ । ଫିରୋଜ ସାହା ଉକ୍ତ ଶ୍ରୀଜଗନ୍ନାଥ ମୂର୍ତ୍ତିକୁ ଆପଣା ସଙ୍ଗେ ଦିଲ୍ଲୀକୁ ନେଇ ଯାଇଥିଲେ ।

ରାଜା ଯେଉଁ ଦ୍ୱୀପରେ ଲୁଚି ରହିଥିଲେ ଫିରୋଜ ସାହା ଧରିବା ମାନସରେ ସେଠାକୁ ଯିବାର ଚେଷ୍ଟାକଲେ । ରାଜା ମଜକୁର ଭୟଭୀତହୋଇ କେତେକ ଜଣ ପାତ୍ରଙ୍କୁ ଫିରୋଜ ସାହଙ୍କ ନିକଟକୁ ପଠାଇଥିଲେ ଏବଂ ସେମାନେ ଫିରୋଜ ସାହଙ୍କ ନିକଟକୁ ଆସି ଅତି ବିନୟ ଭାବରେ ରାଜାଙ୍କ

ଅବସ୍ଥା ଜଣାଇଲେ । ରାଜାଙ୍କର ୨୦ ଜଣ ପାବ ଥିଲେ । ଏମାନେ ଯୁଦ୍ଧରେ ସୈନ୍ୟମାନଙ୍କ ଆଗରେ ଥାଆନ୍ତି ଓ ଦେଶ ରକ୍ଷା କରନ୍ତି । ରାଜାଙ୍କର ପାଞ୍ଚ ଜଣ ପାବ ଫିରୋଜ ସାହଙ୍କ ନିକଟକୁ ଯାଇ ଅତି ବିନୟ ଭାବରେ ରଜାଙ୍କ ସମସ୍ତ ଅବସ୍ଥା ସାହା ମଜକୁରଙ୍କୁ ଜଣାଇଲେ ଏବଂ କହିଲେ "ରାଜା ଆପଣଙ୍କର ଆଜ୍ଞାଧୀନ ଅଟନ୍ତି । ଶ୍ରୀ ହଜୁରଙ୍କର ଆଜ୍ଞାଧୀନ ପ୍ରତି କି ଆଜ୍ଞା ହେଉଅଛି ?"

ଫିରୋଜ ସାହା ପାବମାନଙ୍କର ଏପରି କଥା ଶ୍ରବଣ କରି ଅତି ନମ୍ର ଭାବରେ କହିଲେ "ମୋର ଏ ଉଦ୍ଦେଶ୍ୟ ନ ଥିଲା ଯେ ମୁଁ ତୁମ୍ଭର ରାଜାଙ୍କୁ ହତ୍ୟା କରି ତାଙ୍କର ଦେଶ ଜୟ କରିବି । ମୁଁ କେବଳ ହାତୀ ଧରିବାକୁ ଆସିଥିଲି କାରଣ ମୁଁ ଶୁଣିଥିଲି ଯେ ଜାଜନଗରରେ ଅନେକ ହାତୀ ଅଛନ୍ତି । ତୁମ୍ଭର ରାଜା ମୋର ଏଠାକୁ ଆସିବାର ଜାଣିପାରି ନିଜେ ଭୟଭୀତ ହୋଇ ଗଡ଼ ଛାଡ଼ି ପଳାଇଗଲେ ଏବଂ ନଦୀ ଭିତରେ ଥିବା ଟାପୁରେ ଯାଇ ଲୁଚିଲେ ।" ରାଜା ପାବମାନଙ୍କଠାରୁ ଏପରି ବାକ୍ୟ ଶ୍ରବଣ କରି ଫିରୋଜ ସାହଙ୍କ ନିକଟକୁ ଖୁବ୍ ଭଲ ଭଲ ୨୦ ଘର ହାତୀ ପଠାଇଦେଲେ ଏବଂ ପ୍ରତିଜ୍ଞା କଲେ କି ପ୍ରତିବର୍ଷ ମାଲଗୁଜାରି ସ୍ୱରୂପ କେତେଗୁଡ଼ିଏ ବଡ଼ ହାତୀ ପଠାଇ ଦିଆ ଯାଉଥିବ । ଫିରୋଜ ସାହା ମଧ୍ୟ ରାଜାଙ୍କ ସକାଶେ ଅନେକ ଗୁଡ଼ିଏ ଜରିକାମ କରା ହୋଇଥିବା ପୋଷାକ ପଠାଇ ଦେଲେ ଏବଂ ଯେଉଁ ପାବମାନେ ତାଙ୍କ ନିକଟକୁ ରାଜାଙ୍କ ପକ୍ଷରୁ ଉତ୍ତର ସ୍ୱରୂପ ଆସିଥିଲେ ସେମାନଙ୍କୁ ମଧ୍ୟ ଜରି ପୋଷାକ ଦେଲେ । ତତ୍‌ପରେ ଫିରୋଜ ସାହା ଅତି ଆନନ୍ଦ ସହିତ ଅପଣା ଦେଶକୁ ଫେରିଗଲେ । ଏହିପରି ଫିରୋଜ ସାହା ଲକ୍ଷ୍ନୌତି ( ଲକ୍ଷ୍ମଣାବତୀ ) ଓ ଜାଜନଗରକୁ ଜୟ କଲେ । ଦିଲ୍ଲୀକୁ ଫେରି ଆସିବା ସମୟରେ ତାଙ୍କ ସଙ୍ଗରେ ୭୩ ଘର ହାତୀ ଆଣିଥିଲେ । ଉପରୋକ୍ତ ଦୁଇ ଦେଶରେ ଫିରୋଜ ସାହା ଦୁଇ ବର୍ଷ ସାତ ମାସ ରହିଥିଲେ ।

# ଫିରୋଜସାହ ଓ ଓଡ଼ିଶା

## ( ମୁସଲମାନ ଐତିହାସିକମାନଙ୍କ ସତ୍ୟ-ଗୋପନ )

କ:—ବଙ୍ଗଳାର ଇଲୟୁାସାହଙ୍କ ସହିତ ଗଙ୍ଗନୃପତି ନରସିଂହ ଦେବ ୩ୟଙ୍କର ଓ ଭାନୁଦେବ ୩ୟଙ୍କର ସମ୍ପର୍କ ।

ଭାରତବର୍ଷର ଆଧୁନିକ ଇତିହାସ-ସଙ୍କଳନ କେବଳ ବୈଜ୍ଞାନିକ ପ୍ରଣାଳୀରେ ଐତିହାସିକ ଉପାଦାନସମୂହର ପରୀକ୍ଷା ଉପରେ ଲିଖିତ ହେଉଛି ଓ ତଦନୁସାରେ ଭାରତର ବିଭିନ୍ନ ରାଜ୍ୟସମୂହର ଇତିହାସ ବିଶିଷ୍ଟ ଐତିହାସିକମାନଙ୍କ ଦ୍ୱାରା ସଙ୍କଳିତ ହେଉଅଛି । ଏହି ସଙ୍କଳନଦ୍ୱାରା ବମ୍ବାଇର 'ଭାରତୀୟ ବିଦ୍ୟାଭବନ' ପକ୍ଷରୁ "ଭାରତବାସୀଙ୍କର ଇତିହାସ ସଂସ୍କୃତି" ଅଳ୍ପକାଳ ହେଲା ପ୍ରକାଶିତ ହୋଇଅଛି ; ଏହି ସଙ୍କଳନର ୬ଷ୍ଠ ଭାଗରେ "ଦିଲ୍ଲୀର ସୁଲତାନବର୍ଗ" ପୁସ୍ତକରେ ଫିରୋଜସାହଙ୍କର ଇତିହାସ ଡାକ୍ତର ରମେଶଚନ୍ଦ୍ର ମଜୁମଦାର ଓ ପ୍ରଫେସର ମାରଦବରଣ ରାୟଙ୍କର ଲେଖା ସନ୍ନିବେଶିତ ହୋଇଛି । "ବଙ୍ଗଳାର ଇତିହାସ" ୨ୟ ଭାଗ-ଯାହାକି ଡାକ୍କା ବିଶ୍ୱବିଦ୍ୟାଳୟପକ୍ଷରୁ ମୁଦ୍ରିତ ହୋଇଛି—ତାହା ସ୍ୱର୍ଗୀୟ ଯଦୁନାଥ ସରକାରଙ୍କଦ୍ୱାରା ସମ୍ପାଦିତ ହୋଇ ତହିଁରେ ଏହି ସମୟର ଇତିହାସ ଆଲୋଚିତ ହୋଇଛି । ଏହି ଦୁଇଟି ଗ୍ରନ୍ଥରେ ଫିରୋଜସାହଙ୍କର ଯେଉଁ ଇତିହାସ ଆଲୋଚିତ ହୋଇଛି ତହିଁରେ ଫାରସି ଭାଷାରେ ଲିଖିତ ମୁସଲମାନ୍ ଐତିହାସିକମାନଙ୍କର ଲେଖାର ଇଂରାଜି ଅନୁବାଦଦ୍ୱାର ଯାହା ଜଣା ଯାଇଥିଲା ତାହାସବୁ ଆଲୋଚିତ ହୋଇଛି । ଫିରୋଜ-ସାହଙ୍କର ଇତିହାସ ଫାରସି ଭାଷାରେ ଲିଖିତ ଜିଆଉଦ୍ଦୀନ୍ ବରାନୀଙ୍କକୃତ 'ତାରିଖ-ଇ-ଫିରୋଜ ସାହୀ', ସାମସ-ଇ-ସିରାଜ ଅଫିଫଙ୍କ କୃତ ତାରିଖ-

ଇ-ଫିରୋଜସାହୀ' ଗ୍ରନ୍ଥ ଦ୍ୱୟର ଅନୁବାଦ ଇଲୟୁଟ ଓ ଡାଉସନ୍‌ସାହେବ ୧୮୭୧ରେ କରି ବହି ଆକାରରେ ମୁଦ୍ରିତ କରି ଥିଲେ । ଏହି ଦୁଇଟି ଗ୍ରନ୍ଥର ଅନୁବାଦ ଏବେ ମଧ୍ୟ ପୁନର୍ମୁଦ୍ରିତ ହୋଇ ଚଳୁଅଛି । କଲିକତାର ପ୍ରକାଶକ 'ସୁଶୀଲ ଗୁପ୍ତ' କୋମ୍ପାନୀ ଶେଷୋକ୍ତ ପ୍ରକାଶନ କରି ଥିବାର ଗ୍ରନ୍ଥଗୁଡ଼ିକ ସହଜରେ କିଣିବାକୁ ମିଳୁଅଛି । ଫିରୋଜସାହଙ୍କର ଇତିହାସ ଫାରସି "ଇନ୍‌ସା-ଇ-ମାରୁ" ଗ୍ରନ୍ଥର କେତେକାଂଶ ଇଂରାଜୀରେ ଅନୁବାଦିତ ହୋଇ 'ବଙ୍ଗୀଆଟିକ୍ ସୋସାଇଟି' ପତ୍ରିକାରେ ୧୯୨୩ରେ ଅବଦୁଲ ଶେଲଙ୍କଦ୍ୱାରା ପ୍ରକାଶିତ ହୋଇଅଛି । ତତ୍ପରେ ୧୯୪୭ରେ 'ବଙ୍ଗୀୟ ରଏଲ ଏସିଆଟିକ୍ ସୋସାଇଟି' ପତ୍ରିକାର ୭ ୮ ଗରେ ପ୍ରଫେସର ମାରଦବରଣ ରାୟଙ୍କଦ୍ୱାରା ଅନୁବାଦିତ ହୋଇ "ସିରତଇ-ଫିରୋଜସାହୀ" ନାମରେ ପ୍ରକାଶିତ ହୋଇଅଛି । ଏଥିରୁ ଦେଖା ଯାଇଅଛି ଯେ ଫିରୋଜ-ସାହଙ୍କର ଇତିହାସପାଇଁ ଯେଉଁ ସବୁ ଫାରସି ଗ୍ରନ୍ଥରେ ଉପାଦାନ, ଅଛି । ତାହା ୧୯୪୭ ପୂର୍ବରୁ ଐତିହାସିକମାନଙ୍କୁ ଜଣା ନ ଥିଲା ଓ ଏହି ସବୁ ଇଂରାଜୀ ଗ୍ରନ୍ଥରେ ଫାରସୀ ଗ୍ରନ୍ଥର ଉପାଦାନ ଛଡ଼ା ନୂତନ କିଛି ଐତିହାସିକ ଉପାଦାନ ଥିବାର କଥା କେହି ସନ୍ଦେହ କରି ନ ଥିଲେ ଓ ମୁସଲମାନ ଐତିହାସିକମାନଙ୍କର ଲେଖାକୁ ନିରାଟ ସତ୍ୟ ବୋଲି ସମସ୍ତେ ଗ୍ରହଣ କରି ଥିଲେ ।

'ସିରତ-ଇ-ଫିରୋଜ ସାହୀ'ର ଅନୁବାଦକ ପ୍ରଫେସର ମାରଦ-ବରଣ ରାୟ 'ବଙ୍ଗଳା ଇତିହାସ'ର ୨ୟ ଭାଗରେ ବଙ୍ଗଳାର ଇଲୟାସାହାଙ୍କ ଇତିହାସର ଲେଖକ । ବଙ୍ଗଳାର ଇଲୟାସ୍ ସାହ ଦିଲ୍ଲୀର ସୁଲତାନମାନଙ୍କର ଅଧୀନତା ସ୍ୱୀକାର ନ କରି ବଙ୍ଗଳାରେ ଏକ ସ୍ୱାଧୀନ ମୁସଲମାନ ରାଜ୍ୟ ସ୍ଥାପନ କରି ଥିଲେ । ତେଣୁ ଦିଲ୍ଲୀର ସୁଲତାନ ଫିରୋଜସାହ ତାଙ୍କ ବିରୁଦ୍ଧରେ ଅଭିଯାନ ଚଳାଇ ଦିଲ୍ଲୀରୁ ବଙ୍ଗ ଦେଶକୁ ଆସି ତାଙ୍କ ଦୁର୍ଗ ଅବରୋଧ କରି ଇଲୟାସ ସାହଙ୍କୁ ବଶୀଭୂତ ବା ଅଧୀନସ୍ଥ କରି ନ ପାରି ଦିଲ୍ଲୀ ଫେରିଥିଲେ । ଖ୍ରୀ: ୧୩୫୩ରେ ପ୍ରଫେସର ରାୟ ଇଲୟଟ ଓ ଡାଉସନଙ୍କ ଫାରସୀ ଲେଖାର ଅନୁବାଦରୁ ଓ ଓ୍ୟାଲିଙ୍କର ଅନୁବାଦରୁ ଓ ନିଜର ଅନୁବାଦରୁ ଫିରୋଜସାହଙ୍କ ସମ୍ପର୍କରେ ଯାହା ସବୁ ଇତିହାସ ପାଇ ଥିଲେ ତାହା

'ବଙ୍ଗଳାର ଇତିହାସ' ୨ୟ ଭାଗରେ ଲେଖି ଅଛନ୍ତି । ଡାକ୍ତର ରମେଶଚନ୍ଦ୍ର ମଜୁମଦାର ମଧ୍ୟ ପୂର୍ବୋକ୍ତ ଫାରସୀ ଲେଖାର ଇଂରାଜୀ ଅନୁବାଦ ଉପରେ ନିର୍ଭର କରି 'ଦିଲ୍ଲୀ ସୁଲତାନ' ଗ୍ରନ୍ଥରେ ଫିରୋଜ-ସାହଙ୍କର ଇତିହାସ ଲେଖି ଅଛନ୍ତି । ଏହି ଉଭୟ ଲେଖକ ; କିନ୍ତୁ 'ଏପିଗ୍ରାଫିଆ ଇଣ୍ଡିକା' ଗ୍ରନ୍ଥମାଳାର ୧୯ଶ ଭାଗ (୧୯୨୭-୨୮)ରେ ଡାକ୍ତର ନୋବେଲଙ୍କଦ୍ୱାରା ସମ୍ପାଦିତ ଏକ ଶିଳାଲିପିର କଥା ଆଲୋଚନା କରି ନାହାନ୍ତି । ଫଳରେ ସେମାନଙ୍କର ଫିରୋଜସାହଙ୍କର ଇତିହାସର ଆଲୋଚନା ଏକତରଫା ହୋଇ ଯାଇଛି । ପୂର୍ବେ ବିଶ୍ୱାସ କରାଯାଇ ଥିଲା ଯେ ମୁସଲମାନ ଐତିହାସିକମାନେ ନିର୍ଭୀକଭାବରେ ସୁଲତାନଙ୍କର ଇତିହାସ ଲେଖିଥିଲେ ; କିନ୍ତୁ ପଞ୍ଚଧାରଲାର ଧର୍ମଲିଙ୍ଗେଶ୍ୱର ମନ୍ଦିରରୁ ପ୍ରାପ୍ତ ଏହି ଶିଳାଲିପିରୁ ପ୍ରମାଣିତ ହେଉଛି ଯେ ଅଫିପ ଓ ସିରତ-ଇ-ଫିରୋଜସାହିର ଲେଖକଦ୍ୱୟ ସେମାନଙ୍କର ପୃଷ୍ଠପୋଷକ ସୁଲତାନ ଫିରୋଜସାହଙ୍କର ଇତିହାସରେ ସତ୍ୟ ଗୋପନ କରି ଅଛନ୍ତି । ଡାକ୍ତର ରମେଶଚନ୍ଦ୍ର ମଜୁମଦାର ଓ ପ୍ରଫେସର ରାୟ ପଞ୍ଚଧାରଲା ଲିପିର ବିଚାର କରି ନ ଥିବାରୁ ଇଲିୟାସସାହଙ୍କର ଜାଜନଗର ବା ଓଡ଼ିଶା ଆକ୍ରମଣ ଖ୍ରୀ: ୧୩୫୧ରେ କରିଥିବାର କଥାର କିଛି ମୂଳଭିତ୍ତି ନାହିଁ । ମୁସଲମାନ ଇତିହାସ ଲେଖକମାନଙ୍କର କଥାରେ ବିଶ୍ୱାସ କରି ପ୍ରଫେସର ମୀରଦବରଣ ରାୟ ଇଲିୟାସ ସାହଙ୍କର ନିହୁତ ଚମ୍ପାରଣ ଓ ନେପାଳରେ ରାଜ୍ୟ ବିସ୍ତାର ସମ୍ପର୍କରେ ତଳୋକ୍ତ ଭାବରେ ଇଂରାଜୀରେ ଯାହା ଲେଖି ଅଛନ୍ତି ତାହାର ଓଡ଼ିଆ ଅନୁବାଦ ତଳେ ଦିଆଗଲା—

"ଏହି ଅତ୍ୟୁଜ୍ଜ୍ୱଳ ସାଫଲ୍ୟରେ ଉତ୍ସାହିତ ହୋଇ ଇଲିୟାସ ସାହ ତାଙ୍କର ବହୁ ପରାକ୍ରମ ଦେଖାଇବାପାଇଁ ଆଉ ଏକ ଆଡ଼ମ୍ବରପୂର୍ଣ୍ଣ କୃତିତ୍ୱ ଦେଖାଇବାରେ ସକ୍ଷମ ହେଲେ । ବଙ୍ଗଦେଶରେ ଦକ୍ଷିଣ-ପଶ୍ଚିମରେ ସୁବର୍ଣ୍ଣରେଖାଠାରୁ ସମୁଦ୍ର କୂଳରେ ଗୋଦାବରୀଯାଏ ଏକ ଦୀର୍ଘ ସମତଳ ଭୂମି ସହିତ ଉଚ୍ଚାବଚ ମାଳଭୂମି ବିସ୍ତୃତ ଅଛି । ଖ୍ରୀଷ୍ଟୀୟ ୧୩ଶ ଓ ୧୪ଶ ଶତାବ୍ଦୀରେ ଏହା ଏକ ସମୃଦ୍ଧିଶାଳୀ ରାଜ୍ୟ ଥିଲା । ଏହାର ସମୃଦ୍ଧି ଓ ହଜାର ହଜାର ମନ୍ଦିର ବଙ୍ଗୀୟ ସୁଲତାନମାନଙ୍କ ଲୋଲୁପ ଦୃଷ୍ଟି

ଆକର୍ଷଣ କରୁଥିଲା ; କିନ୍ତୁ ଏ ଦେଶର ରାଜାମାନଙ୍କର ସୈନ୍ୟବଳ ମୁସଲମାନ ଆକ୍ରମଣରୁ ଦେଶକୁ ରକ୍ଷାକରିବାପାଇଁ ସମର୍ଥ ହୋଇଥିଲା ।"

"ଖ୍ରୀଷ୍ଟୀୟ ୧୪ଶ ଶତାବ୍ଦୀର ମଧ୍ୟଭାଗରେ ; କିନ୍ତୁ ଏହି ଗୌରବାନ୍ୱିତ ସମୃଦ୍ଧିଶାଳୀ ରାଜ୍ୟର ଦ୍ୱାର ଯାହାକି ବଙ୍ଗର ତୁରସ୍କ ସେନାପତିଙ୍କର ଅଭେଦ୍ୟ ଥିଲା, ତାହା ଇଲୟାସ ସାହଙ୍କଦ୍ୱାରା ବଳପୂର୍ବକ ଉନ୍ମୁକ୍ତ ହେଲା । ସେ ସମସ୍ତ ବାଧାବିଘ୍ନ ଅତିକ୍ରମ କରି ଚିଲିକା ହ୍ରଦ ପର୍ଯ୍ୟନ୍ତ ଦେଶ ମଧ୍ୟରେ ଅଗ୍ରସର ହୋଇଥିଲେ । ଓଡ଼ିଶାର ଲୋକମାନେ ଚିନ୍ତାଗ୍ରସ୍ତ ହୋଇ ଘରଦ୍ୱାର ଛାଡ଼ି ପଳାଇ ଚିଲିକାରେ ଆଶ୍ରୟ ନେଇ ଥିଲେ । ଇଲୟାସ ସାହ ତାହା ଆକ୍ରମଣ କରି ବହୁ ଧନ ସମ୍ପତ୍ତି ସହ ୪୪ଟି ହାତୀ ଦେଶ ଲୁଣ୍ଠନରେ ପାଇଥିଲେ ।" ୧

ପ୍ରଫେସର ରାୟ ଏହି ଗ୍ରନ୍ଥର ଅନ୍ୟତ୍ର ନିମ୍ନଲିଖିତ ବିଷୟ ଲେଖି ଅଛନ୍ତି—

"ସୁଲତାନ ତତ୍ପରେ ଓଡ଼ିଶା ପ୍ରତି ଦୃଷ୍ଟି ଦେଲେ । ପୂର୍ବବର୍ତ୍ତୀ ଶତାବ୍ଦୀରେ ଗଙ୍ଗନୃପତିମାନେ ବଙ୍ଗଦେଶ ଆକ୍ରମଣ କରିଥିଲେ ଓ ଏବେ ମଧ୍ୟ ପଶ୍ଚିମ ବଙ୍ଗଳାର କେତେକାଂଶ ତାଙ୍କ ଅଧିକାରଭୁକ୍ତ ଅଛି ; କିନ୍ତୁ ଗଙ୍ଗବଂଶୀୟ ରାଜା ଭାନୁଦେବ ୩ୟ * ଦୁର୍ବଳ ଥିବାରୁ ଇଲୟାସ ସାହ ଯାଜପୁର ଓ କଟକ ହୋଇ ଚିଲିକା ପର୍ଯ୍ୟନ୍ତ ଅଗ୍ରସର ହୋଇଥିଲେ । ସେ ଓଡ଼ିଶାର ବହୁ ମନ୍ଦିର ବିଧ୍ୱସ୍ତ କରିଥିଲେ ଓ ୪୪ଟି ହାତୀସହ ବହୁ ଲୁଣ୍ଠିତ ଦ୍ରବ୍ୟ ଆଣି ଫେରିଥିଲେ । ସର୍ବଶେଷରେ ସେ ପୂର୍ବ ବଙ୍ଗ ବିରୁଦ୍ଧରେ ଅଭିଯାନ ଚଳାଇ ସୋନାର ଗାଁର ଶାସକ ଇଖ୍‌ତିଆର୍ ଉଦ୍ଦିନ୍ ଖାଜ ସାହାଙ୍କୁ ପରାଭୂତ କରିଥିଲେ ଓ ତାଙ୍କର ରାଜ୍ୟ ନିଜ ରାଜ୍ୟରେ ମିଶାଇ ଥିଲେ । ହିଜରା ୭୫୩(୧୩୫୨-୫୩) ରେ ।"

୧ । ବଙ୍ଗଳା ଇତିହାସ, ୨ୟ ଭାଗ ପୃ ୧୦୪-୧୦୫ ।

* ପ୍ରକୃତରେ ନରସିଂହ ଦେବ ୩ୟ ।

ପୂର୍ବୋକ୍ତ ଉଦ୍ଧୃତାଂଶ କେଉଁ ପ୍ରମାଣ ବଳରେ ପ୍ରଫେସର ମାରଦବରଣ ରାୟ ଲେଖିଅଛନ୍ତି ତାହା ପରୀକ୍ଷା କରି ଦେଖାଯାଉ । ଅଜ୍ଞାତ ଲେଖକଙ୍କର ବା କାହାରି କାହାରି ମତ ଫିରୋଜସାହାଙ୍କର ଲେଖା ସିରତଇ ଫିରୋଜସାହୀ ଗ୍ରନ୍ଥଟିର ଇଂରାଜୀ ଅନୁବାଦ ୧୯୪୨ ରେ ପ୍ରଫେସର ରାୟଙ୍କଦ୍ୱାରା ମୁଦ୍ରିତ ହୋଇଥିଲା । ଏହି ଗ୍ରନ୍ଥରେ ଫିରୋଜ-ସାହଙ୍କ ଓଡ଼ିଶା ଅଭିଯାନ ସମ୍ପର୍କରେ ଇଲିୟାସ ସାହଙ୍କର କଥା ପ୍ରସଙ୍ଗକ୍ରମେ ଲିଖିତ ଅଛି; କିନ୍ତୁ ଇଲିୟାସ ସାହଙ୍କର ଓଡ଼ିଶା ଅଭିଯାନ ସମ୍ପର୍କରେ ସମସାମୟିକ କୌଣସି ଐତିହାସିକ ଏହାର ଉଲ୍ଲେଖ କରି ନାହାନ୍ତି । କିଆ ଉଦ୍ଦିନ୍ ବରାନୀ ଫିରୋଜ ସାହଙ୍କର ଲକ୍ଷ୍ମଣାବତୀ ଆକ୍ରମଣ ସମ୍ପର୍କରେ ସର୍ବ ପ୍ରଥମ ଗ୍ରନ୍ଥ ଯହିଁରେ ଫିରୋଜ ସାହ ଖ୍ରୀ: ୧୩୫୪ରେ ଲକ୍ଷ୍ମଣାବତୀ ଆକ୍ରମଣର କଥା ଲିଖିତ ଅଛି, କିନ୍ତୁ ସେ କୌଣସିଠାରେ ଇଲିୟାସ ସାହଙ୍କର ଯାଜନଗର ଅଭିଯାନ କଥା ତାଙ୍କର ତାରିଖ-ଇ-ଫିରୋଜସାହୀ ଗ୍ରନ୍ଥରେ କୁତ୍ରାପି କିଛି ଲେଖି ନାହାନ୍ତି । ତଦ୍ରୂପ 'ମାରୁ' ତାଙ୍କର ଚଠିରେ ଓ ସାମସ୍-ଇ-ଫିରୋଜ ଅଫିଫଂ ତାଙ୍କର ତାରିଖ-ଇ-ଫିରୋଜସାହୀ' ଗ୍ରନ୍ଥରେ ଇଲିୟାସ ସାହଙ୍କର ଖ୍ରୀ: ୧୩୫୧ ରେ ଯାଜନଗର (ଓଡ଼ିଶା) ଅଭିଯାନ ସମ୍ପର୍କରେ କିଛି ଲେଖି ନାହାନ୍ତି । କିନ୍ତୁ ଅଜ୍ଞାତନାମା ଲେଖକଙ୍କ 'ସିରତ-ଇ-ଫିରୋଜସାହୀ' ଗ୍ରନ୍ଥରେ ତଳୋକ୍ତ କଥାଗୁଡ଼ିକ ଫିରୋଜସାହଙ୍କର ଯାଜନଗର ଅଭିଯାନ ସମ୍ପର୍କରେ ଲିଖିତ ଅଛି—

"ଯେଉଁ ସେନାପତିମାନେ ଧ୍ୱଂସ ଓ ଲୁଣ୍ଠନପାଇଁ ପ୍ରେରିତ ହୋଇଥିଲେ, ସେମାନଙ୍କ ମଧ୍ୟରୁ କେତେକ ସମ୍ବାଦ ଦେଲେ ଯେ ସମୁଦ୍ର-କୂଳରେ ଏକ ଦ୍ୱୀପ ଅଛି ଯାହାର ଚତୁର୍ଦ୍ଦିଗରେ ପାଣି ଅଛି । ସେଠାରେ ଯାଜନଗରରୁ ଏକଶତ ସହସ୍ର ଲୋକ ନିଜ ନିଜର ଜ୍ଞାତି, ପିଲା କବିଲାସହ ଆଶ୍ରୟ ନେଇଅଛନ୍ତି । ସେମାନେ ଦେଖିବାକୁ ସୁନ୍ଦର ଓ ବଳବାନ୍ ହେଲେ ମଧ୍ୟ ସେମାନେ ସେଠାରେ ମାଛପରି ପାଣିରେ ଲୁଚି ଅଛନ୍ତି ।" ଏହା କଥିତ ଅଛି ଯେ ଲକ୍ଷ୍ମଣାବତୀର ଶାସକ ଶାମସୁଦ୍ଦିନ୍ ଯାଜନଗରର ଲୋକମାନଙ୍କୁ ଏହି ସମୁଦ୍ରକୂଳରେ ଆକ୍ରମଣ କରି ଥିଲେ ; କିନ୍ତୁ ତାଙ୍କର ସମସ୍ତ ସୈନ୍ୟବଳ ସତ୍ତ୍ୱେ ସେଠାରେ ଜୟଲାଭ କରି ନ

ପାରି ଶୂନ୍ୟ ହସ୍ତରେ ଫେରି ଥିଲେ । ଏହି ସମ୍ବାଦ ଶୁଣି ଫିରୋଜସାହଙ୍କ ବିଜୟୀ ଅଶ୍ୱାରୋହୀ ସୈନ୍ୟଗଣ ସେଠାକୁ ପ୍ରେରିତ ହୋଇ ଥିଲେ ।" (୨)

ପ୍ରଫେସର ରାୟ ପାଦଟୀକାରେ ଲେଖି ଅଛନ୍ତି :—"ଏହି ସ୍ଥାନଟି ନିଶ୍ଚୟ ଚନ୍ଦ୍ରକାହ୍ରଦ ଯେଉଁଠାରେ ଓଡ଼ିଶାର ଲୋକମାନେ ମୁସଲମାନ ଆକ୍ରମଣବେଳେ ଆଶ୍ରୟ ନେଉଥିଲେ ।"

'ସିରତ-ଇ-ଫିରୋଜସାହୀ' ଗ୍ରନ୍ଥର ଏହି ଲେଖାରୁ ପ୍ରତିପନ୍ନ ହୁଏ ଯେ ଇଲୟାସ ସାହ ଓଡ଼ିଶା ଆକ୍ରମଣ କରିଥିଲେ ଯଦିବା ତାଙ୍କୁ ଶୂନ୍ୟ ହସ୍ତରେ ଚିଲିକା ଅଞ୍ଚଳର ଆକ୍ରମଣରୁ ଫେରିବାକୁ ପଡ଼ିଥିଲା । ଏହି ଘଟଣାକୁ ଅନ୍ୟାନ୍ୟ ମୁସଲମାନ ଐତିହାସିକମାନଙ୍କ ଲେଖା ସହିତ ତୁଳନା କରି ଆମ୍ଭେମାନେ ନିଶ୍ଚିତ ଭାବରେ କହିପାରୁ ଯେ ଇଲୟାସ ସାହଙ୍କର ଓଡ଼ିଶା ଆକ୍ରମଣ ପରବର୍ତ୍ତୀ କାଳର ଏକ କଳ୍ପନାପ୍ରସୂତ ବ୍ୟାପାର ।

'ସିରତ ଇ-ଫିରୋଜସାହ' ଗ୍ରନ୍ଥ ୧୯୪୨ ପୂର୍ବରୁ ଇଂରାଜୀରେ ଅନୁବାଦିତ ହୋଇ ନଥିଲା । ଏହି ଗ୍ରନ୍ଥକୁ ଇଲିୟଟ ଓ ଡାଉସନ ସାହେବମାନେ ଜାଣି ନଥିଲେ ୧୮୭୦ରେ । ଏହି ଗ୍ରନ୍ଥର ଲେଖକଙ୍କର ନାମ ଜଣାନାହିଁ—କେହି କେହି ଅନୁମାନ କରନ୍ତି ଯେ ଏହା ନିଜେ ଫିରୋଜ ସାହା ଲେଖିଥିଲେ । ଯାହା ହେଉ ଏହି ଗ୍ରନ୍ଥର ଲିଖନକାଳ ଖ୍ରୀଷ୍ଟୀୟ ୧୪ଶ ଶତାବ୍ଦୀର ଶେଷ ପାଦ ବୋଲି ଧରାଯାଇ ପାରେ । ଏହି ଗ୍ରନ୍ଥ ଲିଖିତ ହେବା ପରେ 'ତାରିଖ-ଇ-ମୁବାରକ ସାହୀ' ଗ୍ରନ୍ଥ ଲିଖିତ ହୋଇଥିଲା ଖ୍ରୀ: ୧୫ଶ ଶତାବ୍ଦୀରେ । ତତ୍ପରେ ଖ୍ରୀଷ୍ଟୀୟ ଷୋଡ଼ଶ ଶତାବ୍ଦୀର ଶେଷ ଦଶନ୍ଧିରେ 'ମୁଣ୍ଟାଖବତ୍ ତୱାରିଖ' ଗ୍ରନ୍ଥ ଓ ଖ୍ରୀଷ୍ଟୀୟ ସପ୍ତଦଶ ଶତାବ୍ଦୀର ପ୍ରଥମ ପାଦରେ 'ତାରିଖ-ଇ-ଫେରିସ୍ତା' ଗ୍ରନ୍ଥ ଲିଖିତ ହୋଇଥିଲା । ଏହି ତିନୋଟି ଗ୍ରନ୍ଥରେ ଇଲିୟସ ସାହାଙ୍କର ଇତିହାସ ଲିଖିତ

୨ । ବଙ୍ଗୀୟ ରଏଲ ଏସିଆଟିକ୍ ସୋସାଇଟି ଜର୍ଣ୍ଣାଲ ଭା: ୮, ୧୯୪୨ ପୃ: ୭୫ ଓ ୭୬ ।

ଥିଲେ ମଧ୍ୟ ତହିଁରେ ଯାଜନଗର ଅଭିଯାନର କଥା ନାହିଁ, କିନ୍ତୁ ଆକବରଙ୍କ ରାଜତ୍ୱ କାଳରେ 'ତବାକତ୍-ଇ-ଆକବରୀ' ଗ୍ରନ୍ଥର ଲେଖକ ନିଜାମୁଦ୍ଦିନ ଲେଖି ଅଛନ୍ତି ଯେ, ଇଲିୟାସ ସାହ ଓଡ଼ିଶା ଆକ୍ରମଣ କରି ବହୁତ ବଡ଼ ବଡ଼ ହାତୀ ପାଇଥିଲେ । ଏହାପରେ ଖ୍ରୀଷ୍ଟୀୟ ୧୭ଶ ଶତାବ୍ଦୀର ଶେଷ ପାଦରେ ଲିଖିତ 'ରିୟାଜୁସ ସଲାଟିନ' ଗ୍ରନ୍ଥରେ ଇଲିୟାସ ସାହାଙ୍କର ଓଡ଼ିଶା ଆକ୍ରମଣର କଥା ଲିଖିତ ଅଛି ଓ ତହିଁରେ ଲିଖିତ ଅଛି ଯେ ଇଲିୟାସ ସାହା ବହୁ ମୂଲ୍ୟବାନ ଦ୍ରବ୍ୟ ଓ ହାତୀ ଓଡ଼ିଶାରୁ ପାଇଥିଲେ ।

ଉପର ଲିଖିତ ଆଲୋଚନାରୁ ଜଣାଯାଇ ଅଛି ଯେ ଇଲିୟାସ ସାହାଙ୍କର ଓଡ଼ିଶା ଅଭିଯାନ ସଂଶୟାତ୍ମକ । ତାହାର କାରଣ ହେଉଛି ଯେ ଇଲିୟାସ ସାହାଙ୍କ ସହିତ ଓଡ଼ିଶାରାଜାଙ୍କର ବିରୁଦ୍ଧାଚରଣ ପରିବର୍ତ୍ତେ ସାମରିକ ମେଣ୍ଟ ଥିବାର କଥା ସମସାମୟିକ ଲିପିରୁ ଜଣାଯାଏ । ଧର୍ମ-ଲିଙ୍ଗେଶ୍ୱର ମନ୍ଦିରରୁ ଶିଳାଲିପି 'ଏପିଗ୍ରାଫିଆ ଇଣ୍ଡିକା' ଗ୍ରନ୍ଥମାଳାର ୧୯ଶ ଭାଗରେ ଡାକ୍ତର ନୋବେଲଙ୍କ ଦ୍ୱାରା ସମ୍ପାଦିତ ହୋଇ ପ୍ରକାଶିତ ହୋଇଛି । ଏହି ଲିପିରୁ ଜଣାଯାଏ ଯେ, ଇଲିୟାସ ସାହା ଓଡ଼ିଶା ଆକ୍ରମଣ ପରିବର୍ତ୍ତେ ଓଡ଼ିଶା ରାଜା ଭାନୁଦେବ ୩ୟଙ୍କ ଦ୍ୱାରା ସାମରିକ ସାହାଯ୍ୟ ପାଇଥିଲେ ଫିରୋଜ ସାହାଙ୍କ ବଙ୍ଗ ଆକ୍ରମଣ ସମୟରେ । ଏହି ଶିଳାଲିପିର ଅସ୍ତିତ୍ୱ କଥା ପ୍ରଫେସର ମାରଦବରଣ ରାୟ ଜାଣିଥିଲେ ବୋଲି ତାଙ୍କର ଲେଖାରୁ ଜଣାଯାଏ ନାହିଁ, ତେଣୁ ମୁସଲମାନ ଐତିହାସିକମାନଙ୍କର ଲେଖାରୁ ଯାହା ପାଇଛନ୍ତି, ତାକୁ ବିନା ବିଚାରରେ ଗ୍ରହଣ କରି ଇତିହାସ ଲେଖି ଅଛନ୍ତି । ଏହି ଶିଳାଲିପିର କଥା ଜାଣିଥିଲେ ସେ ଅନ୍ୟମତ ଦେଇଥାନ୍ତେ ନିଶ୍ଚୟ ।

ପଞ୍ଚଧାରିଲା ଲିପିର ପାଠ ତଳେ ଉଦ୍ଧୃତ ହେଲା—

"ଏକଂ ଚନ୍ଦ୍ରମିଦଂ ତୁ ପାଣ୍ଡୁ (ବା)
ସୁରତ୍ରାଣାର୍ତ୍ତି ସେନା-ପରି-
ତ୍ରାଣାର୍ଥଂ ପ୍ରତିଗମ୍ୟ ବାହୁବିଭବୈ
ର୍ନିର୍ଜିତ୍ୟ ଭୁକ୍ତୀପତିମ୍ ।

ଦ୍ୱାତ୍ରିଂଶଦ୍ଦନ୍ତିଭିଃ ସମ-
ମଦ୍ୟକ୍ଷୈନେନ୍ଦ୍ରସ୍ୟ ମୂତ୍କଲ-
କ୍ଷୋଣୀଶାୟ ସଭୂପତିଃ
ସୁରବର ସ୍ତ୍ରୀଭ୍ୟସ୍ତୁରୁଷ୍କାନପି ॥" *
ଅର୍ଥାତ୍

ଯେଉଁ ରାଜା ପାଣ୍ଡ୍ୟଦେଶର ସୁଲତାନଙ୍କ (ଆକ୍ରାନ୍ତ) ସେନାମାନଙ୍କୁ ରକ୍ଷା କରିବା ଉଦ୍ଦେଶ୍ୟରେ ଯୁଦ୍ଧଯାତ୍ରା କରି ନିଜ ବାହୁବଳରେ ଡିଲ୍ଲୀପତିଙ୍କୁ ପରାଜିତ କରି ଉତ୍କଳ ଦେଶ ରାଜାଙ୍କୁ ୨୨ଟି ବିଶାଳ ହାତୀ ସହିତ ଜୟଲକ୍ଷ୍ମୀ ଦାନ କରିଥିଲେ ଏବଂ ତୁରସ୍କମାନଙ୍କୁ (ନିହତ କରିବା ଦ୍ୱାରା) ଅପସରାମାନଙ୍କୁ ପ୍ରଦାନ କରିଥିଲେ । ଏହା ନିଶ୍ଚୟ ଏକ ବିଚିତ୍ର ବ୍ୟାପାର ।

ଏହି ଲିପିଟି ମାହିସ୍ମତୀର ରାଜା ଗୈତ୍ତ ୩ୟଙ୍କର ଦାନ । ଗୈତ୍ତ ୩ୟ ତାଙ୍କର ବଂଶର ବିରୁଦରେ ଲେଖି ଅଛନ୍ତି ଯେ ତାଙ୍କର ଗୋସାଇଁ ବାପ ଗୈତ୍ତ ୨ୟଙ୍କର କଥା ଯହିଁରେ ଏହି ଶ୍ଳୋକଟି ଲିଖିତ ଅଛି । ଏହି ଲିପିର ସମୟ ଶକାବ୍ଦ ୧୩୨୫ ବା ଖ୍ରୀ: ୧୪୦୩ । ଲିପିବର୍ଣ୍ଣିତ ଯୁଦ୍ଧର ସମୟ ଖ୍ରୀ: ୧୩୫୩ । ଏହି ଗୈତ୍ତମାନେ ସହସ୍ରାର୍ଜ୍ଜୁନ—ହୈହୟବଂଶୀୟ ରାଜା ଥିଲେ । ଗଙ୍ଗ ରାଜାମାନଙ୍କ ସହିତ ହୈହୟବଂଶୀୟ ରାଜାମାନଙ୍କର କନ୍ୟା ଆଦାନ-ପ୍ରଦାନ ଚାଲୁଥିଲା ।

ଗୈତ୍ତ ୩ୟଙ୍କ ଲିପିର ସମୟ ୧୪୦୩ ହେଉ ଥିବାରୁ ଏହା ତାରିଖ-ଇ-ଫିରୋଜସାହୀ' ପ୍ରଭୃତି ଗ୍ରନ୍ଥଗୁଡ଼ିକର ଲିଖନକାଳର ସମୟ ସହିତ ସମକାଳୀନ ବୋଲିଯାଇ ପାରେ । ଓଡ଼ିଶା ରାଜାଙ୍କର ଜଣେ ସାମନ୍ତ ନୃପତି ବଙ୍ଗଦେଶକୁ ସାହାଯ୍ୟ ଦେବା ପାଇଁ ପ୍ରେରିତ ହୋଇ ଥିବାରୁ ବଙ୍ଗ ଦେଶର ସୁଲତାନଙ୍କ ସହିତ ଓଡ଼ିଶାର ଗଙ୍ଗନୃପତି ଭାନୁଦେବ ୩ୟଙ୍କର

* ଏହି ଲିପିର ପାଠ ପାଇଁ ମୁଁ ଶ୍ରୀ ସତ୍ୟନାରାୟଣ ରାଜଗୁରୁଙ୍କଠାରେ ଋଣୀ ।

ଯେଉଁ ରାଜନୈତିକ ସମ୍ପର୍କ ଥିଲା, ତାହା ବିଶଦ ଭାବରେ ଜଣା ନଗଲେ ମଧ୍ୟ ପ୍ରତ୍ୟେକ ପ୍ରତ୍ୟେକଙ୍କୁ ବିପଦବେଳେ ସାହାଯ୍ୟ କରୁଥିବାର କଥା ଏହି ଶ୍ଳୋକରୁ ଜଣାଯାଉ ଅଛି । ଅର୍ଥାତ୍ ଖ୍ରୀ: ୧୩୫୩ରେ ଫିରୋଜସାହା ପାଣ୍ଡୁଆ ଆକ୍ରମଣ କଲା ବେଳେ ପାଣ୍ଡୁଆର ସୁଲତାନ ଇଲିୟାସ ସାହ ସାହାଯ୍ୟ ଭିକ୍ଷା କରିଥିଲେ ଓଡ଼ିଶା ରାଜାଙ୍କଠାରୁ ଏବଂ ଓଡ଼ିଶା ସୈନ୍ୟ ଗୃହଳନା କରିଥିଲେ ଗୈଡ଼ ୨ୟ ଯେଉଁ ଫିରୋଜସାହାଙ୍କୁ ଯୁଦ୍ଧରେ ପରାଭୂତ କରିଥିଲେ ବୋଲି ଶିଳାଲିପିରୁ ମିଳୁଥିଲେ ମଧ୍ୟ ପ୍ରକୃତରେ ଫିରୋଜ ସାହ ଏକଦଲା ଦୁର୍ଗ ଅବରୋଧ ହଠାତ୍ ପରିତ୍ୟାଗ କରି ସୈନ୍ୟବଳ ସହ ଯୁଦ୍ଧ କ୍ଷେତ୍ର ପରିତ୍ୟାଗ କରିଥିଲେ, ଯାହାର ଫଳ ଯୁଦ୍ଧରେ ପରାଭୂତ ହେବା ସହିତ ସମାନ ।

ମୁସଲମାନ ଐତିହାସିକ ଅଫିସ ଲେଖିଅଛନ୍ତି ଯେ ଏକଦଲା ଅବରୋଧ ସମୟରେ ମୁସଲମାନ ସ୍ତ୍ରୀଲୋକମାନଙ୍କର କାକୁତି-ମିନତିରେ ବିଚଳିତ ହୋଇ ଫିରୋଜସାହ ଯୁଦ୍ଧକ୍ଷେତ୍ର ପରିତ୍ୟାଗ କରିଥିଲେ । ଏହା ମଧ୍ୟ ସମ୍ଭବପର ଯେ ଓଡ଼ିଶାର ସୈନ୍ୟଗଣ ସାହାଯ୍ୟାର୍ଥେ ଉପସ୍ଥିତ ହେବାର ଦେଖି ଫିରୋଜସାହ ଯୁଦ୍ଧକ୍ଷେତ୍ର ପରିତ୍ୟାଗ କରିଥିଲେ । ଫିରୋଜସାହ ଇଲିୟାସସାହଙ୍କୁ ପରାଭୂତ କରି ନପାରି ଦିଲ୍ଲୀକୁ ପ୍ରତ୍ୟାବୃତ୍ତ ହୋଇ ଥିବାରୁ ମୁସଲମାନ ଐତିହାସିକ ସତ୍ୟ ଗୋପନ କରି କେବଳ ସ୍ତ୍ରୀଲୋକମାନଙ୍କର କାକୁତି ମିନତିରେ ବିଚଳିତ ହୋଇ ଦୁର୍ଗ ଅବରୋଧ ପରିତ୍ୟାଗ କରିଥିଲେ, କିନ୍ତୁ ପ୍ରକୃତ ଘଟଣା ହେଉଛି ଯେ ଫିରୋଜସାହ ଓଡ଼ିଶା ସୈନ୍ୟର ଆଗମନରେ ଭୀତ ହୋଇ ଯୁଦ୍ଧକ୍ଷେତ୍ରରୁ ପ୍ରତ୍ୟାବର୍ତ୍ତନ କରିଥିଲେ ଓ ଆକ୍ରମଣ ପରେ ଇଲିୟାସସାହ ପୂର୍ବ ପରି ନିଜ ରାଜ୍ୟର ମାଲିକ ରହିଥିଲେ ।

ଗୈଡ଼ ୨ୟଙ୍କ ବଙ୍ଗଳା ଅଭିଯାନରୁ ପ୍ରମାଣିତ ହେଉଅଛି ଯେ ମୁସଲମାନ ଐତିହାସିକମାନେ ସତ୍ୟ ଗୋପନ କରି ମୁସଲମାନ ଜାତିର ଗୌରବ ବଢ଼ାଇବା ପାଇଁ ଖ୍ରୀ: ୧୩୫୧ରେ ଇଲିୟାସସାହଙ୍କୁ ଓଡ଼ିଶା ଆକ୍ରମଣକାରୀ ହିସାବରେ ଚିତ୍ରିତ କରି ଅଛନ୍ତି, ଯାହାର ଫଳରେ ଓଡ଼ିଶାର ରାଜା ଖ୍ରୀ: ୧୩୫୩ରେ ଇଲିୟାସସାହଙ୍କୁ ସାହାଯ୍ୟ ପଠାଇଥିଲେ ।

ପ୍ରକୃତରେ ଖ୍ରୀ: ୧୪ଶ ଶତାବ୍ଦୀର ମଧ୍ୟଭାଗରେ ଦିଲ୍ଲୀ ସହିତ ବଙ୍ଗଦେଶର ସୁଲତାନଙ୍କର କିଛି ମାତ୍ର ସମ୍ପର୍କ ନ ଥିଲା । ସେତେବେଳେ ବଙ୍ଗଳାର ମୁସଲମାନ ରାଜ୍ୟର ଚତୁର୍ଦ୍ଦିଗରେ ପ୍ରବଳ ହିନ୍ଦୁରାଜ୍ୟ ସ୍ଥାପିତ ହୋଇଥିଲା । ମୁସଲମାନ ଐତିହାସିକମାନେ ଲେଖିଅଛନ୍ତି ଯେ ଇଲିୟାସସାହ ତିହୁତ, ଚମ୍ପାରଣ ଓ ନେପାଳ ରାଜ୍ୟ ସମୂହ ଜୟ କରିଥିଲେ ଓ ତତ୍ ସହିତ ଓଡ଼ିଶାକୁ ମଧ୍ୟ ଅଭିଯାନ ପଠାଇଥିଲେ । ସେହି ସମୟରେ ପୂର୍ବ ଭାରତରେ ବଙ୍ଗଳାର ମୁସଲମାନ ରାଜ୍ୟ ଚତୁର୍ଦ୍ଦିଗରେ ହିନ୍ଦୁରାଜ୍ୟ ସମୂହ ଦ୍ୱାରା ପରିବେଷ୍ଟିତ ହୋଇଥିଲା । ତେଣୁ ମନେ ହୁଏ ଯେ ଇଲିୟାସସାହ ନିଜର ଅସ୍ତିତ୍ୱ ବଜାୟ ରଖିବାପାଇଁ ହିନ୍ଦୁ ରାଜାମାନଙ୍କ ସହ ବନ୍ଧୁତା ସ୍ଥାପନ କରିଥିଲେ । ଫିରୋଜ ସାହ ବଙ୍ଗଳାକୁ ଆସିବା ପଥରେ ଅବଶ୍ୟ ତିହୁତ ଓ ଚମ୍ପାରଣ ରାଜ୍ୟ ଦ୍ୱୟକୁ ଅଧିକାର କରିଥିଲେ, କିନ୍ତୁ ଓଡ଼ିଶା ତାଙ୍କର ଅଭିଯାନ ପଥରେ ନ ଥିଲା ।

'ସିରତ ଇ-ଫିରୋଜସାହୀ' ଗ୍ରନ୍ଥର ଗୋଟିଏ ସାମାନ୍ୟ ଘଟଣାରୁ ପ୍ରମାଣିତ ହୁଏ ଯେ ବଙ୍ଗଳା ଓ ଓଡ଼ିଶା ମଧ୍ୟରେ ବନ୍ଧୁତା ସ୍ଥାପିତ ହୋଇଥିଲା ଓ ବଙ୍ଗଳାରୁ ମୁସଲମାନ କର୍ମଚାରୀ ଆସି ଓଡ଼ିଶାରେ ବଡ଼ ପଦ ଲାଭ କରିଥିଲେ; କିନ୍ତୁ ସିରତ-ଇ ଫିରୋଜସାହୀ ଗ୍ରନ୍ଥରେ ଏ ସହଜ କଥାକୁ ଘୂରାଇ ଫିରାଇ ଯେପରି ଭାବରେ ଲିଖିତ ହୋଇଛି, ତାହା ତଳୋକ୍ତ ଉଦ୍ଧୃତାଂଶ 'ଇଂରାଜୀରୁ ଅନୁବାଦ) ରୁ ଜଣାଯାଏ । ଏହି ଉଦ୍ଧୃତାଂଶଟି ଫିରୋଜସାହଙ୍କ ଓଡ଼ିଶା ଅଭିଯାନ ଓ ହାତୀଧରା ସମ୍ପର୍କରେ ଲିଖିତ ଅଛି ।

"ହାତୀଧରା ଚାଲିଥିଲାବେଳେ ଖାଁ-ଇ-ଅଜମ, ଖାକନ-ଇ-ମୁଆଜମ ଖାଁ ୯୮ କି ସୁଲତାନ ସାମସୁଦ୍ଦିନଙ୍କ ଦ୍ୱାରା ବଙ୍ଗଳାରୁ ବିତାଡ଼ିତ ହୋଇ ଯାଜନଗର ରାୟଙ୍କ ଆଶ୍ରୟ ନେଇଥିଲେ । ହାୟ ? ତାଙ୍କଦ୍ୱାରା କିପରି ଘୋର ଅତ୍ୟାଚାର ହୋଇଥିଲା ଯେ ଖାଣ୍ଟି ଧର୍ମବିଶ୍ୱାସୀ ମୁସଲମାନମାନେ ତାଙ୍କଠାରୁ ପଳାୟନ କରି ମୁସଲମାନ ଧର୍ମ ପ୍ରତି ଅବିଶ୍ୱାସୀଙ୍କଠାରେ ଆଶ୍ରୟ ନେବାକୁ ବାଧ୍ୟ ହୋଇଥିଲେ । ତାଙ୍କ ସମୟରେ ମୁସଲମାନଙ୍କ ଉପରେ ଏପରି ଅତ୍ୟାଚାର

ହୋଇଥିଲା ଯେ ଲୋକମାନେ ମୃତ୍ୟୁକୁ ସମାଦର କରୁଥିଲେ । ଏହି ଅତ୍ୟାଚାରିତ ବ୍ୟକ୍ତିମାନେ ମୁସଲମାନ-ଧର୍ମବିରୋଧୀଙ୍କୁ ପରିତ୍ୟାଗ କରି ସୁଲତାନଙ୍କର ବିଜୟ ପତାକାତଳେ ମୁସଲମାନ ସେନାର ଆଶ୍ରୟ ନେଲେ ଓ ବିଶ୍ୱବିଜୟୀଙ୍କର ଶ[illegible]ଣାପନ୍ନ ହେଲେ ।"୩

ଏହି ଉଦ୍ଧୃତାଂଶରେ ମୁସଲମାନ ଐତିହାସିକଙ୍କର ପ୍ରକୃତ ମନୋଭାବ ଧରାଯାଏ । ଯେପରି ଓଡ଼ିଆରେ କଥା ଅଛି—"ଲୁଚିଛି—ନା ଗୋଡ଼ି ଦୁଇଟା ଦିଶୁଛି ।"

ଓଡ଼ିଶାର ଗଙ୍ଗନୃପତି ଭାନୁଦେବ ୩ୟ ବଙ୍ଗଳାର ମୁସଲମାନ ସୁଲତାନ ଇଲୟାସ ସାହଙ୍କ ସହିତ ବନ୍ଧୁତା ଥିବାରୁ ଓଡ଼ିଶାକୁ ମୁସଲ-ମାନ କର୍ମଚାରୀ ଆସିଥିଲେ ଉପୃଖିତ ପୂର୍ଣ୍ଣ ହୃଦୟରେ ନୁହେଁ – ସ୍ୱାଧୀନ ଭାବରେ । କିନ୍ତୁ "ସିରତ-ଇ-ଫିରୋଜସାହି"ର ଲେଖକ ଏହି ସ୍ୱାଭାବିକ ଘଟଣାକୁ ବିକୃତ କରି ମୁସଲମାନ ମାନଙ୍କ ଉପରେ ଇଲୟାସ ସାହଙ୍କର ଅତ୍ୟାଚାର କଥା ଆରୋପ କରି ଯାଇଛି ।

'ସିରତ-ଇ-ଫିରୋଜ ସାହି'ର ଓ 'ମାରୁ'ର ଚିଠିରୁ ଜଣାଯାଏ ଯେ ଓଡ଼ିଶାର ବଲ ପାସ ଓ ଅହମ୍ମଦ ଖାଁ ନାମକ ଦୁଇଜଣ ବିଶ୍ୱସ୍ତ କର୍ମଚାରୀଙ୍କୁ ଗଙ୍ଗନୃପତି ଫିରୋଜ ସାହାଙ୍କ ନିକଟକୁ ପଠାଇଥିଲେ ତାଙ୍କ ସହିତ ବୁଝାମଣା କରିବା ପାଇଁ । ସିରତ-ଇ-ଫିରୋଜ ସାହିରେ ଇଲୟାସ ସାହଙ୍କ ପ୍ରତି ବିଦ୍ୱେଷ ଥିବାର କଥା ବର୍ଣ୍ଣିତ ଅଛି, କିନ୍ତୁ 'ମାରୁ'ଙ୍କ ଚିଠିରେ ସେପରି କଥା କିଛି ନାହିଁ । ଏଥିରୁ ସ୍ପଷ୍ଟ ପ୍ରମାଣିତ ହେଉଅଛି ଯେ ଇଲୟାସ ସାହଙ୍କର ଖ୍ରୀ: ୧୩୫୧ରେ ଯାଜନଗର ଅଭିଯାନ ସମ୍ପୂର୍ଣ୍ଣ କାଳ୍ପନିକ ଓ ପରବର୍ତ୍ତୀ କାଳର ଲେଖା । ପଞ୍ଚଧାରଲାର ଧର୍ମଲିଙ୍ଗେଶ୍ୱରଙ୍କ ମନ୍ଦିର ଲିପିରୁ ବଙ୍ଗଳାରେ ଫିରୋଜସାହଙ୍କର ପରାଜୟର କଥା ଯାହା ଜଣା ଯାଏ; ମୁସଲମାନ ଐତିହାସିକମାନଙ୍କ ଲେଖାରେ ତାହାର ବିନ୍ଦୁ ମାତ୍ର ଉଲ୍ଲେଖ ନ ଥିବାରୁ ବେଶ ଜଣାଯାଏ ଯେ ମୁସଲମାନ ଐତିହାସିକ

୩ । ବଙ୍ଗୀୟ ରଏଲ ଏସିଆଟିକ୍ ସୋସାଇଟି ପତ୍ରିକା ଭାଗ ୮ କଳା ପୃ: ୭୪

ମାନେ ଫିରୋଜସାହଙ୍କ ଇତିହାସ ଲେଖାରେ ସତ୍ୟ ଗୋପନ କରି ଅଛନ୍ତି । ଡାକ୍ତର ରମେଶ ଚନ୍ଦ୍ର ମଜୁମଦାର ଓ ପ୍ରଫେସର ମୀରଦବରଣ ରାୟ ଧର୍ମଲିଙ୍ଗେଶ୍ୱର ଲିପିର କଥା ଜାଣି ନ ଥିବାରୁ ସେମାନଙ୍କର ମତ ଏକଦେଶଦର୍ଶୀ ହୋଇ ଅଛି ।

ଅନେକ କହନ୍ତି ଯେ 'ସିରତ ଇ-ଫିରୋଜସାହୀର ଲେଖକ ନିଜେ ଫିରୋଜସାହ । ଯେଉଁ ଫିରୋଜସାହ ଏକଦାଲାର ମୁସଲମାନ ସ୍ତ୍ରୀଲୋକ ଓ ଶିଶୁଙ୍କର ବିଳାପରେ ବିଚଳିତ ହୋଇ ଦୁର୍ଗ ଅବରୋଧ ପରିତ୍ୟାଗ କରି ସସୈନ୍ୟ ଦିଲ୍ଲୀ ଫେରିଥିଲେ, ସେହି ଫିରୋଜସାହଙ୍କର ଲେଖମାରୁ କପରି ଭାବରେ ଚିଲିକାରେ ଥିବା ହିନ୍ଦୁ ରମଣୀ ଓ ଶିଶୁମାନଙ୍କ ପ୍ରତି ତାଙ୍କର ସୈନ୍ୟବୃନ୍ଦ ଅତ୍ୟାଚାର କରିଥିଲେ ତାହାର ବିଶଦ ବର୍ଣ୍ଣନା ଲେଖିଲେ ? ଏହି ଲେଖା ଫିରୋଜସାହଙ୍କର ଯାଜନଗର ଅଭିଯାନ ଖ୍ରୀ: ୧୩୬୧ ।

ବଙ୍ଗଳାରୁ ଫିରୋଜସାହଙ୍କର ଖ୍ରୀ: ୧୩୫୩ରେ ହଠାତ୍ ପ୍ରତ୍ୟା-ବର୍ତ୍ତନ ଯୋଗୁ ଆକ୍ରମଣକାରୀଙ୍କର ଯେଉଁ ମନୋଭାବ ହୋଇଥିଲା, ତାହା କେବଳ ତାଙ୍କୁହିଁ ଜଣା । ସ୍ଥାବକ ଐତିହାସିକମାନେ ପ୍ରତ୍ୟାବର୍ତ୍ତନର ଯେଉଁ କାରଣ ଦିଅନ୍ତୁ ପଛକେ, ଆକ୍ରମଣକାରୀର ଅପାରଗତା ଯେ ତାଙ୍କ ମନରେ କାର୍ଯ୍ୟ କରୁଥିଲା ଏହା ସୁନିଶ୍ଚିତ । ତେଣୁ ସେ ବଙ୍ଗ ଶାସକ ସଦୃଶ ମୀରବ ରହି ସୁସମୟ ପ୍ରତି ଅପେକ୍ଷା କରୁଥିବାର ଅନୁମିତ ହୁଏ । ଖ୍ରୀ: ୧୩୫୭ରେ ଇଲୟାସ ସାହଙ୍କର ମୃତ୍ୟୁ ହେବାରୁ ତାଙ୍କ ପୁତ୍ର ସିକନ୍ଦର ସାହ ଗାଦିନସିନ ହେଲେ । ସେ ଇଲୟାସ ସାହଙ୍କ ସଦୃଶ ବିଚକ୍ଷଣ ଶାସକ ଥିଲେ । ଫିରୋଜସାହଙ୍କର ୨ୟ ଆକ୍ରମଣବେଳେ ସେ ବାହାରେ ଯୁଦ୍ଧ ପରିତ୍ୟାଗ କରି ଏକଦାଲା ଦୁର୍ଗ ମଧ୍ୟରେ ଆଶ୍ରୟ ନେଲେ । ଫଳରେ ଫିରୋଜସାହ ତାଙ୍କ ସହିତ ସନ୍ଧି କଲେ । ସିକନ୍ଦର ସାହଙ୍କୁ ଏହିରୂପେ ନିଜ ପକ୍ଷଭୁକ୍ତ କରି ଖ୍ରୀ: ୧୩୬୦ରେ ଫିରୋଜ ସାହ ଦିଲ୍ଲୀ ଅଭିମୁଖରେ ପ୍ରତ୍ୟାବର୍ତ୍ତନ କଲେ । ବାଟରେ ବର୍ଷାକାଳ ଯୌନପୁରଠାରେ କଟାଇଲେ । ଜୌନପୁରରେ ଅବସ୍ଥାନ କାଳରେ ଫିରୋଜସାହ ଯାଜନଗର ଅଭିଯାନର କଳ୍ପନା କଲେ । ଏହା ସ୍ୱାଭାବିକ ଯେ ଫିରୋଜସାହ ବଙ୍ଗଳାର ସୁଲତାନଙ୍କ ସହ ବନ୍ଧୁତା ସ୍ଥାପନ ପରେ ବର୍ଷାକାଳ ବଙ୍ଗଳାରେ

କଟାଇ ଯାଜନଗର ସହଜରେ ଆସି ପାରି ଥାଆନ୍ତେ, କିନ୍ତୁ ଏହା ନ କରି ସେ ଯୌନପୁର ପର୍ଯ୍ୟନ୍ତ ଅଗ୍ରସର ହୋଇଥିଲେ । ଏହା କରିବାର ଏକ ମାତ୍ର ଉଦ୍ଦେଶ୍ୟ ଏହି ଯେ ଓଡ଼ିଶାର ରାଯ୍ଙ୍କ ମନରୁ ଓଡ଼ିଶା ଅଭିଯାନ ସଂପର୍କରେ ସବୁ ସନ୍ଦେହ ଦୂର କରିବା । ଏହାଦ୍ୱାରା ଓଡ଼ିଶାର ରାଯ୍ ଫିରୋଜ ସାହଙ୍କର ଆକ୍ରମଣ କଥା ପ୍ରାୟ ଭୁଲିଗଲେ । ଫିରୋଜସାହ ଖ୍ରୀ: ୧୩୬୧ରେ ଶୀତକାଳରେ ହଠାତ୍ ଦ୍ରୁତ ଗତିରେ ବିହାର-ଶିଖର ଭୂମି ବା ମାଲଭୂମି ପଥରେ ଅଗ୍ରସର ହୋଇ ସାରଙ୍ଗ ଗଡ଼ ବା ଚଉଦ୍ୱାର ଠାରେ ଉପଗତ ହେବାରୁ ଓଡ଼ିଶାରେ ସବୁ ଲୋକେ ବିପର୍ଯ୍ୟସ୍ତ ହୋଇ ଗଲେ । ରାଜା ରାଜଧାନୀ ବାରାଣାସୀ କଟକ ଛାଡ଼ି ପଳାଇଲେ ।

ସମସାମୟିକ ମୁସଲମାନ ଐତିହାସିକଗଣ ଫିରୋଜସାହାଙ୍କର ଯାଜନଗର ଆକ୍ରମଣ ସଂପର୍କରେ କେତୋଟି କାରଣ ନିର୍ଦ୍ଦେଶ କରି ଅଛନ୍ତି କିନ୍ତୁ ସେ ଗୁଡ଼ିକର ଯେ ପ୍ରକୃତ ଉଦ୍ଦେଶ୍ୟ ଥିଲା, ତାହା କୁହାଯାଇ ନପାରେ । ଫିରୋଜସାହଙ୍କର ପ୍ରକୃତ ଉଦ୍ଦେଶ୍ୟ ଥିଲା ଏକଦାଲାରେ ପରାଜୟର ପ୍ରତିଶୋଧ କିନ୍ତୁ ତାହା କରିବା ମାନେ ପ୍ରକାରାନ୍ତରେ ପରାଜୟ ସ୍ୱୀକାର କରିବା । ଯାହାହେଉ ମୁସଲମାନ ଐତିହାସିକମାନେ ନିମ୍ନୋକ୍ତ ଭାବରେ ଫିରୋଜ ସାହଙ୍କର ଉଦ୍ଦେଶ୍ୟଗୁଡ଼ିକ ଲେଖି ଅଛନ୍ତି:—

୧ । 'ଆଇନୁଲ ମଲ୍ଲ ମାରୁ' ଲେଖି ଅଛନ୍ତି ଯେ "ମୂର୍ତ୍ତିଭାଙ୍ଗିବା, ମୁସଲମାନ ଧର୍ମର ଶତ୍ରୁମାନଙ୍କର ରକ୍ତପାତ କରିବା ଓ ହାତୀ ଧରିବା ।" ମାରୁଙ୍କ ଚିଠିର ଇଂରାଜୀ ଅନୁବାଦକ ଅବଦୁଲ୍ ଓ୍ୱାଲି ନିଜର କେତେକ ମତ ନେଇ ଅଛନ୍ତି ଫିରୋଜସାହଙ୍କ ସପକ୍ଷରେ, ମାତ୍ର ସେଗୁଡ଼ିକର ମୂଲ୍ୟ କିଛି ନାହିଁ ।

୨ । ସାମ୍‌ସ-ଇ-ସିରଜ ଅଫିଫ ଖ୍ରୀ: ୧୩୮୮ରେ ତାଙ୍କର 'ତାରିଖ-ଇ-ଫିରୋଜସାହୀ' ଗ୍ରନ୍ଥରେ ଲେଖି ଅଛନ୍ତି:—

"ତାଙ୍କର (ଫିରୋଜସାହଙ୍କର) ଉଦ୍ଦେଶ୍ୟ ବନ୍ଧୁଭାବାପନ୍ନ ଥିଲା । ସେ ଶୁଣିଥିଲେ ଯେ, ଯାଜନଗର ଜଙ୍ଗଲରେ ଗାଁର ମେଣ୍ଢାପଲ ସଦୃଶ ହାତୀ ଅଛନ୍ତି । ତେଣୁ ହାତୀ ଶିକାର ପାଇଁ ସେ ସେଠାକୁ ଯାଇଥିଲେ ।"

ତତ୍ପରେ ଅଫିଫ ଲେଖି ଅଛନ୍ତି—"ହାତୀ ଶିକାର ପରେ ସୁଲତାନ ଯାଜନଗର ରାୟୁଙ୍କ ପ୍ରତି ଦୃଷ୍ଟି ଦେଇଥିଲେ ଓ ରାୟୁଙ୍କ ବସତି-ସ୍ଥଳରେ ପ୍ରବେଶ କରି ଦେଖିଲେ ଯେ ରାୟୁଙ୍କ ଦୁର୍ଗରେ ଏକ ପ୍ରସ୍ତର ନିର୍ମିତ ମୂର୍ତ୍ତି ଥିଲା—ଯାହାକୁ ବିଧର୍ମୀମାନେ ଜଗନ୍ନାଥ କହି ପୂଜା କରୁଥିଲେ। ସୁବକ୍ତଗିନଙ୍କ ସଦୃଶ ସୁଲତାନ ଫିରୋଜ ସେହି ମୂର୍ତ୍ତି ଭାଙ୍ଗି ପକାଇ ତାହା ଦିଲ୍ଲୀ ପର୍ଯ୍ୟନ୍ତ ଅଣାଇ ଏକ ଅସମ୍ମାନସୂଚକ ସ୍ଥାନରେ ରଖିଥିଲେ।"

୩। 'ସିରତ-ଇ-ଫିରୋଜସାହୀ' ଗ୍ରନ୍ଥରେ ଫିରୋଜ ସାହାଙ୍କର ଆକ୍ରମଣ ଉଦ୍ଦେଶ୍ୟ ନିମ୍ନୋକ୍ତ ଭାବରେ ବର୍ଣ୍ଣିତ ଅଛି।

"ଆମ୍ଭମାନଙ୍କର ଉଦ୍ଦେଶ୍ୟ ହେଉଛି; ହାତୀ-ଶିକାର, ଦେବତା ମୂର୍ତ୍ତି ଭାଙ୍ଗିବା ଓ ରାୟୁଙ୍କର ବିନାଶ।"

ପୂର୍ବୋକ୍ତ ଉଦ୍ଧୃତାଂଶରେ ପ୍ରଥମ ଓ ତୃତୀୟ ସହିତ ସାମଞ୍ଜସ୍ୟ ଥିବାର ଦେଖାଯାଏ। ଦ୍ୱିତୀୟ ଉଦ୍ଧୃତାଂଶର ବନ୍ଧୁଭାବ କଥା ପ୍ରଥମ ଓ ତୃତୀୟରେ ନାହିଁ। ଯଦି ବନ୍ଧୁଭାବ ଥିବାର କଥା ଧରାଯାଏ, ତେବେ 'ସିରତ-ଇ-ଫିରୋଜସାହୀ'ରେ ଚିଲିକା ହ୍ରଦରେ ଯେଉଁ ଶୀତଳ ରକ୍ତରେ ହତ୍ୟା କରାଯାଇ ଥିବାର ବର୍ଣ୍ଣନା ମିଳେ, ତାହା କଦାପି ବନ୍ଧୁଭାବାପନ୍ନ ନୁହେଁ।

ଅଫିଫଙ୍କ 'ତାରିଖ-ଇ-ଫିରୋଜସାହୀ' ଗ୍ରନ୍ଥରେ ପୁରୀର ଜଗନ୍ନାଥ ମନ୍ଦିର ଭାଙ୍ଗିବାର କଥା ମିଳେ ନାହିଁ, ଯାହାକି 'ସିରତ-ଇ-ଫିରୋଜସାହୀ'ରେ ଲିଖିତ ଅଛି। ପ୍ରକୃତରେ ଫିରୋଜ ସାହାଙ୍କର ପୁରୀ ଅଭିଯାନ କଥା ଅନ୍ୟ କୌଣସି ଗ୍ରନ୍ଥରୁ ମିଳେ ନାହିଁ। 'ମାଦଳାପାଞ୍ଜି' ଏ ଅଭିଯାନ ଉପରେ ନୀରବ। ଅଫିଫ ଲେଖି ଅଛନ୍ତି ଯେ ବାରାଣାସୀରେ ଥିବା ରାୟୁଙ୍କ ଦୁର୍ଗରେ ପ୍ରସ୍ତର-ମୂର୍ତ୍ତି ବିଶିଷ୍ଟ ଏକ ପୁରୁଷୋତ୍ତମ ବା ଜଗନ୍ନାଥ ମନ୍ଦିର ଥିଲା। ଅଫିଫଙ୍କର ଏହି ପୁରୁଷୋତ୍ତମ ମୂର୍ତ୍ତିର ବର୍ଣ୍ଣନା ନାଗରୀ ନମ୍ବାପଠା ଉପରୋକ୍ତ ଲେଖା ସହିତ ଏକ ଥିବାର ଦେଖାଯାଏ।

“ତଥା ଅଭିନବ ବାରଣସ୍ୟାଂ ଭଗବତଃ ଶ୍ରୀ ପୁରୁଷୋତ୍ତମ ଦେବସ୍ୟ ସନ୍ନିଧୌ ।”

ଏଥିରୁ ଜଣା ଯାଇଅଛି ଯେ ରାଜା ଅନଙ୍ଗଭୀମ ଦେବ ଖ୍ରୀ: ୧୨୩୧ରେ ପୁରୁଷୋତ୍ତମ ମୂର୍ତ୍ତିଙ୍କ ସନ୍ନିକଟରେ ଅଭିନବ ବାରାଣସୀ-କଟକରେ ଭୂମିଦାନ କରିଥିଲେ । ଡାକ୍ତର ଦୀନେଶଚନ୍ଦ୍ର ସରକାର ଏହି ନଗରୀ ତମ୍ବାପଟାଟି ‘ଏପିଗ୍ରାଫିଆ-ଇଣ୍ଡିକା’ ଗ୍ରନ୍ଥମାଳାରେ ସମ୍ପାଦିତ କରି ଅଛନ୍ତି । ଡାକ୍ତର ସରକାର ଆହୁରି ମତ ପ୍ରକାଶ କରି ଅଛନ୍ତି ଯେ ଅନଙ୍ଗଭୀମଙ୍କ ସ୍ଥାପିତ ଏହି ପ୍ରସ୍ତର ନିର୍ମିତ ପୁରୁଷୋତ୍ତମ ମୂର୍ତ୍ତିକୁ ଖ୍ରୀ ୧୩୬୦ରେ ଫିରୋଜ ସାହ ନଷ୍ଟ କରିଥିଲେ । ଏହି ପୁରୁଷୋତ୍ତମ ମର୍ତ୍ତି ରାୟୁଙ୍କର ଦୁର୍ଗରେ ଥିବାର କଥା ଅଫିଫ ଲେଖି ଅଛନ୍ତି । ପୁରୁଷୋତ୍ତମଙ୍କର ଅନ୍ୟନାମ ମଧ୍ୟ ଜଗନ୍ନାଥ । ‘ସିରତ-ଇ-ଫିରୋଜସାହୀ’ ଗ୍ରନ୍ଥରେ ବର୍ଣ୍ଣିତ ଜଗନ୍ନାଥ ପ୍ରକୃତରେ ବାରାଣସୀ-କଟକର ପୁରୁଷୋତ୍ତମ ମୂର୍ତ୍ତି ।

ଅଫିଫଙ୍କ ଲେଖାରୁ ଜଣାଯାଏ ଯେ ବାରାଣସୀ କଟକର ପୁରୁଷୋତ୍ତମ ମୂର୍ତ୍ତିଟି ପ୍ରସ୍ତର ନିର୍ମିତ ଥିଲା । ଏଣୁ ଏହା ପୁରୀର କାଷ୍ଠ-ନିର୍ମିତ ମୂର୍ତ୍ତିଠାରୁ ସ୍ୱତନ୍ତ୍ର ।

ମୁସଲମାନ ଐତିହାସିକମାନଙ୍କ ଲେଖାରୁ ଜଣାଯାଏ ଯେ ଫିରୋଜସାହ ବାରାଣସୀ-କଟକ ଅଧିକାର କରିଥିଲେ । ତଥାପି ସେ କିପାଇଁ ଯାଜନଗର ରାଜ୍ୟକୁ ଦିଲ୍ଲୀ ରାଜ୍ୟଭୁକ୍ତ ନ କଲେ ତାହାର କାରଣ କିଛି ଜଣାଯାଇ ନାହିଁ । ଫିରୋଜସାହାଙ୍କ ପ୍ରତ୍ୟାବର୍ତ୍ତନ ପରେ ଗଙ୍ଗନୃପତି ଭାନୁଦେବ ୩ୟ ଓଡ଼ିଶାରେ ଖ୍ରୀ: ୧୩୭୭-୭୮ ପର୍ଯ୍ୟନ୍ତ ରାଜତ୍ୱ ନିର୍ବିଘ୍ନରେ କରିଥିଲେ ।

# ଓଡ଼ିଶାରେ ରାଜା ମାନସିଂହ

ମାଦଳାପାଞ୍ଜିରେ ଓଡ଼ିଶା ଇତିହାସର କ୍ରମ ଅଛି । ଓଡ଼ିଶାର ସ୍ୱାଧୀନ ରାଜାମାନେ ନିଜ ହାତରେ ଜଗନ୍ନାଥ ମନ୍ଦିରର ପରିଚାଳନା ଅନ୍ତତଃ ଚୋଡ଼ଗଙ୍ଗଙ୍କର ଓଡ଼ିଶା ଅଧିକାର ସମୟରୁ ଅର୍ଥାତ୍ ଖ୍ରୀ: ୧୧୩୨ ଠାରୁ ତେଲଙ୍ଗା ମୁକୁନ୍ଦଦେବଙ୍କ ପର୍ଯ୍ୟନ୍ତ ଅର୍ଥାତ୍ ଖ୍ରୀ: ୧୫୬୮ ଯାଏ ରଖିଥିଲେ । ମୁକୁନ୍ଦଦେବଙ୍କ ପରେ ଓଡ଼ିଶା ଆଫଗାନମାନଙ୍କର କରଗତ ହୋଇଥିଲା ଓ କଳାପାହାଡ଼ ପୁରୀର ଜଗନ୍ନାଥ ମନ୍ଦିରରୁ ମୂର୍ତ୍ତି ବୋହି ନେଇ ଗଙ୍ଗାକୂଳରେ ପୋଡ଼ି ଗଙ୍ଗାରେ ଭସାଇ ଦେଇଥିଲା । ବିସର ମହାନ୍ତି ନାମକ ଜଣେ ଭକ୍ତ ଛଦ୍ମବେଶରେ କଳାପାହାଡ଼ର ଅନୁସରଣ କରିଥିଲା ଓ ଗଙ୍ଗାରୁ ମୂର୍ତ୍ତି ଉଦ୍ଧାର କରି ତହିଁରୁ ବ୍ରହ୍ମ ନେଇ ଓଡ଼ିଶାକୁ ଫେରିଥିଲା । ଏହି ସମୟ ମଧ୍ୟରେ ଦକ୍ଷିଣ-ଓଡ଼ିଶାରେ ଖୋରଧାର ରାମଚନ୍ଦ୍ରଦେବ ସ୍ୱୀୟ କ୍ଷମତାବଳରେ ସ୍ୱାଧୀନ ରାଜା ହୋଇଥିଲେ । ଜଗନ୍ନାଥ ମୂର୍ତ୍ତିର ବ୍ରହ୍ମ ମିଳିଥିବାର ଶୁଣି କୁଜଙ୍ଗରୁ ମୂର୍ତ୍ତି ଅଣାଇଥିଲେ ଓ ପୁରୀ ମନ୍ଦିରରେ ନୂତନ ମୂର୍ତ୍ତି ସ୍ଥାପନ କରି ପୁନର୍ବାର ମନ୍ଦିରର ମାହାତ୍ମ୍ୟ ବଢ଼ାଇଥିଲେ ।

ମୋଗଲ ସମ୍ରାଟ ଆକବରଙ୍କର ସେନାପତି ରାଜା ମାନସିଂହ ଅମଳ ୯୯୯ ବା ୧୫୯୧-୯୨ ସାଲରେ ଆଫଗାନମାନଙ୍କୁ ପରାସ୍ତ କରି ଓଡ଼ିଶାର ସ୍ୱାଧୀନତା ଲୋପ କରିଥିଲେ ଓ ଓଡ଼ିଶା ମୋଗଲ ସାମ୍ରାଜ୍ୟର ଅନ୍ତର୍ଭୁକ୍ତ ହୋଇଥିଲା । ମାଦଳାପାଞ୍ଜିରେ ରାଜା ମାନସିଂହଙ୍କର ଯେଉଁ ବୃତ୍ତାନ୍ତ ମିଳେ, ସେଥିରେ ରାଜା ରାମଚନ୍ଦ୍ର ଦେବଙ୍କର ଗୌରବମୟ ଇତିହାସ ପରିସ୍ଫୁଟ ହୁଏ ନାହିଁ । ଓଡ଼ିଶାରେ ମୋଗଲ ଅଧିକାର ସମ୍ବନ୍ଧେ ଫାରସୀରେ ଲିଖିତ ଆଇନ-ଇ-ଆକବରି, ଆକବର-ନାମା ଓ ତବାକତ୍-

ଇ-ଆକବରୀରେ କିଛି କିଛି ବିବରଣ ଅଛି । ଷ୍ଟାର୍ଲିଂ ସାହେବ କେତେ-ଗୁଡ଼ିଏ ଫାରସୀ କାଗଜପତ୍ର କିଣିକରି ପାଇ ସେଗୁଡ଼ିକର ସାରାଂଶ ଇଂରାଜୀରେ ୧୮୨୫ରେ ଛପାଇଥିଲେ । ଏହି ସମସ୍ତ ଉପକରଣ ସହିତ ଚାରୋଟି ଓଡ଼ିଆ ଲିପିର ବିବରଣ ଏକତ୍ରିତ କରି ଏ ପ୍ରବନ୍ଧ ଲିଖିତ ହୋଇଅଛି । ଏଥିରୁ ଦେଖାଯିବ, ଓଡ଼ିଶାରୁ ମିଳିଥିବା ଉପାଦାନଗୁଡ଼ିକ ସେହି ସମୟର ଇତିହାସ ପାଇଁ ଫାରସୀଗ୍ରନ୍ଥ ଗୁଡ଼ିକର ବିବରଣଠାରୁ ଅଧିକତର ବିଶ୍ୱାସଯୋଗ୍ୟ ।

ଚାରୋଟିଯାକ ଓଡ଼ିଆ ଲିପି ରାଜା ମାନସିଂହଙ୍କ ଜୀବିତାବସ୍ଥାରେ ଲିଖିତ ହୋଇଥିବାରୁ ସେଗୁଡ଼ିକର ଐତିହାସିକ ମୂଲ୍ୟ ଅତି ଅଧିକ । ତେଣୁ ସେଗୁଡ଼ିକର କଥା ସର୍ବାଗ୍ରେ କହୁଅଛି ।

ଉଲ୍ଲିଖିତ ଲିପିଗୁଡ଼ିକ ମଧ୍ୟରୁ ଦୁଇଟି ବାଲେଶ୍ୱର ଜିଲ୍ଲାର ଶ୍ରୀଜଙ୍ଗରୁ ଓ ଅନ୍ୟଦୁଇଟି ମେଦିନୀପୁର ଜିଲ୍ଲାର କାଶିଆଡ଼ିରୁ ମିଳିଅଛି । ଶ୍ରୀଜଙ୍ଗର 'ଅଚ୍ୟୁତ ଗଙ୍ଗା' ଲିପିଟି ବାଲେଶ୍ୱରର କଲେକ୍ଟର ବିମ୍ସଙ୍କ ଦ୍ୱାରା ଆବିଷ୍କୃତ ହୋଇଥିଲା । ସେ ବାଲେଶ୍ୱରରେ ୧୮୬୯ରୁ ୧୮୭୩ ପର୍ଯ୍ୟନ୍ତ ଥିଲେ । ଏହି ସମୟ ମଧ୍ୟରେ ସେହି ଲିପିଯୁକ୍ତ ପ୍ରସ୍ତରଖଣ୍ଡଟିକୁ ସେ ବାଲେଶ୍ୱର ଅଣାଇ ନିଜ କୋଠିର ହତାରେ ରଖାଇଥିଲେ । ୧୯୩୫ରେ ମୁଁ ସେହି ଲିପିଟିକୁ ବାଲେଶ୍ୱର ମିଶନ ସ୍କୁଲ ହତାରେ ପାଇଥିଲି ଓ ଫଟୋ କରାଇଥିଲି । ଏହି ଲିପିଟି ଉପରେ ନିର୍ଭର କରି ବିମସ୍ ପ୍ରମାଣ କରିଥିଲେ ଯେ, ଖ୍ରୀ: ୧୫୬୮ରେ ବଙ୍ଗଳାରେ ଆଫଗାନମାନେ ମୁକୁନ୍ଦ-ଦେବଙ୍କୁ ପରାଭୂତ କରି ଓଡ଼ିଶା ଅଧିକାର କରିଥିଲେ । ଓଡ଼ିଶା ଅଧିକାର କରି ଆଫଗାନମାନେ ଓଡ଼ିଶାରେ ପ୍ରଭୁତ୍ୱ କରିବାର ସୁଯୋଗ ପାଇ ନ ଥିଲେ । କାରଣ ଠିକ୍ ଏହି ସମୟରେ ମୋଗଲ ସମ୍ରାଟ ଆକବର ବଙ୍ଗଦେଶ ଆକ୍ରମଣ କରିଥିଲେ ଓ ଓଡ଼ିଶାର ଅନ୍ୟାନ୍ୟ ସାମନ୍ତ ରାଜାମାନେ ଆଫଗାନମାନଙ୍କୁ ବ୍ୟତିବ୍ୟସ୍ତ କରାଉଥିଲେ ।

ଶ୍ରୀଜଙ୍ଗ ଲିପିରୁ ମିଳୁଥିବା 'ଜବନ ଭୋଗ'ର ସମୟ ସହିତ 'ଆକବର-ନାମା'ର ସମୟ ଠିକ୍ ଥିବାରୁ ବିମସ୍ ମାଦଳାପାଞ୍ଜିରେ ଥିବା ଜବନ ଅଧିକାରର ସମୟ ଭୁଲ ଥିବାର ପ୍ରମାଣିତ କରିଥିଲେ । [୧]

ମୋର ବନ୍ଧୁ ଶ୍ରୀଯୁକ୍ତ ସୁଧାକର ପଟ୍ଟନାୟକ ମହାଶୟ ଶ୍ରୀଜଙ୍ଗରୁ ଆଉ ଗୋଟିଏ ଶିଳାଲିପି ଆବିଷ୍କାର କରି ଦୁଇଟିଯାକ ଲିପିର ପାଠ ୧୯୪୦ରେ ପ୍ରକାଶିତ କରିଥିଲେ । [୨] ତଳେ ଦୁଇଟିଯାକ ଲିପିର ,ପାଠ ଉଦ୍ଧୃତ ହେଲା ।

(୧) ଶ୍ରୀଜଙ୍ଗର ଅଚ୍ୟୁତସାଗର ଶିଳାଲିପିର ପାଠ
(ବନ୍ଧନୀଯୁକ୍ତ ସଂଖ୍ୟାରୁ ଲିପିର ପଂକ୍ତିସଂଖ୍ୟା ବୁଝିବାକୁ ହେବ)

୧ମ ପାର୍ଶ୍ୱ

(୧) ଶ୍ରୀ ଧର୍ମସରଣ (୨) ଜୁଗାବ୍ଦ ୪୬୧୭ (୩) ସକାବ୍ଦ ୧୫୧୭ (୪) ଦଇତାରି ବସୁ (୫) ଆଲସୁପୁନ (୬) ଅଚ୍ୟୁତ ବଳ (୭) ଆର ସିଙ୍ଘ (୮) ମହାପାତ୍ର (୯) ପୁଷ୍କରଣୀ (୧୦) ଦେଲେ । ସଂ (୧୧) ଗ୍ୟା ଅଚ୍ୟୁତ ସାଗ୍ର (୧୨) ଏ ମଣ୍ଡଳେ ଏକା (୧୩) ନାଏକେ ।

୨ୟ ପାର୍ଶ୍ୱ

(୧୪) ଗୃଲୁକ୍ସା ମକୁନ୍ଦ ୧୫) ଦେବ ଅନ୍ତେ (୧୬) ଜବନ ବରସ ୨୮ (୧୭) ଏକବର ପାତ୍ସା (୧୮) ହୌ ରଜପୁତ (୧୯) ମାନସିଙ୍ଘ ରଜା (୨୦) କଟେକ ପଶ୍ଚିମେ (୨୧) ପରଙ୍ଗ ଖୁରଦା (୨୨) ଥୀତ କଟେକ (୨୩) ସୁଦ୍ର ଗଜପତି (୨୪) ରାଜା ରାମ (୨୫) ଚନ୍ଦ୍ରଦେବ (୨୬, ୩୪ ଅଙ୍କ (୨୭) ଶ୍ରାହ୍ମୀ ।

(୨) ଶ୍ରୀଜଙ୍ଗର ଅଚ୍ୟୁତ ଗଙ୍ଗାଶିଳାଲିପିର ପାଠ ।

(ଫଟୋ)

[୧ମ ପାର୍ଶ୍ୱ] (୧) ଧର୍ମ ସରଣ (୨) ଜୁଗାବ୍ଦ ୪୬୯୯ (୩) ସକାବ୍ଦ ୧୫୨୦ (୪) ଦଇତାରି ବ (୫) ସୁଆଳ ସୁ (୬) ପୁନ ଅଚ୍ୟୁତ

୧ । ବଙ୍ଗୀୟ ଏସିଆଟିକ ସୋସାଇଟି ପତ୍ରିକା, ୧୮୮୬ ପୃ ୨୩୪ ।
୨ । ଓଡ଼ିଶା ଏକାଡେମୀର ପତ୍ରିକା, ୧୯୪୦ ।

(୭) ବଳଆର ସି (୮) ଘଂ କୁତ ? ପୁସ୍ତ [୨ୟ ପାର୍ଶ୍ୱ] (୯) ରଣୀ ସ (୧୦) ଗ୍ୟା ଅ (୧୧) ଚୁତ୍ତ ଗ (୧୨) ଙ୍ଗା ଏ (୧୩) ମଣ୍ଡଳେ (୧୪) ଏକା ନା (୧୫) ଏକ ଏ (୧୬) ଥି ମୁଣ୍ଡ ? (୧୭) ପିଣ୍ଡ ? ଦନ୍ଧ ? [୩ୟ-ପାର୍ଶ୍ୱ] (୧୮) କୁଳରାଣକ (୧୯) ମକୁନ୍ଦ (୨୦) ଦେବ ଅନ୍ତେ (୨୧) ଜବନ ଭୋଗ (୨୨) ବରସ ୩୦ (୨୩) ଢ଼ଳଶ୍ୱର (୨୪) ଏକବର ପା (୨୫) ତ୍ତସା ହେଇ (୨୬) ରଜପୁତ ମା (୨୭) ନସିଙ୍ଗ ରଜା (୨୮) ଆମଳ ଓଡ଼ିଶା [୪ର୍ଥ ପାର୍ଶ୍ୱ] (୨୯) କଟକ ପଶ୍ଚି (୩୦) ମେ ପରଙ୍ଗ (୩୧) ଖୁରଦା ଥୀ (୩୨) ତ କଟକ (୩୩) ସୁଦ୍ର ରାଜା (୩୪) ଗଜପତ୍ରି ରା (୩୫) ରାମଚନ୍ଦ୍ର ଦେ [୩୬] ବ (୩୭) ଅଙ୍କ (୩୭) ଏ ଦ୍ଧନ ସଙ୍ଗ ? [୩୮] ଏ ପୁସ୍ତ ? ରଣି ? [୩୯] ଖୋଲ [୩ୟ ପାର୍ଶ୍ୱର ଶେଷ] [୪୦] କରବ ?

ଏହି ଦୁଇଟି ଲିପିର ସମୟ ଖ୍ରୀ: ୧୫୯୭ ଓ ୧୫୯୮ ହେଉଅଛି, ଏଥିରୁ ଜବନଭୋଗ ବରସ ୨୮ ଓ ୩୦ ବାଦ ଦେଲେ ଖ୍ରୀ: ୧୫୬୮ରେ ଆଫଗାନମାନଙ୍କର ଅଧିକାର ଓଡ଼ିଶାରେ ଚାଲି ଥିବାର ଜଣାଯାଇଅଛି । ରାମଚନ୍ଦ୍ର ଦେବଙ୍କର ୩୭ ଅଙ୍କ ବା ୩୦ ବର୍ଷ ରାଜତ୍ୱରୁ ଏହା ମଧ୍ୟ ପ୍ରମାଣିତ ହେଉଅଛି ଯେ, ସେ ୧୫୬୯ରେ ନିଜକୁ ଖୋରଧାର ରାଜା ବୋଲି ଘୋଷଣା କରାଇଥିଲେ । ଷ୍ଟାର୍ଲିଂ ଲିଖିତ **Asiatic Researches Vol. XV** ୨୯୦ ପୃଷ୍ଠାରେ ଓ ମାଦଳା ପାଞ୍ଜିର ୬୪ ପୃଷ୍ଠାରେ ବର୍ଣ୍ଣିତ ଅରାଜକ ବିବରଣ ଏହି ଲିପିରୁ ଅମୂଳକ ବୋଲି ପ୍ରତିପନ୍ନ ହୁଏ ।

କାଶିଆଡ଼ିର ଓଡ଼ିଆ ଲିପିର ବିବରଣ ୧୯୧୧ରେ ପ୍ରାଚ୍ୟବିଦ୍ୟା-ମହାର୍ଣ୍ଣବ ସ୍ୱର୍ଗୀୟ ନଗେନ୍ଦ୍ରନାଥ ବସୁ ପ୍ରଥମେ **Archaeological Survey of Mayurbhanj Vol, I** ଗ୍ରନ୍ଥରେ ଲେଖିଥିଲେ । ସେ ରଘୁନାଥ ଭୂୟାଁ ସ୍ଥଳରେ ରଘୁନାଥ ଭଞ୍ଜ ପଢ଼ି ଥିବାରୁ ତାଙ୍କର ସବୁ ସିଦ୍ଧାନ୍ତ ଭ୍ରମପୂର୍ଣ୍ଣ ହୋଇଥିଲା । ତତ୍ପରେ ମେଦିନୀପୁରର ଉତ୍କଳ ଓ କାଶିଆଡ଼ି ଗ୍ରାମର ବାସିନ୍ଦା ସ୍ୱର୍ଗୀୟ ରାଧାନାଥ ପଣ୍ଡା ମହାଶୟ ତାଙ୍କର

ବଙ୍ଗଳା ଭାଷାରେ ଲିଖିତ 'କାଶିଆଡ଼ି' ପୁସ୍ତକରେ ସବୁ ଲିପିଗୁଡ଼ିକର ନକଲ (eye copy) ୧୯୧୫ରେ ଛପାଇଥିଲେ । ତାଙ୍କ ପାଠରେ ଅନେକ ଭୁଲ ଥିଲା । ଲେଖକ ୧୯୫୦ରେ କାଶିଆଡ଼ି ଯାଇଥିଲା ଓ ସବୁ ଲିପିଗୁଡ଼ିକର ପାଠ ଲେଖି ଆଣିଥିଲା । ଲିପିଗୁଡ଼ିକ ସେଠାର ସର୍ବମଙ୍ଗଳା ମନ୍ଦିରରେ ଅଛି । ମାନସିଂହ ଅମଳର ପ୍ରଥମ ଲିପିରେ ସାତଧାଡ଼ି ଲେଖାଅଛି । ମାତ୍ର ବାରଦ୍ୱାରୀ ନାଟମନ୍ଦିର ଗଠନବେଳେ ଏହି ଲିପିର କେତେକ ଅଂଶ ଅଦୃଶ୍ୟ ହୋଇ ଥିବାରୁ ଲିପିର ଅର୍ଦ୍ଧେକ ପ୍ରାୟ ଦେଖା ଯାଏ ନାହିଁ । କେହି ସାବଳରେ ଖୋଳି କେତେକ ଅଂଶ ବାହାର କରି ଅଛି । ମାତ୍ର ତହିଁରୁ ସବୁ ଲିପିଟି ଦେଖିବାର ସୁଯୋଗ ନାହିଁ । ତଳେ ଦୁଇଟି ଲିପିର ପାଠ ଦିଆଗଲା:—

(କ) କାଶିଆଡ଼ିର ସର୍ବମଙ୍ଗଳାମନ୍ଦିର ଲିପି ।

୧ । ଶ୍ରୀ ଶୁଭମସ୍ତୁ । ଶ୍ରୀ ମାନସିଂଘ ମହାରାଜାଙ୍କର ବିଜେ ଶୁଭରାଜ୍ୟେ ସମସ୍ତ ୪୭ଅଙ୍କ ଶ୍ରୀ × ।

୨ । ମକର ୩ଦିନ ଶୁ ୫ ସୋମବାର ୧୫୬୭ ଶକ କୁଲ୍ୟାଶେଣ ଗ୍ରାମର ଶ୍ରୀ ଗୋବିନ୍ଦ ଭୁଞ୍ୟାଙ୍କର ପ୍ରପୌତ୍ର ।

୩ । ଶ୍ରୀ ରଘୁନାଥ ଭୁଞ୍ୟା ପୁତ୍ର ଶ୍ରୀ ଜଦୁ ଶ୍ରୀମାନ୍ ଭୁଞ୍ୟାଙ୍କର ପୁତୁରା ଶ୍ରୀ ଚକ୍ରଧର ଭୁଞ୍ୟା × ।

୪ । ଶ୍ରୀ ମଙ୍ଗଳା ଠାକୁରାଣୀଙ୍କର ଆଜ୍ଞା ପ୍ରମାଣେ ପ୍ରତି ଆଦେଶ ହେଲା ବେ × ।

୫ । ଲାଇବେ । ଏ ଦେଉଳ ଅଧ୍ୟକ୍ଷ × × ବିକଳ ଦାସ × × ।

୬ । ନ କମିଳା ବସୁରାମ କଣୁ × × ।

୭ । ଏ କରଣ ହରିଦାସ ।

(ଖ) କାଶିଆଡ଼ିର ସର୍ବମଙ୍ଗଳା ବିଜେ ମୂର୍ତ୍ତିର ଲିପି

୧ । ଶ୍ରୀ ମାନସିଂଘ ମହାରାଜା ଶୁଭରାଜ୍ୟେ ନିଜକୁଳକୁମୁଦାନନ୍ଦ ଶୀଳ ଶ୍ରୀ ରଘୁନାଥ ଶର୍ମା ।

୩ । ଭୂମି ପସୁତ ଶ୍ରୀ ଚନ୍ଦ୍ରଧର ଶର୍ମା ଭୂମିପ କାରବେଦାଂ ସର୍ବ ମଙ୍ଗଳା ପ୍ରତିମାକୁ ପୂଜା ଶକାବ୍ଦ ୧୫୨୬ କମିଳା ରଘୁପ୍ରାନ୍ତ ।

ଏହି ଲିପିଗୁଡ଼ିକର ସମୟ ଶକାବ୍ଦ ୧୫୨୬ ବା ଖ୍ରୀ: ୧୬୦୪ । ଖ୍ରୀ: ୧୬୦୪ ରାଜା ମାନସିଂହଙ୍କର ସୁବାଦାରର ଶେଷ ବର୍ଷ ।

ଆଇନ-ଇ-ଆକବର ଗ୍ରନ୍ଥର ଇଂରାଜୀ ଅନୁବାଦକ ବ୍ଲକମେନ ସାହେବ ଲେଖିଅଛନ୍ତି—"Man Singh remained in Bengal till 1013 when sickness of the Emperor induced him to resiqn his appointment in order to be in the Capital" (୩) ରାଖାଲ ଚନ୍ଦ୍ର ବନ୍ଦୋପାଧ୍ୟାୟ ଲେଖି ଅଛନ୍ତି—Raja Mansingh wes the real conquerer of Orissa. He conquered Orissa in the 35 year of Akbar's reign in 1000 A H. (1591-92) Mansingha remained in Bengal and Orissa till 1013 (1604-05) when Akbar's illness induced him to return to the Court hastily, (୪)

ଉପର ଲିଖିତ ଲିପି ଗୁଡ଼ିକରୁ ଜଣାଯାଏ ଯେ, ସବୁଗୁଡ଼ିକ ଲିପି ରାଜା ମାନସିଂହଙ୍କ ଅମଳରେ ଖୋଦିତ ହୋଇଥିଲା ।

ଭାରତର ହିନ୍ଦୁମାନଙ୍କ ପକ୍ଷରେ ପୁରୀଧାମ ଏକ ବିଶେଷ ତୀର୍ଥ କ୍ଷେତ୍ର । ଓଡ଼ିଶା ଅଧିକାର କରିବା ପରେ ରାଜା ମାନସିଂହ ପୁରୀର ଜଗନ୍ନାଥ ଦର୍ଶନ ପ୍ରତି ମନ ବଳାଇବା ସ୍ୱାଭାବିକ । ମାଦଳାପାଞ୍ଜି ଓ ଆକବର ନାମାର ଲେଖାରୁ ଏହା ପ୍ରମାଣିତ ହୁଏ । ଆକବର ନାମାରେ ଲେଖିତଅଛି—Mansingh went off to pay devotions at Jagannath. His idea was that he would be nearer to Raja Ramchandra and that when opportunity

୩ । ଆଇନ-ଇ-ଆକବରି ଭା ୧, ପୃ ୩୬୩ ।

୪ । ଓଡ଼ିଶାର ଇତିହାସ ଭା ୨, ପୃ୨୭ ।

occured he would byhold of him, [୫] 'ଆକବରନାମା'ରୁ ଏହି କଥାରୁ ଜଣା ଯାଇଅଛି ଯେ, ପୁରୀର ଜଗନ୍ନାଥ ଦର୍ଶନ ଅପେକ୍ଷା ଜଗନ୍ନାଥ ମନ୍ଦିରର ପରିଚାଳକ ରାଜା ରାମଚନ୍ଦ୍ର ଦେବଙ୍କୁ ଧରି ପରାଭୂତ କରିବାର ଅଭିପ୍ରାୟରେ ରାଜା ମାନସିଂହ ପୁରୀ ଯାଇଥିଲେ । ଏଥିରୁ ଏହା ମଧ୍ୟ ପ୍ରତିପନ୍ନ ହେଉଅଛି ଯେ, ସେପର୍ଯ୍ୟନ୍ତ ଓଡ଼ିଶାର ସ୍ୱାଧୀନତା ଲୋପ ହୋଇ ନଥିଲା । ମାଦଳା ପାଞ୍ଜିରେ ଲେଖାଅଛି ଯେ, ରାଜା ମାନସିଂହ ତେଲଙ୍ଗା ମୁକୁନ୍ଦ ଦେବଙ୍କ ପୁଅମାନଙ୍କୁ ଘେନି ପୁରୀ ଯାଇଥିଲେ ଓ ସେମାନଙ୍କ ହାତରେ ପୁରୀ ଜଗନ୍ନାଥ ମନ୍ଦିରର ଭାର ଅର୍ପଣ କରିବାର ମନସ୍ଥ କରିଥିଲେ । ଆକବର ନାମାରୁ ଜଣାଯାଏ ଯେ 'ତିଲରାଜା' ମାନସିଂହଙ୍କୁ କଟକ ପହଞ୍ଚିବା ପୂର୍ବରୁ କଲକଲା ଠାରେ ଭେଟିଥିଲେ । ଏହି 'ତିଲ ରାଜାଙ୍କୁ' ସ୍ୱର୍ଗୀୟ ରମାପ୍ରସାଦ ଚନ୍ଦ୍ର ମହାଶୟ ତେଲଙ୍ଗା ମୁକୁନ୍ଦ ଦେବଙ୍କ ପୁତ୍ର ବୋଲି ଅନୁମାନ କରନ୍ତି । [୬] ରାଜା ମାନସିଂହଙ୍କ ମତଲବ କାର୍ଯ୍ୟରେ ପରିଣତ ହୋଇ ନଥିଲା; କାରଣ ପଣ୍ଡାମାନେ ମୁକୁନ୍ଦ ଦେବଙ୍କର ପୁତ୍ରମାନଙ୍କୁ ଖଡ଼ାପ୍ରସାଦ ନ ଦେଇ ରାମଚନ୍ଦ୍ର ଦେବଙ୍କୁ ଦେଇଥିଲେ । ରାଜା ମାନସିଂହ ଏପରି ଭାବରେ ବିଫଳ ମନୋରଥ ହୋଇ କଟକ ଫେରିଥିଲେ । କଟକ ଫେରି ସେ ରାଜା ରାମଚନ୍ଦ୍ର ଦେବଙ୍କୁ ଗୋଟାଏ ବନ୍ଦୋବସ୍ତ କରିବା ପାଇଁ ଡକାଇଥିଲେ, ମାତ୍ର ସେଥିରେ ରାମଚନ୍ଦ୍ର ଦେବ ଘୋର ଆପତ୍ତି ଉଠାଇଥିଲେ । ତତ୍ପରେ ମାନସିଂହ ରାମଚନ୍ଦ୍ରଙ୍କ ବିରୁଦ୍ଧରେ ଯୁଦ୍ଧଘୋଷଣା କଲେ । ଆବୁଲ ଫଜଲ ଏହି ଘଟଣାକୁ ଲକ୍ଷ୍ୟ କରି 'ଆକବର ନାମାରେ ଲେଖିଅଛନ୍ତି—

'On hearing of this His Majesty who appreciates dignities became angry and issued censure. The Rajah recalled his troop, and appologised Ramchand, on seeing the graciousness of His Majesty took the thought of paying his respects. On 21 Bahman he visited the Rajah

୫ । ଆକବର ନାମା ଭାଗ୩; ପୃ୯୯୧ । ୬ । ବିହାର ଓଡ଼ିଶା ଅନୁସନ୍ଧାନ ସମିତିର ପତ୍ରିକା ପୃ୧୯୨୭ ।

**(Man Sing) and was treated with much respect'** [୭] 'ଆକବର-ନାମା'ର ଏହି ଲେଖାରୁ ଜଣାଯାଏ; ମୋଗଲ ସମ୍ରାଟ ଆକବର ଉଦାରନୀତି ଦେଖାଇ ରାଜା ରାମଚନ୍ଦ୍ରଙ୍କୁ ବଶ୍ୟତା ସ୍ୱୀକାର କରାଇଥିଲେ ଓ ତାଙ୍କର ବଶ୍ୟତା ସ୍ୱୀକାର କରିବା ସଙ୍ଗେ ସଙ୍ଗେ ରାଜା ମାନସିଂହ ଓଡ଼ିଶାରେ ମୋଗଲ ବନ୍ଦୋବସ୍ତ କରାଇଥିଲେ । ମାଦଳା ପାଞ୍ଜିରେ ଅଛି ଯେ, ରାଜା ମାନସିଂହଙ୍କ ସମକ୍ଷରେ ପୁରୀର ପଣ୍ଡାମାନେ ମୁକୁନ୍ଦ ଦେବଙ୍କ ପୁତ୍ରଙ୍କୁ ଓଡ଼ିଶାର ରାଜା ବୋଲି ସ୍ୱୀକାର ନ କରି ରାଜା ରାମଚନ୍ଦ୍ର ଦେବଙ୍କୁ ରାଜା ବୋଲି ଗ୍ରହଣ କରିଥିଲେ । ଏଥିରୁ **ରାଖାଲଚନ୍ଦ୍ର** ବନ୍ଦୋପାଧ୍ୟାୟ ଲେଖିଛନ୍ତି ଯେ, **Ramchandra Deva I obtained recognition as Gajapati through the personal favour of Raja Man Singh as not by valour or position" (H-O Vol II P. 15)** ତାଙ୍କର ଏହି ସିଦ୍ଧାନ୍ତ ଯେ ଏକାବେଳକେ ଭୁଲ, ତାହାର ପ୍ରମାଣ 'ଆକବର ନାମା'ର ଉଦ୍ଧୃତାଂଶରୁ ପ୍ରମାଣିତ ହୁଏ ।

ମାନସିଂହଙ୍କର ରାଜସ୍ୱ ବନ୍ଦୋବସ୍ତର କାଗଜ-ପତ୍ର ବା ବିବରଣ ବିହାରୀରୁ ଲେଖା ହୋଇଥିବା ଫାରସୀ ଗ୍ରନ୍ଥରେ ମିଳେ ନାହିଁ ଓ ନ ମିଳିବାର କାରଣ ମଧ୍ୟ ଯଥେଷ୍ଟ ଅଛି ।

ଷ୍ଟାର୍ଲିଂ ଲେଖିଅଛନ୍ତି ଯେ, ମୋଗଲ ସେନାପତି ଖାଁ ଜାହାନଙ୍କ ଦ୍ୱାରା ଅଫଗାନମାନେ ପରାଭୂତ ହେବା ପରେ ଖ୍ରୀ: ୧୫୮୦ରେ ତୋଡ଼ର-ମଲ୍ଲ ଓଡ଼ିଶାର ବନ୍ଦୋବସ୍ତ ବୁଝାସୁଝା ପାଇଁ ଓଡ଼ିଶାକୁ ଆସିଥିଲେ ସୁଦ୍ଧା ମୋଗଲ ସାମ୍ରାଜ୍ୟରେ ଓଡ଼ିଶାର ମିଶ୍ରଣ ଅମଳ ୧୯୯୯ରେ ରାଜା ମାନସିଂହଙ୍କ ଦ୍ୱାରା ହୋଇଥିଲା । ତୋଡ଼ରମଲ୍ଲ ଦ୍ୱାରା ସଂଗୃହୀତ ଓଡ଼ିଶାର ରାଜସ୍ୱର ବିବରଣ ଆବୁଲଫଜଲ ଆଇନ-ଇ-ଆକବରୀ ଗ୍ରନ୍ଥରେ ଲେଖି ଅଛନ୍ତି ବୋଲି ମନେ ହୁଏ । ସେ ଓଡ଼ିଶାକୁ ପାଞ୍ଚଟି ସରକାରରେ ଭାଗ କରି ଅଛନ୍ତି । ତନ୍ମଧ୍ୟରୁ ଜଳେଶ୍ୱର, ଭଦ୍ରଖ ଓ କଟକ ସରକାର ଗୁଡ଼ିକର ବିବରଣ ଯାହା ମିଳେ, ତାହା ମାଦଳାପାଞ୍ଜିରୁ କେତେକାଂଶରେ ସମର୍ଥିତ ହୁଏ । ମନମୋହନ ଚକ୍ରବର୍ତ୍ତୀ ଆଇନ-ଇ-ଆକବରୀରେ ବର୍ଣ୍ଣିତ

୭ । ଆକବର ନାମା ଭା"; ପୃ ୯୭୭-୭୮ ।

ଭୌଗୋଳିକ ବିବରଣ ସହିତ ମାଦଳାପାଞ୍ଜିର ଦେଶଖଞ୍ଜା ବିବରଣ ଏକତ୍ରିତ * କରି ଗୋଟିଏ ଉପାଦେୟ ପ୍ରବନ୍ଧ ୧୯୧୭ରେ ଲେଖି ଅଛନ୍ତି । ଆଇନ-ଇ-ଆକବରିରେ ଆକବରଙ୍କ ରାଜତ୍ୱର ୪୦ବର୍ଷ ୧୫୯୪ ୯୫ ପର୍ଯ୍ୟନ୍ତ ଘଟଣା ଲିପିବଦ୍ଧ ଅଛି । ମାତ୍ର ସେହି ଗ୍ରନ୍ଥରେ ଥିବା ରାଜସ୍ୱ ସମ୍ବନ୍ଧୀୟ ବିଷୟ ଗୁଡ଼ିକ ୧୫୯୦ ଖ୍ରୀଷ୍ଟାବ୍ଦର ପୂର୍ବବର୍ତ୍ତୀ ବୋଲି ବ୍ଲକମେନ ଅନୁମାନ କରିଥିଲେ । ତେଣୁ ରାଜା ମାନସିଂହଙ୍କ ଦ୍ୱାରା ଓଡ଼ିଶା ବିଜୟ ଖ୍ରୀ: ୧୫୯୨ ପୂର୍ବରୁ ହୋଇ ନଥିବାରୁ ମାନସିଂହଙ୍କ ବନ୍ଦୋବସ୍ତର ବିବରଣ ଆଇନ-ଇ-ଆକବରୀରେ ସ୍ଥାନ ପାଇ ନଥିଲା । ଆଇନ-ଇ-ଆକବର ଗ୍ରନ୍ଥରେ "ଓଡ଼ିଶାର ଜମିଦାର ରାଜା ରାମଚନ୍ଦ୍ର ଆକବରଙ୍କର ୫୦୦ର ମନସୁବଦାର ଥିବାର ଲିଖିତ ଅଛି ଓ ଆକବର-ନାମାରେ ରାଜା ରାମଚନ୍ଦ୍ର ଦେବଙ୍କ ସହିତ ରାଜା ମାନସିଂହଙ୍କର ରାଜନୈତିକ ସମ୍ପର୍କ ସ୍ଥାପିତ ହୋଇଥିବାର ବର୍ଣ୍ଣିତ ଅଛି । ରାଜା ରାମଚନ୍ଦ୍ରଙ୍କ ଛଡ଼ା 'ଆଜଓ୍ୟାଦ' ଓ 'ସୁନ୍ଦର' ନାମଧେୟ ଦୁଇଜଣ 'ଓଡ଼ିଶାର ଜମିଦାର' ଆକବରଙ୍କର ୨୦୦ ମନସବଦାର ଥିଲେ ବୋଲି ଆଇନ-ଇ-ଆକବରିରେ ଲିଖିତ ଅଛି । ଏମାନେ କିଏ ? ମୁକୁନ୍ଦ ଦେବଙ୍କର ଦୁଇ ପୁଅ ରାଜା ମାନସିଂହଙ୍କର ଅନୁଗତ ଥିବାର କଥା ମାଦଳାପାଞ୍ଜିରୁ ଜଣାଯାଏ । ରାଜା ମାନସିଂହ ସେମାନଙ୍କୁ ଆଳି ଓ ସାରଙ୍ଗଗଡ଼ର ରାଜା କରାଇ ଥିଲେ । ଷ୍ଟାର୍ଲିଂ ପ୍ରକାଶିତ ମାନସିଂହଙ୍କ ବନ୍ଦୋବସ୍ତର ଫାରସୀ କାଗଜପତ୍ରରୁ ଦେଖାଯାଏ ଯେ ଖୋରଧା, ଆଳି ଓ ସାରଙ୍ଗଗଡ଼ର ରାଜାମାନେ ମନସବଦାର ଥିଲେ ଓ ଠିକ ତିନୋଟି ମନସବାଦାରଙ୍କ କଥା ଆଇନ-ଇ-ଆକବରିରୁ ସମର୍ଥିତ ହୁଏ । ଏଣୁ ମନେ ହୁଏ ଯେ, ଆଳି ଓ ସାରଙ୍ଗଗଡ଼ର ରାଜାମାନଙ୍କ ନାମ ଫାରସୀ ନକଲ ବେଳେ ବିକୃତ ହୋଇ ଇଂରାଜୀର 'Adward and Sundar ବୋଲି ପଠିତ ହୋଇଅଛି ।

ରାଜା ମାନସିଂହଙ୍କର ବନ୍ଦୋବସ୍ତର କାଗଜ ପତ୍ରରୁ ଜଣାଯାଏ ଯେ, ସେ ଓଡ଼ିଶାର କ୍ଷମତାଶାଳୀ ରାଜାମାନଙ୍କ ସହିତ ବନ୍ଦୋବସ୍ତ କରି ଥିଲେ । ଏମାନଙ୍କ ମଧ୍ୟରେ (୧) ଖୋର୍ଦ୍ଧା (୨) ସାରଙ୍ଗଗଡ଼ ଓ (୩) ଆଳିର

* ବଙ୍ଗୀୟ ଏସିଆଟିକ୍ ସୋସାଇଟି ପତ୍ରିକା ୧୯୧୭

ଶାସକମାନେ ରାଜୋପାଧିରେ ଭୂଷିତ ଥିଲେ, ଓ (୪) କେନ୍ଦୁଝର (୫) ମୟୂରଭଞ୍ଜ (୬) ବିଷ୍ଣୁପୁର (୭) ଫତିଆବାଦ (୮) ନରସିଂହଗଡ଼ (୯) କର୍ଣ୍ଣଗଡ଼ ୧୦) ବାଘଭୂମ ରାଜ୍ୟ ଶାସକମାନଙ୍କର 'ଜମିଦାର' ଆଖ୍ୟା ଥିଲା । ଏହି ସବୁ ରାଜ୍ୟଗୁଡ଼ିକର ଭୌଗୋଳିକ ଅବସ୍ଥିତି ବର୍ତ୍ତମାନ ମଧ୍ୟ ଠିକ ରହିଅଛି । ଫତିଆବାଦ, ନରସିଂହଗଡ଼, କର୍ଣ୍ଣଗଡ଼ ଓ ବାଘଭୂମ ମେଦିନୀପୁର ଜିଲାରେ ଥିବାର ଜଣାପାଏ । ଆଇନ-ଇ-ଆକବରିର କଟକ ଭଦ୍ରଖ ଓ ଜଳେଶ୍ୱର ସରକାରର ବିବରଣ ଏହି ଭୌଗୋଳିକ ବିବରଣ ସହିତ ଠିକ ସମାନ ନଥିଲେ ମଧ୍ୟ ମୋଟାମୋଟି ଦୁଇଟି ସ୍ୱତନ୍ତ୍ର ବିବରଣର କ୍ଷେତ୍ରଫଳ ଏକ ଥିବାର ଦେଖାଯାଏ ।

ମାଦଳାପାଞ୍ଜିରୁ ଜଣାଯାଏ ଯେ, ରାଜା ମାନସିଂହଙ୍କର ପତ୍ନୀ ଗୌରୀ ରାଣୀ ଜଗନ୍ନାଥ ମନ୍ଦିରର ବେଢ଼ାରେ ମୁକ୍ତିମଣ୍ଡପ ଗଢ଼ାଇଥିଲେ । ବାହାରିସ୍ଥାନ-ଇ-ଘୟୁବି ନାମକ ଫାରସୀ ଗ୍ରନ୍ଥରୁ ଜଣାଯାଏ ଯେ, ଗୌରୀରାଣୀ ରାଜା ମାନସିଂହଙ୍କର ପଞ୍ଚମହିଷୀ ଥିଲେ ।

ଉଲ୍ଲିଖିତ ଆଲୋଚନାରୁ ଏହା ଜଣାଯାଇ ଅଛି ଯେ, ମାଦଳା-ପାଞ୍ଜି ଓ ମାନସିଂହଙ୍କ ବନ୍ଦୋବସ୍ତର କାଗଜପତ୍ରରେ 'ଆଇନ-ଇ-ଆକବରି 'ଆକବର ନାମା' ଓ 'ତବାକତ-ଇ-ଆକବରି' ଅପେକ୍ଷା ଅନେକ ନୂତନ ଅଥଚ ବିଶ୍ୱାସଯୋଗ୍ୟ ଉପାଦାନ ଅଛି । ଏ ପର୍ଯ୍ୟନ୍ତ ମାଦଳାପାଞ୍ଜିର ତଥ୍ୟ ନିରୂପଣ ମୂଳକ ସଂସ୍କରଣ ହୋଇ ନାହିଁ । ଷ୍ଟାର୍ଲିଂ ଯେଉଁ ସବୁ ଫାରସୀ କାଗଜପତ୍ର ଉଲ୍ଲେଖ କରିଥିଲେ, ତାହା ୧୨୫ ପୂର୍ବର କଥା । ସେ ଗୁଡ଼ିକର ସମ୍ପାଦନ ଦୂରର କଥା ତାହାର ସନ୍ଧାନ ପାଇବା ପାଇଁ କେହି ମନ ବଳାଇ ନାହାନ୍ତି । ମହର୍ଟାମାନଙ୍କର ଦେଓ୍ୱାନ ବଂଶଧରମାନେ ଅଦ୍ୟାପି କଟକରେ ଅଛନ୍ତି କି ନା, ତାହା ମଧ୍ୟ ଜଣାଯାଇ ନାହିଁ । ଶୁଣିଛି କଟକର କଲେକ୍ଟରର ଅଫିସରେ ଅନେକ ଫାରସି କାଗଜପତ୍ର ଅଛି । ସେଥିରେ ଷ୍ଟାର୍ଲିଂ ସଂଗୃହୀତ ଫାରସି କାଗଜପତ୍ର ଗୁଡ଼ିକ ମିଳିପାରେ ।

— —

# ହାଣ୍ଟରଙ୍କ ଲାଗି
# ଓଡ଼ିଶା ଇତିହାସର ଦୁର୍ଗତି

ଖ୍ରୀ: ୧୮୬୭ର 'ନଅଙ୍କ' ଦୁର୍ଭିକ୍ଷ ପାଇଁ ଓଡ଼ିଶାର କଥା ଭାରତ ତଥା ବିଲାତରେ ଏକ ଚହଲ ପକାଇ ଥିଲା । ବିଲାତ ବାସୀମାନଙ୍କ ଦୃଷ୍ଟିଭଙ୍ଗି ପରିବର୍ତ୍ତନ ପାଇଁ ହାଣ୍ଟର ସାହେବ **Sir William Wilson Hunter)** 'ଓଡ଼ିଶା'ର କଥା ଲେଖିଥିଲେ ବୋଲି ସେ ନିଜେ ୧ମ ଭାଗର ପୃ: ୬୮ରେ ଲେଖିଥିଲେ । ହାଣ୍ଟରଙ୍କ ଲିଖିତ ଗ୍ରନ୍ଥ 'ଓଡ଼ିଶା' ଖ୍ରୀ: ୧୮୭୨ରେ ବିଲାତରେ ମୁଦ୍ରିତ ହୋଇ ବ୍ରିଟିଶ ଭାରତ ସରକାରଙ୍କ ଦ୍ୱାରା ପ୍ରଚାରିତ ହୋଇଥିଲା । ଏହି ଗ୍ରନ୍ଥର ପ୍ରଥମ ଭାଗର ପ୍ରଥମ ଅଧ୍ୟାୟର ପ୍ରଥମ ପରିଚ୍ଛେଦରେ ଓଡ଼ିଶାରେ ବିଦ୍ୟମାନ ଐତିହାସିକ ଘଟଣା ନଥିବାର କଥା ଉଲ୍ଲେଖ କରି ହାଣ୍ଟର ଓଡ଼ିଶାକୁ ସଭ୍ୟତାବିହୀନ ଦେଶ ବୋଲି ବର୍ଣ୍ଣନା କରି ଅଛନ୍ତି । ଶାସ୍ତ୍ର ବିଶ୍ୱାସୀ ନୈଷ୍ଠିକ ପଣ୍ଡିତମାନଙ୍କ ଦ୍ୱାରା ବ୍ୟବହୃତ ଅର୍ଥର କଥା ଉଲ୍ଲେଖ କରି 'ଉଡ୍ର' ଓ ଉତ୍କଳ ଶବ୍ଦ ଦ୍ୱୟର ଘଣାର୍ଥରେ ବ୍ୟବହାର କପରି ଆଧୁନିକ ଅଭିଧାନ-ସଂକଳକ ମାନେ କରି ଅଛନ୍ତି, ତାହାର ଉଲ୍ଲେଖ କରିବାକୁ ସେ ଉଦ୍‌ବିଗ୍ନ ଥିଲା ପରି ତାଙ୍କର ଲେଖାରୁ ମନେ ହୁଏ । ୟୁରୋପୀୟ ବିଶେଷତଃ ଇଂଲଣ୍ଡବାସୀ ପାଠକ-ମାନଙ୍କ ସମ୍ମୁଖରେ ଓଡ଼ିଶାବାସୀଙ୍କର ଆଭିଧାନିକ ଚରିତ୍ର ପ୍ରକାଶ କରିବାର ଉଦ୍ଦେଶ୍ୟ ଏ ପ୍ରବନ୍ଧର ପାଠକମାନେ ବୁଝି ପାରିବେ ବୋଲି ମୋର ମନେ ହୁଏ ।

ହାଣ୍ଟର ସାହେବଙ୍କ ଦ୍ୱାରା ଓଡ଼ିଶା ଇତିହାସର ବିକୃତିକରଣ ସମ୍ପର୍କରେ ମୋର ପରମବନ୍ଧୁ ସ୍ୱର୍ଗତଃ ପ୍ରଫେସର ଘନଶ୍ୟାମ ଦାସ ବି, ଏ (ଲଣ୍ଡନ) ୧୯୪୯ରେ 'ଓଡ଼ିଶା-ରିଭିଉ'ରେ ସର୍ବ ପ୍ରଥମ ସୂଚନା ଦେଇ

ଥିଲେ । ୧୯୫୭ରେ କଲିକତାର 'ସୁଶୀଲ ଗୁପ୍ତ (ଇଣ୍ଡିଆ) ଲି' ନାମକ ଏକ ବଶିଷ୍ଟ ପ୍ରକାଶକ ହାଣ୍ଟରଙ୍କ ବହିର ପ୍ରଥମ ଭାଗର 'ଗଲିକାହଦ' ନାମଧେୟ ଏକମ ଅଧ୍ୟାୟ ଓ ଦ୍ୱିତୀୟ ଭାଗର ୮ମ ଓ ୯ମ ଅଧ୍ୟାୟ ଓ ୯ଟି ପରିଶିଷ୍ଟ ମଧ୍ୟରୁ ୬ଷ୍ଠ, ୭ମ ଓ ୮ମ ଅଧ୍ୟାୟ **'A History of Orissa Hunter Stirling & Beams** ନାମକ ପୁସ୍ତକର ପ୍ରଥମ ଭାଗରେ ପୁନର୍ମୁଦ୍ରିତ କରି ସ୍ୱଳ୍ପ ମୂଲ୍ୟ ନିର୍ଦ୍ଧାରଣ କରି ଅଛନ୍ତି । ଫଳରେ ଏହି ପ୍ରକାଶନ ଦ୍ୱାରା ହାଣ୍ଟରଙ୍କ ପ୍ରାୟ ବସ୍ତୁତ କମ୍ବଦନ୍ତୀ ମୂଳକ ଇତିହାସର ପ୍ରଚାର ପୂର୍ବ ଅପେକ୍ଷା ଆହୁରି ସୁଗମ ହୋଇଅଛି ।

ଷ୍ଟାର୍ଲିଂ ସାହେବ ୧୮୨୨ରେ ଓଡ଼ିଶାର ରାଜସ୍ୱ ସଂକ୍ରାନ୍ତ ଇତିହାସ ସଂକଳନ କରିବାକୁ ଯାଇ ଓଡ଼ିଶାର କମ୍ବଦନ୍ତୀ ମୂଳକ ଇତିହାସ ଓ ମନ୍ଦିରାଦିର କଥା ମଧ୍ୟ ଇଂରାଜୀରେ ଲେଖିଥିଲେ । ସେଥିରେ ସେ ମାଦଳାପାଞ୍ଜି ଅନୁସାରେ ଓଡ଼ିଶା ଇତିହାସର ମର୍ଯ୍ୟାଦା ଅକ୍ଷୁର୍ଣ୍ଣ ରଖିଥିଲେ ମଧ୍ୟ ଓଡ଼ିଆମାନଙ୍କ ଚରିତ୍ର ସମ୍ପର୍କରେ ଏକ ଅବାଞ୍ଛନୀୟ ଉକ୍ତି କରି ତାହାର ସମର୍ଥନ ପାଇଁ 'ଆଇନ-ଇ-ଆକବରୀ' ପ୍ରଣେତା ଆବୁଲ ଫଜଲଙ୍କର ଆଶ୍ରୟ ନେଇଥିଲେ । ଓଡ଼ିଆମାନେ ଦୀର୍ଘ ୨୦ ବର୍ଷ ମୋଗଲ ସେନାପତିମାନଙ୍କୁ ଯେଉଁ ପରାଭବ ଦେଇଥିଲେ ତାହା ଲାଗି ସେ ମୋଗଲ ସମ୍ରାଟ ଆକବରଙ୍କର କୃପାପ୍ରାର୍ଥୀ ମୋଗଲ ସେନାପତିମାନେ ସ୍ୱାଧୀନତା ପ୍ରେମୀ ଓଡ଼ିଆମାନଙ୍କୁ ଦାୟୀ କରି ସେମାନଙ୍କର ଚରିତ୍ର ସମ୍ପର୍କରେ ଅବାନ୍ତର କଥା ଲେଖିଥିଲେ, ଏହାର ପ୍ରମାଣ 'ଆଇନ-ଇ-ଆକବରୀ' ଗ୍ରନ୍ଥରେହିଁ ରହିଛି । ଠିକ ସେହିପରି ବ୍ରିଟିଶ ଅଧିକାରର ୧୫ ବର୍ଷ ପରେ ଖୋର୍ଦ୍ଧାର ପାଇକ-ବିଦ୍ରୋହ ଓ ଓଡ଼ିଶାର ରାଜସ୍ୱ ସଂକ୍ରାନ୍ତ ବନ୍ଦୋବସ୍ତରେ ଲିପ୍ତ ଥିବା ବେଳେ ଷ୍ଟାର୍ଲିଂ ସାହେବ ଓଡ଼ିଆ ଚରିତ୍ର ସମ୍ପର୍କରେ ଆସି ଯେଉଁ ଧାରଣା କରିଥିଲେ, ତାହାର ସମର୍ଥନ ସେ 'ଆଇନ-ଇ-ଆକବରୀ' ଗ୍ରନ୍ଥରେ ପାଇବାରୁ ଓଡ଼ିଆ ଚରିତ୍ରକୁ ସେ ଅତି ହୀନଚକ୍ଷୁରେ ଦେଖିଥିଲେ ବୋଲି କହିଲେ କିଛି ଅନ୍ୟାୟ ହେବ ନାହିଁ । ପରେ ୧୮୪୧ରେ **Bengal Guide and Agra Gazetteer** ଗ୍ରନ୍ଥରେ ଆଉ ଜଣେ ବିଶିଷ୍ଟ ବ୍ରିଟିଶ କର୍ମଚାରୀ ଷ୍ଟାର୍ଲିଂଙ୍କର ମନ୍ତବ୍ୟକୁ ଏକା ବେଳକେ ଅର୍ଥଶୂନ୍ୟ ଓ ଅଯୌକ୍ତିକ ବୋଲି ପ୍ରମାଣ କରି

ଲେଖିଥିଲେ । ସେହି ଲେଖାଟି ତଳେ ଉଦ୍ଧୃତ ହେଲା । ହାଣ୍ଟର ସାହେବ **Bengal Guide and Agra Gazetteer** ପୁସ୍ତକର କଥା ପ୍ରଥମ ଭାଗର ୯ପୃଷ୍ଠାରେ ଉଲ୍ଲେଖ କରିଥିଲେ ମଧ୍ୟ, ଷ୍ଟାର୍ଲିଂଙ୍କର ମନ୍ତବ୍ୟ ସଂପର୍କରେ ତାଙ୍କ ବହିରେ ଏକାବେଳକେ ନୀରବ ରହିବାର ଉଦ୍ଦେଶ୍ୟ କେବଳ ତାଙ୍କୁହିଁ ଜଣାଥିଲା । ତାହା ୧୯୦୪ରେ ତତ୍କାଳୀନ ବଙ୍ଗ ସରକାରଙ୍କ ଦ୍ୱାରା ଷ୍ଟାର୍ଲିଂ ପୁସ୍ତକର ପୁନର୍ମୁଦ୍ରଣରେ **Bengal guide etc** ପୁସ୍ତକର ଲେଖା ଉପରେ ଷ୍ଟାର୍ଲିଂଙ୍କ ମତ ପରିତ୍ୟକ୍ତ ନହୋଇ ପୂର୍ବପର ମୁଦ୍ରିତ ହୋଇଥିଲା ।

ଓଡ଼ିଶା ଇତିହାସର ଉପକରଣ ପାଇଁ ହାଣ୍ଟର ଷ୍ଟାର୍ଲିଂଙ୍କ ଲେଖା ବ୍ୟତୀତ ଦୁଇଜଣ ବଙ୍ଗୀୟ ଲେଖକ—ବ୍ରିଜ କିଶୋର ଘୋଷ ଓ ଭବାନୀ ଚରଣ ବନ୍ଦୋପାଧ୍ୟାୟଙ୍କର ପୁସ୍ତକ ମଧ୍ୟ ବ୍ୟବହାର କରିଥିଲେ । ବ୍ରିଜକିଶୋର ଘୋଷଙ୍କ ପୁରୀର ଇତିହାସ ବହି କେବେ ମୁଦ୍ରିତ ହୋଇଥିଲା ତାହା ମୁଁ ଜାଣେ ନାହିଁ, କିନ୍ତୁ ଭବାନୀ ଚରଣ ବନ୍ଦୋପାଧ୍ୟାୟଙ୍କ 'ପୁରୁଷୋତ୍ତମ ଚନ୍ଦ୍ରିକା' ବଙ୍ଗଳା ପଦ୍ୟରେ ମାଦଳା ପାଞ୍ଜିର ବିଷୟବସ୍ତୁ ଉପରେ ଲିଖିତ ହୋଇଥିଲା । ୧୮୩୯ରେ ଏଲଫିନ ଷ୍ଟୋନଙ୍କ 'ଭାରତ ଇତିହାସ' ପ୍ରକାଶିତ ହେଲା । ଏହି ଗ୍ରନ୍ଥରେ ଲେଖକ ଓଡ଼ିଶାର ଗଙ୍ଗ ରାଜବଂଶକୁ ବଙ୍ଗୀୟ ଥିବାର ସୂଚନା ଦେଇଥିଲେ ମଧ୍ୟ ବ୍ରିଜକିଶୋର ଘୋଷ ଓ ଭବାନୀ ଚରଣ ବନ୍ଦୋପାଧ୍ୟାୟ କେହି ହେଲେ ତାହା ଗ୍ରହଣ କରି ନଥିଲେ । କିନ୍ତୁ ହାଣ୍ଟର ସାହେବ ଓଡ଼ିଶାର ତଥ୍ୟ ସଂଗ୍ରହ ଓ ଗ୍ରନ୍ଥ ରଚନା କଲାବେଳେ ବଙ୍ଗାଳୀ ଓ ଓଡ଼ିଆ ମାନଙ୍କ ମଧ୍ୟରେ ଚାଲିଥିବା ଓଡ଼ିଆ ସ୍ୱତନ୍ତ୍ର ଭାଷା ନୁହେଁ—ଟେଣା ଓଟରରେ ହାଣ୍ଟର ବଙ୍ଗାଳୀ ମାନଙ୍କ ପକ୍ଷ ସମର୍ଥନ ଥିଲପରି ମନେହୁଏ । ତାହା ନହେଲେ ଉଡ୍ର ଓ ଉତ୍କଳ ଶବ୍ଦ ଦ୍ୱୟର ଆଭିଧାନିକ ଅର୍ଥ ଉପରେ ସେ ଏତେ ଜୋର ଦେଇଥିଲେ କାହିଁକି ? କେବଳ ସେତିକି ନୁହେଁ, ଓଡ଼ିଶାର ଗଙ୍ଗବଂଶୀୟ ରାଜାମାନଙ୍କୁ ବଙ୍ଗୀୟ ବୋଲି ପ୍ରମାଣିତ କରିବା ପାଇଁ ଏଲଫିନଷ୍ଟୋନଙ୍କ ଭାରତ ଇତିହାସରୁ ସମର୍ଥନ ଲୋଡ଼ିଥିଲେ କାହିଁକି ? ହାଣ୍ଟର ଲେଖିଛନ୍ତି—

"The origin of the new dynasty (the ganga dynasty) remains a matter of dispute. The local legends point to the southern coast as the starting point to the race, but evidence is not wanting to connect them with Bengal, and their family name the Gangetic line; appears to support this view."

(Orissa, Vol I, P. 278.)

"The Gangetic lineର ପାଦ ଟୀକାରେ ହାଣ୍ଟର ନିମ୍ନୋକ୍ତ କଥା ଲେଖିଛନ୍ତି—

The palm leaf Record accounts that they came from the south (Purusottama chandrika, P. 35). The native annalyst whose Ms. work (Raj-charitra) Stirling used, follows on the same side, and Stirling adopts this view (As. Res XV. P, 267) On the other hand Mountstuart El phin stone states that they were a dynasty of the Gangetic valley and even indicates that their original kingdom as lying round Tamluk and Midnapur (Hist, India 243 Mr Cowell,s edition. He supports his position by the authority of H. H. Wilson (pref. to Mackenzie papers CXXXVI) For an elaborate account, See Lassins Indische, Alterthumskunde, Vol IV. 17-24 also PP 5, 14, and 968 passim. Here as elsewhere I confine myself to stating the conclusion at which I have arrived after considering the entire evidence (PP, 273 79) ୧ ❋

---

୧ । ସୁଶୀଲଗୁପ୍ତଙ୍କ ଦ୍ୱାରା ପ୍ରକାଶିତ ପୁସ୍ତକରେ ୧ମ ଭାଗର ପୃ୧୧୯-୨୦ରେ ଉପର କଥିତ ଉଦ୍ଧୃତାଂଶ ଅବିକଳ ମୁଦ୍ରିତ ହୋଇଅଛି, ମାତ୍ର ତହିଁରେ କିଛି ଟିପ୍ପଣୀ ନାହିଁ ।

ଉପର ଲିଖିତ ଉଦ୍ଧୃତାଂଶରୁ ହାଣ୍ଟରଙ୍କ ମତାମତ ବେଶ ବୁଝା ଯାଉଅଛି । ଯେଉଁ ଗ୍ରନ୍ଥକାର ମେଦିନୀପୁର ଓ ତମଲୁକ ଅଞ୍ଚଳକୁ ପ୍ରାଚୀନ ଓଡ଼ିଶାର ଅନ୍ତର୍ଗତ ବୋଲି ସାବ୍ୟସ୍ତ କରି ୧ମ ଭାଗର ପୃ୩୮୩-୮୪ରେ ଲେଖିଛନ୍ତି, ସେ ଏଠାରେ ଗଙ୍ଗବଂଶକୁ ବଙ୍ଗବାସୀ ବୋଲି କପରି ଲେଖିଲେ ତାହା ତାଙ୍କୁ ହିଁ ଜଣା ।

ହାଣ୍ଟର ସାହେବ ଓଡ଼ିଶାର ଗଙ୍ଗ ବଂଶକୁ ବଙ୍ଗାଳୀ ବୋଲି ପ୍ରମାଣିତ କରି ମଧ୍ୟ ନୀରବ ରହି ନଥିଲେ । ଓଡ଼ିଶାର ବିଖ୍ୟାତ କୋଣାର୍କ ଦେଉଳ ସମ୍ପର୍କରେ ଲେଖିବାକୁ ଯାଇ ସେ ନିମ୍ନୋକ୍ତ ଭାବରେ ନିଜର ମତ ବ୍ୟକ୍ତ କରି ଅଛନ୍ତି ଯହିଁରୁ ତାଙ୍କର ଦୁରଭିସନ୍ଧି ଆହୁରି ସ୍ପଷ୍ଟତର ହୁଏ ।

"The most exquisite memorial of Sun worship in India or I believe, in any country, is the temple of Konarka upon the Orissa shore, Built, according to the most trustworthy records between 1237 and 1282 A. D. shortly after the triumph of the graceful Vishmarite creed it concentrates in itself the accumulated beauties of the four architectural centuries among the hindus. Not with standing the indecent sculptures which disgrace its exterior wall, it forms the climax of Bengal art" (Vol I P. 288) ୨ *

ପ୍ୟାରୀମୋହନ ଆଚାର୍ଯ୍ୟଙ୍କ ଓଡ଼ିଶା ଇତିହାସ ଅଗଷ୍ଟ ୧୮୭୯ରେ ଓଡ଼ିଆରେ ମୁଦ୍ରିତ ହେଲା । ସେଥିରେ ସେ

* । ସୁଶୀଲ ଗୁପ୍ତଙ୍କ ଦ୍ୱାରା ପୁନର୍ମୁଦ୍ରିତ ପୁସ୍ତକରେ ୧ମ ଭାଗର ପୃ ୧୧୬ରେ ଏହି ଉଦ୍ଧୃତାଂଶ ମୁଦ୍ରିତ ଅଛି । ପ୍ରଭେଦ ଏତିକି ଯେ କେବଳ 'Bengle art' ସ୍ଥଳରେ Orissan art ମୁଦ୍ରିତ ଅଛି ।

ହାଣ୍ଟର ବା ଏଲଫିନ ଷ୍ଟୋନଙ୍କର ମତ ଉଲ୍ଲେଖ ନକରି ଗଙ୍ଗ ବଂଶୀୟ ରାଜାମାନଙ୍କର ଇତିହାସ ନିମ୍ନୋକ୍ତ ଭାବରେ ଲେଖିଥିଲେ ।

"କେହି କେହି ପୁରାତତ୍ତ୍ୱବିଦ ଗଙ୍ଗ ବଂଶୀୟ ରାଜାଙ୍କର ପୂର୍ବ ନିବାସ ବଙ୍ଗ ଦେଶ ଅନ୍ତଃପାତି ତମଲୁକ ବା ମେଦିନୀପୁର ନିକଟରେ ଥିବାର ନିର୍ଣ୍ଣୟ କରି ଅଛନ୍ତି, ମାତ୍ର ଏ ନିର୍ଦ୍ଧାରଣ ଆନୁମାନିକ ମାତ୍ର, ଯେହେତୁ ଏଥିର କୌଣସି ବିଶିଷ୍ଟ ପ୍ରମାଣ ନିର୍ଦ୍ଦିଷ୍ଟ ହୋଇ ନାହିଁ । ଦକ୍ଷିଣ ଦେଶରୁ ଯେ ଗଙ୍ଗ ବଂଶୀୟ ରାଜାଙ୍କର ଆଦି ପୁରୁଷ ଆସିଥିଲେ ଏଥିରେ କୌଣସି ସନ୍ଦେହ ନାହିଁ । ଓଡ଼ିଶା ଦେଶବାସୀ ଇତିବୃତ୍ତ ଲେଖକ ସୁଦ୍ଧା ଦକ୍ଷିଣ ଦେଶରୁ ଗଙ୍ଗବଂଶୀୟ ପ୍ରଥମ ନୃପତିଙ୍କର ଆଗମନ ନିର୍ଦ୍ଦେଶ କରି ଅଛନ୍ତି ।"

• (୨ୟ ସଂସ୍କରଣ ୧୯୨୫; ପୃ ୧୭୦) ରାଜେନ୍ଦ୍ର ଲାଲ ମିତ୍ରଙ୍କର ଏଣ୍ଟିକ୍ୱିଟିଜ ଅଫ୍ ଓଡ଼ିଶା ୨ୟ ଭାଗ ପୁସ୍ତକ ୧୮୮୦ରେ ପ୍ରକାଶିତ ହେଲା । ସେହି ବିଖ୍ୟାତ ବଙ୍ଗୀୟ ଜ୍ଞାନ ବିଶାରଦ ତାଙ୍କ ବହିରେ ହାଣ୍ଟରଙ୍କ ଉପରି ଲିଖିତ କୋଣାର୍କ କଳା ଉପରେ ଦେଇଥିବା ମତ ୨ୟ ଭାଗ ପୃ ୧୦୫ରେ ଉଦ୍ଧୃତ କରିଥିବା ଯୋଗୁଁ ତତ୍‌କାଳୀନ ଓ ପରବର୍ତ୍ତିକାଳରେ ବଙ୍ଗୀୟ ଐତିହାସିକ ମାନଙ୍କୁ ଯଥେଷ୍ଟ ଖୋରାକ ଯୋଗାଇ ଥିଲେ ଯାହାର ଆଲୋଚନା ତଳେ କରାଯାଉଛି ।

ହାଣ୍ଟରଙ୍କ ସିଦ୍ଧାନ୍ତ ଅନୁସାରେ ବଙ୍ଗର ତତ୍‌କାଳୀନ ଶ୍ରେଷ୍ଠ ଔପନ୍ୟାସିକ ଓ ପ୍ରବନ୍ଧ ଲେଖକ ବଙ୍କିମ ଚନ୍ଦ୍ର ଚଟ୍ଟୋପାଧ୍ୟାୟ 'ବିବିଧ ପ୍ରବନ୍ଧ'ରେ ବଙ୍ଗର ଇତିହାସ ସମ୍ବନ୍ଧରେ କେତୋଟି ପ୍ରବନ୍ଧ ଲେଖିଥିଲେ ତାଙ୍କର 'ବାଙ୍ଗଲାର ଇତିହାସେର ଉପାଦାନ' ନାମଧେୟ ଏକ ପ୍ରବନ୍ଧ 'ମଣିମାଳା' ନାମକ ଖଣ୍ଡିଏ ସ୍କୁଲ ପାଠ୍ୟ ପୁସ୍ତକରେ ଯାହା ମୁଦ୍ରିତ ହୋଇଥିବାର ଦେଖାଯାଏ ତାହା ତଳେ ଉଦ୍ଧୃତ ହେଲା :—

ଏଇ ବଙ୍ଗେରଇ ଗଙ୍ଗ ବଂଶ ଏକଦିନ ଉତ୍କଲେ ରାଜ୍ୟ ସ୍ଥାପନ ପୂର୍ବକ ଏକାଦିକେ ଯେମନ ପୁରୀର ଓ କୋଣାର୍କର ମନ୍ଦିର

ନିର୍ମାଣ କରି ଯାଇଥିଲେବ, ଆପରି ଦିକେ ସେଇ ରୂପ ତିନ ଶତ ବସ୍ତର ଧରିଯା ବଙ୍ଗଦେଶ ପାଠାନ ଗଣକେ ପଦେ ପଦେ ପରାଭୂତ ଓ ଲାଞ୍ଛିତ କରିଯାଛିଲେନ । ଆତ୍ମବିସ୍ମୃତ ବାଙ୍ଗାଲୀ ଏ ସମସ୍ତ କଥା କି ତୋମାକେ ଅପରେ ସ୍ମରଣ କରାଇଯା ଦିତେ ଆସିବେ ? ହାଣ୍ଟାରେର ଗ୍ରନ୍ଥେ ଯେ ଉଡ଼ିଯା ସୈନ୍ୟେର ଏତ ପ୍ରଶଂସା ତାହାରା ତୋମାଦେର ଉଡ଼ିଷ୍ୟାବାସୀ ବାଙ୍ଗାଲୀ ସୈନ୍ୟ ।”

ବଙ୍କିମଚନ୍ଦ୍ରଙ୍କର ଏହି ଆସ୍ଫାଳନ ପାଇଁ ହାଣ୍ଟର ମୂଳତଃ ଓ ମୁଖ୍ୟତଃ ଦାୟୀ । ହାଣ୍ଟରଙ୍କ ଲେଖା ତତ୍କାଳୀନ ବଙ୍ଗର ବିଶିଷ୍ଟ ଗ୍ରନ୍ଥକାରମାନଙ୍କୁ ଏପରି ଉନ୍ମାଦିତ କରିଥିଲା ଯେ ସେମାନେ ଐତିହାସିକ ସତ୍ୟ ପ୍ରତି ଆଦୌ ଦୃଷ୍ଟିପାତ କରି ନଥିଲେ ।

ବଙ୍ଗଳା ସନ ୧୩ ପ୍ରାଚ୍ୟ ବିଦ୍ୟା ମହାର୍ଣ୍ଣବ ନଗେନ୍ଦ୍ରନାଥ ବସୁ ବଙ୍ଗଳା ‘ବିଶ୍ୱକୋଷ’ର ୪ର୍ଥ ଭାଗରେ କୋଣାର୍କ ପ୍ରବନ୍ଧରେ ଲେଖି ଅଛନ୍ତି:—

“ଏଖନଓ କୋଣାର୍କେ ସୂର୍ଯ୍ୟଦେବେର ଯେ, ପ୍ରାଚୀନଭଗ୍ନମନ୍ଦିର ଆଛେ, ତାହାର ନିର୍ମାଣ ପ୍ରଣାଳୀ ଓ ଅବସ୍ଥିତି ପରିଦର୍ଶନ କରିଲେ ଶ୍ରୀକ୍ଷେତ୍ରେର ସୁବୃହତ୍ ମନ୍ଦିର ଓ ସାମାନ୍ୟ ବଲିଯା ବୋଧ ହୟ । ଯଦି କୋଥାଓ ବଙ୍ଗୀୟ ଶିଳ୍ପ ନୈପୁଣ୍ୟେର ଉଜ୍ଜ୍ୱଳ ଉଦାହରଣ ଥାକେ—ତାହା ଏଇ ରବିକ୍ଷେତ୍ରେ । (ପୃ ୫।~୦) । ହାଣ୍ଟରଙ୍କ ଲିଖିତ **Climare fo Bengal art**’ର ପ୍ରାଞ୍ଜଳ ବଙ୍ଗଳା ଅନୁବାଦ ହେଉଛି ‘ବଙ୍ଗୀୟ ଶିଳ୍ପ ନୈପୁଣ୍ୟେର ଉଜ୍ଜ୍ୱଳ ଉଦାହରଣ’ । ଏଣୁ ଏହି ଲେଖା ପାଇଁ ନଗେନ୍ଦ୍ରନାଥ ବସୁ ଅପେକ୍ଷା ହାଣ୍ଟର ଓ ରାଜେନ୍ଦ୍ରଲାଲ ମିତ୍ର ଉଭୟେ ଅଧିକ ପରିମାଣରେ ଦାୟୀ କହିଲେ ଅତ୍ୟୁକ୍ତି ହେବ ନାହିଁ ।

୧୯୧୮ରେ ମଧୁସୂଦନ ଦାସ କୃପାସିନ୍ଧୁ ମିଶ୍ରଙ୍କର କୋଣାର୍କ ଗ୍ରନ୍ଥର ମୁଖବନ୍ଧରେ ଆକ୍ଷେପ କରି ଲେଖିଥିଲେ—

ଯାହା ହେଉ ବର୍ତ୍ତମାନ ମନ୍ଦିର ଭୂପତିତ ଏବଂ ସେଥି ସଙ୍ଗେ ତହିଁର ପୌରାଣିକ ଓ ଐତିହାସିକ ମହିମା ଅସ୍ତମିତ । ତଥାପି ସେହି ଭଗ୍ନ ସ୍ତୂପରୁ ସୁଦ୍ଧା ପ୍ରତିବେଶୀମାନେ ପୁରାତନ ଉତ୍କଳୀୟମାନଙ୍କର କଳା କୁଶଳତା ଛଡ଼ାଇ ନେବାକୁ ଉଦ୍ୟତ । ତେଣୁ ସିନା ବଙ୍ଗଳା 'ବିଶ୍ୱକୋଷ' କର୍ତ୍ତା ପ୍ରତ୍ନତତ୍ତ୍ୱଦର୍ଶୀ ଶ୍ରୀମାନ ନଗେନ୍ଦ୍ର ନାଥ ବସୁ କୋଣାର୍କକୁ 'ବଙ୍ଗୀୟ ଶିଳ୍ପର ପରାକାଷ୍ଠା' ❋ ଲେଖିବାକୁ କୁଣ୍ଠିତ ହୋଇ ନାହାନ୍ତି (ପୃ:୯) । ମଧୁସୂଦନ ଦାସ ନଗେନ୍ଦ୍ରନାଥ ବସୁଙ୍କୁ ଦାୟୀ କରି ଯାହା ମତ ବ୍ୟକ୍ତ କରିଥିଲେ ତା ପାଇଁ ହାଣ୍ଟର ଓ ରାଜେନ୍ଦ୍ରଲାଲ ମିତ୍ର ମୁଖ୍ୟତଃ ଦାୟୀ ଥିବାର କଥା ସେ ବୋଧହୁଏ ଜାଣି ନଥିଲେ । ଏଥିରୁ ମୋର ମନେ ହୁଏ ଯେ ହାଣ୍ଟରଙ୍କ ଓଡ଼ିଶା ଇତିହାସ ବହି ଦୁଇଖଣ୍ଡ ସେ ସମୟରେ କେହି ଧାଡ଼ି ଧାଡ଼ି ପଢ଼ି ତହିଁ ସଂପର୍କରେ କେହି କିଛି ଜାଣିବାକୁ ଇଚ୍ଛା କରି ନଥିଲେ ।

ହାଣ୍ଟରଙ୍କ ଦ୍ୱାରା ଓଡ଼ିଶାର ଗଙ୍ଗବଂଶ ବଙ୍ଗାଳୀ ଓ କୋଣାର୍କ ବଙ୍ଗାଳୀର କୀର୍ତ୍ତି ବୋଲି ଘୋଷିତ ହେବା ପରେ ବଙ୍ଗୀୟ ଐତିହାସିକ-ମାନଙ୍କ ମଧ୍ୟରୁ ନଗେନ୍ଦ୍ରନାଥ ବସୁ ଓ ଆଉ କେତେଜଣ ଓଡ଼ିଶାର ଇତିହାସକୁ ଜଟିଳ କରି ତହିଁରେ କାଳ୍ପନିକ ଯୁକ୍ତିମୂଳକ ବଙ୍ଗାଳୀ ପ୍ରଭାବ ସ୍ଥାପନ କରିବା ପାଇଁ ବିଶେଷ ପ୍ରୟାସ କରିଥିଲେ । ସେହି ପ୍ରୟାସରେ ସେମାନଙ୍କୁ ଉପାଦାନ ଯୋଗାଇଥିଲା ଭୁବନେଶ୍ୱରର ଅନନ୍ତ ବାସୁଦେବ ମନ୍ଦିରର ବେଢ଼ା କାନ୍ଥରେ ଲଗିଥିବା ବଙ୍ଗୀୟ ଭଟ୍ଟ ଭବଦେବଙ୍କର ଶିଳାଲିପି ଖଣ୍ଡିକ ଯଦ୍ୱାରା ସ୍ୱୀକୃତ ହୋଇଥିଲା ଯେ ଅନନ୍ତ ବାସୁଦେବ ମନ୍ଦିରଟି ଭଟ୍ଟ ଭବଦେବଙ୍କର କୀର୍ତ୍ତି ବୋଲି । ନଗେନ୍ଦ୍ରନାଥ ବସୁ ଭଟ୍ଟ ଭବଦେବଙ୍କର ଶିଳା ଲିପିଟି ଭୁବନେଶ୍ୱରରେ ଦେଖି ପ୍ରଥମେ ବିସ୍ମିତ ହୋଇ ତାଙ୍କର 'ବଙ୍ଗୀୟ ଜାତୀୟ ଇତିହାସ' ଗ୍ରନ୍ଥର ଦ୍ୱିତୀୟ ଭାଗରେ ଲେଖିଥିଲେ:—

---

❋ ବିଶ୍ୱକୋଷର 'ପରାକାଷ୍ଠା' ଶବ୍ଦ ବ୍ୟବହୃତ ଥିବାର ଦେଖାଯାଏ ନାହିଁ । ମଧୁସୂଦନ ଦାସ ଏହା କିପରି ଲେଖିଲେ ବୁଝାଯାଇ ନାହିଁ ।

"ଭବ ଦେବ ଭଟ୍ଟ କର୍ତ୍ତୃକ ଭୁବନେଶ୍ୱରରେ ଅନନ୍ତ ବାସୁଦେବ ମନ୍ଦିର ପ୍ରତିଷ୍ଠା ଉପଲକ୍ଷେ ବାଚସ୍ପତି ମିଶ୍ର କର୍ତ୍ତୃକ ଭବଦେବ ଭଟ୍ଟେର କୁଲ ପ୍ରଶସ୍ତି ରଚିତ ହୟ । ପ୍ରଥମ ଯଖନ ଆମରା ଏଇ କୁଲ ପ୍ରଶସ୍ତି ପାଠୋଦ୍ଧାର କରି ତଖନ ମନେ କରିୟାଛିଲାମ ଯେ ଏକ ଜନ ଗୌଡ଼ ଦେଶର ବଙ୍ଗାଲ ସୁଦୂର ଉତ୍କଳ କ୍ଷେତ୍ରେ ପରରାଷ୍ଟ୍ର ମଧ୍ୟେ କି ରୂପେ ଏଇ ବିଶାଲ କୀର୍ତ୍ତି ସ୍ଥାପନ କରିଲେନ ? କିନ୍ତୁ ଏଖନ ରାଢ଼ିବେନ୍ଦ୍ରର ବର୍ଣ୍ଣନା ହଇତେ ଜାନିତେ ପାରିଲାମ ଯେ, ମହାରାଜ ହରିବର୍ମା ଦେବ ଜୈନ ବୌଦ୍ଧ ଦିଗକେ ପରାଜୟ କରିୟା ସୁଦୂର ଉଡ଼ିଷ୍ୟାୟ ଏକାମ୍ର କାନନେ ଅର୍ଥାତ୍ ଭୁବନେଶ୍ୱର କ୍ଷେତ୍ରେ ବହୁ ଶତ ଦେବ ଦେବୀର ମନ୍ଦିର ପ୍ରତିଷ୍ଠା କରିୟାଛିଲେନ । ସୁତରାଂ ତାହାର ଆଧିପତ୍ୟ କାଲେ ତାହାର ଏକଜନ ପ୍ରଧାନ ସଚିବ କର୍ତ୍ତୃକ ଅନନ୍ତ ବାସୁଦେବେର ମନ୍ଦିର ପ୍ରତିଷ୍ଠା ହଇବେ ତାହାତେ ଆର ବିଚିତ୍ରତା କି ?" ରାଢ଼ିବେନ୍ଦ୍ର କବିଶେଖରଙ୍କ 'ଭବଭୂମି ବାର୍ତ୍ତା' ଗ୍ରନ୍ଥ ସମ୍ବନ୍ଧେ ନଗେନ୍ଦ୍ର ନାଥ ବସୁ ଲେଖି ଅଛନ୍ତି:—

"ସୌଭାଗ୍ୟ କ୍ରମେ ସାମବେଦୀ ଗୌତମ ବଂଶେ ପ୍ରାୟ ଅଡ଼ାଇ ଶତ ବର୍ଷ ପୂର୍ବେ ରାଢ଼ିବେନ୍ଦ୍ର କବି ଶେଖର ଆବିର୍ଭୂତ ହଇୟା ଛିଲେନ ତିନି ପ୍ରାଚୀନ ଲୋକଦେର ମୁଖେ ଶୁନିଆ ପ୍ରାଚୀନ ଗ୍ରନ୍ଥ ସକଲ ଦେଖିୟା ସାମବେଦୀ ଗୌତମ ବଂଶର ସବିଶେଷ ପରିଚୟ × × × ସଂସ୍କୃତ ଭାଷାୟ ଲିପିବଦ୍ଧ କରିୟା ଗିୟା ଛିଲେନ ।" ବଙ୍ଗଳା ସନ ୧୩୧୧ ରେ ଏହି ଗ୍ରନ୍ଥ ବସୁଙ୍କ ଦ୍ୱାରା ମୁଦ୍ରିତ ହୋଇଥିଲା । ରାଢ଼ିବେନ୍ଦ୍ର କବି ଶେଖର ଗ୍ରନ୍ଥାରମ୍ଭରେ ହରି ବ୍ରହ୍ମା ଦେବଙ୍କର ଜୟଗାନ କରି ନିଜର ବଂଶର କଥା ଲେଖିଥିଲେ:—

"ସ୍ୱସ୍ତି ସମସ୍ତ ନରପତିକୁଲଇଲାମ ପ୍ରୋଦ୍ଦଣ୍ଡଭୁଜଦଣ୍ଡସୁମଣ୍ଡିତ ବିକରାଳ କରବାଳଭୟ ପ୍ରକମ୍ପିତ ଦକ୍ଷିଣାପଥାଗତାଶେଷ ରିପୁରାଜନ୍ୟ ଜୈନ-ବୌଦ୍ଧାଦି ବିଧର୍ମ୍ମି ମଦସମର୍ଦ୍ଦନ ଖର୍ବୀକୃତ ସର୍ବୋର୍ବୀପତି ଗର୍ବ ଗୌରବ ନଗେନ୍ଦ୍ର ପର୍ଯ୍ୟନ୍ତନାଦ୍ୟନେକଦେଶ ବିଜୟ ଲବ୍ଧୋଦ୍ଦାମଜୟଶ୍ରୀ ରେକାମ୍ରକାନନ ପ୍ରତିଷ୍ଠାପିତ ହରିହର, ବିରଞ୍ଚି ବୈଦେହୀ ରାଘବ ଲକ୍ଷ୍ମଣ

ହନ୍ତି ମହାଦ୍ୟସ୍ତୋତ୍ରରଶତାଭୂତବୈଜୟନ୍ତୀ ବାସିତା ମନ୍ଦଗନ୍ଧପ୍ରସୂ ପ୍ରସୂନପଟଳ ସୌନ୍ଦର୍ଯ୍ୟାଦନ୍ୟକୃତ ନନ୍ଦନକାନନ ବୈଭବ ପରମାମୋଦ ମଧ୍ୟୋଦ୍ୟାନ ସମଲଂକୃତ ସୁନ୍ଦର ମନ୍ଦାକମ୍ରା ବିମଳ କାଳାଳ କମଳ କହ୍ଲାରେନ୍ଦୀବର ଶୋଣାରବିନ୍ଦ ସଂଶୋଭିତ ସୁବିଶାଳ ସରୋବର ସଂହତି ଦେଶ ନିବାସ ନିଖିଳ ଶାସ୍ତ୍ରାସ୍ତ୍ର ନିପୁଣପରିଜ୍ଞାନ ଲବ୍ଧାନନ୍ୟ ବୈଚକ୍ଷଣ୍ୟ ବାଳଭଞ୍ଜ ଭଟ୍ଟାଗ୍ରୁଣ୍ୟ ଗତ ବାଚସ୍ପତି ପ୍ରମୁଖା ବିଶ୍ୱବିଖ୍ୟାତ ସପ୍ତସଚିବ ସାହଚର୍ଯ୍ୟ-ନିବର୍ତ୍ତିତ ସମ୍ୟକ୍ ସ୍ୱ-ପରରାଷ୍ଟ୍ର ସର୍ବବ୍ୟାପାରେ ବାରାଣାସୀଶ୍ୱର ବିଶ୍ୱେଶ୍ୱର ପାଦାରବିନ୍ଦ ସନ୍ଦର୍ଶନାର୍ଥ ସମୁଦ୍ୟତ ସ୍ୱଜନମାସ୍ୱଚ୍ଛନ୍ଦ ପରିଗୃର-କୃତେ ପ୍ରବର୍ତ୍ତିତ ପ୍ରଶସ୍ତବର୍ତ୍ମ ସଦନୁମତ ପ୍ରତି ନିଯୁକ୍ତ ସନ୍ନୀତି ପରିସେବନ ସଂପ୍ରାପ୍ତ ପରମ ଶର୍ମା ବଙ୍ଗାଙ୍ଗ-କଳିଙ୍ଗାଦ୍ୟଶେଷ ଜନପଦବହୁମତାଭୂତକର୍ମ ଧର୍ମାନୁଗତାଖିଳ କର୍ମ ଦିଗନ୍ତ ସନ୍ତତକୀର୍ତ୍ତି ସନ୍ତତିରତ୍ୟନ୍ତଦପୂର୍ବ ଚେଷ୍ଟା ଭୂଦେବଭୂଜାର୍ଜିତାଶେଷ ଧର୍ମଜୟୂତା ଗିରଂ ରାଜାଧିରାଜୋ ଦେବ ଶ୍ରୀହରିବର୍ମା ।”

ଏହି କୁଳଶାସ୍ତ୍ରଟି ଯେ ଭଞ୍ଜ ଭବଦେବଙ୍କ ଶିଳାଲିପିର ଅନ୍ୟ ଏକ କପୋଳକଳ୍ପିତ ଉପାଦାନ ତାହା ବଙ୍ଗ ଦେଶର ବିଶିଷ୍ଟ ଐତିହାସିକ-ମାନେ ପ୍ରମାଣ କରି ଅଛନ୍ତି । କିନ୍ତୁ Orissa and her Remains ଗ୍ରନ୍ଥର ଗ୍ରନ୍ଥକାର ମନମୋହନ ଗାଙ୍ଗୁଲି ଏହାକୁ ଏକ ତମ୍ବାପଟାର ଲେଖା ବୋଲି ଧରି ନେଇ ତାଙ୍କ ବହିରେ ପୃ୩୭୯ ଓ ପୃ୩୯୦ରେ ଲେଖି ଅଛନ୍ତି । ଗାଙ୍ଗୁଲିଙ୍କର ବହି ୧୯୧୨ରେ ମୁଦ୍ରିତ ହୋଇଥିଲା । ଯାହାହେଉ ନଗେନ୍ଦ୍ରନାଥ ବସୁ ଓ ମନମୋହନ ଗାଙ୍ଗୁଲିଙ୍କର ଅପଚେଷ୍ଟା ଆକସ୍ମିକ ଭାବରେ ବିଫଳ ହୋଇଛି । କାରଣ ଯେଉଁ ଭଞ୍ଜ ଭବଦେବଙ୍କର ଶିଳଲିପି ଉପରେ ଏହି ସବୁ ଅପଚେଷ୍ଟା ହୋଇଥିଲା, ତାହା ଲେଖକ ଦ୍ୱାରା ୧୯୩୯ରେ ଅନନ୍ତବାସୁଦେବ ମନ୍ଦିରର ଶିଳାଲିପି ନୁହେଁ ବୋଲି ପ୍ରମାଣିତ ହେଲା ଓ ପରେ ସେହି ଶିଳାଲିପିଟି ୧୭୯୫ରେ ଢାକାରେ ପଠିତ ହୋଇ ଥିବାରୁ ତାହା ପୂର୍ବବଙ୍ଗର ଏକ ଶିଳାଲିପି ରୂପେ ସମସ୍ତଙ୍କ ଦ୍ୱାରା ସ୍ୱୀକୃତ ହୋଇଛି ।

ଯଦି ହାଣ୍ଟରଙ୍କ ଦ୍ୱାରା ଗଙ୍ଗବଂଶ ବଙ୍ଗାଳୀ ଓ କୋଣାର୍କ ବଙ୍ଗାଳୀ କୀର୍ତ୍ତି ବୋଲି ବର୍ଣ୍ଣିତ ହୋଇ ନଥାନ୍ତା, ତେବେ ଭବଦେବ ଭଟ୍ଟଙ୍କର ଶିଳାଲିପି ଭ୍ରମବଶତଃ କିପରି ଭୁବନେଶ୍ୱରକୁ ଆସିଲା ତାହା ରାଜେନ୍ଦ୍ରଲାଲ ମିତ୍ର ଧରି ପାରିଥାନ୍ତେ ଓ ନଗେନ୍ଦ୍ରନାଥ ବସୁଙ୍କୁ ଭୁବନେଶ୍ୱରର ପ୍ରାୟ ସମସ୍ତ ମନ୍ଦିର ବଙ୍ଗାଳୀଙ୍କର କୀର୍ତ୍ତି ବୋଲି ପ୍ରମାଣିତ କରିବା ପାଇଁ 'ଭବଭୂମି ବାର୍ତ୍ତା' ରଚନା କରିବାକୁ ପଡ଼ି ନଥାନ୍ତା । ଭବଭୂମି ବାର୍ତ୍ତାରେ ଖ୍ରୀଷ୍ଟୀୟ ୭ମ ଶତାବ୍ଦୀର ଭୁବନେଶ୍ୱର ମନ୍ଦିର ଗୁଡ଼ିକୁ ତ୍ରୟୋଦଶ ଶତାବ୍ଦୀର ଅନନ୍ତ ବାସୁଦେବ ମନ୍ଦିର ସହିତ ସମସାମୟିକ କରିବାର ଚେଷ୍ଟାରୁ ସ୍ପଷ୍ଟ ଜଣାଯାଇ ଅଛି ଯେ ନଗେନ୍ଦ୍ରନାଥ ବସୁ ବା ମନମୋହନ ଗାଙ୍ଗୁଲି କାହାରି ହେଲେ ଭୁବନେଶ୍ୱର ମନ୍ଦିର ଗୁଡ଼ିକର ପ୍ରତ୍ନତତ୍ତ୍ୱ ମୂଳକ ଗବେଷଣା ନଥିଲା । କେବଳ ସେତିକି ନୁହେଁ ଭଟ୍ଟ ଭବଦେବଙ୍କର ଶିଳାଲିପିର ଲିପି ତତ୍ତ୍ୱମୂଳକ ଅକ୍ଷର ବିକାଶ ସହିତ ଅନନ୍ତବାସୁଦେବ ମନ୍ଦିରର ସ୍ଥାପତ୍ୟ ଓ ଭାସ୍କର୍ଯ୍ୟର ତୁଳନା କରିବା ଜ୍ଞାନ ଥିଲେ ଭବଦେବ ଭଟ୍ଟଙ୍କର ଶିଳାଲିପି ଯେ ଅନନ୍ତବାସୁଦେବ ମନ୍ଦିର ନୁହେ, ଏହା ବଙ୍ଗୀୟ ଐତିହାସିକମାନେ ଜାଣିପାରି ଥାନ୍ତେ । କିନ୍ତୁ ଭୁବନେଶ୍ୱରର ସବୁ ମନ୍ଦିର ବଙ୍ଗାଳୀଙ୍କର କୀର୍ତ୍ତି ବୋଲି ପ୍ରମାଣିତ କରିବା ଅଭିପ୍ରାୟ ଯୋଗୁ କେହି ହେଲେ ପ୍ରତ୍ନତତ୍ତ୍ୱ ମୂଳକ ସତ୍ୟ ପ୍ରତି ଦୃଷ୍ଟି ଦେଇ ନଥିଲେ ।

ବଙ୍ଗ ଦେଶର କେତେକ ସ୍ୱଦେଶ ପ୍ରେମୀ ଐତିହାସିକ ହାଣ୍ଟରଙ୍କ ଗବେଷଣାର ପଥ ଅନୁସରଣ କରି ଓଡ଼ିଶାର ଗଙ୍ଗବଂଶ ଓ କୋଣାର୍କ ଏବଂ ଭୁବନେଶ୍ୱର କୀର୍ତ୍ତିରାଜିକୁ ବଙ୍ଗୀୟ ପ୍ରମାଣ କରିବାର ଚେଷ୍ଟା ବା ଅପଚେଷ୍ଟା ଦ୍ୱାରା ଓଡ଼ିଶାର ଆଉ ଗୋଟିଏ ଐତିହାସିକ ରାଜବଂଶକୁ ବଙ୍ଗୀୟ ପ୍ରମାଣ କରିବା ପାଇଁ ୧୯୧୬ଠାରୁ ୧୯୨୫ ମଧ୍ୟରେ ବିଜୟ-ଚନ୍ଦ୍ର ମଜୁମଦାରଙ୍କର ଉଦ୍ୟମ ବିଶେଷ ଉଲ୍ଲେଖଯୋଗ୍ୟ ବ୍ୟାପାର । ୧୯୧୬ରେ ବିହାର ଓ ଓଡ଼ିଶା ଅନୁସନ୍ଧାନ ସମିତିର ପତ୍ରିକାରେ ମୁରଞ୍ଜମର ତମ୍ବାପଟା ପାଠ କରି ତାହା ଉପରେ ବିଜୟଚନ୍ଦ୍ର ମଜୁମଦାର ଏକ ପ୍ରବନ୍ଧ ଲେଖିଥିଲେ । ସେହି ତମ୍ବାପଟାଟି ସୋମକୁଳୀ ବା ସୋମ-ବଂଶୀ ରାଜା ମହାଭବଙ୍କର ଦାନ । ଏହି ତମ୍ବାପଟାରେ 'ଦତ୍ତ ଓ ଘୋଷ'

ଇତ୍ୟାଦି ଉପାଧିଧାରୀ ରାଜକର୍ମଚାରୀଙ୍କର ନାମ ଅଛି । ଏହି ଉପାଧିଗୁଡ଼ିକ ବଙ୍ଗାଳୀ ଉପାଧି ଅନୁମାନ କରି ବିଜୟଚନ୍ଦ୍ର ମଜୁମଦାର ତମ୍ବାପଟ୍ଟାର ରାଜାଙ୍କୁ ବଙ୍ଗାଳୀ ଧରି ନେଇଥିଲେ । ସେହି ତମ୍ବାପଟ୍ଟାରେ ଲିଖିତ 'ବଂଶ' ଶବ୍ଦକୁ ବଙ୍ଗ ପାଠ କରିବାରୁ ତାଙ୍କର ଆଉ କିଛି ପ୍ରମାଣର ଅଭାବ ନଥିଲା । ତମ୍ବାପଟ୍ଟାର ଯେଉଁଠାରେ 'ଶୀତାଂଶୁ ବଂଶ ବିମଳାମ୍ବର ପୂର୍ଣ୍ଣଚନ୍ଦ୍ର ଓ ଅସ୍ଥିର ବଙ୍ଗାନ୍ୱୟେ' ପାଠ କରିବାରୁ ସୋମବଂଶୀ ରାଜାମାନେ ବଙ୍ଗାଳୀ ପ୍ରମାଣିତ ହେବା ସ୍ୱାଭାବିକ । ୧୯୨୫ ସେ **Orissa in the Making** ନାମକ ଏକ ପୁସ୍ତକ ଲେଖି କଲିକତା ବିଶ୍ୱବିଦ୍ୟାଳୟ ଦ୍ୱାରା ମୁଦ୍ରିତ କରାଇ ଥିଲେ ଓ ତହିଁରେ ପ୍ରମାଣ କରିଥିଲେ ଯେ ସୋମବଂଶୀ ଯଜାତି ବଙ୍ଗାଳୀ ଥିଲେ । ସୋମବଂଶୀ ରାଜାମାନେ **Makers of Orissa** ହୋଇ ଥିବାରୁ ବଙ୍ଗାଳୀମାନେ **Makers of Orisia** ଥିଲେ ।

ବିଜୟଚନ୍ଦ୍ର ମଜୁମଦାରଙ୍କର ଏହି ପାଠ ଓ ସିଦ୍ଧାନ୍ତ ସମୟର କଥା ଐତିହାସିକ କଲିକତା ବିଶ୍ୱବିଦ୍ୟାଳୟର ଇତିହାସ ପ୍ରଫେସର ଭଣ୍ଡାରକରଙ୍କ ଦ୍ୱାରା ସ୍ୱୀକୃତ ହୋଇଥିଲା । କାରଣ ଭଣ୍ଡାରକର ଉତ୍ତର ଭାରତର ଲିପି ତାଲିକା **(List of enscriptions of Northern India)** ପ୍ରବନ୍ଧରେ ମଜୁମଦାରଙ୍କ ପାଠ ଗ୍ରହଣ କରିଥିଲେ । ସୋମବଂଶୀ ରାଜାମାନଙ୍କୁ ମାଦଳାପାଞ୍ଜିର କେଶରୀବଂଶ ସହିତ ଏକ ବୋଲି ପ୍ରାୟ ସମସ୍ତେ ଗ୍ରହଣ କରିଥିଲେ । ଫଳରେ ଓଡ଼ିଶାର 'ଗଙ୍ଗବଂଶ' ପରି କେଶରୀବଂଶ ମଧ୍ୟ ବଙ୍ଗାଳୀ ଥିବାର ପ୍ରମାଣିତ ହୋଇଥିଲା । ହାଣ୍ଟରଙ୍କ ଗବେଷଣାର ସୂତ୍ର ଅନୁଧାବନ କରି କେତେକ ବଙ୍ଗୀୟ ଐତିହାସିକ ଆପ୍ରାଣ ଚେଷ୍ଟା କରି ଓଡ଼ିଶାର 'ଗଙ୍ଗବଂଶ ଓ କେଶରୀବଂଶ'କୁ ବଙ୍ଗାଳୀ ବୋଲି ପ୍ରମାଣିତ କରି ଓଡ଼ିଶାର ଇତିହାସରେ ଓଡ଼ିଆଙ୍କର କୌଣସି ଦାବୀ ନ ଥିବାର ପ୍ରଚାର କରିଥିଲେ । ଯାହା ହେଉ ପରବର୍ତ୍ତୀ ବୈଜ୍ଞାନିକ ଗବେଷଣା ଦ୍ୱାରା କେତେକ ବଙ୍ଗାଳୀ ଐତିହାସିକମାନଙ୍କର ଉଦ୍ୟମ ବିଫଳ ହୋଇଛି । ବଙ୍ଗୀୟ ଐତିହାସିକମାନଙ୍କୁ ବିପଥଗାମୀ କରିଥିବାରୁ ହାଣ୍ଟର ମୁଖ୍ୟତଃ ଦାୟୀ । ତେଣୁ ଓଡ଼ିଶାର ଇତିହାସ ଏତେ ଦୁର୍ଗତି ଭୋଗ କଲେ ସୁଦ୍ଧା ଶେଷରେ ନିଜର ଅସ୍ତିତ୍ୱ ବଜାୟ ରଖି ପାରିଛି ।

ଏତଦ୍‌ବ୍ୟତୀତ ହଣ୍ଟରଙ୍କ ସାହେବ ଇତିହାସ ଆଲୋଚନା ଉପରେ ଏକ କଳାପରଦା ଟାଣି ଦେଇଥିବାରୁ ଓଡ଼ିଶାର ଇତିହାସ ଆଜି ସୁଦ୍ଧା ସେ ଦୁର୍ଗତିରୁ ରକ୍ଷାପାଇ ନାହିଁ । ମାଦଳାପାଞ୍ଜିରେ ଲିଖିତ ଓଡ଼ିଶାର ଜଗନ୍ନାଥ ମନ୍ଦିରର କିମ୍ବଦନ୍ତୀ ମୂଳକ ବିବରଣକୁ ଇତିହାସ ଆଖ୍ୟା ଦେଇ ତାହାକୁ ଧର୍ମମତ ଭିତ୍ତି ଉପରେ ପ୍ରତିଷ୍ଠାପିତ କରିଥିବାରୁ ଓଡ଼ିଶା-ଇତିହାସ ଆଲୋଚନାର ଗତି ଓ ଦୃଷ୍ଟିକୋଣ ଏକ ଗଡ଼୍‌ଡ଼ାଳିକାରେ ପଡ଼ି ଯାଇଛି । ତାଙ୍କର ମତ ଥିଲା—"The history of religion is in India the history of the People" ୧ମ ଭାଗ ପୃ:୫ । ଏହି ଧାରଣା ଉପରେ ବଶବର୍ତ୍ତୀ ହୋଇ ସେ ଓଡ଼ିଶାର ଇତିହାସକୁ ପ୍ରଥମେ ବୌଦ୍ଧ, ଦ୍ୱିତୀୟରେ ଜୈନ ତୃତୀୟରେ ବୈଷ୍ଣବ ଧର୍ମ ଦ୍ୱାରା ଭାଗ ଭାଗ କରିଥିଲେ । ଖଣ୍ଡଗିରି ଉଦୟଗିରିର ଗୁମ୍ଫା ଗୁଡ଼ିକୁ ବୌଦ୍ଧ ଧର୍ମର କୀର୍ତ୍ତି ବୋଲି ଘୋଷଣା କରିଥିଲେ (୧ମ ଭାଗ ପୃ: ୧୮୯) ଓ ଏହିସବୁ କୀର୍ତ୍ତିର ସମୟକୁ ସେ ଖ୍ରୀ: ପୂ: ୫୦୦ ଠାରୁ ଖ୍ରୀ: ୫୦୦ ମଧ୍ୟରେ ସ୍ଥାନ ଦେଇଥିଲେ କିନ୍ତୁ ପରବର୍ତ୍ତୀ ଅନୁସନ୍ଧାନରୁ ଜଣା ଯାଇଛି ଯେ ଖଣ୍ଡଗିରି ଓ ଉଦୟଗିରିରେ ବୌଦ୍ଧ ଧର୍ମର ସତ୍ତା ସୁଦ୍ଧା ନାହିଁ ସେଠାର ସମସ୍ତ କୀର୍ତ୍ତି ଜୈନ ଧର୍ମର ଅନ୍ତର୍ଗତ । ପ୍ରକୃତ ପକ୍ଷରେ ଖ୍ରୀ: ପୂ: ୫୦୦ଠାରୁ ଖ୍ରୀ: ୫୦୦ମଧ୍ୟରେ ଓଡ଼ିଶାରେ କୌଣସି ବୌଦ୍ଧକୀର୍ତ୍ତି ମିଳେ ନାହିଁ । ଏହା ପରେ ମାଦଳା-ପାଞ୍ଜିରେ ବ୍ୟବହୃତ ଶକାବ୍ଦର ଗଣାନାନୁସାରେ କେଶରୀ ବଂଶର ପ୍ରଥମ ରାଜା ଯଯାତିକେଶରୀଙ୍କର ସମୟ ଖ୍ରୀଷ୍ଟୀୟ ୫ମ ଶତାବ୍ଦୀ ଠାରୁ ବୌଦ୍ଧ ଧର୍ମର ପ୍ରାଧାନ୍ୟ ହ୍ରାସ ହୋଇ ଶୈବ ଧର୍ମର ପ୍ରାଧାନ୍ୟ ଖ୍ରୀ: ୧୧୩୨ ପର୍ଯ୍ୟନ୍ତ ଅର୍ଥାତ୍ ଗଙ୍ଗବଂଶୀୟ ଚୋଡ଼ଗଙ୍ଗଙ୍କ ଦ୍ୱାରା ଓଡ଼ିଶା ଅଧିକୃତ ହେବା ପର୍ଯ୍ୟନ୍ତ ଅପ୍ରତିହତ ଥିଲା । ଏହି ସମୟ ମଧ୍ୟରେ ମିଳୁଥିବା ପ୍ରତ୍ନତତ୍ତ୍ୱ ମୂଳକ କେଶରୀ ବଂଶର ଅସ୍ତିତ୍ୱ ଯେ ଲୋପ ହେଲାଣି ତାହା ନୁହେଁ, ଏହି ଦୀର୍ଘ ସମୟରେ ସମାନ ଭାବରେ ବୌଦ୍ଧ, ଜୈନ, ବୈଷ୍ଣବ ଶୈବ ଓ ଶାକ୍ତ ଧର୍ମ ମତବାଦ ଗୁଡ଼ିକର ନିଦର୍ଶନ ଓଡ଼ିଶାରେ ସର୍ବତ୍ର ଆବିଷ୍କୃତ ହୋଇଅଛି ଓ ହେଉଅଛି । ଭୁବନେଶ୍ୱରରେ ଶୈବ ପ୍ରାଧାନ୍ୟ ଯେପରି ଶାକ୍ତ ପ୍ରାଧାନ୍ୟ ମଧ୍ୟ ତଦ୍ରୂପ । ଯାଜପୁରରେ ଶାକ୍ତ ପ୍ରାଧାନ୍ୟ

ଯେପରି, ଶୈବ ଓ ବୌଦ୍ଧ ପ୍ରାଧାନ୍ୟ କିଛି ଜଣା ନୁହେଁ । ଯୁଗରେ ବୈଷ୍ଣବ ପ୍ରାଧାନ୍ୟ ସହିତ ଶୈବ ଓ ଶାକ୍ତ ପ୍ରାଧାନ୍ୟର ଅସ୍ତିତ୍ୱର ଅଭାବ ନାହିଁ । ହାଣ୍ଟରଙ୍କ ସମୟରେ ଗଙ୍ଗକାଳର ପ୍ରତ୍ନ ସମ୍ପଦ ଅବହେଳିତ ଥିଲା । ବୌଦ୍ଧର ଗନ୍ଧରାଡ଼ିଠାରେ ବିଷ୍ଣୁ ଓ ଶିବଙ୍କର ଯୁଗଳ ମନ୍ଦିର ଏକ ହତାରେ ଅଛି । ଖଣ୍ଡପଡ଼ାର କଣ୍ଟିଲୋଠାରେ ବିଷ୍ଣୁ ଓ ଶିବଙ୍କର ଯୁଗଳ ମନ୍ଦିର ଏକ ହତାରେ ଅଛି । ବଡ଼ମ୍ବାର ସିଂହନାଥ ଶିବ ମନ୍ଦିରରେ ଶୈବ, ବୈଷ୍ଣବ ଓ ଶାକ୍ତ ମୂର୍ତ୍ତିଚୟ ଖୋଦିତ ଅଛି । ତାଳଚେରର ଭୀମକାଣ୍ଡଠାରେ ୮ମ ବା ୯ମ ଶତାବ୍ଦୀର ୫୦ ଫୁଟ ଲମ୍ବ ଅନନ୍ତଶାୟୀ ବିଷ୍ଣୁମୂର୍ତ୍ତି ଅଛି ।

ଏହି ସବୁ ପ୍ରମାଣ ଦ୍ୱାରା ଓଡ଼ିଶାର ଇତିହାସ ଯେ ଆଦୌ ଏକ ଧର୍ମମତ ମୂଳକ ନୁହେଁ ଏଥିରେ କେହି ସନ୍ଦେହ କରି ପାରିବେ ନାହିଁ । କିନ୍ତୁ ହାଣ୍ଟରଙ୍କ ପ୍ରସ୍ତାବିତ ଧର୍ମ ମତ ମୂଳକ ଇତିହାସ ଦୀର୍ଘକାଳ ପ୍ରଚାର ଫଳରେ ଓଡ଼ିଶାବାସୀଙ୍କର ମନରେ ତାହା ବଦ୍ଧମୂଳ ହୋଇ ରହିଛି । ହାଣ୍ଟରଙ୍କ ପରେ ଊନବିଂଶ ଶତାବ୍ଦୀର ଶେଷ ପର୍ଯ୍ୟନ୍ତ ବହୁକାଳ ଓଡ଼ିଶାରେ ପ୍ରାଇମେରୀ ସ୍କୁଲ ପାଠ୍ୟ ରୂପେ ହାଣ୍ଟର ଓ ପ୍ୟାରିମୋହନ ଆଚାର୍ଯ୍ୟଙ୍କ ଦ୍ୱାରା ସଙ୍କଳିତ 'ଉତ୍କଳ ଇତିବୃତ୍ତ' ନାମକ ପୁସ୍ତକ ଚଳି ଥିବାରୁ ହାଣ୍ଟରଙ୍କ ଇତିହାସର ବିଷୟବସ୍ତୁ ଓଡ଼ିଶାର ତତ୍କାଳୀନ ଓ ପରବର୍ତ୍ତୀ କାଳର ସମସ୍ତେ ବିଶଦ ଭାବରେ ଜାଣିଥିଲେ । ଏହି ପ୍ରଭାବ ଦ୍ୱାରା ଚାଳିତ ହୋଇ ଓଡ଼ିଶାର ବହୁ ଇତିହାସକାର ଓ ସାହିତ୍ୟିକ ଉପରେ ଏହାର ପ୍ରଭାବ ପଡ଼ିଥିଲା ଓ ଅଦ୍ୟାପି ମଧ୍ୟ ତାହା ରହିଅଛି । କିନ୍ତୁ ପ୍ରତ୍ନତତ୍ତ୍ୱ ମୂଳକ ପ୍ରମାଣ ଦ୍ୱାରା ଓଡ଼ିଶାର ଇତିହାସ ଆଦୌ ବୌଦ୍ଧ, ଶୈବ ଓ ବୈଷ୍ଣବ ଭେଦରେ ଧର୍ମମତ ମୂଳକ ନୁହେଁ ବୋଲି ଜଣାଯାଏ । କାରଣ ଏକ ସମୟରେ ବିଭିନ୍ନ ଧର୍ମ ସଂପ୍ରଦାୟର ଲୋକମାନେ ମୂର୍ତ୍ତି ଓ ମନ୍ଦିର ଗଢ଼ି ଥିବାର ପ୍ରମାଣ ସର୍ବତ୍ର ଲକ୍ଷିତ ହୁଏ । ଏପରିକି ହୁଏନ୍‌ସାଙ୍ଗ ଭ୍ରମଣ ବୃତ୍ତାନ୍ତରେ ବୌଦ୍ଧଧର୍ମ ବ୍ୟତୀତ ଅନ୍ୟ ଧର୍ମ ସଂପ୍ରଦାୟର କଥା ଉଲ୍ଲିଖିତ ଅଛି । ଯଦି ଖ୍ରୀଷ୍ଟୀୟ ସପ୍ତମ ଶତାବ୍ଦୀରେ ବିଭିନ୍ନ ଧର୍ମ ସଂପ୍ରଦାୟର

ଲୋକେ ଦେଶରେ ଏକାନ୍ତ ବାସ କରୁଥିଲେ, ତେବେ ସେ ସମୟରେ ଶୈବ-ଧର୍ମ ମତର ସମ୍ପୂର୍ଣ୍ଣ ପ୍ରଭାବ ସାରା ଦେଶରେ ଥିବାର କଳ୍ପନା କରିବା ଆଦୌ ଯୁକ୍ତି ସଙ୍ଗତ ନ ହେଲେହେଁ ହାଣ୍ଟର ସାହେବ ତାଙ୍କର ବ୍ୟକ୍ତିଗତ ଯୁକ୍ତିରେ ଇତିହାସର ଗ୍ରନ୍ଥ ଗଢ଼ିଥିଲେ ଓ ତାହା ଆମ ଦେଶର ଲୋକ ଓ ଲେଖକମାନେ ବିନା ଯୁକ୍ତିରେ ଗ୍ରହଣ କରିଥିଲେ । ଫଳରେ ଦେଶର ଇତିହାସର ରୂପ ଲେଖକର ମନମୁଖୀ ହୋଇ ଥିବାରୁ ପ୍ରକୃତ ପ୍ରତି କେହି ଦୃଷ୍ଟିପାତ କରିବାକୁ ପ୍ରୟାସ କରି ନଥିଲେ । ଦେଶର ଇତିହାସର ଏହି ଅସ୍ୱାଭାବିକ ପରିସ୍ଥିତି ପାଇଁ ପୁନରୁକ୍ତି କରାଯାଇ ପାରେ ଯେ, ହାଣ୍ଟରହିଁ ମୁଖ୍ୟତଃ ଓ ମୂଳତଃ ଦାୟୀ ।

# ଐତିହାସିକ ମନମୋହନ ଚକ୍ରବର୍ତ୍ତୀ
# ଓ ଊନବିଂଶ ଶତାବ୍ଦୀ
# ଓଡ଼ିଶାର ଐତିହାସିକ ବର୍ଗ

ବୈଜ୍ଞାନିକ ପ୍ରଣାଳୀରେ ଓଡ଼ିଶାର ଇତିହାସ ଲେଖିବା ପାଇଁ ମନମୋହନ ଚକ୍ରବର୍ତ୍ତୀ ଓଡ଼ିଶାରେ ଚିରସ୍ମରଣୀୟ ହୋଇଅଛନ୍ତି ଓ ରହିବେ । କେବଳ ରାଜନୈତିକ ଇତିହାସ ନୁହେଁ, ସେ ପ୍ରଥମେ ଓଡ଼ିଶାର ସଂସ୍କୃତ ଓ ଓଡ଼ିଆ ସାହିତ୍ୟର ଇତିହାସ ମଧ୍ୟ ଲେଖିଅଛନ୍ତି । ତଦୁପରି ଓଡ଼ିଶାର ଗଙ୍ଗବଂଶୀୟ ରାଜତ୍ୱରେ ଐତିହାସିକ ଭୂଗୋଳ ମଧ୍ୟ ତାଙ୍କ ଲେଖନୀ ପ୍ରସୂତ । ଏଥିପାଇଁ ସେ ଅର୍ଦ୍ଧ ୨୫ ବର୍ଷ କାଳ ନିଜର ସରକାରୀ କାର୍ଯ୍ୟର ଦାୟିତ୍ୱ ସହ ନିଜକୁ ନିଯୁକ୍ତ କରିଥିଲେ । ମନମୋହନ ଚକ୍ରବର୍ତ୍ତୀଙ୍କର ଇତିହାସ ଆଲୋଚନାର ବିଶେଷତ୍ୱ ଉପଲବ୍ଧି କରିବା ପାଇଁ ତାଙ୍କର ପୂର୍ବବର୍ତ୍ତୀ ଓଡ଼ିଶାର ଐତିହାସିକମାନଙ୍କର କଥା ଏହି ପ୍ରବନ୍ଧରେ ସଂକ୍ଷିପ୍ତ ଭାବରେ ଆଲୋଚିତ ହୋଇଛି ।

କୃପାସିନ୍ଧୁ ମିଶ୍ର କୋଣାର୍କ (୧୯୧୯) ଓ ଉତ୍କଳ ଇତିହାସ (୧୯୨୭) ଗ୍ରନ୍ଥ ଦ୍ୱୟରେ ସମସାମୟିକ ଲିପିର ପ୍ରମାଣ ଅପେକ୍ଷା ମାଦଳା ପାଞ୍ଜିର ପ୍ରମାଣକୁ ଅକାଟ୍ୟ ଭାବରେ ଗ୍ରହଣ କରିଥିଲେ ।

ତତ୍ପରେ ୧୯୩୦ରେ ରାଖାଲଦାସ ବନ୍ଦ୍ୟୋପାଧ୍ୟାୟଙ୍କର ଓଡ଼ିଶା ଇତିହାସ, ୧ମ ଭାଗ ଇଂରାଜୀରେ ମୁଦ୍ରିତ ହେଲା । ଏହି ପୁସ୍ତକରେ ଓଡ଼ିଶା ଇତିହାସର କାଳ ନିର୍ଣ୍ଣୟ ବୈଜ୍ଞାନିକ ପ୍ରଣାଳୀରେ ହୋଇଅଛି । ଗଙ୍ଗବଂଶର କାଳ ନିର୍ଣ୍ଣୟରେ ଯେଉଁ ଅଭାବ ଥିଲା, ତାହା ୨୫ ବର୍ଷ ପୂର୍ବେ ପଣ୍ଡିତ ବିନାୟକ ମିଶ୍ର ଅନେକାଂଶରେ ପୂରଣ କରିଥିଲେ । ପରବର୍ତ୍ତୀ ଗବେଷକ ମାନଙ୍କ ଦ୍ୱାରା ସେହି ଅନ୍ଧକାର ଯୁଗର ଇତିହାସ ଆହୁରି

ଉଜ୍ଜ୍ୱଳରୁ ଉଜ୍ଜ୍ୱଳତର ମଧ୍ୟ ହେଉଛି । ତେବେ ଚକ୍ରବର୍ତ୍ତୀଙ୍କର ଗବେଷଣାରେ ଯେଉଁ କେତେକ ଅଭାବ ଥିଲା ତାହା ପରବର୍ତ୍ତୀ କାଳର ନୂତନ ଆବିଷ୍କାରରେ କିପରି ଭାବରେ ଆଧୁନିକ ଗବେଷକ ମାନଙ୍କ ଦ୍ୱାରା ଦୂରୀଭୂତ ହୋଇଛି, ତାହାର କେତେକ ସୂଚନା ଏ ପ୍ରବନ୍ଧରେ ସ୍ଥଳ ବିଶେଷରେ ଲିପିବଦ୍ଧ କରାଯାଇଛି ।

ଓଡ଼ିଶାର ସୌଭାଗ୍ୟ ଯେ ମାଦଳାପାଞ୍ଜି ଆକାରରେ ଏକ କିମ୍ବଦନ୍ତୀ ମୂଳକ ଧାରାବାହିକ ଇତିହାସ ଓ ଏହି କିମ୍ବଦନ୍ତୀ ମୂଳକ ଅନ୍ଧକାରଚ୍ଛନ୍ନ ଇତିହାସର ଆବରଣ ଉନ୍ମୋଚନ କରି ସମସାମୟିକ ଲିପିର ପ୍ରମାଣ ବଳରେ ପ୍ରକୃତ ଇତିହାସ ଉଦ୍ଧାର ପାଇଁ ଓ ବାହାରର ବହୁ ଗବେଷକ ଉତ୍ସାହ ସହକାରେ କାର୍ଯ୍ୟ କରୁ ଅଛନ୍ତି । ତନ୍ମଧ୍ୟରୁ ଓଡ଼ିଶାର ପ୍ରଧାନ ମନ୍ତ୍ରୀ ଡକ୍ଟର ହରେକୃଷ୍ଣ ମହତାବଙ୍କର କଥା ବିଶେଷ ଉଲ୍ଲେଖ ଯୋଗ୍ୟ । ସେ ନିଜେ ଯେପରି ଇତିହାସ ଚର୍ଚ୍ଚାରେ ଲିପ୍ତ ଅଛନ୍ତି; ସେହିପରି ସରକାରୀ କ୍ଷେତ୍ରରେ ଇତିହାସ ଚର୍ଚ୍ଚାର ପଥ ସୁଗମ କରିବାରେ ବ୍ରତୀ ହୋଇ ଅଛନ୍ତି । ମୋର ଦୁଃଖ ହେଉଛି ଯେ ମୋର ଆଉ ସୁବିଧା ନାହିଁ ଏହି କ୍ଷେତ୍ରରେ କାର୍ଯ୍ୟ କରିବା ପାଇଁ । ତେବେ ମୋର ଦୃଢ଼ ବିଶ୍ୱାସ ଯେ ଓଡ଼ିଶାର ଉଜ୍ଜଳମୟ ଇତିହାସ ଅଳ୍ପକାଳ ମଧ୍ୟରେ ଲିଖିତ ହେବ । ସେହି ଅଭିପ୍ରାୟରେ ମନମୋହନ ଚକ୍ରବର୍ତ୍ତୀଙ୍କର ସଂକ୍ଷିପ୍ତ ଜୀବନୀ ଓ ପ୍ରବନ୍ଧାଦି ଉପରେ ତାଙ୍କ ମୃତ୍ୟୁର ୪୦ ବର୍ଷ ପରେ ଆଲୋଚନା କରିବା ପାଇଁ ଏ ପ୍ରବନ୍ଧ ଲେଖୁଛି ।

## ଚକ୍ରବର୍ତ୍ତୀଙ୍କ ପୂର୍ବବର୍ତ୍ତୀ ଊନବିଂଶ ଶତାବ୍ଦୀର ଐତିହାସିକ ବର୍ଗ

### ୧—ଆଣ୍ଡ୍ରୁ ଷ୍ଟାର୍ଲିଂ (Andrew Stirling)

ୟୁରୋପୀୟ ପ୍ରଣାଳୀରେ ଓଡ଼ିଶାର ସର୍ବ ପ୍ରଥମ ଇତିହାସ-ଲେଖକ ହେଉଛନ୍ତି ଏଣ୍ଡ୍ରୁ ଷ୍ଟାର୍ଲିଂ । ୧୮୦୩ରେ ଓଡ଼ିଶା ଇଂରାଜୀ

ଶାସନାଧୀନ ହେବା ପରେ ଯେତେ ସାହେବ କର୍ମଚାରୀ କଟକକୁ ଆସିଥିଲେ ସେମାନଙ୍କ ମଧ୍ୟରେ ଷ୍ଟାର୍ଲିଂ ସାହେବ ଫାରସି ଭାଷାରେ ବିଶେଷ ପ୍ରବୀଣ ଥିଲେ । ଓଡ଼ିଶାର ଭୂ-ରାଜସ୍ୱ ସଂକ୍ରାନ୍ତ ରିପୋର୍ଟ ଲେଖିଲାବେଳେ ତାଙ୍କୁ ମୋଗଲ ଓ ମରହଟ୍ଟା ଅମଳର ବହୁ ଫରସୀ ଭାଷାରେ ଲିଖିତ ଦଲିଲ ପଢ଼ିବାକୁ ପଡ଼ିଥିଲା । ଭୂ-ରାଜସ୍ୱ ଇତିହାସ ସଂକଳନରୁ ଓଡ଼ିଶାର ରାଜନୈତିକ ତଥା ଧର୍ମ ଓ ପ୍ରାଚୀନ କୀର୍ତ୍ତିମୂଳକ ଇତିହାସ ସଂକଳନ ପାଇଁ ସେ ପ୍ରଚୁର ସୁଯୋଗ ପାଇଥିଲେ । ଷ୍ଟାର୍ଲିଂ ଅକ୍ଟୋବର ତା ୧୦ ରିଖ ୧୮୧୭ ରେ ଓଡ଼ିଶାର ନବ ନିଯୁକ୍ତ କମିଶନରଙ୍କର ସେକ୍ରେଟାରୀ ରୂପେ ନିଯୁକ୍ତ ହୋଇ କଟକ ଆସିଥିଲେ । ତାଙ୍କ ଦ୍ୱାରା ଲିଖିତ ଓଡ଼ିଶାର ବିବରଣୀ ସମ୍ବଳିତ ପୁସ୍ତକ ୧୮୨୨ ରେ ପ୍ରଥମ ମୁଦ୍ରିତ ହୋଇଥିଲା । ସେ କେତେକାଳ ଓଡ଼ିଶାରେ ଥିଲେ ତାହାର ଠିକ ବିବରଣୀ ମୁଁ ପାଇ ପାରି ନାହିଁ । ଷ୍ଟାର୍ଲିଙ୍ଗର ଗ୍ରନ୍ଥଟି ୧୮୨୫ ରେ ଏସିଆଟିକ ରିସାର୍ଚ୍ଚେସ (**Aeiatic Researches**) ଗ୍ରନ୍ଥମାଳାର ୧୫ଶ ଭାଗରେ ମୁଦ୍ରିତ ହୋଇଥିଲା । ଏହି ରିପୋର୍ଟରେ ଷ୍ଟାର୍ଲିଂ ହାତୀ ଗୁମ୍ଫାର ଶିଳାଲିପି ଛାପା ମୁଦ୍ରିତ କରିଥିଲେ । ସେତେବେଳେ ବ୍ରାହ୍ମୀ ଅକ୍ଷରରେ ପାଠ କେହି କରି ପାରୁ ନଥିଲେ । କିନ୍ତୁ ଷ୍ଟାର୍ଲିଂ କୌତୂହଳୀ ହୋଇ ତାହାର ଲିପିର ଚିତ୍ର ଥିବାରୁ ତତ୍‌ପ୍ରତି ୟୁରୋପୀୟ ଓ ଅନ୍ୟାନ୍ୟ ଗବେଷକଙ୍କର ଦୃଷ୍ଟି ଆକୃଷ୍ଟ ହୋଇଥିଲା । ୧୮୩୦ ମେ ମାସ ତା ୨୮ ରେ ଷ୍ଟାର୍ଲିଂ କଲିକତାରେ ପ୍ରାଣ ତ୍ୟାଗ କରିଥିଲେ । ତତ୍ପରେ ତାଙ୍କର ସ୍ୱହସ୍ତ ଲିଖିତ **History of the Rajas of Orissa from the regin of Raja Judhistira, translated from Vansavali** ଏକ ପ୍ରବନ୍ଧ ଏସିଆଟିକ ସୋସାଇଟି ପତ୍ରିକାର ସଂପାଦକଙ୍କ ଦ୍ୱାରା ମୁଦ୍ରିତ ହୋଇଥିଲା । ଷ୍ଟାର୍ଲିଂଙ୍କ ବହି ଦୁଷ୍ପ୍ରାପ୍ୟ ହେବାରୁ ୧୯୦୪ ରେ ବଙ୍ଗ ସରକାର ତାହାର ଏକ ପୁନର୍ମୁଦ୍ରଣ କରିଥିଲେ । ତତ୍ସହିତ ଷ୍ଟାର୍ଲିଂଙ୍କର ରାଜସ୍ୱ ସଂକ୍ରାନ୍ତ ରିପୋର୍ଟ—ଯାହା ଟିଏନବିଙ୍କ ବହିରେ ମୁଦ୍ରିତ ହୋଇଥିଲା—ମଧ୍ୟ ମୁଦ୍ରିତ ହୋଇଥିଲା ।

ମାଦଳାପାଞ୍ଜି ଐତିହାସିକତା ସଂପର୍କରେ ଷ୍ଟାର୍ଲିଂ ନିମ୍ନଲିଖିତ ମତ ଦେଇଥିଲେ :—

"Before the accession of the family called the Kesari Vansa (473 A. D) the accounts are so replete with obvious falsehcods, contradiction, inconsistency and anachronism as to be equally unintelligible and untrustworthy of notice. The memory of a few great names and events, only, has been preserved up to the fourth and fifth centuries of Christian era, and to adopt these to their favourite system of chronology, the Brahmans who will never admit want of information or any subject, have been obliged to give an expansion to the reigns of their traditionary Rajas, in some cases of five and six hundred years, and in all far beyond the natural or possible term of human life (Asiatic Resiarches, Vol, XV P—256)

'ପ୍ରାଚୀ ସମିତି' ଦ୍ୱାରା ପ୍ରକାଶିତ 'ମାଦଳାପାଞ୍ଜିର' ୩ୟ ପାଞ୍ଜିରେ ଯଯାତି କେଶରୀ ୫୨ ବର୍ଷ ରାଜତ୍ୱ ପରେ ଶକାବ୍ଦ ୪୭୮ରେ ପ୍ରାଣତ୍ୟାଗ କଲେ । ଏହି ଗଣନା ଅନୁସାରେ ସେ ଖ୍ରୀ: ୪୭୪ ପାଇଥିଲେ । ମାତ୍ର ଓଡ଼ିଶାରେ ଶକାବ୍ଦ ୯୦୧ ପୂର୍ବରୁ ଶକାବ୍ଦର ବ୍ୟବହାର କୌଣସି ଲିପିରେ ମିଳେ ନାହିଁ ।

## ୨-୩-ପ୍ରିନସେପ ଓ କିଟୋ

## (Prinsep and Kittoe)

ଏସିଆଟିକ ସୋସାଇଟର ସଂପାଦକ ପ୍ରିନସେପ ସାହେବ ବହୁ ଅଧ୍ୟବସାୟ ସହକାରେ ବ୍ରାହ୍ମୀଲିପିର ବର୍ଣ୍ଣମାଳା ଉଦ୍ଧାର କରି ଅଶୋକଙ୍କର ଗିରି-ଅନୁଶାସନ ପାଠ କରିବା ପାଇଁ ସମର୍ଥ ହୋଇଥିଲେ । କିଟୋସାହେବ ତାଙ୍କର ସହକର୍ମୀ ଥିଲେ । ଘୁମୁସର କାନ୍ଧମେଳି ସମୟରେ କିଟୋ ସାହେବଙ୍କ ସୈନ୍ୟସହ ଘୁମୁସର ଯିବାର ଆଦେଶ ହୋଇଥିଲା । ଏହି ସୁଯୋଗରେ ପ୍ରିନସେପ ସାହେବ କିଟୋ ସାହେବଙ୍କୁ ଉଦୟଗିରିସ୍ଥିତ ହାତୀ ଗୁମ୍ଫା ଶିଳାଲିପିର ପାଠରେ କେତେକ ଭ୍ରମ

ଥିବାରୁ ତାହାର ସଂଶୋଧନ ପାଇଁ କଟୋଙ୍କୁ ଅନୁରୋଧ କରିଥିଲେ । କଟୋ କଟକରେ ପହଞ୍ଚି ଉଦୟଗିରି ଯାଇ ଲେଖାରୁ ପାଠ ମିଳାଇ ଥିଲେ । ଏହି କାର୍ଯ୍ୟ କରିବା ସମୟରେ ଧଉଳିରେ ଆଉ ଗୋଟିଏ ଗିରି ଲିପିର ସନ୍ଧାନ ପାଇ ସେ ସେଠାକୁ ଯାଇଥିଲେ ଓ ତାହା ଅଶୋକଙ୍କର ଏକ ନୂତନ ଗିରି ଅନୁଶାସନ ବୋଲି ପ୍ରିନସେପ ସାହେବଙ୍କୁ ଚିଠି ଲେଖିଲେ । ଏହିରୂପେ ଓଡ଼ିଶାର ବ୍ରାହ୍ମୀଲିପି ଦୁଇଟି ପ୍ରଥମ ପଠିତ ହୋଇ ୧୮୩୮ରେ ଏସିଆଟିକ ସୋସାଇଟି ପତ୍ରିକାରେ ମୁଦ୍ରିତ ହେଲା । କଟୋ ସାହେବ ଏହା ବ୍ୟତୀତ ଆଉ ଦୁଇଥର ଓଡ଼ିଶାକୁ ଆସିଥିଲେ ଓ ଯାଜପୁର, କଟକ, ତଉଦ୍ୱାର, ଭୁବନେଶ୍ୱର କୋଣାର୍କ ଓ ବୈଦ୍ୟେଶ୍ୱର ନିକଟବର୍ତ୍ତୀ ରମାନାଥର ଦେବୀ ମନ୍ଦିର ଓ ଆଠଗଡ଼ର ମନ୍ଦିର କଥା ଏସିଆଟିକ ପତ୍ରିକାରେ ଲେଖିଥିଲେ ।

କଟୋ ଯେତେବେଳେ ଭୁବନେଶ୍ୱର କେଦାରେଶ୍ୱର ମନ୍ଦିରରେ ଭ୍ରମଣ କରୁଥିଲେ, ସେଠାରେ ପଣ୍ଡାମାନେ ତାଙ୍କୁ ଭର୍ତ୍ସନା କରିବାରୁ ସେ କାରଣ ଖୋଜି ଜାଣିଲେ ଯେ ଷ୍ଟୁଆର୍ଟ ନାମକ ଜଣେ ସୈନ୍ୟ ବିଭାଗର ଲୋକ ଭୁବନେଶ୍ୱରରେ ଥିବା ତିନୋଟି ମନ୍ଦିର—ବ୍ରହ୍ମେଶ୍ୱର, ମେଘେଶ୍ୱର ଓ ଅନନ୍ତବାସୁଦେବର ଶିଳାଲିପି ଗୁଡ଼ିକୁ ନେଇ ଯାଇଥିଲେ—କଟୋ ଏସିଆଟିକ ସୋସାଇଟିକୁ ସେହି ସବୁ ଶିଳାଲିପି ଗୁଡ଼ିକର କଥା ଲେଖିଲେ ଫଳରେ ଏସିଆଟିକ ସୋସାଇଟିର ମିଉଜିଅମରେ ଭୁବନେଶ୍ୱରର ଦୁଇଟି ଶିଳାଲିପି ମିଳିଲା, ଆଉ ଗୋଟିଏ ଶିଳାଲିପି ଭୁବନେଶ୍ୱରରେ ନ ହେଲେ ମଧ୍ୟ ତାହା ଭୁବନେଶ୍ୱରର ଶିଳାଲିପି ବୋଲି ଚିହ୍ନଟ କରାଗଲା ପରେ ତିନୋଟି ଶିଳାଲିପି ଭୁବନେଶ୍ୱରକୁ ଫେରି ଆସିଲା, ଅର୍ଥାତ୍ ସେଥିମଧ୍ୟରୁ ଗୋଟିଏ ବଙ୍ଗ ଦେଶର ଶିଳାଲିପି ଭ୍ରମ ବଶତଃ ଭୁବନେଶ୍ୱରର ବୋଲି ପ୍ରମାଣିତ ହେଲା—ସେହି ଲିପିଟି ହେଉଛି ଭଟ୍ଟ ଭବଦେବଙ୍କର । ସବୁ ଶିଳାଲିପି ଗୁଡ଼ିକ ଅନନ୍ତବାସୁଦେବ ମନ୍ଦିର ବେଢ଼ାର କାନ୍ଥରେ ଲଗାଇ ଦିଆଗଲା ସେଥିରୁ ବ୍ରହ୍ମେଶ୍ୱର ଶିଳାଲିପିଟି ବର୍ତ୍ତମାନ ସେଠାରେ ନାହିଁ— ଅନନ୍ତବାସୁଦେବ ମନ୍ଦିର ବିଷ୍ଣୁମନ୍ଦିର ଥିବାରୁ ଓ ଭବଦେବ ଭଟ୍ଟଙ୍କ ଶିଳାଲିପିରେ ଏକ ବିଷ୍ଣୁମନ୍ଦିର କଥା

ଥିବାରୁ, ତାହା ଅନନ୍ତ ବାସୁଦେବ ମନ୍ଦିର ଶିଳାଲିପି ବୋଲି ପରିଗଣିତ ହେଲା ଓ ତଦ୍ୱାରା ଏକ ବଙ୍ଗୀୟ କୀର୍ତ୍ତି ଭୁବନେଶ୍ୱରରେ ହୋଇ ଥିବାର ପ୍ରମାଣିତ ହେଲା । କଲୋମାହେବଙ୍କ ଉତ୍ସାହ ଲାଗି ଓଡ଼ିଶା ଇତିହାସରେ ଯେଉଁ ବିଭ୍ରାଟ ଘଟିଲା, ତାହା ସଂଶୋଧିତ ହେବା ଲାଗି ୧୦୦ ବର୍ଷରୁ ଅଧିକ ସମୟ ଲାଗିଲା । ବହୁ ବର୍ଷ ଗବେଷଣା ପରେ ୧୯୩୯ରେ ଏହି ଶିଳାଲିପିଟି ବଙ୍ଗ ଦେଶର ବୋଲି ମୋ ଦ୍ୱାରା ପ୍ରମାଣିତ ହେଲା ।

## ୪—ଫାର୍ଗୁସନ

ଭାରତୀୟ ପ୍ରାଚୀନ ସ୍ଥାପତ୍ୟ ବିଶାରଦ ଫାର୍ଗୁସନ ସାହେବ ୧୮୩୭ରେ ଓଡ଼ିଶାର ଖଣ୍ଡଗିରି ଓ ଉଦୟଗିରି, ଭୁବନେଶ୍ୱର, ପୁରୀ ଓ କୋଣାର୍କ ପରିଦର୍ଶନ କରିଥିଲେ ଓ ଏହି ସବୁ ସ୍ଥାନରେ ଥିବା ପ୍ରାଚୀନ ସ୍ଥାପତ୍ୟ ସଂପର୍କରେ ତାଙ୍କର ପୁସ୍ତକରେ ବିଶଦ ଅଥଚ ସଂକ୍ଷିପ୍ତ ଭାବରେ ଲେଖିଥିଲେ । କୋଣାର୍କର କାରୁକାର୍ଯ୍ୟ ବହୁଳ ମନ୍ଦିରଟିକୁ ସେ ଭୁବନେଶ୍ୱରର ଲିଙ୍ଗରାଜ ମନ୍ଦିରର ପୂର୍ବବର୍ତ୍ତୀ ବୋଲି ଲେଖିଥିଲେ । ସେ ମାଦଳାପାଞ୍ଜି ଅନୁସାରେ ବର୍ଣ୍ଣିତ ମନ୍ଦିରଗୁଡ଼ିକର ସମୟର ଲମପ୍ରତି ଆଦୌ ବିଶ୍ୱାସ କରି ନଥିଲେ । ଫାର୍ଗୁସନଙ୍କ ମତକୁ ରାଜେନ୍ଦ୍ରଲାଲ ମିତ୍ର ଖଣ୍ଡନ କରିଥିଲେ—ଫଳରେ ଦୁହିଙ୍କ ମଧ୍ୟରେ ବେଶ ବାଦାନୁବାଦ ଚାଲିଥିଲା । ଅନ୍ୟାନ୍ୟ କେତେକ ବିଷୟରେ ରାଜେନ୍ଦ୍ରଲାଲଙ୍କ ମତ ଖଣ୍ଡିତ ହୋଇଥିଲେ ମଧ୍ୟ କୋଣାର୍କ ମନ୍ଦିରର ଗଠନକାଳ ଉପରେ ଫାର୍ଗୁସନ ପରେ ନିଜର ମତ ବଦଳାଇ ଥିଲେ ।

## ୫—ହାଣ୍ଟର (W. W. Hunter)

ହାଣ୍ଟର ସାହେବ ୧୮୭୦ ଫେବ୍ରୁଆରୀ ମାସରେ ଓଡ଼ିଶାକୁ ଆସିଥିଲେ ଓ କଟକ ପୁରୀ ବାଲେଶ୍ୱରର କଲେକ୍ଟରମାନଙ୍କ ଦ୍ୱାରା ଅନେକ ରିପୋର୍ଟ ସଂଗ୍ରହ କରିଥିଲେ । ଓଡ଼ିଶାର ଇତିହାସ ସଂପର୍କରେ ସେ ଭବାନୀଚରଣ ବନ୍ଦୋପାଧ୍ୟାୟଙ୍କ ଲେଖା ଉପରେ ସଂପୂର୍ଣ୍ଣ ନିର୍ଭର କରିଥିଲେ ବୋଲି ତାଙ୍କ ବହିର ୧ମ ଭାଗର ପୃ ୧୯୮ରେ ଲେଖି ଅଛନ୍ତି ।

ସେ ଧଉଳିର ଲିପିରୁ ଅଶୋକଙ୍କର ଓ ଉଦୟଗିରି ସ୍ଥିତ ହାତୀ ଗୁମ୍ଫା ଲିପିରୁ ଐରଙ୍କରେ ଖ୍ରୀଷ୍ଟାବ୍ଦର ପୂର୍ବବର୍ତ୍ତୀ କାଳ ଇତିହାସ ଆଲୋଚନା କରିଥିଲେ ମଧ୍ୟ ଖ୍ରୀଷ୍ଟାବ୍ଦର ଆରମ୍ଭଠାରୁ ଇତିହାସର ଉପକରଣ ପାଇଁ ମାଦଳ ପାଞ୍ଜି ଉପରେ ନିର୍ଭର କରିଥିଲେ । ଏଣୁ ଐତିହାସିକ ତଥ୍ୟ ପାଇଁ ହାଣ୍ଟର ଷ୍ଟାର୍ଲିଂଙ୍କ ଅପେକ୍ଷା କିଛି ନୂତନତତ୍ତ୍ୱ ପରିବେଷଣ କରି ନଥିଲେ । ହାଣ୍ଟରଙ୍କ ପୁସ୍ତକଦ୍ୱୟ ୧୮୭୨ରେ ମୁଦ୍ରିତ ହୋଇଥିଲା ।

## ୬—ରଙ୍ଗଲାଲ ବନ୍ଦୋପାଧ୍ୟାୟ

ରଙ୍ଗଲାଲ ବନ୍ଦୋପାଧ୍ୟାୟ ବଙ୍ଗ ସରକାରଙ୍କ ଅଧୀନରେ ଡେପୁଟି କଲେକ୍ଟର ରୂପେ କଟକରେ ଏହି ସମୟ ମଧ୍ୟରେ ଅବସ୍ଥାପିତ ହୋଇ ଥିଲେ । ଏହି ସମୟରେ ଚୌଦ୍ୱାର ନିକଟବର୍ତ୍ତୀ କପିଳେଶ୍ୱର ଠାରୁ ମିଳିଥିବା ଖଣ୍ଡିଏ ସୋମବଂଶୀ ବା ସୋମକୁଳୀ ତମ୍ବାପଟା ତାଙ୍କର ହସ୍ତଗତ ହୋଇଥିଲା । ସେ ତାହା ପାଠ କରିଥିଲେ ଓ ତତ୍ସମ୍ବନ୍ଧରେ ନୋଟ ଲେଖିଥିଲେ । ବିମ୍ସସାହେବ ସେ ପ୍ରବନ୍ଧକୁ 'ଇଣ୍ଡିଆନ୍ ଇଣ୍ଟିକ୍ୱେରୀ' ପତ୍ରିକାକୁ ପଠାଇଥିଲେ ଓ ତାହା ୫ମ ଭାଗରେ ୧୮୭୬ରେ ମୁଦ୍ରିତ ହୋଇଥିଲା । ଏହି ବଂଶର ଆଉ ଗୋଟିଏ ତମ୍ବାପଟା କଟକ କଲେକ୍ଟରଙ୍କ ରେକର୍ଡ଼ ରୁମ୍‌ରୁ ମଧ୍ୟ ସେ ପାଇଥିଲେ । ଏହା ମଧ୍ୟ ତାଙ୍କ ଦ୍ୱାରା ପଠିତ ହୋଇ ବଙ୍ଗୀୟ ଏସିଆଟିକ ସୋସାଇଟି ପତ୍ରିକାରେ ୧୮୭୭ରେ ମୁଦ୍ରିତ ହୋଇଥିଲା । ଏହି ତମ୍ବାପଟା ଗୁଡ଼ିକରେ ଜନମେଜୟଙ୍କର ଉପାଧି ଭବଗୁପ୍ତ ବା ମହାଭବଗୁପ୍ତ ଓ ଯଯାତିଙ୍କର ଉପାଧି ଶିବଗୁପ୍ତ ବା ମହାଶିବଗୁପ୍ତ ପାଇ ସେ ଗୁଡ଼ିକୁ ଉପାଧି ରୂପେ ଅର୍ଥ ନକରି ରଙ୍ଗଲାଲ ବନ୍ଦୋପାଧ୍ୟାୟ ସୂଚନା ଦେଇଥିଲେ ଯେ ଜନମେଜୟ ଓ ଯଯାତି ମଗଧର ଗୁପ୍ତ ବଂଶୀୟ ରାଜାମାନଙ୍କର ସାମନ୍ତ ନୃପତି ଥିଲେ । ମାଦଳାପାଞ୍ଜିର ଯଯାତି କେଶରୀଙ୍କ ସମ୍ବନ୍ଧରେ ଲେଖିବାକୁ ଯାଇ ରାଜେନ୍ଦ୍ରଲାଲ ମିତ୍ର 'ଏଣ୍ଟିକ୍ୱିଟିଜଅଫ ଓଡ଼ିଶା' (Antiquitis of Orissa) ପୁସ୍ତକର ୨ୟ ଭାଗର ୫୮-୫୯ ପୃଷ୍ଠାରେ ଲେଖିଥିଲେ:—

"The family history of Yajati is urknown. In a copper—plate grant lately found in the

Cuttack Collectorate, Yajati calls himself the son of Raja Janamejaya, and assigns to himself the higher title of Maharaja, and to Bhava Gupta of Magadha the emperial title of Maharajadhiraja. He also acknowledges vassalage to the sovereign of Magadha in whose name he makes grants of land to Brahmans He was probably a Hindu of the north perhaps of Oudh, who, either as a free—lance, or as a lieutcnant of the Gupta King heading a Brahmanical revival, first established himself at Jajpur etc."

ରଙ୍ଗଲାଲ ବନ୍ଦୋପାଧ୍ୟାୟ ଓଡ଼ିଶାର କାଞ୍ଚି-କାବେରୀ ଉପାଖ୍ୟାନ ଉପରେ ଏକ ବଙ୍ଗଳା କାବ୍ୟ ମଧ୍ୟ ଲେଖିଥିଲେ ।

## ୭—ପ୍ୟାରୀମୋହନ ଆଚାର୍ଯ୍ୟ

ଖ୍ରୀ: ୧୮୭୯ରେ ଓଡ଼ିଶାବାସୀ ପ୍ୟାରୀମୋହନ ଆଚାର୍ଯ୍ୟଙ୍କର 'ଓଡ଼ିଶାର ଇତିହାସ' ପୁସ୍ତକ ଓଡ଼ିଆରେ ମୁଦ୍ରିତ ହେଲା । ମାଦଳାପାଞ୍ଜିର ଯଯାତି କେଶରୀଙ୍କ ସମ୍ପର୍କରେ ପ୍ରକାଶିତ ରଙ୍ଗଲାଲ ବନ୍ଦୋପାଧ୍ୟାୟ ଅଥବା ରାଜେନ୍ଦ୍ରଲାଲ ମିତ୍ରଙ୍କର ପୂର୍ବ ବର୍ଣ୍ଣିତ ମତ ଗ୍ରହଣ କରି ସୋମବଂଶୀ ତାମ୍ରପଟ୍ଟା ଗୁଡ଼ିକର ସମୟ ଖ୍ରୀଷ୍ଟୀୟ ୫ମ ଶତାବ୍ଦୀ ବୋଲି ଲେଖିଥିଲେ । 'ମାଦଳାପାଞ୍ଜି'ର କିମ୍ବଦନ୍ତୀମୂଳକ ଯଯାତି କେଶରୀଙ୍କୁ ରଙ୍ଗଲାଲ ବନ୍ଦୋପାଧ୍ୟାୟ ରାଜେନ୍ଦ୍ରଲାଲ ମିତ୍ର ଓ ପ୍ୟାରୀମୋହନ ଆଚାର୍ଯ୍ୟ ସୋମବଂଶୀ ଯଯାତିଙ୍କ ସହିତ ଏକ ଥିବାର ସିଦ୍ଧାନ୍ତ ଦ୍ୱାରା କେଶରୀବଂଶର ଇତିହାସ ସମସାମୟିକ ପ୍ରମାଣ ଦ୍ୱାରା ସମର୍ଥିତ ହେବାରୁ 'ମାଦଳାପାଞ୍ଜିର' ଐତିହାସିକତା ଦୃଢ଼ଭିତ୍ତି ଉପରେ ପ୍ରତିଷ୍ଠିତ ହେଲା । କିନ୍ତୁ ଲିପିତତ୍ତ୍ୱ ଅନୁସାରେ ସୋମବଂଶୀୟ ତାମ୍ରପଟ୍ଟା ଗୁଡ଼ିକର ସମୟ ଖ୍ରୀଷ୍ଟୀୟ ୧୦ମ ଶତାବ୍ଦୀର ପୂର୍ବବର୍ତ୍ତୀ ନହୋଇ ଥିବାରୁ ଏହି ତିନିଜଣ ଐତିହାସିକଙ୍କର ସିଦ୍ଧାନ୍ତ ସମ୍ପୂର୍ଣ୍ଣ ଭ୍ରାନ୍ତିପୂର୍ଣ୍ଣ ଥିଲା । ହାଣ୍ଟରଙ୍କ ସଦୃଶ ପ୍ୟାରୀମୋହନ ଆଚାର୍ଯ୍ୟ ମଧ୍ୟ 'ମାଦଳାପାଞ୍ଜି'ର କେଶରୀ ବଂଶୀୟ ରାଜାମାନଙ୍କର ରାଜତ୍ୱ କାଳ ଖ୍ରୀ: ୪୭୪ରୁ ଖ୍ରୀ: ୧୧୩୨ ଓ ଗଙ୍ଗବଂଶୀୟ ରାଜାମାନଙ୍କର ରାଜତ୍ୱ-

କାଳ ଖ୍ରୀ: ୧୧୩୨ରୁ ଖ୍ରୀ: ୧୫୩୪ ପର୍ଯ୍ୟନ୍ତ ଥିବାର ଲେଖିଥିଲେ । କିନ୍ତୁ କପିଳେନ୍ଦ୍ର ଦେବ ପ୍ରକୃତରେ ସୂର୍ଯ୍ୟବଂଶୀୟ ରାଜା ଥିଲେ ଓ ଖ୍ରୀ୧୪୩୫ରେ ରାଜା ହୋଇଥିଲେ--ଖ୍ରୀ: ୧୪୫୨ରେ ନୁହେଁ । ଖ୍ରୀ: ୪୭୩-୭୪ରୁ ଖ୍ରୀ: ୧୫୩୩ ପର୍ଯ୍ୟନ୍ତ ରାଜତ୍ୱ କରିଥିବା କେଶରୀ, ଗଙ୍ଗ ଓ ସୂର୍ଯ୍ୟବଂଶୀୟ ରାଜାମାନଙ୍କର ରାଜତ୍ୱକାଳ ଓ ନାମ 'ମାଦଳାପାଞ୍ଜି' ଅନୁସାରେ ଷ୍ଟାର୍ଲିଂ, ହଣ୍ଟର, ପ୍ୟାରୀମୋହନ ଯାହା ଲେଖି ଅଛନ୍ତି ଅର୍ଥାତ୍ 'ମାଦଳାପାଞ୍ଜି'ର ରାଜାମାନଙ୍କର ନାମ ଓ ରାଜତ୍ୱକାଳ, ସମସାମୟିକ ଲିପିରୁ ମିଳୁଥିବା ରାଜାମାନଙ୍କର ନାମ ଓ ରାଜତ୍ୱକାଳ ଏକାବେଳକେ ବିଭିନ୍ନ ଥିବାର ଦେଖାଯାଉ ଅଛି । ଏଥିରୁ ସ୍ପଷ୍ଟ ଜଣାପାଉଅଛି ଯେ 'ମାଦଳାପାଞ୍ଜି'ରୁ ମିଳୁଥିବା ବଂଶାବଳୀ ବା ବଂଶାନୁଚରିତ ଜଗନ୍ନାଥ ଦାସଙ୍କର ୯ମ ଓ ୧୨ଶ ସ୍କନ୍ଦ ଭାଗବତରେଥିବା ବଂଶାନୁଚରିତ ଅନୁସାରେ ପୌରାଣିକ ରାଜାମାନଙ୍କ ନାମ ସହିତ ସମାନ ନୁହେଁ ଓ ପରବର୍ତ୍ତୀ କେଶରୀ ଓ ଗଙ୍ଗବଂଶର ବଂଶାବଳୀ ଲୋକ ପ୍ରବାଦମୂଳକ ଭିତ୍ତି ଉପରେ ଅବାନ୍ତର ଭାବରେ ସଂକଳିତ ହୋଇଥିଲା । ସବୁଠାରୁ ବିସ୍ମୟର କଥା ହେଉଛି ଯେ, ଭୁବନେଶ୍ୱର, ବ୍ରହ୍ମେଶ୍ୱର, ମେଘେଶ୍ୱର ଓ ଅନନ୍ତ ବାସୁଦେବ ମନ୍ଦିରରେ ଥିବା ଶିଳାଲିପିଗୁଡ଼ିକରୁ -- ଯାହା କି ଖ୍ରୀ: ୧୮୧୭ ପୂର୍ବରୁ ଯଥା ସ୍ଥାନରେ ଥିଲା ମିଳୁଥିବା କେଶରୀ ଓ ଗଙ୍ଗବଂଶୀୟ ରାଜାମାନଙ୍କର ନାମ ପ୍ରତି 'ମାଦଳାପାଞ୍ଜି' ସଂକଳନକାରୀଙ୍କର ଆଦୌ ଦୃଷ୍ଟି ପଡ଼ି ନଥିଲା ।

## ୮—ରାଜେନ୍ଦ୍ରଲାଲ ମିତ୍ର

ଓଡ଼ିଶାର ପ୍ରତ୍ନକୀର୍ତ୍ତି ଉପରେ ଗବେଷଣା କରିବା ପାଇଁ ୧୮୬୮ରେ ରାଜେନ୍ଦ୍ରଲାଲ ମିତ୍ର ଭାରତ ସରକାରଙ୍କ ଦ୍ୱାରା ପ୍ରେରିତ ହୋଇଥିଲେ । ତାଙ୍କ ଦ୍ୱାରା ଲିଖିତ ବିରାଟ ଗ୍ରନ୍ଥ "ଏଣ୍ଟିକ୍ୱିଟିଜ ଅଫ ଓଡ଼ିଶା", (Antiquitis of Orissa)ର ୧ମ ଭାଗ ୧୮୭୫ରେ ଓ ୨ୟ ଭାଗ ୧୮୮୦ରେ ପ୍ରକାଶିତ ହୋଇଥିଲା । ତାଙ୍କ ସମୟ ବେଳକୁ ଯେତେଗୁଡ଼ିଏ ଶିଳାଲିପି ଓ ତାମ୍ର ଶାସନ ପ୍ରକାଶିତ ହୋଇଥିଲା, ସେ ଗୁଡ଼ିକର ଉପାଦାନ ସେ ବ୍ୟବହାର କରିବାର ଚେଷ୍ଟା କରିଥିଲେ । ମାଦଳାପାଞ୍ଜି ଉପରେ

ଯେଉଁ ମତ ଦେଇଥିଲେ ତାହା ତଳେ ଉଦ୍ଧୃତ ହେଲା । ଏଥିରୁ ପାଠକମାନେ ତାଙ୍କ ମତ ଜାଣି ପାରିବେ ।

"For the civil history of Orissa our best guide is the Madlapanji or the annals of the temple of Jagannath. It begins with an ennumeration of the kings of the Satya Juga, or the age of purity, and brings down the record day by day and year after year to the present time, noticing every remarkable occurence that has taken place in the province in connection with the history of the idol and of its chief adorers, the sovereigns of Khurda. Such a record for such a length of time, if aunthetic and reliable would be of the utmost importance, but unfortunately there is nothing to show that the annals were really taken in hand at any very extraordinarily early period or regularly kept up from the time when it was first undertaken. judging from the language (Oriya) in which it is Writen, and its general character, we believe, it was first Commenced about 6 Centuries ago, That it has eversince been regularly written up is questionable; the poltical vissisitude of Khurda during the last 5 hundred years tend to show that there must have been many and very long breaks. We are also loath to vouch for strict accuracy of the large benefactions of the former Rajas of Orissa and of their martial services over sea and land as recorded in it. On the whole however; it is a valuable document and coutains a pretly fair account of the later Rajas of Orissa The Panji as or almanack—makers of the province have also their chronicles of extraordinary events and a few Vansavalis in Sanskrit, giving the gerealogics of Royal Dynasties but as these have already been an analysed by Stirling in his Essay

on the history of Orissa and by Bhavani Charan Bondyopadhya in his history of Puri, we need only refer to them here" (Vol. I, P. 11)

ଓଡ଼ିଶାର ସ୍ୱାଧୀନତା ଲୋପ ସମ୍ପର୍କରେ ଯାଜପୁର ଇତିହାସରେ ସେ ଲେଖି ଅଛନ୍ତି ଯେ କଳାପାହାଡ଼ ଖ୍ରୀ: ୧୫୬୮ରେ ଓଡ଼ିଶା ଅଧିକାର କରିଥିଲା ।

ଆଇନ-ଇ-ଆକବରୀରେ କୋଣାର୍କ ମନ୍ଦିରର ସମୟକୁ ପ୍ରାମାଣିକ ରୂପେ ଗ୍ରହଣ କରି ଓ ପୁରୀ ମନ୍ଦିରଠାରେ ବାହ୍ୟ କାରୁକାର୍ଯ୍ୟର ଅଭାବ ଦେଖି ଫାର୍ଗୁସନ କୋଣାର୍କ ମନ୍ଦିରର ସମୟ ୯ମ ଶତାବ୍ଦୀର ଶେଷ ଭାଗ ବୋଲି ଯାହା ସ୍ଥିର କରିଥିଲେ, ରାଜେନ୍ଦ୍ରଲାଲ ମିତ୍ର ନାନା ପ୍ରମାଣ ବଳରେ ତାହା ଖଣ୍ଡନ କରି ଲେଖିଥିଲେ ଯେ କୋଣାର୍କ ଦେଉଳ ପୁରୀ ଦେଉଳର ପରବର୍ତ୍ତୀ ଗଙ୍ଗରାଜା ଲାଙ୍ଗୁଳା ନରସିଂହଙ୍କ ସମୟରେ ନିର୍ମିତ ହୋଇଥିଲା । ପରେ ଗଙ୍ଗବଂଶୀୟ ରାଜାମାନଙ୍କର ତମ୍ବାପଟ୍ଟାରୁ ମାଦଳା-ପାଞ୍ଜିର ବର୍ଣ୍ଣନା ସମର୍ଥିତ ହୋଇଥିଲା ।

## ୯—ଜନବୀମସ

ବଙ୍ଗର ସିଭିଲଆନ କର୍ମଚାରୀମାନଙ୍କ ମଧ୍ୟରେ ହାଣ୍ଟରଙ୍କ ସଦୃଶ ବୀମ୍‌ସ ଜଣେ ଯେ କେବଳ ବହୁ ଭାଷାବିତ ପଣ୍ଡିତ ଥିଲେ, ତାହା ନୁହେଁ ତାଙ୍କର ଗବେଷଣା ବହୁମୁଖୀ ଥିଲା । ସେ ୧୮୬୯-୭୦ରେ ବାଲେଶ୍ୱରର କଲେକ୍‌ଟର ଥିବା ସମୟରେ କେତେକ ବଙ୍ଗାଳୀଙ୍କ ଦ୍ୱାରା ପ୍ରଚାରିତ 'ଓଡ଼ିଆ ସ୍ୱତନ୍ତ୍ର ଭାଷା ନୁହେଁ' ଆନ୍ଦୋଳନରେ ଯୋଗ ଦେଇ କଲିକତାର ଏସିଆଟିକ ସୋସାଇଟି ପତ୍ରିକାରେ ଭ୍ରମମୂଳ ଆଲୋଚନା କରିଥିଲେ । ଓଡ଼ିଆ କାବ୍ୟ 'ରସକଲ୍ଲୋଳ' ଉପରେ ସେ 'ଇଣ୍ଡିଆନ ଏଣ୍ଟିକ୍ୱେରୀ' ପତ୍ରିକାରେ ୧୮୭୧ରେ ପ୍ରବନ୍ଧ ଲେଖିଥିଲେ—ସେ 'ରାଯ଼ବଣିଆ' ଗଡ଼ କଥା ଉକ୍ତ ପତ୍ରିକାରେ ମଧ୍ୟ ଲେଖିଥିଲେ । ଏସିଆଟିକ ସୋସାଇଟି ପତ୍ରିକାରେ 'କୋପାରି' ଉପରେ ପ୍ରବନ୍ଧ ଲେଖିଥିଲେ । ବାଲେଶ୍ୱର

ଜିଲାର ଗେଜେଟିଅର ପାଇଁ ସେ ଯେଉଁ ରିପୋର୍ଟ ଲେଖିଥିଲେ, ହାଣ୍ଟର ସାହେବ ତାହାଁରୁ ବହୁ ଉପକରଣ ପାଇଥିଲେ । ଏହି ରିପୋର୍ଟର ଇତିହାସ ଅଧ୍ୟାୟ ୧୮୮୩ରେ ଏସିଆଟିକ ସୋସାଇଟି ପତ୍ରିକାରେ ମୁଦ୍ରିତ ହୋଇ ଅଛି । ଏହି ପ୍ରବନ୍ଧରେ ଶ୍ରୀ ଜଗନ୍ନାଥଙ୍କ ମନ୍ଦିରର ଓଡ଼ିଆ ଲିପି ଓ କେତେକ ଫାରସୀ ଗ୍ରନ୍ଥ ସାହାଯ୍ୟରେ ସେ ପ୍ରମାଣ କରିଥିଲେ ଯେ ୧୫୬୭ ରେ କଳାପାହାଡ଼ର ଆକ୍ରମଣ ପରେ ଓଡ଼ିଶାର ସ୍ୱାଧୀନତା ଲୋପ ହୋଇଥିଲା । ବିମ୍‌ସ ବାଲେଶ୍ୱରରୁ କଟକର କଲେକ୍‌ଟର ରୂପେ ବଦଳି ହୋଇଥିଲେ ଓ ତତ୍ପରେ ଓଡ଼ିଶାର କମିଶନର ନିଯୁକ୍ତ ହୋଇ ୧୮୮୩ ପର୍ଯ୍ୟନ୍ତ କଟକରେ ଅବସ୍ଥାନ କରିଥିଲେ । ସେ କଟକ ଜିଲାର ବୌଦ୍ଧକୀର୍ତ୍ତି ମଣ୍ଡିତ ଉଦୟଗିରି ଓ ଲଳିତଗିରିର ପ୍ରାଚୀନ କୀର୍ତ୍ତି ଉପରେ ଏସିଆଟିକ ସୋସାଇଟି ପତ୍ରିକାରେ ପ୍ରବନ୍ଧ ଲେଖିଥିଲେ ଓ ଗୃହଜଳିଆଗଞ୍ଜରେ ଥିବା ଧେଡ଼ାଦୌଡ଼ି ପଡ଼ିଆ ନିକଟରେ ଏକ ଖୋଲା ମିଉଜିୟମ ସ୍ଥାପିତ କରି ସେଠାରେ ଉଦୟଗିରିରୁ ଅନେକ ମୂର୍ତ୍ତି ଓ ଦ୍ୱାରବନ୍ଧ ଅଣାଇ ସଜାଇ ରଖିଥିଲେ ।

୧୮୮୩-୮୪ରେ କଟକ ନିକଟବର୍ତ୍ତୀ ଅଞ୍ଚଳରୁ ମିଳିଥିବା ଦୁଇଟି ସୋମବଂଶୀ ତମ୍ବାପଟା, ବିମ୍‌ସ ସାହେବ ତତ୍କାଳୀନ ପ୍ରସିଦ୍ଧ ଲିପି ତତ୍ତ୍ୱବିଦ୍ ଫ୍ଲିଟ ସାହେବଙ୍କ ପାଖକୁ ପଠାଇଥିଲେ । ଏହି ତମ୍ବାପଟା ସହ ଅନ୍ୟାନ୍ୟ ତମ୍ବାପଟା ଉପରେ ଫ୍ଲିଟ ସାହେବ ୧୯୯୪-୯୫ ପାଇଁ ମୁଦ୍ରିତ ଏପିଗ୍ରାଫିଆ ଇଣ୍ଡିଆ ୩ୟ ଭାଗରେ ଗୋଟିଏ ଦୀର୍ଘ ପ୍ରବନ୍ଧ ଲେଖିଥିଲେ ।

## ୧୦—ସୀତାନାଥ ରାୟ

'ଉତ୍କଳ-ଇତିବୃତ୍ତ' ନାମରେ ଖଣ୍ଡିଏ କ୍ଷୁଦ୍ର ସ୍କୁଲ ପାଠ୍ୟପୁସ୍ତକ ସୀତାନାଥ ରାୟଙ୍କ ଦ୍ୱାରା ସଂକଳିତ ହୋଇଥିଲା । ଏହାର ୧୮୯୧ରେ ୪ର୍ଥ ସଂସ୍କରଣ କଟକର ଭିକ୍ଟୋରିଆ ପ୍ରେସରେ ମୁଦ୍ରିତ ହୋଇଥିଲା । ଏହି ପୁସ୍ତକଟି ପ୍ୟାରିମୋହନ ଆଚାର୍ଯ୍ୟଙ୍କ 'ଏ ଓଡ଼ିଶାର ଇତିହାସ'ର ଏକ ସଂକ୍ଷିପ୍ତ ସଂସ୍କରଣ କହିଲେ ଚଳେ । ଏହି ପୁସ୍ତକ ଦ୍ୱାରା ମାଦଳା ପାଞ୍ଜିରେ ଲିଖିତ ବୃତ୍ତାନ୍ତର ବହୁଳ ପ୍ରଚାର ଓଡ଼ିଶାରେ ହୋଇଥିଲା ।

୧୮୬୮ ଠାରୁ ୧୮୮୦ ପର୍ଯ୍ୟନ୍ତ ଦୀର୍ଘ ବାରବର୍ଷ କାଳ ଓଡ଼ିଶାର ଇତିହାସ ଚର୍ଚ୍ଚାର କେନ୍ଦ୍ରସ୍ଥଳ ଥିଲା କଟକ ସହର । ଏହି ସମୟରେ ରାଜେନ୍ଦ୍ରଲାଲ ମିତ୍ର, ବିମ୍ସ, ହଣ୍ଟର, ରଙ୍ଗଲାଲ ବନ୍ଦ୍ୟୋପାଧ୍ୟାୟ ଚନ୍ଦ୍ରଶେଖର ବନ୍ଦ୍ୟୋପାଧ୍ୟାୟ, ପ୍ରତ୍ନତତ୍ତ୍ୱବିତ୍ କାନିଂହାମଙ୍କ ସହକର୍ମୀ ବେଗଲାର, ଟଏନବି ଜଗନ୍ମୋହନ ଲାଲ ‘ଟଏନବିଙ୍କ ବହିର ପ୍ରଥମାଂଶର ଓଡ଼ିଆ ଅନୁବାଦକ) ଓ ପ୍ୟାରିମୋହନ ଆଚାର୍ଯ୍ୟ—ସମସ୍ତେ ଅଳ୍ପାଧିକ ସମୟ ଅବସ୍ଥାନ କରିଥିଲେ ଓ ସମସ୍ତେ ଓଡ଼ିଶାର ଇତିହାସ, ସ୍ଥାପତ୍ୟ, ଭାସ୍କର୍ଯ୍ୟ ଓ ସଂସ୍କୃତି ବିଷୟରେ ନାନା ପ୍ରକାର ଆଲୋଚନାରେ ଲିପ୍ତ ଥିଲେ । ଏହି ସମୟ ମଧ୍ୟରେ ତିନୋଟି ଉପାଦେୟ ଗ୍ରନ୍ଥ—ହଣ୍ଟରଙ୍କ "ଓଡ଼ିଶା" ଟଏନବିଙ୍କ "ଓଡ଼ିଶା (୧୮୦୩-୧୮୨୮)" ଓ ରାଜେନ୍ଦ୍ର ଲାଲଙ୍କର "ଓଡ଼ିଶାର ପ୍ରାଚୀନ କୀର୍ତ୍ତି" (Antiquities of Orissa) ବ୍ୟତୀତ ବହୁ ପ୍ରବନ୍ଧ ଇଂରାଜୀ ଭାଷାରେ ଲିଖିତ ହୋଇଥିଲା ଏପରିକି ଦୁଇଟି ଓଡ଼ିଆ ପୁସ୍ତକ ଓଡ଼ିଶାର ଇତିହାସ ଉପରେ ମଧ୍ୟ ଲିଖିତ ହୋଇଥିଲା । ଏହି ସମୟରେ ଦ୍ୱାରିକାନାଥ ଚକ୍ରବର୍ତ୍ତୀ କଟକରେ ନରମାଲ ସ୍କୁଲର ସୁପରିଣ୍ଟେଣ୍ଡେଣ୍ଟ ଥିଲେ ଓ ଶିକ୍ଷା ବିଭାଗର କର୍ମଚାରୀ-ମଧ୍ୟରେ ଜଣେ ଗଣ୍ୟମାନ୍ୟ ଲୋକଥିଲେ । ତାଙ୍କ ସହିତ ପୂର୍ବଗଣିତ ତତ୍କାଳୀନ ଖ୍ୟାତନାମା ୟୁରୋପୀୟ ଓ ବଙ୍ଗବାସୀ ରାଜକର୍ମଚାରୀ ମାନଙ୍କର ବିଶେଷ ସଦ୍ଭାବ ଓ ମିଳାମିଶା ଥିଲା କହିଲେ ଅତ୍ୟୁକ୍ତି ହେବ ନାହିଁ । ଏହି ସୂତ୍ରରେ ଦ୍ୱାରିକାନାଥ ଚକ୍ରବର୍ତ୍ତୀଙ୍କର ଜ୍ୟେଷ୍ଠପୁତ୍ର ଯୁବକ ମନମୋହନ ଚକ୍ରବର୍ତ୍ତୀ ଓଡ଼ିଶା ଇତିହାସର ଗବେଷଣା ପାଇଁ ଆକୃଷ୍ଟ ହୋଇଥିବାର ମନେହୁଏ ।

ମନମୋହନ ଚକ୍ରବର୍ତ୍ତୀଙ୍କର ପିତା ଦ୍ୱାରିକାନାଥ ଚକ୍ରବର୍ତ୍ତୀ ବଙ୍ଗଳାର ୨୪—ପରଗଣା ଜିଲ୍ଲାର ବାରାସତ ମହକୁମା ଅନ୍ତର୍ଗତ କାଢୋର ଗ୍ରାମ ନିବାସୀ ଥିଲେ । କଲିକତାରେ ହିନ୍ଦୁ କଲେଜରୁ ସିନିଅର ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଶିକ୍ଷା ବିଭାଗରେ ହୁଗୁଲି ଓ ବାଙ୍କୁଡ଼ାରେ କାର୍ଯ୍ୟ କରି, ୧୮୬୨ରେ ପୁରୀ ଜିଲ୍ଲାସ୍କୁଲରେ ସହକାରୀ ହେଡ଼ମାଷ୍ଟର ନିଯୁକ୍ତ ହେଲେ । ତତ୍ପରେ ସେ ପୁରୀ ଓ ସନ୍ନିକଟବର୍ତ୍ତୀ ଅଞ୍ଚଳର

ସ୍କୁଲସମୂହର ଡେପୁଟି ଇନ୍‌ସପେକ୍‌ଟର ପଦରେ ନିଯୁକ୍ତ ପାଇଲେ । ୧୮୬୯ରେ ଦ୍ୱାରକାନାଥ ଚକ୍ରବର୍ତ୍ତୀ କଟକ ଟ୍ରେନିଂ ସ୍କୁଲ ସୁପରିଣ୍ଟେଣ୍ଡେଣ୍ଟ ନିଯୁକ୍ତ ହୋଇ ଅବସର ନେବାଯାଏ ସେହି କାର୍ଯ୍ୟରେ ରହିଥିଲେ । ତାଙ୍କର ଜ୍ୟେଷ୍ଠପୁତ୍ର ମନମୋହନ ଚକ୍ରବର୍ତ୍ତୀ ୧୮୬୩ ଅକ୍‌ଟୋବର ମାସରେ କାଠୋର ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ତତ୍ପରେ ମନମୋହନ କଟକ ଜିଲା ସ୍କୁଲରେ ଭର୍ତ୍ତି ହୋଇଥିଲେ । ସେ ବଡ଼ ମେଧାବୀ ଛାତ୍ର ଥିଲେ ଓ ୧୮୭୮ରେ ସେ ଏନ୍‌ଟ୍ରାନ୍‌ସ ପରୀକ୍ଷାରେ ପାଶ କରି 'ହିମ୍‌ସ ମେଡ଼ାଲ' ପାଇଥିଲେ । ତତ୍ପରେ କଟକ ରେଭେନ୍‌ସା କଲେଜରୁ ୧୮୮୦ରେ ଏଫ୍: ଏ: ଓ ୧୮୮୨ରେ ବି: ଏ: ପାଶକରି ଏମ: ଏ: ଓ ବି: ଏଲ: ପଢ଼ିବା ପାଇଁ କଲିକତା ଗଲେ ଓ ସେଠାରେ ପ୍ରେସିଡେନ୍‌ସି ଇନ୍‌ଷ୍ଟିଚିଉଟରେ ଏମ: ଏ: ପଢ଼ିଲେ । ୧୮୮୪ରେ ଏମ: ଏ: ପାଶ କରି କଲିକତା ବିଶ୍ୱବିଦ୍ୟାଳୟରେ ଉଦ୍ଭିଦ ବିଦ୍ୟାରେ ୧ମ ସ୍ଥାନ ଅଧିକାର କଲେ । ତତ୍ପରେ ୧୮୮୬ରେ ବି: ଏଲ: ପାଶକରି ସେହି ବର୍ଷ ଡେପୁଟିମାଜିଷ୍ଟ୍ରେଟ ହେବାର ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ କଟକରେ ନିଯୁକ୍ତ ହେଲେ ।

ମନମୋହନ ଚକ୍ରବର୍ତ୍ତୀ ୧୮୮୭ ସାଲ ମାର୍ଚ୍ଚ ତା ୨୪ରେ ସରକାରୀ କାର୍ଯ୍ୟରେ ନିଯୁକ୍ତ ହୋଇଥିଲେ ଓ ୧୯୧୮ ଅକ୍‌ଟୋବର ମାସରେ ଅବସର ଗ୍ରହଣ କଲେ । ଠିକ ଅବସର ଗ୍ରହଣ ପୂର୍ବରୁ ସେ ବଙ୍ଗପ୍ରଦେଶରେ ଟିପାରି ଜିଲାର ସହକାରୀ ଜିଲା ମାଜିଷ୍ଟ୍ରେଟ ପଦରେ ନିଯୁକ୍ତ ହେଲେ । ତାଙ୍କର କର୍ମମୟ ଜୀବନରେ ସେ କଟକରେ ୧୮୮୭ ମାର୍ଚ୍ଚ ମାସରୁ ୧୮୮୭ ମାର୍ଚ୍ଚ ପର୍ଯ୍ୟନ୍ତ କଟକରେ; ୧୮୮୭ ମାର୍ଚ୍ଚ ଠାରୁ ୧୮୯୧ ଡ଼ିସେମ୍ବର ଯାଏ ପୁରୀରେ; ୧୮୯୧ ଡ଼ିସେମ୍ବର ଠାରୁ ୧୮୯୬ ଜୁନ ଯାଏ ଯାଜପୁରରେ ଅବସ୍ଥାପିତ ଥିଲେ । ଏହି ୧୧ବର୍ଷ ମଧ୍ୟରେ ସେ ଓଡ଼ିଶାର ଇତିହାସ ଓ ସାହିତ୍ୟ ସମ୍ବନ୍ଧରେ ପ୍ରବନ୍ଧ ଲେଖିଥିଲେ ଓ ଭବିଷ୍ୟତରେ ପ୍ରବନ୍ଧ ଲେଖିବା ପାଇଁ ଉପକରଣ ସଂଗ୍ରହ କରିଥିଲେ । ତତ୍ପରେ ସେ ଗୟା, ମେଦିନୀପୁର, ଶ୍ରୀରାମପୁର, ହୁଗୁଲୀ, ହାବଡ଼ା କଲିକତା (ଗେଜେଟିଅର ସଂକଳନ ପାଇଁ) ହାବଡ଼ା ୨୪-ପରଗଣା ଓ ଟିପାରରେ ଅବସ୍ଥାପିତ ହୋଇଥିଲେ । ଫେବୃଆରୀ ୧୯୦୩ ଠାରୁ ଜୁଲାଇ ୧୯୧୬

ଯାଏ ସେ କଲିକତା ନିକଟବର୍ତ୍ତୀ ସ୍ଥାନ ସବୁରେ ଅବସ୍ଥାପିତ ଥିବାର ଦେଖାଯାଏ । ଏହାହିଁ ମନମୋହନ ଚକ୍ରବର୍ତ୍ତୀଙ୍କର ସରକାରୀ ଚାକିରୀର ସଂକ୍ଷିପ୍ତ ଜୀବନୀ । ସରକାରୀ ଚାକିରୀରେ ସୁଯଶ ଅର୍ଜନ କରିଥିବାର ପ୍ରମାଣ ସ୍ୱରୂପ ସେ ୧୯୧୪ରେ 'ରାୟ ବାହାଦୁର' ଉପାଧିରେ ଭୂଷିତ ହୋଇ-ଥିଲେ । ଏଥିପାଇଁ ସେ ଯେ ସ୍ମରଣୀୟ ହୋଇ ଅଛନ୍ତି, ତାହା ନୁହେଁ । ସରକାରୀ କାମ ଭୁଲାଇ ଏପରିକି ନିଜର ସ୍ୱାସ୍ଥ୍ୟ ନଷ୍ଟ କରି ଅବିଶ୍ରାନ୍ତ ଭାବରେ ଏତେ ଐତିହାସିକ ଓ ସାହିତ୍ୟିକ ପ୍ରବନ୍ଧ ଲେଖିଥିଲେ ବୋଲି ସେ ଚିର ସ୍ମରଣୀୟ ହୋଇ ରହିଛନ୍ତି ଓ ରହିବେ । ଡେପୁଟିମାଜିଷ୍ଟ୍ରେଟ ଚାକିରୀରେ ମାତ୍ର ୪ବର୍ଷ ଚାକିରୀ କରି ୧୮୯୦ରେ ବଙ୍ଗୀୟ ଏସିଆଟିକ ସୋସାଇଟିରେ ସଭ୍ୟ ରୂପେ ନିର୍ବାଚିତ ହୋଇଥିଲେ ଓ ଏହି ଗୁଣିଗଣା-ଗ୍ରଗଣ୍ୟ ଅନୁଷ୍ଠାନର 'ଫେଲୋ' ରୂପେ ୧୯୧୨ରେ ମଧ୍ୟ ନିର୍ବାଚିତ ହୋଇଥିଲେ । ଦୀର୍ଘ ୨୦ ବର୍ଷ କାଳ ଏହି ଅନୁଷ୍ଠାନର ପତ୍ରିକାରେ ତାଙ୍କର ବହୁ ଗବେଷଣାପୂର୍ଣ୍ଣ ପ୍ରବନ୍ଧ ମୁଦ୍ରିତ ହୋଇଥିଲା ।

ପରିଶିଷ୍ଟରେ ତାଙ୍କର ୩୪ଟି ଲେଖାର ତାଲିକା ଦିଆ ଯାଇଛି । ଏଥିରୁ ୨୭ଟି ପ୍ରବନ୍ଧ ବଙ୍ଗୀୟ ଏସିଆଟିକ ସୋସାଇଟିର ପତ୍ରିକାରେ; ୨ଟି ବିହାର ଓ ଓଡ଼ିଶା ଅନୁସନ୍ଧାନ ସମିତିର ପତ୍ରିକାରେ ଓ ୨ଟି ବିଲାତର ରଏଲ ଏସିଆଟିକ ସୋସାଇଟି ପତ୍ରିକାରେ ଓ ଅବଶିଷ୍ଟ ଲେଖାଗୁଡ଼ିକ ବଙ୍ଗ ସରକାରଙ୍କ ଦ୍ୱାରା ମୁଦ୍ରିତ ହୋଇଥିଲା ।

୧୮୮୭ରୁ ୧୮୯୭ ପର୍ଯ୍ୟନ୍ତ ମନମୋହନ ଚକ୍ରବର୍ତ୍ତୀ ଓଡ଼ିଶାର ଦୁଇଟି ପ୍ରସିଦ୍ଧ ଐତିହାସିକ ସ୍ଥାନ ପୁରୀ ଓ ଯାଜପୁରରେ ଅବସ୍ଥାପିତ ହୋଇଥିଲେ । ତନ୍ମଧ୍ୟରୁ ୧୮୮୭ଠାରୁ ୧୮୯୧ ଯାଏଁ ସେ କେବଳ ପୁରୀରେ ଥିଲେ ଓ ଏହି ସମୟ ମଧ୍ୟରେ ମାଦଳାପାଞ୍ଜି ଉପରେ ଗବେଷଣା କରିବା ସଙ୍ଗେ ସଙ୍ଗେ ଭୁବନେଶ୍ୱରସ୍ଥିତ ଲିଙ୍ଗରାଜ ମନ୍ଦିରର ଶିଳାଲିପିର ପାଠ ଦୁଇଟି ଶୁଳ୍କୀ ବା ସୋମବଂଶୀୟ ରାଜାଙ୍କର ଓ ଦୁଇଟି ଗଙ୍ଗବଂଶୀୟ ରାଜା ନରସିଂହଦେବ ୪ର୍ଥଙ୍କର ତମ୍ବାପଟା ପୁରୀର ମଠମାନଙ୍କରୁ ସଂଗ୍ରହ କରିଥିଲେ । ଏହି ତମ୍ବାପଟାଗୁଡ଼ିକ ସମ୍ବନ୍ଧରେ

ପ୍ରବନ୍ଧ ଲେଖି ୧୮୯୧ରେ ଏସିଆଟିକ ସୋସାଇଟି ସଭାରେ ସେ ପାଠ କରିଥିଲେ । ଜଣେ ଯୁବକ ଡେପୁଟିମାଜିଷ୍ଟ୍ରେଟ ପକ୍ଷରେ ଚାକିରୀ କରିବାର ୫ ବର୍ଷ ମଧ୍ୟରେ କଲିକତା ଏସିଆଟିକ ସୋସାଇଟି ସଭାରେ ପ୍ରବନ୍ଧ ପାଠ କରିବା ଏକ ସହଜ ବ୍ୟାପାର ନୁହେଁ । ବିଶେଷତଃ ମନମୋହନ ଚକ୍ରବର୍ତ୍ତୀ ଏମ: ଏ:ରେ ଇତିହାସ ପରିବର୍ତ୍ତେ ବିଜ୍ଞାନର ଛାତ୍ରଥିଲେ । ନରସିଂହଦେବ ୪ର୍ଥଙ୍କ ତମ୍ବାପଟା ଉପରେ ଲିଖିତ ପ୍ରବନ୍ଧରେ ମାଦଳା-ପାଞ୍ଜିର ଐତିହାସିକ ସମ୍ପର୍କରେ ସେ ନିଜର ମତ ନିମ୍ନୋକ୍ତ ଭାବରେ ଲେଖିଥିଲେ·

"ଓଡ଼ିଶାର ମଧ୍ୟଯୁଗର ଇତିହାସ ତମସାଚ୍ଛନ୍ନ । 'ମାଦଳାପାଞ୍ଜି' ବା 'ଜଗନ୍ନାଥ ମନ୍ଦିରର ଘଟଣାବଳୀ' ହିଁ ଏକମାତ୍ର ଉପାଦାନ । ମାତ୍ର ଏ ପ୍ରୂତ୍ତିମାତ୍ରାରେ ସମର୍ଥିତ ନ ହେବା ଯାଏଁ ଏହା ବିଶ୍ୱାସଯୋଗ୍ୟ ନୁହେଁ ।" (ଏ: ସୋ: ପତ୍ରିକା: ୧୮୯୫ ପୃ ୧୨୮) ।

ସୌଭାଗ୍ୟବଶତଃ ମନମୋହନ ଚକ୍ରବର୍ତ୍ତୀ ଗଙ୍ଗବଂଶୀୟ ରାଜା ନରସିଂହଦେବ ୪ର୍ଥଙ୍କର ଦୁଇଟି ତମ୍ବାପଟା ପୁରୀର ଦୁଇଟି ମଠରୁ ପାଇ ସେଗୁଡ଼ିକର ପାଠୋଦ୍ଧାର କରିଥିଲେ । ଏହି ତମ୍ବାପଟାଗୁଡ଼ିକରୁ ମିଳୁଥିବା ଚୋଡ଼ଗଙ୍ଗଙ୍କଠାରୁ ଆରମ୍ଭ କରି ଗଙ୍ଗବଂଶୀୟ ରାଜାମାନଙ୍କର ପୁରୁଷାନୁ-କ୍ରମିକ ନାମ ସହିତ ମାଦଳାପାଞ୍ଜିରୁ ମିଳୁଥିବା ଗଙ୍ଗବଂଶୀୟ ରାଜା-ମାନଙ୍କର ନାମରେ ସାମ୍ୟ ନଥିବାରୁ ମାଦଳାପାଞ୍ଜିର ଐତିହାସିକତା ପ୍ରତି ତାଙ୍କର ସନ୍ଦେହ ପୂର୍ଣ୍ଣମାତ୍ରାରେ ହୋଇଥିଲା ଓ ଏଥିପାଇଁ ସେ ଏପରି ଦୃଢ଼ ଭାବରେ ନିଜର ମତବ୍ୟକ୍ତ କରିବାକୁ ସମର୍ଥ ହୋଇଥିଲେ ।

ଏହାପରେ ପୁରୀ ଜିଲାର ଭୁବନେଶ୍ୱରରେ କେତୋଟି ନୂତନଲିପି ଉପରେ ଏକ ପ୍ରବନ୍ଧ ୧୮୯୨ ଜୁଲାଇ ତା ୭ରେ ଏସିଆଟିକ ସୋସାଇଟିର ଏକ ସଭାରେ ମନମୋହନ ଚକ୍ରବର୍ତ୍ତୀ ପାଠ କରିଥିଲେ ଓ ଏହି ପ୍ରବନ୍ଧର ସାରାଂଶ ସୋସାଇଟିର ମାସିକ 'ବିବରଣୀ' (Proceedings) ଭାଗରେ ପୃ ୧୪୦-୪୧ ପୃଷ୍ଠାରେ ମୁଦ୍ରିତ ହୋଇଥିଲା । ମାଦଳାପାଞ୍ଜି ସମ୍ପର୍କରେ ସେ ଯାହା ଲେଖିଥିଲେ, ତାହା ଉଦ୍ଧୃତ ହେଲା ।

"ଷ୍ଟାର୍ଲିଂ, ପ୍ରିନ୍‌ସେପ, ହଣ୍ଟର ଓ ରାଜେନ୍ଦ୍ରଲାଲ ମିତ୍ରଙ୍କ ଗବେଷଣା ସତ୍ତ୍ୱେ ଓଡ଼ିଶାର ଇତିହାସ ଅଦ୍ୟାପି ତମସାଚ୍ଛନ୍ନ ରହିଅଛି । ଏସବୁ ଲେଖାର ମାଦଳାପାଞ୍ଜି ଏକମାତ୍ର ଉପକରଣ । ମାମଲାପାଞ୍ଜି ଅତ୍ୟନ୍ତ ଆପଦପୂର୍ଣ୍ଣ ଓ ଭ୍ରାନ୍ତିମୂଳକ ଲେଖା । କାରଣ ଏହା ଅସନ୍ତୋଷଜନକ, ଅସମ୍ପୂର୍ଣ୍ଣ ଭାବରେ ବିବୃତ ଓ ସ୍ଥଳ ବିଶେଷରେ ପରସ୍ପର ବିରୋଧୀ କିମ୍ବଦନ୍ତୀ ଉପରେ ଲିଖିତ ହୋଇଅଛି ।"

'ଭୁବନେଶ୍ୱର ଶିଳାଲିପି' ଉପରେ ୧୮୯୨ରେ ପଠିତ ପ୍ରବନ୍ଧଟି ୧୮୯୩ ଏସିଆଟିକ୍ ସୋସାଇଟି ପତ୍ରିକାରେ ଓ ୧୮୯୧ରେ ପଠିତ 'ନରସିଂହଦେବ ୪ର୍ଥ' ଓ ଶୁଳ୍କୀବଂଶୀୟ ତମ୍ବାପଟ୍ଟା ଉପରେ ଲିଖିତ ପ୍ରବନ୍ଧଦ୍ୱୟ ୧୮୯୫ର ଏ ସୋ ପତ୍ରିକାରେ ମୁଦ୍ରିତ ହୋଇଥିଲା ।

ଏହାପରେ 'ଓଡ଼ିଶାର ଭାଷା ଓ ସାହିତ୍ୟ' ଉପରେ ମନମୋହନ ଚକ୍ରବର୍ତ୍ତୀ ଯେଉଁ ପ୍ରବନ୍ଧ ଲେଖିଥିଲେ, ତାହାର ଏକମ ଓ ୨ୟ ଭାଗ ୧୮୯୭ ଓ ୩ୟ ଓ ୪ର୍ଥ ଭାଗ ୧୮୯୮ର ଏ ସୋ ପତ୍ରିକାରେ ମୁଦ୍ରିତ ହୋଇଥିଲା । ଏହି ପ୍ରବନ୍ଧର ପରିଶିଷ୍ଟରେ ମାଦଳାପାଞ୍ଜି ଉପରେ ପୃ ୩୬୭-୭୯ରେ ଓ ଖୋର୍ଦ୍ଧା ରାଜାମାନଙ୍କ ଉପରେ ପୃ ୩୮୦-୮୪ରେ କେତେକ କଥା ଲେଖିଥିଲେ ।

ମନମୋହନ ଚକ୍ରବର୍ତ୍ତୀ, ସମସାମୟିକ ଲିପିଦ୍ୱାରା ମାଦଳାପାଞ୍ଜିର ଅସାରତା ବିଷୟ ଗବେଷଣାରେ ଲିପ୍ତଥିବା ସମୟରେ ଫ୍ଲିଟ ସାହେବଙ୍କ ଦ୍ୱାରା ଲିଖିତ ଓ 'ଏପିଗ୍ରାଫିଆ ଇଣ୍ଡିକା' ଗ୍ରନ୍ଥମାଳାରେ ୧୮୯୪-୯୫ ବର୍ଷର ୩ୟ ଭାଗରେ ମୁଦ୍ରିତ "କଟକର ସୋମବଂଶୀ ରାଜାମାନଙ୍କର ତମ୍ବାପଟା ସମୂହ" ନାମଧେୟ ଏକ ଦୀର୍ଘ ପ୍ରବନ୍ଧ ମୁଦ୍ରିତ ହୋଇଥିଲା । ଏହି ପ୍ରବନ୍ଧରେ ଫ୍ଲିଟ ସାହେବ ମାଦଳା ପାଞ୍ଜି ଉପରେ ମନମୋହନ ଚକ୍ରବର୍ତ୍ତୀଙ୍କ ସହିତ ସନ୍ଧାନ ହୋଇ ପୁଙ୍ଖାନୁପୁଙ୍ଖ ଭାବରେ ଆଲୋଚନା କରିଥିଲେ । ଲିପିତତ୍ତ୍ୱରେ ଫ୍ଲିଟ ଯେପରି ପ୍ରବୀଣ, ମନମୋହନ ଚକ୍ରବର୍ତ୍ତୀ ସେହିପରି ନବୀନ ଥିଲେ—କିନ୍ତୁ ଉଭୟଙ୍କର ଗବେଷଣାକୁ ତୁଳନା କଲେ ମନମୋହନଙ୍କର ବୈଜ୍ଞାନିକ ଦୃଷ୍ଟିକୋଣ ଫ୍ଲିଟଙ୍କଠାରୁ ସୂକ୍ଷ୍ମ ଥିବାର

ବିଶ୍ୱାସ ହୁଏ । ଫ୍ଲିଟ ସାହେବଙ୍କର ଯୁକ୍ତି ଜାଣିବାପାଇଁ ଯେଉଁମାନେ ଇଚ୍ଛୁକ, ସେମାନେ ଏପିଗ୍ରାଫିଆ ଇଣ୍ଡିକାର ୩ୟ ଭାଗର ପୃ୩୩୪-୩୪୦ ଷ୍ଟା ପାଠ କରିପାରନ୍ତି । ମନମୋହନ ଚକ୍ରବର୍ତ୍ତୀଙ୍କ ଲେଖାର ନିମ୍ନୋକ୍ତ ଉଦ୍ଧାରରୁ ପ୍ରତିପନ୍ନ ହେବ ଯେ କିପରି ଭାବରେ ମନମୋହନ ଚକ୍ରବର୍ତ୍ତୀ ସ୍ୱାଧୀନ ଓ ନିର୍ଭୁଲ ରୀତିରେ 'ମାଦଳା ପାଞ୍ଜିର ପାଠ ସମାଲୋଚନା କରିଥିଲେ ଓ କିପରି ଭାବରେ ଫ୍ଲିଟଙ୍କଠାରୁ ତାଙ୍କର ମତ ସ୍ୱତନ୍ତ୍ର ଥିଲା' ।

"ମାଦଳାପାଞ୍ଜିର ଐତିହାସିକ ମୂଲ୍ୟ ଅତିରିକ୍ତ ଭାବରେ ନିର୍ଦ୍ଦିଷ୍ଟ ହୋଇଛି । ଏଥିରେ ମୌଳିକ କଥା ମଧ୍ୟ ଠିକ୍ ଭାବରେ ଲିଖିତ ହୋଇ ନାହିଁ । ତା ଛଡ଼ା ଇତିହାସର କଥା ତାଳପତ୍ରରେ ଲିଖିତ ହୋଇଥିବା ଯୋଗୁଁ ଶତବର୍ଷ ମଧ୍ୟରେ ତିନି ଚାରି ଥର ନକଲ କରାଯାଉ ଥିଲା ଓ ନକଲ ସମୟରେ ବହୁତ ଭୁଲ ବିଶେଷତଃ ସଂଖ୍ୟାରେ ଲିଖିତ ହେଉଥିଲା । ପରିଶେଷରେ ସେବା ମଧ୍ୟ ମୁସଲମାନଙ୍କ ଦୌରାତ୍ମ୍ୟରୁ ବହୁତ ଥର ବନ୍ଦ ରହିଥିଲା ଓ ସେହି ସମୟରେ ଅବଶ୍ୟ ଅନେକ ପୋଥି ମଧ୍ୟ ନଷ୍ଟ ହୋଇଥିଲା । ଏଣୁ ପାଠରେ ବହୁତ ଭୁଲ ଅଛି ଓ ଅନ୍ୟାନ୍ୟ ପ୍ରମାଣ ବ୍ୟତିରେକ ତାହା କଦାପି ଗୃହୀତ ହୋଇ ନପାରେ । ପରବର୍ତ୍ତୀ ଲେଖକମାନେ କେବଳ ଏକମାତ୍ର ରାଜଚରିତର ପାଠ ଉପରେ ନିର୍ଭର କରି ଭ୍ରମରେ ପଡ଼ି ଅଛନ୍ତି । କାରଣ ମାଦଳାପାଞ୍ଜିର ପାଞ୍ଚ ଛଅଟି ଅଲଗା ଅଲଗା ଲେଖାଥିବାର ଜଣାଯାଏ । ଗୋଟିକରେ ବା ଅନ୍ୟଟିରେ ସତ୍ୟ ଥାଇପାରେ । ବିଭିନ୍ନ ପୋଥି ସାହାଯ୍ୟରେ ବଂଶାବଳୀ ପ୍ରସ୍ତୁତ କରିବା ପାଇଁ କିପରି ଅସୁବିଧା ହୋଇଛି, ତାହା ଖୋର୍ଦ୍ଧା ରାଜାମାନଙ୍କର ବଂଶ ତାଲିକାରୁ ଜଣା ଯାଇଛି ।

* * *

"ଏହା ଲେଖିସାରିବା ପରେ "ଏପିଗ୍ରାଫିଆ ଇଣ୍ଡିକା'ରେ ମୁଦ୍ରିତ ହୋଇଥିବା ମାଦଳାପାଞ୍ଜି ସମ୍ପର୍କରେ ଡାକ୍ତର ଫ୍ଲିଟ ସାହେବ ଏକ ଚିଠି ଲେଖି ମୋର ଦୃଷ୍ଟି ତତ୍ପ୍ରତି ଆକର୍ଷଣ କରିଅଛନ୍ତି । ଡାକ୍ତର ଫ୍ଲିଟ ପ୍ରାଚୀନ କାଳର ତାଲିକାକୁ ଯଦୃଚ୍ଛାକାରରେ ଆଲୋଚନା କରି

ଅଛନ୍ତି ଓ ପ୍ରାଚୀନ ଇତିହାସ ଉଦ୍ଦେଶ୍ୟରେ ଏହି ଲେଖା ଏକାବେଳକେ ଅବ୍ୟବହାର୍ଯ୍ୟ ବୋଲି ମତ ପୋଷଣ କରି ଅଛନ୍ତି (ପୃ୩୩୫) । ମୁଁ ଠିକ୍ ସେହି ସିଦ୍ଧାନ୍ତରେ ଉପନୀତ ହୋଇଥିଲି, ଯେତେବେଳେ ମାଦଳାପାଞ୍ଜିର ହାତଲେଖା ପୋଥି ଉପରେ ଗବେଷଣା କରୁଥିଲି । ୧୮୯୨ର ଜୁଲାଇ ମାସରେ ଏସିଆଟିକ ସୋସାଇଟିର ମାସିକ ବିବରଣୀରେ ମୋ ଦ୍ୱାରା ପଠିତ ପ୍ରବନ୍ଧର ସାରାଂଶରେ ମାଦଳାପାଞ୍ଜିର ଐତିହାସିକ ଅଂଶର ଅବିଶ୍ୱାସନୀୟତା ସାଧାରଣ ଭାବରେ ଲେଖିଥିଲି ଓ ମତ ପ୍ରକାଶ କରିଥିଲି ଯେ ନିତାନ୍ତ ପକ୍ଷରେ ପ୍ରମାଣମୂଳକ ସମର୍ଥନ ସହି ଏହା ବ୍ୟବହାର କରାଯାଇ ପାରେ । ଡାକ୍ତର ଫ୍ଲିଟଙ୍କର ସିଦ୍ଧାନ୍ତ ମୋର ଅଭିମତକୁ ପୂର୍ଣ୍ଣମାତ୍ରାରେ ସମର୍ଥନ କରୁଅଛି ।

ଡାକ୍ତର ଫ୍ଲିଟଙ୍କର ଉପାଦେୟ ପ୍ରବନ୍ଧରେ ଆଲୋଚିତ କେତେକ ବିଷୟରେ ମୁଁ ସ୍ୱତନ୍ତ୍ରମତ ପୋଷଣ କରୁଅଛି ।

ପ୍ରଥମତଃ ସେ ସ୍ୱୀକାର କରନ୍ତି ଯେ କେଶରୀ ରାଜାମାନଙ୍କ ମଧ୍ୟରୁ ଅଧିକାଂଶ ରାଜାଙ୍କ ସମ୍ବନ୍ଧରେ ବୋଲାଯାଇପାରେ, କେବଳ କାହାରି ହେଲେ ଜଣକ ସମ୍ବନ୍ଧରେ ପ୍ରାଚୀନତାର ଚିହ୍ନ ମାତ୍ର ନାହିଁ, ସେମାନେ ବୋଧହୁଏ ପରବର୍ତ୍ତୀ କାଳର ରାଜାମାନଙ୍କର ପ୍ରକୃତ ନାମ ହୋଇପାରେ, ସେମାନଙ୍କୁ ଧାରାବାହିକ ଭାବରେ ଲେଖିବାକୁ ଯାଇ ଯଥା ସ୍ଥାନରେ ରଖା ଯାଇ ନାହିଁ (ପୃ୩୩୬) । ଓଡ଼ିଶାର ଗୋଟିଏ ଲିପିରେ କେଶରୀ ରାଜାମାନଙ୍କର ନାମ ଥିବାର କଥା ମୁଁ ଜାଣେ । ଏହା ଭୁବନେଶ୍ୱରର ବ୍ରହ୍ମେଶ୍ୱରର ଶିଳାଲିପି । ଏହି ଲିପିରେ ଉଦ୍ୟୋତ କେଶରୀ ଓ ତାଙ୍କର ପୂର୍ବପୁରୁଷ ଜନମେଜୟ, ଦୀର୍ଘରବ, ଚଣ୍ଡୀହର ଓ କୋଳାବର୍ତ୍ତଙ୍କର ନାମ ଅଛି । ଜନମେଜୟ ଓ କୋଳାବର୍ତ୍ତଙ୍କର ନାମ ମାଦଳାପାଞ୍ଜିରେ ଅଛି । ଏଣୁ ତାଙ୍କଦ୍ୱାରା ସୂଚିତ କେଶରୀ ରାଜାମାନଙ୍କୁ ପୌରାଣିକ ବା ପରବର୍ତ୍ତୀ କାଳୀନ ବୋଲି ସ୍ୱୀକାର କରିବା ଉଚିତ ନୁହେଁ ।

ଦ୍ୱିତୀୟତଃ ମାଦଳାପାଞ୍ଜି ଅନୁସାରେ ବଜ୍ରଦେବ ଓ ତାଙ୍କର ବଂଶଧର ମାନଙ୍କ ଦ୍ୱାରା ଯବନ ଆକ୍ରମଣ ପରାଭୂତ ହେବା ଓ ଗୁପ୍ତଯୁଗର ଶୋଭନ ଦେବଙ୍କ ସମୟରେ ଯବନ ଆକ୍ରମଣରୁ କୃତକାର୍ଯ୍ୟ ହେବା

ସଂପର୍କରେ ଡାକ୍ତର ଫ୍ଲିଟଙ୍କର ଅନ୍ୟ କୌଣସି ସନ୍ଦେହ ନ ଥିଲା । ସେ ସବୁ ଆକ୍ରମଣ ତ୍ରୟୋଦଶ ଓ ପରବର୍ତ୍ତୀ ଶତାବ୍ଦୀରେ ଘଟିଥିବା ମୁସଲମାନ ଆକ୍ରମଣ ବ୍ୟତୀତ ଅନ୍ୟ କିଛି ନୁହେଁ ; ଯଥାର୍ଥରେ ୧୬ଶ ଶତାବ୍ଦୀରେ ସେମାନଙ୍କ ଦ୍ୱାରା ଓଡ଼ିଶା ଅଧିକୃତ ହୋଇଥିଲା (ପୃ୩୩୯) । ପାଞ୍ଜି ଲିଖିତ ପ୍ରାଚୀନ ବିବରଣକୁ ଅତି ସୁନ୍ଦର ଭାବରେ ଅସାରତା ପୂର୍ଣ୍ଣ ବୋଲି ସ୍ଥିର କରିବା ପରେ ଏହା ଅତି ବିସ୍ମୟର କଥା ଯେ ଡାକ୍ତର ଫ୍ଲିଟ ଏପରି ଏକ ସିଦ୍ଧାନ୍ତରେ ଉପନୀତ ହୋଇ ଅଛନ୍ତି ! ମୋର ଅନୁମାନ ଯେ ରକ୍ତବାହୁ ଓ ଯବନ ବ୍ୟାପାର ଏକ ଗାଲୁଗଳ୍ପ ବ୍ୟତୀତ ଅନ୍ୟକିଛି ନୁହେଁ । ନିତାନ୍ତ ପକ୍ଷରେ ଯଦି ସେମାନଙ୍କୁ ଚିହ୍ନଟ କରିବାର ବୋଲି ମନେ ହୁଏ, ତେବେ ମୁଁ ସେମାନଙ୍କୁ ଦକ୍ଷିଣ ଦେଶର ବୌଦ୍ଧ ବା ଜୈନ ରାଜା ବୋଲି କହିପାରେ ।”

୧୮୯୯ ଏପ୍ରିଲରେ “କଟକ ଜିଲାର ଗୋପିନାଥ ପୁରରୁ ପ୍ରାପ୍ତ କପିଳେନ୍ଦ୍ରଦେବଙ୍କ ସମୟର ଏକ ଶିଳାଲିପି” ନାମକ ଏକ ପ୍ରବନ୍ଧ ମନମୋହନ ଚକ୍ରବର୍ତ୍ତୀ କଲିକତାର ଏସିଆଟିକ୍ ସୋ ପତ୍ରିକାରେ ମୁଦ୍ରିତ ସଭାରେ ପାଠ କରିଥିଲେ । ଏହି ପ୍ରବନ୍ଧଟି ୧୯୦୦ର ଏ ସୋସାଇଟି ପତ୍ରିକାରେ ମୁଦ୍ରିତ ହୋଇଥିଲା । ଏହାର ପରିଶିଷ୍ଟରେ ଓଡ଼ିଶାର ଶେଷ ହିନ୍ଦୁ ରାଜାଗଣଙ୍କର ଇତିହାସ ଆଲୋଚନା କରି ସେ ଲେଖିଥିଲେ :—

ଓଡ଼ିଶାର ଏହି ରାଜାମାନଙ୍କ ସମ୍ବନ୍ଧରେ ଅତି ଅଳ୍ପ ବିଶ୍ୱାସଯୋଗ୍ୟ କଥା ଜଣା ଯାଇଛି । ଏହି ତମସାଚ୍ଛନ୍ନ ଅଧ୍ୟାୟ ବିଷୟରେ କିଛି ଲିପି ପ୍ରମାଣ ଯୁକ୍ତ ଓ ମାଦଳାପାଞ୍ଜି ଓ ଅନ୍ୟାନ୍ୟ ପ୍ରମାଣଦ୍ୱାରା ସମର୍ଥିତ କେତେକ ବିବରଣୀ ସାହାଯ୍ୟରେ ଆଲୋକପାତ କରିବାର ସମୟ ଆସିଅଛି ।

ଏହି ପ୍ରବନ୍ଧରେ ଖ୍ରୀ: ୧୦୩୪-୩୫ଠାରୁ ୧୫୬୮ ପର୍ଯ୍ୟନ୍ତ ଏହି ସମୟ ମଧ୍ୟରେ ରାଜତ୍ୱ କରିଥିବା (୧) ସୂର୍ଯ୍ୟବଂଶୀ, (୨) ଭୋଇବଂଶୀ ଓ (୩) ତେଲଙ୍ଗାବଂଶୀ ରାଜାମାନଙ୍କର କଥା ଲେଖିଥିଲେ ଓ ଏଥିରେ ଯେଉଁ କାଳନିର୍ଣ୍ଣୟ ଧରିଥିଲେ, ତାହା କେବଳମାତ୍ର ଲିପିଯୁକ୍ତ ପ୍ରମାଣ

ଉପରେ ସ୍ଥିର କରିଥିଲେ ଓ ମାଦଳାପାଞ୍ଜିରେ ଥିବା ରାଜତ୍ୱ କାଳ ପରିତ୍ୟାଗ କରିଥିଲେ ।

୧୯୦୩ ଅଗଷ୍ଟରେ ମନମୋହନ ଚକ୍ରବର୍ତ୍ତୀଙ୍କ ଦ୍ୱାରା ଲିଖିତ "ଓଡ଼ିଶାର ଗଙ୍ଗ ରାଜାମାନଙ୍କର ରାଜତ୍ୱକାଳ ନିରୂପଣ" (**Chronotogy of eastern Ganga Kings of Orissa**) ନାମକ ପ୍ରବନ୍ଧ ଏସିଆଟିକ୍ ସୋସାଇଟି ପତ୍ରିକାରେ ମୁଦ୍ରିତ ହୋଇଥିଲା । ଏହି ୫୦ ପୃଷ୍ଠା ବ୍ୟାପି ପ୍ରବନ୍ଧ ଲେଖିବା ପାଇଁ ତାଙ୍କୁ ଦୀର୍ଘ ୧୦ ବର୍ଷ କାଳ ପରିଶ୍ରମ କରିବାକୁ ପଡ଼ିଥିଲା । ୧୮୯୧ରେ ଗଙ୍ଗବଂଶୀ ନରସିଂହଦେବ ୪ର୍ଥଙ୍କର ଦୁଇଟି ତମ୍ବାପଟା ତାଙ୍କ ଦ୍ୱାରା ପଠିତ ହୋଇଥିଲା । ଏହି ତମ୍ବାପଟା ଗୁଡ଼ିକରେ ଚୋଡ଼ଗଙ୍ଗଦେବଙ୍କ ଠାରୁ ନରସିଂହଦେବ ୪ର୍ଥଙ୍କ ପର୍ଯ୍ୟନ୍ତ ରାଜାମାନଙ୍କର ରାଜତ୍ୱ କାଳ ଲିଖିତ ଅଛି । ୧୮୯୪ ରେ "ଦକ୍ଷିଣ ଭାରତୀୟ ଲିପିମାଳାର ବାର୍ଷିକ ରିପୋର୍ଟ" (**Annual Report of the South Indian insciptions**) ମୁଦ୍ରିତ ହୋଇଥିଲା । ଏଥିରେ ଓଡ଼ିଶାର ଗଙ୍ଗରାଜାମାନଙ୍କ ସମୟରେ ଲିଖିତ ମୁଖଲିଙ୍ଗ, ଶ୍ରୀକୁର୍ମ ଓ ସିଂହାଚଳ ମନ୍ଦିର ଗୁଡ଼ିକରେ ଥିବା ଲିପିସମୂହ ମୁଦ୍ରିତ ହୋଇଥିଲା । ଏହି ଲିପି ଗୁଡ଼ିକର ସାହାଯ୍ୟରେ ଗଙ୍ଗବଂଶୀୟ ତମ୍ବାପଟା ଗୁଡ଼ିକରୁ ମିଳୁଥିବା ରାଜାମାନଙ୍କର ରାଜତ୍ୱକାଳ ନିର୍ଭୁଲ ଭାବରେ ନିର୍ଣ୍ଣୟ କରିବାର ଏକ ଅପୂର୍ବ ସୁଯୋଗ ପାଇଥିଲେ । ଏହି ସମସାମୟିକ ପ୍ରମାଣଦ୍ୱାରା ଗଙ୍ଗ-ରାଜାମାନଙ୍କର ନିର୍ଣ୍ଣୀତ ରାଜତ୍ୱକାଳ ଓ ନାମ ଦ୍ୱାରା ମାଦଳାପାଞ୍ଜିରେ ମିଳୁଥିବା ଗଙ୍ଗରାଜାମାନଙ୍କର ନିର୍ଣ୍ଣୟକାଳ କୃତ୍ରିମ ବୋଲି ପ୍ରମାଣିତ ହେଲା । ଏହି ପ୍ରବନ୍ଧରେ ଚୋଡ଼ଗଙ୍ଗଙ୍କ ରାଜତ୍ୱକାଳ ଖ୍ରୀ: ୧୦୭୬ ଠାରୁ ୧୧୪୭ ପର୍ଯ୍ୟନ୍ତ ସେ ସ୍ଥିର କରିଥିଲେ । ଚୋଡ଼ଗଙ୍ଗ ପ୍ରକୃତରେ ତାଙ୍କର କ୍ଷୁଦ୍ର ପୈତୃକ ରାଜ୍ୟରେ ଖ୍ରୀ: ୧୦୭୬ରେ ରାଜା ହୋଇଥିଲେ । ଚୋଡ଼ଗଙ୍ଗ ଖ୍ରୀ: ୧୧୧୧ ପୂର୍ବରୁ ଉତ୍କଳ ଅଧିକାର କରିନଥିଲେ । ଏଣୁ ଚୋଡ଼ଗଙ୍ଗଙ୍କର ଓଡ଼ିଶାରେ ରାଜତ୍ୱକାଳ ଖ୍ରୀ: ୧୧୧୧ ଠାରୁ ୧୧୪୭ ବୋଲି ଧରିବା ସଙ୍ଗତ ।

ଖୋର୍ଦ୍ଧାର ରାଜାଗଣ (୧୮୯୮) (୨) ଓଡ଼ିଶାର ଶେଷ ସ୍ୱାଧୀନ ରାଜାଗଣ (୧୯୦୦) ଓ (୩) ଓଡ଼ିଶାର ଗଙ୍ଗ ରାଜାଗଣ ୧୯୦୩) ଏହି ତିନୋଟି ପ୍ରବନ୍ଧରେ ମନମୋହନ ଚକ୍ରବର୍ତ୍ତୀ ଓଡ଼ିଶା ଇତିହାସର କାଳ ନିରୂପଣ ଖ୍ରୀ: ୧୦୭୬ ବା ଚୋଡ଼ଗଙ୍ଗଙ୍କ ଓଡ଼ିଶା ଅଧିକାର ଖ୍ରୀ: ୧୦୧୧ ଠାରୁ ଖ୍ରୀ: ୧୮୧୭ ଯାଏଁ ସ୍ଥିର କରିଥିଲେ । ଏହି ସମୟ ମଧ୍ୟରେ ତାଙ୍କ ସମୟରେ ନିମ୍ନ ଲିଖିତ କାଳ ତମସାଚ୍ଛନ୍ନ ଥିଲା ।

୧ ଖ୍ରୀ: ୧୪୦୨ ଠାରୁ ଖ୍ରୀ: ୧୪୩୪
୨ ଖ୍ରୀ: ୧୫୨୦ ଠାରୁ ଖ୍ରୀ: ୧୫୫୯
୩ ଖ୍ରୀ: ୧୫୬୮ ଠାରୁ ଖ୍ରୀ: ୧୬୯୨

୧୮୯୮ ଠାରୁ ଗତ ୬୦ ବର୍ଷ ଗବେଷଣା ଫଳରେ ଖ୍ରୀ: ୧୪୦୨ ଠାରୁ ୧୪୩୪ ପର୍ଯ୍ୟନ୍ତ ସମୟ ମଧ୍ୟରେ ଗଙ୍ଗବଂଶୀୟ ନରସିଂହ ଦେବ ୪ର୍ଥ (୧୩୭୮-୧୪୧୪) ଓ ଭାନୁଦେବ ୪ର୍ଥ (୧୪୧୪ରୁ ୧୪୩୪) ରାଜତ୍ୱ କରୁଥିବାର ପ୍ରମାଣ ମିଳିଛି । ସେହିପରି ଖ୍ରୀ: ୧୫୨୦ ଠାରୁ ଖ୍ରୀ: ୧୫୫୯ ପର୍ଯ୍ୟନ୍ତ ସମୟ ମଧ୍ୟରେ ସୂର୍ଯ୍ୟବଂଶୀୟ ପ୍ରତାପରୁଦ୍ର ଦେବ (୧୫୧ -୧୫୩୩) ଭୋଇବଂଶୀୟ ଗୋବିନ୍ଦ ଦେବ (୧୫୩୩-୧୫୪୩ ଓ ପ୍ରତାପଦେବ (୧୫୪୩-୧୫୪୮) ପର୍ଯ୍ୟନ୍ତ ରାଜତ୍ୱ କରି ଥିବାର ପ୍ରମାଣ ମିଳିଛି । ଖ୍ରୀ: ୧୫୪୮ରୁ ୧୫୫୯ ପର୍ଯ୍ୟନ୍ତ ସମୟ ମଧ୍ୟରେ ଓଡ଼ିଶାର ଇତିହାସ ଅଦ୍ୟାପି ତମସାଚ୍ଛନ୍ନ ରହିଛି । କେବଳ ମାଦଳାପାଞ୍ଜିର କିମ୍ବଦନ୍ତୀରୁ ଏହି ସମୟ ମଧ୍ୟରେ ନରସିଂହ ରାୟ ଜେନା ଓ ରଘୁରାମ ଜେନାଙ୍କର ନାମ ମିଳେ । ଖ୍ରୀ: ୧୫୬୮ ଠାରୁ ୧୬୯୨ ପର୍ଯ୍ୟନ୍ତ ସମୟ ମଧ୍ୟରେ ରାଜତ୍ୱ କରିଥିବା ଭୋଇ ବଂଶୀୟ ରାଜାମାନଙ୍କର ରାଜତ୍ୱକାଳ ନିଃସନ୍ଦେହ ଭାବରେ ନିର୍ଣ୍ଣୟ କରିବା ପାଇଁ ମୋର ବନ୍ଧୁ ଶ୍ରୀ କେଦାରନାଥ ମହାପାତ୍ର ବହୁ ପରିଶ୍ରମ କରି ଖୋର୍ଦ୍ଧା ରାଜବଂଶର ଇତିହାସ ଯତ୍ନ ସହକାରେ ସମସାମୟିକ ଉପାଦାନ ଉପରେ ଲେଖି ଅଛନ୍ତି ମୋର ଆଶା ହୁଏ ଯେ ସେ ସମସ୍ତ ସନ୍ଦେହ ଦୂର କରିବା ପାଇଁ ସମର୍ଥ ହେବେ । ଏଥିରୁ ସ୍ପଷ୍ଟ ପ୍ରମାଣିତ ହେଉଅଛି ଯେ ମାଦଳାପାଞ୍ଜିର ଉପକରଣ ଅନୁସରଣ କରି ଷ୍ଟାର୍ଲିଂ

ହାଣ୍ଟରେ ପ୍ୟାରୀମୋହନ ଆଚାର୍ଯ୍ୟ ପ୍ରଭୃତି ଊନବିଂଶ ଶତାବ୍ଦୀର ଐତିହାସିକମାନେ ଗଙ୍ଗବଂଶର ରାଜତ୍ୱକାଳରୁ ଓଡ଼ିଶାର ଇଂରାଜ ଅଧିକାର ପର୍ଯ୍ୟନ୍ତ ରାଜା ମାନଙ୍କର ନାମ ଓ ରାଜତ୍ୱକାଳକୁ ଯେପରି ଭାବରେ ସ୍ଥିର କରିଥିଲେ ତାହା ଏକାବେଳକେ ଭ୍ରାନ୍ତିପୂର୍ଣ୍ଣ । ମନମୋହନ ଚକ୍ରବର୍ତ୍ତୀଙ୍କର ଦୀର୍ଘକାଳ ଅକ୍ଳାନ୍ତ ପରିଶ୍ରମର ଫଳ ସ୍ୱରୂପ ଓଡ଼ିଶାର ଇତିହାସରେ ଚୋଡ଼ଗଙ୍ଗଙ୍କ ରାଜତ୍ୱ ସମୟରୁ ଇଂରାଜ ଅଧିକାର ପର୍ଯ୍ୟନ୍ତ ୭୦୦ ବର୍ଷର କାଳ ନିର୍ଣ୍ଣୟ ବୈଜ୍ଞାନିକ ପ୍ରଣାଳୀରେ ସ୍ଥିରୀକୃତ ହୋଇଅଛି ।

୧୯୦୩ ପରେ ମନମୋହନ ଚକ୍ରବର୍ତ୍ତୀଙ୍କର ଗବେଷଣା କେବଳ ଓଡ଼ିଶାରେ ନିବଦ୍ଧ ରହି ନ ଥିଲା । ମୁସଲମାନ ରାଜତ୍ୱରେ ବଙ୍ଗ ଓ ମିଥିଳାର ରାଜନୈତିକ ଇତିହାସ ପ୍ରତି ଦୃଷ୍ଟିଦେଇ ସେ ଅନେକ ଗୁଡ଼ିଏ ପ୍ରବନ୍ଧ ଏ: ସୋ: ପତ୍ରିକାରେ ଲେଖିଥିଲେ । ତତ୍ପରେ ବଙ୍ଗ ଓ ମିଥିଳାର ସଂସ୍କୃତି, ସାହିତ୍ୟ, କବି ଓ ଗ୍ରନ୍ଥକାର ମାନଙ୍କ ଉପରେ କେତେଗୁଡ଼ିଏ ପ୍ରବନ୍ଧ ମଧ୍ୟ ଲେଖିଥିଲେ ।

ମନମୋହନ ଚକ୍ରବର୍ତ୍ତୀଙ୍କର ଇତିହାସ ଗବେଷଣାରେ ଦେଶର ରାଜନୈତିକ ଇତିହାସ ସହିତ ସାଂସ୍କୃତିକ ଇତିହାସ ଜଡ଼ିତ ଥିଲା । ତଦୁପରି ସେ ଦେଶର ଐତିହାସିକ ଭୂଗୋଳପ୍ରତି ଦୃଷ୍ଟି ଦେଇଥିଲେ । ବଙ୍ଗର ପ୍ରାଚୀନ ଭୂଗୋଳ ଉପରେ ତାଙ୍କର ପ୍ରବନ୍ଧ ୧୯୦୮ରେ ଓ "ଷୋଡ଼ଶ ଶତାବ୍ଦୀର ଓଡ଼ିଶାର ଭୂଗୋଳ" ୧୯୧୬ରେ ଏସିଆଟିକ୍ ସୋସାଇଟି ପତ୍ରିକାରେ ପ୍ରକାଶିତ ହୋଇଥିଲା । ବଙ୍ଗ ଓ ଓଡ଼ିଶାର ଐତିହାସିକ ଭୂଗୋଳ ପାଇଁ ଏହି ଦୁଇଟି ପ୍ରବନ୍ଧ ଅତି ଉପାଦେୟ । ଓଡ଼ିଶାର ଐତିହାସିକ ଭୂଗୋଳର ଉପାଦାନ ସେ ମାଦଳାପାଞ୍ଜିର ଦେଶଖଞ୍ଜା ବା ଜଗନ୍ନାଥ ଓ କୃତ୍ତିବାସଙ୍କ ନାମରେ ଥିବା ଦେବୋତ୍ତର ଜମି ତାଙ୍କ ଦ୍ୱାରା ସଂଗୃହୀତ ହୋଇଥିଲା । ଏହା ସହିତ ଆଇନର ଆକବରୀ ଗ୍ରନ୍ଥରେ ଥିବା ସୁବା ଓ ମହଲ ଗୁଡ଼ିକୁ ମିଳାଇବାର ସୁଯୋଗ ତାଙ୍କୁ ମିଳିଲା—ଆଇନର ଆକବରୀ ଗ୍ରନ୍ଥର ଫାରସି ପାଠ୍ୟ ପଠନ ଦୋଷରୁ ସ୍ଥାନ ମାନଙ୍କର ନାମ ବିକୃତାକାର ଧାରଣ କରିଥିଲା ଓ ତାହାର ଇଂରାଜୀ ଅନୁବାଦ ତଦନୁସାରେ ହୋଇଥିବାରୁ ପ୍ରକୃତ ଓଡ଼ିଆ ନାମ ଠିକ୍ କରିବା

କଷ୍ଟସାଧ୍ୟ ବ୍ୟାପାର ଥିଲା । ଦେଶଖଞ୍ଜାରୁ ମିଳୁଥିବା ସ୍ଥାନ ଗୁଡ଼ିକର ନାମ ସାହାଯ୍ୟରେ ଆଇନ-ଇ-ଆକବରୀ' ଗ୍ରନ୍ଥରେ ଥିବା ସ୍ଥାନ ଗୁଡ଼ିକର ଭୁଲ ପାଠ ତାଙ୍କ ଦ୍ୱାରା ସଂଶୋଧିତ ହୋଇଛି । 'ଦେଶଖଞ୍ଜା' ସହିତ ସେ ମାଦଳାପାଞ୍ଜିରୁ ସାରା ଓଡ଼ିଶାରେ ଥିବା ଦେବାଦେବୀମାନଙ୍କର ନାମ ଓ ସ୍ଥାନର ଏକ ତାଲିକା ସେ ସଂଗ୍ରହ କରିଥିଲେ । ମାଦଳାପାଞ୍ଜିର ଏହି ଦୁଇଟି ଉପାଦେୟ ଭାଗ ମୁଁ ଚେଷ୍ଟାକରି ପାଇ ନ ଥିଲି । ଏହା ଯଦି କେହି ଉଦ୍ଧାର କରି ଦେଇ ପାରନ୍ତେ,ତେବେ ସେଥିରୁ ଓଡ଼ିଶା ଇତିହାସର ଅନେକ ଉପକରଣ ମିଳି ପାରନ୍ତା ।

ମନମୋହନ ଚକ୍ରବର୍ତ୍ତୀ ୧୯୧୨ ଯାଏଁ ବଙ୍ଗ-ବିହାର ଓ ଓଡ଼ିଶା ପ୍ରଦେଶର ଡେପୁଟି ମାଜିଷ୍ଟ୍ରେଟ ଓ ଡେପୁଟି କଲେକ୍ଟରେ ଥିଲେ । ୧୯୧୨ ରେ ବିହାର ଓ ଓଡ଼ିଶା ପ୍ରଦେଶ ଗଠିତ ହେବାରୁ ସେ ବଙ୍ଗ ଦେଶରେ ରହିଲେ । ଚାକିରୀରୁ ଅବସର ନେବା ପୂର୍ବରୁ ସେ ଅନେକ ଥର ସ୍ୱାସ୍ଥ୍ୟ ପାଇଁ ଛୁଟି ଓ ଫର୍ଲୋ ନେଇଥିଲେ, କାରଣ ମୃତ୍ୟୁ ପୂର୍ବରୁ ଦୀର୍ଘ ୧୬ ବର୍ଷ ସେ ବହୁମୂତ୍ର ରୋଗ ଭୋଗ କରିଥିଲେ । ୫୬ ବର୍ଷ ବୟସରେ ୧୯୧୯ ସେପ୍ଟେମ୍ବର ତା ୧୫ ରେ ସେ ଇହଲୀଳା ସାଙ୍ଗ କଲେ । ସେ ବହୁ କୁଟୁମ୍ବୀ ଥିଲେ । ମୃତ୍ୟୁ ସମୟରେ ତାଙ୍କର ସ୍ତ୍ରୀ ନଅଜଣ ପୁତ୍ର ଚାରିଜଣ କନ୍ୟାଙ୍କ ମଧ୍ୟରୁ ଦୁଇଟି ବିବାହିତା; ପାଞ୍ଚଜଣ ଭାଇ, ଦୁଇଜଣ ବିବାହିତା ଭଉଣୀ ଜୀବିତ ଥିଲେ । ମନମୋହନ ଚକ୍ରବର୍ତ୍ତୀଙ୍କ ପୁତ୍ରଦ୍ୱୟ ଶ୍ରୀ ହରିମୋହନ ଚକ୍ରବର୍ତ୍ତୀ ଓ ଶ୍ରୀ ରାମମୋହନ ଚକ୍ରବର୍ତ୍ତୀ ଉଭୟ ଏହି ପ୍ରବନ୍ଧ ସଂକଳନପାଇଁ ମୋତେ ବିଶେଷ ସାହାଯ୍ୟ କରିଥିବାରୁ ମୁଁ ସେମାନଙ୍କ-ଠାରେ କୃତଜ୍ଞ ।

## ପରିଶିଷ୍ଟ

### ମନମୋହନ ଚକ୍ରବର୍ତ୍ତୀଙ୍କର ପ୍ରବନ୍ଧାବଳୀର ତାଲିକା

| ସଂଖ୍ୟା | ପ୍ରବନ୍ଧର ନାମ | କେଉଁଠାରେ ମୁଦ୍ରିତ | ଖ୍ରୀଷ୍ଟାବ୍ଦ |
|---|---|---|---|
| ୧ । | ପ୍ରାଚୀନ ଓଡ଼ିଶାର ସ୍ୱର୍ଣ୍ଣ ଓ ରୌପ୍ୟାଦିର ଓଜନ ଓ ପ୍ରଚଳିତ ମୁଦ୍ରା | ବଙ୍ଗୀୟ ଏସିଆଟିକ୍ ସୋସାଇଟି ପତ୍ରିକା | ୧୮୯୨ |

| | | | |
|---|---|---|---|
| ୨ । | ଓଡ଼ିଆ ଲିପି ପ୍ରବନ୍ଧର ସାରାଂଶ | ବିବରଣୀ | ୧୮୯୨ |
| ୩ । | ୧୫ଶ ଓ ୧୬ଶ ଶତାବ୍ଦୀର ଓଡ଼ିଆ ଲିପି | ,, | ୧୮୯୩ |
| ୪ । | କୁଲସ୍ତମ୍ଭ ଦେବଙ୍କର ଦୁଇଟି ତାମ୍ରପଟ୍ଟ | ,, | ୧୮୯୫ |
| ୫ । | ଓଡ଼ିଶାର ନରସିଂହ ଦେବଙ୍କର ଦୁଇଟି ତାମ୍ରପଟ୍ଟ | ,, | ୧୮୯୫ |
| ୬ । | ଓଡ଼ିଶାର ଭାଷା ଓ ସାହିତ୍ୟ ୧ମ-୨ୟ ଭାଗ | ,, | ୧୮୯୬ |
| ୭ । | ଓଡ଼ିଶାର ଭାଷା ଓ ସାହିତ୍ୟ ୩ୟ-୪ର୍ଥ ଭାଗ | ,, | ୧୮୯୮ |
| ୮ । | କପିଳେନ୍ଦ୍ର ଦେବଙ୍କର ଶିଳାଲିପି | ,, | ୧୯୦୦ |
| ୯ । | ଜୟପାଳ ଦେବଙ୍କ ଲିପି | ,, | ,, |
| ୧୦ । | ଖଣ୍ଡଗିରି ଓ ଉଦୟଗିରିର ଗୁହା ସମୂହ | ସରକାରୀ ମୁଦ୍ରଣ | ,, |
| ୧୧ । | ଓଡ଼ିଶାର ଗଙ୍ଗରାଜା ମାନଙ୍କର କାଳ ନିର୍ଣ୍ଣୟ | ସରକାରୀ ମୁଦ୍ରଣ | ୧୯୦୩ |
| ୧୨ । | କାଳିଦାସଙ୍କ ସମୟ | ଲଣ୍ଡନରେ | ୧୯୦୪ |
| ୧୩ । | କାଳିଦାସ ଓ ଗୁପ୍ତ ରାଜଗଣ | ,, | ୧୯୦୫ |
| ୧୪ । | ପବନଦୂତ ଓ ସେନରାଜଗଣ | ,, | ୧୯୦୫ |
| ୧୫ । | ସେନବଂଶ ରାଜତ୍ୱରେ ସଂସ୍କୃତ ସାହିତ୍ୟ | ,, | ୧୯୦୬ |
| ୧୬ । | ବାଲେଶ୍ୱର ଓ କଟକଗେଜେଟିଅରରେ ଇତିହାସ ଅଧ୍ୟାୟ | ସରକାରୀ ମୁଦ୍ରଣ | ୧୯୦୬-୦୭ |

| | | |
|---|---|---|
| ୧୭ । ବଙ୍ଗୀୟ କବ୍ଚ ଧୋୟିକ ଓ ସେନରାଜଗଣ | ବ: ଏ: ସୋ: ପତ୍ରିକା | ୧୯୦୮ |
| ୧୮ । ବଙ୍ଗର ଇତିହାସରେ କେତୋଟି ବିବାଦ ବା ସନ୍ଦେହପୂର୍ଣ୍ଣ ଘଟଣା ୧ମ-ଭାଗ | ,, | ୧୯୦୮ |
| ୧୯ । ଓଡ଼ିଶା ଓ ଉତ୍ତର ସରକାରର କେତୋଟି ଅପ୍ରକାଶିତ ସନନ୍ଦ* | ,, | ୧୯୦୯ |
| ୨୦ । ପ୍ରାଚୀନ ବଙ୍ଗର ଭୂଗୋଳ | ,, | ୧୯୦୮ |
| ୨୧ । ବଙ୍ଗର ମନ୍ଦିର ଓ ସେଗୁଡ଼ିକର ଲକ୍ଷଣ | ,, | ୧୯୦୮ |
| ୨୨ । ମୁସଲମାନ ରାଜତ୍ୱର ଆରମ୍ଭରେ ବଙ୍ଗର ଇତିହାସରେ କେତୋଟି ବିବାଦ ବା ସନ୍ଦେହପୂର୍ଣ୍ଣ ଘଟଣା ୨ୟ ଭାଗ | ,, | ୧୯୦୯ |
| ୨୩ । ବଙ୍ଗର ଗୌଡ଼ ଓ ଅନ୍ୟାନ୍ୟ ସ୍ଥାନ ଉପରେ ନୋଟ | ,, | ୧୯୦୯ |
| ୨୪ । ସିଲ୍ହଟର ତାମ୍ର ମୁଦ୍ରା | ,, | ୧୯୦୯ |
| ୨୫ । ବଙ୍ଗରେ ପ୍ରାକ୍-ମୋଗଲ ମସଜିଦ୍ ସମୂହ | ,, | ୧୯୦୯ |
| ୨୬ । ବଙ୍ଗର ଭଟ୍ଟଭବଦେବ | ବ: ଏ: ସୋ: ପତ୍ରିକା | ୧୯୧୦ |
| ୨୭ । ବଙ୍ଗ ଓ ମିଥିଳାରେ ନବ ନ୍ୟାୟର ଇତିହାସ | ,, | ୧୯୧୨ |
| ୨୮ । ବଙ୍ଗ ଓ ମିଥିଳାର ସ୍ମୃତି ସାହିତ୍ୟ ଇତିହାସ | ,, | ୧୯୧୨ |
| ୨୯ । ମୋଗଲ ରାଜତ୍ୱରେ ମିଥିଳାର ଇତିହାସ | ,, | ୧୯୧୬ |

| | | | |
|---|---|---|---|
| ୩୦ | ବଙ୍ଗର ଜିଲ୍ଲା ମାନଙ୍କର ସୀମା-ପରିବର୍ତ୍ତନ | ସରକାରୀ | — |
| ୩୧ | ଷୋଡ଼ଶ ଶତାବ୍ଦୀରେ ଓଡ଼ିଶାର ଭୂଗୋଳ | ବ: ଏ: ସୋ: ପତ୍ରିକା | ୧୯୧୭ |
| ୩୨ | କୁମାର ସମ୍ଭବ କାବ୍ୟର ୮ମ ସର୍ଗର ଅକୃତ୍ରିମତା | ,, | ୧୯୧୭ |
| ୩୩ | ରାମଚନ୍ଦ୍ର ଦେବଙ୍କର ତାମ୍ରପତ୍ର | ବ ଓ ଅ ସ ପତ୍ରିକା | ୧୯୧୬ |
| ୩୪ | କୋଣାର୍କର ଏକ ଓଡ଼ିଆ ଲିପି | ,, | ୧୯୧୭ |

---

* ମେକେଞ୍ଜି ସାହେବ ୧୮୧୫ରେ ଭୁବନେଶ୍ୱର ଓ କୋଣାର୍କର କେତେକ ଡ୍ରଇଂ କରିଥିଲେ । ସେହି ସବୁ ଚିତ୍ର ଉପରେ ଏ ପ୍ରବନ୍ଧ ଲିଖିତ ହୋଇଥିଲା ।

# ଓଡ଼ିଶାର ଶେଷୋକ୍ତି "ସେନାପତି" ବଂଶରାଜ

## ( ୧ )

ଓଡ଼ିଶାରେ 'ସେନାପତି' ବଂଶୀୟ ରାଜାମାନଙ୍କର ଇତିହାସ ଓଡ଼ିଶା ଇତିହାସର ଏକ ସନ୍ଧିସ୍ଥଳ । ଏହି ସମୟର ଇତିହାସ ସମ୍ୟକ-ଭାବରେ ଆଲୋଚନା କରିବାର ସୁଯୋଗ ଏ କ୍ଷୁଦ୍ର ପ୍ରବନ୍ଧର ଉଦ୍ଦେଶ୍ୟ ନୁହେ । କେବଳ ଓଡ଼ିଶାର ସେନାପତିଦ୍ୱୟ ରାଜସିଂହାସନ ଅଧିକାର କରି ଯେଉଁ ମହତ ଉଦ୍ଦେଶ୍ୟରେ ରାଜବଂଶ ସ୍ଥାପନ କରିଥିଲେ, ତାହା ଦେଶର ସ୍ୱାଧୀନତା ରକ୍ଷା କରିବା ପାଇଁ ଶେଷରେ ଅପାରଗ ହୋଇଥିଲା । କିନ୍ତୁ ଏହା ସତ୍ୟ ଯେ 'ସେନାପତି'-ରାଜବଂଶ ସ୍ଥାପିତ ହେବା ଦ୍ୱାରା ଓଡ଼ିଶାରେ ମୁସଲମାନ ଅଧିକାର ପ୍ରାୟ ୧୩୫ ବର୍ଷ ପର୍ଯ୍ୟନ୍ତ ସମ୍ଭବପର ହୋଇ ନଥିଲା ।

ଓଡ଼ିଶାରେ ଗଙ୍ଗବଂଶର ଦୀର୍ଘ ୩୦୦ ବର୍ଷ ରାଜତ୍ୱ ପରେ ଖ୍ରୀ: ୧୪୧୪-୧୫ରେ ଗଙ୍ଗବଂଶର ଶେଷରାଜା ଭାନୁଦେବ ୪ର୍ଥ ସିଂହାସନଚ୍ୟୁତ ହୋଇଥିଲେ । ତାଙ୍କର ମହାସନ୍ଧିବିଗ୍ରହିକ ବିଖ୍ୟାତ ଆଲଙ୍କାରିକ ବିଶ୍ୱନାଥ କବିରାଜଙ୍କ ଲିଖିତ 'ଚନ୍ଦ୍ରକଳା' ନାଟିକାରୁ ପ୍ରମାଣିତ ହୁଏ ଯେ ଭାନୁଦେବ ୪ର୍ଥଙ୍କ ସିଂହାସନପ୍ରାପ୍ତିର ଠିକ୍ ଅବ୍ୟବହିତ ପରେ ବଙ୍ଗଳାର ମୁସଲ-ମାନ ସୁଲତାନଙ୍କ ସହିତ ଯୁଦ୍ଧରେ ବିଜୟୀ ହୋଇ ଓଡ଼ିଶାର ଗୌରବ ରକ୍ଷାକରି ରାଜଧାନୀ କଟକକୁ ଫେରିବା ଦିନ ଚନ୍ଦ୍ରକଳା ଅଭିନୀତ ହୋଇଥିଲା । ଏହି ଘଟଣାରୁ ବୁଝାଯାଏ ଯେ ରାଜା, ରାଜକର୍ମଚାରୀ, ସୈନିକବୃନ୍ଦ ଓ ପ୍ରଜାବର୍ଗ ସମସ୍ତଙ୍କର ଦେଶାତ୍ମବୋଧ ସେତେବେଳେ ପୂର୍ଣ୍ଣମାତ୍ରାରେ ସଜୀବ ଥିଲା ।

ଏହାପରେ ହଠାତ୍ ଖ୍ରୀ: ୧୪୨୧ – ୨୨ରେ ମାଳବର ସୁଲତାନ ହୋସାଙ୍ଗସାହ ଘୋଡ଼ା-ସୌଦାଗର ବେଶରେ ମାଳବର ରାଜଧାନୀ ମାଣ୍ଡୁଠାରୁ ବାହାର ଓଡ଼ିଶାର ରାଜଧାନୀ ବାରାଣସୀ କଟକ ବା ଆଧୁନିକ କଟକର ଉପକଣ୍ଠରେ ଉପସ୍ଥିତ ହୋଇଥିଲେ ଓ ପ୍ରତାରଣା କରି ରାଜା ଭାନୁଦେବ ୪ର୍ଥଙ୍କୁ ଘୋଡ଼ା ଓ ଜିନିଷପତ୍ର ପସନ୍ଦ କରିବା ପାଇଁ ଆହ୍ୱାନ କରି ନିଜ ଶିବିରରେ ବନ୍ଦୀ କଲେ । ପରେ ଅଗଣିତ ହାତୀ ଉପଢ଼ୌକନ ପାଇଁ ହୋସାଙ୍ଗସାହ ସ୍ୱରାଜ୍ୟକୁ ଫେରିଗଲେ । କାଳେ କେହି ଓଡ଼ିଶା ସୀମା ମଧ୍ୟରେ ହୋସାଙ୍ଗସାହଙ୍କୁ ଆକସ୍ମିକ ଭାବରେ ଆକ୍ରମଣ କରିବ, ଏହି ଆଶଙ୍କାରେ ସେ ରାଜା ଭାନୁଦେବଙ୍କୁ ରାଜ୍ୟର ଶେଷ ସୀମା ପର୍ଯ୍ୟନ୍ତ ସଙ୍ଗରେ ଘେନି ଯାଇଥିଲେ ଓ ସେଠାରେ ତାଙ୍କୁ ମୁକ୍ତି ମିଳିଲା ।

ହୋସାଙ୍ଗସାହଙ୍କ ଛଦ୍ମବେଶରେ ଓଡ଼ିଶା ଆକ୍ରମଣ ଘଟଣା କଥା ବିଚାର କଲେ ଓଡ଼ିଶା ରାଜ୍ୟର ସୀମାନ୍ତ ତଥା ଆଭ୍ୟନ୍ତରୀଣ ରକ୍ଷଣା-ବେକ୍ଷଣ ନୀତି ଯେ ଏକାନ୍ତ କୋହଳ ଥିଲା, ଏଥିରେ ଆଦୌ ସନ୍ଦେହ ରହୁ ନାହିଁ । ଓଡ଼ିଶାର ପଶ୍ଚିମ ସୀମା ଫୁଲଝର ଠାରୁ ଦଳେ ବୈଦେଶିକ ବଣିକ ବେଶରେ କଟକଯାଏ ଆସିଗଲେ ସୌଦାଗର ସାଜି—ବାଟରେ କେହି ସେମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିଲା ନାହିଁ । ଏହା କଣ ଏକ ଆଶ୍ଚର୍ଯ୍ୟଜନକ ବ୍ୟାପାର ନୁହେ ? ଓଡ଼ିଶାର ତତ୍କାଳୀନ ଶାସନ-ନୀତି ଉପରେ ଏ ଘଟଣାର ଗୁରୁତ୍ୱପାତ ଏକ ବିସ୍ମୟକର ବ୍ୟାପାର କହିଲେ ଅତ୍ୟୁକ୍ତି ହେବନାହିଁ ।

ହୋସାଙ୍ଗ ସାହ ଫେରିଯିବା ପରେ ଭାନୁଦେବ ୪ର୍ଥଙ୍କ ସମ୍ପର୍କରେ ଅଧିକ କିଛି ଜାଣିବାର ଉପାୟ ନାହିଁ । 'ପ୍ରାଚୀ ସମିତି' ଦ୍ୱାରା ମୁଦ୍ରିତ 'ମାଦଳା ପାଞ୍ଜି' ବିବରଣ ଅତି ଅବିଶ୍ୱାସଯୋଗ୍ୟ । 'ମାଦଳା, ପାଞ୍ଜି ପୃ୪୨ଷ୍ଠାରେ ମୁଦ୍ରିତ ଅଛି "୧ମ ପାଞ୍ଜି ମତେ:—ଏ ଉତ୍ତାରୁ ମତ୍ତଭାନୁ ଦେବ ରାଜା ହେଲେ । ମତ୍ତଭୋଳ ହୋଇ ରାଜା ଦ୍ଧନ ନେଲେ । × × × କପିଳ କହିଲେ ଆମ୍ଭେ ସୂର୍ଯ୍ୟବଂଶୀ ରାଉତ । ଏଥକୁ ରାଜା କହିଲେ ଆମ୍ଭଠାରେ ଚାକର ରହ । ଏଥିକୁ କପିଳ ରାଉତ ଚାକର ରହିଲେ । ଥୋକାଏ ଦ୍ଧନ ଉତ୍ତାରୁ ପରମେଶ୍ୱର କପିଳ ରାଉତଙ୍କୁ ରାଜା

କରି ଶାଢ଼ୀ ଆଜ୍ଞା ଦେଲେ । ଏଥକୁ ବେଡ଼ା କାଳିକା ଜଣାଇଲେ ମହାପ୍ରଭୁ ବାଇକ ରାଜାପଣ ଆରମ୍ଭ ହୋଇଲେ । ଏଥକୁ ବିମଳାକ୍ଷୀ ଜଣାଇ ସପନେ ଶାଢ଼ୀପ୍ରସାଦ କପିଳ ରାଉତକୁ ଦେଇ ବେଡ଼ା କାଳିକାଙ୍କ କଥା କହିଲେ । × × × ଏ (କପିଳ) ରାଜା ହୋଇ ବେଡ଼ା କାଳିକାଙ୍କ ଆଗେ ପଥର ପାଚେରି ଗୋଟାଏ ଦେଲେ ।”

ଉପରଲିଖିତ ବିବରଣରୁ ଜଗନ୍ନାଥଙ୍କ ବିଗ୍ରହରେ ବେଡ଼ା କାଳିକା ଅସନ୍ତୁଷ୍ଟ ହେବା ଓ ବିମଳା ସନ୍ତୁଷ୍ଟ ହେବାର କଥାରୁ ସୂଚିତ ହୁଏ ଯେ କପିଳେନ୍ଦ୍ର ଦେବଙ୍କ ରାଜସିଂହାସନ ଅଧିକାରରେ ଓଡ଼ିଶାରେ ଲୋକେ ଦୁଇଦଳ ହୋଇଥିଲେ—କିନ୍ତୁ ଏହା କିମ୍ବଦନ୍ତୀ—ଇତିହାସର କଥା ନୁହେ ।

କପିଳେନ୍ଦ୍ର ଦେବଙ୍କ ନାତି ପ୍ରତାପରୁଦ୍ରଦେବଙ୍କ ରାଜତ୍ୱର ଶେଷଭାଗରେ ଲିଖିତ 'ଭକ୍ତିଭାଗବତ' ମହାକାବ୍ୟର ରଚୟିତା କବି-ଡିଣ୍ଡିମ ଜୀବ-ଦେବାଚାର୍ଯ୍ୟଙ୍କ ବଂଶାବଳୀରୁ ଜଣାଯାଏ ଯେ ଜୀବଦେବଙ୍କର ପୂର୍ବ-ପୁରୁଷମାନେ ଗଙ୍ଗବଂଶୀୟ ରାଜାମାନଙ୍କର ଗୁରୁ ଥିଲେ । ସେ ଲେଖିଅଛନ୍ତି ଯେ ଭାନୁଦେବ "ଯୋ ବାରୁଣୀ ପରିହୃତୋଽସ୍ତମିତୋ ବଭୂବ" ଅର୍ଥାତ୍ ଯେ ବାରୁଣୀରେ ବୁଡ଼ି ଅସ୍ତମିତ ହୋଇଥିଲେ । ଏହି ଶ୍ଳୋକ ଶ୍ଳେଷାର୍ଥରେ ଲିଖିତ । ଭାନୁ (ସୂର୍ଯ୍ୟ ବାରୁଣୀ (ପଶ୍ଚିମ) ଦିଗରେ ଆବୃତ ହୋଇ ଅସ୍ତମିତ ହେଲାଭଳି ଭାନୁ ଦେବ ବାରୁଣୀ (ମଦ୍ୟ)ରେ ଆସକ୍ତ ହୋଇ ଅଦୃଶ୍ୟ ହୋଇଥିଲେ । ଭାନୁଦେବଙ୍କ ସମୟରେ ରାଜପରିବାରମାନଙ୍କ ମଧ୍ୟରେ ମଦ୍ୟପାନର ଚଳନ ଥିଲା ବା ନଥିଲା ତାହା କହି ହେବନାହିଁ । କିନ୍ତୁ ହୋସାଙ୍ଗସାହଙ୍କ ସହ ଭାନୁଦେବ ବନ୍ଧୁବନ ରହିଥିବାରୁ ସେଠାରୁ ମଦ୍ୟପାନ ଶିଖିଥିବା ଅସମ୍ଭବ ନୁହେ । ଏହା ବୋଲି ତାଙ୍କୁ ରାଜ୍ୟଚ୍ୟୁତ କରାଗଲା କାହିଁକି ? ସମସାମୟିକ ଅବସ୍ଥା ସ୍ପଷ୍ଟଭାବରେ ଜଣାଯାଉନଥିଲେ ମଧ୍ୟ ହୋସାଙ୍ଗସାହଙ୍କ ଆଗମନ ଓ ସେନାପତି ପଦରେ କପିଳେନ୍ଦ୍ର-ଦେବଙ୍କ ନିଯୁକ୍ତି ଏକାବେଳକେ ହୋଇଥିଲା । ବିଚକ୍ଷଣ କର୍ମୀ କପିଳେନ୍ଦ୍ରଦେବ ରାଜ୍ୟର ଆଭ୍ୟନ୍ତରୀଣ ଅବସ୍ଥାରୁ ଦେଶର ପତନ ଅବଶ୍ୟମ୍ଭାବୀ ସ୍ଥିରକରି ରାଜସିଂହାସନ ଅଧିକାର କରିବାପାଇଁ ପ୍ରୟାସୀ

ହୋଇଥିଲେ । ଏହା ସତ୍ୟ କଥା ଯେ କପିଳେନ୍ଦ୍ର ଦେବ ରାଜାହୋଇ ଓଡ଼ିଶାର ଗୌରବଧ୍ୱଜା ସୁଦୂର ଦାକ୍ଷିଣାତ୍ୟରେ ଉଡ଼ାଇଥିଲେ । ମାଦଳାପାଞ୍ଜି ଅନୁସାରେ କପିଳେନ୍ଦ୍ରଦେବ ଏକ ଅଜ୍ଞାତ କୁଳଶୀଳ ଯୁବକ ଥିଲେ ଯେ କି ରାଜ ଅନୁଗ୍ରହରେ ଓ ନିଜର କୃତିତ୍ୱ ବଳରେ ରାଜ୍ୟର ପ୍ରଧାନ ସେନାପତି ହୋଇଥିଲେ । ମାତ୍ର ପ୍ରକୃତ କଥା ତାହା ନୁହେ । କପିଳେନ୍ଦ୍ର ଦେବ ଦକ୍ଷିଣ-ଓଡ଼ିଶାର ଏକ ସୂର୍ଯ୍ୟବଂଶୀୟ ସାମନ୍ତ ରାଜବଂଶର ଲୋକ ଥିଲେ । ରାଜ୍ୟରକ୍ଷା ଓ ରାଜ୍ୟଶାସନ ପ୍ରଭୃତିରେ ତାଙ୍କର ବ୍ୟକ୍ତିଗତ ଅଭିଜ୍ଞତା ଥିଲା । ଯେଉଁମାନେ କପିଳେନ୍ଦ୍ର ଦେବଙ୍କୁ 'ଗଉଡ଼ ଟୋକା ଆଖ୍ୟା ଦେଇଅଛନ୍ତି, ସେହିମାନେ ବୋଧହୁଏ ଗଙ୍ଗରାଜାଙ୍କର ପାଖଲୋକ ଥିଲେ । ଯାହାହେଉ, ଓଡ଼ିଶାର ଏକ ସଙ୍କଟ କାଳରେ କପିଳେନ୍ଦ୍ରଙ୍କ ଦ୍ୱାରା ପ୍ରଥମ "ସେନାପତି"-ରାଜବଂଶ ସ୍ଥାପିତ ହୋଇ ଓଡ଼ିଶା ଯେ ମୁସଲମାନ କବଳରୁ ରକ୍ଷା ପାଇଥିଲା, ତାହା ନୁହେ; ଏହାଦ୍ୱାରା ଓଡ଼ିଶାରେ ଏକ ରକ୍ତପାତବିହୀନ ରାଷ୍ଟ୍ରବିପ୍ଳବ ମଧ୍ୟ ସଂଘଟିତ ହୋଇଥିଲା ।

( ୨ )

କପିଳେନ୍ଦ୍ର ଦେବଙ୍କ ନାତି ପ୍ରତାପରୁଦ୍ର ଦେବ ଖ୍ରୀ ୧୪୯୭ ରେ ସିଂହାସନ ଆରୋହଣ କରିଥିଲେ । ଭକ୍ତିଭାଗବତ ମହାକାବ୍ୟରେ ପ୍ରତାପରୁଦ୍ରଙ୍କ ସମ୍ପର୍କରେ ୭ଟି ଶ୍ଳୋକ ଅଛି । ଶେଷ ଶ୍ଳୋକରେ ତାଙ୍କର ୧୭ ଅଙ୍କର ଉଲ୍ଲେଖ ଅଛି । ଏହିଶ୍ଳୋକଗୁଡ଼ିକରେ ପ୍ରତାପରୁଦ୍ରଙ୍କ ପ୍ରଧାନ ସେନାପତିଙ୍କର ଖ୍ରୀ: ୧୫୧୧ ପର୍ଯ୍ୟନ୍ତ ନାମୋଲ୍ଲେଖ ନାହିଁ । ଏହାପରେ ଗୌଡ଼ର ସୁଲତାନଙ୍କସହ ପ୍ରତାପରୁଦ୍ରଙ୍କ ଯୁଦ୍ଧହୁଏ । 'ମାଦଳାପାଞ୍ଜି' ଅନୁସାରେ ଓଡ଼ିଶାର ପ୍ରଧାନ ସେନାପତି ଭୋଇବଂଶୀୟ ଗୋବିନ୍ଦ ବିଦ୍ୟାଧର ଗୌଡ଼ ସୁଲତାନଙ୍କ ପକ୍ଷ ଅବଲମ୍ବନ କରିବାର ଉଲ୍ଲେଖ ଅଛି । ପରେ ପ୍ରତାପରୁଦ୍ର ଦେବ ତାଙ୍କୁ ସନ୍ତୁଷ୍ଟ କରିଥିଲେ । ମାଦଳାପାଞ୍ଜିରେ ଲିଖିତ ଅଛି "ମୁଲକରେ ସବ ଅଧିକାର କରି ପାଟକରି ଶାଢ଼ୀ ଦେଲେ ।" ତାହାଙ୍କ ମୂଳେ ରାଜା ରାଜ୍ୟଭାର ଦେଲେ ।

( ପୃ ୫୫ ) ଏହି ଜନଶ୍ରୁତି ସତ୍ୟମୂଳକ ବୋଲି ମନେହୁଏ । ଗୋବିନ୍ଦବିଦ୍ୟାଧରଙ୍କର ପରବର୍ତ୍ତୀ ଇତିହାସ ମାଦଳାପାଞ୍ଜିରେ ଲେଖାଅଛି

"ଏ ଉତ୍ତାରୁ ଗୋବିନ୍ଦ ଭୋଇ ବିଦ୍ୟାଧର ମହାରାଜା ହୋଇଲେ । ପ୍ରତାପରୁଦ୍ର ଦେବ ମହାରାଜାଙ୍କର ବତିଶ ପୁଅ ଥିଲେ । ତାହାଙ୍କୁ ଗୋବିନ୍ଦ ଦେବ ମହାରାଜାଏ ମରାଇ ପକାଇଲେ । କଟକ ସିଂହଦ୍ୱାରେ ମଧୁ ଶ୍ରୀଚନ୍ଦନ ମହାପାତ୍ର ଥାଇଁ ମରାଇ ପକାଇଲେ । ଏକାଦିନରେ ଭଲ ଭଲ ଲୋକମାନଙ୍କୁ ମରାଇ ପକାଇଲେ । ରାମଚନ୍ଦ୍ର ସାନ୍ତର ମୁଣ୍ଡ ଛେଚାଇ ମାଇଲେ । ଏହାଙ୍କ ପାତ୍ର ହୋଇଲେ ଦନାଇ ବିଦ୍ୟାଧର ।" (ପୃ ୫୭) । ଗୋବିନ୍ଦ ବିଦ୍ୟାଧର ରାଜା ହୋଇ ଦାକ୍ଷିଣାତ୍ୟ ବିଜୟରେ ଦକ୍ଷିଣ ଦେଶରେ ଲିପ୍ତ ଥିବା ସମୟରେ ରଘୁଭଞ୍ଜ ଓ ବାଲୁଙ୍କି ଶ୍ରୀଚନ୍ଦନ ବିଦ୍ରୋହୀ ହୋଇଥିଲେ । ଦାକ୍ଷିଣାତ୍ୟ ବିଜୟ ସମୟରେ ରାଜଧାନୀ କଟକ ସମ୍ଭାଳିବାର ଭାର ମୁକୁନ୍ଦ ହରିଚନ୍ଦନ ଉପରେ ଥିଲା । ଗୋବିନ୍ଦ ବିଦ୍ୟାଧର ଦନେଇ ବିଦ୍ୟାଧରଙ୍କୁ ଦାକ୍ଷିଣାତ୍ୟ ଶାସନର ଭାର ଦେଇ କଟକ ଫେରି ବିଦ୍ରୋହ ଦମନ କରିଥିଲେ । ଗୋବିନ୍ଦ ବିଦ୍ୟାଧରଙ୍କ ଅନ୍ତେ (ଖ୍ରୀ ୧୫୩୩-୩୪ ଖ୍ରୀ ୧୫୪୫-୪୬) ତାଙ୍କ ପୁଅ ମାନଗୋବିନ୍ଦ ଦେବ ରାଜା ହୋଇଥିଲେ । ତାଙ୍କ ପରେ ତାଙ୍କର ବଂଶଧର କିଏ ରାଜାହୋଇଥିଲେ ତାହାର ବିଶ୍ୱାସଯୋଗ୍ୟ ବିବରଣ ଜଣାଯାଇ ନାହିଁ । ଭୀଷଣ ରକ୍ତପାତ ପରେ ଗୋବିନ୍ଦ ବିଦ୍ୟାଧର ଓଡ଼ିଶାରେ ନୂଆ ସେନାପତି ରାଜବଂଶ ସ୍ଥାପନ କରି ଓଡ଼ିଶାର ସ୍ୱାଧୀନତା ରକ୍ଷା କରିବାରେ ସମର୍ଥ ହୋଇଥିଲେ— ଦକ୍ଷିଣରୁ ବା ଉତ୍ତରରୁ କୌଣସି ମୁସଲମାନ ଶକ୍ତି ଓଡ଼ିଶାରେ ପ୍ରବେଶ କରି ନଥିଲେ । ପ୍ରତାପରୁଦ୍ର ଦେବଙ୍କ ସମୟରେ ଗୋବିନ୍ଦ ବିଦ୍ୟାଧର ଯେଉଁ ବିଶ୍ୱାସଘାତକତା କରି ଥିଲେ, ଠିକ୍ ସେହିପରି ତାଙ୍କ ସମୟରେ ରଘୁଭଞ୍ଜ ଛୋଟରାୟ ଓ ବାଲୁଙ୍କି ଶ୍ରୀଚନ୍ଦନ ବିଶ୍ୱାସଘାତକତା କାର୍ଯ୍ୟରେ ଲିପ୍ତ ରହିଥିଲେ । ପ୍ରଭେଦ ଏତିକି ଯେ ଗୋବିନ୍ଦ ବିଦ୍ୟାଧର ରାଜ୍ୟର ଏକପ୍ରାନ୍ତବର୍ତ୍ତୀ ଅଞ୍ଚଳରେ ବଙ୍ଗ ସୁଲତାନଙ୍କ ସହ ସହଯୋଗ କରିଥିଲେ । ମାତ୍ର ରଘୁଭଞ୍ଜ ଓ ବାଲୁଙ୍କି ଶ୍ରୀଚନ୍ଦନ ଓଡ଼ିଶା ଭିତରେ ଗୋଳମାଳ

କରିବା ସତ୍ତ୍ୱେ ବଙ୍ଗର ସୁଲତାନଙ୍କର ଆଶ୍ରୟ ପ୍ରାର୍ଥୀ ହୋଇନଥିଲେ । ସମସ୍ତ କଥା ବିଚାର କରିବାରେ ଜଣାଯାଏ ଯେ ଖ୍ରୀ ୧୫୩୩-୩୪ ଠାରୁ ତେଲଙ୍ଗା ମୁକୁନ୍ଦଦେବଙ୍କ ଦ୍ୱାରା ଖ୍ରୀ ୫୫୯ରେ ଓଡ଼ିଶାର ସିଂହାସନ ଅଧିକୃତ ହେବା ସମୟ ମଧ୍ୟରେ ଓଡ଼ିଶାରେ ଆଦୌ ଶାନ୍ତି ନଥିଲା । ଯାହା ଫଳରେ ଓଡ଼ିଶାର ସାମରିକ ଶକ୍ତିର ମେରୁଦଣ୍ଡ ଦୁର୍ବଳ ହୋଇଥିଲା । ଏହାହିଁ ୨ୟ 'ସେନାପତି' ରାଜବଂଶର ଦାନ ଓଡ଼ିଶାକୁ । କିନ୍ତୁ ଦେଶ ମୁସଲମାନଙ୍କଦ୍ୱାରା ଅଧିକୃତ ହୋଇ ନଥିଲା ।

## ( ୩ )

ମୁକୁନ୍ଦଦେବ ଦକ୍ଷିଣ ଓଡ଼ିଶାର ଚାଲୁକ୍ୟ ବଂଶୀୟ ଏକ ସାମନ୍ତ ରାଜବଂଶରେ ଜନ୍ମ ଗ୍ରହଣ କରି ନିଜର ପ୍ରତିଭା ବଳରେ ଗୋବିନ୍ଦ ବିଦ୍ୟାଧରଙ୍କ ରାଜତ୍ୱରେ ଓଡ଼ିଶାର ପ୍ରଧାନ ସେନାପତି ହୋଇଥିଲେ । ଗୋବିନ୍ଦ ବିଦ୍ୟାଧରଙ୍କ ନାତି ରାଜା ହେବା ପରେ ରାଜ୍ୟର ଶାସନ ଓ ରକ୍ଷା ନୀତିର ସାମଞ୍ଜସ୍ୟ ରକ୍ଷା କରିବା ଅସମ୍ଭବ ଦେଖି ସେ କୂଟନୀତିରେ ତାଙ୍କୁ ହତ୍ୟାକରି ଓଡ଼ିଶାର ରାଜସିଂହାସନରେ ଅଭିଷିକ୍ତ ହେଲେ ଓ ଓଡ଼ିଶାର ୩ୟ 'ସେନାପତି' ରାଜବଂଶ ସ୍ଥାପନ କଲେ । ଗୋବିନ୍ଦ ବିଦ୍ୟାଧର ପୂର୍ବବର୍ତ୍ତୀ ସମସ୍ତଙ୍କୁ ନିର୍ମୂଳ କରି ହତ୍ୟା କରିଥିବାରୁ ତାଙ୍କର କେହି ଶତ୍ରୁତା କରି ନଥିଲେ, ମାତ୍ର ମୁକୁନ୍ଦଦେବ ଭୋଇବଂଶର ରଘୁଭଞ୍ଜ ଛୋଟରାୟ ପ୍ରଭୃତି କେତେକ ବିଶିଷ୍ଟ ଲୋକଙ୍କୁ ଆୟତ୍ତ ବା ହତ୍ୟା କରି ପାରି ନଥିବାରୁ ତାଙ୍କର ବହୁ ଶତ୍ରୁ ଥିଲେ । ତଥାପି ମୁକୁନ୍ଦଦେବ ବିଚକ୍ଷଣ ଶାସକ ଓ ସେନାପତି ଥିବାରୁ ତାଙ୍କ ବିରୁଦ୍ଧରେ କେହି ହଠାତ୍ ଠିଆ ହୋଇ ପାରିଲେ ନାହିଁ । ସେ ଅତି କଠୋର ନୀତି ଅବଲମ୍ବନ କରି ପ୍ରଜା ସାଧାରଣଙ୍କର ଜୀବନ ଓ ଧନସମ୍ପତ୍ତି ରକ୍ଷାର ବ୍ୟବସ୍ଥା କରିଥିଲେ । ବୈଦେଶିକ ୟୁରୋପୀୟ ପର୍ଯ୍ୟଟକ ଫ୍ରେଡ଼ାରିକ ସିଜାର ଲେଖିଅଛନ୍ତି ଯେ କେହି ହାତରେ ସୁନାମୁଣ୍ଡା ଧରି ଦେଶରେ ବିଚରଣ କରିବାରେ କୌଣସି ବିପଦର ଆଶଙ୍କା କରୁ ନଥିଲେ । ଦେଶକୁ ବଙ୍ଗର ସୁଲତାନଙ୍କ କବଳରୁ ରକ୍ଷାକରିବା ପାଇଁ ଦିଲ୍ଲୀର ନୂତନ ମୋଗଲସମ୍ରାଟ ଆକବରଙ୍କ

ସହିତ ବୈଦେଶିକ ସଂପର୍କ ସ୍ଥାପନ କରି ବଙ୍ଗର ସୁଲତାନଙ୍କ ବିରୁଦ୍ଧରେ ଅଭିଯାନ କରିଥିଲେ । ମା଼ତ୍ର ଦିଲ୍ଲୀରୁ ସମସାମୟିକ ସାହାଯ୍ୟ ନପାଇ ଓ ଭୋଇ ବଂଶୀୟ ଲୋକମାନଙ୍କ ଦ୍ୱାରା ଆଭ୍ୟନ୍ତରୀଣ ତଥା ବିଶ୍ୱାସ ଘାତକତା ପୂର୍ଣ୍ଣ ଘଟନାଚକ୍ରରେ ବିଜଡ଼ିତ ହୋଇ ମୁକୁନ୍ଦଦେବ ମହାବିପଦର ସମ୍ମୁଖୀନ ହୋଇଥିଲେ । ଫଳରେ ବଙ୍ଗଳାର ସୁଲତାନ ମୁସଲମାନଙ୍କ ସେନାପତି କଳାପାହାଡ଼ର ଆକସ୍ମିକ ଆକ୍ରମଣରେ ଓଡ଼ିଶାର ସୈନ୍ୟବୃନ୍ଦ ବିପର୍ଯ୍ୟସ୍ତ ହୋଇପଡ଼ିଲେ ଓ ଶେଷରେ ମୁକୁନ୍ଦଦେବ ଯୁଦ୍ଧଭୂମିରେ ପ୍ରାଣ ହରାଇବାରୁ ଓଡ଼ିଶା ମୁସଲମାନମାନଙ୍କ ଦ୍ୱାରା ଉତ୍ତର ଓ ଦକ୍ଷିଣ ଦିଗରୁ ଅଧିକୃତ ହେଲା ଓ ଓଡ଼ିଶାର ସ୍ୱାଧୀନତା ଲୋପ ହେଲା ।

ଖ୍ରୀ ୧୪୩୫ ଠାରୁ ଖ୍ରୀ୧୫୬୮ ପର୍ଯ୍ୟନ୍ତ ସମୟ ମଧ୍ୟରେ ଓଡ଼ିଶାରେ ତିନୋଟି 'ସେନାପତି' ରାଜବଂଶ ସ୍ଥାପିତ ହୋଇ ପ୍ରଥମେ ଓଡ଼ିଶା ଯେପରି ଗୌରବମଣ୍ଡିତ ହୋଇଥିଲା, ତାହା କ୍ରମଶଃ ଲୋପ ପାଇ ଶେଷରେ ନିଜର ସ୍ୱାଧୀନତା ପର୍ଯ୍ୟନ୍ତ ସବୁ ହରାଇ ବସିଲା ।

— — —

# ରାଧାକୃଷ୍ଣ ମୂର୍ତ୍ତି ପୂଜାର ଇତିହାସ

ଆଜକାଲି ସମଗ୍ର ଭାରତ ବର୍ଷରେ ରାଧାକୃଷ୍ଣଙ୍କର ମୂର୍ତ୍ତିପୂଜା ସୁପରିଚିତ । କିନ୍ତୁ କୃଷ୍ଣଙ୍କର ଉପାଖ୍ୟାନ ବହୁ ପ୍ରାଚୀନ ହେଲେ ମଧ୍ୟ, ବହୁ ପୁରାଣ ଓ ସଂସ୍କୃତ ସାହିତ୍ୟରେ ଲିଖିତ ହୋଇଥିଲେ ମଧ୍ୟ କୃଷ୍ଣଙ୍କର ପ୍ରକୃତ ମୂର୍ତ୍ତି ଧାତୁ ବା ପ୍ରସ୍ତରରେ ଖ୍ରୀଷ୍ଟୀୟ ୧୩ଶ ଶତାବ୍ଦି ପୂର୍ବରୁ କୌଣସି ପ୍ରତ୍ନତାତ୍ତ୍ୱିକ ପ୍ରମାଣ ମିଳେ ନାହିଁ । ସେହିପରି ରାଧାଙ୍କର ନାମ କେତୋଟି ଅଧୁନାତନ ସଂସ୍କୃତ ପୁରାଣ-ଯଥା ପଦ୍ମ ଓ ବ୍ରହ୍ମ ବୈବର୍ତ୍ତରେ ମିଳୁଥିଲେ ମଧ୍ୟ ସର୍ବପ୍ରସିଦ୍ଧ ଭାଗବତ ପୁରାଣରେ, ହରିବଂଶରେ ରାଧାଙ୍କର ନାମର ଉଲ୍ଲେଖ ଥିବାର ଦେଖାଯାଏନାହିଁ । କିନ୍ତୁ ପ୍ରାକୃତ ସାହିତ୍ୟରେ ରାଧାଙ୍କର ନାମ "ଗାଥା ସପ୍ତଶତି" ଗ୍ରନ୍ଥରେ ମିଳେ, ଏହାର ସମୟ ପ୍ରାୟ ଖ୍ରୀଷ୍ଟୀୟ ୩ୟ-୪ର୍ଥ ଶତାବ୍ଦି । ତତ୍ପରେ ସଂସ୍କୃତ ଗ୍ରନ୍ଥ ଯଥା, ଧ୍ୱନ୍ୟା "ଲୋକ" ( ଖ୍ରୀଷ୍ଟୀୟ ୯ମ ଶତାବ୍ଦି ), "ସୁଭାଷିତ ରତ୍ନକୋଷ" (ଖ୍ରୀଷ୍ଟୀୟ ୧୦୦୦), "ସଦୁକ୍ତିକର୍ଣ୍ଣାମୃତ" ଖ୍ରୀଷ୍ଟୀୟ ୧୨୦୦) "ଗୀତ ଗୋବିନ୍ଦ" (ଖ୍ରୀଷ୍ଟୀୟ ୧୩୦୦) ଗୁଡ଼ିକରେ ମିଳେ । କିନ୍ତୁ ଦୁର୍ଭାଗ୍ୟବଶତଃ କୌଣସି ପ୍ରତ୍ନତାତ୍ତ୍ୱିକ ନିର୍ଦ୍ଦେଶନରୁ ରାଧାମୂର୍ତ୍ତିରେ ପ୍ରମାଣ ମିଳେ ନାହିଁ । ସାହିତ୍ୟିକ ପ୍ରମାଣ ରାଧାକୃଷ୍ଣଙ୍କ ଉପରେ ପ୍ରାଚୀନ ହେଲେ ମଧ୍ୟ ପ୍ରତ୍ନ-ତାତ୍ତ୍ୱିକ ପ୍ରମାଣ ଏକାନ୍ତ ଅଭାବ । ପୂର୍ବ ପାକିସ୍ଥାନ ସୃଷ୍ଟି ହେବା ପୂର୍ବରୁ ବଙ୍ଗଳାର ରାଜସାହି ଜିଲ୍ଲାର ପାହାଡ଼ପୁର ସ୍ତୂପରୁ ମିଳିଥିବା ଗୋଟିଏ ମୂର୍ତ୍ତିକୁ ୧୯୨୭-୨୮ରେ ତତ୍‌କାଳୀନ ଭାରତୀୟ ପ୍ରତ୍ନ-ତତ୍ତ୍ୱ ବିଭାଗର ସୁପରିଣ୍ଟେଣ୍ଡେଣ୍ଟ ରାଓ ବାହାଦୂର କେ: ଏନ୍: ଦୀକ୍ଷିତ ରାଧାକୃଷ୍ଣ ମୂର୍ତ୍ତି ବୋଲି ଆଖ୍ୟା ଦେଇଥିଲେ । କାରଣ ସେହି ମୂର୍ତ୍ତି ସହିତ ଭାଗବତ ପୁରାଣର ଦଶମ ସ୍କନ୍ଧର ଗୋପଲୀଳାର କେତୋଟି ମୂର୍ତ୍ତି ତତ୍ ସହିତ ମିଳିଥିଲା । ତହିଁଲେ ମଧ୍ୟ ବଳରାମ ବା ହଳଧରଙ୍କ ମୂର୍ତ୍ତି ଅଛି । କିନ୍ତୁ

ସାହିତ୍ୟରେ ବର୍ଣ୍ଣିତ ମୟୂର ଚୂଳ ଓ ବଂଶୀ ସେହି କୃଷ୍ଣ ମୂର୍ତ୍ତିରେ ଥିବାର ଲକ୍ଷିତ ହୁଏ ନାହିଁ । ଏହାଛଡ଼ା ରାଧା ମୂର୍ତ୍ତିଟି କୃଷ୍ଣ ମୂର୍ତ୍ତିର ବାମରେ ନଥାଇ ଡାହାଣ ପାର୍ଶ୍ୱରେ ଅଛି । ଏହା ଏକ ସାଧାରଣ ଯୁଗଳ ମୂର୍ତ୍ତି । ଏହି ମୂର୍ତ୍ତିରେ ଦେବତାର କିଛି ଲକ୍ଷଣ ଦୃଷ୍ଟ ହୁଏ ନାହିଁ । ଏଣୁ ଏ ଯୁଗଳ ମୂର୍ତ୍ତିକୁ ମୁଁ ରାଧାକୃଷ୍ଣ ବୋଲି ସ୍ୱୀକାର କରିବାକୁ ପ୍ରସ୍ତୁତ ନୁହେଁ । ପାହାଡ଼ପୁରର ସମୟ ଖ୍ରୀଷ୍ଟୀୟ ୭ମ ଶତାବ୍ଦୀ ଯେଉଁ ସମୟରେ ସମଗ୍ର ଭାରତରେ ଚତୁର୍ଭୁଜ ବାସୁଦେବ ବା ବିଷ୍ଣୁ ମୂର୍ତ୍ତିର ବହୁ ପ୍ରାତ୍ନତାତ୍ତ୍ୱିକ ନିଦର୍ଶନ ମିଳେ ।

ପୂର୍ବ ଭାରତରେ ଅର୍ଥାତ୍ ଆଧୁନିକ ବିହାର, ବଙ୍ଗ, ଆସାମ ଓ ଓଡ଼ିଶାରେ ଖ୍ରୀଷ୍ଟୀୟ ୧୩ଶ ଶତାବ୍ଦୀ ପୂର୍ବରୁ ବହୁ ଚତୁର୍ଭୁଜ ବିଷ୍ଣୁ ବା ବାସୁଦେବ ମୂର୍ତ୍ତି ଆବିଷ୍କୃତ ହୋଇଛି । ଓଡ଼ିଶାର ପୁରୀ ଜିଲ୍ଲାର କାକଟପୁର ଅଞ୍ଚଳ ବା ପ୍ରାଚୀ ନଦୀର ଉପତ୍ୟକାରେ ବହୁ ବୃହଦାକାୟ ବିଷ୍ଣୁ ବା ବାସୁଦେବ ମୂର୍ତ୍ତି ଆବିଷ୍କୃତ ହୋଇଛି । ଯାହାର ନିର୍ମାଣକାଳ ଖ୍ରୀଷ୍ଟୀୟ ୧୩ ଶତାବ୍ଦୀର ପୂର୍ବବର୍ତ୍ତୀ। କିନ୍ତୁ ମୟୂରଚୂଳ ମୁକୁଟଯୁକ୍ତ କୃଷ୍ଣମୂର୍ତ୍ତି ଆବିଷ୍କୃତ ହୋଇ ନାହିଁ । ଏହି ଅଞ୍ଚଳରୁ କେବଳ ଓଡ଼ିଶାରେ ପରିବର୍ତ୍ତନ କାଳୀନ (Transitional) ଯୁଗର କେତୋଟି ବିଷ୍ଣୁ କୃଷ୍ଣ ମୂର୍ତ୍ତି ମିଳିଅଛି । ତନ୍ମଧ୍ୟରୁ ଗୋଟିଏ ଓଡ଼ିଶା ମିଉଜିଅମ୍‌ରେ ସ୍ଥାନ ପାଇଛି ଓ ଅନ୍ୟ ଦୁଇଟି ମୂର୍ତ୍ତି ପୁରୀର ଜଗନ୍ନାଥ ବଲ୍ଲଭ ମଠରେ ଓ ଷଡ଼ଭୁଜ ଗୌରାଙ୍ଗ ମଠରେ ସ୍ଥାପିତ ଅଛି । ଓଡ଼ିଶା ମିଉଜିଅମର ମୂର୍ତ୍ତିଟିର ଠିଆ ହେବା ଭଙ୍ଗୀରେ ତ୍ରିଭଙ୍ଗୀଠାଣୀ ଦେଖାଯାଏ ବିଷ୍ଣୁମୂର୍ତ୍ତି ପରି ସରଳ ପାଦ ନୁହେଁ । ସାମନାର ଦୁଇ ଭୁଜରେ ବଂଶୀ ଓ ପଛରେ ଦୁଇ ଭୁଜରେ ଶଙ୍ଖ ଓ ଚକ୍ର ଶୋଭିତ ଶିରରେ ମୁକୁଟ ଏହି ମୂର୍ତ୍ତି ଗୁଡ଼ିକରୁ ପ୍ରମାଣିତ ହେଉଅଛି ଯେ ଖ୍ରୀଷ୍ଟୀୟ ୧୨ଶ ଶତାବ୍ଦୀ ପୂର୍ବରୁ ଓଡ଼ିଶାରେ ହିଁ ପରିବର୍ତ୍ତନ କାଳୀନ ବିଷ୍ଣୁକୃଷ୍ଣ ମୂର୍ତ୍ତି କଳ୍ପିତ ହୋଇ ପ୍ରସ୍ତରରେ ମୂର୍ତ୍ତି ରୂପେ ଗଠିତ ହୋଇ ପୂଜିତ ହେଉଥିଲା ଏହାପରେ ଗୋପୀନାଥ ମୂର୍ତ୍ତି କଳ୍ପିତ ହୋଇ ପ୍ରସ୍ତରରେ ଗଠିତ ହେଲା ଓ ଦେବତା ମୂର୍ତ୍ତି ରୂପେ ନାନା ସ୍ଥାନରେ ପୂଜା ପାଇଲା । ୧୯୬୭

'ସମାଜ' ପତ୍ରିକାର ଗୋପବନ୍ଧୁ ସଂଖ୍ୟାରେ 'ଓଡ଼ିଶାରେ ଗୋପୀନାଥ ମୂର୍ତ୍ତି ପୂଜା' ନାମକ ପ୍ରବନ୍ଧରେ ମୁଁ ଗୋପୀନାଥ ମୂର୍ତ୍ତି ଉପରେ ଏକ ପ୍ରବନ୍ଧ ଲେଖିଅଛି । କୌତୁହଳୀ ପାଠକଙ୍କୁ ତାହା ପାଠ କରିବା ପାଇଁ ମୋର ଅନୁରୋଧ । ଓଡ଼ିଶାର ଗୋପୀନାଥ ମୂର୍ତ୍ତି ପୂଜା ଅଦ୍ୟାପି ବାଲେଶ୍ୱର ଜିଲ୍ଲାର ରେମୁଣାରେ 'କ୍ଷୀରଚୋରା' ଗୋପୀନାଥ ମନ୍ଦିର ଓ ପୁରୀ ନିକଟବର୍ତ୍ତୀ ସାକ୍ଷୀଗୋପାଳରେ ଥିବା ଗୋପୀନାଥ ମୂର୍ତ୍ତି ବିଶେଷ ପ୍ରସିଦ୍ଧି ଲାଭ କରିଛି । ତାହା ବ୍ୟତୀତ ଭୁବନେଶ୍ୱର ନିକଟବର୍ତ୍ତୀ ବାଲିଅନ୍ତା ସରକଣା ଓ ହୀରାପୁରରେ ମଧ୍ୟ ତିନୋଟି ଗୋପୀନାଥ ମୂର୍ତ୍ତି ଅଛି । ଯେଉଁ ଗୁଡ଼ିକର ପାଦପୀଠରେ ଏକ ପାର୍ଶ୍ୱରେ ଆଠଟି ଗୋପୀ ଖୋଦିତ ଅଛି । ଏହି ଗୋପୀନାଥ ମୂର୍ତ୍ତିରୁ ପରେ ଆଧୁନିକ କୃଷ୍ଣମୂର୍ତ୍ତି କଳ୍ପିତ ହୋଇଛି ବୋଲି ମୋର ଧାରଣା । ବଂଶୀଧାରୀ କୃଷ୍ଣମୂର୍ତ୍ତି ଖୁବ ସମ୍ଭବତଃ ଓଡ଼ିଶାରେ କଳ୍ପିତ ଓ ଗଠିତ ହୋଇ ଭାରତର ଅନ୍ୟ ସ୍ଥାନକୁ ସ୍ଥାନାନ୍ତରିତ ହୋଇଥିଲା ଏବେ ଏହା ସନ୍ଦେହ ଗଠିତ ହେଉଅଛି ।

କୃଷ୍ଣ ମୂର୍ତ୍ତି ଉପରେ ଏହି ସବୁ ପ୍ରମାଣ ପାଇ ରାଧା ମୂର୍ତ୍ତି ଉପରେ ଅନୁସନ୍ଧାନ ଚଳାଇ ଯାହା ସବୁ ପାଇଅଛି ତାହା ତଳେ ଲେଖୁଅଛି ।

ରାଧାମୂର୍ତ୍ତି ପୂଜାର ପ୍ରତ୍ନତାତ୍ତ୍ୱିକ ନିଦର୍ଶନ ମୋର ଦୃଷ୍ଟି ପଥରେ ପଡ଼ିନାହିଁ । ଶ୍ରୀକୃଷ୍ଣ-ଚୈତନ୍ୟ ସଂପ୍ରଦାୟଭୁକ୍ତ ବୃନ୍ଦାବନର ଷଡ଼ ଗୋସ୍ୱାମୀମାନେ ବୃନ୍ଦାବନ ଆବିଷ୍କାର କରି କୃଷ୍ଣଙ୍କର ବିଭିନ୍ନ ମୂର୍ତ୍ତି ସ୍ଥାପନ କରି ପୂଜାରମ୍ଭ କରିଥିଲେ ସେହି ସବୁ ମୂର୍ତ୍ତିଗୁଡ଼ିକ ସହିତ କେତେକ କ୍ଷେତ୍ରରେ ଲଳିତା ପୂଜା ପାଇ ଥିବାର କଥା 'ଭକ୍ତିରତ୍ନାକର' ଗ୍ରନ୍ଥରେ ଥିବାର ଜଣାଯାଏ ଯାହାକି ତଳେ ବିବୃତ ହେଉଛି । ମୋର ଚେଷ୍ଟାରେ କେବଳ 'ଭକ୍ତି ରତ୍ନାକର' ଗ୍ରନ୍ଥ ବ୍ୟତୀତ ଅନ୍ୟ କୌଣସି ଗ୍ରନ୍ଥରେ ରାଧାମୂର୍ତ୍ତି ପୂଜାର କଥା ପାଇନାହିଁ । 'ଭକ୍ତି ରତ୍ନାକର' ଗ୍ରନ୍ଥଟି ଖ୍ରୀଷ୍ଟୀୟ ଅଷ୍ଟାଦଶ ଶତାବ୍ଦୀର ମଧ୍ୟ ଭାଗରେ ଲିଖିତ ହୋଇ ଥିବାର ଅନୁମିତ ହୁଏ । ଗ୍ରନ୍ଥରେ ଅନ୍ୟ କୌଣସି ପ୍ରମାଣମୂଳକ କଥା ପାଇନାହିଁ । ଯାହା ହେଉ ପଚ୍ଛକେ ରାଧାମୂର୍ତ୍ତିର ପୂଜା ସମ୍ପର୍କରେ 'ଭକ୍ତିରତ୍ନାକର'

ଗ୍ରନ୍ଥରେ ଯାହା ଲିଖିତ ହୋଇଛି ତାହା କିମ୍ବଦନ୍ତୀ ମୂଳକ ଇତିହାସ ବୋଲି ଗ୍ରହଣ କରିବାକୁ ପଡ଼ୁଛି ।

'ଭକ୍ତିରତ୍ନାକର' ଗ୍ରନ୍ଥର ଲେଖକଙ୍କ ନାମ ନରହରି ଚକ୍ରବର୍ତ୍ତୀ । ଏହି ପୁସ୍ତକଟି ମୁର୍ଶିଦାବାଦର ଚୈତନ୍ୟାବ୍ଦ ୪୦୨ ଅର୍ଥାତ୍ ଖ୍ରୀ: ୧୮୮୭ରେ ମୁଦ୍ରିତ ହୋଇଥିଲା । ଏହି ଗ୍ରନ୍ଥର ବିଶେଷତ୍ୱ ଏହି ଯେ 'ଚୈତନ୍ୟଭାଗବତ ଓ 'ଚୈତନ୍ୟ ଚରିତାମୃତ' ପରେ ବଙ୍ଗଳା ଭାଷାରେ ଲିଖିତ ଗ୍ରନ୍ଥଟିରେ ବୈଷ୍ଣବ କିମ୍ବଦନ୍ତୀର ପ୍ରମାଣିକ ସତ୍ୟ ନିହିତ ଅଛି ।

ରାଧା ମୂର୍ତ୍ତିର ଆବିର୍ଭାବ ସମ୍ପର୍କରେ 'ଭକ୍ତିରତ୍ନାକର' ଗ୍ରନ୍ଥରେ ଯାହା ଲିଖିତ ଅଛି, ତାହା ତଳେ ଉଦ୍ଧୃତ ହେଲା । ଏଥିରୁ ସ୍ପଷ୍ଟ ଜଣାଯାଇ ଅଛି ଯେ ରାଧା ଓ ଲଳିତା ମୂର୍ତ୍ତିର ଆବିର୍ଭାବ ଓଡ଼ିଶାରେ ହିଁ ହୋଇଥିଲା ଓ ଓଡ଼ିଶାର ରାଜା ତାହା ବୃନ୍ଦାବନକୁ ପଠାଇଥିଲେ ।

"ଶ୍ରୀ ଗୋବିନ୍ଦ ଯେ ସମୟେ ପ୍ରକଟ ହଇଲା ।  
ସେ ସମୟେ ଶ୍ରୀମତୀ ରାଧିକା ନାହିଁ ଛିଲା !  
ଛିଲେନ୍ ଶ୍ରୀ ମଦନ ମୋହନ ପ୍ରଭୁ ଯୈଛେ ।  
ସଂକ୍ଷେପ କହିୟେ ଶ୍ରୀ ଯୁଗଲ ହୈଲ୍ ଯେଛେ ।  
ମହାରାଜ ଶ୍ରୀ ପ୍ରତାପରୁଦ୍ରେର କୁମାର ।  
ପୁରୁଷୋତ୍ତମ ଜାନ୍ୟ* ସର୍ବାଙ୍ଗେ ସୁନ୍ଦର ।'  
ତେଁହୋ ଦୁଇ ପ୍ରଭୁର ଏ ସମ୍ବାଦ ଶୁନିୟା ।  
ଯତ୍ନେ ଦୁଇ ଠାକୁରାଣୀ ଦିଲ ପଠାଇୟା ॥  
ବୃନ୍ଦାବନ ନିକଟ ଅଇଲ୍ କଥୋଦିନେ ।  
ଶୁନି ସର୍ବେ ପରମା ନନ୍ଦିତ ବୃନ୍ଦାବନେ ॥

---

* ମହାରାଜା ପ୍ରତାପରୁଦ୍ରଙ୍କର ପୁରୁଷୋତ୍ତମ ନାମକ କେହି ପୁଅ ନଥିଲେ । ଲେଖକ ବୋଧହୁଏ ଭୋଇ ବଂଶୀୟ ପୁରୁଷୋତ୍ତମ ଦେବଙ୍କୁ ଲକ୍ଷ୍ୟ କରିଛନ୍ତି । ପୁରୁଷୋତ୍ତମ ଦେବଙ୍କ ରାଜତ୍ୱ କାଳ ଖ୍ରୀ ୧୬୦୭ରୁ ଖ୍ରୀ ୧୬୩୦ ।

ସେବା ଅଧିକାର ପ୍ରତି ମଦନ ମୋହନ ।
ସ୍ୱପ୍ନଛଳେ ଭଙ୍ଗିତେ କହୟେ ହର୍ଷମନ ॥
'ପଠାଇଲି ଦୁଇମୂର୍ତ୍ତି ଶ୍ରୀ ରାଧିକା ଭାନେ ।
ରାଧିକା ଲଳିତା ଦୋହେଁ ଇହା ନାହିଁ ଜାନେ ॥
ଅଗ୍ରୁ ସର ଶୀଘ୍ର ତୁମି ଦୋହାଁରେ ଆନହ ।
ଶ୍ରେଷ୍ଠ ଶ୍ରୀ ରାଧିକା ମୋର ବାମେତେ ରାଖହ ॥
ବଡ ଲଳିତାୟୁ ରଖୋ ଆମାର ଦକ୍ଷିଣେ ।'
ଇହାଶୁନି ଅଧିକାରୀ ଚଲେ ସେଇକ୍ଷଣେ ॥
ଦୋହାଁରେ ଆନୟା ଅତି ଆନନ୍ଦ ଅନ୍ତରେ ।
ଆଜ୍ଞା ଅନୁରୂପ କାର୍ଯ୍ୟ କରିଲ ସତ୍ୱରେ ॥
ତଥାହି ଶ୍ରୀ ବିଶ୍ୱନାଥ ଚକ୍ରବର୍ତ୍ତୀ *କୃତ ସ୍ତବାମୃତ ଲହରିଅ
ତରଣିଜା ତୀରଭୁବି ତରଣି କରକାରକ—
ପ୍ରିୟକ ଷଣ୍ଡସ୍ଥମଣି ସଦନ ମନ୍ହିତ ସ୍ଥିତେ ।
ଲଳିତାୟା ସାଦ୍ଧ ମନୁପଦ ରମିତ ରାଧୟା ॥
ମଦନ ଗୋପାଳ ନିଜ ସଦନ ମନୁରକ୍ଷ ମାଂ ।
ଶ୍ରୀ ମଦନ ଗୋପାଳ ବିଳାସ ବ୍ୟକ୍ତ ହେଲ ।
ବୈଷ୍ଣବ ସମାଜେ ମହା କୌତୁକ ବାଢିଲ ॥
ଏ ଅଦ୍ଭୁତ କଥା କ୍ଷେତ୍ରେ(୧) ଶୁନ ବଡ଼ଜାନା(୨) ॥
ଆନନ୍ଦେ ବିହ୍ୱଳ ଅତି ନାଜାନେ ଆପନା ।
ଶ୍ରୀ ଗୋବିନ୍ଦେ ଠାକୁରାଣୀ ପାଠାଇତେ ଗୃୟା ।
କରୟେ ଯତନ କତ ନା ଦେଖେ ଉପାୟ ॥
ଏକଦିନ ଚିନ୍ତାଯୁକ୍ତ ହେୟା ନିଦ୍ରାଗେଲା ।
ସ୍ୱପ୍ନଛଳେ ଶ୍ରୀ ରାଧିକା ସାକ୍ଷାତ ହଇଲେ ॥

---

ଜାନା=ଜେନାମଣି

* ବିଶ୍ୱନାଥ ଚକ୍ରବର୍ତ୍ତୀଙ୍କ ତିରୋଧାନ ଖ୍ରୀ ୧୫୫୧ରେ ହୋଇଥିବାର ବିଥା ନିର୍ଣ୍ଣୟ କରି ଡ଼ାକ୍ତର ସୁଶୀଳ କୁମାର ଦେ ଲେଖି ଅଛନ୍ତି ।

୧-କ୍ଷେତ୍ରେ—ଶ୍ରୀକ୍ଷେତ୍ରେ ।
୨-ବଡଜାନା—ବଡ ଜନା

ପୁରୁଷୋତ୍ତମ ଜାନାରେ କହୟେ ଧିରେ ଧିରେ ।
'ଶ୍ରୀ ଗୋବନ୍ଦ ନିକଟ ପାଠାହ ଶୀଘ୍ର ମୋରେ ॥
ଶ୍ରୀ ଜଗନ୍ନାଥେର ଚନ୍ଦନବେଡ଼ ଭ୍ରମଣେତେ ।
ମୋର ଦେଖି ରାଧିକା କଳ୍ପନା କୈଲ ଚିତେ ॥
ସକଲେ କହେନ ମୋରେ ଲକ୍ଷ୍ମୀ ଠାକୁରାଣୀ ॥
ଆମି ଯେ ରାଧିକା ଇହା କୋହେ ନାହିଁ ଜାନେ ।
ଏତ କହି ଅନ୍ତର୍ଦ୍ଧାନ ହେଲା ସେଇ କ୍ଷଣେ ॥"
ନିଦ୍ରାଭଙ୍ଗେ ବଡ଼ଜାନା ଅତି ବ୍ୟସ୍ତ ହୈଲା ।
ଚନ୍ଦନବେଡ଼ ମଧ୍ୟ ଗିୟା ସାକ୍ଷାତ ଦେଖିଲା ॥
ଚନ୍ଦନବେଢ଼େ ରାଧିକାର ଯେଛେ ହୈଲ ସ୍ଥିତି ।
ପ୍ରସଙ୍ଗ ପାଇୟା କହି ସଂକ୍ଷେପେ ସମ୍ପ୍ରତି ॥
ଯେଛେ ଶ୍ରୀ ଗୋପାଳ ଗୋବନ୍ଦେର ସ୍ଥାନ ହେତେ
ଅଇଲା ଦକ୍ଷିଣେ ପଦବ୍ରଜ ସାକ୍ଷାଦ୍‌ତେ ॥
ତଥାହି ସାଧନ ଦୀପିକାୟାଂ
ଶ୍ରୀଗୋବନ୍ଦ ସ୍ଥାନବାସୀ ଶ୍ରୀଗୋପାଲୋ ଦୟାମ୍ବୁଧିଃ ।
ସାକ୍ଷୀଂ ଦାତୁଂ ବ୍ରାହ୍ମଣସ୍ୟ ସ୍ୱପଦାଦଗ୍ରତୋଗତଃ
ଅଦ୍ୟାପି ରାଜତେ ଓଡ୍ର ଦେଶେଽସୌ ଭକ୍ତ ବତ୍ସଳଃ
କର୍ତ୍ତୁଂ ନକର୍ତ୍ତୁଂ ତତ୍ କର୍ତ୍ତୁ ସମର୍ଥୋ ହରୀଶ୍ୱରଃ
ଶ୍ରୀ ଗୋପାଳ ଗମନ ଅନ୍ୟତ୍ର * ବିସ୍ତାରିତ ।
ଚୈତସ୍ଥ କହି ଶ୍ରୀରାଧିକା ଗମନ କିଞ୍ଚିତ ।
କୋନ ଏକ ସମୟେ ରାଧା ବୃନ୍ଦାବନ ହୈତେ ।
ଆଇଲା ଉତ୍କଳ ଦେଶେ ଭକ୍ତାଧୀନ ମତେ ।
ଉତ୍କଳ ଦେଶେତେ ଗ୍ରାମ ଶ୍ରୀରାଧା ନଗର ।
ତଥାବୈସେ ଏକ ଦାକ୍ଷିଣାତ୍ୟ ବିପ୍ରବର ॥
ପରମ ବୈଷ୍ଣବ ବୃହଦ୍‌ଭାନୁ ନାମ ତାର ।
ସର୍ବଶାସ୍ତ୍ରେ ପଣ୍ଡିତ ସେ ସର୍ବତ ପ୍ରଚୁର ।

---

* ଅନ୍ୟତ୍ର—ଚୈତନ୍ୟ ଚରିତାମୃତ ଗ୍ରନ୍ଥରେ ଏହା ବର୍ଣ୍ଣିତ ଅଛି କୃଷ୍ଣଦାସ କବିରାଜଙ୍କ ଦ୍ୱାରା ।

ଶ୍ରୀରାଧିକା ଯେ ବୃହତ୍ ଭାନୁର କନ୍ୟା ପ୍ରାୟ ।
ତାର ଗୃହେ ବଳସମ୍ବୁ ଉଲ୍ଲାସ ହୃଦୟାୟ ।
ତଥାହି ଶୁଣ ସାଧନ ଦୀପିକାୟାଂ—
ଅଦ୍ୟାପି ଶ୍ରୂୟତେ କାଚତ୍ କଥା ପୌରାଣମୀ ଶୁଭା ।
ବିପ୍ରୋ ବୃହଦ୍‌ଭାନୁ ନାମା ଦାକ୍ଷିଣାତ୍ୟଃ ସୁବୈଷ୍ଣବଃ ।
ଓଡ୍ର ଦେଶ ନିବାସୀ ସ ରାଧାନଗର ଗ୍ରାମକେ ।
ପୂର୍ବୀ ଭବେନ ପ୍ରାପ୍ତଂଭୁଂ କଣ୍ଡ ବର୍ଷାଣି ସେବନ୍ତ
ଯଦ୍ଦଯା କରୁଣା ତସ୍ୟାସ୍ତତ କାଞ୍ଚନ ଦୁର୍ପଟଂ ॥
ବୃହଦ୍‌ଭାନୁ ବିପ୍ରେର ବାତ୍ସଲ୍ୟ ଯେ ପ୍ରକାର ।
ତାହା ଏକ ମୁଖେ କି ବର୍ଣ୍ଣିବ ମୁଇଁ ଛାର ॥
ଭିଳାର୍ଦ୍ଧେକ ନାଦେଖିଲେ ଯୁଗ ଲନମାନେ ।
ରାଧା ସେ ସର୍ବସ୍ୱ ରାଧାବିନା ନାନଜାନେ ॥
କତଦିନ ପରେ ବିପ୍ର ହୋଇଲ ସଂଗୋପନ ।
ଲୋକମୁଖେ ରାଜା ତାହା କରିଣ ଶ୍ରବଣ ॥
କ୍ଷେତ୍ରସ୍ଥ ସେ ରାଜା ଜଗନ୍ନାଥ ପ୍ରିୟ ଅତି ।
ଶ୍ରୀରାଧା ନଗରେ ଆସି ଦେଖେ ଦିବ୍ୟ ମୂର୍ତ୍ତି ॥
ମହା ବିଜ୍ଞ ରାଜା ସଜା ଚିନ୍ତେ ମନେ ମନେ ।
ଶ୍ରୀରାଧିକା ତାରେ ଆଜ୍ଞା କରନ୍ତେ ସ୍ୱପନେ ॥
"ଜଗନ୍ନାଥାଲୟେ ମୋରେ ରଖ ଶୀଘ୍ର ଲୈୟ ।"
ରାଜା ମହା ହର୍ଷ ହୋଇଲ ଐଛେ ଆଜ୍ଞା ପାଇୟା ।
ଶ୍ରୀ ଜଗନ୍ନାଥର ଚକ୍ରବେଢ଼ ରମ୍ୟ ସ୍ଥାନେ ।
ରଖିଲ ଶ୍ରୀ ରାଧିକାରେ ପରମ ଯତନେ ।
ଚକ୍ରବେଢ଼େ ବହୁଦିନ ଅଜ୍ଞାତ ହଇଲ ।
ଇହୁଁ ଲକ୍ଷ୍ମୀ ଏଇ କଥା ସର୍ବତ୍ର ବ୍ୟାପିଲ ।
ଲକ୍ଷ୍ମୀ ବଲି ସକଲେଇ କରନ୍ତେ ପୂଜନ ।
ସେବେ ସତ୍ୟ ଶ୍ରୀ ରାଧିକା ପୂର୍ଣ୍ଣ ଲକ୍ଷ୍ମୀ ହନ ॥
ଏକ ରୂପେ ଚକ୍ର ବେଢ଼େ କରଲେନ ସ୍ଥିତି ।
କେ ବୁଝିତେ ପାରେ ଲୀଳା କାହାର ଶକତି ॥

ବୃନ୍ଦାବନ ଗମନେର ସମୟ ହଇଲ ।
ତେହୁଁ ପୁରୁଷୋତ୍ତମ ଜାନାୟ ଜାନାଇଲ ॥
ସ୍ୱପ୍ନାବେଶେ ରାଜପୁନ୍ଦ ପରମ ଯତନେ ।
ବହୁଲୋକ ସଙ୍ଗେ ପଠାଇଲା ବୃନ୍ଦାବନେ ॥
ଶ୍ରୀ ରାଧିକା କ୍ଷେତ୍ର ହୈତେ ବୃନ୍ଦାବନେ ଗେଲା ।
ଗୌଡ଼ ଉତ୍କଳାଦି ଦେଶେ ସକଲେ ଶୁନିଲା ॥
ଯେ ଦିବସ ବୃନ୍ଦାବନେ ପ୍ରବେଶ କରିଲ ।
ସେ ଦିବସ ସୁଖେର ସମୁଦ୍ର ଉଥଲିଲ ॥
ଗୋବିନ୍ଦେର ବାମେ ବସାଇଲା ସିଂହାସନେ ।
ହଇଲ ଅଦ୍ଭୁତ ରଙ୍ଗ ଦୋହାଁର ମିଲନେ ॥
ଶ୍ରୀ ରାଧିକା ସହ ଗୋବିନ୍ଦେର ଶୋଭାସୌନ୍ଦର୍ଯ୍ୟେ ।
ଏକମୁଖେ ତାହାବା ବର୍ଣ୍ଣିବ କେବା କୈଷ୍ଟେ ॥
ଐଛନ ଠାକୁରାଣୀର ହୈଲ ଆଗମନ ।
ଏ ସବଲ ବର୍ଣ୍ଣିଲେନ ପୂର୍ବ କବିଗଣ ॥
ସାଧନ ଦୀପିକା ଦିକଗ୍ରନ୍ଥେ ଏ ବିସ୍ତାର ।
ଏ ସବ ଯେ ଶୁନେ ପ୍ରେମଭକ୍ତି ଲବଧ୍‌ତାର ॥
ଶ୍ରୀ ରାଧିକାର ସହ ଗୋପୀନାଥେର ପ୍ରକଟ ।
ପୂର୍ବେ ଜାନାଇଲ ବଂଶୀବଟେର ନିକଟ ।
ଶ୍ରୀ ଗୋବିନ୍ଦ ଗୋପୀନାଥ ମଦନ ମୋହନ
ଏତିନ ଠାକୁର ଗୌଡ଼ିୟାର ପ୍ରାଣଧନ ।
ଏତିନ ଗୌଡ଼ିୟାର ସର୍ବସ୍ୱ ସର୍ବେ ଜାନେ ।
ଗୌଡ଼ିୟାକେ ଆତ୍ମସାତ୍ କୈଲା ଏଇତିନେ ।

ବଙ୍ଗଳା ଭାଷାରେ ଲିଖିତ ଉଦ୍ଧୃତାଂଶରୁ ଏତିକି ପ୍ରତିପାଦିତ ହେଉଅଛି ଯେ ଓଡ଼ିଶାରେ ପ୍ରଥମେ ରାଧା ମୂର୍ତ୍ତି ସ୍ଥାପିତ ହୋଇଥିଲା ଓ ତାହା ପରେ ଜଗନ୍ନାଥ ମନ୍ଦିରର ରତ୍ନବେଦୀରେ ମଧ୍ୟ ପୂଜିତ ହେଉଥିଲା । ତତ୍ପରେ ରାଧାମୂର୍ତ୍ତି ପୁରୀ ଧାମରୁ ବୃନ୍ଦାବନକୁ ସ୍ଥାନାନ୍ତରିତ ହୋଇ ସେଠାରେ ଯୁଗଳ ମୂର୍ତ୍ତି ରାଧାକୃଷ୍ଣଙ୍କର ପୂଜା ପ୍ରଚଳିତ ହେଉଥିଲା ।

ଭୋଇ ବଂଶୀୟ ରାଜା ପୁରୁଷୋତ୍ତମ ଦେବ ଖ୍ରୀ ୧୬୦୭ ରୁ ଖ୍ରୀ ୧୬୩୦ ପର୍ଯ୍ୟନ୍ତ ରାଜପଣ କରିଥିଲେ । ଏହି ସମୟ ମଧ୍ୟରେ ବୃନ୍ଦାବନର ଗୋସ୍ୱାମୀ ମାନଙ୍କର ଧର୍ମ ଓ ଗ୍ରନ୍ଥ ପ୍ରଚାର ପ୍ରବଳ ଭାବରେ ହୋଇଥିଲା । ପ୍ରାୟ ଖ୍ରୀ ୧୬୨୦ ସମୟରେ ବୃନ୍ଦାବନରୁ ଶ୍ରୀନିବାସ ଆଚାର୍ଯ୍ୟ, ନରୋତ୍ତମ ଠାକୁର ଓ ଶ୍ୟାମାନନ୍ଦ ଦେବ ଗୋସ୍ୱାମୀ ପୂର୍ବ ଭାରତକୁ ଆସିଥିଲେ । ଶ୍ରୀନିବାସ ଆଚାର୍ଯ୍ୟ ବିଷ୍ଣୁପୁର ଅଞ୍ଚଳରେ ଧର୍ମ ଓ ଗ୍ରନ୍ଥ ପ୍ରଚାର କରିଥିଲେ । ନରୋତ୍ତମ ଠାକୁର "ଖେତରି"ଠାରେ ଧର୍ମ ଓ ଗ୍ରନ୍ଥପ୍ରଚାର କରିଥିଲେ, ଶ୍ୟାମାନନ୍ଦ ଦେବ ଗୋସ୍ୱାମୀ ଉତ୍କଳରେ ଧର୍ମ ଓ ଗ୍ରନ୍ଥ ପ୍ରଚାର କରିଥିଲେ । ଶ୍ୟାମାନନ୍ଦଙ୍କର ଶିଷ୍ୟ ରସିକାନନ୍ଦ ଦେବ ଗୋସ୍ୱାମୀ ଓଡ଼ିଶାରେ ଅନେକ ରାଜବଂଶକୁ ବୈଷ୍ଣବ ଧର୍ମର ଦୀକ୍ଷା ଦେଇଥିଲେ । ରସିକାନନ୍ଦ ଦେବ ଗୋସ୍ୱାମୀଙ୍କର ଆଉ ଗୋଟିଏ ପ୍ରଧାନ କାର୍ଯ୍ୟ ହେଉଛି କ୍ଷୀର ଚୋର ଗୋପୀନାଥ ମନ୍ଦିରରେ ମୂର୍ତ୍ତି ପ୍ରତିଷ୍ଠା । ମୁସଲମାନ କଳା ପାହାଡ଼ ଆକ୍ରମଣ ବେଳେ ଏହି ମୂର୍ତ୍ତିକୁ ସ୍ଥାନାନ୍ତରିତ କରି ଏକ ଲୋକମାନେ ପକାଇ ଦେଇଥିଲେ । ରସିକାନନ୍ଦ ସେଇ ମୂର୍ତ୍ତିକୁ ଉଦ୍ଧାର କରି କ୍ଷୀରଚୋର ମନ୍ଦିର ମଧ୍ୟରେ ସ୍ଥାପିତ କରିଥିଲେ ।

ଭାରତରେ ଓଡ଼ିଶାର ପ୍ରସିଦ୍ଧ ଦାର୍ଶନିକ ବୈଷ୍ଣବ ସନ୍ୟାସୀ ହେଉଛନ୍ତି ବଳଦେବ ବିଦ୍ୟାଭୂଷଣ । ବଳଦେବ ବିଦ୍ୟା ଭୂଷଣଙ୍କର ଜନ୍ମସ୍ଥାନ କ୍ଷୀର ଚୋର ମନ୍ଦିର ନିକଟବର୍ତ୍ତୀ କୌଣସି ଏକ ଗ୍ରାମରେ ଥିଲା । ବଳଦେବ ବିଦ୍ୟାଭୂଷଣ ଶ୍ୟାମାନନ୍ଦ ସମ୍ପ୍ରଦାୟଭୁକ୍ତ ବୈଷ୍ଣବଥିଲେ । ସେ ପୁରୀରେ ଅନେକ ଦିନ ରହି ବୃନ୍ଦାବନ ଯାତ୍ରା କରିଥିଲେ । କେତେକ ମାସ ପୂର୍ବେ "ଝଙ୍କାର" ପତ୍ରିକାରେ ମୁଁ ଗୋଟିଏ ପ୍ରବନ୍ଧରେ ବଳଦେବ ବିଦ୍ୟାଭୂଷଣଙ୍କ କଥା ଲେଖି ଥିଲି । କୌତୁହଳୀ ପାଠକ, ତାହା ଦେଖି ପାରନ୍ତି ।

ଭାରତକୁ ବଳଦେବ ବିଦ୍ୟାଭୂଷଣଙ୍କର ଶ୍ରେଷ୍ଠ ଦାନ ହେଉଛି ରାଧାକୃଷ୍ଣପୂଜାର ଦାର୍ଶନିକ ତତ୍ତ୍ୱ ପ୍ରଚାର । ଆଉରଙ୍ଗଜେବଙ୍କ ଅମଳରେ ବୃନ୍ଦାବନର ଗୌଡ଼ୀୟ ବୈଷ୍ଣବମାନେ ଭୟଙ୍କର ମନ୍ଦିର ଗୁଡ଼ିକରୁ

ମୂର୍ତ୍ତି ସବୁ ଗୋପନରେ ରାଜପୁତନାର ଜୟପୁର ରାଜ୍ୟକୁ ସ୍ଥାନାନ୍ତରିତ କରିଥିଲେ । ଜୟପୁର ରାଜ୍ୟର ସବାଇ ଜୟସିଂହ (ଖ୍ରୀ ୧୬୯୮-୧୭୪୩ । ) ଙ୍କ ରାଜତ୍ୱ କାଳରେ ବୃନ୍ଦାବନର ମୂର୍ତ୍ତି ଗୁଡ଼ିକ ଜୟପୁର ରାଜଧାନୀ ନିକଟବର୍ତ୍ତୀ ଗାଲତା ପାହାଡ଼ର ମଠରେ ପୂଜିତ ହେଉଥିଲେ । ପ୍ରାୟ ଖ୍ରୀ ୧୭୩୫-୪୦ ମଧ୍ୟରେ ଦାକ୍ଷିଣାତ୍ୟର ମାଧ୍ୱାଦ ସମ୍ପ୍ରଦାୟର ବୈଷ୍ଣବ ମାନେ ଜୟପୁର ଆସି ସୁପଣ୍ଡିତ ଜୟପୁର ରାଜା ସବାଇ ଜୟସିଂହଙ୍କୁ ପ୍ରଶ୍ନ କଲେ ଯେ ରାଧାକୃଷ୍ଣ ପୂଜାର ଦାର୍ଶନିକ ନିବନ୍ଧ କାହିଁ, ରାଧାକୃଷ୍ଣ ପୂଜାର ବେଦାନ୍ତ ସୂତ୍ରର ଭାଷ୍ୟ, ଶ୍ରୀମଦ୍‌ ଭଗବତ୍‌ ଗୀତାର ଭାଷ୍ୟ ଓ ଦଶୋପନିଷଦର ଭାଷ୍ୟ କାହିଁ । ସବାଇ ଜୟସିଂହ ଉତ୍ତର ଦେଇ ନ ପାରିବାରୁ ରାଧାମୂର୍ତ୍ତିକୁ କୃଷ୍ଣଠାରୁ ଅଲଗା କରିବାକୁ ବାଧ୍ୟ ହେଲେ ଓ ବୃନ୍ଦାବନକୁ ଖବର ଦେଲେ । ବୃନ୍ଦାବନରୁ ବିଶ୍ୱନାଥ ଚକ୍ରବର୍ତ୍ତୀ ଅତି ବୃଦ୍ଧ ହୋଇଥିବାରୁ ବଳଦେବ ବିଦ୍ୟାଭୂଷଣଙ୍କୁ ଜୟପୁର ପଠାଇଲେ । ଦାକ୍ଷିଣାତ୍ୟର ବୈଷ୍ଣବମାନଙ୍କ ସହିତ ବଳଦେବ ବିଦ୍ୟାଭୂଷଣଙ୍କର ଏକ ସଭାରେ ଆଲୋଚନା ହେଲା । ବିଦ୍ୟାଭୂଷଣ ସମସ୍ତ କଥା ଶୁଣି ସମୟ ମାଗିଲେ । ସମୟ ଶେଷ ହେବା ବେଳକୁ ତିନୋଟି ଗ୍ରନ୍ଥର ପାଣ୍ଡୁଲିପି ଧରି ବଳଦେବ ବିଦ୍ୟାଭୂଷଣ ସଭାରେ ଉପସ୍ଥିତ ହେଲେ ଓ ବେଦାନ୍ତ ବ୍ରହ୍ମ ସୂତ୍ରର ଗୋବିନ୍ଦ ଭାଷ୍ୟ, ଶ୍ରୀମଦ ଭଗବତ୍‌ ଗୀତାର ଗୋବିନ୍ଦ ଭାଷ୍ୟ ଓ ଦଶୋପନିଷଦର ଭାଷ୍ୟ ଦାକ୍ଷିଣାତ୍ୟର ବୈଷ୍ଣବମାନଙ୍କୁ ଶୁଣାଇ କୃଷ୍ଣ ସ୍ୱୟଂ ପରଂବ୍ରହ୍ମ ଓ ରାଧିକା କୃଷ୍ଣଙ୍କର ହ୍ଲାଦିନୀ ଶକ୍ତି ବୋଲି ବାଖ୍ୟା କରି ରାଧାକୃଷ୍ଣ ମୂର୍ତ୍ତି ପୂଜାର ତତ୍ତ୍ୱ ଦର୍ଶାଇଲେ । ଏହି ତତ୍ତ୍ୱର ନାମ "ଅଚିନ୍ତ୍ୟ ଭେଦାଭେଦ ।" ଏହା ଶୁଣି ଦାକ୍ଷିଣାତ୍ୟର ବୈଷ୍ଣବମାନେ ରାଧାକୃଷ୍ଣ ମୂର୍ତ୍ତି ପୂଜାକୁ ସ୍ୱୀକାର କଲେ ।

ଉପରୋକ୍ତ ଆଲୋଚନାରୁ ଜଣାଯାଏ ଯେ ଓଡ଼ିଶା ହିଁ ରାଧାକୃଷ୍ଣ ମୂର୍ତ୍ତି ଗଠନର ଆଦି କ୍ଷେତ୍ର ଓ ଓଡ଼ିଶାର ଦାର୍ଶନିକ ବଳଦେବ ବିଦ୍ୟାଭୂଷଣ କୃଷ୍ଣ ମୂର୍ତ୍ତି ପୂଜାର ଦାର୍ଶନିକ ବ୍ୟାଖ୍ୟା କରିଥିଲେ । ବର୍ତ୍ତମାନ ସମଗ୍ର ଭାରତରେ ରାଧାକୃଷ୍ଣ ମୂର୍ତ୍ତି ପୂଜା ପ୍ରଚଳିତ ହୋଇ କୋଟି କୋଟି ଲୋକମାନଙ୍କୁ ଧର୍ମଭାବ ପ୍ରଦାନ କରୁଅଛି । *

---

*କଳ୍ପନା ୧୯୬୬

# ଓଡ଼ିଆ ସାହିତ୍ୟର ଐତିହ୍ୟ ●

## ଓଡ଼ିଆ ଭାଷାର ଉତ୍ପତ୍ତି

ଓଡ଼ିଆଭାଷୀ ଅଞ୍ଚଳରେ ମନୁଷ୍ୟ ବସତି ପ୍ରାଗୈତିହାସିକ ଯୁଗରୁ ଅଛି ଓ ଆଜିଯାଏ ଓଡ଼ିଆଭାଷୀମାନଙ୍କ ପଡ଼ୋଶୀ ହୋଇ ସେ ଯୁଗର ଆଦିମ ଜାତି ଏଠାରେ ଅଛନ୍ତି । ସେମାନଙ୍କ ଭାଷା ଏପର୍ଯ୍ୟନ୍ତ ଲିଖିତ ଆକାରରେ ନ ରହି କଥିତ ଅବସ୍ଥାରେ ଅଛି । ପ୍ରତ୍ନତତ୍ତ୍ୱର ଯାବତୀୟ ବିଷୟ ମଧ୍ୟରୁ ଭାଷାର ପ୍ରତ୍ନତତ୍ତ୍ୱ ପରି ଆଉ କେହି ଜୀବନ୍ତ ନୁହନ୍ତି । ପ୍ରସ୍ତର ଓ ଧାତୁର ଜିନିଷ ଗୁଡ଼ିକ ତତ୍କାଳୀନ ଲୋକମାନଙ୍କର ଭାବକୁ ନୀରବରେ ବ୍ୟକ୍ତ କରେ, ତାହାର ରୂପାନ୍ତର ନାହିଁ; କହିଲେ ଚଳେ ମାତ୍ର ଭାଷା ସଜୀବ ଥାଇ କ୍ରମବିକାଶରେ ନୂତନତ୍ୱ ବଜାଏ ରଖେ । ଏଣୁ ଭାଷାର ପୁରାତତ୍ତ୍ୱ ବିଚାରରେ ଲିଖିତ ଭାଷା ଓ କଥିତ ଭାଷା ଉଭୟେ ସମାନ ଉପଯୋଗୀ ।

ଓଡ଼ିଶାର ସର୍ବପ୍ରଥମ ଲିଖିତ ଭାଷା ପାଲି । ବ୍ରାହ୍ମଣ୍ୟ ଧର୍ମଗ୍ରନ୍ଥର ଭାଷା ସଂସ୍କୃତ ଥିବାରୁ ବୌଦ୍ଧମାନେ ତାହା ପରିତ୍ୟାଗ କରି ମାଗଧୀ ଭାଷାରେ ବୌଦ୍ଧଧର୍ମର ଚର୍ଚ୍ଚା କଲେ । ଏଣୁ ଜନସାଧାରଣରେ ତାହାର ପ୍ରଚାର ଓ ପ୍ରସାର ସହଜ ହୋଇଥିଲା । ବୌଦ୍ଧଗ୍ରନ୍ଥାଦିରେ ବ୍ୟବହୃତ ଏହି ମାଗଧୀ ଭାଷାର ନାମ ପାଲି । ବ୍ରାହ୍ମୀ ଅକ୍ଷରରେ ଲିଖିତ ମୌର୍ଯ୍ୟ ସମ୍ରାଟ ଅଶୋକ ( ଖ୍ରୀ: ପୂ: ୨୭୩-୨୩୨ )ଙ୍କର ଧଉଳି ଓ ଜଉଗଡ଼ର ଗିରି ଅନୁଶାସନରୁ ଓ ତାହାର ୧୦୦ ବର୍ଷ ପରବର୍ତ୍ତୀ କଳିଙ୍ଗ ସମ୍ରାଟ ଖାର-

---

●ବାରିପଦା ସାହିତ୍ୟ ସମାଜର ବିଶେଷ ଅଧିବେଶନରେ ପଠିତ ।

ବେଲଙ୍କର ହାତୀଗୁମ୍ଫା ଲିପିରୁ ଓଡ଼ିଶାରେ ପାଲିଭାଷା ପ୍ରଚଳିତ ଥିବାର ଆକାଟ୍ୟ ପ୍ରମାଣ ମିଳେ । ଏଗୁଡ଼ିକ ଯେଉଁ ଭାଷାରେ ଲିଖିତ ତାହା ତତ୍କାଳୀନ ଓଡ଼ିଶାର କଥିତ ଭାଷା କି ନା ତାହାର ପ୍ରମାଣ ମିଳି ନାହିଁ । ଏଥିରେ ଅବଶ୍ୟ କେତେକ ଓଡ଼ିଆ ଶବ୍ଦ ଦେଖାଯାଏ । ଉକ୍ତ ଲିପି ଗୁଡ଼ିକର ବିଶେଷତ୍ୱ ଏହି ଯେ, ତାହା ଗଦ୍ୟରେ ଲିଖିତ ରାଜ-ଅନୁଶାସନ । ଏଥିରେ କବିର କଳ୍ପନା ନ ଥିଲେ ମଧ୍ୟ ରାଜକର୍ମଚାରୀମାନଙ୍କର ରାଜପ୍ରଶସ୍ତି ଅଛି । ଖାରବେଳଙ୍କର ଲିପିରେ 'ବାଟ' ଶବ୍ଦ ବ୍ୟବହୃତ ହୋଇଅଛି ଓ ଓଡ଼ିଆ ଭାଷାରେ ବର୍ତ୍ତମାନ ମଧ୍ୟ 'ବାଟ' ଶବ୍ଦ ଚଳୁଅଛି । ଏହାଛଡ଼ା ଆହୁରି କେତୋଟି ସ୍ୱତନ୍ତ୍ରତା ଖାରବେଳଙ୍କ ଲିପିରେ ଅଛି । ସେଥିରୁ ମନେ ହେଉଛି ଯେ, ଏହି ଲିପି ଉପରେ ତତ୍କାଳୀନ କଥିତ ଭାଷାର ଛାୟା ପଡ଼ିଅଛି ।

ଭରତଙ୍କ ନାଟ୍ୟଶାସ୍ତ୍ରରେ ଭାରତର ବିଭିନ୍ନ ଅଞ୍ଚଳର କଥିତ ଭାଷାର ଗୋଟିଏ ତାଲିକା ଅଛି । ନାଟ୍ୟଶାସ୍ତ୍ର ସଂସ୍କୃତରେ ଲିଖିତ ଯୋଗୁଁ କଥିତ ଭାଷା-ଗୁଡ଼ିକ ଶୁଦ୍ଧ ଭାଷା ବୋଲି ଧରା ଯାଇ ନାହିଁ । ନିମ୍ନଲିଖିତ ଶ୍ଳୋକରୁ ଜଣାଯାଏ ଯେ, ଉଡ୍ର ବା ଓଡ଼ିଆ ଭାଷାକୁ ଭରତ ଏକ ବିଭାଷା ବା ଅପଭ୍ରଂଶ ବୋଲି ସ୍ଥିର କରିଥିଲେ —

'ଶକାରାଭୀର ଚଣ୍ଡାଳ ଶବର ଦ୍ରାବିଡ଼ୋଡ୍ରଜାଃ ।
ହୀନା ବନେଚରାଣାଞ୍ଚ ବିଭାଷା ସପ୍ତ କୀର୍ତ୍ତିତାଃ ।'

ଭରତ ଖ୍ରୀଷ୍ଟୀୟ ପ୍ରଥମ ଶତାବ୍ଦୀର ଲୋକ ବୋଲି ପଣ୍ଡିତମାନେ ସ୍ଥିର କରିଅଛନ୍ତି । ଏହାହେଲେ ଖାରବେଳଙ୍କ ସମୟର ବା ପରେ ଓଡ଼ିଶାର କଥିତ ଭାଷା ଉଡ୍ର ବିଭାଷା ଥିଲା ବୋଲି ଧରା ଯାଇପାରେ । ଶବର, ଦ୍ରାବିଡ଼ ଓ ଉଡ୍ର ଲୋକମାନଙ୍କର ବସତି ଓଡ଼ିଶାରେ ବହୁକାଳରୁ ଥିଲା ଓ ବର୍ତ୍ତମାନ ମଧ୍ୟ ଅଛି । ଏମାନଙ୍କ ଭାଷା ଉପରେ ବ୍ରାହ୍ମଣ୍ୟ ଧର୍ମର ଭାଷା ସଂସ୍କୃତ ଏବଂ ବୌଦ୍ଧ ଓ ଜୈନମାନଙ୍କର ଭାଷା ପାଲି ଓ ପ୍ରାକୃତର ପ୍ରଭାବ ପୂର୍ଣ୍ଣମାତ୍ରାରେ ପଡ଼ିବାରୁ ଉଡ୍ର ଭାଷା ସୃଷ୍ଟି ହେଲା ।

ପ୍ରାକୃତ ଭାଷା ପ୍ରାଚ୍ୟ ଓ ପାଶ୍ଚାତ୍ୟ ଭେଦରେ ଦୁଇ ପ୍ରକାର । ବରରୁଚି ପ୍ରାଚ୍ୟ ପ୍ରାକୃତର ଓ ବାଲ୍ମୀକି ପାଶ୍ଚାତ୍ୟ ପ୍ରାକୃତର ସ୍ରଷ୍ଟା । ପ୍ରାଚ୍ୟ ପ୍ରାକୃତର ବୈୟାକରଣଙ୍କ ମଧ୍ୟରେ ରାମଶର୍ମା ତର୍କବାଗୀଶଙ୍କର 'ପ୍ରାକୃତ କଳ୍ପତରୁ' ଓ ମାର୍କଣ୍ଡେୟ କବୀନ୍ଦ୍ରଙ୍କର 'ପ୍ରାକୃତ ସର୍ବସ୍ୱ' ଗ୍ରନ୍ଥ ଦୁଇଟି ବିଶେଷ ଉପାଦେୟ । ରାମଶର୍ମାଙ୍କ ମତରେ (୧) ଶାକାରିକା, (୨) (୨) ଚାଣ୍ଡାଳିକା (୩) ଶାବରୀ, (୪) ଆଭୀରିକା (୫) ଦ୍ରାବିଡ଼ିକା, (୬) ଔତ୍କଳୀ ବା ଔଡ୍ରୀ, (୭ ବନୌକସୀ, (୮) ମାଣ୍ଡୁରିକା, ଓ (୯) ଟାକ୍କୀ ଏହିପରି ୯ ପ୍ରକାର ହେଉଛି ପ୍ରାକୃତ ଭାଷା । ତନ୍ମଧ୍ୟରୁ ଆଭୀରିକା ଦ୍ରାବିଡ଼ିକା, ଔତ୍କଳୀ ବନୌସୀ ଓ ମାଣ୍ଡୁରିକା ଏହି ପାଞ୍ଚଗୋଟି ମାଗଧୀ ମାଗଧୀ ବା ପ୍ରାଚ୍ୟ ପ୍ରାକୃତର ଅନ୍ତର୍ଭୁକ୍ତ କିନ୍ତୁ ମାର୍କେଣ୍ଡେୟ କବୀନ୍ଦ୍ରଙ୍କ ମତରେ (୧) ଶକାର; (୨) ଆଭୀର, (୩) ଚାଣ୍ଡାଳ, ୪ ଶବର (୫) ଦ୍ରାବିଡ଼ ଓ (୬) ଔଡ୍ର ଏହି ୬ଟି ମାତ୍ର ବିଭାଷା । ସେ ଅନ୍ୟତ୍ର ଆଲୋଚନା କରି ନିଜ ମତ ଲେଖି ଅଛନ୍ତି ଯେ, ପ୍ରକୃତରେ ବିଭାଷା ମାତ୍ର ପାଞ୍ଚୋଟି ଯଥା—(୧) ଶାକାରୀ, (୨) ଚାଣ୍ଡାଳୀ, (୩) ଶାବରୀ, (୪) ଆଭୀରୀ, (୫) ଟାକ୍କୀ ! ଔଡ୍ରୀକୁ ବିଭାଷା ବୋଲି ନ ଧରିବାର କାରଣ, ଏହା ଶାବରୀ ବିଭାଷା ଔଡ୍ର ଦେଶୀୟ ଭାଷାର ଅନୁକରଣ କରିଥାଏ । ଔଡ୍ର ଦେଶୀୟ ଭାଷାର ଅନୁକରଣ କରିଥାଏ । ଔଡ୍ରୀ ବିଭାଷା ସମ୍ବନ୍ଧେ ସେ ସୂତ୍ର ଦେଇଅଛନ୍ତି --

"ଶାବର୍ଯ୍ୟ ମେ ବୌଡ୍ରୀ ଯୋଗାଦ୍ଭଦେଶ୍ୟ ଶୌରଃ ସେନାଂଦେଃ"

ଅର୍ଥାତ୍ ଓ ଓଡ୍ର ଓ ଶୂରସେନ ଦେଶୀୟ ଶବ୍ଦ ସହିତ ଶାବରୀର ସଂଯୋଗରେ ଔଡ୍ର ବିଭାଷାର ସୃଷ୍ଟି । ଏଣୁ ଓଡ଼ିଆ ଭାଷାର ଶବ୍ଦ ସୃଷ୍ଟିର ତତ୍ତ୍ୱର ଭଲ ଆଲୋଚନା ପାଇଁ ମାର୍କଣ୍ଡେୟ କବୀନ୍ଦ୍ରଙ୍କର 'ପ୍ରାକୃତ ସର୍ବସ୍ୱ' ଗ୍ରନ୍ଥଟି ବିଶେଷ ଉପଯୋଗୀ । ମାର୍କଣ୍ଡେୟଙ୍କ ସମୟକୁ ଓଡ଼ିଆ ଭାଷାର ସ୍ୱତନ୍ତ୍ରତା ଆସିଥିବାରୁ ସେ ବୋଧହୁଏ ପୂର୍ବବର୍ତ୍ତୀ ପ୍ରାକୃତ ବୈୟାକରଣମାନଙ୍କ ମତକୁ ଗ୍ରହଣ କରି ନାହାନ୍ତି ।

ଏଠାରେ ମାର୍କଣ୍ଡେୟ କବୀନ୍ଦ୍ରଙ୍କର ଟିକିଏ ପରିଚୟ ଦିଆଯାଉଅଛି । ସେ 'ପ୍ରାକୃତ ସର୍ବସ୍ୱ' ଗ୍ରନ୍ଥର ଶେଷରେ ନିଜର ପରିଚୟ ଏହିରୂପେ ଦେଇ ଅଛନ୍ତି—

ଶ୍ରୀମଦ୍ଧୀରମୁକୁନ୍ଦଦେବ ନୃପତୌ ଦୋଃସ୍ତମ୍ଭକୁମ୍ଭୀନସ-
କ୍ରୀଡ଼ା-ଗ୍ରସ୍ତ-ସମସ୍ତ-ଶାତ୍ରବକୁଲ-ପ୍ରାଣାନଲେ ଧର୍ମିତଃ
ଶାସତ୍ୟୁତ୍କଲମେଦିନୀଂ ରଘୁପତୌ ସାକ୍ଷାଦଯୋଧ୍ୟାମିବ,
ଗ୍ରାମେ ବୀରବର ପ୍ରତାପନୃପତେ ପୂର୍ଣ୍ଣୋ ନିବନ୍ଧୋନବଃ ।

ଅର୍ଥାତ୍ ବୀର ମୁକୁନ୍ଦଦେବ ଉତ୍କଳ ମେଦିନୀ ଶାସନ କରୁଥିବା ବେଳେ ସେ ବୀରବର ପ୍ରତାପ ନୃପତିଙ୍କର ସ୍ଥାପିତ ଗ୍ରାମରେ ଏହି ଗ୍ରନ୍ଥ ସମାପ୍ତ କରିଥିଲେ । ଏଥିରୁ ସ୍ପଷ୍ଟ ମନେ ହେଉଅଛି ଯେ, ପୁରୀଜିଲାର ବୀର ପ୍ରତାପପୁର ଶାସନର ଅଧିବାସୀ ଓଡ଼ିଆ ବ୍ରାହ୍ମଣ ଥିଲେ ଓ ବୀର ମୁକୁନ୍ଦଦେବଙ୍କ ଶାସନ ସମୟରେ ଜୀବିତ ଥିଲେ । ଏ ଉତ୍କଳ ନୃପତି ବୀର ମୁକୁନ୍ଦଦେବ କିଏ ? ଏହା ସ୍ଥିର ନକରିବା ଯାଏ ମାର୍କଣ୍ଡେୟ କବୀନ୍ଦ୍ରଙ୍କର ସମୟ ନିରୂପିତ ହୋଇ ନ ପାରେ । ଗ୍ରୀଏରସନ ସାହେବ ଭୋଇ ବଂଶର ରାଜା ପ୍ରଥମ ମୁକୁନ୍ଦଦେବ ବୋଲି ଧରି ମାର୍କଣ୍ଡେୟଙ୍କର ସମୟ ୧୭ଶ ଶତାବ୍ଦୀ ବୋଲି ଗୋଟିଏ ପ୍ରବନ୍ଧରେ ସ୍ଥିର କରିଅଛନ୍ତି । ପଣ୍ଡିତ ବିନାୟକ ମିଶ୍ର ତାଙ୍କର 'ଓଡ଼ିଆ ସାହିତ୍ୟର ଇତିହାସ' ପୃଷ୍ଠା ୧୧୯ରେ ଲେଖିଅଛନ୍ତି ଯେ, 'ଚତୁର୍ଦ୍ଦଶ ଶତାବ୍ଦୀରେ ପୁରୀ ବୀରପ୍ରତାପପୁର ଶାସନର ମାର୍କଣ୍ଡ ଦାସ × × ପ୍ରାକୃତ ଭାଷାର ବ୍ୟାକରଣ ଲେଖିଥିଲେ ।' 'ଦୋ ସ୍ତମ୍ଭ କୁମ୍ଭୀନସ କ୍ରୀଡ଼ାଗ୍ରସ୍ତ-ସମସ୍ତ ଶାତ୍ରବକୁଳ ପ୍ରାଣାନଲେ ଧର୍ମିତଃ' କଥାରୁ ବେଶ୍ ବୁଝାଯାଉ ଅଛି ଯେ, ମୁକୁନ୍ଦଦେବ ସର୍ବଦା ଯୁଦ୍ଧରେ ଲିପ୍ତ ରହୁଥିଲେ । ଭୋଇ ବଂଶୀୟ ପ୍ରଥମ ମୁକୁନ୍ଦଦେବଙ୍କ ପକ୍ଷରେ ଏ ବୀରତ୍ୱର ପ୍ରୟୋଗ ସେତେ ସମୀଚୀନ ହେଉ ନାହିଁ । କାରଣ ସେ ମୋଗଲ ସମ୍ରାଟ ଆଉରଙ୍ଗଜେବଙ୍କ ରାଜତ୍ୱରେ ଓଡ଼ିଶାର ମୋଗଲ ସୁବାଦାରଙ୍କ ସହିତ ଅଳ୍ପକାଳ ବିରୋଧ କରି ଶେଷରେ ବଶତା ସ୍ୱୀକାର କରିଥିଲେ । ଏଣୁ ଦୃଢ଼ ଭାବରେ ବୋଲିଯାଇ ପାରେ ଯେ, ମାର୍କଣ୍ଡେୟ

କଣୀନ୍ଦ୍ର 'ପ୍ରାକୃତ ସର୍ବସ୍ୱ' ଗ୍ରନ୍ଥଟି ୧୫୬୦-୬୮ ଖ୍ରୀଷ୍ଟାବ୍ଦ ମଧ୍ୟରେ ତେଲଙ୍ଗା ମୁକୁନ୍ଦଦେବଙ୍କ ସମୟରେ ଲେଖିଥିଲେ । 'ପଣ୍ଡିତ ସର୍ବସ୍ୱ' 'ସାର ସର୍ବସ୍ୱ' 'ଶୂନ୍ୟ ସର୍ବସ୍ୱ' ଇତ୍ୟାଦି 'ସର୍ବସ୍ୱ' ସଂଜ୍ଞକ ଗ୍ରନ୍ଥମାନ ଓଡ଼ିଶାରେ ବହୁ ପ୍ରଚଳିତ । ଏହି ମୂଲ୍ୟବାନ ଗ୍ରନ୍ଥର ଅସ୍ତିତ୍ୱ ସମ୍ବନ୍ଧେ ଓଡ଼ିଶାରେ ଅତି ଅଳ୍ପଲୋକ ଜାଣନ୍ତି । ଏହି ଗ୍ରନ୍ଥ ଉପରେ ନିର୍ଭର କରି ଇଂରେଜ ପଣ୍ଡିତ ଗ୍ରିଏରସନ୍ ସାହେବ ପ୍ରାକୃତ ଭାଷା ସମ୍ବନ୍ଧେ ଅନେକ ଗ୍ରନ୍ଥ ଓ ପ୍ରବନ୍ଧ ଏବଂ ଜର୍ମାନ ପଣ୍ଡିତ ପିସେଲ ସାହେବ 'ପ୍ରାକୃତ ଭାଷା' ନାମଧେୟ ଗ୍ରନ୍ଥ ଲେଖି ଅଛନ୍ତି ଓ ଉଭୟେ ମାର୍କଣ୍ଡେୟଙ୍କର କୃତିତ୍ୱ ମୁକ୍ତ କଣ୍ଠରେ ସ୍ୱୀକାର କରି ଅଛନ୍ତି ।

## ଓଡ଼ିଆ ସାହିତ୍ୟର ଐତିହାସିକ ସ୍ରଚନା ସଂସ୍କୃତର ପ୍ରଭାବ

ଓଡ଼ିଶାରୁ ପ୍ରାପ୍ତ ତାମ୍ରଶାସନ ଗୁଡ଼ିକ ମଧ୍ୟରୁ ବାଲେଶ୍ୱର ଜିଲାର ସୋର ଗ୍ରାମରୁ ପ୍ରାପ୍ତ ମହାରାଜ ଶ୍ରୀ ଶମ୍ଭୁଯଶଙ୍କର ତାମ୍ରଶାସନଟି ପ୍ରାଚୀନ-ତମ । ସ୍ୱର୍ଗୀୟ ନନଗୋପାଲ ମଜୁମଦାର ସ୍ଥିର କରି ଅଛନ୍ତି ଯେ, ଏହା 'କଲଚୁରୀ ସମ୍ବତ୍ସର' ତଦନୁସାରେ ତାମ୍ର ଶାସନଟି ଖ୍ରୀ ୫୦୮-୯ରେ ଲିଖିତ ହୋଇଥିଲା । ଏହି ତାମ୍ର ଶାସନର ଭାଷା ସୁନ୍ଦର ଗଦ୍ୟ ସଂସ୍କୃତ । ୬ଷ୍ଠ ଶତାବ୍ଦୀ ଠାରୁ ୧୬ ଶତାବ୍ଦୀ ଯାଏ ହଜାରେ ବର୍ଷର ତାମ୍ରଶାସନ ଓ ଶିଳାଲିପିରେ ଅଳଙ୍କାରପୂର୍ଣ୍ଣ ସଂସ୍କୃତ ରାଜପ୍ରଶସ୍ତି ନିହିତ ଅଛି । ଏହି ଦୀର୍ଘ ସହସ୍ର ବର୍ଷ ମଧ୍ୟରେ ଓଡ଼ିଶାରେ ବ୍ରାହ୍ମଣ ଧର୍ମର ପ୍ରଭାବ ବୃଦ୍ଧି ପାଇଥିଲା । ତେଣୁ ରାଜକୀୟ ସମସ୍ତ ଲିପିରେ ସଂସ୍କୃତ ଭାଷା ବହୁଳ ଭାବରେ ଆଦୃତ ହେଉଥିଲା ଓ ରାଜ ପୃଷ୍ଠପୋଷକତା ଯୋଗୁ ସଂସ୍କୃତ ସାହିତ୍ୟର ବିକାଶରେ କୌଣସି ବାଧା ନଥିଲା । ଦୁର୍ଭାଗ୍ୟର କଥା ଏହି ଯେ ଓଡ଼ିଶାର ଗ୍ରନ୍ଥାଦିର ତାଲିକା ଏପର୍ଯ୍ୟନ୍ତ ପ୍ରକାଶିତ ହୋଇ ନଥିବାରୁ ଓଡ଼ିଶାବାସୀ ସଂସ୍କୃତଜ୍ଞ, କବି ଓ ଲେଖକମାନଙ୍କର ନାମ ଭଲ ଭାବରେ ଜଣାଯାଇ ନାହିଁ । ୧୮୭୨ରେ ମୁଦ୍ରିତ ହଣ୍ଟର ସାହେବଙ୍କର 'ଓଡ଼ିଶା' ଗ୍ରନ୍ଥରେ ୭୩ଜଣ ସଂସ୍କୃତ ଗ୍ରନ୍ଥକାର ବା କବି ଓ ଅଶୀଜଣ ଓଡ଼ିଆ ଭାଷାର କବିଙ୍କର ନାମ ମିଳେ । ଓଡ଼ିଶାର ବାହାରେ ମୁଦ୍ରିତ 'ଏକାବଳି' 'ସରସ୍ୱତୀ ବିଳାସ'

ପ୍ରଭୃତି ସଂସ୍କୃତ ଗ୍ରନ୍ଥରୁ ଓଡ଼ିଶାର ସଂସ୍କୃତ ଚର୍ଚ୍ଚାର ଯେଉଁ ଆଭାସ ମିଳେ ତହିଁରୁ ମନେହୁଏ ଯେ, ଓଡ଼ିଶାର ପ୍ରାଚୀନ ଗୌରବର ପରିଚୟସୂଚକ ସଂସ୍କୃତ ଗ୍ରନ୍ଥରାଜି ଦିନକୁ ଦିନ କୀଟଦଂଷ୍ଟ ହୋଇ ନଷ୍ଟ ହେଉଅଛି । ଶୈଳୋଦ୍ଭବ, ଭୌମ, ଭଞ୍ଜ, ସ୍ତମ୍ଭ ତୁଙ୍ଗ ଓ ସୋମକୁଳୀ କେଶରୀବଂଶର ତାମ୍ର ଶାସନ ଓ ଶିଳାଲିପିରୁ ସଂସ୍କୃତ ସାହିତ୍ୟ ପ୍ରଚାରର ବହୁ ଆଭାସ ମିଳୁଥିଲେ ମଧ୍ୟ ତାହାର ପରିପୂରକ ପ୍ରମାଣ ଅନ୍ୟ ଗ୍ରନ୍ଥାଦିରୁ ମିଳୁ ନାହିଁ ।

ଗଙ୍ଗବଂଶୀ ରାଜାମାନେ ଦ୍ୱାଦଶ ଶତାବ୍ଦୀର ୪ର୍ଥ ଦଶନ୍ଧିରୁ ଓଡ଼ିଶାରେ ପ୍ରବଳ ପରାକ୍ରାନ୍ତ ହୋଇ ପଞ୍ଚଦଶ ଶତାବ୍ଦୀର ୪ର୍ଥ ଦଶନ୍ଧି ପର୍ଯ୍ୟନ୍ତ ତିନିଶହ ବର୍ଷ ନିରଙ୍କୁଶ ରାଜତ୍ୱ କରିଥିଲେ । ଗଙ୍ଗବଂଶ ପରେ ସୂର୍ଯ୍ୟବଂଶୀ କପିଳେନ୍ଦ୍ରଦେବ, ପୁରୁଷୋତ୍ତମଦେବ ଓ ପ୍ରତାପରୁଦ୍ର ଦେବ ପ୍ରାୟ ଏକଶତ ବର୍ଷ (୧୪୩୫-୧୫୪୧) ରାଜତ୍ୱ କରିଥିଲେ । ଏହି ଚାରିଶହ ବର୍ଷ ମଧ୍ୟରେ ଓଡ଼ିଶାର ସଂସ୍କୃତ ଚର୍ଚ୍ଚାର ନିଦର୍ଶନ ସ୍ୱରୂପ ନାନା ବିଷୟରେ ଗ୍ରନ୍ଥମାନ ମିଳିଅଛି । ବିଶ୍ୱନାଥ କବିରାଜଙ୍କର 'ସାହିତ୍ୟଦର୍ପଣ' ଓ ବିଦ୍ୟାଧରଙ୍କର 'ଏକାବଳୀ' ଏ ଦୁଇଟିଯାକ ଭାରତବିଦିତ ଅଳଙ୍କାର ଗ୍ରନ୍ଥ ଗଙ୍ଗ ସମ୍ରାଟ ନରସିଂହ ଦେବ ଦ୍ୱିତୀୟଙ୍କର ରାଜତ୍ୱର ତ୍ରୟୋଦଶ ଶତାବ୍ଦୀର ଶେଷ ଭାଗରେ ଲିଖିତ ହୋଇଥିଲା । ବିଶ୍ୱନାଥ ୧୮ଟି ଭାଷାର ପଣ୍ଡିତ ଥିଲେ ବୋଲି ନିଜକୁ 'ଅଷ୍ଟାଦଶଭାଷାବିଳାସିନୀ ଭୁଜଙ୍ଗ' ଉପାଧିରେ ମଣ୍ଡିତ କରିଥିଲେ । ପୁରୁଷୋତ୍ତମ ଦେବଙ୍କର 'ତ୍ରିକାଣ୍ଡଶେଷ' ଗ୍ରନ୍ଥଟି ସ୍ୱନାମଧନ୍ୟ କୋଷଗ୍ରନ୍ଥ । ଏହା ଅମରକୋଷ ବା ନାମ ଲିଙ୍ଗାନୁଶାସନର ପରିଶିଷ୍ଟ ବିଶେଷ । ଏହି ଗ୍ରନ୍ଥ ଛଡ଼ା ତାଙ୍କର 'ହାରାବଳୀ', 'ଏକାକ୍ଷର କୋଷ' ଓ 'ଦ୍ୱିରୂପ କୋଷ' ନାମରେ ଆଉ ତିନୋଟି କ୍ଷୁଦ୍ରକାୟ ଅଭିଧାନ ମଧ୍ୟ ଅଛି । ମୟୂରଭଞ୍ଜର କୌଣସି ମହାରାଜା (ମୟୂରଭଞ୍ଜାଧିପତି)ଙ୍କର 'ମୁଗ୍ଧବୋଧ ଅଭିଧାନ' ଖଣ୍ଡିତ ଗ୍ରନ୍ଥ ହେଲେ ମଧ୍ୟ ସଂସ୍କୃତ ବର୍ଣ୍ଣମାଳା କ୍ରମରେ ଲିଖିତ । ସ୍ମୃତିଗ୍ରନ୍ଥ ମଧ୍ୟରେ ପ୍ରତାପରୁଦ୍ର ଦେବଙ୍କର 'ସରସ୍ୱତୀ ବିଳାସ' ଗ୍ରନ୍ଥଟି ଅଦ୍ୟାପି ଦାକ୍ଷିଣାତ୍ୟରେ ଚଳୁଅଛି । ଏହାଛଡ଼ା 'ବିଦ୍ୟାକର ପଦ୍ଧତି' 'ଶମ୍ଭୁକର

ପଦ୍ଧତି' 'ଶୁଦ୍ଧି ଚନ୍ଦ୍ରିକା' ଇତ୍ୟାଦି ଅନେକ ସ୍ମୃତି ଗ୍ରନ୍ଥ ଅଛି । ରାମାନନ୍ଦ ରାୟଙ୍କର 'ଜଗନ୍ନାଥ ବଲ୍ଲଭ' ନାଟକ ବ୍ୟତୀତ ଅନେକ ନାଟକ ଗ୍ରନ୍ଥ ମଧ୍ୟ ଅଛି । ମହାତ୍ମ୍ୟ ଗ୍ରନ୍ଥର ସଂଖ୍ୟାଗୁଡ଼ିକ ଖୁବ ଅଧିକ, ଯଥା—ନୀଳାଦ୍ରି ମହୋଦୟ' 'ପୁରୁଷୋତ୍ତମ ମହାତ୍ମ୍ୟ' 'ଏକାମ୍ର ପୁରାଣ' 'ଏକାମ୍ର ଚନ୍ଦ୍ରିକା' 'ସ୍ୱର୍ଣ୍ଣାଦ୍ରି ମହୋଦୟ' 'ଅର୍କ ମାହାତ୍ମ୍ୟ' ବିରଜା ମାହାତ୍ମ୍ୟ' କପିଳ ସଂହିତା' ପ୍ରଭୃତି । ଏ ଗ୍ରନ୍ଥଗୁଡ଼ିକ ଯୋଗୁ ଓଡ଼ିଶାର ତୀର୍ଥକ୍ଷେତ୍ରମାନ ଭାରତରେ ବିଶେଷ ଭାବରେ ସୁଖ୍ୟାତି ଅର୍ଜନ କରିଥିଲା । ଜ୍ୟୋତିଷରେ ଶ୍ରୀପତିଙ୍କ ଓ କବିରାଜ ମାଧବ କରଙ୍କ ନାମ ସୁବିଦିତ । ଏହାଛଡ଼ା ଦର୍ଶନ, ବ୍ୟାକରଣ ଆଦିର ଟୀକା ହିସାବରେ ଅନେକ ସଂସ୍କୃତ ଗ୍ରନ୍ଥର ନାମ ମିଳେ । ଏହା ଅତି ସଂକ୍ଷିପ୍ତ ସୂଚନାରୁ ବେଶ ବୁଝାଯାଉ ଅଛି ଯେ, ଓଡ଼ିଆ ଭାଷାର ସାହିତ୍ୟ ଉପରେ ସଂସ୍କୃତର ପ୍ରଭାବ ଅତି ଅଧିକ ।

## ଓଡ଼ିଆ ସାହିତ୍ୟର ବିକାଶ

ସଂସ୍କୃତ ସାହିତ୍ୟର ଏପରି ବହୁଳ ପ୍ରଚାରରୁ କେହି ଯେପରି ଅନୁମାନ କରିବେ ନାହିଁ ଯେ, ଓଡ଼ିଆ ଭାଷାର ଚର୍ଚ୍ଚା ସେ ସମୟରେ ଦେଶରେ ଆଦୌ ନଥିଲା । ଭୌମ ବଂଶୀୟ ରାଜାମାନଙ୍କର ତମ୍ବାପଟାରୁ ଜଣାଯାଏ ଯେ, ସେମାନେ ବୌଦ୍ଧଧର୍ମାବଲମ୍ବୀ ଥିଲେ ସୁଦ୍ଧା ବ୍ରାହ୍ମଣମାନଙ୍କୁ ଭୂମିଦାନ କରିଥିଲେ । ଏହି ବଂଶର ମହାରାଜା ଶୁଭଙ୍କର ଦେବ ନିଜର ହାତଲେଖା 'ଅବତଂଶ' ନାମକ ପୋଥିଟି ପ୍ରାଜ୍ଞ ନାମକ ଏକ ବୌଦ୍ଧ ଭିକ୍ଷୁଙ୍କ ହାତରେ ଖ୍ରୀଷ୍ଟାବ୍ଦ ୭୯୫ରେ ଚୀନ ସମ୍ରାଟ ତେସଙ୍ଗଙ୍କ ପାଖକୁ ଉପହାର ପଠାଇଥିଲେ । ଏଥିରୁ ଜଣାଯାଉ ଅଛି ଯେ, ଅଷ୍ଟମ ଶତାବ୍ଦୀର ଶେଷାର୍ଦ୍ଧରେ ଓଡ଼ିଶାର ବୌଦ୍ଧମାନେ ସଂସ୍କୃତ ଓ ପ୍ରାକୃତ ବା ଓଡ଼ିଆ ଉଭୟ ଭାଷା ବ୍ୟବହାର କରୁଥିଲେ । ବଙ୍ଗାକ୍ଷରରେ ମୁଦ୍ରିତ 'ବୌଦ୍ଧଗାନ ଓ ଦୋହାଁ' ନାମକ ଗ୍ରନ୍ଥରେ ଅନେକ ଗୁଡ଼ିଏ ବୌଦ୍ଧ ଧର୍ମ ସଙ୍ଗୀତ ମୁଦ୍ରିତ ହୋଇଅଛି । ସଙ୍ଗୀତ ଲେଖକମାନଙ୍କ ମଧ୍ୟରେ କୃଷ୍ଣାଚାର୍ଯ୍ୟଙ୍କ ନାମ ଅନ୍ୟତମ । ପେଗସାମ ଯୋଙ୍ଗପାଙ୍ଗ ନାମକ ତିବ୍ବତ ଦେଶର ଇତିହାସରେ କୃଷ୍ଣାଚାର୍ଯ୍ୟଙ୍କ ନାମ ମିଳେ । ଆହୁରି ମଧ୍ୟ ଜଣାଯାଏ

ଯେ, କୃଷ୍ଣାଚାର୍ଯ୍ୟ ଓଡ଼ିଶାର ଏକ ବ୍ରାହ୍ମଣ କୁଳରେ ଜନ୍ମିଥିଲେ । 'ଦୋହାଁ କୋଷ' ଓ 'ଚର୍ଯ୍ୟାଚର୍ଯ୍ୟ ବିନିଶ୍ଚୟ' ଗ୍ରନ୍ଥର ଅନେକ ସଙ୍ଗୀତର ଲେଖକ କୃଷ୍ଣାଚାର୍ଯ୍ୟ ଅଷ୍ଟମ ଶତାବ୍ଦୀର ପ୍ରଥମ ପାଦରେ ଜୀବିତ ଥିବାର ପ୍ରମାଣ ଡାକ୍ତର ବିନୟତୋଷ ଭଟ୍ଟାଚାର୍ଯ୍ୟ ମହାଶୟ 'ବିହାର ଓଡ଼ିଶା ଅନୁସନ୍ଧାନ ସମିତିର ପତ୍ରିକାରେ (ଖ ୧୪ ପୃ ୩୪୯) ଦର୍ଶାଇଛନ୍ତି । ତାଙ୍କ ସଙ୍ଗୀତର କେତୋଟି ନମୁନା ତଳେ ଦିଆଗଲା । ଯଥା:—

ଦୁଲି ଦୁଇପଠା ଧରଣ ନ ଜାଇ
ରୁଖେର ତେନ୍ତଲି କୁମ୍ଭୀରେ ଖାଅ
ଅଙ୍ଗନ ଘରପଣ ଶୁଣଲୋ ବିଆତି
କାନେଟ ଚୈର ନିଲ ଅଧରାତି ।
ସସୁର ନିଦ ଗଲ୍ ବହୁଡ଼ି ଜାଗଅ
କାନେଟ ଚୈର ନିଲ୍ କାଗଇ ମାଗଅ ।
ଦିବସଇ ବହୁଡ଼ି କାଡ଼ଇ ଡରେ ଭାଅ
ରାତି ଭଇଲେ କାମରୁ ଜାଅ । (ପୃ ୫)
ସହଜେ ଥିରକରି ବାରୁଣୀ ସାନ୍ଧ
ଜେ ଅଜରାମର ହୋଇ ଦିଟ କାନ୍ଧ ।
ଏକ ସଡ଼ଲି ସରୁଇ ନାଲ
ଭଣନ୍ତି ବିରୁଆ ଥିରକରି ଚାଲ । (ପୃ୭)
ଜୋଇନ ତଇଁ ବିନୁ ଖନହି ନ ଜୀବମି
ତୋ ମୁହଁ ଚୁମ୍ବୀ କମଳରସ ପିବମି । (ପୃ୯
ଆଲି ଏଁ କାଲି ଏଁ ବାଟ ରୁନ୍ଧେଲା
ତା ଦେଖି କାହ୍ନୁ ବିମନ ଭଇଲା ।
କାହ୍ନୁ କହିଁ ଗଇ କରିବ ନିବାସ
ଜୋ ମନ ଗୋଅର ସେ ଉଆସ । (ପୃ୧୪)
ତେ ତିନ ତେତିନ ତିନ ହୋଭିନ୍ନା
ଭଣଇ କାହ୍ନୁ ଭବପରି ଛିନ୍ନା ।
ନସ ଯେ ଆଇଲା ତେ ତେ ଗଲା

ଅଗଣା ଗବଣେ କାହ୍ନୁ ବମନ ଭଇଲା । (ପୃ ୧୮)
ନଗର ବାହ୍ନିଁରେ ଡୋମ୍ବୀ ତୋହର କୁଡ଼ିଆ
ଛଇ ଛୋଇ ଯାଇ ସୋ ବାହ୍ମ ନାଡ଼ିଆ ।
ଆଲୋ ଡୋମ୍ବୀ ତୋଏ ସମ କରିବେ ମସାଙ୍ଗ
ନିଘିଣ କାହ୍ନୁ କାପାଲି ଜୋଇ ଲାଗ ।
ଏକ ସୋ ପଦମା ଚୌଷଠୀ ପାଖୁଡ଼ୀ
ତହିଁ ଚଡ଼ି ନାଚଅ ଡୋମ୍ବୀ ବାପୁଡ଼ୀ । (ପୃ ୧୯)

ସ୍ୱର୍ଗୀୟ ମହାମହୋପାଧ୍ୟାୟ ହରପ୍ରସାଦ ଶାସ୍ତ୍ରୀ ଏହି ଗ୍ରନ୍ଥଗୁଡ଼ିକୁ ନେପାଳରୁ ପାଇଥିଲେ । ଓଡ଼ିଆ ଜାଣି ନଥିବାରୁ କୃଷ୍ଣାଚାର୍ଯ୍ୟଙ୍କର ସଙ୍ଗୀତ ପାଠରେ ତାଙ୍କର ଅନେକ ଭ୍ରମ ଥିବାର ଅନୁମାନ ହେଉଅଛି । ଏଗୁଡ଼ିକ ଯେ ଓଡ଼ିଆ ଭାଷା ଏ ସମ୍ବନ୍ଧରେ ତାଙ୍କର ଆଦୌ ଧାରଣା ନ ଥିଲା । ତେଣୁ ଏଗୁଡ଼ିକ ପ୍ରାଚୀନ ବଙ୍ଗଳା ଭାଷା ବୋଲି ଗ୍ରହଣ କରି ଭ୍ରାନ୍ତିରେ ପଡ଼ିଥିଲେ । ସେ ସମୟରେ ଓଡ଼ିଆ ଭାଷା, ବଙ୍ଗଳା ଓ ଆସାମୀ ଭାଷାଠାରୁ ଯେ ଅଲଗା ହୋଇଥିଲା ତାହାର ପ୍ରମାଣ ଚୀନ ପରିବ୍ରାଜକ ହୁଏନ୍‌ସାଂଙ୍କ ବୃତ୍ତାନ୍ତରୁ ମିଳେ । ଏଥିରେ କେତେଗୁଡ଼ିଏ ବିଭକ୍ତି ଅଛି, ଯାହା ବଙ୍ଗଳାରେ ଦେଖାଯାଏ ନାହିଁ । କୃଷ୍ଣାଚାର୍ଯ୍ୟଙ୍କର ସଙ୍ଗୀତ ଗୁଡ଼ିକରୁ ଅଷ୍ଟମ ଶତାବ୍ଦୀରେ ଓଡ଼ିଆ ଭାଷା କିପରି ବିକଶିତ ହୋଇଥିଲା ତାହାର ଜ୍ୱଳନ୍ତ ପ୍ରମାଣ ମିଳେ । ଓଡ଼ିଆରେ ପ୍ରଚଳିତ ପ୍ରବାଦ ବାକ୍ୟ ବା ଡ଼ାଗଡ଼ମାଳୀ ବଚନଗୁଡ଼ିକ ବହୁକାଳରୁ ଲୋକମାନଙ୍କ ମୁହଁରେ ଜୀବିତ ଅଛି । ରାୟବାହାଦୁର ଗୋପାଳଚନ୍ଦ୍ର ପ୍ରହରାଜଙ୍କ ଯତ୍ନରେ ଆଜି ହଜାର ହଜାର ଓଡ଼ିଆ ଡ଼ାଗ ସଂଗୃହୀତ ହୋଇ ମୁଦ୍ରିତ ହୋଇଅଛି । ଢଗରୁ ଓଡ଼ିଆ ଭାଷାର ଅକୃତ୍ରିମତା ଯେପରି ମିଳେ ତାହା ଅତ୍ୟନ୍ତ ବିରଳ ।

ହୁଏନ୍‌ସାଂ ଖ୍ରୀ: ୬୩୦-୪୦ ମଧ୍ୟରେ ଓଡ଼ିଶା (ଉତ୍ତର ଓଡ଼ିଶା) ଓ କୋଙ୍ଗଦ (ଦକ୍ଷିଣ ଓଡ଼ିଶା) ରାଜ୍ୟରେ ପରିଭ୍ରମଣ କରିଥିଲେ । ଓଡ଼ିଶାର ଭାଷା ସମ୍ବନ୍ଧେ ସେ ଲେଖିଛନ୍ତି—"Their words and languag (pronunciation) djffer from central Irdia. କୋଙ୍ଗଦ ସମ୍ବନ୍ଧେ ଲେଖିଛନ୍ତି—''Wth respect to thei

written characters they are the same as those of middle India, but their language and mode of pronunciation are quite different." ସଂସ୍କୃତଠାରୁ ବର୍ତ୍ତମାନ ଓଡ଼ିଆର 'ଜ' କାର ଉଚ୍ଚାରଣ ଅଲଗା । ଏହା କେବଳ ତେଲୁଗୁ ପ୍ରଭାବର ନିଦର୍ଶନ ବୋଲି ଅନେକ କହନ୍ତି, କିନ୍ତୁ କେତେକ ୧୦ମ ଶତାବ୍ଦୀର ସୋମବଂଶୀ ତାମ୍ରପଟ୍ଟରେ "ଶ୍ରୀ ପରିବର୍ତ୍ତେ "ଶ୍ରୁ" ଲେଖାଥିବାର ଦେଖାଯାଏ । ଏଠାରେ ସଂସ୍କୃତ 'ର' କାର ଉଚ୍ଚାରଣ ସଂସ୍କୃତ ଅନୁସାରେ ହେଉଅଛି । କାରଣ ପାଠକର 'ଶ୍ରୀ' ଉଚ୍ଚାରଣ ଶୁଣି ଦରପାଠୁଆ ଲେଖକ 'ଶ' ଲେଖିଥିବାର ଜଣାଯାଉଅଛି । ସେତେବେଳେ ଲୋକମାନେ 'ଶ୍ରୀ' ଉଚ୍ଚାରଣ ବଙ୍ଗଳା ପରି 'ଶ' କରୁଥିଲେ; କିନ୍ତୁ ଓଡ଼ିଶାରେ ତତ୍କାଳୀନ ପ୍ରଚଳିତ ତଦ୍‌ଭବ ଓ ଦେଶଜ ଶବ୍ଦର ବ୍ୟବହାର ଅଧିକ ଥିବାରୁ ତାହାର ଉଚ୍ଚାରଣ ବୈଶିଷ୍ଟ୍ୟ ହୁଏନ୍‌ସାଂଙ୍କ ଦ୍ୱାରା ପରିଲକ୍ଷିତ ହୋଇଥିଲା ବୋଲି ମନେହୁଏ ।

ଭୁବନେଶ୍ୱର ଶିଳାଲିପିଟି ୨ୟ ନରସିଂହ ଦେବଙ୍କ ୧୧ ଅଙ୍କରେ ଖ୍ରୀ: ୧୨୮୭ର କାର୍ତ୍ତିକ ମାସରେ ଲିଖିତ ହୋଇଥିଲା । ଏହି ଲିପିଟି ଓଡ଼ିଆ ଗଦ୍ୟରେ ଲିଖିତ । ତତ୍‌ପର ଖ୍ରୀ: ୧୩୯୫ରେ ଲିଖିତ ନରସିଂହ ଦେବ ୪ର୍ଥଙ୍କର ତାମ୍ର ଶାସନର ଶେଷରେ କେତୋଟି ଓଡ଼ିଆ ଜମିଜମା ସମ୍ବନ୍ଧେ ବାକ୍ୟ ମଧ୍ୟ ମିଳେ । କପିଳେନ୍ଦ୍ର ଦେବ, ପୁରୁଷୋତ୍ତମ ଦେବ ଓ ଓ ପ୍ରତାପରୁଦ୍ର ଦେବଙ୍କର ଶିଳାଲିପି ଓ ତାମ୍ରଶାସନ ଗୁଡ଼ିକ ପୂର୍ଣ୍ଣାଙ୍ଗ ଓଡ଼ିଆ ଭାଷାରେ ଲିଖିତ । ଏଥିରେ ଓଡ଼ିଆ ଅକ୍ଷରର ଉପରେ ବର୍ତ୍ତୁଳାକାର ଚିହ୍ନ ପରିବର୍ତ୍ତେ ରେଖାଚିହ୍ନ ଥିବାର ଦେଖାଯାଏ ।

ଗଙ୍ଗ ରାଜାମାନେ ସଂସ୍କୃତକୁ ଅଧିକ ଆଦର ଦେଖାଉଥିବାରୁ ଲିଖିତ ଭାବରେ ଓଡ଼ିଆ ଭାଷାର ନିଦର୍ଶନ ସେତେ ଅଧିକ ମିଳେ ନାହିଁ । ମାତ୍ର କପିଳେନ୍ଦ୍ର ଦେବ ଓଡ଼ିଆକୁ ରାଜକୀୟ ଭାଷାରୂପେ ସ୍ଥାନ ଦେବାରୁ ଓଡ଼ିଆ ଭାଷାର ଚର୍ଚ୍ଚା କ୍ରମଶଃବୃଦ୍ଧି ପାଇଥିଲା ।

'ପ୍ରାଚୀ ସମିତିର' ସଂଗୃହୀତ 'ପରଶୁରାମ ବିଜୟ' ନାମକ ଖଣ୍ଡିଏ ସଂସ୍କୃତ ନାଟକରେ ଓଡ଼ିଆ ସଙ୍ଗୀତ ସ୍ଥାନ ପାଇଅଛି । ନାଟକଟି "ମହାରାଜାଧିରାଜ ନବକୋଟୀ କର୍ଣ୍ଣାଟାଧିପତି ଗଜପତି ଗୌଡ଼େଶ୍ୱର ପ୍ରତାପଶାଳୀ କପିଳେନ୍ଦ୍ରଦେବ ମହାରାଜା"ଙ୍କ ଦ୍ୱାରା ଲିଖିତ ବୋଲି ସୂତ୍ରଧାର ମୁଖରେ ବର୍ଣ୍ଣିତ ହୋଇ ଅଛି । ନାଟକଟି ବୋଧହୁଏ କୌଣସି ସଭାପଣ୍ଡିତ ତାଙ୍କ ନାମରେ ଲେଖିଥିଲେ । ରାଜାଙ୍କର ମାତୃଭାଷା ପ୍ରତି ସମଧିକ ପ୍ରୀତି ଥିବାରୁ ତହିଁରେ ଓଡ଼ିଆ ସଙ୍ଗୀତ ସ୍ଥାନ ପାଇଥିଲା । ସମସ୍ତ ନାଟକଟି ଇଂରାଜୀ ପ୍ରାଚୀ ପତ୍ରିକାରେ ୨ୟ ଭାଗ ୪ର୍ଥ ସଂଖ୍ୟାରେ ମୁଦ୍ରିତ ହୋଇଅଛି । ଓଡ଼ିଆ ସଙ୍ଗୀତଟି ମଧ୍ୟ ରାୟସାହେବ ଆର୍ତ୍ତବଲ୍ଲଭ ମହାନ୍ତିଙ୍କ ସଂକଳିତ "ପ୍ରାଚୀନ ଗଦ୍ୟ ଓ ପଦ୍ୟାଦର୍ଶ" ପୁସ୍ତକରେ ପୃ୯୨ ରେ ମୁଦ୍ରିତ ହୋଇ ଅଛି । କପିଳେନ୍ଦ୍ର ଦେବଙ୍କର ମାତୃଭାଷାର ସମାଦର ଯୋଗୁ ସାରଳାଦାସ ଓଡ଼ିଶାରେ ପ୍ରତିଷ୍ଠା ଲାଭ କରିଥିଲେ । ସେ ଯୁଗରେ ରାଜସହାନୁଭୂତି ବ୍ୟତିରେକେ କବିମାନଙ୍କର କବିତାର ଉତ୍ସ ଫୁଟୁ ନ ଥିଲା । ଏଣୁ ମୋର ମନେହୁଏ କପିଳେନ୍ଦ୍ର ଦେବହିଁ ଓଡ଼ିଆ ସାହିତ୍ୟର ଜନ୍ମଦାତା !

## ଓଡ଼ିଆ କାବ୍ୟ ଓ କବିତା

"ବୌଦ୍ଧଗାନ ଓ ଦୋଁହା"ରେ ସର୍ବପ୍ରାଚୀନ ଓଡ଼ିଆ ସଙ୍ଗୀତର ନିଦର୍ଶନ ମିଳେ । ଏହା ଛଡ଼ା ଓଡ଼ିଶାରେ ପ୍ରଚଳିତ ଜନପ୍ରିୟ ଗ୍ରାମ୍ୟ ସଙ୍ଗୀତର ଅଭାବ ମଧ୍ୟ ନାହିଁ । ହଳିଆ ଗୀତ, ଦୋଳି ଗୀତ, ଭକ୍ତା ଗୀତ, ଚଢ଼େଇଆ—ଚଢ଼େଆଣୀ ଗୀତ ଇତ୍ୟାଦି ଅନେକ ପ୍ରକାର ଗୀତ କେବଳ ଲୋକମାନଙ୍କ ମୁଖରେ ଚଳୁଅଛି । କେହି ସେଗୁଡ଼ିକ ସଂଗ୍ରହ କରି ମୁଦ୍ରିତ କଲେ ତହିଁରୁ ଅନେକ ନୂତନ ତଥ୍ୟ ଉତ୍କଳ ସାହିତ୍ୟ ସମ୍ବନ୍ଧରେ ମିଳି ପାରନ୍ତା । ବର୍ତ୍ତମାନ ପ୍ରଚଳିତ ଅନେକ କୋଇଲି, 'ଚୈତିଶା' ପୋଇ ଇତ୍ୟାଦି ସବୁ ଜନପ୍ରିୟ କ୍ଷୁଦ୍ର ପୁସ୍ତକ ବଜାରରେ ବିକ୍ରୀତ ହେଉଅଛି । ଅନେକ ସାହିତ୍ୟିକ ଓ ପଣ୍ଡିତ ବିନାୟକ ମିଶ୍ର ମାର୍କଣ୍ଡ ଦାସଙ୍କର କେଶବ କୋଇଲିକୁ ପ୍ରାଚୀନ

ତମ ରଚନା ବୋଲି କହି ଅଛନ୍ତି । କାରଣ ଜଗନ୍ନାଥ ଦାଶଙ୍କର 'ଅର୍ଥ-କୋଇଲି'ରେ କେଶବ କୋଇଲିର ବ୍ୟାଖ୍ୟା ଅଛି, କିନ୍ତୁ କେଶବ କୋଇଲିର ବିଷୟ ବସ୍ତୁ ଭାଗବତରୁ ଆସିଛି । ଏହାକୁ କଳ୍ପନା ପ୍ରସୂତ ଲେଖା ବୋଲି କୁହା ଯାଇ ନପାରେ । ତତ୍ପରେ ସାରଳା ଦାସଙ୍କର 'ମହାଭାରତ' । ଏହା ମୂଳ ସଂସ୍କୃତରୁ ଅନୁବାଦିତ ନୁହେଁ । କବି ମହାଭାରତର କଥା ପଢ଼ି ବା ଶୁଣି ଓଡ଼ିଆରେ ଅଠର ପର୍ବ ଯାକ ଲେଖି ଅଛନ୍ତି । ସାରଳା ଦାସଙ୍କର ଶାନ୍ତି ପର୍ବରେ ଆଦୌ ସଂସ୍କୃତ ମହାଭାରତ କଥା ନାହିଁ କହିଲେ ଚଳେ । ଏହି ବିରାଟ ଗ୍ରନ୍ଥରେ ଓଡ଼ିଶାର ଅନେକ କିଂବଦନ୍ତୀ ସ୍ଥାନ ପାଇଅଛି । ଏହା ସତ୍ତ୍ୱେ ସାରଳା ଦାସଙ୍କର ମହାଭାରତକୁ କବି କଳ୍ପନା ମୂଳକ ଗ୍ରନ୍ଥବୋଲି ଧରି ଯାଇ ନ ପାରେ । ଓଡ଼ିଆରେ ଲିଖିତ ରାମାୟଣ, ହରିବଂଶ, ଓ ଭାଗବତ ପ୍ରଭୃତି ଅନେକ ପୁରାଣ ଅଛି । ଜଗନ୍ନାଥ ଦାଶଙ୍କ ଭାଗବତ ପ୍ରାକୃତରେ ଲେଖି ଅଛନ୍ତି ବୋଲି ନିଜେ ବହୁବାର କହି ଅଛନ୍ତି । ଷୋଡ଼ଶ ଶତାବ୍ଦୀ ବା ତତ୍ପୂର୍ବ ସମସ୍ତ ଓଡ଼ିଆ ଗ୍ରନ୍ଥ ଗୁଡ଼ିକରେ ଭାଷାଗତ ମୌଳିକତା ଥିଲେ ମଧ୍ୟ ବିଷୟରେ ସେଗୁଡ଼ିକ ସଂସ୍କୃତ ପୁରାଣରୁ ଗୃହୀତ । ସଂସ୍କୃତ କବି କାଳିଦାସ ମାଘ, ଭାରବୀ ପ୍ରଭୃତି ଓଡ଼ିଶାରେ ଅନେକ କବି ସଂସ୍କୃତ ପୁରାଣରୁ ବିଷୟ ବସ୍ତୁ ଗ୍ରହଣ କରି ନାନା ଛନ୍ଦରେ ସେମାନଙ୍କର ଗ୍ରନ୍ଥମାନ ଲେଖି ଅଛନ୍ତି । କବି କଳ୍ପନା ପ୍ରସୂତ କାଦମ୍ବରୀ ବା କଥାସରିତସାଗର, ଦଶକୁମାର ଚରିତ ଭଳିଆ ଗ୍ରନ୍ଥ ସଂସ୍କୃତ ସାହିତ୍ୟରେ ମଧ୍ୟ ବିରଳ । କେବଳ ସେତିକି ନୁହେଁ ଉଲ୍ଲିଖିତ ଗ୍ରନ୍ଥ ଗୁଡ଼ିକ ଗଦ୍ୟର ଲିଖିତ । ଅଷ୍ଟାଦଶ ଶତାବ୍ଦୀ ପୂର୍ବରୁ ଓଡ଼ିଆରେ ଏ ପ୍ରକାର ଗଦ୍ୟ ଗ୍ରନ୍ଥ ମିଳି ନାହିଁ ।

## ଓଡ଼ିଆରେ କାଳ୍ପନିକ କାବ୍ୟ ଓ ଉପନ୍ୟାସ

ଉପେନ୍ଦ୍ର ଭଞ୍ଜଙ୍କର ପୁରାଣମୂଳକ କାବ୍ୟ ବ୍ୟତୀତ ୨୧ଟି କଳ୍ପନା-ମୂଳକ କାବ୍ୟ ଥିବାର ଜଣା ଯାଇଛି କିନ୍ତୁ ଉପେନ୍ଦ୍ର ଭଞ୍ଜଙ୍କୁ କାବ୍ୟର ଆଦି ରଚୟିତା ବୋଲି ସ୍ୱୀକାର କରିବା ଠିକ୍ ହେବ ନାହିଁ । କାରଣ

ଉପେନ୍ଦ୍ର ଭଞ୍ଜଙ୍କର ରଚିତ ଗ୍ରନ୍ଥ ଗୁଡ଼ିକର ସମୟ ଅଷ୍ଟାଦଶ ଶତାବ୍ଦୀର ପ୍ରଥମ ପାଦ । ତତ୍‌ପୂର୍ବରୁ ଷୋଡ଼ଶ ଶତାବ୍ଦୀରେ ପଦ୍ମନାଭ ଦେବଙ୍କର 'ପ୍ରଭାବତୀ' କାବ୍ୟଟି ଲିଖିତ ହୋଇଥିବା କଥା ପଣ୍ଡିତ ବିନାୟକ ମିଶ୍ର ତାଙ୍କର ଓଡ଼ିଆ ସାହିତ୍ୟର ଇତିହାସ ପୁସ୍ତକର ୫୮ ପୃଷ୍ଠାରେ ଲେଖି ଅଛନ୍ତି । ସପ୍ତଦଶ ଶତାବ୍ଦୀରେ କେବଳ ତିନିଜଣ କବିଙ୍କ ଦ୍ୱାରା କାଳ୍ପନିକ କାବ୍ୟ ଲିଖିତ ହୋଇଥିଲା । ବନମାଳି ଦାସଙ୍କର 'ଗୃଢ଼ ଇନ୍ଦୁବତୀ ଦିବ୍ୟସିଂହ ଭଞ୍ଜଙ୍କର 'କନକଲତା' ଓ ଧନଞ୍ଜୟ ଭଞ୍ଜଙ୍କର 'ତ୍ରିପୁରସୁନ୍ଦରୀ' ମଦନ ମଞ୍ଜରୀ, ଅନଙ୍ଗରେଖା ଓ ଇନ୍ଦୁବତୀ ଗ୍ରନ୍ଥ ଗୁଡ଼ିକ ସପ୍ତଦଶ ଶତାବ୍ଦୀର କାଳ୍ପନିକ କାବ୍ୟ ବୋଲି ପଣ୍ଡିତ ବିନାୟକ ମିଶ୍ର ସ୍ଥିର କରି ଅଛନ୍ତି ( ଓ: ସା: ଇ: ପୃ ୭୨ ଓ ୧୦୭) । କବି ଲୋକନାଥ ଦାସଙ୍କର 'ପଦ୍ମାବତୀ ପରିଣୟ, ଚିତ୍ରକଳା, ସର୍ବାଙ୍ଗ ସୁନ୍ଦରୀ, ପରିମଳା ଓ ରସକଳା କାବ୍ୟଗୁଡ଼ିକ ଉପେନ୍ଦ୍ର ଭଞ୍ଜଙ୍କର ସମସାମୟିକ ନ ହେଲେ ମଧ୍ୟ ବିଶେଷ ପର୍ବବର୍ତ୍ତୀ ନୁହେଁ । ଏଣୁ ଉପେନ୍ଦ୍ର ଭଞ୍ଜଙ୍କର କାବ୍ୟ ଲିଖନ ରୀତି, ଧନଞ୍ଜୟ ଭଞ୍ଜ, ଦିବ୍ୟସିଂହ ଭଞ୍ଜ ଓ ଲୋକନାଥ ଦାସଙ୍କର ଲିଖନ ଭଙ୍ଗୀ ଅନୁସାରେ ଲିଖିତ ହୋଇ ଥିବାରୁ ଉପେନ୍ଦ୍ର ଭଞ୍ଜ ସେମାନଙ୍କ ଦ୍ୱାରା ପ୍ରଭାବିତ ହୋଇଥିଲେ ବୋଲି ଅନୁମିତ ହୁଏ । ଉପେନ୍ଦ୍ର ଭଞ୍ଜ କେବଳ ମାତ୍ର କବି ନଥିଲେ । ସଂସ୍କୃତ ଅଳଙ୍କାର ଓ ଅଭିଧାନ ସଦୃଶ ଗ୍ରନ୍ଥର ପ୍ରଚୁର ପାଇଁ ଚିତ୍ରକାବ୍ୟ ବନ୍ଧୋଦୟ, ଛନ୍ଦ ମଞ୍ଜରୀ ଓ ଶ୍ରୁତିଭୂଷଣ ନାମକ ତିନିଖଣ୍ଡ ଅଳଙ୍କାର ଗ୍ରନ୍ଥ ଓ ଗୀତାଭିଧାନ ନାମକ ଅଭିଧାନ ଖଣ୍ଡିକ ଓଡ଼ିଆରେ ଲେଖିଥିଲେ । ହାଣ୍ଟର ସାହେବଙ୍କ ଗ୍ରନ୍ଥ ଓ ତାଲିକାରେ (ବାଣପୁରରାଜା ରଘୁନାଥ) ହରିଚନ୍ଦନ ଦେବଙ୍କୃତ 'ଲୀଳାବତୀ' ନାମକ କାଳ୍ପନିକ କାବ୍ୟ ଖଣ୍ଡିକର ଉଲ୍ଲେଖ ଅଛି । ଉପେନ୍ଦ୍ର ଭଞ୍ଜଙ୍କର ପୂର୍ବବର୍ତ୍ତୀ ଓ ପରବର୍ତ୍ତୀ କାଳ୍ପନିକ କାବ୍ୟର କବିମାନଙ୍କ ମଧ୍ୟରେ ବନମାଳି ଦାସଙ୍କର 'ଗୂଢ଼ ଇନ୍ଦୁବତୀ' କାବ୍ୟଟିରେ ଯଥେଷ୍ଟ ବିଷୟ ଗତ ବୈଷମ୍ୟ ଥିଲା ପରି ମନେ ହୁଏ । ଏଥିରେ ନାୟକ ନାୟିକାଙ୍କର ଚରିତ୍ର ଚିତ୍ରଣରେ ଯେଉଁ ବିଶେଷତ୍ୱ ଲକ୍ଷିତ ହୁଏ ତାହା ପରବର୍ତ୍ତୀ କବିମାନଙ୍କର ଲେଖାରେ ଦେଖାଯାଏ ନାହିଁ । ଉପେନ୍ଦ୍ର ଭଞ୍ଜଙ୍କର ସବୁ କାବ୍ୟଗୁଡ଼ିକର ବର୍ଣ୍ଣିତ ବିଷୟ ସ୍ଥୂଳରେ ଗଢ଼ିଲା ପରି ଏକ ପ୍ରକାର । ଖଣ୍ଡିଏ କାବ୍ୟଠାରୁ

ଅନ୍ୟ କାବ୍ୟର ବର୍ଣ୍ଣିତ ବିଷୟରେ ନୂତନତ୍ୱ ଅତି ଅଳ୍ପ ଥିବାର ଅନୁମିତ ହୁଏ । ଅଶ୍ଳୀଳତା ପ୍ରାଚୀନ କବି ମାନଙ୍କ ମଧ୍ୟରେ ଦୋଷ ବୋଲି ପ୍ରାୟ ବିବେଚିତ ହେଉ ନଥିଲା; ତାହା ନହୋଇ ଥିଲେ ପ୍ରାଚୀନ ମନ୍ଦିରରେ ଅଶ୍ଳୀଳ ମୂର୍ତ୍ତି ଖଞ୍ଜା ହେଲା ପରି ତାଙ୍କ ଲେଖାରେ ଅଶ୍ଳୀଳତାକୁ ସ୍ଥାନ ଦେଇ ସେ କାବ୍ୟ ସଜାଇ ନଥାନ୍ତେ । ଉପେନ୍ଦ୍ର ଭଞ୍ଜଙ୍କର ଅଳ୍ପ କେତେକ ବର୍ଷ ପରେ ମୟୂରଭଞ୍ଜର ମହାରାଜା ରଘୁନାଥ ଭଞ୍ଜଙ୍କ 'ରସଲହରୀ' କାବ୍ୟ ଲେଖା ଥିବା କଥା ଏଠାରେ ଉଲ୍ଲେଖ କଲେ ଅସଙ୍ଗତ ହେବ ନାହିଁ । ପାରିପାର୍ଶ୍ୱିକତାର ଯୁଗୋଚିତ ରୁଚି ଯୋଗୁ ମହାରାଜା ରଘୁନାଥ ଭଞ୍ଜ ରସଲହରୀ କାବ୍ୟରେ ଅଶ୍ଳୀଳତାକୁ ବଡ଼ ସଂଯତ ଭାବରେ ଲେଖିଛନ୍ତି । ଉପେନ୍ଦ୍ର ଭଞ୍ଜଙ୍କର ଭାଷାର ଅଶ୍ଳୀଳତା ଦୋଷ ଦେଖି କେହି ଯେପରି ମନେ କରିବେ ନାହିଁ ଯେ ନାୟକ ନାୟିକାର ଚରିତ୍ର ଚିତ୍ରଣରେ ତାଙ୍କର ଆଦର୍ଶ ନଥିଲା । ଆଧୁନିକ ଉପନ୍ୟାସରେ ନାୟକ ନାୟିକାର ଦାମ୍ପତ୍ୟ ଜୀବନରେ ଯେଉଁ ଆବିଲତାର ଗନ୍ଧ ମିଳେ ଉପେନ୍ଦ୍ର ଭଞ୍ଜଙ୍କର ଲେଖାରେ ତାହାର ଆଭାସ ସୁଦ୍ଧା ନାହିଁ । ବାସ୍ତବ ଚିତ୍ରର ଅନୁସରଣ କରି ଚରିତ୍ର ହୀନ ଲୋକକୁ ସାହିତ୍ୟରେ ଅମର କରିବା ଦ୍ୱାରା ବହୁ ଗ୍ରନ୍ଥ ପ୍ରଣୀତ ହୋଇ ପାରେ, ସାହିତ୍ୟ ପୁଷ୍ଟ ହୋଇ ପାରେ ମାତ୍ର ସମାଜରୁ ଆଦର୍ଶ ତିରୋହିତ ହୁଏ ।

ଓଡ଼ିଶାରେ କିଂବଦନ୍ତୀ ଓ ଇତିହାସ ମୂଳକ କାବ୍ୟ ଅତି କମ । ମୋ ଜାଣିବାରେ କେବଳ ଦୁଇଟି—କାଞ୍ଚିକାବେରୀ ଓ ସମରତରଙ୍ଗ । କାଞ୍ଚିକାବେରୀର କବିଙ୍କର ନାମ ପୁରୁଷୋତ୍ତମ ଓ ସମରତରଙ୍ଗର କବିଙ୍କ ନାମ ବ୍ରଜନାଥ ବଡ଼ଜେନା । ବଡ଼ଜେନା ଅଷ୍ଟାଦଶ ଶତାବ୍ଦୀର ଶେଷ ପାଦର ଲୋକ । ସେ ଢେଙ୍କାନାଳ ରାଜାଙ୍କର ଆଶ୍ରିତ ଥିଲେ । ହଣ୍ଟର ସାହେବ ଓ ବିମ୍‌ସ ସାହେବଙ୍କ ପରେ ଓଡ଼ିଆ ସାହିତ୍ୟର ପରିଚୟ ସର୍ବ ପ୍ରଥମ ସ୍ୱର୍ଗୀୟ ମନମୋହନ ଚକ୍ରବର୍ତ୍ତୀ ୧୮୯୭-୯୮ ଖ୍ରୀଷ୍ଟାବ୍ଦରେ ବଙ୍ଗୀୟ ଏସିଆଟିକ୍ ସୋସାଇଟିର ପତ୍ରିକାରେ ଇଂରାଜୀରେ ଲେଖିଥିଲେ । ତାପରେ ସ୍ୱର୍ଗୀୟ ତାରିଣୀଚରଣରଥ ଉତ୍କଳ ସାହିତ୍ୟର ଇତିହାସ ପ୍ରଥମେ

ପ୍ରବନ୍ଧାକାରରେ ଓ ପରେ ପୁସ୍ତକାକାରରେ ମୁଦ୍ରିତ ହୋଇଥିଲା । ଉତ୍କଳ ସାହିତ୍ୟ ପତ୍ରିକାରେ ଅନେକ ଲେଖକ ଓଡ଼ିଆ ସାହିତ୍ୟ ଗ୍ରନ୍ଥ ଓ କବି ପରିଚୟ ବିଷୟରେ ଆଲୋଚନା କରି ପ୍ରବନ୍ଧ ଲେଖିଥିଲେ । କଲିକତା ବିଶ୍ୱବିଦ୍ୟାଳୟ ମଧ୍ୟ ତିନି ଖଣ୍ଡି ବହିରେ ଓଡ଼ିଆ ସାହିତ୍ୟର ଚୟନିକା ମୁଦ୍ରିତ କରିଅଛି । ପଣ୍ଡିତ ବିନାୟକ ମିଶ୍ରଙ୍କର ଓଡ଼ିଆ ସାହିତ୍ୟର ଇତିହାସ ୧୯୨୯ରେ ମୁଦ୍ରିତ ହେଲା । ଓଡ଼ିଶାର ପ୍ରାଚୀନ ଗଦ୍ୟ ଲେଖାର ନିଦର୍ଶନ ସ୍ୱରୂପ ମାଦଳା ପାଞ୍ଜୀ ଓ ଘୁମୁସର ବଂଶାବଳୀ କଥା ମନମୋହନ ଚକ୍ରବର୍ତ୍ତୀ ଉଲ୍ଲେଖ କରିଥିଲେ । ସ୍ୱର୍ଗୀୟ ତାରିଣୀ ଚରଣ ରଥ ଓ ପଣ୍ଡିତ ମିଶ୍ର ଗଦ୍ୟ ସାହିତ୍ୟ ବିଷୟରେ କିଛି ଲେଖି ନାହାନ୍ତି । ଉପରେ କେତେକ ଗଦ୍ୟ ଲେଖାର କଥା କୁହାଯାଇ ଅଛି । ଅଧ୍ୟାପକ ରାୟ ସାହେବ ଆର୍ତ୍ତ ବଲ୍ଲଭ ମହାନ୍ତିଙ୍କର ପ୍ରାଚୀନ ଗଦ୍ୟ ଓ ପଦ୍ୟାଦର୍ଶ ପୁସ୍ତକଟି ୧୯୩୨ ରେ ମୁଦ୍ରିତ ହୁଏ । ଏଥିରେ ସେ ଅନେକ ଓଡ଼ିଆ ଗଦ୍ୟ ଲେଖା ସଂଗ୍ରହ କରି ଅଛନ୍ତି । ମାତ୍ର ୧୯୨୨ରେ ମୁଦ୍ରିତ ବ୍ରଜନାଥ ବଡ଼ଜେନାଙ୍କ ଚତୁର ବିନୋଦ ପୁସ୍ତକ କଥା ଉଠାଇ ନାହାନ୍ତି । ଚତୁର ବିନୋଦର ୧ ହାସ୍ୟବିନୋଦ, ୨ ରସବିନୋଦ, ୩ ନୀତିବିନୋଦ ୪ ପ୍ରୀତି ବିନୋଦ ନାମରେ ଚାରୋଟି ଗ୍ରନ୍ଥ ଉପନ୍ୟାସ ବା ବଡ଼ ଗଳ୍ପ ଅଛି । ଏହା ଅଷ୍ଟାଦଶ ଶତାବ୍ଦୀରେ ଓଡ଼ିଆ ଭାଷାରେ ଲିଖିତ ଉତ୍କୃଷ୍ଟ ଗଦ୍ୟଗ୍ରନ୍ଥ । ଏହାର ଭାଷା ଅତି ଚିତାକର୍ଷକ ଓ ସରଳ । ରାୟ ସାହେବ ଅଧ୍ୟାପକ ମହାନ୍ତିଙ୍କ ସଂଗୃହୀତ ରୁଦ୍ରସୁଧାନିଧି ମଧ୍ୟ ଖଣ୍ଡିଏ ଗଦ୍ୟ ଗ୍ରନ୍ଥ ତାହାର ସମୟ ୧୭ଶ ଶତାବ୍ଦୀ ବା ତତ୍‌ପୂର୍ବରୁ ବୋଲି ସେ ସ୍ଥିର କରି ଅଛନ୍ତି । ଏହା ଛଡ଼ା ଶିବଦାସଙ୍କର ବତିଶ ସିଂହାସନର ଓଡ଼ିଆ ଗଦ୍ୟକୁ ସେ ୧୭ଶ ଶତାବ୍ଦୀର ବୋଲି ସ୍ଥିର କରି ଅଛନ୍ତି । ଏଥିରେ ମନେ ହୁଏ ଯେ ୧୭ଶ ଓ ୧୮ ଶ ଶତାବ୍ଦୀରେ ଓଡ଼ିଶାରେ ଗଦ୍ୟ ଆକାରରେ ଲିଖିତ ଗଳ୍ପ କାବ୍ୟପରି ସମାଦୃତ ହୋଇଥିଲା ।

ସଂସ୍କୃତରେ ନାଟକ ସଦୃଶ ଓଡ଼ିଶାରେ ଲୀଳା ବା ଲୀଳା ଯାତ୍ରା ବହୁ କାଳରୁ ପ୍ରଚଳିତ । ଆମ୍ଭେମାନେ ପିଲାଦିନେ ଯେଉଁ ପ୍ରାଚୀନ ଲୀଳା ଯାତ୍ରା ଦେଖିଥିଲୁଁ ତାହା ଏବେ ଲୋପ ପାଇଲାଣି । ଦୁଃଖର କଥା ଯେ ପ୍ରାଚୀନ ଓଡ଼ିଆ ଲୀଳାର ଲେଖା ଗୁଡ଼ିକ ସଂଗ୍ରହ କରିବା ପାଇଁ କେହି ମନ

ବଳାଇ ନାହାନ୍ତି । ଗାଆଣ ଦଳ ଓ ଗୋଟିପୁଅ ନାଚରେ ଓଡ଼ିଶାର ପ୍ରାଚୀନ କବି ମାନଙ୍କର ଛାନ୍ଦ ଗୀତ ଓ ଶୈଳୀପଦ୍ଧତି ସଂଗୀତର ପ୍ରଚାର ସୁନ୍ଦର ଭାବରେ ହେଉଥିଲା । ଏବେ ଶିକ୍ଷିତ ଲୋକ ମାନଙ୍କର ରୁଚି ପରିବର୍ତ୍ତନ ହେତୁ ସେସବୁ ଅନୁଷ୍ଠାନ ଗୁଡ଼ିକ ଲୋପ ପାଇବାକୁ ବସିଲାଣି । ଜନସାଧାରଣଙ୍କର ଚିତ୍ତ ବିନୋଦନ ପାଇଁ ଗାଆଣଦଳ ଯେପରି ଉପଯୋଗୀ କିନ୍ତି ପଣ୍ଡୁର ସଂଗୀତ ରସିକ ମାନଙ୍କର ଚିତ୍ତ ବିନୋଦ ପାଇଁ ଗୋଟିପୁଅ ନାଚ ତଦ୍ରୂପ ଉପଯୋଗୀ ଥିଲେ । ଗୋପାଳକୃଷ୍ଣ, କବିସୂର୍ଯ୍ୟ, ଉପେନ୍ଦ୍ର ଭଞ୍ଜ ପ୍ରଭୃତି କବି ମାନଙ୍କର ଶୈଳୀପଦ୍ଧତିରେ ପ୍ରାଚୀନ ଓଡ଼ିଆ ସଂଗୀତ ଓ ନୃତ୍ୟ କଳା ଗୋଟିପୁଅ ନାଚରେ ବେଶ ଉଠିବାର ଦେଖା ଯାଇଅଛି । ଗାଆଣାର ଢୋ ଢୋ ବାଦ୍ୟ ଓ ଉତ୍ତେଜକର ସଂକଳିତ ଗୀତ ଗୋଟିପୁଅର ମୃଦୁ ନାଦ ଓ କୋମଳ ଗୀତି ଶାନ୍ତିର ମନେହୁଏ ଯେ ପ୍ରଥମଟି ଉନ୍ମୁକ୍ତ କ୍ଷେତ୍ରରେ ଓ ଦ୍ୱିତୀୟଟି କକ୍ଷରେ ଅଭିନୀତ ହେଉଥିଲା । ଏଥିରୁ ମୋର ମନେହୁଏ ଯେ, ଦ୍ୱାଦଶ ଶତାବ୍ଦୀର ମଧ୍ୟ ଭାଗରୁ ଷୋଡ଼ଶ ଶତାବ୍ଦୀର ମଧ୍ୟ ଭାଗ ପର୍ଯ୍ୟନ୍ତ ଓଡ଼ିଆ ମାନେ ଯୁଦ୍ଧ କ୍ଷେତ୍ରରେ ବିଜୟ କେତନ ଉଡ଼ାଇ ଥିଲାବେଳେ ଏହି ଦୁଇଟି ସଂଗୀତ ଅନୁଷ୍ଠାନ ଉଦ୍ଭାବିତ ହୋଇଥିଲା । ଦୁଇଟି ଯାକ ସମର କ୍ଷେତ୍ର ପାଇଁ ବିଶେଷ ଉପଯୋଗୀ । ସାଧାରଣ ସୈନ୍ୟମାନେ ରାତ୍ରରେ ବିଶ୍ରାମ କଲାବେଳେ ସେମାନଙ୍କ ମଧ୍ୟରୁ ପାଞ୍ଚ ଛଅ ଜଣ ଉଠି ଗାଆଣ ଦଳ ସାଜି ଅନ୍ୟମାନଙ୍କର ଚିତ୍ତ ବିନୋଦନ କରୁ ଥିଲେ । ସେନାପତି ପ୍ରଭୃତି ସୈନ୍ୟ ବିଭାଗର ଉଚ୍ଚ ରାଜକର୍ମଚାରୀ ମାନେ ତାଙ୍କର ତମ୍ବୁରେ ବସି ଗୋଟିପୁଅ ନାଚ ଦେଖି ଆନନ୍ଦ ଲାଭ କରୁଥିଲେ । ଏହି ବେଳୁ ମନର କୌଣସି ଲିଖିତ ପ୍ରମାଣ ପାଇ ନଥିଲେ ମଧ୍ୟ ମୋର ଧାରଣା ଜନ୍ମି ଅଛି ଯେ ଗାଆଣଦଳ ଓ ଗୋଟିପୁଅ ଦଳ ଉଭୟେ ଓଡ଼ିଆ ମାନଙ୍କର ସାମରିକ ଅଭିଯାନ ଉପଲକ୍ଷେ ଗଠିତ ହୋଇଥିଲା ।

ଊନବିଂଶ ଶତାବ୍ଦୀର ଓଡ଼ିଆ ସାହିତ୍ୟରେ ଇଉରୋପୀୟ ସାହିତ୍ୟର ପ୍ରଭାବ ପଡ଼ି ଓଡ଼ିଆ ସାହିତ୍ୟର ଧାରା ବଦଳି ଯିବାରୁ ବ୍ୟାପକ ଭାବାତ୍ମକ ଆଧୁନିକ ସାହିତ୍ୟ ଗଢ଼ି ଉଠିଛି । ପ୍ରାଚୀନ ଓଡ଼ିଆ ସାହିତ୍ୟରେ ଏପରି ବୈଚିତ୍ର ମୟ ଭାବାତ୍ମକତା ଦେଖାଯାଏ ନାହିଁ ।

— —